ବ଼େରାୟାଁ ୱେଞ୍ଜିମାନେରି, ହ଼ାତାରି ନିଙ୍ଗିମାନେରି ଅ଼ଡ଼େ କାଙ୍ଗାଲା ଗାଟାରି
ନେହିଁ କାବୁ ୱେଞ୍ଜିମାନେରି; **୬** ନ଼ା ତ଼ାଣା ଆମ୍ବ୍ରାଆରି ଆନାମାନା ଆ଼ଅରି
ଏ଼ୱାରି ନେହେଁ ।” **୭** ଜହନତି ସୀସୁୟାଁ ୱେଣ୍ବାହାଜିମାଚି ବ଼େଲା ଜୀସୁ
ଲ଼କୁଇଁ ଜହନତି କାତା ଏଲେଇଚେସି, “ମୀରୁ ଲ଼କୁ ହିଲାଆ ର଼ାଜିତା
ଏ଼ନାଆଁ ମେସାଲି ହାଜାମାଚେରି? ଗ଼ାଲିତା ଦ଼ାଙ୍ଗିନି ଡାଣ୍ତି ଆ଼କୁ? **୮**
ଏ଼ଦାଆଁ ଆ଼ଆତିହିଁ ଏ଼ନାଆଁ ମେସାଲି ହାଜାମାଚେରି? ନେହିଁ ଅ଼ଜିତି
ପ଼ାତାଡ଼ା ହିମ୍ବ୍ରି ହୁଚାମାନି ର଼ ଲ଼କୁଇଁ? ମେହ୍ଦୁ ଅ଼ଜିତି ହିମ୍ବ୍ରି ହୁଚିତି
ଲ଼କୁ ରାଜା ଗ଼ାଡ଼ାତା ଡ଼ୟିନେରି । **୯** ଏ଼ଦାଆଁ ଆ଼ଆତିଁ ଏ଼ନାଆଁ ମେସାଲି
ହାଜାମାଚେରି? ଏ଼ନାଆଁ ର଼ ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍ନାଣାଇଁ?
ନ଼ାନୁ ମିଙ୍ଗେ ସାତା ୱେସିମାଞ୍ଜାଇଁ, ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍ନାରି
କିହାଁ ହ଼ାରେକା କାଜାଣାଇଁ; **୧୦** ଇଚିହିଁ ଏ଼ ଜହନତି କାତା ର଼ାସ୍କି
ଆ଼ହାମାନେ, ମାହାପୂରୁ ଏଲେଇଞ୍ଜି ମାନେସି, ନ଼ା ତାକି ଜିରୁ କ଼େପାଲି
ନ଼ାନୁ ନ଼କେଏ ନ଼ା ଦୂତୁଇଁ ପାଣ୍ତାଇଁ, ଏ଼ୱାସିଏ ଈ ମାଣ୍‌ସି । **୧୧** ନ଼ାନୁ
ମିଙ୍ଗେ ସାତା ୱେସିମାଞ୍ଜାଇଁ, ନୀଞ୍ଜୁ ପାତେକା ଈ ଦାର୍‌ତିତା ଏଚେକା ଜାର୍ନା
ଆ଼ହାମାନେରି, ଏ଼ ବାରେଜ଼ାଣା କିହାଁ ବାପ୍ତିସ୍ମ ହୀନି ଜହନ କାଜାସି;
ଆ଼ତିଜିକେଏ ଲାକପୂରୁ ର଼ାଜିତା ଆମ୍ବ୍ରାଆସି ବାରେକିହାଁ ଉଣା, ଏ଼ୱାସି
ଜହନ କିହାଁ କାଜାସି । **୧୨** ବାପ୍ତିସ୍ମ ହୀନି ଜହନତି କାତା ୱେହ୍ନି
ଦିନାଟିଏ ନୀଞ୍ଜୁପାତେକା ଲାକପୂରୁ ର଼ାଜି ବ଼ାଡ଼୍‌ୟୁ ତଲେ ପାଡାଆ଼ହିମାନେ;
ଇଞ୍ଜାଁ ବ଼ାଡ଼୍‌ୟୁଟି ଆସାମାନାରି ଏ଼ଦାଆଁ ବେଟାଆ଼ହାଲି ଅଣ୍‌ପିମାନେରି
। **୧୩** ଇଚିହିଁ ବାରେ ମ଼ସାତି ମ଼େରାତା ଅ଼ଡ଼େ ମାହାପୂରୁ ଅଣ୍‌ପୁତି ବ଼ଲୁ
ୱେହ୍ନାରି ତ଼ାଣା ଜହନତି ୱ଼ାନି ଦିନା ପାତେକା ୱେସ୍‌ପି ଆ଼ହାମାଚେ
। **୧୪** ଅ଼ଡ଼େ ମୀରୁ ଏ଼ୱାରି କାତା ଆସାଲି ମୀ ମ଼ନ ମାଚିହିଁ ଆମିନି
ଏଲିୟ଼ ୱ଼ାନାୟି ମାଚେ ଜହନଏ ଏ଼ୱାସି । **୧୫** ଆମ୍ବ୍ରାଆରି କୀର୍କା ମାନୁ
ଏ଼ୱାସି ୱେଣ୍‌ମ୍ବ୍ରାସି ।” **୧୬** “ସାମା ନ଼ାନୁ ଆମ୍ବ୍ରାରିତଲେ ଈ ଜୁଗୁତି ଲ଼କୁଣି
ତୂକ୍‌ଇଁ, ଆମିନି ହ଼ାଟା ମାଦି କୁଗାନା କାହି ଡ଼ୟିନି କକାରି ଲେହେଁ, ର଼
ଗଚିତି କକାରି ଅ଼ର ଗଚିତି ଏଲେଇନେରି, **୧୭** ମ଼ାମ୍ବୁ ମୀ ନ଼କିତା ପୀରୁଡ଼ି
ଉକିତମି, ସାମା ମୀରୁ ଏ଼ନ୍ବାଆତେରି; ମ଼ାମ୍ବୁ ଦୁକୁତି ପ଼ାଚୁ ପ଼ାଚିତମି
ସାମା ମୀରୁ ଡ଼ୀଆତେରି, ନୀଏଁତି ଲ଼କୁ ଏଲେତାରି । **୧୮** ଇଚିହିଁ ଜହନ
ୱ଼ାହାନା ର଼ାନ୍ବା ତିନାଆତେସି ଅ଼ଡ଼େ ଲ଼କୁ ଏ଼ୱାଣାଇଁ ଏଲେଇଚେରି ବୂତୁ
ଆଲ୍‌ଗାମାନାସି । **୧୯** ସାମା ମାଣ୍‌ସି ମୀର୍‌ଏସି ୱ଼ାହାନା ର଼ାନ୍ବା ତିଚେସି
ଉଟେସି, ଇଞ୍ଜାଁ ଲ଼କୁ ବାରେଜ଼ାଣା ଏଲେଇଚେରି, ଈୱାସି ଟିଣ୍ତିକାୱୁ,
କାଡୁବୂତୁ, ଏ଼ୱାସି ସିସ୍ତୁ ରୀହ୍ନାରି ଅ଼ଡ଼େ ପ଼ାପୁ ଗାଟାରି ତ଼ଣେଏସି;
ସାମା ମାହାପୂରୁତି ବୁଦି ଏ଼ୱାଣି କାମାଟି ସାତା ଇଞ୍ଜୁଁ ବ଼େଙ୍ଗିନେ ।” **୨୦**
ଏଚିବ଼େଲା ଆମିନି ଗ଼ାଡ଼ାତା ହ଼ାରେକା କାବାଆ଼ନି କାମା କିୱି ଆ଼ହାମାଚେ,
ଏ଼ ଗ଼ାଡ଼ାତି ଲ଼କୁ, ତାମି ପ଼ାପୁଟି ତାମା ମ଼ନ ୱେଟ୍‌ହା ହିଲାଆତେରି, ଇଞ୍ଜାଁ
ଜୀସୁ ଏ଼ ଗ଼ାଡ଼ାୟାଁତି ଲ଼କୁଇଁ ଦାକା ହୀହାନା ଏଲେଇଚେସି, **୨୧** ଆୟ଼ତା
ଡଣ୍ତୁ ପ଼ାଣ୍‌ନି କରାଜିନ୍ ଅ଼ଡ଼େ ବେତ୍‌ସାୟିଦା, ଏ଼ନାଆଁତାକି ଇଚିହିଁ ମୀ
ତ଼ାଣା ଆମିନି ବ଼ାଡ଼୍‌ୟୁତି କାମା କିୱିଆ଼ହାମାନେ, ଏ଼ ବାରେ ସ଼ର ଅ଼ଡ଼େ
ସିଦନତା କିୱି ଆ଼ହାମାଚିହିଁମା; ଏମ୍ବାତି ଲ଼କୁ ଆଙ୍ଗାତା ବାସ୍ତାୟାଁ ପର୍‌ହାନା
ଦାର୍‌ମ୍ବୁତା କୁଗାନା ମ଼ନ ୱେଟ୍‌ହାଲି ଅଣ୍‌ପିତେରିମା **୨୨** ଆ଼ତିଜିକେଏ
ନ଼ାନୁ ମିଙ୍ଗେ ୱେସିମାଞ୍ଜାଇଁ, ମାହାପୂରୁତି ନୀହାଁୟି ଦିନାତା ମୀ ଡଣ୍ତୁ କିହାଁ
ସ଼ର ଅ଼ଡ଼େ ସିଦନତି ଡଣ୍ତୁ ଅ଼ର୍‌ହିନାୟି ଆ଼ନେ । **୨୩** ଏ଼ କପର୍‌ନାହୁମ,
ନୀନୁ ଏ଼ନାଆଁ ଲାକପୂରୁ ପାତେକା ପାଡାଆ଼ଦି? ନୀନୁ ହ଼ାତାରି ମାନି
ର଼ାଜିତା ଅ଼ୱିଆ଼ଦି, ନୀ ତ଼ାଣା ଆମିନି ବ଼ାଡ଼୍‌ୟୁତି କାମା କିୱିଆ଼ହାମାନେ,
ଏ଼ଦାଆଁ ସଦମତା କିୱିଆ଼ତିହିଁମା, ଏ଼ ଗ଼ାଡ଼ା ନୀଞ୍ଜୁପାତେକା ଡ଼ୟିତେମା ।
**(Hadēs g86)** **୨୪** ଆ଼ତିଜିକେଏ ନ଼ାନୁ ମିଙ୍ଗେ ୱେସିମାଞ୍ଜାଇଁ “ମାହାପୂରୁତି
ନୀହାଁୟି ଦିନାତା ମୀ ଡଣ୍ତୁ କିହାଁ ସଦମ ଦ଼େସାତି ଡଣ୍ତୁ ଅ଼ର୍‌ହିନାୟି ଆ଼ନେ
।” **୨୫** ଏ଼ ବ଼େଲାତା ଜୀସୁ ପ୍ରାତାନା କିହିଁ ଏଲେଇଚେସି; “ଏ଼ ଆ଼ବା,
ଲାକପୂରୁ ଅ଼ଡ଼େ ଦାର୍‌ତିତି ପ୍ରବୁ, ଈ ବାରେ ହ଼ାଡା ନୀନୁ ବୁଦି ଅ଼ଡ଼େ ପୁନି
ଲ଼କୁତ଼ାଣାଟି ଡୁକ୍‌ହା ଇଟାନା, ଈ ବାରେ କାତା ପୁନାଆଗାଟି ଲ଼କୁତ଼ାଣା
ତ଼ସିମାନାକି ନ଼ାନୁ ନିଙ୍ଗୁ ଜହରା କିହିମାଞ୍ଜାଇଁ । **୨୬** ହାଅ ଆ଼ବା, ଈଦି
ନୀ ନ଼କିତା ର଼ାହାଁତି କାତା ଆ଼ହିମାନେ ।” **୨୭** “ନ଼ା ଆ଼ବା ନାଙ୍ଗେ ବାରେ
ହୀହାମାଞ୍ଜାନେସି, ଆ଼ବା ପିସ୍‌ପେ ଆମ୍ବ୍ରାଆରି ମୀର୍‌ଏଣାଇଁ ପୁନଅରି ଅ଼ଡ଼େ
ମୀର୍‌ଏଣା ପିସ୍‌ପେ ଆମ୍ବ୍ରାଆରି ଆ଼ବାଇଁ ପୁନଅରି, ମୀର୍‌ଏସି ଆମ୍ବ୍ରାଆରି
ତ଼ାଣା ତ଼ହ୍‌ନେସି ଏ଼ୱାସି ପୁନେସି ।” **୨୮** “ଏ଼ ୱ଼ାହୁ ର଼ାତା ଗାଟି ଲ଼କୁ,
ବାରେ ନ଼ା ତ଼ାଣା ୱ଼ାଦୁ, ନ଼ାନୁ ମିଙ୍ଗେ ଜ଼ମିକିୟାଇଁ । **୨୯** ନ଼ା ଜୁୱେଡ଼ି
ମୀ ବମିତା ଡ଼େକାନା ନ଼ା ତ଼ାଣାଟି ଜ଼ାପାଦୁ, ଇଚିହିଁ ନ଼ାନୁ କ଼ପା କାର୍‌ବି
ହିଲାଆନା ସୁଦୁ ହିୟାଁ ଗାଟାତେଏଁ, ଇଞ୍ଜାଁ ମୀରୁ ନ଼ା ତ଼ାଣାଟି ମୀ ଜୀୱୁତା
ଜ଼ମିଦେରି; **୩୦** ଇଚିହିଁ ନ଼ା ଜୁୱେଡ଼ି ଉସାସା ଅ଼ଡ଼େ ବ଼ଜୁ ଉଣା ମାନେ ।”

**୧୨** ଏଚରଦିନା ଡ଼ାୟୁ ର଼ ଜ଼ମିନି ଦିନାତା ଜୀସୁ ଗ଼ହାଁ ଗୁଡିୟାଟି
ହାଜିମାଚେସି, ଇଞ୍ଜାଁ ତାନି ସୀସୁୟାଁ ହାକି ଆ଼ହାମାଚାକି ଗ଼ହାଁ
ଡ଼େକା ଡାପ୍‌ହାନା ତିଞ୍ଜାଲି ମ଼ାଟ୍‌ହେରି । **୨** ସାମା ପାରୁସିୟାଁ ଏ଼ଦାଆଁ
ମେସାନା ଜୀସୁଇଁ ଏଲେଇଚେରି, “ମେହ୍‌ମୁ ଜ଼ମିନି ଦିନାତା ଏ଼ନାଆଁ
କିନି ମ଼େରା ହିଲେଏ, ଏ଼ଦାଆଁ ମୀ ସୀସୁୟାଁ କିହିମାନେରି ।” **୩**
ସାମା ଜୀସୁ ଏ଼ୱାରାଇଁ ଏଲେଇଚେସି, “ର଼ ଦିନା ଦାୱୁଦ ଅ଼ଡ଼େ ତାନି
ତ଼ଣେସିଙ୍ଗା ହାକି ଆ଼ହାଲିଏ ଏ଼ନାଆଁ କିହାମାଚେରି, ମୀରୁ ସ଼ାସ୍ତ୍ରେରିତା
ପ଼ଡ଼ୱି ଆ଼ହାହିଲଅତେରି?” **୪** ଏ଼ୱାସି ଏ଼ନିକିଁ ମାହାପୂରୁ ଇଲୁତା ହ଼ଡାନା
ଆମିନି ମାହାପୂରୁକି ହେର୍‌ପାମାନି ରୂଟି ପୂଜେରାଙ୍ଗା ପିସ୍‌ପେ ଆମ୍ବ୍ରାଆରି
ତିନାଆଗାଟି ମ଼େରା ମାଚେ, ସାମା ଦାୱୁଦ ଅ଼ଡ଼େ ତାନି ତ଼ଣେସିଙ୍ଗା

ତିନାଆଗାଟାୟି ମାଚେ, ଏ଼ଦାଆଁ ଏ଼ୱାରି ତିଚେରି । ୫ ଅ଼ଡ଼େ ଜ଼ମିନି
ଦିନାତା ମାହାପୂରୁ ଇଲୁ ବିତ୍ରା ପୂଜେରାଙ୍ଗା ମେ଼ରା ଉରିତି ଜିକେଏ
ଦ଼ହଗାଟାରି ଆ଼ଅରି, ମୀରୁ ଏ଼ନି ଏ଼ଦାଆଁ ପ଼ଢ଼୍‌ୱି ଆ଼ହାହିଲଅତେରି କି? ୬
ସାମା ନା଼ନୁ ମିଞ୍ଜେ ସାତା ୱେସିମାଞ୍ଜାଇଁ, ଇ ଟା଼ୟୁତା ମାହାପୂରୁ ଇଲୁ କିହାଁ
ହା଼ରେକା କାଜାୟି ଇମ୍ବାଆଁ ମାନେ । ୭ "ସା଼ସ୍ତେରି ୱେସିମାନେ, ସାମା ପୂଜା
ହୀନାୟି ଲ଼ଡ଼ାଆଏ, ସାମା ଲ଼କୁଣି କାର୍ମାମେହ୍‌ନାୟି ନେହେଁ, ଇଦାଣି କାତା
ମୀରୁ ପୁଞ୍ଜାମାଚିହିଁମା ଇ ଦ଼ହ ହିଲାଆ ଗାଟାଣାଇଁ ଦ଼ହ କିଆତେରିମା;
୮ ଇଚିହିଁ ମାଣ୍‌ସି ମୀର୍‌ଏସି ଜ଼ମିନି ଦିନାତି ପ୍ରବୁ ଆ଼ନେସି ।" ୯ ଜୀସୁ
ଏମ୍ବାଟି ହାଜାନା ଜୀହୁଦି ଲ଼କୁତି କୁଟମି ଇଲୁତା ହାଚେସି । ୧୦ ଅ଼ଡ଼େ
ମେହ୍‌ଦୁ ଏମ୍ବାଆଁ ରଅସି ମାଚେସି, ଏ଼ୱାଣି ର଼ କେୟୁ ୱା଼ୟାହାଜାମାଚେ,
ଜୀସୁଇଁ ଦ଼ହ ଆସାଲି ଏଚେକା ଲ଼କୁ ଏମ୍ବାଆଁ କା଼ଚାମାଚେରି, ଏ଼ୱାରି
ଜୀସୁଇଁ ୱେଚେରି, "ଜ଼ମିନି ଦିନାତା ନେହିଁକିନାୟି ମେ଼ରା ମାନେକି?" ୧୧
ସାମା ଜୀସୁ ଏ଼ୱାରାଇଁ ଏଲେଇଚେସି, "ମୀ ବିତ୍ରା ରଅଣାକି ର଼ ମେ଼ଣ୍ଡା
ମାନେ, ଏମ୍ବାଟିଏ ଜ଼ମିନି ଦିନାତା ଏ଼ ମେ଼ଣ୍ଡା ଗା଼ଡ଼୍‌ୟୁତା ତର୍‌ଗିନେ,
ଇଞ୍ଜାଁ ଆମ୍ବାଆସି ଏ଼ଦାନି ନିକ୍‌ଅସି, ଇଲେତି ଲ଼କୁ ଆମ୍ବାଆସି ମୀ ବିତ୍ରା
ମାନେସି? ୧୨ ଆତିହିଁ ର଼ ମେ଼ଣ୍ଡାତି ଦାରା କିହାଁ ମାଣ୍‌ସିତି ଦାରା ହା଼ରେକା
। ଏ଼ଦାଆଁତାକି ଜ଼ମିନି ଦିନାତା ନେହିଁ କାମା କିନାୟି ମେ଼ରାତି କାମା
।" ୧୩ ଏଚିବେଲା ଏ଼ୱାସି କେୟୁ ୱା଼ୟିତାଣାଇଁ ଏଲେଇଚେସି, "କେୟୁ
ଦା଼ହ୍‌ମୁ ।" ଇଞ୍ଜାଁ ଏ଼ୱାସି ଏ଼ କେୟୁ ଦା଼ସ୍ତେସି ଏମ୍ବାଟିଏ ଏ଼ କେୟୁ ଅ଼ର
କେୟୁଲେହେଁ ନେହିଁ ଆ଼ତେ । ୧୪ ସାମା ପାରୁସିୟାଁ ପାଙ୍ଗାତା ହାଜାନା
ଜୀସୁଇଁ ପା଼ୟାଲି ଏ଼ୱାଣି କ଼ପାଟି ପାରୁ ପାରୀତେରି । ୧୫ ଜୀସୁ ଏ଼ଦାଆଁ
ପୁଞ୍ଜାନା ଏମ୍ବାଟି ଏଟ୍‌କା ଆ଼ହାନା ହ଼ଚାହାଚେସି, ଇଞ୍ଜାଁ ହା଼ରେକା ଲ଼କୁ
ତାନି ଜେ଼ଚ ହାଚେରି, ଅ଼ଡ଼େ ଏ଼ୱାସି ବାରେଜା଼ଣାତି ର଼ଗଟି ନେହିଁ କିତେସି
। ୧୬ ଇଞ୍ଜାଁ ତାଙ୍ଗେ ଲ଼କୁଇଁ ୱେକ୍‌ଆଦୁ ଇଞ୍ଜି ହୁକୁମି ହୀତେସି । ୧୭
ଏ଼ନିକିହିଁ ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନି ଜିସାୟତି କାତା ସାତା ଆ଼ନେ,
୧୮ "ମେହ୍‌ଦୁ ନା଼ ହ଼ଲେଏସି, ଆମ୍ବାଆରାଇଁ ନା଼ନୁ ଆ଼ଚାମାଇଁ; ଏ଼ୱାସି ନା଼
ଜୀୱୁତି ମୀର୍‌ଏସି, ଆମ୍ବାଆରିତା଼ଣା ନା଼ ହା଼ରେକା ରା଼ହାଁ ମାନେ; ନା଼ନୁ
ଏ଼ୱାଣିଲାକ ନା଼ ସୁଦୁଜୀୱୁ ହୀଇଁ, ଅ଼ଡ଼େ ଏ଼ୱାସି ଜୀହୁଦିଆ଼ଆତି ଲ଼କୁତା଼ଣା
ନୀହାଁୟିତି କାତା ୱେକନେସି । ୧୯ ଏ଼ୱାସି ଗଡ଼୍‌ହା କିଅସିକି କା଼ଲ୍‌ୱି
ଆ଼ଅସି, ଇଞ୍ଜାଁ ଆଂଗେଣିତା ଏ଼ୱାଣି ହା଼ଡା ଆମ୍ବାଆରି ୱେନଅରି । ୨୦
ନୀହାଁୟିତା ଜୀଣା ଆ଼ଆପାଟେକା, ଏ଼ୱାସି ୱା଼ୟିତି ଡାଣ୍ଟିତି ଡିକ୍‌ଅସି
ବ଼ୟିଁ ଆ଼ହିଁ ଡ଼ୀଞ୍ଜିମାନି ଦୀୱେଁତି ଡୁପ୍‌ଅସି । ୨୧ ଅ଼ଡ଼େ ଏ଼ୱାଣି ଦ଼ରୁତା
ଜୀହୁଦିଆ଼ଆତି ଲ଼କୁ ବା଼ର୍ସୁ ଇଟିନେରି ।" ୨୨ ର଼ ଦିନା ଲ଼କୁ ବୂତୁ
ଆଲ୍‌ଗାମାଚି ର଼ କା଼ଣାଇଁ ତାତେରି ଏ଼ୱାଣାଇଁ ବୂତୁ ଆଲ୍‌ଗା ମାଚାକି
ଗୁଲା ଆ଼ହାମାଚେସି । ଜୀସୁ ଏ଼ୱାଣାଇଁ ନେହିଁ କିତେସି; ଇଞ୍ଜାଁ ଏ଼ୱାସି
ମେସାଲି ଅ଼ଡ଼େ ଜ଼ଲାଲି ଆ଼ଡିତେସି । ୨୩ ଇଞ୍ଜାଁ ଲ଼କୁ ବାରେ କାବାଆ଼ହାନା
ଏଲେଇଚେରି, "ଇୱାସି ଏ଼ନାଆଁ ଏ଼ ଦାୱୁଦ କୂ଼ଡ଼ାତାସି ଆ଼ଏକି?" ୨୪
ପାରୁସିୟାଁ ଇ କାତା ୱେଞ୍ଜାନା ଏଲେଇଚେରି, ଇ ମାଣ୍‌ସି ବୂତୁୟାଁ କିହାଁ
କାଜା ବାଲ୍‌ଜିବୁଲ୍ ବୂତୁ ହିଲାଆନା ବୂତୁୟାଁ ପେ଼ର୍‌ଅସି । ୨୫ ସାମା ଜୀସୁ
ପାରୁସିୟାଁ ମ଼ନତି ଅଣ୍‌ପୁ ପୁଞ୍ଜାନା ଏ଼ୱାରାଇଁ ଏଲେଇଚେସି, "ର଼ ରା଼ଜି
ତା଼ନୁ ତା଼ନୁଏ ଆସ୍‌ପି ଆ଼ହାନା ରୀ ବା଼ଗା ତୀନି ବା଼ଗା ଆ଼ତିସାରେ ଏ଼
ରା଼ଜି ଅ଼ଡ଼େ ଟୀରିତଲେ ମାଞ୍ଜାଲି ଆ଼ଡେଏ, ଇଞ୍ଜାଁ ର଼ ଗା଼ଡ଼ା କି ର଼ ଇଲୁ
କୁଟମି ତା଼ମ୍ବୁ ତା଼ମ୍ବୁଏ ଆସ୍‌ପି ଆ଼ହାନା ବା଼ଗା ଆ଼ତିସାରେ ଟୀରିତଲେ
ମାଞ୍ଜାଲି ଆ଼ଡେଏ । ୨୬ ଇଞ୍ଜାଁ ସୟତାନ ସୟତାନଇଁ ପିସ୍‌ପି କିନେ ଆତିହିଁ
ଏ଼ଦି ବା଼ଗା ଆ଼ହାନା ତାନି କ଼ପାଟି ନିଙ୍ଗିତେୟିଏ, ଆତିହିଁ ଏ଼ଦାନି ରା଼ଜି
ଏ଼ନିକିଁ ଟୀରିଆ଼ହାଁ ଡ଼ୟିନେ? ୨୭ ମୀରୁ ଏଲେଇଞ୍ଜିମାଞ୍ଜେରି, ନା଼ନୁ ପ଼ଲ୍‌ଆ
ବୂତୁୟାଁ ବାଲ୍‌ଜିବୁଲ୍ ତଲେ ବୂତୁୟାଁ ପିସ୍‌ପି କିହିମାଇଁ, ଆତିହିଁ ମୀ ମୀର୍‌କା
ଆମ୍ବାଆରି ବା଼ଡ଼୍‌ୟୁ ତଲେ ବୂତୁୟାଁ ପେ଼ର୍‌ନେରି । ଇଦାଆଁତାକି ଏ଼ୱାରିଏ
ମୀ ନୀହାଁୟି କିୟାନାରି ଆ଼ନେରି । ୨୮ ସାମା ନା଼ନୁ ମାହାପୂରୁ ଜୀୱୁତି
ବା଼ଡ଼୍‌ୟୁ ତଲେ ବୂତୁୟାଁ ପେ଼ର୍‌ହି ମାଇଁ, ଆତିହିଁ ମାହାପୂରୁତି ରା଼ଜି ମୀ
ତା଼ଣା ଏଦାତେୟିଏ ।" ୨୯ "ଇଞ୍ଜାଁ ଆମ୍ବାଆସି ର଼ ବାଡ଼୍‌ୟୁଗାଟି ଲ଼କୁଇଁ
ତଲିଏ ଦହ୍‌ଆନା, ଏ଼ନିକିହିଁ ଏ଼ୱାଣି ଇଜ ହ଼ଡାନା ତାନି ଇଲୁ କା଼ଣ୍ଡା
ବାରେ ସ଼ରୁ ଅୟାଲି ଆ଼ଡିନେସି? ଏ଼ୱାଣାଇଁ ତଲିଏ ଦସ୍ତିହିଁଦେ ଏ଼ୱାଣି
ଇଲୁ କା଼ଣ୍ଡା ସ଼ରୁ ଆ଼ହାଲି ଆ଼ଡିନେସି ।" ୩୦ "ଆମ୍ବାଆସି ନା଼ ୱାକିଟି
ଆ଼ଆଗାଟାସି, ଏ଼ୱାସି ନା଼ ସାତ୍ରୁ, ଇଞ୍ଜାଁ ଆମ୍ବାଆସି ନା଼ ତଲେ କୂ଼ଡ଼ି କିଅସି
ଏ଼ୱାସି ଆଲାରା କିନେସି । ୩୧ ଇଦାଆଁତାକି ନା଼ନୁ ମିଞ୍ଜେ ୱେସିମାଞ୍ଜାଇଁ,
ମାଣ୍‌ସି ଲ଼କୁତି ବାରେ ପା଼ପୁ ଅ଼ଡ଼େ ଲାଗେଏ ପ଼ଲେଏଟି ଲ଼କୁଣି ନିମ୍ନା
କାତା ଜ଼ଲାମାନାଣି ମ୍ଲେ଼କ୍‌ହା ତୁସ୍‌ପିଆ଼ନେ, ସାମା ମାହାପୂରୁତି ସୁଦୁଜୀୱୁ
ଦ଼ରୁତଲେ ଜ଼ଲିନାଣା ପା଼ପୁ ମେଣ୍‌ଡ୍ଗି କିୱିଆ଼ଏ । ୩୨ ଅ଼ଡ଼େ ଆମ୍ବାଆସି
ମାଣ୍‌ସି ମୀର୍‌ଏଣା କ଼ପାଟି ଜ଼ଲିନେସି, ଏ଼ୱାଣି ପା଼ପୁ ମେଣ୍‌ଡ୍ଗି କିୱିଆ଼ନେ,
ସାମା ଆମ୍ବାଆସି ମାହାପୂରୁତି ସୁଦୁଜୀୱୁତି କ଼ପାଟି ଜ଼ଲିନେସି, ଇ କା଼ଲାତା
କି ଡା଼ୟୁ କା଼ଲାତା ଜିକେଏ ଏ଼ୱାଣି ପା଼ପୁ ମେଣ୍‌ଡ୍ଗି କିୱିଆ଼ଏ ।" (aiōn
g165) ୩୩ "ମା଼ର୍‌ନୁତି ନେହାୟି ଇଞ୍ଜୁ ଅ଼ଡ଼େ ତାନି ପା଼ଡ଼େୟିତି ନେହାୟି
ଇଞ୍ଜୁ, ଆ଼ଆତିଁ ମା଼ର୍‌ନୁତି ଲାଗେଏତାୟି ଇଞ୍ଜୁ ଅ଼ଡ଼େ ତାନି ପା଼ଡ଼େୟିତି
ଲାଗେଏତାୟି ଇଞ୍ଜୁ, ଇଚିହିଁ ପା଼ଡ଼େୟି ତଲେ ମା଼ର୍‌ନୁତି ପୁଣ୍‌କି ଆ଼ନେ ।
୩୪ ଆଡ଼େ ରା଼ସ୍‌କା କୂ଼ଡ଼ାତେରି, ମୀରୁ ପ଼ଲ୍‌ଆ ଗାଟାତେରି ଆ଼ହାଁ ଏ଼ନିକିଁ
ମୀରୁ ନେହିଁ ହା଼ଡା ୱେସାଲି ଆ଼ଡିଦେରି? ଇଚିହିଁ ହିୟାଁତା ମାନି କାତା ଗୂଟି
ଜ଼ଲିମାନେ । ୩୫ ନେହିଁ ଲ଼କୁ ନେହିଁ ମ଼ନ ବିତ୍ରାଟି ନେହିଁ କାତା ହ଼ପ୍‌ନେସି,
ଇଞ୍ଜାଁ ପ଼ଲ୍‌ଆ ଗାଟାସି ପ଼ଲ୍‌ଆ ମ଼ନ ବିତ୍ରାଟି ପ଼ଲ୍‌ଆ କାତା ହ଼ପ୍‌ନେସି
।" ୩୬ "ସାମା ନା଼ନୁ ମିଞ୍ଜେ ସାତା ୱେସିମାଞ୍ଜାଇଁ, ବାରେଜା଼ଣା ତା଼ମ୍ବୁ
ୱେସାମାନି ଉଜେଏତି କାତାତାକି ବିଚାରା କିନି ଦିନାତା ଏମ୍ବାଟି କାତା
ଜ଼ଲିନେରି; ୩୭ ଇଦାଆଁତାକି ମୀ ଗୂଟିତି ହା଼ଡାତଲେ ନୀହାଁୟି ଦିନାତା
ମୀରୁ ଦ଼ହ ଗାଟାତେରି ଅ଼ଡ଼େ ଦ଼ହ ହିଲାଆଗାଟାତେରି ଆ଼ଦେରି ।" ୩୮
ଏଚିବେଲା ମେ଼ରା ପୁନାରି ଅ଼ଡ଼େ ପାରୁସିୟାଁ ବିତ୍ରାଟି ଏଚରଜା଼ଣା ଜୀସୁଇଁ
ଏଲେଇଚେରି, "ଗୂରୁ, ମା଼ମ୍ବୁ ନୀ ତା଼ଣାଟି ର଼ କାବାଆ଼ନି ସିନା ମେସାଲି
ଅଣ୍‌ପିମାନମି ।" ୩୯ ସାମା ଜୀସୁ ଏ଼ୱାରାଇଁ ଏଲେଇଚେସି, "ପ଼ଲ୍‌ଆ

ଗାଟାରି ଅ଼ଡ଼େ ମାହାପୂରୁଇଁ ନାମାଆ ଗାଟାରିଦେହେଁ ସିନାୟାଁ ପାରିନେରି,
ସାମା ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନି ଜୁନସତି ସିନା ପିସ୍‌ପେ ଏ଼ୱାରାକି
ଏ଼ନି ସିନା ହୀପ୍‌କି ଆ଼ଏ । **୪୦** ଇଚିହିଁ ଜୁନସ ଏ଼ନିକିଁ ତୀନିଦିନା ତୀନି
ଲା଼ଆଁୟାଁ କାଜା ମୀନୁ ବାଣ୍ତି ବିତ୍ରା ମାଚେସି, ଏଲେକିଁ ମାଣ୍‌ସି ମୀର୍‌ଏସି
ଜିକେଏ ବୂମି ବିତ୍ରା ତୀନିଦିନା ତୀନି ଲା଼ଆଁୟାଁ ଡ଼ୟିନେସି । **୪୧** ନୀହାଁୟି
ଦିନାତା ନିନିବିତି ଲ଼କୁ ଇ କ଼ାଲାତି ଲ଼କୁ ନ଼କିତା ନିଚାନା ଏ଼ୱାରାଇଁ ଦ଼ହ
କିନେରି, ଇଚିହିଁ ଏ଼ୱାରି ଜୁନସ ୱେସ୍ତି କାତା ଆସାନା ପା଼ପୁଟି ମ଼ନ ୱେଟ୍‌ହା
ମାଚେରି, ଅ଼ଡ଼େ ମେହ୍‌ଦୁ ଜୁନସକିହାଁ କାଜାସି ଇମ୍ବାଆଁ ମାନେସି । **୪୨**
ନୀହାଁୟି ଦିନାତା ସିବା ଦ଼େସାତି ରା଼ଣି ଇ କ଼ାଲାତି ଲ଼କୁ ନ଼କିତା ନିଚାନା
ଏ଼ୱାରାଇଁ ଦ଼ହ କିନେ, ଇଚିହିଁ ସଲମନତି ବୁଦିତିକାତା ୱେଞ୍ଜାଲି ଦାର୍‌ତିତି
ହେକ ଦ଼େସାଟି ୱା଼ହାମାଚେ, ଇଞ୍ଜାଁ ମେହ୍‌ଦୁ ସଲମନକିହାଁ କାଜା କାତା
ଇମ୍ବାଆଁ ମାନେ ।” **୪୩** “ର଼ ପ଼ଲ୍‌ଆ ବୂତୁ ର଼ ମାଣ୍‌ସି ତା଼ଣାଟି ହ଼ଚା ହାଜାନା
ଏ଼ୟୁ ହିଲାଆ ଟା଼ୟୁ ବାରେ ର଼େଜିହିଁ ଜ଼ମାଲି ଟା଼ୟୁ ପାରୀତେ, ଇଞ୍ଜାଁ ଏ଼ଦାଆଁ
ପ୍ଣାଃଆତେ, **୪୪** ଏଚେଟିଏ ଏ଼ଦି ଏଲେଇନେ, ନା଼ନୁ ଆମିନି ଇଲୁଟି ହ଼ଚା
ୱା଼ହାମାଇଁ, ନା଼ ଏ଼ ଇଲୁତା ୱେଣ୍ତେ ହାଇଁ; ଇଞ୍ଜାଁ ୱେଣ୍ତା ୱା଼ହାନା ୱାର୍‌ଆଣି
ଇଞ୍ଜାଁ ଅ଼ଜିତାଣି ମେହ୍‌ନେ । **୪୫** ଏଚିବ଼େଲା ଏ଼ଦି ହାଜାନା ତାନିକିହାଁ
ଆଗାଡ଼ା ପ଼ଲ୍‌ଆଗାଟି ସା଼ତାଗଟା ଜୀୱୁୟାଁ ଆସାନା ୱା଼ନେ, ଇଞ୍ଜାଁ ଏ଼ୱି
ବାରେ ଏମ୍ବାଆଁ ହ଼ଡାନା ବାସା କିନୁ, ଅ଼ଡ଼େ ଏ଼ ଲ଼କୁତି ତଲିତି କସ୍ତ କିହାଁ
ଡା଼ୟୁତି କସ୍ତ ହା଼ରେକା ଆ଼ନେ, ଇ କ଼ାଲାତି ପ଼ଲ୍‌ଆ ଗାଟାରାକି ଜିକେଏ
ଏଲେଆ଼ହିଁଏ ଆ଼ନେ ।” **୪୬** ଜୀସୁ ବାରେ ଲ଼କୁଇଁ ହା଼ଡା ଆ଼ହିମାଚାଟି ତାମି
ଇୟା଼ ଅ଼ଡ଼େ ତାୟିୟାଁ ପାଡ୍ଗାତା ନିଚାନା ହା଼ଡା ଆ଼ହାଲି ମ଼ନ କିହିମାଚୁ
। **୪୭** ଏଚେଟିଏ ରଅସି ୱା଼ହାନା ଜୀସୁଇଁ ଏଲେଇଚେସି, “ମେହ୍‌ମୁ,
ମୀ ଇୟା଼ ଅ଼ଡ଼େ ନୀ ତାୟିୟାଁ ପାଡ୍ଗାତା ନିଚାନା ହା଼ଡା ଆ଼ହାଲି ମ଼ନ
କିହିମାନେରି ।” **୪୮** ସାମା ଇ କାତା ୱେସ୍ତାଣାଇଁ ଜୀସୁ ଏଲେଇଚେସି,
“ଆମ୍ବାଆୟି ମା଼ ଇୟା଼ ଇଞ୍ଜାଁ ଆମ୍ବାଆରି ନା଼ ତାୟିୟାଁ?” **୪୯** ଅ଼ଡ଼େ ସୀସୁୟାଁ
ୱାକି କେୟୁ ଦା଼ସାନା ଏଲେଇଚେସି, “ମେହ୍‌ଦୁ ମାୟା଼ ଇଞ୍ଜାଁ ମା଼ ତାୟିୟାଁ,
**୫୦** ଇଚିହିଁ ଆମ୍ବାଆୟି ଜିକେଏ ନା଼ ଲାକପୂରୁତି ଆ଼ବା କାତା ଆହ୍‌ନେସି
ଏ଼ୱାସି ନା଼ ତାୟି ଏ଼ଦି ନା଼ ତାଡ୍ଗି ଅ଼ଡ଼େ ମା଼ ଇୟା଼ ।”

**୧୩** ଏ଼ ଦିନା ଜୀସୁ ଇଲୁଟି ହ଼ଚା ହାଜାନା ସାମ୍‌ଦୁରି ଡାକିତା ଲ଼କୁଇଁ
ଜା଼ପ୍‌ହାଲି କୁଗିତେସି । **୨** ଏଚେଟିଏ ହା଼ରେକା ଲ଼କୁ କୂଡ଼ା
ଆ଼ହାଲିଏ, ଏ଼ୱାସି ହାଜାନା ର଼ ଡଂଗତା କୁଗିତେସି, ଇଞ୍ଜାଁ ଲ଼କୁ ବାରେ
ସାମ୍‌ଦୁରି ଗାଟୁତା ନିଚାମାଚେରି । **୩** ଅ଼ଡ଼େ ଜୀସୁ ପୁଣ୍‌ମ୍ବିକିନି କାତା
ହା଼ରେକା ୱେସ୍ତେସି, ଏ଼ୱାସି ଏଲେଇଚେସି । “ମେହ୍‌ଦୁ ର଼ ବିଚା ମାଟିନାସି
ମାଟାଲି ହ଼ତେସି । **୪** ଏ଼ୱାସି ବିଚା ମାଟିନି ବ଼େଲା କଚେକା ବିଚା
ଜିରୁତା ରୀତେ ଇଞ୍ଜାଁ ପଟାୟାଁ ୱା଼ହାନା ଏ଼ ପା଼ଡ଼େୟି ପେର୍‌ହା ତିଚୁ । **୫**
ଅ଼ଡ଼େ କଚେକା ବିଚା ୱାଲ୍‌କାତି ପା଼ତାଡ଼ା ବୂମିତା ରୀତେ, ଇଞ୍ଜାଁ ଇର୍‌ଆ
ଗାଡି ହିଲାଆତାକି ପା଼ଡ଼େୟି ତବେ ଗଜା ଆ଼ତେ । **୬** ସାମା ବ଼ୱେଡ଼ା
ହ଼ଚାଲିଏ, ଗଜା ଆ଼ହାମାଚାୟି ୱେହା ହାଚେ, ଇଞ୍ଜାଁ ତାନି ହୀରୁ ଗାଡି
ଡ଼ଇକା ହାଲାଆତାକି ୱା଼ୟା଼ହାଚେ । **୭** ଅ଼ଡ଼େ କଚେକା ବିଚା ହା଼ପ୍‌କା
ବୂଟା ଡ଼ଇ ରୀତେ, ଇଞ୍ଜାଁ ହା଼ପ୍‌କା ବୂଟାୟାଁ ବାରେ ପାଡାଆ଼ହାନା ଆର୍ନା
ଡାକିତି ପ୍ଟିକ୍‌ହାତୁସ୍ତେ । **୮** ଅ଼ଡ଼େ କଚେକା ବିଚା ନେହିଁ ବୂମିତା ରୀତେ,
ଇଞ୍ଜାଁ କାମ୍ବାନା ର଼ ପା଼ଡ଼େୟିଟିଏ ପା଼ସାକ଼ଡ଼ି, ତୀନିକ଼ଡ଼ି ଇଞ୍ଜାଁ କଡ଼େଦସ
ପା଼ଡ଼େୟିକା କାମ୍ବିତୁ ।” **୯** “ଆମ୍ବାଆରାକି କୀର୍କା ମାନୁ ଏ଼ୱାସି ୱେଣ୍‌ମ୍ବାସି
।” **୧୦** ଏମ୍ବାଟିଏ ସୀସୁୟାଁ ଜୀସୁ ତା଼ଣା ୱା଼ହାନା ୱେଚେରି, “ଲ଼କୁଣି
ଜା଼ପ୍‌ନାଟି ନୀନୁ ଏ଼ନାଆଁତାକି ପୁଣ୍‌ମ୍ବିକିନି କାତାୟାଁ ୱେସିହିଁ ଜା଼ପ୍‌ହିମାଞ୍ଜି?”
**୧୧** ଜୀସୁ ଏଲେଇଚେସି, “ଏ଼ନାଆଁତାକି ଇଚିହିଁ ଲାକପୂରୁ ରା଼ଜିତି ବାରେ
ଡୁଗାମାନି ହା଼ଡା ପୁଞ୍ଜାଲି ମିଡ୍ଗେ ବା଼ଡ଼୍‌ୟୁ ହୀପ୍‌କି ଆ଼ହାମାଞ୍ଜାନେ, ସାମା
ଏ଼ୱାରାକି ହୀପ୍‌କି ଆ଼ହା ହିଲେଏ । **୧୨** ଇଞ୍ଜାଁ ଏମ୍ବାଆରାକି ମାନେ,
ଏ଼ୱାରାକି ହୀପ୍‌କିଆ଼ନେ ଅ଼ଡ଼େ ଏ଼ୱାଣାକି ଗାଡିଆ଼ନେ; ସାମା ଆମ୍ବାଆରାକି
ହିଲେଏ ତାନିତା଼ଣା ଏ଼ନାୟି ମାନେ, ଏ଼ଦାଆଁ ଜିକେଏ ଅ଼ୱିଆ଼ନେ ।” **୧୩**
ଏ଼ୱାରି ମେସି ମେସିହିଁ ମେସାଲି ଆ଼ଡଅରି, ଅ଼ଡ଼େ ୱେଞ୍ଜିୱେଞ୍ଜି ୱେନଅରି
କି ପୁନଅରି; ଏ଼ଦାଆଁତାକି ନା଼ନୁ ଏ଼ୱାରାଇଁ ପୁଣ୍‌ମ୍ବିକିନି କାତାତଲେ
ୱେସିମାଇଁ । **୧୪** ଅ଼ଡ଼େ ମାହାପୂରୁ ବ଼ଲୁ ୱେହ୍‌ନି ଜିସାୟତି ଇ କାତା
ଏ଼ୱାରାକି ସାତା ଆ଼ନେ । ଇ ଲ଼କୁ ୱେଞ୍ଜିୱେଞ୍ଜିହିଁ ୱେନେରି, ଏ଼ନାଆଁ
ତେଲ୍‌ହଅରି, ମେସି ମେସିହିଁ ମେହ୍‌ନେରି ସାମା ଏ଼ନାଆଁ ପୁନଅରି; **୧୫**
ଇଚିହିଁ ଇ ଲ଼କୁତି ହିୟାଁ ଅଣ୍‌ପାଲି ଆ଼ଡାଆ ଗାଟାୟି, ଏ଼ୱାରି କସ୍ତୁଟି
କୀର୍କା ତଲେ ୱେଚେରି, ଇଞ୍ଜାଁ ତାମି କାଣ୍‌କା ପଟିତେରି, ଏ଼ନିକିଁ ଏ଼ୱାରି
କାଣ୍‌କା ତଲେ ମେହ୍‌ଅରି, ଅ଼ଡ଼େ କୀର୍କା ତଲେ ୱେନଅରି, ଅ଼ଡ଼େ ହିୟାଁ
ତଲେ ତେଲ୍‌ହଅରି ଇଞ୍ଜାଁ ଏ଼ୱାରି ନା଼ ତା଼ଣା ୱେଣ୍ତୋ ୱା଼ଅରି, ଅ଼ଡ଼େ ନା଼ନୁ
ଏ଼ୱାରାଇଁ ନେହିଁ କିଅଁ । **୧୬** “ସାମା ନେହେଁ ମୀ କାଣ୍‌କା ଇଚିହିଁ ଏ଼ୱି
ମେସି ମାନୁ, ନେହେଁ ମୀ କୀର୍କା ଇଚିହିଁ ଏ଼ୱି ୱେଞ୍ଜିମାନୁ । **୧୭** ଇଚିହିଁ
ନା଼ନୁ ମିଡ୍ଗେ ସାତା ୱେସିମାଞ୍ଜାଇଁ, ମୀରୁ ଏ଼ନା ଏ଼ନାଆଁ ମେସିମାଞ୍ଜେରି, ଏ଼
ବାରେ ହା଼ରେକା ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାରି ଇଞ୍ଜାଁ ତୀରିଗାଟାରି
ମେସାଲି ମ଼ନ କିତେରି, ସାମା ମେସାଲି ଆ଼ଡାଆତେରି; ଅ଼ଡ଼େ ମୀରୁ ଏ଼ନା
ଏ଼ନାଆଁ ୱେଞ୍ଜିମାଞ୍ଜେରି, ଏ଼ ବାରେ ଏ଼ୱାରି ୱେଞ୍ଜାଲି ମ଼ନ କିତେରି, ସାମା
ୱେଞ୍ଜାଲି ଆ଼ଡାଆତେରି ।” **୧୮** ଆତିହିଁ ମୀରୁ ବିଚା ମାଟିନି ପୁଣ୍‌ମ୍ବିକିନି
କାତା ୱେଞ୍ଜୁ । **୧୯** ଆମ୍ବାଆସି ମାହାପୂରୁ ରା଼ଜିତି କାତା ୱେଞ୍ଜାନା ପୁନାଆ
ଗାଟାସି, ଏ଼ୱାଣି ହିୟାଁତା ୱେସାମାନି ମାହାପୂରୁ ବ଼ଲୁ ସୟତାନ ୱା଼ହାନା
ମୀଞ୍ଜା ଅ଼ନେସି, ଏ଼ୱାସି ଜିରୁ ଦାରି ମାଟାମାନି ବିଚା ଲେହେଁତାସି । **୨୦**
ଅ଼ଡ଼େ ଆମ୍ବାଆସି ୱାଲ୍‌କା ବୂମିତା ମାଟିତି ବିଚା ଏ଼ୱାସି ଇଲେତାସି,
ଆମ୍ବାଆସି ମାହାପୂରୁତି କାତା ୱେଞ୍ଜାନା ରା଼ହାଁତଲେ ନାମିନେସି, **୨୧** ସାମା
ଏ଼ୱାଣି ତା଼ଣା ହୀରୁ ଜୀଆତାକି ଗା଼ଡ଼େକେଏ ତୀରିଆ଼ହାନା ମାନେସି,
ଡା଼ୟୁ ମାହାପୂରୁ କାତାତାକି ବା଼ଦା ଅ଼ଡ଼େ ନିନ୍ଦା ବେଟାଆ଼ତିସାରେ ଏ଼
ବାରେ ପିସାତୁହ୍‌ନେସି, ଏ଼ୱାସି ୱାଲ୍‌କା ବୂମିତା ରିତି ବିଚା ଲେହେଁତାସି
। **୨୨** ଆମ୍ବାଆସି ମାହାପୂରୁତି କାତା ୱେନେସି, ଇଞ୍ଜାଁ ଦାର୍‌ତିତି ଅଣ୍‌ପୁ
ଦ଼ନତି ଜୂପ୍‌କା ଏ଼ୱାସି ୱେଞ୍ଜାମାନି କାତାତି ପ୍ଟିକ୍‌ହା ତୁସାଲିଏ, ତାନି

ଜୀୱୁତା ପ଼ାଡ଼େୟି କାମ୍ବ୍ରାଆତେ, ଏ଼ୱାସି ହ଼ାପ୍‌କା ବୂଟା ଡ଼ଇ ରିତି ବିଚା
ଲେହେଁତାସି । (aiōn g165) ୨୩ ସାମା ଆମିନିଗାଟାସି କାତାତି ୱେନେସି
ଇଞ୍ଜାଁ ନେହିଁକିଁ ପୁନେସି, ଅ଼ଡେ଼ ନେହିଁ ପ଼ାଡ଼େୟି କାମ୍ବ୍ରିନେସି, ଆମ୍ବ୍ରାଆସି
ପ଼ାସାକ଼ଡ଼ି, ଆମ୍ବ୍ରାଆସି ତୀନିକ଼ଡ଼ି, ଆମ୍ବ୍ରାଆସି କଡ଼େଦସ ପ଼ାଡ଼େୟିକା,
ଏ଼ୱାସି ନେହିଁ ବୂମିତା ରିତି ବିଚା ଲେହେଁତାସି । ୨୪ ଜୀସୁ ଏ଼ୱାରାଇଁ ଅ଼ଡେ଼
ର଼ ପୁଣ୍‌ମ୍ବ୍ରିକିନି କାତା ୱେସ୍ତେସି, ଲାକପୂରୁ ରା଼ଜି ରଅସି ତାନି ଗୁଡିୟାତା
ନେହିଁ ବିଚା ମାଟାମାନି ମାଣ୍‌ସିଲେହେଁ; ୨୫ ସାମା ଲ଼କୁ ଡ଼ୂରାମାନାଟି ତାନି
ସାତୁ ୱା଼ହାନା ଏ଼ ଗ଼ହଁୟାଁ ବିତ୍ରା ଟଲି ଜା଼ଡ଼ାତି ବିଚା ମାଟାନା ହାଚେସି ।
୨୬ ଏଚ଼ିବେଲା ଗ଼ହଁୟାଁ ପାଡାଆ଼ହାନା ଜେ଼କା ଆ଼ନିବେଲା ଟଲି ଜା଼ଡ଼ା
ଜିକେଏ ତ଼ଞ୍ଜାଆ଼ତେ । ୨୭ ଏଚେଟିଏ ସା଼ୱୁକାରିତି ହ଼ଲିୟାଙ୍ଗା ତାନି ତା଼ଣା
ୱା଼ହାନା ଏଲେଇଚେରି, ବା଼ବୁ, ନୀନୁ ଏ଼ନାଆଁ ନୀ ଗୁଡିୟାତା ନେହିଁ ବିଚା
ମାଟା ହିଲାଆତି? ସାମା ଈ ଟଲି ଜା଼ଡ଼ା ବାରେ ଏମ୍ବିଟି ୱା଼ତେ? ୨୮
ଏ଼ୱାସି ଏ଼ୱାରାଇଁ ଏଲେଇଚେସି, ର଼ ସାତୁ ଈଦାଆଁ କିହାମାନେସି । ଅ଼ଡେ଼
ହ଼ଲିୟାଙ୍ଗା ଏ଼ୱାଣାଇଁ ଏଲେଇଚେରି, ନୀ ମ଼ନ ଏ଼ନାୟି, ମା଼ମ୍ବୁ ହାଜାନା ଟଲି
ରେଜାନା କୂଡ଼ି କିନମି, ୨୯ ସାମା ଏ଼ୱାସି ଏଲେଇଚେସି, ଆ଼ଏ ଏ଼ଚେତା
ମୀରୁ ଟଲି ଜା଼ଡ଼ା ରେ଼ଜି ରେ଼ଜିହିଁ ଗ଼ହଁୟାଁ ଜିକେଏ ରେଜେରି । ୩୦ ଗ଼ହିଁ
ଦା଼ଃନି ପାତେକା ଗ଼ହିଁ ଅ଼ଡେ଼ ଟଲି ଜା଼ଡ଼ା ରହେଁଏ ପାଡାଆ଼ପୁ, ଅ଼ଡେ଼ ଆର୍ନା
ଦା଼ଃନି ବେ଼ଲାତା ଦା଼ଃଆନାରାଇଁ ନା଼ନୁ ଏଲେଇଇଁ, ତଲିଏ ଟଲି ଜା଼ଡ଼ା
ଦା଼ଚାନା ହୂଡାଲିତାକି ପେ଼ଣ୍ଡ୍ରାୟାଁ ଏଟ୍‌କା କିଦୁ, ସାମା ଗ଼ହଁୟାଁ କୂଡ଼ି କିହାନା
ନା଼ ଗା଼ଦେୟିତା ଇଟାଦୁ । ୩୧ ଜୀସୁ ଏ଼ୱାରାଇଁ ଅ଼ଡେ଼ ର଼ ପୁଣ୍‌ମ୍ବ୍ରିକିନି କାତା
ୱେସ୍ତେସି, ଲାକପୂରୁ ରା଼ଜି ର଼ ହାର୍ସୁ ପ଼ାଡ଼େୟି ଲେହେଁତାୟି, ଏ଼ଦାଆଁ
ଅ଼ହାନା ରଅସି ତାନି ବା଼ଡ଼ାତା ମାଟିତେସି । ୩୨ ଏ଼ ପ଼ାଡ଼େୟି ବାରେ
ପ଼ାଡ଼େୟିକା କିହାଁ ଉଣା, ସାମା ଏ଼ଦି ପାଡା ଆ଼ତିସାରେ ବାରେ କୁଚା
କିହାଁ କାଜାୟି ଆ଼ହାଁ ଇଲେତି ମା଼ର୍‌ନୁ ଆ଼ନେ, ଇଞ୍ଜାଁ ହା଼ଗୁତା ଉମ୍ବ୍ରିମାନି
ପଟାୟାଁ ୱା଼ହାନା ଏ଼ଦାନି କମାତା ବ଼ଣ କିହାନା ବାସା କିନୁ । ୩୩ ଜୀସୁ
ଏ଼ୱାରାଇଁ ଅ଼ଡେ଼ ର଼ ପୁଣ୍‌ମ୍ବ୍ରିକିନି କାତା ୱେସ୍ତେସି, ଲାକପୂରୁ ରା଼ଜି ର଼
ପୁଲା ଏ଼ୟୁଲେହେଁତାୟି; ର଼ ଇୟା ଗ଼ହଁୟାଁ ଗୁଣ୍ଡ୍ରାତା ପୁଲାଏ଼ୟୁ କାଲ୍‌ହାନା
ଇଟିତେ, ଏଚେଟିଏ ଏ଼ ଗୁଣ୍ଡ୍ରା ପ଼ଙ୍ଗାନା ବାରେ ପୁଲା ଆ଼ତେ । ୩୪ ଈ ବାରେ
ପୁଣ୍‌ମ୍ବ୍ରିକିନି କାତାତଲେ ଜୀସୁ ଲ଼କୁଣି ୱେସ୍ତେସି, ଇଞ୍ଜାଁ ପୁଣ୍‌ମ୍ବ୍ରିକିନି କାତା
ଆଟ୍‌ଆନା ଏ଼ନାଆଁୱା ଲ଼କୁଣି ୱେସି ହିଲାଆତେସି, ୩୫ ଏ଼ନିକିଁ ମାହାପୂରୁ
ଅଣ୍‌ପୁତି ବ଼ଲୁ ୱେହ୍‌ନାଣି ତା଼ଣାଟି ଈ କାତା ସାତା ଆ଼ନେ, “ନା଼ନୁ ନା଼ ଗୂତି
ଏ଼କ୍‌ହାନା ପୁଣ୍‌ମ୍ବ୍ରିକିନି କାତାତଲେ ୱେହ୍‌ଇଁ; ଦାର୍‌ତି ଗା଼ଡ଼ି ଆ଼ତି ଦିନାଟିଏ
ଡୁଗାମାନି କାତା ବାରେ ୱେହ୍‌ଇଁ ।” ୩୬ ଡା଼ୟୁ ଜୀସୁ ମାନ୍ବା ଲ଼କୁଣି ପିସାନା
ଇଲୁ ବିତ୍ରା ହାଚେସି, ଇଞ୍ଜାଁ ତାମି ସୀସୁୟାଁ ଡାଗେ ୱା଼ହାନା ଏଲେଇଚେରି,
“ଗୁଡିୟାତି ଟଲି ଜା଼ଡ଼ାତି ପୁଣ୍‌ମ୍ବ୍ରି କିନି କାତା ମାଙ୍ଗେ ନେହିଁକିଁ ୱେସ୍ତାମୁ
।” ୩୭ ଜୀସୁ ଏଲେଇଚେସି, “ନେହିଁ ବିଚା ମାଟିନାସି ଏ଼ୱାସି ମାଣ୍‌ସି
ମୀର୍‌ଏସି; ୩୮ ଈ ଦାର୍‌ତି ଆ଼ହିମାନେ ଗୁଡିୟା, ନେହିଁ ବିଚା ମାହାପୂରୁ
ରା଼ଜିତି ମୀର୍‌କା ମା଼ସ୍‌କା; ଟଲି ଜା଼ଡ଼ା ସୟତାନତି ମୀର୍‌କା ମା଼ସ୍‌କା; ୩୯
ଆମିନି ସାତୁ ଏ଼ଦାଆଁ ମାଟିତେସି ଏ଼ୱାସି ସୟତାନ; ଆର୍ନା ଦା଼ଃନି ଦିନା
ଇଚିହିଁ ଜୁଗୁ ରା଼ନି ଦିନା, ଇଞ୍ଜାଁ ଆର୍ନା ଦା଼ଃଆନାରି ମାହାପୂରୁତି ଦୂତୁୟାଁ ।
(aiōn g165) ୪୦ ଇଚିହିଁ ଟଲି ଜା଼ଡ଼ାତି ଏ଼ନିକିଁ ର଼ ତା଼ଣା କୂଡ଼ି କିହାନା ହିଚୁତା
ହୂଡିନାୟି, ଜୁଗୁ ରା଼ନି ଦିନାତା ଜିକେଏ ଏଲେକିହିଁ ଆ଼ନେ । (aiōn g165)
୪୧ ମାଣ୍‌ସି ମୀର୍‌ଏସି ତାନି ଦୂତୁୟାଁଣି ପାଣ୍ଡ୍ରିନେସି, ଇଞ୍ଜାଁ ଏ଼ୱାରି ତାନି
ରା଼ଜିତି ବାରେ ଲାଗେଏ ପ଼ଲେଏତାରାଇଁ ଅ଼ଡେ଼ ପା଼ପୁ ଗାଟାରାଇଁ ରୁଣ୍ଡ୍ରା
କିନେରି । ୪୨ ଅ଼ଡେ଼ ଏ଼ୱାରାଇଁ ହିଚୁ ଗା଼ଡ଼୍‌ୟୁତା ମେଟ୍‌ନେରି, ଏମ୍ବାଆଁ
ଏ଼ୱାରି ଡ଼ୀହିଁ ପାଲ୍‌କା ଟୀଟି କିନେରି । ୪୩ ଏଚ଼ିବେଲା ତୀରିଗାଟାରି ତାମି
ଆ଼ବା ରା଼ଜିତା ୱେଡ଼ାଲେହେଁ ଡ଼ୀଞ୍ଜିହିଁ ତ଼ଞ୍ଜାଆ଼ନେରି । ଆମ୍ବ୍ରାଆରାକି କୀର୍କା
ମାନୁ ଏ଼ୱାରି ୱେଣ୍‌ମ୍ବ୍ରାରି ।” ୪୪ “ଲାକପୂରୁ ରା଼ଜି ଗୁଡିୟାତା ଡୁଗାମାନି
ଦ଼ନ ଲେହେଁତାୟି, ରଅସି ଏ଼ଦାଆଁ ମେସାନା ଡୁକ୍‌ହା ଇଟିତେସି, ଅ଼ଡେ଼
ରା଼ହାଁଟି ହାଜାନା ତାନି ଈସିତୀସି ଆ଼ସ୍ତି ପାର୍‌ଚାନା ୱେଣ୍ଡ୍ରେ ହାଜାନା ଏ଼
ଗୁଡିୟାତି କଡିତେସି ।” ୪୫ “ଅ଼ଡେ଼ ଲାକପୂରୁ ରା଼ଜି ନେହିଁ ଅପ୍‌ନି ୱାଲି
ପାରିମାନି ର଼ ବେ଼ବାରା କିନାଣିଲେହେଁ । ୪୬ ର଼ ଦାରାଗାଟି ଅପ୍‌ନି ୱାଲି
ମେସାନା ଏ଼ୱାସି ହାଜାନା ତାନି ଈସିତୀସି ଆ଼ସ୍ତି ପାର୍‌ଚାନା ଏ଼ ଅପ୍‌ନି
ୱାଲିତି କଡିତେସି ।” ୪୭ “ଅ଼ଡେ଼ ଜିକେଏ ଲାକପୂରୁ ରା଼ଜି ସାମ୍‌ଦୁରିତା
ବାରେ କୂଡ଼ାତି ମୀଣ୍‌କା ଆସାଲି ମେଟ୍‌ନି ଜା଼ଲା ଲେହେଁତାୟି । ୪୮ ଏ଼
ଜା଼ଲା ନେଞ୍ଜାଲିଏ ମୀଣ୍‌କା ଆହ୍‌ନାରି ଏ଼ଦାଆଁ ସାମ୍‌ଦୁରି ଗାଟୁତା ରେଜା
ତାନେରି, ଇଞ୍ଜାଁ କୁଗାନା ନେହାଁଆଁ ବାରେ ରୁଣ୍ଡ୍ରା କିହାନା ତିରିତା ଇଟିନେରି,
ସାମା ଲାଗେଏ ପ଼ଲେଏ ଗାଟାଆଁ ବାରେ କୁତା ତୁହ୍‌ନେରି । ୪୯ ଜୁଗୁ ରା଼ନି
ଦିନାତା ଏଲେକିହିଁ ଆ଼ନେ; ଦୂତୁୟାଁ ହ଼ଚାୱା଼ହାନା ତୀରିଗାଟାରି ତା଼ଣାଟିଏ
ଲାଗେଏ ପ଼ଲେଏତାରାଇଁ ଏଟ୍‌କା କିନେରି । (aiōn g165) ୫୦ ଅ଼ଡେ଼
ଏ଼ୱାରାଇଁ ହିଚୁ ଗା଼ଡ଼୍‌ୟୁତା ମେଟ୍‌ହା ତୁହ୍‌ନେରି, ଏମ୍ବାଆଁ ଡ଼ୀନାୟି ଅ଼ଡେ଼
ପାଲ୍‌କା ଟୀଟି କିନାୟି ଆ଼ନେ ।” ୫୧ ଜୀସୁ ସୀସୁୟାଁଇଁ ୱେଚେସି, “ମୀରୁ
ଈ ବାରେ କାତା ପୁଚେରି?” ଏ଼ୱାରି ଏଲେଇଚେରି, “ହାଅ ପ୍ରବୁ ।” ୫୨
ଏଚେଟିଏ ଜୀସୁ ଏ଼ୱାରାଇଁ ଏଲେଇଚେସି, “ଆତିହିଁ ଆମିନି ଇଲୁଗାଟାସି
ତାନି ଇଲୁଟି ପୁଃନାଣି ପ୍ଣାଃଆଣି ହ଼ପ୍‌ନେସି, ଲାକପୂରୁ ରା଼ଜିତି ସୀସୁ
ଆ଼ହାମାନି ବାରେ ମେ଼ରା ପୁନାରି ଏ଼ୱାଣି ଲେହେଁତାରି ।” ୫୩ ଜୀସୁ ଈ
ବାରେ ପୁଣ୍‌ମ୍ବ୍ରିକିନି କାତା ୱେସାଲି ଆ଼ଡାଲିଏ, ଡା଼ୟୁ ଏମ୍ବାଟିଏ ହାଚେସି ।
୫୪ ଇଞ୍ଜାଁ ଏ଼ୱାସି ତା଼ନୁ ପାଡାଆ଼ତି ନା଼ୟୁଁତା ୱା଼ହାନା ଲ଼କୁଣି ତାମି ଜୀହୁଦି
ଲ଼କୁତି କୁଟମି ଇଲୁତା ଇଲେକିହିଁ ଜା଼ପ୍‌ହେସି, ଇଞ୍ଜାଁ ଏ଼ୱାରି କାବାଆ଼ହାନା
ଏଲେଇଚେରି, “ଈୱାଣାକି ଇଲେତି ବୁଦି ଇଞ୍ଜାଁ ଇଲେତି କାବାଆ଼ନି କାମା
କିହାଲି ଆମ୍ବିଟି ବା଼ଡ଼୍‌ୟୁ ବେଟାଆ଼ତେସି? ୫୫ ଈୱାସି ଏ଼ ବାଡିୟାତି
ମୀର୍‌ଏସି ଆ଼ଏକି? ଈୱାଣି ଇୟା ମରିୟମ ଆ଼ଏ? ଅ଼ଡେ଼ ଈୱାଣି ତାୟିୟାଁ
ଦ଼ର୍‌କା ଜାକୁବ, ଜସେପ, ସିମନ ଇଞ୍ଜାଁ ଜୀହୁଦା ଆ଼ଏ? ୫୬ ଅ଼ଡେ଼
ଈୱାଣି ତାଙ୍ଗିସ୍କା ମା଼ ତଲେ ହିଲାଉ? ଇଞ୍ଜାହାଁ ଈୱାସି ଏ଼ ବାରେ ଆମ୍ବିଟି
ମେ଼ଡ଼ାଆ଼ତେସି?” ୫୭ ଇଞ୍ଜାଁ ଏ଼ୱାରି ଜୀସୁଇଁ ଅ଼ପାଆତେରି । ସାମା ଜୀସୁ
ଏ଼ୱାରାଇଁ ଏଲେଇଚେସି, “ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାରି ନିଜେତି

ନ଼ାୟୁଁତା ଇଞ୍ଜୁଁ ନିଜେତି ଇଲୁ କୁଟମିତା ମ଼ାନି ପ୍ଣାଃଅରି ।” ୫୮ ଅ଼ଡ଼େ ଏ଼ୱାରି
ନାମାଆତାକି ଏ଼ୱାସି ଏମ୍ବାଆଁ ହ଼ାରେକା କାବାଆ଼ନି କାମା କିଆତେସି ।

**୧୪** ଏଚିର଼ୱେଲାତା ଗାଲିଲିତି ସ଼ାଲୱି କିନି ରାଜା ହେରଦ ଜୀସୁତି
କାବୁ ୱେଚେସି, ୨ ଅ଼ଡ଼େ ତାନି ହ଼ଲିୟାଙ୍ଗାଣି ଏଲେଇଚେସି,
“ଇୱାସି ବାପ୍ତିସ୍ମ ହୀନି ଜହନ ଏ଼ୱାସି ହ଼ାତାରି ତ଼ାଣାଟି ନିଙ୍ଗାମାନେସି,
ଏ଼ଦାଆଁତାକି ଇ ବାରେ ବ଼ାଡ଼୍ୟୁ ଏ଼ୱାଣି ତ଼ାଣା କାମା କିହିମାନେ ।”
୩ ଇଚିହିଁ ତଲି ହେରଦ ତାମି ତାୟି ପିଲିପ ଡକ୍ରି ହେରଦିୟାନି ତାକି
ଜହନଇଁ ଦସ୍‌ପା ତାଚାନା କ଼ାୟିଦି ଇଲୁତା ଇଟାମାଚେସି । ୪ ଇଚିହିଁ
ଜହନ ତାଙ୍ଗ ଏଲେଇଞ୍ଜାମାଚେସି, ହେରଦିୟାନି ଇଟିନାୟି ନୀ ର଼ମେରା
ହିଲେଏ । ୫ ଅ଼ଡ଼େ ହେରଦ ଏ଼ୱାଣାଇଁ ପ଼ାୟାଲି ମ଼ନ କିତି ଜିକେଏ ଲ଼କୁଣି
ଆଜିମାଚେସି, ଏ଼ନାଆଁତାକି ଇଚିହିଁ ଏ଼ୱାଣାଇଁ ର଼ ମାହାପୂରୁ ଅଣ୍‌ପୁତି ବ଼ଲୁ
ୱେହ୍‌ନାସି ଇଞ୍ଜୁଁ ମ଼ାନି କିହିମାଚେରି । ୬ ସାମା ହେରଦତି ଜାର୍ନା ଦିନା
ୱ଼ାହାଲିଏ, ହେରଦିୟାତି ମ଼ାଙ୍ଗା ରୁଣ୍ଡା ଆ଼ହାମାଚି ଲ଼କୁ ନ଼କିତା ଏ଼ନ୍ଦାନା
ହେରଦଇଁ ର଼ାହାଁ କିୱିକିତେ । ୭ ଏଚେଟିଏ ଏ଼ୱାସି ପାର୍‌ମାଣା କିହାନା
ଆ଼ଞ୍ଜିତେସି, ନୀନୁ ନାଙ୍ଗେ ଏ଼ନାଆଁ ରୀସ୍ତାତିହିଁ ଏ଼ଦି ନିଙ୍ଗ ହୀପ୍‌କିଆ଼ନେ ।
୮ ଇଞ୍ଜାଁ ଏ଼ଦି ତାମି ଇୟାନି କାତା ଆସାହାଁ ଏଲେଇଚେ, “ବାପ୍ତିସ୍ମ ହୀନି
ଜହନତି ତ଼ାୟୁଁ ନୀଏଁ ଇମ୍ବାଆଁ ର଼ ସାଡ଼୍‌ୱାତା ନାଙ୍ଗେ ହିୟାମୁ ।” ୯ ଇଦାଆଁ
ୱେଞ୍ଜାନା ରାଜା ଦୁକୁ ଆ଼ତିହିଁ ଜିକେଏ ତ଼ାନୁ ପାର୍‌ମାଣା କିହାଁ ଆ଼ଞ୍ଜାମାଚାକି
ଅ଼ଡ଼େ ତାନିତଲେ ବ଼ଜିତା କୁଗାମାଚାରି ନ଼କିତା ଆ଼ଞ୍ଜାମାଚାକି ଏ଼ଦାନି
ମ଼ନଲେହେଁ ହୀହାଲି ହୁକୁମି ହୀତେସି । ୧୦ ଇଞ୍ଜାଁ ଲ଼କୁଣି ପାଣ୍ଡାନା
କ଼ାୟିଦି ଇଲୁତା ଜହନତି ତ଼ାୟୁଁ ଦ଼ାପିକିତେସି, ୧୧ ଅ଼ଡ଼େ ଏ଼ୱାଣି ତ଼ାୟୁଁ ର଼
ସାଡ଼୍‌ୱାତା ତାଚାନା ଏ଼ ପ଼ଦାକି ହୀତେରି, ଇଞ୍ଜାଁ ଏ଼ଦି ଅ଼ହାନା ତାମି ଇୟାନି
ତ଼ାଣା ଅ଼ତେ । ୧୨ ଏଚେଟିଏ ଜହନତି ସୀସୁୟାଁ ୱ଼ାହାନା ମାଡ଼୍‌ହା ଅ଼ହାନା
ମୁସ୍ତେରି, ଅ଼ଡ଼େ ହାଜାନା ଜୀସୁଇଁ ୱେସ୍ତେରି । ୧୩ ଜହନ ହ଼ାତି କାବୁ
ୱେଞ୍ଜାନା, ଜୀସୁ ର଼ ଡଂଗତା କୁଗାନା ଲ଼କୁ ହିଲାଆ ଟ଼ାୟୁତା ହାଚେସି,
ଲ଼କୁ ଇ କାତା ୱେଞ୍ଜାନା ଗ଼ାଡ଼ାୟାଁଟି ୱ଼ାହାନା ତ଼ାକି ତ଼ାକିହିଁ ଏ଼ୱାଣି ର଼ଜେଚ
ହାଚେରି; ୧୪ ଅ଼ଡ଼େ ଏ଼ୱାସି ଡଂଗଟି ର଼ରେଚାନା ମାନ୍ଦା ଲ଼କୁଣି ମେସାନା
କାର୍ମା ଆ଼ହାନା ଏ଼ୱାରି ର଼ଗ ଗାଟାରାଇଁ ନେହିଁ କିତେସି । ୧୫ ର଼ୱେଡ଼ା
ହାଜାଲିଏ ତାନି ସୀସୁୟାଁ ତାନି ତ଼ାଣା ୱ଼ାହାନା ଏଲେଇଚେରି, “ଇ ଟ଼ାୟୁ
ଲ଼କୁ ହିଲାଆ ଟ଼ାୟୁ ଇଞ୍ଜାଁ ଆନ୍ଦେରି ଜିକେଏ ଆ଼ହିମାନେ; ଏ଼ଦାଆଁତାକି
ବାରେ ଲ଼କୁ ଏ଼ନିକିଁ ନ଼ାସ୍‌କାଣାଁ ହାଜାନା ତାମ୍‌ଙ୍ଗେ ତାକି ଲ଼ହଡ଼ି ପାରିନେରି,
ଏ଼ଦାଆଁତାକି ଏ଼ୱାରାଇଁ ହାଜାଲି ହେଲ ହୀମୁ ।” ୧୬ ସାମା ଜୀସୁ ଏ଼ୱାରାଇଁ
ଏଲେଇଚେସି, “ଏ଼ୱାରି ହାନି ଲ଼ଡ଼ା ଆ଼ଏ, ମୀରୁ ଏ଼ୱାରାକି ତିଞ୍ଜାଲି ହୀଦୁ
।” ୧୭ ଏ଼ୱାରି ଏ଼ୱାଣାଇଁ ଏଲେଇଚେରି, “ମାଙ୍ଗେ ଇମ୍ବାଆଁ ପ଼ାସାଗଟା ରୂଟି
ଇଞ୍ଜାଁ ରୀ ମୀଣ୍‌କା ମାନୁ ।” ୧୮ ଜୀସୁ ଏ଼ୱାରାଇଁ ଏଲେଇଚେସି, “ଏ଼ୱାଆଁ
ଇମ୍ବାଆଁ ନ଼ା ତ଼ାଣା ତାଦୁ ।” ୧୯ ଅ଼ଡ଼େ ଏ଼ୱାସି ଲ଼କୁଣି ଗାର୍କି ଜ଼ାଡ଼ା ଲାକ
କୁଗାଲି ହୁକୁମି ହୀତେସି, ଅ଼ଡ଼େ ଏ଼ ପ଼ାସାଗଟା ରୂଟି ଇଞ୍ଜାଁ ରୀ ମୀଣ୍‌କାଣି
ଅ଼ହାନା ଲାକପୂରୁ ୱାକି ସିନିକିହାନା ମାହାପୂରୁଇଁ ଜହରା କିତେସି, ଇଞ୍ଜାଁ
ରୂଟି ଡ଼ିକ୍‌ହାନା ତାମି ସୀସୁୟାଁକି ହୀତେସି, ଏଚେଟିଏ ସୀସୁୟାଁ ବାରେ
ଲ଼କୁକି ହୀତେରି । ୨୦ ଏଚେଟିଏ ବାରେଜ଼ାଣା ତିଞ୍ଜାନା ପାଞ୍ଜିତେରି,
ଇଞ୍ଜାଁ ସୀସୁୟାଁ ହ଼ାରାମାଚି ରୂଟି ଗାଣ୍ଡାୟାଁ କୂଡ଼ି କିହାନା ବ଼ାରଗଟା ଡାଲିତା
ନେଞ୍ଜିକିତେରି । ୨୧ ର଼ାନ୍ଦା ତିଚି ଲ଼କୁ ଇୟାସିକା ଇଞ୍ଜାଁ କକାରି ପ଼ଦାଁଣି
ପିସାନା ବାରେ ପ଼ାସାମ଼ାଣା ଆ଼ବାୟାଁ ମାଚେରି । ୨୨ ଏ଼ ଦେବୁଣିଏ ଜୀସୁ
ତାନି ସୀସୁୟାଁଣି ଡଂଗତା ଏ଼କ୍‌ହାନା ସାମ୍‌ଦୁରି ଆତାଲାୱାକି ତାନି ନ଼କିତା
ହାଜାଲି ଏଲେଇଚେସି, ଏଚେଟିଏ ବାରେ ଲ଼କୁଣି ହାଜାଲି ହେଲ ହୀତେସି
। ୨୩ ଜୀସୁ ଲ଼କୁଣି ହେଲ ହୀତି ଡ଼ାୟୁ ପ୍ରାତାନା କିହାଲି ହ଼ରୁ ଲାକ
ହାଚେସି, ଇଞ୍ଜାଁ ମିଡ଼୍‌ଅଲା ଆ଼ହାଲିଏ ଏ଼ୱାସି ଏମ୍ବାଆଁ ରଅସିଏ ମାଚେସି ।
୨୪ ସାମା ଏଚିର଼ୱେଲା ଡଂଗ ସାମ୍‌ଦୁରି ଗାଟୁଟିଏ ହ଼ାରେକା ହେକ ମାଚେ,
ଇଞ୍ଜାଁ ସାମ୍‌ଦୁରିତା ଗ଼ାଲି ର଼ୱେଚାଲିଏ ଏ଼ ଡଂଗ ୱୀଡିମାଚେ । ୨୫ ସାମା
ର଼ୱେୟା ର଼ନେକେରି ଜୀସୁ ଏ଼ୟୁ ଲାକ ତାକି ତ଼ାକିହିଁ ସୀସୁୟାଁ ଡାଗେ ହାଚେସି
। ୨୬ ଅ଼ଡ଼େ ସୀସୁୟାଁ ଏ଼ୱାଣାଇଁ ଏ଼ୟୁ ଲାକ ତ଼ାକି ମାନାଣି ମେସାନା
ଆଜାହାଚେରି, ଇଞ୍ଜାଁ ଏଲେଇଚେରି, “ଇଦି ର଼ ବୂତୁ!” ଇଞ୍ଜାଁ ଆଜିତାକି
କିର୍‌ଡ଼ିତେରି । ୨୭ ସାମା ଜୀସୁ ଦେବୁଣିଏ ଏ଼ୱାରାଇଁ ଏଲେଇଚେସି,
“ସ଼ାସା ଆହ୍‌ଦୁ ଆଜାଆଦୁ ନ଼ାନୁ ଜୀସୁତେଏଁ!” ୨୮ ଏଚେଟିଏ ପିତର
ଏଲେଇଚେସି, “ଏ଼ ପ୍ରବୁ ସାତେଏ ନୀନୁ ଇଚିହିଁ ଏ଼ୟୁଲାକଟି ତ଼ାକିହିଁ ନୀପ
ୱ଼ାହାଲି ହୁକୁମି ହିୟାମୁ ।” ୨୯ ଜୀସୁ ଏଲେଇଚେସି “ୱ଼ାମୁ!” ଏଚେଟିଏ
ପିତର ଡଂଗଟି ର଼ରେଚାନା ଜୀସୁ ତ଼ାଣା ଏ଼ୟୁଲାକଟି ତ଼ାକିହିଁ ହାଚେସି । ୩୦
ସାମା ଗ଼ାଲି ମେସାନା ଆଜିତେସି, ଇଞ୍ଜାଁ ଏ଼ୟୁଣାଁ ମୁଞ୍ଜିହିଁ ଏଲେଇଚେସି,
“ଏ଼ ପ୍ରବୁ ନାଙ୍ଗେ ଗେଲ୍‌ପାମୁ ।” ୩୧ ଏ଼ ଦେବୁଣିଏ ଜୀସୁ କେୟୁ ଦ଼ାସାନା
ପିତରଇଁ ଆସାନା ଏଲେଇଚେସି, “ଏ଼ ଉଣା ନାମୁ ଗାଟାତି! ଏ଼ନାଆଁ
ତାକି ଆନାମାନା ଆ଼ତି?” ୩୨ ଅ଼ଡ଼େ ଏ଼ୱାରି ଡଂଗତା ହ଼ଚାଲିଏ ଗ଼ାଲି
ଡୂଙ୍ଗିତେ । ୩୩ ଏଚେଟିଏ ଡଂଗତା ମାଚି ସୀସୁୟାଁ ଜୀସୁଇଁ ଜହରା କିହାନା
ଏଲେଇଚେରି, “ନୀନୁ ସାତେଏ ମାହାପୂରୁ ମୀର୍‌ଏଣାତି ।” ୩୪ ଏ଼ୱାରି
ସାମ୍‌ଦୁରି ଗ଼ାଣ୍‌ଚାନା ଗେନେସର ର଼ାଜିତା ଏତେରି । ୩୫ ଅ଼ଡ଼େ ଏମ୍ବାତି
ଲ଼କୁ ଜୀସୁଇଁ ପୁଞ୍ଜାନା ସ଼ାରିୱାକି ମାନି ବାରେ ର଼ାଜିତା କାବୁ ପାଣ୍ଡିତେରି,
ଇଞ୍ଜାଁ ଲ଼କୁ ବାରେ ର଼ଗ ଗାଟାରାଇଁ ଜୀସୁ ତ଼ାଣା ତାତେରି; ୩୬ ଅ଼ଡ଼େ
ର଼ଗ ଗାଟାରି ଜୀସୁତି ହିମ୍ବରି କୁଡ଼୍‌ଙ୍ଗ ଡୀଗିନେରି, ଏ଼ଦାଆଁତାକି ଜୀସୁଇଁ
ବାତିମ଼ାଲିତେରି, ଇଞ୍ଜାଁ ଏଚେକା ଲ଼କୁ ଡୀଗିତେରି ବାରେ ନେହିଁ ଆ଼ତେରି
।

**୧୫** ଏଚିର଼ୱେଲାତା ଜିରୁସାଲମଟି ପାରୁସିୟାଁ ଇଞ୍ଜାଁ ର଼ମେରାପୁନାରି ଜୀସୁ
ତ଼ାଣା ୱ଼ାହାନା ଏଲେଇଚେରି, ୨ “ନୀ ସୀସୁୟାଁ ଏ଼ନାଆଁତାକି
ତଲିତି ଆକୁ ଆ଼ବାୟାଁ ଜ଼ାପ୍‌ହି ର଼ମେରା ମ଼ାନି କିହିହିଲଅରି? ଇଚିହିଁ
ର଼ାନ୍ଦା ତିନାଟି କେସ୍କା ନର୍‌ଅରି ।” ୩ ଜୀସୁ ଏ଼ୱାରାଇଁ ଏଲେଇଚେସି,
“ଏ଼ନାଆଁତାକି ମୀରୁ ଜିକେଏ ମୀ ପ଼ାଣାପ଼ାଟୁ ର଼ମେରାତାକି ମାହାପୂରୁତି
ହୁକୁମି ମ଼ାନୱି ଆ଼ହି ହିଲଅତେରି?” ୪ ମାହାପୂରୁ ଏଲେଇଞ୍ଜା ମାନେସି
ଇୟା ଆ଼ବାଇଁ ମ଼ାନି କିଦୁ, ଇଞ୍ଜାଁ ଆମ୍ବାଆସି ଇୟା କି ଆ଼ବାଇଁ ବ଼ାକା

ଇଟିନେସି ଏ଼ୱାସି ହ଼ାନି ଡଣ୍ତ ବେଟା ଆ଼ନେସି । **୫** ସାମା ମୀରୁ ଏଲେଇଞ୍ଜିମାଞ୍ଜେରି, ଆମ୍ବାଆସି ଆ଼ପେସି ତାମି ଇୟା କି ଆ଼ବାଇଁ ଏଲେଇନେସି, ନ଼ା ତ଼ାଣାଟି ମିଙ୍ଗେ ଏ଼ନାଆଁ ହିୟାତିହିଁ ନେହେଁ ଆ଼ତେମା, ଏ଼ ବାରେ ମାହାପୂରୁକି ହେର୍‌ପି ଆ଼ହାମାନେ, **୬** ଏ଼ୱାସି ସାତେଏ ତାମି ଇୟା ଆ଼ବାଇଁ ମ଼ାନି କିଅସି । ଇଲେକିହିଁ ମୀରୁ ମୀ ପ଼ାଣାପ଼ାଟୁ ମ଼େରା ତଲେ ମାହାପୂରୁ କାତା ଉଜେଏ କିହିମାଞ୍ଜେରି । **୭** ଆଡ଼େ କୁଟୁ ଗାଟାତେରି, ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନି ଜିସାୟ ମିଙ୍ଗେତାକି ନେହିଁକିଁ ଈ କାତା ୱେସାମାନେସି । **୮** ଈ କୂଡ଼ାତାରି ୱାର୍‌ଇ ଗୃତି ତଲେ ସ଼େବା କିୟାନେରି, ସାମା ଏ଼ୱାରି ହିୟାଁ ନ଼ା ତ଼ାଣାଟି ହେକ ଡ଼ୟିନେ । **୯** ଏ଼ୱାରି ମାଣ୍‌ସି କ଼େପିତି ପ଼ାଣା ପ଼ାଟୁତି ଦାର୍ମୁତି ନେହିଁ କାତା ଇଞ୍ଜୁଁ ଜ଼ାପ୍‌ହାନା, ଉଜେଏ ନାଙ୍ଗେ ସ଼େବା କିହିମାଞ୍ଜାନେରି । **୧୦** ଅ଼ଡ଼େ ଜୀସୁ ଲ଼କୁଣି ଡାଗେ ହ଼ାଟାନା ଏ଼ୱାରାଇଁ ଏଲେଇଚେସି, "ୱେଞ୍ଜୁ ଇଞ୍ଜାଁ ପୁଞ୍ଜୁ ।" **୧୧** ମାଣ୍‌ସି ଗୃତି ବିତ୍ରା ଏ଼ନାୟି ହ଼ଡ଼୍‌ନେ ଏ଼ଦି ଏ଼ୱାଣାଇଁ ଲାଗେଏ କିଏ, ସାମା ଗୃତି ବିତ୍ରାଟି ଏ଼ନାୟି ହ଼ନେ ଏ଼ଦି ମାଣ୍‌ସିଇଁ ଲାଗେଏ କିନେ । **୧୨** ଏଚିବ଼େଲା ସୀସୁୟାଁ ଜୀସୁ ତ଼ାଣା ୱ଼ାହାନା ଏଲେଇଚେରି, ପାରୁସିୟାଁ ଈ କାତା ୱେଞ୍ଜାନା କସ୍ତ ବେଟାଆ଼ହି ମାନେରି ଈଦାଆଁ ନୀନୁ ପୁଞ୍ଜା ମାଞ୍ଜିକି? **୧୩** ସାମା ଜୀସୁ ଏଲେଇଚେସି, "ନ଼ା ଲାକପୂରୁତି ଆ଼ବା ଆମିନି ମ଼ାର୍‌ନୁ ଉହା ହିଲଅସି ଏ଼ ବାରେ ରେୱି ଆ଼ନୁ ।" **୧୪** ପାରୁସିୟାଁ କାତା ୱେନାଆଦୁ, ଏ଼ୱାରି କ଼ାଣାୟାଁ ଆ଼ହାନା କ଼ାଣାୟାଁଇଁ ଜିରୁ ତ଼ହ୍‌ନେରି, ଇଞ୍ଜାଁ କ଼ାଣା ଅ଼ର କ଼ାଣାଇଁ ଜିରୁ ତ଼ସ୍ତିହିଁ ରିଆରି ଜିକେଏ ଗ଼ାଡ଼୍‌ୟୁତା ତର୍‌ଗିନେରି । **୧୫** ପିତର ଏଲେଇଚେସି, "ଏ଼ ପୁଣ୍‌ମ୍ବିକିନି କାତା ମାଙ୍ଗେ ୱେସ୍ତାମୁ ।" **୧୬** ଜୀସୁ ଏଲେଇଚେସି, "ମୀରୁ ଜିକେଏ ନୀଏଁ ପାତେକା ପୁନାଆ ଗାଟାତେରି?" **୧୭** ଏ଼ନାୟି ଗୃତିଟି ହ଼ଡ଼୍‌ନେ ଏ଼ଦି ବାଣ୍ତିତା ହାଜାନା ଏ଼ଦି ବାଣ୍ତିହାନିଲେହେଁ ହ଼ଚା ହାନେ, ଈଦାଆଁ ପୁଞ୍ଜି ହିଲଅତେରି? **୧୮** ସାମା ଗୃତିଟି ଏ଼ନାୟି ହ଼ଚିମାନେ ଏ଼ଦି ହିୟାଁଟି ହ଼ଚିମାନେ ଏ଼ଦିଏ ମାଣ୍‌ସିଇଁ ଲାଗେଏ କିହିମାନେ । **୧୯** ଇଚିହିଁ ହିୟାଁଟି ଲାଗେଏତି ଅଣ୍‌ପୁ ହ଼ନେ, ଇଚିହିଁ ଲ଼କୁଣି ପ଼ାୟିନାୟି, ଦ଼ାରି କାମା କିୟାଲି, ଲାଗେଏ ପ଼ଲେଏ କାମା କିହାଲି, ସ଼ରୁ କାମା କିହାଲି, ମିଚି ସ଼ାକି ହୀହାଲି ଇଞ୍ଜାଁ ନିନ୍ଦା କାତା ଜ଼ଲାଲି; **୨୦** ଈ ବାରେ କାମା ମାଣ୍‌ସିଇଁ ଲାଗେଏ କିନେ, ସାମା କେୟୁ ନର୍‌ଆନା ତିନାୟି ମାଣ୍‌ସିଇଁ ଲାଗେଏ କିଏ । **୨୧** ଜୀସୁ ଏ଼ ଟ଼ାୟୁ ପିସାନା ସ଼ର ଅ଼ଡ଼େ ସିଦନ ର଼ାଜିତା ହାଚେସି । **୨୨** ଅ଼ଡ଼େ ମେହ୍‌ଦୁ ଏ଼ ହାନ୍ଦିଟି କିଣାନ ଦ଼େସାତି ର଼ ଇୟା ୱ଼ାହାନା କାଜା ଗିୟାଁତଲେ ଏଲେଇଚେ, "ଏ଼ ପ୍ରବୁ ଦାୱୁଦ ମୀର୍‌ଏଣାତି ନାଙ୍ଗେ କାର୍ମା ମେସ୍ତାମୁ ଇଚିହିଁ ନ଼ା ମ଼ାଙ୍ଗାନି ହ଼ାରେକା ଆଜିହ଼ପେତି ବୂତୁ ଆସାନା କସ୍ତ ଆ଼ହିମାନେ ।" **୨୩** ସାମା ଜୀସୁ ଏ଼ଦାନି ର଼ ପଦୁ ଜିକେଏ ଜ଼ଲାଆତେସି । ଇଞ୍ଜାଁ ତାନି ସୀସୁୟାଁ ୱ଼ାହାନା ଏ଼ୱାଣାଇଁ ଏଲେଇଚେରି, "ଈଦାନି ହେଲ ହୀହାନା ପାଣ୍ତାତୁହ୍‌ମୁ, ଏ଼ନାଆଁତାକି ଇଚିହିଁ ଈଦି ମ଼ା ଜ଼େଚ କ଼ାଲ୍‌ୱି ଆ଼ହିମାନେ!" **୨୪** ସାମା ଜୀସୁ ଏଲେଇଚେସି, "ନ଼ାନୁ ଇସ୍ରାୟେଲ କୂଡ଼ାତା ଜ଼ାଙ୍ଗାମାନି ମ଼େଣ୍ତାୟାଁ ପିସ୍‌ପେ ଅ଼ଡ଼େ ଆମ୍ବାଆରି ତ଼ାଣା ପାଣ୍ତୱି ଆ଼ହାହିଲଅଁ ।" **୨୫** ଏ଼ ଇୟା ୱ଼ାହାନା ଜହରା କିହାନା ଏଲେଇଚେ, "ଏ଼ ପ୍ରବୁ ନାଙ୍ଗେ କାର୍ମା ମେସ୍ତାମୁ ।" **୨୬** ସାମା ଜୀସୁ ଏଲେଇଚେସି, "ମୀର୍‌କା ମ଼ାସ୍‌କା କ଼ାଦି ଅ଼ହାନା ନେସ୍‌କା ଡାଗେ ମେତ୍‌ନାୟି ନେହେଁ ଆ଼ଏ ।" **୨୭** ଏ଼ ଇୟା ଏଲେଇଚେ, "ହାଅ ପ୍ରବୁ ଇଚିହିଁ ନେସ୍‌କା ତାମି ସ଼ାୱୁକାରିୟାଁ ତ଼ାଣାଟି ତର୍‌ଗାମାନି ଜୁଟା ର଼ାନ୍ଦା ପେର୍‌ହା ତିନୁ ।" **୨୮** ଏଚେଟିଏ ଜୀସୁ ଏ଼ ଇୟାନି ଏଲେଇଚେସି, "ଏ଼ ଇୟା ନୀଦି ହ଼ାରେକା କାଜା ନାମୁ ନୀ ମ଼ନ ଲେହେଁଏ ନିଙ୍ଗୁ ଆୟାପେ ।" ଏ଼ ଦେବୁଣିଏ ତାନି ମ଼ାଙ୍ଗା ନେହେଁ ଆ଼ତେ । **୨୯** ଜୀସୁ ଏମ୍ବାଟିଏ ହାଜାନା ଗାଲିଲି ସାମ୍‌ଦୁରି ଡାଗେ ୱ଼ାତେସି, ଅ଼ଡ଼େ ହ଼ରୁ ଲାକ ହାଜାନା କୁଗିତେସି । **୩୦** ଅ଼ଡ଼େ ହ଼ାରେକା ଲ଼କୁ ସଟାୟାଁ, ଟୁଡୁୱାୟାଁ, କ଼ାଣାୟାଁ, ଗୁଲାୟାଁ, ହ଼ାରେକା ଲ଼କୁଇଁ ତାମିତଲେ ତାଚାନା ଜୀସୁ କଡାଁ ଡ଼ଇ ଇଟିତେରି, ଅ଼ଡ଼େ ଏ଼ୱାସି ଏ଼ୱାରାଇଁ ନେହିଁ କିତେସି । **୩୧** ଇଲେକିହିଁ ବେବ୍‌ଡ଼ାୟାଁ ଜ଼ଲିମାନେରି, ଟୁଡୁୱାୟାଁ ନେହିଁ ଆ଼ହିମାନେରି, ସଟାୟାଁ ତ଼ାକି ମାନେରି ଅ଼ଡ଼େ କ଼ାଣାୟାଁ ମେସିମାନେରି; ଈ ବାରେ ମେସାନା ଲ଼କୁ କାବା ଆ଼ତେରି, ଇଞ୍ଜାଁ ଇସ୍ରାୟେଲତି ମାହାପୂରୁଇଁ ଜହରା କିତେରି । **୩୨** ଅ଼ଡ଼େ ଜୀସୁ ତାନି ସୀସୁୟାଁଇଁ ଡାଗେ ହ଼ାଟାନା ଏଲେଇଚେସି, "ଈ ବାରେ ଲ଼କୁତାକି ନାଙ୍ଗେ କାର୍ମା ହ଼ଚିମାଞ୍ଜାନେ, ଏ଼ନାଆଁତାକି ଇଚିହିଁ ଈୱାରି ତୀନିଦିନା ଆ଼ତେରିଏ ନ଼ା ତଲେ ମାଞ୍ଜାମାନେରି, ଅ଼ଡ଼େ ଈୱାରି ତ଼ାଣା ଏ଼ନାୟିୱା ତିଞ୍ଜାଲି ହିଲେଏ; ଈୱାରି ହାନାଟି ଜୀୱୁ ହ଼ଚା ହ଼ାତିଲେହେଁ ଜିରୁତା ତର୍‌ଗିନେରି, ଏ଼ଦାଆଁତାକି ହାକିଟି ପାଣ୍ତାଲି ନ଼ା ମ଼ନ ହିଲେଏ ।" **୩୩** ସୀସୁୟାଁ ଏ଼ୱାଣାଇଁ ଏଲେଇଚେରି, "ଇଚେକା ଲ଼କୁତାକି ବାଣ୍ତି ପାଞ୍ଜିକିହାଲି ଈ ଏ଼ନାଆଁ ହିଲାଆ ଟ଼ାୟୁତା ଏମ୍ବିଟି ରୂଟି ପ଼ାଣ୍‌ନାୟି ।" **୩୪** ଜୀସୁ ଏ଼ୱାରାଇଁ ୱେଚେସି, "ମୀ ତ଼ାଣା ଏଚରଗଟା ରୂଟି ମାନୁ?" ଏ଼ୱାରି ଏଲେଇଚେରି, "ସ଼ାତାଗଟା ଇଞ୍ଜାଁ ଏଚରଗଟା ଉଣା ମୀଣ୍‌କା ମାନୁ ।" **୩୫** ଏଚେଟିଏ ଜୀସୁ ଲ଼କୁଣି ବୂମିତା କୁଗାଲି ହୁକୁମି ହୀତେସି, **୩୬** ଅ଼ଡ଼େ ଜୀସୁ ଏ଼ ସ଼ାତାଗଟା ରୂଟି ଇଞ୍ଜାଁ ମୀଣ୍‌କାଣି ମାହାପୂରୁ ତ଼ାଣା ଜହରା କିହାନା ସୀସୁୟାଁକି ହୀତେସି; ଏ଼ୱାରି ଲ଼କୁତାକି ହୀତେରି । **୩୭** ଅ଼ଡ଼େ ଲ଼କୁ ତିଞ୍ଜାନା ପାଞ୍ଜିତି ଡ଼ାୟୁ, ଡୀଗିତି ରୂଟି ସ଼ାତା ଡାଲି ହ଼ାରିତାଣି କୂଡ଼ି କିତେରି । **୩୮** ରୂଟି ତିଚି ଲ଼କୁ ଇୟାସିକା ଅ଼ଡ଼େ ଉଣା କକାରି ପ଼ଦାଁଣି ପିସାନା ସ଼ାରି ମ଼ାଣା ଆ଼ବାୟାଁ ମାଚେରି । **୩୯** ଏଚେଟିଏ ଏ଼ୱାସି ଲ଼କୁଣି ହେଲ ହୀହାନା ଡଂଗତା ହ଼ଚାନା ମଗଦାନ ହାନ୍ଦିତା ୱ଼ାତେସି ।

**୧୬** ଏଚେକା ପାରୁସି ଅ଼ଡ଼େ ସାଦୁକିୟାଁ ଜୀସୁ ତ଼ାଣା ୱ଼ାହାନା ତାୟିପାରି କିହାଲି, ମାଙ୍ଗେ ହ଼ାଗୁ ଲାକଟି ର଼ ସିନା ତ଼ସ୍ତାମୁ ଇଞ୍ଜୁଁ ବାତିମ଼ାଲିତେରି । **୨** ସାମା ଜୀସୁ ଏ଼ୱାରାଇଁ ଏଲେଇଚେସି, "ମିଡ଼୍‌ଅଲା ବ଼େଲା ଏଲେଇଞ୍ଜେରି, ୱିଏ କାରା ଆ଼ନେ, ଇଚିହିଁ ହ଼ାଗୁ ଗାଦ୍‌ଗା ଆ଼ହାମାନେ ।" **୩** ଅ଼ଡ଼େ ଲ଼ାଇ ବ଼େଲା ଏଲେଇଞ୍ଜେରି, ନୀଞ୍ଜୁ ପିୟୁ ଆ଼ନେ, ଇଚିହିଁ ହ଼ାଗୁ ଗାଦ୍‌ଗା ଅ଼ଡ଼େ ଦୂନ୍କା ମୁଚାମାନେ । ମୀରୁ ହ଼ାଗୁତି ପ଼ାଗା ମେସାନା ନ଼କିତି କାତା ପୁଞ୍ଜାଲି ଆ଼ଡି ମାଞ୍ଜେରି, ସାମା ନୀଏଁତି କାତା ଅ଼ଡ଼େ ସିନାୟାଁ ପୁଞ୍ଜି ହିଲଅତେରି । **୪** ପ଼ଲ୍‌ଆ ଗାଟାରି ଇଞ୍ଜାଁ ମାହାପୂରୁଇଁ

ଅଣ୍‌ପାଆଗାଟି କୂଡ଼ାତାରି ସିନାୟାଁ ପାରିନେରି, ସାମା ଜୁନସତି ସିନା
ପିସ୍‌ପେ ଅ଼ଡେ଼ ଏଟ୍‌କାତି ସିନା ଏ଼ୱାରାକି ହୀପ୍‌କି ଆ଼ଏ, ଇଞ୍ଜାଁ ଏ଼ୱାସି
ଏ଼ୱାରାଇଁ ପିସାନା ହାଚେସି । ୫ ସୀସୁୟାଁ ସାମ୍‌ଦୁରି ଆତାଲା ହାଜାନା
ସିନିକିତେରି, ଏ଼ୱାରି ରୂଟି ଅ଼ହାଲି ବା଼ଣା ଆ଼ହା ହାଜାମାନେରି । ୬ ଜୀସୁ
ଏ଼ୱାରାଇଁ ଏଲେଇଚେସି, “ଜାଗ୍ରାତା ଆ଼ଦୁ, ପାରୁସିୟାଁ ଅ଼ଡେ଼ ସାଦୁକିୟାଁ
ପୁଲା ଏ଼ୟୁଟି ଜାଗ୍ରାତା ଆ଼ହାଁ ମାଞ୍ଜୁ ।” ୭ ଏମ୍ବାଟିଏ ଏ଼ୱାରି ତା଼ମ୍ବୁ ତା଼ମ୍ବୁଏ
ଜ଼ଲ୍‌କି ଆ଼ହାଲି ମା଼ଟ୍‌ହେରି, “ମା଼ର ରୂଟି ତାଚା ହିଲାଆୟି ଇଞ୍ଜାଁ ଏ଼ୱାସି
ଏଲେଇଞ୍ଜିମାଞ୍ଜାନେସି ।” ୮ ସାମା ଜୀସୁ ଏ଼ଦାଆଁ ପୁଞ୍ଜାନା ଏଲେଇଚେସି,
“ଆଡେ଼ ଉଣା ନାମୁ ଗାଟାତେରି, ମୀ ବିତ୍ରା ରୂଟି ହିଲେଏ ଇଞ୍ଜାଁ ଏ଼ନାଆଁତାକି
ୱେସ୍‌ପି ଆ଼ହିମାଞ୍ଜେରି? ୯ ମୀରୁ ନୀଏଁ ପାତେକା ପୁଞ୍ଜି ହିଲଅତେରି? ଏ଼
ପା଼ସାମା଼ଣା ଲ଼କୁତି ପା଼ସାଗଟା ରୂଟି ଡ଼ିକ୍‌ହାନା ହୀହା ମାଚେଏଁ, ଇଞ୍ଜାଁ ମୀରୁ
ଏଚର ଡାଲି ହା଼ରିତାଣି କୂଡ଼ି କିତେରି, ୧୦ ଇଞ୍ଜାଁ ଏ଼ ସା଼ରି ମା଼ଣା ଲ଼କୁତି
ସାତା ଗଟା ରୂଟି, ଇଞ୍ଜାଁ ଏଚର ଡାଲି ହା଼ରିତାଣି କୂଡ଼ି କିତେରି, ଏ଼ ବାରେ
ମିଞ୍ଜେ ଅଣ୍‌ପୁ ହିଲେଏ? ୧୧ ନା଼ନୁ ମିଞ୍ଜେ ରୂଟି କାତା ୱେସାମାଞ୍ଜାଆତେଏଁ,
ଇଦାଆଁ ଏ଼ନିକିଁ ପୁଞ୍ଜି ହିଲଅତେରି? ସାମା ପାରୁସିୟାଁ ଅ଼ଡେ଼ ସାଦୁକିୟାଁ
ପୁଲା ଏ଼ୟୁଟି ଜାଗ୍ରାତା ଆ଼ହାନା ମାଞ୍ଜୁ ।” ୧୨ ଏ଼ୱାସି ରୂଟି ତାକି ଲ଼ଡ଼ାମାନି
ପୁଲା ଏ଼ୟୁତାକି ଜାଗ୍ରାତା ଆ଼ହାନା ମାଞ୍ଜାଲି ୱେହ୍‌ଆନା, ପାରୁସିୟାଁ
ଅ଼ଡେ଼ ସାଦୁକିୟାଁ ଜା଼ପ୍‌ନି ତା଼ଣାଟି ଜାଗ୍ରାତା ଆ଼ହାଁ ମାଞ୍ଜାଲି ଏ଼ୱାରାଇଁ
ୱେସାମାଚେସି, ଏ଼ଦାଆଁ ଏ଼ୱାରି ଏଚିବେଲା ପୁଚେରି । ୧୩ ଡା଼ୟୁ ଜୀସୁ
କାୟିସରିୟା ପିଲିପି ରା଼ଜିତା ୱା଼ହାନା ତାନି ସୀସୁୟାଁଇଁ ୱେଚେସି, “ମାଣ୍‌ସି
ମୀର୍‌ଏସି ଆମ୍ବାଆସି ଇଞ୍ଜାଁ ଲ଼କୁ ୱେସିମାନେରି?” ୧୪ ଏଚେଟିଏ ଏ଼ୱାରି
ଏଲେଇଚେରି, “ଆମ୍ବା ଆମ୍ବାଆରି ବାପ୍ତିସ୍ମ ହୀନି ଜହନ, ଆମ୍ବା ଆମ୍ବାଆରି
ଏଲିୟ, ଅ଼ଡେ଼ ଆମ୍ବା ଆମ୍ବାଆରି ଜିରିମିୟ ଆ଼ଆତିଁ ମାହାପୂରୁ ଅଣ୍‌ପୁତି
ବ଼ଲୁ ୱେହ୍‌ନାରି ତା଼ଣାଟି ରଅସି ।” ୧୫ ଜୀସୁ ଏ଼ୱାରାଇଁ ୱେଚେସି, “ସାମା
ନା଼ନୁ ଆମ୍ବାଆତେଏଁ ଇଞ୍ଜାଁ ମୀରୁ ୱେସିମାଞ୍ଜେରି?” ୧୬ ସିମନ ପିତର
ଏଲେଇଚେସି, “ନୀନୁ କ୍ରୀସ୍ତ, ଜୀୱୁଗାଟି ମାହାପୂରୁ ମୀର୍‌ଏଣାତି ।” ୧୭
ଏଚେଟିଏ ଜୀସୁ ଏ଼ୱାଣାଇଁ ଏଲେଇଚେସି, “ଏ଼ ଜୁନସ ମୀର୍‌ଏଣାତି ସିମନ,
ନୀନୁ ନେହେଁ, ଇଚିହିଁ ମାଣ୍‌ସି ନୀ ତା଼ଣାଟି ଇଦାଆଁ ୱେକ୍‌ହାମାଞ୍ଜଅସି,
ସାମା ନା଼ ଲାକପୂରୁତି ଆ଼ବା ୱେ଼କ୍‌ହାମାଞ୍ଜାନେସି । ୧୮ ଅ଼ଡେ଼ ନା଼ନୁ
ଜିକେଏ ନିଞ୍ଜେ ୱେସିମାଞ୍ଜାଇଁ, ନୀନୁ ପିତରତି, ଇଞ୍ଜାଁ ଇ ୱାଲି ଲାକ
ନା଼ନୁ ନା଼ କୁଲମିତି କେ଼ପିଇଁ, ଅ଼ଡେ଼ ହା଼କିତି ବା଼ଡ଼୍‌ୟୁ ଏ଼ଦାଆଁ ମେ଼ଙ୍କ୍‌ହାଲି
ଆ଼ଡେଏ । (Hadēs g86) ୧୯ ନା଼ନୁ ନିଞ୍ଜ ଲାକପୂରୁତି କୁଚିକା଼ଡ଼ି ହିୟାଇଁ,
ଅ଼ଡେ଼ ନୀନୁ ଦାର୍‌ତିତା ଏ଼ନାଆଁ ସୁ଼ଣ୍ଡିଦି, ଏ଼ଦି ଲାକପୂରୁ ରା଼ଜି ଜିକେଏ
ସୁ଼ଣ୍ଡକି ଆ଼ନେ, ଅ଼ଡେ଼ ଦାର୍‌ତିତା ଏ଼ନାଆଁ ଦେଏଦି ଏ଼ଦି ଲାକପୂରୁ ଜିକେଏ
ଦେପି ଆ଼ନେ ।” ୨୦ ଏଚିବେଲା ଏ଼ୱାସିଏ କ୍ରୀସ୍ତ ଇଞ୍ଜାଁ ଆମ୍ବାଆରାଇଁ
ୱେହ୍‌ଆଦୁ ଇଞ୍ଜାଁ ଏ଼ୱାସି ତାମି ସୀସୁୟାଁଣି ଜାଣ୍ଡେ କିହିଁ ହୁକୁମି ହୀତେସି ।
୨୧ ଏଚିବେଲାଟିଏ ଜୀସୁ ତାନି ସୀସୁୟାଁଣି ୱେସାଲି ମା଼ଟ୍‌ହେସି, ନା଼ନୁ
ଜିରୁସାଲମତା ହାନାୟିମାନେ, ଇଞ୍ଜାଁ ପ୍ରାଚିନାଞ୍ଜା, କାଜା ପୂଜେରାଞ୍ଜା ଅ଼ଡେ଼
ମେ଼ରାପୁନାରି ତା଼ଣାଟି ହା଼ରେକା ଦୁ଼କୁ ବେଟାଆ଼ହାନା ହା଼ନାୟି ମାନେ,
ଇଞ୍ଜାଁ ତୀନି ଦିନାଟିଏ ୱେଣ୍ଡେ ନିଞ୍ଜିନାୟି ମାନେ । ୨୨ ଏଚେଟିଏ ପିତର
ଏ଼ୱାଣାଇଁ ଅ଼ରୱାକି ଅ଼ହାନା ଲା଼ଗାନା ଏଲେଇଚେସି, “ଏ଼ ପ୍ରବୁ, ମାହାପୂରୁ
ନିଞ୍ଜ କାର୍ମା ଆୟାପେସି, ଇଲେତାୟି ନିଞ୍ଜେ ଏଚେଲାୱା ଆ଼ୟାଆପେ
।” ୨୩ ସାମା ଜୀସୁ ଡା଼ୟୁୱାକି ସିନିକିହାନା ପିତରଇଁ ଏଲେଇଚେସି,
“ଏ଼ ସୟତାନ ନା଼ ତା଼ଣାଟି ହେକ ଆ଼ମୁ, ନୀନୁ ନା଼ ସାତୁ ଲେହେଁ, ଇଚିହିଁ
ନୀନୁ ମାହାପୂରୁ କାତା ଅଣ୍‌ପାଆନା ମାଣ୍‌ସିତି କାତା ଅଣ୍‌ପିମାଞ୍ଜି ।” ୨୪
ଏଚିବେଲା ଜୀସୁ ତାନି ସୀସୁୟାଁଣି ଏଲେଇଚେସି, “ଆମ୍ବାଆସି ନା଼ ଜେ଼ଚ
ତା଼କାଲି ମ଼ନ କିତିହିଁ, ଏ଼ୱାସି ତା଼ନୁଏ ତାଞ୍ଜେ ଅ଼ପାକଡାଆନା ତାନି କ୍ରୁସ
ଡେ଼କାନାହାଁ ନା଼ ଜେ଼ଚ ତା଼କାପେସି । ୨୫ ଇଚିହିଁ ଆମ୍ବାଆସି ତାନି ଜୀୱୁ
ନୀଟ୍‌ହା କଡାଲି ମ଼ନ କିନେସି, ଏ଼ୱାସି ହା଼ୱି କିନେସି; ସାମା ଆମ୍ବାଆସି
ନା଼ ତାକି ତାନି ଜୀୱୁ ହୀନେସି ଏ଼ୱାସି ନୀଟ୍‌ହା କଡିନେସି । ୨୬ ଅ଼ଡେ଼
ମାଣ୍‌ସି ଇ ଦାର୍‌ତିତା ମାନାଣି ବାରେ ମେଡ଼ି କିହାନା ତାନି ଜୀୱୁତି ହା଼ୱି
କିନେସି, ଆତିହିଁ ଏ଼ୱାଣାକି ଏ଼ନି ଲା଼ବା, ଇଞ୍ଜାଁ ମାଣ୍‌ସି ତାନି ଜୀୱୁତି
ବାଦୁଲି ଏ଼ନାଆଁ ହୀନେସି? ୨୭ ଇଞ୍ଜାଁ ମାଣ୍‌ସି ମୀର୍‌ଏସି ତାନି ଆ଼ବାତି
ଗାୱୁରମିଟି ତାନି ଦୂତୁୟାଁ ତଲେ ୱା଼ନେସି, ଏଚିବେଲା ଏ଼ୱାସି ବାରେ
ଲ଼କୁକି ତାନି କାମାତି ଲେକା ତଲେ ପା଼ଡେ଼ୟି ହୀନେସି । ୨୮ ନା଼ନୁ ମିଞ୍ଜେ
ସାତା ୱେସିମାଞ୍ଜାଇଁ, ମାଣ୍‌ସି ମୀର୍‌ଏସି ତାନି ରା଼ଜିତା ରାଜାଆ଼ହାଁ ୱା଼ନାଣି
ମେହ୍‌ଆ ପାତେକା ଇମ୍ବାଆଁ ମାନି ଲ଼କୁ ବିତ୍ରାଟି ଏଚରଜା଼ଣା ହା଼ଅରି ।”

**୧୭** ଜୀସୁ ସ଼ ଦିନା ଡା଼ୟୁ ପିତର, ଜାକୁବ, ଅ଼ଡେ଼ ତାନି ତାୟି ଜହନଇଁ
ଏଟ୍‌କା କିହାନା ଏ଼ୱାରାଇଁ ର଼ ପାଡାଆ଼ତି ହ଼ରୁ ଲାକ ଅ଼ତେସି
। ୨ ଅ଼ଡେ଼ ଏ଼ୱାସି ଏ଼ୱାରି ନ଼କିତା ତାନି ୱା଼ଣା ବାଦ୍‌ଲୱି ଆ଼ହାନା
ତାନି ମୂମ୍ବୁ ୱେଡ଼ାଲେହେଁ ଉଜେଡ଼ି ଇଞ୍ଜାଁ ତାନି ହିମ୍ବରି ଉଜେଡ଼ି ଲେହେଁ
ଦବ୍‌ଲା ଆ଼ତେ । ୩ ଇଞ୍ଜାଁ ମେହ୍‌ଦୁ ମ଼ସା ଅ଼ଡେ଼ ଏଲିୟ ଜୀସୁତଲେ କାତା
ଆ଼ହିମାଚାଣି ମେସ୍ତେରି । ୪ ଏମ୍ବାଟିଏ ପିତର ଜୀସୁଇଁ ଏଲେଇଚେସି,
“ଏ଼ ପ୍ରବୁ ମା଼ର ଇ ଟା଼ୟୁତା ମାନାୟି ନେହେଁ; ନୀ ମ଼ନ ଆତିହିଁ ନା଼ନୁ
ଇମ୍ବାଆଁ ତୀନିଗଟା ଗୂଡ଼ାୟାଁ କେ଼ପିଇଁ, ନିଞ୍ଜେତାକି ରଣ୍ଡାଆଁ ମ଼ସାକି ରଣ୍ଡାଆଁ
ଇଞ୍ଜାଁ ଏଲିୟକି ରଣ୍ଡାଆଁ ।” ୫ ଇ କାତା ୱେସ୍‌ପନିଏ ମେହ୍‌ଦୁ ଇଚାୟି
ହା଼ଗୁ ୱା଼ହାନା ଏ଼ୱାରାଇଁ ପ୍ଲିକ୍‌ହେ, ଇଞ୍ଜାଁ ଏ଼ ହା଼ଗୁଟି ଇ ହା଼ଡା ୱେ଼ଞ୍ଜିତେ,
“ଇୱାସି ନା଼ ଜୀୱୁତି ମୀର୍‌ଏସି ଇୱାଣି ତା଼ଣେଏ ନା଼ ରା଼ହାଁ ମାନେ,
ଇୱାଣି ବ଼ଲୁ ୱେଞ୍ଜୁ ।” ୬ ଇ ହା଼ଡା ୱେଞ୍ଜାହାଁ ସୀସୁୟାଁ ମୁନୁ କୁତିହିଁ
ରୀତେରି ଇଞ୍ଜାଁ ହା଼ରେକା ଆଜିତେରି । ୭ ଏମ୍ବାଟିଏ ଜୀସୁ ୱା଼ହାନା
ଏ଼ୱାରାଇଁ ଡୀଗାନା ଏଲେଇଚେସି, “ନିଙ୍ଗ୍ଦୁ ମୀରୁ ଆଜାଆଦୁ ।” ୮ ଇଞ୍ଜାଁ
ଏ଼ୱାରି ଲାକ ସିନିକିହାଲିଏ ଜୀସୁ ପିସ୍‌ପେ ଆମ୍ବାଆରାଇଁ ମେହ୍‌ଆତେରି
। ୯ ଏ଼ୱାରି ହ଼ରୁ ଲାକଟି ରେ଼ଚା ୱା଼ହିମାଚାଟି ଜୀସୁ ଏ଼ୱାରାଇଁ ହୁକୁମି
ହୀହାନା ଏଲେଇଚେସି, “ମାଣ୍‌ସି ମୀର୍‌ଏସି ହା଼ତାରି ତା଼ଣାଟି ନିଙ୍ଗିଆ
ପାତେକା ଇ ମେସାମାନି କାତା ଆମ୍ବାଆରାଇଁ ୱେହ୍‌ଅତେରି ।” ୧୦
ଏ଼ଦାଆଁତାକି ସୀସୁୟାଁ ଏ଼ୱାଣାଇଁ ୱେଚେରି, “ଆତିହିଁ ନ଼କେଏ ଏଲିୟ

ୱ଼ାନାୟି ମାନେ ଇଞ୍ଜୁଁ ମ଼େରାପୁନାରି ଏ଼ନାଆଁତାକି ୱେସିମାନେରି?” **୧୧**
ଏ଼ୱାସି ଏଲେଇଚେସି, “ଏଲିୟ ୱ଼ାହାନା ବାରେ ଅ଼ଡ଼େ ୱେଣ୍ଡ୍ରେ ଇଟିନାୟି
ସାତା” **୧୨** ସାମା ନ଼ାନୁ ମିଡ୍ଗେ ୱେସିମାଞ୍ଜାଇଁ, “ଏଲିୟ ୱ଼ାହା ର଼ାତେସିଏ,
ସାମା ଲ଼କୁ ଏ଼ୱାଣାଇଁ ପୁନାଆନା ଏ଼ନିକିହାଲି ମ଼ନ ଏଲେକିତେରି
। ଏଲେକିହିଁଏ ମାଣ୍ସି ମୀର୍ଏସି ଜିକେଏ ଏ଼ୱାରି କେୟୁତା ଦୁକୁ
ବେଟାଆ଼ହାଲି ହାଜିମାନେସି ।” **୧୩** ଏଚିବେ଼ଲା ଏ଼ୱାରାଇଁ ବାପ୍ତିସ୍ମ ହୀନି
ଜହନତି କାତା ୱେସିମାନେସି, ଏଚିବେ଼ଲା ସୀସୁୟାଁ ପୁଚେରି । **୧୪** ଡ଼ାୟୁ
ଏ଼ୱାରି ଲ଼କୁତ଼ାଣା ୱ଼ାହାଲିଏ, ରଅସି ଜୀସୁ ତ଼ାଣା ୱ଼ାହାଁ ମେଣ୍ତ୍ରାକୁତାନା
ଏଲେଇଚେସି, **୧୫** “ପ୍ରବୁ ନ଼ା କକାଣାଇଁ କାର୍ମା ମେହ୍ମୁ, ଇଚିହିଁ ଏ଼ୱାସି
କାଟିୱେନି ନ଼ମେରି ତାକି ହ଼ାରେକା କସ୍ତ ଆ଼ହିମାନେସି, ଏ଼ୱାସି ଏଚର
ପ଼ାଲି ହିଚୁତା ଅ଼ଡ଼େ ଏ଼ୟୁଣାଁ ତର୍ଗା ହାଜିମାନେସି । **୧୬** ନ଼ାନୁ ମୀ
ସୀସୁୟାଁ ତ଼ାଣା ଏ଼ୱାଣାଇଁ ତାଚାମାଚେଏଁ, ସାମା ଏ଼ୱାରି ଏ଼ୱାଣାଇଁ ନେହିଁ
କିହାଲି ଆ଼ଡାଆତେରି ।” **୧୭** ଜୀସୁ ଏଲେଇଚେସି, “ଆଡ଼େ ନାମାଆଗାଟି
ଲାଗେଏ ପ଼ଲେଏ କାମା କିନି କୂଡ଼ାତାତେରି, ଏଚର କ଼ାଲା ପାତେକା ନ଼ାନୁ
ମୀ ତଲେ ଡ଼ୟିଇଁ? ଏଚର କ଼ାଲା ମୀ ଲ଼େମ୍ବାନାଣି ଅ଼ର୍ହିଇଁ? କକାଣାଇଁ
ଇମ୍ବାଆଁ ନ଼ା ତ଼ାଣା ତାଦୁ ।” **୧୮** ଅ଼ଡ଼େ ଜୀସୁ ବୂତୁଇଁ ଦାକା ହୀହାଲିଏ,
ବୂତୁ ଏ଼ୱାଣାଇଁ ପିସା ହାତୁସ୍ତେ, ଏ଼ ଦେବୁଣିଏ କକାସି ନେହିଁଆ଼ତେସି ।
**୧୯** ଏଚେଟିଏ ସୀସୁୟାଁ ମେଣେଏ ଜୀସୁ ତ଼ାଣା ୱ଼ାହାନା ଏଲେଇଚେରି,
“ମ଼ାମ୍ବୁ ଏ଼ନାଆଁତାକି ଏ଼ ବୂତୁ ପିସ୍ପି କିହାଲି ଆ଼ଡାଆତମି?” **୨୦** ଏ଼ୱାସି
ଏ଼ୱାରାଇଁ ଏଲେଇଚେସି, “ମୀ ଊଣା ନାମୁ ତାକି, ଇଚିହିଁ ନ଼ାନୁ ମିଡ୍ଗେ
ସାତା ୱେସିମାଞ୍ଜାଇଁ, ର଼ ହାର୍ସୁ ପ଼ାଡ଼େୟି ସମାନା ମୀ ନାମୁ ମାଚିହିଁ, ଈ
ହ଼ରୁତି ଇମ୍ବାଟି ଏମ୍ବାଆଁ ଗୁଚାଆ଼ମୁ ଇଚିହିଁ, ଏ଼ଦି ଗୁଚାଆ଼ନେ, ଅ଼ଡ଼େ
ଏ଼ନାୟି ଜିକେଏ ଆ଼ଆଗାଟାୟି ହିଲେଏ । **୨୧** ସାମା ପ୍ରାତାନା ଅ଼ଡ଼େ
ଉପାସା ପିସ୍ପେ ଅ଼ଡ଼େ ଏ଼ନି ଉପେୟିଟି ଇଲେତି ବୂତୁ ହ଼ଚା ହାଲେଏ
।” **୨୨** ଅ଼ଡ଼େ ଏ଼ୱାରି ଗାଲିଲିତା ରୁଣ୍ଡା ଆ଼ତି ବେ଼ଲାତା ଜୀସୁ ଏ଼ୱାରାଇଁ
ୱେସ୍ତେସି, “ମାଣ୍ସି ମୀର୍ଏସି ମାଣ୍ସିୟାଁ କେୟୁତା ହେର୍ପି ଆ଼ହାଲି
ହାଜିମାନେସି, **୨୩** ଇଞ୍ଜୁଁ ଏ଼ୱାରି ଏ଼ୱାଣାଇଁ ପ଼ାୟିନେରି; ଅ଼ଡ଼େ ତୀନି
ଦିନାଟିଏ ଏ଼ୱାସି ୱେଣ୍ଡ୍ରେ ନିଡ୍ଗିନେସି ।” ଏଚେଟିଏ ଏ଼ୱାରି ହ଼ାରେକା ଦୁକୁ
ଆ଼ତେରି । **୨୪** ଏମ୍ବାଟିଏ ଏ଼ୱାରି କପର୍ନାହୁମତା ୱ଼ାହାଲିଏ ମାହାପୂରୁ
ଇଲୁତି ସିସ୍ତୁ ରୀହ୍ନାରି ପିତରଇଁ ୱ଼ାହାନା ୱେଚେରି, “ମୀ ଗୂରୁ ମାହାପୂରୁ
ଇଲୁତାକି ସିସ୍ତୁ ହୀଅସିକି?” **୨୫** ପିତର ଏଲେଇଚେସି, “ହାଅ ହୀନେସି
।” ଅ଼ଡ଼େ ଏ଼ୱାସି ଇଜ ୱ଼ାହାଲିଏ ଜୀସୁ ନ଼କେଏ ଏ଼ୱାଣାଇଁ ଏଲେଇଚେସି,
“ସିମନ ନୀ ଅଣ୍ପୁ ଏ଼ନାୟି, ଦାର୍ତିତି ରାଜାୟାଁ ଆମ୍ବାଆରି ତ଼ାଣାଟି
ସିସ୍ତୁ ରୀହ୍ନେରି, ଏ଼ୱାରି ମୀର୍କା ତ଼ାଣାଟି କି ଏଟ୍କା ଦ଼େସାତି ଲ଼କୁ
ତ଼ାଣାଟି?” **୨୬** ଏ଼ୱାସି ଏଟ୍କା ଦ଼େସାତି ଲ଼କୁ ତ଼ାଣାଟି ଏଲେଇଞ୍ଜାଲିଏ,
ଜୀସୁ ଏ଼ୱାଣାଇଁ ଏଲେଇଚେସି, “ଆତିହିଁ ମୀର୍କା ହିୟାଲି ଲ଼ଡ଼ାଆଏ ।”
**୨୭** ସାମା ମ଼ାର ଏ଼ନିକିଁ ଏ଼ୱାରାକି ବ଼ାଦା ହୀନାତାୟି ଆ଼ଆୟି, ଏ଼ଦାଆଁତାକି
ସାମ୍ଦୁରିତା ହାଜାନା କ଼ାଟା ମେଟ୍ମୁ, ଇଞ୍ଜୁଁ ତଲିଏ ଆମିନି ମୀନୁ ଆହ୍ଦି,
ଏ଼ଦାଣି ଆସାନା ତାନି ଗୂତି ଏ଼କ୍ହିସାରେ ର଼ ୱେଣ୍ଡି ଟାକା ବେଟାଆ଼ଦି;
ଏ଼ଦାଆଁ ଅ଼ହାନା ନାଡ୍ଗେ ଅ଼ଡ଼େ ନିଡ୍ଗେତାକି ଏ଼ୱାରାକି ହୀମୁ ।

**୧୮** ଏଚିବେ଼ଲା ସୀସୁୟାଁ ଜୀସୁ ତ଼ାଣା ୱ଼ାହାନା ୱେଚେରି, “ଆତିହିଁ
ଲାକପୂରୁ ର଼ାଜିତା ଆମ୍ବାଆସି କାଜାସି?” **୨** ଏ଼ୱାସି ର଼ ଊଣା
କକାଣାଇଁ ଡାଗେ ହ଼ାଟାହାଁ ନିପ୍ହାନା ଏଲେଇଚେସି, **୩** “ନ଼ାନୁ ମିଡ୍ଗେ
ସାତା ୱେସିମାଞ୍ଜାଇଁ, ମୀରୁ ୱେଣ୍ଡ୍ରେ ର଼ ଊଣା କକାଣି ଲେହେଁ ଆ଼ଆତିହିଁ,
ଏ଼ନିଜିକେଏ ଲାକପୂରୁ ର଼ାଜିତା ହ଼ଡାଲି ଆ଼ଡଅତେରି । **୪** ଈଦାଆଁତାକି
ଆମ୍ବାଆସି ଈ ଊଣା କକାଣି ଲେହେଁ ତାଡ୍ଗେତାକି ଊଣା କିହାକଡିନେସି,
ଏ଼ୱାସି ଲାକପୂରୁ ର଼ାଜିତା କାଜାସି । **୫** ଅ଼ଡ଼େ ଆମ୍ବାଆସି ଜିକେଏ ନ଼ା
ଦ଼ରୁଟି ଈ ଊଣା କକାଣାଇଁ ଆବିନେସି, ଏ଼ୱାସି ନାଡ୍ଗେ ଆବାନେସି ।” **୬**
“ସାମା ଆମ୍ବାଆସି ଜିକେଏ ନ଼ା ତ଼ାଣା ନାମାମାନି ଈ ଊଣାୟାଁ ବିତ୍ରାଟି
ରଅଣାଇଁ ତାୟିପାରି କିହାଲି ପ଼ାପୁ କିୱି କିନେସି, ଏ଼ୱାଣି ହେର୍କିତା ର଼
କାଜା ଜେତାୱାଲି ଦସାନା ସାମ୍ଦୁରିତି କୂଡ଼୍ନି ଏ଼ୟୁଣାଁ ମେଟ୍ହିଁ ଏ଼ୱାଣାକି
ନେହେଁ ଆ଼ତେମା । **୭** ଆୟ଼ତା, ଦାର୍ତିତି ଲାଗେଏ କିନାକି ଡଣ୍ଡ ବେଟା
ଆ଼ନାତେରି; ଲାଗେଏ ଆ଼ନାୟି ସାତେଏ ଆ଼ନେ, ଆୟ଼ତା ଆମିନି ଲ଼କୁ
ତ଼ାଣାଟି ଲାଗେଏ ଆ଼ନେ ଏ଼ୱାସି ଡଣ୍ଡ ବେଟା ଆ଼ନେସି!” **୮** “ମୀ କେୟୁ କି
କଡା ମିଡ୍ଗେ ପ଼ାପୁ କିୱିକିୟାନେ, ଇଚିହିଁ ଏ଼ଦାଆଁ ରାଟ୍ହାନା କୁତାଦୁ,
ରୀ କେସ୍କା ଅ଼ଡ଼େ ରୀ କଡାୟାଁ ଆସାନା କ଼ାଲାକ଼ାଲା ଡ଼ୀଞ୍ଜିମାନି ହିଚୁତା
ହ଼ଡ଼୍ନି କିହାଁ କଲା ଅ଼ଡ଼େ ସଟା ଆ଼ହାନା କ଼ାଲେଏତି ଜୀୱୁ ବେଟାଆ଼ହାନା
ମାହାପୂରୁ ର଼ାଜିତା ହାନାୟି ମିଡ୍ଗେତାକି ନେହେଁ । **(aiōnios g166)** **୯** ଅ଼ଡ଼େ
ମୀ କାନୁ ମିଡ୍ଗେ ଲାଗେଏ କିୱିକିୟାତିହିଁ, ଏ଼ଦାଆଁ ଡ଼େୱା କୁତାଦୁ; ରୀ
କାଣ୍କା ଆସାନା କ଼ାଲେଏ ଡ଼ୀଞ୍ଜିମାନି ହିଚୁ ଗ଼ାଡ଼୍ୟୁତା ମେଦିନି କିହାଁ ର଼
କାନୁ ତଲେ କ଼ାଲେଏତି ଜୀୱୁ ବେଟାଆ଼ହାନା ମାହାପୂରୁ ର଼ାଜିତା ହାନାୟି
ମିଡ୍ଗେତାକି ନେହେଁ ।” **(Geenna g1067)** **୧୦** “ହେଣ୍ଡୁ ଈ ଊଣା କକାରି
ବିତ୍ରାଟି ରଅଣାଇଁ ଜିକେଏ ହୀଣି ମେହ୍ଆଦୁ, ଇଚିହିଁ ନ଼ାନୁ ମିଡ୍ଗେ ସାତା
ୱେସିମାଞ୍ଜାଇଁ, ଲାକପୂରୁ ମାନି ଏ଼ୱାରି ଦୂତୁୟାଁ ବାରେଦିନା ଲାକପୂରୁତି
ମ଼ା ଆ଼ବାତି ମୂମ୍ବୁ ମେସେ ମାନୁ । **୧୧** ଇଚିହିଁ ଏ଼ନାୟି ଜ଼ାଙ୍ଗାମାନେ
ଏ଼ଦାଆଁ ପାରାନା ଗେଲ୍ପାଲି ମାଣ୍ସି ମୀର୍ଏସି ୱ଼ାହାମାନେସି ।” **୧୨**
“ମୀରୁ ଏ଼ନାଆଁ ଅଣ୍ପିମାଞ୍ଜେରି? ରଅଣାକି ପ଼ାସାକ଼ଡ଼ି ମ଼େଣ୍ଡ୍ରାୟାଁ ମାଚିହିଁ,
ଏ଼ୱାସିକା ବିତ୍ରାଟି ରଣ୍ଡି ଜ଼ାଙ୍ଗାହାନେ, ଇଞ୍ଜୁଁ ରଣ୍ଡି ଊଣା ପ଼ାସାକ଼ଡ଼ି ମ଼େଣ୍ଡ୍ରାୟାଁ
ହ଼ରୁତା ପିସାନା ଏ଼ୱାସି ହାଜାନା ଏ଼ ଜ଼ାଙ୍ଗାମାନି ମ଼େଣ୍ଡ୍ରାତି ପାରଅସି?
**୧୩** ଅ଼ଡ଼େ ଏ଼ୱାସି ଏ଼ଦାଆଁ ବେଟା ଆ଼ନେସି, ଇଞ୍ଜୁଁ ନ଼ାନୁ ମିଡ୍ଗେ ସାତା
ୱେସିମାଞ୍ଜାଇଁ, ଜ଼ାଙ୍ଗା ହିଲାଆଗାଟି ରଣ୍ଡି ଊଣା ପ଼ାସାକ଼ଡ଼ି ମ଼େଣ୍ଡ୍ରାୟାଁ କିହାଁ
ଜ଼ାଙ୍ଗାମାଚି ର଼ ମ଼େଣ୍ଡ୍ରା ତାକି ହ଼ାରେକା ର଼ାହାଁ କିନେସି । **୧୪** ଏଲେକିହିଁଏ
ଈ ଊଣାୟାଁ ବିତ୍ରାଟି ରଣ୍ଡି ଜିକେଏ ନସ୍ତ ଆ଼ଆପେ ଇଞ୍ଜୁଁ ମୀ ଲାକପୂରୁତି
ଆ଼ବାତି ମ଼ନ ।” **୧୫** “ନୀ ତାୟି ପ଼ାପୁ କିତିହିଁ, ନୀନୁ ଏ଼ୱାଣାଇଁ ମ଼େଣେଏ
ଏଲେକିଆନି ଇଞ୍ଜୁଁ ୱେସାନା ତାନି ପ଼ାପୁ ତ଼ହ୍ମୁ; ଏ଼ୱାସି ନୀ କାତା ଆସ୍ତିହିଁ
ନୀନୁ ଏ଼ୱାଣାଇଁ ନୀ ତାୟିଲେହେଁ ୱେଣ୍ଡ୍ରେ ବେଟାଆ଼ଦି । **୧୬** ସାମା

ଏ̣ୱାସି ନୀ କାତା ୱେନାଆତିହିଁ, ନୀ ତଲେ ରଅଣାଇଁ କି ରିଆରାଇଁ
ଅ̣ହିହିଁ ହାଲାମୁ, ଏ̣ନିକିହିଁ ରିଆରି କି ତୀନି ଜ̣ାଣା ସ̣ାକିୟାଁ ନ̣କିତା ବାରେ
କାତା ତୀରି ଆ̣ନେ । **୧୭** ଏ̣ୱାସି ଏ̣ୱାରି କାତା ଜିକେଏ ଆହ୍ଆତିହିଁ
କୁଲମିତି ୱେହ୍ମୁ, ଅ̣ଡ଼େ ଜିକେଏ କୁଲମି କାତା ୱେନଅସି, ଆତିହିଁ ଏ̣ୱାସି
ମୀ କାନୁତା ଜୀହୁଦିଆ̣ଆତାରି କି ସିସ୍ତୁ ରୀହ୍ନାରି ଲେହେଁ ଆ̣ପେସି
।” **୧୮** “ନ̣ାନୁ ମିଙ୍ଗେ ସାତା ୱେସିମାଞ୍ଜାଇଁ, ମୀରୁ ଦାର୍ତିତା ଏ̣ନାଆଁ
ସୁଣ୍ତିଦେରି, ଲାକପୂରୁ ଜିକେଏ ସୁଣ୍ତୁକିଆ̣ନେ, ଅ̣ଡ଼େ ଦାର୍ତିତା ଏ̣ନାଆଁ
ହେଲ ହୀଦେରି, ଲାକପୂରୁ ଜିକେଏ ହେଲ ହୀପ୍କି ଆ̣ନେ ।” **୧୯**
“ଅ̣ଡ଼େ ମିଙ୍ଗେ ସାତା ୱେସିମାଞ୍ଜାଇଁ, ଦାର୍ତିତା ମୀ ବିତ୍ରାଟି ରିଆରି ରଣ୍ତିଏ
ମ̣ନ ଆ̣ହାନା ଏ̣ନାଆଁ ଜିକେଏ ରୀସ୍ତିହିଁ ଏ̣ଦି ଲାକପୂରୁତି ଆ̣ବା ତ̣ାଣାଟି
ଏ̣ୱାରାକି ହୀପ୍କିଆ̣ନେ । **୨୦** ଇଚିହିଁ ଏମ୍ବ୍ରିୟା ରିଆରି କି ତୀନି ଜ̣ାଣା
ନ̣ା ଦ̣ରୁତଲେ ରୁଣ୍ତା ଆ̣ନେରି ଏମ୍ବାଆଁ ନ̣ାନୁ ଏ̣ୱାରିତଲେ ମାଇଁ ।” **୨୧**
ଏଚିବ̣େଲା ପିତର ଜୀସୁ ଡାଗେ ୱ̣ାହାନା ୱେଚେସି, “ଏ̣ ପ୍ରବୁ ନ̣ା ତାୟି
ଏଚର ପ̣ାଲି ନ̣ା କ̣ପାଟି ପ̣ାପୁ କିତିସାରେ ନ̣ାନୁ ଏ̣ୱାଣି ପ̣ାପୁ ମ୍ନେଣ୍କ୍ଇଁ?”
**୨୨** ସ̣ାତା ଦେବା ପାତେକା କି? ଜୀସୁ ଏ̣ୱାଣାଇଁ ଏଲେଇଚେସି, ୱାର୍ଇ
ସ̣ାତା ଦେବା ପାତେକା ଆ̣ଏ, ସାତା ଗୂଣ୍ଡୁ ତୀନିକ̣ଡ଼ି ଦସ ଦେବା ପାତେକା
ମ୍ନେଣ୍କ୍ନାୟି ମାନେ । **୨୩** ଇଚିହିଁ ଲାକପୂରୁ ର̣ାଜି ତାନି ହ̣ଲିୟାଙ୍ଗା ତଲେ
ରୀଣା ଲେକା କିନି ର̣ ରାଜା ଲେହେଁତାୟି । **୨୪** ଏ̣ୱାସି ଲେକା କିହାଲି
ମ̣ାଟ୍ହାଲିଏ, ତୀନି ଗାର୍ହା ଦସ ମ̣ାଣା ଟାକାୟାଁ ରୀଣା ଆ̣ହାମାନି ର̣
ହ̣ଲେଏଣାଇଁ ଏ̣ୱାଣାଇଁ ତ̣ାଣା ତାତେରି । **୨୫** ସାମା ଏ̣ ବାରେ ଡିକ୍ହାଲି
ଏ̣ୱାଣି ତ̣ାଣା ଏ̣ନାୟି ହିଲାଆତାକି ଏ̣ ସ̣ାୱୁକାରି ଏ̣ୱାଣାଇଁ ଅ̣ଡ଼େ ତାନି
ଡକ୍ରିନି ଇଞ୍ଜାଁ ତାନି କକାରି ପ̣ଦାଁଣି ଇଞ୍ଜାଁ ତାନି ଇଲୁତି ଆ̣ସ୍ତି ପାର୍ଚାନା
ରୀଣା ଡିକ୍ହାଲି ହୁକୁମି ହୀତେସି । **୨୬** ଏଚେଟିଏ ଏ̣ ହ̣ଲେଏସି
ମେଣ୍ତାକୁତାନା ଜହରା କିହାନା ଏଲେଇଚେସି, ନୀନୁ କାର୍ମାମେସାନା
କ̣ାତାମୁ, ନ̣ାନୁ ନିଙ୍ଗେ ବାରେ ଡିକ୍ହା ତୁସ୍ତାଇଁ । **୨୭** ଏଚେଟିଏ ସ̣ାୱୁକାରି
ଏ̣ ହ̣ଲେଏଣାଇଁ କାର୍ମାମେସାନା ତାନି ରୀଣା ପିସ୍ପି କିୱିଆ̣ତେ ଇଞ୍ଜାଁ
ତାନି ରୀଣା ମେଣ୍ଙ୍ଗାହାଚେ । **୨୮** ସାମା ଏ̣ ହ̣ଲେଏସି ଏମ୍ବାଟି ପାଙ୍ଗାତା
ହାଜାନା ତାନିତ̣ାଣାଟି ରୀ କ̣ଡ଼ି ଦସଟାକା ରୀଣା ଅ̣ହାମାନି ତାନି ତଲେତି
ର̣ ହ̣ଲେଏଣାଇଁ ମେସାନା ଏ̣ୱାଣି ହେର୍କିତା ଆସାନା ଏଲେଇଚେସି,
ନୀନୁ ଅ̣ହାମାନି ରୀଣା ଡିକ୍ହା ତୁସ୍ତାମୁ । **୨୯** ଏଚେଟିଏ ତାନି ତଲେତି
ହ̣ଲେଏସି ମେଣ୍ତାକୁତାନା ଜହରା କିହିଁ ଏଲେଇଚେସି, ନୀନୁ ନାଙ୍ଗେ
କାର୍ମାମେସାନା କ̣ାତାମୁ ନ̣ାନୁ ନିଙ୍ଗେ ବାରେ ଡିକ୍ହାଇଁ **୩୦** ସାମା ଏ̣ୱାସି
ର̣ାଜି ଆ̣ଆତେସି, ଇଞ୍ଜାଁ ରୀଣା ଡିକ୍ଆ ପାତେକା ଏ̣ୱାଣାଇଁ କ̣ାୟିଦି
ଇଲୁତା ସୁଣ୍ତିତେସି । **୩୧** ଇଞ୍ଜାଁ ତାନି ତଲେତି ହ̣ଲିୟାଙ୍ଗା ଏ̣ଦାଆଁ
ମେସାନା ହ̣ାରେକା ଦୁକୁ କିତେରି ଅ̣ଡ଼େ ହାଜାନା ସ̣ାୱୁକାରିଇଁ ବାରେ
କାତା ୱେସ୍ତେରି । **୩୨** ଏମ୍ବାଟିଏ ସ̣ାୱୁକାରି ଏ̣ୱାଣାଇଁ ଡାଗେ ହ̣ାଟାନା
ଏଲେଇଚେସି, ଆଡ଼େ କାମାତା ୱ̣ାଆଗାଟି ହ̣ଲେଏଣାତି ନୀନୁ ନାଙ୍ଗେ
ବାତିମ̣ାଲାଲିଏ ନ̣ାନୁ ନୀ ବାରେ ରୀଣା ପିସ୍ତାତେଏଁ; **୩୩** ନ̣ାନୁ ଏ̣ନିକିଁ
ନିଙ୍ଗେ କାର୍ମା ଆୟାତେଏଁ, ଏଲେକିହିଁଏ ନୀନୁ ଜିକେଏ ନୀ ତଲେତି
ହ̣ଲେଏଣାଇଁ କାର୍ମାମେହ୍ନାୟି ମାଚେ । **୩୪** ଅ̣ଡ଼େ ତାନି ପ୍ରବୁ ହ̣ାରେକା
କ̣ପା ଆ̣ହାନା ବାରେ ରୀଣା ଡିକ୍ଆ ପାତେକା ଏ̣ ହ̣ଲେଏଣାଇଁ କସ୍ତୁ ହୀନି
ଲ̣କୁ କେୟୁତା ହେର୍ପିତେସି । **୩୫** ମୀରୁ ବାରେତେରି ମୀ ବାରେ ହିୟାଁଟି
ମୀ ତାୟିଇଁ ତାମି ପ̣ାପୁ ମ୍ନେଣ୍କ୍ଆତିହିଁ ଲାକପୂରୁତି ମୀ ଆ̣ବା ଜିକେଏ
ମିଙ୍ଗେ ଏଲେ କିୟାନେସି ।

**୧୯** ଜୀସୁ ଇ ବାରେ କାତା ୱେସାଲି ର̣ାପ୍ହି ଡ̣ାୟୁ ଗାଲିଲି ର̣ାଜି
ପିସାନା ଜର୍ଦନ କାଡା ଆତାଲାତି ଜୀହୁଦା ର̣ାଜିତି ହାନ୍ଦିତା ଏତେସି
। **୨** ଇଞ୍ଜାଁ ହ̣ାରେକା ଲ̣କୁ ତାନି ଜ̣େଚ ହାଚେରି, ଅ̣ଡ଼େ ଏ̣ୱାସି ଏମ୍ବାଆଁ
ଏ̣ୱାରି ର̣ଗଟି ନେହିଁ କିତେସି । **୩** ଏମ୍ବାଟିଏ ପାରୁସିୟାଁ ଏ̣ୱାଣି ତ̣ାଣା
ୱ̣ାହାନା ଏ̣ୱାଣାଇଁ ତାୟିପାରିକିହିଁ ୱେଚେରି, “ରଅସି ଜାହାରା ଡକ୍ରିନି ଏ̣ନି
କାତାତାକି ଜିକେଏ ପିସାଲି ମ̣େରା ମାନେକି?” **୪** ଜୀସୁ ଏଲେଇଚେସି,
“ମୀରୁ ପ̣ଡ଼ୱି ଆ̣ହାହିଲଅତେରି? ଗ̣ାଡ଼ି କିନାସି ନ̣କେଏଟିଏ ଏ̣ୱାରାଇଁ
ଇୟା ଅ̣ଡ଼େ ଆ̣ବା କିହିଁ ଗ̣ାଡ଼ିକିତେସି, **୫** ଅ̣ଡ଼େ ଏ̣ଦାଆଁତାକି ଡକ୍ରା
ତାଲି ତାଞ୍ଜିଇଁ ପିସାନା ତାନି ଡକ୍ରି ତଲେ ଆଣ୍ତିନେସି, ଅ̣ଡ଼େ ଏ̣ୱାରି
ରଣ୍ତିଏ ଆଡ୍ଗା ଆ̣ନେରି, **୬** ଏ̣ଦାଆଁତାକି ଏ̣ୱାରି ରିଆରି ଆ̣ଏ, ସାମା
ରଣ୍ତିଏ ଆଡ୍ଗା ଆ̣ନେରି । ଇଞ୍ଜାଁ ମାହାପୂରୁ ଏ̣ନାଆଁ ଆଣ୍ତୱି କିହାମାନେସି,
ମାଣ୍ସି ଏ̣ଦାଆଁ ଏଟ୍କା କିଆପେସି ।” **୭** ପାରୁସିୟାଁ ଏ̣ୱାଣାଇଁ ୱେଚେରି,
“ଆତିହିଁ ମ̣ସା ଏ̣ନାଆଁତାକି ପିହ୍ନି ଆ̣କୁ ର̣ାଚାନା ଡକ୍ରିନି ପିସାଲି ହେଲ
ହୀହାମାନେସି?” **୮** ଜୀସୁ ଏ̣ୱାରାଇଁ ଏଲେଇଚେସି, “ଇଚିହିଁ ମୀ ଆ̣ଟ୍ୱା
ହିୟାଁତି ମେସାନା ମ̣ସା ମିଙ୍ଗେ ମୀ ଡକ୍ରିସିକାଣି ପିସାଲି ହେଲ ହିୟାତେସି,
ସାମା ଗ̣ାଡ଼ିକିତି ଦିନାଟିଏ ଏଲେକିହିଁ ହିଲାଆତେ । **୯** ସାମା ନ̣ାନୁ
ମିଙ୍ଗେ ୱେସିମାଞ୍ଜାଇଁ, ଆମ୍ବାଆସି ତାନି ଡକ୍ରିନି ଦାରି ଦ̣ହ ହିଲାଆନା ଏ̣ନି
କାତାତାକି ପିସାନା ଅ̣ର ଡକ୍ରିନି ତାତିହିଁ, ଏ̣ୱାସି ଦ̣ାରିକାମା କିନେସି
।” **୧୦** ସୀସୁୟାଁ ଏ̣ୱାଣାଇଁ ଏଲେଇଚେରି, “ଡକ୍ରିନି ତଲେ ମାଣ୍ସିକି
ଇଲେତାୟି ମାଚିହିଁ, ଏ̣ୱାସି ବୀହା ଆ̣ଆତିହିଁ ନେହେଁ ଆ̣ତେମା ।”
**୧୧** ଜୀସୁ ଏ̣ୱାରାଇଁ ଏଲେଇଚେସି, “ବାରେଜ̣ାଣା ଇ କାତାତି ଆସାଲି
ଆ̣ଡଅରି, ଇଚିହିଁ ଆମ୍ବାଆରାକି ମାହାପୂରୁ ବ̣ାଡ଼୍ୟୁ ହୀହାମାନେସି, ୱାର୍ଇ
ଏ̣ୱାରିଦେହେଁ ଆସାଲି ଆ̣ଡିନେରି । **୧୨** ଇଚିହିଁ ଆମ୍ବା ଆମ୍ବାଆରି ଇୟାନି
ବାଣ୍ତିଟିଏ ବୀହା ଆ̣ହାଲି ଆ̣ଡାଆରେଟୁ ଜାର୍ନା ଆ̣ହାମାନେରି; ଇଞ୍ଜାଁ ଆମ୍ବା
ଆମ୍ବାଆରି ଲ̣କୁ ତ̣ାଣାଟି ଏଲେକିୱି ଆ̣ହାମାନେରି, ଅ̣ଡ଼େ ଆମ୍ବା ଆମ୍ବାଆରି
ଲାକପୂରୁ ର̣ାଜିତାକି ତ̣ାମ୍ବୁ ତ̣ାମ୍ବୁଏ ଏଲେ ଆ̣ହାମାନେରି, ଆମ୍ବାଆସି ଏ̣
କାତାତି ଆସାଲି ଆ̣ଡିନାସି ଆସ୍ପାସି ।” **୧୩** ଏଚିବ̣େଲା ଜୀସୁ କକାରି
ପ̣ଦାୟାଁ ମୁହେଁ କେୟୁ ଇଟାନା ପ୍ରାତାନା କିନେସି, ଏ̣ଦାଆଁତାକି ଲ̣କୁ
ଏ̣ୱାରାଇଁ ତାନି ତ̣ାଣା ତାତେରି, ସାମା ସୀସୁୟାଁ ତାଚିମାଚି ଲ̣କୁଣି ଦାକା
ହୀତେରି । **୧୪** ସାମା ଜୀସୁ ଏଲେଇଚେସି, “କକାରି ପ̣ଦାଁଣି ନ̣ା ତ̣ାଣା
ୱ̣ାହାଲି ହୀଦୁ, ଏ̣ୱାରାଇଁ ଆ̣ଂଗାଆଦୁ, ଏ̣ନାଆଁତାକି ଇଚିହିଁ ଲାକପୂରୁ
ର̣ାଜି ଏଲେତାରିୱାୟି ।” **୧୫** ଅ̣ଡ଼େ ଏ̣ୱାସି ଏ̣ୱାରି ଲାକ କେୟୁ ଇଟାନା

ଏମ୍ବାଟି ହାଚେସି । ୧୬ ଅ଼ଡ଼େ ମେହ୍‌ଦୁ ରଅସି ଜୀସୁ ତ଼ାଣା ୱ଼ାହାନା
ୱେଚେସି, “ଏ଼ ଗୂରୁ କ଼ାଲାକ଼ାଲାତି ଜୀୱୁ ବେଟାଆ଼ହାଲି ନ଼ାନୁ ଆମିନି
ନେହିଁ କାମା କିଇଁ?” (aiōnios g166) ୧୭ ଜୀସୁ ଏ଼ୱାଣାଇଁ ଏଲେଇଚେସି,
“ନେହାୟ଼ି ଇନି କାତାତି ନାଙ୍ଗେ ଏ଼ନାଆଁତାକି ୱେଞ୍ଜିମାଞ୍ଜାଦି? ୱାର୍‌ଇ
ରଅସିଏ ନେହାଁସି; ସାମା ନୀନୁ ଜୀୱୁ ବେଟାଆ଼ହାଲି ମ଼ନ କିତିହିଁ, ବାରେ
ହୁକୁମି ମ଼ାନୱି ଆ଼ମୁ ।” ୧୮ ଏ଼ୱାସି ଜୀସୁଇଁ ଏଲେଇଚେସି, “ଏ଼ନିଲେହେଁତି
ହୁକୁମି?” ଜୀସୁ ଏଲେଇଚେସି, “ଲ଼କୁଣି ପ଼ାୟ଼ାଆନି, ଦ଼ାରିକାମା କିଆନି,
ସ଼ରୁ କିଆନି, ମିଚି ସ଼ାକି ହୀଆନି, ୧୯ ତାଲି ତାଞ୍ଜି କାତା ଆହ୍‌ମୁ, ନୀ
ପ଼ାଡ଼ିତି ଲ଼କୁଣି ନୀ ଜୀୱୁ ଲେହେଁ ଜୀୱୁ ନ଼ମୁ ।” ୨୦ ଏ଼ ଦାଂଗ୍‌ଣେଏସି
ଜୀସୁଇଁ ଏଲେଇଚେସି, “ନ଼ାନୁ ଈ ବାରେ ମ଼ାନୱି ଆ଼ହାମାଇଁ, ନାଙ୍ଗେ
ଅ଼ଡ଼େ ଏ଼ନୱା ଊଣା ମାନେ?” ୨୧ ଜୀସୁ ଏ଼ୱାଣାଇଁ ଏଲେଇଚେସି, “ନୀନୁ
ନେହାଁତି ଆ଼ହାଲି ମ଼ନ କିତିହିଁ, ହାଜାନାହାଁ ନୀ ବାରେ ଦ଼ନ ପାର୍‌ଚାନାହାଁ
ହିଲାଆ ଗାଟାରାକି ଦ଼ାନା ହୀମୁ, ଇଞ୍ଜାଁ ନ଼ା ଜ଼େଚ ୱ଼ାମୁ, ଏଚେଟିଏ
ଲାକପୂରୁ ନୀନୁ ଦ଼ନ ବେଟାଆ଼ଦି ।” ୨୨ ଈ କାତା ୱେଞ୍ଜାନା ଦାଂଗ୍‌ଣେଏସି
ଦୁକୁ ଆ଼ହାନା ହାଚେସି, ଇଚିହିଁ ଏ଼ୱାଣାକି ହ଼ାରେକା ଦ଼ନ ମାଚେ । ୨୩
ଏଚେଟିଏ ଜୀସୁ ତାନି ସୀସୁୟ଼ାଁଇଁ ଏଲେଇଚେସି, “ନ଼ାନୁ ମିଙ୍ଗେ ସାତା
ୱେସିମାଞ୍ଜାଇଁ, ଦ଼ନ ଗାଟାରି ଲାକପୂରୁ ର଼ାଜିତା ହ଼ଡାଲି ହ଼ାରେକା କସ୍ତୁ
ଆ଼ନେ । ୨୪ ଅ଼ଡ଼େ ୱେଣ୍ଡେ ନ଼ାନୁ ମିଙ୍ଗେ ୱେସିମାଞ୍ଜାଇଁ, ମାହାପୂରୁତି
ର଼ାଜିତା ଦ଼ନଗାଟାରି ହାନି କିହାଁ ଉଟୁ ସୂଜା କ଼ାଣିଟି ହ଼ଡା ହାନାୟ଼ି ଉସାସା
ଆ଼ନେ ।” ୨୫ ସୀସୁୟ଼ାଁ ଈ କାତା ୱେଞ୍ଜାନା କାବାଆ଼ହାନା ଏଲେଇଚେରି,
“ଆତିହିଁ ଆମ୍ବାଆସି ଗେଲ୍‌ପି ଆ଼ହାଲି ଆ଼ଡିନେସି?” ୨୬ ଜୀସୁ ଏ଼ୱାରାଇଁ
ସିନିକିହାନା ଏଲେଇଚେସି, “ଈଦି ମାଣ୍‌ସିତାକି ଆ଼ଆଗାଟାୟ଼ି, ସାମା
ମାହାପୂରୁ ତାକି ବାରେ ଆ଼ନେ ।” ୨୭ ଏଚେଟିଏ ପିତର ଏଲେଇଚେସି,
“ମେହ୍‌ମୁ ମ଼ାମ୍ବୁ ବାରେ ପିସାନା ନୀ ଜ଼େଚ ୱ଼ାହାମାନମି; ଆତିହିଁ ମ଼ାମ୍ବୁ
ଏ଼ନାଆଁ ବେଟାଆ଼ନମି?” ୨୮ ଜୀସୁ ଏ଼ୱାରାଇଁ ଏଲେଇଚେସି, ନ଼ାନୁ ମିଙ୍ଗେ
ସାତା ୱେସିମାଞ୍ଜାଇଁ, ପୁଃନି ଜୁଗୁ ଆ଼ନାଟି ଏ଼ଚେତା ମାଣ୍‌ସି ମୀର୍‌ଏସି
ତାନି ଗାୱୁରମିତି କାଜାପ଼ାଣା ତଲେ ସିଂଗାସାଣିତା କୁଗିନି ଦିନା ନ଼ା ଜ଼େଚ
ୱ଼ାହାମାନାତେରି ମୀରୁ, ମୀରୁ ଜିକେଏ ବ଼ାର ଗଟା ସିଂଗାସାଣିତା କୁଗାନା,
ଇସ୍ରାୟେ଼ଲତି ବ଼ାର କୂଡ଼ାତି ସ଼ାଲୱି କିଦେରି । ୨୯ ଇଞ୍ଜାଁ ଆମ୍ବାଆସି ନ଼ା
ଦ଼ରୁ ତାକି ଇଲୁ କ଼ାଣ୍ଡା, କି ତାୟ଼ି ତାଙ୍ଗିସ୍କା, ତାଲି ତାଞ୍ଜି, କକାରି ପ଼ଦାୟ଼ାଁ,
ଇଞ୍ଜାଁ ବୂମି ବ଼ାଡ଼ା ପିସାମାନେସି, ଏ଼ୱାସି ଏ଼ ବାରେକିହାଁ ହ଼ାରେକା ଗାଡି
ବେଟା ଆ଼ନେସି, ଇଞ୍ଜାଁ କ଼ାଲାକ଼ାଲାତି ଜୀୱୁତି ବେଟା ଆ଼ନେସି । (aiōnios
g166) ୩୦ ସାମା ନ଼କିତା ମାନି ହ଼ାରେକା ଲ଼କୁ ଡ଼ାୟୁ ଆ଼ନେରି, ଇଞ୍ଜାଁ
ଡ଼ାୟୁତା ମାନି ହ଼ାରେକା ଲ଼କୁ ନ଼କିତା ଆ଼ନେରି ।

**୨୦** ଇଚିହିଁ ଲାକପୂରୁ ର଼ାଜି ଇଲେତି ର଼ ସ଼ାୱୁକାରି ଲେହେଁତାୟ଼ି,
ଲ଼ାଇ ୱ଼େୟ଼ାଲିଏ ତାନି ଅଙ୍ଗୁରି ବ଼ାଡ଼ାତା କୂଲି କାମା କିୱିକିହାଲି
ହାଚେସି । ୨ ଅ଼ଡ଼େ ଏ଼ୱାସି କୂଲି ଗାଟାରାଇଁ ଦିନାତାକି ର଼ ୱେଣ୍ଡି
ଟାକା ହିୟ଼ାଇଁ ଇଞ୍ଜାଁ ଏ଼ୱାରାଇଁ ତାନି ଅଙ୍ଗୁରି ବ଼ାଡ଼ାତା ପାଣ୍ଡିତେସି । ୩
ଅ଼ଡ଼େ ନ଼ ଗଂଟା ବ଼େଲାତା ଏ଼ୱାସି ପାଙ୍ଗାତା ହାଜାନା ଏଟ୍‌କାତାରି କାମା
ପ୍ଣଃଆନା ନିଚାମାଚାଣି ମେସାନା ଏ଼ୱାରାଇଁ ଜିକେଏ ଏଲେଇଚେସି, ୪
ମୀରୁ ଜିକେଏ ଅଙ୍ଗୁରି ବ଼ାଡ଼ାତା ହାଜାନା କାମା କିଦୁ, ଇଞ୍ଜାଁ ଏ଼ନିକିଁ ତୀରି
ଆ଼ହାମାନେ, ଏଲେକିହିଁ ମିଙ୍ଗେ ହିୟ଼ାଇଁ; ଇଞ୍ଜାଁ ଏ଼ୱାରି ହାଚେରି । ୫ ଅ଼ଡ଼େ
ମାଦେନା ବ଼ାର ଗଂଟା ଇଞ୍ଜାଁ ତୀନି ଗଂଟା ବ଼େଲାତା ପାଙ୍ଗାତା ହାଜାନା
ଏଲେକିତେସି । ୬ ଇଞ୍ଜାଁ ମିଡ଼୍‌ଅଲା ପ଼ାସା ଗଂଟା ବ଼େଲାତା ପାଙ୍ଗାତା
ହାଜାନା ଏଚରଜ଼ାଣା ନିଚାମାନାଣି ମେସାନା ୱେଚେସି, ମୀରୁ ଏ଼ନାଆଁତାକି
ମାଦେନା ୱେଡ଼ାଡୁମ୍ବେ କାମା କିଆନା ଉଜେଏ ନିଚାମାଞ୍ଜେରି? ୭ ଏ଼ୱାରି
ଏ଼ୱାଣାଇଁ ଏଲେଇଚେରି, ଆମ୍ବାଆରି ମାଙ୍ଗେ କାମା ହେର୍‌ପା ମାଞ୍ଜଅରି ।
ଏ଼ୱାସି ଏ଼ୱାରାଇଁ ଏଲେଇଚେସି ମୀରୁ ଜିକେଏ ଅଙ୍ଗୁରି ବ଼ାଡ଼ାତା ହାଜୁ ।
୮ ଡ଼ାୟୁ ମିଡ଼୍‌ଅଲା ଆ଼ହାଲିଏ, ଅଙ୍ଗୁରି ବ଼ାଡ଼ାତି ସ଼ାୱୁକାରି ତାନି ଗୁମୁସ୍ତାଇଁ
ଏଲେଇଚେସି, କୂଲି ଗାଟାରାଇଁ ହ଼ାଟାନା ଡ଼ାୟୁ ୱ଼ାତି ଲ଼କୁ ତ଼ାଣାଟିଏ
ମ଼ାଟ୍‌ହାନା ନ଼କିତା ୱ଼ାତି ଲ଼କୁ ପାତେକା କୂଲି ହୀମୁ । ୯ ଏଚେଟିଏ
ଆମିନି ଗାଟାରି ପ଼ାସା ଗଂଟା ବ଼େଲାତା କାମାତା ପାଣ୍ଡୁୱି ଆ଼ହାମାଚେରି,
ଏ଼ୱାରି ୱ଼ାହାନା ର଼ ୱେଣ୍ଡି ଟାକା ଲାକା ବେଟାଆ଼ତେରି । ୧୦ ଇଞ୍ଜାଁ
ନ଼କେଏ କାମାତା ପାଣ୍ଡୁୱି ଆ଼ହାମାନାରି ୱ଼ାହାନା ଗାଡି ବେଟାଆ଼ନେରି
ଇଞ୍ଜାଁ ଅଣ୍‌ପିତେରି; ସାମା ଏ଼ୱାରି ଜିକେଏ ଏ଼ ର଼ ୱେଣ୍ଡି ଟାକା ଲାକା
ବେଟାଆ଼ତେରି । ୧୧ ସାମା ଏଲେକିଁ ବେଟାଆ଼ହାନା ଏ଼ୱାରି ସ଼ାୱୁକାରିଇଁ
କ଼ପା ଆ଼ହାନା ଲ଼ାଗିତେରି । ୧୨ ଈ ଡ଼ାୟୁତି ଲ଼କୁ ୱାର୍‌ଇ ର଼ ଗଂଟା
କାମା କିତେରି, ଇଞ୍ଜାଁ ମ଼ାମ୍ବୁ ୱ଼େଡ଼ା ଡୁମ୍ବେ ୱ଼ାହୁ ଆ଼ହିଁ କାରା ୱେହିଁ କାମା
କିତିହିଁ ଜିକେଏ ନୀନୁ ଏ଼ୱାରାକି ମ଼ା ସମାନା କିତି । ୧୩ ଏ଼ୱାରି ବିତ୍ରାଟି
ରଅଣାଇଁ ସ଼ାୱୁକାରି ଏଲେଇଚେସି ଏ଼ ତ଼ଣେ, ୱେନାମୁ, ନ଼ାନୁ ନିଙ୍ଗେ ନ଼ାଡ଼ି
କିହିମାଞ୍ଜଅଁ; ନୀନୁ ନ଼ା ତଲେ ର଼ ୱେଣ୍ଡି ଟାକା ତାକି ର଼ାଜି ଆ଼ହାହିଲାଆତି
କି? ୧୪ ନୀନୁ ଏଚେକା ପ଼ାଣ୍‌ନାୟ଼ି ମାନେ ଏଚେକା ଆସାନା ହାଜାତୁହ୍‌ମୁ,
ସାମା ଈ ଡ଼ାୟୁତି ଲ଼କୁକି ଜିକେଏ ନୀ ଲେହେଁକି ହିୟ଼ାଲି ନ଼ା ମ଼ନ । ୧୫
ନ଼ା ଦ଼ନତି ନ଼ା ମ଼ନ ଲେହେଁ ଲ଼େମ୍ବାଲି ନ଼ା ଅଦିକାରା ହିଲେଏ କି? ନ଼ାନୁ
କାର୍ମାମେସାନା ହିୟ଼ାଲିଏ ନୀନୁ ଏ଼ନାଆଁତାକି ଡ଼ାହାରା ଆ଼ହିମାଞ୍ଜାଦି । ୧୬
ଏଲେକିହିଁଏ ଡ଼ାୟୁ ମାନି ଲ଼କୁ ନ଼କିତା ଆ଼ନେରି, ଇଞ୍ଜାଁ ନ଼କିତା ମାନି ଲ଼କୁ
ଡ଼ାୟୁ ଆ଼ନେରି । ୧୭ ଜୀସୁ ଜିରୁସାଲମତା ହାଜିମାଚାଟି ବ଼ାରଜ଼ାଣାତି
ସୀସୁୟ଼ାଁଇଁ ଏଟ୍‌କା କିହାନା, ଜିରୁତା ଏ଼ୱାରାଇଁ ଏଲେଇଚେସି, ୧୮
ମେହ୍‌ଦୁ ମ଼ାର ଜିରୁସାଲମତା ହାଜିମାନାୟ଼ି, ମାଣ୍‌ସି ମୀର୍‌ଏସି କାଜା
ପୂଜେରାଙ୍ଗା ଅ଼ଡ଼େ ମ଼େରାପୁନାରି କେୟୁତା ହେର୍‌ପିଆ଼ନେସି, ୧୯ ଅ଼ଡ଼େ
ଏ଼ୱାରି ଏ଼ୱାଣାଇଁ ହ଼ାନି ଡଣ୍ଡ ହୀହାନା ଏଟ୍‌କା କୂଡ଼ାତାରି କେୟୁତା
ହେର୍‌ପିନେରି, ଏଚେଟିଏ ଏ଼ୱାରି ଏ଼ୱାଣାଇଁ କିଜୱି କିନେରି, ସ଼ାଟ୍‌ଣି
ଡ଼ରିତଲେ ୱ଼େନେରି, ଅ଼ଡ଼େ ପ଼ାସି ମୁଣ୍ଡାତା ଏ଼କ୍‌ହାନା ପ଼ାୟିନେରି, ଇଞ୍ଜାଁ
ତୀନି ଦିନାଟିଏ ହ଼ାକିଟି ୱେଣ୍ଡେ ନିଙ୍ଗିନେସି । ୨୦ ଏଚିବ଼େଲା ଜେବଦି ଡକ୍ରି
ତାନି ରୀ ମୀର୍‌କା ତଲେ ଜୀସୁ ତ଼ାଣା ୱ଼ାହାନା ଜହରା କିହାନା ଏ଼ୱାଣି
ତ଼ାଣା ବାତିମ଼ାଲିହିଁ ଏଲେଇଚେ । ୨୧ ଏଚେଟିଏ ଜୀସୁ ଏ଼ଦାନି ୱେଚେସି,

“ନୀନୁ ଏ଼ନାଆଁ ମ଼ନ କିହିମାଞ୍ଜି?” ଏ଼ଦି ଏଲେଇଚେ, “ନୀ ରା଼ଜିତା ନା଼
ରୀ ମୀର୍‌କା ବିତ୍ରାଟି ରଅସି ନୀ ଟିଃନିୱାକି ଅ଼ଡେ଼ ରଅସି ନୀ ଟେବ୍ରିୱାକି
କୁଗିନେରି ଇଞ୍ଜି ହୁକୁମି ହୀମୁ ।” ୨୨ ସାମା ଜୀସୁ ଏଲେଇଚେସି, “ମୀରୁ
ଏ଼ନାଆଁ ରୀସିମାଞ୍ଜେରି ଏ଼ଦାଆଁ ପୁଞ୍ଜିହିଲଅତେରି । ନା଼ନୁ ଆମିନି ସ଼ଲାତା
ଗସାଲି ହାଜିମାଇଁ, ଏ଼ଦାଆଁ ମୀରୁ ଗସାଲି ଆ଼ଡିଦେରି?” ଏ଼ୱାରି ଏ଼ୱାଣାଇଁ
ଏଲେଇଚେରି, “ଆ଼ଡିନମି ।” ୨୩ ଜୀସୁ ଏ଼ୱାରାଇଁ ଏଲେଇଚେସି, “ମୀରୁ
ନା଼ ସ଼ଲାତା ଗହ୍‌ଦେରି ସାତା, ସାମା ନା଼ ଟିଃନି କି ଟେବ୍ରିୱାକି କୁଗାଲି ହୀନି
ନା଼ ଅଦିକାରାତି କାତା ଆ଼ଏ, ଇଚିହିଁ ଆମିନି ଗାଟାରାକି ନା଼ ଆ଼ବା ତା଼ଣାଟି
ଟା଼ୟୁ କିୱିଆ଼ହାମାନେ ଏ଼ୱାରି କୁଗିନେରି ।” ୨୪ ଏଟ୍‌କାତି ଦସ ଜା଼ଣା ଇ
କାତା ୱେଞ୍ଜା଼ନା ଏ଼ ତାୟି ରିଆରାଇଁ କ଼ପା ଆ଼ତେରି । ୨୫ ସାମା ଜୀସୁ
ଏ଼ୱାରାଇଁ ଡାଗେ ହା଼ଟାନା ଏଲେଇଚେସି, “ଏଟ୍‌କା କୂ଼ଡ଼ାତାରି ସା଼ଲୱି
କିନାରି କାଜା ବା଼ଡ଼୍‌ୟୁ ତଲେ ତାମି କାଜାପା଼ଣା ତ଼ହ୍‌ନେରି, ଇଦାଆଁ ମୀରୁ
ପୁଞ୍ଜା଼ମାଞ୍ଜେରି । ୨୬ ମୀ ବିତ୍ରା ଏଲେକିହିଁ ଆ଼ଏ, ସାମା ମୀ ବିତ୍ରା ଆମ୍ବାଆସି
କାଜାସି ଆ଼ହାଲି ଅଣ୍‌ପିନେସି, ଏ଼ୱାସି ମୀ ସେ଼ବା କିନାସି ଆ଼ପେସି;
୨୭ ଅ଼ଡେ଼ ଆମ୍ବାଆସି କାଜାପା଼ଣା ବେଟାଆ଼ହାଲି ମ଼ନ କିନାସି ଏ଼ୱାସି
ମୀ ହ଼ଲେଏସି ଆ଼ପେସି, ୨୮ ଏ଼ନିକିଁ ମାଣ୍‌ସି ମୀର୍‌ଏସି ଜିକେଏ ସେ଼ବା
ବେଟାଆ଼ହାଲି ୱା଼ହାହିଲଅସି, ସାମା ସେ଼ବା କିହାଲି ଅ଼ଡେ଼ ହା଼ରେକା
ଲ଼କୁଣି ଗେଲ୍‌ପାଲି ଜୀୱୁ ହୀହାଲି ୱା଼ହାମାନେସି ।” ୨୯ ଜୀସୁ ଅ଼ଡେ଼
ତାନି ସୀସୁୟାଁ ଜିରିହଟି ହାଜିମାଚାଟି ହା଼ରେକା ମାନ୍ହା ଲ଼କୁ ତାନି ଜେ଼ଚ
ହାଚେରି । ୩୦ ଅ଼ଡେ଼ ଜିରୁ ଦାରିତା ରିଆରି କା଼ଣାୟାଁ ଜୀସୁ ଏ଼ ଜିରୁଟି
ହାଜିମାନେସି ଇଞ୍ଜି ୱେଞ୍ଜା଼ନା, କାଜା ଗିୟାଁତଲେ ଏଲେଇଚେରି, “ଏ଼
ପ୍ରବୁ ଦାୱୁଦ ମୀର୍‌ଏଣାତି! ମାଙ୍ଗେ କାର୍ମା ମେସ୍ତାମୁ!” ୩୧ ସାମା ଲ଼କୁ
ଏ଼ୱାରାଇଁ ପାଲେଏ ଆ଼ହାଲି ଦାକା ହୀତେରି, ସାମା ଏ଼ୱାରି ଅ଼ଡେ଼ କାଜା
ଗିୟାଁତଲେ ଏଲେଇଚେରି, “ଏ଼ ପ୍ରବୁ ଦାୱୁଦ ମୀର୍‌ଏଣାତି! ମାଙ୍ଗେ କାର୍ମା
ମେସ୍ତାମୁ!” ୩୨ ଏମ୍ବାଟିଏ ଜୀସୁ ନିଚାନା ଏ଼ୱାରାଇଁ ହା଼ଟାନା ୱେଚେସି,
“ନା଼ନୁ ମିଙ୍ଗେତାକି ଏ଼ନାଆଁ କିଇଁ ଇଞ୍ଜି ମୀରୁ ଅଣ୍‌ପିମାଞ୍ଜେରି?” ୩୩ ଏ଼ୱାରି
ଏ଼ୱାଣାଇଁ ଏଲେଇଚେରି, “ଏ଼ ପ୍ରବୁ ଏ଼ନିକିଁ ମା଼ କାଣ୍‌କା ଦେପି ଆ଼ନୁ ।”
୩୪ ଅ଼ଡେ଼ ଜୀସୁ କାର୍ମା ଆ଼ହାନା ଏ଼ୱାରି କାଣ୍‌କା ଡୀଗିତେସି, ଇଞ୍ଜା଼ ଏ଼
ଦେବୁଣିଏ ଏ଼ୱାରି ମେସ୍ତେରି ଇଞ୍ଜା଼ ଏ଼ୱାଣି ଜେ଼ଚ ହାଚେରି ।

**୨୧** ଏଚିବେ଼ଲା ଜୀସୁ ଅ଼ଡେ଼ ତାନି ସୀସୁୟାଁ ଜିରୁସାଲମ ଡାଗେ
ଆ଼ହାନା ଜୀତ ଇନି ହ଼ରୁ ଦାରିତି ବେତ୍‌ପାଗି ଏଜାଲିଏ ଏଚିବେ଼ଲା
ଜୀସୁ ତାନି ରୀ ସୀସୁୟାଁଣି ଏଲେଇଞ୍ଜା଼ ପାଣ୍ଡିତେସି । ୨ “ମୀରୁ ନ଼କିତା
ମାନି ନା଼ୟୁଁତା ହାଜୁ, ଇଞ୍ଜା଼ ହାଲ୍‌ୱନିଏ ଦସାମାନି ର଼ ଗା଼ଡ୍‌ଦେ ଇଞ୍ଜା଼ ଡ଼ାଲୁ
ମେହ୍‌ଦେରି; ଏ଼ୱାଆଁ ହୁକ୍‌ହାନା ନା଼ ତା଼ଣା ତାଦୁ । ୩ ଅ଼ଡେ଼ ଆମ୍ବାଆରି
ଏ଼ନାଆଁ ଇଞ୍ଜା଼ତିହିଁ, ୱେହ୍‌ଦୁ, ଇୱାସିକା ତା଼ଣା ମା଼ ପ୍ରବୁକି ଲ଼ଡ଼ାମାନେ,
ଏ଼ ଦେବୁଣିଏ ଏ଼ୱାସିକାଣି ପାଣ୍ଡାନେସି ।” ୪ ମାହାପୂରୁ ଅଣ୍‌ପୁତି ବ଼ଲୁ
ୱେହ୍‌ନାରି କାତା ଏ଼ନିକିଁ ସାତା ଆ଼ନେ, ଏ଼ଦାଆଁତାକି ଇ ବାରେ ଆ଼ତେ; ୫
“ସିୟନତି ଗା଼ଡ଼ାଇଁ ୱେହ୍‌ଦୁ ମେହ୍‌ମୁ ନୀ ରାଜା ନୀ ତା଼ଣା ୱା଼ହିମାନେସି!
ଏ଼ୱାସି ସୁଦୁଗାଟାସି ଇଞ୍ଜା଼ ଗା଼ଡ୍‌ଦେ ଲାକ କୁଗାମାନେସି ଇଚିହିଁ ଗା଼ଡ୍‌ଦେ
ଡ଼ାଲୁ ଲାକ କୁଗାମାନେସି ।” ୬ ଏମ୍ବାଟିଏ ସୀସୁୟାଁ ହାଜାନା ଜୀସୁ
ୱେସ୍ତିଲେହେଁ କାମା କିତେରି, ୭ ଅ଼ଡେ଼ ଗା଼ଡ୍‌ଦେ ଇଞ୍ଜା଼ ଡ଼ାଲୁତି ତାଚାନା
ଏ଼ୱାସିକା ଲାକ ହିମ୍ବରିକା ପା଼ସ୍ତେରି, ଇଞ୍ଜା଼ ଜୀସୁଇଁ କୁଗିକିତେରି । ୮
ଅ଼ଡେ଼ ହା଼ରେକା ଲ଼କୁ ତାମି ହିମ୍ବରିକା ଜିରୁତା ପା଼ସ୍ତେରି, ଅ଼ଡେ଼ ଏଚେକା
ଲ଼କୁ ମା଼ର୍‌କାତି ଗଚାୟାଁ ତାଚାନା ଜିରୁତା ପା଼ସ୍ତେରି । ୯ ଅ଼ଡେ଼ ଜୀସୁତି
ଡା଼ୟୁତା ନ଼କିତା ହାଜିମାଚି ଲ଼କୁ ବାରେ କାଜା ଗିୟାଁତଲେ ଏଲେଇଚେରି,
“ହ଼ସାନା ଦାୱୁଦ ମୀର୍‌ଏସି! ମାହାପୂରୁ ଦ଼ରୁଟି ୱା଼ହିମାନେସି ନେହାଁସି!
ମାହାପୂରୁ ଏ଼ୱାଣାଇଁ ବ଼ର ହୀପାସି, ଲାକପୂରୁ ହ଼ସାନା!” ୧୦ ଅ଼ଡେ଼
ଏ଼ୱାସି ଜିରୁସାଲମତା ହ଼ଡାଲିଏ, ଗା଼ଡ଼ାତାରି ବାରେଜା଼ଣା “ଇୱାସି
ଆମ୍ବାଆସି?” ଇଞ୍ଜି କାବାଆ଼ହାନା ଏଲେଇଚେରି । ୧୧ ଏଚେଟିଏ
ବାରେ ଲ଼କୁ ଏଲେଇଚେରି, “ଇୱାସି ଗାଲିଲି ଦେ଼ସାତା ମାନି ନା଼ଜରିତତି
ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନି ଜୀସୁ ।” ୧୨ ଡା଼ୟୁ ଜୀସୁ ମାହାପୂରୁ
ଇଲୁତା ହ଼ଡାନା ଏ଼ ଟା଼ୟୁତା ଏମ୍ବାଆଁ ଆ଼ସ୍ତି ମା଼ସ୍‌କି ମାଚାରାଇଁ ବାରେତି
ପାଙ୍ଗାତା ପେ଼ର୍‌ହା ପାଣ୍ଡିତେସି, ଇଞ୍ଜା଼ ଟାକାୟାଁ ବେ଼ବାରା ଗାଟାରି କୁର୍ଚିୟାଁ
ଅ଼ଡେ଼ ପା଼ର୍‌ୱା ପଟାୟାଁ ବେ଼ବାରା ଗାଟାରି ଜ଼ମ୍ବାୟାଁ ତିରିମ୍ଣ୍‌ପ୍‌ହେସି, ୧୩
ଅ଼ଡେ଼ ଏ଼ୱାସି ଏ଼ୱାରାଇଁ ଏଲେଇଚେସି, ମାହାପୂରୁ ଦାର୍ମୁପତିତା ରା଼ସ୍‌କି
ଆ଼ହାମାନେ, “ନା଼ ଇଲୁ ପ୍ରାତାନା ଇଲୁ ଇଞ୍ଜି ୱେଡ୍ଗିନେ, ସାମା ମୀରୁ ଏ଼ଦାଆଁ
ଡଂଗାଁୟାଁ ପା଼ୱୁ ମ୍ଣ୍‌ପ୍‌ହା ମାଞ୍ଜେରି ।” ୧୪ ଇଞ୍ଜା଼ ମାହାପୂରୁ ଇଲୁତା କା଼ଣାୟାଁ,
ସଟାୟାଁ ତାନି ତା଼ଣା ୱା଼ତେରି ଇଞ୍ଜା଼ ଏ଼ୱାରାଇଁ ନେହିଁ କିତେସି । ୧୫ ସାମା
କାଜା ପୂଜେରାଙ୍ଗା ଅ଼ଡେ଼ ମେ଼ରାପୁନାରି ତା଼ନୁ କିହିମାନି କାବାଆ଼ନି କାମା
ମେସାନା ଅ଼ଡେ଼ “ମାହାପୂରୁ ଇଲୁତା ହ଼ସାନା ଦାୱୁଦ ମୀର୍‌ଏସି” ଇଞ୍ଜି
କାଜା ଗିୟାଁତଲେ କକାରି ଜ଼ଲିମାନାଣି ୱେଞ୍ଜା଼ନା କ଼ପା ଆ଼ତେରି । ୧୬
ଏ଼ୱାରି ଜୀସୁଇଁ ୱେଚେରି, “ଇୱାରି ଏ଼ନାଆଁ ଇଞ୍ଜି ମାନେରି, ନୀନୁ ଏ଼ଦାଆଁ
ୱେଞ୍ଜିମାଞ୍ଜି?” ଜୀସୁ ଏ଼ୱାରାଇଁ ଏଲେଇଚେସି, “ହାଅ, ୱେଞ୍ଜିମାଇଁ, ମୀରୁ
କକାରି ଇଞ୍ଜା଼ ପା଼ଲୁ ଗହ୍‌ନରାଇଁ ନିଙ୍ଗ ଜହରା ପା଼ଚୁ ପା଼ଚାଲି ଜା଼ପ୍‌ହାମାଞ୍ଜି,
ଦାର୍ମୁ ପତିତି ଇ କାତାତି ମୀରୁ ଏଚେଲା ପ଼ଡ଼ୱି ଆ଼ହାହିଲଅତେରି?”
୧୭ ଅ଼ଡେ଼ ଏ଼ୱାସି ଏ଼ୱାରାଇଁ ପିସାନା ଗା଼ଡ଼ାଟି ହ଼ଚାନା ବେତନିୟାଁତା
ହାଜାନା ଏମ୍ବାଆଁ ଲା଼ଆଁୟାଁ ଡ଼ୟିତେସି । ୧୮ ଜୀସୁ ଗା଼ଡ଼ାତା ୱେଣ୍ଡା
ହାଜିମାଚାଟି ହାକି ଆ଼ତେସି, ୧୯ ଅ଼ଡେ଼ ଜିରୁ ଦାରିତା ର଼ ଡ଼ୟା ମା଼ର୍‌ନୁ
ମେସାନା ଦାରିତା ହାଚେସି, ଇଞ୍ଜା଼ ୱା଼ର୍‌ଇ ଆ଼କା ପିସ୍‌ପେ ଏମ୍ବାଆଁ ଏ଼ନାଆଁ
ମେହ୍‌ଆତେସି ଇଞ୍ଜା଼ ଏ଼ଦାନି ବା଼କା ଇଟାନା ଏଲେଇଚେସି, “ନୀ ତା଼ଣା
ଏଚେଲା ପା଼ଡେ଼ୟି ଆ଼ୟାଆପେ” ଇଞ୍ଜା଼ ଏ଼ ଦେବୁଣିଏ ଏ଼ ଡ଼ୟା ମା଼ର୍‌ନୁ
ୱା଼ୟାହାଚେ । (aiōn g165) ୨୦ ସୀସୁୟାଁ ଏ଼ଦାଆଁ ମେସାନା କାବାଆ଼ହାନା
ଏଲେଇଚେରି, “ଡ଼ୟା ମା଼ର୍‌ନୁ ଏ଼ନିକିଁ ଏ଼ ଦେବୁଣିଏ ୱା଼ୟା ହାଚେ ।” ୨୧
ଜୀସୁ ଏ଼ୱାରାଇଁ ଏଲେଇଚେସି, “ନା଼ନୁ ମିଙ୍ଗେ ସାତା ୱେସିମାଞ୍ଜାଇଁ, ମୀ
ନାମୁ ମାଚିହିଁ, ଅ଼ଡେ଼ ମୀରୁ ଆନାମାନା ଆ଼ଆନା, ଇ ଡ଼ୟା ମା଼ର୍‌ନୁତି ଏ଼ନି
କିୱିଆ଼ହାମାନେ, ଏଲେକିହିଁଏ କିଦେରି ଏ଼ଦି ଆ଼ଏ, ‘ସାମା ଇ ହ଼ରୁତି

ଜିକେଏ ନୀନୁ ନିଡ୍ଗାନା ସାମ୍ଦୁରିତା ତର୍ଗାମୁ' ଇଞ୍ଜେରି, ଆତିହିଁ ଏ଼ଦି
ଆ଼ନେ । **୨୨** ଇଞ୍ଜାଁ ନାମୁତଲେ ପ୍ରାତାନାତା ଏ଼ନାଆଁ ରୀହ୍ଦେରି ଏ଼ ବାରେ
ମିଡ୍ଗେ ମେଡ଼ାଆୟାନେ ।" **୨୩** ଡ଼ାୟୁ ଜୀସୁ ମାହାପୂରୁ ଇଲୁତା ହ଼ଡାନା
ଜା଼ପ୍ହି ମାଚାଟି, କାଜା ପୂଜେରାଙ୍ଗା ଅ଼ଡ଼େ ଲ଼କୁତି କାଜାରି ଏ଼ୱାଣି ତା଼ଣା
ୱା଼ହାନା ୱେଚେରି, "ନୀନୁ ଆମିନି ଅଦିକାରା ତଲେ ଈ ବାରେ କାମା
କିହିମାଞ୍ଜି? ନିଡ୍ଗେ ଏ଼ ଅଦିକାରା ଆମ୍ବାଆସି ହିୟାତେସି?" **୨୪** ଜୀସୁ
ଏ଼ୱାରାଇଁ ଏଲେଇଚେସି, "ନା଼ନୁ ଜିକେଏ ମିଡ୍ଗେ ର଼ କାତା ୱେଞ୍ଜାଇଁ,
ମୀରୁ ଏ଼ଦାଆଁ ୱେଣ୍ତେ ୱେସ୍ତାତିହିଁ, ନା଼ନୁ ଆମିନି ଅଦିକାରା ତଲେ ଈ
ବାରେ କାମା କିହିମାଇଁ, ନା଼ନୁ ଜିକେଏ ମିଡ୍ଗେ ୱେସ୍ତାଇଁ । **୨୫** ଜହନ
ବାପ୍ତିସ୍ମ ହୀହାଲି ଆମ୍ବାଆରି ତା଼ଣାଟି ବେଟା ଆ଼ହାମାଚେସି, ଲାକପୂରୁଟି
କି ଲ଼କୁ ତା଼ଣାଟି?" ଏଚେଟିଏ ଏ଼ୱାରି ତା଼ମ୍ବୁ ତା଼ମ୍ବୁଏ ଜ଼ଲ୍କି ଆ଼ତେରି,
"ମାହାପୂରୁ ତା଼ଣାଟି ଇଞ୍ଜୁଁ ୱେସ୍ତିହିଁ, ଏ଼ୱାସି ମାଡ୍ଗେ ଏଲେଇଞ୍ଜାନେସି,
'ମୀରୁ ଏ଼ନାଆଁତାକି ଏ଼ୱାଣାଇଁ ନାମାଆତେରି?' **୨୬** ସାମା ମାଣ୍ସିୟାଁ
ତା଼ଣାଟି ଇନାୟି, ଲ଼କୁତାକି ଆଜି, ଇଚିହିଁ ବାରେ ଲ଼କୁ ଜହନଇଁ ମାହାପୂରୁ
ଅଣ୍ପୁତି ବ଼ଲୁ ୱେହ୍ନାସି ଇଞ୍ଜିହିଁ ମା଼ନୱି ଆ଼ହିମାନେରି ।" **୨୭** ଏ଼ଦାଆଁତାକି
ଏ଼ୱାରି ଜୀସୁଇଁ ଏଲେଇଚେରି, "ମା଼ମ୍ବୁ ପୁଞ୍ଜାହିଲଅମି ।" ଏ଼ୱାସି ଜିକେଏ
ଏ଼ୱାରାଇଁ ଏଲେଇଚେସି, "ଆତିହିଁ ନା଼ନୁ ଜିକେଏ ଆମିନି ଅଦିକାରା
ତଲେ ଈ ବାରେ କିହିମାଇଁ, ଏ଼ଦାଆଁ ନା଼ନୁ ଜିକେଏ ମିଡ୍ଗେ ୱେସ୍ତଅଁ ।"
**୨୮** ମୀରୁ ଏ଼ନାଆଁ ଅଣ୍ପିମାଞ୍ଜେରି? ରଅଣାକି ରୀ ମୀର୍କା ମାଚେରି,
ଏ଼ୱାସି କାଜା ମୀର୍ଏଣି ତା଼ଣା ୱା଼ହାନା ଏଲେଇଚେସି, "ମୀର୍ଏଣା ନୀଞ୍ଜୁ
ଅଡ୍ଙ୍କରି ବା଼ଡ଼ାତା ହାଜାନା କାମା କିମୁ ।" **୨୯** ଏ଼ୱାସି ଏଲେଇଚେସି,
"ନାଡ୍ଗେ କାମା କିହାଲି ମ଼ନ ହିଲେଏ" ସାମା ଡ଼ାୟୁ ଏ଼ୱାସି ଅଣ୍ପାନା କାମା
କିହାଲି ହାଚେସି । **୩୦** ଇଞ୍ଜାଁ ଉଣା ମୀର୍ଏଣା ତା଼ଣା ୱା଼ହାନା ଏଲେଇଞ୍ଜି
ୱେସ୍ତେସି, ଏ଼ୱାସି ଏଲେଇଚେସି, "ହାଅ ଆ଼ବା ନା଼ନୁ ହାଜିମାଇଁ, ସାମା
ଏ଼ୱାସି ହାଲାଆତେସି । **୩୧** ଈ ରିଆରି ବିତ୍ରାଟି ଆମ୍ବାଆସି ଆ଼ବା ମ଼ନ
ଲେହେଁ କିତେସି?" ଏ଼ୱାରି ଏଲେଇଚେରି "କାଜାସି ।" ଜୀସୁ ଏ଼ୱାରାଇଁ
ଏଲେଇଚେସି, ନା଼ନୁ ମିଡ୍ଗେ ସାତା ୱେସିମାଞ୍ଜାଇଁ, ସିସ୍ତୁ ରୀହ୍ନାରି ଇଞ୍ଜାଁ
ଦା଼ରେଣିସିକା ମୀ ନ଼କେଏ ମାହାପୂରୁ ରା଼ଜିତା ହ଼ଡ଼୍ନୁ । **୩୨** ବାପ୍ତିସ୍ମ
ହୀନି ଜହନ ୱା଼ହାନା ମୀ ତା଼ଣା ଦାର୍ମୁତି ଜିରୁ ତ଼ସ୍ତାତେସି, ଅ଼ଡ଼େ ମୀରୁ
ଏ଼ୱାଣାଇଁ ନାମାଆତେରି, ସାମା ସିସ୍ତୁ ରୀହ୍ନାରି ଇଞ୍ଜାଁ ଦା଼ରେଣିସିକା
ଏ଼ୱାଣାଇଁ ନାମିତୁ, ସାମା ମୀରୁ ଏ଼ନିକିଁ ନାମିଦେରି, ଏ଼ଦାଆଁତାକି ଏ଼ନାଆଁ
ମେସାନା ଜିକେଏ ହିୟାଁ ବାଦ୍ଲି କିଆତେରି । **୩୩** ଅ଼ଡ଼େ ର଼ ପୁଣ୍ମ୍ବିକିନି
କାତା ୱେଞ୍ଜୁ, ର଼ ବୂମି ଗାଟାସି ମାଚେସି, ଏ଼ୱାସି ର଼ ଅଡ୍ଙ୍କରି ବା଼ଡ଼ା କିହାନା
ସା଼ରିୱାକି ବେୟିଁ ଗୂର୍ତେସି, ଇଞ୍ଜାଁ ଅଡ୍ଙ୍କରି ପା଼ଡ଼େୟି ପୀଚାଲି ର଼ ଗା଼ଡ଼୍ୟୁ
କା଼ର୍ହାନା ର଼ ଗା଼ଣା ହଲୁଲେହେଁ କିତେସି, ଇଞ୍ଜାଁ କା଼ଠଆନି ଇଲୁ ର଼କେପାନା
କାମା କିନାରାକି ଏ଼ ବା଼ଡ଼ାତି ବା଼ଗା ହୀହାନା ହେକ ର଼ଦେସାତା ହାଚେସି
। **୩୪** ଡ଼ାୟୁ ପା଼ଡ଼େୟି କାମ୍ବି ର଼ବେଲା ଆୟାଲିଏ, ଏ଼ୱାସି ତାନି ପା଼ଡ଼େୟି
ବା଼ଗା ବେଟାଆ଼ହାଲି, ବା଼ଡ଼ାତା କାମାକିନାରି ତା଼ଣା, ତାନି ହ଼ଲିୟାଙ୍ଗାଣି
ପାଣ୍ତିତେସି । **୩୫** ସାମା କାମାକିନାରି ତାନି ହ଼ଲିୟାଙ୍ଗାଣି ଆସାନା
ରଅଣାଇଁ ର଼ୱେତେରି ଇଞ୍ଜାଁ ଅ଼ର ରଅଣାଇଁ ପା଼ୟିତେରି, ଅ଼ଡ଼େ ରଅଣାଇଁ
ୱାଲ୍କା ର଼ୱେଚାନା ପା଼ୟାଁ କୁତାତୁସ୍ତେରି । **୩୬** ଅ଼ଡ଼େ ଏ଼ୱାସି ତଲିତି
କିହାଁ ହା଼ରେକା ଜା଼ଣା ହ଼ଲିୟାଙ୍ଗାଣି ପାଣ୍ତିତେସି, ଅ଼ଡ଼େ ଏ଼ୱାରି ଏ଼ୱାରାଇଁ
ଜିକେଏ ଏଲେକିତେରି । **୩୭** ସାମା ନା଼ ମୀର୍ଏଣାଇଁ ଏ଼ୱାରି ମା଼ନି
କିନେରି ଇଞ୍ଜୁଁ ଅଣ୍ପାନା, ଏ଼ୱାସି ଡ଼ାୟୁ ତାନି ମୀର୍ଏଣାଇଁ ଏ଼ୱାରିତା଼ଣା
ପାଣ୍ତିତେସି । **୩୮** ସାମା ଏ଼ କାମାକିନାରି ମୀର୍ଏଣାଇଁ ମେସାନା ତା଼ମ୍ବୁ
ତା଼ମ୍ବୁଏ ୱେସ୍ପି ଆ଼ତେରି, ଈୱାସିତ ବା଼ଡ଼ାତି ଅଦିକାରା ଗାଟାସି; ୱା଼ଦୁ
ଈୱାଣାଇଁ ପା଼ୟାନା ଅଡ୍ଙ୍କରି ବା଼ଡ଼ାତି ଅଦିକାରା କିହାକଡିନ । **୩୯** ଇଞ୍ଜାଁ
ଏ଼ୱାରି ଏ଼ୱାଣାଇଁ ଅଡ୍ଙ୍କରି ବା଼ଡ଼ା ଆତାଲା ମେତ୍ହାନା ପା଼ୟିତେରି ।
**୪୦** ଜୀସୁ ଏ଼ୱାରାଇଁ ୱେଚେସି, "ଇଚିହିଁ ଏଚି଼ବେଲା ଏ଼ ଅଡ୍ଙ୍କରି ବା଼ଡ଼ାତି
ସା଼ୱୁକାରି ୱା଼ନେସି, ଏଚି଼ବେଲା ଏ଼ କାମା କିନାରାଇଁ ଏ଼ନାଆଁ କିନେସି
।" **୪୧** ଏ଼ୱାରି ଏ଼ୱାଣାଇଁ ଏଲେଇଚେରି, "ଏ଼ ଲାଗେଏ ପ଼ଲେଏତି
କାମା କିନାରାଇଁ କସ୍ତ ହୀହିଁ ପା଼ୟିନେସି, ଇଞ୍ଜାଁ ଏ଼ୱାଣାକି କାମ୍ବିନିସାରି
ବା଼ଗା ହୀନି ଏଟ୍କାତି କାମା କିନାରାକି ଅଡ୍ଙ୍କରି ବା଼ଡ଼ାତି ହେର୍ପିନେସି
।" **୪୨** ଜୀସୁ ଏ଼ୱାରାଇଁ ଏଲେଇଚେସି, "ମୀରୁ ଦାର୍ମୁ ପତିତି ଈ କାତା
ଏଚେଲାୱା ପ଼ଡ଼ୱି ଆ଼ହାହିଲଅତେରି କି?" ଇଲୁ ଦହ୍ନାରି ଆମିନି ୱାଲିତି
ମିଣ୍ଏ ଇଞ୍ଜୁଁ କୂତେରି, ଏ଼ଦିଏ ଇଲୁ କନତି ମୂଲୁ ୱାଲି ଆ଼ତେ; ମାହାପୂରୁ
ତା଼ଣାଟି ଈଦି ଆ଼ତେ, ଇଞ୍ଜାଁ ଏ଼ଦି ମା଼ କାନୁତାକି କାବା ଆ଼ନାୟି । **୪୩**
"ଏ଼ଦାଆଁତାକି ନା଼ନୁ ମିଡ୍ଗେ ୱେସିମାଞ୍ଜାଇଁ, ମାହାପୂରୁତି ରା଼ଜି ମୀ ତା଼ଣାଟି
ମୀଞ୍ଜା ଅ଼ୱିଆ଼ନେ, ଇଞ୍ଜାଁ ଆମିନି ଜା଼ତିତି ଲ଼କୁ ନେହିଁ ପା଼ଡ଼େୟି କାମ୍ବି
କିନେରି ଏ଼ୱାରାକି ହୀନେସି । **୪୪** ଅ଼ଡ଼େ ଆମ୍ବାଆସି ଈ ୱାଲି ଲାକ
ରିନେସି ଏ଼ୱାସି କାଣ୍ତାମୁକା ଆ଼ନେସି, ଇଞ୍ଜାଁ ଈ ୱାଲି ଆମ୍ବାଆରି ଲାକ
ରିନେ ଏ଼ଦି ଏ଼ୱାଣାଇଁ ନା଼ସାକିନେ ।" **୪୫** କାଜା ପୂଜେରାଙ୍ଗା ଅ଼ଡ଼େ
ପାରୁସିୟାଁ ଈୱାଣି ଈ ବାରେ ପୁଣ୍ମ୍ବିକିନି କାତା ୱେଞ୍ଜାନା, ଏ଼ୱାସି ଏ଼ୱାରି
କାତା ୱେସିମାନେସି ଇଞ୍ଜୁଁ ପୁଚେରି, **୪୬** ଇଞ୍ଜାଁ ଏ଼ୱାରି ଏ଼ୱାଣାଇଁ ଆସାଲି
ଅଣ୍ପିମାଚେରି, ସାମା ଲ଼କୁଇଁ ଆଜିତେରି, ଏ଼ନାଆଁତାକି ଇଚିହିଁ ଏ଼ୱାଣାଇଁ
ର଼ ମାହାପୂରୁ ଅଣ୍ପୁତି ବ଼ଲୁ ୱେହ୍ନାସି ଇଞ୍ଜୁଁ ମା଼ନି କିହିମାଚେରି ।

**୨୨** ଅ଼ଡ଼େ ୱେଣ୍ତେ ଜୀସୁ ପୁଣ୍ମ୍ବିକିନି କାତାତଲେ ଏଲେଇଚେସି, **୨**
ଲାକପୂରୁତି ରା଼ଜି ଇଲେତାୟି, ର଼ ରାଜା ଲେହେଁ, ଏ଼ୱାସି ତାନି
ମୀର୍ଏଣା ବୀହା ବ଼ଜି କିତେସି, **୩** ଇଞ୍ଜାଁ ଏ଼ ବୀହା ବ଼ଜିତା ହା଼ଟାମାନି
ଲ଼କୁଣି ବ଼ଜିତା ୱା଼ପେରିୱା ଇଞ୍ଜୁଁ ତାନି ହ଼ଲିୟାଙ୍ଗାଣି ପାଣ୍ତିତେସି, ସାମା
ଏ଼ୱାରି ୱା଼ହାଲି ମ଼ନ କିଆତେରି । **୪** ଅ଼ଡ଼େ ୱେଣ୍ତେ ଏଟ୍କାତି ହ଼ଲିୟାଙ୍ଗାଣି
ପାଣ୍ତାନା ଏଲେଇଚେସି, ହା଼ଟି କିହାମାନି ଲ଼କୁଣି ୱେହ୍ଦୁ, ମେହ୍ଦୁ ନା଼ନୁ
ନା଼ ବ଼ଜି ୱାଜା ମାଇଁ, ଆଡ୍ଗା ଆ଼ତି କ଼ଡିୟାଁ ପା଼ୟ୍ୱି ଆ଼ହାମାନୁ, ବାରେ
ରା଼ନ୍ଦା ଆ଼ତେୟିଏ, ମୀରୁ ବୀହା ବ଼ଜିତା ୱା଼ଦୁ । **୫** ସାମା ଏ଼ୱାରି ଏ଼ଦାଆଁ
ଅଣ୍ପାଆନା ଆମ୍ବାଆରି ତାମି ତ଼ାସା କାମାତା ହାଚେରି, ଇଞ୍ଜାଁ ଆମ୍ବା
ଆମ୍ବାଆରି ତାମି ର଼ବେବାରା କିୟାଲି ହାଚେରି, **୬** ଅ଼ଡ଼େ ଏଚରଜା଼ଣା ଲ଼କୁ

ତାନି ହ଼ଲିୟାଙ୍ଗାଣି ଆସାନା ପା଼ୟିତେରି । **୭** ସାମା ରାଜା କ଼ପା ଆ଼ହାନା
ତାନି କ଼ସ୍‌କାଣି ପାଣ୍ତାନା ଏ଼ ପା଼ୟିତାରାଇଁ ପା଼ୟି କିତେସି ଇଞ୍ଜ଼ାଁ ଏ଼ୱାରି
ନା଼ସ୍‌କା ମ୍ନେ଼ଣ୍‌କ୍‌ହା ତୁସ୍ତେରି । **୮** ଏମ୍ବାଟିଏ ଏ଼ୱାସି ତାନି ହ଼ଲିୟାଙ୍ଗାଣି
ଏଲେଇଚେସି, ବୀହା ବ଼ଜି ଆ଼ହାମାନେ, ସାମା ହ଼ାଟ୍‌କି ଆ଼ହାମାନି ଲ଼କୁ
ପା଼ଡ଼ା ଆ଼ଆତାରି, **୯** ଏ଼ଦାଆଁତାକି ନୀଏଁ ମୀରୁ ଗା଼ଡ଼ାତି କାଜା ଡାଣ୍ଡେଣାଁ
ହାଜାନା, ଏଚରଜା଼ଣାତି ମେହ୍‌ଦେରି, ଏ଼ୱାରାଇଁ ବୀହା ବ଼ଜିତା ହ଼ାଟା
ତାଦୁ । **୧୦** ଏମ୍ବାଟିଏ ଏ଼ ହ଼ଲିୟାଙ୍ଗା କାଜା ଡାଣ୍ଡେଣାଁ ହାଜାନା ଲାଗେଏ
ପ଼ଲେଏତାରାଇଁ ଇଞ୍ଜ଼ାଁ ଏଚେକା ନେହାଁରାଇଁ ମେସ୍ତେରି, ଏ଼ ବାରେତି
ରୁଣ୍ତି କିହାନା ବୀହା ଇଲୁତା ତାତେରି, ଇଞ୍ଜ଼ାଁ ୱ଼ାହାମାନି ଲ଼କୁ ବୀହା
ଇଲୁତା ନେଞ୍ଜିତେରି । **୧୧** ସାମା ରାଜା ବୀହା ବ଼ଜିତା ୱ଼ାହାମାନି ଲ଼କୁଣି
ସିନିକିହାଲି ବିତ୍ରା ୱ଼ାହାନା ଏମ୍ବାଆଁ ବୀହା ହିମ୍ବରି ହୁଚାଆନା କୁଗାମାନି
ରଅଣାଇଁ ମେସାନା ଏ଼ୱାଣାଇଁ ଏଲେଇଚେସି, **୧୨** ଏ଼ ତ଼ଣେ, ନୀନୁ
ବୀହା ହିମ୍ବରି ହୁଚାଆନା ଏ଼ନିକିଁ ଇମ୍ବାଆଁ ୱ଼ାତି? ସାମା ଏ଼ୱାସି ଏ଼ନି
ହ଼ାଡା ଆ଼ଆନା ଡ଼ୟିତେସି । **୧୩** ଏମ୍ବାଟିଏ ରାଜା ଏମ୍ବାଆଁ ହ଼ଲିୟାଙ୍ଗାଇଁ
ଏଲେଇଚେସି, ଈୱାଣି କେସ୍କା କଡାୟାଁ ଦସାନା ପାଙ୍ଗାତି ଆନ୍ଦେରିତା
ମେତ୍‌ହା ତୁହ୍‌ଦୁ, ଏମ୍ବାଆଁ ଡ଼ୀହିଁ ପାଲ୍‌କା ଟୀଟି କିନେସି । **୧୪** ଇଚିହିଁ
ହ଼ାଟ୍‌କି ଆ଼ତି ଲ଼କୁ ହ଼ାରେକା ଜ଼ାଣା ସାମା ଆ଼ଚିତି ଲ଼କୁ ହ଼ାରେକା ଊଣା
ଜ଼ାଣା । **୧୫** ଏଚିବେ଼ଲା ପାରୁସିୟାଁ ହାଜାନା ଜୀସୁଇଁ ତାନି ୱେସ୍ତି
କାତାଟି ଦ଼ହ ଦସାଲି ପାରୁ ପାରୀତେରି । **୧୬** ଇଞ୍ଜ଼ାଁ ଏ଼ୱାରି ହେରଦ
ଗଚି ବିତ୍ରାଟି ଏଚେକା ଲ଼କୁତଲେ ତାମି ସୀସୁୟାଁଇଁ ଜୀସୁ ତ଼ାଣା ୱେସା
ପାଣ୍ତିତେରି, “ଏ଼ ଗୂରୁ ମ଼ାମ୍ବୁ ପୁଞ୍ଜ଼ାମାନମି ନୀନୁ ସାତା ୱେହ୍‌ନାତି ଇଞ୍ଜ଼ାଁ
ସାତା କିହିଁ ମାହାପୂରୁତି ଜିରୁ ଜ଼ାପ୍‌ନାତି, ଇଞ୍ଜ଼ାଁ ଆମ୍ବାଆରାଇଁ ଆଜଅତି
ଅ଼ଡ଼େ ଆମ୍ବାଆରି ପାର୍‌ଡ଼ା ବାଚିକିହିଁ ଜ଼ଲିନାତି ଆ଼ଏ । **୧୭** ଈଦାଆଁତାକି
ନୀନୁ ମାଙ୍ଗେ ୱେସ୍ତାମୁ, ନୀ ଅଣ୍‌ପୁତା ଏ଼ନାୟି ମାନେ? କାୟିସରକି
ସିସ୍ତୁ ହୀନାୟ଼ ମେ଼ରା କି ଆ଼ଏ?” **୧୮** ସାମା ଜୀସୁ ଏ଼ୱାରି କାର୍‌ବି
ପୁଞ୍ଜ଼ାନା ଏଲେଇଚେସି, “ଆଡ଼େ କୁଟୁ ଗାଟାତେରି ନାଙ୍ଗେ ଏ଼ନାଆଁତାକି
ତାୟିପାରି କିହିମାଞ୍ଜ଼ାଦେରି? **୧୯** ଏ଼ ସିସ୍ତୁ ହୀନି ଟାକା ନାଙ୍ଗେ ହିୟାଦୁ
।” ଏମ୍ବାଟିଏ ଏ଼ୱାଣି ତ଼ାଣା ର଼ ଟାକା ଆଦ୍‌ଲି ହୀତେରି । **୨୦** ଜୀସୁ
ଏ଼ୱାରାଇଁ ୱେଚେସି, “ଈ ଆଦ୍‌ଲି ଲାକ ଆମ୍ବାଆରି ଦ଼ରୁ ଅ଼ଡ଼େ ତ଼ାୟୁଁ
ବମା ମାନେ?” **୨୧** ଏ଼ୱାରି ଏଲେଇଚେରି, “କାୟିସରୱାୟି ।” ଜୀସୁ
ଏ଼ୱାରାଇଁ ଏଲେଇଚେସି, “ଆତିହିଁ ଆମିନାୟି କାୟିସରୱାୟି ଏ଼ଦାଆଁ
କାୟିସରକି ହୀଦୁ, ଅ଼ଡ଼େ ଆମିନାୟି ମାହାପୂରୁୱାୟି ଏ଼ଦାଆଁ ମାହାପୂରୁକି
ହୀଦୁ ।” **୨୨** ଏ଼ୱାରି ଏ଼ଦାଆଁ ୱେଞ୍ଜ଼ାନା କାବାଆ଼ହାନା ଏ଼ୱାଣାଇଁ ପିସାଁ
ହାଜାତୁସ୍ତେରି । **୨୩** ହ଼ାକିଟି ୱେଣ୍ତେ ନିଙ୍ଗିନାୟି ହିଲେଏ ଇଞ୍ଜିମାନି
ଏଚରଜ଼ାଣା ସାଦୁକିୟାଁ ଏ଼ ଦିନା ଜୀସୁ ତ଼ାଣା ୱ଼ାହାନା ୱେଚେରି । **୨୪**
“ଏ଼ ଗୂରୁ ମ଼ସା ୱେସାମାଞ୍ଜ଼ାନେସି, ରଅସି ପ଼ଦି ପ଼ଦା ଆ଼ଆନା ହ଼ାତିହିଁ
ତାନି ତାୟି ତାନି ଡକ୍ରିନି ଇଟାନା ଏ଼ ହ଼ାତାଣି କୂଡ଼ା ଏ଼ପାକିନେସି । **୨୫**
ମେହ୍‌ମୁ ମ଼ା ତ଼ାଣା ସ଼ାତା ଜ଼ାଣା ତାୟିୟାଁ ମାଚେରି; ତଲି ମୂଲୁ ତାସି ବୀହା
ଆ଼ହାନା ହ଼ାହାହାଚେସି, ଇଞ୍ଜ଼ାଁ କକାରି ପ଼ଦାୟାଁ ହିଲାଆତାକି ଏ଼ୱାସି ତାନି
ଡକ୍ରିନି ତାନି ତାୟିକି ପିସାହାଚେସି; **୨୬** ଏ଼ୱାଣି ଜେ଼ଚତାସି ଅ଼ଡ଼େ ଏ଼ୱାଣି
ଜେ଼ଚତାସି ଏଲେକିହିଁ ସାତା ଜ଼ାଣା ଜିକେଏ ହ଼ାତେରି । **୨୭** ବାରେତି
ଡ଼ାୟୁ ଏ଼ ଇୟାଟି ଜିକେଏ ହ଼ାତେ । **୨୮** ଆତିହିଁ ୱେଣ୍ତେ ନିଙ୍ଗିନାଟି ଏ଼
ସାତା ଜ଼ାଣା ବିତ୍ରା ଆମ୍ବାଆରି ଡକ୍ରି ଆ଼ନେ? ଇଚିହିଁ ବାରେଜ଼ାଣା ଏ଼ଦାନି
ବୀହା ଆ଼ହାମାଚେରି ।” **୨୯** ଜୀସୁ ଏ଼ୱାରାଇଁ ଏଲେଇଚେସି, “ମୀରୁ ଦାର୍ମୁ
ସ଼ାସ୍ତେରି ଅ଼ଡ଼େ ମାହାପୂରୁତି ବ଼ାଡ଼୍‌ୟୁ ପୁନାଆନା ନ଼ାଡ଼ି ଆ଼ହିମାଞ୍ଜେରି ।
**୩୦** ଇଚିହିଁ ହ଼ାହାନା ୱେଣ୍ତେ ନିଙ୍ଗିସାରେ ଲ଼କୁ ବୀହା ଆ଼ଅରି, କି ବୀହା
ହୀଅରି, ସାମା ଲାକପୂରୁତି ଦୂତୁୟାଁଲେହେଁ ଆ଼ନେରି । **୩୧** ସାମା ହ଼ାତାରି
ୱେଣ୍ତେ ନିଙ୍ଗିନି କାତା ମାହାପୂରୁ ମିଙ୍ଗେ ଏ଼ନାଆଁ ୱେସାମାଞ୍ଜ଼ାନେସି ଏ଼ଦାଆଁ
ମୀରୁ ପ଼ଡ଼ୱି ଅ଼ହାହିଲଅତେରି? **୩୨** ନ଼ାନୁ ଅବ୍ରାହାମତି ମାହାପୂରୁ,
ଇସାହାକତି ମାହାପୂରୁ, ଅ଼ଡ଼େ ଜାକୁବତି ମାହାପୂରୁତେଏଁ, ଏ଼ୱାସି ହ଼ାତି
ଲ଼କୁତି ମାହାପୂରୁ ଆ଼ଏ ସାମା ଜୀୱୁଗାଟାରି ମାହାପୂରୁ ।” **୩୩** ଲ଼କୁ
ବାରେ ଏ଼ୱାଣି ଜ଼ାପ୍‌ନାଣି ୱେଞ୍ଜ଼ାନା କାବା ଆ଼ହାହାଚେରି । **୩୪** ଜୀସୁଇଁ
ସାଦୁକିୟାଁ ୱେଣ୍ତେ ୱେସାଲି ଆ଼ଡି ହିଲଅରି ଇଞ୍ଜ଼ାଁ ପୁଞ୍ଜ଼ାନା ପାରୁସିୟାଁ
ବିତ୍ରାଟି ରୁଣ୍ତା ଆ଼ତେରି, **୩୫** ଅ଼ଡ଼େ ଏ଼ୱାରି ବିତ୍ରାଟି ମେ଼ରା ପୁନାସି ରଅସି
ଜୀସୁଇଁ ତାୟିପାରିକିହିଁ ୱେଚେସି, **୩୬** “ଗୂରୁ ବାରେ ହୁକୁମିକା ବିତ୍ରାଟି
ଆମିନି ହୁକୁମି କାଜାୟି?” **୩୭** ଜୀସୁ ଏ଼ୱାଣାଇଁ ଏଲେଇଚେସି, ନୀନୁ
ନୀ ବାରେ ହିୟାଁ, ନୀ ବାରେ ଜୀୱୁ ବାରେ ଅଣ୍‌ପୁ ତଲେ ପ୍ରବୁ ନୀ
ମାହାପୂରୁଇଁ ଜୀୱୁ ନ଼ମୁ । **୩୮** ଈଦିଏ ବାରେ ହୁକୁମିକା କିହାଁ କାଜାୟି
ଇଞ୍ଜ଼ାଁ ତଲିତି ହୁକୁମି । **୩୯** ଏ଼ଦାଣି ଜେ଼ଚତି ହୁକୁମି ଜିକେଏ ଏଲେକିହିଁଏ,
ନୀନୁ ନୀ ପା଼ଡ଼ିତି ଲ଼କୁଣି ନୀ ଜୀୱୁତି ଜୀୱୁ ନ଼ହାଁ କଡିନି ଲେହେଁ ଜୀୱୁ
ନ଼ମୁ । **୪୦** ଈ ରୀ ହୁକୁମିତା ମ଼ସାତି ବାରେ ମେ଼ରା, ଅ଼ଡ଼େ ମାହାପୂରୁ
ଅଣ୍‌ପୁତି ବ଼ଲୁ ୱେହ୍‌ନାରି କାତା ମାଞ୍ଜ଼ାମାନେ । **୪୧** ପାରୁସିୟାଁ ରୁଣ୍ତା
ଆ଼ହାମାଚାଟି ଜୀସୁ ଏ଼ୱାରାଇଁ ୱେଚେସି, **୪୨** “କ୍ରୀସ୍ତଇଁ ମୀରୁ ଆମ୍ବାଆସି
ଇଞ୍ଜ଼ାଁ ମୀରୁ ଅଣ୍‌ପିମାଞ୍ଜେରି? ଏ଼ୱାସି ଆମ୍ବାଆରି ମୀର୍‌ଏସି?” ଏ଼ୱାରି
ଏ଼ୱାଣାଇଁ ଏଲେଇଚେରି “ଦାୱୁଦ ମୀର୍‌ଏସି ।” **୪୩** ଜୀସୁ ଏ଼ୱାରାଇଁ
ଏଲେଇଚେସି, “ଆତିହିଁ ଦାୱୁଦ ଏ଼ନିକିଁ ସୁଦୁଜୀୱୁ ତଲେ ଏ଼ୱାଣାଇଁ ପ୍ରବୁ
ଇଞ୍ଜ଼ାଁ ମାଚେସି?” ଦାୱୁଦ ଏଲେଇଚେସି, **୪୪** “ପ୍ରବୁ ନ଼ା ପ୍ରବୁଇଁ ୱେସ୍ତେସି,
ନ଼ାନୁ ନୀ ସାତ୍ରୁୟାଁଣି ନୀ କଡାୟାଁ ଡ଼ଇ ଇଟାଆ ପାତେକା ନ଼ା ଟିଃନି ଟଟତା
କୁଗାମାନାମୁ । **୪୫** ଇଚିହିଁ ଦାୱୁଦ ତ଼ାନୁଏ ଏ଼ୱାଣାଇଁ ପ୍ରବୁ ଇଚିହିଁ, କ୍ରୀସ୍ତ
ଏ଼ନିକିଁ ଦାୱୁଦ ମୀର୍‌ଏସି ଆ଼ନେସି?” **୪୬** ଏମ୍ବାଟି ଆମ୍ବାଆସି ଜିକେଏ
ଏ଼ୱାଣାଇଁ ୱେଣ୍ତେ ୱେସାଲି ଆ଼ଡାଆତେସି, ଅ଼ଡ଼େ ଏ଼ ନେ଼ଚୁଟିଏ ଆମ୍ବାଆସି
ଜିକେଏ ଜୀସୁଇଁ ଏ଼ନି କାତା ୱେଞ୍ଜ଼ାଲି ସ଼ାସା କିଆତେରି ।

**୨୩** ଏଚିବେ଼ଲାତା ଜୀସୁ ବାରେ ଲ଼କୁଇଁ ଇଞ୍ଜ଼ାଁ ତାନି ସୀସୁୟାଁଇଁ
ଏଲେଇଚେସି, **୨** ମେ଼ରାପୁନାରି ଅ଼ଡ଼େ ପାରୁସିୟାଁ ମ଼ସାତି ମେ଼ରା
ଜ଼ାପ୍‌ହାଲି ପା଼ଣା ବେଟାଆ଼ହାମାନେରି । **୩** ଏ଼ଦାଆଁତାକି ଏ଼ୱାରି ମିଙ୍ଗେ
ଏ଼ନାଆଁ ୱେସ୍ତାତିହିଁ ଏ଼ଦାଆଁ ମ଼ାନୱି ଆ଼ଦୁ, ଅ଼ଡ଼େ ଏ଼ୱାରି ୱେସ୍ତିଲେହେଁ

କିଦୁ, ସାମା ଏ଼ୱାରି କାମା କିନିଲେହେଁ କାମା କିଆଦୁ, ଇଚିହିଁ ଏ଼ୱାରି
ଏ଼ନାଆଁ କିନାୟିମାନେ ଇଞ୍ଜେଁ ୱେହ୍ନେରି ସାମା ଏ଼ୱାରି କିଅରି । ୪ ଏ଼ୱାରି
ବ଼ଜୁଗାଟି କ଼ାସ୍କା ଦସାନା ଲ଼କୁ ବମିତା ଏକ୍ନେରି ସାମା ତ଼ାମୁ ତାମି
ର଼ ୱାଞ୍ଜୁ ତଲେ ଜିକେଏ ପେର୍ହାଲି ମ଼ନ କିଅରି । ୫ ଏ଼ୱାରି ଲ଼କୁଣି
ତ଼ସାଲି ତାମି କିନି କାମା ବାରେ କିନେରି, ଇଚିହିଁ ଏ଼ୱାରି ପ଼ାଟାୟାଁଣା
ଦାର୍ମୁ ପଟିତି କାତା ର଼ାଚାନା ମ଼ପା ଅ଼ଡ଼େ ମୁଞ୍ଜୁତା ଦସା କଡିନେରି, ଇଞ୍ଜାଁ
ତାମି ହିମ୍ବରିକାତି ପୁର୍‌ଡ଼େୟାଁ କାଜା କାଜାଆଁ କିନେରି, ୬ ଅ଼ଡ଼େ ବ଼ଜିତା
ନେହିଁ ଟ଼ାୟୁ ଇଞ୍ଜାଁ ଜୀହୁଦି ଲ଼କୁତି କୁଟମି ଇଲୁତା ନେହିଁ କାଜା ଟ଼ାୟୁ
ପାରିନେରି, ୭ ଇଞ୍ଜାଁ ହ଼ାଟା ବାଜାରାତା ଜହରା ବେଟାଆ଼ହାଲି ଅ଼ଡ଼େ
ଲ଼କୁ ତ଼ାଣାଟି ଗୂରୁ ଇଞ୍ଜେଁ ମ଼ାନି ବେଟାଆ଼ହାଲି ନେହାୟି ଇଞ୍ଜେଁ ଅଣ୍‌ପିନେରି
। ୮ ସାମା ମୀରୁ ଗୂରୁ ଇଞ୍ଜେଁ ମ଼ାନି ବେଟାଆ଼ହାଲି ଅଣ୍‌ପାଆଦୁ, ଇଚିହିଁ
ମୀ ଗୂରୁ ରଅସି ମାନେସି, ଇଞ୍ଜାଁ ମୀରୁ ବାରେତାୟି ତାୟିୟାଁତେରି ।
୯ ଅ଼ଡ଼େ ଦାର୍‌ତିତା ଆମ୍ବାଆରାଇଁ ଜିକେଏ ଆ଼ବା ଇଞ୍ଜେଁ ମ଼ାନି କିଆଦୁ,
ଇଚିହିଁ ମୀ ଆ଼ବା ରଅସିଏ ଲାକପୂରୁ ମାନେସି । ୧୦ ଅ଼ଡ଼େ ମୀରୁ ସ଼ାଲୱି
କିନାତମି ଇଞ୍ଜେଁ ମ଼ାନି ପ୍ଣଃଆଦୁ, ଇଚିହିଁ ମିଞ୍ଜେ ସ଼ାଲୱି କିୟାନାସି ରଅସିଏ
ଏ଼ୱାସି କ୍ରୀସ୍ତୁ । ୧୧ ସାମା ମୀ ବିତ୍ରା ଆମ୍ବାଆସି କାଜାସି ଏ଼ୱାସି ମୀ
ସ଼େବା କିନାସି ଆ଼ନେସି । ୧୨ ଅ଼ଡ଼େ ଆମ୍ବାଆସି ତାଞ୍ଜେ କାଜାତେଏଁ
ଇଞ୍ଜେଁ ଇଞ୍ଜାଁ କଡିନେସି, ଏ଼ୱାଣାଇଁ ଉଣା କିୱିଆ଼ନେ, ଇଞ୍ଜାଁ ଆମ୍ବାଆସି
ତାଞ୍ଜେ ଉଣା କିହାକଡିନେସି, ଏ଼ୱାଣାଇଁ କାଜାସି କିୱିଆ଼ନେ । ୧୩
ଆୟ଼ତା ଡଣ୍ତ ପ଼ାଣ୍ନି କୁଟୁଗାଟି ପାରୁସିୟାଁ ଅ଼ଡ଼େ ମ଼େରା ପୁନାତେରି,
ଇଚିହିଁ ମୀରୁ ଲ଼କୁତାକି ଲାକପୂରୁ ର଼ାଜିତି ଦ଼ାରା ସୁଣ୍ତିଦେରି; ମୀରୁ ମୀରୁଏ
ଏମ୍ବାଆଁ ହ଼ଡି ହିଲଅତେରି, ଇଞ୍ଜାଁ ହ଼ଡାଲି ମ଼ନ ଗାଟି ଲ଼କୁଣି ଜିକେଏ
ହ଼ଡାଲି ହୀହି ହିଲଅତେରି । ୧୪ ଆୟ଼ତା ଡଣ୍ତ ପ଼ାଣ୍ନି କୁଟୁଗାଟି ମ଼େରା
ପୁନାତେରି ଅ଼ଡ଼େ ପାରୁସିୟାଁତେରି, ଇଚିହିଁ ମୀରୁ ଉଜେ ଉଜେଏ ଲାମ୍ବା
ପ୍ରାତାନା କିହାନା ର଼ାଣ୍ତେଣିସିକା ଇଲ୍‌କା ସେନ୍ନିନାତେରି; ଏ଼ଦାଆଁତାକି
ମୀରୁ ହ଼ାରେକା ଡଣ୍ତ ବେଟାଆ଼ଦେରି । ୧୫ ଆୟ଼ତା ଡଣ୍ତ ପ଼ାଣ୍ନି କୁଟୁଗାଟି
ପାରୁସିୟାଁ ଅ଼ଡ଼େ ମ଼େରା ପୁନାତେରି, ଇଚିହିଁ ମୀରୁ ରଅଣାଇଁ ଜୀହୁଦି
ଦାର୍ମୁତା ଆଟ୍ହାଲି ସାମ୍‌ଦୁରି ଆତାଲା ଗାଣ୍‌ଚାନା ଦ଼େସା ରେଜେରି, ଇଞ୍ଜାଁ
ଏଚିବ଼େଲା ଏ଼ୱାସି ଆଣ୍ତାନେସି, ଏଚିବ଼େଲାତା ମୀରୁ ଏ଼ୱାଣାଇଁ ମୀ କିହାଁ
ହ଼ାରେକା ଆଗାଡ଼ା ନର୍କତା ମେତ୍‌ପି ଆ଼ନାସି କିହାନା ଲାଗେଏ କିଦେରି ।
(Geenna g1067) ୧୬ ଆୟ଼ତା ଡଣ୍ତ ବେଟା ଆ଼ନାତେରି କ଼ାଣାୟାଁଇଁ ଜିରୁ
ତ଼ହ୍ନାତେରି, ମୀରୁ ଏଲେଇଞ୍ଜିମାଞ୍ଜେରି, ଆମ୍ବାଆସି ମାହାପୂରୁ ଇଲୁତି
ପାର୍‌ମାଣା କିତିହିଁ ଏ଼ନାୟି ହିଲେଏ, ସାମା ଆମ୍ବାଆସି ଇଲୁତି ବାଂଗାରାତି
ପାର୍‌ମାଣା କିତିହିଁ ଏ଼ୱାସି ପାର୍‌ମାଣା କିତିଲେହେଁ ତାପାଆନା କାମା
କିନାୟିମାନେ । ୧୭ ଆଡ଼େ କ଼ାଣାୟାଁ ଅ଼ଡ଼େ ବୁଦି ହିଲାଆଗାଟାତେରି
ବାଂଗାରା କି ଏ଼ ବାଂଗାରାତି ସୁଦୁ କିହାମାନି ଦ଼େୱୁଡ଼ି, ଇ ରୀ ବିତ୍ରାଟି
ଆମିନାୟି କାଜାୟି? ୧୮ ଅ଼ଡ଼େ ମୀରୁ ଏଲେଇଞ୍ଜିମାଞ୍ଜେରି, ଆମ୍ବାଆସି
ମାହାପୂରୁ ଇଲୁ ପିଣ୍ତାତି ପାର୍‌ମାଣା କିତିହିଁ ଏ଼ନାୟି ଆ଼ଏ, ସାମା ଆମ୍ବାଆସି
ପୂଜାପିଣ୍ତା ଲାକ ମାନି ଦ଼ାନାତି ପାର୍‌ମାଣା କିତିହିଁ, ପାର୍‌ମାଣା କିତିଲେହେଁ
ତାପାଆନା କାମା କିନାୟିମାନେ । ୧୯ ଆଡ଼େ କ଼ାଣାୟାଁତେରି, ଦ଼ାନା
କି ଏ଼ ଦ଼ାନାତି ସୁଦୁ କିହିମାନି ମାହାପୂରୁ ଇଲୁତି ପୂଜାପିଣ୍ତା, ଇ ରୀ
ବିତ୍ରାଟି ଆମିନାୟି କାଜାୟି? ୨୦ ଏ଼ଦାଆଁତାକି ଆମ୍ବାଆସି ଦ଼ାନାହୀନି
ପିଣ୍ତାତି ପାର୍‌ମାଣା କିନେସି, ଏ଼ୱାସି ଏ଼ ପିଣ୍ତା ଅ଼ଡ଼େ ପିଣ୍ତାତା ମାନି
ଦ଼ାନାତି ପାର୍‌ମାଣା କିହିମାନେସି; ୨୧ ଅ଼ଡ଼େ ଆମ୍ବାଆସି ମାହାପୂରୁ
ଇଲୁତି ପାର୍‌ମାଣା କିନେସି, ଏ଼ୱାସି ମାହାପୂରୁ ଇଲୁ ଇଞ୍ଜାଁ ଏମ୍ବାଆଁ
ବାସାଆ଼ହାମାନି ମାହାପୂରୁଇଁ ପାର୍‌ମାଣା କିନେସି; ୨୨ ଅ଼ଡ଼େ ଆମ୍ବାଆସି
ଲାକପୂରୁତି ପାର୍‌ମାଣା କିନେସି, ଏ଼ୱାସି ମାହାପୂରୁତି ସିଂଗାସାଣି ଇଞ୍ଜାଁ
ଏମ୍ବାଆଁ କୁଗାମାନି ମାହାପୂରୁଇଁ ପାର୍‌ମାଣା କିନେସି । ୨୩ ଆୟ଼ତା
ଡଣ୍ତ ପ଼ାଣ୍ନି କୁଟୁଗାଟି ମ଼େରା ପୁନାତେରି ଇଞ୍ଜାଁ ପାରୁସିୟାଁ, ଇଚିହିଁ
ମୀରୁ କୁମ୍ବୁରି କୁଚା, ର଼ାୟି, ଜିରା ଇନି ଉଣା ତ଼ାସା ବିତ୍ରାଟି ଜିକେଏ
ଦସ ବ଼ାଗାଟି ର଼ ବ଼ାଗା ହୀହିମାଞ୍ଜେରି, ଅ଼ଡ଼େ ମ଼ସା ମ଼େରାତି କାଜା
କାତାୟାଁ ଇଚିହିଁ ସାତା ନୀହାଁୟି କିନାୟି, କାର୍ମା ତ଼ହ୍ନାୟି, ଇଞ୍ଜାଁ ନାମୁ,
ଇ ବାରେ ପିସାମାଞ୍ଜେରି; ସାମା ଇ ବାରେ ମ଼ାନୱି ଆ଼ହାନା ଅ଼ଡ଼େ ଏ଼
ବାରେ ପିହ୍ଆୟି ମାନେ । ୨୪ ଆଡ଼େ କ଼ାଣାୟାଁ ଜିରୁ ତ଼ହ୍ନାତେରି,
ମୀରୁ ୱୀହାଁତି ହ଼ାଣି କିଦେରି ସାମା ଉଟୁଇଁ ଗୂହ୍ଦେରି । ୨୫ "ଆୟ଼ତା
ଡଣ୍ତ ପ଼ାଣ୍ନି କୁଟୁଗାଟି ମ଼େରା ପୁନାତେରି ଇଞ୍ଜାଁ ପାରୁସିୟାଁତେରି, ଇଚିହିଁ
ମୀରୁ ଗିନା ଅ଼ଡ଼େ ସାଡ଼ୱାତି ପାଜ୍ଗାତା ନର୍‌ହି ମାଞ୍ଜେରି, ସାମା ଏ଼ ବିତ୍ରା
ଜୂପ୍‌କା ଆ଼ହାଁ ସ଼ରୁ କିତି ଆ଼ସ୍ତି ବାରେ ନେଞ୍ଜି କିହାମାଞ୍ଜେରି । ୨୬ ଆଡ଼େ
କାଣ୍‌କା ମେହ୍ଆଗାଟି ପାରୁସିୟାଁ, ନ଼କେଏ ଗିନାତି ବିତ୍ରାତାଣି ନର୍‌ଦୁ,
ଏ଼ନିକିଁ ପାଜ୍ଗାତା ଜିକେଏ ନର୍‌ୱି ଆ଼ନେ ।" ୨୭ ଆୟ଼ତା ଡଣ୍ତ ପ଼ାଣ୍ନି
କୁଟୁଗାଟି ମ଼େରା ପୁନାତେରି ଇଞ୍ଜାଁ ପାରୁସିୟାଁ, ଏ଼ନାଆଁତାକି ଇଚିହିଁ ମୀରୁ
ହୁନୁ ଉସ୍‌ପିତି ମାଡ଼୍‌ହା ମୁହ୍ନି ଟ଼ାୟୁଲେହେଁ ତାତେରି । ଏ଼ଦି ପାଜ୍ଗାତା
ଅଜିକିଁ ତ଼ଞ୍ଜାଆ଼ନେ, ସାମା ବିତ୍ରା ହ଼ାତାରି ର଼େଣ୍‌କା ଇଞ୍ଜାଁ ସୀର୍‌ତାୟି
ନେଞ୍ଜିମାନେ; ୨୮ ଏଲେକିହିଁଏ ମୀରୁ ଜିକେଏ ପାଜ୍ଗାତି ଲ଼କୁ ନ଼କିତା
ଦାର୍ମୁଗାଟାତେରି ଲେହେଁ ତ଼ଞ୍ଜା ଆ଼ଦେରି, ସାମା ମୀ ହିୟାଁ ବିତ୍ରା କୁଟୁ
ଅ଼ଡ଼େ ପ଼ାପୁ ନେଞ୍ଜିମାନେ । ୨୯ ଆୟ଼ତା ଡଣ୍ତ ପ଼ାଣ୍ନି କୁଟୁଗାଟି ମ଼େରା
ପୁନାତେରି ଇଞ୍ଜାଁ ପାରୁସିୟାଁ, ଇଚିହିଁ ମୀରୁ ମାହାପୂରୁ ଅଣ୍‌ପୁତି ବ଼ଲୁ
ୱେହ୍ନାରି ମାଡ଼୍‌ହା ମୁହ୍ନି ଟ଼ାୟୁ କେପାନା, ଦାର୍ମୁଗାଟାରି ମାଡ଼୍‌ହା ମୁହ୍ନି
ଟ଼ାୟୁତି ମୁଣ୍ତା ଅଜିକିଁ କିହାନା ଏଲେଇଞ୍ଜିମାଞ୍ଜେରି; ୩୦ ମାମ୍ବୁ ମା଼ ଆକୁ
ଆ଼ବାୟାଁ ବ଼େଲାତା ମାଚିହିଁମା, ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍ନାରାଇଁ
ପ଼ାୟାଲି ଆଣ୍ତାଆତମିମା । ୩୧ ଏ଼ଦାଆଁତାକି ମୀରୁଏ ମାହାପୂରୁ ଅଣ୍‌ପୁତି
ବ଼ଲୁ ୱେହ୍ନାରାଇଁ ପ଼ାୟାମାନି ଲ଼କୁତି ମୀର୍‌କାତେରି, ଏ଼ କାତାତାକି
ମୀରୁଏ ମିଞ୍ଜେ ସ଼ାକି ହୀହା କଡିମାଞ୍ଜେରି । ୩୨ ମୀରୁ ହ଼ାଜାନା ମୀ ଆକୁ
ଆ଼ବାୟାଁ କିତି କାମା ର଼ାପ୍‌ଦୁ । ୩୩ ଆଡ଼େ ର଼ାସ୍‌କାତେରି, ଇଞ୍ଜାଁ ବୀସା
ଗାଟି ର଼ାସ୍‌କା କୂଡ଼ାତି ମୀର୍‌କାତେରି, ମୀରୁ ବିଚାରା ଦିନାତା ଏ଼ନିକିଁ ହ଼ିଚୁ
ଗୁଦ୍‌ୱାତି ଡଣ୍ତଟି ପିସ୍‌ପି ଆ଼ଦେରି? (Geenna g1067) ୩୪ ଏ଼ଦାଆଁତାକି

ମେହ୍ମୁ ନ଼ାନୁ ମୀ ତ଼ାଣା ମାହାପୂରୁ ଅଣ୍ପୁତି ବ଼ଲୁ ୱେହ୍ନାରାଇଁ, ବୁଦି
ଗାଟାରାଇଁ, ଇଞ୍ଜାଁ ଜ଼ାପ୍ନି ଗୂର୍କାଇଁ ପାଣ୍ତିମାଞ୍ଜାଇଁ; ଏ଼ୱାରି ବିତ୍ରାଟି ଆମ୍ବା
ଆମ୍ବାଆରାଇଁ ପ଼ାୟିଦେରି, ପ଼ାସି ମୁଣ୍ତାତା ଏ଼କ୍ହାନା ପ଼ାୟିଦେରି, ଅ଼ଡ଼େ
ଆମ୍ବା ଆମ୍ବାଆରାଇଁ ଜୀହୁଦି ଲ଼କୁତି କୁଟମି ଇଲୁତା ସ଼ାଟ୍ଣି ଡ଼ରିତଲେ
ୱେଦେରି, ଇଞ୍ଜାଁ ଗ଼ାଡ଼ାତାକି ଗ଼ାଡ଼ା ଗଡ଼୍ହା ନିନ୍ଦ୍ବା କିଦେରି । **୩୫** ଏ଼ନିକିଁ
ଦାର୍ମୁଗାଟି ହେବଲଇଁ ପ଼ାୟିତି ଦିନାଟିଏ, ମାହାପୂରୁ ଇଲୁ ପିଣ୍ତା ଦାରିତା
ବେରିକିୟ଼ ମୀର୍ଏସି ଜିକରିୟ଼ଇଁ ପ଼ାୟିତି ପାତେକା, ଦାର୍ତିତା ଏଚେକା
ନେହାଁରାଇଁ ପ଼ାୟାମାଞ୍ଜେରି, ଏ଼ ବାରେ କାମାତି ଡଣ୍ତ ମୀ ମୁହେଁ ୱ଼ାନେ ।
**୩୬** ନ଼ାନୁ ମିଙ୍ଗେ ସାତା ୱେସିମାଞ୍ଜାଇଁ, ଈ କ଼ାଲାତି ଲ଼କୁ ମୁହେଁ ଈ ବାରେ
ଡଣ୍ତ ରିନେ । **୩୭** ଏ଼ ଜିରୁସାଲମ, ଏ଼ ଜିରୁସାଲମ! ମାହାପୂରୁ ଅଣ୍ପୁତି
ବ଼ଲୁ ୱେହ୍ନାରାଇଁ ପ଼ାୟିନାତି ନୀ ତ଼ାଣା ପାଣ୍ତୱି ଆ଼ତାରାଇଁ ୱାଲ୍କାତଲେ
ୱେନାତି, କୟୁ ଏ଼ନିକିଁ ତାନି ହୀପାୟାଁଣି କୂଡ଼ି କିହାନା ମ଼ାରାୟାଁ ଡ଼ଇ
ପ୍ଣିକ୍ହାନା ଜ଼ଙ୍ଗିନେ, ନ଼ାନୁ ନୀ ଲ଼କୁଇଁ ଏଚର ପ଼ାଲି ଏଲେକିଁ କୂଡ଼ିକିହାଲି
ମ଼ନ କିତେଏଁ, ସାମା ଏ଼ୱାରି ମ଼ନ ହୀଆତେରି । **୩୮** ଅ଼ଡ଼େ ମେହ୍ଦୁ ମୀ
ମାହାପୂରୁ ଇଲୁ ମୀ କେୟୁତା ହୀପ୍କି ଆ଼ହାମାଞ୍ଜାନେ । **୩୯** ଇଚିହିଁ ନ଼ାନୁ
ମିଙ୍ଗେ ୱେସିମାଞ୍ଜାଇଁ, ମାହାପୂରୁ ଦ଼ରୁଟି ଆମ୍ବାଆସି ୱ଼ାହିମାନେସି, ଏ଼ୱାସି
ନେହାଁସି, ମୀରୁ ଏ଼ କାତା ଜ଼ଲାଆ ପାତେକା ନୀଞ୍ଜୁଟିଏ ନାଙ୍ଗେ ଅ଼ଡ଼େ
ମେସ୍ତଅତେରି ।

**୨୪** ଜୀସୁ ମାହାପୂରୁ ଇଲୁଟି ହ଼ଚା ହାଜିମାଚାଟି ତାନି ସୀସୁୟାଁ
ମାହାପୂରୁ ଇଲୁତି ବାରେ ଇଲ୍କାଣି ତ଼ସାଲି ତାନି ତ଼ାଣା ୱ଼ାତେରି,
**୨** ସାମା ଜୀସୁ ଏ଼ୱାରାଇଁ ଏଲେଇଚେସି, "ମୀରୁ ଈ ବାରେ ମେସି
ହିଲଅତେରି? ନ଼ାନୁ ମିଙ୍ଗେ ସାତା ୱେସିମାଞ୍ଜାଇଁ, ଇମ୍ବାଆଁ ମାନି ର଼ ୱାଲି
ଅ଼ର ୱାଲି ଲାକ ଡ଼ୟେଏ, ଈ ବାରେଏ ମେଣ୍ଙ୍ଗାହାନୁ ।" **୩** ଡ଼ାୟୁ ଜୀସୁ
ଜୀତ ହ଼ରୁ ଲାକ କୁଗାଲିଏ, ତାନି ସୀସୁୟାଁ ମ଼େଣେଏ ୱ଼ାହାନା ୱେଚେରି,
"ଈ ବାରେ ଏଚେଲା ଆ଼ନେ, ଅ଼ଡ଼େ ନୀନୁ ୱ଼ାନାୟି ଇଞ୍ଜାଁ ଜୁଗୁ ର଼ାନି ଦିନାତି
ସିନା ଏ଼ନାୟି ଏ଼ଦାଆଁ ମାଙ୍ଗେ ୱେସ୍ତାମୁ ।" **(aiōn g165)** **୪** ଏମ୍ବାଟିଏ
ଜୀସୁ ଏ଼ୱାରାଇଁ ଏଲେଇଚେସି, "ଜାଗ୍ରାତା ଏ଼ନିକିଁ ଆମ୍ବାଆରି ମିଙ୍ଗେ ନ଼ାଡ଼ି
କିୟଅରି । **୫** ଇଚିହିଁ ହ଼ାରେକା ନ଼ା ଦ଼ରୁଟି ୱ଼ାହାନା ନ଼ାନୁ କ୍ରୀସ୍ତତେଏଁ
ଇଞ୍ଜାଁ ୱେସାନା ହ଼ାରେକା ଲ଼କୁଇଁ ନ଼ାଡ଼ି କିନେରି । **୬** ଅ଼ଡ଼େ ମୀରୁ ଜୁଜୁତି
କାତା ଇଞ୍ଜାଁ ଜୁଜୁତା କ଼ାଲୱି ଆ଼ହିମାନି ଲ଼କୁତି ହ଼ାଡା ୱେଞ୍ଜେରି; ଜାଗ୍ରାତା
କିଲିବିଲି ଆ଼ଆଦୁ । ଏ଼ନାଆଁତାକି ଇଚିହିଁ ଈ ବାରେ ଆ଼ନାୟି ମାନେ,
ସାମା ଏ଼ କ଼ାଲା ଜୁଗୁ ର଼ାନାୟି ଆ଼ଏ । **୭** ଇଚିହିଁ ଦ଼େସା କ଼ପାଟି ଦ଼େସା,
ଅ଼ଡ଼େ ର଼ାଜି କ଼ପାଟି ର଼ାଜି ଗଡ଼୍ହା ନିଙ୍ଗିନେ, ଇଞ୍ଜାଁ ଆମ୍ବି ଆମ୍ବିୟା କାର୍ୱୁ
ଆ଼ନେ, ଅ଼ଡ଼େ ବୂମି ୱୀଡିନେ । **୮** ସାମା ଈ ବାରେ କକାରି ପ଼ଦାୟାଁ
ବେଟାଆ଼ନାଟି ତଲିଏ ଲୁଞ୍ଜିନି ବୀସାଲେହେଁତାୟି ।" **୯** "ଏଚିବ଼େଲାତା
ଲ଼କୁ ମିଙ୍ଗେ କସ୍ତ ହିୟାଲି ହେର୍ପାନେରି, ଇଞ୍ଜାଁ ମିଙ୍ଗେ ପ଼ାୟାନେରି, ଇଞ୍ଜାଁ
ନ଼ା ଦ଼ରୁ ତାକି ମୀରୁ ବାରେ କୂଡ଼ାତି ଲ଼କୁ ତ଼ାଣା ଅ଼ପାଆ ଗାଟାତେରି
ଆ଼ଦେରି । **୧୦** ଏଚିବ଼େଲା ହ଼ାରେକା ଲ଼କୁ ତାମି ନାମୁତି ପିହ୍ନେରି, ଅ଼ଡ଼େ
ରଅସି ରଅଣାଇଁ ଆସ୍ପି କିୱି କିନେରି, ଅ଼ଡ଼େ ରଅସି ରଅଣାଇଁ ଅ଼ପ୍ୱି
ଆ଼ଅରି, **୧୧** ଅ଼ଡ଼େ ହ଼ାରେକା ମାହାପୂରୁତି ମିଚି ବ଼ଲୁ ୱେହ୍ନାରି ନିଙ୍ଗାନା
ହ଼ାରେକା ଲ଼କୁଇଁ ନ଼ାଡ଼ି କିନେରି, **୧୨** ଅ଼ଡ଼େ ଲାଗେଏ ପ଼ଲେଏ କାମା
ଗାଡି ଆ଼ତିସାରେ, ହ଼ାରେକା ଲ଼କୁତି ତାମି ଜୀୱୁନ଼ନାୟି ଉଣା ଆ଼ନେ ।
**୧୩** ସାମା ଆମ୍ବାଆସି ର଼ାନି ପାତେକା ସ଼ାସା ଆସାନା ଡ଼ୟିନେସି ଏ଼ୱାସି
ଗେଲ୍ପି ଆ଼ନେସି । **୧୪** ଅ଼ଡ଼େ ବାରେ ଲ଼କୁ ନ଼କିତା ସ଼ାକି ଆ଼ହାଲିତାକି,
ମାହାପୂରୁ ର଼ାଜିତି ଈ ନେହିଁ କାବୁ ବାରେ ଦାର୍ତିତା ୱ଼େପ୍କିଆ଼ନେ, ଡ଼ାୟୁ
ଜୁଗୁ ର଼ାନେ ।" **୧୫** "ଏ଼ଦାଆଁତାକି ମୀରୁ ଏଚିବ଼େଲା ମାହାପୂରୁ ଅଣ୍ପୁତି
ବ଼ଲୁ ୱେହ୍ନି ଦାନିୟେଲ ୱେସ୍ତି କାତାଲେହେଁ ନ଼ାସାକିନି ଅ଼ପାଆଗାଟି
ଆ଼ସ୍ତିତି ସୁଦୁ ଟ଼ାୟୁତା ଇଟାମାନାଣି ମେହ୍ଦେରି" ପ଼ଡ଼ୱି ଆ଼ନାସି ଜାଗ୍ରାତା
ଆ଼ହାନା ପୁଣ୍ମ୍ବେସି **୧୬** ଏଚିବ଼େଲା ଆମ୍ବାଆରି ଜୀହୁଦା ର଼ାଜିତା ମାନେରି,
ଏ଼ୱାରି ହ଼ର୍କା ଲାକ ହଣ୍ପାରି; **୧୭** ଆମ୍ବାଆସି ଇଲୁ ଲାକ ମାନେସି,
ଏ଼ୱାସି ତାନି ଇଲୁ ବିତ୍ରା ଆ଼ସ୍ତି ତାକାହାଜାଲି ର଼େଚା ୱ଼ାଆପେସି; **୧୮**
ଅ଼ଡ଼େ ଆମ୍ବାଆସି ଗୁଡିୟାତା ମାନେସି, ଏ଼ୱାସି ତାନି ହିମ୍ବରି ଅ଼ହାଲି
ୱେଣ୍ତେ ହାଲାଆପେସି । **୧୯** ଏଚିବ଼େଲାତା ପୂରାମ଼ାସା ଆ଼ହାମାନାଇ
ଇଞ୍ଜାଁ ପ଼ାଲୁ ଉଟ୍ହିମାନାଇ ଆ଼ୟତା ଏ଼ୱି ଉଣେଏ କସ୍ତ ପ଼ାଣ୍ନୁ, **୨୦** ସାମା
ମୀ ହଣ୍ନାୟି ପେନି ବ଼େଲାତା କି ଜ଼ମିନି ଦିନାତା ଆ଼ଆପେ, ଏ଼ଦାଆଁତାକି
ପ୍ରାତାନା କିଦୁ । **୨୧** ଇଚିହିଁ ଏଚିବ଼େଲାତା ଇଲେତି କସ୍ତ ଆ଼ନେ, ମାହାପୂରୁ
ଦାର୍ତିତି ଗ଼ାଡ଼ିକିତି ଦିନାଟିଏ ନୀଞ୍ଜୁପାତେକା ଏଲେକିଁ ଆ଼ହା ହିଲେଏ,
ଇଞ୍ଜାଁ ଏଲେକିଁ ଏଚେଲାୱା ଆ଼ଏ । **୨୨** ଅ଼ଡ଼େ ମାହାପୂରୁ ଏ଼ ବ଼େଲାତି
ଉଣା କିହା ହିଲାଆତିହିଁମା; ଦାର୍ତିତା ଆମ୍ବାଆସି ଜିକେଏ ଗେଲ୍ପି
ଆ଼ଆତେସିମା, ସାମା ତାନି ଆ଼ଚିତି ଲ଼କୁତାକି ଏ଼ କସ୍ତ ଉଣା କିନେସି । **୨୩**
"ଏଚିବ଼େଲା, 'ମେହ୍ଦୁ କ୍ରୀସ୍ତ ଇମ୍ବାଆଁ ମାନେସି ଆ଼ଆତିଁ ଏମ୍ବାଆଁ ମାନେସି'
ଇଞ୍ଜାଁ ଆମ୍ବାଆସି ମିଙ୍ଗେ ଏଲେକିହିଁ ୱେସ୍ତାନେସି ଇଚିହିଁ ଏ଼ଦାଆଁ ନାମାଆଦୁ
। **୨୪** ଇଚିହିଁ ନ଼ାଡ଼ିକିନି କ୍ରୀସ୍ତୁୟାଁ ଅ଼ଡ଼େ ମାହାପୂରୁ ବ଼ଲୁ ମିଚି ୱେହ୍ନାରି
ନିଙ୍ଗାନା ହ଼ାରେକା କାଜା ସିନା ଅ଼ଡ଼େ କାବାଆ଼ନି କାମାୟାଁ ତ଼ହ୍ନେରି,
ଆ଼ଡିତିହିଁ ଆ଼ଚ୍ୱିଆ଼ତି ଲ଼କୁଣି ଜିକେଏ ନ଼ାଡ଼ି କିନେରି । **୨୫** ମେହ୍ଦୁ ନ଼ାନୁ
ମିଙ୍ଗେ ତଲିଏ ୱେସାମାଞ୍ଜାଇଁ ।" **୨୬** "ଈଦାଆଁତାକି 'ମେହ୍ଦୁ ଏ଼ୱାସି
ବାଟାତା ମାନେସି' ଇଞ୍ଜାଁ ଲ଼କୁ ୱେସ୍ତାତିହିଁ ହାଲାଆଦୁ; 'ମେହ୍ଦୁ ବିତ୍ରା
ବାକ୍ରାତା ମାନେସି' ଇଞ୍ଜାଁ ୱେସ୍ତାତିହିଁ ଏ଼ଦାଆଁ ନାମାଆଦୁ । **୨୭** ଇଚିହିଁ ହ଼ାଗୁ
ମ୍ଣିହ୍ନି ବ଼େଲାତି ଉଜେଡ଼ି ଏ଼ନିକିଁ ୱ଼େଡ଼ା ହ଼ପୁ ୱାକିଟି ହ଼ଚାନା ୱ଼େଡ଼ା କୂଡ଼୍ନି
ପାତେକା ତ଼ଞ୍ଜାଆ଼ନେ, ଏଲେଆ଼ହିଁଏ ମାଣ୍ସି ମୀର୍ଏସି ୱ଼ାନେସି ।" **୨୮**
ଏମ୍ବିୟା ମାଡ଼୍ହା ରିହାମାନେ ଏମ୍ବାଆଁ ର଼ାମ୍ଣାୟାଁ ରୁଣ୍ତା ଆ଼ନୁ । **୨୯** "ସାମା
ଏଚିବ଼େଲାତି କସ୍ତ ଡ଼ାୟୁ ଦେବୁଣିଏ ୱ଼େଡ଼ା ଆନ୍ଦେରି ଆ଼ନେ, ଅ଼ଡ଼େ ଲ଼େଞ୍ଜୁ
ଉଜେଡ଼ି ହୀଏ, ଅ଼ଡ଼େ ହ଼ାଗୁଟି ହୁକାୟାଁ ତର୍ଗିନୁ, ଇଞ୍ଜାଁ ହ଼ାଗୁ ଲାକତି
ବ଼ାଡ଼୍ୟୁ ବାରେ ୱୀଡିନେ । **୩୦** ଏଚିବ଼େଲା ହ଼ାଗୁ ଲାକଟି ମାଣ୍ସି ମୀର୍ଏଣି
ସିନା ତ଼ଞ୍ଜାଆ଼ନେ, ଇଞ୍ଜାଁ ମାଣ୍ସି ମୀର୍ଏଣାଇଁ କାଜା ବ଼ାଡ଼୍ୟୁ ଅ଼ଡ଼େ
ଗାୱୁରମିଗାଟି ଉଜେଡ଼ି ତଲେ ହ଼ାଗୁତି ଦୂନ୍କାଟି ୱ଼ାନାଣି ମେସାନା ଦାର୍ତିତି

ବାରେ କୂଡ଼ାତି ଲ୍‌କୁ ହ୍‌ାରେକା ଦୁକୁ ତଲେ ଡ଼ୀନେରି । ୩୧ ଅ଼ଡ଼େ ଏ୍‌ୱାସି ତୀତ୍ରି ମ୍‌ହ୍‌ରି ହ୍‌ାଡାତଲେ ତାନି ଦୂତୁୟାଁଣି ପାଣ୍ତିନେସି ଇଞ୍ଜ୍‌ଁ ଏ୍‌ୱାରି ଦାର୍‌ତି ମୁଟ୍‌ପେତି ହାନ୍ନିଟିଏ ହ୍‌ାଗୁଲାକତି ମୁଟ୍‌ପେ ହାନ୍ନି ପାଡେକା ସ୍‌ାରିୱାକିଟି ତାନି ଆ଼ଚାମାନି ଲ୍‌କୁଣି ରୁଣ୍ଡା କିନେରି ।" ୩୨ "ଡ଼ୟା ମ୍‌ାର୍‌ନୁ ପୁଣ୍‌ମ୍ରି କିନି କାତାଟି ଜ୍‌ାପାଦୁ; ଏଚିବେଲା କମାତା ଆ଼କା ଗାଲ୍‌ନାଣି ମେସ୍ତିହିଁ କାରାୟାଁ ୱେଡ଼ା ୱ୍‌ାତେ ଇଞ୍ଜ୍‌ଁ ପୁଞ୍ଜେରି । ୩୩ ଏଲେକିହିଁଏ ମୀରୁ ଜିକେଏ ଇ ବାରେ ମେସ୍ତିସାରେ ଏ୍‌ୱାସି ଦୁୱେରି ଡାଗେ ମାନେସି ଇଞ୍ଜ୍‌ଁ ପୁଞ୍ଜେରି । ୩୪ ନ୍‌ାନୁ ମିଞ୍ଜେ ସାତା ୱେସିମାଞ୍ଜାଇଁ, ଇ ବାରେ ଗଟୱି ଆ଼ଆପାଡେକା ଇ କ୍‌ାଲାତି ଲ୍‌କୁ ଏ୍‌ନିଜିକେଏ ମେଣ୍ଡ୍‌ଙ୍ଗଅରି । ୩୫ ହ୍‌ାଗୁପ୍‌ାକା ଦାର୍‌ତି ବାରେ ମେଣ୍ଡ୍‌ଙ୍ଗିନେ, ସାମା ନ୍‌ା ବ୍‌ଲୁ ଏଚେଲାୱା ମେଣ୍ଡ୍‌ଙ୍ଗେଏ ।" ୩୬ ସାମା ଏ୍‌ ଦିନା ଡଣ୍ତି କାତା ଆମ୍ବାଆସି ପୁନଅସି, ଲାକପୂରୁତି ଦୂତୁୟାଁ କି ମୀର୍‌ଏସି ଜିକେଏ ପୁନଅସି, ୱାର୍‌ଇ ଆ଼ବାଦେ ପୁନେସି । ୩୭ ଅ଼ଡ଼େ ନ୍‌ହ ବେଲାତା ଏ୍‌ନିକିଁ ଆ଼ହାମାଚେ, ମାଣ୍‌ସି ମୀର୍‌ଏସି ୱ୍‌ାନି ବେଲାତା ଏଲେକିଁ ଆ଼ନେ । ୩୮ ଇଚିହିଁ ୱ୍‌ାରୁ କ୍ଲୁପ୍‌ନି ନ୍‌କେଏ, ନ୍‌ହ ଡଂଗତା ହ୍‌ଡ଼ନି ଦିନା ପାଡେକା ଲ୍‌କୁ ଏ୍‌ନିକିଁ ତିଞ୍ଜି ଉଣ୍ତିହିଁ, ବୀହା କିୟାଲି ବୀହା ହିୟାଲି ହେରାମାଚେରି, ୩୯ ଇଞ୍ଜ୍‌ଁ କାଜା ପିୟୁତଲେ ୱ୍‌ାରୁ ୱ୍‌ାହାନା କ୍ଲୁପ୍‌ହା ଅ଼ନି ପାଡେକା ଏ୍‌ନିକିଁ ଏ୍‌ୱାରି ପୁଞ୍ଜାହିଲାଆତେରି, ମାଣ୍‌ସି ମୀର୍‌ଏଣା ୱ୍‌ାନାୟି ଜିକେଏ ଏଲେଆ଼ହିଁଏ ଆ଼ନେ । ୪୦ ଏଚିବେଲାତା ରିଆରି ଗୁଡିୟାତା ମାନେରି, ରଅସି ଅ଼ୱିଆ଼ନେସି ରଅସି ଏମ୍ବାଆଁ ଡ଼ୟିନେସି । ୪୧ ରୀ ଇୟାସିକା ଜେତାତା ନୂୟିଁମାନୁ ରଣ୍ତି ଅ଼ୱିଆ଼ନେ ଅ଼ଡ଼େ ରଣ୍ତି ଏମ୍ବାଆଁ ଡ଼ୟିନେ । ୪୨ ଇଦାଆଁତାକି ଜାଗ୍ରାତା ଆ଼ହାନା ମାଞ୍ଜୁ, ଏ୍‌ନାଆଁତାକି ଇଚିହିଁ ମୀ ପ୍ରବୁ ଆମିନି ଦିନା ୱ୍‌ାନେସି, ଏ୍‌ଦାଆଁ ମୀରୁ ପୁଞ୍ଜାହିଲଅତେରି । ୪୩ ସାମା ଇଦାଆଁ ପୁଞ୍ଜାମାଞ୍ଜୁ, ଆମିନି ନେକେରିତା ସ୍‌ରୁ ୱ୍‌ାନେସି, ଏ୍‌ଦାଆଁ ସ୍‌ାୱୁକାରି ପୁଞ୍ଜାମାଚିହିଁମା, ଜାଗ୍ରାତା ଆ଼ହାନା ତାନି ଇଲୁତି କାତି ତୂତ୍‌ହାଲି ହୀଆତେସିମା । ୪୪ ଏ୍‌ଦାଆଁତାକି ମୀରୁ ଜିକେଏ କ୍‌ାଚାନା ମାଞ୍ଜୁ, ଇଚିହିଁ ଆମିନି ବେଲାତା ମୀରୁ ଅଣ୍‌ପା ହିଲଅତେରି, ଏ୍‌ ବେଲାତା ମାଣ୍‌ସି ମୀର୍‌ଏସି ୱ୍‌ାନେସି । ୪୫ ସ୍‌ାୱୁକାରି, ତାନି ଇଲୁତି ଲ୍‌କୁତାକି, ରାନ୍ହା କାଟୁତା ରାନ୍ହା ହୀହାଲି, ତାନି ଗୁମୁସ୍ତା ପାଣା ଆମ୍ବାଆରାକି ହୀହାମାନେସି, ଇଲେତି ନାମୁ ଅ଼ଡ଼େ ବୁଦିଗାଟି ଗୁମୁସ୍ତା ଆମ୍ବାଆସି, ୪୬ ପ୍ରବୁ ୱ୍‌ାହାନା ତାନି ଆମିନି ହ୍‌ଲେଏଣାଇଁ ଏଲେକିହିଁ ମାନାଣାଇଁ ମେହ୍‌ନେସି, ଏ୍‌ୱାସି ନେହାଁସି! ୪୭ ନ୍‌ାନୁ ମିଞ୍ଜେ ସାତା ୱେସିମାଞ୍ଜାଇଁ, ଏ୍‌ୱାସି ଏ୍‌ୱାଣାଇଁ ତାନି ବାରେ ଦ୍‌ନତି ମୁହେଁ ଗୁମୁସ୍ତା କିନେସି । ୪୮ ସାମା ଏ୍‌ ହ୍‌ଲେଏସି ଲାଗେଏ ପ୍‌ଲେଏତାସି ଆ଼ହାନା, ନ୍‌ା ସ୍‌ାୱୁକାରି ୱ୍‌ାନାୟି ମାନେୟିଏ ଇଞ୍ଜ୍‌ଁ ତାନି ମ୍‌ନତା ଅଣ୍‌ପାନା, ୪୯ ଏ୍‌ୱାସି ତାନି ତଲେତି ହ୍‌ଲିୟାଙ୍ଗାଣି ୱେଚିହିଁ, କ୍‌ାତୁ ଗହ୍‌ନାରି ତଲେ ତିଞ୍ଜିହିଁ ଗସିହିଁ ମାନେସି, ୫୦ ଆତିହିଁ ଆମିନି ନେଚୁ ହ୍‌ଲେଏସି କ୍‌ାଚାହିଲଅସି ଅ଼ଡ଼େ ଏମିନି ବେଲା ପୁଞ୍ଜାହିଲଅସି ଏ୍‌ ଦିନା ଏ୍‌ ବେଲାତା ତାନି ପ୍ରବୁ ୱ୍‌ାନେସି । ୫୧ ଇଞ୍ଜ୍‌ଁ ଏ୍‌ୱାଣାଇଁ ରୀ ବ୍‌ାଗା କିହିଁ ଦ୍‌ାଚାନା କୁଟୁ ଗାଟାରି ତଲେ ତାନି ବ୍‌ାଗା କିନେସି; ଏମ୍ବାଆଁ ଡ଼ୀନାୟି ଅ଼ଡ଼େ ପାଲ୍‌କା ଟୀଟି କିନାୟିମାନେ ।

**୨୫** ଏଚିବେଲା ଲାକପୂରୁତି ରାଜି ଦସ ଜ୍‌ାଣା ଡ଼ାଆ ପ୍‌ଦାୟାଁ ଲେହେଁ ଆ଼ନେ; ଏ୍‌ୱି ତାମି ଦୀୱେଁୟାଁ ଆସାନା ବୀହା ହନେଏଣାଇଁ ବେଟାଆ଼ହାଲି ହାଚୁ । ୨ ଏ୍‌ୱାସିକା ବିତ୍ରା ପ୍‌ାସା ଜ୍‌ାଣା ବୁଦି ହିଲାଆଗାଟାଇ ଇଞ୍ଜ୍‌ଁ ପ୍‌ାସା ଜ୍‌ାଣା ବୁଦି ଗାଟାଇ ମାଚୁ । ୩ ବୁଦି ହିଲାଆଗାଟାଇ ତାମି ଦୀୱେଁୟାଁ ଅ଼ତୁ ସାମା ଏଟ୍‌କା ନିୟୁଁ ଅ଼ଆତୁ, ୪ ସାମା ବୁଦି ଗାଟାଇ ତାମି ଦୀୱେଁୟାଁ ତଲେ ଗ୍‌ାଜୁତା ନିୟୁଁ ଅ଼ହିଁ ହାଚୁ । ୫ ବୀହା ହନେଏସି ୱ୍‌ାନାୟି ୱେଡ଼ା ଆୟାଲିଏ, ବାରେଜ୍‌ାଣା କଟଣି ହ୍‌ଚିହିଁ ଡ଼ୂରାତୁସୁ । ୬ ସାମା ମାଦି ଲ୍‌ାଆଁୟାଁ ମେହ୍‌ଦୁ ବୀହା ଦାଂଗ୍‌ଣେଏସି ୱ୍‌ାହିମାନେସି, ବେଟାଆ଼ହାଲି ୱ୍‌ାଦୁ ଇଞ୍ଜ୍‌ଁ ର୍‌ କାଜା ହ୍‌ାଡା ଆ଼ତେ! ୭ ଏମ୍ବାଟିଏ ଡ଼ାଆସିକା ନିଙ୍ଗାନା ତାମି ଦୀୱେଁୟାଁ ପ୍ରତ୍‌ହୁ । ୮ ସାମା ବୁଦି ହିଲାଆଗାଟାଇ ବୁଦିଗାଟି ଡ଼ାଆସିକାଣି ଏଲେଇଚୁ, ମୀ ନିୟୁଁ ଇଚାଣି ଲାକା ମାଞ୍ଜେ ହିୟାଦୁ, ଇଚିହିଁ ମ୍‌ା ଦୀୱେଁୟାଁ ଡୁମ୍ବାହାଜିମାନୁ । ୯ ସାମା ବୁଦିଗାଟାୟି ଏଲେଇଚୁ, ଆ଼ଏ ମିଞ୍ଜେ ଅ଼ଡ଼େ ମାଞ୍ଜେତାକି ନିୟୁଁ ଏ୍‌ଦେଏ, ବାଜାରାତା ହାଜାନା ମିଞ୍ଜେତାକି ନିୟୁଁ କଡା ତାଦୁ । ୧୦ ସାମା ଏ୍‌ୱି ନିୟୁଁ କଡାଲି ହାଜିମାଚାଟି ହନେଏସି ୱ୍‌ାତେସି; ଇଞ୍ଜ୍‌ଁ ଆମିନି ଗାଟାଇ ତିୟାରା ଆ଼ହାନା କ୍‌ାଚାମାଚୁ, ଏ୍‌ୱି ହନେଏଣି ତଲେ ବୀହା ବ୍‌ଜି ଇଲୁତା ହ୍‌ଚୁ, ଅ଼ଡ଼େ ଦ୍‌ାରା ସୁଣ୍ତିତେରି । ୧୧ ଏଚେଟିଏ ଡ଼ାୟୁ ଅ଼ର ଡ଼ାଆ ପ୍‌ଦାୟାଁ ଜିକେଏ ୱ୍‌ାହାନା ଏଲେଇଚୁ, ଏ୍‌ ପ୍ରବୁ ଏ୍‌ ପ୍ରବୁ ମାଞ୍ଜେତାକି ଦ୍‌ାରା ଦେତାମୁ ଇଞ୍ଜ୍‌ଁ ହ୍‌ାଟିତୁ । ୧୨ ଏଚେଟିଏ ବୀହା ହନେଏସି ଏଲେଇଚେସି, "ନ୍‌ାନୁ ମିଞ୍ଜେ ସାତା ୱେସିମାଞ୍ଜାଇଁ, ନ୍‌ାନୁ ମିଞ୍ଜ ପୁଞ୍ଜାମାଞ୍ଜଅଁ ।" ୧୩ ଇଦାଆଁତାକି ଜାଗ୍ରାତା ମାଞ୍ଜୁ ଏ୍‌ ଦିନା କି ଏ୍‌ ଡଣ୍ତୁ ଆମ୍ବାଆରି ପୁନଅରି । ୧୪ ଲାକପୂରୁ ରାଜି ଇଲେତାୟି, ଇଚିହିଁ ହେକ ରାଜି ହାଜିମାନି ର୍‌ ମାଣ୍‌ସି, ଏ୍‌ୱାସି ତାନି ହ୍‌ଲିୟାଙ୍ଗାଣି ହ୍‌ାଟାନା ତାନି ଦ୍‌ନତି ହେର୍‌ପିତେସି । ୧୫ ଏ୍‌ୱାସି ରଅଣାକି ପ୍‌ାସାମ୍‌ାଣା, ଅ଼ଡ଼େ ରଅଣାକି ରୀ ମ୍‌ାଣା, ଇଞ୍ଜ୍‌ଁ ଅ଼ଡ଼େ ରଅଣାକି ର୍‌ ମ୍‌ାଣା ଇଲେକିହିଁ ବାରେତାକି ତାମି ଆ଼ଡିନି ବ୍‌ାଡ୍‌ୟୁ ତଲେ ହୀହାନା ହେକ ରାଜିତା ହାଚେସି । ୧୬ ଆମିନିଗାଟାସି ପ୍‌ାସାମ୍‌ାଣା ବେଟା ଆ଼ହାମାଚେସି, ଏ୍‌ୱାସି ଏ୍‌ୱାଆଁ ଅ଼ହାନା ବେବାରା କିହାନା ଅ଼ଡ଼େ ପ୍‌ାସାମ୍‌ାଣା ଲ୍‌ାବା କିତେସି । ୧୭ ଏଲେକିହିଁଏ ଆମିନିଗାଟାସି ରୀ ମ୍‌ାଣା ବେଟା ଆ଼ହାମାଚାସି ଏ୍‌ୱାସି ଜିକେଏ, ଅ଼ଡ଼େ ରୀ ମ୍‌ାଣା ଲ୍‌ାବା କିତେସି । ୧୮ ସାମା ଆମିନିଗାଟାସି ର୍‌ ମ୍‌ାଣା ବେଟା ଆ଼ହାମାଚେସି, ଏ୍‌ୱାସି ହାଜାନା ବୂମି କ୍‌ାର୍‌ହାନା ତାନି ସ୍‌ାୱୁକାରି ଟାକାୟାଁଣି ମୁସାନା ଡୁକ୍‌ହା ଇଟିତେସି । ୧୯ ହ୍‌ାରେକା ଦିନା ହାଚି ଡ଼ାୟୁ ଏ୍‌ ହ୍‌ଲିୟାଙ୍ଗାତି ସ୍‌ାୱୁକାରି ୱ୍‌ାହାନା, ଏ୍‌ୱାରିତଲେ ଲେକା କିତେସି । ୨୦ ଅ଼ଡ଼େ ଆମିନିଗାଟାସି ପ୍‌ାସାମ୍‌ାଣା ବେଟା ଆ଼ହାମାଚେସି, ଏ୍‌ୱାସି ଅ଼ଡ଼େ ପ୍‌ାସାମ୍‌ାଣା ତାଚାନା ଏଲେଇଚେସି, ପ୍ରବୁ ନୀନୁ ନାଞ୍ଜେ ପ୍‌ାସାମ୍‌ାଣା ହୀହାମାଞ୍ଜାତି; ମେହ୍‌ମୁ ନ୍‌ାନୁ ଅ଼ଡ଼େ ପ୍‌ାସାମ୍‌ାଣା ଲ୍‌ାବା କିହାମାଇଁ । ୨୧ ତାନି ସ୍‌ାୱୁକାରି ତାଞ୍ଜେ ଏଲେଇଚେସି, ଆୟାଁଲେତା ନେହିଁ ଟିକାଣାଗାଟି ହ୍‌ଲେଏଣାତି, ନୀନୁ ଉଣା କାମାତା ନାମୁ

ଗାଟାତି ଆ଼ହାମାଞ୍ଜି, ନା଼ନୁ ନିଙ୍ଗ ହ଼ାରେକା କାଜା କାମାତା ହେର୍‌ପାଇଁ,
ନୀନୁ ନା଼ ତଲେ ରା଼ହାଁ କିହାଲି ୱା଼ମୁ । **୨୨** ଅ଼ଡ଼େ ଆମିନିଗାଟାସି ରୀ
ମ଼ାଣା ବେଟା ଆ଼ହାମାଚେସି, ଏ଼ୱାସି ଜିକେଏ ୱା଼ହାନା ଏଲେଇଚେସି,
ଏ଼ ପ୍ରବୁ ନୀନୁ ନାଙ୍ଗେ ରୀ ମ଼ାଣା ହୀହାମାଞ୍ଜାତି; ମେହ୍‌ମୁ ନା଼ନୁ ଅ଼ଡ଼େ
ରୀ ମ଼ାଣା ଲା଼ବା କିହାମାଇଁ । **୨୩** ତାନି ସା଼ୱୁକାରି ଏ଼ୱାଣାଇଁ ଜିକେଏ
ଏଲେଇଚେସି, ଆୟାଁଲେତା ନେହିଁ ଇଞ୍ଜୁଁ ଟିକାଣାଗାଟି ହ଼ଲେଏଣାତି,
ନୀନୁ ଊଣା କାମାତା ନାମୁ ଗାଟାତି ଆ଼ହାମାଞ୍ଜି, ନା଼ନୁ ନିଙ୍ଗ ହ଼ାରେକା କାଜା
କାମାତା ହେର୍‌ପାଇଁ, ନୀନୁ ନା଼ ତଲେ ରା଼ହାଁ କିହାଲି ୱା଼ମୁ । **୨୪** ଡା଼ୟୁ ର଼
ମ଼ାଣା ଟାକାୟାଁ ଅ଼ହାମାଚି ହ଼ଲେଏସି ଏଲେଇଚେସି, ସା଼ୱୁକାରି, ନା଼ନୁ
ପୁଞ୍ଜାମାଇଁ, ନୀନୁ ର଼ ଆ଼ଟ୍‌ୱା ହିୟାଁ ଗାଟାତି । ମାଟାଆତି ବୂମିତା ନୀନୁ
ଦା଼ଃଆନାତି । ବିଚା ମାଟାଆନା ଆର୍ନା କୂଡ଼ି କିନାତି । **୨୫** ଏ଼ଦାଆଁତାକି
ଆଜାହାଁ ନା଼ନୁ ନୀ ଟାକାୟାଁଣି ବୂମିତା ମୁସାନା ଡୁକ୍‌ହା ଇଟିତେଏଁ; ମେହ୍‌ମୁ
ନୀ ଦ଼ନ ନୀନୁ ବେଟାଆ଼ତି । **୨୬** ସାମା ତାନି ସା଼ୱୁକାରି ଏ଼ୱାଣାଇଁ
ଏଲେଇଚେସି, ଆଡ଼େ ଲାଗେଏ ଅ଼ଡ଼େ ନିସ୍ତୁଗାଟି ହ଼ଲେଏଣାତି, ନା଼ନୁ
ଆମ୍ବ୍ରିୟା ମାଟା ହିଲଅଁ ଏମ୍ବ୍ରାଆଁ ଦା଼ଃଆନାତେଏଁ, ଇଞ୍ଜୁଁ ଆମ୍ବ୍ରିୟା ଆର୍ନା
ଊପ୍‌ହା ହିଲଅଁ ଏମ୍ବ୍ରାଆଁ କୂଡ଼ି କିନାତେଏଁ, ଈଦାଆଁ ନୀନୁ ପୁଞ୍ଜାମାଚି? **୨୭**
ଆତିହିଁ ବେ଼ବାରା କିନାରି ତା଼ଣା ନା଼ ଟାକାୟାଁ ନୀନୁ ଇଟିନାୟି ମାଚେ;
ଆତିହିଁ ନା଼ନୁ ୱା଼ହାନା ଅଡିତଲେ ନା଼ ଦ଼ନ ନା଼ନୁ ବେଟାଆ଼ତେଏଁମା । **୨୮**
ଈଦାଆଁତାକି ଈୱାଣି ତା଼ଣାଟି ଇ ଟାକାୟାଁ ଅ଼ହାନା ଆମିନି ଗାଟାଣାକି
ଦସ ମ଼ାଣା ମାନୁ ଏ଼ୱାଣାକି ହୀଦୁ । **୨୯** ଇଚିହିଁ ଆମ୍ବ୍ରାଆରାକି ମାନୁ,
ଏ଼ୱାଣାକି ହୀପ୍‌କିଆ଼ନେ, ଇଞ୍ଜୁଁ ଏ଼ୱାଣିୱାୟି ହ଼ାରେକା ଗାଡିଆ଼ନେ; ସାମା
ଆମ୍ବ୍ରାଆରି ତା଼ଣା ହିଲେଏ, ଏ଼ୱାଣି ତା଼ଣା ଏ଼ନାୟି ମାନେ, ଏ଼ଦାଆଁ ଜିକେଏ
ଏ଼ୱାଣି ତା଼ଣାଟି ଅ଼ୱିଆ଼ନେ । **୩୦** ଅ଼ଡ଼େ ମୀରୁ ଇ କାମା କିଆଗାଟି
ହ଼ଲେଏଣାଇଁ ପାଙ୍ଗାତି ଆନ୍ଦେରିତା ମେତ୍‌ହା ତୁହ୍‌ଦୁ, ଏମ୍ବ୍ରାଆଁ ଡ଼ୀହିଁ
ପାଲ୍‌କା ଟୀଟି କିନେସି । **୩୧** ମାଣ୍‌ସି ମୀର୍‌ଏସି ଏଚିବେ଼ଲା ବାରେ
ଦୂତୁୟାଁ ତଲେ ତାନି କାଜାପା଼ଣାଟି ୱା଼ନେସି, ଏଚିବେ଼ଲା ଏ଼ୱାସି ତାନି
ଗାୱୁରମିଗାଟି ସିଂଗାସାଣିତା କୁଗିନେସି, **୩୨** ଇଞ୍ଜୁଁ ତାନି ନ଼କିତା ବାରେ
କୂଡ଼ାତି ଲ଼କୁଣି କୂଡ଼ି କିୱିଆ଼ନେ, ଇଞ୍ଜୁଁ ମେ଼ଣ୍ଡ୍ରାୟାଁ ଗ଼ଡୁ ଏ଼ନିକିଁ ଗରିୟାଁ
ତା଼ଣାଟି ମେ଼ଣ୍ଡ୍ରାୟାଁଣି ଏଟ୍‌କା କିନେସି, ଏଲେକିହିଁ ଏ଼ୱାସି ଏ଼ୱାରାଇଁ ଏଟ୍‌କା
କିହାନା, **୩୩** ମେ଼ଣ୍ଡ୍ରାୟାଁଣି ତାନି ଟିଃନି ଟଟତା ଇଞ୍ଜୁଁ ଗରିୟାଁଣି ତାନି ଟେ଼ବ୍ରି
ଟଟତା ଇଟିନେସି । **୩୪** ଏଚିବେ଼ଲା ରାଜା ତାନି ଟିଃନି ଟଟତି ଲ଼କୁଣି
ଏଲେଇନେସି, ୱା଼ଦୁ ନା଼ ଆ଼ବାତି ବ଼ର ବେଟା ଆ଼ନାତେରି, ମିଙ୍ଗେତାକି
ଦାର୍‌ତି ଗା଼ଡ଼ି ଆ଼ତି ଦିନାଟିଏ ଆମିନି ରା଼ଜି ଗା଼ଡ଼ି କିୱିଆ଼ହାମାନେ ଏମ୍ବ୍ରାତି
ଅଦିକାରା ଆ଼ଦୁ । **୩୫** ଇଚିହିଁ ନା଼ନୁ ହାକିଟି ମାଚେଏଁ, ମୀରୁ ନାଙ୍ଗେ ତିଞ୍ଜାଲି
ହିୟାତେରି; ଏ଼ସ୍‌କିଟି ମାଚେଏଁ, ନାଙ୍ଗେ ଗସାଲି ଏ଼ୟୁ ହିୟାତେରି; ଏଟ୍‌କା
ମାଚେଏଁ ନାଙ୍ଗେ ଆଟ୍‌ହାତେରି; **୩୬** ନା଼ଗ୍‌ଡ଼ାଟି ମାଚେଏଁ ନାଙ୍ଗେ ହିମ୍ବ୍ରି
ହୁଚି କିୟାତେରି; ନ଼ମେରି ମାଚେଏଁ ନାଙ୍ଗେ କେର୍‌ହାତେରି; କା଼ୟିଦିତା
ମାଚେଏଁ ନାଙ୍ଗେ ବେ଼ଚି ୱା଼ତେରି । **୩୭** ଏମ୍ବ୍ରାଟିଏ ଦାର୍ମୁଗାଟାରି ଏ଼ୱାଣାଇଁ
ଏଲେଇନେରି, ଏ଼ ପ୍ରବୁ ଏଚେଲା ହାକିଟି ମାନାଣି ମେସାନା ନିଙ୍ଗେ ତିଞ୍ଜାଲି
ହିୟାଆତମି? ଏଚେଲା ଏ଼ସ୍‌କି ଆ଼ତାଣି ମେସାନା ଏ଼ୟୁ ହିୟାଆତମି? **୩୮**
ଅ଼ଡ଼େ ଏଚେଲା ଏଟ୍‌କା ମାଚାଣି ମେସାନା ଆଟ୍‌ହାତମି? ଏଚେଲା ନା଼ଗ୍‌ଡ଼ା
ମେସାନା ହିମ୍ବ୍ରି ହୁଚି କିୟାଆତମି? **୩୯** ଅ଼ଡ଼େ ଏଚେଲା ନ଼ମେରିତା
ଇଞ୍ଜୁଁ କା଼ୟିଦି ମାନାଣି ମେସାନା ନୀ ତା଼ଣା ୱା଼ତମି? **୪୦** ଇଞ୍ଜୁଁ ରାଜା
ଏ଼ୱାରାଇଁ ଏଲେଇନେସି, ନା଼ନୁ ମିଙ୍ଗେ ସାତା ୱେସିମାଞ୍ଜାଇଁ, ମୀରୁ ନା଼ ଈ
ଊଣା ତାୟିୟାଁଇଁ ରଅଣାଇଁ ଏ଼ନାଆଁ କିହାମାଞ୍ଜେରି ଏ଼ ବାରେ ନାଙ୍ଗେତାକି
କିହାମାଞ୍ଜାଦେରି । **୪୧** ଏମ୍ବ୍ରାଟିଏ ତାନି ଟେ଼ବ୍ରି ଦାରିତି ଲ଼କୁଣି ଜିକେଏ
ଏଲେଇନେସି, ଆଡ଼େ ମାହାପୂରୁ ତା଼ଣାଟି ବା଼କା ବେଟା ଆ଼ନାତେରି,
ନା଼ ନ଼କିଟି ହେକ ଆ଼ହାନା ସୟତାନ ଇଞ୍ଜୁଁ ତାନି ଦୂତୁୟାଁକି କିହାମାନି
କା଼ଲାକା଼ଲା ଡ଼ୀଞ୍ଜିମାନି ହିଚୁ ଗା଼ଡ଼୍‌ୟୁତା ହାଜୁ । **(aiōnios g166)** **୪୨**
ଇଚିହିଁ ନା଼ନୁ ହାକିଟି ମାଚେଏଁ ନାଙ୍ଗେ ତିଞ୍ଜାଲି ହିୟାଆତେରି; ଏ଼ସ୍‌କିଟି
ମାଚେଏଁ ନାଙ୍ଗେ ଗସାଲି ଏ଼ୟୁ ହିୟାଆତେରି; **୪୩** ଏଟ୍‌କା ମାଚାଟି ନାଙ୍ଗେ
ଆଟ୍‌ହାଆତେରି; ନା଼ଗ୍‌ଡ଼ା ମାଚାଟି ନାଙ୍ଗେ ହିମ୍ବ୍ରି ହୁଚି କିୟାଆତେରି;
ନ଼ମେରି ଇଞ୍ଜୁଁ କା଼ୟିଦିତା ମାଚାଟି ନାଙ୍ଗେ କେର୍‌ହାଆତେରି । **୪୪**
ଏମ୍ବ୍ରାଟିଏ ଏ଼ୱାରି ଜିକେଏ ଏଲେଇନେରି, ଏ଼ ପ୍ରବୁ ଏଚେଲା ମା଼ମ୍ବୁ ନିଙ୍ଗେ
ହାକି କି ଏ଼ସ୍‌କି, ଏଟ୍‌କା କି ନା଼ଗ୍‌ଡ଼ା, ନ଼ମେରି କି କା଼ୟିଦିତା ମାନାଣି
ମେସାନା ନିଙ୍ଗେ ସେ଼ବା କିୟାଆତମି? **୪୫** ଏଚେଟିଏ ରାଜା ଏ଼ୱାରାଇଁ
ଏଲେଇନେସି, “ନା଼ନୁ ମିଙ୍ଗେ ସାତା ୱେସିମାଞ୍ଜାଇଁ, ନା଼ ଈ ଊଣା ଲ଼କୁ
ବିତ୍ରାଟି ରଅଣାଇଁ କିହାହିଲାଆକି ନାଙ୍ଗେ କିହାମାଞ୍ଜଅତେରି । **୪୬**
ଅ଼ଡ଼େ ଈୱାରି କା଼ଲାକା଼ଲାତି ସା଼ସ୍ତି ବେଟାଆ଼ନେରି, ସାମା ତୀରିଗାଟାରି
କା଼ଲାକା଼ଲାତି ଜୀୱୁ ବେଟାଆ଼ନେରି ।” **(aiōnios g166)**

**୨୬** ଜୀସୁ ଈ ବାରେ କାତା ରା଼ପ୍‌ହାନା ତାନି ସୀସୁୟାଁଇଁ ଏଲେଇଚେସି,
**୨** “ରୀଇନି ଜେ଼ଚ ପିସ୍‌ପିଆ଼ନି ପାର୍ବୁ ଆ଼ନେ, ଈଦାଆଁ ମୀରୁ
ପୁଞ୍ଜାମାଞ୍ଜେରି, ଇଞ୍ଜୁଁ ମାଣ୍‌ସି ମୀର୍‌ଏସି ପା଼ସି ମୁଣ୍ଡ୍ରାତା ହା଼ୟାଲି
ହେର୍‌ପିଆ଼ନେସି ।” **୩** ଏଚିବେ଼ଲାତା କାଜା ପୂଜେରାଙ୍ଗା ଅ଼ଡ଼େ ଲ଼କୁତି
କାଜାରି କୟାପା ଦ଼ରୁଗାଟି କାଜା ପୂଜେରା ଆଂଗେଣିତା ରୁଣ୍ଡ୍ରା ଆ଼ତେରି,
**୪** ଅ଼ଡ଼େ ଜୀସୁଇଁ ଆସାନା ପା଼ୟାଲି ପାରୁ ପାରୀତେରି; **୫** ସାମା ଏ଼ୱାରି
ଏଲେଇଚେରି, “ପାର୍ବୁ ବେ଼ଲାତା ଆ଼ଏ ଇଚିହିଁ ଏ଼ଚେତା ଲ଼କୁ ଗଡ଼୍‌ହା
କିନେରି ।” **୬** ଜୀସୁ ବେତନିୟାଁତା କାଜା ର଼ଗଗାଟି ସିମନ ଇଜ ତିଞ୍ଜାଲି
କୁଗାମାଚାଟି, **୭** ର଼ ଇୟା ର଼ ଗା଼ଜୁତା ହ଼ାରେକା ଦାରାଗାଟି ଗାନ୍ଦା
ନିୟୁଁ ତାଚାନା ଜୀସୁ ତା଼ୟୁଁତା ୱା଼କ୍‌ହେ । **୮** ସାମା ଏ଼ଦାଆଁ ମେସାନା
ସୀସୁୟାଁ କ଼ପା ଆ଼ହାନା ଏଲେଇଚେରି, “ଇଚେକା ଉଜେଏ ଏ଼ନାଆଁତାକି
କାର୍ଚୁ? **୯** ଈଦାଆଁ ହ଼ାରେକା ଟାକାୟାଁତାକି ପାର୍‌ପି ଆ଼ହାନା କା଼କୁଲି
ଗାଟାରାକି ହିୟାଲି ଆ଼ତେମା ।” **୧୦** ଜୀସୁ ଏ଼ଦାଆଁ ପୁଞ୍ଜାନା ଏ଼ୱାରାଇଁ
ଏଲେଇଚେସି, “ଈ ଇୟାନି ଏ଼ନାଆଁତାକି କସ୍ତୁ ହୀହିମାଞ୍ଜେରି? ଏ଼ଦି
ନାଙ୍ଗେତାକି ହ଼ାରେକା ନେହିଁ କାମା କିହାମାନେ । **୧୧** କା଼କୁଲି ଗାଟାରି
କା଼ଲେଏ ମୀ ତା଼ଣା ମାନେରି, ସାମା ନା଼ନୁ କା଼ଲେଏ ମୀ ତା଼ଣା ମାନଅଁ

। **୧୨** ଇଞ୍ଜାଁ ଏ଼ଦି ନ଼ା ଆଙ୍ଗାତା ନ଼କେଏ ନି଼ୟୁଁ ୱ଼ାକ୍‌ହାନା ମୁସାଲି ତାକି
ନ଼କେଏ ତିୟାରା କିହିମାନେ । **୧୩** ନ଼ାନୁ ମିଙ୍ଗେ ସାତା ୱେସିମାଞ୍ଜାଇଁ,
ବାରେ ଦାର୍‌ତିତା ଆମିନି ଟ଼ାୟୁତା ଇ ନେହିଁ କାବୁ ଡ଼ୱେପ୍‌କି ଆ଼ନେ, ଏମ୍ବାଆଁ
ଏ଼ ଇୟାନି ଅଣ୍‌ପାଲି ଏ଼ଦାନି ଈ କାମା ଜିକେଏ ୱେସ୍‌ପି ଆ଼ନେ ।”
**୧୪** ଏଚିଡ଼ବେଲା ବ଼ାରଜ଼ାଣା ବିତ୍ରାଟି ଇସ୍କାରିୟତ ଜୀହୁଦା ଦ଼ରୁଗାଟାସି
କାଜା ପୂଜେରାଙ୍ଗା ତ଼ାଣା ହାଜାନା ଏଲେଇଚେସି, **୧୫** “ନାଙ୍ଗେ ଏ଼ନାଆଁ
ହିୟାଦେରି ୱେସ୍ତାଦୁ? ନ଼ାନୁ ଜୀସୁଇଁ ଆସ୍‌ପି କିୟାଇଁ ।” ଏମ୍ବାଟିଏ ଏ଼ୱାରି
ଏ଼ୱାଣାକି କଡ଼େଦସ ଗଟା ୱେଣ୍ଡି ଟାକାୟାଁ ଏଜିକିହାନା ହୀତେରି ।
**୧୬** ଅ଼ଡ଼େ ଏ଼ ଦିନାଟିଏ ଏ଼ୱାସି ଜୀସୁଇଁ ଏ଼ୱାରିତ଼ାଣା ହେର୍‌ପାଲି ତାକି
ପାରୁ ପାରାଲି ମ଼ାଟ୍‌ହେସି । **୧୭** ଡ଼ାୟୁ ପୁଲାଏ଼ୟୁ ଆଣ୍ଡାଆତି ରୂଟି ତିନି
ପାର୍ବୁତି ତଲିତି ଦିନାତା ସୀସୁୟାଁ ଜୀସୁ ତ଼ାଣା ୱ଼ାହାନା ୱେଚେରି, “ମ଼ାମ୍ବୁ
ଆମିନି ଟ଼ାୟୁତା ନିଙ୍ଗେତାକି ପିସ୍‌ପିଆ଼ନି ପାର୍ବୁତି ବ଼ଜି କିନମି ଇଞ୍ଜାଁ ନୀନୁ
ଅଣ୍‌ପିମାଞ୍ଜି?” **୧୮** ଜୀସୁ ଏଲେଇଚେସି, “ମୀରୁ ଗ଼ାଡ଼ାତା ପାଲାଣା ଗାଟାଣି
ତ଼ାଣା ହାଜାନା ଏଲେଇଞ୍ଜୁ, ମ଼ା ଗୂରୁ ଏଲେଇଞ୍ଜି ୱେସା ପାଣ୍ଡାତେସି, ନ଼ା
କାଟୁ ଏଦାତେୟିଏ, ନ଼ାନୁ ନ଼ା ସୀସୁୟାଁ ତଲେ ମୀ ଇଜ ପିସ୍‌ପିଆ଼ନି ପାର୍ବୁତି
ବ଼ଜି କିନମି ।” **୧୯** ଏମ୍ବାଟିଏ ସୀସୁୟାଁ ଜୀସୁତି ହୁକୁମି ତଲେ କାମା କିହାନା
ପିସ୍‌ପିଆ଼ନି ପାର୍ବୁତି ବ଼ଜି କିତେରି । **୨୦** ଡ଼ାୟୁ ମିଡ଼୍‌ଅଲା ଆୟାଲିଏ ଜୀସୁ
ବ଼ାରଜ଼ାଣା ସୀସୁୟାଁ ତଲେ ବ଼ଜିତା କୁଗିତେସି । **୨୧** ଏ଼ୱାରି ତିଞ୍ଜିମାଚି
ଡ଼ବେଲାତା ଜୀସୁ ଏଲେଇଚେସି, “ନ଼ାନୁ ମିଙ୍ଗେ ସାତା ୱେସିମାଞ୍ଜାଇଁ, ମୀ
ବିତ୍ରାଟି ରଅସି ନାଙ୍ଗେ ସାତୁୟାଁ କେୟୁତା ହେର୍‌ପାନେସି ।” **୨୨** ଏମ୍ବାଟିଏ
ଏ଼ୱାରି ହ଼ାରେକା ଦୁକୁ ଆ଼ହାନା ରଅ ରଅସି ଜୀସୁଇଁ ୱେଚେରି, “ଏ଼ ପ୍ରବୁ
ଏ଼ୱାତେଏଁ ନ଼ାନୁ କି?” **୨୩** ଜୀସୁ ଏଲେଇଚେସି, “ନ଼ା ତଲେ ଆମ୍ବାଆସି
ସାଡ଼୍‌ୱାତା କେୟୁ ପ଼ାର୍‌କି ମାନେସି, ଏ଼ୱାସି ନାଙ୍ଗେ ସାତୁୟାଁ କେୟୁତା
ହେର୍‌ପାନେସି । **୨୪** ମାଣ୍‌ସି ମୀର୍‌ଏଣି କାତା ଏ଼ନିକିଁ ର଼ାସ୍‌କି ଆ଼ହାମାନେ
ଏଲେକିଁ କିହିମାନେସି ସାତା; ସାମା ଆମିନି ଲ଼କୁ ତ଼ାଣାଟି ସାତୁ କେୟୁତା
ହେର୍‌ପି ଆ଼ହିମାନେସି, ଆୟ଼ତା ଏଚେକା ଡଣ୍ଡ ବେଟା ଆ଼ନେସି; ଏ଼ୱାସି
ଜାର୍ନା ଆ଼ହାହିଲାଆତିହିଁ ଏ଼ୱାଣାକି ନେହେଁ ଆ଼ତେମା ।” **୨୫** ଏଚେଟିଏ
ଆମିନି ଜୀହୁଦା, ସାତୁୟାଁ କେୟୁତା ହେର୍‌ପିତେସି, ଏ଼ୱାସି ଏଲେଇଞ୍ଜି
ଇଚେସି, “ଏ଼ ଗୂରୁ ଏ଼ୱାତେଏଁ ନ଼ାନୁ କି?” ଜୀସୁ ଏ଼ୱାଣାଇଁ ଏଲେଇଚେସି,
“ନୀନୁତ ଏଲେ ଇଞ୍ଜିମାଞ୍ଜି ।” **୨୬** ଅ଼ଡ଼େ ଏ଼ୱାରି ତିଞ୍ଜିମାଚି ଡ଼ବେଲାତା,
ଜୀସୁ ରୂଟି ଅ଼ହାନା ମାହାପୂରୁଇଁ ଜହରା କିତେସି, ଇଞ୍ଜାଁ ରୂଟି ଡ଼ିକ୍‌ହାନା
ସୀସୁୟାଁକି ହୀହାନା ଏଲେଇଚେସି, “ଈଦାଆଁ ଅ଼ଦୁ ଇଞ୍ଜାଁ ତିଞ୍ଜୁ ଈଦି ନ଼ା
ଆଙ୍ଗା ।” **୨୭** ଅ଼ଡ଼େ ଏ଼ୱାସି ଗହ୍‌ନି ସ଼ଲା ଆସାନା ମାହାପୂରୁଇଁ ଜହରା
କିତେସି ଇଞ୍ଜାଁ ସୀସୁୟାଁକି ହୀହାନା ଏଲେଇଚେସି; “ଈଦାଆଁ ବାରେତେରି
ଗହଦୁ” **୨୮** “ଇଚିହିଁ ଆମିନି ନେତେରିତି ର଼ାଜିମ଼ାନା ହ଼ାରେକା ଲ଼କୁତାକି
ପ଼ାପୁତି ମ୍ଣେକ୍‌ହାଲି ୱ଼ାକ୍‌ହାମାନି ଈଦି ଏ଼ ନ଼ା ନେତେରି । **୨୯** ସାମା ନ଼ାନୁ
ମିଙ୍ଗେ ୱେସିମାଞ୍ଜାଇଁ, ଆମିନି ଦିନା ନ଼ା ଆ଼ବାତି ର଼ାଜିତା ମୀ ତଲେ ପୁଃନି
ଅଙ୍ଗୁରି ରାସା ଗହ୍‌ଆ ପାତେକା ନୀଞ୍ଜୁଟିଏ ଏଚେଲାୱା ଅଙ୍ଗୁରି ରାସା
ଗହ୍‌ଅଁ ।” **୩୦** ଅ଼ଡ଼େ ଏ଼ୱାରି ଜହରା ପ଼ାଚୁ ପ଼ାଚିତି ଡ଼ାୟୁ ଜୀତ ହ଼ରୁତା
ହ଼ଚା ହାଚେରି । **୩୧** ଏଚିଡ଼ବେଲା ଜୀସୁ ଏ଼ୱାରାଇଁ ଏଲେଇଚେସି, “ନୀଞ୍ଜୁ
ଲ଼ାଆଁୟାଁ ମୀରୁ ବାରେତେରି ନାଙ୍ଗେ ପିସାନା ହାଜାଦେରି, ଇଚିହିଁ ର଼ାସ୍‌କି
ଆ଼ହାମାନେ, ନ଼ାନୁ ଡ଼ମେଣ୍ଡାୟାଁ ଗ଼ଡୁଇଁ ଡ଼ୱେଇଁ ଅ଼ଡ଼େ ମାନ୍ଦାତି ଡ଼ମେଣ୍ଡାୟାଁ
ଆଲାରା ଆ଼ହାହାନୁ । **୩୨** ସାମା ନ଼ାନୁ ହ଼ାହାନା ନିଙ୍ଗିତି ଡ଼ାୟୁ ମୀ ନ଼କିତା
ଗାଲିଲିତା ହାଇଁ ।” **୩୩** ସାମା ପିତର ଜୀସୁଇଁ ଏଲେଇଚେସି, “ବାରେଜ଼ାଣା
ନିଙ୍ଗେ ପିସ୍ତାତିହିଁ ଜିକେଏ, ନ଼ାନୁ କଡ଼େ ନିଙ୍ଗେ ଏଚେଲାୱା ପିସ୍ତଅଁ ।”
**୩୪** ଜୀସୁ ପିତରଇଁ ଏଲେଇଚେସି, “ନ଼ାନୁ ନିଙ୍ଗେ ସାତା ୱେସିମାଞ୍ଜାଇଁ,
ନୀଞ୍ଜୁ ଲ଼ାଆଁୟାଁ କୟୁ ଡ଼କେଣ୍‌ଆ ନ଼କେଏ ନୀନୁ ନାଙ୍ଗେ ତୀନିପ଼ାଲି ନ଼ାନୁ
ପୁଞ୍ଜାହିଲଅଁ ଇଞ୍ଜାଁ ୱେହ୍‌ଦି ।” **୩୫** ପିତର ଏ଼ୱାଣାଇଁ ଏଲେଇଚେସି, “ନ଼ାନୁ
ନୀ ତଲେ ହ଼ାହାଲି ଆ଼ତି ଜିକେଏ ନ଼ାନୁ ନିଙ୍ଗେ ଏଚେଲା ପୁଞ୍ଜାହିଲଅଁ
ଇଞ୍ଜାଁ ଇନଅଁ!” ଇଞ୍ଜାଁ ବାରେ ସୀସୁୟାଁ ଜିକେଏ ଏଲେଇଚେରି । **୩୬**
ଏଚେଟିଏ ଜୀସୁ ତାନି ସୀସୁୟାଁ ତଲେ ଗେତ୍‌ସିମନି ଇନି ର଼ ଟ଼ାୟୁତା
ହାଜାନା ଏ଼ୱାରାଇଁ ଏଲେଇଚେସି, “ନ଼ାନୁ ଏମ୍ବାଆଁ ହାଜାନା ପ୍ରାତାନା
କିନି ପାତେକା ମୀରୁ ଇମ୍ବାଆଁ କୁଗା ମାଞ୍ଜୁ ।” **୩୭** ଅ଼ଡ଼େ ଏ଼ୱାସି ପିତର
ଇଞ୍ଜାଁ ଜେବଦିତି ରୀ ମୀର୍‌କାଣି ଅ଼ହାନା ହିୟାଁତା କିଲିବିଲି ଆ଼ତେସି,
**୩୮** ଇଞ୍ଜାଁ ଏଚିଡ଼ବେଲା ଏ଼ୱାରାଇଁ ଏଲେଇଚେସି, “ନ଼ା ଜୀୱୁ ହ଼ାନିଲେହେଁ
ହ଼ାରେକା କିଲିବିଲି ହ଼ଚି ମାଞ୍ଜାନେ, ମୀରୁ ଇମ୍ବାଆଁ ଡ଼ୟାନା ନ଼ା ତଲେ
କ଼ାଚିହିଁ ମାଞ୍ଜୁ ।” **୩୯** ଇଞ୍ଜାଁ ଏ଼ୱାସି ହିରେ ହେକ ହାଜାନା ମୁନୁ କୁତାନା
ପ୍ରାତାନା କିହିହିଁ ଏଲେଇଚେସି, “ଏ଼ ନ଼ା ଆ଼ବା ଆତିହିଁ ଈ ନ଼ା ଦୁକୁ କସ୍ତଗାଟି
ସ଼ଲାତି ହେକ କିମୁ; ସାମା ନ଼ା ମ଼ନ କଡ଼େ ଆ଼ଏ ନୀ କାତେଏ ଆ଼ପେ
।” **୪୦** ଅ଼ଡ଼େ ଏ଼ୱାସି ସୀସୁୟାଁତ଼ାଣା ୱ଼ାହାନା ଏ଼ୱାରାଇଁ ଇଦା କିତାଣି
ମେସ୍ତେସି ଇଞ୍ଜାଁ ପିତରଇଁ ଏଲେଇଚେସି, “ମୀରୁ ନ଼ା ତଲେ ଗ଼ାଡ଼େକା
ଜିକେଏ କ଼ାଚାଲି ଆ଼ଡାଆତେରି? **୪୧** ପ଼ାନ୍ଦାତା ଏ଼ନିକିଁ ହେର୍‌ଅତେରି,
ଏ଼ଦାଆଁତାକି କ଼ାଚାହାଁ ପ୍ରାତାନା କିଡ଼ହେମାଞ୍ଜୁ; ଇଚିହିଁ ମ଼ନ ମାନେ ସାମା
ଆଙ୍ଗାତା ବ଼ାଡ଼୍‌ୟୁ ହିଲେଏ ।” **୪୨** ଅ଼ଡ଼େ ର଼ ପ଼ାଲି ହାଜାନା ପ୍ରାତାନା କିହିହିଁ
ଏଲେଇଚେସି, “ଏ଼ ନ଼ା ଆ଼ବା ଈ ନ଼ା ଦୁକୁ କସ୍ତଗାଟି ସ଼ଲା ନ଼ା ତ଼ାଣାଟି
ହେକ ଆ଼ହାଲି ଆ଼ଡାଆତି, ନ଼ାନୁ ଏ଼ଦାଆଁ ଗହ୍‌ଇଁ ନ଼ା ମ଼ନ କଡ଼େ ଆ଼ଏ
ନୀ କାତେଏ ଆ଼ପେ ।” **୪୩** ଅ଼ଡ଼େ ଏ଼ୱାସି ୱ଼ାହାନା ଏ଼ୱାରାଇଁ ଇଦା
କିହାମାନାଣି ମେସ୍ତେସି; ଇଚିହିଁ ଏ଼ୱାରି କଟଣି ହ଼ଚି ମାଚେରି । **୪୪**
ଏମ୍ବାଟିଏ ଏ଼ୱାସି ଏ଼ୱାରାଇଁ ପିସାନା ଅ଼ଡ଼େ ୱେଣ୍ଡେ ହାଜାନା ଅ଼ଡ଼େ ଏ଼
ପ୍ରାତାନା ତୀନିପ଼ାଲି ତାକି କିତେସି । **୪୫** ଡ଼ାୟୁ ସୀସୁୟାଁ ତ଼ାଣା ୱ଼ାହାନା
ଏଲେଇଚେସି, “ଗ଼ାଡ଼େକା ଡୂରାନା ଜ଼ମାଦୁ, ଇଚିହିଁ ମାଣ୍‌ସି ମୀର୍‌ଏସି
ପ଼ାପୁ ଗାଟାରି ତ଼ାଣା ହେର୍‌ପି ଆ଼ନିବେଲା ଏଦାତେୟିଏ । **୪୬** ନିଙ୍ଗାଦୁ ମ଼ାର
ହାନ, ଇଞ୍ଜାଁ ମେହ୍‌ଦୁ ଆମ୍ବାଆସି ନାଙ୍ଗେ ସାତୁୟାଁ କେୟୁତା ହେର୍‌ପାନେସି,
ଏ଼ୱାସି ଡାଗେ ୱ଼ାତେସିଏ!” **୪୭** ଜୀସୁ ଈ କାତା ୱେସିମାଚି ଡ଼ବେଲାତା,
ମେହ୍‌ଦୁ, ବ଼ାରଜ଼ାଣା ସୀସୁୟାଁ ବିତ୍ରାଟି ଜୀହୁଦା ଦ଼ରୁଗାଟାସି ରଅସି
ଇଞ୍ଜାଁ ଏ଼ୱାଣିତଲେ କାଜା ପୂଜେରାଙ୍ଗା ଅ଼ଡ଼େ ଲ଼କୁତି କାଜାରି ତ଼ାଣାଟି

ପାଣ୍ଡୁୱିଆ଼ହାମାନି ହ଼ାରେକା ଲ଼କୁ କାଣ୍ଡାୟାଁ ଅ଼ଡ଼େ ବାଡ଼୍‌ଗାୟାଁ ଆସାନା
ୱ଼ାତେରି । **୪୮** ଜୀସୁଇଁ ସାତ୍ତୁୟାଁ କେୟୁତା ହେର୍‌ପିନାସି ଏ଼ୱାରାଇଁ ଈ ସିନା
ୱେସାମାଚେସି, “ନ଼ାନୁ ଆମ୍ବାଆରାଇଁ ନଣ୍ଡିଇଁ ଏ଼ୱାସିଏ ଏ଼ୱାସି, ଏ଼ୱାଣାଇଁ
ଆହ୍‌ଦେରି ।” **୪୯** ଇଞ୍ଜାଁ ଏ଼ୱାସି ଏ଼ ଦେବୁଣିଏ ଜୀସୁ ତ଼ାଣା ୱ଼ାହାନା, “ଏ଼
ଗୂରୁ ଜହରା ଇଚେସି” ଅ଼ଡ଼େ ଏ଼ୱାଣାଇଁ ହ଼ାରେକା ନଣ୍ଡିତେସି । **୫୦** ସାମା
ଜୀସୁ ଏ଼ୱାଣାଇଁ ଏଲେଇଚେସି, “ଏ଼ ତ଼ଣେ ଏ଼ନାଆଁ କିହାଲି ୱ଼ାହାମାଞ୍ଜି
ଏ଼ଦାଆଁ କିମୁ ।” ଏମ୍ବାଟିଏ ଏ଼ୱାରି ଡାଗେ ୱ଼ାହାନା ଜୀସୁଇଁ ଆସ୍ତେରି । **୫୧**
ଅ଼ଡ଼େ ମେହ୍‌ଦୁ, ଜୀସୁତଲେ ମାଚାରି ବିତ୍ରାଟି ରଅସି କାଣ୍ଡା ହ଼ପ୍‌ହେସି ଇଞ୍ଜାଁ
କାଜା ପୂଜେରା ହ଼ଲେଏଣାଇଁ କିୟୁଁ ରାତ୍‌ହେସି । **୫୨** ଏମ୍ବାଟିଏ ଜୀସୁ
ଏ଼ୱାଣାଇଁ ଏଲେଇଚେସି, “ନୀ କାଣ୍ଡା ୱେଣ୍ଡେ ନୀ ପାଡ଼୍‌କାତା ଇଟାମୁ,
ଇଚିହିଁ ଆମ୍ବାଆରି କାଣ୍ଡା ଆହ୍‌ନେରି ଏ଼ୱାରି କାଣ୍ଡା ତଲେଏ ହ଼ାନେରି । **୫୩**
ନୀନୁ ଏ଼ନାଆଁ ଅଣ୍‌ପିମାଞ୍ଜି, ନ଼ାନୁ ନ଼ା ଆ଼ବାଇଁ ବାତିମ଼ାଲିତିହିଁ ଈ ଦେବୁଣିଏ
ବ଼ାର ଗଚି ରିଜାରି କ଼ସ୍‌କା କିହାଁ ହ଼ାରେକା ଦୂତୁୟାଁଇଁ ପାଣ୍ଡଅସି?” **୫୪**
ଇଚିହିଁ ଇଲେକିଁ ସାତେଏ ଆ଼ନେ ଇଞ୍ଜାଁମାନି ଦାର୍ମୁ ପତିତି କାତା ଏ଼ନିକିଁ
ସାତା ଆ଼ନେ? **୫୫** ଏଚେଟିଏ ଜୀସୁ ମାନ୍ବା ଲ଼କୁଣି ଏଲେଇଚେସି, ଡଂଗା
ଗାଟାରାଇଁ ଆହ୍‌ନିଲେହେଁ କାଣ୍ଡାୟାଁ ଅ଼ଡ଼େ ଟେଙ୍ଗାୟାଁ ଆସାନା ମୀରୁ
ନାଙ୍ଗେ ଆସାଲି ୱ଼ାହାମାଞ୍ଜେରି? ନ଼ାନୁ ବାରେଦିନା ମାହାପୂରୁ ଇଲୁତା
କୁଗାନା ଜ଼ାପ୍‌ହି ମାଚେଏଁ, ସାମା ମୀରୁ ନାଙ୍ଗେ ଆସ୍ତାଆତେରି! **୫୬**
ସାମା ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାରି ର଼ାଚିତି ସ଼ାସ୍ତେରି କାତା
ଏ଼ନିକିଁ ସାତା ଆ଼ନେ, ଏ଼ଦାଆଁତାକି ଈ ବାରେ ଆ଼ହିମାନେ । ଏଚିବ଼େଲା
ବାରେଜ଼ାଣା ସୀସୁୟାଁ ଏ଼ୱାଣାଇଁ ପିସାନା ହଟାତୁସ୍ତେରି । **୫୭** ଡ଼ାୟୁ
ଏମିନିଗାଟାରି ଜୀସୁଇଁ ଆସାମାଚେରି, ଏ଼ୱାରି ଜୀସୁଇଁ କୟାପା ଇନି
କାଜା ପୂଜେରା ନ଼କିତା ଅ଼ତେରି; ଏ଼ ଟ଼ାୟୁତା ମ଼େରାପୁନାରି ଅ଼ଡ଼େ ଲ଼କୁତି
କାଜାରି ରୁଣ୍ଡା ଆ଼ହାମାଚେରି । **୫୮** ସାମା ପିତର ହେକ ଡ଼ୟାନା କାଜା
ପୂଜେରା ଆଂଗେଣି ପାତେକା ଏ଼ୱାରି ଜ଼େଚ ହାଚେସି, ଇଞ୍ଜାଁ ଡ଼ାୟୁ ଏ଼ନି
ଆ଼ନେ, ଏ଼ଦାଆଁ ସିନିକିହାଲି ଏ଼ୱାସି ବିତ୍ରା ହାଜାନା ଜାମାନାଙ୍ଗା ତଲେ
କୁଗାମାଚେସି । **୫୯** ଏମ୍ବାଟିଏ କାଜା ପୂଜେରାଙ୍ଗା ଅ଼ଡ଼େ ବାରେ ବ଼େରଣି
ମାଣ୍ଡାତାରି ଜୀସୁଇଁ ପ଼ାୟାଲି ଏ଼ୱାଣି କ଼ପାଟି ମିଚି ସ଼ାକିୟାଁ ପାରୀତେରି,
**୬୦** ଇଞ୍ଜାଁ ହ଼ାରେକା ସ଼ାକିୟାଁ ୱେସ୍ତି ଜିକେଏ, ଏ଼ୱାଣି ଏ଼ନି ଦ଼ହ ପ୍ଣାଃଆତେରି
। ଇଞ୍ଜାଁ ଡ଼ାୟୁ ରିଆରି ନିଚାନା ୱେସ୍ତେରି, **୬୧** ଈୱାସି ଏଲେଇଞ୍ଜାମାଚେସି,
“ନ଼ାନୁ ମାହାପୂରୁତି ଇଲୁ ଡିକ୍‌ହାନା ତୀନି ଦିନାଟିଏ କ଼େପାଲି ଆ଼ଡିଇଁ
।” **୬୨** ଏମ୍ବାଟିଏ କାଜା ପୂଜେରା ନିଙ୍ଗାନା ଏଲେଇଚେସି, “ନୀ କ଼ପାଟି
ଜ଼ଲିମାନାରାକି ୱେଣ୍ଡେ ୱେସାଲି ନୀ ଏ଼ନି କାତା ହିଲେଏ କି?” **୬୩**
ସାମା ଜୀସୁ ପାଲେଏ ଆ଼ହାନା ଡ଼ୟିତେସି । ଏମ୍ବାଟିଏ କାଜା ପୂଜେରା
ଜୀସୁଇଁ ଏଲେଇଚେସି, “ନ଼ାନୁ ଜୀୱୁତି ମାହାପୂରୁ ଦ଼ରୁତଲେ ପାର୍‌ମାଣା
କିୱି କିହାନା ୱେଞ୍ଜିମାଞ୍ଜାଇଁ, ନାଙ୍ଗେ ୱେସ୍ତାମୁ, ନୀନୁ ସାତେଏ ମାହାପୂରୁ
ମୀର୍‌ଏଣାତି କ୍ରୀସ୍ତତିକି?” **୬୪** ଜୀସୁ ଏ଼ୱାଣାଇଁ ଏଲେଇଚେସି, “ନୀନୁତ
ୱେସିମାଞ୍ଜି; ଅ଼ଡ଼େ ନ଼ାନୁ ନିଙ୍ଗେ ୱେସିମାଞ୍ଜାଇଁ, ନୀଞ୍ଜୁଟିଏ ମୀରୁ ମାଣ୍‌ସି
ମୀର୍‌ଏଣାଇଁ ବ଼ାଡ଼୍‌ୟୁଗାଟି ମାହାପୂରୁ ଟିଃନିୱାକି ନିଚାମାନାଣି ଅ଼ଡ଼େ
ହ଼ାଗୁ ଦୂନ୍ବାଟି ୱ଼ାନାଣି ମେହ୍‌ଦେରି!” **୬୫** ଏମ୍ବାଟିଏ କାଜା ପୂଜେରା ତାନି
ହିମ୍ବରି ଗେସାନା ଏଲେଇଚେସି, “ଈୱାସି ମାହାପୂରୁ ନିନ୍ଦା କିହିମାନେସି,
ଇଞ୍ଜାଁ ମାଙ୍ଗେ ଅ଼ଡ଼େ ଏ଼ନି ସ଼ାକିୟାଁ ଲ଼ଡ଼ାମାନେ? ମେହ୍‌ଦୁ ନୀଏଁ ଜିକେଏ
ମାହାପୂରୁ ନିନ୍ଦା କିତାଣି ୱେଚେରି, **୬୬** ମୀ ଅଣ୍‌ପୁତା ଏ଼ନାୟି ମାନେ?”
ଏମ୍ବାଟିଏ ଏ଼ୱାରି ଏଲେଇଚେରି ଏ଼ୱାସି ହ଼ାନି ଡଣ୍ଡ ପ଼ାଣ୍‌ନାୟି ମାନେ! **୬୭**
ଏଚିବ଼େଲା ଏ଼ୱାରି ଏ଼ୱାଣି ମୂମ୍ବୁତା ହୂପିତେରି, ବିଦା ୱ଼େତେରି; ଇଞ୍ଜାଁ
ଆମ୍ବା ଆମ୍ବାଆରି ସ଼ାପ୍‌ଡ଼ା ୱ଼େଚାନା ଏଲେଇଚେରି, **୬୮** “ଏ଼ କ୍ରୀସ୍ତ ନୀନୁସାଁ
ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାତି, ମାଙ୍ଗେ ୱେସ୍ତାମୁ ନିଙ୍ଗ ଆମ୍ବାଆସି
ୱେତାତେସି ।” **୬୯** ଏମ୍ବାଟିଏ ପିତର ପାଙ୍ଗାତି ଆଂଗେଣିତା କୁଗାମାଚେସି,
ଇଞ୍ଜାଁ ର଼ ହ଼ଲେଣି ପିତର ଡାଗେ ୱ଼ାହାନା ଏଲେଇଚେ, “ନୀନୁ ଜିକେଏ
ଗାଲିଲିତି ଜୀସୁତଲେ ମାଚି ।” **୭୦** ସାମା ଏ଼ୱାସି ବାରେତି ନ଼କିତା “ନ଼ାନୁ
ଏ଼ୱାଣାଇଁ ପୁଞ୍ଜାହିଲଅଁ ନୀନୁ ଏ଼ନାଆଁ ୱେସିମାଞ୍ଜି ନ଼ାନୁ ପୁଞ୍ଜାହିଲଅଁ ।” **୭୧**
ଅ଼ଡ଼େ ପିତର ଆଂଗେଣି ଦୁୱେରିତା ହାଜାଲିଏ ଅ଼ଡ଼େ ର଼ ହ଼ଲେଣି ଏ଼ୱାଣାଇଁ
ମେସାନା ଏ଼ ଟ଼ାୟୁତି ଲ଼କୁଣି ଏଲେଇଚେ, “ଈୱାସି ନ଼ାଜରିତ ଜୀସୁତଲେ
ମାଚେସି ।” **୭୨** ପିତର ପାର୍‌ମାଣା କିହାନା ଅ଼ଡ଼େ ଏଲେଇଚେସି, “ନ଼ାନୁ
ଏ଼ୱାଣାଇଁ ପୁଞ୍ଜାହିଲଅଁ ।” **୭୩** ଅ଼ଡ଼େ ର଼ ଗ଼ାଡ଼େକା ହାଜାଲିଏ ଦାରିତା
ନିଚାମାଚାରି ପିତର ଡାଗେ ୱ଼ାହାନା ଏ଼ୱାଣାଇଁ ଏଲେଇଚେରି, “ନୀନୁ
ଜିକେଏ ସାତେଏ ଏ଼ୱାରି ବିତ୍ରାଟି ରଅତି, ଇଚିହିଁ ନୀ ହ଼ାଡାଟି ପୁଣ୍‌ମ୍ବି
ଆ଼ହିମାନେ ।” **୭୪** ଏମ୍ବାଟିଏ ପିତର ପାର୍‌ମାଣା ଅ଼ଡ଼େ ବ଼ାକା ଇଟିହିଁ
ଏଲେଇଚେସି, “ନ଼ାନୁ ଏ଼ୱାଣାଇଁ ପୁଞ୍ଜାହିଲଅଁ ।” ଏ଼ ଦେବୁଣିଏ କୟୁ
କ଼େଣ୍‌ତେ । **୭୫** ଏଚେଟିଏ “କୟୁ କ଼େଣ୍‌ଆ ନ଼କେଏ ନାଙ୍ଗେ ତୀନି ପ଼ାଲି
ପୁଞ୍ଜାହିଲଅଁ ଇଞ୍ଜାଦି” ଇଞ୍ଜାଁ ଜୀସୁ ୱେସ୍ତି ଈ କାତା ପିତର ଅଣ୍‌ପୁତା ୱ଼ାତେ,
ଇଞ୍ଜାଁ ଏ଼ୱାସି ପାଙ୍ଗାତା ହାଜାନା ହ଼ାରେକା କିଲିବିଲି ଦୁକୁଆ଼ହିଁ ଡ଼ୀତେସି ।

**୨୭** ଲ଼ାଇ ୱ଼େୟାଲିଏ ବାରେ କାଜା ପୂଜେରାଙ୍ଗା, ଇଞ୍ଜାଁ ଲ଼କୁତି କାଜାରି
ଜୀସୁଇଁ ପ଼ାୟାଲି ଏ଼ୱାଣି କ଼ପାଟି କାତା ଆ଼ତେରି, **୨** ଇଞ୍ଜାଁ ଏ଼ୱାରି
ଏ଼ୱାଣାଇଁ ଦସା ଅ଼ହାନା ପିଲାତ ଇନି ସ଼ାଲୱି କିନାଣି ତ଼ାଣା ହେର୍‌ପିତେରି
। **୩** ଏଚିବ଼େଲା ଜୀସୁଇଁ ସାତ୍ତୁ କେୟୁତା ହେର୍‌ପିତି ଜୀହୁଦା, ଜୀସୁ
ହ଼ାନି ଡଣ୍ଡ ବେଟା ଆ଼ହାମାନେସି ଇଞ୍ଜାଁ ପୁଞ୍ଜାନା, ଜୀୱୁତା ଅଣ୍‌ପାନା
କାଜା ପୂଜେରାଙ୍ଗା ଅ଼ଡ଼େ ଲ଼କୁତି କାଜାରି ତ଼ାଣା ଏ଼ କଡ଼େଦସ ଟାକା
ୱେଣ୍ଡେ ତାଚାନା ଏଲେଇଚେସି, **୪** “ନ଼ାନୁ ଦ଼ହ ହିଲାଆଗାଟାଣି ନେତେରି
ହେର୍‌ପାନା ପ଼ାପୁ କିହାମାଇଁ ।” ସାମା ଏ଼ୱାରି ଏଲେଇଚେରି, “ମ଼ାଦି
ଏମ୍ବାଆଁ ଏ଼ନାୟି ମାନେ? ଏ଼ଦାଆଁ ନୀନୁ ଅଣ୍‌ପାମୁ ।” **୫** ଏମ୍ବାଟିଏ ଏ଼ୱାସି
ଟାକାୟାଁଣି ମାହାପୂରୁ ଇଲୁ ବିତ୍ରା କୁତାତୁସାନା ହାଚେସି, ଇଞ୍ଜାଁ ହାଜାନା
ହେର୍‌କି ଲ଼େଜା ହ଼ାତେସି । **୬** ସାମା କାଜା ପୂଜେରାଙ୍ଗା ଏ଼ ଟାକାୟାଁ ଅ଼ହାନା
ଏଲେଇଚେରି, “ଈୱାଆଁ ମାହାପୂରୁ ଇଲୁତି ଦ଼ନ ତଲେ ଇଟିନାୟି ମ଼େରା
ହିଲେଏ, ଇଚିହିଁ ଈୱି ନେତେରିତି ଟାକାୟାଁ ।” **୭** ଇଞ୍ଜାଁ ଏ଼ୱାରି କାତା
ଆ଼ହାନା ଏଟ୍‌କା ଦ଼େସାତି ଲ଼କୁତି ମାଡ଼୍‌ହା ମୁହ୍‌ନି ଟ଼ାୟୁ ତାକି ଏ଼ ଟାକାୟାଁ

ହୀହାନା ର୍ କୁମ୍ବେଏଣା ବୂମି କଡିତେରି । ୮ ଏ୍ଦାଆଁତାକି ନୀଞ୍ଜୁପାତେକା ଏ୍ଦାନି “ନେତେରି ବୂମି” ଇଞ୍ଜେଁ ଇନେରି । ୯ ଏମ୍ବାଟିଏ ମାହାପୂରୁ ଅଣ୍ପୁତି ବ୍ଲୁ ୱେହ୍ନି ଜିରିମିୟ୍ ତା଼ଣାଟି ରା଼ଚିତି ଇ କାତା ସାତା ଆ଼ତେ, ଇସ୍ରାୟେଲ ମୀର୍କା ଆମ୍ବାଆରି ତାକି ଏଚେକା ଲେକା ହୀନାୟ୍ ମାନେ, ଏ୍ୱାଣି ଲେକାତଲେ ଏ୍ କଡେ଼ଦସ ଟାକା ଅ଼ହାନା, ୧୦ ନା଼ ତାକି ମାହାପୂରୁତି ହୁକୁମି ଲେହେଁ କୁମ୍ବେଏଣା ବୂମି ତାକି ହୀତେରି । ୧୧ ଏମ୍ବାଟିଏ ସା଼ଲୱି କିନାଣି ନ଼କିତା ଜୀସୁଇଁ ନିପ୍ହେରି, ଇଞ୍ଜାଁ ସା଼ଲୱି କିନାସି ଏ୍ୱାଣାଇଁ ୱେଚେସି, “ନୀନୁ ଜୀହୁଦି ଲ଼କୁତି ରାଜାତି?” ଜୀସୁ ଏଲେଇଚେସି, “ନୀନୁତ ଏଲେ ଇଞ୍ଜିମାଞ୍ଜି ।” ୧୨ ସାମା କାଜା ପୂଜେରାଞ୍ଜୁ ଇଞ୍ଜାଁ ଲ଼କୁତି କାଜାରି ଏ୍ୱାଣି କ଼ପାଟି ୱେସାଲିଏ, ଜୀସୁ ଏ଼ନାଆଁ ଇନାଆତେସି । ୧୩ ଏଚେଟିଏ ପିଲାତ ଏ୍ୱାଣାଇଁ ଏଲେଇଚେସି, “ଇୱାରି ନୀ କ଼ପାଟି ହା଼ରେକା କାତା ୱେସିମାନେରି, ଏ଼ଦାଆଁ ୱେଞ୍ଜୁ ହିଲଅତି କି?” ୧୪ ସାମା ଏ୍ୱାସି ର୍ କାତା ଜିକେଏ ଏ୍ୱାଣାଇଁ ଜ଼ଲାଆତେସି, ଏମ୍ବାଟିଏ ସା଼ଲୱି କିନାସି ହା଼ରେକା କାବା ଆ଼ତେସି । ୧୫ ପିସ୍ପିଆ଼ନି ପାର୍ବୁ ରେ଼ବେଲାତା ଲ଼କୁ, ଆମିନି କାୟିଦିତା ଇଟାମାନାରାଇଁ ରୀସିମାଚେରି ଏ୍ୱାଣାଇଁ ପିସାଲି ସା଼ଲୱି କିନାଣି ମେ଼ରା ମାଚେ । ୧୬ ଏଚିରେ଼ବେଲା ଏ୍ୱାରି ଜୀସୁ-ବାରବା ଦ଼ରୁଗାଟି ର୍ କାଜା ୱେଞ୍ଜିତି କାୟିଦି ଗାଟାସି ମାଚେସି । ୧୭ ଏ୍ଦାଆଁତାକି ଏ୍ୱାରି ରୁଣ୍ଡା ଆ଼ହାମାନି ରେ଼ବେଲାତା ପିଲାତ ଏ୍ୱାରାଇଁ ୱେଚେସି, ନା଼ନୁ ମିଞ୍ଜେ଼ତାକି ଆମ୍ବାଆରାଇଁ ପିସାହିୟାଇଁ ଇଞ୍ଜେଁ ମୀରୁ ମ଼ନ କିହିମାଞ୍ଜେରି? ବାରବାଇଁ କି ଆମ୍ବାଆରାଇଁ କ୍ରୀସ୍ତ ଇଞ୍ଜେଁ ମାଞ୍ଜେରି ଏ୍ ଜୀସୁଇଁ? ୧୮ ଇଚିହିଁ ଏ୍ୱାରି ଏ୍ୱାଣାଇଁ କ଼ପାଟି ହେର୍ପା ମାନେରି ଇଞ୍ଜେଁ ପିଲାତ ପୁଞ୍ଜାମାଚେସି । ୧୯ ଇଞ୍ଜାଁ ପିଲାତ ନୀହାଁୟ୍ କିନି ଟା଼ୟୁତା କୁଗାମାଚାଟି ତାନି ଡକ୍ରି ତାନି ତା଼ଣା ୱେସା ପାଣ୍ଡିତେ, “ଏ଼ ଦାର୍ମୁଗାଟି ମାଣ୍ସିଇଁ ଏ଼ନାଆଁ କିଆନି, ଇଚିହିଁ ଏ୍ୱାଣି ତାକି ନୀଞ୍ଜୁ ଲା଼ଆଁୟାଁ ହାପାନାତା ହା଼ରେକା କସ୍ତ ଆ଼ହାମାଇଁ ।” ୨୦ ସାମା କାଜା ପୂଜେରାଞ୍ଜୁ ଅ଼ଡେ଼ ଲ଼କୁତି କାଜାରି, ବାରବାଇଁ ରୀସାଲି ଇଞ୍ଜାଁ ଜୀସୁଇଁ ନା଼ସା କିହାଲି ଲ଼କୁଣି ଜା଼ପ୍ହେରି । ୨୧ ସାମା ପିଲାତ ଏ୍ୱାରାଇଁ ଏଲେଇଚେସି, “ନା଼ନୁ ଇ ରିଆରି ବିତ୍ରାଟି ଆମ୍ବାଆରାଇଁ ପିସାହିୟାଇଁ ଇଞ୍ଜେଁ ମୀରୁ ମ଼ନ କିହିମାଞ୍ଜେରି?” ଏ୍ୱାରି ଏଲେଇଚେରି, “ବାରବାଇଁ ।” ୨୨ ପିଲାତ ଏ୍ୱାରାଇଁ ୱେଚେସି, ଆତିହିଁ ଆମ୍ବାଆରାଇଁ କ୍ରୀସ୍ତ ଇନେରି ଏ୍ ଜୀସୁଇଁ ନା଼ନୁ ଏ଼ନାଆଁ କିଇଁ? ଏ୍ୱାରି ବାରେଜା଼ଣା ଏଲେଇଚେରି, “ଏ୍ୱାଣାଇଁ ପା଼ସି ମୁଣ୍ଡାତା ଏକ୍ଦୁ ।” ୨୩ ସାମା ପିଲାତ ୱେଚେସି, “ଏ଼ନାଆଁତାକି, ଏ୍ୱାସି ଏ଼ନି ଦ଼ହ କିହାମାନେସି?” ସାମା ଏ୍ୱାରି ହା଼ରେକା କା଼ଲୱି ଆ଼ହିଁ ଏଲେଇଚେରି, “ଏ୍ୱାଣାଇଁ ପା଼ସି ମୁଣ୍ଡାତା ଏକ୍ଦୁ ।” ୨୪ ଏଚିରେ଼ବେଲା ପିଲାତ ଏ଼ନାଆଁ କିହାଲି ଆ଼ଡିହିଲଅସି, ଇଞ୍ଜାଁ ହା଼ରେକା ଗଡ଼୍ହା ଆ଼ହିମାନାଣି ମେସାନା, ଏଚିରେ଼ବେଲା ଲ଼କୁ ନ଼କିତା ଏ଼ୟୁ ଅ଼ହାନା କେସ୍କା ନର୍ହାଁ ଏଲେଇଚେସି, “ଇୱାଣି ପା଼ୟିନି ତା଼ଣା ନା଼ ଦ଼ହ ହିଲେଏ, ମୀରୁ ଏ଼ଦାଆଁ ପୁଞ୍ଜୁ ।” ୨୫ ଏମ୍ବାଟିଏ ବାରେ ଲ଼କୁ ଏଲେଇଚେରି, “ଏ଼ୱାଣି ନେତେରିତି ଡଣ୍ଡ ମା଼ ଲାକ ଇଞ୍ଜାଁ ମା଼ ମୀର୍କା ମୁହେଁ ୱା଼ପେ ।” ୨୬ ଏମ୍ବାଟିଏ ପିଲାତ ଏ୍ୱାରାକି ବାରବାଇଁ ପିସା ହୀତେସି, ଇଞ୍ଜାଁ ଜୀସୁଇଁ ସା଼ଟ୍ଣି ୱେଚାନା ପା଼ସି ମୁଣ୍ଡାତା ଏକ୍ହାଲି ହେର୍ପିତେସି । ୨୭ ଏମ୍ବାଟିଏ ସା଼ଲୱି କିନାଣି କ଼ସ୍କା ଜୀସୁଇଁ ମେ଼ଡ଼ା ଇଲୁ ବିତ୍ରା ଅ଼ହାନା ବାରେ କ଼ସ୍କା ଏ୍ୱାଣି ନ଼କିତା କୂଡ଼ା ଆ଼ତେରି । ୨୮ ଇଞ୍ଜାଁ ଏ୍ୱାରି ଏ୍ୱାଣି ହିମ୍ବରି ହୁକ୍ହାନା ଏ୍ୱାଣାଇଁ ହେୟାଁ ୱା଼ଣାଗାଟି ହିମ୍ବରି ହୁଚିକିତେରି, ୨୯ ଇଞ୍ଜାଁ ହା଼ପ୍କା ଟ଼ପେରି ଆଲାନା ଏ୍ୱାଣି ତା଼ୟୁଁତା ଇଟିତେରି ଅ଼ଡେ଼ ଏ୍ୱାଣି ଟିଃନି କେୟୁତା ର୍ ବାଡ୍ଗା ଆସ୍ପି କିତେରି, ଇଞ୍ଜାଁ ଏ୍ୱାଣି ନ଼କିତା ମେଣ୍ଡା କୁତିହିଁ “ଏ଼ ଜୀହୁଦି ଲ଼କୁତି ରାଜା ଜହରା” ଇଞ୍ଜେଁ ଲାଜାକିହିଁ କାକ୍ହେରି । ୩୦ ଅ଼ଡେ଼ ଏ୍ୱାଣିଲାକ ହୂପିତେରି, ଅ଼ଡେ଼ ଏ଼ ବାଡ୍ଗା ଆସାନା ଏ୍ୱାଣି ତା଼ୟୁଁତା ୱେ଼ତେରି । ୩୧ ଅ଼ଡେ଼ ଏ୍ୱାରି ଏ୍ୱାଣାଇଁ ଲାଜାକିହିଁ କାକ୍ହି ଡା଼ୟୁ, ଏ଼ ହିମ୍ବରି ହୁକ୍ହା ଅ଼ହାନା ତାନି ହିମ୍ବରି ହୁଚିକିତେରି, ଇଞ୍ଜାଁ ଏ୍ୱାଣାଇଁ ପା଼ସି ମୁଣ୍ଡାତା ଏକ୍ହାଲି ଅ଼ତେରି । ୩୨ ଏ୍ୱାରି ହାଜିମାଚାଟି ସିମନ ଦ଼ରୁଗାଟି ର୍ କୁରିଣି ଦେ଼ସାତି ଲ଼କୁଇଁ ମେସାନା ଜୀସୁତି ପା଼ସିମୁଣ୍ଡା ଡ଼େକାଲି ଏ୍ୱାଣାଇଁ ବାଲାମାତମି କିତେରି । ୩୩ ଇଞ୍ଜାଁ ଏ୍ୱାରି ଗଲ୍ଗତା ଇନି ଟା଼ୟୁତା ଇଚିହିଁ ଏମିନାଣି ତା଼ୟୁଁଗିର୍ପା ଇନେରି ଏମ୍ବାଆଁ ଅ଼ତେରି । ୩୪ ଏମ୍ବାଆଁ ଏ଼ୱାରି ଏ୍ୱାଣାକି କାମ୍ବେଲି ଏ଼ୟୁ ଆଟ୍ହି ଅଞ୍ଜୁରି ରାସା ଗସାଲି ହୀତେରି, ସାମା ଏ୍ୱାସି ଏ୍ୱାଆଁ ୱାଣ୍ଡାନା ଗସାଲି ମ଼ନ କିଆତେସି । ୩୫ ଡା଼ୟୁ ଏ୍ୱାରି ଏ୍ୱାଣାଇଁ ପା଼ସି ମୁଣ୍ଡାତା ଏ୍କହାନା ତାନି ହିମ୍ବରିକା ପାଦି କିହାନା ତାମି ବିତ୍ରା ବା଼ଟି କିହା ଅ଼ତେରି, ୩୬ ଇଞ୍ଜାଁ ଏମ୍ବାଆଁ କୁଗାନା ଏ୍ୱାଣାଇଁ କା଼ଚିମାଚେରି । ୩୭ ଇଞ୍ଜାଁ ଏ୍ୱାରି ଏ୍ୱାଣି ତା଼ୟୁଁ ଲାକଟି ଇଲେଇଞ୍ଜେଁ ରା଼ଚାନା ଲେତେରି, “ଇୱାସି ଜୀହୁଦି ଲ଼କୁତି ରାଜା ଜୀସୁ ।” ୩୮ ଏଚିରେ଼ବେଲା ତାନି ଟିଃନିୱାକି ରଅସି ଇଞ୍ଜାଁ ତାନି ଟେ଼ବ୍ରିୱାକି ରଅସି ଇଲେକିହିଁ ରୀ ସ଼ର୍କାଣି ତାନିତଲେ ପା଼ସି ମୁଣ୍ଡାତା ଏକ୍ହେରି । ୩୯ ଇଞ୍ଜାଁ ଏ଼ ଜିରୁଟି ହାଜିମାନି ଲ଼କୁ ତାମି ତା଼ର୍କା ଗୁଟ୍କିକିହିଁ ଏ୍ୱାଣାଇଁ ନିନ୍ଦାକିହିଁ ଏଲେଇଚେରି, ୪୦ “ଆଡେ଼ ମାହାପୂରୁ ଇଲୁ ଡିକ୍ନାତି ଇଞ୍ଜାଁ ତୀନି ଦିନାଟିଏ ଏ଼ଦାଆଁ ୱେଣ୍ଡେ ରେ଼କେପିନାତି, ନୀନୁ ମାହାପୂରୁ ମୀର୍ଏଣାତି ଇଚିହିଁ, ନୀନୁ ନିଞ୍ଜେ଼ ଗେଲ୍ପା କଡାନା ପା଼ସି ମୁଣ୍ଡାଟି ରେ଼ଚା ୱା଼ମୁ ।” ୪୧ କାଜା ପୂଜେରାଞ୍ଜୁ ଜିକେଏ ଏଲେକିହିଁଏ ମେ଼ରାପୁନାରି ଇଞ୍ଜାଁ ଲ଼କୁତି କାଜାରି ତଲେ କିଜୱିକିହିଁ କାକ୍ହିହିଁ ଏଲେଇଚେରି, ୪୨ “ଏ଼ୱାସି ଏଟ୍କା ଲ଼କୁଣି ପିସ୍ପି କିତେସି ତାଞ୍ଜେ଼ ଗେଲ୍ପାଲି ଆ଼ଡିହିଲଅସି । ଏ୍ୱାସିତ ଇସ୍ରାୟେଲତି ରାଜା, ଏ୍ୱାସି ଦେବୁଣିଏ ପା଼ସି ମୁଣ୍ଡାଟି ରେ଼ଚା ୱା଼ପେସି, ଆତିହିଁ ମା଼ର ଏ୍ୱାଣି ତା଼ଣା ନାମିନ । ୪୩ ଏ୍ୱାସି ମାହାପୂରୁ ତା଼ଣା ନାମା ମାନେସି; ମାହାପୂରୁ ଏ୍ୱାଣାଇଁ ଜୀୱୁ ନ଼ହାଁ ମାନେସି, ଆତିହିଁ ଏ଼ ଦେବୁଣିଏ ଏ୍ୱାଣାଇଁ ଗେଲ୍ପାପେସି, ଏ୍ୱାସି ୱେସାମାଚେସି ନା଼ନୁ ମାହାପୂରୁ ମୀର୍ଏଣାତେଏଁ ।” ୪୪ ଇଞ୍ଜାଁ ଆମିନି ସ଼ର୍କା ତାନିତଲେ ପା଼ସି ମୁଣ୍ଡାତା ଏକ୍ହା ମାଚେରି, ଏ୍ୱାରି ଜିକେଏ ଏଲେକିଁ ନିନ୍ଦା କିହାଲି ମା଼ଟ୍ହେରି । ୪୫ ଡା଼ୟୁ ବା଼ର ଗଂଟାଟିଏ ତୀନି ଗଂଟା ପାତେକା ଦେ଼ସା ବାରେ ଆନ୍ଦେ଼ରି ଆ଼ହାହାଚେ । ୪୬ ମିଡ୍ଅଲା ତୀନି ଗଂଟା ରେ଼ବେଲାତା

ଜୀସୁ କାଜା ଗିୟାଁତଲେ ହ୍ାଟାନା ଏଲେଇଚେସି, "ଏଲି, ଏଲି, ଲାମା
ସାବକ୍ତାନି?" ଇଚିହିଁ "ଏ୍ ନା୍ ମାହାପୁରୁ ଏ୍ ନା୍ ମାହାପୁରୁ ନୀନୁ ନାଙ୍ଗେ
ଏ୍ନାଆଁତାକି ପିସ୍ତାତି?" **୪୭** ଇ ହ୍ାଡା ୱେଞ୍ଜାନା ଦାରିତା ନିଚାମାଚି ଲ୍କୁ
ଏଲେଇଚେରି, "ଇୱାସି ଏଲିୟଇଁ ହ୍ାଟି ମାନେସି ।" **୪୮** ଅ୍ଡେ଼ ଏ୍
ଦେବୁଣିଏ ରଅସି ଏ୍ୱାରି ବିତ୍ରାଟି ହଟିହିଁ ହାଜାନା ର୍ ଡ୍ରାଃଆଲି ପୁଲା
ଅଙ୍କୁରି ରାସାତା ମୁସାନା ଏ୍ଦାଆଁ ର୍ ବାଡ୍ଗାତା ଦସାନା ଜୀସୁକି ଗସାଲି
ହୀତେସି । **୪୯** ସାମା ଏଚେକା ଲ୍କୁ ଏଲେଇଚେରି, "ହେଣ୍ଡୁ, ଏଲିୟ୍
ଇୱାଣାଇଁ ଗେଲ୍ପାଲି ୱାହିମାନେସି କି ଆ୍ଏ ସିନିକିନ ।" **୫୦** ସାମା
ଜୀସୁ ଅ୍ଡେ଼ ୱେଣ୍ଡେ କାଜା ଗିୟାଁତଲେ ହ୍ାଟାନା ହ୍ାତେସି । **୫୧** ଇଞ୍ଜାଁ
ମେହ୍ଦୁ ମାହାପୁରୁ ଇଲୁତା ଲେଚାମାନି ହିମ୍ବରି ଲାକଟିଏ ଡ଼ଇ ପାତେକା
ଗେଞ୍ଜାନା ରୀ ବାଗା ଆ୍ତେ, ଇଞ୍ଜାଁ ବୂମି ବାରେ ୱୀଡିତେ ଅ୍ଡେ଼ ୱାଲ୍କା
ଅ୍ୟାହାଚୁ, **୫୨** ଇଞ୍ଜାଁ ମାଡ୍ହା ମୁହ୍ନି ଟ୍ାସ୍କା ବାରେ ଦେପିଆ୍ତୁ, ଅ୍ଡେ଼
ହ୍ାହାମାଚି ହ୍ାରେକା ସୁଦୁ ଲ୍କୁତି ଆଜ୍ଗା ମାଡ୍ହା ମୁହ୍ନି ଟ୍ାୟୁଟି ନିଙ୍ଗାନା
ୱ୍ାତେରି, **୫୩** ଇଞ୍ଜାଁ ଜୀସୁ ୱେଣ୍ଡେ ନିଙ୍ଗିତି ଡ୍ାୟୁ ଏ୍ୱାରି ମାଡ୍ହା ମୁହ୍ନି
ଟ୍ାୟୁଟି ହ୍ଚାନା ସୁଦୁ ଗାଡ଼ାତା ହାଜାନା ହ୍ାରେକା ଜ୍ାଣାତି ଡ଼ଞ୍ଜାଆ୍ତେରି
। **୫୪** ପ୍ାସାକ୍ଡ଼ି କ୍ସ୍କା ମୁହେଁ କାଜାସି ଇଞ୍ଜାଁ ତାନିତଲେ ଜୀସୁଇଁ
କ୍ାଚାମାଚାରି, ଏ୍ୱାରି ବୂମି ୱୀଡିତାଣି ଅ୍ଡେ଼ ଏମ୍ବାଆଁ ଗଟୱି ଆ୍ତାଣି
ମେସାନା ହ୍ାରେକା ଆଜାନା ଏଲେଇଚେରି, "ସାତେଏ ଇୱାସି ମାହାପୁରୁ
ମୀର୍ଏସି ମାଚେସି!" **୫୫** ଅ୍ଡେ଼ ହ୍ାରେକା ଇୟାସିକା ଜିକେଏ ଏମ୍ବାଆଁ
ମାଞ୍ଜାନା ହେକଟି ସିନିକିହିମାଚୁ; ଏ୍ୱି ଜୀସୁତି ର୍ସେବା କିହିଁ ଗାଲିଲିଟି
ଏ୍ୱାଣିତଲେ ୱ୍ାହାମାଚୁ; **୫୬** ଏ୍ୱାସିକା ବିତ୍ରାଟି ମଗ୍ଦଲିନି ମରିୟମ,
ଜାକୁବ ଅ୍ଡେ଼ ଜସେପ ତାମି ଇୟା ମରିୟମ, ଅ୍ଡେ଼ ଜେବଦି ତାମି
ଇୟା ମାଚୁ । **୫୭** ୱେଡ଼ା ହାଜିମାଚାଟି ହାରାମାତିୟା ଜସେପ ଦ୍ରୁଗାଟି
ହାରାମାତିୟାତି ର୍ ଦ୍ନ ଗାଟାସି ୱ୍ାତେସି, ଏୱାସି ଜିକେଏ ଜୀସୁତି ର୍
ସୀସୁ ଆ୍ହାମାଚେସି । **୫୮** ଏ୍ୱାସି ପିଲାତ ତ୍ାଣା ହାଜାନା ଜୀସୁତି ଆଙ୍ଗା
ରୀସ୍ତେସି, ପିଲାତ ଜୀସୁତି ମାଡ୍ହା ଏ୍ୱାଣାକି ହେର୍ପାଲି ହୁକୁମି ହୀତେସି
। **୫୯** ଜସେପ ମାଡ୍ହା ଆଙ୍ଗାତି ଅ୍ହାନା ନେହିଁ ପୁଃନି ପ୍ାତାଡ଼ା ଦବ୍ଲା
ହିମ୍ବରି ରୁପିତେସି, **୬୦** ଇଞ୍ଜାଁ ତ୍ାନୁ ତାଙ୍ଗେତାକି ହ୍ରୁତା କାର୍ୱି କିହାମାନି
ମାଡ୍ହା ମୁହ୍ନି ପୁଃନି ଟ୍ାୟୁତା ମାଡ୍ହାତି ଇଟିତେସି, ଇଞ୍ଜାଁ ମାଡ୍ହାତି
ମୁହ୍ନି ଟ୍ାୟୁତି ଦୁୱେରିତା ର୍ କାଜା ୱାଲି ପ୍ଲିକ୍ହାନା ହାଜାତୁସ୍ତେସି । **୬୧**
ମଗ୍ଦଲିନି ମରିୟମ ଅ୍ଡେ଼ ଏଟ୍କାତି ମରିୟମ ଏ୍ ମାଡ୍ହା ମୁହ୍ନି ଟ୍ାୟୁତା
କୁଗା ଡ଼ୟିତୁ । **୬୨** ତାନି ଅ୍ର ଦିନା, ଇଚିହିଁ ତିୟାରା ଆ୍ନି ଦିନାତି ଡ୍ାୟୁତି
ଦିନା କାଜା ପୂଜେରାଙ୍ଗା ଅ୍ଡେ଼ ପାରୁସିୟାଁ ପିଲାତ ତ୍ାଣା ରୁଣ୍ଡା ଆ୍ହାନା
ଏଲେଇଚେରି, **୬୩** "ବ୍ାବୁ, ଏ୍ ନ୍ାଡ଼ି କିନାସି ଜୀୱୁତା ମାଚାଟି, 'ନ୍ାନୁ ତୀନି
ଦିନାଟିଏ ୱେଣ୍ଡେ ନିଙ୍ଗିଇଁ' ଇଞ୍ଜେଁ ୱେସାମାଚାଣି ନୀଏଁ ମ୍ାମୁ ଅଣ୍ପିମାନମି ।
**୬୪** ଏ୍ଦାଆଁତାକି ତୀନିଦିନା ପାତେକା ଏ୍ ମାଡ୍ହା ମୁହ୍ନି ଟ୍ାୟୁତା କ୍ାଚାଲି
ତାକି ହୁକୁମି ହୀମୁ, ଆ୍ଆତିଁ ତାମି ସୀସୁୟାଁ ୱ୍ାହାନା ମାଡ୍ହାତି ଡଂଗା
ଆ୍ହାଁ ଏ୍ୱାସି ହ୍ାକିଟି ନିଙ୍ଗାମାନେସି ଇଞ୍ଜେଁ ଲ୍କୁଣି ୱେହ୍ନେରି; ଆତିହିଁ ତଲି
ନ୍ାଡ଼ି କିତାଣି କିହାଁ ଡ୍ାୟୁତି ନ୍ାଡ଼ିକିନାୟି ହ୍ାରେକା ଆଗାଡ଼ା ଆ୍ନେ ।"
**୬୫** ପିଲାତ ଏ୍ୱାରାଇଁ ଏଲେଇଚେସି, "ମୀ କ୍ାଃଆନାରି ମାନେରି, ମୀରୁ
ହାଜାନା ଆ୍ଡିନି ପାତେକା କ୍ାଃଆଦୁ ।" **୬୬** ଏ୍ଦାଆଁତାକି ଏ୍ୱାରି ହାଜାନା
କ୍ାଃଆନାରି ତଲେ ଏ୍ ୱାଲି ଗୁଚା ଆ୍ଆପେୱା ଇଞ୍ଜେଁ ୱାଲିତି ଜାଣ୍ଡି କିହିଁ
ସୀଲି ୱେଚାନା ମାଡ୍ହା ମୁହ୍ନି ଟ୍ାୟୁତା କ୍ାଃନାରାଇଁ କ୍ାପି କିତେରି ।

**୨୮** ଜ୍ମିନି ଦିନା ର୍ାତି ଡ୍ାୟୁ ୱ୍ାରାତି ତଲିତି ଦିନାତା ଲ୍ାଇ ଲାଇସିଏ
ମଗ୍ଦଲିନି ମରିୟମ ଅ୍ଡେ଼ ଏଟ୍କାତି ମରିୟମ ମାଡ୍ହା ମୁହ୍ନି
ଟ୍ାୟୁତି ସିନିକିହାଲି ହାଚୁ । **୨** ଅ୍ଡେ଼ ମେହ୍ଦୁ ଏ୍ ଦେବୁଣିଏ ବୂମି ୱୀଡିତେ,
ଇଚିହିଁ ମାହାପୁରୁତି ର୍ ଦୂତୁ ଲାକପୁରୁଟି ର୍ଚୋୱ୍ାହାନା ଏ୍ ୱାଲିତି ଗୁଚି
କିହାନା ଏ୍ଦାଣି ଲାକ କୁଗିତେସି । **୩** ତାନି ୱ୍ାଣା ମିଣ୍ସିମାନି ହ୍ାଗୁଲେହେଁ
ମାଚେ ଅ୍ଡେ଼ ତାନି ହିମ୍ବରି ପେଣ୍ଡିଲେହେଁ ଦବ୍ଲା ମାଚେ । **୪** ଇଞ୍ଜାଁ
କ୍ାଃଆନାରି ଆଜିତାକି ଡୀର୍ଗିହିଁ ହ୍ାତିଲେହେଁ ଆ୍ତେରି । **୫** ସାମା
ଦୂତୁ ଇୟାସିକାଣି ଏଲେଇଚେସି, "ମୀରୁ ଆଜାଆଦୁ, ଇଚିହିଁ ମୀରୁ ପ୍ାସି
ମୁଣ୍ଡାତା ହ୍ାତି ଜୀସୁଇଁ ପାରିମାଞ୍ଜେରି, ଏ୍ଦାଆଁ ନ୍ାନୁ ପୁଞ୍ଜିମାଇଁ ।" **୬** ଏ୍ୱାସି
ଇମ୍ବାଆଁ ହିଲଅସି; ଇଚିହିଁ ଏ୍ୱାସି ଏ୍ନିକିଁ ୱେସାମାଚେସି, ଏଲେକିହିଁଏ
ନିଙ୍ଗାମାନେସି, ୱ୍ାଦୁ ଏ୍ୱାସି ଆମିନି ଟ୍ାୟୁତା ଡୂରାମାଚେସି ଏ୍ ଟ୍ାୟୁତି
ସିନିକିଦୁ । **୭** ଅ୍ଡେ଼ ମୀରୁ ତବେ ହାଜାନା ତାମି ସୀସୁୟାଁଣି ୱେହ୍ଦୁ,
ଏ୍ୱାସି ହ୍ାତାରି ତ୍ାଣାଟି ନିଙ୍ଗାମାନେସି, ଅ୍ଡେ଼ ମେହ୍ଦୁ ଏ୍ୱାସି ମୀ ନ୍କି
ନ୍କିତା ଗାଲିଲିତା ହାଜିମାନେସି, ଏମ୍ବାଆଁ ମୀରୁ ଏ୍ୱାଣାଇଁ ମେହ୍ଦେରି;
ନ୍ାନୁ ୱେସ୍ତାତାଣି ଅଣ୍ପାଦୁ । **୮** ଏମ୍ବାଟିଏ ଆଜି ଅ୍ଡେ଼ ର୍ାହାଁଟି ମାହ୍ଣି
ମାଣ୍ଡାଟି ତବେ ହାଜାନା ତାମି ସୀସୁୟାଁଣି ୱେସାଲି ଦାବ୍ଡ଼ି ହଟୁ । **୯**
ଅ୍ଡେ଼ ମେହ୍ଦୁ ଜୀସୁ ଏ୍ୱାସିକାଣି ବେଟାଆ୍ହାନା ଏଲେଇଚେସି, "ମିଙ୍ଗେ
ହିଟ୍ଡ଼ି ଆ୍ୟାପେ" ଏମ୍ବାଟିଏ ଏ୍ୱି ଡାଗେ ୱ୍ାହାନା ଏ୍ୱାଣି କଡାୟାଁ ଆସାନା
ଏ୍ୱାଣାଇଁ ଜହରା କିତୁ । **୧୦** ଏଚେଟିଏ ଜୀସୁ ଏ୍ୱାସିକାଣି ଏଲେଇଚେସି,
"ଆଜାଆଦୁ, ମୀରୁ ହାଜାନା ନ୍ା ତାୟିୟାଁଇଁ ୱେହ୍ଦୁ, ଏ୍ୱାରି ଗାଲିଲିତା
ହାଲାପେରି; ଏମ୍ବାଆଁ ଏ୍ୱାରି ନାଙ୍ଗେ ମେସ୍ତାନେରି ।" **୧୧** ଆୟାସିକା
ହାଜିମାଚାଟି, କ୍ାପୁ କ୍ାଚାମାଚି କ୍ସ୍କା ବିତ୍ରାଟି ଏଚରଜ୍ାଣା ଗାଡ଼ାତା
ହାଜାନା ଏ୍ ବାରେ ଗଟୱି ଆ୍ତାଣି କାଜା ପୂଜେରାଙ୍ଗାଣି ୱେସ୍ତେରି । **୧୨**
ଏ୍ୱାରି ଲ୍କୁତି କାଜାରି ତଲେ ରୁଣ୍ଡା ଆ୍ହାନା ଅଣ୍ପିହିଁ କାତା ଡୀରିକିତି
ଡ୍ାୟୁ, ଏ୍ କ୍ସ୍କାକି ହ୍ାରେକା ଟାକାୟାଁ ହୀହାନା ଏଲେଇଚେରି, **୧୩**
"ମୀରୁ ଏଲେଇଞ୍ଜୁ, ମ୍ାମୁ ଡୂରାମାଚି ର୍ବେଲାତା ତାମି ସୀସୁୟାଁ ଲ୍ାଆଁୟାଁ
ୱ୍ାହାନା ଏ୍ୱାଣାଇଁ ସ୍ରୁ ଆ୍ହାନା ଅ୍ତେରି । **୧୪** ଅ୍ଡେ଼ ଇ କାତା
ସ୍ାଲୱି କିନାଣି କିୟୁଁତା ହାଚିହିଁ, ମ୍ାମୁ ଏ୍ୱାଣାଇଁ ନେହିଁକିଁ ୱେସାନା ମୀ
ଅଣ୍ପୁଟି ପିସ୍ପି କିୟାନମି ।" **୧୫** ଏ୍ୱାରି ଟାକାୟାଁ ଅ୍ହାନା ଏ୍ନିକିଁ
ହୁକୁମି ବେଟାଆ୍ହା ମାଚେରି, ଏଲେକିହିଁ କିତେରି । ଏ୍ଦାଆଁତାକି ଇ
କାତା ଜୀହୁଦି ଲ୍କୁତ୍ାଣା ୱେଙ୍ଗା ହାଜାନା ନୀଏଁ ପାତେକା ମାନେ ।
**୧୬** ସାମା ଏଗାର ଜ୍ାଣା ସୀସୁୟାଁ ଗାଲିଲିତା ହାଜାନା, ଜୀସୁ ଆମିନି

ହ଼ରୁ କାତା ଏ଼ୱାରାଇଁ ୱେସାମାଚେସି, ଏ଼ ହ଼ରୁତା ହାଚେରି । **୧୭** ଅ଼ଡ଼େ
ଏ଼ୱାରି ଏ଼ୱାଣାଇଁ ମେସାନା ଜହରା କିତେରି, ସାମା ଆମ୍ବା ଆମ୍ବାଆରି
ନାମାଆତେରି । **୧୮** ଇଞ୍ଜ୍ଙା ଜୀସୁ ଏ଼ୱାରି ଡାଗେ ୱ଼ାହାନା ଏଲେଇଚେସି,
"ଲାକପୂରୁ ଅ଼ଡ଼େ ଦାର୍‌ତିତି ଅଦିକାରା ନାଙ୍ଗେ ର଼େଡ଼ା ଆ଼ହାମାଞ୍ଜ୍ନେ ।
**୧୯** ଏ଼ଦାଆଁତାକି ମୀରୁ ହାଜାନା ବାରେ କୂଡ଼ାତି ଲ଼କୁଣି ଆ଼ବା, ମୀର୍‌ଏସି
ଅ଼ଡ଼େ ସୁଦୁଜୀୱୁ ଦ଼ରୁଟି ବାପ୍ତିସ୍ମ ହୀହାନା, **୨୦** ନ଼ାନୁ ମିଙ୍ଗେ ହୀହାମାଞ୍ଜ୍ନି
ହୁକୁମି ବାରେ ମ଼ାନୱି ଆ଼ହାଲି ଜ଼ାପ୍‌ହାନା ଏ଼ୱାରାଇଁ ନ଼ା ସୀସୁୟାଁ କିଦୁ;
ମେହ୍‌ଦୁ ଜୁଗୁ ର଼ାନି ପାତେକା ନ଼ାନୁ ବାରେ଼ବେଲା ମୀ ତଲେ ମାଞ୍ଜେ
ମାଞ୍ଜ୍ନାଇଁ ।" **(aiōn g165)**

# ମାର୍କ

**୧** ମାହାପୂରୁ ମୀର୍‌ଏସି ଜୀସୁ କ୍ରୀସ୍ତୁତି ନେହିଁ କାବୁ଼ ଇଲେକିଁ ଆ଼ତେ,
୨ ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ଼ନି ଜିସାୟ୍ ସ଼ାସ୍ତ୍ରେରିତା ଏ଼ନିକିଁ
ର଼ାସ୍‌କି ଆ଼ହାମାନେ; “ମାହାପୂରୁ ଏଲେଇଞ୍ଜି ମାନେସି, ମେହ୍‌ମୁ ନ଼ାନୁ ନ଼ା
କାବୁ଼ ୱେହ଼ନାଣାଇଁ ନୀ ନ଼କିତା ପାଣ୍ତିମାଞ୍ଜାଇଁ, ଏ଼ୱାସି ନିଡ୍ଡେଗତାକି ଜିରୁ
ତିୟାରା କିନେସି; ୩ ଲ଼କୁ ହିଲାଆ ଟା଼ୟୁତା ରଅଣି ହା଼ଡା ୱେଡ୍ଗିମାନେ,
ପ୍ରବୁତି ଜିରୁ ତିୟାରା କିଦୁ, ଏ଼ୱାସି ତା଼କାଲି ତାକି ଜିରୁ ତିୟି କିଦୁ ।”
୪ ଏମ୍ବାଟିଏ ବାପ୍ତିସ୍ମ ହୀନି ଜହନ ଲ଼କୁ ହିଲାଆ ଟା଼ୟୁତା ୱା଼ହାନା ବ଼ଲୁ
ୱେ଼କ୍‌ହେସି, ଅ଼ଡେ଼ ବାପ୍ତିସ୍ମ ହୀହାନା ଏଲେଇଚେସି, “ଜାହାରା ପା଼ପୁଟି
ପିସ୍‌ପି ଆୟାଲିତାକି ମ଼ନ ୱେଟ୍‌ହାନା ବାପ୍ତିସ୍ମ ଅ଼ଦୁ, ଆତିହିଁ ମାହାପୂରୁ ମୀ
ପା଼ପୁ ମ୍ଣେକ୍‌ହାନେସି ।” ୫ ଏମ୍ବାଟିଏ ଜୀହୁଦା ଦେ଼ସା ଇଞ୍ଜାଁ ଜିରୁସାଲମ
ଗା଼ଡ଼ାତି ବାରେ ଲ଼କୁ ତାନି ତା଼ଣା ୱା଼ହାଲି ମା଼ଟ୍‌ହେରି, ଇଞ୍ଜାଁ ତା଼ମ୍ବୁ ତାମି
କିତି ପା଼ପୁତି ୱେସାନା ଏ଼ୱାଣି ତା଼ଣାଟି ଜର୍ଦନ କାଡାତା ବାପ୍ତିସ୍ମ ଅ଼ତେରି ।
୬ ଜହନ ଉଟୁ ବା଼ଣାୟାଁ ତଲେ କେ଼ପିତି ହିମ୍ବରିକା ତୁର୍‌ହିମାଚେସି, ଅ଼ଡେ଼
ଟେଡେଲିତା ର଼ ତ଼ଲୁତି ବୁଡ଼୍‌ପା ମା଼ଡ଼ା କିହାଁ ଦସା କଡ୍‌ୱିତେସି, ଗପ୍‌ଏରିକା
ଅ଼ଡେ଼ ଜା଼ଡ଼ାତି କ୍ରିୟାଁ ଏ଼ୱାଣି କା଼ଦି ମାଚେ । ୭ ଜହନ ଏଲେଇଞ୍ଜି
ୱେ଼କ୍‌ହାଲି ମା଼ଟ୍‌ହେସି, “ଆମ୍ବାଆସି ନ଼ା କିହାଁ ହା଼ରେକା ବା଼ଡ୍‌ୟୁ ଗାଟାସି
ଏ଼ୱାସି ନ଼ା ଡା଼ୟୁ ୱା଼ହିମାନେସି; ନ଼ାନୁ ମେଣ୍ତାକୁତାନା ଏ଼ୱାଣି ସେପୁୟାଁତି
ଡ଼ର୍କା ଜିକେଏ ହୁକ୍‌ହାଲି ପା଼ଡ଼ାଆ଼ଅଁ । ୮ ନ଼ାନୁ ମିଡ୍ଗେ ଏ଼ୟୁତଲେ ବାପ୍ତିସ୍ମ
ହୀହିମାଞ୍ଜାଇଁ, ସାମା ଏ଼ୱାସି ମିଡ୍ଗେ ସୁଦୁଜୀୱୁ ତଲେ ବାପ୍ତିସ୍ମ ହିୟାନେସି
।” ୯ ଏଚିବେ଼ଲାତା ଜୀସୁ ଗାଲିଲିତି ନ଼ାଜରିତଟି ୱା଼ହାନା ଜର୍ଦନ କାଡାତା
ଜହନ ତା଼ଣାଟି ବାପ୍ତିସ୍ମ ଅ଼ତେସି । ୧୦ ଜୀସୁ ଏ଼ୟୁଟି ନିଙ୍ଗା ୱା଼ହିମାଚାଟି
ଦେବୁଣିଏ ଲାକପୂରୁ ଦେପି ଆ଼ତେ ଇଞ୍ଜାଁ ସୁଦୁଜୀୱୁ ପା଼ର୍‌ୱା ପଟାଲେହେଁ
ତାନି ଲାକ ରେ଼ଚା ୱା଼ହିମାଚାଣି ମେସ୍ତେସି । ୧୧ ଅ଼ଡେ଼ ଲାକପୂରୁଟି
ଈ ହା଼ଡା ଆ଼ତେ, “ନୀନୁ ନ଼ା ଜୀୱୁତି ମୀର୍‌ଏଣାତି, ନୀ ତା଼ଣେଏ ନ଼ା
ହା଼ରେକା ରା଼ହାଁ ମାନେ ।” ୧୨ ଏ଼ ଦେବୁଣିଏ ସୁଦୁଜୀୱୁ ଏ଼ୱାଣାଇଁ ଲ଼କୁ
ହିଲାଆ ଟା଼ୟୁତା ଅ଼ତେ, ୧୩ ଜୀସୁ ଲ଼କୁ ହିଲାଆ ଟା଼ୟୁତା ରୀ କ଼ଡ଼ି ଦିନା
ପାତେକା ଡ଼ୟାନା ସୟତାନ ତା଼ଣାଟି ତାୟିପାରି କିୱିଆ଼ତେସି; ଏ଼ୱାସି
ଜା଼ଡ଼ାତି ଜ଼ନ୍ତୁ ତଲେ ଡ଼ୟିତେସି, ଇଞ୍ଜାଁ ଲାକପୂରୁତି ଦୂତୁୟାଁ ୱା଼ହାନା
ଏ଼ୱାଣି ସେ଼ବା କିହିମାଚୁ । ୧୪ ଜହନଇଁ କାୟିଦି ଇଲୁତା ଇଟାଲିଏ
ଜୀସୁ ଗାଲିଲିତା ୱା଼ତେସି ଇଞ୍ଜାଁ ମାହାପୂରୁତି ନେହିଁ କାବୁ଼ ୱେ଼କ୍‌ହେସି
। ୧୫ “କା଼ଲା ଏଜିମାଞ୍ଜାନେ, ଲାକପୂରୁ ରା଼ଜି ଏଗାୱା଼ହିମାନେ, ପା଼ପୁତି
ପିସାନା ମ଼ନ ୱେଟ୍‌ଦୁ ଇଞ୍ଜାଁ ମାହାପୂରୁତି ନେହିଁ କାବୁ଼ତି ନାମାଦୁ ।” ୧୬
ଜୀସୁ ଗାଲିଲି ସାମ୍‌ଦୁରି ଗାଟୁଟି ହାଜିମାଚାଟି ସିମନ ଅ଼ଡେ଼ ତାମି ତାୟି
ଆନ୍ଦ୍ରିୟଇଁ ସାମ୍‌ଦୁରିତା ମୀଣ୍‌କା ଜା଼ଲା ମେଟ୍‌ହି ମାଚାଣି ମେସ୍ତେସି, ଇଚିହିଁ
ଏ଼ୱାରି ମୀଣ୍‌କା ଆହ୍‌ନାରି ମାଚେରି । ୧୭ ଜୀସୁ ଏ଼ୱାରାଇଁ ହା଼ଟାନା
ଏଲେଇଚେସି, “ନ଼ା ଜେ଼ଚ ୱା଼ଦୁ ନ଼ାନୁ ମିଡ୍ଗେ ଲ଼କୁଣି ଆହ୍‌ନାଣି ଜା଼ପ୍‌ହାଇଁ
।” ୧୮ ଏ଼ୱାରି ଦେବୁଣିଏ ଜା଼ଲାୟାଁ ପିସାନା ଜୀସୁତି ଜେ଼ଚ ହାଚେରି ।
୧୯ ଏଚେଟିଏ ଜୀସୁ ହିରେ ହେକ ହାଜାଲିଏ ଜେବଦି ମୀର୍‌କା ଜାକୁବ
ଇଞ୍ଜାଁ ତାମି ତାୟି ଜହନଇଁ ଡଂଗତା ଜା଼ଲା ମୁଦା କିହିମାଚାଣି ମେସ୍ତେସି ।
୨୦ ମେସ୍‌ପନିଏ ଜୀସୁ ଏ଼ୱାରାଇଁ ହା଼ଟିତେସି, ଇଞ୍ଜାଁ ଏ଼ୱାରି ତାମି ଆ଼ବା
ଜେବଦିଇଁ ହ଼ଲିୟାଙ୍ଗା ତଲେ ଡଂଗତା ପିସାନା ଜୀସୁ ଜେ଼ଚ ହାଚେରି । ୨୧
ଜୀସୁ ଅ଼ଡେ଼ ତାମି ସୀସୁୟାଁ କପର୍‌ନାହୁମ ଗା଼ଡ଼ାତା ୱା଼ତେରି, ଇଞ୍ଜାଁ ଅ଼ର
ନେ଼ଚୁ ଜ଼ମିନି ଦିନା ମାଚାକି ଜୀସୁ ଜୀହୁଦି ଲ଼କୁତି କୁଟମି ଇଲୁତା ହାଜାନା
ଜା଼ପ୍‌ହାଲି ମା଼ଟ୍‌ହେସି । ୨୨ ଲ଼କୁ ତାନି ଜା଼ପ୍‌ନାଣି ୱେଞ୍ଜାନା କାବା
ଆ଼ହାହାଚେରି; ଇଚିହିଁ ଏ଼ୱାସି ସ଼ାସ୍ତ୍ରେରି ୱେହନାରି ଲେହେଁ ଜା଼ପ୍‌ଆନା
ଅଦିକାରା ବେଟାଆ଼ହାମାନି ଲେହେଁ ଜା଼ପ୍‌ହି ମାଚେସି । ୨୩ ଜୀସୁ ଜା଼ପ୍‌ହି
ମାଚିବେ଼ଲାତା ଜୀହୁଦି ଲ଼କୁତି କୁଟମି ଇଲୁଟି ର଼ ବୂତୁ ଆଲ୍‌ଗା ମାଚାସି
କା଼ଲୱି ଆ଼ହିଁ ଏଲେଇଚେସି, ୨୪ “ଏ଼ ନ଼ାଜରିତତି ଜୀସୁ ନୀ ତଲେ ମାଡ୍ଗେ
ଏ଼ନି କାମା ମାନେ, ନୀନୁ କି ମାଡ୍ଗେ ନ଼ାସା କିହାଲି ଇମ୍ବାଆଁ ୱା଼ହାମାଞ୍ଜି?
ନୀନୁ ଆମ୍ବାଆତି ନ଼ାନୁ ପୁଞ୍ଜାମାଇଁ; ନୀନୁ ମାହାପୂରୁ ତା଼ଣାଟି ୱା଼ହାମାନି
ଏ଼ ସୁଦୁ ମାଣ୍‌ସିତି ।” ୨୫ ଜୀସୁ ଏ଼ଦାନି ଦାକା ହୀହାନା ଏଲେଇଚେସି,
“ପାଲେଏ ଆ଼ମୁ ଇଞ୍ଜାଁ ଈୱାଣି ତା଼ଣାଟି ହ଼ଚାହାଲାମୁ ।” ୨୬ ଏଚେଟିଏ ଏ଼
ପ଼ଲ୍‌ଆ ବୂତୁ ଏ଼ୱାଣାଇଁ ମୁଡୁମାଡ଼ା କିହାନା, କାଜା ଗିୟାଁତଲେ କିର୍‌ଡ଼ିହିଁ
ଏ଼ୱାଣି ତା଼ଣାଟି ହ଼ଚାହାଚେ । ୨୭ ଏମ୍ବାଟିଏ ବାରେଜା଼ଣା ହା଼ରେକା କାବା
ଆ଼ତେରି, ଇଞ୍ଜାଁ ଇଲେକିଁ ଜ଼ଲ୍‌କି ଆ଼ତେରି, “ଈଦି ଏ଼ନିଲେହେଁତାୟି?
ଈଦି ଅଦିକାରା ବେଟାଆ଼ହାମାନି ଲେହେଁତି ପୁଃନି ଜା଼ପ୍‌ନାୟି, ଏ଼ୱାସି
ପ଼ଲ୍‌ଆ ବୂତୁୟାଁଇଁ ଜିକେଏ ହୁକୁମି ହୀହିମାନେସି, ଅ଼ଡେ଼ ଏ଼ୱି ଏ଼ୱାଣି
କାତା ଆସିମାନୁ ।” ୨୮ ଏମ୍ବାଟିଏ ଏ଼ୱାସି କିତି କାମାତି କାବୁ଼ ଏ଼ ରେ଼ଟୁଏ
ଗାଲିଲି ରା଼ଜିତି ସା଼ରିୱାକିତି ନ଼ାସ୍‌କାଣାଁ ୱେ଼ଡ୍ଗାହାଚେ । ୨୯ ଏମ୍ବାଟିଏ
ଏ଼ୱାରି ଜୀହୁଦି ଲ଼କୁତି କୁଟମି ଇଲୁଟି ହ଼ଚାନା ଜାକୁବ ଅ଼ଡେ଼ ଜହନ
ତଲେ ଏ଼ ଦେବୁଣିଏ ସିମନ ଇଞ୍ଜାଁ ଆନ୍ଦ୍ରିୟ ଇଜ ହାଚେରି । ୩୦ ସିମନ
ପ଼ୟା ନ଼ମେରି ତାକି ଡ଼ୂରାମାଚେ, ଅ଼ଡେ଼ ଏ଼ୱାରି ଏ଼ଦାଣି କାତା ରେ଼ଟୁଏ
ଜୀସୁଇଁ ୱେସ୍ତେରି । ୩୧ ଏମ୍ବାଟିଏ ଏ଼ୱାସି ଡାଗେ ହାଜାନା ତାନି କେୟୁ
ଆସାନା ଏ଼ଦାନି ନିକ୍‌ହେସି, ଅ଼ଡେ଼ ଏ଼ଦାନି ନ଼ମେରି ପିସ୍ତେ, ଇଞ୍ଜାଁ ଏ଼ଦି
ଏ଼ୱାରି ସେ଼ବା କିତେ । ୩୨ ମିଡ୍‌ଅଲା ବେ଼ଲା ୱେ଼ଡ଼ା କୂଡ୍‌ହାଲିଏ ଲ଼କୁ
ର଼ଗ ଗାଟାରାଇଁ ଇଞ୍ଜାଁ ବୂତୁୟାଁ ଆଲ୍‌ଗା ମାଚାରାଇଁ ଜୀସୁ ତା଼ଣା ତାତେରି,
୩୩ ଇଞ୍ଜାଁ ଗା଼ଡ଼ାତାରି ବାରେ ଜୀସୁ ମାଚି ଇଲୁ ଦୁୱେରିତା ରୁଣ୍ତା ଆ଼ତେରି ।
୩୪ ଏମ୍ବାଟିଏ ଜୀସୁ ବାରେଲେହେଁତି ର଼ଗ ଗାଟାରାଇଁ ନେହିଁ କିତେସି,
ଇଞ୍ଜାଁ ହା଼ରେକା ବୂତୁଣି ପିସ୍‌ପି କିତେସି, ଇଞ୍ଜାଁ ଏ଼ୱାସି ବୂତୁୟାଁଣି ଜ଼ଲାଲି
ହୀଆତେସି, ଇଚିହିଁ ଏ଼ୱି ଏ଼ୱାଣାଇଁ ପୁଞ୍ଜିମାଚୁ । ୩୫ ୱେ଼ୟାଆ ମାଚାଟିଏ
ଆନ୍ଦେରି ମାଞ୍ଜା ମାଞ୍ଜାନା ଏ଼ୱାସି ନିଙ୍ଗା ହ଼ଚା ହାଜାନା ର଼ ଲ଼କୁ ହିଲାଆ
ଟା଼ୟୁତା ହାଜାନା ପ୍ରାତାନା କିହିମାଚେସି । ୩୬ ସିମନ ଇଞ୍ଜାଁ ତାନି
ଆଟ୍‌ହିତାରି ଏ଼ୱାଣାଇଁ ପାରାଲି ମା଼ଟ୍‌ହେରି, ୩୭ ଏ଼ୱାଣାଇଁ ବେଟାଆ଼ହାନା
ଏଲେଇଚେରି, “ବାରେଜା଼ଣା ନିଡ୍ଗେ ପାରିମାଞ୍ଜାନେରି ।” ୩୮ ଏମ୍ବାଟିଏ

ଜୀସୁ ଏ଼ୱାରାଇଁ ଏଲେଇଚେସି, “ୱା଼ଦୁ ମା଼ର ଏଟ୍‌କା ଗା଼ଡ଼ାତା, ଇଚିହିଁ
ଦାରିମାରି ନା଼ସ୍‌କାଣାଁ ହାନ; ଏମ୍ବାଆଁ ଜିକେଏ ନା଼ନୁ ମାହାପୂରୁତି ବ଼ଲୁ
ଋୱେକ୍‌ଇଁ, ଇଚିହିଁ ଏ଼ଦାଆଁତାକି ନା଼ନୁ ୱା଼ହାମାଇଁ ।” ୩୯ ଇଞ୍ଜାଁ ଜୀସୁ ବାରେ
ଗାଲିଲି ନା଼ସ୍‌କାଣାଁ ଋରେଜି ଋରେଜିହିଁ ଏ଼ୱାରି ବାରେ ଜୀହୁଦି ଲ଼କୁତି କୁଟମି
ଇଲ୍‌କାଣା ମାହାପୂରୁ ବ଼ଲୁ ଋୱେକ୍‌ହେସି ଇଞ୍ଜାଁ ବୂତୁୟାଁଣି ପିସ୍‌ପି କିତେସି ।
୪୦ ଏମ୍ବାଟିଏ ର଼ କାଜା ର଼ଗ ଗାଟାସି ଜୀସୁ ତ଼ାଣା ୱା଼ହାନା ମେଣ୍ଡ୍ରାକୁତାନା
ବାତିମ୍ବା଼ଲିହିଁ ଜୀସୁଇଁ ଏଲେଇଚେସି, “ନୀନୁ ମ଼ନ କିତିହିଁ ନାଙ୍ଗେ ନେହିଁ
କିହାଲି ଆ଼ଡାଦି ।” ୪୧ ଏମ୍ବାଟିଏ ଜୀସୁ ଏ଼ୱାଣାଇଁ କାର୍ମା ମେସ୍ତେସି, ଇଞ୍ଜାଁ
କେୟୁ ଦ଼ାସାନା ଏ଼ୱାଣାଇଁ ଡୀଗାନା ଏଲେଇଚେସି, “ନା଼ନୁ ମ଼ନ କିହିମାଇଁ
ନୀନୁ ନେହିଁଆ଼ମୁ ।” ୪୨ ଏ଼ ଦେବୁଣିଏ ଏ଼ୱାଣି ତ଼ାଣାଟି କାଜା ର଼ଗ
ଗୁଚାଆ଼ତେ, ଇଞ୍ଜାଁ ଏ଼ୱାସି ନେହିଁଆ଼ତେସି । ୪୩ ଇଞ୍ଜାଁ ଏ଼ୱାସି ଏ଼ୱାଣାଇଁ
ଜାଣ୍ଡ୍ରେ ହୁକୁମି ହୀହାନା ୱେସା ପାଣ୍ଡିତେସି, ୪୪ “ଜାଗ୍ରାତା ଆମ୍ବାଆରାଇଁ
ଏ଼ନାଆଁ ୱେହ୍‌ଆନି, ସାମା ହାଲାମୁ ଇଞ୍ଜାଁ ପୂଜେରା ତ଼ାଣା ହାଜାନା ନିଙ୍ଗ
ତ଼ସାକଡାମୁ, ଇଞ୍ଜାଁ ମ଼ସା ଆମିନି ଋମେରା ହୀହାମାନେସି ଏ଼ଦାଆଁ ଲ଼କୁ
ନ଼କିତା ନେହିଁ ଆ଼ତାକି ସ଼ାକି ହୀନିଲେହେଁ ହେର୍‌ପାମୁ ।” ୪୫ ସାମା
ଏ଼ୱାସି ପାଙ୍ଗାତା ହାଜାନା ତ଼ାନୁ ନେହିଁ ଆ଼ତି କାତାତି ସ଼ାରିୱାକି ଋୱେକ୍‌ହାଲି
ମା଼ଟ୍‌ହେସି, ଇଞ୍ଜାଁ ଜୀସୁ ଆମିନି ଗା଼ଡ଼ାତା ପୁଣ୍‌ମ୍ବେ ହ଼ଡାଲି ଆ଼ଡାଆତେସି,
ସାମା ପାଙ୍ଗାତା ଲ଼କୁ ହିଲାଆ ଟା଼ସ୍କାଣା ଡ଼ୟିତେସି; ଅ଼ଡ଼େ ସ଼ାରି ୱାକିଟି
ଲ଼କୁ ଜୀସୁ ତ଼ାଣା ୱା଼ହାଲି ମା଼ଟ୍‌ହେରି ।

୨ ଏଚରଦିନା ଆୟାଲିଏ ଜୀସୁ କପର୍‌ନାହୁମତା ୱେଣ୍ଡ୍ରେ ହାଚେସି, ଇଞ୍ଜାଁ
ଏ଼ୱାସି ଇଜ ମାନେସି ଇଞ୍ଜାଁ ସ଼ାରିୱାକି ଋୱେଙ୍ଗାହାଚେ । ୨ ଏମ୍ବାଆଁ
ଇଚେକା ଲ଼କୁ ରୁଣ୍ଡ୍ରା ଆ଼ତେରି ଇଞ୍ଜାଁ ଦୁୱେରିତା ଜିକେଏ ଟା଼ୟୁ ହିଲାଆତେ,
ଇଞ୍ଜାଁ ଏ଼ୱାସି ଏ଼ୱାରାଇଁ ମାହାପୂରୁ କାତା ଋୱେକ୍‌ହେସି । ୩ ଏମ୍ବାଟିଏ ସ଼ାରି
ଜ଼ାଣା ର଼ ଟଟ ୱା଼ୟିତାଣାଇଁ କାଟେଲିତା ଜୀସୁ ତ଼ାଣା ଋଡେକା ତାତେରି । ୪
ସାମା ହ଼ାରେକା ଲ଼କୁ ମାଚାକି ଏ଼ୱାଣି ତ଼ାଣା ତାଚାଲି ଆ଼ଡାଆତେରି, ଇଞ୍ଜାଁ
ଆମିନି ଟା଼ୟୁତା ଜୀସୁ ମାଚେସି, ଏମ୍ବାଆଁ ଇଲୁତି ଋତେପରି ରିକ୍‌ହେରି,
ଇଞ୍ଜାଁ ଏ଼ ଟଟ ୱା଼ୟିତାଣାଇଁ କାଟେଲି ୱେଣ୍ଡ୍ରେଏ ଇଲୁ ବିତ୍ରା ଋରେପ୍‌ହେରି ।
୫ ଜୀସୁ ଏ଼ୱାରି ନାମୁ ମେସାନା, ଏ଼ ଟଟ ୱା଼ୟିତାଣାଇଁ ଏଲେଇଚେସି, “ଏ଼
ମୀର୍‌ଏଣା ନୀ ପା଼ପୁ ବାରେ ମେଣ୍‌ଙ୍ଗାହାଚେ ।” ୬ ସାମା ଏମ୍ବାଆଁ ମାଚି
ଏଚେକା ଋମେରା ଜା଼ପ୍‌ନାରି କୁଗାନା ତାମି ମ଼ନତା ଅଣ୍‌ପିହିଁ କାତାବାର୍ତା
ଆ଼ହିମାଚେରି, ୭ “ଈୱାସି ଏ଼ନାଆଁତାକି ଏଲେଇଞ୍ଜି ମାନେସି? ଈୱାସି
ମାହାପୂରୁଇଁ ନିନ୍ଦା କିହିମାନେସି; ମାହାପୂରୁ ପିସ୍‌ପେ ଆମ୍ବାଆସି ପା଼ପୁ
ମ୍ଣେକ୍‌ହାଲି ଆ଼ଡିନେସି?” ୮ ଏ଼ୱାରି ମ଼ନତା ଇଲେକିଁ ଅଣ୍‌ପିମାନାଣି ଜୀସୁ
ଦେବୁଣିଏ ଜୀୱୁତା ପୁଞ୍ଜାନା ଏ଼ୱାରାଇଁ ଏଲେଇଚେସି, “ମୀରୁ ମୀ ମ଼ନ
ବିତ୍ରା ଏ଼ନାଆଁତାକି ଇଲେକିଁ ଅଣ୍‌ପିମାଞ୍ଜେରି? ୯ ଏ଼ନାଆଁ ଇନାୟି ଉସାସା?
ଏ଼ କାଜା ର଼ଗ ଗାଟାଣାଇଁ ‘ନୀ ପା଼ପୁ ମେଣ୍‌ଙ୍ଗିତେ ଇନାୟି କି ନିଙ୍ଗାମୁ ନୀ
କାଟେଲି ଋଡେକାନା ତ଼ାକାମୁ ଇନାୟି ଉସାସା?’ ୧୦ ସାମା ଦାର୍‌ତିତା ପା଼ପୁ
ମ୍ଣେକ୍‌ହାଲି ମାଣ୍‌ସି ମୀର୍‌ଏଣା ଅଦିକାରା ମାନେ, ଏ଼ଦାଆଁ ନୀଏଁ ମୀରୁ
ପୁଞ୍ଜାଲି ଆ଼ଡିଦେରି ।” ଏ଼ଦାଆଁତାକି ଏ଼ ଟଟ ୱା଼ୟିତାଣାଇଁ ଏଲେଇଚେସି,
୧୧ “ନା଼ନୁ ନିଙ୍ଗେ ୱେସିମାଞ୍ଜାଇଁ ନିଙ୍ଗାନା ନୀ କାଟେଲି ଋଡେକାନା ନୀ
ଇଜ ହାଲାମୁ ।” ୧୨ ଏଚେଟିଏ ଏ଼ୱାସି ଦେବୁଣିଏ ନିଙ୍ଗାନା କାଟେଲି
ଋଡେକାନା ବାରେଜ଼ାଣା ନ଼କିଟି ହ଼ଚାହାଚେସି; ଏଚେଟିଏ ବାରେଜ଼ାଣା
କାବାଆ଼ହାନା ମାହାପୂରୁତି ଜହରା କିହିଁ ଏଲେଇଚେରି, “ମା଼ମ୍ବୁ ଇଲେତି
କାବାଆ଼ନି କାମା ଏଚେଲା ଜିକେଏ ମେସାହିଲାଆତମି ।” ୧୩ ଜୀସୁ ଅ଼ଡ଼େ
ୱେଣ୍ଡ୍ରେ ସାମ୍‌ଦୁରି ଗାଟୁତା ହାଚେସି, ଇଞ୍ଜାଁ ଲ଼କୁ ଏ଼ୱାଣି ତ଼ାଣା ୱା଼ହାଲିଏ,
ଏ଼ୱାରାଇଁ ଜା଼ପ୍‌ହାଲି ମା଼ଟ୍‌ହେସି । ୧୪ ଅ଼ଡ଼େ ଜିରୁଟି ହାଜି ହାଜିହିଁ ଜୀସୁ
ଆଲେପି ମୀର୍‌ଏସି ଋଲେବିଇଁ ସିସ୍ତୁ ରୀହ୍‌ନି ତ଼ାଣା କୁଗାମାନାଣି ମେସ୍ତେସି,
ଇଞ୍ଜାଁ ଏ଼ୱାଣାଇଁ ଏଲେଇଚେସି, “ନା଼ ଋଜେଚ ୱା଼ମୁ” ଏଚେଟିଏ ଋଲେବି
ନିଙ୍ଗାନା ଏ଼ୱାଣି ଋଜେଚ ହାଚେସି । ୧୫ ଅ଼ଡ଼େ ଜୀସୁ ଋଲେବି ଇଜ ରା଼ନ୍ଦା
ତିଞ୍ଜାଲି କୁଗାମାଚାଟି ହ଼ାରେକା ସିସ୍ତୁ ରୀହ୍‌ନାରି ଇଞ୍ଜାଁ ପା଼ପୁ ଗାଟାରି
ତାମି ସୀସୁୟାଁ ତଲେ କୁଗିତେରି; ଇଚିହିଁ ଏ଼ୱାରି ହ଼ାରେକା ମାଚେରି
ଇଞ୍ଜାଁ ଏ଼ୱାଣି ଋଜେଚ ହାଜିମାଚେରି । ୧୬ ଜୀସୁ ପା଼ପୁ ଗାଟାରି ଇଞ୍ଜାଁ
ସିସ୍ତୁ ରୀହ୍‌ନାରି ତଲେ ତିଞ୍ଜି ମାନେସି, ଈଦାଆଁ ମେସାନା ପାରୁସି ଗଚିତି
ଋମେରାପୁନାରି ତାନି ସୀସୁୟାଁଣି ଏଲେଇଚେରି, “ଏ଼ୱାସି ଏ଼ନାଆଁତାକି ପା଼ପୁ
ଗାଟାରି ଅ଼ଡ଼େ ସିସ୍ତୁ ରୀହ୍‌ନାରି ତଲେ ରା଼ନ୍ଦା ତିଞ୍ଜି ମାନେସି?” ୧୭ ଜୀସୁ
ଈ କାତା ୱେଞ୍ଜାନା ଏ଼ୱାରାଇଁ ଏଲେଇଚେସି, “ନେହିଁ ଲ଼କୁତାକି ଅସଗୂରୁ
ଲ଼ଡ଼ା ହିଲେଏ, ସାମା ର଼ଗ ଗାଟାରାକି ଲ଼ଡ଼ାମାନେ; ନା଼ନୁ ଦାର୍ମୁ ଲ଼କୁତାକି
ୱା଼ହାହିଲଅଁ ସାମା ପା଼ପୁ ଗାଟାରାକି ୱା଼ହାମାଇଁ ।” ୧୮ ଜହନତି ସୀସୁୟାଁ
ଇଞ୍ଜାଁ ପାରୁସିୟାଁ ଉପାସା କିହିମାଚାଟି, ଏଚେକା ଲ଼କୁ ଜୀସୁ ତ଼ାଣା ୱା଼ହାନା
ଏଲେଇଚେରି, “ଜହନତି ସୀସୁୟାଁ ଇଞ୍ଜାଁ ପାରୁସିୟାଁତି ସୀସୁୟାଁ ଉପାସା
କିନେରି, ସାମା ନୀ ସୀସୁୟାଁ ଏ଼ନାଆଁତାକି ଉପାସା କିଅରି?” ୧୯ ଜୀସୁ
ଏ଼ୱାରାଇଁ ଏଲେଇଚେସି, “ବୀହା ଲ଼କୁତଲେ ବୀହା ହନେଏସି ମାନି
ପାତେକା ବୀହା ଲ଼କୁ ହାକିଟି ମାଞ୍ଜାଲି ଆ଼ଡିନେରିକି? ବୀହା ହନେଏସି
ଏ଼ୱାରିତଲେ ମାନି ପାତେକା ଏ଼ୱାରି ଉପାସା କିଅରି । ୨୦ ସାମା ଦିନା
ୱା଼ନେ ଏଚିଋବେଲା ଏ଼ୱାରି ତ଼ାଣାଟି ବୀହା ହନେଏଣାଇଁ ହ଼ପ୍‌ହା ଅ଼ତିସାରେ
ଏଚିଋବେଲା ଏ଼ୱାରି ଉପାସା କିନେରି ।” ୨୧ “ଆମ୍ବାଆସି ପ୍ଣାଃଇ ହିମ୍ବରିତା
ପୁଃନି ପାସ୍‌କି ତ଼ାଚଅସି; ତ଼ାଚିସାରେ ପ୍ଣାଃଇ ହିମ୍ବରିତି ପୁଃନି ପାସ୍‌କି
ମୁଦା ଆ଼ହାଁ ଗାଡି ଗେଞ୍ଜିକିନେ । ୨୨ ଆମ୍ବାଆସି ପୁଃନି ଅଙ୍ଗୁରି ରାସା
ପ୍ଣାଃଇ ଡ଼କାତା ଇଟଅସି; ଇଟିସାରେ ଡ଼କା ଡ଼ାୟାହାନେ, ଇଞ୍ଜାଁ ଅଙ୍ଗୁରି
ରାସା ଅ଼ଡ଼େ ଡ଼କା ରିଣ୍ଡିୱା ନସ୍ତ ଆ଼ନୁ, ଏ଼ଦାଆଁତାକି ପୁଃନି ଅଙ୍ଗୁରି ରାସା
ପୁଃନି ଡ଼କାତା ଇଟିନାୟି ମାନେ ।” ୨୩ ର଼ ପା଼ଲି ଜୀସୁ ଜ଼ମିନି ଦିନା
ତାନି ସୀସୁୟାଁ ତଲେ ଗ଼ହଁ ଗୁଡିୟାଟି ହାଜିମାଚେସି, ତାମି ସୀସୁୟାଁ
ହାଜି ହାଜିହିଁ ଗ଼ହଁୟାଁ ଋଜେକା ଡାପ୍‌ହାଲି ମା଼ଟ୍‌ହେରି । ୨୪ ଏମ୍ବାଟିଏ
ପାରୁସିୟାଁ ଜୀସୁଇଁ ଏଲେଇଚେରି, “ମେହ୍‌ମୁ ଜ଼ମିନି ଦିନାତା ଏ଼ନାଆଁ
କିନାୟି ଋମେରା ହିଲେଏ, ନୀ ସୀସୁୟାଁ ଏ଼ନାଆଁତାକି କିହିମାନେରି?” ୨୫
ଜୀସୁ ଏ଼ୱାରାଇଁ ଏଲେଇଚେସି, “ଦାୱୁଦ ଅ଼ଡ଼େ ତାନି ତ଼ଣେସିଙ୍ଗା ହାକି

ଆ଼ହାମାଚାଟି ଏ଼ୱାରି ଏ଼ନାଆଁ କିହାମାଚେରି, ଏ଼ଦାଆଁ ମୀରୁ ଏଚେଲା
ପ଼ଡ଼୍ୱି ଆ଼ହାହିଲଅତେରି, ୨୬ ଅବିୟତର କାଜା ପୂଜେରା ମାଚିଚ଼ବେଲାତା
ଏ଼ୱାସି ଏ଼ନିକିଁ ମାହାପୂରୁ ଇଲୁତା ହ଼ଡାନା ଆମିନି ମାହାପୂରୁକି ହେର୍‌ପିତି
ରୁଟି କାଜା ପୂଜେରାଙ୍ଗା ପିସ୍‌ପେ ଆମ୍ବାଆରି ତିନାଆଗାଟି ମ଼େରା ମାଚେ,
ସାମା ଏ଼ଦାଆଁ ଦାୱୁଦ ତିଞ୍ଜା ମାଚେସି ଇଞ୍ଜାଁ ତାନି ଆ଼ଚ୍‌ହି ତାରାକି ଜିକେଏ
ତିଞ୍ଜାଲି ହୀହାମାଚେସି ।” ୨୭ ଡ଼ାୟୁ ଜୀସୁ ଏ଼ୱାରାଇଁ ଏଲେଇଚେସି,
“ଜ଼ମିନି ଦିନା ମାଣ୍‌ସିତାକି ଆ଼ହାମାନେ; ସାମା ମାଣ୍‌ସି ଜ଼ମିନି ଦିନାତାକି
ଆ଼ହାହିଲଅସି ।” ୨୮ ଏ଼ଦାଆଁତାକି ମାଣ୍‌ସି ମୀର୍‌ଏସି ଜ଼ମିନି ଦିନାତି ପ୍ରବୁ
ଆ଼ନେସି ।

**୩** ଜୀସୁ ଅ଼ଡ଼େ ୱେଣ୍ଡେ ଜୀହୁଦି ଲ଼କୁତି କୁଟମି ଇଲୁତା ହାଚେସି, ଏମ୍ବାଆଁ
ରଅସି ମାଚେସି, ଏ଼ୱାଣି ର଼ କେୟୁ ୱ଼ାୟାହାଜାମାଚେ । ୨ ଜୀସୁ
ଏ଼ୱାଣାଇଁ ଜ଼ମିନି ଦିନାତା ନେହିଁ କିନେସିକି ଆ଼ଏ, ଏ଼ୱାଣି କ଼ପାଟି ଦ଼ହ
ଦସାଲିତାକି ଗୁରି କିହାନା ସିନିକିହିମାଚେରି । ୩ ଏମ୍ବାଟିଏ ଜୀସୁ ଆମିନି
ଲ଼କୁତି କେୟୁ ୱ଼ାୟାହାଜାମାଚେ, ଏ଼ୱାଣାଇଁ ଜୀସୁ ଏଲେଇଚେସି, “ୱ଼ାମୁ
ମାଦି ନିମୁ ।” ୪ ଇଞ୍ଜାଁ ଜୀସୁ ଏ଼ୱାରାଇଁ ଏଲେଇଚେସି, “ଜ଼ମିନି ଦିନାତା
ଏ଼ନାଆଁ କିନାୟି ମ଼େରା ମାନେ? ନେହିଁକିନାୟି କି ଲାଗେଏ କିନାୟି?
ଜୀୱୁତି ଗେଲ୍‌ପିନାୟି କି ନ଼ାସା କିନାୟି?” ସାମା ଏ଼ୱାରି ୱେଣ୍ଡେ ହ଼ଡା
ଆୟାଲି ଆ଼ଡାଆତେରି । ୫ ଏମ୍ବାଟିଏ ଜୀସୁ ଏ଼ୱାରି ଆ଼ଚ୍‌ୱା ହିୟାଁତି
ମେସାନା ଦୁକୁ ଆ଼ତେସି, ଇଞ୍ଜାଁ କ଼ପାଟି ସ଼ାରିୱାକି ଏ଼ୱାରାଇଁ ସିନିକିହାନା
ଏଲେଇଚେସି, “କେୟୁ ଲାକ ଦ଼ାହ୍‌ମୁ” ଏ଼ୱାସି ତାନି କେୟୁ ଦ଼ାସ୍‌ପନିଏ
ଏ଼ଦି ନେହିଁ ଆ଼ହାହାଚେ । ୬ ଏଚେଟିଏ ପାରୁସିୟାଁ ହ଼ଚା ହାଜାନା ଜୀସୁଇଁ
ପ଼ାୟାଲି ତାକି ହେରଦ ଗଚିତି ଲ଼କୁତଲେ କାଲ୍‌ହାନା କାତା ଆ଼ତେରି । ୭
ଜୀସୁ ଅ଼ଡ଼େ ତାମି ସୀସୁୟାଁ ଗାଲିଲି ସାମ୍‌ଦୁରି ଗାଟୁତା ହାଚେରି, ଇଞ୍ଜାଁ
ହ଼ାରେକା ଲ଼କୁ ଏ଼ୱାଣି ଜ଼େଚ ହାଚେରି; ଏ଼ୱାରି ଜୀହୁଦା, ୮ ଗାଲିଲି,
ଜିରୁସାଲମ, ଇଦମ, ଜର୍ଦନ ଅ଼ରୱାକି, ସ଼ର ଅ଼ଡ଼େ ସିଦନ ଗାଡ଼ା ୱାକିତି
ଲ଼କୁ ତାନି ବାରେ କିତି କାମାତି କାତା ୱେଞ୍ଜାନା ତାନି ତ଼ାଣା ୱ଼ାତେରି ।
୯ ଏମ୍ବାଆଁ ଇଚେକା ମାନ୍ଧା ଲ଼କୁ ଆ଼ତେରି ଏ଼ ମାନ୍ଧା ଏ଼ନିକିଁ ଏ଼ୱାଣିଲାକ
ୱିହ୍‌ଅରି, ଏ଼ଦାଆଁତାକି ଏ଼ୱାସି ତାନି ସୀସୁୟାଁଣି ତାଙ୍ଗେତାକି ର଼ ଉଣା
ଡ଼ଂଗ ପାରା ଇଟାଲି ୱେସ୍ତେସି; ୧୦ ଏ଼ୱାସି ହ଼ାରେକା ଲ଼କୁଣି ନେହିଁ
କିହାମାଚାକି ର଼ଗ ଗାଟାରି ବାରେ ଏ଼ୱାଣାଇଁ ଡୀଗାଲି ଏ଼ୱାଣି ମୁହେଁ
ମୁହେଁ ଆ଼ହିମାଚେରି । ୧୧ ଇଞ୍ଜାଁ ପ଼ଲ୍‌ଆ ବୂତୁୟାଁ ଆସାମାନାରି ଏ଼ୱାଣାଇଁ
ମେସ୍‌ପନିଏ, ଏ଼ୱାଣି ନ଼କିତା ରିହାନା କ଼ାଲୱି ଆ଼ହିଁ ଏଲେଇଞ୍ଜି ମାଚୁ,
“ନୀନୁଏ ମାହାପୂରୁ ମୀର୍‌ଏଣାତି ।” ୧୨ ଏ଼ୱାସି ଆମ୍ବାଆସି ଇ କାତା
ଆମ୍ବାଆରାଇଁ ୱେହ୍‌ଆଦୁ ଇଞ୍ଜାଁ ଜୀସୁ ପଲ୍‌ଆ ବୂତୁୟାଁଇଁ ଦାକା ହୀହାନା
ହୁକୁମି ହୀତେସି । ୧୩ ଜୀସୁ ହ଼ରୁ ଲାକ ହାଜାନା ଆମିନି ଗାଟାରାଇଁ ମ଼ନ
କିତେସି ଏ଼ୱାରାଇଁ ଡାଗେ ହ଼ାଟିତେସି, ଇଞ୍ଜାଁ ଏ଼ୱାରି ଡାଗେ ୱ଼ାତେରି
। ୧୪ ଇଞ୍ଜାଁ ଏ଼ୱାସି ବ଼ାରଜ଼ାଣାତି ଆ଼ଚାନା ପାଣ୍ଡୁୱି ଆ଼ତାରି ଇଞ୍ଜାନା,
ଏ଼ୱାରାଇଁ ଏଲେଇଚେସି, “ନ଼ା ତଲେ ଡ଼ୟାଲି ନ଼ାନୁ ମିଙ୍ଗେ ଆ଼ଚାମାଞ୍ଜାଇଁ,
ଇଞ୍ଜାଁ ୱେକ୍‌ହାଲି ପାଣ୍ଡାଇଁ । ୧୫ ଇଞ୍ଜାଁ ମୀରୁ ବୂତୁୟାଁ ପ଼େର୍‌ହାଲି ଜିକେଏ
ଅଦିକାରା ବେଟାଆ଼ଦେରି ।” ୧୬ ଜୀସୁ ଇ ବ଼ାରଜ଼ାଣାତି ଆ଼ଚିତେସି,
ଏ଼ୱାରି ଆ଼ତେରି ସିମନ ଆମ୍ବାଆରାଇଁ ଜୀସୁ ପିତର ଇଞ୍ଜାଁ ଇଟିତେସି; ୧୭
ଜେବଦି ରୀ ମୀର୍‌କା ଜାକୁବ ଅ଼ଡ଼େ ତାନି ତାୟି ଜହନ ଆମ୍ବାଆରାଇଁ
ବିନେରିଗସ୍ ଇଚିହିଁ ଗୁଣ୍‌ହିମାନି ହ଼ାଗୁତି ମୀର୍‌କା ଇଞ୍ଜହିଁ ଦ଼ରୁ ଇଟିତେସି;
୧୮ ଆନ୍ଦ୍ରିୟ, ପିଲିପ, ବାର୍ତଲମି, ମାତିୟୁ, ତ଼ମା, ଆଲେପି ମୀର୍‌ଏସି
ଜାକୁବ, ତଦିୟ, ଦ଼େସାତି ଜୀୱୁ ନ଼ନି ସିମନ, ୧୯ ଅ଼ଡ଼େ ଇସ୍କାରିୟତ
ଜୀହୁଦା, ଆମ୍ବାଆସି ଜୀସୁଇଁ ସାତୁୟାଁ କେୟୁତା ହେର୍‌ପିତେସି । ୨୦
ଡ଼ାୟୁ ଜୀସୁ ଇଜ ୱ଼ାତେସି; ଅ଼ଡ଼େ ୱେଣ୍ଡେ ଇଚେକା ଲ଼କୁ ରୁଣ୍ଡା ଆ଼ତେରି
ଜୀସୁ ଇଞ୍ଜାଁ ତାନି ସୀସୁୟାଁକି ତିଞ୍ଜାଲି ଜିକେଏ ଆ଼ଆତେ । ୨୧ “ଜୀସୁ
ବାୟା ଆ଼ତେସି” ଇଞ୍ଜାଁ ଲ଼କୁ ଏଲେଇନାଣି ୱେଞ୍ଜାନା ତାମି କୁଟମି ଜୀସୁଇଁ
ଅ଼ହାଲି ୱ଼ାତେରି । ୨୨ ଅ଼ଡ଼େ ଜିରୁସାଲମଟି ୱ଼ାହାମାନି ମ଼େରାପୁନାରି
ଏଲେଇଚେରି, “ଇୱାଣାଇଁ ବାଲ୍‌ଜିବୁଲ୍ ବୂତୁ ଆଲ୍‌ଗାମାନେ, ଲାକା
ଇୱାସି ବୂତୁୟାଁଣି ପିସ୍‌ପି କିହିମାନେସି ।” ୨୩ ଏମ୍ବାଟିଏ ଜୀସୁ ଏ଼ୱାରାଇଁ
ଡାଗେ ହ଼ାଟାନା ପୁଣ୍‌ମ୍ବିକିନି କାତାତଲେ ୱେସ୍ତେସି, “ସୟତାନ ଏ଼ନିକିଁ
ସୟତାନଇଁ ପ଼େର୍‌ହାଲି ଆ଼ଡିନେ? ୨୪ ର଼ ର଼ାଜି ବ଼ାଗା ଆ଼ହାନା ତାନି
କ଼ପାଟି ନିଙ୍ଗିନେ, ଇଚିହିଁ ଏ଼ ର଼ାଜି ଅ଼ଡ଼େ ତୀରିତଲେ ଡ଼ୟାଲି ଆ଼ଡେଏ ।
୨୫ ଇଞ୍ଜାଁ ର଼ ଇଲୁ କୁଟମିତାରି ବ଼ାଗା ଆ଼ହାନା ତ଼ାମ୍ବୁ ତାମି କ଼ପାଟି ନିଙ୍ଗିନେରି
ଇଚିହିଁ ଏ଼ ଇଲୁତାରି ତୀରିତଲେ ଡ଼ୟାଲି ଆ଼ଡଅରି । ୨୬ ଏଲେକିହିଁଏ
ସୟତାନ ବ଼ାଗା ଆ଼ହାନା ତାନି କ଼ପାଟି ନିଙ୍ଗାମାନେ, ଆତିହିଁ ଏ଼ଦି ଅ଼ଡ଼େ
ତୀରିତଲେ ଡ଼ୟାଲି ଆ଼ଡେଏ, ସାମା ଏ଼ଦାନି ବାରେ ନ଼ାସା ଆ଼ହିମାନେ ।”
୨୭ “ସାମା ଆମ୍ବାଆସି ନ଼କେଏ ବ଼ାଡ଼୍‌ୟୁ ଗାଟାଣାଇଁ ଦହ୍‌ଆତିହିଁ ତାନି ଇଜ
ହ଼ଡାନା ତାନି ଇଜତି ଆ଼ସ୍ତି ସ଼ରୁ କିହାଲି ଆ଼ଡଅସି; ଏ଼ୱାଣାଇଁ ତଲିଏ
ଦସ୍ତିହିଁଦେ ଏ଼ୱାସି ଏ଼ୱାଣି ଇଜତାଣି ସ଼ରୁ କିନେସି ।” ୨୮ “ନ଼ାନୁ ମିଙ୍ଗେ
ସାତା ୱେସିମାଞ୍ଜାଇଁ, ଲ଼କୁତି ବାରେ ପ଼ାପୁ ଇଞ୍ଜାଁ ଏ଼ୱାରି ଏଚେକା ନିନ୍ଦା
କାତାତଲେ ମାହାପୂରୁ ନିନ୍ଦା କିନେରି ଏ଼ ବାରେ ପ଼ାପୁ ମେଣ୍ଡିଙ୍ଗିନେ ।
୨୯ ସାମା ଆମ୍ବାଆସି ସୁଦୁଜୀୱୁ କ଼ପାଟି ନିନ୍ଦା କାତା ଜ଼ଲିନେସି, ଏ଼ୱାଣି
ଆମିନି କ଼ାଲାତା ଜିକେଏ ଦ଼ହ ମେଣ୍ଡେଙ୍ଗେଏ, ସାମା ଏ଼ୱାସି କ଼ାଲାକ଼ାଲାତି
ପ଼ାପୁତି ଦ଼ହଗାଟାସି ଆ଼ନେସି ।” (aiōn g165, aiōnios g166) ୩୦ ଜୀସୁଇଁ
ବୂତୁ ଆଲ୍‌ଗାମାନେ ଇଞ୍ଜାଁ ଏଚେକା ଲ଼କୁ ଏଲେଇଞ୍ଜାଲିଏ ଜୀସୁ ଇ କାତା
ୱେସ୍ତେସି । ୩୧ ଏଚିଚ଼ବେଲା ଜୀସୁତି ଇୟା ଅ଼ଡ଼େ ତାୟିୟାଁ ୱ଼ାହାନା ଇଲୁ
ପାଙ୍ଗାତା ନିଚାନା ଜୀସୁଇଁ ହ଼ାଟି କିତେରି । ୩୨ ଏମ୍ବାଟିଏ ସ଼ାରିୱାକି
କୁଗାମାଚି ଲ଼କୁ ଏଲେଇଚେରି, “ମେହ୍‌ମୁ ମୀ ଇୟା, ତାୟିୟାଁ ଅ଼ଡ଼େ
ତାଙ୍ଗିସ୍କା ପାଙ୍ଗାତା ନିଚାନା ନିଙ୍ଗେ ପାରିମାଞ୍ଜାନେରି ।” ୩୩ ଜୀସୁ ଏ଼ୱାରାଇଁ
ଏଲେଇଚେସି, “ନ଼ା ଇୟା ଇଞ୍ଜାଁ ନ଼ା ତାୟି ତାଙ୍ଗିସ୍କା ଆମ୍ବାଆୟି?” ୩୪ ଇଞ୍ଜାଁ
ଏ଼ୱାସି ତାନି ସ଼ାରିୱାକି କୁଗାମାନି ଲ଼କୁଣି ସିନିକିହାନା ଏଲେଇଚେସି,
“ମେହ୍‌ଦୁ ନ଼ା ଇୟା ଅ଼ଡ଼େ ନ଼ା ତାୟି ତାଙ୍ଗିସ୍କା । ୩୫ ଆମ୍ବାଆସି ମାହାପୂରୁତି
କାତା ଆହ୍‌ନେସି ଏ଼ୱାସିଦେଁ ନ଼ା ତାୟି, ତାଙ୍ଗି ଅ଼ଡ଼େ ନ଼ା ଇୟା ।”

**୪** ଜୀସୁ ଗାଲିଲି ସାମ୍‌ଦୁରି ଗାଟୁତା ଅ଼ଡ଼େ ୱେଣ୍ତେ ଜ଼ାପ୍‌ହାଲି ମ଼ାଟ୍‌ହେସି,
ଅ଼ଡ଼େ ହ଼ାରେକା ଲ଼କୁ ଏ଼ୱାଣି ତ଼ାଣା ରୁଣ୍ଡା ଆ଼ତେରି ଇଞ୍ଜ଼ାଁ ଜୀସୁ
ସାମ୍‌ଦୁରିତା ମାନି ର଼ ଡଂଗତା ହାଜାନା କୁଗିତେସି ଇଞ୍ଜ଼ାଁ ଲ଼କୁ ସାମ୍‌ଦୁରି
ଗାଟୁତା ନିଚାମାଚେରି । **୨** ଏମ୍ବାଟିଏ ଜୀସୁ ଏ଼ୱାରାଇଁ ହ଼ାରେକା ପୁଣ୍‌ମ୍ବିକିନି
କାତା ଜ଼ାପ୍‌ହିହିଁ ଏଲେଇଚେସି । **୩** “ୱେଞ୍ଜୁ, ମେହ୍‌ଦୁ ର଼ ବିଚା ମାଟିନାସି
ବିଚା ମାଟାଲି ହ଼ତେସି । **୪** ଇଞ୍ଜ଼ାଁ ଏ଼ୱାସି ମାଟିମାଚାଟି କଚେକା ବିଚା
ଜିରୁତା ରୀତେ, ଇଞ୍ଜ଼ାଁ ପଟାୟାଁ ୱ଼ାହାନା ଏ଼ ପ଼ାଡ଼େୟି ପେର୍‌ହା ତିଚୁ । **୫**
ଅ଼ଡ଼େ କଚେକା ବିଚା ଇଚାୟି ଇର୍‌ଆ ମାନି ୱାଲ୍‌କା ଲାକ ରୀତେ, ଇଞ୍ଜ଼ାଁ
ଉଣା ଇର୍‌ଆ ମାଚାକି ଗ଼ାଡ଼େକେଏ ନେୟିଁତେ, **୬** ସାମା ଡ଼ୱେଡ଼ା ଆ଼ଡାଲିଏ
ନେୟାଁ ମାଚାୟି ୱେହା ହାଚେ ଇଞ୍ଜ଼ାଁ ହୀରୁ ଜୀଆତାକି ୱ଼ାୟାନା ହ଼ାହାହାଚେ
। **୭** ଅ଼ଡ଼େ କଚେକା ବିଚା ହ଼ାପ୍‌କା ବୂଟାତା ରୀତେ, ଇଞ୍ଜ଼ାଁ ହ଼ାପ୍‌କା ବୂଟା
ପାଡାଆ଼ହାନା ଆର୍ନା ଡାକିତି ପ୍ଡିକ୍‌ହାତୁସ୍ତେ ଇଞ୍ଜ଼ାଁ ପ଼ାଡ଼େୟି ଆ଼ୟାଆତେ
। **୮** ଅ଼ଡ଼େ କଚେକା ବିଚା ନେହିଁ ବୂମିତା ରୀତେ, ଏ଼ଦି ନେୟାହାଁ
ପାଡାଆ଼ହାନା, କଡ଼େଦସ, ତୀନିକ଼ଡ଼ି, ପ଼ାସାକ଼ଡ଼ି ପ଼ାଡ଼େୟି କାମ୍ବିତେ ।” **୯**
ଅ଼ଡ଼େ ଏ଼ୱାସି ଏଲେଇଚେସି, “ୱେଞ୍ଜାଲି ଆମ୍ବାଆରାକି କୀର୍କା ମାନୁ ଏ଼ୱାସି
ୱେଣ୍‌ମ୍ବାସି ।” **୧୦** ଜୀସୁ ରଅସିଏ ମାଚାଟି ତାନି ତଲେତି ଏଚରଜ଼ାଣା
ଇଞ୍ଜ଼ାଁ ବ଼ାରଜ଼ାଣା ସୀସୁୟାଁ ତଲେ ଏ଼ ପୁଣ୍‌ମ୍ବିକିନି କାତା ଏ଼ନାୟି ଇଞ୍ଜ଼ାଁ
ୱେଚେରି । **୧୧** ଏମ୍ବାଟିଏ ଏ଼ୱାସି ଏ଼ୱାରାଇଁ ଏଲେଇଚେସି, ମାହାପୂରୁ
ର଼ାଜିତି ଡୁଗାମାନାଣି ପୁଞ୍ଜାଲି ମିଙ୍ଗେ ବ଼ାଡ଼୍‌ୟୁ ହୀପ୍‌କି ଆ଼ହାମାନେ, ସାମା
ପାଙ୍ଗାତି ବାରେ ଲ଼କୁତାକି ଇ ପୁଣ୍‌ମ୍ବିକିନି କାତାତଲେ ୱେସ୍‌ପି ଆ଼ହିମାନେ,
**୧୨** ଏ଼ନିକିଁ, “ଏ଼ୱାରି ମେସି ମେସିହିଁ, ମେହ୍‌ଅରି; ଇଞ୍ଜ଼ାଁ ୱେଞ୍ଜିୱେଞ୍ଜିହିଁ,
ତେଲ୍‌ହଅରି, ଏ଼ୱାରି ମାହାପୂରୁ ତ଼ାଣା ୱେଣ୍ତା ୱ଼ାତିହିଁମା, ପ଼ାପୁଟି ପିସ୍‌ପି
ଆ଼ତେରିମା ।” **୧୩** ଜୀସୁ ଅ଼ଡ଼େ ୱେଣ୍ତେ ଏ଼ୱାରାଇଁ ଏଲେଇଚେସି, “ମୀରୁ
ଇ ପୁଣ୍‌ମ୍ବି କିନାଣି ପୁଞ୍ଜି ହିଲଅତେରି? ଆତିହିଁ ନ଼ା ପୁଣ୍‌ମ୍ବିକିନି କାତା
ଏ଼ନିକିଁ ପୁଞ୍ଜେରି? **୧୪** ଆମ୍ବାଆସି ମାହାପୂରୁ ବ଼ଲୁ ୱେହ୍‌ନାସି ଏ଼ୱାସି
ବିଚା ମାଟିନାସି । **୧୫** ଆମିନି ଗାଟାରି ୱେନେରି, ଇଞ୍ଜ଼ାଁ ୱେଚି ଦେବୁଣିଏ
ସୟତାନ ୱ଼ାହାନା ଏ଼ୱାରିତ଼ାଣା ୱେଣ୍‌ମ୍ବି ଆ଼ହାମାନି ବ଼ଲୁ ମୀଞ୍ଜାଅ଼ନେ,
ଏ଼ୱାରି ଜିରୁ ଦାରିତା ରିତି ବିଚାଲେହେଁତାରି । **୧୬** ଏଲେକିହିଁଏ ୱାଲି ଲାକ
ରିହାମାନି ବିଚାଲେହେଁତାରି, ଏ଼ ବ଼ଲୁ ୱେଣ୍‌ମ୍ବିନିଏ ର଼ାହାଁଟି ନାମିନେରି,
**୧୭** ସାମା ଏ଼ୱାରିତ଼ାଣା ହୀରୁ ଜୀଆତାକି ଗ଼ାଡ଼େକା ତାକି ତୀରି ମାନେରି,
ଡ଼ାୟୁ ମାହାପୂରୁ ବ଼ଲୁ ତାକି କସ୍ତ ବ଼ାଦା ୱ଼ାତିସାରେ ଦେବୁଣିଏ ପିହ୍‌ନେରି,
ଏ଼ୱାରି ଉଣା ଇର୍‌ଆ ମାନି ୱାଲ୍‌କା ଲାକତି ବିଚାଲେହେଁତାରି । **୧୮**
ହ଼ାପ୍‌କା ବୂଟାତା ମାଟିତି ବିଚା ଏ଼ୱାରି, ଆମ୍ବାଆରି ବ଼ଲୁତି ୱେନେରି, **୧୯**
ଦାର୍‌ତିତି ଅଣ୍‌ପୁ ଦ଼ନତି ବାରେ ଜୂପ୍‌କା ହ଼ଡାନା ଏ଼ୱାରାଇଁ ପ୍ଡିକ୍‌ହାତୁହ୍‌ନେ,
ଇଞ୍ଜ଼ାଁ ଏ଼ଦି ପ଼ାଡ଼େୟି ଆ଼ୟାଲି ଆ଼ଡେଏ । (aiōn g165) **୨୦** ଅ଼ଡ଼େ ଆମିନି
ଗାଟାରି କାତା ୱେନେରି, ଇଞ୍ଜ଼ାଁ ନାମିନେରି, ଅ଼ଡ଼େ କଡ଼େଦସ, ତୀନିକ଼ଡ଼ି,
ଇଞ୍ଜ଼ାଁ ପ଼ାସାକ଼ଡ଼ି ପ଼ାଡ଼େୟି କାମ୍ବିନେରି, ଏ଼ୱାରି ନେହିଁ ବୂମିତା ମାଟିତି
ବିଚାଲେହେଁତାରି ।” **୨୧** ଜୀସୁ ଅ଼ଡ଼େ ୱେଣ୍ତେ ଏ଼ୱାରାଇଁ ଏଲେଇଚେସି,
“ଆମ୍ବାଆସି ଦୀୱଁ ଡ଼ୀସାନା ମ଼ାଣା ପ୍ଡିକ୍‌ହାନା କି କାଟେଲି ଡ଼ଇ ଇଟିନେସି?
ଏ଼ଦାଆଁ ଏ଼ନାଆଁ ଦୀୱଁ ସ଼ଡ଼ାତା ଇଟଅସି? **୨୨** ଇଚିହିଁ ତ଼ଞ୍ଜା ଆ଼ଆଗାଟାୟି
ଏ଼ନାୟି ଜିକେଏ ଡୁଗାନା ଡ଼ୟେଏ; ଏ଼ନାୟି ଡୁଗାନା ଆ଼ହାମାନେ, ଏ଼ଦି
ତ଼ଞ୍ଜାଆ଼ହାଲି ଡୁଗାମାନେ । **୨୩** ଇଚିହିଁ ଆମ୍ବାଆରାକି ୱେଞ୍ଜାଲି କୀର୍କା ମାନୁ
ଏ଼ୱାସି ୱେଣ୍‌ମ୍ବାସି ।” **୨୪** ଜୀସୁ ଅ଼ଡ଼େ ଏଲେଇଚେସି, “ଏ଼ନାଆଁ ୱେଞ୍ଜି
ମାଞ୍ଜେରି ଏ଼ କାତାତା ଜାଗ୍ରାତା, ଆମିନି ମ଼ାଣା ତଲେ ଲ଼ାଚିଦେରି, ଏ଼ ମ଼ାଣା
ତଲେ ମିଙ୍ଗେ ଲ଼ାଚା ହିୟାନେରି, ଅ଼ଡ଼େ ମୀରୁ ହ଼ାରେକା ବେଟାଆ଼ଦେରି
। **୨୫** ଇଚିହିଁ ଆମ୍ବାଆରାକି ମାନେ ଏ଼ୱାଣାକି ହୀପ୍‌କି ଆ଼ନେ; ଅ଼ଡ଼େ
ଆମ୍ବାଆରାକି ହିଲେଏ, ଏ଼ୱାଣି ତ଼ାଣା ଏ଼ନାୟି ମାନେ, ଏ଼ଦାଆଁ ଜିକେଏ
ଏ଼ୱାଣି ତ଼ାଣାଟି ଅ଼ୱିଆ଼ନେ ।” **୨୬** ଜୀସୁ ଅ଼ଡ଼େ ଏଲେଇଚେସି, “ମାହାପୂରୁ
ର଼ାଜି ଇଲେତାୟି, ଏ଼ନିକିଁ ର଼ ମାଣ୍‌ସି ବୂମିତା ବିଚା ମାଟିନେସି; **୨୭**
ଇଞ୍ଜ଼ାଁ ଲ଼ାଆଁୟାଁ ଇଦା କିନେସି ଅ଼ଡ଼େ ମାଦେନା ତେଃଏଲିନେସି, ଅ଼ଡ଼େ
ବିଚା ଏ଼ନିଆ଼ହିଁ ଗଜା ଆ଼ହାଁ ପାଡାଆ଼ନେ ଏ଼ଦାଆଁ ଏ଼ୱାସି ପୁନଅସି ।
**୨୮** ଗ଼ହିଁ ବୂମିଟି ତ଼ାନୁଏ ନେୟିଁନେ, ତଲିଏ ଆ଼କୁ ଆ଼ନେ ଡ଼ାୟୁ ଡ଼ଜେଙ୍କ
ଅ଼ଡ଼େ ଡ଼ାୟୁ ଡ଼ଜେଙ୍କତି ପ଼ାଡ଼େୟି ଆ଼ନେ । **୨୯** ସାମା ଆର୍ନା କାମ୍ବିସାରେ
ମାଟିତାସି ଏ଼ ଆର୍ନାତି କ଼ଚାଡୱେଲି ତଲେ ଦ଼ାଃଆନେସି ।” **୩୦** ଅ଼ଡ଼େ
ଜୀସୁ ଏଲେଇଚେସି, “ମ଼ାର ମାହାପୂରୁ ର଼ାଜି ଏ଼ନାଆଁତଲେ ତୂକ୍‌ନାୟି?
ଇଞ୍ଜ଼ାଁ ଏ଼ନିଲେହେଁତି ପୁଣ୍‌ମ୍ବିକିନି କାତାତଲେ ୱେହ୍‌ନାୟି? **୩୧** ଏ଼ଦି ର଼
ହାର୍ସୁ ପ଼ାଡ଼େୟି ଲେହେଁ; ବୂମିତା ମାଟିନି ଡ଼ବେଲାତା ଏ଼ଦି ଦାର୍‌ତିତି ବାରେ
ପ଼ାଡ଼େୟି କିହାଁ ଉଣା, **୩୨** ସାମା ମାଟିତି ଡ଼ଜେଚ ପାଡାଆ଼ହାନା ବାରେ
କୁଚା କିହାଁ କାଜାୟି ଆ଼ନେ, ଇଞ୍ଜ଼ାଁ ଏ଼ଦାନି କମାୟାଁ ଇଲେକିଁ କାଜାଇ
ଆ଼ନୁ, ଇଞ୍ଜ଼ାଁ ହ଼ାଗୁ ଲାକ ଉମ୍ବିନି ପଟାୟାଁ ୱ଼ାହାନା ଏ଼ଦାନି କମାଣାଁ ବ଼ଣ
ଦସାଁ ବାସାଆ଼ନୁ ।” **୩୩** ଜୀସୁ ଇଲେକିହିଁ ହ଼ାରେକା ପୁଣ୍‌ମ୍ବିକିନି କାତା
ୱେସିହିଁ ଏ଼ୱାରି ପୁନିଲେହେକିଁ ମାହାପୂରୁ କାତା ୱେସିମାଚେସି, **୩୪** ଅ଼ଡ଼େ
ପୁଣ୍‌ମ୍ବିକିନି କାତା ଆଟ୍‌ଆନା ଜୀସୁ ଏ଼ନାଆଁୱା ୱେସି ହିଲାଆତେସି, ସାମା
ଲ଼କୁ ହିଲାଆ ଡ଼ବେଲାତା ତାମି ସୀସୁୟାଁଣି ବାରେ ପୁଣ୍‌ମ୍ବି କିହିମାଚେସି ।
**୩୫** ଏ଼ ଦିନା ମିଡ଼୍‌ଅଲା ଡ଼ବେଲା ଜୀସୁ ତାମି ସୀସୁୟାଁଇଁ ଏଲେଇଚେସି, “ୱ଼ାଦୁ
ମ଼ାର ସାମ୍‌ଦୁରି ଆତାଲା ହାନ ।” **୩୬** ଏମ୍ବାଟିଏ ଏ଼ୱାରି ଲ଼କୁଣି ପିସାନା
ଏ଼ୱାସି ଏ଼ନିକିଁ ଡଂଗତା ମାଚେସି ଏଲେକିହିଁଏ ଅ଼ତେରି, ଇଞ୍ଜ଼ାଁ ଏମ୍ବାଆଁ
ଏଚରଗଟା ଡଂଗାଁୟାଁ ଜିକେଏ ମାଚୁ । **୩୭** ଇଞ୍ଜ଼ାଁ ଦେବୁଣିଏ ହ଼ାରେକା
କାଜା ଗ଼ାଲି ଆ଼ତେ, ଇଞ୍ଜ଼ାଁ ଡଂଗ ସାମ୍‌ଦୁରିତି ଗ଼ାଲିତାକି ମୁଞ୍ଜାଲି ମ଼ାଟ୍‌ହେ
। **୩୮** ଏଚିଡ଼ବେଲା ଜୀସୁ ଡଂଗତି ଡ଼ାୟୁୱାକି ର଼ ମୂଲାତା ତ଼ାର୍‌ପୁ ଆ଼ଂଗାନା
ଇଦା କିହାମାଚେସି; ଇଞ୍ଜ଼ାଁ ସୀସୁୟାଁ ଏ଼ୱାଣାଇଁ ନିକ୍‌ହାନା ଏଲେଇଚେରି,
“ଏ଼ ଗୂରୁ ମ଼ାର ହାନାୟିଦେଁ ନିଙ୍ଗେ ଅଣ୍‌ପୁ ହିଲେଏ କି?” **୩୯** ଏମ୍ବାଟିଏ
ଜୀସୁ ନିଙ୍ଗାନା ଗ଼ାଲିତି ଦାକା ହୀହାନା ଏଲେଇଚେସି, “ଡୂଙ୍ଗାମୁ” ଇଞ୍ଜ଼ାଁ
ସାମ୍‌ଦୁରିତି ଏଲେଇଚେସି, “ସାପି ଆ଼ମୁ” ଏମ୍ବାଟିଏ ଗ଼ାଲି ପାଲେଏ ଆ଼ତେ
ଇଞ୍ଜ଼ାଁ ବାରେ ସୂସ୍ତି ଆ଼ତେ । **୪୦** ଇଞ୍ଜ଼ାଁ ଜୀସୁ ଏ଼ୱାରାଇଁ ଏଲେଇଚେସି,
“ମୀରୁ ଏ଼ନାଆଁତାକି ଇଚେକା ଆଜିମାଞ୍ଜେରି? ମୀ ନାମୁ ହିଲେଏ କି?”

**୪୧** ଏମ୍ବାଟିଏ ଏ଼ୱାରି ହ଼ାରେକା ଆଜାନା ତ଼ାମ୍ବୁ ତ଼ାମ୍ବୁଏ କାତା ଆ଼ତେରି,
“ଈୱାସି ଆମ୍ବାଆସି? ଗ଼ାଲି ଅ଼ଡ଼େ ସାମ୍‌ଦୁରି ଜିକେଏ ଈୱାଣି ହ଼ାଡା ମ଼ାନୱି
ଆ଼ହିମାନୁ ।”

# ୮

**୮** ଡ଼ାୟୁ ଜୀସୁ ଅ଼ଡ଼େ ସୀସୁୟାଁ ଗାଲିଲି ଆତାଲାତି ଗରାସିୟ଼ ର଼ାଜିତା
ଏଗାହାଚେରି । **୨** ଜୀସୁ ଡଂଗଟି ର଼େପନିଏ ର଼ ବୂତୁ ଆଲ୍‌ଗା ମାଚାସି
ମାଡ଼୍‌ହା ମୁହ୍‌ନି ଟ଼ାୟୁଟି ହ଼ଚାୱ଼ାହାନା ଜୀସୁଇଁ ବେଟାଆ଼ତେସି । **୩**
ଏ଼ୱାସି ମାଡ଼୍‌ହା ମୁହ୍‌ନି ଟ଼ାୟୁତା ବାସା କିହିମାଚେସି, ଇଞ୍ଜାଁ ଆମ୍ବାଆସି
ଜିକେଏ ଏ଼ୱାଣାଇଁ ହିକ୍‌ଣିୟାଁ ତଲେ ଦସାଲି ଆ଼ଡିହିଲାଆତେରି; **୪**
ଇଚିହିଁ ଏ଼ୱାଣାଇଁ ହ଼ାରେକା ଦେବା ହିକ୍‌ଣିୟାଁ ତଲେ ଦସାମାଚେରି,
ସାମା ଏ଼ ହିକ୍‌ଣିୟାଁ ଡାପ୍‌ହାନା କୁଟୁକୁଟା କିତେସି, ଇଞ୍ଜାଁ ଏ଼ୱାଣାଇଁ ଦସା
ଇଟାଲି ଆମ୍ବାଆରାକି ଜିକେଏ ବ଼ାଡ଼୍‌ୟୁ ହିଲାଆତେ । **୫** ଏ଼ୱାସି ଲ଼ାଆଁୟାଁ
ମାଦେନା ବାରେ଼ବେଲା ମାଡ଼୍‌ହା ମୁହ୍‌ନି ଟ଼ାୟୁତା ଅ଼ଡ଼େ ହ଼ରୁତା ଡ଼ୟାନା
କିର୍‌ଡ଼ି ମାଚେସି, ଇଞ୍ଜାଁ ୱାଲ୍‌କାତଲେ କତ୍‌ହା କଡିହିଁ ର଼ାଣାରାକା କିହା
କଡିମାଚେସି । **୬** ଏ଼ୱାସି ହେକଟିଏ ଜୀସୁଇଁ ମେସାନା ହଟି ହଟିହିଁ
ୱ଼ାହାନା ଏ଼ୱାଣି କଡାଣା ରିହାଁ ଜହରା କିତେସି, **୭** ଅ଼ଡ଼େ କାଜା ଗିୟାଁତଲେ
କିର୍‌ଡ଼ିହିଁ ଏଲେଇଚେସି, “ଏ଼ ବାଡ଼୍‌ୟୁଗାଟି ମାହାପୂରୁ ମୀର୍‌ଏଣାତି ଜୀସୁ,
ନୀ ତଲେ ନାଙ୍ଗେ ଏ଼ନାୟି ମାଚେ? ନିଙ୍ଗେ ମାହାପୂରୁ ଦ଼ରୁତଲେ ପାର୍‌ମାଣା
କିହିମାଞ୍ଜାଇଁ, ନାଙ୍ଗେ କସ୍ତ ହିୟାଆନି ।” **୮** ଏ଼ନାଆଁତାକି ଇଚିହିଁ ଜୀସୁ
ଏ଼ୱାଣାଇଁ ଏ଼ନାଆଁ ଇଞ୍ଜାଲି ହାଜିମାଚେସି, “ଏ଼ ପ଼ଲ୍‌ଆ ବୂତୁତି ଈୱାଣି
ତ଼ାଣାଟି ହ଼ଚାହାଲାମୁ ।” **୯** ଜୀସୁ ଏ଼ୱାଣାଇଁ ୱେଚେସି, “ନୀ ଦ଼ରୁ
ଏ଼ନାୟି?” ଏ଼ୱାସି ଏଲେଇଚେସି, “ନ଼ା ଦ଼ରୁ ‘ମାନ୍ଦ୍ବା’ ଇଚିହିଁ ମ଼ାମ୍ବୁ ହ଼ାରେକା
ଜ଼ାଣାତମି ।” **୧୦** ଇଞ୍ଜାଁ ଜୀସୁ ଏ଼ନିକିଁ ଏ଼ ପ଼ଲ୍‌ଆ ବୂତୁୟାଁଣି ଏ଼ ର଼ାଜିଟି ଅ଼ର
ର଼ାଜିତା ପାଣ୍ତୁଅସି, ଏ଼ଦାଆଁତାକି ଏ଼ୱି ଜୀସୁଇଁ ହ଼ାରେକା ବାତିମ଼ାଲିତୁ ।
**୧୧** ଏମ୍ବାଆଁ ହ଼ରୁ ଦାରିତା ର଼ ମାନ୍ଦ୍ବା ପାଜିୟାଁ ମେୟିଁମାଚୁ । **୧୨** ଅ଼ଡ଼େ ଏ଼
ବୂତୁୟାଁ ବାତିମ଼ାଲିହିଁ ଏଲେଇଚୁ, “ମାଙ୍ଗେ ଏ଼ ପାଜିୟାଁ ମାନ୍ଦ୍ବାତା ହ଼ଡାଲି
ପାଣ୍ତାମୁ ।” **୧୩** ଏ଼ୱାସି ଏ଼ୱାରାଇଁ ହୁକୁମି ହୀହାଲିଏ, ଏ଼ ପ଼ଲ୍‌ଆ ବୂତୁୟାଁ
ଏ଼ୱାଣି ତ଼ାଣାଟି ହ଼ଚାନା ପାଜିୟାଁ ମାନ୍ଦ୍ବା ବିତ୍ରା ହ଼ଟୁ; ଏମ୍ବାଟିଏ ମାନ୍ଦ୍ବା
ପାଜିୟାଁ ତବେ ହଟାନା ଡାଗେ ମାଚି ସାମ୍‌ଦୁରିତା ମେଦାନା ହ଼ାହାହାଚୁ,
ବାରେ ରୀ ମ଼ାଣା ପାଜିୟାଁ ମାଚୁ । **୧୪** ଏ଼ ପାଜିୟାଁ ମେଚିମାଚି ଗ଼ଡ଼୍‌କା
ଗ଼ାଡ଼ାତା ଅ଼ଡ଼େ ନ଼ାସ୍‌କାଣାଁ ଏ଼ କାତା ୱେସ୍‌କା ହାଚେରି; ଏମ୍ବାଟିଏ ଲ଼କୁ
ଏ଼ନାଆଁ ଆ଼ହାମାନେ ଇଞ୍ଜାଁ ସିନିକିହାଲି ୱ଼ାତେରି । **୧୫** ଅ଼ଡ଼େ ଏ଼ୱାରି ଜୀସୁ
ଡାଗେ ୱ଼ାହାନା, ଏ଼ ବୂତୁ ଆଲ୍‌ଗା ମାଚାଣାଇଁ ଇଚିହିଁ ଆମ୍ବାଆରାକି ନ଼କେଏ
ମାନ୍ଦ୍ବା ବୂତୁୟାଁ ଆସାମାଚୁ, ଏ଼ୱାଣାଇଁ ହିମ୍ବରି ହୁଚାନା ନେହିଁ ମ଼ନତଲେ
କୁଗାମାଚାଣି ମେସାନା ଆଜିତେରି । **୧୬** ଆମ୍ବାଆରି ମେସାମାଚେରି,
ବୂତୁ ଆଲ୍‌ଗା ମାଚାସି ଏ଼ନିକିଁ ନେହିଁଆ଼ତେସି, ଅ଼ଡ଼େ ପାଜିୟାଁ ଏ଼ନିକିଁ
ନ଼ାସା ଆ଼ତୁ ଏ଼ ବାରେ ୱେସ୍ତେରି । **୧୭** ଏମ୍ବାଟିଏ ଏ଼ୱାରି ଜୀସୁଇଁ ତାମି
ହାନ୍ଦିଟି ହାଜାଲି ବାତିମ଼ାଲିତେରି । **୧୮** ଡ଼ାୟୁ ଜୀସୁ ଡଂଗତା ହ଼ଚିମାଚାଟି
ଆମିନି ଗାଟାଣାକି ବୂତୁ ଆଲ୍‌ଗାମାଚେ, ଏ଼ୱାସି ତାମିତଲେ ଡ଼ୟାଲି
ତାକି ବାତିମ଼ାଲିତେସି । **୧୯** ସାମା ଜୀସୁ ହେଲ ହୀଆନା ଏ଼ୱାଣାଇଁ
ଏଲେଇଚେସି, “ନୀ ଇଜ ନୀ ଲ଼କୁତ଼ାଣା ହାଲାମୁ, ଇଞ୍ଜାଁ ପ୍ରବୁ ନିଙ୍ଗେତାକି
ଏ଼ନି କାମା ଅ଼ଡ଼େ ନିଙ୍ଗେତାକି ଏମିନି କାର୍ମା କିହାମାଞ୍ଜାନେସି, ଏ଼ ବାରେ
ଏ଼ୱାରାଇଁ ୱେହ୍‌ମୁ ।” **୨୦** ଏମ୍ବାଟିଏ ଏ଼ୱାସି ହାଜାନା, ଜୀସୁ ଏ଼ୱାଣାକି
ଏ଼ନି କାମା କିହାମାଚେସି, ଏ଼ୱାସି ଦେକାପଲିତା ୱେ଼କ୍‌ହାଲି ମ଼ାଟ୍‌ହେସି;
ଏମ୍ବାଟିଏ ବାରେଜ଼ାଣା କାବା ଆ଼ତେରି । **୨୧** ଜୀସୁ ଡଂଗଟି ଗ଼ାଣ୍‌ଚାନା
ଅ଼ରୱାକି ୱେଣ୍ତେ ୱ଼ାତେସି, ମାନ୍ଦ୍ବା ଲ଼କୁ ଏ଼ୱାଣି ତ଼ାଣା ରୁଣ୍ତା ଆ଼ତେରି; ଇଞ୍ଜାଁ
ଏ଼ୱାସି ସାମ୍‌ଦୁରି ଗାଟୁତା ଡ଼ୟିତେସି । **୨୨** ଏଚି଼ବେଲା ଜୀହୁଦି ଲ଼କୁତି
କୁଟମି ଇଲୁତି କାଜାରି ବିତ୍ରାଟି ଜାୟିରସ ଦ଼ରୁଗାଟାସି ରଅସି ଜୀସୁଇଁ
ମେସାନା ଏ଼ୱାଣି କଡାଣା ରୀତେସି, **୨୩** ଇଞ୍ଜାଁ ହ଼ାରେକା ବାତିମ଼ାଲିହିଁ
ଏଲେଇଚେସି, “ନ଼ା ମ଼ାଙ୍ଗା ହ଼ାନିହ଼ଗେ ଆ଼ହାମାନେ; ଏ଼ଦି ଏ଼ନିକିଁ ନେହିଁ
ଆ଼ହାନା ନୀଡିନେ, ଏ଼ଦାଆଁତାକି ନୀନୁ ୱ଼ାହାନା ଏ଼ଦାନି ଲାକ କେୟୁ
ଇଟାମୁ ।” **୨୪** ଏମ୍ବାଟିଏ ଜୀସୁ ଏ଼ୱାଣିତଲେ ହାଚେସି, ଇଞ୍ଜାଁ ହ଼ାରେକା
ଲ଼କୁ ଏ଼ୱାଣିତଲେ ହାଜାଲି ମ଼ାଟ୍‌ହେରି, ଇଞ୍ଜାଁ ଏ଼ୱାଣି ମୁହେଁ ମୁହେଁ ୱିସ୍‌ପି
ଆ଼ହିମାଚେରି । **୨୫** ଏଚି଼ବେଲାତା ର଼ ଇୟା ବ଼ାର ବାର୍ସା ପାତେକା
ନେତେରି ୱ଼ାଙ୍ଗିନି ର଼ଗତା ନେତେରି ଡୂଙ୍ଗାଆନା ନେହିଁ ଆ଼ହି ହିଲାଆତେ,
**୨୬** ଇଞ୍ଜାଁ ଅସଗୂରୁ ତ଼ାଣା ହାଜାନା ଜିକେଏ ହ଼ାରେକା ଟାକାୟାଁ କାର୍ଚୁ
କିହାମାଚେ, ଅ଼ଡ଼େ ଜିକେଏ ନେହିଁ ଆ଼ହାହିଲାଆତେ, ସାମା ହ଼ାରେକା
କସ୍ତ ବେଟାଆ଼ହି ମାଚେ । **୨୭** ଏ଼ଦି ଜୀସୁତି କାତା ୱେଞ୍ଜାନା ଲ଼କୁ
ମାନ୍ଦ୍ବାତା ୱ଼ାହାନା ଡ଼ାୟୁ ୱାକିଟି ଏ଼ୱାଣି ହିମ୍ବରି ଡୀଗିତେ; **୨୮** ଇଚିହିଁ ଏ଼ଦି
ଏଲେ ଇଞ୍ଜିମାଚେ, “ଏ଼ୱାଣି ହିମ୍ବରି ଡୀଗିତିହିଁ ନେହିଁ ଆ଼ଇଁ ।” **୨୯** ଏ଼
ଦେବୁଣିଏ ଏ଼ଦାଣି ନେତେରି ବ଼ନାୟି ଡୂଙ୍ଗିତେ, ଇଞ୍ଜାଁ ଏ଼ଦି ର଼ଗଟି ନେହିଁ
ଆ଼ହାମାନେ ଏ଼ଦାଆଁ ତାନି ଆଙ୍ଗାତା ପୁଞ୍ଜା କଡିତେ । **୩୦** ଦେବୁଣିଏ ଜୀସୁ
ତାନି ଆଙ୍ଗାଟି ବ଼ାଡ଼୍‌ୟୁ ହାଚାଣି ହିୟାଁତା ପୁଞ୍ଜାନା, ଲ଼କୁ ମାନ୍ଦ୍ବାତା ୱେଣ୍ତେ
ସିନିକିହାନା ଏଲେଇଚେସି, “ଏମ୍ବାଆୟି ନ଼ା ହିମ୍ବରି ଡୀଗାତେ?” **୩୧**
ଏମ୍ବାଟିଏ ତାନି ସୀସୁୟାଁ ଏଲେଇଚେରି, “ନୀନୁତ ମେସିମାଞ୍ଜି ଲ଼କୁ ଏ଼ନିକିଁ
ନୀ ମୁହେଁ ଆ଼ହିମାନେରି, ଅ଼ଡ଼େ ଏଲେ ଇଞ୍ଜିମାଞ୍ଜି ଆମ୍ବାଆୟି ନାଙ୍ଗେ
ଡୀଗାତେ?” **୩୨** ସାମା ଏମ୍ବାଆୟି ତାଙ୍ଗେ ଡୀଗିତେ ଏ଼ଦାଆଁ ମେସାଲି
ଜୀସୁ ସ଼ାରିସୁଟୁ ସିନିକିତେସି । **୩୩** ଏମ୍ବାଟିଏ ଏ଼ ଇୟା ୱ଼ାହାନା ତାଙ୍ଗେତାକି
ଏ଼ନାୟି ଆ଼ହାମାନେ ଏ଼ଦାଆଁ ପୁଞ୍ଜା ଆଜିତାକି ତୀର୍‌ଗିହିଁ ୱ଼ାହାଁ ତାନି
କଡାଣା ରିହାନା ବାରେ ସାତା କାତା ଏ଼ୱାଣାଇଁ ୱେସ୍ତେ । **୩୪** ଏମ୍ବାଟିଏ
ଜୀସୁ ଏ଼ ଇୟାନି ଏଲେଇଚେସି, “ଆଲ ମ଼ାଙ୍ଗା ନୀ ନାମୁ ନିଙ୍ଗେ ନେହିଁ
କିହାମାଞ୍ଜାନେ; ହିତ୍‌ଡ଼ି ତଲେ ହାଲାମୁ ଇଞ୍ଜାଁ ନୀ ର଼ଗଟି ନେହିଁଆ଼ମୁ ।” **୩୫**
ଜୀସୁ ଈ କାତା ୱେସିମାଚାଟି, ଜୀହୁଦି ଲ଼କୁତି କୁଟମି ଇଲୁତି କାଜାଣା
ଇଜଟି ରଅସି ୱ଼ାହାନା ଏଲେଇଚେସି, “ନୀ ମ଼ାଙ୍ଗା ହ଼ାତେୟିଏ ଗୂରୁଇଁ
ଅ଼ଡ଼େ ଏ଼ନାଆଁତାକି କସ୍ତ ହୀହିମାଞ୍ଜି?” **୩୬** ସାମା ଜୀସୁ ଏ଼ କାତା ୱେଞ୍ଜାନା
ୱେନାଆତିଲେହେଁ ଆ଼ହାନା ଜାୟିରସଇଁ ଏଲେଇଚେସି, “ଆଜାଆନି ସାମା
ନାମାମୁ ।” **୩୭** ଅ଼ଡ଼େ ଏ଼ୱାସି ପିତର, ଜାକୁବ, ଅ଼ଡ଼େ ତାନି ତାୟି ଜହନ

ପିସ୍‌ପେ ଆମ୍ବାଆରାଇଁ ତାନିତଲେ ଅ଼ାଆତେସି । ୩୮ ଏ଼ୱାରି ଜାୟିରସ
ଇଜ ଏଜାଲିଏ, ଏମ୍ବାଆଁ ହ଼ାରେକା କା଼ଲ୍‌ୱି ଆ଼ହିଁ ଡ଼ୀହିମାନାଣି ମେସ୍ତେସି,
୩୯ ଇଞ୍ଜ଼ାଁ ବିତ୍ରା ହାଜାନା ଏ଼ୱାସିକାଣି ଏଲେଇଚେସି, "ଏ଼ନାଆଁତାକି କା଼ଲ୍‌ୱି
ଆ଼ହିଁ ଡ଼ୀହି ମାଞ୍ଜେରି, ଇ ପ଼ଦା ହା଼ହାହିଲେଏ ସାମା ଇଦା କିହାମାନେ"
ଏମ୍ବାଟିଏ ଏ଼ୱାରି ଏ଼ୱାଣାଇଁ କାକ୍‌ହେରି । ୪୦ ଏ଼ୱାରି ଏ଼ୱାଣାଇଁ ଲାଜା
କିହାନା କାକ୍‌ହେରି, ସାମା ଏ଼ୱାସି ବାରେତି ପାଙ୍ଗାତା ପାଣ୍ତ୍ରାନା ପ଼ଦାନି
ଇୟ଼ା ଆ଼ବା ଅ଼ଡ଼େ ତାନି ତୀନି ଜ଼ାଣା ସୀସୁୟାଁ ତଲେ ଏ଼ ପ଼ଦା ମାଚି ତ଼ାଣା
ହାଚେରି, ୪୧ ଇଞ୍ଜ଼ାଁ ଏ଼ ପ଼ଦାନି କେୟୁ ଆସାନା ଏ଼ଦାନି ଏଲେଇଚେସି,
"ଟଲିତା କୁମ୍" ଇଚିହିଁ "ଆଲ ମା଼ଙ୍ଗା ନା଼ନୁ ନିଙ୍ଗେ ୱେସିମାଞ୍ଜାଇଁ ନିଙ୍ଗାମୁ
।" ୪୨ ଏ଼ ଦେବୁଣିଏ ପ଼ଦା ନିଙ୍ଗାନା ତ଼ାକିତେ (ଇଚିହିଁ ଏ଼ଦି ବ଼ାର ବାର୍ସା
ଆ଼ହାମାଚେ) ଏମ୍ବାଟିଏ ଏ଼ୱାରି ହ଼ାରେକା କାବା ଆ଼ତେରି । ୪୩ ଇଞ୍ଜ଼ାଁ ଇ
କାତା ଏ଼ନିକିଁ ଆମ୍ବାଆରି ପୁନଅରି, ଏ଼ଦାଆଁତାକି ଏ଼ୱାସି ଏ଼ୱାରାଇଁ ଜାଣ୍ତେ
ହୁକୁମି ହୀତେସି, ଇଞ୍ଜ଼ାଁ "ପ଼ଦାନାକି ଏ଼ନାଆଁ ତିଞ୍ଜାଲି ହୀଦୁ" ଇଚେସି ।

୬ ଜୀସୁ ଏ଼ ଟା଼ୟୁ ପିସାନା ତା଼ନୁ ପାଡାଆ଼ତି ନା଼ୟୁଁତା ହାଚେସି ଇଞ୍ଜ଼ାଁ
ତାନି ସୀସୁୟାଁ ତାନି ଜ଼େଚ ହାଚେରି । ୨ ଜ଼ମିନି ଦିନା ୱା଼ହାଲିଏ,
ଏ଼ୱାସି ଜୀହୁଦି ଲ଼କୁତି କୁଟମି ଇଲୁତା ଜା଼ପ୍‌ହାଲି ମା଼ଟ୍‌ହେସି; ଇଞ୍ଜ଼ାଁ
ହ଼ାରେକା ତାନି କାତା ୱେଞ୍ଜାନା କାବା ଆ଼ହାଁ ଏଲେଇଚେରି, "ଇୱାଣାକି
ଇ ବାରେ ଏମ୍ବିଟି ଆ଼ତେ? ଇୱାସି ଇଲେତି ବୁଦି ଏ଼ନିକିଁ ପୁଚେସି? ଇଞ୍ଜ଼ାଁ
ଇଲେତି କାବାଆ଼ନି କାମା ଏ଼ନି ବା଼ଡ଼୍‌ୟୁ ତଲେ କିହିମାନେସି?" ୩ ଇୱାସି
ଏ଼ ବାଡିୟ଼ାତି ମୀର୍‌ଏସି ଆ଼ଏକି? ଇୱାସି ମରିୟମନି ମୀର୍‌ଏସି ଇଞ୍ଜ଼ାଁ
ଜାକୁବ, ଜସି, ଜୀହୁଦା ଇଞ୍ଜ଼ାଁ ସିମନତି ତାୟି ଆ଼ଏକି? ଇଞ୍ଜ଼ାଁ ତାମି ତାଙ୍ଗିସ୍କା
ଇମ୍ବାଆଁ ମା଼ ତଲେ ହିଲାଉ କି? ଅ଼ଡ଼େ ଏ଼ୱାରି ଏ଼ୱାଣାଇଁ ଅ଼ପାଆତେରି
। ୪ ଏମ୍ବାଟିଏ ଜୀସୁ ଏ଼ୱାରାଇଁ ଏଲେଇଚେସି, "ମାହାପୂରୁ ଅଣ୍‌ପୁତି
ବ଼ଲୁ ୱେହ଼୍‌ନାରି ଏଟ୍‌କା ଲ଼କୁ ତ଼ାଣାଟି ମା଼ନି ବେଟାଆ଼ନେରି ସାମା ତାମି
ନା଼ୟୁଁତି ଲ଼କୁ ଇଞ୍ଜ଼ାଁ ତାମି ଇଲୁ କୁଟମିତି ଲ଼କୁ ଏ଼ୱାଣାଇଁ ମା଼ନି କିଅରି
।" ୫ ଇଞ୍ଜ଼ାଁ ଏଚରଜ଼ାଣା ର଼ଗ ଗାଟାରାଇଁ କେୟୁ ଇଟାନା ନେହିଁ କିନାଣି
ପିସ୍‌ପେ ଏ଼ ଟା଼ୟୁତା ଏ଼ନି ବା଼ଡ଼୍‌ୟୁତି କାମା କିହାଲି ଆ଼ଡାଆତେସି । ୬
ଇଞ୍ଜ଼ାଁ ଏ଼ୱାରି ନାମାଆତାକି ଜୀସୁ ହ଼ାରେକା କାବା ଆ଼ତେସି ଏମ୍ବାଟି ବାରେ
ନା଼ସ୍‌କାଣାଁ ହାଜାନା ଜା଼ପ୍‌ହେସି । ୭ ଡ଼ାୟୁ ଏ଼ୱାସି ନା଼ସ୍‌କା ନା଼ସ୍‌କାଣାଁ
ର଼େଜି ର଼େଜିହିଁ ଜା଼ପ୍‌ହାଲି ମା଼ଟ୍‌ହେସି, ଏମ୍ବାଟିଏ ବ଼ାରଜ଼ାଣାତି ଡାଗେ
ହ଼ାଟାନା ଏ଼ୱାରାଇଁ ରିଆରି ଲାକା କିହାନା ପାଣ୍ତ୍ରାଲି ମା଼ଟ୍‌ହେସି ଇଞ୍ଜ଼ାଁ
ଲାଗେଏ ପ଼ଲେଏତି ଜୀୱୁୟାଁ ଲାକ ଏ଼ୱାରାକି ଅଦିକାରା ହୀତେସି, ୮
ଅ଼ଡ଼େ ହାଜାଲିତାକି ବାଡ଼୍‌ଗା ପିସ୍‌ପେ, ଲ଼ହଡ଼ି କି ମ଼ଣା କି ଅଟଡ଼ିତା
ଟାକାୟାଁ ଅ଼ଆଦୁ ଇଞ୍ଜ଼ାଁ ହୁକୁମି ହୀତେସି; ୯ ସାମା ଏ଼ୱାରାଇଁ କଡାତା
ସେପୁୟାଁ ତୁର୍‌ହାଲି ଏଲେଇଚେସି, ଇଞ୍ଜ଼ାଁ ରୀ ସକାୟାଁ ତୁର୍‌ହାଲି କା଼ହି
କିତେସି । ୧୦ ଇଞ୍ଜ଼ାଁ ଜୀସୁ ଏ଼ୱାରାଇଁ ଏଲେଇଚେସି, "ମିଙ୍ଗ ଆମିନି
ଇଲୁତା ହ଼ାଟାନେରି, ଏମ୍ବାଟି ୱେଣ୍ତ୍ରା ୱା଼ଆ ପାତେକା ଏମ୍ବାଆଁ ଡ଼ୟ଼ାଦୁ
। ୧୧ ସାମା ଆମିନି ଟା଼ୟୁତି ଲ଼କୁ ମିଙ୍ଗ ଆବଅରି, କି ମୀ କାତା
ୱେନଅରି, ଏମ୍ବାଟି ୱେଣ୍ତ୍ରା ୱା଼ନାଟି ଏ଼ୱାରି ନ଼କିତା ସା଼କି ହୀହାଲି ତାକି
ମୀ କଡାତି ଦୂଡ଼ି ହାଣ୍ଦୁ ।" ୧୨ ଏମ୍ବାଟିଏ ଏ଼ୱାରି ର଼େଜି ର଼େଜିହିଁ ପା଼ପୁ
ପିସାନା ମ଼ନ ୱେଟ୍‌ନି କାତା ର଼େକ୍‌ହେରି, ୧୩ ଇଞ୍ଜ଼ାଁ ହ଼ାରେକା ବୂତୁଣି
ପିସ୍‌ପି କିତେରି, ଇଞ୍ଜ଼ାଁ ହ଼ାରେକା ର଼ଗ ଗାଟାରାଇଁ ନିୟୁଁ ରୁବାନା ନେହିଁ
କିତେରି । ୧୪ ଏମ୍ବାଟିଏ ଜୀସୁ ଦ଼ରୁ ସ଼ାରି ୱାକି ର଼େଙ୍ଗା ହାଜାଲିଏ
ହେରଦ ରାଜା ଏ଼ୱାଣି କାତା ୱେଚେସି, ଇଞ୍ଜ଼ାଁ ଲ଼କୁ ଏଲେଇଞ୍ଜିମାଚେରି,
"ବାପ୍ତିସ୍ମ ହୀନି ଜହନ ହ଼ାତାରି ତ଼ାଣାଟି ନିଙ୍ଗାମାନେସି, ଏ଼ଦାଆଁତାକି ଇ
ବାରେ କାବାଆ଼ନି ବା଼ଡ଼୍‌ୟୁତି କାମା ଏ଼ୱାଣି ତ଼ାଣା ଆ଼ହିମାନେ ।" ୧୫
ସାମା ଏଟ୍‌କାତାରି ଏଲେଇଞ୍ଜିମାଚେରି, "ଇୱାସି ଏଲିୟ଼ ।" ଇଞ୍ଜ଼ାଁ ଅ଼ଡ଼େ
ଏଚରଜ଼ାଣା ଏଲେଇଞ୍ଜିମାଚେରି, "ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ଼୍‌ନାରି
ଲେହେଁ ଇୱାସି ଜିକେଏ ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ଼୍‌ନାସି ।" ୧୬ ସାମା
ହେରଦ ଇଦାଆଁ ୱେଞ୍ଜାନା ଏଲେଇଚେସି, "ଆମିନି ଜହନତି ତ଼ାୟୁଁ ନା଼ନୁ
ଦା଼ପି କିହାମାଇଁ, ଏ଼ୱାସି ନିଙ୍ଗାମାନେସି!" ୧୭ ଇଚିହିଁ ହେରଦ ତାନି ତାୟି
ପିଲିପ ଡକ୍ରି ହେରଦିୟ଼ାନି ବୀହା ଆ଼ହାମାଚାକି, ଏ଼ଦାନି ତାକି ତ଼ାନୁ ଲ଼କୁଣି
ପାଣ୍ତ୍ରାନା ଜହନଇଁ ଦସ୍‌ପା ତାଚାନା କା଼ୟିଦିତା ଇଟାମାଚେସି । ୧୮ ଇଚିହିଁ
ଜହନ ହେରଦଇଁ ଏଲେଇଞ୍ଜାମାଚେସି, "ନୀ ତାୟି ଡକ୍ରିନି ଇଟିନାୟି ନୀ
ର଼େରା ହିଲାଆତେ ।" ୧୯ ଏମ୍ବାଟିଏ ହେରଦିୟ଼ା କାର୍‌ବି ଆ଼ହାନା ଜହନଇଁ
ପ଼ାୟ଼ାଲି ମ଼ନ କିହିମାଚେ ସାମା ଏ଼ଦି ଏ଼ନାଆଁ କିହାଲି ଆ଼ଡିହିଲାଆତେ ।
୨୦ ଇଚିହିଁ ହେରଦ ଜହନଇଁ ର଼ ଦାର୍ମୁଗାଟାସି ଅ଼ଡ଼େ ସୁଦୁଗାଟାସି ଇଞ୍ଜ଼ାଁ
ଆଜିମାଚେସି, ଇଞ୍ଜ଼ାଁ ଏ଼ୱାଣାଇଁ ଗେଲ୍‌ପାଲି ଅଣ୍‌ପିମାଚେସି, ଏ଼ୱାଣି କାତା
ୱେଞ୍ଜାନା ଆଜିତିହିଁ ଜିକେଏ ଏ଼ୱାଣି କାତା ୱେଞ୍ଜାଲି ମ଼ନ କିହିମାଚେସି
। ୨୧ ଡ଼ାୟୁ ହେରଦିୟ଼ାକି ର଼ ପାରୁ ମେଡ଼ାଆ଼ତେ, ହେରଦ ତାନି ଜାର୍ନା
ଦିନାତା କାଜା କାଜା ମନ୍ତ୍ରିୟାଁଣି ଇଞ୍ଜ଼ାଁ ଗାଲିଲିତି କାଜା କାଜାରାଇଁ ଲା଼ଆଁ
ର଼େଲାତା ର଼ ବ଼ଜିତା ହ଼ାଟିତେସି; ୨୨ ଇଞ୍ଜ଼ାଁ ହେରଦିୟ଼ାନି ମା଼ଙ୍ଗା ବିତ୍ରା
ହାଜାନା ଏ଼ନ୍ଦ୍ରାହାଁ ହେରଦ ଇଞ୍ଜ଼ାଁ ତାନିତଲେ ବ଼ଜିତା କୁଗାମାଚି ଲ଼କୁଣି
ର଼ାହାଁ କିୱିକିତେ, ଏମ୍ବାଟିଏ ରାଜା ଏ଼ ପ଼ଦାନି ଏଲେଇଚେସି, "ଏ଼ନାଆଁ
ମ଼ନ କିହିମାଞ୍ଜି ରୀସ୍ତାମୁ ନା଼ନୁ ଏ଼ଦାଆଁ ନିଙ୍ଗେ ହିୟ଼ାଇଁ ।" ୨୩ ଇଞ୍ଜ଼ାଁ ଏ଼ୱାସି
ପ଼ଦା ନ଼କିତା ପାର୍‌ମାଣା କିତେସି, "ନୀନୁ ନାଙ୍ଗେ ଏ଼ନାଆଁ ରୀସ୍ତାଦି,
ରା଼ଜିତି ଆଦା ଜିକେଏ ନା଼ନୁ ନିଙ୍ଗେ ହିୟ଼ାଇଁ!" ୨୪ ଏମ୍ବାଟିଏ ଏ଼ ପ଼ଦା
ହାଜାନା ତାମି ଇୟ଼ାନି ୱେଚେ, "ନା଼ନୁ ଏ଼ନାଆଁ ରୀହ୍‌ଇଁ?" ଏମ୍ବାଟିଏ ଏ଼ଦି
ଏଲେଇଚେ, "ବାପ୍ତିସ୍ମ ହୀନି ଜହନତି ତ଼ାୟୁଁ ।" ୨୫ ଏ଼ ଦେବୁଣିଏ ରାଜା
ତ଼ାଣା ତବେ ୱା଼ହାନା ଏଲେଇଞ୍ଜି ରୀସ୍ତେ, "ନାଙ୍ଗେ ନୀନୁ ବାପ୍ତିସ୍ମ ହୀନି
ଜହନତି ତ଼ାୟୁଁ ର଼ ସାଡ଼୍‌ୱାତା ନୀଏଁ ନାଙ୍ଗେ ହିୟ଼ାମୁ ।" ୨୬ ଏମ୍ବାଟିଏ ରାଜା
ହ଼ାରେକା ଦୁକୁ ଆ଼ତିହିଁ ଜିକେଏ, ତ଼ାନୁ କିତି ପାର୍‌ମାଣା ଅ଼ଡ଼େ ବ଼ଜିତା
କୁଗାମାଚାରି ତାକି ଆ଼ଏ ଇଞ୍ଜାଲି ଆ଼ଡାଆତେସି । ୨୭ ଏ଼ଦାଆଁତାକି ରାଜା
ଦେବୁଣିଏ ର଼ କ଼ହ୍‌ଏଁଣାଇଁ ପାଣ୍ତ୍ରାନା ତାନି ତ଼ାୟୁଁ ତାଚାଲି ହୁକୁମି ହୀତେସି,
ଏମ୍ବାଟିଏ ଏ଼ୱାସି ହାଜାନା କା଼ୟିଦି ଇଲୁତା ତାନି ତ଼ାୟୁଁ ଦ଼ାତେସି; ୨୮
ଅ଼ଡ଼େ ଏ଼ଦାଆଁ ର଼ ସାଡ଼୍‌ୱାତା ତାଚାନା ପ଼ଦାନାକି ହୀତେସି, ଇଞ୍ଜ଼ାଁ ପ଼ଦା

ଏ଼ଦାଆଁ ଅ଼ହାନା ତାମି ଇୟାନାକି ହୀତେ । **୨୯** ଇଞ୍ଜୁଁ ଜହନତି ସୀସୁୟାଁ
ଏ଼ କାତା ୱେଞ୍ଜାନା ୱ଼ାତେରି, ଇଞ୍ଜୁଁ ତାନି ମାଡ଼୍ହାତି ଅ଼ହାନା ମାଡ଼୍ହା
ଇଟିନି ଟ଼ାୟୁତା ଇଟିତେରି । **୩୦** ଡ଼ାୟୁ ପାଣ୍ଡୱି ଆ଼ହାମାଚାରି ଜୀସୁ ତ଼ାଣା
ୱ଼ାତେରି, ଇଞ୍ଜୁଁ ଏ଼ୱାରି ଏ଼ନା ଏ଼ନାଆଁ କିହାମାଚେରି, ଇଞ୍ଜୁଁ ଏ଼ନା ଏ଼ନାଆଁ
ଜ଼ାପ୍ହା ମାଚେରି, ଏ଼ ବାରେ ଏ଼ୱାଣାଇଁ ୱେସ୍ତେରି । **୩୧** ଏମ୍ବାଟିଏ ଜୀସୁ
ଏ଼ୱାରାଇଁ ଏଲେଇଚେସି, "ମ଼ାର ଇମ୍ବାଟି ଲ଼କୁ ହିଲାଆ ଟ଼ାୟୁତା ହାନ,
ଏମ୍ବାଆଁ ମୀରୁ ଗ଼ାଡ଼େକା ଜ଼ମାଦୁ ।" ଇଚିହିଁ ହ଼ାରେକା ଲ଼କୁ ହାଜି ୱ଼ାହି
ଆ଼ହିମାଚାକି ଏ଼ୱାରାକି ତିଞ୍ଜାଲି ଜିକେଏ ମ୍ଣିଆତେ । **୩୨** ଏମ୍ବାଟିଏ ଏ଼ୱାରି
ଏଟ୍କା ଆ଼ହାନା ର଼ ଡଂଗତା ହ଼ଚାନା ଲ଼କୁ ହିଲାଆ ଟ଼ାୟୁତା ହାଚେରି
। **୩୩** ସାମା ହ଼ାରେକା ଲ଼କୁ ଏ଼ୱାରି ହ଼ଚା ହାଚାଣି ମେସ୍ତେରି ଅ଼ଡ଼େ
ପୁଚେରି, ଇଞ୍ଜୁଁ ଲ଼କୁ ବାରେ ଗ଼ାଡ଼ାୟାଁଟି ତ଼ାକିହିଁ ହାଜାନା ଏ଼ୱାରି ନ଼କିତା
ଏଗାହାଚେରି । **୩୪** ଏ଼ୱାସି ଡଂଗଟି ର଼େଚାନା ହ଼ାରେକା ଲ଼କୁଣି ମେସାନା
ଏ଼ୱାରାଇଁ କାର୍ମା ଆ଼ତେସି, ଇଚିହିଁ ଏ଼ୱାରି ଗ଼ଡୁ ହିଲାଆ ମ଼େଣ୍ଡାୟାଁ ଲେହେଁ
ମାଚେରି; ଇଞ୍ଜୁଁ ଏ଼ୱାସି ଏ଼ୱାରାଇଁ ହ଼ାରେକା କାତା ଜ଼ାପ୍ହେସି । **୩୫** ଗାଡି
ୱେଡ଼ାଆୟାଲିଏ ତାନି ସୀସୁୟାଁ ତାନି ତ଼ାଣା ୱ଼ାହାନା ଏଲେଇଚେରି, "ଇ
ଟ଼ାୟୁ ଲ଼କୁ ହିଲାଆ ଟ଼ାୟୁ ଇଞ୍ଜୁଁ ଆନ୍ବେରି ଜିକେଏ ଆ଼ହିମାନେ; **୩୬** ଲ଼କୁ
ଏ଼ନିକିଁ ସ଼ାରିୱାକି ମାନି ୱାଲ୍ହାୱ଼ାଡ଼ି ଅ଼ଡ଼େ ଗ଼ାଡ଼ାତା ହାଜାନା ତାମ୍ଙ୍ଗେ
ତାକି ତିଞ୍ଜାଲି ର଼ାନ୍ବା କଡାପେରିୱା, ଏ଼ଦାଆଁତାକି ଏ଼ୱାରାଇଁ ହେଲ ହୀହାନା
ପାଣ୍ଡାମୁ ।" **୩୭** ସାମା ଜୀସୁ ତାନି ସୀସୁୟାଁଇଁ ଏଲେଇଚେସି, "ମୀରୁ
ଏ଼ୱାରାକି ତିଞ୍ଜାଲି ହୀଦୁ ।" ଏ଼ୱାରି ଏଲେଇଚେରି, "ମ଼ାର ରୀ ୱାଞ୍ଜା
ୱେଣ୍ଡି ଟାକାୟାଁତି ରୂଟି ତାଚାନା ଇୱାରାକି ତିଞ୍ଜାଲି ହୀନାୟି କି?" **୩୮**
ଜୀସୁ ଏ଼ୱାରାଇଁ ଏଲେଇଚେସି, "ମୀ ତ଼ାଣା ଏଚରଗଟା ରୂଟି ମାନୁ?
ହାଜାନା ସିନିକିଦୁ ।" ଏ଼ୱାରି ୱେଞ୍ଜା ୱ଼ାହାନା ଜୀସୁଇଁ ଏଲେଇଚେରି,
"ପ଼ାସାଗଟା ରୂଟି ଇଞ୍ଜୁଁ ରୀ ମୀଣ୍କା ମାନୁ ।" **୩୯** ଇଞ୍ଜୁଁ ଜୀସୁ ତାନି
ସୀସୁୟାଁଇଁ ଏଲେଇଚେସି, ବାରେ ଲ଼କୁଇଁ ଗଚି ଗଚି କିହିଁ କୃଗି ଜ଼ାଡ଼ା ଲାକ
କୁଗିକିହାଲି ୱେସ୍ତେସି । **୪୦** ଏଚେଟିଏ ଏ଼ୱାରି ପ଼ାସାକ଼ଡ଼ି ଜ଼ାଣା ରୀ କ଼ଡ଼ି
ଦସ ଜ଼ାଣା ଲାକା ମାନ୍ବା ମାନ୍ବା ଆ଼ହିଁ କୁଗିତେରି । **୪୧** ଡ଼ାୟୁ ଜୀସୁ ଏ଼
ପ଼ାସାଗଟା ରୂଟି ଇଞ୍ଜୁଁ ରୀ ମୀଣ୍କା ଅ଼ହାନା ଲାକପୂରୁ ୱାକି ସିନିକିହାଁ
ମାହାପୂରୁଇଁ ଜହରା କିତେସି, ଅ଼ଡ଼େ ରୂଟି ଡ଼ିକ୍ହାନା ଲ଼କୁତାକି ବ଼ାଟି
କିହା ହୀହାଲି ତାନି ସୀସୁୟାଁକି ହୀତେସି, ଇଞ୍ଜୁଁ ରୀ ମୀଣ୍କା ଜିକେଏ
ଏଲେକିହିଁଏ ବ଼ାଗା କିହାନା ହୀତେସି । **୪୨** ଏମ୍ବାଆଁ ବାରେଜ଼ାଣା ତିଞ୍ଜାନା
ପାଞ୍ଜିତେରି, **୪୩** ଇଞ୍ଜୁଁ ଏ଼ୱାରି ହ଼ାରାମାଚି ରୂଟି ଅ଼ଡ଼େ ମୀଣ୍କା କୂଡ଼ି କିହାନା
ବ଼ାରଗଟା ଡାଲିତା ନେଞ୍ଜିକିତେରି । **୪୪** ରୂଟି ତିଚି ଲ଼କୁ ପ଼ାସାମ଼ାଣା
ୱାର୍ଇ ଆ଼ବାୟାଁ ମାଚେରି । **୪୫** ଏ଼ ଦେବୁଣିଏ ଏ଼ୱାସି ତାନି ସୀସୁୟାଁଣି
ଡଂଗତା ହ଼ଚାନା ଆତାଲାୱାକି ମାନି ବେତ୍ସାୟିଦା ଗ଼ାଡ଼ାତା ହାଜାଲି
ତାନି ନ଼କେଏ ପାଣ୍ଡିତେସି, ଏମ୍ବାଟିଏ ବାରେ ଲ଼କୁଣି ହାଜାଲିତାକି ହେଲ
ହୀହାଁ ପାଣ୍ଡିତେସି । **୪୬** ଏ଼ୱାରି ତ଼ାଣାଟି ହେଲ ଅ଼ତି ଡ଼ାୟୁ ଏ଼ୱାସି ପ୍ରାତାନା
କିହାଲି ହ଼ରୁତା ହାଚେସି । **୪୭** ମିଡ଼୍ଅଲା ଆ଼ହାଲିଏ ଡଂଗ ସାମ୍ଦୁରି
ମାଦିଏ ମାଚେ, ଇଞ୍ଜୁଁ ଜୀସୁ ସାମ୍ଦୁରି ଗାଟୁତା ରଅସିଏ ମାଚେସି । **୪୮**
ଏମ୍ବାଟିଏ ହ଼ାରେକା ଗ଼ାଲି ଏ଼ୱାରି ୱାକି ୱ଼େଚିମାଚାକି ଡଂଗ ତାକି କିହାଲି
କସ୍ତ ଆ଼ହିମାଚାଣି ମେସାନା ଏ଼ୱାସି ୱ଼େୟା ନ଼େକେରି ସାମ୍ଦୁରି ଏ଼ୟୁ
ଲାକ ତ଼ାକିହିଁ ଏ଼ୱାରି ଡାଗେ ୱ଼ାତେସି, ଇଞ୍ଜୁଁ ଏ଼ୱାରି ଡାଗେଟି ଆଗାଡ଼ା
ହାଜାଲି ଅଣ୍ପାମାଚେସି, **୪୯** ସାମା ଏ଼ୱାରି ଏ଼ୱାଣାଇଁ ସାମ୍ଦୁରି ଲାକ
ତ଼ାକି ମାନାଣି ମେସାନା ବୂତୁ ଇଞ୍ଜୁଁ ଅଣ୍ପାନା କ଼ାଲ୍ୱି ଆ଼ତେରି । **୫୦**
ଇଚିହିଁ ବାରେଜ଼ାଣା ଏ଼ୱାଣାଇଁ ମେସାନା ଆଜାହାଜା ମାଚେରି । ସାମା
ଜୀସୁ ଦେବୁଣିଏ ଏ଼ୱାରିତଲେ କାତା ଆ଼ହାନା ଏ଼ୱାରାଇଁ ଏଲେଇଚେସି,
"ସ଼ାସା ଆହ୍ଦୁ ନ଼ାନୁଏ ଏ଼ୱାତେଏଁ, ଆଜାଆଦୁ ।" **୫୧** ଇଞ୍ଜୁଁ ଏ଼ୱାସି
ଏ଼ୱାରିତ଼ାଣା ହାଜାନା ଡଂଗତା କୁଗିତେସି, ଇଞ୍ଜୁଁ ଗ଼ାଲି ଡ଼ୂଙ୍ଗିତେ, ଏମ୍ବାଟିଏ
ଏ଼ୱାରି ମ଼ନ ମ଼ନତା ହ଼ାରେକା କାବା ଆ଼ତେରି । **୫୨** ଇଚିହିଁ ଏ଼ୱାରି
ରୂଟିୟାଁ କାତା ପୁଣ୍ମୁଏ ପୁଞ୍ଜାହିଲାଆତେରି, ଏ଼ନାଆଁତାକି ଇଚିହିଁ ଏ଼ୱାରି
ହିୟାଁ ଆ଼ଟ୍ୱା ଆ଼ହାମାଚେ । **୫୩** ଏ଼ୱାରି ସାମ୍ଦୁରି ଗ଼ାଣ୍ଚାନା ଗେନେସର
ର଼ାଜିତା ଏଜାନା କାଡା ଗାଟୁତା ଡଂଗତି ଦସ୍ତେରି । **୫୪** ଅ଼ଡ଼େ ଏ଼ୱାରି
ଡଂଗଟି ର଼େଚାଲିଏ, ଦେବୁଣିଏ ଲ଼କୁ ଏ଼ୱାଣାଇଁ ପୁଞ୍ଜାନା, **୫୫** ଏ଼ ର଼ାଜିତି
ସ଼ାରିୱାକି ହାଚେରି, ଏ଼ୱାରି ଆମିନି ଟ଼ାୟୁତା ମାନେରି ଇଞ୍ଜୁଁ ୱେଚେରି,
ଅ଼ଡ଼େ ଜୀସୁ ମାନି ଟ଼ାୟୁତା ର଼ଗ ଗାଟାରାଇଁ କାଟେଲିତା ଡ଼େକା ତାଚାଲି
ମ଼ାଟ୍ହେରି । **୫୬** ଇଞ୍ଜୁଁ ଏ଼ୱାସି ଆମିନି ନ଼ାସ୍କା, ଅ଼ଡ଼େ ଗ଼ାଡ଼ାତା ହାଚେସି,
ଲ଼କୁ ଏ଼ ବାରେ ଟ଼ାସ୍କାତି ହ଼ାଟା ବାଜାରାଟି ର଼ଗ ଗାଟାରାଇଁ ଏ଼ୱାଣି ନ଼କିତା
ଏ଼ୱାରାଇଁ ଇଟିତେରି, ଏ଼ୱାରି ଏ଼ନିକିଁ ଏ଼ୱାଣି ହିମ୍ବରି କୁଞ୍ଚ ଡୀଗିନେରି,
ଏ଼ଦାଆଁତାକି ଏ଼ୱାଣାଇଁ ବାତିମ଼ାଲିତେରି; ଇଞ୍ଜୁଁ ଏଚେକା ଲ଼କୁ ଏ଼ୱାଣାଇଁ
ଡୀଗିତେରି ଏ଼ୱାରି ବାରେ ନେହିଁ ଆ଼ତେରି ।

**୭** ଡ଼ାୟୁ ପାରୁସିୟାଁ ଅ଼ଡ଼େ ଜିରୁସାଲମଟି ୱ଼ାହାମାନି ଏଚରଜ଼ାଣା
ମ଼େରାପୁନାରି ଜୀସୁ ତ଼ାଣା ରୁଣ୍ଡା ଆ଼ତେରି । **୨** ଏ଼ୱାରି ସୀସୁୟାଁ ବିତ୍ରାଟି
ଏଚରଜ଼ାଣାତି କେସ୍କା ନର୍ଆନା ତିଞ୍ଜି ମାଚାଣି ମେସ୍ତେରି । **୩** ପାରୁସିୟାଁ
ଅ଼ଡ଼େ ବାରେ ଜୀହୁଦି ଲ଼କୁ ଆକୁ ଆ଼ବାୟାଁ ଇଟାମାନି ମ଼େରାତି ମ଼ାନୱି
ଆ଼ହାନା ନେହିଁକିଁ କେୟୁ ନର୍ଆସାରେ ତିଞ୍ଜି ହିଲାଆତେରି, **୪** ଇଞ୍ଜୁଁ ହ଼ାଟା
ବାଜାରାଟି ୱ଼ାହାନା ତାମି ଲାକ ଏ଼ୟୁ ଡ଼ାଞ୍ଜା କଡାଆନା ତିଞ୍ଜି ହିଲାଆତେରି;
ଅ଼ଡ଼େ ଗିନା ମୁତା ଇଞ୍ଜୁଁ ପିତାଡ଼ା ଡ଼କାୟାଁ, ପ଼ାସ୍ପନି ନର୍ନାୟି, ଇଲେତି
ହ଼ାରେକା ମ଼େରା ମ଼ାନୱି ଆ଼ହାଲି ହୁକୁମି ବେଟା ଆ଼ହାମାନେରି । **୫**
ଏ଼ଦାଆଁତାକି ପାରୁସିୟାଁ ଅ଼ଡ଼େ ମ଼େରାପୁନାରି ଜୀସୁଇଁ ୱେଚେରି, "ନୀ
ସୀସୁୟାଁ ତଲିତି ଆକୁ ଆ଼ବାୟାଁ ମ଼େରା ତଲେ ତ଼ାକାଆନା ଏ଼ନାଆଁତାକି
କେସ୍କା ନର୍ଆନା ତିନେରି?" **୬** ଜୀସୁ ଏ଼ୱାରାଇଁ ଏଲେଇଚେସି, "ଆଡ଼େ
କୁଟୁ ଗାଟାତେରି, ମାହାପୂରୁ ଅଣ୍ପୁତି ବ଼ଲୁ ୱେହ୍ନି ଜିସାୟ ନେହିଁକିଁ ଇ
କାତା ୱେସାମାନେସି, ଏ଼ନିକିଁ ର଼ାସ୍କି ଆ଼ହାମାନେ; ଇ କୂଡ଼ାତାରି ୱାର୍ଇ
ଗୃତି ତଲେ ନାଙ୍ଗେ ସ଼େବା କିୟାନେରି, ସାମା ଏ଼ୱାରି ହିୟାଁ ନ଼ା ତ଼ାଣାଟିଏ
ହ଼ାରେକା ହେକ ଡ଼ୟିନେ । **୭** ଏ଼ୱାରି ମାଣ୍ସିୟାଁ କ଼େପିତି ମ଼େରାତି
ଦାର୍ମୁତି ନେହିଁ କାତା ଇଞ୍ଜୁଁ ଜ଼ାପ୍ହାନା, ଉଜେଏ ନ଼ା ସ଼େବା କିୟାନେରି । **୮**

ମୀରୁ ମାହାପୁରୁତି ହୁକୁମି ପିସାନା ମାଣ୍‌ସିୟାଁ ଡ଼େରାତି ଆସାମାଞ୍ଜେରି ।"
୯ ଅ଼ଡ଼େ ଜୀସୁ ଏ଼ୱାରାଇଁ ଏଲେଇଚେସି, "ମାହାପୁରୁତି ହୁକୁମି ପିସାନା ମୀ
ଜ଼ାପ୍‌ହାମାଞ୍ଜୁନାଣି ଆସାଲି ତାକି ମୀରୁ ହୁକୁମି ମ଼ାନି କିହିହିଲଅତେରି ।
୧୦ ଇଚିହିଁ ମ଼ସା ଏଲେଇଞ୍ଜା ମାନେସି, 'ତାଲି ତାଞ୍ଜିଇଁ ଜୀୱୁନ୍ଦୁ, ଇଞ୍ଜାଁ
ଆମ୍ବାଆସି ତାଲି କି ତାଞ୍ଜିଇଁ ବ଼ାକା ଇଟିନେସି, ଏ଼ୱାସି ହ଼ାନି ଡଣ୍ତ ବେଟା
ଆ଼ନେସି ।' ୧୧ ମୀରୁ ଜ଼ାପ୍‌ହି ମାଞ୍ଜେରି, 'ଆମ୍ବାଆସି ତାଲି କି ତାଞ୍ଜିଇଁ
ଏଲେଇନେସି, ନ଼ା ତ଼ାଣାଟି ଏ଼ନାଆଁ ହିୟାତିହିଁ ନିଙ୍ଗେ ନେହେଁ ଆ଼ତେମା,
ଏ଼ଦି କର୍ବାନ ଇଚିହିଁ ମାହାପୁରୁ ତାକି ହେର୍‌ପି ଆ଼ହାମାନାୟି ।  ୧୨ ଇଞ୍ଜାଁ
ମୀରୁ ଏଲେକିହିଁ ତାମି ଇୟା କି ଆ଼ବାଇଁ ଏ଼ନି ସ଼ାୟେମି କିହାଲି ହୀହି
ହିଲଅତେରି;  ୧୩ ଏଲେକିହିଁଏ ମୀରୁ ମୀ ତ଼ାଣା ମାନି ଡ଼େରା ତଲେ
ମାହାପୁରୁତି ବ଼ଲୁ ଉଜେଏ କିହିମାଞ୍ଜେରି, ଇଞ୍ଜାଁ ଏଲେକିହିଁ ହ଼ାରେକା
କାମା କିହିମାଞ୍ଜେରି ।'"  ୧୪ ଜୀସୁ ଅ଼ଡ଼େ ୱେଣ୍ତେ ଲ଼କୁଣି ଡାଗେ ହ଼ାଟାନା
ଏ଼ୱାରାଇଁ ଏଲେଇଚେସି, "ମୀରୁ ବାରେ ନ଼ା କାତା ୱେଞ୍ଜୁ ଅ଼ଡ଼େ ତେଲ୍‌ହାଦୁ
।  ୧୫ ମାଣ୍‌ସିତି ପାଙ୍ଗ୍ଣାତା ଇଲେତି ଏ଼ନାୟି ହିଲେଏ, ଏ଼ଦି ମାଣ୍‌ସି ବିଟ୍ରା
ହ଼ଡାନା ଏ଼ୱାଣାଇଁ ଲାଗେଏ କିହାଲି ଆ଼ଡିନେ, ସାମା ଏ଼ନା ଏ଼ନାୟି ମାଣ୍‌ସି
ତ଼ାଣାଟି ହ଼ଚିମାନେ, ଏ଼ ବାରେ ଏ଼ୱାଣାଇଁ ଲାଗେଏ କିହିମାନେ ।"  ୧୬
ୱେଞ୍ଜାଲି କୀର୍କା ମାନାସି ୱେଣ୍‌ମ୍ବାସି ।  ୧୭ ଅ଼ଡ଼େ ଏ଼ୱାସି ଲ଼କୁ ତ଼ାଣାଟି
ଇଲୁ ବିଟ୍ରା ୱ଼ାହାଲିଏ ତାନି ସୀସୁୟାଁ ଏ଼ୱାଣାଇଁ ପୁଣ୍‌ମ୍ବିକିନି କାତାତି
ଅର୍ତ ୱେଚେରି ।  ୧୮ ଏମ୍ବାଟିଏ ଜୀସୁ ଏ଼ୱାରାଇଁ ଏଲେଇଚେସି, "ମୀରୁ
ଜିକେଏ ଏଲେକିହିଁଏ ପୁନାଆ ଗାଟାତେରି? ଏ଼ନାୟି ପାଙ୍ଗ୍ଣାଟି ମାଣ୍‌ସି
ବିଟ୍ରା ହ଼ଚିହିଁ ଏ଼ଦି ଏ଼ୱାଣାଇଁ ଲାଗେଏ କିହାଲି ଆ଼ଡେଏ,  ୧୯ ଇଚିହିଁ
ଏ଼ଦି ଏ଼ୱାଣି ହିୟାଁତା ହ଼ଡ଼୍ଆନା ବାଣ୍ତିତା ହ଼ଡ଼୍‌ନେ ଇଞ୍ଜାଁ ବାଣ୍ତିହାନିଲେହେଁ
ହ଼ଚାହାନେ ଇଲେଆ଼ହିଁ ବାରେ ର଼ାନ୍ଧା ଅଟ୍‌ହି ଆ଼ହିମାନେ, ଈଦାଆଁ ପୁଞ୍ଜି
ହିଲଅତେରି?"  ୨୦ ଅ଼ଡ଼େ ଏ଼ୱାସି ଏଲେଇଚେସି, "ଏ଼ନାୟି ମାଣ୍‌ସି
ତ଼ାଣାଟି ହ଼ଚିମାନେ ଏ଼ଦି ଏ଼ୱାଣାଇଁ ଲାଗେଏ କିହିମାନେ ।  ୨୧ ଇଚିହିଁ
ମାଣ୍‌ସି ହିୟାଁ ବିଟ୍ରାଟି ଲାଗେଏତି ଅଣ୍‌ପୁ ହ଼ନେ, ଦ଼ାରି କିୟାଲି, ସ଼ରୁ
କିୟାଲି, ଲ଼କୁଣି ପ଼ାୟିନାୟି,  ୨୨ ଜୂପ୍‌କା, ଲାଗେଏ ପ଼ଲେଏ କାମା,
ନ଼ାଡ଼ିକିନାୟି, ଡ଼ାହାରା, ନିନ୍ଦା କିନାୟି, ଡ଼ାହାରା ଆ଼ନାୟି, କାର୍‌ବି ଆ଼ନାୟି;
୨୩ ଏଲେତି ଲାଗେଏତାୟି ବିଟ୍ରାଟି ହ଼ଚାୱ଼ାହାନା ମାଣ୍‌ସିଇଁ ଲାଗେଏ
କିହିମାନେ ।"  ୨୪ ଏମ୍ବାଟିଏ ଜୀସୁ ଏ଼ ଟ଼ାୟୁ ପିସାନା ସ଼ରତି ହାନ୍ଟି ୱ଼ାକି
ହାଚେସି, ଇଞ୍ଜାଁ ର଼ ଇଲୁତା ହ଼ଡାନା ଏ଼ନିକିଁ ଆମ୍ବାଆରି ପୁନଅରି ଇଞ୍ଜେଁ
ଅଣ୍‌ପିମାଚେସି, ସାମା ଏ଼ୱାସି ଡୁଗାନା ଡ଼ୟାଲି ଆ଼ଡାଆତେସି ।  ୨୫ ଏ଼
ଦେବୁଣିଏ ର଼ ଇୟା, ଆମ୍ବାଆରି ମ଼ାଙ୍ଗ୍ଣିନି ବୂତୁ ଆଲ୍‌ଗାମାଚେ, ଏ଼ଦି ଜୀସୁ
କାତା ୱେଞ୍ଜାନା ୱ଼ାହାଁ ଏ଼ୱାଣି କଡାଣା ରୀତେ ।  ୨୬ ଏ଼ ଇୟା ସୁରପୟିନିକି
ଜ଼ାତିତି ର଼ ଗ୍ରିକ୍ ଇୟା ମାଚେ, ତାନି ମ଼ାଙ୍ଗ୍ଣିନି ତ଼ାଣାଟି ବୂତୁ ପିସ୍‌ପି କିହାଲି
ଏ଼ଦି ଜୀସୁଇଁ ବାତିମ଼ାଲିତେ ।  ୨୭ ଏମ୍ବାଟିଏ ଜୀସୁ ଏ଼ଦାନି ଏଲେଇଚେସି,
"ତଲିଏ କକାରି ପ଼ଦାଁଣି ପାଞ୍ଜି କିଦୁ, ଇଚିହିଁ କକାରି ପ଼ଦାୟାଁ ର଼ାନ୍ଧା
ଅ଼ହାନା ନେସ୍‌କା ନ଼କିତା ମେଟ୍‌ନାୟି ନେହେଁ ଆ଼ଏ ।"  ୨୮ ସାମା ଏ଼ଦି
ଏ଼ୱାଣାଇଁ ଏଲେଇଚେ, "ହାଅ ପ୍ରବୁ ନେସ୍‌କା ଜିକେଏ କକାରି ପ଼ଦାୟାଁ
ତ୍ରକ୍‌ହାମାନି ଲିତାତି ପେର୍‌ହା ତିନୁ ।"  ୨୯ ଏମ୍ବାଟିଏ ଜୀସୁ ଏଲେଇଚେସି,
"ଇ କାତାତାକି ନୀ ମ଼ାଙ୍ଗ୍ଣିନି ତ଼ାଣାଟି ବୂତୁ ହ଼ଚା ହାଚେୟିଏ, ହାଲାମୁ ।"
୩୦ ଇଞ୍ଜାଁ ଏ଼ଦି ଇଜ ହାଜାନା ତାନି ମ଼ାଙ୍ଗ୍ଣା ପ଼ାସ୍‌ପନିତା ହୁଞ୍ଜାମାନାଣି ଇଞ୍ଜାଁ
ବୂତୁ ହ଼ଚା ହାଜା ମାନାଣି ମେସ୍ତେ ।  ୩୧ ଅ଼ଡ଼େ ୱେଣ୍ତେ ଏ଼ୱାସି ସ଼ର ହାନ୍ଟିଟି
ହାଜାନା ସିଦନ ଅ଼ଡ଼େ ଦସଗଟା ନ଼ାସ୍‌କା ହାନ୍ଦି ହୀହାନା ଗାଲିଲି ସାମ୍‌ଦୁରି
ଡାଗେ ୱ଼ାତେସି ।  ୩୨ ଇଞ୍ଜାଁ ଲ଼କୁ ର଼ ଡ଼େବେରା ଅ଼ଡ଼େ ଗୁଲାଇଁ ଏ଼ୱାଣି
ନ଼କିତା ତାଚାନା ଏ଼ୱାଣିଲାକ କେୟୁ ଇଟାଲି ବାତିମ଼ାଲିତେରି ।  ୩୩ ଜୀସୁ
ଲ଼କୁ ତ଼ାଣାଟି ରଅଣାଇଁଏ ଏଟ୍‌କା କିହା ଅ଼ହାନା ଏ଼ୱାଣି ରୀ କୀର୍କାଣା
ତାନି ୱାସ୍‌କା ଇଟିତେସି ଅ଼ଡ଼େ ହୂପାନା ଏ଼ୱାଣି ୱେନ୍ଦୁରି ଡୀଗିତେସି,
୩୪ ଅ଼ଡ଼େ ଲାକପୂରୁ ୱ଼ାକି ସିନିକିହାନା ଗାଡିକିହିଁ ଡ଼େଞ୍ଜାନା ଏ଼ୱାଣାଇଁ
ଏଲେଇଚେସି, "ଇପ୍‌ପତ" ଇଚିହିଁ "ଦେପି ଆ଼ମୁ ।"  ୩୫ ଏମ୍ବାଟିଏ ଏ଼ୱାଣି
କୀର୍କା ଦେପିଆ଼ତୁ, ଇଞ୍ଜାଁ ୱେନ୍ଦୁରିତି ଜ଼ାଲା ଏ଼ ଦେବୁଣିଏ ଗୁଚାଆ଼ତେ, ଇଞ୍ଜାଁ
ଏ଼ୱାସି ନେହିଁକିଁ ଜ଼ଲାଲି ଆ଼ଡିତେସି ।  ୩୬ ଇଞ୍ଜାଁ ଏ଼ କାତା ଆମ୍ବାଆରାଇଁ
ୱେହ୍‌ଆ଼ଦୁ ଇଞ୍ଜେଁ ଏ଼ୱାରାଇଁ ଗାଡିକିହିଁ ହୁକୁମି ହୀତେସି; ସାମା ଏ଼ୱାସି
ଏ଼ୱାରାଇଁ ଏଚେକା କ଼ାହି କିତେସି, ଏ଼ୱାରି ଏଚେକା ଗାଡି ଡ଼େକ୍‌ହେରି
।  ୩୭ ଅ଼ଡ଼େ ଲ଼କୁ କାବାଆ଼ହାନା ଏଲେଇଚେରି, "ଏ଼ୱାସି ବାରେ କାମା
ନେହିଁକିଁ କିହିମାନେସି; ଏ଼ୱାସି ଡ଼େବେରାୟାଁଇଁ ୱେଞ୍ଜାଲି ଗୁଲାୟାଁଇଁ ଜ଼ଲିନି
ବ଼ାଡ଼୍‌ୟୁ ଜିକେଏ ହୀହିମାନେସି ।"

୮ ଏଚିଡ଼େବେଲା ହ଼ାରେକା ମାନ୍ଧା ଲ଼କୁ ରୁଣ୍ତା ଆ଼ତେରି, ଅ଼ଡ଼େ ଏ଼ୱାରିତ଼ାଣା
ତିନାୟି ଉନାୟି ଏ଼ନାୟି ହିଲାଆତାକି ଜୀସୁ ସୀସୁୟାଁଣି ଡାଗେ ହ଼ାଟାନା
ଏ଼ୱାରାଇଁ ଏଲେଇଚେସି,  ୨ "ଲ଼କୁତାକି ନାଙ୍ଗେ କାର୍ମା ହ଼ଚିମାଞ୍ଜାନେ,
ଇଚିହିଁ ଈୱାରି ତୀନିଦିନା ଆ଼ତେରିଏ ନ଼ା ତଲେ ମାଞ୍ଜାମାନେରି, ଅ଼ଡ଼େ
ଈୱାରି ତ଼ାଣା ଏ଼ନାୟି ତିନାୟି ହିଲେଏ ।  ୩ ଏ଼ୱାରାଇଁ ତୀହ୍‌ଆନାଁ
ପାଣ୍ତିସାରେ, ୱେଣ୍ତାହାନାଟି ଏ଼ୱାରି ହ଼ାହା ଜିକେଏ ହ଼ାନେରି । ଏ଼ୱାରି
ବିତ୍ରାଟି ଏଚରଜ଼ାଣା ହେକଟି ୱ଼ାହାମାନେରି ।"  ୪ ସୀସୁୟାଁ ଏ଼ୱାଣାଇଁ
ଏଲେଇଚେରି, "ଇମ୍ବାଆଁ ଈ ଲ଼କୁ ହିଲାଆ ଟ଼ାୟୁତା ଆମ୍ବାଆସି ଆମ୍ବିଟି
ରୂଟି ତାଚାନା ଈୱାରାଇଁ ପାଞ୍ଜି କିନେସି?"  ୫ ଜୀସୁ ଏ଼ୱାରାଇଁ ୱେଚେସି,
"ମୀ ତ଼ାଣା ଏଚରଗଟା ରୂଟି ମାନୁ?" ଏ଼ୱାରି ଏଲେଇଚେରି, "ସ଼ାତାଗଟା
।"  ୬ ଏମ୍ବାଟିଏ ଜୀସୁ ଲ଼କୁଣି ବୂମିତା କୁଗାଲି ହୁକୁମି ହୀତେସି; ଅ଼ଡ଼େ
ଏ଼ୱାସି ସ଼ାତାଗାଟା ରୂଟି ଅ଼ହାନା ଜହରା କିହାନା ଏ଼ ବାରେ ଡ଼ିକ୍‌ହାନା
ବ଼ାଟି କିହାଲି ତାନି ସୀସୁୟାଁକି ହୀତେସି, ଅ଼ଡ଼େ ଏ଼ୱାରି ଲ଼କୁତାକି ବ଼ାଟି
କିହା ହୀତେରି ।  ୭ ଇଞ୍ଜାଁ ଏ଼ୱାରିତ଼ାଣା ଏଚରଗଟା ଉଣା ମୀଣ୍‌କା
ମାଚୁ; ଏ଼ ବାରେତି ଜିକେଏ ଜୀସୁ ମାହାପୁରୁ ତ଼ାଣା ଜହରା କିହାନା ବ଼ାଟି
କିହା ହୀହାଲି ସୀସୁୟାଁଇଁ ଏଲେଇଚେସି ।  ୮ ଏମ୍ବାଟିଏ ଏ଼ୱାରି ତିଞ୍ଜାନା
ପାଞ୍ଜିତେରି ଇଞ୍ଜାଁ ହ଼ାରିତାଣି ସ଼ାତା ଡାଲି କୂଡ଼ି କିତେରି ।  ୯ ଏ଼ୱାରି ବାରେ
ସ଼ାରି ମ଼ାଣା ଲ଼କୁ ମାଚେରି । ଏଚେଟିଏ ଡ଼ାୟୁ ଏ଼ୱାରାଇଁ ହେଲ ହୀତେସି,
୧୦ ଇଞ୍ଜାଁ ଦେବୁଣିଏ ତାନି ସୀସୁୟାଁ ତଲେ ଡଂଗତା ହ଼ଚାନା ଦଲ୍‌ମନୁ

ଗାଡ଼ାତା ହାଚେରି । **୧୧** ଡ଼ାୟୁ ପାରୁସିୟାଁ ୱାହାନା ଜୀସୁତଲେ ବାଦିବାଦା
କିହାଲି ମା଼ଟ୍‌ହେରି ଇଞ୍ଜୁଁ ଏ଼ୱାଣାଇଁ ତାୟିପାରି କିହାଲିତାକି ହ଼ାଗୁ ଲାକଟି
ର଼ ସିନା ରୀସ୍ତେରି । **୧୨** ଜୀସୁ ଜୀୱୁତା କିଲିବିଲି ଆ଼ହାନା ଗାଡି ର଼େଞ୍ଜାନା
ୱେସ୍ତେସି, "ଇ ଜୁଗୁଟି ଲ଼କୁ ଏ଼ନାଆଁତାକି ସିନା ପାରିମାନେରି? ନା଼ନୁ
ମିଡ୍ଗେ ସାତା ୱେସିମାଞ୍ଜାଇଁ, ନୀଏଁତି ମାଣ୍‌ସିକି ଏ଼ନି ସିନା ହୀପ୍‌କି ଆ଼ଏ ।"
**୧୩** ଅ଼ଡ଼େ ଏ଼ୱାସି ଏ଼ୱାରାଇଁ ପିସାନା ଅ଼ଡ଼େ ୱେଣ୍ତେ ଡଂଗତା ହ଼ଚାନା
ଆତାଲାୱାକି ହାଚେସି । **୧୪** ଏଚିର଼ବେଲାତା ସୀସୁୟାଁ ରୁଟି ଅ଼ହାଲି
ବା଼ଣାଆ଼ତେରି; ଡଂଗତା ଏ଼ୱାରିତ଼ାଣା ରଣ୍ତିଏ ରୁଟି ମାଚେ । **୧୫** ଡ଼ାୟୁ
ଜୀସୁ ଏ଼ୱାରାଇଁ ଜାଣ୍ତେ ହୁକୁମି ହୀତେସି, "ଜାଗ୍ରାତା ଆ଼ଦୁ, ପାରୁସିୟାଁ
ଅ଼ଡ଼େ ହେରଦତି ପୂଲାଗୁଣ୍ଟାଟି ଜାଗ୍ରାତା ଆ଼ହାନା ମାଞ୍ଜୁ ।" **୧୬** ଏଚେଟିଏ
ଏ଼ୱାରି ତ଼ାମ୍ବୁ ତ଼ାମ୍ବୁଏ ୱେସ୍‌ପିଆ଼ହିଁ ଏଲେଇଞ୍ଜାଲି ମା଼ଟ୍‌ହେରି, "ମା ତ଼ାଣା
ରୁଟି ହିଲେଏ ଇଞ୍ଜୁଁ ଏ଼ୱାସି ମାଡ୍ଗେ ଏଲେଇଞ୍ଜିମାଞ୍ଜାନେସି ।" **୧୭** ଜୀସୁ
ଏ଼ଦାଆଁ ପୁଞ୍ଜାନା ଏ଼ୱାରାଇଁ ଏଲେଇଚେସି, "ମୀ ତ଼ାଣା ରୁଟି ହିଲେଏ ଇଞ୍ଜୁଁ
ଏ଼ନାଆଁତାକି ମୀରୁ ମୀରୁ ୱେସ୍‌ପି ଆ଼ହିମାଞ୍ଜେରି? ମୀରୁ ନୀଏଁ ପାତେକା
ପୁଞ୍ଜି ହିଲଅତେରି କି ତେଲ୍‌ହି ହିଲଅତେରି? **୧୮** କାଣ୍‌କା ମାଞ୍ଜାନା
ମେସି ହିଲଅତେରି? ଅ଼ଡ଼େ, କୀର୍କା ମାଞ୍ଜାନା ୱେଞ୍ଜି ହିଲଅତେରି? ମୀରୁ
ଇଦାଣି ଅଣ୍‌ପି ହିଲ୍‌ଅତେରି? **୧୯** ଏ଼ ପା଼ସାମା଼ଣା ଲ଼କୁ ବିତ୍ରା ନା଼ନୁ
ଏଚିର଼ବେଲା ପା଼ସାଗଟା ରୁଟି ଡ଼ିକ୍‌ହା ମାଚେଏଁ, ଏଚିର଼ବେଲା ମୀରୁ ଏଚର
ଡାଲି ହ଼ାରିତାଣି କୂଡ଼ି କିତେରି, ଏ଼ଦି ମୀ ଅଣ୍‌ପୁତା ହିଲେଏ କି?" ଏ଼ୱାରି
ଏ଼ୱାଣାଇଁ ଏଲେଇଚେରି, "ବ଼ାର ଡାଲି ।" **୨୦** "ଅ଼ଡ଼େ ଏ଼ ସା଼ରି ମା଼ଣା ଲ଼କୁ
ବିତ୍ରା ନା଼ନୁ ଏଚିର଼ବେଲା ସା଼ତାଗଟା ରୁଟି ଡ଼ିକ୍‌ହା ମାଚେଏଁ, ଏଚିର଼ବେଲା
ମୀରୁ ଏଚର ଡାଲି କୂଡ଼ି କିହାମାଚେରି?" ଏ଼ୱାରି ଏଲେଇଚେରି, "ସା଼ତା
ଡାଲି ।" **୨୧** ଏଚିର଼ବେଲା ଜୀସୁ ଏ଼ୱାରାଇଁ ଏଲେଇଚେସି, "ମୀରୁ ଏ଼ନାଆଁ
ନୀଏଁ ପାତେକା ତେଲ୍‌ହାଲି ଆ଼ଡିହିଲଅତେରି?" **୨୨** ଡ଼ାୟୁ ଏ଼ୱାରି
ବେଡ଼୍‌ସାୟିଦାତା ୱା଼ତେରି, ଅ଼ଡ଼େ, ଲ଼କୁ ର଼ କା଼ଣାଇଁ ଏ଼ୱାଣି ତ଼ାଣା ତାଚାନା
ଏ଼ୱାଣାଇଁ ଡୀଗାଲି ତାକି ଜୀସୁଇଁ ବାତିମା଼ଲିତେରି । **୨୩** ଏ଼ଦାଆଁତାକି
ଜୀସୁ କା଼ଣାତି କେୟୁ ଆସାନା ଏ଼ୱାଣାଇଁ ନା଼ୟୁଁ ପାଡ୍ଗାତା ଅ଼ତେସି, ଇଞ୍ଜୁଁ
ଏ଼ୱାଣି କାଣ୍‌କାଣାଁ ହୂପ୍‌କା ରୁବାନା ଅ଼ଡ଼େ ଏ଼ୱାଣିଲାକ କେୟୁ ଇଟାନା
ଏ଼ୱାଣାଇଁ ୱେଚେସି, "ନୀନୁ ଏ଼ନାଆଁ ମେସାଲି ଆ଼ଡିମାଞ୍ଜି କି?" **୨୪**
ଏ଼ୱାସି ସିନିକିହାନା ଏଲେଇଚେସି, "ନା଼ନୁ ମାଣ୍‌ସିୟାଁଇଁ ମେସିମାଇଁ,
ଇଚିହିଁ ନା଼ନୁ ମା଼ର଼କା ଲେହେଁ ଏ଼ନାଇ ତ଼ାକି ମାନାଣି ମେସିମାଇଁ ।"
**୨୫** ଡ଼ାୟୁ ଜୀସୁ ଅ଼ଡ଼େ ୱେଣ୍ତେ ଏ଼ୱାଣି କାଣ୍‌କାଣାଁ କେୟୁ ଇଟିତେସି;
ଏମ୍ବାଟିଏ ଏ଼ୱାସି ନେହିଁକିଁ ମେସାଲି ଆ଼ଡିତେସି, ନେହିଁ ଆ଼ହାନା ବାରେ
ତୀରିତଲେ ସିନିକିହାଲି ମା଼ଟ୍‌ହେସି । **୨୬** ଡ଼ାୟୁ ଜୀସୁ ଏ଼ୱାଣାଇଁ ତାନି
ଇଜ ପାଣ୍ତାନା ଏଲେଇଚେସି, "ଏ଼ ନା଼ୟୁଁ ବିତ୍ରା ଜିକେଏ ୱେଣ୍ତେ ହାଲାଆନି
।" **୨୭** ଏଚେଟିଏ ଜୀସୁ ଅ଼ଡ଼େ ତାନି ସୀସୁୟାଁ କାୟିସରିୟା ପିଲିପି
ର଼ାଜିତି ନା଼ସ୍‌କାୱାକି ହାଚେରି, ଅ଼ଡ଼େ ଜିରୁତା ଏ଼ୱାସି ତାନି ସୀସୁୟାଁଇଁ
ୱେଚେସି, "ନା଼ନୁ ଆମ୍ବାଆତେଏଁ ଇଞ୍ଜୁଁ ଲ଼କୁ ଏଲେଇଞ୍ଜି ମାଞ୍ଜାନେରି?"
**୨୮** ଏମ୍ବାଟିଏ ଏ଼ୱାରି ଏ଼ୱାଣାଇଁ ଏଲେଇଚେରି, "ବାପ୍ତିସ୍ମ ହୀନି ଜହନ,
ଅ଼ଡ଼େ ଆମ୍ବା ଆମ୍ବାଆରି ଏଲିୟ, ସାମା ଆମ୍ବା ଆମ୍ବାଆରି ଏଲେଇଞ୍ଜି
ମାଞ୍ଜାନେରି ମାହାପୂରୁ ଅଣ୍‌ପୁଡି ବ଼ଲୁ ୱେହ୍‌ନାରି ବିତ୍ରାଟି ରଅସି ।" **୨୯**
ଏ଼ୱାସି ଏ଼ୱାରାଇଁ ୱେଚେସି, "ସାମା ନା଼ନୁ ଆମ୍ବାଆତେଏଁ ଇଞ୍ଜୁଁ ମୀରୁ
ଏଲେଇଞ୍ଜି ମାଞ୍ଜାଦେରି?" ପିତର ଏ଼ୱାଣାଇଁ ଏଲେଇଚେସି, "ନୀନୁ କ୍ରୀସ୍ତୁତି
।" **୩୦** ଏମ୍ବାଟିଏ ଜୀସୁ ଏ଼ୱାରାଇଁ ତାନି କାତାତି ଆମ୍ବାଆରାଇଁ ଏ଼ନାଆଁ
ୱେହ୍‌ଆଦୁ ଇଞ୍ଜୁଁ ଜାଣ୍ତେ କିହିଁ ହୁକୁମି ହୀତେସି । **୩୧** ଅ଼ଡ଼େ, ଜୀସୁ
ଏ଼ୱାରାଇଁ ଜା଼ପ୍‌ହାଲି ମା଼ଟ୍‌ହେସି, "ଇଚିହିଁ ମାଣ୍‌ସି ମୀର୍‌ଏସି ହ଼ାରେକା
ଦୁକୁ କସ୍ତ ବେଟାଆ଼ନାୟି ମାନେ ଇଞ୍ଜୁଁ ପ୍ରାଚିନାଙ୍ଗା, କାଜା ପୂଜେରାଙ୍ଗା,
ଇଞ୍ଜୁଁ ମ଼େରାପୁନାରି ତ଼ାଣାଟି ଅ଼ପାଆଗାଟାସି ଆ଼ହାନା ପା଼ୟ୍‌ୱି ଆ଼ନାୟି
ମାନେ, ଅ଼ଡ଼େ ତୀନିଦିନା ର଼େଚ ୱେଣ୍ତେ ନିଙ୍ଗିନାୟି ମାନେ ।" **୩୨** ଇ
କାତା ଏ଼ୱାସି ଟୀର୍‌ପୁତଲେ ୱେସ୍ତେସି । ଏମ୍ବାଟିଏ ପିତର ଏ଼ୱାଣାଇଁ
ଅ଼ରୱାକି ଅ଼ହାନା ଦାକା ହୀହାନା ଲା଼ଗାଲି ମା଼ଟ୍‌ହେସି । **୩୩** ସାମା
ଏ଼ୱାସି ଡ଼ାୟୁୱାକି ତିର଼୍‌ୱାହାଁ ତାନି ସୀସୁୟାଁଣି ସିନିକିହାନା ପିତରଇଁ ଦାକା
ହୀହାନା ଏଲେଇଚେସି, "ସୟତାନ, ନା଼ ନ଼କିଟି ହେକ ହାଲାମୁ, ଇଚିହିଁ
ନୀନୁ ମାହାପୂରୁ କାତା ଅଣ୍‌ପାଆନା ମାଣ୍‌ସିୟାଁ କାତା ଅଣ୍‌ପିମାଞ୍ଜି ।" **୩୪**
ଏମ୍ବାଟିଏ ଜୀସୁ ତାନି ସୀସୁୟାଁ ତଲେ ଲ଼କୁଣି ହ଼ାଟାନା ଏଲେଇଚେସି,
"ଆମ୍ବାଆସି ନା଼ ର଼େଚ ୱା଼ହାଲି ମ଼ନ କିନେସି, ଆତିହିଁ ଏ଼ୱାସି ଜାହାରାଇଁ
ପିସ୍‌ପେସି, ଇଞ୍ଜୁଁ ଏ଼ୱାସି ତାନି କ୍ରୁସ ର଼ଡେକାନା ନା଼ ର଼େଚ ୱା଼ପେସି । **୩୫**
ଇଚିହିଁ ଆମ୍ବାଆସି ତାନି ଜୀୱୁ ଗେଲ୍‌ପାଲି ମ଼ନ କିନେସି, ଏ଼ୱାସି ଏ଼ଦାଆଁ
ହା଼ୱି କିନେସି; ସାମା ଆମ୍ବାଆସି ନା଼ ତାକି ଇଞ୍ଜୁଁ ନେହିଁ କାବୁତାକି ତାନି
ଜୀୱୁ ହୀନେସି, ଏ଼ୱାସି ଏ଼ଦାଆଁ ନୀଟ୍‌ନେସି । **୩୬** ଅ଼ଡ଼େ, ମାଣ୍‌ସି ଇ
ଦାର଼ତିତା ମାନାଣି ବାରେ ମେଡ଼ି କିହାନା ତାନି ଜୀୱୁତି ହା଼ୱି କିନେସି,
ଆତିହିଁ ଏ଼ୱାଣାକି ଏ଼ନି ଲା଼ବା? **୩୭** ଅ଼ଡ଼େ, ମାଣ୍‌ସି ତାନି ଜୀୱୁତି ବାଦୁଲି
ଏ଼ନାଆଁ ହୀହାଲି ଆ଼ଡିନେସି? **୩୮** ଏ଼ଦାଆଁତାକି ଆମ୍ବାଆସି ଇ କା଼ଲାତି
ଦା଼ରି କିନାରି ଅ଼ଡ଼େ ପା଼ପୁଗାଟି ଲ଼କୁ ବିତ୍ରା ନାଙ୍ଗେ ଅ଼ଡ଼େ ନା଼ ବ଼ଲୁ ତାକି
ଲାଜା ଆ଼ନେସି, ମାଣ୍‌ସି ମୀର୍‌ଏସି ଏଚିର଼ବେଲା ସୁଦୁ ଦୂତୁୟାଁ ତଲେ ତାନି
ଆ଼ବାତି ଗାୱୁରମି ତଲେ ୱା଼ନେସି, ଏଚିର଼ବେଲା ଏ଼ୱାସି ଜିକେଏ ଏ଼ୱାଣି
କାତାତାକି ଲାଜା ଆ଼ନେସି ।"

**୯** ଅ଼ଡ଼େ ଜୀସୁ ତାନି ସୀସୁଣି ଏଲେଇଚେସି, "ନା଼ନୁ ମିଡ୍ଗେ ସାତା
ୱେସିମାଞ୍ଜାଇଁ, ଇମ୍ବାଆଁ ଏଚରଜା଼ଣା ମାନେରି ମାହାପୂରୁତି ର଼ାଜି
ବା଼ଡ଼୍‌ୟୁ ତଲେ ୱା଼ନାଣି ମେହ୍‌ଆ ପାତେକା ହ଼ାଅରି ।" **୨** ସ଼ ଦିନା ଡ଼ାୟୁ
ଜୀସୁ ୱା଼ର଼ଇ ପିତର, ଜାକୁବ ଅ଼ଡ଼େ ଜହନଇଁ ତାନିତଲେ ଏଟ୍‌କା କିହାନା
ଏ଼ୱାରାଇଁ ର଼ ପାଡାଆ଼ତି ହ଼ରୁତା ଅ଼ତେସି । । **୩** ଅ଼ଡ଼େ ଏ଼ୱାସି ଏ଼ୱାରି
ନ଼କିତା ଅ଼ର ୱା଼ଣା ଆ଼ତେସି, ଏ଼ୱାଣି ହିମ୍ବରି ଇଲେକିଁ ଉଜେଡ଼ି ଆ଼ହାନା
ହ଼ାରେକା ଦବ଼ଲା ଆ଼ତେ, ଇ ଦାର଼ତିତା ଆମ୍ବାଆସି ଏଲେତି ଦବ଼ଲା
କିହାଲି ଆ଼ଡଅସି । **୪** ମ଼ସା ଅ଼ଡ଼େ ଏଲିୟ ଜୀସୁତଲେ ହ଼ାଡାକାତା
ଆ଼ହିମାଚାଣି ତୀନି ଜ଼ାଣା ସୀସୁୟାଁ ମେସ୍ତେରି । **୫** ଏମ୍ବାଟିଏ ପିତର

ଜୀସୁଇଁ ଏଲେଇଚେସି, “ଏ଼ ଗୂରୁ ମ଼ାର ଈ ଟ଼ାୟୁତା ମାନାୟି ହ଼ାରେକା
ନେହାୟି; ମ଼ାର ତୀନିଗଟା ଗୂଡ଼ାୟାଁ ଼କେପିନ, ନିଙ୍ଗେତାକି ରଣ୍ତୁଆଁ,
ମ଼ସାକି ରଣ୍ତୁଆଁ ଅ଼ଡ଼େ ଏଲିୟକି ରଣ୍ତୁଆଁ ।” **୬** ପିତର ଏ଼ନାଆଁ ଜ଼ଲାଲି
ଆ଼ନେ ଇଞ୍ଜ଼ାଁ ପୁଞ୍ଜ଼ା ହିଲାଆତେସି, ଏ଼ନାଆଁତାକି ଇଚିହିଁ ଏ଼ୱାରି ହ଼ାରେକା
ଆଜାମାଚେରି । **୭** ଇଞ୍ଜ଼ାଁ, ଇଚାୟି ଦୂନ୍ବ଼ା ୱ଼ାହାନା ଏ଼ୱାରାଇଁ ପ୍ଟିକ୍ହେ,
ଅ଼ଡ଼େ ଏ଼ ଦୂନ୍ବ଼ାଟି ଈ ହ଼ାଡା ୱ଼ାତେ, “ଈୱାସି ନ଼ା ଜୀୱୁତି ମୀର୍ଏସି,
ଈୱାଣି ବ଼ଲୁ ୱେଞ୍ଜୁ ।” **୮** ଦେବୁଣିଏ ଏ଼ୱାରି ସ଼ାରିୱାକି ସିନିକିତେରି,
ତାମିତଲେ ଜୀସୁଇଁ ପିସ୍ପେ ଆମ୍ବ଼ାଆରାଇଁ ମେହ୍ଆତେରି । **୯** ଏ଼ୱାରି
ହ଼ରୁଟି ଼ରେଚା ୱ଼ାହି ମାଚାଟି ଜୀସୁ ଏ଼ୱାରାଇଁ ଜାଣ୍ତେ ହୁକୁମି ହୀହାନା
ଏଲେଇଚେସି, “ମୀରୁ ଏ଼ନାଆଁ ମେସାମାଞ୍ଜେରି, ଏ଼ ବାରେ ହ଼ାତାରି ବିତ୍ରାଟି
ମାଣ୍ସି ମୀର୍ଏସି ୱେଣ୍ତେ ନିଙ୍ଗ୍ଆ ପାତେକା ଆମ୍ବ଼ାଆରାଇଁ ୱେହ୍ଆଦୁ
।” **୧୦** ଏମ୍ବ଼ାଟିଏ ଏ଼ୱାରି ଏ଼ କାତା ଆସାନା “ହ଼ାତାରି ବିତ୍ରାଟି ୱେଣ୍ତେ
ନିଙ୍ଗିନାୟି ଏ଼ନାୟି?” ଏ଼ କାତାତି ତାମି ବିତ୍ରା ୱେସ୍ପି ଆ଼ତେରି । **୧୧**
ଅ଼ଡ଼େ ଏ଼ୱାରି ଜୀସୁଇଁ ୱେଚେରି, “ନ଼କେଏ ଏଲିୟ ୱ଼ାନାୟି ଆ଼ନେ,
଼ମେରାପୁନାରି ଏ଼ନିକିଁ ଈ କାତା ୱେହ୍ନେରି?” **୧୨** ଏମ୍ବ଼ାଟିଏ ଜୀସୁ
ଏ଼ୱାରାଇଁ ଏଲେଇଚେସି, “ଏଲିୟ ନ଼କେଏ ୱ଼ାହାନା ବାରେ ଼ମେରା
ଅ଼ଡ଼େ ୱେଣ୍ତେ ଇଟିନାୟି ସାତା, ସାମା ମାଣ୍ସି ମୀର୍ଏସି ହ଼ାରେକା ଦୁକୁ
ବେଟାଆ଼ହାନା ଅ଼ପାଆଗାଟାସି ଆ଼ନେସି, ଈଦି ଏ଼ନିକିଁ ଏ଼ୱାଣି କାତା
ର଼ାସ୍କି ଆ଼ହାମାନେ? **୧୩** ସାମା ନ଼ାନୁ ମିଙ୍ଗେ ୱେସିମାଞ୍ଜ଼ାଇଁ, ଏଲିୟ
ୱ଼ାତେସିଏ, ଅ଼ଡ଼େ ଏ଼ୱାଣି କାତା ଏ଼ନିକିଁ ର଼ାସ୍କି ଆ଼ହାମାନେ, ଏଲେକିହିଁ
ଏ଼ୱାରି ଏ଼ୱାଣାଇଁ ଜିକେଏ ଏ଼ନାଆଁ ମ଼ନ ଏ଼ଦାଆଁ କିହାମାନେରି ।” **୧୪**
ଡ଼ାୟୁ ଏ଼ୱାରି ସୀସୁୟାଁ ତ଼ାଣା ୱ଼ାହାନା ମେସ୍ତେରି, ଏ଼ୱାରି ସ଼ାରିୱାକି
ହ଼ାରେକା ମାନ୍ବ଼ା ଲ଼କୁ ଅ଼ଡ଼େ ଼ମେରାପୁନାରି ଏ଼ୱାରିତଲେ ବ଼ାଦିବ଼ାଦା
ଆ଼ହିମାନେରି । **୧୫** ଲ଼କୁ ବାରେ ଏ଼ୱାଣାଇଁ ମେସ୍ପନିଏ ହ଼ାରେକା
କାବାଆ଼ହାନା ଅ଼ଡ଼େ ଦାବ୍ଡ଼ି ୱ଼ାହାନା ଜହରା କିତେରି । **୧୬** ଏମ୍ବ଼ାଟିଏ
ଜୀସୁ ଏ଼ୱାରାଇଁ ୱେଚେସି, “ମୀରୁ ଏ଼ୱାରିତଲେ ଏ଼ନାଆଁତାକି ବ଼ାଦିବ଼ାଦା
ଆ଼ହିମାଞ୍ଜେରି?” **୧୭** ଲ଼କୁ ବିତ୍ରାଟି ରଅସି ଏ଼ୱାଣାଇଁ ଏଲେଇଚେସି,
“ଏ଼ ଗୂରୁ, ନ଼ାନୁ ନ଼ା ମୀର୍ଏଣାଇଁ ନୀ ତ଼ାଣା ତାଚାମାଚେଏଁ; ଏ଼ୱାଣାଇଁ
ର଼ ଗୁଲା ବୂତୁ ଆଲ୍ଗାମାନେ । **୧୮** ଏମିନି ଟ଼ାୟୁତା ଏ଼ଦି ଏ଼ୱାଣାଇଁ
ଆହ୍ନେ, ଏ଼ୱାଣାଇଁ ଡ଼ଇ ତ୍ରକ୍ନେ, ଇଞ୍ଜ଼ାଁ ଏ଼ୱାଣି ଗୂତିଟି ପମ୍ବ଼ଲି ହ଼ନେ,
ଅ଼ଡ଼େ ଏ଼ଦି ପାଲ୍କା ଟୀଟି କିନେ, ଇଞ୍ଜ଼ାଁ ଏ଼ୱାସି ୱ଼ାୟାହାଜି ମାନେସି;
ଏ଼ୱାଣାଇଁ ପିସ୍ପି କିହାଲି ନ଼ାନୁ ନୀ ସୀସୁୟାଁଇଁ ଏଲେଇଚେଏଁ, ସାମା
ଏ଼ୱାରି ଆ଼ଡାଆତେରି ।” **୧୯** ଜୀସୁ ଏ଼ୱାରାଇଁ ଏଲେଇଚେସି, “ଆଡ଼େ
ନାମାଆଗାଟି କୂଡ଼ାତାତେରି, ଏଚରଦିନା ନ଼ାନୁ ମୀ ତଲେ ଡ଼ୟିଇଁ?
ଏଚରଦିନା ମୀ ଼ଲେମ୍ବ଼ାନାଣି ଅ଼ର୍ହିଇଁ? କକାଣାଇଁ ନ଼ା ତ଼ାଣା ତାଦୁ ।” **୨୦**
ଏମ୍ବ଼ାଟିଏ ଏ଼ୱାଣାଇଁ ଜୀସୁ ତ଼ାଣା ତାତେରି । ଅ଼ଡ଼େ, ଜୀସୁଇଁ ମେସ୍ପନିଏ
ଏ଼ ବୂତୁ ଏ଼ୱାଣାଇଁ ହ଼ାରେକା ତିର୍ୱି କିତେ ଇଞ୍ଜ଼ାଁ ବୂମିତା ତର୍ଗାନା ଗୂତିଟି
ପମ୍ବ଼ଲି ହ଼ପ୍ହାନା ଉସାଲି ମ଼ାଟ୍ହେସି । **୨୧** ଏଚି଼ବେଲା ଜୀସୁ ତାନି
ଆ଼ବାଇଁ ୱେଚେସି, “ଏଚରଦିନା ଆ଼ତେ ଈୱାଣାଇଁ ଇଲେ କିହିମାନେ?”
ଏ଼ୱାସି ଏଲେଇଚେସି, “ଉଣା ଼ୱେଡ଼ାଟିଏ **୨୨** ଏ଼ଦି ଏ଼ୱାଣାଇଁ ହ଼ାୱି
କିହାଲି ଏଚେ ଏ଼ଚେତା ହିଚୁତା ଅ଼ଡ଼େ ଏ଼ୟୁଣାଁ ମେତ୍ହାମାନେ; ସାମା
ନୀନୁ ଏ଼ନାଆଁ କିହାଲି ଆ଼ଡିତିଁ, ମାଙ୍ଗେ କାର୍ମା ଆ଼ହାନା ମ଼ା ସ଼ାୟେମି
ଆୟାମୁ ।” **୨୩** ଏମ୍ବ଼ାଟିଏ ଜୀସୁ ଏ଼ୱାଣାଇଁ ଏଲେଇଚେସି, “ଏ଼ନାଆଁ
ଇଚି? ଇଚିହିଁ କିହାଲି ଆ଼ଡିତିଁ! ଆମ୍ବ଼ାଆସି ନାମିନେସି ଏ଼ୱାଣାକି ବାରେଏ
ଆ଼ନେ ।” **୨୪** ଏ଼ ଦେବୁଣିଏ କକାଣି ତାମି ଆ଼ବା କାଜା ଗିୟାଁତଲେ
ଏଲେଇଚେସି, “ନ଼ାନୁ ନାମିମାଇଁ ନ଼ା ନାମାଆଗାଟାଣି ଗୁଚି କିହାଲି
ସ଼ାୟେମି କିୟାମୁ ।” **୨୫** ଡ଼ାୟୁ ମାନ୍ବ଼ା ଲ଼କୁ ରହେଁଏ ହଟିହିଁ ୱ଼ାହି ମାଚାଣି
ମେସାନା, ଜୀସୁ ଏ଼ ପ଼ଲ୍ଆ ବୂତୁତି ଦାକା ହୀହାନା ଏଲେଇଚେସି, “ଆଡ଼େ
ଗୁଲା ଅ଼ଡ଼େ ଼ବେରା ବୂତୁତି, ନ଼ାନୁ ନିଙ୍ଗେ ହୁକୁମି ହୀହିମାଞ୍ଜ଼ାଇଁ, ଈୱାଣି
ତ଼ାଣାଟି ହ଼ଚାହାଲାମୁ, ଇଞ୍ଜ଼ାଁ ଏଚେଲା ଜିକେଏ ଈୱାଣି ତ଼ାଣା ହ଼ଡ଼୍ଆନି
।” **୨୬** ଏମ୍ବ଼ାଟିଏ ଏ଼ଦି ହ଼ାରେକା କିର୍ଡ଼ିହିଁ କକାଣାଇଁ ତିର୍ୱି କିହାନା
ବୂମିତା ତ୍ରକ୍ହାନା ହ଼ଚାହାଚେ, ଅ଼ଡ଼େ କକାସି ହ଼ାତିଲେହେଁ ଆ଼ତେସି,
ଇଲେକିହିଁ ହ଼ାରେକା ଲ଼କୁ ଏଲେଇଞ୍ଜିମାଚେରି, “କକାସି ହ଼ାତେସି ।”
**୨୭** ସାମା ଜୀସୁ ଏ଼ୱାଣି କେୟୁ ଆସାନା ନିକ୍ହେସି, ଇଞ୍ଜ଼ାଁ ଏ଼ୱାସି
ନିତେସି । **୨୮** ଇଞ୍ଜ଼ାଁ ଜୀସୁ ଇଜ ୱ଼ାହାଲିଏ ତାନି ସୀସୁୟାଁ ମେଣେଏ
ୱେଚେରି, “ମ଼ାମ୍ବୁ ଏ଼ନାଆଁତାକି ଏ଼ୱାଣାଇଁ ପିସ୍ପି କିହାଲି ଆ଼ଡାଆତମି?”
**୨୯** ଜୀସୁ ଏ଼ୱାରାଇଁ ଏଲେଇଚେସି, “ପ୍ରାତାନା କିଆନା ଅ଼ଡ଼େ ଏ଼ନିକିଁ
ଜିକେଏ ଇଲେତି ବୂତୁ ଼ପେର୍ହାଲି ଆ଼ଡାଆୟି ।” **୩୦** ଏ଼ୱାରି ଏ଼ ଟ଼ାୟୁଟି
ହାଜାନା ଗାଲିଲି ମାଦିଟି ହାଚେରି, ଇଞ୍ଜ଼ାଁ ଆମ୍ବ଼ାଆସି ପୁନାଆପେସି
ଇଞ୍ଜେଁ ଏ଼ୱାଣି ମ଼ନ ହିଲାଆତେ; **୩୧** ଇଚିହିଁ ଜୀସୁ ତାନି ସୀସୁୟାଁଣି ଈ
କାତା ୱେସିହିଁ ଜ଼ାପ୍ହି ମାଚେସି, “ମାଣ୍ସି ମୀର୍ଏସି ମାଣ୍ସିୟାଁ କେୟୁତା
ହେର୍ପିଆ଼ନେସି, ଅ଼ଡ଼େ ଏ଼ୱାରି ଏ଼ୱାଣାଇଁ ପ଼ାୟିନେରି, ଇଞ୍ଜ଼ାଁ ଏ଼ୱାସି
ହ଼ାତି ଡ଼ାୟୁ ତୀନିଦିନା ଼ଜେଚ ୱେଣ୍ତେ ନିଙ୍ଗିନେସି ।” **୩୨** ସାମା ଏ଼ୱାରି ଏ଼
କାତାତି ତେଲ୍ହାଆତେରି, ସାମା ଏ଼ୱାଣାଇଁ ୱେଞ୍ଜାଲି ଆଜିମାଚେରି । **୩୩**
ଡ଼ାୟୁ ଏ଼ୱାରି କପର୍ନାହୁମତା ୱ଼ାତେରି । ଜୀସୁ ଇଜ ଏଜାନା ସୀସୁୟାଁଣି
ୱେଚେସି, “ମୀରୁ ଜିରୁତା ଏ଼ନାଆଁ କାତା ଆ଼ହିମାଚେରି?” **୩୪** ସାମା
ଏ଼ୱାରି ହ଼ାଡା ଆ଼ଆନା ପାଲେଏ ଡ଼ୟିତେରି, ଇଚିହିଁ ଆମ୍ବ଼ାଆସି କାଜାସି
ଈ କାତା ଆସାନା ଜିରୁତା କାତା ଆ଼ହିମାଚେରି । **୩୫** ଏମ୍ବ଼ାଟିଏ ଜୀସୁ
କୁଗାନା ବ଼ାର ଜ଼ାଣାଇଁ ହ଼ାଟିତେସି ଇଞ୍ଜ଼ାଁ ଏ଼ୱାରାଇଁ ଏଲେଇଚେସି, “ଇଚିହିଁ
ଆମ୍ବ଼ାଆସି କାଜାସି ଆ଼ହାଲି ମ଼ନ କିନେସି, ଆତିହିଁ ଏ଼ୱାସି ବାରେତି କିହାଁ
ଉଣା ଅ଼ଡ଼େ ବାରେତି ଼ସେବା କିନାସି ଆ଼ପେସି ।” **୩୬** ଅ଼ଡ଼େ ଏ଼ୱାସି
ର଼ ଉଣା କକାଣାଇଁ ଅ଼ହାନା ଏ଼ୱାରି ମାଦି ନିପ୍ହେସି ଇଞ୍ଜ଼ାଁ ଏ଼ୱାଣାଇଁ
ପମାନା ଏ଼ୱାରାଇଁ ଏଲେଇଚେସି, **୩୭** “ଆମ୍ବ଼ାଆସି ନ଼ା ଦ଼ରୁ ତାକି ଇଲେତି
ଉଣା କକାରି ବିତ୍ରାଟି ରଅଣାଇଁ ଆବିନେସି, ଏ଼ୱାସି ନାଙ୍ଗେ ଆବାନେସି;
ଅ଼ଡ଼େ ଆମ୍ବ଼ାଆସି ନାଙ୍ଗେ ଆବାନେସି, ଏ଼ୱାସି ୱାର୍ଇ ନାଙ୍ଗେ ଆବଅସି,
ସାମା ନାଙ୍ଗେ ପାଣ୍ତୁତାଣାଇଁ ଜିକେଏ ଆବିନେସି ।” **୩୮** ଜହନ ଏ଼ୱାଣାଇଁ

ଏଲେଇଚେସି, "ଏ଼ ଗୂରୁ ମ଼ା ଗଚିତା ହିଲାଆଗାଟାସି ରଅସି ନୀ ଦ଼ରୁତଲେ
ବୂତୁଣି ର଼ପେର୍‌ହି ମାଚାଣି ମେସ୍ତମି, ଇଞ୍ଜାଁ ଏ଼ୱାସି ମ଼ା ଗଚିତା ହିଲାଆତାକି
ଏ଼ୱାଣାଇଁ କ଼ାହିକିତମି ।" **୩୯** ସାମା ଜୀସୁ ଏଲେଇଚେସି, "ଏ଼ୱାଣାଇଁ
କ଼ାହିକିଆଦୁ; ଇଚିହିଁ ନ଼ା ଦ଼ରୁତଲେ କାବାଆ଼ନି କାମା କିହାନା ୱେଣ୍ତେ
ନାଙ୍ଗେ ନିନ୍ଦ୍ବା କିୟାନେସି, ଇଲେତି ଲ଼କୁ ଆମ୍ବାଆସି ହିଲଅସି; **୪୦** ଇଚିହିଁ
ଆମ୍ବାଆସି ମ଼ା କ଼ପାଟି ନିଙ୍ଗାଆ ଗାଟାସି ଏ଼ୱାସି ମ଼ା ତଲେତାସି । **୪୧** ନ଼ାନୁ
ମିଙ୍ଗେ ସାତା ୱେସିମାଞ୍ଜାଇଁ, ମୀରୁ କ୍ରୀସ୍ତତି ଲ଼କୁ ଇଞ୍ଜୁଁ ଆମ୍ବାଆସି ଜିକେଏ
ମିଙ୍ଗେ ଜ଼ାଚେକା ଏ଼ୟୁ ଗସାଲି ହିୟାନେସି, ଏ଼ୱାସି ଏ଼ନିଜିକେଏ ତାନି
ଦ଼ାନାତି ଜ଼ାକ୍‌ଅସି ।" **୪୨** ଅ଼ଡେ଼ ଆମ୍ବାଆସି ନାମାମାନି ଇ ଉଣାୟାଁ ବିତ୍ରାଟି
ରଅଣାଇଁ ପ଼ାପୁ କିୱି କିନେସି, ଏ଼ୱାଣି ହେର୍‌କିତା କାଜା ଜେତାୱାଲି
ଦସାନା ଏ଼ୱାଣାଇଁ ସାମ୍‌ଦୁରିତା ମେତ୍‌ହିହିଁ ନେହେଁ ଆ଼ତେମା । **୪୩** ମୀ
କେୟୁ ମିଙ୍ଗେ ପ଼ାପୁ କିୱିକିୟାନେ, ଇଚିହିଁ ଏ଼ଦାଆଁ ଜ଼ାଚାନା କୁତାଦୁ; ରୀ
କେସ୍କା ମାଞ୍ଜାନା ନର୍କ ଇଚିହିଁ ଡୁମ୍ବାଆଗାଟି ହିଚୁ ଗ଼ାଡ଼୍‌ୟୁତା ମେତ୍‌ପି ଆ଼ନି
ବ଼ାଟା କଲା ଆ଼ହାନା ଜୀୱୁତା ହ଼ଡ଼ନାୟି ମିଙ୍ଗେ ତାକି ନେହେଁ । **(Geenna
g1067)** **୪୪** ଇଚିହିଁ ନର୍କତା ଏମ୍ବାତି ପିଡ଼୍‌କା ଏଚେଲା ହ଼ାଉ, ଅ଼ଡେ଼ ହିଚୁ
ଏଚେଲା ଡୁମ୍ବେଏ । **୪୫** ଅ଼ଡେ଼ ମୀ କଡା ମିଙ୍ଗେ ପ଼ାପୁ କିୱିକିୟାନେ,
ଏ଼ଦାଣି ରାତ୍‌ହା କୁତାଦୁ, ରୀ କଡାୟାଁ ନେହେଁ ମାଞ୍ଜାନା ନର୍କତା ମେତ୍‌ପି
ଆ଼ନି ବ଼ାଟା ସଟା ଆ଼ହାନା ଜୀୱୁତା ହ଼ଡ଼ନାୟି ମିଙ୍ଗେ ତାକି ନେହେଁ ।
**(Geenna g1067)** **୪୬** ଇଚିହିଁ ନର୍କତା ଏମ୍ବାତି ପିଡ଼୍‌କା ଏଚେଲା ହ଼ାଉ, ଅ଼ଡେ଼
ହିଚୁ ଏଚେଲା ଡୁମ୍ବେଏ । **୪୭** ଇଞ୍ଜାଁ ମୀ କାନୁ ମିଙ୍ଗେ ପ଼ାପୁ କିୱିକିୟାନେ
ଇଚିହିଁ ଏ଼ଦାନି ଡେ଼ୱା କୁତାଦୁ, ରୀ କାଣ୍‌କା ନେହେଁ ମାଞ୍ଜାନା ନର୍କତା
ମେତ୍‌ପି ଆ଼ନି କିହାଁ ର଼ କାନୁ ତଲେ ମାହାପୂରୁ ର଼ାଜିତା ହ଼ଡ଼ନାୟି ମିଙ୍ଗେ
ତାକି ନେହେଁ । **(Geenna g1067)** **୪୮** ଇଚିହିଁ ନର୍କତା ଏମ୍ବାତି ପିଡ଼୍‌କା
ଏଚେଲା ହ଼ାଉ, ଅ଼ଡେ଼ ହିଚୁ ଏଚେଲା ଡୁମ୍ବେଏ । **୪୯** "ହ଼ାରୁ ତଲେ
ଏ଼ନିକିଁ ପୂଜା ହୀନାୟି ସୁଦୁ ଆ଼ନେ, ଏଲେକିହିଁଏ ହିଚୁତଲେ ବାରେ ସୁଦୁ
କିୱିଆ଼ନେ ।" **୫୦** "ହ଼ାରୁ ନେହାୟି, ସାମା ହ଼ାରୁ ମୂଆସାରେ ଆତିହିଁ
ଏ଼ନିକିଁ ମୂପି କିନାୟି ଆ଼ନେ? ମୀରୁ ମୀ ତ଼ାଣା ହ଼ାରୁ ଲେହେଁ ଆ଼ଦୁ, ଅ଼ଡେ଼
ରଅତେରି ରଅଣାକି ହିତ୍‌ଡ଼ି ଜୀୱୁତଲେ ନେହିଁ ଆ଼ହିଁ ଡ଼ୟାଦୁ ।"

**୧୦** ଏ଼ ଟ଼ାୟୁଟି ଜୀସୁ ହାଜାନା ଜୀହୁଦା ର଼ାଜିତି ହାନ୍ଦି ଅ଼ଡେ଼ ଜର୍ଦନ
କାଡା ଆତାଲାୱାକି ୱ଼ାତେସି; ଇଞ୍ଜାଁ ଲ଼କୁ ଅ଼ଡେ଼ ୱେଣ୍ତେ ଏ଼ୱାଣି
ତ଼ାଣା ରୁଣ୍ତା ଆ଼ହାଲିଏ, ଏ଼ୱାସି ତାନି ର଼ମେରା ଲେହେଁ ଏ଼ୱାରାଇଁ ଅ଼ଡେ଼
ଜ଼ାପ୍‌ହାଲି ମ଼ାଟ୍‌ହେସି । **୨** ଏମ୍ବାଟିଏ ପାରୁସିୟାଁ ଏ଼ୱାଣି ତ଼ାଣା ୱ଼ାହାନା
ଏ଼ୱାଣାଇଁ ତାୟିପାରିକିହିଁ ୱେଚେରି, "ଜାହାରା ଡକ୍ରିନି ପିସାଲି ଆ଼ବାୟାଁକି
ର଼ମେରା କି?" **୩** ଜୀସୁ ଏ଼ୱାରାଇଁ ଏଲେଇଚେସି, "ମ଼ସା ମିଙ୍ଗେ ଏ଼ନି
ହୁକୁମି ହୀହାମାଞ୍ଜାନେସି?" **୪** ଏ଼ୱାରି ଏଲେଇଚେରି, "ପିହ୍‌ନି ଆ଼କୁ
ର଼ାଚାନା ଡକ୍ରିନି ପିସାଲି ମ଼ସା ହେଲ ହୀହାମାଞ୍ଜାନେସି ।" **୫** ଏମ୍ବାଟିଏ
ଜୀସୁ ଏ଼ୱାରାଇଁ ଏଲେଇଚେସି, "ମୀ ଆ଼ଟ୍‌ୱା ହିୟାଁତି ମେସାନା ଏ଼ୱାସି
ମିଙ୍ଗେତାକି ଇ ହୁକୁମି ର଼ାଚାମାନେସି । **୬** ସାମା ମାଣ୍‌ସି ଗ଼ାଡ଼ି ଆ଼ତି
ର଼ବେଲାଟିଏ ଏ଼ୱାସି ଏ଼ୱାରାଇଁ ଇୟା ଅ଼ଡେ଼ ଆ଼ବା କିହିଁ ମାହାପୂରୁ
ଗ଼ାଡ଼ିକିତେସି । **୭** ଏ଼ଦାଆଁତାକି ଆ଼ବା ତାଲି ତାଞ୍ଜିଇଁ ପିହ୍‌ନେସି, ଇଞ୍ଜାଁ ତାନି
ଡକ୍ରି ତଲେ ଆଣ୍ତିନେସି, **୮** ଇଞ୍ଜାଁ ଏ଼ୱାରି ରିଆରି ଆ଼ଏ, ସାମା ରଣ୍ତିଏ ଆଙ୍ଗା
ଆ଼ନେରି । **୯** ଇଞ୍ଜାଁ ମାହାପୂରୁ ଏ଼ନାଆଁ ଆଣ୍ତୁୱି କିହାମାନେସି, ମାଣ୍‌ସି
ଏ଼ଦାଆଁ ଏଟ୍‌କା କିଆପେସି ।" **୧୦** ଡ଼ାୟୁ ସୀସୁୟାଁ ଇଜ ଇ କାତାତି ଜୀସୁଇଁ
ଅ଼ଡେ଼ ୱେଣ୍ତେ ୱେଚେରି । **୧୧** ଏମ୍ବାଟିଏ ଜୀସୁ ଏ଼ୱାରାଇଁ ଏଲେଇଚେସି,
"ଆମ୍ବାଆସି ତାନି ଡକ୍ରିନି ପିସାନା ଏଟ୍‌କାତାଣି ବୀହା ଆ଼ନେସି, ଏ଼ୱାସି
ତଲିତି ଡକ୍ରିନି କ଼ପାଟି ଦ଼ାରିକାମା କିନେସି । **୧୨** ଅ଼ଡେ଼ ଡକ୍ରି ତାନି ଡକ୍ରାଇଁ
ପିସାନା ଏଟ୍‌କାତାଣାଇଁ ବୀହା ଆ଼ନେ, ଆତିହିଁ ଏ଼ଦି ଦ଼ାରିକାମା କିନେ
।" **୧୩** ଏ଼ୱାସି ଏ଼ନିକିଁ କକାରି ପ଼ଦାଁଣି ଡୀଗିନେସି, ଏ଼ଦାଆଁତାକି ଲ଼କୁ
ଏ଼ୱାରାଇଁ ଜୀସୁ ତ଼ାଣା ତାଚାଲି ମ଼ାଟ୍‌ହେରି; ସାମା ସୀସୁୟାଁ ଏ଼ୱାରାଇଁ
ଦାକା ହୀତେରି । **୧୪** ଜୀସୁ ଏ଼ଦାଆଁ ମେସାଁ କାର୍‌ବି ଆ଼ହାନା ଏ଼ୱାରାଇଁ
ଏଲେଇଚେସି, "କକାରି ପ଼ଦାଁଣି ନ଼ା ତ଼ାଣା ୱ଼ାହାଲି ହୀଦୁ, ଏ଼ୱାରାଇଁ
ଆ଼ଂଗାଆଦୁ; ଇଚିହିଁ ମାହାପୂରୁତି ର଼ାଜି ଇଲେତି ଲ଼କୁତାୟି । **୧୫** ନ଼ାନୁ ମିଙ୍ଗେ
ସାତା ୱେସିମାଞ୍ଜାଇଁ, ଆମ୍ବାଆସି କକାରି ପ଼ଦାୟାଁ ଲେହେଁ ମାହାପୂରୁତି
ର଼ାଜି ଆବଅସି, ଏ଼ୱାସି ଏ଼ନିଜିକେଏ ଏମ୍ବାଆଁ ହ଼ଡାଲି ଆ଼ଡଅସି ।" **୧୬**
ଇଞ୍ଜାଁ ଏ଼ୱାସି ଏ଼ୱାରାଇଁ କଡାଣା ଜ଼ଙ୍ଗାନା ଏ଼ୱାରି ଲାକ କେୟୁ ଇଟାନା
ବ଼ର ହୀତେସି । **୧୭** ଜୀସୁ ଅ଼ଡେ଼ ୱେଣ୍ତେ ହାଜିମାଚାଟି ରଅସି ଦାବ୍‌ଡ଼ି
ୱ଼ାହାନା ଏ଼ୱାଣି ନ଼କିତା ମେଣ୍ତାକୁତାନା ଏ଼ୱାଣାଇଁ ୱେଚେସି, "ଏ଼ ନେହିଁ
ଗୂରୁ କ଼ାଲାକ଼ାଲାତି ଜୀୱୁ ବେଟାଆ଼ହାଲି ନ଼ାନୁ ଏ଼ନାଆଁ କିଇଁ?" **(aiōnios
g166)** **୧୮** ଏମ୍ବାଟିଏ ଜୀସୁ ଏ଼ୱାଣାଇଁ ଏଲେଇଚେସି, "ନାଙ୍ଗେ ନେହାଁତି
ଇଞ୍ଜୁଁ ଏ଼ନାଆଁତାକି ଏଲେଇଞ୍ଜି ମାଞ୍ଜାଦି? ରଅଣି ପିସ୍‌ପେ ଇଚିହିଁ ମାହାପୂରୁ
ପିସ୍‌ପେ ଅ଼ଡେ଼ ଆମ୍ବାଆସି ନେହାଁସି ହିଲଅସି । **୧୯** ନୀନୁ ସ଼ାସ୍ତ୍ରେରିତି
ବାରେ ହୁକୁମିକା ପୁଞ୍ଜାମାଞ୍ଜି, ଲ଼କୁଣି ପ଼ାୟାଆଦୁ, ଦ଼ାରିକାମା କିଆଦୁ,
ସ଼ରୁ କିଆଦୁ, ମିଚି ସ଼ାକି ଜ଼ଲାଆଦୁ, ଲ଼କୁଣି ନ଼ାଡ଼ି କିଆଦୁ, ଇଞ୍ଜାଁ ତାଲି
ତାଞ୍ଜିଇଁ ଜୀୱୁନ଼ଦୁ ।" **୨୦** ଏ଼ୱାସି ଏ଼ୱାଣାଇଁ ଏଲେଇଚେସି, "ଏ଼ ଗୂରୁ ଇ
ବାରେ ନ଼ାନୁ ଉଣା ର଼ୱେଡ଼ାଟିଏ ମ଼ାନୱି ଆ଼ହିମାଇଁ ।" **୨୧** ଜୀସୁ ଏ଼ୱାଣାଇଁ
ଟୀରେ ସିନିକିହାଁ ଜୀୱୁ ନ଼ତେସି ଇଞ୍ଜାଁ ଏଲେଇଚେସି, "ନୀନୁ ର଼ କାମାତା
ଉଣା ମାଞ୍ଜି, ନୀନୁ ହାଜାନା ନୀ ଦ଼ନ ବାରେ ପାର୍‌ଚାନାହାଁ ହିଲାଆ
ଗାଟାରାକି ଦ଼ାନା ହୀମୁ, ଅ଼ଡେ଼ ନ଼ା ର଼ଜେଚ ୱ଼ାମୁ, ଇଞ୍ଜାଁ ନୀନୁ ଲାକପୂରୁ ଦ଼ନ
ବେଟାଆ଼ଦି ।" **୨୨** ସାମା ଇ କାତାତା ଏ଼ୱାଣି ମୂମ୍ବୁ ହାପ୍‌ଲି ଆ଼ହାହାଚେ,
ଇଞ୍ଜାଁ ଏ଼ୱାସି ଦୁକୁ ଆ଼ହାନା ହାଚେସି, ଇଚିହିଁ ଏ଼ୱାଣାକି ହ଼ାରେକା ଦ଼ନ
ମାଚେ । **୨୩** ଏମ୍ବାଟିଏ ଜୀସୁ ସ଼ାରିୱାକି ସିନିକିହାନା ତାନି ସୀସୁୟାଁଣି
ଏଲେଇଚେସି, "ଦ଼ନ ଗାଟାରି ହ଼ାରେକା କସ୍ତତଲେ ମାହାପୂରୁ ର଼ାଜିତା
ହ଼ଡ଼୍‌ନେରି ।" **୨୪** ଏ଼ୱାଣି କାତା ୱେଞ୍ଜାନା ସୀସୁୟାଁ କାବା ଆ଼ତେରି,
ସାମା ଜୀସୁ ଅ଼ଡେ଼ ୱେଣ୍ତେ ଏ଼ୱାରାଇଁ ଏଲେଇଚେସି, "ଆଡେ଼ କକାତେରି
ମାହାପୂରୁ ର଼ାଜିତା ହ଼ଡ଼୍‌ନାୟି ହ଼ାରେକା କସ୍ତ । **୨୫** ମାହାପୂରୁତି ର଼ାଜିତା
ଦ଼ନ ଗାଟାରି ହ଼ଡ଼୍‌ନି କିହାଁ ସୂଜା କ଼ାଣିଟି ଉଟୁ ହ଼ଡ଼୍‌ନାୟି ଉସାସା ।" **୨୬**

ଏମ୍ବାଟିଏ ଏ଼ୱାରି ହ଼ାରେକା କାବାଆ଼ହାନା ତ଼ାମ୍ବୁ ତ଼ାମ୍ବୁଏ କାତା ଆ଼ତେରି,
“ଆତିହିଁ ଆମ୍ବାଆସି ଗେଲ୍‌ପି ଆ଼ହାଲି ଆ଼ଡିନେସି?” **୨୭** ଜୀସୁ ଏ଼ୱାରାଇଁ
ତୀରିତଲେ ସିନିକିହାନା ଏଲେଇଚେସି, “ଈଦି ମାଣ୍‌ସିକି ଆ଼ଡାଆଗାଟାୟି,
ସାମା ମାହାପୂରୁକି ଆ଼ଏ; ଇଚିହିଁ ମାହାପୂରୁ ବାରେ କିହାଲି ଆ଼ଡିନେସି
।” **୨୮** ପିତର ଏ଼ୱାଣାଇଁ ଏଲେଇଚେସି, “ମେହ୍‌ମୁ ମ଼ାମ୍ବୁ ବାରେ ପିସାନା
ନୀ ଢ଼େଚ ୱ଼ାହାମାନମି ।” **୨୯** ଜୀସୁ ଏଲେଇଚେସି, “ନ଼ାନୁ ମିଙ୍ଗେ
ସାତା ୱେସିମାଞ୍ଜାଇଁ, ଆମିନି ଲ଼କୁ ନ଼ା ନେହିଁ କାବୁତାକି ଇଲୁ କି ତାୟିକି
ତାଙ୍ଗି କି ତାଲି, ତାଞ୍ଜି, କକାରି ପ଼ଦାଁଣି କି ବୂମି ବ଼ାଡ଼ା ପିସାମାନେରି,
**୩୦** ଅ଼ଡ଼େ ଇ କ଼ାଲାତା କସ୍ତ ବେଟାଆ଼ହିଁ, ୱାଞ୍ଜା ଗୂଣ୍ଟୁତି ଇଲ୍‌କା, ତାୟି,
ତାଙ୍ଗି, ତାଲି ତାଞ୍ଜି, କକାରି ପ଼ଦାୟାଁ ଅ଼ଡ଼େ ବୂମି ବ଼ାଡ଼ା, ଇଞ୍ଜାଁ ୱ଼ାନି
ଜୁଗୁତା କ଼ାଲାକ଼ାଲାତି ଜୀୱୁ ବେଟାଆ଼ଅସି, ଇଲେତି ଲ଼କୁ ଆମ୍ବାଆସି
ହିଲଅସି । (aiōn g165, aiōnios g166) **୩୧** ସାମା ନ଼କିତା ମାନି ହ଼ାରେକା
ଲ଼କୁ ଡ଼ାୟୁ ଆ଼ନେରି, ଇଞ୍ଜାଁ ଡ଼ାୟୁ ମାନି ହ଼ାରେକା ଲ଼କୁ ନ଼କିନେରି ।”
**୩୨** ଏ଼ୱାରି ଜିରୁସାଲମତା ହାଜିମାଚାଟି ଜିରୁତା ମାଚେରି ଇଞ୍ଜାଁ ଜୀସୁ
ଏ଼ୱାରି ନ଼କି ନ଼କିତା ହାଜିମାଚେସି, ଅ଼ଡ଼େ ଏ଼ୱାରି କାବାଆ଼ହାନା ଡ଼ାୟୁ
ୱ଼ାହିମାନି ଲ଼କୁ ଆଜାମାଚେରି, ଇଞ୍ଜାଁ ଏ଼ୱାସି ୱେଣ୍ତେ ବ଼ାରଜ଼ାଣାତି ଏଟ୍‌କା
କିହାନା ତାଙ୍ଗେତାକି ଏ଼ନା ଏ଼ନାୟି ଆ଼ହାଲି ହାଜିମାନେ, ଏ଼ ବାରେ
ଏ଼ୱାରାଇଁ ୱେସାଲି ମ଼ାଟ୍‌ହେସି । **୩୩** ଜୀସୁ ଏଲେଇଚେସି, “ମେହ୍‌ଦୁ
ମ଼ାର ଜିରୁସାଲମତା ହାଜିମାନାୟି; ମାଣ୍‌ସି ମୀର୍‌ଏସି କାଜା ପୂଜେରାଙ୍ଗା
ଅ଼ଡ଼େ ମ଼େରାପୁନାରି କେୟୁତା ହେର୍‌ପିଆ଼ନେସି, ଅ଼ଡ଼େ ଏ଼ୱାରି ଏ଼ୱାଣାଇଁ
ହ଼ାନି ଡଣ୍ତ ହୀହାନା ଏଟ୍‌କା କୂଡ଼ାତାରି କେୟୁତା ହେର୍‌ପିନେରି, **୩୪** ଇଞ୍ଜାଁ
ଏ଼ୱାରି ଏ଼ୱାଣାଇଁ କିଜୱି କିନେରି, ଏ଼ୱାଣିଲାକ ହୂପିନେରି, ଏ଼ୱାଣାଇଁ
ସ଼ାଟ୍‌ଣି ତଲେ ୱ଼େନେରି, ଇଞ୍ଜାଁ ପ଼ାୟିନେରି, ଅ଼ଡ଼େ ତୀନି ଦିନାଟିଏ ୱେଣ୍ତେ
ନିଙ୍ଗିନେସି ।” **୩୫** ଡ଼ାୟୁ ଜେବଦି ମୀର୍‌କା ଜାକୁବ ଅ଼ଡ଼େ ଜହନ ଜୀସୁ ତ଼ାଣା
ୱ଼ାହାନା ଏଲେଇଚେରି, “ଏ଼ ଗୂରୁ ମ଼ା ଅଣ୍‌ପୁ ମ଼ାମ୍ବୁ ନୀ ତ଼ାଣାଟି ଏ଼ନାଆଁ
ରୀହ୍‌ନମି ଏ଼ଦାଆଁ ମ଼ା ତାକି ନୀନୁ କିମୁ ।” **୩୬** ଇଞ୍ଜାଁ ଜୀସୁ ଏ଼ୱାରାଇଁ
ୱେଚେସି, “ନ଼ାନୁ ମୀ ତାକି ଏ଼ନାଆଁ କିଇଁ ଇଞ୍ଜିଁ ମୀରୁ ଅଣ୍‌ପିମାଞ୍ଜେରି?”
**୩୭** ଏ଼ୱାରି ଏ଼ୱାଣାଇଁ ଏଲେଇଚେରି, “ନୀନୁ ଗାୱୁରମିଗାଟି ର଼ାଜିତା
କୁଗିସାରେ ଏ଼ନିକିଁ ମ଼ା ବିତ୍ରାଟି ରଅତମି ନୀ ଟି଼ଁନି ଟଟ ଅ଼ଡ଼େ ରଅତମି ନୀ
ଢ଼େବ୍ରି ଟଟ କୁଗିନମି ଇ ବ଼ର ମାଙ୍ଗେ ହିୟାମୁ ।” **୩୮** ସାମା ଜୀସୁ ଏ଼ୱାରାଇଁ
ଏଲେଇଚେସି, “ମୀରୁ ଏ଼ନାଆଁ ରୀସିମାଞ୍ଜେରି ଏ଼ଦାଆଁ ପୁଞ୍ଜାହିଲଅତେରି
। ନ଼ାନୁ ଆମିନି ସ଼ଲାତା ଗସିମାଇଁ, ଏମ୍ବାଆଁ ମୀରୁ ଗସାଲି ଆ଼ଡିଦେରି?
ଇଞ୍ଜାଁ ନ଼ାନୁ ଆମିନି ବାପ୍ତିସ୍ମତା ବାପ୍ତିସ୍ମ ଅ଼ହିମାଇଁ ଏମ୍ବାଆଁ ମୀରୁ ବାପ୍ତିସ୍ମ
ଆ଼ହାଲି ଆ଼ଡିଦେରି?” **୩୯** ଏ଼ୱାରି ଏଲେଇଚେରି, “ଆ଼ଡିନମି ।” ଜୀସୁ
ଏ଼ୱାରାଇଁ ଏଲେଇଚେସି, “ନ଼ାନୁ ଆମିନି ସ଼ଲାତା ଗସିମାଇଁ ଏମ୍ବାଆଁ
ଗସାଲି ଆ଼ଡିଦେରି, ଇଞ୍ଜାଁ ନ଼ାନୁ ଆମିନି ବାପ୍ତିସ୍ମତା ବାପ୍ତିସ୍ମ ଆ଼ହିମାଇଁ
ମୀରୁ ଏମ୍ବାଆଁ ବାପ୍ତିସ୍ମ ଆ଼ଦେରି; **୪୦** ସାମା ନ଼ା ଟି଼ଁନି ଅ଼ଡ଼େ ଢ଼େବ୍ରିୱାକି
କୁଗାଲି ହୀହାଲି ନ଼ା ଅଦିକାରାତି କାତା ଆ଼ଏ, ଆମ୍ବାଆରାକି ମାହାପୂରୁ
ଟ଼ାୟୁ ଢ଼େପାମାନେସି ଏ଼ୱାରି କୁଗିନେରି ।” **୪୧** ଏଟ୍‌କାତି ଦସ ଜ଼ାଣା
ଈଦାଆଁ ୱେଞ୍ଜାନା ଜାକୁବ ଅ଼ଡ଼େ ଜହନଇଁ କାର୍‌ବି ଆ଼ହାଲି ମ଼ାଟ୍‌ହେରି ।
**୪୨** ଏମ୍ବାଟିଏ ଜୀସୁ ଏ଼ୱାରାଇଁ ଡାଗେ ହ଼ାଟାନା ଏଲେଇଚେସି, “ଆମିନି
ଗାଟାରି ଏଟ୍‌କା କୂଡ଼ାତି ସ଼ାଲୱି କିନାରି ଲେହେଁ ଆ଼ହାମାନେରି, ଏ଼ୱାରି
ଲାକ ସ଼ାଲୱି କିନେରି, ଅ଼ଡ଼େ ଏ଼ୱାରି କାଜାପ଼ାଣା ଗାଟାରି ଏ଼ୱାରି ମୁହେଁ
ସ଼ାଲୱି କିନେରି, ଈଦାଆଁ ମୀରୁ ପୁଞ୍ଜୁ । **୪୩** ସାମା ମୀ ବିତ୍ରା ଏଲେକିହିଁ
ଆ଼ଏ; ସାମା ମୀ ବିତ୍ରା ଆମ୍ବାଆସି କାଜାସି ଆ଼ହାଲି ମ଼ନ କିନେସି, ଏ଼ୱାସି
ମୀ ଢ଼େବା କିପେସି, **୪୪** ଅ଼ଡ଼େ ମୀ ବିତ୍ରା ଆମ୍ବାଆସି କାଜାସି ଆ଼ହାଲି
ମ଼ନ କିନେସି, ଏ଼ୱାସି ବାରେତି ହ଼ଲେଏସି ଆ଼ପେସି । **୪୫** ଇଚିହିଁ ମାଣ୍‌ସି
ମୀର୍‌ଏସି ଜିକେଏ ଢ଼େବା ବେଟାଆ଼ହାଲି ୱ଼ାହାହିଲଅସି, ସାମା ଢ଼େବା
କିହାଲି ଇଞ୍ଜାଁ ହ଼ାରେକା ଲ଼କୁଣି ପ଼ାପୁଟି ପିସ୍‌ପି କିହାଲିତାକି ତାନି ଜୀୱୁ
ହୀହାଲି ୱ଼ାହାମାନେସି ।” **୪୬** ଡ଼ାୟୁ ଏ଼ୱାରି ଜିରିହତା ଏଗାତେରି,
ଅ଼ଡ଼େ ଏ଼ୱାସି ତାନି ସୀସୁୟାଁ ଇଞ୍ଜାଁ ମାନ୍ବା ଲ଼କୁତଲେ ଜିରିହଟି ହାଜିମାନି
ଢ଼େଲାତା ଟିମାୟ ମୀର୍‌ଏସି ବାର୍ଟିମୟ ଦ଼ରୁଗାଟି ର଼ କ଼ାଣା, ରୀସ୍‌ପାଲି
ଜିରୁ ଦାରିତା କୁଗାମାଚେସି । **୪୭** ଏ଼ୱାସି ନ଼ାଜରିତତି ଜୀସୁ, ଇମ୍ବାଟି
ହାଜିମାନେସି ଇଞ୍ଜିଁ ୱେଞ୍ଜାନା ଏ଼ୱାସି କାଜା ଗିୟାଁତଲେ ଏଲେଇଚେସି,
“ଏ଼ ଦାୱୁଦ ମୀର୍‌ଏଣାତି ଜୀସୁ ନାଙ୍ଗେ କାର୍ମା ମେସ୍ତାମୁ ।” **୪୮** ଏମ୍ବାଟିଏ
ହ଼ାରେକା ଲ଼କୁ ଏ଼ୱାଣାଇଁ ପାଲେଏ ଆ଼ହାଲି ଦାକା ହୀତେରି, ସାମା ଏ଼ୱାସି
ଅ଼ଡ଼େ କାଜା ହ଼ାଡାତଲେ ଏଲେଇଚେସି, “ଏ଼ ଦାୱୁଦ ମୀର୍‌ଏଣାତି ଜୀସୁ
ନାଙ୍ଗେ କାର୍ମା ମେସ୍ତାମୁ ।” **୪୯** ଏମ୍ବାଟିଏ ଜୀସୁ ନିଚାନା ଏଲେଇଚେସି,
“ଏ଼ୱାଣାଇଁ ହ଼ାଟାଦୁ ।” ଏ଼ୱାରି ଏ଼ କ଼ାଣାଇଁ ହ଼ାଟାନା ଏଲେଇଚେରି, “ସ଼ାସା
ଆ଼ହାନା ନିଙ୍ଗାମୁ, ଏ଼ୱାସି ନିଙ୍ଗେ ହ଼ାଟିମାଞ୍ଜାନେସି ।” **୫୦** ଏମ୍ବାଟିଏ ଏ଼ୱାସି
ନିଙ୍ଗାନା ତାନି ହିମ୍ବରି କୁତାନା ଜୀସୁ ତ଼ାଣା ୱ଼ାତେସି । **୫୧** ଜୀସୁ ଏ଼ୱାଣାଇଁ
ଏଲେଇଚେସି, “ନ଼ାନୁ ନିଙ୍ଗେତାକି ଏ଼ନାଆଁ କିଇଁ ଇଞ୍ଜିଁ ନୀନୁ ଅଣ୍‌ପିମାଞ୍ଜି?”
ଏ଼ କ଼ାଣା ଏ଼ୱାଣାଇଁ ଏଲେଇଚେସି, “ଏ଼ ଗୂରୁ ନ଼ାନୁ ଏ଼ନିକିଁ ମେସାଲି ଆ଼ଡିଇଁ
।” **୫୨** ଜୀସୁ ଏ଼ୱାଣାଇଁ ଏଲେଇଚେସି, “ହାଲାମୁ ନୀ ନାମୁ ନିଙ୍ଗେ ନେହିଁ
କିୟାତେ ।” ଏ଼ ଦେବୁଣିଏ ଏ଼ୱାସି ମେସାଲି ଆ଼ଡିତେସି, ଇଞ୍ଜାଁ ଏ଼ୱାରି
ଢ଼େଚ ଢ଼େଚ ହାଚେସି ।

**୧୧** ଏଚିବେଲା ଏ଼ୱାରି ଜିରୁସାଲମ ଡାଗେ ଆ଼ହାନା ଜୀତ ହ଼ରୁ
ଡାଗେ ବେତ୍‌ପାଗି ଇଞ୍ଜାଁ ବେତନିୟାଁ ଡାଗେ ୱ଼ାତେରି, ଏଚିବେଲା
ଏ଼ୱାସି ତାନି ସୀସୁୟାଁ ବିତ୍ରାଟି ରିଆରାଇଁ ଈ କାତା ୱେସା ପାଣ୍ତିତେସି,
**୨** “ମୀ ନ଼କିତା ମାନି ଏ଼ ନ଼ାୟୁଁତା ହାଜୁ; ଏ଼ ନ଼ାୟୁଁତା ହ଼ଡ଼୍‌ୱନିଏ ଆମିନି
ଲାକ ଆମ୍ବାଆରି ଏଚେଲା ହ଼ଚା ହିଲଅରି ଇଲେତି ର଼ ଗ଼ାଡ଼୍‌ଦେ ଡ଼ାଲୁତି
ଦସାମାନାଣି ମେହ୍‌ଦେରି; ଏ଼ଦାନି ହୁକ୍‌ହାନା ତାଦୁ । **୩** ଅ଼ଡ଼େ ଆମ୍ବାଆସି
ଏ଼ନାଆଁ କିହିମାଞ୍ଜେରି ଇଞ୍ଜିଁ ମିଙ୍ଗେ ୱେଞ୍ଜାନେସି, ଆତିହିଁ ଏଲେଇଞ୍ଜୁ,
ଈଦାଣି ତ଼ାଣା ମ଼ା ପ୍ରବୁକି ଲ଼ଡ଼ାମାନେ, ଅ଼ଡ଼େ ୱେଣ୍ତେ ଈଦାଣି ୱ଼େଡ଼ାକିଆନା
ପାଣ୍ତାନେସି ।” **୪** ଏ଼ୱାରି ହାଜାନା ଦୁୱେରିଦାରି ଆ଼ଂଗେଣିତା ର଼ ଗ଼ାଡ଼୍‌ଦେ
ଡ଼ାଲୁତି ଦସାମାନାଣି ମେସାନା ଏ଼ଦାଣି ହୁକ୍‌ହେରି, **୫** ଏମ୍ବାଟିଏ ଏମ୍ବାଆଁ

ନିଚାମାଚି ଲ଼କୁ ବିତ୍ରାଟି ଏଚରଜା଼ଣା ୱେଚେରି, “ଗା଼ଡ଼୍‌ଦେ ଡା଼ଲୁତି ପିସାନା
ଏ଼ନାଆଁ କିହିମାଞ୍ଜେରି?” ୬ ଜୀସୁ ଏ଼ନିକିଁ ୱେସାମାଚେସି, ଏ଼ୱାରି ଏଲେକିଁ
ଏ଼ୱାରାଇଁ ଏଲେଇଚେରି; ଏମ୍ବାଟିଏ ଏ଼ୱାରି ଏ଼ୱାରାଇଁ ହେଲ ହୀତେରି ।
୭ ଜୀସୁ ନ଼କିତା ଗା଼ଡ଼୍‌ଦେ ଡା଼ଲୁତି ତାଚାନା ଏ଼ୱାରି ଏ଼ଦାଣି ଲାକ ତାମି
ହିମ୍ବରିକା ପା଼ସ୍ତେରି, ଅ଼ଡେ଼ ଜୀସୁ ଏ଼ଦାନିଲେକ କୁଗିତେସି । ୮ ଅ଼ଡେ଼
ହା଼ରେକା ଜିରୁତା ତାମି ହିମ୍ବରିକା ପା଼ସ୍ତେରି ଅ଼ଡେ଼ ଏଟ୍‌କାତାରି ଜା଼ଡ଼ାତି
ଗଚାୟାଁ ଟୂଣ୍‌ହା ତାଚାନା ପା଼ସ୍ତେରି । ୯ ଇଞ୍ଜାଁ ନ଼କିତା ଡା଼ୟୁୱାକି ହାଜିମାନି
ଲ଼କୁ କାଜା ହା଼ଡାତଲେ ଏଲେଇଚେରି, “ହ଼ସାନା ମାହାପୂରୁ ଦ଼ରୁଟି
ଆମ୍ବାଆସି ୱା଼ହିମାନେସି, ଏ଼ୱାସି ନେହାଁସି । ୧୦ ମା଼ ଆକୁ ଦାୱୁଦତି
ଆମିନି ରା଼ଜି ୱା଼ହିମାନେ, ଏ଼ଦି ଜହରା, ଲାକପୂରୁତି ହ଼ସାନା ।” ୧୧ ଡା଼ୟୁ
ଜୀସୁ ଜିରୁସାଲମତା ୱା଼ହାନା ମାହାପୂରୁ ଇଲୁତା ହାଚେସି, ଇଞ୍ଜାଁ ସା଼ରିୱାକି
ମାନାଣି ବାରେ ସିନିକିହାନା ମିଡ଼୍‌ଅଲା ଆ଼ହାଲିଏ ବା଼ରଜା଼ଣା ସୀସୁୟାଁ
ତଲେ ବେତନିୟାଁତା ହାଚେସି । ୧୨ ତାନି ଅ଼ର ଦିନା ବେତନିୟାଁଟି
ୱା଼ହିମାଚାଟି ଜୀସୁ ହାକି ଆ଼ତେସି; ୧୩ ଇଞ୍ଜାଁ ହେକଟି ଆ଼କା ମାନି ର଼ ତ଼ୟା
ମା଼ର୍‌ନୁତି ଆ଼କା ମେସାନା ଏମ୍ବାଆଁ ପା଼ଡେ଼ୟି ବେଟାଆ଼ନି ଆ଼ସା ତଲେ
ଡାଗେ ହାଚେସି । ସାମା ଡାଗେ ୱା଼ହାନା ଏ଼ୱାସି ଆ଼କା ପିସ୍‌ପେ ଅ଼ଡେ଼
ଏ଼ନାଆଁ ପ୍ଣାୱଆତେସି, ଇଚିହିଁ ଏ଼ଦି ତ଼ୟା ଆ଼ୟିନି ୱେଡ଼ା ହିଲାଆତେ
। ୧୪ ଏମ୍ବାଟିଏ ଜୀସୁ ଏ଼ଦାଣି ଏଲେଇଚେସି, “ନୀ ପା଼ଡେ଼ୟି ଲ଼କୁ
ଏଚେଲା ତିନାଆପେରି ।” ଏ଼ୱାଣି କାତା ତାମି ସୀସୁୟାଁ ୱେଞ୍ଜାମାଚେରି
। (aiōn g165) ୧୫ ଡା଼ୟୁ ଏ଼ୱାରି ଜିରୁସାଲମତା ୱା଼ତେରି, ଅ଼ଡେ଼ ଜୀସୁ
ମାହାପୂରୁ ଇଲୁତା ହ଼ଡାନା ଏ଼ ଟା଼ୟୁତା ବେବାରା କିହିମାଚି ଲ଼କୁଣି ପାଙ୍ଗାତା
ପେର୍‌ହାଲି ମା଼ଟ୍‌ହେସି, ଇଞ୍ଜାଁ ଟାକାୟାଁ ବେବାରା ଗାଟାରି କୁର୍ଚିୟାଁ ଅ଼ଡେ଼
ପଟାୟାଁ ବେବାରା କୁର୍ଚିୟାଁ ତିରିମ୍ପ୍ଣିପ୍‌ହେସି । ୧୬ ଇଞ୍ଜାଁ ପ୍ରାତାନା ଇଲୁ
ବିତ୍ରାଟି ଆମ୍ବାଆରାକି ଏ଼ନାଆଁ ଅ଼ହାଲି ତାଚାଲି ହେଲ ହୀଆତେସି, ୧୭
ଡା଼ୟୁ ଜୀସୁ ଏ଼ୱାରାଇଁ ଜା଼ପ୍‌ହିହିଁ ଏଲେଇଚେସି, “ଦାର୍ମୁ ପତିତା ରା଼ସ୍‌କି
ଆ଼ହାମାନେ, ନା଼ ଇଲୁ ବାରେ କୂଡ଼ାତି ଲ଼କୁତାକି ପ୍ରାତାନା ଇଲୁ ଇଞ୍ଜାଁ
ୱେଡ୍ଗିନେ? ସାମା ମୀରୁ ଏ଼ଦାଆଁ ଡଂଗାଁୟାଁ ପା଼ୱୁ କିହାମାଞ୍ଜେରି ।” ୧୮
ଈ କାତା ୱେଞ୍ଜାନା କାଜା ପୂଜେରାଙ୍ଗା ଅ଼ଡେ଼ ମେରାପୁନାରି ଏ଼ୱାଣାଇଁ
ଏ଼ନିକିଁ ନା଼ସା କିହାଲି ଆ଼ଡିନେରି, ଏ଼ଦାଆଁ ପାରୁ ପାରାଲି ମା଼ଟ୍‌ହେରି;
ଇଚିହିଁ ଲ଼କୁ ଏ଼ୱାଣି ଜା଼ପ୍‌ନି ତା଼ଣା କାବା ଆ଼ହିମାଚାକି ଏ଼ୱାରି ଏ଼ୱାଣାଇଁ
ଆଜିମାଚେରି । ୧୯ ଏ଼ ଦିନା ମିଡ଼୍‌ଅଲା ବେଲା ଜୀସୁ ଅ଼ଡେ଼ ସୀସୁୟାଁ
ଗା଼ଡ଼ାଟି ହାଚେରି । ୨୦ ଅ଼ର ଦିନା ଲା଼ଇଏ ଏ଼ ଜିରୁଟି ହାଜିମାଚାଟି ଏ଼ୱାରି
ତ଼ୟା ମା଼ର୍‌ନୁ ଡାକିଟିଏ ୱା଼ୟିତାଣି ମେସ୍ତେରି । ୨୧ ଏମ୍ବାଟିଏ ପିତର
ତଲିତି କାତା ଅଣ୍‌ପାନା ଏଲେଇଚେସି, “ଏ଼ ଗୂରୁ ମେହ୍‌ମୁ ନୀନୁ ଆମିନି
ତ଼ୟା ମା଼ର୍‌ନୁତି ବା଼କା ହୀହାମାଚି ଏ଼ଦି ୱା଼ୟାହାଚେୟିଏ ।” ୨୨ ଜୀସୁ
ଏ଼ୱାରାଇଁ ଏଲେଇଚେସି, “ମାହାପୂରୁ ତା଼ଣା ନାମାଦୁ । ୨୩ ନା଼ନୁ ମିଙ୍ଗେ
ସାତା ୱେସିମାଞ୍ଜାଇଁ, ଆମ୍ବାଆସି ଈ ହ଼ରୁତି ନୀନୁ ନିଙ୍ଗାନା ସାମ୍‌ଦୁରିତା
ତର୍‌ଗାମୁ ଇନେସି, ଇଞ୍ଜାଁ ତାନି ହିୟାଁତା ଆନାମାନା ଆ଼ଆନା, ଏ଼ନାଆଁ
ଜ଼ଲିମାଇଁ ଏ଼ଦି ଆ଼ନେ ଇଞ୍ଜାଁ ନାମିନେସି, ଏ଼ୱାଣାକି ଏ଼ଦି ଆ଼ନେ । ୨୪
ଏ଼ଦାଆଁତାକି ନା଼ନୁ ମିଙ୍ଗେ ୱେସିମାଞ୍ଜାଇଁ, ମୀରୁ ଏ଼ନାଆଁ ପ୍ରାତାନା କିଦେରି
ଅ଼ଡେ଼ ରୀହ୍‌ଦେରି, ଏ଼ ବାରେ ମିଙ୍ଗେ ମେଡ଼ା ଆୟାତେ ଇଞ୍ଜାଁ ନାମାଦୁ,
ଏଚେଟିଏ ଏ଼ ବାରେ ସାତେଏ ବେଟାଆ଼ଦେରି । ୨୫ ଇଞ୍ଜାଁ ମୀରୁ ଆମିନି
ବେଲାତା ପ୍ରାତାନା କିହାଲି ନିଦେରି, ଇଞ୍ଜାଁ ଆମ୍ବାଆରି କ଼ପାଟି ଏ଼ନି
କାତା ମାଚିହିଁ, ଏ଼ୱାଣି ପା଼ପୁ ମ୍ଣେକ୍‌ଦୁ, ଏ଼ନିକିଁ ମୀ ଲାକପୂରୁତି ଆ଼ବା
ଜିକେଏ ମୀ ପା଼ପୁତି ମ୍ଣେକ୍‌ହାନେସି । ୨୬ ସାମା ମୀରୁ ଏ଼ୱାଣି ପା଼ପୁ
ମ୍ଣେକ୍‌ଅତେରି, ଆତିହିଁ ମୀ ଲାକପୂରୁତି ଆ଼ବା ଜିକେଏ ମୀ ବାରେ ପା଼ପୁତି
ମ୍ଣେକ୍‌ହଅସି ।” ୨୭ ଡା଼ୟୁ ଏ଼ୱାରି ଅ଼ଡେ଼ ୱେଣ୍ତେ ଜିରୁସାଲମତା ୱା଼ତେରି;
ଇଞ୍ଜାଁ ଏ଼ୱାସି ପ୍ରାତାନା ଇଲୁତା ହ଼ଡିମାଚି ବେଲାତା କାଜା ପୂଜେରାଙ୍ଗା
ମେରାପୁନାରି ଇଞ୍ଜାଁ ପ୍ରାଚିନାଙ୍ଗା ଏ଼ୱାଣି ତା଼ଣା ୱା଼ହାନା ୱେଚେରି, ୨୮
“ନୀନୁ ଆମିନି ଅଦିକାରା ତଲେ ଈ ବାରେ କିହିମାଞ୍ଜି? ଇଞ୍ଜାଁ ଈ ବାରେ
କିହାଲି ଆମ୍ବାଆସି ଈ ଅଦିକାରା ହିୟାତେସି?” ୨୯ ସାମା ଜୀସୁ ଏ଼ୱାରାଇଁ
ଏଲେଇଚେସି, “ନା଼ନୁ ମିଙ୍ଗେ ର଼ କାତା ୱେଞ୍ଜାଇଁ, ନାଙ୍ଗେ ୱେସ୍ତାଦୁ, ଆତିହିଁ
ନା଼ନୁ ଆମିନି ଅଦିକାରା ତଲେ କିହିମାଇଁ, ଏ଼ଦାଆଁ ମିଙ୍ଗେ ୱେସ୍ତାଇଁ । ୩୦
ଜହନତି ବାପ୍ତିସ୍ମ ଲାକପୂରୁଟି କି ମାଣ୍‌ସିୟାଁ ତା଼ଣାଟି ଆ଼ହାମାଚେ? ଏ଼ଦାଆଁ
ନାଙ୍ଗେ ୱେସ୍ତାଦୁ ।” ୩୧ ଏଚେଟିଏ ଏ଼ୱାରି ତା଼ମ୍ବୁ ତା଼ମ୍ବୁଏ କାତା ଆ଼ହାଲି
ମା଼ଟ୍‌ହେରି, “ଲାକପୂରୁଟି ଇନାୟି, ଆତିହିଁ ଏ଼ୱାସି ଏଲେଇଞ୍ଜାନେସି ମୀରୁ
ଏ଼ନାଆଁତାକି ଏ଼ୱାଣାଇଁ ନାମାଆତେରି? ୩୨ ଅ଼ଡେ଼ ମାଣ୍‌ସି ତା଼ଣାଟି
ଇନାୟି, ଏ଼ୱାରି ଲ଼କୁଣି ଆଜିମାଚେରି; ଇଚିହିଁ ବାରେଜା଼ଣା ଜହନ ସାତା
ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାସି ଇଞ୍ଜାଁ ମା଼ନୱି ଆ଼ହିମାଚେରି ।” ୩୩
ଏ଼ଦାଆଁତାକି ଜୀସୁଇଁ ଏ଼ୱାରି ଏଲେଇଚେରି, “ମା଼ମ୍ବୁ ପୁଞ୍ଜାହିଲଅମି ।”
ଜୀସୁ ଏ଼ୱାରାଇଁ ଏଲେଇଚେସି, “ନା଼ନୁ ଆମିନି ଅଦିକାରା ତଲେ କିହିମାଇଁ
ଏ଼ଦାଆଁ ନା଼ନୁ ଜିକେଏ ମିଙ୍ଗେ ୱେସ୍ତଅଁ ।”

୧୨ ଏମ୍ବାଟିଏ ଏ଼ୱାସି ଏ଼ୱାରାଇଁ ପୁଣ୍‌ମ୍ବିକିନି କାତାତଲେ ୱେସାଲି
ମା଼ଟ୍‌ହେସି, “ରଅସି ର଼ ଅଙ୍ଗୁରି ବା଼ଡ଼ା କିହାନା ବା଼ଡ଼ା ସା଼ରିୱାକି
ବେୟିଁ ଗୂର୍‌ତେସି, ଇଞ୍ଜାଁ ଅଙ୍ଗୁରି ପା଼ଡେ଼ୟି ପୀଚାଲି ର଼ ଗା଼ଡ଼୍‌ୟୁ କା଼ର୍‌ହାନା
ଏମ୍ବାଆଁ କା଼ୱଆନାରାକି କା଼ୱଆନି ଇଲୁ କେପିତେସି, ଇଞ୍ଜାଁ କାମା କିନାରାକି
ଏ଼ ବା଼ଡ଼ା ବା଼ଗା ହୀହାନା ହେକ ରା଼ଜି ହାଚେସି । ୨ ଡା଼ୟୁ କାମାକିନାରି
ତା଼ଣାଟି ଅଙ୍ଗୁରି ବା଼ଡ଼ାତି ପା଼ଡେ଼ୟି ବା଼ଗା ବେଟାଆ଼ହାଲି ଏ଼ୱାସି ର଼
ହ଼ଲେଏଣାଇଁ ପା଼ଡେ଼ୟି କାମ୍ବିନିୱେଡ଼ା ଏ଼ୱାରିତା଼ଣା ପାଣ୍ତିତେସି । ୩ ସାମା
ଏ଼ୱାରି ଏ଼ୱାଣାଇଁ ଆସାନା ୱେତେରି ଇଞ୍ଜାଁ ୱା଼ର୍‌ଇ କେୟୁଟି ପାଣ୍ତିତେରି ।
୪ ଏ଼ୱାସି ଅ଼ଡେ଼ ଏ଼ୱାରିତା଼ଣା ଅ଼ଡେ଼ ର଼ ହ଼ଲେଏଣାଇଁ ପାଣ୍ତିତେସି; ଏ଼ୱାରି
ଏ଼ୱାଣାଇଁ ଜିକେଏ ତା଼ୟୁଁ ଡ଼ାୟେ ୱେଚାନା ହୀଣି କିତେରି । ୫ ଏ଼ୱାସି
ଅ଼ଡେ଼ ରଅଣାଇଁ ପାଣ୍ତିତେସି; ଏ଼ୱାରି ଏ଼ୱାଣାଇଁ ଜିକେଏ ପା଼ୟିତେରି,
ଏମ୍ବାଟିଏ ଏ଼ୱାସି ଅ଼ଡେ଼ ହା଼ରେକା ଜା଼ଣାତି ପାଣ୍ତିତେସି; ଏ଼ୱାରି ବିତ୍ରାଟି
ଏଚରଜା଼ଣାତି ୱେତେରି ଇଞ୍ଜାଁ ଏଚରଜା଼ଣାତି ପା଼ୟିତେରି । ୬ ତାନି ତା଼ଣା
ରଅସିଏ ଡ଼ୟିତେସି, ଏ଼ୱାସି ତାନି ଜୀୱୁତି ମୀର୍‌ଏସି, ଡା଼ୟୁ ଅଣ୍‌ପିତେସି

‘ଏ଼ୱାରି ନ଼ା ମୀର୍‌ଏଣାଇଁ ମ଼ାନି କିନେରି’ ଇଞ୍ଜ଼ୁଁ ଏ଼ୱାସି ଏ଼ୱାଣାଇଁ ପାଣ୍ତିତେସି
। **୭** ସାମା ଏ଼ କାମାକିନାରି ତ଼ାମ୍ବୁ ତ଼ାମ୍ବୁ କାତା ଆ଼ତେରି, ‘ଈୱାସିତ
ଅଦିକାରା ଗାଟାସି, ୱ଼ାଦୁ ଈୱାଣାଇଁ ପ଼ାୟିନ; ଆତିହିଁ ବ଼ାଡ଼ାତି ଅଦିକାରା
ମ଼ାଦି ଆ଼ନେ ।’ **୮** ଏମ୍ବାଟିଏ ଏ଼ୱାରି ଏ଼ୱାଣାଇଁ ଆସାନା ପ଼ାୟିତେରି
ଇଞ୍ଜ଼ାଁ ଅଡ୍କରି ବ଼ାଡ଼ାତି ପାଡ୍ଗାତା ମେତ୍‌ହାତୁସ୍ତେରି ।” **୯** ଜୀସୁ ଏ଼ୱାରାଇଁ
ୱେଚେସି, “ୱେସ୍ତାଦୁ, ଈଦାଆଁ ଡ଼ାୟୁ ଏ଼ ଅଡ୍କରି ବ଼ାଡ଼ାତି ସ଼ାୱୁକାରି ଏ଼ନାଆଁ
କିନେସି? ଏ଼ୱାସି ୱ଼ାହାନା କାମା କିନାରାଇଁ ନ଼ାସା କିନେସି ଇଞ୍ଜ଼ାଁ ଏଟ୍‌କାତି
କାମା କିନାରାକି ଏ଼ ଅଡ୍କରି ବ଼ାଡ଼ା ହୀନେସି । **୧୦** ମୀରୁ ଦାର୍ମୁ ପତିତା
ଈ କାତା ପ଼ଡ଼ୱି ଆ଼ହାହିଲଅତେରି? ଇଲୁ ଡ଼େକିନାରି ଆମିନି ୱାଲିତି
ମିଣ୍‌ଏ ଇଞ୍ଜ଼ୁଁ ଅ଼ପାଆତେରି, ଏ଼ଦିଏ ଇଲୁତି ମୂଲୁ ୱାଲି ଆ଼ତେ । **୧୧**
ମାହାପୂରୁ ତ଼ାଣାଟି ଈଦି ଆ଼ତେ, ଇଞ୍ଜ଼ାଁ ଏ଼ଦି ମ଼ା କାନୁତାକି ର଼ କାବା
ଆ଼ନାୟି ।” **୧୨** ଏଚେଟିଏ ଜୀହୁଦି ଲ଼କୁତି କାଜାରି ଏ଼ୱାଣାଇଁ ଆସାଲି
ଅଣ୍‌ପିମାଚେରି, ସାମା ଏ଼ୱାରି ଲ଼କୁଣି ଆଜିତେରି; ଇଚିହିଁ ଏ଼ ପୁଣ୍‌ମ୍ବିକିନି
କାତା ଏ଼ୱାରାଇଁ ସିନିକିହାନା ୱେସିମାଚେସି ଇଞ୍ଜ଼ୁଁ ପୁଚେରି, ଇଞ୍ଜ଼ାଁ ଏ଼ୱାରି
ଏ଼ୱାଣାଇଁ ପିସାନା ହାଜାତୁସ୍ତେରି । **୧୩** ଡ଼ାୟୁ ଜୀସୁ କାତାତି ଦ଼ହ ଆସାଲି
ତାକି ଏ଼ୱାରି ପାରୁସି ଅ଼ଡ଼େ ହେରଦ ଗଚିତି ଏଚେକା ଲ଼କୁଣି ଏ଼ୱାଣି ତ଼ାଣା
ପାଣ୍ତିତେରି । **୧୪** ଏ଼ୱାରି ୱ଼ାହାନା ଏ଼ୱାଣାଇଁ ଏଲେଇଚେରି, “ଏ଼ ଗୂରୁ
ମ଼ାମ୍ବୁ ପୁଞ୍ଜ଼ାମାନମି, ନୀନୁ ସାତା କାତା ୱେହ୍‌ନାତି ଅ଼ଡ଼େ ଆମ୍ବାଆରାଇଁ
ଆଜାଆ ଗାଟାତି; ଇଚିହିଁ ନୀନୁ ମାଣ୍‌ସିତି ମୂମ୍ବୁ ମେସାନା ଜ଼ଲାଆ ଗାଟାତି
ଇଞ୍ଜ଼ାଁ ସାତା ତଲେ ମାହାପୂରୁତି ଜିରୁ ଜ଼ାପ୍‌ନାତି, କାୟିସରକି ସିସ୍ତୁ
ହୀନାୟି ଡ଼େରା କି ଆ଼ଏ, ମ଼ାମ୍ବୁ ହୀନମି କି ଆ଼ଏ?” **୧୫** ସାମା ଏ଼ୱାସି
ଏ଼ୱାରି କାର୍‌ବିତି ପୁଞ୍ଜ଼ାନା ଏ଼ୱାରାଇଁ ଏଲେଇଚେସି, “ଏ଼ନାଆଁତାକି ନାଙ୍ଗେ
ତାୟିପାରି କିହିମାଞ୍ଜ଼ାଦେରି? ର଼ ୱେଣ୍ତି ଟାକା ନ଼ା ତ଼ାଣା ତାଦୁ ନ଼ାନୁ ଏ଼ଦାଆଁ
ସିନିକିଇଁ ।” **୧୬** ଏଚେଟିଏ ଏ଼ୱାରି ଏ଼ଦାଆଁ ତାତେରି, ଏ଼ୱାସି ଏ଼ୱାରାଇଁ
ୱେଚେସି, “ଈ ବମା ଅ଼ଡ଼େ ଦ଼ରୁ ଆମ୍ବାଆରାୱାୟି?” ଏ଼ୱାରି ଏ଼ୱାଣାଇଁ
ଏଲେଇଚେରି, “କାୟିସରୱାୟି ।” **୧୭** ଏମ୍ବାଟିଏ ଜୀସୁ ଏ଼ୱାରାଇଁ
ଏଲେଇଚେସି, “କାୟିସରୱାୟି ଏ଼ନାୟି ଏ଼ଦାଆଁ କାୟିସରକି ହୀଦୁ;
ଇଞ୍ଜ଼ାଁ ମାହାପୂରୁୱାୟି ଏ଼ନାୟି ଏ଼ଦାଆଁ ମାହାପୂରୁକି ହୀଦୁ ।” ଏଚେଟିଏ
ଏ଼ୱାରି ଏ଼ୱାଣି କାତାତାକି କାବା ଆ଼ତେରି । **୧୮** ଏମ୍ବାଟିଏ ହ଼ାକିଟି ୱେଣ୍ତେ
ନିଡ୍ଗିନାୟି ହିଲେଏ ଇଞ୍ଜିମାନି ସାଦୁକି ଲ଼କୁ ଜୀସୁ ତ଼ାଣା ୱ଼ାହାନା ୱେଚେରି,
**୧୯** “ଏ଼ ଗୂରୁ ମ଼ସା ମାଙ୍ଗେତାକି ର଼ାଚାମାନେସି, ଇଚିହିଁ ଆମ୍ବାଆରି ତାୟି
ହ଼ାନେସି ଇଞ୍ଜ଼ୁଁ ତାନି ଡକ୍ରି ନୀଡାମାନେ ଇଞ୍ଜ଼ାଁ ଏ଼ଦାନି ଏ଼ନି କକାରି ପ଼ଦାୟାଁ
ହିଲାଉ ଆତିହିଁ ତାନି ତାୟି ତାନି ଡକ୍ରିନି ଇଟାନା ତାନି ତାୟିକି କୂଡ଼ା
ଏ଼ପାକିନେସି । **୨୦** ମେହ୍‌ମୁ ସ଼ାତା ଜ଼ାଣା ତାୟିୟାଁ ମାଚେରି; କାଜାସି ର଼
ଆୟାନି ବୀହା ଆ଼ତେସି, ଇଞ୍ଜ଼ାଁ କକାରି ପ଼ଦାଁ ଆ଼ଆନା ହ଼ାତେସି; **୨୧**
ଏ଼ୱାଣି ଡ଼େଚତାସି ଏ଼ ଇୟାନି ଇଟିତେସି ଇଞ୍ଜ଼ାଁ କକାରି ପ଼ଦାଁ ଆ଼ଆନା
ହ଼ାତେସି; ଅ଼ଡ଼େ ଡ଼େଚତାସି ଏଲେକିତେସି, **୨୨** ଇଞ୍ଜ଼ାଁ ସ଼ାତା ଜ଼ାଣା
ଜିକେଏ କକାରି ପ଼ଦାଁ ଆ଼ଆନା ହ଼ାତେରି; ବାରେତି ଡ଼ାୟୁ ଏ଼ ଇୟା ଜିକେଏ
ହ଼ାତେ । **୨୩** ୱେଣ୍ତେ ନିଡ୍ଗିନି ଡ଼େଲାତା ଏଚିଡ଼େଲା ଏ଼ୱାରି ନିଡ୍ଗିନେରି,
ଏଚିଡ଼େଲା ଏ଼ୱାରି ବିତ୍ରାଟି ଆମ୍ବାଆରି ଡକ୍ରି ଆ଼ନେ? ସ଼ାତା ଜ଼ାଣା ଜିକେଏ
ଇଟାମାଚେରି ।” **୨୪** ଜୀସୁ ଏ଼ୱାରାଇଁ ଏଲେଇଚେସି, “ମିଙ୍ଗେ ହ଼ାରେକା
ନ଼ାଡ଼ିକିନି ଅଣ୍‌ପୁ ମାନେ । ଦାର୍ମୁ ସ଼ାସ୍ତେରି, ଇଞ୍ଜ଼ାଁ ମାହାପୂରୁତି ବ଼ାଡ଼୍‌ୟୁତି
କାତା ପୁଞ୍ଜ଼ାହିଲଅତେରି । **୨୫** ଏ଼ନାଆଁତାକି ଇଚିହିଁ ହ଼ାତାରି ନିଡ୍ଗିତି ଡ଼ାୟୁ
ଲ଼କୁ ବୀହା ଆ଼ଅରି କି ବୀହା ହୀଅରି, ସାମା ଲାକପୂରୁତି ଦୂତୁୟାଁଲେହେଁ
ଡ଼ୟିନେରି । **୨୬** ଇଞ୍ଜ଼ାଁ ହ଼ାତାରି ନିଡ୍ଗିନେରି ଏ଼ କାତାତି ମୀରୁ ମ଼ସା ର଼ାଚିତି
ପତିତା ୱେହିମାନି ବୂଟାତି କାବୁ ପ଼ଡ଼ୱି ଆ଼ହାହିଲଅତେରି କି? ମାହାପୂରୁ
ଏ଼ନିକିଁ ଏଲେଇଞ୍ଜ଼ା ମାନେସି, ‘ନ଼ାନୁ ଅବ୍ରାହାମତି ମାହାପୂରୁ, ଇସାହାକତି
ମାହାପୂରୁ, ଅ଼ଡ଼େ ଜାକୁବତି ମାହାପୂରୁତେଏଁ ।’ **୨୭** ଏ଼ୱାସି ହ଼ାତାରି
ମାହାପୂରୁ ଆ଼ଏ, ସାମା ଜୀୱୁଗାଟାରି ମାହାପୂରୁ ମୀରୁ ହ଼ାରେକା ନ଼ାଡ଼ିକିୱି
ଆ଼ହାମାଞ୍ଜ଼ରି ।” **୨୮** ଏଚିଡ଼େଲା ର଼ ଡ଼େରା ଜ଼ାପ୍‌ନାସି ଡାଗେ ୱ଼ାହାନା
ଏ଼ୱାରି ବ଼ାଦିବ଼ାଦା ଆ଼ହିମାଚାଣି ୱେଞ୍ଜ଼ାନା ଅ଼ଡ଼େ ଜୀସୁ ସାଦୁକି ଲ଼କୁଇଁ
ସମାନା କାତା ୱେଣ୍ତେ ୱେସିମାଚାଣି ୱେଞ୍ଜ଼ାନା ଜୀସୁଇଁ ୱେଚେସି, “ଆମିନି
ହୁକୁମି ଦାର୍ମୁପତିତା ବାରେକିହାଁ କାଜାୟି?” **୨୯** ଜୀସୁ ଏଲେଇଚେସି,
“କାଜା ହୁକୁମି ଈଦି ‘ଏ଼ ଇସ୍ରାୟେଲ ୱେଞ୍ଜୁ; ପ୍ରବୁ ମ଼ା ମାହାପୂରୁ ରଣ୍ତିଏ ପ୍ରବୁ
ମାନେସି; **୩୦** ଅ଼ଡ଼େ ନୀନୁ ନୀ ବାରେ ହିୟାଁ ବାରେ ଜୀୱୁ ମ଼ନ ହୀହାନା
ଅ଼ଡ଼େ ବାରେ ବ଼ାଡ଼୍‌ୟୁ ତଲେ ପ୍ରବୁ ନୀ ମାହାପୂରୁଇଁ ଜୀୱୁ ନ଼ମୁ ।’” **୩୧**
ଅ଼ଡ଼େ ରଣ୍ତି ଈଦି ନୀନୁ ନୀ ପ଼ାଡ଼ିତାଣାଇଁ ନୀ ଜାହାରାଲେହେଁ ଜୀୱୁ ନ଼ମୁ
। ଈ ହୁକୁମିକା ପିସ୍‌ପେ ଅ଼ଡ଼େ ଆମିନି କାଜା ହୁକୁମି ହିଲେଏ । **୩୨**
ଏମ୍ବାଟିଏ ଏ଼ ଡ଼େରା ପୁନାସି ଜୀସୁଇଁ ଏଲେଇଚେସି, “ଏ଼ ଗୂରୁ ଏ଼ଦି ସାତା
ମାହାପୂରୁ ରଅସିଏ ଇଞ୍ଜ଼ାଁ ଏ଼ୱାଣି ପିସ୍‌ପେ ଅ଼ଡ଼େ ଆମ୍ବାଆସି ହିଲଅସି,
ଏ଼ଦାଆଁ ନୀନୁ ନେହିଁକିଁ ୱେସ୍ତାତି; **୩୩** ଇଞ୍ଜ଼ାଁ ବାରେ ହିୟାଁ, ବାରେ ବୁଦି,
ବାରେ ବ଼ାଡ଼୍‌ୟୁ ହୀହାନା ଏ଼ୱାଣାଇଁ ଜୀୱୁନ଼ନାୟି ଇଞ୍ଜ଼ାଁ ପ଼ାଡ଼ିତାଣାଇଁ ମ଼ା
ଜାହାରାଲେହେଁ ଜୀୱୁନ଼ନାୟି ବାରେ ଜ଼ନ୍ତୁତି ପୂଜା ହୀନି କିହାଁ କାଜାୟି ।”
**୩୪** ଏ଼ୱାସି ବୁଦିତଲେ ଜ଼ଲାମାଞ୍ଜ଼ାନେସି ଇଞ୍ଜ଼ୁଁ ମେସାନା ଜୀସୁ ଏ଼ୱାଣାଇଁ
ଏଲେଇଚେସି, “ମାହାପୂରୁତି ର଼ାଜିଟି ନୀନୁ ହେକ ହିଲଅତି । ଏଚେଟିଏ
ଆମ୍ବାଆସି ଜୀସୁଇଁ ଏ଼ନାଆଁ ୱେଞ୍ଜ଼ାଲି ସ଼ାସା କିଆତେସି ।” **୩୫** ସାମା ଜୀସୁ
ପ୍ରାତାନା ଇଲୁତା ଜ଼ାପ୍‌ହି ମାଚିଡ଼େଲାତା ଏଲେଇଚେସି, “କ୍ରୀସ୍ତୁ ଦାୱୁଦ
ମୀର୍‌ଏସି, ଈଦାଆଁ ଡ଼େରାପୁନାରି ଏ଼ନିକିଁ ଏଲେଇନେରି? **୩୬** ତ଼ାନୁଏ
ଦାୱୁଦ ମାହାପୂରୁତି ସୁଦୁଜୀୱୁ ବେଟାଆ଼ହାନା ୱେସାମାଚେସି, ‘ପ୍ରବୁ ନ଼ା
ପ୍ରବୁଇଁ ଏଲେଇଚେସି, ନ଼ାନୁ ଏଚେ ପାତେକା ନୀ ସାତ୍ରୁୟାଁଇଁ ନୀ କଡାଁ ଡ଼ଇ
କିହାହିଲଅଁ, ଏଚେ ପାତେକା ନ଼ା ଟିଃନିୱାକି କୁଗାମାନାମୁ ।’ **୩୭** ଦାୱୁଦ
ତ଼ାନୁଏ ଏ଼ୱାଣାଇଁ ପ୍ରବୁ ଇଞ୍ଜିମାନେସି; ଆତିହିଁ ଏ଼ୱାସି ଏ଼ନିକିଁ ଦାୱୁଦ
ମୀର୍‌ଏସି ।” । **୩୮** ମାନ୍ବା ଲ଼କୁ ର଼ାହାଁଟି ତାନି କାତା ୱେଞ୍ଜିମାଚେରି, ଅ଼ଡ଼େ
ୱେଣ୍ତେ ଏ଼ୱାସି ତାନି ଜ଼ାପ୍‌ହି ମାଚି କାତାତା ଏଲେଇଚେସି, “ଡ଼େରାପୁନାରି
ତ଼ାଣାଟି ଜାଗ୍ରାତା, ଏ଼ୱାରି ଲାମ୍ବା ହିମ୍ବରିକା ହୁଚାନା ଡ଼େଜାଲି ଇଞ୍ଜ଼ାଁ ହ଼ାଟା
ବାଜାରାତା ଜହରା ବେଟାଆ଼ହାଲି ର଼ାହାଁ ଆ଼ନେରି, **୩୯** ଜୀହୁଦି ଲ଼କୁତି

କୁଟମି ଇଲୁତା କାଜା କୁର୍ଚି, ବ଼ଜିତା ନେହିଁ ଟ଼ାୟୁତା କୁଗାଲି ପାରିନେରି;
**୪୦** ଏ଼ୱାରି ର଼ାଣ୍ଡ୍ରେଣିସିକା ଇଲ୍କା ସେନ୍ଦ୍ବିନେରି, ଲ଼କୁଣି ତ଼ସାଲି ଲାମ୍ବ୍ରା
ପ୍ରାତାନା କିନେରି; ଏ଼ୱାରି ହ଼ାରେକା ଡଣ୍ଡ୍ରୁ ବେଟାଆ଼ନେରି ।” **୪୧** ଡ଼ାୟୁ
ଜୀସୁ ମାହାପୂରୁ ଇଲୁତି ଦ଼ାନା ପ଼େଡ଼ା ଡାଗେ କୁଗାନା ଲ଼କୁ ଏମ୍ବ୍ରାଆଁ ଏ଼ନିକିଁ
ଦ଼ାନା ହୀହିମାନେରି, ଏ଼ଦାଆଁ ସିନିକିହିମାଚେସି । ଏଚିବ଼େଲାତା ହ଼ାରେକା
ଦ଼ନ ଗାଟାରି ଗାଡି ମେତ୍ହେରି; **୪୨** ଅ଼ଡ଼େ ର଼ ହାକି କ଼ାକୁଲିଗାଟି ର଼ାଣ୍ଡ୍ରେଣି
ଇୟ଼ା ୱ଼ାହାନା ରୀ ଊଣା ତାମ୍ବ୍ରାତି ଆଦ୍ଲି ଏ଼ ପ଼େଡ଼ାତା ମେତ୍ହେ । **୪୩**
ଏଚେଟିଏ ଜୀସୁ ତାନି ସୀସୁଣି ଡାଗେ ହ଼ାଟାନା ଏଲେଇଚେସି, “ନ଼ାନୁ
ମିଙ୍ଗେ ସାତା ୱେସିମାଞ୍ଜାଇଁ, ଦ଼ାନା ପ଼େଡ଼ାତା ଟାକାୟାଁ ମେତ୍ହିମାନି ବାରେ
ଲ଼କୁ କିହାଁ ଇ ହାକି କ଼ାକୁଲିଗାଟି ର଼ାଣ୍ଡ୍ରେଣି ଇୟ଼ା ଗାଡି ମେତ୍ହାମାନେ;
**୪୪** ଇଚିହିଁ ବାରେଜ଼ାଣା ତାମି ହ଼ାରେକା ଦ଼ନଟି ଇଚାଣି ମେତ୍ହା ମାନେରି,
ସାମା ଈଦି ତାନି ହିଲାଆ଼ବ଼େଲାତା ତାଙ୍ଗେ ନୀଡାଲି ତାଙ୍ଗେ ଏ଼ନାୟି
ମାଚେ, ଏ଼ ବାରେ ମେତ୍ହାମାନେ ।”

**୧୩** ଜୀସୁ ମାହାପୂରୁ ଇଲୁଟି ହାଜିମାଚାଟି ତାନି ସୀସୁୟାଁ ବିତ୍ରାଟି
ରଅସି ଏ଼ୱାଣାଇଁ ଏଲେଇଚେସି, “ଏ଼ ଗୂରୁ ମେହ୍ମୁ ଏ଼ନିଲେହେଁତି
ଅ଼ଜିତି ୱାଲ୍କା ଅ଼ଡ଼େ ଏ଼ନିଲେହେଁତି ଅ଼ଜିତି ମ଼େଡ଼ା ଇଲ୍କା!” **୨**
ଏଚେଟିଏ ଜୀସୁ ଏ଼ୱାଣାଇଁ ଏଲେଇଚେସି, “ନୀନୁ ଏ଼ନାଆଁ ଈ କାଜା ମ଼େଡ଼ା
ମେସିମାଞ୍ଜି? ର଼ ୱାଲି ଅ଼ର ୱାଲି ଲାକ ଡ଼ୟେଏ, ବାରେ ମେଣ୍ଡ୍ଗାହାନୁ ।”
**୩** ଡ଼ାୟୁ ପ୍ରାତାନା ଇଲୁ ନ଼କିତା ମାନି ଜୀତ ହ଼ରୁ ଲାକ କୁଗାଲିଏ ପିତର,
ଜାକୁବ, ଜହନ, ଅ଼ଡ଼େ ଆନ୍ଦ୍ରିୟ଼ ତାନି ତ଼ାଣା ମ଼େଣେଏ ୱ଼ାହାନା ୱେଚେରି,
“ଈ ବାରେ ଏଚେଲା ଆ଼ନେ, **୪** ଅ଼ଡ଼େ ଆମିନି ବ଼େଲାତା ଈ ବାରେ ଗଟୱି
ଆ଼ନେ ଏ଼ ବ଼େଲାତି ସିନା ଏ଼ନାୟି, ଏ଼ଦାଆଁ ମାଙ୍ଗେ ୱେସ୍ତାମୁ ।” **୫** ଏମ୍ବ୍ରାଟିଏ
ଜୀସୁ ଏ଼ୱାରାଇଁ ଏଲେଇଚେସି, “ଜାଗ୍ରାତା, ଆମ୍ବ୍ରାଆସି ଏ଼ନିକିଁ ମିଙ୍ଗେ ନ଼ାଡ଼ି
କିୟଅସି । **୬** ହ଼ାରେକା ନ଼ା ଦ଼ରୁତଲେ ୱ଼ାହାନା, ‘ନ଼ାନୁ ଏ଼ୱାତେଏଁ’ ଇଞ୍ଜୁଁ
ହ଼ାରେକା ଲ଼କୁଣି ନ଼ାଡ଼ି କିନେରି । **୭** ସାମା ମୀରୁ ଏଚିବ଼େଲା ଜୁଜୁଟି
କାତା ଅ଼ଡ଼େ ଗଡ଼୍ହାତି ହ଼ାଡା ୱେଞ୍ଜେରି, ଏଚିବ଼େଲା କିଲିବିଲି ଆ଼ଆଦୁ; ଏ଼
ବାରେ ଆ଼ନାୟି ମାନେ, ସାମା ଏ଼ କ଼ାଲା ଜିକେଏ ଜୁଗୁ ର଼ାନାୟି ଆ଼ଏ । **୮**
ଇଚିହିଁ ଦ଼େସା କ଼ପାଟି ଦ଼େସା, ର଼ାଜି କ଼ପାଟି ର଼ାଜି ନିଙ୍ଗିନେ, ବାରେୱାକି
ବୂମି ୱୀଡିନେ ଅ଼ଡ଼େ କ଼ାତାରା ଆ଼ନେ; ଈ ବାରେ କକାରି ପ଼ଦାୟାଁ ଆ଼ନାଟି
ଲୁଞ୍ଜିନି ବୀସା ଲେହେଁ ।” **୯** ସାମା ମୀରୁ ମିଙ୍ଗେ ତାକି ଜାଗ୍ରାତା ଆ଼ହାମାଞ୍ଜୁ;
ଲ଼କୁ ମିଙ୍ଗେ ନୀହାଁୟି କିନି ତ଼ାଣା ଦସାନା ଅୟାନେରି, ଅ଼ଡ଼େ ମିଙ୍ଗେ
ଜୀହୁଦି ଲ଼କୁତି କୁଟମି ଇଲ୍କାଣା ୱ଼େତାନେରି, ଇଞ୍ଜାଁ ନ଼ା ତାକି ସ଼ାଲୱି
କିନାରି ତ଼ାଣା ରାଜାୟାଁ ନ଼କିତା ନିଦେରି, ଏ଼ୱାରି ନ଼କିତା ସ଼ାକି ଆ଼ଦେରି ।
**୧୦** ଇଞ୍ଜାଁ ବାରେ କୂଡ଼ା ନ଼କିତା ନେହିଁ କାବୁ ନ଼କେଏ ୱେସ୍ପି ଆ଼ନେ । **୧୧**
ଇଞ୍ଜାଁ ଏଚିବ଼େଲା ଲ଼କୁ ମିଙ୍ଗେ ଅ଼ହାନା ହେର୍ପାନେରି, ଏଚିବ଼େଲା ମୀରୁ
ଏ଼ନାଆଁ ଜ଼ଲିଦେରି, ଏ଼ କାତା ନ଼କେଏ ଅଣ୍ପାଆଦୁ, ସାମା ଏ଼ ବ଼େଲାତା
ମିଙ୍ଗେ ଏ଼ନାଆଁ ଜ଼ଲାଲି ହୀପ୍କିଆ଼ନେ ଏ଼ଦାଆଁ ୱେହ୍ଦୁ; ଇଚିହିଁ ମୀରୁ
ଜ଼ଲିନାତେରି ଆ଼ଏ ସାମା ସୁଦୁଜୀୱୁ ଜ଼ଲିନାୟି । **୧୨** ତାୟି ତାୟିଇଁ ଅ଼ଡ଼େ
ତାଞ୍ଜି ମୀର୍ଏଣାଇଁ ହ଼ାହାଲି ତାକି ହେର୍ପିନେରି; ଇଞ୍ଜାଁ ମୀର୍କା ତାଲି
ତାଞ୍ଜି କ଼ପାଟି ନିଙ୍ଗାନା ଏ଼ୱାରାଇଁ ପ଼ାୟିନେରି; **୧୩** ଅ଼ଡ଼େ ନାଙ୍ଗେତାକି
ବାରେ ଲ଼କୁ ମିଙ୍ଗେ ଅ଼ପଅରି; ସାମା ଆମ୍ବ୍ରାଆସି ର଼ାନି ପାତେକା ସ଼ାସା
ଆସାନା ଡ଼ୟିନେସି ଏ଼ୱାସି ଗେଲ୍ପି ଆ଼ନେସି । **୧୪** ମୀରୁ ଏଚିବ଼େଲା
ଏ଼ ନ଼ାସାକିନି ଅ଼ପାଆଗାଟି ଆ଼ସ୍ତି ଆମିନି ତ଼ାଣା ଡ଼ୟିନି କାତା ହିଲେଏ,
ଏମ୍ବ୍ରାଆଁ ଡ଼ୟାମାନାଣି ମେହ୍ଦେରି (ପ଼ଡ଼ୱି ଆ଼ନାରି ତେଲ୍ହାପେରି)
ଏଚିବ଼େଲା ଆମ୍ବ୍ରାଆରି ଜୀହୁଦା ଦ଼େସାତା ମାନେରି, ଏ଼ୱାରି ହ଼ର୍କାଣା
ହଣ୍ପେରି; **୧୫** ଆମ୍ବ୍ରାଆସି ଇଲୁ ଲାକ ମାନେସି, ଏ଼ୱାସି ଇଲୁ ବିତ୍ରା
ୱ଼ାହାନା ଏ଼ନି ଦିଣ୍ସୁ ଅ଼ହାଲି ର଼େଚା ୱ଼ାଆପେସି କି ବିତ୍ରା ହାଲାଆପେସି;
**୧୬** ଇଞ୍ଜାଁ ଆମ୍ବ୍ରାଆସି ବ଼ାଡ଼ାତା ମାନେସି, ଏ଼ୱାସି ତାନି ହିମ୍ବ୍ରି ଅ଼ହାଲି
ୱେଣ୍ଡ୍ରେ ୱ଼ାଆପେସି । **୧୭** ଏ଼ ବ଼େଲାତା ଆମିନି ଗାଟାଇ ପୂରାମ଼ାସା
ଆ଼ହାମାନୁ ଇଞ୍ଜାଁ ପ଼ାଲୁ ଉଟ୍ହିମାନୁ, ଏ଼ ଦିନା ଆୟ଼ତା ଏ଼ୱି ଏଚେକା
କସ୍ତ ବେଟାଆ଼ନୁ । **୧୮** ସାମା ଏ଼ଦି ଏ଼ନିକିଁ ପେନି ବ଼େଲାତା ଆ଼ଏ
ଏ଼ଦାଆଁତାକି ପ୍ରାତାନା କିଦୁ । **୧୯** ଇଚିହିଁ ଏ଼ କ଼ାଲାତା ଇଲେତି କସ୍ତ ୱ଼ାନେ,
ମାହାପୂରୁ ଗ଼ାଡ଼ିକିତି ଦିନାଟିଏ ନୀଞ୍ଜୁପାତେକା ଏଲେକିଁ ଆ଼ହା ହିଲେଏ,
ଇଞ୍ଜାଁ ଏଲେକିଁ ଏଚେଲାୱା ଆ଼ଏ । **୨୦** ସାମା ପ୍ରବୁ ଏ଼ ଲାଗେଏତି କ଼ାଲାଇଁ
ଊଣା କିହାମାନେସି । ଏଲେ କିହାହିଲାଆତିଁମା, ଏ଼ଦି ଏମ୍ବ୍ରାଟି ଆମ୍ବ୍ରାଆରି
ଗେଲ୍ପି ଆ଼ଆତେରିମା । ତାନି ଆ଼ଚ୍ୱିଆ଼ତି ଲ଼କୁତାକି ଏ଼ କ଼ାଲା ଊଣା
କିହାମାନେସି । **୨୧** “ଏଚିବ଼େଲା ‘ମେହ୍ଦୁ କ୍ରୀସ୍ତ ଇମ୍ବ୍ରାଆଁ’ ଅ଼ଡ଼େ ‘ଏମ୍ବ୍ରାଆଁ’
ଇଞ୍ଜୁଁ ଲ଼କୁ ମିଙ୍ଗେ ୱେସ୍ତାନେରି, ଆତିହିଁ ମୀରୁ ଏ଼ଦାଆଁ ନାମାଆଦୁ । **୨୨**
ନ଼ାଡ଼ିକିନି କ୍ରୀସ୍ତ ଅ଼ଡ଼େ ମାହାପୂରୁ ବ଼ଲୁ ମିଚି ୱେହ୍ନାରି ନିଙ୍ଗାନା ଇଲେତି
ସିନା ଅ଼ଡ଼େ କାବାଆ଼ନି କାମାୟାଁ ତ଼ହ୍ନେରି, ଆ଼ଡିତିହିଁ, ଆ଼ଚ୍ୱିଆ଼ତି
ଲ଼କୁଣି ଜିକେଏ ନ଼ାଡ଼ି କିନେରି । **୨୩** ସାମା ମୀରୁ ଜାଗ୍ରାତା ଆ଼ହାମାଞ୍ଜୁ;
ନ଼ାନୁ ମିଙ୍ଗେ ତଲିଏ ବାରେ ୱେସିମାଞ୍ଜାଇଁ । **୨୪** ସାମା ଏ଼ ବ଼େଲାତି ଏ଼ କସ୍ତ
ଡ଼ାୟୁ ୱ଼େଡ଼ା ଆନ୍ଦେରି ଆ଼ନେ ଅ଼ଡ଼େ ଲ଼େଞ୍ଜୁ ଉଜେଡ଼ି ହୀଏ, **୨୫** ହୁକାୟାଁ
ହ଼ାଗୁଟି ତର୍ଗାଲି ମ଼ାଟ୍ନୁ ଅ଼ଡ଼େ ହ଼ାଗୁ ଲାକତି ବ଼ାଡ଼୍ୟୁ ବାରେ କିଲିବିଲି
ଆ଼ନେ । **୨୬** ଏଚିବ଼େଲା ଲ଼କୁ ମାଣ୍ସି ମୀର୍ଏଣାଇଁ କାଜା ବ଼ାଡ଼୍ୟୁଟି
କାଜାପ଼ାଣା ତଲେ ହ଼ାଗୁ ଲାକଟି ୱ଼ାନାଣି ମେହ୍ନେରି । **୨୭** ଏଚିବ଼େଲା
ଏ଼ୱାସି ଦୂତୁୟାଁଣି ପାଣ୍ଡ୍ରାନା ଦାର୍ତି ମୁଟ୍ପେଟି ସ଼ାରିୱାକିଟି ତାନି ଆ଼ଚାମାନି
ଲ଼କୁଣି ରୁଣ୍ଡ୍ରା କିନେସି । **୨୮** ତ଼ୟା ମ଼ାର୍ନୁ ପୁଣ୍ମ୍ବି କିନି କାତାଟି ଜ଼ାପାଦୁ
। ଏଚିବ଼େଲାତା ଏ଼ ମ଼ାର୍ନୁତା କ଼ଡ଼୍ଗି କମାୟାଁ ଅ଼ଡ଼େ ଗୱେଡ଼ି ଗ଼ାଲ୍ନୁ,
କାରା କ଼ାଲମି ୱ଼ାତେ ଇଞ୍ଜୁଁ ପୁଞ୍ଜେରି । **୨୯** ଏଲେକିହିଁଏ ମୀରୁ ଜିକେଏ
ଈ ବାରେ ମେସ୍ତିସାରେ ଏ଼ୱାସି ଦୁୱେରି ଡାଗେ ମାନେସି ଇଞ୍ଜୁଁ ପୁଞ୍ଜେରି
। **୩୦** ନ଼ାନୁ ମିଙ୍ଗେ ସାତା ୱେସିମାଞ୍ଜାଇଁ ଈ ବାରେ ଆ଼ଆପାତେକା ଈ
କ଼ାଲାତି ଲ଼କୁ ଏ଼ନିଜିକେଏ ମେଣ୍ଡ୍ଗଅରି । **୩୧** ହ଼ାଗୁପ଼ାକା ଦାର୍ତି ବାରେ
ମେଣ୍ଡ୍ଗିନେ, ସାମା ନ଼ା ବ଼ଲୁ ଏଚେଲାୱା ମେଣ୍ଡ୍ଗେଏ ।” **୩୨** ସାମା ଏ଼
ଦିନା କି କ଼ାଲାତି କାତା ଆମ୍ବ୍ରାଆରି ପୁନଅରି, ଲାକପୂରୁତି ଦୂତୁୟାଁ କି
ମୀର୍ଏସି ଜିକେଏ ପୁନଅସି, ୱାର୍ଇ ଆ଼ବାଦେଁ ପୁନେସି । **୩୩** ମୀରୁ

ଜ଼ାଗ୍ରାତା ଆ଼ହାନା ମାଞ୍ଜୁ, କ଼ାଚାନା ମାଞ୍ଜୁ; ଇଚିହିଁ ଏ଼ ବେ଼ଲା ଏଚେଲା
ଆ଼ନେ ଏ଼ଦାଆଁ ମୀରୁ ପୁନଅତେରି । **୩୪** ଏ଼ଦି ଇଲେକିହିଁ, ର଼ ମାଣ୍ସି
ତାନି ଇଲୁ ପିସାନା ହେକ ରା଼ଜିତା ହାନେସି, ଅ଼ଡ଼େ ତାନି ହ଼ଲିୟାଙ୍ଗାଣି
ବାରେ କାମାତି ଅଦିକାରା ହୀତେସି ଇଞ୍ଜାଁ ଦୁୱେରିତା କ଼ାଚାଲି ଜିକେଏ
ହୁକୁମି ହୀତେସି । **୩୫** ଏ଼ଦାଆଁତାକି କ଼ାଚାନା ଡ଼ୟାମୁ; ଇଚିହିଁ ନୀନୁ
ପୁଞ୍ଜାହିଲଅତି ଇଲୁତି ସା଼ୱୁକାରି ଏଚେଲା ୱା଼ନେସି, ମିଡ଼୍ଅଲା କି ମାଦି
ଲା଼ଆଁୟାଁ, ୱେ଼ୟାଆ ନ଼କେଏ କି ୱେ଼ଡ଼ା ହ଼ନି ବେ଼ଲାତା ଏ଼ୱାସି ୱା଼ନେସି ।
**୩୬** ଏ଼ୱାସି ଦେବୁଣିଏ ୱା଼ତିସାରେ ମୀରୁ ହୁଞ୍ଜାମାନାଣି ମେସ୍ତାଆପେସି ।
**୩୭** ନା଼ନୁ ମିଙ୍ଗେ ଏ଼ନାଆଁ ୱେସିମାଞ୍ଜାଇଁ, ଏ଼ଦାଆଁ ବାରେତି ୱେସିମାଇଁ,
ଜ଼ାଗ୍ରାତା ମାଞ୍ଜୁ ।

**୧୪** ପିସ୍ପିଆ଼ନି ପାର୍ବୁ ଇଞ୍ଜାଁ ପୁଲାଏ଼ୟୁ ଆଣ୍ଡାଆତି ରୂଟି ତିନି ପାର୍ବୁ
ଆ଼ହାଲି ରୀ ଦିନା ମାଚେ । ଏଚିବେ଼ଲାତା କାଜା ପୂଜେରାଙ୍ଗା
ଇଞ୍ଜାଁ ମେ଼ରା ପୁନାରି ଏ଼ନିକିଁ ଏ଼ୱାଣାଇଁ ନା଼ଡ଼ିକିହାଁ ଆସାନା ପା଼ୟିନେରି
ଏ଼ଦାଆଁତାକି ପାରୁ ପାରିମାଚେରି । **୨** ଇଚିହିଁ ଏ଼ୱାରି ଏଲେଇଚେରି,
"ପାର୍ବୁ ବେ଼ଲାତା ଆ଼ଏ ଏ଼ଚେତା ଲ଼କୁ ଗଡ଼୍ହା କିନେରି ।" **୩** ଜୀସୁ
ବେତନିୟାଁତା କାଜା ର଼ଗଗାଟି ସିମନ ଇଜ ତିଞ୍ଜାଲି କୁଗାମାଚାଟି ର଼ ଇୟା
ର଼ ଗା଼ଜୁତା ହା଼ରେକା ଦାରାତି ଗାନ୍ଦା ନିୟୁଁ ତାଚାନା ଗା଼ଜୁତି ଦେଚାନା ଜୀସୁ
ତା଼ୟୁଁତା ୱା଼କ୍ହାଲି ମା଼ଟ୍ହେ । **୪** ସାମା ଏଚେକା ଲ଼କୁ କାର୍ବି ଆ଼ହାନା,
ତା଼ମ୍ବୁ ତା଼ମ୍ବୁଏ ୱେସ୍ପି ଆ଼ତେରି, "ନିୟୁଁ ଏ଼ନାଆଁତାକି ନସ୍ତ ଆ଼ତେ? **୫**
ଈ ନିୟୁଁ ସା଼ତାକ଼ଡ଼ି ଦସଟାକା କିହାଁ ଆଗାଡ଼ା ପାର୍ପି ଆ଼ହାନା ହାକି
ଗାଟାରାକି ହୀପ୍କି ଆ଼ହାଲି ଆ଼ଡିତେମା" ଏ଼ଦାଆଁତାକି ଏ଼ୱାରି ଏ଼ ଇୟାନି
ଲା଼ଗାଲି ମା଼ଟ୍ହେରି । **୬** ସାମା ଜୀସୁ ଏଲେଇଚେସି, "ଏ଼ଦାନି ପିହ୍ଦୁ;
ଏ଼ନାଆଁତାକି କସ୍ତ ହୀହିମାଞ୍ଜେରି? ଏ଼ଦି ନାଙ୍ଗେତାକି ନେହିଁ କିହାମାନେ
। **୭** ଇଚିହିଁ ହାକି ଗାଟାରି କା଼ଲେଏ ମୀ ତା଼ଣା ମାନେରି, ଅ଼ଡ଼େ ମିଙ୍ଗେ
ଏ଼ଚେତା ମ଼ନ ଏ଼ଚେତା ଏ଼ୱାରି ସା଼ୟେମି କିହାଲି ଆ଼ଡିଦେରି; ସାମା ନା଼ନୁ
କା଼ଲେଏ ମୀ ତା଼ଣା ଡ଼ୟଅଁ । **୮** ଏ଼ଦି ଏ଼ନାଆଁ ଆ଼ଡିନାୟି ମାନେ ଏ଼ଦାଆଁ
କିହାମାନେ; ଏ଼ଦି ନା଼ ଆଙ୍ଗାତି ମୁସାଲି ତାକି ତଲିଏ ନିୟୁଁ ୱା଼କ୍ହାନା
ତିୟାରା କିହାମାନେ । **୯** ନା଼ନୁ ମିଙ୍ଗେ ସାତା ୱେସିମାଞ୍ଜାଇଁ, ବାରେ
ଦାର୍ତିତା ଆମ୍ବିୟା ଜିକେଏ ନେହିଁ କାବୁ ୱେ଼କ୍ନେରି, ଏ଼ ଟା଼ୟୁତା ଈ
ଇୟାନି ଅଣ୍ପାଲିତାକି ଏ଼ଦାନି ଈ କାମାତି କାତା ଜିକେଏ ୱେସ୍ପି ଆ଼ନେ
।" **୧୦** ଏମ୍ବାଟିଏ ବା଼ରଜା଼ଣା ବିଡ୍ରାଟି ଇସ୍କାରିୟତ ଜୀହୁଦା ଦ଼ରୁଗାଟାସି
ରଅସି ଜୀସୁଇଁ କାଜା ପୂଜେରାଙ୍ଗା କେୟୁତା ହେର୍ପାଲି ଏ଼ୱାରିତା଼ଣା
ହାଚେସି । **୧୧** ଏ଼ୱାରି ଏ଼ଦାଆଁ ୱେଞ୍ଜାନା ରା଼ହାଁ ଆ଼ତେରି, ଇଞ୍ଜାଁ ଏ଼ୱାଣାକି
ଟାକାୟାଁ ହୀହାଲି ଆ଼ଞ୍ଜିତେରି, ଏମ୍ବାଟିଏ ଏ଼ୱାସି ଏ଼ୱାଣାଇଁ ଆସ୍ପି
କିହାଲି ନେହିଁ ପାରୁ ପାରିତେସି । **୧୨** ଡ଼ା଼ୟୁ ପୂଲାଗୁଣ୍ଡା ଆଣ୍ଡାଆତି ରୂଟି
ତିନି ପାର୍ବୁତି ମୂଲୁ ଦିନାତା ଆମିନି ନେ଼ଚୁ ପିସ୍ପିଆ଼ନି ପାର୍ବୁତି ମେ଼ଣ୍ଡା
ଡ଼ା଼ଲୁତି ହେର୍ପିଆ଼ନେ, ଏ଼ ଦିନା ତାନି ସୀସୁୟାଁ ଏ଼ୱାଣାଇଁ ୱେଚେରି,
"ମା଼ମ୍ବୁ ହାଜାନା ଆମିନି ଟା଼ୟୁତା ନିଙ୍ଗେତାକି ପିସ୍ପିଆ଼ନି ପାର୍ବୁତି ବ଼ଜି
କିନମି ଇଞ୍ଜାଁ ନୀନୁ ଅଣ୍ପିମାଞ୍ଜି?" **୧୩** ଏମ୍ବାଟିଏ ଏ଼ୱାସି ତାନି ସୀସୁୟାଁ
ବିଡ୍ରାଟି ରିଆରାଇଁ ଏଲେଇଞ୍ଜା ପାଣ୍ଡିତେସି, "ମୀରୁ ଗା଼ଡ଼ାତା ହାଜୁ ଇଞ୍ଜାଁ
ଏ଼ୟୁ ଡ଼କା ଅ଼ହିମାନି ରଅସି ମିଙ୍ଗେ ବେଟାଆୟାନେସି; ଏ଼ୱାଣି ଜେ଼ଚ
ଜେ଼ଚ ହାଜୁ; **୧୪** ଏ଼ୱାସି ଆମିନି ଇଜ ହ଼ଡ଼ନେସି, ଏ଼ ଇଲୁ ଗାଟାଣାଇଁ
ୱେଞ୍ଜୁ, 'ଗୂରୁ ୱେଞ୍ଜିମାଞ୍ଜାନେସି, ନା଼ନୁ ନା଼ ସୀସୁୟାଁ ତଲେ ଆମିନି ଟା଼ୟୁତା
ପିସ୍ପିଆ଼ନି ପାର୍ବୁତି ବ଼ଜି କିହାଲି ଆ଼ନେ ଏ଼ ବାକ୍ରା ଆମିନାୟି?' **୧୫**
ଏଚେଟିଏ ଏ଼ୱାସି ମିଙ୍ଗେ ନେହିଁକିଁ ତିୟାରା ଆ଼ହାମାନି ଲାକନି ପାରୁତି ର଼
କାଜା ବାକ୍ରା ତ଼ସ୍ତାନେସି; ଏମ୍ବାଆଁ ମାଙ୍ଗେତାକି ରା଼ନ୍ଦା ୱାଜାଦୁ ।" **୧୬**
ଏମ୍ବାଟିଏ ସୀସୁୟାଁ ହାଜାନା ଗା଼ଡ଼ାତା ହ଼ଟେରି, ଇଞ୍ଜାଁ ଏ଼ୱାସି ଏ଼ୱାରାଇଁ
ଏ଼ନିକିଁ ୱେସାମାଚେସି, ଏଲେକିଁ ମେସାନା ପିସ୍ପିଆ଼ନି ପାର୍ବୁତି ବ଼ଜି
ୱାଜିତେରି । **୧୭** ମିଡ଼୍ଅଲା ଆ଼ହାଲିଏ ଜୀସୁ ବା଼ରଜା଼ଣା ସୀସୁୟାଁ ତଲେ
ୱା଼ତେସି । **୧୮** ଏ଼ୱାରି କୁଗାନା ରା଼ନ୍ଦା ତିଞ୍ଜି ମାଚାଟି ଜୀସୁ ଏଲେଇଚେସି,
"ନା଼ନୁ ମିଙ୍ଗେ ସାତା ୱେସିମାଞ୍ଜାଇଁ, ମୀ ବିଡ୍ରାଟି ରଅତେରି ନାଙ୍ଗେ ସାତୁ
କେୟୁତା ହେର୍ପାଦେରି ।" **୧୯** ଏମ୍ବାଟିଏ ଏ଼ୱାରି ଦୁକୁ ଆ଼ହାନା ର଼ଅ
ର଼ଅରି ଏ଼ୱାଣାଇଁ ୱେଞ୍ଜାଲି ମା଼ଟ୍ହେରି, "ନା଼ନୁ ଏ଼ୱାତେଏଁ କି?" **୨୦** ଜୀସୁ
ଏ଼ୱାରାଇଁ ଏଲେଇଚେସି, "ବା଼ରଜା଼ଣା ବିଡ୍ରାଟି ରଅସି, ଆମ୍ବାଆସି ନା଼
ତଲେ ସାଡ଼୍ୱାତା କେୟୁ ମେଟ୍ହି ମାନେସି । **୨୧** ମାଣ୍ସି ମୀର୍ଏଣା କାତା
ଏ଼ନିକିଁ ରା଼ସ୍କି ଆ଼ହାମାନେ, ଏଲେକିହିଁଏ ହା଼ନେସି ସାତା, ସାମା ଆମିନି
ଲ଼କୁ ତା଼ଣାଟି ମାଣ୍ସି ମୀର୍ଏସି ସାତୁ କେୟୁତା ହେର୍ପିଆ଼ନେସି, ଆୟ଼ତା
ଏ଼ୱାଣି ଡଣ୍ଡ! ଏ଼ ଲ଼କୁତି ଜାର୍ନା ଆ଼ହାହିଲାଆତିହିଁ ଏ଼ୱାଣାକି ନେହେଁ
ଆ଼ତେମା ।" **୨୨** ଏ଼ୱାରି ତିଞ୍ଜି ମାଚାଟି ଜୀସୁ ରୂଟି ଅ଼ହାନା ମାହାପୂରୁଇଁ
ଜହରା କିହାନା ଏ଼ଦାଆଁ ଡ଼ିକ୍ହା ହୀହାନା ଏଲେଇଚେସି, "ଅ଼ଦୁ ତିଞ୍ଜୁ, ଈଦି
ନା଼ ଆଙ୍ଗା ।" **୨୩** ଇଞ୍ଜାଁ ଏ଼ୱାସି ଗହ୍ନି ସ଼ଲା ଆସାନା ମାହାପୂରୁଇଁ ଜହରା
କିହାଁ ଏ଼ୱାରାକି ହୀତେସି, ଇଞ୍ଜାଁ ବାରେଜା଼ଣା ଏ଼ଦାଆଁ ଗସ୍ତେରି । **୨୪** ଇଞ୍ଜାଁ
ଜୀସୁ ଏ଼ୱାରାଇଁ ଏଲେଇଚେସି, "ଆମିନି ରା଼ଜିମା଼ନା ନେତେରି ହା଼ରେକା
ଲ଼କୁତାକି ୱା଼ଙ୍ଗାମାନେ, ଈଦି ଏ଼ ନା଼ ନେତେରି । **୨୫** ନା଼ନୁ ମିଙ୍ଗେ ସାତା
ୱେସିମାଞ୍ଜାଇଁ, ଆମିନି ଦିନା ମାହାପୂରୁତି ରା଼ଜିତା ପୁଃନି କିହିଁ ଅଙ୍ଗେରି
ପା଼ଡ଼େ଼ୟିତି ରାସା ଗହ୍ଇଁ ଏ଼ ଦିନା ପାତେକା ଈଦାଆଁ ଅ଼ଡ଼େ ନା଼ନୁ ଏଚେଲା
ଗହ୍ଅଁ ।" **୨୬** ଇଞ୍ଜାଁ ଏ଼ୱାରି ଜହରା ପା଼ଟୁ ପା଼ଚିତି ଡ଼ା଼ୟୁ ଜୀତ ହ଼ରୁତା
ହ଼ଚା ହାଚେରି । **୨୭** ଏଚିବେ଼ଲା ଜୀସୁ ଏ଼ୱାରାଇଁ ଏଲେଇଚେସି, "ମୀରୁ
ବାରେ ପିସା ହାଜାଦେରି, ଇଚିହିଁ ରା଼ସ୍କି ଆ଼ହାମାନେ, ନା଼ନୁ ମେ଼ଣ୍ଡା ଗ଼ଡୁଇଁ
ପା଼ୟିଇଁ ଇଞ୍ଜାଁ ମେ଼ଣ୍ଡାୟାଁ ଆଲାରା ଆ଼ହାହାନୁ । **୨୮** ସାମା ନା଼ନୁ ହା଼ହାନା
ୱେଣ୍ଡେ ନିଙ୍ଗିତି ଡ଼ା଼ୟୁ ମୀ ନ଼କିତା ଗାଲିଲିତା ହାଇଁ ।" **୨୯** ଏମ୍ବାଟିଏ
ପିତର ଏଲେଇଚେସି, "ବାରେଜା଼ଣା ପିସା ହାଜାନେରି ନା଼ନୁ କଡ଼େ
ନିଙ୍ଗେ ଏଚେଲା ପିସ୍ତଅଁ ।" **୩୦** ଜୀସୁ ପିତରଇଁ ଏଲେଇଚେସି, "ନା଼ନୁ
ନିଙ୍ଗେ ସାତା ୱେସିମାଞ୍ଜାଇଁ, ନୀଞ୍ଜୁ ଈ ଲା଼ଆଁୟାଁ କୟୁ ରୀ ଦେବା କେ଼ଣ୍ଆ
ମାନାଟିଏ, ନା଼ନୁ ଏ଼ୱାଣାଇଁ ପୁଞ୍ଜାହିଲଅଁ ଇଞ୍ଜାଁ ତୀନିପା଼ଲି ଏଲେଇଞ୍ଜି ।"
**୩୧** ସାମା ପିତର ଆ଼ଟ୍ୱା ତଲେ ଏଲେଇଚେସି, "ନାଙ୍ଗେ ନୀ ତଲେ

ହ଼ାହାଲି ଆ଼ତି ଜିକେଏ ନ଼ାନୁ ନିଡ୍ଗେ ଏଚେଲା ପୁଞ୍ଜାହିଲଅଁ ଇଞ୍ଜଅଁ ।" ଇଞ୍ଜାଁ
ବାରେଜ଼ାଣା ଜିକେଏ ଏଲେଇଚେରି । **୩୨** ଡ଼ାୟୁ ଏ଼ୱାରି ଗେତ୍‌ସିମନି ଇନି
ର଼ ଟ଼ାୟୁତା ୱ଼ାତେରି, ଇଞ୍ଜାଁ ଜୀସୁ ତାନି ସୀସୁୟାଁଇଁ ଏଲେଇଚେସି, "ନ଼ାନୁ
ପ୍ରାତାନା କିହିମାନି ପାତେକା ଇମ୍ବାଆଁ କୁଗାନା ମାଞ୍ଜୁ ।" **୩୩** ଇଞ୍ଜାଁ ଏ଼ୱାସି
ପିତର, ଜାକୁବ ଅ଼ଡ଼େ ଜହନଇଁ ତାନିତଲେ ଅ଼ତେସି । ଏ଼ୱାସି ହ଼ାରେକା
ଦୁକୁତି କସ୍ତ ତାକି କିଲିବିଲି ଆ଼ତେସି । **୩୪** ଏଚେଟିଏ ଜୀସୁ ଏ଼ୱାରାଇଁ
ଏଲେଇଚେସି, "ନ଼ା ଜୀୱୁ ହ଼ାନିଲେହେଁ ହ଼ାରେକା କିଲିବିଲି ହ଼ଚିମାଞ୍ଜାନେ;
ମୀରୁ ଇମ୍ବାଆଁ ତେଃଏଲାନା କ଼ାଚାମାଞ୍ଜୁ ।" **୩୫** ଜୀସୁ ନ଼କିତା ହାଜାନା
ବୂମିତା ମୁନୁ କୁତିତେସି, ଅ଼ଡ଼େ ଆ଼ହାଲି ଆ଼ଡିତିହିଁ, ଏ଼ ଦୁକୁ ଏ଼ୱାଣି ତ଼ାଣାଟି
ଏ଼ନିକିଁ ହେକ ଆ଼ନେ, ଏ଼ଦାଆଁତାକି ପ୍ରାତାନା କିତେସି । **୩୬** ଇଞ୍ଜାଁ ଜୀସୁ
ଏଲେଇଚେସି, "ଆ଼ବା, ନୀନୁ ବାରେଏ କିହାଲି ଆ଼ଡିଦି; ଈ କସ୍ତ ବ଼ାଦା ନ଼ା
ତ଼ାଣାଟି ହେକ କିମୁ; ଆ଼ତିଜିକେଏ ନ଼ା କାତା ଆ଼ଏ ନୀ କାତେଏ ଆ଼ପେ
।" **୩୭** ଇଞ୍ଜାଁ ଏ଼ୱାସି ୱ଼ାହାନା ସୀସୁୟାଁ ଇଦା କିତାଣି ମେସ୍ତେସି, ଇଞ୍ଜାଁ
ପିତରଇଁ ଏଲେଇଚେସି, "ସିମନ ନୀନୁ ଡୂରିତିକି? ଗ଼ାଡ଼େକା ଜିକେଏ
କ଼ାଚାଲି ଆ଼ଡାଆତେରି? **୩୮** ଏ଼ଦାଆଁତାକି କ଼ାଚାନା ପ୍ରାତାନା କିଦୁ;
ଏ଼ନିକିଁ ମୀରୁ ପ଼ାନ୍ବାତା ହେର୍‌ଅତେରି, ମ଼ନ ମାନେ ସାତା, ଆଙ୍ଗାତା
ବ଼ାଡ଼୍‌ୟୁ ହିଲେଏ ।" **୩୯** ଏ଼ୱାସି ଅ଼ଡ଼େ ୱେଣ୍ତେ ହାଜାନା ତଲିତିଲେହେଁ
ପ୍ରାତାନା କିତେସି । **୪୦** ଅ଼ଡ଼େ ୱେଣ୍ତେ ୱ଼ାହାନା ଏ଼ୱାସି ଏ଼ୱାରାଇଁ ଇଦା
କିହାମାନାଣି ମେସ୍ତେସି, ଇଚିହିଁ ଏ଼ୱାରି କାଣ୍‌କା ପଜ୍‌ୱି ଆ଼ହିମାଚୁ, ଇଞ୍ଜାଁ
ଏ଼ୱାରି ଏ଼ୱାଣାଇଁ ଏ଼ନାଆଁ ଜ଼ଲିନେରି ପୁଞ୍ଜାଲି ଆ଼ଡାଆତେରି । **୪୧** ଜୀସୁ
ତୀନି ଦେବା ୱ଼ାହାନା ସୀସୁୟାଁଇଁ ଏଲେଇଚେସି, "ମୀରୁ ଗ଼ାଡ଼େକା ଡୂରାନା
ଜ଼ମାଦୁ; ହ଼ାରେକା ଡ଼େଲା ଆ଼ତେୟିଏ, ଏ଼ ଡ଼େଲା ଏଗାୱ଼ାହିମାନେ;
ମେହ୍‌ଦୁ ମାଣ୍‌ସି ମୀର୍‌ଏସି ସାତ୍ରୁୟାଁ କେୟୁତା ହେର୍‌ପି ଆ଼ହିମାନେସି ।
**୪୨** ନିଙ୍ଗାଦୁ, ମ଼ାର ହାନ, ମେହ୍‌ଦୁ ଆମ୍ବାଆସି ନାଡ୍ଗେ ସାତ୍ରୁୟାଁ କେୟୁତା
ହେର୍‌ପାନେସି ଏ଼ୱାସି ଏଗାୱ଼ାତେସିଏ ।" **୪୩** ଏ଼ ଦେବୁଣିଏ ଜୀସୁ
ୱେସିମାଚି ଡ଼େଲାତା, ବ଼ାରଜ଼ାଣା ବିତ୍ରାଟି ଜୀହୁଦା ଦ଼ରୁଗାଟାସି ରଅସି
ଇଞ୍ଜାଁ ତାନିତଲେ କାଜା ପୂଜେରାଙ୍ଗା, ଡ଼େରା ପୁନାରି ଇଞ୍ଜାଁ ଲ଼କୁତି କାଜାରି
ତ଼ାଣାଟି କାଣ୍ତା ଟେଙ୍ଗା ଆସାନା ୱ଼ାତେରି । **୪୪** ଜୀସୁଇଁ ସାତ୍ରୁୟାଁ କେୟୁତା
ହେର୍‌ପିନାସି ଏ଼ୱାରାଇଁ ଈ ସିନା ୱେସାମାଚେସି, "ନ଼ାନୁ ଆମ୍ବାଆରାଇଁ
ନଣ୍ଡିଇଁ ଏ଼ୱାସିଏ ଏ଼ୱାସି । ଏ଼ୱାଣାଇଁ ଦସାନା ଜାଗ୍ରାତା ତଲେ ଅ଼ଦୁ ।" **୪୫**
ଇଞ୍ଜାଁ ଏ଼ୱାସି ଏ଼ ଦେବୁଣିଏ ଏ଼ୱାଣି ଡାଗେ ହାଜାନା, "ଏ଼ ଗୂରୁ" ଇଞ୍ଜାନା
ଏ଼ୱାଣାଇଁ ନଣ୍ଡିତେସି । **୪୬** ଏମ୍ବାଟିଏ ଏ଼ୱାରି ଏ଼ୱାଣାଇଁ ଆସାନା ଦସା
ଅ଼ତେରି । **୪୭** ସାମା ଡାଗେ ନିଚାମାଚି ଲ଼କୁ ବିତ୍ରାଟି ରଅସି କାଣ୍ତା
ହ଼ପ୍‌ହେସି ଇଞ୍ଜାଁ କାଜା ପୂଜେରା ହ଼ଲେଏଣା କିୟୁଁ ଦ଼ାତେସି । **୪୮** ଜୀସୁ
ଏ଼ୱାରାଇଁ ଏଲେଇଚେସି, "ସ଼ରୁଇଁ ଆସାଲି ହାନିଲେହେଁ କାଣ୍ତା ଅ଼ଡ଼େ
ଟେଙ୍ଗା ଆସାନା ମୀରୁ ନାଡ୍ଗେ ଆସାଲି ୱ଼ାତେରି? **୪୯** ନ଼ାନୁ ବାରେଦିନା
ମୀ ତଲେ ପ୍ରାତାନା ଇଲୁତା ମାଞ୍ଜାନା ଜ଼ାପ୍‌ହି ମାଞ୍ଜାତେଏଁ, ସାମା ମୀରୁ
ନାଡ୍ଗେ ଆସ୍ତାଆତେରି; ସାମା ଦାର୍ମୁ ପତିତି ର଼ାସ୍‌କି ଆ଼ତି ବ଼ଲୁ ଏ଼ନିକିଁ
ସାତା ଆ଼ନେ, ଏ଼ଦାଆଁତାକି ଈ ବାରେ ଆ଼ହିମାନେ ।" **୫୦** ଏଚିଡ଼େଲା
ବାରେଜ଼ାଣା ସୀସୁୟାଁ ଏ଼ୱାଣାଇଁ ପିସାନା ହାଚେରି । **୫୧** ର଼ ଦାଂଗ୍‌ଣା
କକାସି ର଼ ହିମ୍ବରି ପିଡ଼୍‌ଗାହାଁ ଜୀସୁ ଡ଼େଚ ଡ଼େଚ ହାଜିମାଚେସି; ଏ଼ୱାରି
ଏ଼ୱାଣାଇଁ ଆସାଲି ହାଜାଲିଏ, **୫୨** ଏ଼ୱାସି ଏ଼ ପ଼ାତାଡ଼ା ହିମ୍ବରି ପିସାନା
ୱାର୍‌ଇ ଆଙ୍ଗାଟି ହଟାତୁସ୍ତେସି । **୫୩** ଡ଼ାୟୁ ଏ଼ୱାରି ଜୀସୁଇଁ କାଜା ପୂଜେରା
ନ଼କିତା ଅ଼ତେରି, ଇଞ୍ଜାଁ କାଜା ପୂଜେରା, ଲ଼କୁତି କାଜାରି ଅ଼ଡ଼େ ଡ଼େରା
ପୁନାରି ବାରେ ୱ଼ାହାନା ରୁଣ୍ତା ଆ଼ତେରି । **୫୪** ପିତର ହେକ ମାଞ୍ଜାନା ଏ଼ୱାଣି
ଡ଼େଚ ଡ଼େଚ କାଜା ପୂଜେରା ଆ଼ଂଗେଣି ବିତ୍ରା ହାଚେସି ଇଞ୍ଜାଁ ଜାମାନାଙ୍ଗା
ତଲେ କୁଗାନା ହିଚୁ କେର୍‌ଞ୍ଜି ମାଚେସି । **୫୫** ଏମ୍ବାଟିଏ କାଜା ପୂଜେରାଙ୍ଗା
ଇଞ୍ଜାଁ ଡ଼େରଣି ମାଣ୍ତାତି ବାରେଜ଼ାଣା ଜୀସୁଇଁ ପ଼ାୟାଲି ଏ଼ୱାଣି କ଼ପାଟି
ସ଼ାକିୟାଁ ପାରିତେରି, ସାମା ଏ଼ନି ଦ଼ହ ବେଟାଆ଼ଆତେରି; **୫୬** ଇଚିହିଁ
ହ଼ାରେକା ଏ଼ୱାଣି କ଼ପାଟି ମିଚି ସ଼ାକିୟାଁ ହୀତି ଜିକେଏ ଏ଼ୱାରି ହୀତି ସ଼ାକି
ଆଣ୍ତାଆତେ । **୫୭** ଡ଼ାୟୁ ଏଚରଜ଼ାଣା ହ଼ଚାନା ଏ଼ୱାଣି କ଼ପାଟି ମିଚି ସ଼ାକି
ହୀହାନା ଏଲେଇଚେରି, **୫୮** "ମ଼ାମ୍ବୁ ଈୱାଣାଇଁ ଈ କାତା ୱେସିମାଚାଣି
ୱେଞ୍ଜାମାନମି, ନ଼ାନୁ ଈ କେୟୁଟି ଡ଼େପିତି ପ୍ରାତାନା ଇଲୁତି ଡିକ୍‌ହାନା
ତୀନିଦିନା ବିତ୍ରା ଅ଼ଡ଼େ ମାଣ୍‌ସି ଡ଼େପାଆତି ପ୍ରାତାନା ଇଲୁ ଡ଼େପିଇଁ ।
**୫୯** ସାମା ଏମ୍ବାଆଁ ଜିକେଏ ସ଼ାକି ଆଣ୍ତାଆତେ ।" **୬୦** ଏଚେଟିଏ କାଜା
ପୂଜେରା ମାଦିଏ ନିଚାନା ଜୀସୁଇଁ ୱେଚେସି, "ନୀ କ଼ପାଟି ଈୱାରି ଆମିନି
ସ଼ାକି ହୀହିମାନେରି, ୱେଣ୍ତେ ଜ଼ଲାଲି ଏ଼ନି କାତା ହିଲେଏ କି?" **୬୧** ସାମା
ଏ଼ୱାସି ପାଲେଏ ଆ଼ହାନା ଏ଼ନି କାତା ଜ଼ଲାଆତେସି, କାଜା ପୂଜେରା
ଅ଼ଡ଼େ ୱେଣ୍ତେ ଏ଼ୱାଣାଇଁ ୱେଚେସି, "ନୀନୁ କି ମ଼ାନିଗାଟି ମାହାପୂରୁ
ମୀର୍‌ଏଣାତି କ୍ରୀସ୍ତ?" **୬୨** ଜୀସୁ ଏଲେଇଚେସି, "ନ଼ାନୁ ଏ଼ୱାତେଏଁ, ମୀରୁ
ମାଣ୍‌ସି ମୀର୍‌ଏଣାଇଁ ବ଼ାଡ଼୍‌ୟୁଗାଟି ଟିଃନିୱାକି କୁଗାମାନାଣି ମେହ୍‌ଦେରି
ଇଞ୍ଜାଁ ହ଼ାଗୁ ଦୂନ୍ଦ୍ରାଟି ୱେଣ୍ତେ ୱ଼ାନାଣି ମେହ୍‌ଦେରି ।" **୬୩** ଏଚେଟିଏ କାଜା
ପୂଜେରା ତାନି ହିମ୍ବରି ଗେସାନା ଏଲେଇଚେସି, "ମାଡ୍ଗେ ଅ଼ଡ଼େ ଏ଼ନି
ସ଼ାକିୟାଁ ଲ଼ଡ଼ା ହିଲେଏ । **୬୪** ମୀରୁ ମାହାପୂରୁ ନିନ୍ଦା ୱେଚେରି; ମୀ ଅଣ୍‌ପୁ
ଏ଼ନାୟି?" ଏମ୍ବାଟିଏ ବାରେଜ଼ାଣା ଏ଼ୱାସି ହ଼ାନି ଡଣ୍ତ ବେଟାଆ଼ପେସି ଇଞ୍ଜାଁ
ଏଲେଇଚେରି । **୬୫** ଇଞ୍ଜାଁ ଆମ୍ବା ଆମ୍ବାଆରି ଏ଼ୱାଣିଲାକ ହୂପିତେରି
ଇଞ୍ଜାଁ ଏ଼ୱାଣି କାଣ୍‌କା ପଜାନା ଏ଼ୱାଣାଇଁ ଡ଼େଚାନା ୱେଚେରି, "ମାହାପୂରୁ
ଅଣ୍‌ପୁତି ବ଼ଲୁ ୱେହ୍‌ନାତି ଆମ୍ବାଆସି ନିଡ୍ଗେ ଡ଼େତାତେସି, ୱେସ୍ତାମୁ!"
ଜାମାନାଙ୍ଗା ଜିକେଏ ଆସାନା ସ଼ାପ୍‌ଡ଼ା ଡ଼େଚିହିଁ ଅ଼ତେରି । **୬୬** ଏମ୍ବାଟିଏ
ପିତର ଆ଼ଂଗେଣିତା ମାଚିଡ଼େଲାତା କାଜା ପୂଜେରା ହ଼ଲେଣି ୱ଼ାହାନା
ପିତର ହିଚୁ କେର୍‌ଞ୍ଜି ମାଚାଣି ମେସ୍ତେ, **୬୭** ଇଞ୍ଜାଁ ପିତରଇଁ ସିନିକିହାନା
ଏଲେଇଚେ, "ନୀନୁ ଜିକେଏ ନ଼ାଜରିତ ଜୀସୁତଲେ ମାଚି ।" **୬୮** ସାମା
ଏ଼ୱାସି, ନ଼ାନୁ ଏ଼ୱାଣାଇଁ ପୁଞ୍ଜାହିଲଅଁ, ନୀନୁ ଏ଼ନାଆଁ ୱେସିମାଞ୍ଜି ନ଼ାନୁ
ପୁଞ୍ଜିହିଲଅଁ, ଡ଼ାୟୁ ଏ଼ୱାସି ଆ଼ଂଗେଣି ଦୁୱେରିତା ହାଚେସି, ଡ଼େଟୁଏ କୟୁ
ଡ଼େଣ୍‌ତେ । **୬୯** ଇଞ୍ଜାଁ ଏ଼ ହ଼ଲେଣି ଏ଼ୱାଣାଇଁ ମେସାନା ଦାରିତା ନିଚାମାନି
ଲ଼କୁଣି ଅ଼ଡ଼େ ୱେଣ୍ତେ ୱେସାଲି ମ଼ାଟ୍‌ହେ, "ଈୱାସି ଏ଼ୱାରି ବିତ୍ରାଟି ରଅସି

।” ୭୦ ସାମା ଏ଼ୱାସି ଅ଼ଡ଼େ ୱେଣ୍ଡେ ପୁଞ୍ଜାହିଲଅଁ ଇଚେସି, ଅ଼ଡ଼େ ଗା଼ଡ଼େକା
ଆ଼ହାଲିଏ ଦାରିତା ମାଚି ଲ଼କୁ ପିତରଇଁ ଏଲେଇଚେରି, “ନୀନୁ ସାତେଏ
ଏ଼ୱାରି ବିତ୍ରାଟି ରଅତି, ଇଚିହିଁ ନୀନୁ ର଼ ଗାଲିଲି ଲ଼କୁତି ।” ୭୧ ସାମା
ଏ଼ୱାସି ପାର୍‌ମାଣା ଇଞ୍ଜଁା ବ଼ାକା ଇଟାନା ଏଲେଇଚେସି, ମୀରୁ ଆମିନି
ଲ଼କୁତି କାତା ୱେସିମାଞ୍ଜେରି, ନ଼ାନୁ ଏ଼ୱାଣାଇଁ ପୁଞ୍ଜାହିଲଅଁ । ୭୨ ଏ଼
ଦେବୁଣିଏ କୟୁ ରୀ ଦେବା କେ଼ଣ୍‌ତେ । ଏମ୍ବାଟିଏ କୟୁ ରୀ ଦେବା
କେ଼ଣ୍‌ଆ ନ଼କେଏ ନୀନୁ ନାଙ୍ଗେ ତୀନି ଦେବା ନ଼ାନୁ ପୁଞ୍ଜାହିଲଅଁ ଇଞ୍ଜାଦି,
ଆମିନି କାତା ଜୀସୁ ପିତରଇଁ ଏଲେଇଞ୍ଜାମାଚେସି, ଏ଼ଦି ଏ଼ୱାଣି ମ଼ନତା
ୱ଼ାତେ, ଇଞ୍ଜଁା ଏ଼ୱାସି ଏ଼ କାତା ଅଣ୍‌ପିହିଁ ହ଼ାରେକା ଡ଼ିହାଲି ମ଼ାଟ୍‌ହେସି ।

**୧୫** ଲାଇ ୱେ଼ୟାଲିଏ ବେ଼ରଣି ମାଣ୍ତାତାରି, ଇଚିହିଁ ଲ଼କୁତି କାଜାରି
ଇଞ୍ଜଁା ମେ଼ରା ପୁନାରି ତଲେ କାଜା ପୂଜେରାଙ୍ଗା ବେ଼ରଣି କିହାନା
କାତା ଆ଼ତେରି । ଜୀସୁଇଁ ଦସ୍‌ପା ଅ଼ହାନା ପିଲାତ କେୟୁତା ହେର୍‌ପିତେରି
। ୨ ପିଲାତ ଏ଼ୱାଣାଇଁ ୱେଚେସି, “ନୀନୁ କି ଜୀହୁଦି ଲ଼କୁତି ରାଜା?”
ଜୀସୁ ଏ଼ୱାଣାଇଁ ଏଲେଇଚେସି, “ନୀନୁଏ ଏଲେ ଇଞ୍ଜିମାଞ୍ଜି ।” ୩
ଇଞ୍ଜଁା କାଜା ପୂଜେରାଙ୍ଗା ଜୀସୁ କ଼ପାଟି ହ଼ାରେକା କାତାୟାଁ ୱେସ୍ତେରି
। ୪ ଏମ୍ବାଟିଏ ପିଲାତ ଅ଼ଡ଼େ ୱେଣ୍ଡେ ଏ଼ୱାଣାଇଁ ୱେଚେସି, “ନୀନୁ
ଏ଼ନାଆଁତାକି ୱେସିମାଞ୍ଜଅତି? ମେହ୍‌ମୁ ଇୱାରି ନୀ କ଼ପାଟି ହ଼ାରେକା
କାତା ଜ଼ଲିମାନେରି ।” ୫ ସାମା ଜୀସୁ ଏ଼ନି ହ଼ାଡ଼ା ଜ଼ଲାଆତେସି,
ଏଚେଟିଏ ପିଲାତ କାବା ଆ଼ତେସି । ୬ ସାମା ପାର୍ବୁ ବେ଼ଲାତା ଲ଼କୁ
ଆମିନି କାୟିଦିତା ମାଚାଣାଇଁ ରୀସିମାଚେରି, ଏ଼ୱାଣାଇଁ ପିଲାତ ଏ଼ୱାରି
ତାକି ପିସିମାଚେସି । ୭ ଆମିନି ଗଡ଼୍‌ହା ଗାଟାରି ଗଡ଼୍‌ହା ବେ଼ଲାତା
ଲ଼କୁଣି ପ଼ାୟାମାଚେରି, ଏ଼ୱାରିତଲେ ବାରବା ଦ଼ରୁଗାଟାସି କାୟିଦିତା
ମାଚେସି । ୮ ଏ଼ଦାଆଁତାକି ତାନି ମେ଼ରା ଲେହେଁ କିହାଲି ପିଲାତଇଁ
ବାତିମ଼ାଲିତେରି । ୯ ଏମ୍ବାଟିଏ ପିଲାତ ଏ଼ୱାରାଇଁ ଏଲେଇଚେସି, “ମୀରୁ
ଏ଼ନାଆଁ ଅଣ୍‌ପିମାଞ୍ଜେରି? ନ଼ାନୁ ମିଙ୍ଗେତାକି ଜୀହୁଦି ଲ଼କୁତି ରାଜାଇଁ
ପିସାହିୟାଇଁ?” ୧୦ ଇଚିହିଁ କାଜା ପୂଜେରାଙ୍ଗା ଏ଼ୱାଣାଇଁ ଡ଼ାହାରା ତଲେ
ହେର୍‌ପାମାଚେରି, ଏ଼ଦାଆଁ ଏ଼ୱାସି ପୁଚେସି । ୧୧ ସାମା ଏ଼ୱାସି ଏ଼ନିକିଁ
ଏ଼ୱାରି ତାକି ବାରବାଇଁ ପିହ୍‌ନେସି, ଏ଼ଦାଆଁତାକି କାଜା ପୂଜେରାଙ୍ଗା
ଲ଼କୁଣି ୱେସ୍ତେରି । ୧୨ ସାମା ପିଲାତ ୱେଣ୍ଡେ ଏ଼ୱାରାଇଁ ଏଲେଇଚେସି,
“ଆତିହିଁ ଆମ୍ବାଆରାଇଁ ଜୀହୁଦି ଲ଼କୁତି ରାଜା ଇଞ୍ଜି ମାଞ୍ଜେରି, ଜୀସୁଇଁ
ନ଼ାନୁ ଏ଼ନାଆଁ କିଇଁ?” ୧୩ ଲ଼କୁ ବାରେ କ଼ାଲ୍‌ୱି ଆ଼ହାନା ଏଲେଇଚେରି,
“ଏ଼ୱାଣାଇଁ ପ଼ାସି ଏକ୍‌ଦୁ ।” ୧୪ ଏମ୍ବାଟିଏ ପିଲାତ ଏ଼ୱାରାଇଁ ୱେଚେସି,
“ଏ଼ନାଆଁତାକି ଏ଼ୱାସି ଏ଼ନି ଦ଼ହ କିହାମାନେସି?” ସାମା ଏ଼ୱାରି ଗାଡି
କ଼ାଲ୍‌ୱି ଆ଼ହାନା ଏଲେଇଚେରି, “ଏ଼ୱାଣାଇଁ ପ଼ାସି ଏକ୍‌ଦୁ ।” ୧୫ ଏଚେଟିଏ
ପିଲାତ ଲ଼କୁଣି ର଼ାହାଁ କିହାଲି ମ଼ନ କିହାନା ଏ଼ୱାରି ତାକି ବାରବାଇଁ
ପିସ୍ତେସି, ଇଞ୍ଜଁା ଜୀସୁଇଁ ସ଼ାଟ୍‌ଣି ତଲେ ୱେ଼ପି କିହାନା ପ଼ାସି ମୁଣ୍ତାତା
ଏକ୍‌ହାଲି ହେର୍‌ପିତେସି । ୧୬ ଏମ୍ବାଟିଏ କ଼ସ୍‌କା ଜୀସୁଇଁ ଆଂଗେଣିଟି
ମେ଼ଡ଼ା ଇଲୁ ବିତ୍ରା ଅ଼ହାନା ବାରେ କ଼ସ୍‌କାଣି ହ଼ାଟାନା ରୁଣ୍ତା କିତେରି ।
୧୭ ଏ଼ୱାରି ଏ଼ୱାଣାଇଁ ହେୟାଁ ୱ଼ାଣା ହିମ୍ବରି ହୁଚିକିତେରି ଇଞ୍ଜଁା ହ଼ାପ୍‌କା
ଟ଼ପେରି ଆଲାନା ଏ଼ୱାଣି ତ଼ାୟୁଁତା ତୁର୍‌ୱି କିତେରି; ୧୮ ଅ଼ଡ଼େ “ଏ଼ ଜୀହୁଦି
ଲ଼କୁତି ରାଜା ଜହରା” ଇଞ୍ଜି ଏ଼ୱାଣାଇଁ ନିନ୍ଦ୍ପାକିତେରି । ୧୯ ଇଞ୍ଜଁା ଏ଼ୱାରି
ର଼ ବାଡ଼୍‌ଗା ଆସାନା ଏ଼ୱାଣି ତ଼ାୟୁଁତା ୱେ଼ତେରି ଇଞ୍ଜଁା ମେଣ୍ତାକୁତାନା
ଜହରା କିତେରି । ୨୦ ଏ଼ୱାରି ଏ଼ୱାଣାଇଁ ଲାଜାକିହିଁ କାକ୍‌ହି ଡ଼ାୟୁ, ଏ଼
ହେୟାଁ ୱ଼ାଣାଗାଟି ହିମ୍ବରି ହୁକ୍‌ହା ଅ଼ହାନା ତାନି ହିମ୍ବରି ହୁଚିକିତେରି ।
ଇଞ୍ଜଁା ଏ଼ୱାରି ଏ଼ୱାଣାଇଁ ପ଼ାସି ମୁଣ୍ତାତା ଏକ୍‌ହାଲି ପାଙ୍ଗାତା ଅ଼ତେରି ।
୨୧ ଏଚି଼ବେଲା ଆଲେକ୍‌ଜାଣ୍ତାର ଇଞ୍ଜଁା ରୁପତାମି ଆ଼ବା ସିମନ ଦ଼ରୁଗାଟି
ର଼ କୁରିଣିୟ଼ ଲ଼କୁ ନ଼ାୟୁଁଟି ୱ଼ାହାନା ଏ଼ ଜିରୁଟି ହାଜିମାଚେସି; ଏ଼ୱାରି
ଏ଼ୱାଣାଇଁ ଜୀସୁତି ପ଼ାସିମୁଣ୍ତା ଡ଼େକାଲି ବାଲାମାତମି କିତେରି । ୨୨ ଇଞ୍ଜଁା
ଏ଼ୱାରି ଏ଼ୱାଣାଇଁ ଗଲ୍‌ଗତା ଇଚିହିଁ “ତ଼ାୟୁଁଗିର୍ପା” ଇନି ଟ଼ାୟୁତା ତାତେରି ।
୨୩ ଇଞ୍ଜଁା ଏ଼ୱାରି ଏ଼ୱାଣାକି ପୁଲା ଆଣ୍ତିତି ଅଙ୍ଗୁରି ରାସା ଗସାଲି ହୀତେରି,
ସାମା ଏ଼ୱାସି ଏ଼ୱାଆଁ ଗହ୍‌ଆତେସି । ୨୪ ଏଚେଟିଏ ଏ଼ୱାରି ଏ଼ୱାଣାଇଁ
ପ଼ାସି ମୁଣ୍ତାତା ଏକ୍‌ହେରି, ଇଞ୍ଜଁା ଆମ୍ବାଆସି ଏ଼ନାଆଁ ବେଟା ଆ଼ନେସି,
ଏ଼ଦାଆଁ ପାଦି କିହାନା ତାନି ହିମ୍ବରିକା ତ଼ାମ୍ବୁ ତ଼ାମ୍ବୁ ବ଼ାଟି କିହାନା ଅ଼ତେରି ।
୨୫ ଦିନା ନ଼ ଗଂଟା ବେ଼ଲାତା ଏ଼ୱାରି ଏ଼ୱାଣାଇଁ ପ଼ାସି ମୁଣ୍ତାତା ଏକ୍‌ହେରି
। ୨୬ ଇଞ୍ଜଁା ଏ଼ୱାଣିଲାକ ଇଲେଇଞ୍ଜି ର଼ାସ୍‌କି ଆ଼ହାମାଚେ, “ଇୱାସି
ଜୀହୁଦି ଲ଼କୁତି ରାଜା ।” ୨୭ ଇଞ୍ଜଁା ଏ଼ୱାଣି ଟିଂନିୱାକି ରଅଣାଇଁ ଅ଼ଡ଼େ
ଟେ଼ବ୍ରିୱାକି ରଅଣାଇଁ, ଇଲେକିହିଁ ରୀ ସ଼ର୍‌କାଣି ଏ଼ୱାରି ଏ଼ୱାଣିତଲେ
ପ଼ାସି ମୁଣ୍ତାତା ଏକ୍‌ହେରି । ୨୮ ଏଚେଟିଏ ଦାର୍ମୁ ପତିତି କାତା ସାତା
ଆ଼ତେ, ଏ଼ୱାସି ପ଼ାପୁ ଗାଟାରି ତଲେ ଲେକା କିୱିଆ଼ତେସି । ୨୯ ଏ଼
ଜିରୁଟି ହାଜିମାନି ଲ଼କୁ ତାମି ତ଼ାର୍କା ଗୁଟ୍‌କିକିହିଁ ଏ଼ୱାଣାଇଁ ନିନ୍ଦ୍ପାକିହିଁ
ଏଲେଇଚେରି, “ଆବା, ମାହାପୂରୁ ଇଲୁତି ଡିକ୍‌ନାତି ଇଞ୍ଜଁା ତୀନି ଦିନାଟିଏ
ଏ଼ଦାଆଁ କେ଼ପିନାତି, ୩୦ ପ଼ାସି ମୁଣ୍ତାଟି ଚୋ଼ୱ଼ାହାନା ନିଙ୍ଗେ ଗେଲ୍‌ପା
କଡାମୁ ।” ୩୧ କାଜା ପୂଜେରାଙ୍ଗା ଜିକେଏ ଏଲେକିଁ ମେ଼ରାପୁନାରି
ତଲେ ତ଼ାମ୍ବୁ ତ଼ାମ୍ବୁ ଏ଼ୱାଣାଇଁ ନିନ୍ଦ୍ପାକିହିଁ ଏଲେଇଚେରି, “ଏ଼ୱାସି ଅ଼ର
ଲ଼କୁଇଁ ଗେଲ୍‌ପିତେସି, ସାମା ତାଙ୍ଗେ ଗେଲ୍‌ପାଲି ଆ଼ଡିହିଲଅସି । ୩୨
ଇସ୍ରାୟେଲତି ରାଜା କ୍ରୀସ୍ତୁତି ଇଚିହିଁ ଦେବୁଣିଏ ପ଼ାସି ମୁଣ୍ତାଟି ଚୋ଼ ୱ଼ାମୁ,
ଏ଼ନିକିଁ ମ଼ାମ୍ବୁ ଏ଼ଦାଆଁ ମେସାନା ନାମାନମି ।” ଇଞ୍ଜଁା ଆମିନି ଗାଟାରାଇଁ
ଜୀସୁତଲେ ପ଼ାସି ମୁଣ୍ତାତା ଏକ୍‌ହା ମାଚେରି, ଏ଼ୱାରି ଜିକେଏ ଏ଼ୱାଣାଇଁ
ନିନ୍ଦ୍ପାକିତେରି । ୩୩ ବ଼ାର ଗଂଟା ବେ଼ଲା ଏ଼ ଦେସା ଆନ୍ଧେରି ଆ଼ହାନା
ତୀନି ଗଂଟା ପାଟେକା ଡ଼ୟିତେ । ୩୪ ତୀନି ଗଂଟା ବେ଼ଲାତା ଜୀସୁ କାଜା
ହ଼ାଡାତଲେ ହ଼ାଟାନା ଏଲେଇଚେସି, “ଏଲହି ଏଲହି ଲାମା ସାବକ୍‌ତାନି?”
ଇଚିହିଁ “ଏ଼ ନ଼ା ମାହାପୂରୁ ଏ଼ ନ଼ା ମାହାପୂରୁ ନୀନୁ ନାଙ୍ଗେ ଏ଼ନାଆଁତାକି
ପିସ୍ତାତି?” ୩୫ ଇ ହ଼ାଡା ୱେଞ୍ଜାନା ଦାରିତା ନିଚାମାନି ଲ଼କୁ ଆମ୍ବା
ଆମ୍ବାଆରି ଏଲେଇଚେରି, “ମେହ୍‌ଦୁ ଏ଼ୱାସି ଏଲିୟଇଁ ହ଼ାଟି ମାନେସି ।”
୩୬ ଇଞ୍ଜଁା ରଅସି ହଟିହିଁ ହାଜାନା ର଼ ଡ଼୍ରାଃଆଲି ପୁଲା ଅଙ୍ଗୁରି ରାସାତା
ମେଟ଼୍‌ହାନା ଏ଼ଦାଆଁ ର଼ ବାଡ଼୍‌ଗାତା ରୂପାନା ଏ଼ୱାଣାକି ଗସାଲି ହୀହାନା

ଏଲେଇଚେସି, "ହେଣ୍ଣୁ ଏଲିୟ୍ ଇୱାଣାଇଁ ଗେଲ୍‌ପାଲି ୱ଼ାହିମାନେସି କି
ଆ଼ଏ ସିନିକିନ ।" ୩୭ ସାମା ଜୀସୁ କାଜା ଗିୟାଁତଲେ ଜ଼ଲାନା ହ଼ାତେସି ।
୩୮ ଇଞ୍ଜାଁ ମାହାପୂରୁ ଇଲୁତା ଲେଚାମାନି ହିମ୍ବ୍ରି ଲାକଟିଏ ଡ଼ଇ ପାତେକା
ଗେଞ୍ଜାନା ରୀ ବ଼ାଗା ଆ଼ତେ । ୩୯ ଏ଼ୱାଣି ନ଼କିତା ନିଚାମାନି ପ଼ାସାକ଼ଡ଼ି
କ଼ସ୍‌କା ମୁହେଁ କାଜାସି ଏ଼ୱାଣି ଇଲେତି ହ଼ାତାଣି ମେସାନା ଏଲେଇଚେସି,
"ସାତେଏ, ଇୱାସି ମାହାପୁରୁତି ମୀର୍‌ଏସି ମାଚେସି ।" ୪୦ ଏଚେକା
ଇୟ୍ୟାସିକା ଜିକେଏ ହେକଟି ସିନିକିହିମାଚୁ; ଏ଼ୱାସିକା ବିତ୍ରାଟି ମଗ୍‌ଦଲିନି
ମରିୟମ୍, ଉଣା ଜାକୁବ ଇଞ୍ଜାଁ ଜସିତି ଇୟ୍ୟା ମରିୟମ୍, ଅ଼ଡ଼େ ସାଲମି
ମାଚୁ; ୪୧ ଏ଼ୱାସି ଗାଲିଲିତା ମାଚାଟି ଏ଼ୱି ଏ଼ୱାଣି ଜ଼େଚ ହାଜାନା
ଏ଼ୱାଣି ସ଼େବା କିହିମାଚୁ; ଏ଼ୱାସିକା ତଲେ ଜିରୁସାଲମତା ୱ଼ାହାମାନି
ହ଼ାରେକା ଇୟ୍ୟାସିକା ସିନିକିହିମାଚୁ । ୪୨ ୱେଡ଼ା ହାଜିମାଚାଟି, ଏ଼ ଦିନା
ତିୟ୍ୟାରା ଆ଼ନି ଦିନା ଇଚିହିଁ ଜ଼ମିନି ଦିନାତି ନ଼କିତି ଦିନା ମାଚାକି, ୪୩
ହାରାମାତିୟ୍ୟାତି ଜସେପ ଦ଼ରୁଗାଟି କାଜା ବେରଣିମାଣ୍ତାତି ମ଼ାନି ଗାଟାସି
ମାଚେସି, ଇଞ୍ଜାଁ ଆମିନିଗାଟାସି ତ଼ାନୁଏ ମାହାପୂରୁତି ର଼ାଜି କ଼ାଚିମାଚେସି,
ଏ଼ୱାସି ସ଼ାସାତଲେ ପିଲାତ ତ଼ାଣା ହାଜାନା ଜୀସୁତି ଆଙ୍ଗ୍ବା ରୀସ୍ତେସି । ୪୪
ସାମା ଏ଼ୱାସି ହ଼ାତେସିଏ ଇ କାତା ପିଲାତ ୱେଞ୍ଜାନା କାବା ଆ଼ତେସି, ଇଞ୍ଜାଁ
ପ଼ାସାକ଼ଡ଼ି କ଼ସ୍‌କା ମୁହେଁ କାଜାଣାଇଁ ଡାଗେ ହ଼ାଟାନା ୱେଚେସି, "ଏ଼ୱାସି
ହ଼ାହାନା ହ଼ାରେକା ବେଲା ଆ଼ତେୟିଏ?" ୪୫ ପ଼ାସାକ଼ଡ଼ି କ଼ସ୍‌କା ମୁହେଁ
କାଜାଣି ତ଼ାଣାଟି ଏ଼ କାତା ପୁଞ୍ଜାନା ଆଙ୍ଗ୍ବାତି ଅ଼ହାଲି ଜସେପଇଁ ହେଲ
ହୀତେସି । ୪୬ ଏ଼ୱାସି ର଼ ପ଼ାତାଡ଼ା ହିମ୍ବ୍ରି କଡାନା ଏ଼ୱାଣାଇଁ ରେପ୍‌ହା
ଟାଚାନା ଏ଼ ହିମ୍ବ୍ରି ରୂପିତେସି ଇଞ୍ଜାଁ ହ଼ରୁତା କ଼ାର୍‌ହାମାନି ମାଡ଼୍‌ହା ମୁହ୍‌ନି
ଟ଼ାୟୁତା ଏ଼ୱାଣାଇଁ ଇଟାନା ଦୁୱେରିତା ର଼ କାଜା ୱାଲି ଉସି କିତେରି ।
୪୭ ଏ଼ୱାଣାଇଁ ଆମିନି ଟ଼ାୟୁତା ଇଟ୍‌କି ଆ଼ହାମାନେ, ଏ଼ଦାଆଁ ମଗ୍‌ଦଲିନି
ମରିୟମ ଇଞ୍ଜାଁ ଜସି ତାମି ଇୟ୍ୟା ମରିୟମ ମେସାମାଚୁ ।

**୧୬** ଜ଼ମିନି ଦିନା ରାୟ୍ୟାଲିଏ ମଗ୍‌ଦଲିନି ମରିୟମ, ଜାକୁବ ତାମି ଇୟ୍ୟା
ମରିୟମ, ଇଞ୍ଜାଁ ସାଲମି ଗାନ୍ଧାଗାଟି ନିୟୁଁ କଡିତୁ, ଏ଼ନିକିଁ ଏ଼ୱି
ହାଜାନା ଜୀସୁ ଆଙ୍ଗ୍ବାତା ରୁବାଲି ଆ଼ଡିନୁ । ୨ ଏ଼ୱି ୱ଼ାରାତି ମୂଲୁ ଦିନା
ଲ଼ାଇ ୱେଡ଼ା ହ଼ନି ବେଲାତା ମାହ୍‌ଣି ମାଣ୍ତାତା ହାଚୁ । ୩ ଏ଼ୱି ତ଼ାମୁ ତ଼ାମୁ
ୱେସ୍‌ପି ଆ଼ହିମାଚୁ, "ଆମ୍ବ୍ରାଆସି ମାଙ୍ଗେତାକି ମାହ୍‌ଣି ମାଣ୍ତା ଦୁୱେରିତି
ୱାଲି ଉସିକିହା ହିୟ୍ୟାନେସି?" ଏ଼ନାଆଁତାକି ଇଚିହିଁ ଏ଼ ୱାଲି ହ଼ାରେକା
କାଜାୟି ମାଚେ । ୪ ସାମା ଏ଼ୱି ଏମ୍ବ୍ରାଆଁ ସିନିକିନି ବେଲାତା, ୱାଲି
ଉସିକିୱି ଆ଼ହାମାଚେ । ୫ ଏ଼ୱି ମାହ୍‌ଣି ମାଣ୍ତାତା ହ଼ଡାନା ଦବ୍‌ଲା ହିମ୍ବ୍ରି
ହୁଚାମାନି ର଼ ଦାଂଗ୍‌ଣେଏଣାଇଁ ଟିଃନିୱାକି କୁଗାମାନାଣି ମେସାନା ହ଼ାରେକା
କାବାଆ଼ତୁ । ୬ ଏମ୍ବ୍ରାଟିଏ ଏ଼ୱାସି ଏ଼ୱାସିକାଣି ଏଲେଇଚେସି, "ଆଜାଆଦୁ;
ମୀରୁ ପ଼ାସି ମୁଣ୍ତାତା ହ଼ାହାମାନି ନ଼ାଜରିତ ଜୀସୁଇଁ ପାରିମାଞ୍ଜେରି; ଏ଼ୱାସି
ନିଙ୍ଗ୍ବାମାନେସି, ଏ଼ୱାସି ଇମ୍ବ୍ରାଆଁ ହିଲଅସି, ସିନିକିଦୁ ଇମ୍ବ୍ରାଆଁ ଏ଼ୱାଣାଇଁ
ଇଟାମାଚେରି । ୭ ସାମା ମୀରୁ ହାଜାନା ତାମି ସୀସୁୟାଁ ଇଞ୍ଜାଁ ପିତରଇଁ
ୱେହ୍‌ଦୁ, ଏ଼ୱାସି ମୀ ନ଼କି ନ଼କିତା ଗାଲିଲିତା ହାଜିମାନେସି; ଏ଼ୱାସି
ମିଙ୍ଗେ ଏ଼ନିକିଁ ୱେସାମାଞ୍ଜାତେସି, ଏଲେକିହିଁଏ ମୀରୁ ଏ଼ୱାଣାଇଁ ଏମ୍ବ୍ରାଆଁ
ମେହ୍‌ଦେରି ।" ୮ ଏମ୍ବ୍ରାଟିଏ ଏ଼ୱି ମାହ୍‌ଣି ମାଣ୍ତାଟି ହଟୁ, ଇଚିହିଁ ଏ଼ୱି କାବା
ଆ଼ହାନା ଆଜିତାକି ଡୀର୍‌ଗିମାଚୁ, ଇଞ୍ଜାଁ ଆମ୍ବ୍ରାଆରାଇଁ ଏ଼ନାଆଁ ୱେହ୍‌ଆତୁ
। ୯ **(note: The most reliable and earliest manuscripts do not include
Mark 16:9-20.)** ୱ଼ାରାତି ମୂଲୁତି ଦିନା ଲାଇସିଏ ଏ଼ୱାସି ୱେଣ୍ଣେ ନିଙ୍ଗ୍ବାନା,
ଆମିନିଗାଟାଣି ସ଼ାତାଗଟା ବୂତୁୟାଁ ପିସ୍‌ପି କିହାମାଚେସି, ଏ଼ ମଗ୍‌ଦଲିନି
ମରିୟମନି ତଲିଏ ଡ଼ଞ୍ଜାଆ଼ତେସି । ୧୦ ଏ଼ଦି ହାଜାନା ଆମିନି ଗାଟାରି
ତାମିତଲେ ମାଚେରି, ଏ଼ୱାରାଇଁ ୱେସ୍ତେ; ଇଚିହିଁ ଏ଼ୱାରି ଦୁକୁଟି ଡ଼ୀହି
ମାଚେରି । ୧୧ ଜୀସୁ ନୀଡାମାନେସି, ଇଞ୍ଜାଁ ଏ଼ଦାନି ଡ଼ଞ୍ଜା ଆ଼ହାମାନେସି,
ଇଦାଆଁ ୱେଞ୍ଜାନା ଏ଼ୱାରି ନାମାଆତେରି । ୧୨ ଏଚେଟିଏ ଇ ବାରେ ଆ଼ତି
ଡ଼ାୟୁ ଏ଼ୱାରି ବିତ୍ରାଟି ରୀ ସୀସୁୟାଁ ର଼ ନ଼ାୟୁଁତା ହାଜିମାଚାଟି ଏ଼ୱାସି ଅ଼ର
ୱ଼ାଣା ତଲେ ଏ଼ୱାରାଇଁ ଡ଼ଞ୍ଜାଆ଼ତେସି, ୧୩ ଇଞ୍ଜାଁ ଏ଼ୱାରି ହାଜାନା ଏଟ୍‌କା
ତାରାଇଁ ୱେସ୍ତେରି; ସାମା ଏ଼ୱାରି କାତା ଜିକେଏ ଏ଼ୱାରି ନାମାଆତେରି ।
୧୪ ଏମ୍ବ୍ରାଟିଏ ଏଗାର ଜ଼ାଣା ସୀସୁୟାଁ ତିଞ୍ଜାଲି କୁଗାମାଚାଟି ଜୀସୁ ଏ଼ୱାରାଇଁ
ଡ଼ଞ୍ଜାଆ଼ତେସି ଇଞ୍ଜାଁ ଏ଼ୱାରି ନାମିହିଲାଆତାକି ଇଞ୍ଜାଁ ହିୟାଁତି ଆ଼ଟ୍‌ୱାତାକି
ଏ଼ୱାରାଇଁ ଦାକା ହୀତେସି, ଇଚିହିଁ ଆମିନି ଗାଟାରି ଏ଼ୱାଣି ୱେଣ୍ଣେ
ନିଙ୍ଗ୍ବିତାଣି ମେସାମାଚେରି, ଏ଼ୱାରି କାତା ଏ଼ୱାରି ନାମା ହିଲାଆତେରି । ୧୫
ଇଞ୍ଜାଁ ଜୀସୁ ଏ଼ୱାରାଇଁ ଏଲେଇଚେସି, "ମୀରୁ ବାରେ ଦାର୍‌ତିତା ହାଜାନା
ବାରେ କୂଡ଼ାତି ଲ଼କୁତ଼ାଣା ନେହିଁ କାବୁ ୱେହ୍‌ଦୁ । ୧୬ ଆମ୍ବ୍ରାଆସି ନାମାନା
ବାପ୍ତିସ୍ମ ଅ଼ନେସି ଏ଼ୱାସି ଗେଲ୍‌ପି ଆ଼ନେସି; ସାମା ଆମ୍ବ୍ରାଆସି ନାମଅସି
ଏ଼ୱାସି ଡଣ୍ତ ବେଟାଆ଼ନେସି । ୧୭ ଇଞ୍ଜାଁ ନାମିନାରାକି ଇ ସିନାୟାଁ ଆ଼ନୁ,
ଏ଼ୱାରି ନ଼ା ଦ଼ରୁତଲେ ବୂତୁୟାଁ ପିସ୍‌ପି କିନେରି, ପୁଃନି ପୁଃନି ହ଼ାଡାତଲେ
ଜ଼ଲିନେରି, ୧୮ କେସ୍କାତଲେ ର଼ାସ୍‌କା ଆହ୍‌ନେରି, ଇଞ୍ଜାଁ ହ଼ାନି ଅସ ଗସ୍ତିହିଁ
ଜିକେଏ ଏ଼ୱାରି ଏ଼ନାଆଁ ଆ଼ଅରି; ଏ଼ୱାରି ନ଼ମେରି ଦୁକା ଗାଟାରି ଲାକ
କେୟୁ ଇଟିତିହିଁ ଏ଼ୱାରି ନେହିଁ ଆ଼ନେରି ।" ୧୯ ଇଲେକିହିଁ ଏ଼ୱାରାଇଁ
ବାରେ କାତା ୱେସ୍ତି ଡ଼ାୟୁ ଜୀସୁ ଲାକପୂରୁ ଅ଼ୱିଆ଼ହାନା ମାହାପୂରୁତି
ଟିଃନିୱାକି କୁଗିତେସି । ୨୦ ସାମା ଏ଼ୱାରି ହାଜାନା ବାରେୱାକି କାବୁ
ୱେସ୍ତେରି, ଇଞ୍ଜାଁ ପ୍ରବୁ ଜୀସୁ ଏ଼ୱାରିତଲେ କାମା କିହାନା ତାନି ବାରେ
ସିନାୟାଁ ତଲେ ଏ଼ୱାରି ୱେକ୍‌ହାମାନାଣି ସାତା ଇଞ୍ଜାଁ ଡ଼ସ୍ତେସି ।

# ଲୂକ

**୧** ମୂଲୁଟିଏ ଆମ୍ବାଆରି ତୀରେ ମେସ୍ତାରି ଇଞ୍ଜାଁ ବ଼ଲୁ ୱେକ୍‌ନାରି, ଏ଼ୱାରି
ମାଡ୍ଗେ ହେର୍‌ପା ମାଞ୍ଜାନି ଲେହେଁ, ୨ ମା଼ ବିତ୍ରା ଆ଼ହାମାନି କାମା ବାରେ
ହା଼ରେକା ନେହିଁକିଁ ରା଼ଚାଲି ଜାଗ୍ରାତା ଆ଼ହାମାନେରି । ୩ ଜୀୱୁତି ତିୟ଼ପିଲ,
ମୂଲୁଟିଏ ବାରେ କାତା ନେହିଁକିଁ ସିନିକିହାନା ଏମ୍ବାଆଁ ଏ଼ନାୟି଼ ମାନେ
ଏ଼ଦାଆଁ ନିଡ୍ଗେତାକି ରା଼ଚାଲି ନା଼ନୁ ଜିକେଏ ନେହେଁ ଇଞ୍ଜୁଁ ଅଣ୍‌ପିତେଏଁ ।
୪ ଏ଼ନିକିଁ ନୀନୁ ଏ଼ ବାରେ କାତା ଜା଼ପାମାଞ୍ଜୁ, ଏ଼ଦି ସାତା ଇଞ୍ଜୁଁ ପୁଞ୍ଜାଲି
ଆ଼ଡିଦି । ୫ ଜୀହୁଦା ଦେ଼ସାତି ରାଜା ହେରଦ ବେ଼ଲାତା ଅବିୟ଼ କୂଡ଼ାତି
ଜିକରିୟ଼ ଦ଼ରୁଗାଟି ର଼ ପୂଜେରା ମାଚେସି; ତାନି ଡକ୍ରି ହାରଣ କୂଡ଼ାତି
ମା଼ଡ୍ଗା, ଏ଼ଦାନି ଦ଼ରୁ ଏଲିସାବେତ । ୬ ଜିକରିୟ଼ ଅ଼ଡ଼େ ଏଲିସାବେତ
ମାହାପୂରୁତି ହୁକୁମି ଇଞ୍ଜାଁ ମେ଼ରା ତଲେ ଦ଼ହ ହିଲାଆଗାଟାଇ ଆ଼ହାନା
ମାହାପୂରୁ ନ଼କିତା ଦାର୍ମୁ ଗାଟାଇ ମାରୁ । ୭ ସାମା ଏ଼ୱାରାକି କକାରି
ପ଼ଦାୟାଁ ହିଲାଆତ୍ତୁ, ଇଚିହିଁ ଏଲିସାବେତ ବା଼ଞ୍ଜେଣି ମାଚେ, ଅ଼ଡ଼େ ଡକ୍ରି
ଡକ୍ରା ରିଆରି ଜିକେଏ ଗାଡି ବୁଡ଼୍‌ହି ବୁଡ଼୍‌ହା ଆ଼ହାମାଚେରି । ୮ ର଼ ଦିନା
ଜିକରିୟ଼ ତାମି ଗଚିତି ପା଼ଲି ଏଜାଲିଏ ମାହାପୂରୁ ନ଼କିତା ପୂଜେରା କାମା
କିନି ବେ଼ଲାତା, ୯ ପୂଜେରା କାମାତି ମେ଼ରା ତଲେ ଆ଼ଚ୍‌ୱି ଆ଼ହାନା
ଏ଼ୱାଣାକି ମାହାପୂରୁ ଇଲୁତା ହ଼ଡାନା ଦୁପ୍‌ଣି ହୀହାଲି ଆ଼ତେ, ୧୦ ଇଞ୍ଜାଁ
ଦୁପ୍‌ଣି ହୀନି ବେ଼ଲାତା ବାରେ ଲ଼କୁ ପାଡ୍ଗାତା ପ୍ରାତାନା କିହିମାଚେରି । ୧୧
ଏଚିବେ଼ଲା ମାହାପୂରୁତି ର଼ ଦୂତୁ ଦୁପ୍‌ଣି ପିଣ୍ଡା ଟିଃନିୱାକି ନିଚାନା ଏ଼ୱାଣାଇଁ
ତ଼ଞ୍ଜାଆ଼ତେ । ୧୨ ଜିକରିୟ଼ ଏ଼ଦାଣି ମେସାନା କାବାଆ଼ହାନା ଆଜିତେସି ।
୧୩ ସାମା ଦୂତୁ ଏ଼ୱାଣାଇଁ ଏଲେଇଚେ, “ଜିକରିୟ଼, ଆଜାଆନି, ଇଚିହିଁ ମୀ
ଗ଼ହାରା ୱେଣ୍‌ମ୍ବି ଆ଼ହାମାନେ, ଇଞ୍ଜାଁ ନୀ ଡକ୍ରି ଏଲିସାବେତ ନିଡ୍ଗେତାକି
ର଼ କକାଣାଇଁ ଜାର୍ନି କିନେ, ଇଞ୍ଜାଁ ଏ଼ୱାଣି ଦ଼ରୁ ଜହନ ଇଞ୍ଜୁଁ ହୀଦେରି ।
୧୪ ଇଚିହିଁ ଏ଼ୱାସି ମୀ ରା଼ହାଁତି ରା଼ହାଁ ଆ଼ନେସି, ଇଞ୍ଜାଁ ହା଼ରେକା ଏ଼ୱାଣି
ଜାର୍ନାତା ରା଼ହାଁ କିନେରି । ୧୫ ଇଞ୍ଜାଁ ଏ଼ୱାସି ମାହାପୂରୁ ନ଼କିତା କାଜାସି
ଆ଼ନେସି; ଏ଼ୱାସି ଅଙ୍ଗୁରି ରାସା କି କା଼ଡୁ ଏଚେଲାୱା ଗହ଼ଅସି, ଇଞ୍ଜାଁ
ତାଲିନି ବାଣ୍ତିଟିଏ ସୁଦୁଜୀୱୁତା ବେଟାଆ଼ନେସି, ୧୬ ଏ଼ୱାସି ଇସ୍ରାୟେଲ
ମୀର୍‌କା ବିତ୍ରାଟି ହା଼ରେକା ଲ଼କୁଇଁ ମାହାପୂରୁ ୱାକି ୱେଟ୍‌ହା ତାନେସି ।
୧୭ ତାଞ୍ଜିୟାଁ ହିୟାଁ ମୀର୍‌କା ୱାକି ଇଞ୍ଜାଁ କାତା ମା଼ନୱି ଆ଼ଆଗାଟାରାଇଁ
ଟୀରିଗାଟି ବୁଦିତା ତା଼କାଲି ୱେଟ୍‌ହା ତାଚାଲି ଇଞ୍ଜାଁ ମାହାପୂରୁ ତାକି
ତିୟାରା ଆ଼ହାମାନି ର଼ ଲ଼କୁତି କୁଲମି ଜାଗ୍ରାତା କିହାଲି ବାପ୍ତିସ୍ମ ହୀନି
ଜହନ ଏଲିୟତି ଜୀୱୁ ଅ଼ଡ଼େ ବା଼ଡ଼୍‌ୟୁ ତଲେ ପ୍ରବୁତି ନ଼କିତା ତା଼କିନେସି
।” ୧୮ ଏଚେଟିଏ ଜିକରିୟ଼ ଦୂତୁଇଁ ଏଲେଇଚେସି, “ନା଼ନୁ ଆମିନି ସିନା
ତଲେ ପୁଇଁ? ଇଚିହିଁ ନା଼ନୁ ବୁଡ଼୍‌ହାତେଏଁ, ଇଞ୍ଜାଁ ନା଼ ଡକ୍ରିନି ବାର୍ସା ଗାଡି
ଆ଼ତେୟିଏ ।” ୧୯ ଦୂତୁ ଏ଼ୱାଣାଇଁ ଏଲେଇଚେ, “ନା଼ନୁ ଗାବ୍ରିୟେଲ, ନା଼ନୁ
ମାହାପୂରୁ ନ଼କିତା ନିଚା ଡ଼ୟିନାତେଏଁ, ଇଞ୍ଜାଁ ନିଡ୍ଗେ ୱେସାଲି ଅ଼ଡ଼େ ଇ
ନେହିଁ କାବୁ ପୁଣ୍‌ମ୍ବି କିହାଲି ନା଼ନୁ ପାଣ୍ତୱି ଆ଼ହାମାଇଁ । ୨୦ ମେହ୍‌ମୁ ଇ
ବାରେ ଆ଼ଆପାତେକା ନୀନୁ ବେବ଼୍‌ଡ଼ା ଆ଼ହାନା ଡ଼ୟିଦି, ଇଚିହିଁ ନା଼ ଆମିନି
କାତା ସାତା ଆ଼ନେ ଏ଼ ବାରେ ନୀନୁ ନାମାଆତି ।” ୨୧ ଏମ୍ବାଟିଏ ଲ଼କୁ
ଜିକରିୟଇଁ କା଼ଚିମାଚେରି, ଇଞ୍ଜାଁ ମାହାପୂରୁ ଇଲୁତା ଇଚେକା ୱେଡ଼ା
ଆ଼ତାକି କାବା ଆ଼ହିମାଚେରି । ୨୨ ସାମା ଏ଼ୱାସି ପାଡ୍ଗାତା ୱା଼ହାନା
ଏ଼ୱାରାଇଁ କାତା ଆ଼ହାଲି ଆ଼ଡାଆତେସି; ଏମ୍ବାଟିଏ ଏ଼ୱାସି ମାହାପୂରୁ
ଇଲୁତା ଏ଼ନାଆଁ ମେସାମାନେସି ଇଞ୍ଜୁଁ ଏ଼ୱାରି ପୁଚେରି, ଇଞ୍ଜାଁ ଏ଼ୱାସି
ଏ଼ୱାରାଇଁ କେୟୁ ହୂଟିହିଁ ତ଼ସାଲି ମା଼ଟ୍‌ହେସି ଇଞ୍ଜାଁ ବେବ଼୍‌ଡ଼ା ଆ଼ହାନା
ଡ଼ୟିତେସି । ୨୩ ଡା଼ୟୁ ମାହାପୂରୁ ଇଲୁତି ସେ଼ବା କାମା ରାୟାଲିଏ,
ଏ଼ୱାସି ତାମି ଇଜ ହାଚେସି । ୨୪ ଏଚରଦିନା ହାଚି ଡା଼ୟୁ ତାନି ଡକ୍ରି
ଏଲିସାବେତ ପୂରାମା଼ସା ଆ଼ତେ ଅ଼ଡ଼େ ଏ଼ଦି ପା଼ସା ଲେ଼ଞ୍ଜୁ ପାତେକା
ଲ଼କୁଣି ତ଼ଞ୍ଜା ଆ଼ଆତେ । ୨୫ ଏ଼ଦି ଏଲେଇଚେ, “ନୀଏଁ ନାଡ୍ଗେ ପ୍ରବୁ
କାର୍ମାମେସାନା ଲ଼କୁ ନାଡ୍ଗେ ଲାଜା କିହିମାଞ୍ଜାତାଣି ପିସ଼ପି କିହାଲି ନାଡ୍ଗେ
ଇଲେକିଁ କିହାମାଞ୍ଜାନେସି!” ୨୬ ଏଲିସାବେତ ପୂରାମା଼ସା ଆ଼ହାନା ସ଼
ଲେ଼ଞ୍ଜୁ ଆ଼ହାଲିଏ ଗାବ୍ରିୟେଲ ଦୂତୁ ମାହାପୂରୁ ତା଼ଣାଟି ଗାଲିଲିତି ନା଼ଜରିତ
ଗା଼ଡ଼ାତି ର଼ ଡା଼ଆ ପ଼ଦାନି ତା଼ଣା ପାଣ୍ତୱିଆ଼ତେ; ୨୭ ଏ଼ ଡା଼ଆ ପ଼ଦାନି
ଦାୱୁଦ କୂଡ଼ାତି ଜସେପ ଇନାଣାକି ରୀସା ମାଚେରି; ଏ଼ ଡା଼ଆ ପ଼ଦା ଦ଼ରୁ
ମରିୟମ । ୨୮ ଦୂତୁ ପ଼ଦା ତା଼ଣା ୱା଼ହାନା ଏଲେଇଚେ, “ଆଲ ମାହାପୂରୁତି
କାର୍ମା ମେହ୍‌ନାତି ନିଡ୍ଗେ ହିଟ଼ଡ଼ି ଆୟାପେ!” ୨୯ ମରିୟମ ଏ଼ ହା଼ଡା
ୱେଞ୍ଜାନା ଇଦି ଏ଼ନିଲେହେଁତି କାତା ଇଞ୍ଜୁଁ ଆଜାନା ମ଼ନତା ଅଣ୍‌ପିତେ
। ୩୦ ଏମ୍ବାଟିଏ ଦୂତୁ ଏଲେଇଚେ, “ଆଲ ମରିୟମ ଆଜାଆନି; ନିଡ୍ଗେ
ମାହାପୂରୁ କାର୍ମା ମେସାମାଞ୍ଜାନେସି । ୩୧ ନୀନୁ ପୂରାମା଼ସା ଆ଼ହାନା ର଼
ମୀର୍‌ଏଣାଇଁ ବେଟାଆ଼ଦି ଏ଼ୱାଣି ଦ଼ରୁ ଜୀସୁ ଇଞ୍ଜୁଁ ଇଟିଦେରି । ୩୨ ଏ଼ୱାସି
କାଜାସି ଆ଼ନେସି ଇଞ୍ଜାଁ ମାହାପୂରୁ ମୀର୍‌ଏସି ଇଞ୍ଜୁଁ ୱେଡ୍ଗିନେସି; ପ୍ରବୁ
ମାହାପୂରୁ ଏ଼ୱାଣାକି ତାମି ଆକୁ ଦାୱୁଦତି ସିଂଗାସାଣି ହୀନେସି, ୩୩
ଏ଼ୱାସି ଜାକୁବ କୂଡ଼ାତା ଜୁଗୁ ଜୁଗୁତାକି ରା଼ଜି କିନେସି, ଇଞ୍ଜାଁ ଏ଼ୱାଣି ରା଼ଜି
ଏଚେଲାୱା ରା଼ଏ!” (aiōn g165) ୩୪ ସାମା ମରିୟମ ଦୂତୁଇଁ ଏଲେଇଚେ,
“ଇଦି ଏ଼ନିକିଁ ଆ଼ନେ? ନା଼ନୁ ଡକ୍ରାଇଁ ଜିକେଏ ପୁଞ୍ଜାହିଲଆଁ ।” ୩୫ ଦୂତୁ
ଏଲେଇଚେ, “ସୁଦୁଜୀୱୁ ନୀ ଲାକ ରେ଼ଚାୱା଼ନେ ଅ଼ଡ଼େ ମାହାପୂରୁତି
ବା଼ଡ଼୍‌ୟୁ ୱାନେ, ଏ଼ଦାଆଁତାକି ନୀ ତା଼ଣାଟି ଜାର୍ନା ଆ଼ନେସି, ଏ଼ୱାସି
ମାହାପୂରୁତି ମୀର୍‌ଏସି ଇଞ୍ଜୁଁ ୱେଡ୍ଗିନେସି । ୩୬ ଅ଼ଡ଼େ ମେହ୍‌ମୁ ନୀ କୂଡ଼ାତି
ଏଲିସାବେତ ଜିକେଏ ବୁଡ଼୍‌ହି ବେ଼ଲାତା ପୂରାମା଼ସା ଆ଼ହାମାନେ । ଆମିନି
ଇୟା ବା଼ଞ୍ଜେଣି ଇଞ୍ଜୁଁ ୱେଡ୍ଗାମାନେ, ଏ଼ଦି ନୀଏଁ ସ଼ ଲେ଼ଞ୍ଜୁ ଆ଼ହାମାନେ; ୩୭
ଇଚିହିଁ ମାହାପୂରୁତି ବ଼ଲୁ ବା଼ଡ଼୍‌ୟୁ ହିଲାଆଗାଟାୟି଼ ଆ଼ଏ ।” ୩୮ ଏମ୍ବାଟିଏ
ମରିୟମ ଏଲେଇଚେ, “ନା଼ନୁତ ପ୍ରବୁତି ହ଼ଲେଣିତେଏଁ; ନୀ କାତେଏ
ନାଡ୍ଗେତାକି ଆୟାପେ ।” ଏମ୍ବାଟିଏ ଦୂତୁ ଏ଼ଦାନି ତା଼ଣାଟିଏ ହାଚେ । ୩୯
ଏମ୍ବାଟିଏ ମରିୟମ ନିଡ୍ଗାନା ଜୀହୁଦା ଦେ଼ସାତି ହ଼ର୍‌କା ରା଼ଜିତି ର଼ ଗା଼ଡ଼ାତା
ତବେ ହାଚେ, ୪୦ ଅ଼ଡ଼େ ଜିକରିୟ଼ ଇଜ ହାଜାନା ଏଲିସାବେତନି ଜହରା
କିତେ । ୪୧ ଅ଼ଡ଼େ ଏଲିସାବେତ ମରିୟମନି ଜହରା ୱେଣ୍‌ମ୍ବିନିଏ ତାନି

ବାଣ୍ଡିତି ମୀଲା ୱାଡିତେ, ଇଞ୍ଜାଁ ଏଲିସାବେତ ସୁଦୁଜୀୱୁଟି, ୪୨ କାଜା
ଗିୟାଁତଲେ ଏଲେଇଚେ, "ଇୟାସିକା ବିତ୍ରାଟି ନୀନୁ ହାରେକା ନେହାଁଟି,
ଇଞ୍ଜାଁ ନୀ ବାଣ୍ଡିତି ମୀଲା ଜିକେଏ ନେହାୟି! ୪୩ ଅଡ଼େ ନା ପ୍ରବୁତି ଇୟା ନା
ତାଣା ୱାନେ ଇ କାର୍ମା ନାଙ୍ଗେ ଏମ୍ବିଟି ୱାତେ? ୪୪ ଇଚିହିଁ ନୀ ଜହରା ହାଡା
ନା କିୟୁଁ ୱେଣ୍ଡ୍ରାନିଏ ନା ବାଣ୍ଡିତି ମୀଲା ରାହାଁଟି ୱାଡିତେ ୪୫ ଆମିନି
ଗାଟାୟି ନାମିତେ ଏଦାନାକି ନେହେଁ, ଇଚିହିଁ ପ୍ରବୁ ତାଣାଟି ଏଦାନାକି
ଏନାଆଁ ୱେସ୍ପି ଆହାମାନେ ଏ ବାରେ ପୂରା ଆନେ!" ୪୬ ଏଚେଟିଏ
ମରିୟମ ଏଲେଇଚେ, "ନା ଜୀୱୁ ପ୍ରବୁତି ଜହରା କିହିମାନେ; ୪୭ ଅଡ଼େ
ନା ଜୀୱୁ ନାଙ୍ଗେ ଗେଲ୍ପାନି ମାହାପୂରୁ ତାଣା ରାହାଁ ଆହିମାନେ, ୪୮
ଇଚିହିଁ ଏୱାସି ତାନି ହଲେଣିନି କାର୍ମା କାକୁଲି ମେସାମାନେସି । ଏନିଇଚିହିଁ
ନୀଞ୍ଜୁଟିଏ ବାରେ ଲକୁ ନାଙ୍ଗେ ନେହାୟି ଇଞ୍ଜାଁ ଜଲାନେରି, ୪୯ ଇଚିହିଁ
ଆମ୍ବାଆସି ବାରେକିହାଁ ବାଡ଼ୟୁଗାଟି ମାହାପୂରୁ ଏୱାସି ନା ତାକି କାଜା
କାମା କିହାମାନେସି, ଏୱାଣି ଦରୁ ସୁଦୁ; ୫୦ ଇଞ୍ଜାଁ ତାଙ୍ଗେ ଆଜିନାରାକି
ପାଟୁ ପାଟୁ ତାକି ତାନି କାର୍ମାମେହ୍ନାୟି ଡ଼ୟିନେ । ୫୧ ଏୱାସି ତାନି
ବାଡ଼ୟୁଗାଟି କେୟୁଟି କାଜା କାମା କିହାମାନେସି, ଡ଼ାହାରା ଗାଟାରାଇଁ
ଏୱାରି ହିୟାଁତି ଅଣ୍ପୁତା ମାନାଣି ଗୁଚି କିହାମାନେସି; ୫୨ ଏୱାସି ସାଲୱି
କିନାରାଇଁ ତାମି ରାଜା ଗାଦି ପିସ୍ପି କିହାମାନେସି, କାକୁଲି ଗାଟାରାଇଁ
ନିକ୍ହାମାନେସି, ୫୩ ଏୱାସି ହାକି ଗାଟାରାଇଁ ନେହିଁ ଆସ୍ତି ହୀହାନା ପାଞ୍ଜୁ
କିହାମାନେସି, ଇଞ୍ଜାଁ ଦନ ଗାଟାରାଇଁ ୱାର୍ଇ କେୟୁଟି ପାଣ୍ଡାମାନେସି ।
୫୪ କାଲାକାଲା ତାକି ଅଣ୍ପାଲି ତାନି ହଲେଏସି ଇସ୍ରାୟେଲତି କାର୍ମା
ଆହାମାନେସି । ୫୫ କାଲାକାଲା ତାକି ଅବ୍ରାହାମ ଅଡ଼େ ତାନି ବାରେ
କୂଡ଼ାତାରାଇଁ କାର୍ମାମେହ୍ନାଣି ବାଣା ଆହାହିଲଅସି ।" (aiōn g165) ୫୬
ଅଡ଼େ ମରିୟମ ତୀନି ଲେଞ୍ଜୁ ଏଲିସାବେତ ତଲେ ଡ଼ୟାନା ତାମି ଇଜ
ୱାତେ । ୫୭ ଡ଼ାୟୁ ଏଲିସାବେତ ପୂରାମାସା ଏଜାଲିଏ ର କକାସି ଜାର୍ନା
ଆତେସି, ୫୮ ଅଡ଼େ ମାହାପୂରୁ ଏଦାନି ହାରେକା କାର୍ମା ମେସାମାନାଣି
ୱେଞ୍ଜାନା ତାମି କୂଡ଼ାତାରି ଇଞ୍ଜାଁ ଅଡ଼େ ଆଟ୍ହିତାରି ଏଦାନିତଲେ ହାରେକା
ରାହାଁ କିତେରି । ୫୯ କକାସି ୱାରେକା ଆହାଲିଏ, ଏୱାରି ତଲୁ ଦାଚାଲି
ୱାହାନା ତାମି ଆବା ଦରୁଲେହେଁ ତାନି ଦରୁ ଜିକରିୟ ଇଟାଲି ମନ
କିତେରି । ୬୦ ସାମା ତାମି ଇୟା ଏଲେଇଚେ, "ଆଏ! ଏୱାଣି ଦରୁ ଜହନ
ଆନେ ।" ୬୧ ଏୱାରି ଏଲେଇଚେରି, "ମୀ କୂଡ଼ାତା ଆମ୍ବାଆରାକି ଏଲେତି
ଦରୁ ହିଲେଏ!" ୬୨ ଏମ୍ବାଟିଏ ଏୱାରି ତାଞ୍ଜିଗାଟାଣାଇଁ କେୟୁ ହୂଟାନା
କକାଣାଇଁ ଏନି ଦରୁ ଇଟିନାୟି ଇଞ୍ଜାଁ ୱେଚେରି । ୬୩ ଜିକରିୟ ର ରାଚିନି
ପାଟା ରୀସାନା ଏୱାଣି ଦରୁ ଜହନ ଇଞ୍ଜାଁ ରାଚିତେସି, ଏଦାଆଁ ମେସାନା
ବାରେଜାଣା କାବା ଆତେରି! ୬୪ ଅଡ଼େ ଏ ଦେବୁଣିଏ ଏୱାଣି ଗୁଟି ଅଡ଼େ
ୱେନ୍ଦ୍ରି ପିସ୍ପି ଆତେ ଅଡ଼େ ଏୱାସି ଜଲିହିଁ ମାହାପୂରୁତି ଜହରା କିତେସି
। ୬୫ ଏମ୍ବାଟିଏ ତାମି ଲକୁ ବାରେ ଆଜାହାଚେରି, ଅଡ଼େ ଇ କାତା ଜୀହୁଦା
ଦେସାତି ହର୍କା ରାଜିତା ବାରେୱାକି ୱେଙ୍ଗିତେ, ୬୬ ଇଞ୍ଜାଁ ୱେନି ବାରେ
ଲକୁ ଏ କାତା ତାମି ମନତା ଇଟାନା ଏଲେଇଚେରି, "ଆତିହିଁ ଇ କକାସି
ଏନିଲେହେଁତାସି ଆନେସି?" ଏନିଇଚିହିଁ ପ୍ରବୁ ଇୱାଣି ତଲେ ମାନେସି
ଇଞ୍ଜାଁ ପୁଚେରି । ୬୭ ଅଡ଼େ ଜିକରିୟ ସୁଦୁଜୀୱୁ ତଲେ ଇ ଡ଼ାୟୁ ଆନି କାତା
ଏଲେଇଚେସି, ୬୮ ଇସ୍ରାୟେଲତି ମାହାପୂରୁ ଜହରା! ଏନିଇଚିହିଁ ଏୱାସି
ତାନି ଲକୁଣି କାର୍ମାମେସାନା ଗେଲ୍ପି କିହାମାନେସି; ୬୯ ଏୱାସି ତାନି
ହଲେଏସି ଦାୱୁଦ କୂଡ଼ାଟି ମା ତାକି ର ଗେଲ୍ପିନାଣାଇଁ ହୀହାମାଞ୍ଜାନେସି
। ୭୦ ତଲି କାଲାଟିଏ ତାନି ନେହିଁ ମାହାପୂରୁ ଅଣ୍ପୁତି ବଲୁ ୱେହ୍ନାରି
ଗୁଟି ତଲେ ଏନିକିଁ ଜଲା ମାଚେରି, (aiōn g165) ୭୧ ଏଲେକିହିଁଏ ମାଙ୍ଗେ
ମା ସାତୁୟାଁ ତାଣାଟି ଅଡ଼େ ମାଙ୍ଗେ ଅପାଆଗାଟାରି ତାଣାଟି ଗେଲ୍ପି
କିହାମାଞ୍ଜାନେସି, ୭୨ ଏୱାସି ଏଲେ ଇଞ୍ଜାମାନେସି, ଏୱାସି ମା ଆକୁୟାଁଣି
କାର୍ମା ମେସାମାଇଁ ଅଡ଼େ ତାନି ସୁଦୁଗାଟି ରାଜିମାନାତି ଅଣ୍ପିନେସି ।
୭୩ ମା ଆବା ଅବ୍ରାହାମ ତାଣା ଏନିମି ପାର୍ମାଣା କିହାଁ ଆଞ୍ଜାମାନାଣି
ଅଣ୍ପାନା ପୂରା କିହାମାନେସି, ୭୪ ଅଡ଼େ ମା ସାତୁୟାଁ ତାଣାଟି ଗେଲ୍ପି
ଆହାନା, ଆଜାଆନା କାଲେଏ ତାଙ୍ଗେ ସେବା କିହାଲି ଆଡିନାୟି, ୭୫ ତାନି
ନକିତା ମାର ନୀଡାମାନି ପାଟେକା ସୁଦୁ ଅଡ଼େ ଦାର୍ମୁ ଗାଟାତାୟି ଆହାନା
ଡ଼ୟିନାୟି । ୭୬ ଏ ନା ମୀର୍ଏଣାତି ନୀନୁ ବାରେତି କିହାଁ ବାଡ଼ୟୁଗାଟି
ମାହାପୂରୁ ଅଣ୍ପୁତି ବଲୁ ୱେହ୍ନାତି ଇଞ୍ଜାଁ ୱେଙ୍ଗିଦି; ୭୭ ପାପୁ ମ୍ନେପ୍କି
ଆହାନା ଏୱାରି ଗେଲ୍ପି ଆନାଣି ବେଟାଆନେରି, ଏ କାତା ପୁଣ୍ମ୍ବି
କିହାଲି ତାକି ତାନି ଲକୁତାଣା ହାଜି । ୭୮ ଇଞ୍ଜାଁ ମାଙ୍ଗେ ହିଡ଼ଡ଼ି ଜିରୁତା
ତାଚାଲି ମା ମାହାପୂରୁତି ଜୀୱୁନ୍ନି କାର୍ମାତଲେ ଲାକପୂରୁଟି ମାଙ୍ଗେତାକି
ୱେଡ଼ା ହଚିମାନି ଲେହେଁ ଆନେ, ୭୯ ଆମ୍ବାଆରି ହାନିଲେହେଁତି ତାଣା
ବାସା କିନେରି, ହିଡ଼ଡ଼ି ଜିରୁତା ଅହାଲି ତାକି ଏୱାସି ବାରେତି ଲାକ
ଲାକପୂରୁଟି ଉଜେଡ଼ି ହୀନେସି । ୮୦ ଇଞ୍ଜାଁ ଏ କକାସି ଆଙ୍ଗାତା ଜୀୱୁତା
ପାଡାଆହାନା ଇସ୍ରାୟେଲ ଲକୁତାଣା ୱେଙ୍ଗାଆ ପାଟେକା ଲକୁ ହିଲାଆ
ଟାୟୁତା ଡ଼ୟିତେସି ।

**୨** ଏଚିବେଲାତା ରମ୍ ଦେସାତି ବାରେ ଲକୁ ଦରୁ ରାଚି କିହାଲି କାୟିସର
ଅଗସ୍ତସ୍ ତାଣାଟି ହୁକୁମି ଆତେ । ୨ ସିରିୟାତି ସାଲୱି କିନାସି
କୁରିଣିୟ ବେଲାତା ତଲି ମୂଲୁ ଦରୁ ରାସ୍କି ଆହାମାଚେ । ୩ ଏଦାଆଁତାକି
ବାରେଜାଣା ଦରୁ ରାଚି କିହାଲି ନାୟୁଁଟିଏ ଜାହାରା ଗାଡ଼ାତା ହାଚେରି
। ୪ ଜସେପ ଜିକେଏ ଦରୁ ରାଚି କିହାଲି ମରିୟମନି ତଲେ ଗାଲିଲିତି
ନାଜରିତ ଗାଡ଼ାଟି ଜୀହୁଦା ରାଜିତି ବେତଲିହିମ ଇନି ଦାୱୁଦ ଗାଡ଼ାତା
ହାଚେସି, ଇଚିହିଁ ଏୱାସି ଦାୱୁଦ କୂଡ଼ା ଇଞ୍ଜାହାଁ ଏ ଗଚିତାସି ମାଚେସି; ୫
ଏୱାସି ଦରୁ ରାଚି କିୟାଲି ମରିୟମନି ତଲେ ହାଚେସି, ଏଦି ଏୱାଣାକି
ବୀହା ଆହାଲି ରୀସ୍ପି ଆହାମାଚେ ଅଡ଼େ ଏଦି ପୂରାମାସା ଆହାମାଚେ ।
୬ ଅଡ଼େ ଏ ଲକୁ ବେତଲିହିମତା ମାନିବେଲା, ଏଦାନାକି ଜାର୍ନିକିନି କାଟୁ
ଏଗାୱାତେ, ୭ ଇଞ୍ଜାଁ ଏଦି ତାନି ପାଣ୍ୱା ମୀର୍ଏଣାଇଁ ଜାର୍ନିକିତେ ଇଞ୍ଜାଁ
ହିମ୍ବରି ପ୍ଲିକ୍ହାନା କଡ଼ିୟାଁ ଗହ୍ନି ଡଂଗତା ତ୍ରିପ୍ହେ, ଇଚିହିଁ ଏ ଲକୁତାକି
ବାସାଟାୟୁ ହିଲାଆତେ । ୮ ଏ ଦାରିମାରି ନାସ୍କାଣାଁ ମେଣ୍ଡା ଗଡ଼କା
ଲାଆଁୟାଁ ପାଙ୍ଗାତା ଡ଼ୟାନା ମେଣ୍ଡାୟାଁ କାଚିମାଚେରି । ୯ ପ୍ରବୁତି ର ଦୂତୁ

ଏ଼ୱାରିତ଼ାଣା ୱ଼ାତେ ଇଞ୍ଜ଼ାଁ ପ୍ରବୁତି ଗାୱୁରମିତି ଉଜେଡ଼ି ଏ଼ୱାରି ସ଼ାରିୱ଼ାକି
ତ଼ଞ୍ଜ଼ାଆ଼ତେ, ଅ଼ଡ଼େ ଏ଼ୱାରି ହ଼ାରେକା ଆଜିତେରି । **୧୦** ଏମ୍ବାଟିଏ ଦୂତୁ
ଏ଼ୱାରାଇଁ ଏଲେଇଚେ, "ମୀରୁ ଆଜାଆଦୁ! ନ଼ାନୁ ମୀ ବାରେ ଲ଼କୁତାକି
ହ଼ାରେକା ର଼ାହାଁତି କାବୁ ମିଙ୍ଗେ ୱେସିମାଞ୍ଜ଼ାଇଁ, **୧୧** ଇଚିହିଁ ନୀଞ୍ଜୁ ଦାୱୁଦ
ଗ଼ାଡ଼ାତା ମିଙ୍ଗେ ଗେଲ୍‌ପାନାସି ଜାର୍ନା ଆ଼ହାମାନେସି, ଏ଼ୱାସି କ୍ରୀସ୍ତୁ ପ୍ରବୁ
। **୧୨** ଅ଼ଡ଼େ ଇଦି ମିଙ୍ଗେତାକି ସିନାଲେହେଁ ଆ଼ନେ, ମୀରୁ ର଼ କକାଣାଇଁ
ହିମ୍ବରି ପ୍ଡିକ୍‌ହାନା କ଼ଡିୟାଁ ଗହ୍‌ନି ଡଂଗତା ଡ଼ୂରାମାନାଣି ମେହ୍‌ଦେରି ।"
**୧୩** ଦେବୁଣିଏ ଏ଼ ଦୂତୁ ତଲେ ଲାକପୂରୁତି ହ଼ାରେକା ଦୂତୁୟାଁ ୱ଼ାହାନା
ମାହାପୂରୁଇଁ ଜହରା ପ଼ାଚୁ ପ଼ାଚିତୁ, **୧୪** "ଲାକପୂରୁ ମାହାପୂରୁତି ଗାୱୁରମି,
ଅ଼ଡ଼େ ଦାର୍‌ତିତା ଏ଼ୱାଣି ର଼ାହାଁ ଇଞ୍ଜ଼ାଁ ମାଣ୍‌ସିୟାଁ ବିତ୍ରା ହିତ୍‌ଡ଼ି ।" **୧୫**
ଦୂତୁୟାଁ ଏମ୍ବାଟି ଲାକପୂରୁ ହାଜାଲିଏ ମେ଼ଣ୍ଡା ଗ଼ଡ଼୍‌କା ତ଼ାମ୍ବୁ ତ଼ାମ୍ବୁ କାତା
ଆ଼ତେରି, "ମ଼ାର ବେତଲିହିମ ପାତେକା ହାଜାନା ପ୍ରବୁ ମାଙ୍ଗେ ଆମିନି
କାତା ୱେସାମାଞ୍ଜ଼ାନେସି ଏ଼ଦାଆଁ ସିନି କିକାନ ।" **୧୬** ଏମ୍ବାଟିଏ ତବେ
ହାଜାନା ପାରାନା ମରିୟମ ଅ଼ଡ଼େ ଜସେପ ଇଞ୍ଜ଼ାଁ କ଼ଡିୟାଁ ଗହ୍‌ନି ଡଂଗତା
ପୁଃନି ଜାର୍ନାଆ଼ତି କକାଣାଇଁ ଡ଼ୂରାମାନାଣି ମେସ୍ତେରି । **୧୭** ଏ଼ୱାରି ଇ
ବାରେ ମେସାନା ଏ଼ କକାଣି କାତା ଏ଼ନାଆଁ ଇଣ୍‌ମ୍ବି ଆ଼ହାମାଚେ ଏ଼ଦାଆଁ
ୱେ଼କ୍‌ହେରି । **୧୮** ଅ଼ଡ଼େ ଏଚେକା ଲ଼କୁ ମେ଼ଣ୍ଡା ଗ଼ଡ଼୍‌କା ତ଼ାଣାଟି ଏ଼ ବାରେ
କାତା ୱେଚେରି, ଏ଼ୱାରି ବାରେ ଏ଼ କାତାତାକି କାବା ଆ଼ତେରି । **୧୯** ସାମା
ମରିୟମ ଇ ବାରେ କାତା ହିୟାଁତା ଇଟାନା ହ଼ାରେକା ଅଣ୍‌ପାଲି ମ଼ାଟ୍‌ହେ
। **୨୦** ଅ଼ଡ଼େ ମେ଼ଣ୍ଡା ଗ଼ଡ଼୍‌କାକି ଏ଼ନିକିଁ ୱେସ୍‌ପି ଆ଼ହାମାଚେ, ଏଲେକିହିଁଏ
ଏ଼ୱାରି ଏ଼ନା ଏ଼ନାଆଁ ୱେଚେରି ଇଞ୍ଜ଼ାଁ ମେସ୍ତେରି ଏ଼ ବାରେତାକି ମାହାପୂରୁତି
ଗାୱୁରମି ଅ଼ଡ଼େ ଜହରା କିହିଁ ୱେ଼ଣ୍ଡା ହାଚେରି । **୨୧** ଏ଼ୱାଣାକି ଆ଼ଟାଦିନା
ଆ଼ତେ ଅ଼ଡ଼େ ତ଼ଲୁ ଦ଼ାଃନି ଦିନା ୱ଼ାତେ ଇଞ୍ଜ଼ାଁ ଏ଼ୱାଣି ଦ଼ରୁ ଜୀସୁ ଇଞ୍ଜ଼ାଁ
ଇଟିତେରି; ଇ ଦ଼ରୁ ତାନି ପୂରାମ଼ାସା ଆ଼ନି ନ଼କେଏ ଦୂତୁ ତ଼ାଣାଟି ୱେସ୍‌ପି
ଆ଼ହାମାଚେ । **୨୨** ଅ଼ଡ଼େ ଏ଼ଚେତା ମ଼ସାତି ମେ଼ରା ତଲେ ଏ଼ୱାରି ଅଟ୍‌ହା
କଡିନି ଦିନା ଏଗାୱ଼ାତେ, ଏଚେଟିଏ ଜସେପ ଅ଼ଡ଼େ ମରିୟମ ଜୀସୁଇଁ
ମାହାପୂରୁ ନ଼କିତା ଜିରୁସାଲମତା ଅ଼ହିଁ ହାଚେରି । **୨୩** ଏ଼ନିକିଁ ମାହାପୂରୁତି
ସ଼ାସ୍ତେରିତା ର଼ାସ୍‌କି ଆ଼ହାମାନେ, "ବାରେ ପ଼ାଣ୍‌ୱା ମୀର୍‌କା ପ୍ରବୁ ତାକି
ସୁଦୁଗାଟାରି ଇଞ୍ଜ଼ାଁ ୱେ଼ଙ୍ଗିନେରି ।" **୨୪** ଅ଼ଡ଼େ ମେ଼ରାତା ର଼ାସ୍‌କି ଆ଼ହାମାନି
ଇ ମେ଼ରା ତଲେ ରୀ କୁଗୁରି ପଟାୟାଁ ଆ଼ଆତିଁ ରୀ ପ଼ାର୍‌ୱା ପଟାୟାଁ
ମାହାପୂରୁ ନ଼କିତା ପୂଜା କିହାଲି ଏ଼ୱାଣାଇଁ ଜିରୁସାଲମତା ଅ଼ତେରି ।
**୨୫** ଏଚିବେ଼ଲା ଜିରୁସାଲମତା ସିମିୟନ ଦ଼ରୁଗାଟି ର଼ ମାଣ୍‌ସି ମାଚେସି;
ଏ଼ୱାସି ର଼ ଦାର୍ମୁଗାଟାସି ଅ଼ଡ଼େ ମାହାପୂରୁଇଁ ଆଜିନାସି ମାଚେସି, ଅ଼ଡ଼େ
ଇସ୍ରାୟେଲ ଲ଼କୁ ବ଼ାର୍ସୁ ବେଟାଆ଼ନାଣି କ଼ାଚିମାଚେସି, ଇଞ୍ଜ଼ାଁ ସୁଦୁଜୀୱୁ
ଏ଼ୱାଣି ତ଼ାଣା ମାଚେ । **୨୬** ମାହାପୂରୁ ପାଣ୍ତାନି କ୍ରୀସ୍ତୁଇଁ ମେହ୍‌ଆ ପାତେକା
ଏ଼ୱାସି ହ଼ାଅସି ଇଞ୍ଜ଼ାଁ ସୁଦୁଜୀୱୁ ତଲିଏ ୱେସାମାଚେ । **୨୭** ସିମିୟନ
ସୁଦୁଜୀୱୁଟି ମାହାପୂରୁ ଇଲୁତା ୱ଼ାତେସି; ଅ଼ଡ଼େ ତାଲି ତାଞ୍ଜି ମ଼ସାତି
ମେ଼ରାଲେହେଁ କିହାଲି ଜୀସୁଇଁ ବିତ୍ରା ତାତୁ, **୨୮** ଏଚିବେ଼ଲା ସିମିୟନ
କକାଣାଇଁ ପମାନା ମାହାପୂରୁଇଁ ଜହରା କିତେସି; **୨୯** "ଏ଼ ପ୍ରବୁ ନୀଏଁ
ନୀନୁ ୱେସ୍ତିଲେହେଁ ନୀ ହ଼ଲେଏଣା ଜୀୱୁ ହିତ୍‌ଡ଼ିତଲେ ଅ଼ମୁ; **୩୦** ନ଼ା କାନୁ
ନୀ ଗେଲ୍‌ପିନାଣାଇଁ ମେସାମାନେ । **୩୧** ଏ଼ନିଇଚିହିଁ ବାରେ ଲ଼କୁତାକି
ମେ଼କପାମାନି **୩୨** ଜୀହୁଦିଆ଼ଆତାରାକି ସାତା ତ଼ହ୍‌ନି ର଼ ଉଜେଡ଼ି ଆ଼ନେସି,
ଅ଼ଡ଼େ ନୀ ଇସ୍ରାୟେଲ ଲ଼କୁତି ଗାୱୁରମି ଲେହେଁ କିହାମାଞ୍ଜି ।" **୩୩** ଇଞ୍ଜ଼ାଁ
ତାମି ଇୟ୍ୟା ଅ଼ଡ଼େ ଆ଼ବା ଏ଼ୱାଣି ତାକି ୱେସ୍‌ପି ଆ଼ହିମାନି ବାରେ କାତାତାକି
କାବା ଆ଼ହିମାଚେରି । **୩୪** ଏଚେଟିଏ ସିମିୟନ କକାଣାଇଁ ବ଼ର ହୀହାନା
ତାମି ଇୟ୍ୟା ମରିୟମନି ଏଲେଇଚେସି, "ମେହ୍‌ମୁ ଈୱାସି ଇସ୍ରାୟେଲତି
ହ଼ାରେକା ଲ଼କୁଣି ନ଼ାସା କିହାଲି ଅ଼ଡ଼େ ଗେଲ୍‌ପାଲି ଆ଼ଚ୍‌ୱି ଆ଼ହାମାନେସି,
ଆମ୍ବାଆରି କ଼ପାଟି ହ଼ାରେକା ଜ଼ଲିନେରି । ଏ଼ୱାସି ମାହାପୂରୁ ତ଼ାଣାଟି ର଼
ସିନାଲେହେଁ ଆ଼ନେସି । **୩୫** ଆ଼ଆତିଁ ନୀ ଜୀୱୁତା ଜିକେଏ କାଣ୍ଡାତଲେ
ଗ୍ଣାକ୍‌ହିସାରେ ହ଼ଚାହାନି ଲେହେଁ, ଏ଼ କସ୍ତୁ ନୀ ହିୟାଁତା ଆୟ୍ୟାନେ ।" **୩୬**
ଅ଼ଡ଼େ ହାନା ଦ଼ରୁଗାଟି ର଼ ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାୟି ମାଚେ;
ଏ଼ଦି ଆସେର୍ କୂଡ଼ାତି ପନୁଏଲ ମ଼ାଙ୍ଗା । ଏ଼ଦାନାକି ହ଼ାରେକା ବାର୍ସା
ଆ଼ହାମାଚେ; ଏ଼ଦି ଡ଼ାଆ ଆ଼ତି ଜେ଼ଚ ସାତା ବାର୍ସା ଡକ୍ରାତଲେ ବାସା
କିହାମାଚେ, ଅ଼ଡ଼େ ସ଼ାରିକ଼ଡ଼ି ସ଼ାରି ବାର୍ସା ର଼ାଣ୍ତେଣି ଆ଼ହାନା ନୀଡାମାଚେ
। **୩୭** ଏ଼ଦି ମାହାପୂରୁ ଇଲୁ ପିହ୍‌ଆନା ବାତିମ଼ାଲିହିଁ ଲ଼ାଆଁ ମାଦେନା
ର଼ାନ୍ଦା ତିନାଆନା ପ୍ରାତାନା କିହିମାଚେ । **୩୮** ଏ଼ ଦେବୁଣିଏ ଏ଼ଦି ୱ଼ାହାନା
ମାହାପୂରୁତି ଜହରା କିହିଁ ଜିରୁସାଲମତି ଗେଲ୍‌ପିନାଣାଇଁ କ଼ାଚି ମାନାରାଇଁ
ଏ଼ୱାଣି କାତା ୱେସାଲି ମ଼ାଟ୍‌ହେ । **୩୯** ଡ଼ାୟୁ ଜସେପ ଅ଼ଡ଼େ ମରିୟମ
ମାହାପୂରୁତି ମେ଼ରା ତଲେ ବାରେ କାମା ର଼ାପ୍‌ହାନା ଗାଲିଲିତି ତାମି
ଗ଼ାଡ଼ା ନ଼ାଜରିତତା ୱେ଼ଣ୍ଡା ୱ଼ାତେରି **୪୦** ଅ଼ଡ଼େ ଜୀସୁ ଆଙ୍ଗାତା ବୁଦିତା
ଅ଼ଡ଼େ ବ଼ାଡ଼୍‌ୟୁତା ପାଡା ଆ଼ତେସି, ଅ଼ଡ଼େ ମାହାପୂରୁତି କାର୍ମା ଏ଼ୱାଣିଲାକ
ମାଚେ । **୪୧** ତାମି ଇୟ୍ୟା ଆ଼ବା ବାରେ ବାର୍ସା ପିସ୍‌ପିଆ଼ନି ପାର୍ବୁତାକି
ଜିରୁସାଲମତା ହାଜିମାଚେରି । **୪୨** ଜୀସୁ ବ଼ାର ବାର୍ସା ଆ଼ହାଲିଏ ଏ଼ୱାରି
ପାର୍ବୁତି ମେ଼ରାଲେହେଁ ଜିରୁସାଲମତା ହାଚେରି । **୪୩** ଅ଼ଡ଼େ ପାର୍ବୁତି ଦିନା
ର଼ାପ୍‌ହାନା ଏ଼ଚେତା ଏ଼ୱାରି ୱେ଼ଣ୍ଡା ୱ଼ାହିମାଚେରି, ଏଚିବେ଼ଲାତା ଉଣା
କକାସି ଜୀସୁ ଜିରୁସାଲମତା ଡ଼ୟ୍ୟାହାଚେସି, ସାମା ତାମି ଇୟ୍ୟା ଆ଼ବା
ପୁଞ୍ଜାହିଲାଆତେରି; **୪୪** ସାମା ଏ଼ୱାରି ତାମିତଲେ ୱ଼ାହାମାଚି ଲ଼କୁତଲେ
ମାନେସି ଇଞ୍ଜ଼ାଁ ଅଣ୍‌ପାନା ର଼ ଦିନାତି ଜିରୁ ହାଚେରି, ଅ଼ଡ଼େ ତାମି ଲ଼କୁ
ଇଞ୍ଜ଼ାଁ ପୁଚି ଲ଼କୁତ଼ାଣା ପାରାଲି ମ଼ାଟ୍‌ହେରି, **୪୫** ଇଞ୍ଜ଼ାଁ ଏ଼ୱାଣାଇଁ ମେ଼ଡ଼ା
ଆ଼ଆନା ପାରି ପାରି ଜିରୁସାଲମତା ୱେ଼ଣ୍ଡା ହାଚେରି । **୪୬** ତୀନିଦିନା
ଡ଼ାୟୁ ଏ଼ୱାରି ଏ଼ୱାଣାଇଁ ମାହାପୂରୁ ଇଲୁତା ବେଟାଆ଼ତେରି; ଏ଼ୱାସି
ମେ଼ରାପୁନାରି କାତା ୱେଞ୍ଜିହିଁ ଏ଼ୱାରାଇଁ ୱେଣ୍ତେ କାତା ୱେଞ୍ଜିମାଚେସି, **୪୭**
ଅ଼ଡ଼େ ଏଚେକା ଲ଼କୁ ଏ଼ୱାଣି କାତା ୱେଞ୍ଜିମାଚେରି, ବାରେଜ଼ାଣା ଏ଼ୱାଣି
ବୁଦିତା ଅ଼ଡ଼େ ୱେହ୍‌ନି କାତାତା କାବା ଆ଼ହିମାଚେରି । **୪୮** ଏଚିବେ଼ଲା
ତାମି ଇୟ୍ୟା ଆ଼ବା କକାଣାଇଁ ମେସାନା କାବାଆ଼ତୁ ଇଞ୍ଜ଼ାଁ ତାମି ଇୟ୍ୟା
ଏ଼ୱାଣାଇଁ ଏଲେଇଚେ, "ମୀର୍‌ଏଣା ମାଙ୍ଗେ ଏ଼ନାଆଁତାକି ଇଚେକା ଦୁକୁ

ହିୟାତି? ମେହ୍‌ମୁ ନା଼ନୁ ଅ଼ଡ଼େ ମୀ ଆ଼ବା ଏଚେକା ଦୁକୁଆ଼ହିଁ ନିଙ୍ଗେ
ପାରିମାଞ୍ଜାନମି ।" **୪୯** ଏମ୍ବାଟିଏ ଜୀସୁ ଏଲେଇଚେସି, "ମୀରୁ ନାଙ୍ଗେ
ଏ଼ନାଆଁତାକି ପାରିମାଞ୍ଜାଦେରି? ନା଼ ଆ଼ବା ଇଜ ନା଼ନୁ ମାନାଣି ମୀରୁ
ପୁଞ୍ଜାହିଲଅତେରି?" **୫୦** ସାମା ଏ଼ୱାସି ଆମିନି କାତା ଜ଼ଲିତେସି, ତାମି
ଇୟା ଆ଼ବା ପୁଞ୍ଜାଲି ଆ଼ଡାଆତେରି । **୫୧** ଡ଼ାୟୁ ଜୀସୁ ତାମି ଇୟା ଆ଼ବା
ତଲେ ୱେଣ୍ତେ ନା଼ଜରିତତା ୱା଼ତେସି, ଇଞ୍ଜାଁ ଏ଼ୱାରି କାତା ମା଼ନୱି ଆ଼ହାନା
ଡ଼ୟିତେସି, ଅ଼ଡ଼େ ତାମି ଇୟା ଇ ବାରେ କାତା ଜାଗ୍ରାତା ତଲେ ମ଼ନତା
ଇଟାମାଚେ । **୫୨** ଅ଼ଡ଼େ ଜୀସୁ ଆଙ୍ଗ୍ଗାତା, ବୁଦିତା ଇଞ୍ଜାଁ ମାହାପୂରୁ ଅ଼ଡ଼େ
ମାଣ୍‌ସିୟାଁ କାର୍ମାଟି ପାଡା ଆ଼ତେସି ।

**୩** ତିବିରିୟା କାୟିସରତି ସା଼ଲୱି କିନି ପନ୍ଦ୍ର ବାର୍ସା ଆୟାଲିଏ,
ଏଚି଼ବେଲା ପନ୍ତିୟ ପିଲାତ ଜୀହୁଦା ରା଼ଜିତି ସା଼ଲୱି କିନାସି ଅ଼ଡ଼େ
ହେରଦ ଗାଲିଲି ରା଼ଜିତି ରାଜା ମାଚେସି, ଅ଼ଡ଼େ ତାମି ତାୟି ପିଲିପ
ଇତୁରିୟା ଅ଼ଡ଼େ ତ୍ରାକନିତି ରା଼ଜି ଅ଼ଡ଼େ ଲୁସାନିୟା ଅବିଲିନିତି ରାଜା
ମାଚେସି । **୨** ହାନାନ ଅ଼ଡ଼େ କୟାପା କାଜା ପୂଜେରା ମାଚେରି,
ଏଚି଼ବେଲାତା ମାହାପୂରୁତି ବ଼ଲୁ ଲ଼କୁ ହିଲାଆ ଟା଼ୟୁତା ଜିକରିୟ ମୀର୍‌ଏସି
ଜହନ ତ଼ାଣା ୱା଼ତେ । **୩** ଏମ୍ବାଟିଏ ବାପ୍ତିସ୍ମ ହୀନି ଜହନ ଜର୍ଦନ ଦାରିତି
ବାରେ ନା଼ସ୍‌କାୱାକି ହାଜାନା ପା଼ପୁ ମ୍ନେପ୍‌କି ଆ଼ହାଲି ମ଼ନ ୱେଟ୍‌ହାନା
ବାପ୍ତିସ୍ମ ଅ଼ନି କାତା ୱେ଼କ୍‌ହାଲି ମା଼ଟ୍‌ହେସି, **୪** ଏ଼ନିଇଚିହିଁ ମାହାପୂରୁ
ଅଣ୍‌ପୁତି ବ଼ଲୁ ୱେହ୍‌ନି ଜିସାୟ ପତିତା ରା଼ସ୍‌କି ଆ଼ହାମାନେ, "ଲ଼କୁ
ହିଲାଆ ଟା଼ୟୁତା ରଅଣି ହା଼ଡା ୱେ଼ଙ୍ଗିମାନେ; ପ୍ରବୁତି ଜିରୁ ନେହିଁ କେ଼ପାଦୁ;
ଅ଼ଡ଼େ ଏ଼ୱାଣି କାଜା ଆଂଗେଣି ତିୟି କିଦୁ! **୫** ବାରେ ଗା଼ଡ୍‌ଙ୍ଗା ନେଞ୍ଜେ
କିୱିଆ଼ନୁ, ବାରେ ହ଼ର୍‌କା ମେଟାୟାଁ ଊଣା କିୱିଆ଼ନୁ, ଡଂଗିତି ଜିରୁ ତିୟି
କିୱିଆ଼ନେ, କାଡ଼୍‌ଦି ଡେପା ବୂମିତି ବାରେ ସମାନା କିୱିଆ଼ନେ । **୬** ବାରେ
ଦାର୍‌ତିତି ଲ଼କୁ ମାହାପୂରୁତି ଗେଲ୍‌ପିନାଣି ମେହ୍‌ନେରି ।" **୭** ଏଲେକିହିଁ,
ଜହନ ତ଼ାଣାଟି ବାପ୍ତିସ୍ମ ଅ଼ହାଲି ୱା଼ହିମାନି ଲ଼କୁଣି ମେସାନା ଏ଼ୱାରାଇଁ
ଏଲେଇଚେସି, "ଆଡ଼େ ରା଼ସ୍‌କା କୂଡ଼ାତାତେରି ମାହାପୂରୁ ପାଣ୍ତାମାଞ୍ଜାନି
କ଼ପାଟି ପିସ୍‌ପି ଆ଼ହାଲି ମାଙ୍ଗେ ଆମ୍ବାଆସି ସେଡ଼୍‌ନା ହିୟାତେସି? **୮**
ଏ଼ଦାଆଁତାକି ମ଼ନ ୱେଟ୍‌ହାକଡିତି ନେହିଁ କାମା ତ଼ହ୍‌ଦୁ; ଅ଼ଡ଼େ ଅବ୍ରାହାମ
ମା଼ ଆ଼ବା ଇଞ୍ଜିହିଁ ଅଣ୍‌ପାଆଦୁ, ନା଼ନୁ ମିଙ୍ଗ ୱେସିମାଞ୍ଜାଇଁ, ମାହାପୂରୁ ଇ
ୱାଲ୍‌କାଟି ଜିକେଏ ଅବ୍ରାହାମତି ମୀର୍‌କାଣି ଗା଼ଡ଼ି କିହାଲି ଆ଼ଡିମାନେସି!
**୯** ଅ଼ଡ଼େ ନୀଏଁ ଜିକେଏ ମା଼ର୍‌ନୁ ଡାକିତା କାଌଆଲି ଆଟାମାନେ; ଆମିନି
ମା଼ର୍‌ନୁ ନେହିଁ ପା଼ଡ଼େୟି ଆ଼ୟେଏ ଏ଼ଦାନି ଟୃଣ୍‌ହାନା ହିଚୁତା ମେଡ଼୍‌ପି
ଆ଼ନେ ।" **୧୦** ଏମ୍ବାଟିଏ ଲ଼କୁ ଏ଼ୱାଣାଇଁ ୱେଚେରି, "ଆତିହିଁ ମା଼ମୁ
ଏ଼ନାଆଁ କିନମି?" **୧୧** ଏ଼ୱାସି ଏଲେଇଚେସି, "ଆମ୍ବାଆରାକି ଜ଼ଡ଼େକା
ସକାୟାଁ ମାନୁ, ଏ଼ୱାସି ଆମ୍ବାଆରାକି ହିଲାଉ ଏ଼ୱାଣାକି ରଣ୍ତାଆଁ ହୀପେସି;
ଇଞ୍ଜାଁ ଆମ୍ବାଆରାକି କା଼ଦି ମାନେ ଏ଼ୱାସି ଜିକେଏ ଏଲେକିପାସି ।" **୧୨**
ସିସ୍ତୁ ରୀହ୍‌ନାରି ଜିକେଏ ବାପ୍ତିସ୍ମ ଅ଼ହାଲି ୱା଼ହାନା ଏଲେଇଚେରି, "ଏ଼
ଗୂରୁ ମା଼ମୁ ଏ଼ନାଆଁ କିନମି?" **୧୩** ଏ଼ୱାସି ଏ଼ୱାରାଇଁ ଏଲେଇଚେସି,
"ମିଙ୍ଗେତାକି ଏଚେକା ର଼େରା ମାନେ ଏଚେକାଟିଏ ଆଗାଡ଼ା ରୀହ୍‌ଆଦୁ ।"
**୧୪** ଏଚରଜା଼ଣା ରିଜାରି କ଼ସ୍‌କା ୱା଼ହାନା ଏଲେଇଚେରି, "ମା଼ମୁ ଏ଼ନାଆଁ
କିନମି?" ଏ଼ୱାସି ଏ଼ୱାରାଇଁ ଏଲେଇଚେସି, "ବା଼ଡ଼୍‌ୟୁଟି କି ନା଼ଡ଼ିକିହାନା
ଆମ୍ବାଆରି ଦ଼ନ ମୀଞ୍ଜା ଅ଼ଆଦୁ, ଅ଼ଡ଼େ ମୀରୁ ଏଚେକା ବେଟାଆ଼ଦେରି
ଏଚେକା ତଲେଏ ନୀଡାଦୁ ।" **୧୫** ଲ଼କୁ ମସିହାଇଁ କା଼ଚିମାଚେରି, ଇଞ୍ଜାଁ
ଜହନଏ କ୍ରୀସ୍ତୁ ହାବୁଲା ଇଞ୍ଜିଁ ଅଣ୍‌ପାନା ବାରେଜା଼ଣା ତାମି ମ଼ନତା
କାତା ଆ଼ହିମାଚାକି, **୧୬** ଜହନ ଏ଼ୱାରାଇଁ ଏଲେଇଚେସି, "ନା଼ନୁସାଁ
ଏ଼ୟୁତଲେ ବାପ୍ତିସ୍ମ ହୀହିମାଞ୍ଜାଇଁ, ସାମା ନା଼ କିହାଁ ଆମ୍ବାଆସି ବା଼ଡ଼୍‌ୟୁ
ଗାଟାସି ଏ଼ୱାସି ୱା଼ହିମାନେସି, ଏ଼ୱାଣି ସେପୁୟାଁତି ଡ଼ର୍କା ଜିକେଏ ହୁକ୍‌ହାଲି
ନା଼ନୁ ପା଼ଡ଼ାଆ଼ଅଁ; ଏ଼ୱାସି ମିଙ୍ଗେ ସୁଦୁଜୀୱୁ ଅ଼ଡ଼େ ହିଚୁତଲେ ବାପ୍ତିସ୍ମ
ହିୟାନେସି । **୧୭** ତାନି କ୍ଟାନୁତି ତାସାଲି ଅ଼ଡ଼େ ତାନି ଆର୍ନାତି କୁସାହାଁ
କୂଡ଼ି କିହାନା ଗା଼ଦେୟିତା ଇଟାଲି ଏ଼ୱାଣି କେୟୁତା ହେ଼ଚି ମାନେ, ଇଞ୍ଜାଁ
ଟା଼ଟା ପ଼ଡୁତି ଏଚେଲା ତୁମ୍ବାଆଗାଟି ହିଚୁତା ହୂଡା ତୁହ୍‌ନେସି ।" **୧୮**
ଏ଼ୱାସି ଇଲେତି ହ଼ାରେକା କାତା ୱେସିହିଁ ଅ଼ଡ଼େ ରା଼ହାଁତି କାତା ଜ଼ଲିହିଁ
ଲ଼କୁତା଼ଣା ନେହିଁ କାବୁ ୱେ଼କ୍‌ହି ମାଚେସି; **୧୯** ସାମା ରାଜା ହେରଦ ତାମି
ତାୟି ଡକ୍ରି ହେରଦିୟାନି କାତା ଅ଼ଡ଼େ ତା଼ନୁ କିହାମାନି ବାରେ ଲାଗେଏତି
କାମାତାକି ଜହନ ତ଼ାଣାଟି ଲା଼ଗି ବେଟା ଆ଼ହାମାଚାକି, **୨୦** ହେରଦ
ଜହନଇଁ ଦସ୍‌ପାନା କା଼ୟିଦିତା ଇଟାନା ହ଼ାରେକା ଲାଗେଏତି କାମା
କିତେସି । **୨୧** ବାରେ ଲ଼କୁ ବାପ୍ତିସ୍ମ ଅ଼ତି ଡ଼ାୟୁ ଜୀସୁ ଜିକେଏ ବାପ୍ତିସ୍ମ
ଅ଼ହାନା ପ୍ରାତାନା କିହିମାଚାଟି ହ଼ାଗୁ ଦେପିଆ଼ତେ, **୨୨** ଅ଼ଡ଼େ ସୁଦୁଜୀୱୁ
ପା଼ର୍‌ୱା ପଟାଲେହେଁ ଏ଼ୱାଣିଲାକ ରେଚାୱା଼ତେ; ଇଞ୍ଜାଁ ହ଼ାଗୁଟି ଇ ହ଼ାଡା
ଆ଼ତେ, "ନୀନୁ ନା଼ ଜୀୱୁତି ମୀର୍‌ଏଣାତି ନୀ ତ଼ାଣା ନା଼ ରା଼ହାଁ ମାନେ ।"
**୨୩** ଜୀସୁ ସେ଼ବା କାମା ମା଼ଟ୍‌ହି ବେ଼ଲାତା ଏ଼ୱାଣାକି କଡ଼େଦସ ବାର୍ସା
ଆ଼ହାମାଚେ; ଲ଼କୁତି କାତାତଲେ ଏ଼ୱାସି ଜସେପ ମୀର୍‌ଏସି; ଜସେପ
ଏଲି ମୀର୍‌ଏସି, **୨୪** ଏଲି ମତାତ ମୀର୍‌ଏସି, ମତାତ ଲ଼େବି ମୀର୍‌ଏସି,
ଲ଼େବି ମଲ୍‌କି ମୀର୍‌ଏସି, ମଲ୍‌କି ଜନୟ ମୀର୍‌ଏସି, ଜନୟ ଜସେପ
ମୀର୍‌ଏସି, **୨୫** ଜସେପ ମତିତିୟା ମୀର୍‌ଏସି, ମତିତିୟା ଆମସ ମୀର୍‌ଏସି,
ଆମସ ନାହୁମ ମୀର୍‌ଏସି, ନାହୁମ ହେସ୍‌ଲି ମୀର୍‌ଏସି, ହେସ୍‌ଲି ନଗୟ
ମୀର୍‌ଏସି, **୨୬** ନଗୟ ମହତ ମୀର୍‌ଏସି, ମହତ ମତିତିୟସ୍ ମୀର୍‌ଏସି,
ମତିତିୟସ୍ ସିମିୟି ମୀର୍‌ଏସି, ସିମିୟି ଜସେକ ମୀର୍‌ଏସି, ଜସେକ
ଜଦା ମୀର୍‌ଏସି, **୨୭** ଜଦା ଜହନ ମୀର୍‌ଏସି, ଜହନ ରେସା ମୀର୍‌ଏସି,
ରେସା ଜିରୁବାବେଲ ମୀର୍‌ଏସି, ଜିରୁବାବିଲ ସଲ୍‌ଟିୟେଲ୍ ମୀର୍‌ଏସି,
ସଲ୍‌ଟିୟେଲ୍ ନେରି ମୀର୍‌ଏସି, **୨୮** ନେରି ମଲ୍‌କି ମୀର୍‌ଏସି, ମଲ୍‌କି
ଅଦ୍‌ଦି ମୀର୍‌ଏସି, ଅଦ୍‌ଦି କସାମ ମୀର୍‌ଏସି, କସାମ ଏଲାଦାନ ମୀର୍‌ଏସି,
ଏଲାଦାନ ଏର ମୀର୍‌ଏସି, **୨୯** ଏର ଜିହସୁୟ ମୀର୍‌ଏସି, ଜିହସୁୟ
ଏଲିୟାଜର ମୀର୍‌ଏସି, ଏଲିୟାଜର ଜରିମ ମୀର୍‌ଏସି, ଜରିମ ମତାତ
ମୀର୍‌ଏସି, ମତାତ ଲ଼େବି ମୀର୍‌ଏସି, **୩୦** ଲ଼େବି ସିମିୟନ ମୀର୍‌ଏସି,
ସିମିୟନ ଜୀହୁଦା ମୀର୍‌ଏସି, ଜୀହୁଦା ଜସେପ ମୀର୍‌ଏସି, ଜସେପ

ଜନାମ ମୀର୍‌ଏସି, ଜନାମ ଏଲିୟାକିମ ମୀର୍‌ଏସି, ୩୧ ଏଲିୟାକିମ
ମଲାହ ମୀର୍‌ଏସି, ମଲାହ ମନ୍‌ନା ମୀର୍‌ଏସି, ମନ୍‌ନା ମତତା ମୀର୍‌ଏସି,
ମତତା ନାତନ ମୀର୍‌ଏସି, ନାତନ ଦାୱୁଦ ମୀର୍‌ଏସି, ୩୨ ଦାୱୁଦ
ଜିସି ମୀର୍‌ଏସି, ଜିସି ଅବେଦ ମୀର୍‌ଏସି, ଅବେଦ ବୟାଜ ମୀର୍‌ଏସି,
ବୟାଜ ସେଲହ ମୀର୍‌ଏସି, ସେଲହ ନହସନ ମୀର୍‌ଏସି, ୩୩ ନହସନ
ଅମିନାଦାବ ମୀର୍‌ଏସି, ଅମିନାଦାବ ଅଦ୍‌ମିନି ମୀର୍‌ଏସି, ଅଦ୍‌ମିନି ଅର୍‌ନି
ମୀର୍‌ଏସି, ଅର୍‌ନି ହେସ୍ରଣ ମୀର୍‌ଏସି, ହେସ୍ରଣ ପେରସ ମୀର୍‌ଏସି,
ପେରସ ଜୀହୁଦା ମୀର୍‌ଏସି, ୩୪ ଜୀହୁଦା ଜାକୁବ ମୀର୍‌ଏସି, ଜାକୁବ
ଇସାହାକ ମୀର୍‌ଏସି, ଇସାହାକ ଅବ୍ରାହାମ ମୀର୍‌ଏସି, ଅବ୍ରାହାମ ତେରହ
ମୀର୍‌ଏସି, ତେରହ ନାହ଼ର ମୀର୍‌ଏସି, ୩୫ ନାହ଼ର ସରୁଗ ମୀର୍‌ଏସି,
ସରୁଗ ରଗୁ ମୀର୍‌ଏସି, ରଗୁ ପେଲଗ ମୀର୍‌ଏସି, ପେଲଗ ଏବର
ମୀର୍‌ଏସି, ଏବର ସେଲହ ମୀର୍‌ଏସି, ୩୬ ସେଲହ କେନାନ ମୀର୍‌ଏସି,
କେନାନ ଅର୍ପକ୍ୟଦ ମୀର୍‌ଏସି, ଅର୍ପକ୍ୟଦ ସେମ ମୀର୍‌ଏସି, ସେମ ନ଼ହ
ମୀର୍‌ଏସି, ନ଼ହ ଲେମକ ମୀର୍‌ଏସି, ୩୭ ଲେମକ ମତୁସେଲହ ମୀର୍‌ଏସି,
ମତୁସେଲହ ହନକ ମୀର୍‌ଏସି, ହନକ ଜେରଦ ମୀର୍‌ଏସି, ଜେରଦ
ମହଲଲେଲ ମୀର୍‌ଏସି, ମହଲଲେଲ କେନାନ ମୀର୍‌ଏସି, ୩୮ କେନାନ
ଏନସ ମୀର୍‌ଏସି, ଏନସ ସେତ ମୀର୍‌ଏସି, ସେତ ଆଦମ ମୀର୍‌ଏସି,
ଆଦମ ମାହାପୂରୁ ମୀର୍‌ଏସି ।

**୪** ଜୀସୁ ସୁଦୁଜୀୱୁ ବେଟାଆ଼ହାନା ଜର୍ଦନ କାଡାଟି ୱେଣ୍ରାୱା଼ତେସି ଇଞ୍ଜ଼ାଁ
ରୀ କ଼ଡ଼ି ଦିନା ପାତେକା ସୁଦୁଜୀୱୁ ତଲେ ଲ଼କୁ ହିଲାଆ ଟା଼ୟୁତା
ହାଚେସି । ୨ ଏମ୍ବାଆଁ ଏ଼ୱାସି ସୟତାନ ତା଼ଣାଟି ତାୟିପାରି କିୱିଆ଼ତେସି
। ଇ ରୀ କ଼ଡ଼ି ଦିନା ଏ଼ୱାସି ଏ଼ନାଆଁ ତିନାଆତେସି, ଅ଼ଡ଼େ ଏ଼ ରୀ କ଼ଡ଼ି
ଦିନା ରା଼ହାଲିଏ ଏ଼ୱାସି ହାକି ଆ଼ତେସି । ୩ ଏମ୍ବାଟିଏ ସୟତାନ ଏ଼ୱାଣାଇଁ
ଏଲେଇଚେ, “ନୀନୁ ମାହାପୂରୁ ମୀର୍‌ଏଣାତି ଇଚିହିଁ ଇ ୱାଲ୍‌କାଣି ରୂଟି
ଆ଼ହାଲି ହୁକୁମି ହୀମୁ ।” ୪ ସାମା ଜୀସୁ ଏଲେଇଚେସି, “ଦାର୍ମୁ ସା଼ସ୍ତେରିତା
ରା଼ସ୍‌କି ଆ଼ହାମାନେ, ମାଣ୍‌ସି ୱାର୍‌ଇ ରୂଟି ତିଞ୍ଜାନା ନୀଡଅସି ।” ୫ ଅ଼ଡ଼େ
ସୟତାନ କାଜା ହ଼ରୁ ଲାକ ଅ଼ହାନା ଗା଼ଡ଼େକା ତାକି ଦାର୍‌ତିତି ବାରେ
ରା଼ଜି ଏ଼ୱାଣାଇଁ ତ଼ସ୍ତେ । ୬ ଇଞ୍ଜ଼ାଁ ସୟତାନ ଏ଼ୱାଣାଇଁ ଏଲେଇଚେ,
“ନା଼ନୁ ନିଙ୍ଗେ ଇ ବାରେ ଦ଼ନତି ଅଦିକାରା କିୟାଇଁ, ଏ଼ନାଆଁତାକି ଇଚିହିଁ
ବାରେ ନାଙ୍ଗେ ହେର୍‌ପି ଆ଼ହାମାଞ୍ଜାନେ, ଅ଼ଡ଼େ ନା଼ନୁ ଆମ୍ବାଆରାକି ମ଼ନ
ଏ଼ୱାଣାକି ହୀଇଁ । ୭ ଇଦାଆଁତାକି ନୀନୁ ନା଼ ନ଼କିତା ମେଣ୍ରାକୁତାନା ଜହରା
କିୟାଦି, ଇଚିହିଁ ଇ ବାରେ ନୀଦି ଆ଼ନେ ।” ୮ ଜୀସୁ ଏଲେଇଚେସି,
“ରା଼ସ୍‌କି ଆ଼ହାମାନେ, ‘ନୀନୁ ନୀ ମାହାପୂରୁଇଁ ଜହରା କିଦି, ଅ଼ଡ଼େ ୱାର୍‌ଇ
ଏ଼ୱାଣି ସ଼େବା କିଦି ।’” ୯ ଅ଼ଡ଼େ ସୟତାନ ଏ଼ୱାଣାଇଁ ଜିରୁସାଲମତା
ଅ଼ହାନା ମାହାପୂରୁ ଇଲୁ ତୂ଼ଡ଼ିୟା ଲାକ ନିପ଼ହାନା ଏଲେଇଚେ, “ନୀନୁ
ମାହାପୂରୁତି ମୀର୍‌ଏଣାତି ଇଚିହିଁ ଇମ୍ବାଟି ଡ଼ଇକା ଗେମ୍ବାମୁ; ୧୦ ଇଚିହିଁ
ରା଼ସ୍‌କି ଆ଼ହାମାନେ, ‘ନିଙ୍ଗେ ଗେଲ୍‌ପାଲିତାକି ମାହାପୂରୁ ତାନି ଦୂ଼ତୁୟାଁଇଁ
ହୁକୁମି ହୀନେସି ।’ ୧୧ ଅ଼ଡ଼େ ରା଼ସ୍‌କି ଆ଼ହାମାନେ, ‘ନୀ କଡାୟାଁ ଏ଼ନିକିଁ
ୱାଲ୍‌କାଣା ଆ଼ଡାଉ ଏ଼ଦାଆଁତାକି ଏ଼ୱି ନିଙ୍ଗେ କେସ୍କାତଲେ ପେର୍‌ହା
ଆସ୍ତାନୁ ।’” ୧୨ ସାମା ଜୀସୁ ଏ଼ଦାନି ଏଲେଇଚେସି, “ଦାର୍ମୁ ସା଼ସ୍ତେରିତା
ରା଼ସ୍‌କି ଆ଼ହାମାନେ, ନୀନୁ ପ୍ରବୁ ନୀ ମାହାପୂରୁଇଁ ତାୟିପାରି କିଆନି ।”
୧୩ ସୟତାନ ଜୀସୁଇଁ ବାରେ ତାୟିପାରି କିନାଣି ରା଼ପ଼ହାନା ଗା଼ଡ଼େକା
ତାକି ଏ଼ୱାଣାଇଁ ପିସାନା ହାଚେ । ୧୪ ଏ଼ ଡ଼ାୟୁ ଜୀସୁ ସୁଦୁଜୀୱୁତି ବ଼ାଡ଼୍ୟୁ
ତଲେ ଗାଲିଲିତା ୱା଼ତେସି, ଅ଼ଡ଼େ ସା଼ରିୱାକି ଏ଼ୱାଣି କାତା ଡ଼େଙ୍ଗିତେ ।
୧୫ ଅ଼ଡ଼େ ଏ଼ୱାସି ଏ଼ୱାରି ଜୀହୁଦି ଲ଼କୁତି କୁଟମି ଇଲ୍‌କାଣା ଜା଼ପ଼ହିହିଁ
ବାରେ ଲ଼କୁ ତା଼ଣାଟି ଗାୱୁରମି ବେଟାଆ଼ତେସି । ୧୬ ଅ଼ଡ଼େ ଏ଼ୱାସି
ଆମିନି ନା଼ଜରିତତା ପ଼ହିପାଡି ଆ଼ହାମାଚେସି, ଏ଼ଚେତା ଏ଼ ଟା଼ୟୁତା
ହାଚେସି ଅ଼ଡ଼େ ତାମି ମ଼େରାଲେହେଁ ଜ଼ମିନି ଦିନାତା ଜୀହୁଦି ଲ଼କୁତି କୁଟମି
ଇଲୁତା ହାଚେସି ଇଞ୍ଜ଼ାଁ ପ଼ଡ଼ୱି ଆ଼ହାଲି ନିତେସି, ୧୭ ଏମ୍ବାଟିଏ ମାହାପୂରୁ
ଅଣ୍‌ପୁତି ବ଼ଲୁ ୱେହ଼ନି ଜିସାୟତି ପତି ହୀତେରି, ଜୀସୁ ଏ଼ଦାଆଁ ଏ଼କ଼ହାନା
ଏମିନିତା଼ଣା ଇ କାତା ରା଼ସ୍‌କି ଆ଼ହାମାନେ ଏ଼ କାତା ବେଟାଆ଼ତେସି; ୧୮
“ପ୍ରବୁତି ଜୀୱୁ ନା଼ ତା଼ଣା ମାନେ, ଏ଼ନିଇଚିହିଁ ହିଲାଆ ଗାଟାରି ତା଼ଣା ନେହିଁ
କାବୁ ୱେକ଼ହାଲି ଏ଼ୱାସି ନାଙ୍ଗେ ଆ଼ଚାମାଞ୍ଜାନେସି; କାୟିଦିତା ମାନାରାଇଁ
ପିସ୍‌ପି ଆ଼ନାଣି ୱେକ଼ହାଲି, କାଣ୍‌କା ମେହ଼ଆଗାଟାରାଇଁ ମେସ୍‌ପି କିହାଲି,
ଦୁକୁ ବେଟାଆ଼ହି ମାନାରାଇଁ ଗେଲ୍‌ପାଲି, ୧୯ ଇଞ୍ଜ଼ାଁ ମାହାପୂରୁ କାର୍ମା
ମେସ୍ତାନି ବ଼େଲାତି କାତା ୱେକ଼ହାଲି ପ୍ରବୁ ନାଙ୍ଗେ ପାଣ୍ଡାମାଞ୍ଜାନେସି ।” ୨୦
ଏମ୍ବାଟିଏ ଜୀସୁ ପତିତି ମୁଦା କିହାନା ସ଼େବା କିନାଣି କେୟୁତା ହୀହାନା
କୁଗିତେସି । ଅ଼ଡ଼େ ଜୀହୁଦି ଲ଼କୁତି କୁଟମି ଇଲୁତା କୁଗାମାନି ବାରେ ଲ଼କୁ
ଜୀସୁ ୱାକି ସିନିକିତେରି । ୨୧ ଇଞ୍ଜ଼ାଁ ଜୀସୁ ଏ଼ୱାରାଇଁ ଏଲେଇଚେସି,
“ନୀଞ୍ଜୁଟିଏ ଦାର୍ମୁ ପତିତି ଇ କାତା ମୀରୁ ୱେଣ୍‌ମ୍ବନିଏ ପୂରା ଆ଼ତେ ।”
୨୨ ଅ଼ଡ଼େ ବାରେଜା଼ଣା ତାନି କାତାତାକି ସା଼କି ହୀତେରି, ଅ଼ଡ଼େ ତାନି
ଗୁ଼ଟିଟି ହ଼ଚିମାନି କାର୍ମାତି ବ଼ଲୁତା କାବା ଆ଼ତେରି ଇଞ୍ଜ଼ାଁ ଏଲେଇଚେରି,
“ଇୱାସି ଏ଼ନାଆଁ ଜସେପ ମୀର୍‌ଏସି ଆ଼ଏକି?” ୨୩ ଏମ୍ବାଟିଏ ଏ଼ୱାସି
ଏ଼ୱାରାଇଁ ଏଲେଇଚେସି, “ମୀରୁ ସାତେଏ ନାଙ୍ଗେ ଏଲେ ଇଞ୍ଜାଦେରି,
ଏ଼ ଅସଗୂରୁ ନୀନୁଏ ନିଙ୍ଗେ ନେହିଁ କିହାକଡାମୁ; କପର୍‌ନାହୁମତା ଏ଼ନା
ଏ଼ନାଆଁ କିହାମାଞ୍ଜି ଇଞ୍ଜ଼ାଁ ମା଼ମୁ ୱେଞ୍ଜାମାନମି ଏଲେକିଁ ମୀ ଆକୁ ଆ଼ବାୟାଁ
ନା଼ୟୁଁତା ଜିକେଏ କିମୁ ।” ୨୪ ଅ଼ଡ଼େ ଏ଼ୱାସି ଏଲେଇଚେସି, “ନା଼ନୁ
ମିଙ୍ଗେ ସାତା ୱେସିମାଞ୍ଜାଇଁ, ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ଼ନାରି ତା଼ନୁ
ପାଡାଆ଼ତି ନା଼ୟୁଁତି ଲ଼କୁ ଅ଼ପଅରି । ୨୫ ସାମା ନା଼ନୁ ମିଙ୍ଗେ ସାତା
ୱେସିମାଞ୍ଜାଇଁ, ଏଲିୟ ବ଼େଲାତା ଏ଼ନିକିଁ ତୀନି ବାର୍ସା ସ଼ ଲେଞ୍ଜୁ ପାତେକା
ହ଼ାଗୁଟି ପିୟୁ ରିଆତାକି ବାରେ ଦ଼େସା କାର୍‌ୱୁ ଆ଼ହାମାଚେ, ଏଚିବ଼େଲାତା
ଇସ୍ରାୟେଲତା ହ଼ାରେକା ରା଼ଣ୍ଡେଣିସିକା ମାଚିହିଁ ଜିକେଏ; ୨୬ ଏଲିୟ
ଏ଼ୱାସିକା ତା଼ଣା ପାଣ୍ଡୱି ଆ଼ଆନା ସିଦନ ଦ଼େସାତି ସାରିପତ ନା଼ୟୁଁତି ର଼
ରା଼ଣ୍ଡେଣିନି ତା଼ଣା ପାଣ୍ଡୱି ଆ଼ତେସି । ୨୭ ଅ଼ଡ଼େ ମାହାପୂରୁ ଅଣ୍‌ପୁତି
ବ଼ଲୁ ୱେହ଼ନି ଏଲିସାୟ ମାଚାଟି ଇସ୍ରାୟେଲ ବିତ୍ରା ହ଼ାରେକା କାଜା ର଼ଗ
ଗାଟାରି ମାଚେରି; ଆ଼ତିଜିକେଏ ଏ଼ୱାରି ବିତ୍ରାଟି ରଅସି ଜିକେଏ ନେହିଁ

ଆ଼ଆତେସି, ସାମା ସିରିୟା ଦ଼େସାତି ନାମାନ ନେହିଁ କିୱିଆ଼ତେସି ।” ୨୮
ଜୀହୁଦି ଲ଼କୁତି କୁଟମି ଇଲୁତା ଇ ବାରେ କାତା ୱେଞ୍ଜାନା ବାରେଜା଼ଣା
କା଼ର୍ବି ଆ଼ତେରି, ୨୯ ଅ଼ଡ଼େ ଏ଼ୱାରି ନିଙ୍ଗାନା ଏ଼ୱାଣାଇଁ ଗା଼ଡ଼ାଟି ପାଙ୍ଗାତା
ପେର୍ହେରି ଇଞ୍ଜାଁ ଏ଼ୱାରି ଏମିନି ଗା଼ଡ଼ା ହ଼ରୁଲେକ ଦସାମାଚେରି ଏ଼ ହ଼ରୁ
ଲାକଟି ଡ଼ଇକା ମେଟ୍ହାଲି ଏ଼ୱାଣାଇଁ ଅ଼ତେରି; ୩୦ ସାମା ଏ଼ୱାସି ଏ଼ୱାରି
ମାଦିଟି ହ଼ଚାହାଚେସି । ୩୧ ଜୀସୁ କପର୍ନାହୁମ ଦ଼ରୁଗାଟି ଗାଲିଲିତି ର଼
ଗା଼ଡ଼ାତା ୱା଼ତେସି, ଇଞ୍ଜାଁ ଜ଼ମିନି ଦିନା ଲ଼କୁଣି ଜା଼ପ୍ହି ମାଚେସି, ୩୨ ଅ଼ଡ଼େ
ଏ଼ୱାରି ଏ଼ୱାଣି ଜା଼ପ୍ନି ତା଼ଣା କାବା ଆ଼ତେରି, ଏ଼ନାଆଁତାକି ଇଚିହିଁ ଏ଼ୱାଣି
ଜ଼ଲିନାୟି ଅଦିକାରା ଗାଟାୟି ଲେହେଁ ମାଚେ । ୩୩ ର଼ ଦିନା ଜୀହୁଦି
ଲ଼କୁତି କୁଟମି ଇଲୁତା ର଼ ପ଼ଲ୍ଆ ବୂତୁ ଆଲ୍ଗାମାଚି ଲ଼କୁ ମାଚେସି;
ଏ଼ୱାସି କିର୍ଡ଼ିହିଁ ଏଲେଇଚେସି, ୩୪ “ଏ଼ ନା଼ଜରିତତି ଜୀସୁ ନୀ ତଲେ
ମାଙ୍ଗେ ଏ଼ନାୟି ମାନେ? ନୀନୁ ମାଙ୍ଗେ ନା଼ସା କିହାଲି ୱା଼ହାମାଞ୍ଜି କି? ନୀନୁ
ଆମ୍ବାଆତି ନା଼ନୁ ପୁଞ୍ଜାମାଇଁ; ନୀନୁ ମାହାପୂରୁତି ସୁଦୁ ମାଣ୍ସିତି ।” ୩୫
ଜୀସୁ ଏ଼ଦାନି ଦାକା ହୀହାନା ଏଲେଇଚେସି, “ପାଲେଏ ଆ଼ମୁ ଇଞ୍ଜାଁ ଇୱାଣି
ତା଼ଣାଟି ହ଼ଚାହାଲାମୁ ।” ଏମ୍ବାଟିଏ ଏ଼ ବୂତୁ ଏ଼ୱାଣାଇଁ ମାଦିଏ ତ୍ରକ୍ହାନା
ଏ଼ୱାଣାଇଁ ଏ଼ନାଆଁ କିଆନା ହ଼ଚାହାଚେ । ୩୬ ଏମ୍ବାଟିଏ ବାରେଜା଼ଣା
କାବାଆ଼ହାନା ଏଲେଇଣ୍ଡ୍ରି ଆ଼ତେରି, “ଇଦି ଏ଼ନିଲେହେଁତି କାତା? ଏ଼ୱାସି
ବୂତୁୟାଁଇଁ ଅଦିକାରା ଅ଼ଡ଼େ ବା଼ଡ଼୍ୟୁଟି ହୁକୁମି ହୀହିମାନେସି ଇଞ୍ଜାଁ ଏ଼ୱି
ହ଼ଚା ହାଜିମାନୁ!” ୩୭ ଏମ୍ବାଟିଏ ଏ଼ୱାଣି ହା଼ଡାତି କାବୁ ଦ଼େସାତି ସା଼ରିୱାକି
ୱେଙ୍ଗାହାଚେ । ୩୮ ଏମ୍ବାଟିଏ ଜୀସୁ ଜୀହୁଦି ଲ଼କୁତି କୁଟମି ଇଲୁଟି ହ଼ଚାନା
ସିମନ ଇଜ ହାଚେସି । ସିମନ ପ଼ୟା ଗାଡି ନ଼ମେରି ଆ଼ହାମାଚେ, ଅ଼ଡ଼େ
ଏ଼ୱାରି ଇ କାତା ଜୀସୁଇଁ ଏଲେଇଚେରି । ୩୯ ଏମ୍ବାଟିଏ ଏ଼ୱାସି ଏ଼ଦାନି
ଡାଗେ ନିଚାନା ନ଼ମେରିତି ଦାକା ହୀତେସି, ଇଞ୍ଜାଁ ଏ଼ଦାନାକି ନ଼ମେରି
ପିସ୍ତେ, ଏ଼ଦି ଏ଼ ଦେବୁଣିଏ ନିଙ୍ଗାନା ଏ଼ୱାରି ସ଼େବା କିତେ । ୪୦ ୱେଡ଼ା
କୂଡ଼୍ହି ମାଚାଟି ଆମ୍ବାଆରି ତା଼ଣା ଏ଼ନିଲେହେଁତି ର଼ଗ ମାଚେ, ଏଲେତି
ର଼ଗ ଲ଼କୁଣି ଜୀସୁ ତା଼ଣା ତାତେରି, ଇଞ୍ଜାଁ ତାମି ତା଼ର୍କାଣା କେୟୁ ଇଟାନା
ବାରେତି ନେହିଁ କିତେସି । ୪୧ ଅ଼ଡ଼େ ବୂତୁୟାଁ ଜିକେଏ କିର୍ଡ଼ିହିଁ ହା଼ରେକା
ଲ଼କୁ ତା଼ଣାଟି ଏଲେଇଞ୍ଜି ହ଼ଚାହାଚୁ, “ନୀନୁ ମାହାପୂରୁ ମୀର୍ଏଣାତି ।”
ଅ଼ଡ଼େ ଜୀସୁ ଏ଼ ବାରେତି କାତା ଆ଼ହାଲି ହୀଆନା ଦାକା ହୀତେସି, ଇଚିହିଁ
ଏ଼ୱାସି କ୍ରୀସ୍ତ ଇଦାଆଁ ଏ଼ୱି ପୁଞ୍ଜାମାଚୁ । ୪୨ ଲାଇ ୱେୟାଲିଏ ଏ଼ୱାସି
ହ଼ଚାନା ଲ଼କୁ ହିଲାଆ ଟା଼ୟୁତା ହାଚେସି; ଅ଼ଡ଼େ ଲ଼କୁ ଏ଼ୱାଣାଇଁ ପାରି
ପାରିହିଁ ଏ଼ୱାଣି ତା଼ଣା ୱା଼ତେରି, ଅ଼ଡ଼େ ଏ଼ୱାସି ଏ଼ନିକିଁ ଏ଼ୱାରି ତା଼ଣାଟି
ହାଲଅସି, ଏ଼ଦାଆଁତାକି ଏ଼ୱାଣାଇଁ ମାଞ୍ଜାଲି ବାତିମା଼ଲିତେରି । ୪୩
ସାମା ଏ଼ୱାସି ଏ଼ୱାରାଇଁ ଏଲେଇଚେସି, “ଏଟ୍କା ଗା଼ଡ଼ାତା ଜିକେଏ ନା଼ନୁ
ମାହାପୂରୁ ରା଼ଜିତି ନେହିଁ କାବୁ ୱେକ୍ନାୟି ମାନେ, ଇଚିହିଁ ଏ଼ଦାଆଁତାକି
ନା଼ନୁ ପାଣ୍ଡୱି ଆ଼ହାମାଇଁ ।” ୪୪ ଇଞ୍ଜାଁ ଏ଼ୱାସି ଜୀହୁଦା ଦ଼େସାତି ଜୀହୁଦି
ଲ଼କୁତି କୁଟମି ଇଲ୍କାଣା ହାଜାନା ନେହିଁ କାବୁ ୱେକ୍ହେସି ।

**୫** ର଼ ଦିନା ଜୀସୁ ଗେନେସର ବାନ୍ଧ ଗାଟୁତା ନିଚାମାଚାଟି ହା଼ରେକା
ଲ଼କୁ ମାହାପୂରୁତି କାତା ୱେଞ୍ଜାଲି ଏ଼ୱାଣି ସା଼ରିସୁଟୁ ରୁଣ୍ଡା ଆ଼ତେରି
। ୨ ଇଞ୍ଜାଁ ଏ଼ୱାସି ବାନ୍ଧ ଗାଟୁତା ରୀ ଡଂଗାଁୟାଁ ମାନାଣି ମେସ୍ତେସି;
ଏମ୍ବାଟି ମୀଣ୍କା ଆହ୍ନାରି ଏମ୍ବାଟି ର଼େଚାନା ତାମି ଜା଼ଲାୟାଁ ନର୍ହି
ମାଚେରି । ୩ ଏ଼ ଡଂଗ ବିଡ୍ରାଟି ଏମିନାୟି ସିମନୱାୟି ମାଚେ, ଏ଼ ଡଂଗତା
କୁଗାନା ଗାଟୁଟିଏ ହିରେ ହେକ ହାଜାଲି ବାତିମା଼ଲିତେସି; ଇଞ୍ଜାଁ ଏ଼ୱାସି
କୁଗାନା ଲ଼କୁଣି ଜା଼ପ୍ହେସି । ୪ ଏ଼ୱାସି ତାନି କାତା ରା଼ପ୍ହାଲିଏ ସିମନଇଁ
ଏଲେଇଚେସି, “ମୀଣ୍କା ଆସାଲି କୂଡ଼୍ନି ଏ଼ୟୁୱାକି ହାଜାନା ମୀ ଜା଼ଲାୟାଁ
ମେଟ୍ଦୁ ।” ୫ ଏମ୍ବାଟିଏ ସିମନ ଏଲେଇଚେସି, “ଏ଼ ଗୂରୁ ମା଼ମୁ ଲା଼ଆଁ
ୱେୟେ କସ୍ତ କିଡ଼ିୱା ର଼ ମୀନୁ ଜିକେଏ ବେଟାଆ଼ଆତମି; ସାମା ନୀ କାତା
ଆସାନା ଜା଼ଲା ମେଟ୍ଇଁ ।” ୬ ଇଞ୍ଜାଁ ଏ଼ୱାରି ଜା଼ଲା ମେଟ୍ହାଲିଏ ଏମ୍ବାଆଁ
ଜା଼ଲା ନେଞ୍ଜେ ମୀଣ୍କା ହ଼ଟୁ, ଇଞ୍ଜାଁ ଏ଼ୱାରି ଜା଼ଲା ଡାମ୍ବାଲି ମା଼ଟ୍ହେ । ୭
ଏମ୍ବାଟିଏ ଏ଼ୱାରି ଆମିନି ତ଼ଡୁଗାଟାରି ଅ଼ର ଡଂଗତା ମାଚେରି, ଏ଼ୱାରି
ଏ଼ନିକିଁ ୱା଼ହାନା ସା଼ୟେମି କିନେରି, ଏ଼ଦାଆଁତାକି ଏ଼ୱାରି ଏ଼ୱାରାଇଁ କେୟୁ
ଜୀଞ୍ଜିତେରି, ଏମ୍ବାଟିଏ ଏ଼ୱାରି ୱା଼ହାନା ରୀ ଡଂଗାଁଣା ମୀଣ୍କା ନେଞ୍ଜି
କିୟାଲିଏ ଏ଼ ଡଂଗାଁୟାଁ ମୁଞ୍ଜିମାଚୁ । ୮ ସାମା ସିମନ ପିତର ଏ଼ଦାଆଁ
ମେସାନା ଜୀସୁ କଡାଣା ରିହାନା ଏଲେଇଚେସି, “ଏ଼ ପ୍ରବୁ ନା଼ ତା଼ଣାଟି
ହାଜାତୁହ୍ମୁ ଏ଼ନାଆଁତାକି ଇଚିହିଁ ନା଼ନୁ ପା଼ପୁଗାଟି ମାଣ୍ସିତେଏଁ!” ୯
ଇଚିହିଁ ଏ଼ୱାରି ହା଼ରେକା ମୀଣ୍କା ଆସାମାଚାକି ତା଼ନୁ ଅ଼ଡ଼େ ତାନିତଲେ
ମାଚାରି କାବା ଆ଼ହାହାଚେରି; ୧୦ ଜେବଦିତି ରୀ ମୀର୍କା ଜାକୁବ
ଅ଼ଡ଼େ ଜହନ, ଆମ୍ବାଆରି ସିମନ ଆଟ୍ହିତାରି ମାଚେରି, ଏ଼ୱାରି ଜିକେଏ
କାବା ଆ଼ହାହାଚେରି । ଅ଼ଡ଼େ ଜୀସୁ ସିମନଇଁ ଏଲେଇଚେସି, “ଆଜାଆନି
ନୀଞ୍ଜୁଟିଏ ନୀନୁ ଲ଼କୁଣି ଆହ୍ଦି ।” ୧୧ ଏଚେଟିଏ ଏ଼ୱାରି ଡଂଗାଁୟାଁ
ଗାଟୁତା ତାଚାନା ଏମ୍ବାଆଁ ବାରେ ପିସାନା ଜୀସୁ ଜ଼େଚ ହାଚେରି । ୧୨
ଜୀସୁ ର଼ ଗା଼ଡ଼ାତା ମାଚାଟି ମେହ୍ଦୁ ଏମ୍ବାଆଁ ଗୂଡ଼ା ଆଙ୍ଗା କାଜା ର଼ଗ
ଗାଟାସି ମାଚେସି; ଏ଼ୱାସି ଜୀସୁଇଁ ମେସାନା ମୁନୁ କୁତାନା ଏ଼ୱାଣାଇଁ
ଏଲେଇଚେସି, “ଏ଼ ପ୍ରବୁ ନୀନୁ ମ଼ନ କିତିହିଁ ନାଙ୍ଗେ ନେହିଁ କିହାଲି ଆ଼ଡାଦି
।” ୧୩ ଏଚେଟିଏ ଏ଼ୱାସି କେୟୁ ଦା଼ସାହାଁ ଡୀଗାନା ଏଲେଇଚେସି, “ନା଼ନୁ
ମ଼ନ କିହିମାଇଁ ନୀନୁ ନେହିଁଆ଼ମୁ ।” ଏ଼ ଦେବୁଣିଏ କାଜା ର଼ଗଟି ଏ଼ୱାସି
ନେହିଁଆ଼ତେସି । ୧୪ ଜୀସୁ ଏ଼ୱାଣାଇଁ ହୁକୁମି ହୀହାନା ଏଲେଇଚେସି,
“ଆମ୍ବାଆରାଇଁ ୱେହ୍ଆନି, ସାମା ହାଜାନା ପୂଜେରାଙ୍ଗାଣି ତ଼ହ୍ମୁ, ଅ଼ଡ଼େ
ମ଼ସାତି ମ଼େରାଲେହେଁ ନୀନୁ ନେହିଁ ଆ଼ତାଣି ସା଼କି ହୀହାଲି ପୂଜା ହୀମୁ ।”
୧୫ ସାମା ଏ଼ୱାଣି କାତା ହା଼ରେକା ୱେଙ୍ଗାହାଚେ, ଅ଼ଡ଼େ ହା଼ରେକା ଲ଼କୁ
ୱେଞ୍ଜାଲିତାକି ଅ଼ଡ଼େ ର଼ଗଟି ନେହିଁ ଆ଼ହାଲିତାକି ରୁଣ୍ଡା ଆ଼ତେରି । ୧୬ ସାମା
ଜୀସୁ ଲ଼କୁ ହିଲାଆ ଟା଼ୟୁତା ହାଜାନା ପ୍ରାତାନା କିହିମାଚେସି । ୧୭ ର଼
ଦିନା ଜା଼ପ୍ହି ମାଚାଟି, ଗାଲିଲି ଦ଼େସାତି ବାରେ ନା଼ସ୍କାଟି, ଜୀହୁଦା ଦ଼େସା
ଇଞ୍ଜାଁ ଜିରୁସାଲମଟି ୱା଼ହାମାନି ପାରୁସିୟାଁ ଅ଼ଡ଼େ ମ଼େରାପୁନାରି ଜୀସୁ
ତା଼ଣା କୁଗାମାଚେରି, ଇଞ୍ଜାଁ ଏ଼ୱାସି ଏ଼ନିକିଁ ନେହିଁ କିନେସି ଇଦାଆଁତାକି

ପ୍ରବୁତି ନେହିଁକିନି ବା଼ଡ଼୍ୟୁ ଜୀସୁ ତା଼ଣା ମାଚେ । ୧୮ ଏଚରଜା଼ଣା ଲ଼କୁ
ର଼ ଟଟ ୱା଼ୟିତାଣାଇଁ କାଟେଲିତା ଡ଼େକା ତାଚାନା ଜୀସୁ ନ଼କିତା ବିତ୍ରା
ଅ଼ହାଲି ଅଣ୍‌ପିତେରି । ୧୯ ସାମା ଏମ୍ବାଆଁ ହ଼ାରେକା ଲ଼କୁ ମାଚାକି
ଜିରୁ ବେଟାଆ଼ଆତେରି, ଇଞ୍ଜାଁ ଏ଼ୱାରି ଇଲୁ ତେପରିତା ଡ଼େକା ଅ଼ହାନା
ତୂଡ଼ିୟାତି ଟାୟିଲି ହୁକ୍‌ହାନା କାଟେଲି ତଲେ ଜୀସୁ ନ଼କିତା ର଼େପ୍‌ହେରି
। ୨୦ ଜୀସୁ ଏ଼ୱାରି ନାମୁ ମେସାନା ଟଟ ୱା଼ୟିତାଣାଇଁ ଏଲେଇଚେସି,
"ତ଼ଣେ ନୀ ପା଼ପୁ ବାରେ ମେଣ୍ଡ୍‌ଗ୍ମାମାନେ ।" ୨୧ ଏଚେଟିଏ ମ଼େରା
ଜା଼ପ୍‌ନାରି ଅ଼ଡ଼େ ପାରୁସିୟାଁ କାତା ଆ଼ହିଁ ଏଲେଇଣ୍ମ୍ବି ଆ଼ତେରି, "ଇୱାସି
ମାହାପୂରୁ ନିନ୍ଦା କିହିମାନେସି, ଇୱାସି ଆମ୍ବାଆସି! ମାହାପୂରୁ ପିସ୍‌ପେ
ଅ଼ଡ଼େ ଆମ୍ବାଆସି ପା଼ପୁ ମ୍ନେକ୍‌ହାଲି ଆ଼ଡିମାନେସି!" ୨୨ ସାମା ଜୀସୁ
ଏ଼ୱାରି କାତାବାର୍ତା ଆ଼ହିମାନାଣି ପୁଞ୍ଜାନା ଏ଼ୱାରାଇଁ ଏଲେଇଚେସି,
"ମୀରୁ ମୀ ମ଼ନତା ଏ଼ନାଆଁତାକି ଏଲେକିଁ ଅଣ୍‌ପିମାଞ୍ଜେରି? ୨୩ ଏ଼ନାଆଁ
ଇନାୟି ଉସାସା 'ନୀ ପା଼ପୁ ବାରେ ମେଣ୍ଡ୍‌ଗ୍ତେ ଇନାୟି କି ନିଙ୍ଗାନା
ତା଼କାମୁ ଇନାୟି?' ୨୪ ଦାର୍‌ତିତା ପା଼ପୁ ମ୍ନେକ୍‌ହାଲି ମାଣ୍‌ସି ମୀର୍‌ଏଣାକି
ଅଦିକାରା ମାନେ, ଇଦାଆଁ ମୀରୁ ଏ଼ନିକିଁ ପୁଞ୍ଜାଲି ଆ଼ଡିଦେରି" ଇଦାଆଁତାକି
ଟଟ ୱା଼ୟିତାଣାଇଁ ଏଲେଇଚେସି, "ନା଼ନୁ ନିଙ୍ଗେ ୱେସିମାଞ୍ଜାଇଁ, ନିଙ୍ଗାନା
ନୀ କାଟେଲି ଡ଼େକାନା ନୀ ଇଜ ହାଲାମୁ!" ୨୫ ଏଚେଟିଏ ଏ଼ୱାସି ଏ଼
ଦେବୁଣିଏ ଏ଼ୱାରି ନ଼କିତା ନିଙ୍ଗାନା ଆମିନି କାଟେଲିତା ଡୂରାମାଚେସି,
ଏ଼ଦାଆଁ ଡ଼େକାନା ମାହାପୂରୁଇଁ ଜହରା କିହିଁ ତାମି ଇଜ ହାଚେସି । ୨୬
ଏଚେଟିଏ ବାରେଜା଼ଣା କାବାଆ଼ହାନା ମାହାପୂରୁଇଁ ଜହରା କିତେରି, ଅ଼ଡ଼େ
ଆଜିତଲେ ଏଲେଇଚେରି, "ନୀଞ୍ଜୁ ମା଼ମୁ କାବାଆ଼ନି କାମା ମେସ୍ତମି ।" ୨୭
ଏମ୍ବାଟିଏ ଜୀସୁ ପାଙ୍ଗାତା ହାଜାନା ଲ଼େବି ଦ଼ରୁଗାଟି ର଼ ସିସ୍ତୁ ରୀହ୍‌ନାସି
ସିସ୍ତୁ ରୀହ୍‌ନି ଟା଼ୟୁତା କୁଗାମାନାଣି ମେସାନା ଏ଼ୱାଣାଇଁ ଏଲେଇଚେସି,
"ନା଼ ଜ଼େଚ ୱା଼ମୁ ।" ୨୮ ଏମ୍ବାଟିଏ ଏ଼ୱାସି ବାରେ ପିସାନା ନିଙ୍ଗାନା ଏ଼ୱାଣି
ଜ଼େଚ ହାଚେସି । ୨୯ ଅ଼ଡ଼େ ଲ଼େବି ତାମି ଇଜ ର଼ କାଜା ବ଼ଜି କିତେସି,
ଇଞ୍ଜାଁ ହ଼ାରେକା ସିସ୍ତୁ ରୀହ୍‌ନାରି ଅ଼ଡ଼େ ଏଟ୍‌କାଟି ଲ଼କୁ ବାରେ ଏ଼ୱାରିତଲେ
ତିଞ୍ଜାଲି କୁଗିତେରି । ୩୦ ଏଚେଟିଏ ପାରୁସିୟାଁ ଅ଼ଡ଼େ ଏ଼ୱାରି ଗଚିତି
ମ଼େରାପୁନାରି ତାମି ସୀସୁୟାଁଇଁ ଏଲେଇଚେରି, "ମୀରୁ ଏ଼ନାଆଁତାକି ସିସ୍ତୁ
ରୀହ୍‌ନାରି ଅ଼ଡ଼େ ପା଼ପୁ ଗାଟାରି ତଲେ ତିଞ୍ଜି ଉଣ୍ଡି ମାଞ୍ଜେରି?" ୩୧ ଜୀସୁ
ଏ଼ୱାରାଇଁ ଏଲେଇଚେସି, "ନେହିଁ ମାନାରାକି ଅସଗୂରୁ ଲ଼ଡ଼ା ହିଲେଏ,
ସାମା ର଼ଗ ଗାଟାରାକି ଲ଼ଡ଼ାମାନେ । ୩୨ ନା଼ନୁ ତୀରିଗାଟାରାଇଁ ହ଼ାଟାଲି
ୱା଼ହାହିଲଅଁ, ସାମା ମ଼ନ ୱେଟ୍‌ପି କିହାଲି ପା଼ପୁ ଗାଟାରାଇଁ ହ଼ାଟାଲି
ୱା଼ହାମାଇଁ ।" ୩୩ ଏଚେକା ଲ଼କୁ ଜୀସୁଇଁ ୱେଚେରି, "ଜହନତି ସୀସୁୟାଁ
ଅ଼ଡ଼େ ପାରୁସିୟାଁତି ସୀସୁୟାଁ ଅଲେ ଅଲେ ଉପାସା ଅ଼ଡ଼େ ପ୍ରାତାନା
କିହିମାନେରି, ସାମା ନୀ ସୀସୁୟାଁ ତିଞ୍ଜି ଉଣ୍ଡି ମାନେରି ।" ୩୪ ଏମ୍ବାଟିଏ
ଜୀସୁ ଏ଼ୱାରାଇଁ ଏଲେଇଚେସି, "ବୀହା ଲ଼କୁତଲେ ହନେଏସି ମାନି
ପାତେକା ବୀହା ଲ଼କୁ ଉପାସା ମାଞ୍ଜାଲି ଆ଼ଡିନେରି? ୩୫ ସାମା ର଼ ଦିନା
ୱା଼ନେ; ଏ଼ୱାରି ତା଼ଣାଟି ହନେଏସି ହାନେସି, ଏଚେଟିଏ ଏ଼ୱାରି ଉପାସା
କିନେରି ।" ୩୬ ଇଞ୍ଜାଁ ଏ଼ୱାସି ର଼ ପୁଣ୍ମ୍ବିକିନି କାତା ଜିକେଏ ୱେସ୍ତେସି,
"ଆମ୍ବାଆସି ପ୍ଲାଃଇ ହିମ୍ବରିତା ପୁଃନି ପାସ୍‌କି ତାଚଅସି; ତା଼ଚିତିୱା ଏ଼ ପୁଃନି
ପାସ୍‌କି ଗେହ୍‌ନେ ଇଞ୍ଜାଁ ପୁଃନି ପାସ୍‌କି ପ୍ଲାଃଇ ପାସ୍‌କି ତଲେ ଆଣ୍ତେଏ
। ୩୭ ଅ଼ଡ଼େ ଆମ୍ବାଆସି ପୁଃନି ଅଙ୍ଗ୍ଲରି ରାସା ପ୍ଲାଃଇ ଡ଼କାତା ଇଟଅସି;
ଇଟିତିହିଁ ଅଙ୍ଗ୍ଲରି ରାସା ଡ଼କାତି ଅ଼ୟି କିହାନା ବ଼ହାହାନେ ଅ଼ଡ଼େ ଡ଼କା
ଜିକେଏ ନସ୍ତ ଆ଼ନେ, ୩୮ ସାମା ପୁଃନି ଅଙ୍ଗ୍ଲରି ରାସା ପୁଃନି ଡ଼କାତା
ଇଟିନାୟି ମାନେ । ୩୯ ଆମ୍ବାଆରି ପ୍ଲାଃଇ ଅଙ୍ଗ୍ଲରି ରାସା ଗସ୍ତି ଡା଼ୟୁ ପୁଃନି
ଅଙ୍ଗ୍ଲରି ରାସା ଗହ୍‌ଅତେରି । ପ୍ଲାଃଆୟି ନେହେଁ ଇଞ୍ଜେରି ।"

୬ ର଼ ଜ଼ମିନି ଦିନା ଜୀସୁ ତାନି ସୀସୁୟାଁ ତଲେ ଗ଼ହଁ ଗୁଡିୟାଟି
ହାଜିମାଚାଟି ସୀସୁୟାଁ ଗ଼ହଁ ଜ଼େକା ଡାପ୍‌ହାନା କେୟୁତଲେ ରା଼କ୍‌ହା
ତିଞ୍ଜିମାଚେରି । ୨ ସାମା ପାରୁସିୟାଁ ବିତ୍ରାଟି ଏଚରଜା଼ଣା ଏଲେଇଚେରି,
"ଜ଼ମିନି ଦିନାତା ଏ଼ନାଆଁ କିନାୟି ମ଼େରା ହିଲେଏ ମୀରୁ ଏ଼ନାଆଁତାକି
କିହିମାଞ୍ଜେରି ।" ୩ ଜୀସୁ ଏ଼ୱାରାଇଁ ଏଲେଇଚେସି, "ଦାୱୁଦ ଅ଼ଡ଼େ ତାନି
ତ଼ଣେସିଙ୍ଗା ହାକି ମାଚାଟି ଏ଼ନାଆଁ କିହାମାଚେରି, ଏ଼ଦାଆଁ ମୀରୁ ଏଚେଲା
ପ଼ଢ଼ୱି ଆ଼ହାହିଲଅତେରି? ୪ ଏ଼ୱାସି ମାହାପୂରୁ ଇଲୁତା ହ଼ଡାନା ଆମିନି
ହେର୍‌ପିଆ଼ହାମାନି ରୂଟି ପୂଜେରାଙ୍ଗା ପିସ୍‌ପେ ଆମ୍ବାଆରି ତିନି ମ଼େରା
ହିଲାଆତେ ଏ଼ଦାଆଁ ତିଚେସି ଇଞ୍ଜାଁ ତାନି ତ଼ଣେସିଙ୍ଗାକି ଜିକେଏ ହୀତେସି
।" ୫ ଅ଼ଡ଼େ ଏ଼ୱାସି ଏ଼ୱାରାଇଁ ଏଲେଇଚେସି, "ମାଣ୍‌ସି ମୀର୍‌ଏସି ଜ଼ମିନି
ଦିନାତି ପ୍ରବୁ ଆ଼ନେସି ।" ୬ ଏ଼ୱାସି ର଼ ଜ଼ମିନି ଦିନାତା ଜୀହୁଦି ଲ଼କୁତି
କୁଟମି ଇଲୁତା ହାଜାନା ଜା଼ପ୍‌ହି ମାଚେସି; ଏମ୍ବାଆଁ ରଅସି ମାଚେସି
ଏ଼ୱାଣି ଟିଃନି କେୟୁ ୱା଼ୟାହାଜାମାଚେ । ୭ ଅ଼ଡ଼େ ଏ଼ୱାସି ଜ଼ମିନି
ଦିନାତା ନେହିଁ କିନେସିକି ଆ଼ଏ ଏଦାଆଁ ସିନିକିହାଲି ମ଼େରାପୁନାରି ଅ଼ଡ଼େ
ପାରୁସିୟାଁ କୁଗାନା ସିନିକିହିମାଚେରି, ଏ଼ନିକିଁ ଏ଼ୱାଣାଇଁ ଦ଼ହ ଆସାଲି ପାରୁ
ବେଟାଆ଼ନେରି । ୮ ସାମା ଏ଼ୱାସି ଏ଼ୱାରି ହିୟାଁତି ଅଣ୍‌ପୁ ପୁଞ୍ଜାନା ଆମିନି
ଲ଼କୁତି କେୟୁ ୱା଼ୟାହାଜାମାଚେ ଏ଼ୱାଣାଇଁ ଏଲେଇଚେସି, "ନିଙ୍ଗାମୁ ମାଦି
ନିମୁ ।" ଏଚେଟିଏ ଏ଼ୱାସି ନିତେସି । ୯ ଏମ୍ବାଟିଏ ଜୀସୁ ଏ଼ୱାରାଇଁ
ଏଲେଇଚେସି, "ନା଼ନୁ ମିଙ୍ଗେ ୱେଞ୍ଜିମାଞ୍ଜାଇଁ ଜ଼ମିନି ଦିନାତା ଏ଼ନାଆଁ
କିନାୟି ମ଼େରା ମାନେ? ନେହିଁକିନାୟି କି ଲାଗେଏ କିନାୟି? ଜୀୱୁତି
ଗେଲ୍‌ପିନାୟି କି ନା଼ସା କିନାୟି?" ୧୦ ଅ଼ଡ଼େ ଏ଼ୱାସି ସା଼ରିୱାକି ଲ଼କୁଣି
ସିନିକିହାନା ଏ଼ୱାଣାଇଁ ଏଲେଇଚେସି, "ନୀ କେୟୁ ଦା଼ହ୍‌ମୁ ।" ଏମ୍ବାଟିଏ
ଦା଼ସ୍ତେସି, ଇଞ୍ଜାଁ ଏ଼ୱାଣି କେୟୁ ନେହିଁ ଆ଼ହାହାଚେ । ୧୧ ଏ଼ଦାଆଁ ମେସାନା
ଏ଼ୱାରି କାର୍‌ବି ଆ଼ହାହାଚେରି ଅ଼ଡ଼େ ଜୀସୁଇଁ ଏ଼ନିକିହାଲି ଆ଼ନେ ଇଞ୍ଜି
ତା଼ମୁ ତା଼ମୁଏ କାତା ଆ଼ତେରି । ୧୨ ଏଚି଼ବେଲାତା ଏ଼ ଦିନା ପ୍ରାତାନା
କିହାଲି ହ଼ରୁ ଲାକ ହାଚେସି ଇଞ୍ଜାଁ ଲା଼ଆଁ ୱେୟେ ମାହାପୂରୁ ତା଼ଣା ପ୍ରାତାନା
କିତେସି । ୧୩ ଲା଼ଇ ୱେୟାଲିଏ ଏ଼ୱାସି ତାନି ସୀସୁୟାଁ ଡାଗେ ହ଼ାଟାନା
ଏ଼ୱାରି ବିତ୍ରାଟି ବା଼ରଜା଼ଣାତି ଆ଼ଚିତେସି; ଇଞ୍ଜାଁ ଏ଼ୱାରାଇଁ ପାଣ୍ଡୱି ଆ଼ତାରି
ଇଞ୍ଜିଁ ଦ଼ରୁ ଇଟିତେସି, ୧୪ ଏ଼ୱାରି ଆ଼ତେରି ସିମନ ଆମ୍ବାଆରାଇଁ ଏ଼ୱାସି
ପିତର ଦ଼ରୁ ହୀତେସି, ଅ଼ଡ଼େ ତାନି ତାୟି ଆନ୍ଦ୍ରିୟ, ଜାକୁବ ଅ଼ଡ଼େ ଜହନ,

ପିଲିପ, ବାର୍ଥଲମି, ୧୫ ମାତିୟୁ ଅ଼ଡ଼େ ତ଼ମା, ଆଲେପି ମୀର୍‌ଏସି ଜାକୁବ
ଅ଼ଡ଼େ ସିମନ, ଆମିନି ଗାଟାଣାଇଁ ତାନି ର଼ଦେସାତି ଜୀୱୁ ନ଼ନାସି ଇନେରି,
୧୬ ଜାକୁବ ମୀର୍‌ଏସି ଜୀହୁଦା ଅ଼ଡ଼େ ଇସ୍କାରିୟତ ଜୀହୁଦା, ଆମ୍ବାଆସି
ଜୀସୁଇଁ ସାତ୍ତୁ କେୟୁତା ହେର୍‌ପିତେସି । ୧୭ ଅ଼ଡ଼େ ଏ଼ୱାସି ଏ଼ୱାରିତଲେ
ର଼େଚାୱ଼ାହାନା ନିମା ଗାଟି ଟା଼ୟୁତା ନିତେସି, ଇଞ୍ଜ଼ାଁ ତାନି ହ଼ାରେକା ସୀସୁୟାଁ
ଅ଼ଡ଼େ ବାରେ ଜୀହୁଦା ଦ଼େସା ଜିରୁସାଲମ ଇଞ୍ଜ଼ାଁ ସ଼ର ଅ଼ଡ଼େ ସିଦନ ଦାରିଟି
ହ଼ାରେକା ୱ଼ାତେରି । ୧୮ ଏ଼ୱାରି ଜୀସୁତି କାତା ୱେଞ୍ଜାଲି ଅ଼ଡ଼େ ତାମି
ର଼ଗଟି ନେହିଁ ଆ଼ହାଲି ୱ଼ାହାମାଚେରି, ଅ଼ଡ଼େ ଆମିନି ଗାଟାରି ବୂତୁୟାଁ
ତ଼ାଣାଟି କସ୍ତ ବେଟାଆ଼ହି ମାଚେରି, ଏ଼ୱାରି ଜିକେଏ ନେହିଁ ଆ଼ତେରି; ୧୯
ବାରେଜ଼ାଣା ଏ଼ୱାଣାଇଁ ଡୀଗାଲି ମ଼ନ କିହିମାଚେରି, ଇଚିହିଁ ଏ଼ୱାଣି ତ଼ାଣାଟି
ବ଼ାଡ଼୍‌ୟୁ ହ଼ଚାନା ବାରେଜ଼ାଣାତି ନେହିଁ କିହିମାଚେ । ୨୦ ଏଚିର଼ବେଲାତା
ଜୀସୁ ତାନି ସୀସୁୟାଣି ସିନିକିହାନା ଏଲେଇଚେସି, “ହିଲାଆଗାଟାତେରି
ମୀରୁ; ମିଞ୍ଜେ ନେହେଁ, ଇଚିହିଁ ମାହାପୂରୁ ର଼ାଜି ମୀଦିଏ । ୨୧ ନୀଏଁ ହାକି
ଗାଟାତେରି ମୀରୁ; ମିଞ୍ଜେ ନେହେଁ, ଇଚିହିଁ ମୀରୁ ଡ଼ାୟୁ ପାଞ୍ଜାଦେରି । ନୀଏଁ
ଡ଼ୀହିମାନାତେରି ମୀରୁ; ମିଞ୍ଜେ ନେହେଁ, ଇଚିହିଁ ମୀରୁ ଡ଼ାୟୁ କାକ୍‌ଦେରି ।”
୨୨ “ଏ଼ଚେତା ଲ଼କୁ ମିଞ୍ଜେ ଅ଼ପଅରି ଅ଼ଡ଼େ ମାଣ୍‌ସି ମୀର୍‌ଏଣା ତାକି ଏଟ୍‌କା
କିୟାନେରି, ଅ଼ଡ଼େ ନିନ୍ଦା କିୟାନେରି ଇଞ୍ଜ଼ାଁ ମୀ ଦ଼ରୁତି ଲାଗେଏତାୟି
ଇଞ୍ଜେଁ ଅ଼ପଅରି, ଆତିହିଁ ମୀରୁ ନେହେଁ । ୨୩ ଏ଼ ର଼ବେଲାତା ର଼ାହାଁତଲେ
ଏ଼ନ୍ନାଦୁ, ଏ଼ନିଇଚିହିଁ ଲାକପୂରୁ ମିଞ୍ଜେତାକି ହ଼ାରେକା ଦ଼ାନା ମାନେ; ଅ଼ଡ଼େ
ଏଲେକିହିଁଏ ଏ଼ୱାରି ଆକୁ ଆ଼ବାୟାଁ ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାରାଇଁ
କିହିମାଚେରି ।” ୨୪ “ସାମା ଆୟତା ଡଣ୍ତ ବେଟାଆ଼ନି ଦ଼ନ ଗାଟାତେରି
ମୀରୁ; ମୀରୁ ମୀ ଅଣ୍‌ପିମାଚି ସୁକୁ ବେଟା ଆ଼ହାମାଞ୍ଜେରି! ୨୫ ଆୟତା
ଡଣ୍ତ ବେଟାଆ଼ନାତେରି ନୀଏଁ ପାଞ୍ଜାମାନାତେରି ମୀରୁ; ଇଚିହିଁ ଡ଼ାୟୁ ମୀରୁ
ହାକି ଆ଼ଦେରି । ଆୟତା ନୀଏଁ କାକ୍‌ହି ମାନାତେରି ମୀରୁ; ଇଚିହିଁ ଡ଼ାୟୁ
ମୀରୁ ଦୁକୁ ଆ଼ହାନା ଡ଼ୀଦେରି ।” ୨୬ “ଏଚିର଼ବେଲା ବାରେ ଲ଼କୁ ମିଞ୍ଜେ
ନେହାଁତେରି ଇଞ୍ଜାନେରି, ଏଚିର଼ବେଲା ଆୟତା ଡଣ୍ତ ବେଟା ଆ଼ନାତେରି;
ଏଲେକିହିଁଏ ଏ଼ୱାରି ଆକୁ ଆ଼ବାୟାଁ ମିଚି ବ଼ଲୁ ୱେହ୍‌ନାରାଇଁ କିହିମାଚେରି
।” ୨୭ ସାମା ମୀରୁ ୱେଞ୍ଜିମାଞ୍ଜେରି, ନ଼ାନୁ ମିଞ୍ଜେ ୱେସିମାଞ୍ଜାଇଁ, ମୀ
ସାତ୍ତୁୟାଁଇଁ ଜୀୱୁନ଼ଦୁ; ଆମ୍ବାଆରି ମିଞ୍ଜ ଅ଼ପଅରି ଏ଼ୱାରି ନେହିଁ କିଦୁ; ୨୮
ଆମ୍ବାଆରି ମିଞ୍ଜ ବ଼ାକା ଇଟାନେରି, ଏ଼ୱାରାଇଁ ବ଼ର ହୀଦୁ; ଆମ୍ବାଆରି
ମିଞ୍ଜେ ଲାଗେଏ କିହିଁ ର଼େମ୍ବାନେରି ଏ଼ୱାରି କ଼ସମି ପ୍ରାତାନା କିଦୁ । ୨୯
ଆମ୍ବାଆସି ମିଞ୍ଜେ ର଼ ଗେଏଲାତା ସା଼ପ଼ଡ଼ା ୱ଼େତାନେସି, ଏ଼ୱାଣାକି ଅ଼ର
ଗେଏଲା ଜିକେଏ ଅଗାହୀଦୁ; ଇଞ୍ଜ଼ାଁ ଆମ୍ବାଆସି ମୀ ହିମ୍ବରି ଅ଼ନେସି
ଏ଼ୱାଣାଇଁ ମୀ ସକା ଜିକେଏ ଅ଼ହାଲି କ଼ାହିକିଆଦୁ । ୩୦ ଆମ୍ବାଆସି
ମିଞ୍ଜେ ରୀସ୍ତାନେସି, ଏ଼ୱାଣାକି ହୀଦୁ; ଇଞ୍ଜ଼ାଁ ଆମ୍ବାଆସି ଦ଼ନ ଅ଼ନେସି,
ଏ଼ୱାଣାଇଁ ୱେଣ୍ଡେ ରୀହ୍‌ଆଦୁ । ୩୧ ଲ଼କୁ ମିଞ୍ଜେ ଏ଼ନିକିଁ ର଼େମ୍ବାପେରି ଇଞ୍ଜେଁ
ଅଣ୍‌ପିମାଞ୍ଜେରି, ମୀରୁ ଜିକେଏ ଏ଼ୱାରାଇଁ ଏଲେକିହିଁ ର଼େମ୍ବାଦୁ । ୩୨ ଇଞ୍ଜେଁ
ଆମ୍ବାଆରି ମିଞ୍ଜେ ଜୀୱୁ ନୟାଁନେରି, ଏ଼ୱାରାଇଁ ଜୀୱୁ ନ଼ତିହିଁ ଏ଼ନି ବ଼ର
ବେଟାଆ଼ଦେରି? ଇଚିହିଁ ପ଼ାପୁ ଗାଟାରି ଜିକେଏ ତାମ୍‌ଞ୍ଜେ ଜୀୱୁ ନ଼ନାରାଇଁ
ଜୀୱୁ ନ଼ନେରି । ୩୩ ଅ଼ଡ଼େ ଆମ୍ବାଆରି ମିଞ୍ଜେତାକି ନେହିଁ କିୟାନେରି,
ମୀରୁ ଏ଼ୱାରି ନେହିଁ କିଦେରି, ଆତିହିଁ ମୀରୁ ଏ଼ନି ବ଼ର ବେଟାଆ଼ଦେରି?
ଇଚିହିଁ ପ଼ାପୁ ଗାଟାରି ଜିକେଏ ଏଲେକିନେରି । ୩୪ ଇଞ୍ଜ଼ାଁ ଆମ୍ବାଆରି
ତ଼ାଣାଟି ବେଟାଆ଼ହାଲି ଆ଼ସା ମାନେ, ଏ଼ୱାରାକି ରୀଣା ହୀତିସାରେ ମୀରୁ
ଏ଼ନି ବ଼ର ବେଟାଆ଼ଦେରି? ପ଼ାପୁ ଗାଟାରି ଜିକେଏ ସମାନା ଲେକାତଲେ
ବେଟାଆ଼ହାଲି ପ଼ାପୁ ଗାଟାରାକି ରୀଣା ହୀନେରି । ୩୫ ସାମା ମୀ ସାତ୍ତୁୟାଁଣି
ଜୀୱୁନ଼ଦୁ ଇଞ୍ଜ଼ାଁ ଏ଼ୱାରି ନେହିଁ କିଦୁ, ୱେଣ୍ଡେ ବେଟାଆ଼ହାଲି ଆ଼ସା କିଆନା
ଉଦାରା ହୀଦୁ; ଆତିହିଁ ମିଞ୍ଜେତାକି କାଜା ଦ଼ାନା ମାନେ, ଇଞ୍ଜ଼ାଁ ମୀରୁ କାଜା
ମାହାପୂରୁତି ମୀର୍‌କା ଆ଼ଦେରି, ଇଚିହିଁ ଏ଼ୱାସି ଜୀୱୁ ନ଼ଆଗାଟାରାଇଁ
ଅ଼ଡ଼େ ପ଼ାପୁ ଗାଟାରାଇଁ ଜିକେଏ ଜୀୱୁ ନ଼ନାସି । ୩୬ ମୀ ଲାକପୂରୁତି ଆ଼ବା
ଏ଼ନିକିଁ କାର୍ମା ମେହ୍‌ନାସି ମୀରୁ ଜିକେଏ ଏଲେକିହିଁଏ କାର୍ମା ମେହ୍‌ନାତେରି
ଆ଼ଦୁ । ୩୭ “ଅ଼ଡ଼େ ନୀହାଁୟି କିଆଦୁ, ଆତିହିଁ ମୀରୁ ମାହାପୂରୁ ତ଼ାଣା
ନୀହାଁୟି କିୱି ଆ଼ଅତେରି; ଦ଼ହ ଦହ୍‌ଆଦୁ, ଆତିହିଁ ମୀରୁ ମାହାପୂରୁ
ତ଼ାଣା ଦ଼ହ ଗାଟାତେରି ଆ଼ଅତେରି; ଦ଼ହ ମ୍ଳେକ୍‌ଦୁ, ଆତିହିଁ ମାହାପୂରୁ
ମୀ ଦ଼ହ ଜିକେଏ ମ୍ଳେକ୍‌ହାନେସି; ୩୮ ହୀଦୁ ଆତିହିଁ ମିଞ୍ଜେ ଜିକେଏ
ହୀପ୍‌କିଆ଼ନେ; ଲ଼କୁ ମ଼ାଣାତି ନେଞ୍ଜିକିହାନା ଏ଼ଦାନି ନାବ଼ଗାନା ଦ଼ାକ୍‌ହାନା
ର଼େଲି କିହାନା ମୀ ଅଟଡ଼ିତା ହିୟାନେରି; ଇଚିହିଁ ଆମିନି ମ଼ାଣାତଲେ
ଲ଼ାଚିଦେରି, ମିଞ୍ଜେ ଜିକେଏ ଏ଼ ମ଼ାଣା ତଲେଏ ଲ଼ାଚା ହିୟାନେରି ।”
୩୯ ଏ଼ୱାସି ଏ଼ୱାରାଇଁ ର଼ ପୁଣ୍‌ମ୍ବିକିନି କାତା ଜିକେଏ ଏଲେଇଚେସି, “ର଼
କ଼ାଣା ଅ଼ର କ଼ାଣାଇଁ ଜିରୁ ତ଼ସାଲି ଆ଼ଡିନେସିକି? ଏ଼ୱାରି ରିଆରି ଜିକେଏ
ରହେଁଏ ଗା଼ଡ଼୍‌ୟୁତା ତର୍‌ଗଅରି କି? ୪୦ ସୀସୁ ତାନି ଗୁରୁ କିହାଁ କାଜାସି
ଆ଼ଏ; ସାମା ବାରେଜ଼ାଣା ସୀସୁୟାଁ ନେହିଁକିଁ ଜ଼ାପାଲି ଆ଼ଡିସାରେ ତାମି
ଗୁରୁ ସମାନା ଆ଼ନେରି ।” ୪୧ ଅ଼ଡ଼େ ଏ଼ନାଆଁତାକି ମୀ ତାୟି କାନୁତି
ଲାଟା ସିନିକିହିମାଞ୍ଜି, ସାମା ନୀ କାନୁତା ଆମିନି କାଜା ଲାଟା ମାନାଣି
ଏ଼ନାଆଁତାକି ଅଣ୍‌ପି ହିଲଅତି? ୪୨ ନୀନୁ ନୀ କାନୁତା ମାନି କାଜା
ଲାଟାତି ଅଣ୍‌ପାଆନା, ଏ଼ନିକିଁ ନୀ ତାୟିଇଁ ଏଲେଇଞ୍ଜାଲି ଆ଼ଡିଦି, ତାୟି
ୱ଼ାମୁ ନୀ କାନୁତା ମାନି ଲାଟା ଡ଼େୱାଇଁ, ଆଡ଼େ କୁଟୁ ଗାଟାତି ତଲିଏ
ନୀ କାନୁତି କାଜା ଲାଟା ଡ଼େୱା କଡାମୁ, ଡ଼ାୟୁ ମୀ ତାୟି କାନୁତି ଲାଟା
ନେହିଁକିଁ ମେସାଲି ଆ଼ଡିଦି । ୪୩ “ଇଚିହିଁ ଇଲେତି ଏ଼ନି ର଼ ନେହିଁ ମ଼ାର୍‌ନୁ
ହିଲେଏ, ଏମିନାୟି ଲାଗେଏତି ପ଼ାଡ଼େୟି ଆ଼ୟିନେ, ଅ଼ରୱାକି ଇଲେତି
ଏ଼ନି ମ଼ାର୍‌ନୁ ହିଲେଏ ଏମିନାୟି ନେହିଁ ପ଼ାଡ଼େୟି ଆ଼ୟିନେ । ୪୪ ଇଚିହିଁ
ବାରେ ମ଼ାର୍‌କାଣି ତାନି ପ଼ାଡ଼େୟି ତଲେ ପୁନାୟି; ହ଼ାପ୍‌କା ମ଼ାର୍‌ନୁଟି ଲ଼କୁ
ତ଼ୟା ପ଼ାଡ଼େୟି ଏହ୍‌ଅରି, ଇଞ୍ଜ଼ାଁ ହ଼ାପ୍‌କା ବୂଟାଟି ଅଙ୍ଗୁରି ପ଼ାଡ଼େୟି ଏହ୍‌ଅରି
। ୪୫ ନେହିଁ ଲ଼କୁ ନେହିଁ ମ଼ନ ବିତ୍ରାଟି ନେହିଁ କାତା ହ଼ପ୍‌ନେସି, ଇଞ୍ଜ଼ାଁ
ପ଼ଲ୍‌ଆ ଗାଟାସି ପ଼ଲ୍‌ଆ ମ଼ନ ବିତ୍ରାଟି ପ଼ଲ୍‌ଆ କାତା ହ଼ପ୍‌ନେସି; ଇଚିହିଁ
ହିୟାଁ ବିତ୍ରା ମାନାଣି ଗୂଟିଟି ଜ଼ଲିନେସି । ୪୬ ଅ଼ଡ଼େ ମୀରୁ ଏ଼ନାଆଁତାକି
ନାଞ୍ଜେ ପ୍ରବୁ ପ୍ରବୁ ଇଞ୍ଜେଁ ମାଞ୍ଜାଦେରି, ସାମା ନ଼ା କାତା ମ଼ାନୱି ଆ଼ହି

ହିଲଅତେରି? **୪୭** ଆମ୍ବାଆସି ନ଼ା ତ଼ାଣା ୱ଼ାହାନା ନ଼ା କାତା ୱେଞ୍ଜାନା
ବାରେ ମ଼ାନୱି ଆ଼ନେସି, ଏ଼ୱାସି ଏ଼ନିଲେହେଁତାସି, ନ଼ାନୁ ମିଙ୍ଗେ ୱେସ୍ତାଇଁ
। **୪୮** ଏ଼ୱାସି ଇଲେତି ର଼ ଇଲୁ ଦହ୍‌ନିଲେହେତି ଲ଼କୁ, ଏମିନିଗାଟାସି
ଗାଡି ଗା଼ଡ୍‌ୟୁ କା଼ର୍‌ହାନା ପୁନାଦି ୱାଲ୍‌କାତଲେ କାତି ନିପ୍‌ନେସି; କାଜା
କାଡା ୱ଼ାହାନା ଏ଼ ଇଲୁତି ଗୁପିତେ, ୱାଲ୍‌କାତଲେ ଇଲୁ ଦସାମାଚାକି
କାଡା ଇଲୁତି ଦା଼କ୍‌ହାଲି ଆ଼ଡାଆତେ । **୪୯** ସାମା ଆମ୍ବାଆସି ୱେଞ୍ଜାନା
ମ଼ାନୱି ଆ଼ଅସି ଏ଼ୱାସି ଗା଼ଡ୍‌ୟୁଟିଏ ପୁନାଦି କିଆନା ଲାକ ଲାକ ଇର୍‌ଆ
ଲାକ ଇଲୁ କିହାମାନି ଲ଼କୁ ଲେହେଁତାସି; କାଜା କାଡା ୱ଼ାହାନା ଇଲୁତି
ଗୁପାଲିଏ ଦେବୁଣିଏ ଇଲୁ ରିହା ହାଚେ ଇଞ୍ଜାଁ କୁଡ଼୍‌ପୁନ଼ାସା ଆ଼ହାହାଚେ ।”

**୭** ଜୀସୁ ଲ଼କୁ ନ଼କିତା ବାରେ କାତା ୱେସାଲି ରା଼ପ୍‌ହାଲିଏ କପର୍‌ନାହୁମ
ଗା଼ଡ଼ାତା ହାଚେସି । **୨** ଏଚିର଼ବେଲାତା ରଅସି ପା଼ସାକ଼ଡ଼ି କ଼ସ୍‌କା ମୁହେଁ
କାଜାଣା ହ଼ଲେଏସି ହା଼ନିଲେହେଁ ନ଼ମେରି ଆ଼ହାମାଚେସି; ଏ଼ ହ଼ଲେଏଣାଇଁ
ଏ଼ୱାସି ହା଼ରେକା ଜୀୱୁ ନ଼ହିଁମାଚେସି । **୩** ଏ଼ୱାସି ଜୀସୁ କାତା ୱେଞ୍ଜାନା,
ଏ଼ୱାସି ଏ଼ନିକିଁ ୱ଼ାହାନା ତାନି ହ଼ଲେଏଣାଇଁ ନେହିଁ କିନେସି, ଈଦାଆଁତାକି
ଜୀହୁଦି ଲ଼କୁତି କାଜାରି ବିତ୍ରାଟି ଏଚରଜା଼ଣାତି ଏ଼ୱାଣି ତ଼ାଣା ପାଣ୍ତ୍ରାନା
ବାତିମା଼ଲିତେସି । **୪** ଏ଼ୱାରି ଜୀସୁ ତ଼ାଣା ୱ଼ାହାନା ହା଼ରେକା ବାତିମା଼ଲିହିଁ
ୱେସ୍ତେରି, “ଏ଼ୱାସି ନୀ ତ଼ାଣାଟି ହା଼ରେକା ସା଼ୟେମି ବେଟାଆ଼ହାଲି ପା଼ଡ଼ା
ଆ଼ନାସି; **୫** ଇଚିହିଁ ଏ଼ୱାସି ମା଼ ଜୀହୁଦି ଲ଼କୁଣି ଜୀୱୁ ନ଼ନେସି ଅ଼ଡ଼େ
ତା଼ନୁଏ ମାଙ୍ଗେତାକି ଜୀହୁଦି ଲ଼କୁତି କୁଟମି ଇଲୁ କିହାମାନେସି ।” **୬**
ଏମ୍ବାଟିଏ ଜୀସୁ ଏ଼ୱାରିତଲେ ହାଚେସି, ଏ଼ୱାସି କାଜାଣି ଇଲୁଟିଏ ହିରେ
ହେକ ମାଚାଟିଏ ତାନି ତ଼ଣେସିଙ୍ଗାଣି ୱେସା ପାଣ୍ତିତେସି, “ଏ଼ ପ୍ରବୁ ନୀନୁ
ଅ଼ଡ଼େ କସ୍ତ ପ୍ଣାଃଆନିଦେ; ଇଚିହିଁ ନୀନୁ ନ଼ା ଇଜ ପା଼ୱୁଲି ଇଟିଦି ଇଲେକିଁ
ପା଼ଡ଼ାଆ଼ଆତାତେଏଁ; **୭** ଈଦାଆଁତାକି ନ଼ାନୁ ନୀ ତ଼ାଣା ୱ଼ାହାଲି ପା଼ଡ଼ାଆ଼ଅଁ
ଇଞ୍ଜେଁ ଅଣ୍‌ପିତେଏଁ; ସାମା ନୀନୁ ର଼ ପଦୁ ୱେସା ପାଣ୍ତ୍ରାମୁ ନ଼ା ହ଼ଲେଏସି
ନେହିଁ ଆ଼ନେସି । **୮** ଇଚିହିଁ ନ଼ାନୁ ରଅଣି ତ଼ାଣା କାମା କିନି ମାଣ୍‌ସି
ଆ଼ତିହିଁ ଜିକେଏ ନ଼ା ଅଦିକାରାତା ଅ଼ଡ଼େ କ଼ସ୍‌କା ମାନେରି; ଅ଼ଡ଼େ ନ଼ାନୁ
ରଅଣାଇଁ ହାଲାମୁ ଇଚିହିଁ ହାନେସି; ରଅଣାଇଁ ୱ଼ାମୁ ଇଚିହିଁ ୱ଼ାନେସି; ଇଞ୍ଜାଁ
ନ଼ା ହ଼ଲେଏଣାଇଁ ଈଦାଆଁ କିମୁ ଇଚିହିଁ ଏ଼ୱାସି କିନେସି ।” **୯** ଜୀସୁ ଈ
ବାରେ କାତା ୱେଞ୍ଜାନା କାବା ଆ଼ତେସି, ଅ଼ଡ଼େ ର଼ଜେଚ ୱ଼ାହିମାନି ଲ଼କୁୱାକି
ସିନିକିହାନା ଏଲେଇଚେସି, “ନ଼ାନୁ ମିଙ୍ଗେ ୱେସିମାଞ୍ଜାଇଁ ଇସ୍ରାୟେଲ ଲ଼କୁ
ବିତ୍ରା ଜିକେଏ ନ଼ାନୁ ଇଲେତି ନାମୁ ମେସାହିଲଅଁ ।” **୧୦** ଅ଼ଡ଼େ ପାଣ୍ତୱି
ଆ଼ହାମାଚି ଲ଼କୁ ଇଜ ୱ଼ାହାନା ହ଼ଲେଏସି ନେହିଁ ଆ଼ହାମାନାଣି ମେସ୍ତେରି
। **୧୧** ଏମ୍ବାଟିଏ ନାଇନ ଦ଼ରୁଗାଟି ଗା଼ଡ଼ାତା ହାଚେସି, ତାନି ସୀସୁୟାଁ
ଇଞ୍ଜାଁ ହା଼ରେକା ଲ଼କୁ ଏ଼ୱାଣିତଲେ ହାଜିମାଚେରି । **୧୨** ଏ଼ୱାସି ଗା଼ଡ଼ାତି
ଗ଼ଲିମୁଟାତା ଏଜାଲିଏ ଲ଼କୁ ର଼ ମାଡ଼୍‌ହାତି ପାଙ୍ଗାତା ର଼ଡେକା ତାଚି ମାଚେରି,
ଏ଼ୱାସି ତାମି ଇୟାନି ରଣ୍ତିଏ ମୀର୍‌ଏସି ମାଚେସି, ଇଞ୍ଜାଁ ଏ଼ ଇୟା ରା଼ଣ୍ତେଣି
ମାଚେ; ଅ଼ଡ଼େ ଗା଼ଡ଼ାତି ହା଼ରେକା ଲ଼କୁ ଏ଼ଦାନିତଲେ ମାଚେରି । **୧୩**
ଏ଼ଦାନି ମେସାନା ଜୀସୁ ହା଼ରେକା କାର୍ମା ଅଣ୍‌ପାନା ଏ଼ଦାନି ଏଲେଇଚେସି,
“ଡ଼ୀଆନି ।” **୧୪** ଅ଼ଡ଼େ ଏ଼ୱାସି ଡାଗେ ହାଜାନା ର଼ଡେକାମାଚି ଚେଚେଣିତି
ଡୀଗିତେସି, ଇଞ୍ଜାଁ ର଼ଡେକା ଅ଼ହିମାଚି ଲ଼କୁ ନିଚାଲିଏ ଜୀସୁ ଏଲେଇଚେସି,
“ଆଡ଼େ ଦାଂଗ୍‌ଣେଣାଁତି! ନ଼ାନୁ ଏଲେଇଞ୍ଜିମାଞ୍ଜାଇଁ ନିଙ୍ଗାମୁ!” **୧୫** ଏଚେଟିଏ
ହା଼ହାମାଚି ଦାଂଗ୍‌ଣେଏସି ନିଙ୍ଗାନା କୁଗିତେସି ଇଞ୍ଜାଁ ଜ଼ଲିତେସି, ଇଞ୍ଜାଁ
ଏ଼ୱାସି ତାମି ଇୟାନି କେୟୁତା ହେର୍‌ପିତେସି । **୧୬** ଏଚେଟିଏ ବାରେଜା଼ଣା
ଆଜିତାକି ମାହାପୂରୁଇଁ ଜହରା କିହିଁ ଏଲେଇଚେରି; “ମା଼ ବିତ୍ରା ର଼
ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାସି ହ଼ଚାମାନେସି, ଇଚିହିଁ ମାହାପୂରୁ
ତାନି ଲ଼କୁଣି କାର୍ମା ମେସାମାନେସି!” **୧୭** ଇଞ୍ଜାଁ ଜୀସୁ କିତି ଈ କାତା
ବାରେ ଜୀହୁଦା ର଼ଦେସାତା ଅ଼ଡ଼େ ସା଼ରିସୁଟୁ ମାନି ରା଼ଜିତା ର଼ୱେଙ୍ଗାହାଚେ ।
**୧୮** ଡା଼ୟୁ ବାପ୍ତିସ୍ମ ହୀନି ଜହନତି ସୀସୁୟାଁ ଈ ବାରେ କାତା ଏ଼ୱାଣାଇଁ
ୱେସ୍ତେରି । **୧୯** ଏଚେଟିଏ ଜହନ ତାନି ରୀ ସୀସୁୟାଁଇଁ ଡାଗେ ହା଼ଟାନା
ପ୍ରବୁ ତ଼ାଣା ଏଲେଇଞ୍ଜା ପାଣ୍ତିତେସି, “ଆମ୍ବାଆସି ୱ଼ାନାୟି ମାଚେ, ନୀନୁଏ
ଏ଼ୱାତିକି, ଆ଼ଆତିଁ ମା଼ମୁ ଅ଼ର ରଅଣାଇଁ କା଼ଃଆନମି?” **୨୦** ଏ଼ୱାରି ଜୀସୁ
ତ଼ାଣା ୱ଼ାହାନା ଏଲେଇଚେରି, “ବାପ୍ତିସ୍ମ ହୀନି ଜହନ ମାଙ୍ଗେ ଏଲେଇଞ୍ଜା
ପାଣ୍ତ୍ରାତେସି, ଆମ୍ବାଆସି ୱ଼ାନାୟି ମାଚେ ଏ଼ୱାତି ନୀନୁଏ କି ଆ଼ଆତିଁ ମା଼ମୁ
ଅ଼ର ରଅଣାଇଁ କା଼ଃଆନମି?” **୨୧** ଏଚିର଼ବେଲା ଏ଼ୱାସି ହା଼ରେକା ର଼ଗ,
କସ୍ତ ଅ଼ଡ଼େ ପ଼ଲ୍‌ଆ ବୂତୁୟାଁ ତ଼ାଣାଟି ହା଼ରେକା ଲ଼କୁଣି ନେହିଁ କିତେସି,
ଇଞ୍ଜାଁ ହା଼ରେକା କାଣ୍‌କା ମେହ୍‌ଆଗାଟାରାଇଁ ମେହ୍‌ନି ବା଼ଡ଼୍‌ୟୁ ହୀତେସି
। **୨୨** ଏ଼ୱାସି ଏ଼ୱାରାଇଁ ଏଲେଇଚେସି, “ମୀରୁ ହାଜାନା ଏ଼ନା ଏ଼ନାଆଁ
ମେସାମାଞ୍ଜେରି ଅ଼ଡ଼େ ୱେଞ୍ଜାମାଞ୍ଜେରି, ଏ଼ ବାରେ ଜହନଇଁ ୱେହ୍‌ଦୁ;
କାଣ୍‌କା ମେହ୍‌ଆଗାଟାରି ମେସାଲି ଆ଼ଡିମାନେରି, ସଟାୟାଁ ତ଼ାକାଲି
ଆ଼ଡିମାନେରି, କାଜା ର଼ଗ ଗାଟାରି ନେହିଁ ଆ଼ହିମାନେରି, ର଼ବେରାୟାଁ
ୱେଞ୍ଜିମାନେରି, ହା଼ତାରି ନୀଡିମାନେରି, ଅ଼ଡ଼େ ହିଲାଆ ଗାଟାରି ନେହିଁ
କାବୁ ୱେଞ୍ଜିମାନେରି; **୨୩** ନ଼ା ତ଼ାଣା ଆମ୍ବାଆରି ଆନାମାନା ଆ଼ଆନା
ନାମାନେରି, ତାମ୍‌ଙ୍ଗେଏ ନେହେଁ ।” **୨୪** ଜହନ ସୀସୁୟାଁ ହାଜାଲିଏ, ଜୀସୁ
ଲ଼କୁଣି ଜହନତି କାତା ଏଲେଇଚେସି, “ଏଚିର଼ବେଲା ବାଃଲି ବାଟାତା ମୀରୁ
ହାଜାମାଚେରି, ଏମ୍ବାଆଁ ଏ଼ନାଆଁ ମେସାଲି କା଼ଚାମାଚେରି? ଏ଼ନାଆଁ ଗା଼ଲି
ତଲେ ୱ଼ାଲିମାନି ଡାଣ୍ତିତି? **୨୫** ଏ଼ଦାଆଁ ଆ଼ଆତିହିଁ ଏ଼ନାଆଁ ମେସାଲି
ହାଜାମାଚେରି? ନେହିଁ ଅ଼ଜିତି ପା଼ତାଡ଼ା ହିମ୍ବରି ହୁଚାମାନି ର଼ ମାଣ୍‌ସିଇଁ?
ମେହ୍‌ଦୁ ଆମ୍ବାଆରି ନେହିଁ ନେହିଁ ହିମ୍ବରିକା ହୁଚାନା ସୁକୁ ତଲେ ଡ଼ୟିନାରି
ଏ଼ୱାରି ରାଜା ଗା଼ଡ଼ାତା ଡ଼ୟିନେରି! **୨୬** ଏ଼ଦାଆଁ ଆ଼ଆତିଁ ଏ଼ନାଆଁ ମେସାଲି
ହାଜାମାଚେରି? ଏ଼ନାଆଁ ର଼ ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାଣାଇଁ? ନ଼ାନୁ
ମିଙ୍ଗେ ସାତା ୱେସିମାଞ୍ଜାଇଁ, ମାହାପୂରୁ ବ଼ଲୁ ୱେହ୍‌ନାରି କିହାଁ କାଜାଣାଇଁ
। **୨୭** ଆମ୍ବାଆରି କାତା ରା଼ସ୍‌କି ଆ଼ହାମାନେ, ‘ହେଣ୍ତୁ ନ଼ାନୁ ନ଼ା କାବୁ
ୱେହ୍‌ନାଣାଇଁ ନୀ ନ଼କିତା ପାଣ୍ତିମାଞ୍ଜାଇଁ, ଏ଼ୱାସି ନୀ ନ଼କିତା ଜିରୁ ତିୟାରା
କିନେସି, ଏ଼ୱାସି ଏ଼ ମାଣ୍‌ସି ।’ **୨୮** ନ଼ାନୁ ମିଙ୍ଗେ ସାତା ୱେସିମାଞ୍ଜାଇଁ
ଇୟାନି ବାଣ୍ତିଟି ଜାର୍ନା ଆ଼ହାମାନାରି ବିତ୍ରା ଜହନ ବାରେକିହାଁ କାଜାସି;
ଆ଼ତିଜିକେଏ ମାହାପୂରୁ ରା଼ଜିତା ଆମ୍ବାଆସି ଉଣା ଏ଼ୱାସି ଏ଼ୱାଣି କିହାଁ

କାଜାସି ।” ୨୯ ବାରେଜ଼ାଣା ଈ କାତା ୱେଞ୍ଜାନା, ସିସ୍ତୁ ରୀହ୍‌ନାରି ଜିକେଏ
ଜହନ ତ଼ାଣାଟି ବାପ୍ତିସ୍ମ ଅ଼ହାମାଚାକି ମାହାପୂରୁଇଁ ସାତା ଇଞ୍ଜୁଁ ଇଚେରି; ୩୦
ସାମା ପାରୁସିୟାଁ ଅ଼ଡ଼େ ମ଼େରାପୁନାରି ଏ଼ୱାଣି ତ଼ାଣାଟି ବାପ୍ତିସ୍ମ ପ୍ଣାଃଆନାହାଁ
ତାମ୍‌ଙ୍ଗେ ତାକି ମାହାପୂରୁ ଅଣ୍‌ପିମାଚାଣି କୂତେରି । ୩୧ “ଈ କ଼ାଲାତି
ଲ଼କୁଣି ଆମ୍ବାଆରି ତଲେ ତୂକ୍‌ଇଁ, ଇଞ୍ଜାଁ ଏ଼ୱାରି ଆମ୍ବାଆରି ଲେହେଁ? ୩୨
ଏମିନି କକାରି ହ଼ାଟା ବାଜାରାତା କୁଗାନା ତ଼ାମ୍ବୁ ଏଲେଇଣ୍‌ମ୍ବି ଅ଼ାନେରି,
‘ମ଼ାମ୍ବୁ ମିଙ୍ଗତାକି ପୀରୁଡ଼ି ଉକିତମି, ମୀରୁ ଏ଼ନ୍ଦାଆତେରି; ମ଼ାମ୍ବୁ ଦୁକୁ ତଲେ
ଡ଼ୀତମି ମୀରୁ ଡ଼ୀଆତେରି!’ ଏ଼ୱାରି ଇଲେତାରି ଇଞ୍ଜୁଁ ଜୀସୁ ୱେସ୍ତେସି । ୩୩
ଇଚିହିଁ ବାପ୍ତିସ୍ମ ହୀନି ଜହନ ୱ଼ାହାନା ର଼ାନ୍ଦା ତିନାଆତେସି କି ଅଙ୍ଗୁରି ରାସା
ଗହ୍‌ଆତେସି, ଅ଼ଡ଼େ ମୀରୁ ଏଲେଇଚେରି, ‘ଏ଼ୱାଣାଇଁ ବୂତୁ ଆଲ୍‌ଗାମାଚେ
।’ ୩୪ ମାଣ୍‌ସି ମୀର୍‌ଏସି ୱ଼ାହାନା ର଼ାନ୍ଦା ତିଚେସି ଉଟେସି, ଅ଼ଡ଼େ
ମୀରୁ ଏଲେ ଇଞ୍ଜିମାଞ୍ଜେରି, ‘ମେହ୍‌ଦୁ ଈୱାସି ଟିଣ୍ଡିକାୱୁ, କାଡୁବୂତୁ, ସିସ୍ତୁ
ରୀହ୍‌ନାରି ଅ଼ଡ଼େ ପ଼ାପୁ ଗାଟାରି ତ଼ଣେଏସି ।’ ୩୫ ମାହାପୂରୁତି ବୁଦି ତାନି
ବାରେ ମୀର୍‌କା ତ଼ାଣାଟି ସାତା ଇଞ୍ଜୁଁ ତ଼ଞ୍ଜାଆ଼ନେ ।” ୩୬ ଅ଼ଡ଼େ ପାରୁସିୟାଁ
ବିତ୍ରାଟି ରଅସି ଜୀସୁଇଁ ତାନି ଇଜ ତିଞ୍ଜାଲି ଏଲେଇଚେସି, ଏମ୍ବାଟିଏ
ଜୀସୁ ଏ଼ ପାରୁସି ଇଜ ହ଼ଡାନା ର଼ାନ୍ଦା ତିଞ୍ଜାଲି କୁଗିତେସି । ୩୭ ମେହ୍‌ଦୁ
ଏ଼ ଗ଼ାଡ଼ାତା ପ଼ାପୁଗାଟି ର଼ ଇୟା ମାଚେ; ଜୀସୁ ପାରୁସିୟାଁ ଇଜ ତିଞ୍ଜାଲି
କୁଗାମାନେସି ଇଞ୍ଜୁଁ ପୁଞ୍ଜାନା ଏ଼ଦି ର଼ ଗ଼ାଜୁତା ଗାନ୍ଦାଗାଟି ନିୟୁଁ ତାଚାନା,
୩୮ ଡ଼ାୟୁୱାକି ଜୀସୁ କଡାୟାଁଦାରି ନିଚାନା ଡ଼ୀହି ଡ଼ୀହି କାଣ୍ଡୁ ବକ୍‌ହାନା
ଏ଼ୱାଣି ପାଃଆନାୟାଁ ଉଦି କିହାନା ତାନି ତ଼ାୟୁଁ ବ଼ାଣାୟାଁ ତଲେ ଜୀସୁ
ପାଃଆନାୟାଁ ଜ଼େଜିହିଁ ଏ଼ୱାଣି ପାଃଆନାୟାଁ ନଣ୍ଡିତେ ଅ଼ଡ଼େ ଗାନ୍ଦା ନିୟୁଁ
ରୁବିତେ । ୩୯ ଏ଼ଦାଆଁ ମେସାନା ଆମିନି ପାରୁସି ହ଼ାଟାମାଚେସି, ଏ଼ୱାସି
ମ଼ନ ମ଼ନତା ଅଣ୍‌ପିତେସି, “ଈୱାସି ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାସି
ଅ଼ାହାମାଚିହିଁମା, ତାଙ୍ଗେ ଡୀଗିମାନି ଇୟାଟି ଏ଼ନିଲେହେଁତାୟି ପୁଚେସିମା,
ଇଚିହିଁ ଏ଼ଦି ପ଼ାପୁ ଗାଟାୟି ।” ୪୦ ଜୀସୁ ଏ଼ୱାଣାଇଁ ଏଲେଇଚେସି,
“ଆଡ଼େ ସିମନ ନ଼ାନୁ ନିଙ୍ଗେ ର଼ କାତା ୱେସ୍ତାନାୟିମାନେ ।” ଏ଼ୱାସି
ଏଲେଇଚେସି, “ହାଅ ପ୍ରବୁ ୱେସ୍ତାମୁ ।” ୪୧ “ର଼ ସ଼ାୱୁକାରି ତ଼ାଣା ରିଆରି
ରୀଣାଗାଟାରି ମାଚେରି; ରଅସି ପ଼ାସାୱାଞ୍ଜା ଅ଼ଡ଼େ ରଅସି ରୀ କ଼ଡ଼ି
ଦସଟାକା ରୀଣା ଗାଟାସି । ୪୨ ଏ଼ୱାରି ରୀଣା ଡିକ୍‌ହାଲି ଅ଼ାଡାଆଲିଏ,
ଏ଼ୱାରି ସ଼ାୱୁକାରି ରିଆରି ରୀଣାତି ଜିକେଏ ପିସାତୁସ୍ତେସି । ଇଞ୍ଜାଁ ଏ଼ୱାରି
ବିତ୍ରାଟି ଆମ୍ବାଆସି ଏ଼ୱାଣାଇଁ ହ଼ାରେକା ଜୀୱୁ ନ଼ନେସି?” ୪୩ ସିମନ
ଏଲେଇଚେସି, “ନ଼ା ଅଣ୍‌ପୁତା ଆମ୍ବାଆରାକି ଗାଡି ରୀଣା ପିସ୍‌ପିଅ଼ାତେ
ଏ଼ୱାସି ।” ଜୀସୁ ଏଲେଇଚେସି, “ନୀନୁ ନେହିଁ ଅଣ୍‌ପାମାଞ୍ଜି ।” ୪୪
ଅ଼ଡ଼େ ଏ଼ୱାସି ଏ଼ ଇୟାନିୱାକି ସିନିକିହାନା ସିମନଇଁ ଏଲେଇଚେସି,
“ଈ ଇୟାନି ମେସିମାଞ୍ଜି? ନ଼ାନୁ ମୀ ଇଜ ୱ଼ାତେଏଁ, ନ଼ା କଡାୟାଁ ତାକି
ଏ଼ୟୁ ହିୟାଆତି, ସାମା କାଣ୍ଡୁତଲେ ନ଼ା ପାଃଆନାୟାଁ ଉଦି କିହାନା ତାନି
ତ଼ାୟୁଁ ବ଼ାଣାୟାଁ ତଲେ ଜ଼େଜାତେ । ୪୫ ନୀନୁ ନାଙ୍ଗେ ନଣ୍ଡାଆତି? ସାମା
ନ଼ାନୁ ବିତ୍ରା ୱ଼ାୱନିଏ ନ଼ା ପାଃଆନାୟାଁ ନଣ୍ଡାଲି ପିସିମାଞ୍ଜେଏ । ୪୬
ନୀନୁ ନ଼ା ତ଼ାୟୁଁତା ନିୟୁଁ ରୁବାଆତି? ସାମା ଈଦି ନ଼ା ପାଃଆନାଣାଁ ଗାନ୍ଦା
ନିୟୁଁ ରୁବାତେ । ୪୭ ଈଦାଆଁତାକି ନ଼ାନୁ ନିଙ୍ଗେ ୱେସିମାଞ୍ଜାଇଁ, ଈଦାନି
ହ଼ାରେକା ପ଼ାପୁ ମେଣ୍‌ଙ୍ଗାମାନେ ଏ଼ଦାଣିତାକି ଏ଼ଦି ହ଼ାରେକା ଜୀୱୁନ଼ହିଁ
ମାଞ୍ଜାନେ; ସାମା ଆମ୍ବାଆରାକି ଉଣା ପ଼ାପୁ ମେଣ୍‌ଙ୍ଗିନେ ଏ଼ୱାସି ଉଣା ଜୀୱୁ
ନ଼ନେସି ।” ୪୮ ଅ଼ଡ଼େ ଜୀସୁ ଏ଼ ଇୟାନି ଏଲେଇଚେସି, “ନୀ ପ଼ାପୁ ବାରେ
ମେଣ୍‌ଙ୍ଗାମାନେ ।” ୪୯ ଏମ୍ବାଟିଏ ଏ଼ୱାଣିତଲେ ତିଞ୍ଜାଲି କୁଗାମାଚାରି ମ଼ନ
ମ଼ନତା ଏଲେଇଚେରି, “ପ଼ାପୁ ଜିକେଏ ମେଣ୍‌ଙ୍ଗି କିହିମାନେସି ଈୱାସି
ଆମ୍ବାଆସି?” ୫୦ ସାମା ଜୀସୁ ଏ଼ ଇୟାନି ଏଲେଇଚେସି, “ନୀ ନାମୁ
ନିଙ୍ଗେ ଗେଲ୍‌ପାମାଞ୍ଜାନେ; ହିତ୍‌ଡ଼ି ତଲେ ହାଲାମୁ ।”

୮ ଏଚରଦିନା ଡ଼ାୟୁ ଜୀସୁ ଗ଼ାଡ଼ାତାକି ଗ଼ାଡ଼ା ନ଼ାୟୁଁ ତାକି ନ଼ାୟୁଁ ର଼େଜିହିଁ
ମାହାପୂରୁ ର଼ାଜିତି ନେହିଁ କାବୁ ୱ଼େକ୍‌ହେସି, ଅ଼ଡ଼େ ବ଼ାରଜ଼ାଣା
ସୀସୁୟାଁ ଏ଼ୱାଣିତଲେ ମାଚେରି, ୨ ଅ଼ଡ଼େ ଏମିନିଗାଟି ଇୟାସିକା ପ଼ଲ୍‌ଆ
ବୂତୁୟାଁ ତ଼ାଣାଟି ର଼ଗଟି ନେହିଁ କିୱି ଅ଼ାହାମାଚୁ, ଇଚିହିଁ ମଗ୍‌ଦଲିନି
ମରିୟମ, ଆମ୍ବାଆରି ତ଼ାଣାଟି ସ଼ାତାଗାଟା ବୂତୁୟାଁ ହ଼ଚାହାଜାମାଚୁ, ୩
ହେରଦ ଇଜତି ଗୁମୁସ୍ତା କୁଜା ଅ଼ଡ଼େ ତାନି ଡକ୍ରି ଜହାନା, ସସାନା ଅ଼ଡ଼େ
ହ଼ାରେକା ଇୟାସିକା ଏ଼ୱାଣିତଲେ ମାଞ୍ଜାନା ତାମି ଦ଼ନ ହୀହାନା ଏ଼ୱାରି
ସ଼େବା କିହିମାଚୁ । ୪ ଲ଼କୁ ବାରେ ଗ଼ାଡ଼ାୟାଁଟି ୱ଼ାହିମାଚାକି ହ଼ାରେକା
ଲ଼କୁ ଏ଼ୱାଣି ତ଼ାଣା ରୁଣ୍ଡା ଅ଼ାତେରି ଇଞ୍ଜାଁ ଏ଼ୱାସି ଏ଼ୱାରାଇଁ ପୁଣ୍‌ମ୍ବିକିନି
କାତାତଲେ ୱେସ୍ତେସି । ୫ “ରଅସି ବିଚା ମାଟିନାସି ବିଚା ମାଟାଲି ହ଼ତେସି
। ଏ଼ୱାସି ମାଟି ମାଟିହିଁ କଚେକା ବିଚା ଜିରୁତା ରୀତେ ଏ଼ଦାଆଁ ଲ଼କୁ
ୱିସାତୁସ୍ତେରି, ଅ଼ଡ଼େ ହ଼ାଗୁ ଲାକ ଉମ୍ବିନି ପଟା କ଼ାଟି ପେର୍‌ହା ତିଚୁ ।
୬ ଅ଼ଡ଼େ କଚେକା ୱାଲ୍‌କା ଲାକ ରୀତେ, ଇଞ୍ଜାଁ ନେୟାଁନା ବୂମି ଅ଼ଲୁ
ହିଲାଆତାକି ୱ଼ାୟାହାଚେ । ୭ ଅ଼ଡ଼େ କଚେକା ହ଼ାପ୍‌କା ବୂଟାତା ରୀତେ,
ଇଞ୍ଜାଁ ହ଼ାପ୍‌କା ବୂଟା ପାଡାଅ଼ାହାନା ଆର୍ନା ଡାକିତି ପ୍ଡିକ୍‌ହାତୁସ୍ତେ । ୮ ଅ଼ଡ଼େ
କଚେକା ବିଚା ନେହିଁ ବୂମିତା ରୀତେ, ଇଞ୍ଜାଁ ପାଡାଅ଼ାହାନା ପ଼ାସାକ଼ଡ଼ି
ପ଼ାଡ଼େୟି ଅ଼ାୟିତେ ।” ଏଚେଟିଏ ଜୀସୁ କାଜା ଗିୟାଁତଲେ ଏଲେଇଚେସି,
“ଆମ୍ବାଆରାକି ୱେଞ୍ଜାଲି କୀର୍କା ମାନୁ ଏ଼ୱାରି ୱେଣ୍‌ମ୍ବାରି ।” ୯ ତାମି
ସୀସୁୟାଁ ଈ ପୁଣ୍‌ମ୍ବିକିନି କାତାତି ଅର୍ତ ଏ଼ନାୟି ଇଞ୍ଜୁଁ ୱେଚେରି, ୧୦
ଏ଼ୱାସି ଏଲେଇଚେସି, “ମାହାପୂରୁ ର଼ାଜିତି କାତା ପୁଞ୍ଜାଲି ମିଙ୍ଗେ ବ଼ାଡ଼୍‌ୟୁ
ହୀପ୍‌କି ଅ଼ାହାମାନେ, ସାମା ଏଟ୍‌କା ତାରାଇଁ ପୁଣ୍‌ମ୍ବିକିନି କାତାତଲେ
ୱେସ୍‌ପିଅ଼ାନେ, ଇଚିହିଁ ଏ଼ୱାରି ମେସି ମେସିହିଁ ମେହ୍‌ଅରି ଅ଼ଡ଼େ ୱେଞ୍ଜିୱେଞ୍ଜି
ତେଲ୍‌ହଅରି ।” ୧୧ ପୁଣ୍‌ମ୍ବିକିନି କାତା ଅର୍ତ ଈଦି, ବିଚା ମାହାପୂରୁ ବ଼ଲୁ,
୧୨ ଜିରୁ ଦାରିତି ପ଼ାଡ଼େୟି ଇଲେତାରି, ଏ଼ୱାରି ମାହାପୂରୁ କାତା ୱେନେରି;
ଡ଼ାୟୁ ସୟତାନା ୱ଼ାହାନା ଏ଼ୱାରି ଏ଼ନିକିଁ ନାମାଆପେରିୱା ଅ଼ଡ଼େ ଗେଲ୍‌ପି
ଅ଼ାଆପେରିୱା ଇଞ୍ଜୁଁ ଏ଼ୱାରି ହିୟାଁତା ୱେଞ୍ଜାମାନାଣି ମୀଞ୍ଜାଅ଼ନେ । ୧୩
ୱାଲ୍‌କା ବୂମିତା ରିତି ଲ଼କୁ ଇଲେତାରି, ଏ଼ୱାରି କାତା ୱେଞ୍ଜାନା ର଼ାହାଁଟି
ଆହ୍‌ନେରି; ଏ଼ୱାରିତ଼ାଣା ହୀରୁ ଜୀଆତାକି ଗ଼ାଡ଼େକା ତାକି ନାମିନେରି,
ଅ଼ଡ଼େ ତାୟିପାରି କିନାୟି ୱ଼ାତିସାରେ ମାହାପୂରୁଇଁ ପିସା ତୁହ୍‌ନେରି । ୧୪

ଅ଼ଡ଼େ ହ଼ାପ୍‌କା ବୂଟାତା ରିତି ଲ଼କୁ ଇଲେତାରି ଆମିନି ଗାଟାରି ମାହାପୂରୁ
କାତା ୱେଞ୍ଜାନା ଦାର୍‌ତିତି ଦୁକୁ କ଼ାକୁଲି, ଦ଼ନତି ଜୂପ୍‌କା ଅ଼ଡ଼େ ଦାର୍‌ତିତି
ର଼ାହାଁ ଏ଼ୱାରାଇଁ ପ୍ଲିକ୍‌ହାତୁସାମାନାକି ନେହିଁକିଁ କାମ୍ବାଲି ଆ଼ଡଅରି । **୧୫**
ନେହିଁ ବୂମିତା ରିତି ପ଼ାଡ଼େୟି ଇଲେତାରି, ଏମିନିଗାଟାରି ନେହିଁ ସୁଦୁଜୀୱୁ
ହିୟାଁଟି କାତା ୱେଞ୍ଜାନା ଆହ୍‌ନେରି, ଅ଼ଡ଼େ ବାରେ ଅ଼ର୍‌ହାନା କାମା
କିହାନା ପ଼ାଡ଼େୟି ଆ଼ୟିନେରି । **୧୬** ଦୀୱଁ ଡ଼ୀସାନା ଆମ୍ବାଆରି ମ଼ାଣା
ପ୍ଲିକ୍‌ହାନା କି କାଟେଲି ଡ଼ଇକା ଇଟଅରି, ସାମା ଦୀୱଁ ସ଼ଡ଼ାତା ଇଟିନେରି,
ଏ଼ନିକିଁ ଇଜୱାନି ଲ଼କୁ ଉଜେଡ଼ି ମେହ୍‌ନେରି । **୧୭** ଡୁଗାମାନାୟି ଏ଼ନାୟିୱା
ହିଲେଏ, ଏ଼ନାୟି ତ଼ଞ୍ଜା ଆ଼ଏ ଇଲେକିଁ ଏ଼ନାୟି ଜିକେଏ ହିଲେଏ, ୱେସ୍‌ପି
ଆ଼ହାନା ତ଼ଞ୍ଜା ଆ଼ଏ ଇଲେତି ଡୁଗାମାନାୟି ଏ଼ନାୟି ହିଲେଏ । **୧୮** ଏ଼ନିକିଁ
ୱେଞ୍ଜାମାଞ୍ଜେରି ଏ଼ଦାଆଁତାକି ଜାଗ୍ରାତା; ଇଚିହିଁ ଆମ୍ବାଆରାୱାୟି ମାନେ
ଏ଼ୱାଣାକି ହୀପ୍‌କିଆ଼ନେ, ଅ଼ଡ଼େ ଆମ୍ବାଆରାୱାୟି ହିଲେଏ ଏ଼ୱାସି ନ଼ାଦି
ମାନେ ଇଞ୍ଜୁଁ ଅଣ୍‌ପିମାନେସି, ଏ଼ଦାଆଁ ଜିକେଏ ଅ଼ୱିଆ଼ନେ । **୧୯** ଜୀସୁତି
ଇୟା ଅ଼ଡ଼େ ତାମି ତାୟିୟାଁ ଏ଼ୱାଣି ତ଼ାଣା ୱ଼ାତେରି, ସାମା ଲ଼କୁ ମାନ୍ଦା
ମାଚାକି ଏ଼ୱାଣି ତ଼ାଣା ହାଜାଲି ଆ଼ଡାଆତେରି । **୨୦** ଏମ୍ବାଟିଏ ଜୀସୁଇଁ
ୱେସ୍ତେରି, “ମୀ ଇୟା ଅ଼ଡ଼େ ମୀ ତାୟିୟାଁ ନିଙ୍ଗେ ମେସାଲି ପାଙ୍ଗାତା
ନିଚାମାନେରି ।” **୨୧** ସାମା ଏ଼ୱାସି ବାରେତି ଏଲେଇଚେସି, “ମାୟା
ଅ଼ଡ଼େ ମ଼ା ତାୟିୟାଁ ଏ଼ୱାରି, ଆମ୍ବାଆରି ମାହାପୂରୁତି କାତା ୱେନେରି ଅ଼ଡ଼େ
ମ଼ାନୱି ଆ଼ନେରି ।” **୨୨** ର଼ ଦିନା ଜୀସୁ ଅ଼ଡ଼େ ତାନି ସୀସୁୟାଁ ଡଂଗତା
କୁଗିତେରି, ଇଞ୍ଜାଁ ଜୀସୁ ଏ଼ୱାରାଇଁ ଏଲେଇଚେସି, “ୱ଼ାଦୁ ମ଼ାର ସାମ୍‌ଦୁରି
ଆତାଲା ହାନ ।” ଏମ୍ବାଟିଏ ଏ଼ୱାରି ଡଂଗଟି ହାଚେରି । **୨୩** ସାମା ଏ଼ୱାରି
ଡଂଗତା ହାଜିମାନି ର଼ବେଲାତା ଜୀସୁ ଡୂରୀତେସି । ଏଚିର଼ବେଲା ସାମ୍‌ଦୁରିତା
କାଜା ଗ଼ାଲି ଆ଼ତେ, ଅ଼ଡ଼େ ଏ଼ୟୁ ଡଂଗତା ହ଼ଡିମାଚାକି ଏ଼ୱାରି ହ଼ାରେକା
କସ୍ତ ଆ଼ତେରି ଇଞ୍ଜାଁ ଆଜିତେରି । **୨୪** ଏଚେଟିଏ ସୀସୁୟାଁ ଡାଗେ ୱ଼ାହାନା
ନିକ୍‌ହାଁ ଏଲେଇଚେରି, “ଏ଼ ଗୂରୁ ଏ଼ ଗୂରୁ ମ଼ାର ହ଼ାହିମାନାୟି!” ଏମ୍ବାଟିଏ
ଏ଼ୱାସି ନିଙ୍ଗାନା କାଜା ଗ଼ାଲିତି ଦାକା ହୀତେସି, ଇଞ୍ଜାଁ ଏ଼ ବାରେ ସାପି
ଆ଼ହାନା ସୂସ୍ତି ଆ଼ତେ । **୨୫** ଇଞ୍ଜାଁ ଏ଼ୱାସି ଏ଼ୱାରାଇଁ ଏଲେଇଚେସି,
“ମୀ ନାମୁ ଆମ୍ବିୟା?” ସାମା ଏ଼ୱାରି ଆଜି ଅ଼ଡ଼େ କାବାଆ଼ହାନା ତ଼ାମୁ
ଏଲେଇଣ୍‌ମ୍ବି ଆ଼ତେରି, “ଈୱାସି ଏ଼ନିଲେହେଁତାସି ଇଚିହିଁ ଗ଼ାଲି ଅ଼ଡ଼େ
ୱୀଡିମାନି ଏ଼ୟୁଣି ଜିକେଏ ହୁକୁମି ହୀହିମାନେସି ।” **୨୬** ଡ଼ାୟୁ ଏ଼ୱାରି
ଗାଲିଲି ନ଼କିତି ଆତାଲାୱାକି ଗରାସିୟ ର଼ଦେସାତା ଏତେରି । **୨୭** ଜୀସୁ
ଡଂଗଟି ର଼ରେଚାନା ଗାଟୁତା ୱ଼ାହାଲିଏ, ଏ଼ ଗ଼ାଡ଼ାତି ର଼ ବୂତୁ ଆଲ୍‌ଗା ମାଚାସି
ୱ଼ାହାନା ଏ଼ୱାଣାଇଁ ବେଟାଆ଼ତେସି; ଏ଼ୱାସି ଗାଡୁ ଦିନାଟିଏ ହିମ୍ବରିକା
ହୁଚାଆନା ଅ଼ଡ଼େ ଇଜ ମାନାଆନା ମାଡ଼୍‌ହା ମୁହ୍‌ନି ଟ଼ାୟୁତା ଡ଼ୟିମାଚେସି
। **୨୮** ଏ଼ୱାସି କିର୍‌ଡ଼ିହିଁ ଜୀସୁ କଡାଣା ରିହାନା କାଜା ଗିୟାଁତଲେ
ଏଲେଇଚେସି, “ଏ଼ ବାଡ଼୍‌ୟୁଗାଟି ମାହାପୂରୁ ମୀର୍‌ଏଣାତି ଜୀସୁ ନୀ ତଲେ
ନାଙ୍ଗେ ଏ଼ନାୟି ମାନେ? ନ଼ାନୁ ବାତିମ଼ାଲିମାଞ୍ଜାଇଁ ନାଙ୍ଗେ ଅ଼ଡ଼େ କସ୍ତ
ହିୟାଆନି ।” **୨୯** ଇଚିହିଁ ଜୀସୁ ଏ଼ ପ଼ଲ୍‌ଆ ବୂତୁତି ଏ଼ ମାଣ୍‌ସି ତ଼ାଣାଟି ହ଼ଚା
ହାଜାଲି ହୁକୁମି ହୀହାଲି ହାଜିମାଚେସି । ଏ଼ ପ଼ଲ୍‌ଆ ବୂତୁ ହ଼ାରେକା ପ଼ାଲି
ଏ଼ୱାଣାଇଁ ଆଲ୍‌ଗାମାଚେ, ଇଞ୍ଜାଁ ଲ଼କୁ ଏ଼ୱାଣାଇଁ କେସ୍କା କଡାଣା ହିକ୍‌ଣିୟାଁ
ତଲେ ଦସ୍‌ପା ଇଟିମାଚେରି, ସାମା ଏ଼ ଦସ୍‌ପା ମାଚାଣି ଡାପ୍‌ହାନା ବୂତୁ
ତଲେ ବାୟା ଆ଼ହାନା ଲ଼କୁ ହିଲାଆ ଟ଼ାୟୁତା ହଟିମାଚେସି । **୩୦** ଜୀସୁ
ଏ଼ୱାଣାଇଁ ଏଲେଇଚେସି, “ନୀ ଦ଼ରୁ ଏ଼ନାୟି?” “ନ଼ା ଦ଼ରୁ ମାନ୍ଦା” ଇଞ୍ଜାଁ
ଇଚେସି, ଏ଼ନାଆଁତାକି ଇଚିହିଁ ହ଼ାରେକା ବୂତୁୟାଁ ଆଲ୍‌ଗାମାଚୁ । **୩୧** ଇଞ୍ଜାଁ
ଜୀସୁ ଏ଼ୱାସିକାଣି ତ଼ାଡ଼େପୂରୁ ପାଣ୍ଡାଲି ହୁକୁମି ହୀଅସି, ଈଦାଆଁତାକି
ଏ଼ୱାଣାଇଁ ବାତିମ଼ାଲିତୁ । (Abyssos g12) **୩୨** ଏମ୍ବାଆଁ ହ଼ରୁ ଦାରିତା ର଼
ମାନ୍ଦା ପାଜିୟାଁ ମେୟିଁମାଚୁ, ଇଞ୍ଜାଁ ଜୀସୁଇଁ ଏ଼ ବୂତୁୟାଁ ପାଜିୟାଁ ମାନ୍ଦା ବିତ୍ରା
ହାଜାଲି ହେଲ ରୀସୁ । **୩୩** ଏ଼ୱାସି ହେଲ ହୀହାଲିଏ, ବୂତୁୟାଁ ଏ଼ ମାଣ୍‌ସି
ତ଼ାଣାଟି ହ଼ଚା ହାଜାନା ପାଜିୟାଁ ବିତ୍ରା ହ଼ଟୁ; ଏଚେଟିଏ ଏ଼ ପାଜିୟାଁ ଏ଼
ହ଼ରୁଟି ଦାବ୍‌ଡ଼ି ହାଜାନା ଦାରିତା ମାଚି ସାମ୍‌ଦୁରିତା ମେଦା ହ଼ାହାହାଚୁ ।
**୩୪** ଏ଼ ପାଜିୟାଁ ମାନ୍ଦା ମେଚିମାଚି ଗ଼ଡ଼୍‌କା ଏ଼ଦାଆଁ ମେସାନା ହଟେରି ଇଞ୍ଜାଁ
ଗ଼ାଡ଼ା ଅ଼ଡ଼େ ନ଼ାସ୍‌କାଣାଁ ଏ଼ କାତା ୱେସ୍ତେରି । **୩୫** ଏ଼ନାୟି ଆ଼ହାମାନେ
ଏ଼ଦାଆଁ ମେସାଲି ଲ଼କୁ ହ଼ଚାୱ଼ାତେରି; ଇଞ୍ଜାଁ ଏ଼ୱାରି ଜୀସୁ ଡାଗେ ୱ଼ାହାନା,
ଆମିନି ମାଣ୍‌ସି ତ଼ାଣାଟି ବୂତୁୟାଁ ହ଼ଚା ହାଜାମାଚୁ, ଏ଼ୱାଣାଇଁ ନେହିଁ
ହିମ୍ବରିକା ହୁଚାନା ନେହିଁ ମ଼ନତଲେ ଜୀସୁ କଡାଁ ଡ଼ଇ କୁଗାମାଚାଣି
ମେସାନା ଆଜିତେରି । **୩୬** ଅ଼ଡ଼େ ଆମିନି ଗାଟାରି ମେସାମାଚେରି ଏ଼ୱାରି
ଏ଼ ବୂତୁ ଆଲ୍‌ଗା ମାଚାସି ଏ଼ନିକିଁ ନେହିଁଆ଼ତେସି, ଏ଼ଦାଆଁ ଏ଼ୱାରାଇଁ
ୱେସ୍ତେରି । **୩୭** ଏମ୍ବାଟିଏ ଗରାସିୟ ବାରେ ନ଼ାସ୍‌କାତି ସ଼ାରିୱାକି ବାରେ
ଲ଼କୁ ଜୀସୁଇଁ ତାମି ର଼ଦେସାଟି ହାଜାଲି ବାତିମ଼ାଲିତେରି, ଇଚିହିଁ ଏ଼ୱାରି
ହ଼ାରେକା ଆଜିମାଚେରି । ଇଞ୍ଜାଁ ଏ଼ୱାସି ର଼ ଡଂଗତା ହ଼ଚାନା ୱେଣ୍ଡାହାଚେସି
। **୩୮** ସାମା ଏମିନିଗାଟାଣି ତ଼ାଣାଟି ବୂତୁୟାଁ ହ଼ଚା ହାଜାମାଚୁ, “ନାଙ୍ଗେ ନୀ
ତଲେ ହାଜଲି ହେଲ ହିୟାମୁ” ଇଞ୍ଜାଁ ବାତିମ଼ାଲିତେସି; **୩୯** ସାମା ଜୀସୁ
ଏ଼ୱାଣାଇଁ ହେଲ ହୀହାନା, “ମୀ ଇଜ ୱେଣ୍ଡା ହାଲାମୁ, ଇଞ୍ଜାଁ ମାହାପୂରୁ
ନିଙ୍ଗେତାକି ଆମିନି କାମା କିହାମାଞ୍ଜାନେସି ଏ଼ କାତା ର଼ୱେକ୍‌ମୁ ।” ଏଚେଟିଏ
ଏ଼ୱାସି ହାଜାନା ଜୀସୁ ତାଙ୍ଗେତାକି ଆମିନି କାମା କିହାମାଚେସି, ଏ଼ ବାରେ
ଗ଼ାଡ଼ାତା ର଼ୱେକ୍‌ହେସି । **୪୦** ଜୀସୁ ୱେଣ୍ଡା ୱ଼ାହାଲିଏ ମାନ୍ଦା ଲ଼କୁ ଏ଼ୱାଣାଇଁ
ର଼ାହାଁତଲେ ବେଟାଆ଼ତେରି, ଇଚିହିଁ ଏ଼ୱାରି ବାରେଜ଼ାଣା ଏ଼ୱାଣାଇଁ
କ଼ାଚିମାଚେରି । **୪୧** ଏମ୍ବାଟିଏ ଜାୟିରସ ଦ଼ରୁଗାଟାସି ୱ଼ାତେସି; ଏ଼ୱାସି
ଜୀହୁଦି ଲ଼କୁତି କୁଟମି ଇଲୁତି କାଜାସି ମାଚେସି । ଏ଼ୱାସି ଜୀସୁ କଡାଣା
ରିହାନା ତାମି ଇଜ ହାଜାଲି ବାତିମ଼ାଲିତେସି, **୪୨** ଇଚିହିଁ ଏ଼ୱାଣାକି ବ଼ାର
ବାର୍ସାତି ରଣ୍ଡିଏ ମ଼ାଙ୍ଗା ମାଚେ, ଏ଼ଦି ହ଼ାନିଲେହେଁ ନ଼ମେରି ଆ଼ହାମାଚେ
। ସାମା ଏ଼ୱାସି ହାଜିମାଚାଟି ଲ଼କୁ ଏ଼ୱାଣି ମୁହେଁ ମୁହେଁ ଆ଼ହିମାଚେରି
। **୪୩** ଏଚିର଼ବେଲାତା ବ଼ାର ବାର୍ସା ପାତେକା ନେତେରି ୱ଼ାଙ୍ଗିନି ର଼ଗଗାଟି
ର଼ ଇୟା, ଏମିନି ଗାଟାୟି ଆମ୍ବାଆରି ତ଼ାଣାଟି ଜିକେଏ ନେହିଁ ଆ଼ହାଲି
ଆ଼ଡିହିଲାଆତେ, **୪୪** ଏ଼ଦି ଡ଼ାୟୁ ୱାକିଟି ୱ଼ାହାନା ଜୀସୁତି ହିମ୍ବରି କୁଙ୍ଗ
ଡୀଗିତେ, ଏ଼ ଦେବୁଣିଏ ଏ଼ଦାନି ନେତେରି ବ଼ନାୟି ପିସ୍ତେ । **୪୫** ଏମ୍ବାଟିଏ

“ନାଙ୍ଗେ ଆମ୍ବାଆୟି ଡୀଗାତେ” ଇଞ୍ଜେଁ ଜୀସୁ ୱେଚେସି? ସାମା ବାରେଜା଼ଣା
ଆ଼ଏ ଇଞ୍ଜାଲିଏ, ପିତର ଏଲେଇଚେସି, “ଏ଼ ଗୂରୁ ଲ଼କୁ ବାରେ ମୁହେଁ ମୁହେଁ
ଆ଼ହିମାନେରି ।” ୪୬ ସାମା ଜୀସୁ ଏଲେଇଚେସି, “ନାଙ୍ଗେ ଆମ୍ବାଆୟିମା
ଡୀଗାତେ, ଇଚିହିଁ ନା଼ ତା଼ଣାଟି ର଼ ବା଼ଡ଼୍ୟୁ ହ଼ତାକି ନା଼ନୁ ପୁଚେଏଁ ।” ୪୭
ଏମ୍ବାଟିଏ ଏ଼ ଇୟା଼ ୱା଼ହାନା ଅଣ୍ପିତେ ନା଼ନୁ ଅ଼ଡ଼େ ଡୁଗାନା ମାଞ୍ଜାଲି
ଆ଼ଡଅଁ ଇଞ୍ଜେଁ ଅଣ୍ପାନା ଆଜିତାକି ତାରା ତାରା ଆ଼ହିଁ ଜୀସୁ କଡାଣା
ରିହାନା, ଏ଼ନାଆଁତାକି ଡୀଗିତେ ଇଞ୍ଜାଁ ଦେବୁଣିଏ ଏ଼ନିକିଁ ନେହିଁ ଆ଼ତେ,
ବାରେ ଲ଼କୁ ନ଼କିତା ୱେସ୍ତେ । ୪୮ ଏମ୍ବାଟିଏ ଜୀସୁ ଏ଼ଦାନି ଏଲେଇଚେସି,
“ମା଼ଙ୍ଗ ନୀ ନାମୁ ନିଙ୍ଗେ ନେହିଁ କିହାମାଞ୍ଜାନେ, ହି଼ଡ଼୍ଡି଼ଟି ହାଲାମୁ ।” ୪୯
ଜୀସୁ ଇ କାତା ୱେସିମାଚି ର଼ବେଲାତା ଜୀହୁଦି ଲ଼କୁତି କୁଟମି ଇଲୁତି
କାଜାଣା ଇଜଟି ରଅସି ୱା଼ହାନା ଜାୟିରସଇଁ ଏଲେଇଚେସି, “ନୀ ମା଼ଙ୍ଗ
ହା଼ହାହାଚେୟିଏ ଗୁରୁଇଁ ଅ଼ଡ଼େ କସ୍ତ ହୀଆନିଦେହେଁ ।” ୫୦ ସାମା ଜୀସୁ
ଏ଼ କାତା ୱେଞ୍ଜାନା ଏ଼ୱାଣାଇଁ ଏଲେଇଚେସି, “ଆଜାଆନି ନାମାମୁ ଏ଼ଦି
ନୀଡିନେ ।” ୫୧ ଅ଼ଡ଼େ ଜୀସୁ ଇଜ ୱା଼ହାନା ପିତର, ଜହନ ଅ଼ଡ଼େ ଜାକୁବ
ଇଞ୍ଜାଁ ପ଼ଦାନି ତାମି ଆ଼ବା ଇୟା଼ନି ପିସ୍ପେ ଆମ୍ବାଆରାଇଁ ବିତ୍ରା ହାଜାଲି
ହୀଆତେସି । ୫୨ ସାମା ବାରେଜା଼ଣା ଡ଼ୀହି ଡ଼ୀହିଁ ବକତା ୱେଚା କଡିମାଚୁ
। ଏମ୍ବାଟିଏ ଜୀସୁ ଏଲେଇଚେସି, “ଡ଼ୀଆଦୁ; ଏ଼ଦି ହା଼ହାହିଲେଏ, ସାମା
ଡୂରାମାନେ ।” ୫୩ ସାମା ପ଼ଦା ହା଼ହାମାନାଣି ପୁଞ୍ଜାନା ଏ଼ୱି ଏ଼ୱାଣାଇଁ
କାକ୍‌ହୁ । ୫୪ ସାମା ଜୀସୁ ପ଼ଦାନି କେୟୁ ଆସାନା ହା଼ଟାହାଁ ଏଲେଇଚେସି,
“ଆକେ ପ଼ଦା, ନିଙ୍ଗାମୁ ।” ୫୫ ଏମ୍ବାଟିଏ ପ଼ଦାନି ଜୀୱୁ ୱେଣ୍ଡା ୱା଼ତେ
ଅ଼ଡ଼େ ଏ଼ ଦେବୁଣିଏ ନିଙ୍ଗିତେ, ଇଞ୍ଜାଁ ଇଚାଣି ତିଞ୍ଜାଲି ହୀଦୁ ଇଚେସି । ୫୬
ଏମ୍ବାଟିଏ ତାମି ତାଲି ତାଞ୍ଜି କାବାଆ଼ତୁ; ସାମା ଇ ପ଼ଦା ନେହିଁ ଆ଼ତାଣି
ଆମ୍ବାଆରାଇଁ ୱେହ଼ଆଦୁ ଇଞ୍ଜେଁ ଏ଼ୱାସିକାଣି ହୁକୁମି ହୀତେସି ।

୯ ଏଚେଟିଏ ଜୀସୁ ବା଼ରଜା଼ଣାତି ହା଼ଟାନା ରୁଣ୍ଡା଼ କିହାନା ଏ଼ୱାରାଇଁ
ବାରେ ବୂତୁୟାଁ ଲାକ ଅ଼ଡ଼େ ର଼ଗଟି ନେହିଁ କିହାଲି ବା଼ଡ଼୍ୟୁ ଅ଼ଡ଼େ
ଅଦିକାରା ହୀତେସି । ୨ ଅ଼ଡ଼େ ଏ଼ୱାସି ଏ଼ୱାରାଇଁ ମାହାପୂରୁତି ରା଼ଜିତି
କାତା ୱେକ୍‌ହାଲି ଅ଼ଡ଼େ ର଼ଗ ଗାଟାରାଇଁ ନେହିଁ କିହାଲି ପାଣ୍ଡିତେସି
୩ ଇଞ୍ଜାଁ ଏ଼ୱାରାଇଁ ଏଲେଇଚେସି, “ମୀରୁ ହାଜାଲିତାକି କୁତା ବାଡ଼୍‌ଗା
କି ମ଼ଣା କି ରୂଟି କି ଏ଼ନି ଟାକାୟାଁ ଜିକେଏ ଅ଼ଆଦୁ, ଅ଼ଡ଼େ ଜ଼ଡ଼େକା
ସକାୟାଁ ଜିକେଏ ଅ଼ଆଦୁ । ୪ ଅ଼ଡ଼େ ମୀରୁ ଆମିନି ଇଜ ହାଜେରି, ଏମ୍ବାଟି
ୱେଣ୍ଡାହାନି ପାତେକା ଏମ୍ବାଆଁ ଡ଼ୟାଦୁ; ୫ ଅ଼ଡ଼େ ଏଚେକା ଲ଼କୁ ମିଙ୍ଗେ
ଆବଅରି ଏ଼ୱାରି କ଼ପାଟି ସା଼କି ହୀହାଲି ଏ଼ ଗା଼ଡ଼ା଼ଟି ହ଼ଚା ୱା଼ନାଟି ମୀ
କଡାତି ଦୂଡ଼ି ହାଣ୍ହାଁନା ୱା଼ଦୁ ।” ୬ ଏମ୍ବାଟିଏ ଏ଼ୱାରି ହାଜାନା ସା଼ରିୱା଼କି
ନେହିଁ କାବୁ ୱେକ୍‌ହିହିଁ ର଼ଗ ଗାଟାରାଇଁ ନେହିଁ କିହିହିଁ ନା଼ୟୁଁ ନା଼ୟୁଁତା
ର଼ଚେରି । ୭ ଏମ୍ବାଟିଏ ଏ଼ ଦ଼େସାତି ରାଜା ହେରଦ ଇ ବାରେ କାତା
ୱେଞ୍ଜାନା କାବା ଆ଼ତେସି, ଇଚିହିଁ ବାପ୍ତିସ୍ମ ହୀନି ଜହନ ହ଼ତାରି ତା଼ଣାଟି
ନିଙ୍ଗାମାନେସି ଇଞ୍ଜାଁ ଆମ୍ବା ଆମ୍ବାଆରି ଏଲେଇଞ୍ଜାମାଚେରି; ୮ ଅ଼ଡ଼େ ଆମ୍ବା
ଆମ୍ବାଆରି ଏଲିୟ ଡ଼ଞ୍ଜା ଆ଼ହାମାନେସି ଇଞ୍ଜାଁ ଏଟ୍‌କାତାରି ତଲିକା଼ଲାତି
ମାହାପୂରୁ ଅଣ୍ପୁଡି ବ଼ଲୁ ୱେହ଼ନାରି ବିତ୍ରାଟି ରଅସି ନିଙ୍ଗାମାନେସି ଇଞ୍ଜେଁ
ୱେସିମାନେରି । ୯ ସାମା ହେରଦ ଏଲେଇଚେସି, “ଜହନତି ତା଼ୟୁଁ ମା଼ରତ
ଦା଼ଚା ମାନାୟି, ସାମା ଆମ୍ବାଆରି କାତା ମା଼ର ୱେଞ୍ଜାମାନାୟି ଏ଼ୱାସି
ଆମ୍ବାଆସି?” ଅ଼ଡ଼େ ଏ଼ୱାସି ଏ଼ୱାଣାଇଁ ମେସାଲି ମ଼ନ କିହିମାଚେସି । ୧୦
ଡା଼ୟୁ ପାଣ୍ଡୱି ଆ଼ହାମାଚାରି ୱା଼ହାନା ଏ଼ନା ଏ଼ନାଆଁ କିହାମାଚେରି, ଏ଼
ବାରେ ଏ଼ୱାଣାଇଁ ୱେସ୍ତେରି । ଅ଼ଡ଼େ ଏ଼ୱାସି ଏ଼ୱାରିତଲେ ଏଟ୍‌କା ଆ଼ହାନା
ବେଟ୍‌ସାୟିଦା ଦ଼ରୁଗାଟି ଗା଼ଡ଼ା଼ତା ହାଚେରି । ୧୧ ସାମା ଲ଼କୁ ଏ଼ଦାଆଁ
ପୁଞ୍ଜାନା ଏ଼ୱାଣି ଜ଼େଚ ଜ଼େଚ ହାଚେରି; ଇଞ୍ଜାଁ ଏ଼ୱାସି ଏ଼ୱାରାଇଁ କାର୍ମା
ଆ଼ହାଁ ଆବାନା ମାହାପୂରୁ ରା଼ଜିତି କାତା ୱେସ୍ତେସି, ଅ଼ଡ଼େ ଏମିନିଗାଟାରି
ର଼ଗଟି ନେହିଁ ଆ଼ନାୟି ମାଚେ, ଏ଼ୱାରାଇଁ ନେହିଁ କିତେସି । ୧୨ ଏ଼ଚେତା
ମିଡ଼଼ଅଲା ଆ଼ହାଲି ମା଼ଟ୍‌ହେ; ଏଚେଟିଏ ବା଼ରଜା଼ଣା ସୀସୁୟାଁ ତାନି ତା଼ଣା
ୱା଼ହାନା ଏଲେଇଚେରି, “ଲ଼କୁ ଏ଼ନିକିଁ ନା଼ସ୍‌କା ଅ଼ଡ଼େ ଗା଼ଡ଼ା଼ତା ହାଜାନା
ବାସାଟା଼ୟୁ ଅ଼ଡ଼େ ତିଞ୍ଜାଲି କା଼ଦି ପାରିନେରି, ଏ଼ଦାଆଁତାକି ଏ଼ୱାରାଇଁ
ହେଲ ହୀମୁ ଇଚିହିଁ ମା଼ର ଲ଼କୁ ହିଲାଆ ଟା଼ୟୁତା ମାନାୟି ।” ୧୩ ସାମା
ଏ଼ୱାସି ଏ଼ୱାରାଇଁ ଏଲେଇଚେସି, “ମୀରୁ ଏ଼ୱାରାକି ତିଞ୍ଜାଲି ହୀଦୁ ।”
ଏ଼ୱାରି ଏଲେଇଚେରି, “ମା଼ ତା଼ଣା ପା଼ସାଗଟା ରୂଟି ଇଞ୍ଜାଁ ରୀ ମୀଣ୍‌କା
ପିସ୍ପେ ଆଗାଡ଼ା଼ ହିଲାଉ; ଏ଼ନାଆଁ ମା଼ର ହାଜାନା ଇ ବାରେତାକି କା଼ଦି
କଡିନାୟି?” ୧୪ ଇଚିହିଁ ଏ଼ୱାରି ପା଼ସାମା଼ଣା ଆ଼ବାୟାଁ ମାଚେରି । ଇଞ୍ଜାଁ
ଏ଼ୱାସି ତାନି ସୀସୁଣି ଏଲେଇଚେସି, “କଡ଼େଦସ ଜା଼ଣା ଲାକା କୁଗିକିଦୁ
।” ୧୫ ଏଚେଟିଏ ଏ଼ୱାରି ଏଲେକିହିଁଏ ବାରେତି କୁଗିକିତେରି । ୧୬
ଅ଼ଡ଼େ ଏ଼ୱାସି ପା଼ସାଗଟା ରୂଟି ଅ଼ଡ଼େ ରୀ ମୀଣ୍‌କାଣି ଆସାନା ଲାକପୂରୁ
ୱାକି ସିନିକିହାନା ବ଼ର ହୀତେସି, ଇଞ୍ଜାଁ ରୂଟି ଡି଼କ୍‌ହାନା ଲ଼କୁକି ହା଼ସ୍‌ପାଲି
ସୀସୁୟାଁକି ହୀତେସି । ୧୭ ଏଚେଟିଏ ବାରେଜା଼ଣା ତିଞ୍ଜା ପାଞ୍ଜିତେରି,
ଅ଼ଡ଼େ ହା଼ରିତାଣି ବା଼ର ଡାଲି ରୂଟି କୂଡ଼ି କିତେରି । ୧୮ ର଼ ଦିନା ଜୀସୁ
ରଅସିଏ ପ୍ରାତାନା କିନି ର଼ବେଲାତା ସୀସୁୟାଁ ଏ଼ୱାରିତଲେ ମାଚେରି,
ଅ଼ଡ଼େ ଏ଼ୱାସି ଏ଼ୱାରାଇଁ ୱେଚେସି, “ନା଼ନୁ ଆମ୍ବାଆତେଏଁ ଇଞ୍ଜେଁ ଲ଼କୁ
ଏଲେଇଞ୍ଜାମାନେରି?” ୧୯ ଏଚେଟିଏ ଏ଼ୱାରି ଏଲେଇଚେରି, “ଆମ୍ବାଆରି
ବାପ୍ତିସ୍ମ ହୀନି ଜହନ, ଆମ୍ବାଆରି ଏଲିୟ, ଅ଼ଡ଼େ ଆମ୍ବାଆରି ତଲିକା଼ଲାତି
ମାହାପୂରୁ ଅଣ୍ପୁଡି ବ଼ଲୁ ୱେହ଼ନାରି ବିତ୍ରାଟି ରଅସି ନିଙ୍ଗାମାନେସି ।” ୨୦
ଏ଼ୱାସି ଏ଼ୱାରାଇଁ ଏଲେଇଚେସି, “ନା଼ନୁ ଆମ୍ବାଆତେଏଁ ମୀରୁ ଏ଼ନାଆଁ
ଇଞ୍ଜେଁ ମାଞ୍ଜେରି?” ପିତର ଏଲେଇଚେସି, “ନୀନୁ ମାହାପୂରୁତି କ୍ରୀସ୍ତ ।” ୨୧
ଏଚେଟିଏ ଏ଼ୱାସି ଏ଼ୱାରାଇଁ ଆମ୍ବାଆରାଇଁ ୱେହ଼ଆଦୁ ଇଞ୍ଜେଁ ଜାଣ୍ଡେ କିହିଁ
ହୁକୁମି ହୀତେସି, ୨୨ “ମାଣ୍‌ସି ମୀର୍‌ଏସି ହା଼ରେକା ଦୁକୁ ପା଼ଣ୍‌ନାୟି ମାନେ
ଇଞ୍ଜାଁ ଲ଼କୁତି କାଜାରି, କାଜା ପୂଜେରାଙ୍ଗା ଇଞ୍ଜାଁ ମ଼େରାପୁନାରି ତା଼ଣାଟି
ଅ଼ପାଆନା ଏ଼ୱାଣାଇଁ ପା଼ୟିନେରି, ଇଞ୍ଜାଁ ତୀନି ଦିନାଟିଏ ନିଙ୍ଗିନେସି ।”
୨୩ ଏଚେଟିଏ ଏ଼ୱାସି ବାରେତି ଏଲେଇଚେସି, “ଆମ୍ବାଆସି ନା଼ ଜ଼େଚ
ଡା଼କାଲି ମ଼ନ କିନେସି, ଏ଼ୱାସି ତାଙ୍ଗେ ଅ଼ପାଆନା ବାରେଦିନା ତାନି କୁସ
ଡେକାନାହାଁ ନା଼ ଜ଼େଚ ଡା଼କାପେସି । ୨୪ ଇଚିହିଁ ଆମ୍ବାଆସି ଜାହାରା ଜୀୱୁ

ଗେଲ୍‌ପାଲି ମ୍‌ନ କିନେସି ଏ୍‌ୱାସି ନା୍‌ସା କିନେସି; ସାମା ଆମ୍ବ୍ରାଆସି ନା୍‌
ତାକି ନିଜେତି ଜୀୱୁ ନା୍‌ସା କିନେସି ଏ୍‌ୱାସି ଗେଲ୍‌ପି କିହାକଡିନେସି । ୨୫
ଅ୍‌ଡ଼େ ମାଣ୍‌ସି ଇ ଦାର୍‌ତିତା ମାନାଣି ବାରେ ମେଡ଼ି କିହାନା ତାନି ଜୀୱୁତି
ନା୍‌ସା କିନେସି, ଇଚିହିଁ ଏ୍‌ୱାଣାକି ଏ୍‌ନି ଲା୍‌ବା? ୨୬ ଇଚିହିଁ ଆମ୍ବ୍ରାଆସି
ନାଙ୍ଗେତାକି ଅ୍‌ଡ଼େ ନା୍‌ କାତାତାକି ଲାଜା ଆ୍‌ନେସି, ମାଣ୍‌ସି ମୀର୍‌ଏସି ତାନି
କାଜାପା୍‌ଣା ତଲେ ଇଞ୍ଜ୍ଞାହାଁ ମାହାପୂରୁ ଆ୍‌ବା ଅ୍‌ଡ଼େ ତାନି ସୁଦୁଗାଟି ଦୂତୁୟାଁ
ତଲେ କାଜାପା୍‌ଣାଟି ୱା୍‌ନେସି ଏଚିର୍‌ବେଲା ଏ୍‌ୱାସି ଜିକେଏ ଏ୍‌ୱାଣି ତାକି
ଲାଜା ଆ୍‌ନେସି । ୨୭ ସାମା ନା୍‌ନୁ ମିଙ୍ଗେ ସାତା ୱେସିମାଞ୍ଜ୍ଞାଇଁ, ମାହାପୂରୁତି
ରା୍‌ଜି ମେହ୍‌ଆ ପାତେକା ଇମ୍ବ୍ରାଆଁ ନିଚାମାନାରି ଏଚରଜା୍‌ଣା ହା୍‌ଅରି ।” ୨୮
ଇ କାତା ୱେସାନା ଆ୍‌ଟାଦିନା ହାଜାଲିଏ ପିତର, ଜହନ ଅ୍‌ଡ଼େ ଜାକୁବଇଁ
ଅ୍‌ହିଁ ହାଜାନା ପ୍ରାତାନା କିହାଲି ହ୍‌ରୁତା ହାଚେସି । ୨୯ ଅ୍‌ଡ଼େ ଏ୍‌ୱାସି
ପ୍ରାତାନା କିହିମାଚାଟି ତାନି ମୂମୁତି ୱା୍‌ଣା ତିରିମ୍ଣିହେ ଇଞ୍ଜ୍ଞାଁ ତାନି ହିମ୍ବ୍ରି
ଦବ୍‌ଲା ଆ୍‌ହାନା ହା୍‌ରେକା ଉଜେଡ଼ି ଆ୍‌ତେ । ୩୦ ମ୍‌ସା ଅ୍‌ଡ଼େ ଏଲିୟ
ଏ୍‌ୱାଣିତଲେ କାତା ଆ୍‌ହିମାଚେରି; ୩୧ ଏ୍‌ୱାରି ଗାୱୁରମିଟି ତ୍‌ଞ୍ଜ୍ଞାଆ୍‌ହାନା
ଜୀସୁ ଜିରୁସାଲମତା ହାନିକାତା ଜ୍‌ଲ୍‌କି ଆ୍‌ହିମାଚେରି । ୩୨ ଏଚିର୍‌ବେଲା
ପିତର ଅ୍‌ଡ଼େ ତାନି ତ୍‌ଣେସିଙ୍ଗାକି ଗାଡି ଇଦାକାଣ୍‌କା ହ୍‌ଚିମାଚୁ; ସାମା
ଏ୍‌ୱାରି ଇଦାଟି ନିଙ୍ଗାଲିଏ ତାନି ଗାୱୁରମି ଇଞ୍ଜ୍ଞାଁ ଏ୍‌ୱାଣିତଲେ ରିଆରି
ନିଚାମାନାଣି ମେସ୍ତେରି । ୩୩ ଇଞ୍ଜ୍ଞାଁ ଏ୍‌ୱାରି ତା୍‌ଣାଟି ହାଜିମାଚାଟି ପିତର
ଜୀସୁଇଁ ଏଲେଇଚେସି, “ଗୂରୁ ମା୍‌ମୁ ଇମ୍ବ୍ରାଆଁ ମାନାୟି ନେହେଁ; ମା୍‌ମୁ
ଇମ୍ବ୍ରାଆଁ ତୀନିଗଟା ଗୁଡ଼ା୍‌ୟାଁ କେପିନମି, ନିଙ୍ଗେତାକି ରଣ୍ତ୍ରାଆଁ, ମ୍‌ସାକି
ରଣ୍ତ୍ରାଆଁ ଅ୍‌ଡ଼େ ଏଲିୟକି ରଣ୍ତ୍ରାଆଁ ।” ସାମା ତା୍‌ନୁ ଏ୍‌ନାଆଁ ଇଞ୍ଜ୍ଞିମାଚେସି
ତା୍‌ନୁଏ ପୁଞ୍ଜ୍ଞି ହିଲାଆତେସି । ୩୪ ଏ୍‌ୱାସି ଏଲେଇଞ୍ଜ୍ଞି ମାଚାଟି ଇଚାୟି
ହା୍‌ଗୁ ଦୂନ୍ଧା ୱା୍‌ହାନା ଏ୍‌ୱାରାଇଁ ପ୍ଡ଼ିକ୍‌ହେ, ଇଞ୍ଜ୍ଞାଁ ଏ୍‌ୱାରି ଦୂନ୍ଧାତା ହ୍‌ଡି
ମାଚାଟି ଆଜିତେରି । ୩୫ ଇଞ୍ଜ୍ଞାଁ ଏ୍‌ ଦୂନ୍ଧାଟି ଇ ହା୍‌ଡା ୱା୍‌ତେ, “ଇୱାସି ନା୍‌
ମୀର୍‌ଏସି, ନା୍‌ନୁ ଆ୍‌ଚିତାସି, ଇୱାଣି ବ୍‌ଲୁ ୱେଞ୍ଜୁ ।” ୩୬ ଏଲେଇଞ୍ଜ୍ଞି ୱେସ୍ତି
ଡ଼ା୍‌ୟୁ ଜୀସୁ ରଅସିଏ ତ୍‌ଞ୍ଜ୍ଞାଆ୍‌ତେସି । ଏ୍‌ୱାରି ଇ କାତାତାକି ପାଲେଏ
ମାଞ୍ଜ୍ଞାନା, ଏ୍‌ନା ଏ୍‌ନାଆଁ ମେସାମାଚେରି ଏ୍‌ ବେଲାତା ଆମ୍ବ୍ରାଆରାଇଁ
ଜିକେଏ ୱେହ୍‌ଆତେରି । ୩୭ ଅ୍‌ଡ଼େ ର୍‌ ନେଚୁ ହ୍‌ରୁଟି ରେଚା ୱା୍‌ହାଲିଏ
ହା୍‌ରେକା ଲ୍‌କୁ ଏ୍‌ୱାଣାଇଁ ବେଟା ଆ୍‌ୟାଲି ୱା୍‌ତେରି । ୩୮ ଅ୍‌ଡ଼େ ଏ୍‌ ମାନ୍ଧା
ଲ୍‌କୁ ବିତ୍ରାଟି କାଜା ଗିୟାଁତଲେ ହା୍‌ଟାନା ଏଲେଇଚେସି, “ଏ୍‌ ଗୂରୁ ନା୍‌ନୁ
ବାତିମା୍‌ଲିମାଞ୍ଜ୍ଞାଇଁ ନା୍‌ ମୀର୍‌ଏଣାଇଁ କାର୍ମା ଆ୍‌ମୁ, ଇଚିହିଁ ଏ୍‌ୱାସି ନା୍‌ ରଣ୍ତିଏ
ମୀର୍‌ଏସି; ୩୯ ଏ୍‌ୱାଣାଇଁ ର୍‌ ବୂତୁ ଆଲ୍‌ଗିମାନେ, ଇଞ୍ଜ୍ଞାଁ ଏ୍‌ୱାସି ପେଦ୍‌ରାହାଁ
ଦେବୁଣିଏ କିର୍‌ଡ଼ି ମାନେସି, ଇଞ୍ଜ୍ଞାଁ ଏ୍‌ୱାଣାଇଁ ଇଲେକିଁ ବୂମିତା ତ୍ରକ୍‌ହାନା
ଗୃତିଟି ପମ୍ବ୍ରଲି ହ୍‌ପ୍‌ହି ମାନେ, ଇଞ୍ଜ୍ଞାଁ ଏ୍‌ୱାଣାଇଁ ଗାଡି ବା୍‌ଦା କିହାନା ଏ୍‌ୱାଣି
ତା୍‌ଣାଟି କା୍‌କୁଲିଟି ହ୍‌ଚାହାନେ । ୪୦ ନା୍‌ନୁ ବୂତୁତି ପିସ୍‌ପି କିହାଲି ନୀ
ସୀସୁୟାଁ ବାତିମା୍‌ଲିତେଏଁ, ସାମା ଏ୍‌ୱାରି ପିସ୍‌ପି କିହାଲି ଆ୍‌ଡାଆତେରି
।” ୪୧ ଜୀସୁ ଏଲେଇଚେସି, “ଆଡ଼େ ନାମାଆଗାଟି ଏଟ୍‌କା ଜିରୁ ଆହ୍‌ନି
କୂଡ଼ା, ନା୍‌ନୁ ଅ୍‌ଡ଼େ ଏଚେକା ମୀ ତଲେ ମାଞ୍ଜ୍ଞାନା ମୀ କାତା ଅ୍‌ର୍‌ହାଇଁ?
ନୀ ମୀର୍‌ଏଣାଇଁ ଇମ୍ବ୍ରାଆଁ ତାମୁ ।” ୪୨ ବୂତୁ ଆଲ୍‌ଗାମାଚି କକାସି
ୱା୍‌ହିମାଚାଟି ବୂତୁ ଏ୍‌ କକାଣାଇଁ ବୂମିତା ଡାଡ଼ି କିହାନା ତ୍ରେପ୍‌ହାତୁସ୍ତେ,
ସାମା ଜୀସୁ ଏ୍‌ ପ୍‌ଲ୍‌ଆ ବୂତୁତି ଦାକା ହୀତେସି ଇଞ୍ଜ୍ଞାଁ କକାଣାଇଁ ନେହେଁ
କିହାନା ତାମି ଆ୍‌ବା କେୟୁତା ହେର୍‌ପିତେସି । ୪୩ ଏଚେଟିଏ ବାରେ
ଲ୍‌କୁ ମାହାପୂରୁତି ବା୍‌ଡ୍‌ୟୁ ମେସାନା ଜାଗ୍‌ଲା ଆ୍‌ତେରି । ସାମା ଏ୍‌ୱାସି
କିହାମାନି ବାରେ କାମାତାକି ଜାଗ୍‌ଲା ଆ୍‌ହିମାଚାକି ଜୀସୁ ତାନି ସୀସୁୟାଁଇଁ
ଏଲେଇଚେସି । ୪୪ “ଇ ବାରେ କାତା ମୀ କୀର୍କା ଅଡାନା ୱେଞ୍ଜୁ; ଇଚିହିଁ
ମାଣ୍‌ସି ମୀର୍‌ଏସି ସାତୁୟାଁ କେୟୁତା ହେର୍‌ପିଆ୍‌ନେସି ।” ୪୫ ସାମା
ଏ୍‌ୱାରି ଏ୍‌ କାତା ତେଲ୍‌ହାଆତେରି, ଏ୍‌ୱାରି ତେଲ୍‌ହାଲି ଆ୍‌ଡାଆରେଟୁ
ଏ୍‌ୱାରି ତା୍‌ଣାଟି ଡୁଗାମାଚେ, ଇଞ୍ଜ୍ଞାଁ ଏ୍‌ୱାରି ଏ୍‌ କାତା ଜିକେଏ ଜୀସୁଇଁ
ୱେଞ୍ଜ୍ଞାଲି ଆଜିମାଚେରି । ୪୬ ଏ୍‌ୱାରି ବିତ୍ରାଟି ଆମ୍ବ୍ରାଆସି କାଜାସି, ଇ
କାତାତାକି ଏ୍‌ୱାରି ବିତ୍ରା ବା୍‌ଦିବା୍‌ଦା ଆ୍‌ତେରି । ୪୭ ସାମା ଜୀସୁ ଏ୍‌ୱାରି
ବିତ୍ରା ବା୍‌ଦିବା୍‌ଦା ଆ୍‌ହିମାନାଣି ପୁଞ୍ଜ୍ଞାନା, ର୍‌ ଉଣା କକାଣାଇଁ ତାନି ନ୍‌କିତା
ନିପ୍‌ହାନା ଏ୍‌ୱାରାଇଁ ଏଲେଇଚେସି, ୪୮ “ଆମ୍ବ୍ରାଆସି ନା୍‌ ଦ୍‌ରୁଟି ଇ ଉଣା
କକାଣାଇଁ ଆବିନେସି, ଏ୍‌ୱାସି ନାଙ୍ଗେ ଆବାନେସି, ଅ୍‌ଡ଼େ ଏ୍‌ୱାସି ନାଙ୍ଗେ
ପାଣ୍ତୁତାଣାଇଁ ଆବିନେସି; ଇଚିହିଁ ମୀ ବିତ୍ରାଟି ଆମ୍ବ୍ରାଆସି ବାରେକିହାଁ
ଉଣା ଏ୍‌ୱାସି କାଜାସି ।” ୪୯ ଏଚେଟିଏ ଜହନ ଏଲେଇଚେସି, “ଗୂରୁ,
ମା୍‌ମୁ ନୀ ଦ୍‌ରୁଟି ବୂତୁୟାଁ ପେର୍‌ହି ମାଚାଣି ମେସ୍ତମି ଇଞ୍ଜ୍ଞାଁ ଏ୍‌ୱାସି ମା୍‌
ତଲେ ନୀ ଜେଚ ୱା୍‌ଆଲିଏ କା୍‌ହିକିତମି ।” ୫୦ ସାମା ଜୀସୁ ଏ୍‌ୱାରାଇଁ
ଏଲେଇଚେସି, “କା୍‌ହିକିଆଦୁ, ଇଚିହିଁ ଆମ୍ବ୍ରାଆସି ମୀ କ୍‌ପାଟି ନିଙ୍ଗା
ହିଲଅସି ଏ୍‌ୱାସି ମୀ ତଲେତାସି ।” ୫୧ ଏଚିର୍‌ବେଲା ଜୀସୁ ଲାକପୂରୁ ହାନି
ବେଲା ଏଗାୱା୍‌ହିମାଚାକି ଏଚିର୍‌ବେଲା ଜୀସୁ ଜିରୁସାଲମତା ହାଜାଲି ମ୍‌ନତି
ତୀରି କିତେସି । ୫୨ ଅ୍‌ଡ଼େ ତାନି ନ୍‌କେଏ କ୍‌ସ୍‌କାଣି ପାଣ୍ତିତେସି, ଏ୍‌ୱାରି
ହାଜାନା ର୍‌ ସମିରଣ ନା୍‌ୟୁଁତା ଜୀସୁ ୱା୍‌ନେସି ଇଞ୍ଜ୍ଞାଁ ଜାଗ୍ରାତା କିହାନା
କା୍‌ତେରି; ୫୩ ସାମା ଏ୍‌ୱାସି ଜିରୁସାଲମତା ହାଜାଲି ମ୍‌ନ କିହାମାନେସି
ଇଞ୍ଜ୍ଞାଁ ପୁଞ୍ଜ୍ଞାନା ଏ୍‌ୱାଣାଇଁ ଆବାଆତେରି । ୫୪ ଇଦାଆଁ ମେସାନା ଜାକୁବ
ଅ୍‌ଡ଼େ ଜହନ ଇ ରୀ ସୀସୁୟାଁ ଏଲେଇଚେରି, “ଏ୍‌ ପ୍ରବୁ ଏଲିୟ ଏ୍‌ନିକିଁ
ଏଲେଇଞ୍ଜ୍ଞାମାଚେସି, ଏଲେକିହିଁଏ ହା୍‌ଗୁଲାକଟି ହିଚୁ ରିହାନା ଏ୍‌ୱାରାଇଁ
ନା୍‌ସା କିପେ, ଏଲେଇଞ୍ଜ୍ଞାଲି ନୀ ମ୍‌ନ ମାନେକି?” ୫୫ ସାମା ଏ୍‌ୱାସି ୱେଣ୍ତେ
ସିନିକିହାନା ଏ୍‌ୱାରାଇଁ ଲା୍‌ଗାନା ଏଲେଇଚେସି, “ମୀରୁ ଏ୍‌ନିଲେହେଁତି
ଜୀୱୁ ଗାଟାତେରି, ମୀରୁ ପୁଞ୍ଜ୍ଞାହିଲଅତେରି ମାଣ୍‌ସି ମୀର୍‌ଏସି ମାଣ୍‌ସିୟାଁତି
ଜୀୱୁ ନା୍‌ସା କିହାଲି ୱା୍‌ଆନା ଗେଲ୍‌ପାଲି ୱା୍‌ହାମାନେସି । ୫୬ ଏଚେଟିଏ
ଏ୍‌ୱାରି ଅ୍‌ର ନା୍‌ୟୁଁତା ହାଚେରି ।” ୫୭ ଏ୍‌ୱାରି ଜିରୁତା ହାଜିମାଚାଟି ରଅସି
ୱା୍‌ହାନା ଜୀସୁଇଁ ଏଲେଇଚେସି, “ନୀନୁ ଆମ୍ବ୍ରିୟା ହାଜି, ନା୍‌ନୁ ଜିକେଏ
ନୀ ତଲେ ୱା୍‌ଇଁ ।” ୫୮ ଜୀସୁ ଏ୍‌ୱାଣାଇଁ ଏଲେଇଚେସି, “ନାକାୟାଁକି
ଡ଼ୟିନି ପା୍‌ୱୁୟାଁ ମା୍‌ନୁ, ହା୍‌ଗୁ ଲାକ ଉମ୍ବ୍ରିନି ପଟାୟାଁକି ବାସାଟା୍‌ୟୁ ମାନେ,
ସାମା ମାଣ୍‌ସି ମୀର୍‌ଏଣାକି ତା୍‌ୟୁଁ ନେଟ୍‌ହାଲି ଟା୍‌ୟୁ ହିଲେଏ ।” ୫୯ ଇଞ୍ଜ୍ଞାଁ
ଏ୍‌ୱାସି ଅ୍‌ଡ଼େ ରଅଣାଇଁ ଏଲେଇଚେସି, “ନା୍‌ ଜେଚ ୱା୍‌ମୁ ।” ସାମା ଏ୍‌ୱାସି

ଏଲେଇଚେସି, "ପ୍ରବୁ ନ଼କେଏ ହାଜାନା ନ଼ା ଆ଼ବାଇଁ ମାହ୍‌ଣିଣା ମୁସାଲି
ହେଲ ହିୟ଼ାମୁ ।" ୬୦ ଜୀସୁ ଏଲେଇଚେସି, "ହ଼ାତାରାଇଁ ତାମି ହ଼ାତି
ଲ଼କୁଣି ମୁସାଲି ପିହ୍‌ଦୁ, ସାମା ମୀରୁ ହାଜାନା ମାହାପୂରୁ ର଼ାଜିତି କାତା
ୱେହ୍‌ଦୁ ।" ୬୧ ଅ଼ଡ଼େ ରଅସି ୱ଼ାହାନା ଏଲେଇଚେସି, "ପ୍ରବୁ ନ଼ାନୁ ଜେଚ
ୱ଼ାଇଁ ସାମା ନ଼କେଏ ଇଜତି ଲ଼କୁ ତ଼ାଣାଟି ହେଲ ଅ଼ହାଲି ହିୟ଼ାମୁ ।" ୬୨
ସାମା ଜୀସୁ ଏ଼ୱାଣାଇଁ ଏଲେଇଚେସି, "ଆମ୍ବାଆସି ନ଼ାଙ୍ଗେଲି କେୟୁତା
ଆସାନା ଡ଼ାୟୁୱାକି ସିନିକିନେସି ଏ଼ୱାସି ମାହାପୂରୁ ର଼ାଜିତା ପ଼ାଡ଼ା ଆ଼ଅସି
।"

**୧୦** ଏମ୍ବାଟିଏ ପ୍ରବୁ ଅ଼ଡ଼େ ତୀନିକ଼ଡ଼ି ବ଼ାରଜ଼ାଣାତି ଆ଼ଚାନା ତ଼ାନୁ
ଆମିନି ଗ଼ାଡ଼ା ଅ଼ଡ଼େ ନ଼ାସ୍‌କାଣାଁ ହାଜାଲି ମ଼ନ କିହାମାଚେସି, ଏ଼
ନ଼ାସ୍‌କା ଅ଼ଡ଼େ ଗ଼ାଡ଼ାୟାଁଣା ରିଆରି ଲାକା କିହାଁ ପାଣ୍ଡିତେସି । ୨ ଇଞ୍ଜାଁ
ଏ଼ୱାସି ଏ଼ୱାରାଇଁ ଏଲେଇଚେସି, "ପ଼ାଚି ହ଼ାରେକା ସାମା ଦ଼ାଃଆନାରି
ଉଣା ଜ଼ାଣା; ଇଦାଆଁତାକି ଗୁଡିୟାତା କାମା କିନାରାଇଁ ପାଣ୍ଡାଲିତାକି
ଗୁଡିୟାତି ସ଼ାୱୁକାରିଇଁ ବାତିମ଼ାଲାଦୁ । ୩ ମୀରୁ ହାଜୁ; ନ଼ାନୁ ମିଞ୍ଜ କ୍ଲାଃନିୟାଁ
ବିତ୍ରା ମେଣ୍ଡା ଡ଼ାଲ୍‌କା ଲେହେଁ ମିଞ୍ଜେ ପାଣ୍ଡିମାଞ୍ଜାଇଁ । ୪ ଡାବୁୟାଁ, ମ଼ଣା କି
ସେପୁୟାଁ ଜିକେଏ ଅ଼ଆଦୁ, ଅ଼ଡ଼େ ଜିରୁତା ଆମ୍ବାଆରାଇଁ ଜହରା କିଆଦୁ ।
୫ ଅ଼ଡ଼େ ମୀରୁ ଆମିନି ଇଲୁତା ହ଼ଡ଼୍‌ଦେରି ନ଼କେଏ ଇ ଇଲୁତାକି ହିତ଼୍‌ଡ଼ି
ଆ଼ପେ ଇଞ୍ଜୁ । ୬ ଅ଼ଡ଼େ ଏ଼ ଇଜ ହିତ଼୍‌ଡ଼ିତି ମାଣ୍ସି ରଅସି ମାଚିହିଁ ମୀ ହିତ଼୍‌ଡ଼ି
ଏ଼ୱାଣାକି ଆ଼ପେ; ଅ଼ଡ଼େ ହିଲାଆତିହିଁ ମୀ ହିତ଼୍‌ଡ଼ି ମିଞ୍ଜେ ୱେଣ୍ଡେ ୱ଼ାନେ
। ୭ ଇଞ୍ଜାଁ ଏ଼ୱାରିତ଼ାଣା ଏ଼ନାୟି ମାନେ ଏ଼ଦାଆଁ ତିଞ୍ଜା ଉଣ୍ଡାନା ଏ଼ ଇଜ
ମାଞ୍ଜୁ, ଇଚିହିଁ କାମାକିନାସି ତାନି କାମାତି ବୁତି ମେଡ଼ା ଆ଼ନାୟି ମାନେ
। ଏ଼ ଇଜ ପିସାନା ଅ଼ର ଇଜ ହାଲାଆଦୁ । ୮ ଅ଼ଡ଼େ ଆମିନି ଗ଼ାଡ଼ାତା
ହାଜେରି ଅ଼ଡ଼େ ଲ଼କୁ ମିଞ୍ଜେ ଅ଼ପାନେରି ଅ଼ଡ଼େ ଏମ୍ବାଆଁ ଏ଼ନାଆଁ ତିଞ୍ଜାଲି
ହିୟ଼ାନେରି ଏ଼ଦାଆଁ ତିଞ୍ଜୁ । ୯ ଏମ୍ବାଆଁ ମାନି ର଼ଗ ଗାଟାରାଇଁ ନେହିଁ କିଦୁ,
ଅ଼ଡ଼େ ଏ଼ୱାରାଇଁ ଏଲେଇଞ୍ଜୁ 'ମାହାପୂରୁତି ର଼ାଜି ମୀ ତ଼ାଣା ଏଦାତେୟିଏ ।'
୧୦ ସାମା ମୀରୁ ଆମିନି ଗ଼ାଡ଼ାତା ହାଜେରି ଇଞ୍ଜାଁ ଲ଼କୁ ମିଞ୍ଜେ ଅ଼ପଅରି,
ଏମ୍ବାତି ଆଂଗେଣିକାଟି ପାଙ୍ଗ୍ଲତା ହାଜାନା ଏଲେଇଞ୍ଜୁ, ୧୧ 'ମୀ ଗ଼ାଡ଼ାତି
ଆମିନି ଦୂଡ଼ି ମ଼ା କଡାୟାଁଣା ଆଟାମାଚେ, ଏ଼ଦାଆଁ ଜିକେଏ ମିଞ୍ଜେ ତାକି
ହାଣ୍ଡ଼ି ମାନମି; ସାମା ମାହାପୂରୁତି ର଼ାଜି ଏଗାୱ଼ାହିମାନେ ଇଦାଆଁ ପୁଞ୍ଜୁ
।' ୧୨ ନ଼ାନୁ ମିଞ୍ଜେ ୱେସିମାଞ୍ଜାଇଁ, ନୀହାଁୟି ଦିନାତା ଏ଼ ଗ଼ାଡ଼ାତି ଡଣ୍ଡ
କିହାଁ ସଦମତି ଗ଼ାଡ଼ାତି ଡଣ୍ଡ ଉଣା କିୱିଆ଼ନେ । ୧୩ ଆୟତା ଡଣ୍ଡ
ପ଼ାଣ୍ନି କରାଜିନ୍ ଅ଼ଡ଼େ ବେତ୍‌ସାୟିଦା ଇଚିହିଁ ମୀ ତ଼ାଣା ଆମି ଆମିନି
କାବାଆ଼ନି କାମାୟାଁ କିୱିଆ଼ହାମାନୁ, ଏ଼ ବାରେ ସ଼ର ଅ଼ଡ଼େ ସିଦନତା
କିୱି ଆ଼ହାମାଚିହିଁମା, ଏ଼ୱାରି ହ଼ାରେକା ଦିନା ନ଼କେଏ ବାସ୍ତାୟାଁ ପର୍‌ହାଁ
ଦାର୍‌ମୁତା କୁଗାନା ମ଼ନ ୱେଟ୍‌ହେରିମା । ୧୪ ଆ଼ତିଜିକେଏ ନୀହାଁୟି
ଦିନାତା ସ଼ର ଅ଼ଡ଼େ ସିଦନତି ଡଣ୍ଡ ଉଣା କିୱିଆ଼ନେ । ୧୫ ଏ଼ କପର୍‌ନାହୁମ
ନୀନୁ ଲାକପୂରୁ ପାତେକା ପାଡାଆ଼ଦି? ହ଼ାତାରି ମାନି ର଼ାଜିତା ମେଟ୍‌ପି
ଆ଼ଦି ।" (Hadēs g86) ୧୬ ଜୀସୁ ଏଲେଇଚେସି "ଆମ୍ବାଆସି ମୀ କାତା
ୱେନେସି, ଏ଼ୱାସି ନ଼ା କାତା ୱେନେସି, ଇଞ୍ଜାଁ ଆମ୍ବାଆସି ମିଞ୍ଜେ ଅ଼ପଅସି
ଏ଼ୱାସି ନାଙ୍ଗେ ଅ଼ପଅସି, ଅ଼ଡ଼େ ଆମ୍ବାଆସି ନାଙ୍ଗେ ଅ଼ପଅସି ଏ଼ୱାସି ନାଙ୍ଗେ
ପାଣ୍ଡାତାଣାଇଁ ଅ଼ପଅସି ।" ୧୭ ଏମ୍ବାଟିଏ ତୀନିକ଼ଡ଼ି ବ଼ାରଜ଼ାଣା ୱେଣ୍ଡା
ୱ଼ାହାନା ର଼ାହାଁଟି ଏଲେଇଚେରି, "ପ୍ରବୁ ବୂତୁୟାଁ ଜିକେଏ ନୀ ଦ଼ରୁଟି ମ଼ା
ଡ଼ଇକା ହେର୍‌ପି ଆ଼ହିମାନୁ ।" ୧୮ ସାମା ଜୀସୁ ଏ଼ୱାରାଇଁ ଏଲେଇଚେସି,
"ହ଼ାଗୁ ମ୍ଣିହ୍‌ନିଲେହେଁ ଲାକଟି ସୟତାନ ରିହିମାନାଣି ମେସ୍ତେଏଁ । ୧୯
ମେହ୍‌ଦୁ ନ଼ାନୁ ମିଞ୍ଜେ ର଼ାସ୍‌କା, କାଚାକୁପିୟାଁ ମୁହେଁ ଡ଼ାକାଲି ଅ଼ଡ଼େ ସାତ୍ରୁତି
ବାରେ ବ଼ାଡ଼୍‌ୟୁ ମୁହେଁ ଜିକେଏ ଅଦିକାରା ହୀହିମାଞ୍ଜାଇଁ, ଅ଼ଡ଼େ ଏ଼ନାୟି
ଜିକେଏ ମିଞ୍ଜେ ନସ୍ତ କିହାଲି ଆ଼ଡେଏ । ୨୦ ସାମା ପ଼ଲ୍‌ଆ ବୂତୁୟାଁ ବ଼ାଡ଼୍‌ୟୁ
ମୀ ଡ଼ଇକା ମାନେ ଇଞ୍ଜାଁ ର଼ାହାଁ ଆ଼ଆଦୁ, ସାମା ମୀ ଦ଼ରୁ ଲାକପୂରୁ ର଼ାସ୍‌କି
ଆ଼ହାମାନେ ଏ଼ଦାଆଁତାକି ର଼ାହାଁ କିଦୁ ।" ୨୧ ଏଚିବେଲା ଜୀସୁ ସୁଦୁଜୀୱୁ
ତଲେ ର଼ାହାଁ ଆ଼ହାନା ଏଲେଇଚେସି, "ଆ଼ବା ଲାକପୂରୁ ଅ଼ଡ଼େ ଦାର୍‌ତିତି
ପ୍ରବୁ, ନୀନୁ ବୁଦିଗାଟି ଲ଼କୁତ଼ାଣା ଇ ବାରେ କାତା ଡୁକ୍‌ହାନା ଉଣା କକାରି
ତ଼ାଣା ଡ଼ସାମାଞ୍ଜି, ଇଦାଆଁତାକି ନିଞ୍ଜେ ଜହରା କିହିମାଞ୍ଜାଇଁ; ଏ଼ ଆ଼ବା
ଇଦିଏ ନୀ ନ଼କିତା ନେହାୟି ଆ଼ତେ ।" ୨୨ "ନ଼ା ଆ଼ବାତି ବାରେ ଅଦିକାରା
ନାଙ୍ଗେ ହେର୍‌ପି ଆ଼ହାମାନେ; ଅ଼ଡ଼େ ମୀର୍‌ଏସି ଆମ୍ବାଆସି, ଇଦାଆଁ
ଆ଼ବା ପିସ୍‌ପେ ଆମ୍ବାଆସି ପୁନଅସି, ଅ଼ଡ଼େ ଆ଼ବା ଆମ୍ବାଆସି ଇଦାଆଁ
ମୀର୍‌ଏଣା ପିସ୍‌ପେ ଆମ୍ବାଆସି ପୁନଅସି, ଇଞ୍ଜାଁ ମୀର୍‌ଏସି ଆମ୍ବାଆରି
ତ଼ାଣା ଏ଼ୱାଣାଇଁ ଡ଼ସାଲି ମ଼ନ କିନେସି, ଏ଼ୱାସିଦେଁ ପୁନେସି ।" ୨୩ ଅ଼ଡ଼େ
ଜୀସୁ ଡ଼ାୟୁ ସିନିକିହାନା ତାମି ସୀସୁୟାଁଇ ଏଟ୍‌କେଏ ଏଲେଇଚେସି,
"ହ଼ାରେକା ନେହେଁ ଏ଼ କାଣ୍‌କା ଏମିନିଗାଟାଣି ମେସିମାନୁ, ଏ଼ନାଆଁ ମୀରୁ
ମେସିମାଞ୍ଜେରି । ୨୪ ଇଚିହିଁ ନ଼ାନୁ ମିଞ୍ଜେ ୱେସିମାଞ୍ଜାଇଁ, ମୀରୁ ଏ଼ନା
ଏ଼ନାଆଁ ମେସିମାଞ୍ଜେରି ଏ଼ ବାରେ ହ଼ାରେକା ମାହାପୂରୁ ଅଣ୍‌ପୁତି ବ଼ଲୁ
ୱେହ୍‌ନାରି ଅ଼ଡ଼େ ରାଜାୟାଁ ମେସାଲି ମ଼ନ କିହାମାଚେରି, ସାମା ମେସାଲି
ଆ଼ଡାଆତେରି; ଅ଼ଡ଼େ ମୀରୁ ଏ଼ନା ଏ଼ନାଆଁ ୱେଞ୍ଜିମାଞ୍ଜେରି, ଏ଼ ବାରେ
ଏ଼ୱାରି ୱେଞ୍ଜାଲି ମ଼ନ କିତେରି ସାମା ୱେଞ୍ଜାଲି ଆ଼ଡାଆତେରି ।" ୨୫
ମେହ୍‌ଦୁ ର଼ ମ଼ସାତି ମେରା ଜ଼ାପ୍‌ନାସି ୱ଼ାହାନା ଜୀସୁଇଁ ତାୟିପାରିକିହିଁ
ୱେଚେସି, "ଏ଼ ଗୂରୁ କ଼ାଲାକ଼ାଲାତି ଜୀୱୁ ବେଟାଆ଼ହାଲି ନ଼ାନୁ ଏ଼ନାଆଁ
କିଇଁ?" (aiōnios g166) ୨୬ ଏଚେଟିଏ ଜୀସୁ ଏଲେଇଚେସି, "ମ଼ସାତି
ମେରାତା ଏ଼ନାଆଁ ର଼ାସ୍‌କି ଆ଼ହାମାନେ, ନୀନୁ ଏ଼ନିକିଁ ପ଼ଡ଼୍‌ୱି ଆ଼ହିମାଞ୍ଜି?"
୨୭ ଏ଼ୱାସି ଏଲେଇଚେସି, "ନୀନୁ ନୀ ବାରେ ହିୟାଁ, ବାରେ ଜୀୱୁ, ବାରେ
ବ଼ାଡ଼୍‌ୟୁ ଅ଼ଡ଼େ ବାରେ ମ଼ନ ହୀହାନା ପ୍ରବୁ ନୀ ମାହାପୂରୁଇଁ ଜୀୱୁନ୍‌ମୁ;
ଅ଼ଡ଼େ ପ଼ାଡ଼ିତି ଲ଼କୁଣି ନୀ ଜୀୱୁ ଲେହେଁ ଜୀୱୁ ନ଼ମୁ ।" ୨୮ ଏଚେଟିଏ
ଜୀସୁ ଏ଼ୱାଣାଇଁ ଏଲେଇଚେସି, "ନୀନୁ ନେହିଁକିଁ ୱେସାମାଞ୍ଜି; ଏଲେଏ
କିମୁ ଆତିହିଁ ଏ଼ ଜୀୱୁ ମେଡ଼ା ଆ଼ଦି ।" ୨୯ ସାମା ଏ଼ୱାସି ତାଙ୍ଗେ ତୀରିତାସି
କିହାକଡାଲି ମ଼ନ କିହାନା ଜୀସୁଇଁ ୱେଚେସି, "ଆତିହିଁ ନ଼ା ପ଼ାଡ଼ିତାସି
ଆମ୍ବାଆରି?" ୩୦ ଜୀସୁ ଏ଼ କାତା ଆସାନା ଏଲେଇଚେସି, "ର଼ ଲ଼କୁ
ଜିରୁସାଲମଟିଏ ଜିରିହତା ହାଜିମାଚାଟି ସ଼ର୍‌କା ତ଼ାଣା ହେର୍‌ହେସି ।

ଏ଼ୱାରି ଏ଼ୱାଣି ହିମ୍ବରିଦୂକି ମୀଞ୍ଜାନା ହ଼ାନିଲେହେଁ ମ଼ାଡା ୱ଼େଚାନା ପିସା
ହାଚେରି । ୩୧ ଏଚିବେ଼ଲାତା ର଼ ପୂଜେରା ଏ଼ ଜିରୁଟି ହାଜିମାଚେସି,
ଇଞ୍ଜ଼ାଁ ଏ଼ୱାସି ଏ଼ୱାଣାଇଁ ମେସାନା ଜିରୁ ପିସାନା ଅ଼ର ଜିରୁଟି ହାଚେସି
। ୩୨ ଏଲେକିହିଁଏ ର଼ ଲେ଼ବି କୂଡ଼ାତାସି ଜିକେଏ ଏ଼ ଜିରୁଟି ୱ଼ାହାନା
ଏ଼ୱାଣାଇଁ ମେସାନା ଅ଼ର ଜିରୁ ହୀହାନା ହାଚେସି । ୩୩ ସାମା ର଼ ସମିରଣ
ଲ଼କୁ ଏ଼ ଜିରୁଟି ହାଜିମାଚେସି, ଇଞ୍ଜ଼ାଁ ଏ଼ୱାଣାଇଁ ମେସାନା ହ଼ାରେକା
କାର୍ମା ଆ଼ତେସି, ୩୪ ଅ଼ଡେ଼ ଡାଗେ ହାଜାନା ଏ଼ୱାଣି ଗା଼ହାଁୟାଁ ବାରେ
ନିୟୁଁ ଅ଼ଡେ଼ ଅଙ୍ଗୁରି ରାସା ରୁବାନା ଗା଼ହାଁୟାଁଣା ଦସ୍‌ପାନା ଏ଼ୱାଣାଇଁ ର଼
ଗା଼ଡ୍‌ଦେ ଲାକ କୁଗିକିହାନା ର଼ ସେ଼ବାକିନି ଇଲୁତା ଅ଼ହାନା ଏ଼ୱାଣି ସେ଼ବା
କିତେସି । ୩୫ ଅ଼ର ଦିନା ସେ଼ବାକିନି ଇଲୁ ଗାଟାଣାକି ରୀ କ଼ାନି ହୀହାନା
ଏଲେଇଚେସି, 'ଇୱାଣି ସେ଼ବା କିମୁ, ଅ଼ଡେ଼ ଏଚେକା ଗାଡି କାର୍ଚୁ ଆ଼ନୁ,
ୱେଣ୍ଡା ୱ଼ାନାଟି ବାରେ ହିୟାଇଁ ।'" ୩୬ ଜୀସୁ ଏଲେଇଚେସି, "ଇ ତୀନି
ଜ଼ାଣାତି ବିତ୍ରା ଆମ୍ବାଆସି ସ଼ର୍‌କାତ଼ାଣା ହେର୍‌ହା ମାଚାଣି ପା଼ଡ଼ିତାସି ଇଞ୍ଜ଼ାଁ
ଅଣ୍‌ପିମାଞ୍ଜେରି?" ୩୭ ଏ଼ ମେ଼ରା ଜ଼ାପ୍‌ନାସି ଏଲେଇଚେସି, "ଆମ୍ବାଆସି
ଏ଼ୱାଣାଇଁ କାର୍ମା ଆ଼ତେସି ଏ଼ୱାସି ।" ଜୀସୁ ଏଲେଇଚେସି, "ହାଲାମୁ
ନୀନୁ ଜିକେଏ ଏଲେଏ କିମୁ ।" ୩୮ ଏ଼ୱାରି ହାଜିମାନି ବେ଼ଲାତା ର଼
ନା଼ୟୁଁତା ହାଚେରି, ଇଞ୍ଜ଼ାଁ ମାର୍ତା ଦ଼ରୁଗାଟି ର଼ ଇୟା ଜୀସୁଇଁ ତାମି ଇଜ
ହ଼ାଟିତେ । ୩୯ ଏ଼ଦାନାକି ର଼ ତାଙ୍ଗି ମାଚେ ଏ଼ଦାନି ଦ଼ରୁ ମରିୟମ, ଏ଼ଦି
ପ୍ରବୁତି କଡାଁ ଡ଼ଇ କୁଗାନା ଏ଼ୱାଣି କାତା ୱେଞ୍ଜିମାଚେ । ୪୦ ସାମା
ମାର୍ତା ରା଼ନ୍ଧା ୱ଼ାଜାଲି ହ଼ାରେକା କିଲିବିଲି ଆ଼ହିମାଚେ; ଇଦାଆଁତାକି ଜୀସୁ
ତ଼ାଣା ୱ଼ାହାନା ଏଲେଇଚେ, "ଏ଼ ପ୍ରବୁ, ନା଼ ତାଙ୍ଗି ୱ଼ାଜିନି କାମା ବାରେ ନା଼
ଲାକ ହେର୍‌ପା ମାଞ୍ଜାନେ ଇଦାଆଁ ଅଣ୍‌ପି ହିଲଅତି କି? ଇଦାଆଁତାକି
ନାଙ୍ଗେ ସା଼ୟେମି କିହାଲି ଏଲେଇନାମୁ ।" ୪୧ ସାମା ପ୍ରବୁ ଏଲେଇଚେସି,
"ମାର୍ତା, ମାର୍ତା ନୀନୁ ହ଼ାରେକା କାମାତା ଅଣ୍‌ପିହିଁ କିଲିବିଲି ଆ଼ହିମାଞ୍ଜି,
୪୨ ସାମା ୱ଼ାର୍‌ଇ ର଼ କାତା ଲ଼ଡ଼ାମାନେ । ମରିୟମ ଏ଼ ନେହିଁ କାତା ବାଚି
କିହାମାନେ; ଏ଼ଦାଆଁ ଏ଼ଦାନି ତ଼ାଣାଟି ଅ଼ୱି ଆ଼ଏ ।"

**୧୧** ର଼ ଦିନା ଜୀସୁ ର଼ ଟା଼ୟୁତା ପ୍ରାତାନା କିହିମାଚେସି; ଏ଼ୱାସି
ପ୍ରାତାନା କିହାଲି ରା଼ପ୍‌ହାଲିଏ, ତାନି ସୀସୁୟାଁ ବିତ୍ରାଟି ରଅସି
ଏଲେଇଚେସି, "ଏ଼ ପ୍ରବୁ, ଜହନ ଏ଼ନିକିଁ ତାନି ସୀସୁୟାଁଇଁ ପ୍ରାତାନା କିହାଲି
ଜ଼ାପ୍‌ହି ମାଚେସି, ନୀନୁ ଜିକେଏ ମାଙ୍ଗେ ଏଲେକିହିଁଏ ପ୍ରାତାନା କିହାଲି
ଜ଼ାପ୍‌ହାମୁ ।" ୨ ଏଚେଟିଏ ଜୀସୁ ଏ଼ୱାରାଇଁ ଏଲେଇଚେସି, "ଏଚିବେ଼ଲା
ମୀରୁ ଏଲେଇଞ୍ଜି ପ୍ରାତାନା କିଦୁ; 'ଏ଼ ଆ଼ବା ନୀ ଦ଼ରୁ ନେହାୟି ଇଞ୍ଜ଼ାଁ ମା଼ନୱି
ଆ଼ପେ; ନୀ ରା଼ଜି ୱ଼ାପେ । ୩ ବାରେଦିନା ମାଙ୍ଗେ ଲ଼ଡ଼ା ଆ଼ନି ରା଼ନ୍ଧା
ହିୟାମୁ । ୪ ମା଼ ଦ଼ହ ବାରେ ମ୍ନେକ୍‌ହାମୁ, ଇଚିହିଁ ମା଼ମ୍ବୁ ଜିକେଏ ମା଼ ଦ଼ହ
କିତାରାଇଁ ମ୍ନେକ୍‌ନମି । ମାଙ୍ଗେ ପା଼ନ୍ଧୁତା ମେତ୍‌ହାଆନି ।'" ୫ ଅ଼ଡେ଼ ଏ଼ୱାସି
ଏ଼ୱାରାଇଁ ଏଲେଇଚେସି, "ମୀ ତ଼ାଣା ଆମ୍ବାଆସି ଇଲେତି ତ଼ଣେଏସି
ମାନେସି, ଆମ୍ବାଆରି ତ଼ାଣା ମାଦି ଲା଼ଆଁୟାଁ ହାଜାନା ଏଲେଇନେସି,
'ଏ଼ ତ଼ଣେ ନାଙ୍ଗେ ତୀନିଗଟା ରୂଟି ହିୟାମୁ, ୬ ଇଚିହିଁ ନା଼ ଗତାଗାଟି
ତ଼ଣେଏସି ନା଼ ତ଼ାଣା ୱ଼ାହାମାନେସି, ଏ଼ୱାଣାକି ତିଞ୍ଜାଲି ହୀହାଲି ନା଼ ତ଼ାଣା
ଏ଼ନାୟିୱା ହିଲେଏ!' ୭ ଅ଼ଡେ଼ ବିତ୍ରାଟି ଏଲେଇନେସି, 'ନାଙ୍ଗେ କସ୍ତ
ହିୟାଆନି; ଦ଼ାରା ସୁଣ୍ଡକି ଆ଼ତେୟିଏ, ଇଞ୍ଜ଼ାଁ ନା଼ ମୀର୍‌କା ନା଼ ତଲେ ଡ଼ୂରା
ମାନେରି; ନା଼ନୁ ନିଙ୍ଗାନା ହୀହାଲି ଆ଼ଡଅଁ ।' ୮ ନା଼ନୁ ମିଙ୍ଗେ ୱେସିମାଞ୍ଜାଇଁ,
ଏ଼ୱାସି ତାନି ତ଼ଣେଏସି ଆ଼ହାମାନାକି ଲାଜା ପିସାନା ଅଲେ ଅଲେ
ରୀସ୍ତାକି ଏ଼ୱାସି ନିଙ୍ଗାନା ଏ଼ୱାଣି ଲ଼ଡ଼ାମାନି ପାତେକା ଏ଼ୱାସି ଏ଼ୱାଣାକି
ହୀନେସି ।" ୯ ନା଼ନୁ ଜିକେଏ ମିଙ୍ଗେ ୱେସିମାଞ୍ଜାଇଁ, ରୀହ୍‌ଦୁ ଆତିହିଁ ମିଙ୍ଗେ
ହୀପ୍‌କିଆ଼ନେ; ପାରାଦୁ ଆତିହିଁ ମେ଼ଡ଼ା ଆ଼ଦେରି; ଦୁୱେରିତା ୱେ଼ଦୁ ଆତିହିଁ
ମିଙ୍ଗେତାକି ଦ଼ାରା ଦେପି ଆ଼ନେ । ୧୦ ଇଚିହିଁ ଆମ୍ବାଆସି ରୀହ୍‌ନେସି
ଏ଼ୱାସି ବେଟାଆ଼ନେସି; ଆମ୍ବାଆସି ପାରିନେସି ଏ଼ୱାସି ମେ଼ଡ଼ାଆ଼ନେସି;
ଅ଼ଡେ଼ ଆମ୍ବାଆସି ଦୁୱେରିତା ୱେ଼ନେସି ଏ଼ୱାଣି ତାକି ଦ଼ାରା ଦେପିଆ଼ନେ ।
୧୧ "ଅ଼ଡେ଼ ମୀ ତ଼ାଣା ଇଲେତି ଆମିନି ଆ଼ବା ମାନେସି, ତାନି ମୀର୍‌ଏସି
ମୀନୁ ରୀସ୍ତିସାରେ ଏ଼ୱାସି ମୀନୁତି ବାଦୁଲି ରା଼ଚୁ ହୀନେସି? ୧୨ ଅ଼ଡେ଼
ଗୁଡୁ ରୀସ୍ତିସାରେ ଏ଼ୱାଣାକି କାଚାକୁପି ହୀନେସି? ୧୩ ଇଦାଆଁତାକି ମୀରୁ
ଲାଗେଏ ପ଼ଲେଏତି ଲ଼କୁ ଆ଼ତିଜିକେଏ ମୀ ମୀର୍‌କା ମା଼ସ୍‌କାକି ନେହାଁଣି
ହୀହିମାଞ୍ଜେରି, ଆତିହିଁ ଆମିନି ଆ଼ବା ଲାକପୂରୁଟି ହୀହିମାଞ୍ଜାନେସି,
ଏ଼ୱାସି ତାନି ତ଼ାଣା ରୀହ୍‌ନି ଲ଼କୁକି ଏଚେ ହ଼ାରେକା ସୁଦୁଜୀୱୁ ହୀଅସି!"
୧୪ ଜୀସୁ ର଼ ପା଼ଲି ବୂତୁ ପେ଼ର୍‌ହି ମାଚେସି ଏ଼ ବୂତୁ ଗୁଲା । ବୂତୁ ଏ଼ୱାଣି
ତ଼ାଣାଟି ହ଼ଚା ହାଜାଲିଏ ଏ଼ ଗୁଲା ଜ଼ଲିତେସି; ଏମ୍ବାଟିଏ ଲ଼କୁ ବାରେ କାବା
ଆ଼ତେରି । ୧୫ ସାମା ଏ଼ୱାରି ବିତ୍ରାଟି ଆମ୍ବା ଆମ୍ବାଆରି ଏଲେଇଚେରି,
"ଏ଼ୱାସି ପ଼ଲ୍‌ଆ ବୂତୁୟାଁ କାଜା ପେ଼ନୁ ବାଲ୍‌ଜିବୁଲ୍ ବୂତୁ ତଲେ ବୂତୁୟାଁ
ପିସ୍‌ପି କିହିମାନେସି ।" ୧୬ ଇଞ୍ଜ଼ାଁ ଏଟ୍‌କାତାରି ଏ଼ୱାଣାଇଁ ତାୟିପାରି
କିହାଲିତାକି ଏ଼ୱାଣି ତ଼ାଣାଟି ହ଼ାଗୁଟି ର଼ ସିନା ରୀସ୍ତେରି । ୧୭ ସାମା
ଏ଼ୱାସି ଏ଼ୱାରି ମ଼ନତି ଅଣ୍‌ପୁ ପୁଞ୍ଜାନା ଏ଼ୱାରାଇଁ ଏଲେଇଚେସି, ଆମିନି
ରା଼ଜି ବ଼ାଗା ଆ଼ହାନା ତାନି କ଼ପାଟି ନିଙ୍ଗିନେ ଏ଼ଦି ନା଼ସା ଆ଼ହାହାନେ ଇଞ୍ଜ଼ାଁ
ଇଲୁ ଲାକ ବାରେ ରିହାହାନେ । ୧୮ ଇଞ୍ଜ଼ାଁ ସୟତାନ ବ଼ାଗା ଆ଼ହାନା
ଜାହାରା କ଼ପାଟି ନିଙ୍ଗିନେ, ଇଚିହିଁ ତାନି ରା଼ଜି ଏ଼ନିକିଁ ତୀରିଆ଼ହାନା
ଡ଼ୟିନେ? ନା଼ନୁ ପ଼ଲ୍‌ଆ ବୂତୁୟାଁ ବାଲ୍‌ଜିବୁଲ୍ ତଲେ ବୂତୁୟାଁ ପିସ୍‌ପି
କିହିମାଇଁ ଇଞ୍ଜିମାଞ୍ଜେରି । ୧୯ ସାମା ନା଼ନୁ ପ଼ଲ୍‌ଆ ବୂତୁୟାଁ ବାଲ୍‌ଜିବୁଲ୍
ତଲେ ବୂତୁୟାଁ ପିସ୍‌ପି କିହିମାଇଁ, ଆତିହିଁ ମୀ ମୀର୍‌କା ଆମ୍ବାଆରି ବ଼ାଡ଼୍‌ୟୁ
ତଲେ ପିସ୍‌ପି କିନେରି? ଇଞ୍ଜ଼ାଁ ଏ଼ୱିଏ ମିଙ୍ଗେ ନୀହାଁୟି କିୟା଼ନୁ । ୨୦
ସାମା ନା଼ନୁ ମାହାପୂରୁ ବ଼ାଡ଼୍‌ୟୁ ତଲେ ବୂତୁୟାଁ ପିସ୍‌ପି କିହିମାଇଁ ଇଚିହିଁ
ମାହାପୂରୁତି ରା଼ଜି ମୀ ତ଼ାଣା ଏଗାୱ଼ାତେୟିଏ । ୨୧ ବାଡ଼୍‌ୟୁଗାଟି ଲ଼କୁ
ଏ଼ଚେପାତେକା ଆ଼ସ୍ତି ଆସାନା ତାନି ଗା଼ଡ଼ାତି ଗେଲ୍‌ପିନେସି, ଏଚିବେ଼ଲା
ପାତେକା ତାନି ଦ଼ନ ଗେଲ୍‌ପିଆ଼ହାନା ଡ଼ୟିନେ; ୨୨ ସାମା ଏଚିବେ଼ଲା
ଏ଼ୱାଣି କିହାଁ ହ଼ାରେକା ବାଡ଼୍‌ୟୁଗାଟି ଲ଼କୁ ଏ଼ୱାଣିତଲେ ଜୁଜୁ କିହାନା
ଜୀଣା ଆ଼ନେସି, ଏଚିବେ଼ଲା ଏ଼ୱାସି ଆମିନି ଆ଼ସ୍ତିତି ବ଼ାର୍ସୁ କିହାମାଚେସି,
ଏ଼ ବାରେ ଏ଼ୱାସି ମୀଞ୍ଜା ଅ଼ନେସି, ଇଞ୍ଜ଼ାଁ ମୀଞ୍ଜା ଅ଼ହାମାନି ଦ଼ନ ବ଼ାଟିକିହା

ଅ଼ନେରି । **୨୩** ଆମ୍ବାଆସି ନ଼ା ୱାକିଟି ଆ଼ଆଗାଟାସି ଏ଼ୱାସି ନ଼ା ସାତ୍ତୁ;
ଇଞ୍ଜୁଁ ଆମ୍ବାଆସି ନ଼ା ତଲେ କୂଡ଼ି କିଅସି ଏ଼ୱାସି ଆଲାରା କିନାସି । **୨୪**
"ର଼ ପ଼ଲ୍ଆ ବୂତୁ ର଼ ମାଣ୍ସି ତ଼ାଣାଟି ହ଼ଚା ହାଜାନା ଏ଼ୟୁ ହିଲାଆ ୱ଼ାୟିତି
ଟ଼ାୟୁତା ଜ଼ମାଲି ପାରିନେ, ଇଞ୍ଜୁଁ ମେଡ଼ି କିଆନା ଏଲେଇନେ, 'ନ଼ାନୁ
ଆମିନି ଇଲୁଟି ହ଼ଚା ୱ଼ାହାମାଚେଏଁ, ଏ଼ ଇଲୁତା ୱେଣ୍ତ୍ରା ହାଇଁ ।' **୨୫** ଇଞ୍ଜୁଁ
ଏ଼ଦି ୱେଣ୍ତ୍ରା ୱ଼ାହାନା ଏ଼ଦାଆଁ ଅ଼ଜିହିଁ ନେହିଁ ଆ଼ହାମାନାଣି ମେହ୍‌ନେ । **୨୬**
ଏଚିର଼ବେଲା ଏ଼ଦି ହାଜାନା ତାନିକିହାଁ ହ଼ାରେକା ପ଼ଲ୍ଆଗାଟି ସ଼ାତାଗଟା
ବୂତୁୟାଁ ଆସାନା ୱ଼ାନେ, ଅ଼ଡ଼େ ବାରେଜ଼ାଣା ଏମ୍ବାଆଁ ହ଼ଡାନା ବାସା କିନ୍ତୁ,
ଇଞ୍ଜୁଁ ଏ଼ ମାଣ୍ସିତି ତଲିତି କସ୍ତ କିହାଁ ଡ଼ାୟୁତି କସ୍ତ ହ଼ାରେକା ଆ଼ନେ
।" **୨୭** ଜୀସୁ ଇ ବାରେ କାତା ୱେସିମାଚାଟି ଲ଼କୁ ମାନ୍ଦ୍ବା ବିତ୍ରାଟି ର଼
ଇୟା କାଜା ଗିୟାଁତଲେ ଏଲେଇଚେ, "ଆମିନିଗାଟି ଇୟା ନିଙ୍ଗେ ଜାର୍ନି
କିହାନା ପ଼ାଲୁ ଉଟ୍‌ହାତେ ଏ଼ ଇୟା ହ଼ାରେକା ନେହେଁ ।" **୨୮** ସାମା ଜୀସୁ
ଏଲେଇଚେସି, "ଆମ୍ବାଆରି ମାହାପୂରୁତି ବ଼ଲୁ ୱେନେରି ଅ଼ଡ଼େ ମ଼ାନୱି
ଆ଼ନେରି ଏ଼ୱାରାକିଦେହେଁ ନେହେଁ ।" **୨୯** ଲ଼କୁ ମାନ୍ଦ୍ବା ମାନ୍ଦ୍ବା ଆ଼ହାନା
ଏ଼ୱାଣି ତ଼ାଣା ରୁଣ୍ତ୍ରା ଆ଼ହାଲିଏ ଜୀସୁ ଏ଼ୱାରାଇଁ ୱେସ୍ତେସି, "ଇ କ଼ାଲାତି
ଲ଼କୁ ହ଼ାରେକା ଲାଗେଏତାରି; ଇୱାରି ବାରେ ସିନାୟାଁ ପାରିନେରି, ସାମା
ଏ଼ୱାରାକି ଜୁନସତି ସିନା ପିସ୍‌ପେ ଏ଼ନି ସିନା ହୀପ୍‌କିଆ଼ଏ । **୩୦** ଇଚିହିଁ
ଜୁନସ ଏ଼ନିକିଁ ନିନିବି ଲ଼କୁତାକି ର଼ ସିନାଲେହେଁ, ମାଣ୍ସି ମୀର଼ଏସି
ଜିକେଏ ଏଲେକିହିଁଏ ଇ ଜୁଗୁତି ଲ଼କୁତାକି ଆ଼ନେ । **୩୧** ନୀହାଁୟି ଦିନାତା
ସିବା ଢ଼େସାତି ର଼ାଣି ଇ କ଼ାଲାତି ଲ଼କୁ ନ଼କିତା ନିଚାନା ଏ଼ୱାରି କ଼ପାଟି
ସ଼ାକିହୀନେ, ଇଚିହିଁ ଏ଼ଦି ସଲମନତି ବୁଦିତିକାତା ୱେଞ୍ଜାଲି ଦାର଼ତିତି
ହେକ ଢ଼େସାଟି ୱ଼ାହାମାଚେ; ମେହ୍‌ଦୁ ସଲମନକିହାଁ କାଜାସି ଇମ୍ବାଆଁ
ମାନେସି । **୩୨** ନୀହାଁୟି ଦିନାତା ନିନିବି ଗ଼ାଡ଼ାତି ଲ଼କୁ ନିଚାନା ଏ଼ୱାରି
କ଼ପାଟି ସ଼ାକି ହୀନେରି, ଇଚିହିଁ ଏ଼ୱାରି ଜୁନସ ୱେସ୍ତି କାତା ୱେଞ୍ଜାନା
ଅଣ୍ପା କଡାନା ମ଼ନ ୱେଟ୍‌ହେରି; ମେହ୍‌ଦୁ ଜୁନସକିହାଁ ହ଼ାରେକା କାଜାସି
ଇମ୍ବାଆଁ ମାନେସି ।" **୩୩** "ଆମ୍ବାଆସି ଦୀୱଁ ଡ଼ୀସାନା ଡୂକ୍‌ନି ଟ଼ାୟୁତା
କି ମ଼ାଣା ପ୍ଡିକ୍‌ହାନା ଇଟଅରି, ସାମା ଦୀୱଁ ସ଼ଡ଼ାତା ଇଟିନେରି, ଏ଼ନିକିଁ
ଇଲୁ ବିତ୍ରା ୱ଼ାନି ଲ଼କୁ ଉଜେଡ଼ି ମେହ୍‌ନେରି । **୩୪** ମୀ କାଣ୍କା ଆଙ୍ଗାତି
ଦୀୱଁ ଏର଼ଚେତା ମୀ କାଣ୍କା ନେହିଁ ମାନୁ ଏଚିର଼ବେଲା ପାତେକା ମୀ ଆଙ୍ଗା
ବାରେ ଉଜେଡ଼ି ଆ଼ନେ; ସାମା ଏର଼ଚେତା ନୀ କାଣ୍କା ନେହିଁ ହିଲାଉ
ଇଚିହିଁ ଏର଼ଚେତା ମୀ ଗୂଡ଼ା ଆଙ୍ଗା ଜିକେଏ ଆନ୍ଦେରି ଆ଼ନେ । **୩୫**
ଇଦାଆଁତାକି ଜାଗ୍ରାତା ଏ଼ନିକିଁ ମୀ ହିୟାଁତା ମାନି ଉଜେଡ଼ି ଆନ୍ଦେରି ଆ଼ଏ ।
**୩୬** ଏ଼ନାଆଁତାକି ଇଚିହିଁ ମୀ ଗୂଡ଼ା ଆଙ୍ଗା ବାରେ ଉଜେଡ଼ି ଆ଼ନେ ଇଞ୍ଜୁଁ
ଏମ୍ବାଆଁ ଏ଼ନି ଆନ୍ଦେରି ଡ଼ୟେଏ, ଆତିହିଁ ଦୀୱଁ ଏ଼ନିକିଁ ମିଙ୍ଗେ ତାର୍ହାଣା
ଉଜେଡ଼ିତା ଉଜେଡ଼ି କିୟାନେ, ଏଲେକିହିଁଏ ମୀ ଗୂଡ଼ା ଆଙ୍ଗା ଉଜେଡ଼ି
ଆ଼ନେ ।" **୩୭** ଜୀସୁ ଇ କାତା ୱେସ୍ତି ଡ଼ାୟୁ ର଼ ପାରୁସି ଏ଼ୱାଣାଇଁ ତାନି ଇଜ
ତିଞ୍ଜାଲି ଏଲେଇଚେସି; ଇଞ୍ଜୁଁ ଏ଼ୱାସି ଇଜ ହାଜାନା ତିଞ୍ଜାଲି କୁଗିତେସି
। **୩୮** ସାମା ତିଞ୍ଜାଲି କୁଗିନି ନ଼କେଏ ଏ଼ୱାସି କେସ୍କା କଡାୟାଁ ନର଼ହା
ହିଲାଆତେସି, ଇଦାଆଁ ମେସାନା ଏ଼ ପାରୁସି କାବା ଆ଼ତେସି । **୩୯**
ଏଚେଟିଏ ପ୍ରବୁ ଏ଼ୱାଣାଇଁ ଏଲେଇଚେସି, "ମୀ ପାରୁସିୟାଁତେରି ଗିନାୟାଁ
ଅ଼ଡ଼େ ସାଡ଼୍ୱାୟାଁ ପାଙ୍ଗାତା ନର଼ହି ମାଞ୍ଜେରି, ସାମା ମୀ ବିତ୍ରା ଜୂପ୍‌କା
ଅ଼ଡ଼େ ଲାଗେଏତାୟି ନେଞ୍ଜାମାନେ । **୪୦** ଆଡ଼େ ବୁଦି ହିଲାଆଗାଟାତେରି,
ଆମ୍ବାଆସି ପାଙ୍ଗାତାଣି ଗ଼ାଡ଼ିକିତେସି, ଏ଼ୱାସି ବିତ୍ରାତାଣି ଜିକେଏ ଗ଼ାଡ଼ି
କିହାହିଲଅସି କି? **୪୧** ସାମା ମୀ ସାଡ଼୍ୱାୟାଁ ଅ଼ଡ଼େ ଗିନାୟାଁଣା ମାନାଣି
ହିଲାଆ ଗାଟାରାକି ହୀତିହିଁ ମିଙ୍ଗେତାକି ବାରେଏ ଅଟ୍‌ହାୟି ଆ଼ନେ ।"
**୪୨** ସାମା ଆୟ଼ତା ଡଣ୍ତ୍ର ପ଼ାଣ୍ନି ପାରୁସିୟାଁତେରି, ଇଚିହିଁ ମୀରୁ ହାର୍ସୁ,
ର଼ାୟି ଇଞ୍ଜୁଁ ବାରେ କୁଚାତି ଦସ ବ଼ାଗାଟି ର଼ ବ଼ାଗା ହୀହିମାଞ୍ଜେରି, ସାମା
ନୀହାଁୟିତା ଅ଼ଡ଼େ ମାହାପୂରୁତି ଜୀୱୁ ନ଼ନି ତ଼ାଣା ଅଣ୍ପି ହିଲଅତେରି;
ସାମା ଇ ବାରେ ମ଼ାନୱି ଆ଼ହାନା ଏଟ୍‌କାତାଣି ହେଲା ଆ଼ନାୟି ହିଲେଏ
। **୪୩** "ଆୟ଼ତା ଡଣ୍ତ୍ର ପ଼ାଣ୍ନି ପାରୁସିୟାଁତେରି, ଇଚିହିଁ ମୀରୁ ମାହାପୂରୁ
ଇଲୁତା କାଜା ଟ଼ାୟୁ ଇଞ୍ଜୁଁ ହ଼ାଟା ବାଜାରାତା ଜହରା ବେଟାଆ଼ହାଲି
ନେହେଁ ଅଣ୍ପିଦେରି । **୪୪** ଆୟ଼ତା ମୀରୁ ଡଣ୍ତ୍ର ବେଟା ଆ଼ନାତେରି,
ଇଚିହିଁ ମୀରୁ ତ଼ଞ୍ଜା ଆ଼ଆଗାଟି ମାଡ଼୍ହା ମୁହ୍‌ନି ଟ଼ାୟୁଲେହେଁ ତାତେରି;
ଇଚିହିଁ ପୁନାଆନା ଲ଼କୁ ଲାକ ତାକି ମାନେରି ।" **୪୫** ଏଚେଟିଏ ମ଼ସାତି
ର଼ମେରାପୁନାରି ବିତ୍ରାଟି ରଅସି ଏଲେଇଚେସି, "ଏ଼ ଗୂରୁ ନୀନୁ ଏଲେଇଞ୍ଜି
ମାଙ୍ଗେ ଲାଜା କିହିମାଞ୍ଜାଦି ।" **୪୬** ଜୀସୁ ଏଲେଇଚେସି, ଆୟ଼ତା ମ଼ସାତି
ର଼ମେରା ପୁନାତେରି ମୀରୁ, ମୀରୁ ଜିକେଏ ଡଣ୍ତ୍ର ବେଟାଆ଼ଦେରି, ଇଚିହିଁ
ମୀରୁ ମାଣ୍ସିୟାଁ ଲାକ ବ଼ଜୁଗାଟି କ଼ାସ୍‌କା ଏକ଼ହି ମାଞ୍ଜେରି ଅ଼ଡ଼େ ଏ଼ ବ଼ଜୁତି
ମୀରୁ ର଼ ୱାଞ୍ଜୁ ତଲେ ଜିକେଏ ଡୀଗଅତେରି । **୪୭** ଆୟ଼ତା ଡଣ୍ତ୍ର ବେଟା
ଆ଼ନାତେରି ମୀରୁ ମାହାପୂରୁ ଅଣ୍ପୁତି ବ଼ଲୁ ୱେହ୍‌ନାରାଇଁ ପ଼ାୟାନା ଏ଼ୱାରି
ମାଡ଼୍ହା ମୁହ୍‌ନି ଟ଼ାୟୁ ତିୟାରା କିହିମାଞ୍ଜେରି । **୪୮** ଇଚିହିଁ ମୀରୁ ମୀ ଆକୁ
ଆ଼ବାୟାଁ କାମାତା ସ଼ାକି ତ଼ସି ମାଞ୍ଜେରି ଇଞ୍ଜୁଁ ଏ଼ୱାରିଲେହେଁ ଆ଼ହିମାଞ୍ଜେରି;
ଇଚିହିଁ ଏ଼ୱାରିସାଁ ଏ଼ୱାରାଇଁ ପ଼ାୟାମାଚେରି, ସାମା ମୀରୁ ଏ଼ୱାରି ମୁହ୍‌ନି
ଟ଼ାୟୁତି କାତିୟାଁ ନିପ଼ହି ମାଞ୍ଜେରି । **୪୯** ଇଦାଆଁତାକି ମାହାପୂରୁ ଜିକେଏ
ତାନି ବୁଦିତଲେ ଏଲେଇଞ୍ଜା ମାନେସି, ନ଼ାନୁ ଏ଼ୱାରି ନ଼କିତା ମାହାପୂରୁ
ଅଣ୍ପୁତି ବ଼ଲୁ ୱେହ୍‌ନାରାଇଁ ଅ଼ଡ଼େ ପାଣ୍ତୱି ଆ଼ହାମାନାରାଇଁ ପାଣ୍ତିଇଁ;
ଏ଼ୱାରି ବିତ୍ରାଟି ଆମ୍ବା ଆମ୍ବାଆରାଇଁ ପ଼ାୟିନେରି ଇଞ୍ଜୁଁ ନିନ୍ଦ୍ବା କିନେରି,
**୫୦** ଇ ଜୁଗୁତି ଲ଼କୁ ଦାର଼ତି ଗ଼ାଡ଼ି ଆ଼ତି ନ଼କେଏଟିଏ ବାରେ ମାହାପୂରୁ
ଅଣ୍ପୁତି ବ଼ଲୁ ୱେହ୍‌ନାରି ପ଼ାୟିତାକି ଡଣ୍ତ୍ର ବେଟାଆ଼ନେରି, **୫୧** ଏ଼ନିକିଁ
ହେବଲଇଁ ପ଼ାୟିତି ଦିନାଟିଏ ଜିକରିୟ଼ ପାତେକା ଆମ୍ବାଆରାଇଁ ମାହାପୂରୁ
ଇଲୁତି ଡ଼ାକିନି ପିଣ୍ତ୍ରା ଅ଼ଡ଼େ ସୁଦୁ ବାକ୍ରା ମାଦିଏ ପ଼ାୟ଼ୱି ଆ଼ହାମାଚେ ।
ହାଅ, ନ଼ାନୁ ମିଙ୍ଗେ ସାତା ୱେସିମାଞ୍ଜାଇଁ, ଏ଼ଦାନି ବାଦୁଲି ଇ ଜୁଗୁତି ଲ଼କୁ
ଏ଼ ବାରେତାକି ଡଣ୍ତ୍ର ବେଟାଆ଼ନେରି । **୫୨** ଆୟ଼ତା ଡଣ୍ତ୍ର ପ଼ାଣ୍ନି ର଼ମେରା
ପୁନାତେରି ମୀରୁ, ଇଚିହିଁ ବୁଦି ଦେନି କୁଚିତି ଅ଼ହାମାଞ୍ଜେରି; ମୀରୁତ ହ଼ଡି
ହିଲଅତେରି ସାମା ହ଼ଡାଲି ଅଣ୍ପି ମାନାରାଇଁ ଆ଼ଂଗିମାଞ୍ଜେରି । **୫୩** ଜୀସୁ
ଏ଼ ଇଜଟି ହାଜାଲିଏ ପାରୁସିୟାଁ ଅ଼ଡ଼େ ର଼ମେରାପୁନାରି ହ଼ାରେକା ଡ଼ାହାରା

ଆ଼ହାନା । ୫୪ ଏ଼ୱାଣି ଜ଼ଲିନି ହ଼ାଡାତା ଦ଼ହ ଆସାଲି ଏ଼ୱାଣାଇଁ ହ଼ାରେକା
କାତା ୱେଚେରି ।

**୧୨** ଏଚିବେ଼ଲାତା ମ଼ାଣା ମ଼ାଣା ଲ଼କୁ ରୁଣ୍ଡା ଆ଼ହାନା ୱିସ୍‌ପି
ଆ଼ହିମାଚେରି; ଏଚିବେ଼ଲା ଏ଼ୱାସି ନ଼କେଏ ତାନି ସୀସୁୟାଁଇଁ
ଏଲେଇଚେସି, ପାରୁସିୟାଁ ଲାଗେଏତି କୁଟୁଗାଟି ତ଼ାଣାଟି ଜାଗ୍ରାତା ଆ଼ହାନା
ମାଞ୍ଜୁ । ୨ ସାମା ଏ଼ନାୟି ତ଼ଞ୍ଜା ଆ଼ଏ, ଇଲେକିଁ ପ୍ଡିପ୍‌କି ଆ଼ହା ହିଲେଏ,
ଅ଼ଡେ଼ ଏ଼ନାୟି ପୁନାଆ଼ରେଟୁ ଇଲେକିଁ ଡୁଗାମାନାୟି ଏ଼ନାୟି ହିଲେଏ ।
୩ ଇଚିହିଁ ମୀରୁ ଏ଼ନା ଏ଼ନାଆଁ ଆନ୍ଦେରିତା ୱେସାମାଞ୍ଜେରି, ଏ଼ ବାରେ
ଉଜେଡ଼ିତା ୱେଣ୍‌ମ୍ବିଆ଼ନେ, ଏ଼ନା ଏ଼ନାଆଁ ପୁନାଆ ଋେଟୁ ଇଲୁ ବିତ୍ରା
ଡୁଗାନା ୱେସାମାଞ୍ଜେରି, ଏ଼ଦାଆଁ ଇଲୁ ତୂଡ଼ିୟାତା ଋେପ୍‌କି ଆ଼ନେ । ୪
ଇଚିହିଁ ନ଼ା ତ଼ଣେସିଙ୍ଗାତେରି ମୀରୁ, ନ଼ାନୁ ମିଙ୍ଗେ ୱେସିମାଞ୍ଜାଇଁ, “ଆମ୍ବାଆରି
ଆଙ୍ଗାତି ପ଼ାୟିନେରି ସାମା ଡ଼ାୟୁ ଏ଼ନାଆଁ କିହାଲି ଆ଼ଡଅରି, ଏ଼ୱାରାଇଁ
ଆଜାଆଦୁ । ୫ ସାମା ଆମ୍ବାଆରାଇଁ ଆଜିଦେରି ଏ଼ଦାଆଁ ମିଙ୍ଗେ ୱେସ୍ତାଇଁ;
ପ଼ାୟିତି ଋେଚ ହିଚୁ ଗ଼ାଡ଼୍‌ୟୁତା ମେତ୍‌ହାଲି ଆମ୍ବାଆରି ଅଦିକାରା ମାନେ,
ଏ଼ୱାଣାଇଁ ଆଜାଦୁ; ହାଅ ନ଼ାନୁ ନିଙ୍ଗେ ସାତା ୱେସିମାଞ୍ଜାଇଁ, ଏ଼ୱାଣାଇଁ
ଆଜାଦୁ ।” **(Geenna g1067)** ୬ ପ଼ାସାଗଟା ଜେତା ପଟାୟାଁ ରୀ କ଼ାନି
ତାକି ପାର୍‌ପି ଆ଼ଉ କି? ଆ଼ତିଜିକେଏ ଏ଼ୱାସିକା ବିତ୍ରାଟି ରଣ୍ଡାଣି ଜିକେଏ
ମାହାପୂରୁ ବ଼ାଣା ଆ଼ଅସି । ୭ ସାମା ମୀ ତ଼ାୟୁଁତି ବାରେ ବ଼ାଣାୟାଁ
ଜିକେଏ ଏଜିକିୱି ଆ଼ହାମାନୁ । ଆଜା ଆ଼ଦୁ; ଏ଼ନାଆଁତାକି ଇଚିହିଁ ମୀରୁ
ଜେତା ପଟାୟାଁ କିହାଁ ହ଼ାରେକା ଦାରା ଗାଟାତେରି । ୮ “ଅ଼ଡେ଼, ନ଼ାନୁ
ମିଙ୍ଗେ ୱେସିମାଞ୍ଜାଇଁ, ଆମ୍ବାଆସି ଲ଼କୁ ନ଼କିତା ନାଙ୍ଗେ ଋେକ୍‌ହାନେସି,
ମାଣ୍‌ସି ମୀର୍‌ଏସି ଜିକେଏ ମାହାପୂରୁତି ଦୂତୁୟାଁ ନ଼କିତା ଋେକ୍‌ନେସି
। ୯ ସାମା ଆମ୍ବାଆସି ଲ଼କୁ ନ଼କିତା ନାଙ୍ଗେ ଋେକ୍‌ହଅସି, ଏ଼ୱାଣାଇଁ
ଜିକେଏ ମାହାପୂରୁ ଦୂତୁୟାଁ ନ଼କିତା ଋେକ୍‌ଅସି । ୧୦ ଇଞ୍ଜାଁ ଆମ୍ବାଆସି
ମାଣ୍‌ସି ମୀର୍‌ଏଣା କ଼ପାଟି ଜ଼ଲିନେସି, ଏ଼ୱାଣି ପ଼ାପୁ ମେଣ୍‌ଗ୍ନିନେ; ସାମା
ଆମ୍ବାଆସି ସୁଦୁଜୀୱୁ କ଼ପାଟି ନିନ୍ଦା କାତା ଜ଼ଲିନେସି, ଏ଼ୱାଣି ପ଼ାପୁ
ମେଣ୍‌ଙ୍ଗେଏ । ୧୧ ଏଚିବେ଼ଲା ଏ଼ୱାରି ମିଙ୍ଗେ ଜୀହୁଦି ଲ଼କୁତି କୁଟମି
ଇଲ୍‌କାଣା, ସ଼ାଲୱି କିନାରି ତ଼ାଣା ଇଞ୍ଜାଁ ଅଦିକାରା ବେଟା ଆ଼ହାମାନାରି
ତ଼ାଣା ଅ଼ହାନା ନିପ୍‌ହାନେରି ଏଚିବେ଼ଲା ନ଼ା ୱାକିଟି ଆ଼ହାନା ଏ଼ନା ଏ଼ନାଆଁ
ଜ଼ଲିନମି ଇଞ୍ଜାଁ ଅଣ୍‌ପାଆଦୁ; ୧୨ ଇଚିହିଁ ଏ଼ନାଆଁ ଜ଼ଲିନାୟି ମାନେ, ଏ଼ଦାଣି
ଏଚିବେ଼ଲାତେଏ ସୁଦୁଜୀୱୁ ମିଙ୍ଗେ ଜ଼ାପ୍‌ହାନେସି ।” ୧୩ ଲ଼କୁ ମାନ୍ଦା
ବିତ୍ରାଟି ରଅସି ଜୀସୁଇଁ ଏଲେଇଚେସି, ଏ଼ ଗୂରୁ ନ଼ା ତାୟିଇଁ ମ଼ା ଆ଼ବାତି
ଦ଼ନ ବ଼ାଟି କିହାଲି ଏଲେଇଞ୍ଜା ହିୟାମୁ । ୧୪ ସାମା ଜୀସୁ ଏଲେଇଚେସି,
ଏ଼ ତାୟି ଆମ୍ବାଆସି ନାଙ୍ଗେ ମୀ ମୁହେଁ ନୀହାଁୟି କିହାଲି ମାଦି କିହାନା
ଆ଼ଚାମାଞ୍ଜାନେସି? ୧୫ ଇଞ୍ଜାଁ ଏ଼ୱାସି ଏ଼ୱାରାଇଁ ଏଲେଇଚେସି, ଜାଗ୍ରାତା,
ବାରେୱାକିତି ଜୂପ୍‌କାଟି ମିଙ୍ଗେ ଗେଲ୍‌ପିକିହା କଡାଦୁ, ଇଚିହିଁ ର଼ ମାଣ୍‌ସିତି
ଜୀୱୁ ତାନି ଦ଼ନତି ବ଼ାର୍ସୁ କିନେ । ୧୬ ଜୀସୁ ଏ଼ୱାରାଇଁ ଈ ପୁଣ୍‌ମ୍ବିକିନି
କାତା ୱେସ୍ତେସି, “ର଼ ସ଼ାୱୁକାରିକି ବୂମିତା ଗାଡି ତ଼ାସା କାମ୍ବିତେ । ୧୭
ଏମ୍ବାଟିଏ ଏ଼ୱାସି ମ଼ନ ମ଼ନତା ଅଣ୍‌ପାନା ଏଲେଇଚେସି, ‘ନ଼ାନୁ ନୀଏଁ
ଏ଼ନାଆଁ କିଇଁ? ନ଼ା ଆର୍ନା କୂଡ଼ି କିହାନା ଇଟାଲି ଟ଼ାୟୁ ହିଲେଏ ।’ ୧୮
ଅ଼ଡେ଼ ଏଲେଇଚେସି; ‘ନୀଏଁ ଇଲେ କିଇଁ ମାନି ଗ଼ାଦେୟିକା ରିକ୍‌ହାନା
କାଜାଆଁ କିହାନା ଏମ୍ବାଆଁ ଗ଼ହଁୟାଁ ଇଞ୍ଜାଁ ଏ଼ନି ଏ଼ନି ଆର୍ନା କୂଡ଼ି କିହାନା
ଇଟିଇଁ, ୧୯ ଅ଼ଡେ଼ ନ଼ା ଜୀୱୁତି ଏଲେଇଇଁ, ଏ଼ ଜୀୱୁ, ହ଼ାରେକା ବାର୍ସା ତାକି
ନିଙ୍ଗେ ତାକି ଗାଡି ଆର୍ନା କୂଡ଼ି କିୱିଆ଼ହାମାନେ, ନୀଏଟି ଜ଼ମାନା ମ଼ନକିତି
ଲେହେଁ ତିଞ୍ଜା ଉଣ୍ଡାନା ର଼ାହାଁ କିମୁ ।’ ୨୦ ସାମା ମାହାପୂରୁ ଏ଼ୱାଣାଇଁ
ଏଲେଇଚେସି, ଆଡେ଼ ବୁଦି ହିଲାଆଗାଟାତି, ନୀଞ୍ଜୁ ଲ଼ାଆଁୟାଁ ନୀ ଜୀୱୁ
ନୀ ତ଼ାଣାଟି ଅ଼ୱିଆ଼ନେ; ଏଚେଟିଏ ନୀନୁ କୂଡ଼ିକିହା ଇଟାମାନି ବାରେ
ଦ଼ନ ଆମ୍ବାଆରାୱାୟି ଆ଼ନେ ।” ୨୧ ଜୀସୁ ଏଲେଇଚେସି, “ଆମ୍ବାଆସି
ତାଙ୍ଗେତାକି ଦ଼ନ କୂଡ଼ି କିନେସି, ସାମା ମାହାପୂରୁ ତ଼ାଣା ଦ଼ନଗାଟାସି
ଆ଼ଅସି, ଏ଼ୱାସି ଈୱାଣି ଲେହେଁତାସି ।” ୨୨ ଜୀସୁ ତାନି ସୀସୁୟାଣି
ଏଲେଇଚେସି, ଈଦାଆଁତାକି ମିଙ୍ଗେ ୱେସିମାଞ୍ଜାଇଁ, ଏ଼ନାଆଁ ତିନାୟି,
ଇଲେକିଁ ମୀ ଜୀୱୁତାକି, ଏ଼ନାଆଁ ତୁର୍‌ନାୟି ଇଲେକିଁ ମୀ ଆଙ୍ଗା ତାକି
ଜିକେଏ ମୀରୁ ଅଣ୍‌ପାଆଦୁ । ୨୩ ଇଚିହିଁ ର଼ାନ୍ଦା କିହାଁ ଜୀୱୁ କାଜାୟି
ଅ଼ଡେ଼ ହିମ୍ବରିକା କିହାଁ ଆଙ୍ଗା କାଜାୟି । ୨୪ ପଟାୟାଁଣି ସିନିକିଦୁ,
ଏ଼ୱି ମାଟାଉ କି ଦ଼ାଉ, ଇଞ୍ଜାଁ ଏ଼ୱାସିକା ଗ଼ାଦେୟିକା ହିଲାଉ, ଅ଼ଡେ଼
ମାହାପୂରୁ ଏ଼ୱାସିକାକି ତିନି କ଼ାଦି ହୀନେସି; ମୀରୁ ପଟାୟାଁ କିହାଁ ଏଚେକା
କାଜାତେରି! ୨୫ ଅ଼ଡେ଼ ମୀ ବିତ୍ରାଟି ଆମ୍ବାଆତେରି ଅଣ୍‌ପି ଅଣ୍‌ପିହିଁ ମୀ
ଜୀୱୁତି ଆଗାଡ଼ା ପାଡିକିହାଲି ଆ଼ଡିଦେରି? ୨୬ ମୀରୁ ର଼ ଉଣା କାମାତି
କିହାଲି ଆ଼ଡିହିଲଅତେରି, ଆତିହିଁ ଏଟ୍‌କାତି କାତା ଏ଼ନାଆଁତାକି ଗାଡି
ଅଣ୍‌ପିମାଞ୍ଜେରି? ୨୭ ଜ଼ାଡ଼ାତି ପୂଙ୍ଗାଣି ସିନିକିହାଁ ଅଣ୍‌ପାଦୁ, ଏ଼ୱି ଏ଼ନି
କାମା କିଉ; ଆ଼ତିଜିକେଏ ନ଼ାନୁ ମିଙ୍ଗେ ୱେସିମାଞ୍ଜାଇଁ, ସଲମନକି ବାରେ
ଅ଼ଜିତାୟି ମାଚିହିଁ ଜିକେଏ ଏ଼ୱାଣାକି ଈ ପୂଙ୍ଗା ଏଚେକା ଅ଼ଜିତି ହିମ୍ବରିକା
ହିଲାଆତୁ । ୨୮ ଆମିନି ଜ଼ାଡ଼ା ନୀଞ୍ଜୁ ମାନେ, ୱିଏ ୱ଼ାୟା ହାନେ ଅ଼ଡେ଼
ହଲୁତା ହୂଡ଼୍‌କିଆ଼ନେ, ମାହାପୂରୁ ଏ଼ ଜ଼ାଡ଼ାତି ଇଲେତି ୱ଼ାଣା ହୀନେସି,
ଏ଼ନାଆଁ ଏ଼ୱାସି ମିଙ୍ଗେ ହିମ୍ବରିକା ପର୍‌ୱି କିୟଅସି? ମୀ ନାମୁ ଏଚେକା
ଉଣା! ୨୯ ଏ଼ଦାଆଁତାକି ଏ଼ନାଆଁ ତିନାୟି ଏ଼ନାଆଁ ଗହ୍‌ନାୟି, ଏ଼ଦାଆଁ ମୀରୁ
ପାରିହିଁ ଋେଆଦୁ କି ଅଣ୍‌ପାଆଦୁ, ୩୦ ଇଚିହିଁ ଦାର୍‌ତିତି ଜୀହୁଦିଆ଼ଆତାରି
ଏ଼ ବାରେ ପାରିହିଁ ଋେନେରି; ସାମା ଈ ବାରେ ମୀ ଲ଼ଡ଼ାମାନେ ଏ଼ଦାଆଁ
ମୀ ଲାକପୂରୁତି ଆ଼ବା ପୁଞ୍ଜାମାନେସି । ୩୧ ମୀରୁ ମାହାପୂରୁତି ର଼ାଜି
ପାରାଦୁ, ଆତିହିଁ ଈ ବାରେ ମିଙ୍ଗେ ହୀପ୍‌କିଆ଼ନେ । ୩୨ ଏ଼ ଉଣା ଋେଣ୍ଡା
ମାନ୍ଦାତେରି ଆଜାଆଦୁ, ଇଚିହିଁ ମିଙ୍ଗେ ଏ଼ ର଼ାଜିତି ହୀହାଲି ମୀ ଲାକପୂରୁତି
ଆ଼ବାକି ଏଚେକା ର଼ାହାଁ । ୩୩ ମୀରୁ ମୀ ଦ଼ନତି ପାର୍‌ଚାନା ହିଲାଆ
ଗାଟାରାକି ହୀଦୁ; ମୀରୁ ମିଙ୍ଗେତାକି ଇଲେତି ବଟ୍‌ୱା ଋେପାଦୁ; ଇଚିହିଁ
ଏମ୍ବିୟା ସ଼ରୁ ୱ଼ାଅସି ଅ଼ଡେ଼ ଲୀମ୍ବୁ ତିନେଏ ଇଲେତି ଲାକପୂରୁ ଦ଼ନ କୂଡ଼ି
କିଦୁ, ୩୪ ଇଚିହିଁ ଆମ୍ବିୟା ଦ଼ନ ଏମ୍ବେଏ ଜିକେଏ ମୀ ମ଼ନ ମାଞ୍ଜେମାନେ
। ୩୫ “ମୀ ଟେଡେଲି ଦସା କଡାନା ମାଞ୍ଜୁ ଅ଼ଡେ଼ ମୀ ଦୀୱଁୟାଁ ଡ଼ୀଞ୍ଜିହିଁ

ମାଣ୍ମୁ; ୩୬ ଅ଼ଡ଼େ ପ୍ରବୁ ବୀହା ଇଜ ହାଜାନା ୱେଣ୍ତା ୱ଼ାନାଟି ଏ଼ୱାଣାଇଁ
ଦ଼ାରା ଦେନମିୱା ଇଞ୍ଜେଁ କ଼ାଚାମାନାରି, ମୀରୁ ଜିକେଏ ଏ଼ୱାରିଲେହେଁ
କ଼ାଚାହାଁ ମାଞ୍ଜୁ । ୩୭ ପ୍ରବୁ ୱ଼ାହାନା ଆମିନି ହ଼ଲିୟାଡ଼୍ଗ୍ଣି ଜାଗ୍ରାତା ମାନାଣି
ମେହ୍ନେସି, ଏ଼ୱାରି ନେହେଁ; ନ଼ାନୁ ମିଡ୍ଗେ ସାତା ୱେସିମାଞ୍ଜାଇଁ, ଏ଼ୱାସି
ତାନି ଟେଡେଲି ରୂପାନା ଏ଼ୱାରାଇଁ ତିଞ୍ଜାଲି କୁଗି କିହାଁ ଡାଗେ ହାଜାନା
ସ଼େବା କିନେସି । ୩୮ ଅ଼ଡ଼େ ଏ଼ୱାସି ମାଦି ଲା଼ଆଁୟାଁ କି ୱେୟା ର଼େକେରିତା
ଜିକେଏ ୱ଼ାହାନା ଏ଼ୱାରାଇଁ ଏଲେକିଁ କ଼ାଚାମାନାଣି ମେହ୍ନେସି ଏ଼
ହ଼ଲିୟାଡ଼୍ଗ୍ନେହେଁ । ୩୯ ସାମା ଇଦାଆଁ ପୁଞ୍ଜାମାଞ୍ଜୁ, ଆମିନି ର଼େବେଲାତା
ସ଼ରୁ ୱ଼ାନେସି, ଇଦାଆଁ ଇଲୁଗାଟାସି ପୁଚିହିଁ ଏ଼ୱାସି ତାନି କୂଡୁ ତୂଟ୍ହାଲି
ହୀଆତେସିମା । ୪୦ ମୀରୁ ଜିକେଏ ଜାଗ୍ରାତା ଆ଼ହାନା ମାଞ୍ଜୁ, ଇଚିହିଁ
ମୀରୁ ଆମିନି ର଼େବେଲାତା ଅଣ୍ପା ହିଲଅତେରି, ଏଚିର଼େବେଲାତା ମାଣ୍ସି
ମୀର୍ଏସି ୱ଼ାନେସି ।” ୪୧ ଏଚେଟିଏ ପିତର ଏଲେଇଚେସି, “ଏ଼ ପ୍ରବୁ
ନୀନୁ ପୁଣ୍ମ୍ବିକିନି କାତା ମାଡ୍ଗେ କି ବାରେତାକି ୱେସିମାଞ୍ଜି?” ୪୨ ପ୍ରବୁ
ଏଲେଇଚେସି, “ସ଼ାୱୁକାରି ତାନି ଇଲୁତି ଲ଼କୁତାକି ତାନି ର଼ାନ୍ବା କାଟୁତା
ର଼ାନ୍ବା ହୀହାଲି ତାନି ଗୁମୁସ୍ତା ପ଼ାଣା ହେର୍ପିନେସି, ଇଲେତି ଟିକାଣାଗାଟି
ଅ଼ଡ଼େ ବୁଦିଗାଟି ହ଼ଲେଏସି ଆମ୍ବାଆସି?” ୪୩ ପ୍ରବୁ ୱ଼ାହାନା ତାନି ଆମିନି
ହ଼ଲେଏଣାଇଁ ଏଲେ କିହିମାନାଣି ମେହ୍ନେସି ଏ଼ୱାସି ନେହେଁ । ୪୪ ନ଼ାନୁ
ମିଡ୍ଗେ ସାତା ୱେସିମାଞ୍ଜାଇଁ, ଏ଼ୱାସି ଏ଼ୱାଣାଇଁ ତାନି ବାରେ ଦ଼ନତି ମୁହେଁ
ଗୁମୁସ୍ତା କିହା ଇଟିନେସି । ୪୫ ସାମା ଏ଼ ହ଼ଲେଏସି ନ଼ା ସ଼ାୱୁକାରି ୱ଼ାନାୟି
ମାନେୟିଏ ଇଞ୍ଜେଁ ମ଼ନତା ଅଣ୍ପାନା ହ଼ଲିୟାଡ଼୍ଗା ହ଼ଲେଣିସିକାଣି ର଼େଚାଲି
ଇଞ୍ଜାଁ ତିଞ୍ଜି ଉଣ୍ତିହିଁ କ଼ାଡୁ ହ଼ଚାଲି ମ଼ାଟ୍ନେସି, ୪୬ ଆତିହିଁ ଏମିନି ଦିନା
ହ଼ଲେଏସି କ଼ାଚାହିଲଅସି ଇଞ୍ଜାଁ ଏମିନି ର଼େବେଲା ଏ଼ୱାସି ପୁଞ୍ଜାହିଲଅସି,
ଏ଼ ଦିନା ଏ଼ ର଼େବେଲାତା ତାନି ପ୍ରବୁ ୱ଼ାନେସି, ଇଞ୍ଜାଁ ଏ଼ୱାସି ଏ଼ୱାଣାଇଁ ରୀ
ବ଼ାଗା କିହାନା ନାମୁ ହିଲାଆଗାଟାରି ତଲେ ଏ଼ୱାଣାଇଁ କାଲ୍ନେସି । ୪୭
ଅ଼ଡ଼େ ଆମିନି ହ଼ଲେଏସି ତାନି ସ଼ାୱୁକାରିତି ମ଼ନ ଅଣ୍ପାନା ଜାଗ୍ରାତା
ଆ଼ଅସି କି ଏ଼ୱାଣି ମ଼ନତଲେ କାମା କିଅସି, ଏ଼ୱାସି ଗାଡି ମ଼ାଡା ବେଟା
ଆ଼ନେସି; ୪୮ ସାମା ଆମ୍ବାଆସି ପୁନାଆନା ମ଼ାଡା ପ଼ାଣ୍ନି କାମା କିନେସି,
ଏ଼ୱାସି ଉଣା ମ଼ାଡା ବେଟା ଆ଼ନେସି । ଆମ୍ବାଆରାକି ଗାଡି ହୀପ୍କି
ଆ଼ହାମାନେ, ଏ଼ୱାଣି ତ଼ାଣାଟି ହ଼ାରେକା ରୀହ୍ନାୟି ମାନେ; ଇଞ୍ଜାଁ ଲ଼କୁ
ଆମ୍ବାଆରାକି ଗାଡି ହୀହାମାନେରି ଏ଼ୱାଣି ତ଼ାଣାଟି ହ଼ାରେକା ଆଗାଡ଼ା
ରୀହ୍ନେରି । ୪୯ “ନ଼ାନୁ ଇ ଦାର୍ତିତା ହିଚୁ ପ୍ରତ୍ହାଲି ୱ଼ାହାମାଇଁ, ଇଦି
ନୀଏଁ ଗୁଦୁ ଗୁଦୁ ଆ଼ହିମାନେ ଆତିହିଁ ନାଡ୍ଗେ ଏ଼ନି ଅଣ୍ପୁ? ୫୦ ସାମା
ନ଼ାନୁ ର଼ ବାପ୍ତିସ୍ମ ପ଼ାଣ୍ନାୟି ମାନେ, ଅ଼ଡ଼େ ଏ଼ଦି ର଼ାଆ ପାତେକା ନାଡ୍ଗେ
ଏଚେକା କସ୍ତ ହ଼ଚି ମାଞ୍ଜାନେ । ୫୧ ନ଼ାନୁ ଦାର୍ତିତା ହିଡ଼୍ଡ଼ି ହୀହାଲି
ୱ଼ାହାମାଇଁ ଇଞ୍ଜେଁ ମୀରୁ ଅଣ୍ପିମାଞ୍ଜେରି? ନ଼ାନୁ ମିଡ୍ଗେ ୱେସିମାଞ୍ଜାଇଁ, ଆ଼ଏ,
ବ଼ାଗା କିହାଲି ୱ଼ାହାମାଇଁ । ୫୨ ଇଚିହିଁ ର଼ ଇଜ ପ଼ାସାଜ଼ାଣା ମାନେରି,
ରିଆରି କ଼ପାଟି ତୀନିଜ଼ାଣା ଅ଼ଡ଼େ ତୀନିଜ଼ାଣା କ଼ପାଟି ରିଆରି ଏଟ୍କା
ଆ଼ନେରି । ୫୩ ମୀର୍ଏଣା କ଼ପାଟି ତାଞ୍ଜି, ତାଞ୍ଜି କ଼ପାଟି ମୀର୍ଏସି, ମ଼ାଡ୍ଗା
କ଼ପାଟି ତାଲି, ତାଲି କ଼ପାଟି ମ଼ାଡ୍ଗା, କୁଡ଼ିୟାନି କ଼ପାଟି ପ଼ୟା, ଅ଼ଡ଼େ
ପ଼ୟା କ଼ପାଟି କୁଡ଼ିୟା ଏଟ୍କା ଆ଼ନୁ ।” ୫୪ ଇଞ୍ଜାଁ ଏ଼ୱାସି ଲ଼କୁଣି ଜିକେଏ
ଏଲେଇଚେସି, “ୱେଡ଼ା କୂଡ଼୍ନିୱାକି ହ଼ାଗୁ ନିଡ୍ଗି ମାନାଣି ମେସ୍ତିସାରେ
ଦେବୁଣିଏ ଏଲେଇଞ୍ଜେରି ପିୟୁ ୱ଼ାନେ, ଅ଼ଡ଼େ ଏଲେକିହିଁଏ ଆ଼ନେ; ୫୫
ଅ଼ଡ଼େ ଟିଃନି ୱାକିଟି ଗ଼ାଲି ୱେନାଣି ମେସ୍ତିସାରେ ମୀରୁ ଏଲେଇଞ୍ଜେରି,
ଗାଡି କାରା ଆ଼ନେ, ଅ଼ଡ଼େ ଏଲେଏ ଆ଼ନେ । ୫୬ ଆଡ଼େ କୁଟୁ ଗାଟାତେରି,
ମୀରୁ ଦାର୍ତି ଅ଼ଡ଼େ ହ଼ାଗୁତି ସିନାୟାଁ ପୁଞ୍ଜିମାଞ୍ଜେରି, ସାମା ଇ କ଼ାଲାତି
ସିନାୟାଁ ଏ଼ନିଲେହେଁତାଇ ପୁଞ୍ଜି ହିଲଅତେରି?” ୫୭ ଏ଼ନାଆଁ କିନାୟିମାନେ
ଇଞ୍ଜେଁ ମୀରୁ ଏ଼ନାଆଁତାକି ମୀ ବିତ୍ରା ନୀହାଁୟି କିହିହିଲଅତେରି? ୫୮
ଇଚିହିଁ ମୀ ଗଡ଼୍ହା ଆ଼ତାଣି ତଲେ ନୀହାଁୟି କିନାଣି ତ଼ାଣା ହାନିର଼େବେଲାତା
ଜିରୁତେଏ କାଲ୍ୱିଆ଼ନି ଉପେୟି ଅଣ୍ପାମୁ, ଏଲାଆ଼ଆତିହିଁ ଏ଼ୱାସି ନିଡ୍ଗେ
ଅ଼ଡ଼େ ୱେଣ୍ତେ ନୀହାଁୟି କିନାଣି ତ଼ାଣା ରେଜା ଅୟାନେସି, ଅ଼ଡ଼େ ନୀହାଁୟି
କିନାସି କ଼ସ୍କା କେୟୁତା ହେର୍ପାନେସି, ଅ଼ଡ଼େ କ଼ସ୍କା ନିଡ୍ଗେ କ଼ାୟିଦି
ଇଲୁତା ଇଟାନେରି । ୫୯ ନ଼ାନୁ ମିଡ୍ଗେ ୱେସିମାଞ୍ଜାଇଁ, “ମୀରୁ ର଼ କ଼ାନି
ଜିକେଏ ପିହ୍ଆନାହା ହୀତିହିଁଦେଁ ଏମ୍ବାଟି ହ଼ଚା ୱ଼ାହାଲି ଆ଼ଡିଦେରି ।”

**୧୩** ଏଚିର଼େବେଲାତା ଏଚେକା ଲ଼କୁ ୱ଼ାହାନା, ପିଲାତ ଏମିନି ଗାଲିଲି
ଲ଼କୁତି ନେଟେରି ଏ଼ୱାରି ପୂଜା ତଲେ ଆଟ୍ହାମାଚେସି, ଏ଼ କାତା
ଜୀସୁଇଁ ୱେସ୍ତେରି । ୨ ଏମ୍ବାଟିଏ ଜୀସୁ ଏ଼ୱାରାଇଁ ଏଲେଇଚେସି, “ଏ଼
ଗାଲିଲିତାରି ଡଣ୍ତ ବେଟାଆ଼ହାଲିଏ ଏ଼ୱାରି ଅ଼ର ଗାଲିଲିତାରି କିହାଁ
ହ଼ାରେକା ପ଼ାପୁ ଗାଟାରି ଇଞ୍ଜେଁ ମୀରୁ ଅଣ୍ପିମାଞ୍ଜେରି? ୩ ନ଼ାନୁ ମିଡ୍ଗେ
ୱେସିମାଞ୍ଜାଇଁ, ଏଲେକିଁ ଆ଼ଏ, ସାମା ମୀରୁ ମ଼ନ ୱେଟ୍ଆତିହିଁ ବାରେଜ଼ାଣା
ତେରି ଏ଼ୱାରିଲେହେଁ ହ଼ାଦେରି । ୪ ସିଲହତା ଆମିନି ଅଟର ଜ଼ାଣାତି ଲାକ
ପାଡାଆ଼ତି କ଼ଟା ଇଲୁ ରିହାନା ହ଼ାତେରି, ଏ଼ୱାରି ବାରେଜ଼ାଣା ଜିରୁସାଲମତି
ଲ଼କୁ କିହାଁ ହ଼ାରେକା ପ଼ାପୁ ଗାଟାରି ଇଞ୍ଜେଁ ମୀରୁ ଅଣ୍ପିମାଞ୍ଜେରି? ୫ ନ଼ାନୁ
ମିଡ୍ଗେ ୱେସିମାଞ୍ଜାଇଁ, ଏଲେକିଁ ଆ଼ଏ, ମୀରୁ ମ଼ନ ୱେଟ୍ଆତିହିଁ ବାରେଜ଼ାଣା
ତେରି ଏଲେକିହିଁଏ ନ଼ାସା ଆ଼ଦେରି ।” ୬ ଜୀସୁ ଇ ପୁଣ୍ମ୍ବିକିନି କାତା
ୱେସ୍ତେସି, ରଅଣି ଅଙ୍ଜୁରି ବ଼ାଡ଼ାତା ର଼ ତ଼ୟା ମ଼ାର୍ନୁ ଉହି ଆ଼ହାମାଚେ ।
ଏ଼ୱାସି ୱ଼ାହାନା ପ଼ାଡ଼େୟି ପାରୀତେସି ସାମା ମେଡ଼ାଆ଼ଆତେସି । ୭
ଇଞ୍ଜାଁ ଏ଼ୱାସି କାମା କିନାଣାଇଁ ଏଲେଇଚେସି, “ମେହ୍ମୁ ନ଼ାନୁ ତୀନି ବାର୍ସା
ଆ଼ତେୟିଏ ଇ ତ଼ୟା ମ଼ାର୍ନୁତା ୱ଼ାହାନା ପ଼ାଡ଼େୟି ପାରିମାଇଁ, ସାମା ମେଡ଼ା
ଆ଼ହି ହିଲଅଁ; ଏ଼ଦାଣି ଟୂଣ୍ହା ତୁହ୍ମୁ, ଇଦି ଏ଼ନାଆଁତାକି ବୂମିତି ପ଼ାଡ଼ିୟା
କିନେ?” ୮ ସାମା କାମାକିନାସି ଏଲେଇଚେସି, “ପ୍ରବୁ ଇଦି ଇୟନା ତାକି
ମାଣ୍ମ୍ବେ, ନ଼ାନୁ ଇଦାଣି ସ଼ାରିସୁଟୁ କ଼ାର୍ହାନା ଗାତା ହୀଇଁ, ୯ ଅ଼ଡ଼େ ଡ଼ାୟୁ
ପ଼ାଡ଼େୟି ଆ଼ୟିତିହିଁ ନେହେଁ ଆ଼ୟାଆତିହିଁ ଏ଼ଦାଣି ଟୂଣ୍ହା ତୁହ୍ମୁ ।” ୧୦
ର଼ ଦିନା ଜୀସୁ ଜ଼ମିନି ଦିନା ର଼ ଜୀହୁଦି ଲ଼କୁତି କୁଟମି ଇଲୁତା ଜ଼ାପ୍ହି
ମାଚେସି । ୧୧ ଏମ୍ବାଆଁ ର଼ ଇୟା ମାଚେ, ଏ଼ଦି ଅଟର ବାର୍ସା ପାତେକା
ପ଼ଲ୍ଆ ବୂତୁ ତଲେ କସ୍ତ ଆ଼ହିମାଚେ, ଏ଼ଦି ଟୁଡୁୱା ଆ଼ହାନା ସଲ୍କେ
ଆ଼ହିଁ ତ଼ାକାଲି ଆ଼ଡିହିଲାଆତେ । ୧୨ ଜୀସୁ ଏ଼ଦାନି ମେସାନା ଡାଗେ

ହ଼ାଟାନା ଏଲେଇଚେସି, “ଏ଼ ଇୟା ନୀନୁ ନୀ ଆ଼ଡାଆ କସ୍ତୁଟି ନେହିଁ
ଆ଼ତି ।” **୧୩** ଅ଼ଡ଼େ ଏ଼ୱାସି ଏ଼ଦାନିଲେକ କେୟୁ ଇଟିତେସି, ଏମ୍ବାଟିଏ
ଏ଼ଦି ଏ଼ ଦେବୁଣିଏ ସଲ୍‌କେ ଆ଼ହାନା ମାହାପୂରୁତି ଜହରା କିତେ । **୧୪**
ସାମା ଜୀସୁ ଜ଼ମିନି ଦିନାତା ନେହିଁ କିହିମାଚାକି ଜୀହୁଦି ଲ଼କୁତି କୁଟମି
ଇଲୁତି କାଜାସି କାର୍‌ବି ଆ଼ହାନା ଲ଼କୁଣି ଏଲେଇଚେସି, “କାମା କିହାଲି
ସ଼ ଦିନା ମିଞ୍ଜେ ମାନେ; ଏ଼ଦାଣିତାକି ସ଼ ଦିନା ନେହିଁ ଆ଼ହାଲି ୱା଼ଦୁ, ଜ଼ମିନି
ଦିନାତା ୱା଼ଆଦୁ ।” **୧୫** ସାମା ପ୍ରବୁ ଏ଼ୱାଣାଇଁ ଏଲେଇଚେସି, “ଆଡ଼େ଼
କୁଟୁ ଗାଟାତେରି, ମୀରୁ ବାରେଜ଼ାଣା ତେରି ଜ଼ମିନି ଦିନାତା ମୀ କ଼ଡି କି
ଗା଼ଡ଼୍‌ଦେତି ହା଼ଅଲାଟି ଅ଼ହାନା ଏ଼ୟୁ ଉଟ୍‌ହି ହିଲଅତେରି କି? **୧୬** ଅଟର
ବାର୍ସା ପାତେକା ସୟତାନ ତ଼ାଣାଟି ଦସ୍‌ପି ଆ଼ହାମାନି ଅବ୍ରାହାମ କୂଡ଼ାତି
ଈ ଇୟାନି ଜ଼ମିନି ଦିନାତା ନେହିଁକିନାୟି ହିଲାଆତେ କି?” **୧୭** ଏ଼ୱାସି ଈ
ବାରେ କାତା ୱେସାଲିଏ, ତାନି ସାତ୍ରୁୟାଁ ବାରେ ଲାଜା ବେଟାଆ଼ତେରି,
ସାମା ଜୀସୁ କିହାମାନି କାମା ମେସାନା ଲ଼କୁ ରା଼ହାଁ ଆ଼ତେରି । **୧୮** ଜୀସୁ
ଏଲେଇଚେସି, “ମାହାପୂରୁ ରା଼ଜି ଏ଼ନିଲେହେଁତାୟି? ଆମ୍ବାରିତଲେ ଏ଼ଦାନି
ତୂକ୍‌ଇଁ? **୧୯** ଏ଼ଦି ଇଲେତି ର଼ ହାର୍ସୁ ପା଼ଡ଼େୟି ଲେହେଁ, ଏ଼ଦାଆଁ ଅ଼ହାନା
ରଅସି ତାନି ବା଼ଡ଼ାତା ମାଟିତେସି, ଅ଼ଡ଼େ ଏ଼ଦି ପାଡାଆ଼ହାନା ର଼ ମା଼ର୍‌ନୁ
ଆ଼ତେ, ଅ଼ଡ଼େ ହା଼ଗୁ ଲାକ ଉମ୍ବିନି ପଟାୟାଁ ୱା଼ହାନା ଏ଼ କମାତା ବାସା କିତୁ
।” **୨୦** ଜୀସୁ ଅ଼ଡ଼େ ଏଲେଇଚେସି, “ନା଼ନୁ ଆମ୍ବାରିତଲେ ମାହାପୂରୁତି
ରା଼ଜି ତୂକ୍‌ଇଁ? **୨୧** ଏ଼ଦି ପୁଲା ଏ଼ୟୁଲେହେଁତାୟି, ର଼ ଇୟା ତୀନିମା଼ଣା
ଗୁଣ୍ଡ୍ରାତା କାଲ୍‌ହା ଇଟିତେ, ଡା଼ୟୁ ବାରେ ଗୁଣ୍ଡ୍ରା ପୁଲା ଆ଼ତେ ।” **୨୨** ଡା଼ୟୁ
ଜୀସୁ ଗା଼ଡ଼ାତାକି ଗା଼ଡ଼ା ନା଼ୟୁଁ ତାକି ନା଼ୟୁଁ ରେ଼ଜିହିଁ ଜା଼ପ୍‌ହିହିଁ ଜିରୁସାଲମ
ୱାକି ହାଜିମାଚେସି । **୨୩** ରଅସି ଏ଼ୱାଣାଇଁ ୱେଚେସି, “ପ୍ରବୁ ଗେଲ୍‌ପି
ଆ଼ନାରି ୱାର୍‌ଇ ଇଚରା ଜା଼ଣାକି?” ଜୀସୁ ଏ଼ୱାରାଇଁ ଏଲେଇଚେସି, **୨୪**
“ଜୀୱୁ ତୂସାନା ଜାକ୍‌ଣି ଦୁୱେରିଟି ହାଜୁ; ଇଚିହିଁ ନା଼ନୁ ମିଞ୍ଜେ ୱେସିମାଞ୍ଜାଇଁ,
ହା଼ରେକା ହ଼ଡାଲି ଅଣ୍‌ପିନେରି, ସାମା ହ଼ଡାଲି ଆ଼ଡଅରି । **୨୫** ଇଲୁଗାଟାସି
ନିଙ୍ଗାନା ଦ଼ାରା ସୁଣ୍ଡ୍ରିତି ଡା଼ୟୁ ଏ଼ଚେତା ମୀରୁ ପାଙ୍ଗାତା ନିଚାନା ଦ଼ାରା
ଡୀ ଡୀ ୱେଚିହିଁ ‘ଏ଼ ପ୍ରବୁ ମାଙ୍ଗେତାକି ଦ଼ାରା ଦେତାମୁ’ ଇଞ୍ଜିଁ ହା଼ଟିଦେରି,
ଏ଼ଚେତା ଏ଼ୱାସି ମିଞ୍ଜେ ଏଲେଇଞ୍ଜାନେସି, ‘ମୀରୁ ଏମ୍ବିତାତେରି ନା଼ନୁ
ପୁଞ୍ଜାମାଞ୍ଜଅଁ ।’ **୨୬** ଏଚିର଼ବେଲା ମୀରୁ ଏଲେଇଞ୍ଜେରି, ‘ଏ଼ ପ୍ରବୁ ମା଼ମୁ ନୀ
ତଲେ ତିଚା ଉଟାତମି, ଅ଼ଡ଼େ ନୀନୁ ମା଼ ଆଂଗେଣିକାଣା ଜା଼ପ୍‌ହିମାଞ୍ଜାତି
।’ **୨୭** ଅ଼ଡ଼େ ଏ଼ୱାସି ମିଞ୍ଜେ ଏଲେଇଞ୍ଜାନେସି, ‘ମୀରୁ ଆମିନି ଟା଼ୟୁତି
ଲ଼କୁତେରି ନା଼ନୁ ପୁଞ୍ଜାମାଞ୍ଜଅଁ; ଏ଼ ଲାଗେଏ ପ଼ଲେଏ ତାତେରି ନା଼ ତ଼ାଣାଟି
ହେକ ଆ଼ଦୁ ।’ **୨୮** ଏଚିର଼ବେଲା ମୀରୁ ଅବ୍ରାହାମ, ଇସାହାକ, ଜାକୁବ
ଇଞ୍ଜାଁ ବାରେ ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାରାଇଁ ମାହାପୂରୁ ରା଼ଜିତା
ମାନାଣି ଅ଼ଡ଼େ ମିଞ୍ଜେ ପାଙ୍ଗାତା କୁତା ମାଞ୍ଜାନାଣି ଅଣ୍‌ପାନା ପାଲ୍‌କା ଟୀଟି
କିହିଁ ଡ଼ୀଦେରି । **୨୯** ଅ଼ଡ଼େ ହା଼ରେକା ଲ଼କୁ ର଼ୱେଡ଼ା ହ଼ପୁ ୱାକିଟି ଅ଼ଡ଼େ
ର଼ୱେଡ଼ା କୂଡ଼୍‌ନି ୱାକିଟି, ଟିଃନି ୱାକିଟି ର଼ଟେବ୍ରି ୱାକିଟି ୱା଼ହାନା ମାହାପୂରୁତି
ରା଼ଜିତି ବ଼ଜିତା କୁଗିନେରି । **୩୦** ଅ଼ଡ଼େ ମେହ୍‌ଦୁ ଡା଼ୟୁତା ମାନି କଚେକା
ନ଼କିତା ଆ଼ନେରି ଅ଼ଡ଼େ ନ଼କିତା ମାନି କଚେକା ଡା଼ୟୁତା ଆ଼ନେରି ।” **୩୧**
ଏଚିର଼ବେଲାତେଏ ଏଚରଜା଼ଣା ପାରୁସିୟାଁ ୱା଼ହାନା ଜୀସୁଇଁ ୱେସ୍ତେରି,
“ନୀନୁ ଈ ଟା଼ୟୁ ପିସାନା ହାଜାତୁହ୍‌ମୁ ଏ଼ନାଆଁତାକି ଇଚିହିଁ ହେରଦ ନିଞ୍ଜେ
ପା଼ୟାଲି ଅଣ୍‌ପିମାନେସି ।” **୩୨** ଜୀସୁ ଏ଼ୱାରାଇଁ ଏଲେଇଚେସି, “ମୀରୁ
ହାଜାନା ଏ଼ ନାକାଇଁ ୱେହ୍‌ଦୁ, ‘ମେହ୍‌ମୁ ନା଼ନୁ ନୀଞ୍ଜୁ ଅ଼ଡ଼େ ୱିଏ ବୂତୁୟାଁ
ପିସ୍‌ପି କିହିମାଇଁ ଅ଼ଡ଼େ ନେହିଁ କିହିମାଇଁ ଇଞ୍ଜାଁ ତୀନି ଦିନାଟିଏ ନା଼ କାମା
ରା଼ପ୍‌ଇଁ ।’ **୩୩** ଏ଼ନିଜିକେଏ ନୀଞ୍ଜୁ ୱିଏ ଅ଼ଡ଼େ ମାଏଁ ନାଞ୍ଜେ ତା଼କିହିଁ
ହାଜାଲି ଆ଼ନେ, ଇଚିହିଁ ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାସି ଜିରୁସାଲମ
ପିସ୍‌ପେ ପାଙ୍ଗାତା ହାନାୟି ନେହେଁ ଆ଼ଏ ।” **୩୪** “ଏ଼ ଜିରୁସାଲମ, ଏ଼
ଜିରୁସାଲମ ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାରାଇଁ ପା଼ୟିନାତି ଅ଼ଡ଼େ
ନୀ ତ଼ାଣା ପାଣ୍ଡ୍ରିୱି ଆ଼ହାମାନାରାଇଁ ୱାଲ୍‌କାତଲେ ୱେନାତି, ତାଲି କୟୁ
ଏ଼ନିକିଁ ତାନି ହୀପାୟାଁଣି ତାନି ମା଼ରାୟାଁ ଡ଼ଇ ଜ଼ଙ୍ଗିନେ, ଏଲେକିଁ ଏଚର
ଦେବା ନୀ ପ଼ଦି ପ଼ଦାତି ପ୍ଡିକ୍‌ହାନା ଇଟିଇଁ ଇଞ୍ଜିଁ ଅଣ୍‌ପିମାଚେଏଁ ସାମା
ମୀରୁ ଏଲେକିହାଲି ହିୟାଆତେରି । **୩୫** ମେହ୍‌ଦୁ ମୀ ଇଲୁ ମୀ କେୟୁତା
ହୀପ୍‌କି ଆ଼ହିମାଞ୍ଜାନେ; ଅ଼ଡ଼େ ନା଼ନୁ ମିଞ୍ଜେ ଏଲେଇଞ୍ଜିମାଞ୍ଜାଇଁ ମାହାପୂରୁ
ଦ଼ରୁଟି ଆମ୍ବାଆସି ୱା଼ହିମାନେସି ଏ଼ୱାସି ନେହାଁସି ଇଞ୍ଜିଁ ଏମିନି ର଼ନେଚୁ
ଈ କାତା ଏଲେଇଞ୍ଜେରି ଏ଼ ଦିନା ୱା଼ଆ ପାତେକା ମୀରୁ ଅ଼ଡ଼େ ନାଞ୍ଜେ
ମେସ୍ତୁଅତେରି ।”

**୧୪** ଜୀସୁ ର଼ ଜ଼ମିନି ଦିନା ରା଼ନ୍ଦ୍ବା ତିଞ୍ଜାଲି ପାରୁସିୟାଁ ବିତ୍ରାଟି ର଼
କାଜାଣି ଇଜ ହ଼ଡାଲିଏ ଏ଼ୱାରି ଏ଼ୱାଣାଇଁ ଦ଼ହ ଦସାଲି ପ଼ର୍‌ହି
ମାଚେରି । **୨** ଅ଼ଡ଼େ ମେହ୍‌ଦୁ ଏ଼ୱାଣି ନ଼କିତା କେସ୍କା କଡାୟାଁ ପଂଗିତାସି
ରଅସି ମାଚେସି । **୩** ଏମ୍ବାଟିଏ ଜୀସୁ ମ଼ସାତି ର଼ମେରାପୁନାରି ଅ଼ଡ଼େ
ପାରୁସିୟାଁଇଁ ଏଲେଇଚେସି, “ଜ଼ମିନି ଦିନାତା ରଅଣାଇଁ ନେହିଁକିନି ର଼ମେରା
ମାନେକି ଆ଼ଏ?” **୪** ଏମ୍ବାଟିଏ ବାରେଜ଼ାଣା ପାଲେଏ ଆ଼ତେରି । ଇଞ୍ଜାଁ
ଜୀସୁ ଏ଼ୱାଣାଇଁ ଡୀଗାହାଁ ନେହିଁ କିହାନା ମୀ ଇଜ ହାଲାମୁ ଇଞ୍ଜିଁ ହେଲ
ହୀତେସି । **୫** ଇଞ୍ଜାଁ ଏ଼ୱାସି ଏ଼ୱାରାଇଁ ଏଲେଇଚେସି, “ମୀ ବିତ୍ରାଟି
ଆମ୍ବାଆସି ମୀର୍‌ଏସି କି କ଼ଡି ଜ଼ମିନି ଦିନାତା କୁହିତା ରିତିହିଁ ଏ଼ ଦେବୁଣିଏ
ଡ଼େ଼ୱା କଡଅସି କି?” **୬** ଅ଼ଡ଼େ ଏ଼ୱାରି ଈ ବାରେ କାତା ୱେଞ୍ଜାନା
ଏ଼ନାଆଁ ଜ଼ଲାଲି ଆ଼ଡାଆତେରି । **୭** ବ଼ଜିତା ହା଼ଟ୍‌କି ଆ଼ହାମାଚାରି
ନେହିଁ ନେହିଁ ଟା଼ୟୁତା କୁଗାଲି ବାଚି କିହିମାଚାଣି ମେସାନା, ଏ଼ୱାରାଇଁ ର଼
ପୁଣ୍‌ମ୍ବିକିନି କାତା ୱେସ୍ତେସି, **୮** “ଏଚିର଼ବେଲା ରଅସି ମିଞ୍ଜେ ବୀହା ବ଼ଜିତା
ହା଼ଟାନେସି, ଏମ୍ବାଆଁ ନେହିଁ ଟା଼ୟୁତା କୁଗାଆଦୁ, ଇଚିହିଁ ଏମ୍ବାଆଁ ନୀ କିହାଁ
କାଜାସି ଜିକେଏ ହା଼ଟ୍‌କି ଆ଼ହାଡ଼ୟିନେସି, **୯** ଏ଼ଚେତା ନିଞ୍ଜେ ଅ଼ଡ଼େ
ଏ଼ୱାଣାଇଁ ହା଼ଟା ମାନାସି, ଏ଼ୱାସି ୱା଼ହାନା ଈୱାଣାକି ଈ ଟା଼ୟୁ ପିସାହୀମୁ
ଇଞ୍ଜାନେସି, ଏ଼ଚେତା ନୀନୁ ଲାଜାତଲେ ଉଣା ଟା଼ୟୁତା କୁଗିଦି । **୧୦**
ସାମା ଏଚିର଼ବେଲା ନୀନୁ ହା଼ଟ୍‌କି ଆ଼ହାମାନି ତ଼ାଣା ହାଜାନା ଡ଼ଇତି ଟା଼ୟୁତା
କୁଗାମୁ, ଏଚେଟିଏ ନିଞ୍ଜେ ହା଼ଟି କିହାମାଞ୍ଜାନାସି, ଏ଼ ତ଼ଣେ ନୀନୁ ଈ ନେହିଁ
ଟା଼ୟୁତା କୁଗାମୁ ଇଞ୍ଜିଁ ହା଼ଟାସାରେ ଏଚିର଼ବେଲା କୂଡ଼ା ଆ଼ହାମାନି ଲ଼କୁ

ନ଼କିତା ଗାଡି ମ଼ାନି ବେଟାଆ଼ଦି । **୧୧** ଇଚିହିଁ ଆମ୍ବାଆସି ନ଼ାନୁ କାଜାଟେଏଁ
ଇଞ୍ଜୁଁ ଇଞ୍ଜାଁ କଡିନାଣାଇଁ ଊଣା କିୱିଆ଼ନେ, ଅ଼ଡ଼େ ଆମ୍ବାଆସି ତାଙ୍ଗେ ଊଣା
କିହାକଡିନେସି ଏ଼ୱାଣାଇଁ କାଜାସି କିୱିଆ଼ନେ ।” **୧୨** ଇଞ୍ଜାଁ ଜୀସୁ ତାଙ୍ଗେ
ହ଼ାଟି କିହା ମାଚାଣାଇଁ ଜିକେଏ ଏଲେଇଚେସି, “ନୀନୁ ୱ଼ଜି ହୀନାଟି ନୀ
ତ଼ଣେସିଙ୍ଗାଣି, ତାୟିୟାଁ, ସାମ୍ବନ୍ଦିୟାଁ କି ନୀ ନ଼ାୟୁଁତା ମାନି ଦ଼ନ ଗାଟାରାଇଁ
ହ଼ାଟାଆନି, ଇଚିହିଁ ଏ଼ୱାରି ଜିକେଏ ନିଙ୍ଗେ ହ଼ାଟାଲି ଆ଼ଡାନେରି ଅ଼ଡ଼େ
ନୀନୁ ୱେଣ୍ତେ ବେଟାଆ଼ଦି । **୧୩** ସାମା ୱ଼ଜି କିତିସାରେ ହିଲାଆ ଗାଟାରି,
କଲାୟାଁ, ସଟାୟାଁ, କ଼ାଣାୟାଁଣି ହ଼ାଟାମୁ; ଆତିହିଁ ନୀନୁ ନେହାଁତି ଆ଼ଦି, **୧୪**
ଆତିହିଁ ନିଙ୍ଗେତାକି ନେହେଁ, ଇଚିହିଁ ନିଙ୍ଗେ ୱେଣ୍ତେ ହୀହାଲି ଏ଼ୱାରିତ଼ାଣା
ଏ଼ନାୟି ହିଲେଏ; ଇଞ୍ଜାଁ ତୀରିଗାଟାରି ୱେଣ୍ତେ ନିଙ୍ଗିନାଟି ମାହାପୂରୁ ନିଙ୍ଗେ
ୱେଣ୍ତେ ହିୟାନେସି ।” **୧୫** ଈ କାତା ୱେଞ୍ଜାନା ଏ଼ୱାଣିତଲେ ତିଞ୍ଜାଲି
କୁଗାମାଚାରି ବିତ୍ରାଟି ରଅସି ଜୀସୁଇଁ ଏଲେଇଚେସି, “ଆମିନିଗାଟାସି
ମାହାପୂରୁ ର଼ାଜିତା ୱ଼ଜି ତିନାସି ଏ଼ୱାସି ନେହାଁସି ।” **୧୬** ସାମା ଜୀସୁ
ଏ଼ୱାଣାଇଁ ଏଲେଇଚେସି, “ରଅସି ର଼ କାଜା ୱ଼ଜି ଲ଼କୁକି ହୀଇଁ ଇଞ୍ଜୁଁ
ଅଣ୍‌ପାନା ହ଼ାରେକା ଲ଼କୁଇଁ ହ଼ାଟିତେସି; **୧୭** ଅ଼ଡ଼େ ତିନି କାଟୁ ଆୟାଲିଏ,
ଏ଼ୱାସି ହ଼ାଟାମାନି ଲ଼କୁତ଼ାଣା ତାନି ହ଼ଲେଏଣାଇଁ ପାଣ୍ତାନା ଏଲେଇଚେସି,
‘ବାରେ ଆ଼ତେୟିଏ ନୀଏଟି ମୀରୁ ତିଞ୍ଜାଲି ୱ଼ାଦୁ ।’ **୧୮** ସାମା ବାରେଜ଼ାଣା
ଏ଼ୱାଣାଇଁ ରଣ୍ତିଏ କାତା ଏଲେଇଚେରି, ରଅସି ୱେସ୍ତେସି, ‘ନ଼ାନୁ ଇଚାଣି
ବୂମି କଡାମାଇଁ ଏ଼ଦାଆଁ ସିନିକିହାଲି ହାନାୟିମାନେ; ଏ଼ଦାଆଁତାକି ନାଙ୍ଗେ
କାର୍ମା ଅଣ୍‌ପାମୁ ନ଼ାନୁ ୱ଼ାହାଲି ଆ଼ଡଅଁ ।’ **୧୯** ଅ଼ଡ଼େ ରଅସି ଏଲେଇଚେସି,
‘ନ଼ାନୁ ପ଼ାସା ଡ଼େରୁ କ଼ଡିୟାଁ କଡାମାଇଁ, ନ଼ାନୁ ଏ଼ୱାସିକାଣି ମ଼ାତ୍‌ନାୟି
ମାନେ ଏ଼ଦାଣିତାକି ନାଙ୍ଗେ କାର୍ମା ଅଣ୍‌ପାମୁ ନ଼ାନୁ ୱ଼ାହାଲି ଆ଼ଡଅଁ ।’ **୨୦**
ଅ଼ଡ଼େ ରଅସି ଏଲେଇଚେସି, ‘ନ଼ାନୁ ନୀଞ୍ଜୁ ବୀହା ଆ଼ହାମାଇଁ ଏ଼ଦାଆଁତାକି
ନ଼ାନୁ ୱ଼ାହାଲି ଆ଼ଡଅଁ ।’ **୨୧** ଇଞ୍ଜାଁ ଏ଼ ହ଼ଲେଏସି ୱ଼ାହାନା ବାରେ
ତାନି ସ଼ାୱୁକାରିଇଁ ୱେସ୍ତେସି । ଏଚେଟିଏ ଏ଼ କାତା ୱେଞ୍ଜାନା ଏ଼ୱାସି
କାର୍‌ବି ଆ଼ହାନା ତାନି ହ଼ଲେଏଣାଇଁ ଏଲେଇଚେସି, ନୀନୁ ତବେ ଗ଼ାଡ଼ାତି
ସାହ୍‌ଡ଼ାୟାଁ ଅ଼ଡ଼େ ଡାଣ୍ତେଣାଁ ହାଜାନା ହିଲାଆଗାଟାରାଇଁ, କଲାୟାଇଁ,
ସଟାୟାଁଇଁ ଇଞ୍ଜାଁ କ଼ାଣାୟାଁଇଁ ଇମ୍ବାଆଁ ହ଼ାଟାତାମୁ । **୨୨** ଡ଼ାୟୁ ଏ଼ ହ଼ଲେଏସି
ଏଲେଇଚେସି, ‘ଏ଼ ପ୍ରବୁ ନୀ କାତାତଲେ ବାରେ କିତମି ସାମା ଇଲୁ
ନେଞ୍ଜା ହିଲେଏ ।’ **୨୩** ଏମ୍ବାଟିଏ ସ଼ାୱୁକାରି ହ଼ଲେଏଣାଇଁ ଟ଼ାଣ୍ତିତେସି,
‘କାଜା ଆଂଗେଣି ଅ଼ଡ଼େ ମ଼ାର୍‌ନୁ ଡ଼ଇ ହାଜାନା ନ଼ା ଇଲୁ ଏ଼ନିକିଁ ନେଞ୍ଜିନେ
ଏ଼ଦାଆଁତାକି ଲ଼କୁଣି ୱ଼ାହାଲି ଏଲେଇନାମୁ । **୨୪** ନ଼ାନୁ ୱେସିମାଞ୍ଜାଇଁ ତଲି
ହ଼ାଟାମାଚାରି ବିତ୍ରାଟି ରଅସି ଜିକେଏ ନ଼ା ୱ଼ଜି ୱାଣ୍ତାଲି ବେଟାଆ଼ଅସି ।’”
**୨୫** ମାନ୍ଦା ଲ଼କୁ ଜୀସୁତଲେ ହାଜିମାଚେରି, ଏ଼ୱାସି ଡ଼ାୟୁୱାକି ସିନିକିହାନା
ଏ଼ୱାରାଇଁ ଏଲେଇଚେସି, **୨୬** “ଆମ୍ବାଆସି ନ଼ା ତ଼ାଣା ୱ଼ାହାନା ତାନି
ତାଲି, ତାଞ୍ଜି, ଡକ୍ରି, ମୀର୍‌କା, ମ଼ାସ୍‌କା, ତାୟି ତାଙ୍ଗିସ୍କାଣି ଅ଼ଡ଼େ ତାନି
ଜୀୱୁତି ଜିକେଏ ଅ଼ପଅସି ଏ଼ୱାସି ନ଼ା ସୀସୁ ଆୟାଲି ଆ଼ଡଅସି । **୨୭**
ଆମ୍ବାଆସି ତାନି କ୍ରୁସ ଡ଼େକାନା ନ଼ା ଡ଼େଚ ଡ଼େଚ ୱ଼ାଅସି, ଏ଼ୱାସି ନ଼ା
ସୀସୁ ଆୟାଲି ଆ଼ଡଅସି । **୨୮** ମୀ ବିତ୍ରାଟି ଆମ୍ବାଆସି ପାଡିକିହିଁ କ଼ଟା
ଇଲୁ ଦସାଲି ଅଣ୍‌ପିନେସି, ଦହ୍‌ନି କାମା ର଼ାପ୍‌ହାଲି ଟାକାୟାଁ ଏନୁ କି
ଏଉ ଇଞ୍ଜିହିଁ ଏମ୍ବାତି ଲେକା କିଅସିକି? **୨୯** ଏ଼ଚେତା ଏ଼ୱାସି ପୁନାଦି
ନିପ୍‌ହାନା ର଼ାପ୍‌ହାଲି ଆ଼ଡାଆସାରେ, ଏଚେକା ଲ଼କୁ ଏ଼ଦାଆଁ ମେହ୍‌ନେରି,
ବାରେଜ଼ାଣା ଏ଼ୱାଣାଇଁ କାକ୍‌ନେରି, **୩୦** ଲ଼କୁ ଏ଼ୱାଣାଇଁ ଲାଜାକିହିଁ
ଏଲେଇନେରି, ଈୱାସି ଇଲୁ ଦସାଲି ମ଼ାଟ୍‌ହେସି ର଼ାପ୍‌ହାଲି ଆ଼ଡାଆତେସି
। **୩୧** ର଼ ରାଜା ଅ଼ର ରାଜା କ଼ପାଟି ଜୁଜୁ କିହାଲି ହାଜିମାନାଟି ଦସ ମ଼ାଣା
କ଼ସ୍‌କା ଏ଼ୱାଣି କଡ଼େ ମ଼ାଣା କ଼ସ୍‌କା କ଼ପାଟି ଜୁଜୁ କିହାଲି ଆ଼ଡିନେରିକି
ଆ଼ଏ ଇଞ୍ଜୁଁ ଅଣ୍‌ପଅସିକି? **୩୨** ଆ଼ଡାଆଲେହେଁ ଇଚିହିଁ ଏ଼ ରାଜା ହେକ
ମାନାଟିଏ ଏ଼ୱାସି ର଼ାଜିମ଼ାନା ଆୟାଲି କ଼ସ୍‌କାଣି ହିତ୍‌ଡ଼ି ତାକି ଏଲେଇଞ୍ଜା
ପାଣ୍ତିନେସି । **୩୩** ଏଲେକିହିଁଏ ମୀ ବିତ୍ରାଟି ଜିକେଏ ଆମ୍ବାଆସି ତାନି
ବାରେ ପିହ୍‌ଆତିହିଁ ଏ଼ୱାସି ନ଼ା ସୀସୁ ଆୟାଲି ଆ଼ଡଅସି ।” **୩୪** “ହ଼ାରୁତ
ନେହାୟି; ସାମା ହ଼ାରୁ ମୂଆସାରେ ଏ଼ଦାଆଁ ଏ଼ନିକିଁ ଅ଼ଡ଼େ ଏ଼ନାଆଁତଲେ
ହ଼ାରୁ ଲେହେଁ ମୂପି କିନାୟି? **୩୫** ଏ଼ଦି ବୂମିତା କି ଗାତା କ଼ଟୁତା କୁଡୁସାଲି
ଜିକେଏ ଜ଼ଗେ ଆ଼ଏ । ଲ଼କୁ ଏ଼ଦାନି ପାଙ୍ଗାତା କୁତା ତୁହ୍‌ନେରି । ଆମ୍ବାଆରି
ୱେଞ୍ଜାଲି କୀର୍କା ମାଚିହିଁ, ୱେଞ୍ଜୁ ।”

# ୧୫

ର଼ ଦିନା ସିସ୍ତୁ ରୀହ୍‌ନାରି ଅ଼ଡ଼େ ପ଼ାପୁ ଗାଟାରି ବାରେଜ଼ାଣା ତାନି
କାତା ୱେଞ୍ଜାଲି ୱ଼ାହିମାଚେରି । **୨** ଏଚେଟିଏ ପାରୁସିୟାଁ ଅ଼ଡ଼େ
ଡ଼ମେରାପୁନାରି ଜୀସୁଇଁ ଗୁରୁମୁରୁ ଆ଼ହିଁ ଏଲେଇଚେରି, “ଈୱାସି ପ଼ାପୁ
ଗାଟାରାଇଁ ଆବିମାନେସି, ଇଞ୍ଜାଁ ଏ଼ୱାରିତଲେ ତିଞ୍ଜି ଉଣ୍ତି ମାନେସି!” **୩**
ଏମ୍ବାଟିଏ ଜୀସୁ ଏ଼ୱାରାଇଁ ଈ ପୁଣ୍‌ମ୍ବିକିନି କାତା ୱେସ୍ତେସି । **୪** “ମୀ
ବିତ୍ରାଟି ଆମ୍ବାଆତେରି ଇଲେତି ଲ଼କୁ ମାଞ୍ଜେରି, ଏ଼ୱାଣାକି ପ଼ାସାକ଼ଡ଼ି
ଡ଼ମେଣ୍ତାୟାଁ ମାଚିହିଁ, ଏ଼ୱାସିକା ବିତ୍ରାଟି ରଣ୍ତି ଜ଼ାଙ୍ଗିତିହିଁ ଏ଼ୱାସି ଏ଼ନାଆଁ
କିନେସି, ରଣ୍ତି ଊଣା ପ଼ାସାକ଼ଡ଼ି ଡ଼ମେଣ୍ତାୟାଁ ବାଟାତା ପିସାନା ଜ଼ାଙ୍ଗାମାନି
ଡ଼ମେଣ୍ତା ପ଼ାଣ୍‌ନି ପାତେକା ପାରଅସି କି? **୫** ଇଞ୍ଜାଁ ବେଟାଆ଼ତିସାରେ
ର଼ାହାଁତଲେ ଡ଼େକାନା ଇଜ ତାନେସି, **୬** ଇଞ୍ଜାଁ ତାନି ତ଼ଣେସିଙ୍ଗାଣି ଅ଼ଡ଼େ
ନ଼ାୟୁଁତାରାଇଁ ହ଼ାଟାନା ଏଲେଇନେସି, ମୀରୁ ନ଼ା ତଲେ ର଼ାହାଁ କିଦୁ,
ଏ଼ନାଆଁତାକି ଇଚିହିଁ ଜ଼ାଙ୍ଗାମାଚି ନ଼ା ଡ଼ମେଣ୍ତା ବେଟାଆ଼ତେଏଁ । **୭** ନ଼ାନୁ
ମିଙ୍ଗେ ୱେସିମାଞ୍ଜାଇଁ, ଏଲେକିହିଁଏ ମ଼ନ ୱେଟ୍‌ହାଲି ଲ଼ଡ଼ା ଆ଼ଆଗାଟି
ରଅସି ଊଣା ପ଼ାସାକ଼ଡ଼ି ତୀରିଗାଟାରି କିହାଁ ପ଼ାପୁ ଗାଟାସି ରଅସି ତାନି
ମ଼ନ ୱେଟ୍‌ହା କଡିତିହିଁ, ଏ଼ୱାଣି କ଼ସମି ଲାକପୂରୁ ହ଼ାରେକା ର଼ାହାଁ ଆ଼ନେ
।” **୮** “ଅ଼ଡ଼େ ଇଲେତି ଆମିନି ଇୟା ମାନେ, ଏ଼ ଇୟାନାକି ଦସଗଟା ୱେଣ୍ତି
ଟାକା ମାଚିହିଁ ରଣ୍ତାଆଁ ଜ଼ାକ୍‌ହିହିଁ ଏ଼ଦି ଏ଼ନାଆଁ କିନେ, ଦୀୱଁ ଡ଼ସାନା ଇଲୁ
ଡ଼ହେପାନା ଏ଼ ଜ଼ାକ୍‌ହି ଟାକା ପ଼ାଣ୍‌ନି ପାତେକା ଜାତ୍‌ନୁ ତଲେ ପାରେଏକି?
**୯** ଇଞ୍ଜାହାଁ ଏ଼ ଟାକା ବେଟାଆ଼ତିସାରେ ଏ଼ଦି ତାନି ତ଼ଡୁ ଲ଼କୁଣି ଇଞ୍ଜାଁ
ନ଼ାସ୍‌କାତି ଲ଼କୁଣି ରୁଣ୍ତି କିହାନା ଏଲେଇନେ ନ଼ା ତଲେ ର଼ାହାଁ କିଦୁ,
ଏ଼ନାଆଁତାକି ଇଚିହିଁ ଜ଼ାକ୍‌ହାମାଚି ଟାକା ବେଟାଆ଼ତେଏଁ । **୧୦** ନ଼ାନୁ ମିଙ୍ଗେ
ୱେସିମାଞ୍ଜାଇଁ, ଏଲେକିହିଁ ଆମ୍ବାଆସି ମ଼ନ ୱେଟ୍‌ନେସି, ଇଲେତି ପ଼ାପୁ

ଗାଟାରାକି ମାହାପୂରୁତି ଦୂତୁୟାଁ ନ୍‌କିତା ରା଼ହାଁ ଆ଼ନେ ।" ୧୧ ଜୀସୁ ଅ଼ଡ଼େ
ଏଲେଇଚେସି, ରଅଣାକି ରିଆରି ମୀର୍‌କା ମାଚେରି । ୧୨ ଏ଼ୱାରି ବିତ୍ରାଟି
ଉଣା ମୀର୍‌ଏସି ଆ଼ବାଇଁ ଏଲେଇଚେସି, ଆ଼ବା ଇଲୁତି ଦ଼ନ ବା଼ଟି କିହାନା
ନାଙ୍ଗେ ଆୟାନି ବା଼ଗା ହିୟାମୁ । ଏଚେଟିଏ ତାମି ଆ଼ବା ତାନି ଦ଼ନ ବା଼ଟି
କିହାନା ରୀ ମୀର୍‌କାକି ହୀତେସି । ୧୩ ଏମ୍ବାଟିଏ ଏଚରଦିନା ହାଜାଲିଏ
ଇଚି ମୀର୍‌ଏସି ଇଲୁ ବା଼ଗା ହୀହାମାଚାଣି ପାର୍‌ଚାହାଁ ଟାକାୟାଁ ଆସାହାଁ
ହେକରା଼ଜି ହାଜାତୁସ୍ତେସି, ଇଞ୍ଜାଁ ଲେନିପନିଏ ଡା଼ୟୁ ଏ଼ସ୍‌କି ଅଣ୍‌ପାଆନା
ଲାଗେଏତି କାମାତା ତାନି ଦ଼ନ ରା଼ପ୍‌ହେସି । ୧୪ ସାମା ବାରେ ଦ଼ନ ରା଼ପ୍‌ହି
ଜେ଼ଚ ଏ଼ ଦେ଼ସାତା କାର୍‌ୱୁ କା଼ତାରା ଆ଼ହାଲିଏ ଏ଼ୱାସି କା଼କୁଲି ଆ଼ତେସି ।
୧୫ ଏଚେଟିଏ ଏ଼ୱାସି ହାଜାନା ଏ଼ ଦେ଼ସାତି ର଼ ସା଼ୱୁକାରି ତା଼ଣା ଗଟି
ଡ଼ୟିତେସି, ଏ଼ୱାସି ଏ଼ୱାଣାକି ପାଜିୟାଁ ମେଚାଲି ଗୁଡିୟାତା ପାଣ୍ତିତେସି;
୧୬ ଇଞ୍ଜାଁ ପାଜିୟାଁ ଆମିନି କା଼ଜ୍ଗା ସା଼ଲିୟାଁ ତିଞ୍ଜି ମାଚୁ, ଏ଼ୱାଆଁ ତିଞ୍ଜାଲି
ମ଼ନ କିତେସି, ସାମା ଆମ୍ବାଆରି ଏ଼ୱାଣାକି ତିଞ୍ଜାଲି ହୀହି ହିଲାଆତେରି
। ୧୭ ର଼ ଦିନା ତୀର୍‌ପୁ ଆ଼ହାନା ଅଣ୍‌ପିତେସି, ମା଼ ଆ଼ବା ତା଼ଣାତି ଗଟି
ବୁତି ତିନି ରା଼ନ୍ଦେଏ ହା଼ରା ହାଜିମାନେ, ସାମା ନା଼ନୁ ଇମ୍ବାଆଁ ହାକି ତାକି
ହା଼ହିମାଇଁ । ୧୮ ନା଼ନୁ ନିଙ୍ଗାନା ମା଼ ଆ଼ବା ତା଼ଣା ହାଇଁ ଇଞ୍ଜାଁ ଏ଼ୱାଣାଇଁ
ୱେହ୍‌ଇଁ, "ଲାକପୂରୁତି ଆ଼ବା କ଼ପାଟି ଅ଼ଡ଼େ ନୀ ନ଼କିତା ନା଼ନୁ ପା଼ପୁ
କିତେଏଁ; ୧୯ ନୀ ମୀର୍‌ଏଣାତେଏଁ ଇଞ୍ଜେଁ ନା଼ନୁ ଅ଼ଡ଼େ ପା଼ଡ଼ା ଆ଼ଅଁ; ନାଙ୍ଗେ
ର଼ ହ଼ଲେଏଣା ଲେହେଁ ଇଟାମୁ ।" ଏମ୍ବାଟିଏ ଏ଼ୱାସି ନିଙ୍ଗାନା ତାମି ଆ଼ବା
ୱାକି ହାଚେସି । ୨୦ ସାମା ଆ଼ବା ତାନି ମୀର୍‌ଏଣା ୱା଼ହିମାନାଣି ହେକଟିଏ
ମେସାନା କାର୍ମା ଆ଼ହାନା ହଟି ହଟିହିଁ ହାଜାନା ପମାହାଁ ନଣ୍ତିତେସି । ୨୧
ଏମ୍ବାଟିଏ ମୀର୍‌ଏ ଗାଟାସି ଏଲେଇଚେସି, "ଲାକପୂରୁ ଆ଼ବା କ଼ପାଟି ଅ଼ଡ଼େ
ନୀ ନ଼କିତା ନା଼ନୁ ପା଼ପୁ କିତେଏଁ, ନୀ ମୀର୍‌ଏଣାତେଏଁ ଆୟାଲି ପା଼ଡ଼ା
ଆ଼ଅଁ ।" ୨୨ ସାମା ଆ଼ବା ତାନି ହ଼ଲିୟାଙ୍ଗାଣି ଏଲେଇଚେସି, "ଅ଼ଜିତି
ହିମ୍ବରି ତବେ ତାଚାନା ଇୱାଣାଇଁ ହୁଚି କିଦୁ, ଈୱାଣି କେୟୁତା ମୁଦି
ଅ଼ଡ଼େ କଡାୟାଁଣା ସେପୁୟାଁ ତୁର୍‌ୱି କିଦୁ, ୨୩ ଇଞ୍ଜାହାଁ ଆଜ୍ଗା ଆ଼ତି କ଼ଡି
ଡା଼ଲୁ ତାକା ହାଜାନା ପା଼ୟାଦୁ; ମା଼ର ତିଞ୍ଜା ଉଣ୍ତାନା ରା଼ହାଁ କିନ, ୨୪
ଇଚିହିଁ ନା଼ ମୀର୍‌ଏସି ହା଼ହା ହାଜାମାଚେସି, ୱେଣ୍ତେ ନୀଡାମାନେସି; ଜା଼ଙ୍ଗା
ହାଜାମାଚେସି ଅ଼ଡ଼େ ମେ଼ଡ଼ା ଆୟାତେସି ।" ଏମ୍ବାଟିଏ ଏ଼ୱାରି ରା଼ହାଁ
କିହିମାଚେରି । ୨୫ ଏଚିବେ଼ଲାତା କାଜା ମୀର୍‌ଏସି ଗୁଡିୟାତା ମାଚେସି,
ଏ଼ୱାସି କାମା କିହାଁ ଇଲୁ ଡାଗେ ୱାୟାଲିଏ, ତାମି ଇଜ ବା଼ଜାଗା଼ଜା ଅ଼ଡ଼େ
ରା଼ହାଁ କିହିମାନି ହା଼ଲି ୱେଞ୍ଜାନା, ୨୬ ର଼ ହ଼ଲେଏଣାଇଁ ହା଼ଟାନା ୱେଚେସି,
"ମାଜ ଏ଼ନାଆଁ କିହିମାନେରି ।" ୨୭ ଏ଼ୱାସି ଏ଼ୱାଣାଇଁ ଏଲେଇଚେସି,
"ନୀ ଉଣା ତାୟି ୱେଣ୍ତା ୱା଼ହାମାନେସି, ଅ଼ଡ଼େ ଏ଼ୱାସି ନେହିଁ ଆଜ୍ଗା ତଲେ
ୱେଣ୍ତା ୱା଼ତାଣି ମେସାନା ମୀ ଆ଼ବା ଆଜ୍ଗା ଆ଼ତି କ଼ଡି ପା଼ୟାମାନେସି
।" ୨୮ ଏମ୍ବାଟିଏ କାଜା ତାୟି କାର୍‌ବି ଆ଼ହାନା ଇଜ ହାଲାଆତେସି;
ସାମା ତାମି ଆ଼ବା ପାଙ୍ଗାତା ୱା଼ହାନା ଏ଼ୱାଣାଇଁ କା଼ହିବା କ଼ପା ଆ଼ଆନି
ଇଜ ୱା଼ମୁ ଇଞ୍ଜେଁ ବାତିମା଼ଲିତେସି । ୨୯ ଇଞ୍ଜାଁ ଏ଼ୱାସି ତାମି ଆ଼ବାଇଁ
ଏଲେଇଚେସି, "ମେହ୍‌ମୁ ନା଼ନୁ ଇଚର ବାର୍ସା ଆ଼ତେ ନୀ ହ଼ଲେଏଣା
ଲେହେଁ କାମା କିହିମାଇଁ, ଏଚେଲା ଜିକେଏ ନୀ ହୁକୁମି ଉରାହିଲଅଁ,
ଆ଼ତିଜିକେଏ ନା଼ ତ଼ଣେସିଙ୍ଗା ତଲେ ବ଼ଜି କିହାଲି ନୀନୁ ନାଙ୍ଗେ ର଼ ଗରି
ଡା଼ଲୁ ଜିକେଏ ହୀହାମାଞ୍ଜଅତି; ୩୦ ସାମା ଇ ନୀ ମୀର୍‌ଏସି ଇଲୁତି
ବାରେ ଦ଼ନ ଅ଼ହାନା ସାନେଣିସ୍କାତଲେ ମାଞ୍ଜାନା ବାରେ ରା଼ପ୍‌ହେସି,
ଏ଼ଚେତା ଇୱାସି ୱେଣ୍ତାୱା଼ତେସି, ଏ଼ଚେତା ଏ଼ୱାଣାକି ଆଜ୍ଗା ଆ଼ତି କ଼ଡି
ପା଼ୟାମାଞ୍ଜି ।" ୩୧ ଏଚେଟିଏ ତାଞ୍ଜି ଗାଟାସି ଏଲେଇଚେସି, "ମୀର୍‌ଏଣା
ନୀନୁତ କା଼ଲେଏ ନା଼ ତଲେ ମାଞ୍ଜାମାଞ୍ଜି, ଅ଼ଡ଼େ ଏ଼ନା ଏ଼ନାୟି ନା଼ଦି ଏ଼
ବାରେତ ନୀଦି; ୩୨ ସାମା ଇ ନୀ ତାୟି ହା଼ହା ହାଜାମାଚେସି, ୱେଣ୍ତେ
ନୀଡାମାନେସି, ଜା଼ଙ୍ଗା ହାଜାମାଚେସି, ମେ଼ଡ଼ା ଆୟାତେସି, ଏ଼ଦାଆଁତାକି
ରା଼ହାଁ କିନାୟି ମାଚେ ।"

୧୬ ଜୀସୁ ତାନି ସୀସୁୟାଁଇଁ ଏଲେଇଚେସି, "ର଼ ଦ଼ନଗାଟାସି ମାଚେସି;
ଏ଼ୱାଣାକି ର଼ ଗୁମୁସ୍ତା ମାଚେସି, ଏ଼ୱାସି ତାନି ଦ଼ନତି ଆଲାରା
କିହାମାନାଣି ପୁଞ୍ଜାନା, ୨ ଏ଼ୱାସି ଏ଼ୱାଣାଇଁ ହା଼ଟାନା ଏଲେଇଚେସି,
'ନା଼ନୁ ନୀ କାତା ୱେଚେଏଁ ନୀନୁ ନୀ ଗୁମୁସ୍ତା କାମା ଏ଼ନି କିହିମାଞ୍ଜି ଲେକା
ତ଼ସ୍ତାମୁ, ଇଚିହିଁ ନୀନୁ ଅ଼ଡ଼େ ଗୁମୁସ୍ତା ଆ଼ହା ମାଞ୍ଜାଲି ଆ଼ଡଅତି ।' ୩
ଏମ୍ବାଟିଏ ଏ଼ ଗୁମୁସ୍ତା ଅଣ୍‌ପା କଡିତେସି, 'ନା଼ ସା଼ୱୁକାରି ନା଼ ଗୁମୁସ୍ତା କାମା
ପିସ୍‌ପି କିହିମାଞ୍ଜାନେସି, ନା଼ନୁ ଏ଼ନାଆଁ କିଇଁ? ଇର୍‌ଆ କା଼ର୍‌ହାଲି ନାଙ୍ଗେ
ବପୁ ହିଲେଏ, ଅ଼ଡ଼େ ରୀସ୍‌ପା ତିଞ୍ଜାଲି ଲାଜା ହ଼ଚି ମାଞ୍ଜାନେ । ୪ ନୀଏଁ
ପୁଚେଏଁ, ନାଙ୍ଗେ ଗୁମୁସ୍ତା ପା଼ଣାଟି ପିସ୍‌ପି କିୟାତି ଡା଼ୟୁ ଲ଼କୁ ନାଙ୍ଗେ ତାମି
ଇଲ୍‌କାଣା ଆବାନିଲେହେଁ କିଇଁ ।' ୫ ଇଞ୍ଜାଁ ଏ଼ୱାସି ତାମି ସା଼ୱୁକାରି
ତା଼ଣାଟି ରୀଣା ଅ଼ହାମାଚାରାଇଁ ହା଼ଟାନାହାଁ ତଲିତାଣାଇଁ ୱେଚେସି, 'ନା଼
ସା଼ୱୁକାରି ତା଼ଣା ନୀ ରୀଣା ଏଚେକା ମାନେ?' ୬ ଏ଼ୱାସି ଏଲେଇଚେସି,
'ପା଼ସାକ଼ଡ଼ି ଡା଼ବା ନିୟୁଁ' ଗୁମୁସ୍ତା ଏ଼ୱାଣାଇଁ ଏଲେଇଚେସି, 'ନୀନୁ ତବେ
ଇମ୍ବାଆଁ କୁଗାନା ରୀ କ଼ଡ଼ି ଦସ ଇଞ୍ଜେଁ ରା଼ଚାମୁ ।' ୭ ଡା଼ୟୁ ଅ଼ଡ଼େ ରଅଣାଇଁ
ୱେଚେସି, 'ନୀନୁ ଏଚେକା ରୀଣା ଅ଼ହାମାଞ୍ଜି?' ଏ଼ୱାସି ଏଲେଇଚେସି, 'ର଼
ମା଼ଣା ବାସ୍ତା ଗ଼ହଁୟାଁ' ଗୁମୁସ୍ତା ଏ଼ୱାଣାଇଁ ଏଲେଇଚେସି, 'ନୀନୁ ତବେ
ଇମ୍ବାଆଁ କୁଗାନା ଆ଼ଟା ୱାଞ୍ଜା ଇଞ୍ଜେଁ ରା଼ଚାମୁ ।' ୮ ଏ଼ ଲାଗେଏତି ଗୁମୁସ୍ତା
ବୁଦିତଲେ କାମା କିହାମାନାକି ସା଼ୱୁକାରି ଏ଼ୱାଣାଇଁ ନୀନୁ ନେହିଁ କାମା
କିହାମାଞ୍ଜି ଇଚେସି; ଏ଼ନାଆଁତାକି ଇଚିହିଁ ଉଜେଡ଼ିତି ମୀର୍‌କା କିହାଁ ଈ
ଦାର୍‌ତିତାରି ତାମି କାମାତା ହା଼ରେକା ବୁଦିଗାଟାରି ।" **(aiōn g165)** ୯ ନା଼ନୁ
ଜିକେଏ ମିଙ୍ଗେ ୱେସିମାଞ୍ଜାଇଁ, "ମୀରୁ ଦାର୍‌ତିତି ଲାଗେଏତି ଦ଼ନ ତଲେ
ତ଼ଣେ ଦହ୍‌ଦୁ, ଏ଼ଦି ରା଼ତିସାରେ ମିଙ୍ଗେ କା଼ଲାକା଼ଲାତି ବାସା ଟା଼ୟୁତା ମିଙ୍ଗେ
ଆବାନେରି । **(aiōnios g166)** ୧୦ ଆମ୍ବାଆସି ଉଣା କାମାତା ନାମୁଗାଟାସି
ଆ଼ନେସି ଏ଼ୱାସି କାଜା କାମାତା ଜିକେଏ ନାମୁଗାଟାସି ଆ଼ନେସି, ଇଞ୍ଜାଁ
ଆମ୍ବାଆସି ଉଣା କାମାତା ନାମୁଗାଟାସି ଆ଼ଆସାରେ ଏ଼ୱାସି କାଜା
କାମାତା ଜିକେଏ ନାମୁଗାଟାସି ଆ଼ଅସି । ୧୧ ଲାଗେଏତି ଦ଼ନତା ନାମୁ
ଗାଟାତେରି ଆ଼ହାହିଲଅତେରି, ଆତିହିଁ ଆମ୍ବାଆସି ମିଙ୍ଗେ ନାମାହାଁ ସାତା

ଦ଼ନ ମୀ କେୟୁତା ହେର୍‌ପାନେସି? ୧୨ ମୀରୁ ଏଟ୍‌କାତ଼ାଣା ଦ଼ନତି
ନାମୁତଲେ ର଼େମ୍ବା ହିଲାଆସାରେ ମିଙ୍ଗେ ମୀ ଲ଼ଡ଼ାମାନାଣି ଆମ୍ବାଆସି
ହିୟାନେସି?” ୧୩ “ର଼ ହ଼ଲେଏସି ରୀ ସ଼ାୱୁକାରି ତ଼ାଣା ହ଼ଲେଏସି ଆ଼ହାଲି
ଆ଼ଡଅସି; ଇଚିହିଁ ରଅଣାଇଁ ଜୀୱୁ ନ଼ନେସି ରଅଣାଇଁ ଜୀୱୁ ନ଼ନେସି,
ଆ଼ଆତିଁ ରଅଣାଇଁ ମ଼ାନୱି ଆ଼ନେସି ରଅଣାଇଁ ଅ଼ପଅସି । ମୀରୁ ମାହାପୂରୁ
ଅ଼ଡେ଼ ଦ଼ନତି ହ଼ଲିୟାଙ୍ଗା ଆ଼ହାଲି ଆ଼ଡଅତେରି ।” ୧୪ ଇ ବାରେ କାତା
ୱେଞ୍ଜାନା ଦ଼ନ ଜୂପ୍‌କା ପାରୁସିୟାଁ ଜୀସୁଇଁ କାକ୍‌ହେରି । ୧୫ ଏଚେଟିଏ
ଜୀସୁ ଏ଼ୱାରାଇଁ ଏଲେଇଚେସି, “ଆମ୍ବାଆରି ମାଣ୍‌ସି ନ଼କିତା ତୀରିଗାଟାରି
ଇଞ୍ଜୁଁ ତ଼ସା କଡିମାନେରି, ମୀରୁ ଏଲେତି ଲ଼କୁ, ସାମା ମାହାପୂରୁ ମୀ
ହିୟାଁତି ପୁନାସି ଇଚିହିଁ ଏ଼ନାୟି ମାଣ୍‌ସି ଅଣ୍‌ପୁତା କାଜାୟି ଲେହେଁ ତ଼ଞ୍ଜା
ଆ଼ନେ, ଏ଼ଦି ମାହାପୂରୁ ନ଼କିତା ଅ଼ପାଆଗାଟାୟି ।” ୧୬ “ମ଼ସାତି ର଼େମରା
ଅ଼ଡେ଼ ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାରି ର଼ାଚିତି ପତି ଜହନ ପାତେକା
ସ଼ାଲୱି ଆ଼ହିମାଚୁ; ଏଚିର଼େବେଲାଟିଏ ମାହାପୂରୁ ର଼ାଜିତି ନେହିଁ କାବୁ ର଼େୱେକ୍‌ହି
ମାନେରି ଇଞ୍ଜାଁ ବାରେଜ଼ାଣା ତାମି ବ଼ାଡ଼୍‌ୟୁ ତଲେ ମାହାପୂରୁ ର଼ାଜିତା
ହ଼ଡିମାନେରି । ୧୭ ହ଼ାଗୁପ଼ାକା ଅ଼ଡେ଼ ଦାର୍‌ତି ବାରେ ମେଣ୍ଡ୍‌ଗିନେ ସାମା
ର଼େମରାତି ଇଚାୟି ସିନା ଜିକେଏ ମେଣ୍ଡ୍‌ଗେଏ ।” ୧୮ “ଆମ୍ବାଆସି ତାନି
ଡକ୍ରିନି ପିସାନା ଏଟ୍‌କାତାଣି ବୀହା ଆ଼ନେସି, ଏ଼ୱାସି ଦ଼ାରି କିନେସି; ଇଞ୍ଜାଁ
ଆମ୍ବାଆସି ପିସ୍ତି ଡକ୍ରିନି ବୀହା ଆ଼ନେସି, ଏ଼ୱାସି ଦ଼ାରେଲା ଆ଼ନେସି ।”
୧୯ “ର଼ ଦ଼ନ ଗାଟାସି ମାଚେସି, ଏ଼ୱାସି ହ଼ାରେକା ଅ଼ଜିତି ହିମ୍ବରିଦୂକି
ହୁଚାନା ନେହିଁ ର଼ାନ୍ଦା ତିଞ୍ଜିହିଁ ହ଼ାରେକା ର଼ାହାଁତଲେ ଡ଼ୟିମାଚେସି ।
୨୦ ସାମା ଏ଼ୱାଣି ଦୁୱେରି ଦାରିତା ଲାଜର ଦ଼ରୁଗାଟି ରୀସ୍‌ପା ତିନାସି
ଡ଼ୟାମାଚେସି, ୨୧ ଗୂଡ଼ା ଆଡ୍‌ଗା ଗ଼ାହାଁୟାଁ ଆ଼ହାମାଚେସି; ଏ଼ ଦ଼ନ ଗାଟାଣି
ଜୁଟା ଲିତା ତିଞ୍ଜାନା ତାନି ବାଣ୍ଡି ପାଞ୍ଜିକିହାଲି ଆ଼ସା କିହିମାଚେସି; ଇଞ୍ଜାଁ
ନେସ୍‌କା ୱ଼ାହି ତାନି ଗ଼ାହାଁୟାଁ ନ଼ାକିମାଚୁ । ୨୨ ର଼ ଦିନା କାର୍ମାଗାଟି ଲାଜର
ହ଼ାହାହାଚେସି ଇଞ୍ଜାଁ ଲାକପୂରୁତି ଦୂତୁୟାଁ ତଲେ ଅବ୍ରାହାମ ମାଚିତ଼ାଣା
ଅ଼ୱିଆ଼ତେସି; ଡ଼ାୟୁ ଏ଼ ଦ଼ନ ଗାଟାସି ଜିକେଏ ହ଼ାହାହାଚେସି ଇଞ୍ଜାଁ ମାହ୍‌ଣି
ମାଣ୍ଡାତା ମୁସ୍‌ପି ଆ଼ତେସି, ୨୩ ଅ଼ଡେ଼ ଏ଼ୱାସି ହ଼ାତାରି ମାନି ର଼ାଜିତି
କସ୍ତୁତଲେ କିଲିବିଲି ଆ଼ହିଁ ଲାକ ସିନିକିହାଲିଏ ହେକଟି ଅବ୍ରାହାମ ଅ଼ଡେ଼
ତାନିତଲେ ଲାଜରଇଁ ମେସ୍ତେସି । (Hadēs g86) ୨୪ ଏଚେଟିଏ ଏ଼ୱାସି
ହ଼ାଟିତେସି, ‘ଏ଼ ଆ଼ବା ଅବ୍ରାହାମ, ନାଙ୍ଗେ କାର୍ମା ଅଣ୍‌ପାନା ଲାଜରଇଁ ନ଼ା
ତ଼ାଣା ପାଣ୍ଡାମୁ, ଏ଼ୱାସି ତାନି ୱାଞ୍ଜୁତା ଏ଼ୟୁ ବନ୍ଦା ତାଚାନା ନ଼ା ୱେନ୍ଦରିତି
ହିଡ଼୍‌ଡ଼ି କିୟାପେସି, ଇଚିହିଁ ନ଼ାନୁ ଈ ହିଚୁତା କିଲିବିଲି ଆ଼ହିମାଇଁ ।’ ୨୫
ସାମା ଅବ୍ରାହାମ ଏଲେଇଚେସି, ‘ମୀର୍‌ଏଣା ନୀନୁ ନୀଡାମାଚି ର଼େବେଲାତା
ନୀ ନେହାଁଣି ବେଟାଆ଼ତି, ଇଞ୍ଜାଁ ଲାଜର ଏଲେକିହିଁଏ ପ଼ଲ୍‌ଆ ଗାଟାଣି
ବେଟାଆ଼ତେସି, ଈଦାଆଁ ଅଣ୍‌ପାମୁ; ସାମା ନୀଏଁ ଏ଼ୱାସି ଇମ୍ବାଆଁ ସୁକୁ
ବେଟାଆ଼ହି ମାନେସି, ଅ଼ଡେ଼ ନୀନୁ କିଲିବିଲି ଆ଼ହିମାଞ୍ଜି । ୨୬ ଅ଼ଡେ଼
ର଼ କାତା ମୀ ମାଦି ମ଼ା ମାଦି ର଼ କାଜା ଗ଼ାଡ଼୍‌ୟୁ ମାନେ, ଆମ୍ବାଆରି ଈ
ଟ଼ାୟୁଟି ମୀ ତ଼ାଣା ହାଜାଲି ମ଼ନ କିନେରି, ଏ଼ୱାରି ହାଜାଲି ଆ଼ଡଅରି
ଆ଼ଆତିଁ ଏ଼ ଟ଼ାୟୁଟି ଈ ଟ଼ାୟୁତା ଗ଼ାଣ୍‌ଚାନା ୱାୟାଲି ଆ଼ଡଅରି ।’ ୨୭
ଏମ୍ବାଟିଏ ଦ଼ନ ଗାଟାସି ଏଲେଇଚେସି, ‘ଏ଼ ଆ଼ବା, ଆତିହିଁ ନ଼ାନୁ ନିଙ୍ଗେ
ବାତିମ଼ାଲିମାଞ୍ଜାଇଁ, ଲାଜରଇଁ ମ଼ା ଆ଼ବା ଇଜ ପାଣ୍ଡାମୁ, ୨୮ ଇଚିହିଁ ନ଼ା
ପ଼ାସାଜ଼ାଣା ତାୟିୟାଁ ମାନେରି; ଏ଼ୱାରି ଜିକେଏ ଏ଼ନିକିଁ ଈ କସ୍ତୁଗାଟି
ଟ଼ାୟୁତା ୱ଼ାଅରି, ଏ଼ଦାଆଁତାକି ଏ଼ୱାସି ଏ଼ୱାରିତ଼ାଣା ସ଼ାକି ହୀନେସି ।’ ୨୯
ସାମା ଅବ୍ରାହାମ ଏଲେଇଚେସି, ‘ଏ଼ୱାରିତ଼ାଣା ମ଼ସା ଅ଼ଡେ଼ ମାହାପୂରୁ
ଅଣ୍‌ପୁତି ବ଼ଲୁ ୱେହ୍‌ନାରି ପତିୟାଁ ମାନୁ, ଏ଼ୱାରି ଏ଼ କାତାତି ୱେଣ୍‌ମ୍ବାରି
।’ ୩୦ ଏମ୍ବାଟିଏ ଦ଼ନ ଗାଟାସି ଏଲେଇଚେସି, ‘ଏ଼ ଆ଼ବା ଅବ୍ରାହାମ,
ଏଚେକେଏ ସ଼ାରି ଆ଼ଏ, ସାମା ହ଼ାତାରି ବିତ୍ରାଟି ରଅସି ଏ଼ୱାରିତ଼ାଣା
ହାନେସି ଆତିହିଁ ଏ଼ୱାରି ମ଼ନ ୱେଟ୍‌ନେରି ।’ ୩୧ ସାମା ଅବ୍ରାହାମ
ଏଲେଇଚେସି, ଏ଼ୱାରି ମ଼ସା ଅ଼ଡେ଼ ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାରି
କାତା ୱେନଅରି, ଆତିହିଁ ହ଼ାତାରି ବିତ୍ରାଟି ୱେଣ୍ଡେ ନିଙ୍ଗିତିଁ ଜିକେଏ ଏ଼ୱାଣି
କାତା ନାମଅରି ।”

## ୧୭

୧୭ ଜୀସୁ ତାନି ସୀସୁୟାଁଇଁ ଏଲେଇଚେସି, “ଏମିନି ତାୟିପାରି କିନି
ତ଼ାଣାଟି ଲ଼କୁ ପ଼ାପୁତା ହେର୍‌ନେରି, ଏ଼ ବାରେ ପିଟୱି ଆ଼ଏ, ସାମା
ତାୟିପାରି କିୱି କିନାସି ଆୟ଼ତା ଏ଼ୱାସି ଗାଡି ଡଣ୍ଡ ବେଟାଆ଼ନେସି; ୨
ଉଣା କକାରି ବିତ୍ରାଟି ରଅଣାଇଁ ତାୟିପାରି କିନିବାଟା ତାନି ହେର୍‌କିତା
କାଜା ଜେତାୱାଲି ଦସାନା ସାମ୍‌ଦୁରିତା ମେତ୍‌ହିହିଁ ଏ଼ୱାଣାକି ନେହେଁ
ଆ଼ତେମା । ୩ ମୀରୁ ମୀ ତାକି ଜାଗ୍ରାତା ଆ଼ହାମାଞ୍ଜୁ ।” “ନୀ ତାୟି
ପ଼ାପୁ କିନେସି, ଆତିହିଁ ଏ଼ୱାଣାଇଁ ଲ଼ାଗାମୁ; ଏ଼ୱାସି ନ଼ାନୁ ପ଼ାପୁ କିତେଏଁ
ଇଞ୍ଜୁଁ ମ଼ନ ୱେଟ୍‌ହିହିଁ, ଏ଼ୱାଣି ପ଼ାପୁ ମ୍ଣେକ୍‌ହା ତୁହ୍‌ମୁ । ୪ ଅ଼ଡେ଼ ଏ଼ୱାସି
ସାତା ପ଼ାଲି ନୀ କ଼ପାଟି ପ଼ାପୁ କିନେସି ଅ଼ଡେ଼ ସାତା ପ଼ାଲି ନୀ ତ଼ାଣା
ୱେଣ୍ଡା ୱ଼ାହାନା ନ଼ାନୁ ମ଼ନ ୱେଟ୍‌ହିମାଇଁ ଇଞ୍ଜୁଁ ଇଞ୍ଜାନେସି ଆତିହିଁ ଏ଼ୱାଣି
ପ଼ାପୁ ମ୍ଣେକ୍‌ହା ତୁହ୍‌ମୁ ।” ୫ ଏଚେଟିଏ ପାଣ୍ଡୱି ଆ଼ହାମାନାରି ପ୍ରବୁଇଁ
ଏଲେଇଚେରି, “ମ଼ା ନାମୁତି ପାଡି କିୟାମୁ ।” ୬ ପ୍ରବୁ ଏଲେଇଚେସି, “ର଼
ହାର୍ସୁ ପ଼ାଡେ଼ୟି ଏଚେକା ମୀ ନାମୁ ମାଚିହିଁମା, ଈ ତୁତୁକଲି ମ଼ାର୍‌ନୁତି
ହୀରୁତଲେ ମେଗାହାଜାନା ସାମ୍‌ଦୁରିତା ଉହି ଆ଼ମୁ ଇଚିହିଁ ଏ଼ଦି ମୀ କାତା
ମ଼ାନୱି ଆ଼ନେ ।” ୭ “ସାମା ମୀ ବିତ୍ରାଟି ଇଲେତାସି ଆମ୍ବାଆସି ମାନେସି,
ତାନି ହ଼ଲେଏସି ର଼େହେରୁ ଡୂହାନା କି କ଼ଡିୟାଁ ମେଚାନା ୱ଼ାତିସାରେ ଏ଼ୱାସି
ଏ଼ୱାଣାଇଁ ଜୁରୁୟାଁ ଗହ୍‌ମୁଦେଁ ଇନେସି? ୮ ନାଙ୍ଗେ ତିଞ୍ଜାଲି ହିୟାମୁ,
ନ଼ାନୁ ତିଞ୍ଜାଲି ଆ଼ଡାଆ ପାତେକା ଟେଡେଲି ହିମ୍ବରି ରୂପାନା ନ଼ା ର଼େସେବା
କିୟାମୁ, ଇଞ୍ଜାଁ ଡ଼ାୟୁ ନୀନୁ ତିନାମୁ ଇଞ୍ଜୁଁ ଏ଼ୱାଣାଇଁ ଏଲେଇନଅସି? ୯ ର଼
ହ଼ଲେଏସି ସ଼ାୱୁକାରି କାତା ମ଼ାନୱି ଆ଼ହାନା କାମା କିନାକି ଏ଼ୱାଣାଇଁ
ଜହରା କିନେସିକି? ୧୦ ଏଲେକିହିଁଏ ମୀରୁ ଜିକେଏ ହୁକୁମି ତଲେ କାମା
କିତି ଡ଼ାୟୁ ‘ମ଼ାମ୍ବୁ ପ଼ାଡ଼ା ଆ଼ଆ ହ଼ଲିୟାଙ୍ଗାତମି; ଏ଼ନାୟି ମ଼ାମ୍ବୁ କିନାୟି
ମାଚେ ଏ଼ଦାଆଁ କିହାମାନମି’ ଇଞ୍ଜେରି ।” ୧୧ ଜୀସୁ ଜିରୁସାଲମତା
ହାଜିମାଚାଟି ଗାଲିଲି ଅ଼ଡେ଼ ସମିରଣି ର଼େଦେସା ମାଦିଟି ହାଜିମାଚେସି ।
୧୨ ଏମ୍ବାଟିଏ ଏ଼ୱାସି ର଼ ନ଼ାୟୁଁତା ଏଗାହାଜାଲିଏ ଦସଜ଼ାଣା କାଜା ର଼ଗ

ଗାଟାରି ଏ୍ୱାଣାଇଁ ବେଟାଆ୍ତେରି; ୧୩ ଏ୍ୱାରି ହେକ ନିଚାନା କାଜା
ଗିୟାଁତଲେ ଏଲେଇଚେରି, "ଏ୍ ଜୀସୁ ଗୁରୁ ମାଡ୍ଢେ କାର୍ମା ମେସ୍ତାମୁ!" ୧୪
ଜୀସୁ ଏ୍ୱାରାଇଁ ମେସାନା ଏଲେଇଚେସି, "ମୀରୁ ହାଜାନା ପୂଜେରାଙ୍ଗ୍ଣ
ତା୍ଣା ତା୍ଞ୍ଜା ଆ୍କାଦୁ ।" ଅ୍ଡେ଼ ଏ୍ୱାରି ହାଜି ହାଜିହିଁ ନେହିଁ ଆ୍ତେରି
। ୧୫ ସାମା ଏ୍ୱାରି ବିତ୍ରାଟି ରଅସି ତା୍ନୁ ନେହିଁ ଆ୍ତାଣି ମେସାନା
କାଜା ଗିୟାଁତଲେ ମାହାପୂରୁତି ଜହରା କିହିଁ କିହିଁ ୱେଣ୍ଡା ୱା୍ହାନା, ୧୬
ଜୀସୁତି କଡାୟାଁ ଡ଼ଇ ମୁନୁ କୁଟାନା ଜହରା କିତେସି; ଏ୍ୱାସି ସମିରଣି
ଲ୍କୁ ମାଚେସି । ୧୭ ଏଚେଟିଏ ଜୀସୁ ଏଲେଇଚେସି, "ଦସଜା୍ଣା ନେହିଁ
ଆ୍ଆତେରିକି? ଅ୍ଡେ଼ ନ୍ ଜା୍ଣା ଏମ୍ବିୟା ମାନେରି? ୧୮ ମାହାପୂରୁଇଁ
ଜହରା କିହାଲି ଇ ଜୀହୁଦିଆ୍ଆତି ଲ୍କୁ ପିସ୍ପେ ଆମ୍ବାଆସି ୱେଣ୍ଡା
ୱା୍ଆତେସି?" ୧୯ ଇଞ୍ଜାଁ ଜୀସୁ ଏ୍ୱାଣାଇଁ ଏଲେଇଚେସି, "ନିଙ୍ଗ୍ଣନା
ହାଲାମୁ ନୀ ନାମୁ ନିଙ୍ଗେ ନେହିଁ କିହାମାଞ୍ଜାନେ ।" ୨୦ ମାହାପୂରୁତି ରା୍ଜି
ଏଚେଲା ୱା୍ହିମାନେ, ଇ କାତା ପାରୁସିୟାଁ ୱେଞ୍ଜାଲିଏ ଏ୍ୱାସି ଏ୍ୱାରାଇଁ
ଏଲେଇଚେସି, "ମାହାପୂରୁତି ରା୍ଜି ତା୍ଞ୍ଜା ଆ୍ହିଁ ୱା୍ଏ; ୨୧ ଇମ୍ବାଆଁ ମାନେକି
ଏମ୍ବାଆଁ ମାନେ ଇଞ୍ଜାଁ ଲ୍କୁ ୱେସ୍ତଅରି; ଇଚିହିଁ ମାହାପୂରୁତି ରା୍ଜି ମୀ
ବିତ୍ରେଏ ମାନେ ।" ୨୨ ଇଞ୍ଜାଁ ଜୀସୁ ତାନି ସୀସୁୟାଁଇଁ ଏଲେଇଚେସି,
"ଇଲେତି ର୍ବେଲା ୱା୍ନେ, ଏଚି୍ବେଲା ମାଣ୍ସି ମୀର୍ଏଣାତି ର୍ ଦିନା
ମେସାଲି ମ୍ନ କିତିହିଁ ଜିକେଏ ମେହ୍ଅତେରି । ୨୩ ଏଚି୍ବେଲା ଲ୍କୁ ମିଙ୍ଗେ
ୱେସ୍ତାନେରି, ଏ୍ୱାସି ଇମ୍ବାଆଁ ମାନେସି ଏମ୍ବାଆଁ ମାନେସି; ସାମା ଏ୍ୱାରି
କାତା ଆହ୍ଆଦୁ କି ଏ୍ୱାରିତଲେ ତା୍କାଆଦୁ । ୨୪ ଏ୍ନିଇଚିହିଁ ହା୍ଗୁ
ମ୍ଣିହ୍ନାଟି ର୍ କନଟି ଅ୍ର କନୱାକି ଉଜେଡ଼ି ଆ୍ନେ, ଏଲେକିହିଁଏ ମାଣ୍ସି
ମୀର୍ଏଣା ଦିନାତା ଆ୍ନେ । ୨୫ ସାମା ଏ୍ୱାସି ଗାଡି କସ୍ତ ପା୍ଣ୍ନାୟି
ମାନେ, ଇଞ୍ଜାଁ ଇ କା୍ଲାତି ଲ୍କୁ ଏ୍ୱାଣାଇଁ ଅ୍ପଅରି । ୨୬ ଅ୍ଡେ଼ ନ୍ହ
ର୍ବେଲାତା ଏ୍ନିକିଁ ଆ୍ହାମାଚେ, ମାଣ୍ସି ମୀର୍ଏସି ୱା୍ନି ଦିନାତା ଜିକେଏ
ଏଲେକିହିଁଏ ଆ୍ନେ; ୨୭ ନ୍ହ ଜା୍ଜାତା ହ୍ଡ଼୍ନି ଦିନା ପାଟେକା ଲ୍କୁ
ତିଞ୍ଜି ଉଣ୍ଡିହିଁ ବୀହା କିୟାଲି ବୀହା ହିୟାଲି ର୍ହେରାମାଚେରି, ଏଚି୍ବେଲା
କାଜା ପିୟୁ ୱା୍ତେ ଇଞ୍ଜାଁ ବାରେତି କ୍ଷ୍ପ୍ହାତୁସ୍ତେ । ୨୮ ଲଟ ର୍ବେଲାତା
ଜିକେଏ ଏଲେଏ ଆ୍ତେ, ଲ୍କୁ ତିଞ୍ଜି ଉଣ୍ଡି ମାଚେରି, କଡି ମାଚେରି, ପାର୍ଚି
ମାଚେରି, ମା୍ର୍କା ଉହି ମାଚେରି ଅ୍ଡେ଼ ଇଲ୍କା କିହାଲି ର୍ହେରାମାଚେରି,
୨୯ ସାମା ଲଟ ସଦମ ଗା୍ଡ଼ାଟି ହ୍ଚା ହାଲ୍ୱନିଏ, ଲାକପୂରୁଟି ହିଚୁ ଅ୍ଡେ଼
ଗାନ୍ଧାଗୁଣ୍ଡା ୱା୍ହାନା ବାରେତି ନା୍ସା କିତେ । ୩୦ ମାଣ୍ସି ମୀର୍ଏସି
ୱା୍ନି ଦିନାତା ଜିକେଏ ଏଲେଆ୍ହିଁଏ ଆ୍ନେ ।" ୩୧ "ଏ୍ ଦିନା ଆମ୍ବାଆସି
ଇଲୁ ଲାକ ମାନେସି, ଏ୍ୱାସି ଇଲୁ ବିତ୍ରାମାନି ତାନି ଆ୍ସ୍ତି ଅ୍ହାଲି ର୍ଚୋ
ୱା୍ଆପେସି; ଏଲେକିହିଁଏ ଆମ୍ବାଆସି ନେଃଏଲାତା ମାନାସି ଇଜ ୱେଣ୍ଡା
ୱା୍ଆପେସି । ୩୨ ଲଟ ଡକ୍ରିନି କାତା ଅଣ୍ପାଦୁ! ୩୩ ଆମ୍ବାଆସି ତାନି
ଜୀୱୁତି ନୀଟ୍ହାଲି ମ୍ନ କିନାସି, ଏ୍ୱାସି ନା୍ସା ଆ୍ନେସି, ଅ୍ଡେ଼ ଆମ୍ବାଆସି
ତାନି ଜୀୱୁତି ଆ୍ସା କିଆଗାଟାସି ଏ୍ୱାସି ନୀଡିନେସି । ୩୪ ନା୍ନୁ ମିଙ୍ଗେ
ୱେସିମାଞ୍ଜାଇଁ, ଏ୍ ଲା୍ଆାଁୟାଁ ରିଆରି କାଟେଲିତା ଡ଼ୂରା ଡ଼ୟିନେରି, ରଅସି
ଅ୍ୱିଆ୍ନେସି ଅ୍ଡେ଼ ରଅସି ଏମ୍ବାଆଁ ଡ଼ୟିନେସି । ୩୫ ରୀ ଇୟାସିକା
ରଣ୍ଡିଏ ତା୍ଣା ନୂୟିଁମାନୁ, ରଣ୍ଡି ଅ୍ୱିଆ୍ନେ ରଣ୍ଡି ଏମ୍ବାଆଁ ଡ଼ୟିନେ । ୩୬
ରିଆରି ନେଃଏଲାତା ମାନେରି, ରଅସି ଅ୍ୱିଆ୍ନେସି, ରଅସି ଏମ୍ବାଆଁ
ଡ଼ୟିନେସି ।" ୩୭ ଏଚେଟିଏ ସୀସୁୟାଁ ଏଲେଇଚେରି, "ଏ୍ ପ୍ରବୁ ଏମ୍ବିୟା?"
ଜୀସୁ ଏଲେଇଚେସି, "ମାଡ୍ହା ଏମ୍ବିୟାମାନେ ଏମ୍ବାଆଁ ରା୍ମ୍ଣାୟାଁ ରୁଣ୍ଡା
ଆ୍ନୁ ।"

୧୮ ୱା୍ହାଆନା ଅଲେ ଅଲେ ପ୍ରାତାନା କିନାୟିମାନେ, ଇ କାତାତି
ଜୀସୁ ସୀସୁୟାଁଇଁ ପୁଣ୍ମ୍ବିକିନି କାତାତଲେ ୱେସ୍ତେସି ୨ "ର୍
ଗା୍ଡ଼ାତା ର୍ ନୀହାଁୟି କିନାସି ମାଚେସି, ଏ୍ୱାସି ମାହାପୂରୁଇଁ ଆଜି
ହିଲାଆତେସି କି ମାଣ୍ସିୟାଁଇଁ ଜିକେଏ ଅଣ୍ପି ହିଲାଆତେସି । ୩ ଏ୍
ଗା୍ଡ଼ାତା ର୍ ରା୍ଣ୍ଡେଣି ମାଚେ, ଏ୍ଦି ନୀହାଁୟି କିନାଣି ତା୍ଣା ଅଲେ ଅଲେ
ହାଜିହିଁ ନୀନୁ ନେହିଁ ନୀହାଁୟି କିହିଁ ନା୍ କ୍ପାଟି ନିଙ୍ଗ୍ଣମାଞ୍ଜାନାଣା ତା୍ଣାଟି
ଗେଲ୍ପାମୁ ଇଞ୍ଜାଁ ବାତିମା୍ଲିମାଚେ । ୪ ଅ୍ଡେ଼ ଏ୍ୱାସି ଏ୍ଦାନି କାତା
ୱେଞ୍ଜି ହିଲାଆତେସି; ଡା୍ୟୁ ଏ୍ୱାସି ମ୍ନ ମ୍ନତା ଅଣ୍ପିତେସି, ନା୍ନୁ
ମାହାପୂରୁଇଁ ଆଜିହିଲଅଁ କି ମାଣ୍ସିଇଁ ଅଣ୍ପି ହିଲଅଁ, ୫ ଆ୍ତିଜିକେଏ
ଇ ରା୍ଣ୍ଡେଣି ନାଙ୍ଗେ କସ୍ତ ହୀହିମାଞ୍ଜାନାକି ନା୍ନୁ ତାନି କ୍ପାଟି ନିଙ୍ଗ୍ଣମାନି
ନୀହାଁୟି ଡିକ୍ହାତୁହ୍ଇଁ, ଆ୍ଆତିଁ ଏ୍ଦି ନାଙ୍ଗେ ବାରେ୍ବେଲା ଗିଜିଗିଜା
କି୍ହେମାଞ୍ଜାନେ ।" ୬ ଏମ୍ବାଟିଏ ପ୍ରବୁ ଏଲେଇଚେସି, "ଇ ଲାଗେଏତି
ନୀହାଁୟି କିନାଣି କାତା ଅଣ୍ପାଦୁ । ୭ ଆତିହିଁ ମାହାପୂରୁ ଆ୍ଚିତି ଲ୍କୁ
ଲା୍ଆଁ ମାଦେନା ଏ୍ୱାଣାଇଁ ହା୍ଟିହିଁ ଡ଼ୟିନେରି, ଏ୍ୱାସି କି ଏ୍ୱାରି ନୀହାଁୟି
କିଅସି? ଆ୍ତିଜିକେଏ ଏ୍ୱାସି ଏ୍ୱାରି ସାତୁୟାଁକି ହା୍ରେକା ଅ୍ର୍ହିନାସି
ଆ୍ନେସି କି? ୮ ନା୍ନୁ ମିଙ୍ଗେ ୱେସିମାଞ୍ଜାଇଁ, ଏ୍ୱାସି ତବେ ଏ୍ୱାରି ତାକି
କିୱି ଆ୍ହାମାନି ପ୍ଲ୍ଆ କାମାତି ନୀହାଁୟି କିନେସି, ଆ୍ତିଜିକେଏ ମାଣ୍ସି
ମୀର୍ଏସି ଦାର୍ତିତା ୱା୍ହାନା ନାମୁତି ମେହ୍ନେସିକି?" ୯ ତାମ୍ଙ୍ଗେ
ଟୀରିଗାଟାତମି ଇଞ୍ଜାଁ ଅଣ୍ପାନା ଏଟ୍କା ତାରାଇଁ ହୀଣି କିନି ଲ୍କୁଣି ଜୀସୁ
ଇ ପୁଣ୍ମ୍ବିକିନି କାତା ୱେସ୍ତେସି, ୧୦ ରିଆରି ପ୍ରାତାନା କିହାଲି ର୍ ପ୍ରାତାନା
ଇଲୁତା ହାଚେରି, ରଅସି ପାରୁସି ଅ୍ଡେ଼ ରଅସି ସିସ୍ତୁ ରୀହ୍ନାସି । ୧୧
ପାରୁସି ନିଚାନା ଇଲେକିହିଁ ପ୍ରାତାନା କିତେସି, "ଏ୍ ମାହାପୂରୁ ନା୍ନୁ ନିଙ୍ଗେ
ଜହରା କିହିମାଞ୍ଜାଇଁ, ନା୍ନୁ ଏଟ୍କା ଲ୍କୁ ଲେହେଁ ଦାର୍ମୁ ହିଲାଆ ଗାଟାତେଏଁ
ଆ୍ଏ, ସ୍ରୁ, ଦା୍ରି ଗାଟାତେଏଁ ଆ୍ଏ କି ଇ ସିସ୍ତୁ ରୀହ୍ନାଣି ଲେହେଁ
ଜିକେଏ ଆ୍ଏ; ୧୨ ନା୍ନୁ ୱା୍ରା ତାକି ରୀ ଦେବା ଉପାସା କିହିମାଇଁ, ଅ୍ଡେ଼
ନା୍ନୁ ବେଟାଆ୍ହି ମାନାଣି ବାରେ ଦସ ବା୍ଗାଟି ର୍ ବା୍ଗା ହୀହିମାଇଁ ।"
୧୩ ସାମା ସିସ୍ତୁ ରୀହ୍ନାସି ହେକ ନିଚାନା ତାନି କାନୁ ଲାକପୂରୁ ୱାକି
ଜିକେଏ ପେର୍ହାଁ ସିନିକିହାଲି ସ୍ୱାସା କିଆତେସି, ସାମା ତାନି ବକତା
ୱେଚା କଡାନା ଏଲେଇଚେସି, "ଏ୍ ମାହାପୂରୁ ନା୍ନୁ ପା୍ପୁ ଗାଟାତେଏଁ
ନାଙ୍ଗେ କାର୍ମା ମେସ୍ତାମୁ ।" ୧୪ "ନା୍ନୁ ମିଙ୍ଗେ ୱେସିମାଞ୍ଜାଇଁ, ଏ୍ୱାସି
ଆ୍ଏ ସାମା ସିସ୍ତୁ ରୀହ୍ନାସି ଟୀରିଗାଟାସି ଆ୍ହାନା ତାମି ଇଜ ହାଚେସି;
ଏ୍ନିଇଚିହିଁ ଆମ୍ବାଆସି ନା୍ନୁ କାଜାତେଏଁ ଇଞ୍ଜାଁ କଡିନେସି, ଏ୍ୱାଣାଇଁ

ଉଣା କିୱିଆନେ, ସାମା ଆମ୍ବାଆସି ନ଼ାନୁ ଉଣାତେଏଁ ଇନେସି, ଏ଼ୱାଣାଇଁ
କାଜାସି କିୱିଆନେ ।" ୧୫ ଏ଼ୱାସି ଏ଼ନିକିଁ କକାରି ପ଼ଦାଁଣି ଡୀଗିନେସି,
ଏ଼ଦାଆଁତାକି ଲ଼କୁ ଏ଼ୱାରାଇଁ ଜୀସୁ ତ଼ାଣା ତାଚାଲି ମ଼ାଟ୍‌ହେରି; ସାମା
ସୀସୁୟାଁ ଏ଼ଦାଆଁ ମେସାନା ଏ଼ୱାରାଇଁ ଦାକା ହୀତେରି । ୧୬ ସାମା ଜୀସୁ
କକାରି ପ଼ଦାଁଣି ଡାଗେ ହ଼ାଟାନା ଏଲେଇଚେସି, "କକାରି ପ଼ଦାଁଣି ନ଼ା
ଡାଗେ ୱ଼ାହାଲି ହୀଦୁ, ଏ଼ୱାରାଇଁ କ଼ାହିକିଆଦୁ; ଏ଼ନିଇଚିହିଁ ମାହାପୂରୁତି
ର଼ାଜି ଇଲେତାରାୱାୟି । ୧୭ ନ଼ାନୁ ମିଞ୍ଜେ ସାତା ୱେସିମାଞ୍ଜାଇଁ, ଆମ୍ବାଆସି
ଉଣା କକାରି ପ଼ଦାୟାଁ ଲେହେଁ ମାହାପୂରୁ ର଼ାଜି ଆହ୍‌ଅସି ଏ଼ୱାସି ଏ଼ନିକିଁ
ଜିକେଏ ଏମ୍ବାଆଁ ହ଼ଡାଲି ଆ଼ଡଅସି ।" ୧୮ ଜୀହୁଦି ଲ଼କୁ ବିତ୍ରାଟି କାଜାସି
ଜୀସୁଇଁ ୱେଚେସି, "ଏ଼ ନେହିଁ ଗୁରୁ କ଼ାଲାକ଼ାଲାତି ଜୀୱୁ ବେଟାଆ଼ହାଲି
ନ଼ାନୁ ଏ଼ନାଆଁ କିଇଁ?" (aiōnios g166) ୧୯ ଜୀସୁ ଏ଼ୱାଣାଇଁ ଏଲେଇଚେସି,
"ନାଙ୍ଗେ ନେହାଁତି ଇଞ୍ଜେଁ ଏ଼ନାଆଁତାକି ଏଲେଇଞ୍ଜିମାଞ୍ଜି? ଇଚିହିଁ ମାହାପୂରୁ
ରଅସିଏ ନେହାଁସି ମାନେସି ଏ଼ୱାଣି ପିସ୍‌ପେ ଆମ୍ବାଆସି ନେହାଁସି ହିଲଅସି
। ୨୦ ହୁକୁମିକା ପୁଞ୍ଜାମାଞ୍ଜି, 'ଦ଼ାରି କିଆନି, ଲ଼କୁଣି ପ଼ାୟାଆନି, ସ଼ରୁ
କିଆନି, ମିଚିସାକି ହୀଆନି, ତାଲି ତାଞ୍ଜି କାତା ମ଼ାନି କିମୁ ।'" ୨୧
ଦ଼ନଗାଟାସି ଏଲେଇଚେସି, "ନ଼ାନୁ ଇ ବାରେ ଉଣାୱେଡ଼ାଟିଏ କିହିମାଇଁ
।" ୨୨ ଜୀସୁ ଇ କାତା ୱେଞ୍ଜାନା ଏ଼ୱାଣାଇଁ ଏଲେଇଚେସି, "ନୀନୁ ର଼
କାମା କିନାୟିମାନେ; ନୀନୁ ନୀ ତ଼ାଣା ମାନି ବାରେ ଦ଼ନବିତି ପାର୍‌ଚାନାହାଁ
ହିଲାଆ ଗାଟାରାକି ଦ଼ାନା ହୀମୁ, ଇଞ୍ଜାଁ ଡ଼ାୟୁ ନୀନୁ ଲାକପୂରୁତା ଦ଼ନ
ବେଟାଆ଼ଦି; ଏଚେଟିଏ ନ଼ା ଡ଼େଜ ଡ଼େଜ ୱ଼ାମୁ ।" ୨୩ ସାମା ଏ଼ୱାସି
ଇ ବାରେ କାତା ୱେଞ୍ଜାନା ହ଼ାରେକା ଦୁକୁ ଆ଼ତେସି, ଇଚିହିଁ ଏ଼ୱାସି
ବାଡ଼୍‌କୁ ଗାଟାସି ମାଚେସି । ୨୪ ଏଚେଟିଏ ଜୀସୁ ଏ଼ୱାଣାଇଁ ମେସାନା
ଏଲେଇଚେସି, "ଆମ୍ବାଆରି ଦ଼ନ ମାନେ, ଏ଼ୱାରି ହ଼ାରେକା କସ୍ତତଲେ
ମାହାପୂରୁତି ର଼ାଜିତା ହ଼ଡ଼୍‌ନେରି! ୨୫ ଇଚିହିଁ ମାହାପୂରୁତି ର଼ାଜିତା
ଦ଼ନଗାଟାସି ହ଼ଡ଼୍‌ନି କିହାଁ ଉଟୁ ସୂଜା କ଼ାଣିଟି ହ଼ଚାହାନାୟି ଉସାସା
।" ୨୬ ଏ଼ କାତା ୱେଞ୍ଜିମାଚାରି ଏଲେଇଚେରି, "ଆତିହିଁ ଆମ୍ବାଆସି
ଗେଲ୍‌ପି ଆ଼ହାଲି ଆ଼ଡିନେସି?" ୨୭ ଜୀସୁ ଏଲେଇଚେସି, "ଏ଼ନାଆଁ
ଲ଼କୁ କିୟାଲି ଆ଼ଡାଆଗାଟାଣି ମାହାପୂରୁ କିହାଲି ଆ଼ଡିମାନେସି ।" ୨୮
ଏ଼ଚେତା ପିତର ଜୀସୁଇଁ ୱେଚେସି, "ମେହ୍‌ମୁ ମ଼ାମୁ ବାରେ ପିସାନା ନୀ
ଡ଼େଜ ୱ଼ାହିମାନମି ।" ୨୯ ଜୀସୁ ଏ଼ୱାରାଇଁ ୱେସ୍ତେସି, "ନ଼ାନୁ ମିଞ୍ଜେ
ସାତା ୱେସିମାଞ୍ଜାଇଁ, ଆମିନି ଗାଟାରି ମାହାପୂରୁ ର଼ାଜିତାକି ଇଲୁକାଣ୍ତ୍ରା,
ଡକ୍ରିନି, ତାୟି, ତାଲି ତାଞ୍ଜି, ଅ଼ଡ଼େ ମୀର଼୍କା ମ଼ାସ୍କାଣି ପିସାମାନେରି,
୩୦ ଏ଼ୱାରି ଇ ଜୁଗୁତା ହ଼ାରେକା ଆଗାଡ଼ା ବେଟାଆ଼ହାନା, ୱ଼ାନି ଜୁଗୁତା
କ଼ାଲାକ଼ାଲାତି ଜୀୱୁ ବେଟା ଆ଼ନେସି ।" (aiōn g165, aiōnios g166)
୩୧ ଜୀସୁ ତାନି ବ଼ାରଜ଼ାଣା ସୀସୁୟାଁଇଁ ହ଼ାଟାନା ୱେସ୍ତେସି, "ମେହ୍‌ଦୁ
ମ଼ାର ଜିରୁସାଲମତା ହାଜିମାନାୟି, ଏମ୍ବାଆଁ ମାଣ୍‌ସି ମୀର଼୍‌ଏଣି ତାକି
ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାରି ଏ଼ନା ଏ଼ନାଆଁ ର଼ାଚାମାନେରି, ଏ଼
ବାରେ ମାଣ୍‌ସି ମୀର଼୍‌ଏଣା ତ଼ାଣା ସାତା ଆ଼ନେ; ୩୨ ଇଚିହିଁ ଏ଼ୱାଣାଇଁ
ଏଟ୍‌କା କୂଡ଼ାତାରି କେୟୁତା ହେର୍‌ପିଆ଼ନେସି, ଇଞ୍ଜାଁ ଏ଼ୱାରି ଏ଼ୱାଣାଇଁ
କାକ୍‌ନେରି, ଏ଼ୱାଣାଇଁ ହୀଣି କିହାନା ହୂପିନେରି, ୩୩ ଏ଼ୱାଣାଇଁ ସ଼ାଟ୍‌ଣି
ଡ଼ରିତଲେ ୱେଚାନା ପ଼ାୟିନେରି, ଇଞ୍ଜାଁ ତୀନି ଦିନାଟିଏ ନିଙ୍ଗିନେସି ।"
୩୪ ସାମା ସୀସୁୟାଁ ଇ ବାରେ କାତା ପୁଞ୍ଜାଲି ଆ଼ଡାଆତେରି; ଇ କାତା
ଏ଼ୱାରିତ଼ାଣା ଡୁଗାନା ମାଚେ, ଏ଼ନାଆଁ ୱେସ୍‌ପି ଆ଼ହିମାଚେ ଏ଼ ବାରେ
ପୁଞ୍ଜିହିଲାଆତେରି । ୩୫ ଜୀସୁ ଜିରିହ ଗ଼ାଡ଼ାତା ଏଜିମାଚାଟି ର଼ କ଼ାଣା
ଜିରୁତା କୁଗାନା ରୀସ୍‌ପିମାଚେସି । ୩୬ ଏ଼ୱାସି ଲ଼କୁତି ହାଜିମାନି ହ଼ାଡା
ୱେଞ୍ଜାନା, "ଇଦି ଏ଼ନାୟି ଆ଼ହିମାନେ ଇଞ୍ଜେଁ ୱେଚେସି ।" ୩୭ "ନ଼ାଜରିତତି
ଜୀସୁ ଇମ୍ବାଟି ହାଜିମାନେସି" ଇଞ୍ଜେଁ ୱେସ୍ତେରି । ୩୮ ଏଚେଟିଏ କ଼ାଣା
କାଜା ଗିୟାଁତଲେ ଏଲେଇଞ୍ଜି ଇଚେସି, "ଏ଼ ଜୀସୁ ଦାୱୁଦ ମୀର଼୍‌ଏଣାତି
ନାଙ୍ଗେ କାର୍ମା ମେସ୍ତାମୁ ।" ୩୯ ସାମା ନ଼କିତା ହାଜିମାଚାରି ଏ଼ୱାଣାଇଁ
ପାଲେଏ ମାଞ୍ଜାଲି ଦାକା ହୀତେରି, ସାମା ଏ଼ୱାସି ଅ଼ଡ଼େ କାଜା ଗିୟାଁତଲେ
ଏଲେଇଚେସି, "ଏ଼ ଜୀସୁ ଦାୱୁଦ ମୀର଼୍‌ଏଣାତି ନାଙ୍ଗେ କାର୍ମା ମେସ୍ତାମୁ ।"
୪୦ ଏଚେଟିଏ ଜୀସୁ ଏମ୍ବାଆଁ ନିଚାନା କ଼ାଣାଇଁ ତାନି ଦାରିତା ତାଚାଲି
ଟ଼ାଣ୍ଡିତେସି; ଏ଼ଚେତା କ଼ାଣା ଡାଗେ ୱ଼ାତେସି ଇଞ୍ଜାଁ ଜୀସୁ ଏ଼ୱାଣାଇଁ
ୱେଚେସି, ୪୧ "ନ଼ାନୁ ନିଙ୍ଗେତାକି ଏ଼ନାଆଁ କିଇଁ ଇଞ୍ଜେଁ ମ଼ନ କିହିମାଞ୍ଜି?"
କ଼ାଣା ଏଲେଇଚେସି, "ଏ଼ ପ୍ରବୁ ନ଼ାନୁ ଏ଼ନିକିଁ ମେସାଲି ଆ଼ଡିଇଁ ।" ୪୨
ଜୀସୁ ୱେସ୍ତେସି, "ନୀନୁ ମେହ୍‌ମୁ, ନୀ ନାମୁ ନିଙ୍ଗେ ନେହିଁ କିୟାତେ ।" ୪୩
ଏ଼ ଦେବୁଣିଏ ଏ଼ୱାସି ମେସାଲି ଆ଼ଡିତେସି ଇଞ୍ଜାଁ ମାହାପୂରୁତି ଜହରା କିହିଁ
କିହିଁ ଜୀସୁ ଡ଼େଜ ହାଚେସି, ଅ଼ଡ଼େ ଲ଼କୁ ଏ଼ଦାଆଁ ମେସାନା ମାହାପୂରୁଇଁ
ଜହରା କିତେରି ।

**୧୯** ଜୀସୁ ଜିରିହତା ହ଼ଡାନା ଗ଼ାଡ଼ା ମାଦିଟି ହାଜିମାଚେସି । ୨
ଏମ୍ବାଆଁ ଜକିୟ ଦ଼ରୁଗାଟାସି ରଅସି ମାଚେସି, ଏ଼ୱାସି ସିସ୍ତୁ
ରୀହ୍‌ନାରି ବିତ୍ରାଟି କାଜାସି ଅ଼ଡ଼େ ଏ଼ୱାଣାକି ହ଼ାରେକା ଦ଼ନ ମାଚେ । ୩
ଜୀସୁ ଏ଼ନିଲେହେଁତାସି ଇଞ୍ଜେଁ ଏ଼ୱାଣାଇଁ ମେସାଲି ହ଼ାରେକା ମ଼ନ ମାଚେ,
ସାମା ହ଼ାରେକା ଲ଼କୁ ମାଚାକି ମେସାଲି ଆ଼ଡିହିଲାଆତେସି, ଏ଼ନାଆଁତାକି
ଇଚିହିଁ ଏ଼ୱାସି କୁଜା ମାଚେସି । ୪ ଏମ୍ବାଟିଏ ଏ଼ୱାସି ନ଼କିତା ହଟି ହଟି
ହାଜାନା ଜୀସୁ ହାନି ଜିରୁତା ଏ଼ୱାଣାଇଁ ମେସାଲି ର଼ ଡ଼ୟା ମ଼ାର଼ନୁତା
ହ଼ତେସି, ଇଚିହିଁ ଜୀସୁ ଏ଼ ଜିରୁଟି ହାନାୟି ମାଚେ । ୫ ଜୀସୁ ଏମ୍ବାଆଁ
ଏଜାନା ଲାକ ସିନିକିହାନା ହ଼ାଟିତେସି, "ଆଡ଼େ ଜକିୟ ତବେ ଡ଼େଚାୱାମୁ
ଇଚିହିଁ ନୀଞ୍ଜୁ ନ଼ାନୁ ମୀ ଇଜ ଗତା ୱ଼ାନାୟି ମାନେ ।" ୬ ଏ଼ୱାସି ତବେ
ଡ଼େଚାୱ଼ାହାନା ଏ଼ୱାଣାଇଁ ର଼ାହାଁଟି ତାମି ଇଜ ହ଼ାଟିତେସି । ୭ ଇଦାଆଁ
ମେସାନା ବାରେ ଲ଼କୁ ମୁରୁ ମୁରୁ ଆ଼ହିଁ କାତା ଆ଼ତେରି, "ଇୱାସି ର଼
ପ଼ାପୁ ଗାଟାରି ଇଜ ଗତା ହାଜିମାନେସି ।" ୮ ସାମା ଜକିୟ ନିଚାନା
ପ୍ରବୁଇଁ ଏଲେଇଚେସି, "ଏ଼ ପ୍ରବୁ ନ଼ାନୁ ନ଼ା ଦ଼ନତି ର଼ ବ଼ାଗା ହିଲାଆ
ଗାଟାରାକି ହୀଇଁ, ଅ଼ଡ଼େ ନ଼ାନୁ ଆମ୍ବାଆରି ତ଼ାଣାଟି ଏ଼ନାଆଁ ତାଚାମାଚିହିଁ
ସ଼ାରି ବ଼ାଗା ଆଗାଡ଼ା ୱେଟ୍‌ଇଁ ।" ୯ ଏମ୍ବାଟିଏ ଜୀସୁ ଏଲେଇଚେସି, "ନୀଞ୍ଜୁ
ଇ ଇଜତି ଲ଼କୁତାକି ଗେଲ୍‌ପିନାୟି ୱ଼ାହାମାନେ, ଇଚିହିଁ ଇୱାସି ଜିକେଏ

ଅବ୍ରାହାମତି କୂଡ଼ାତାସି । **୧୦** ଇଚିହିଁ ଏ଼ନାୟି ଜା଼ଙ୍ଗା ହାଜାମାନେ ଏ଼ଦାଆଁ
ପାରାନା ଗେଲ୍‌ପାଲି ମାଣ୍‌ସି ମୀର୍‌ଏସି ୱା଼ହାମାନେସି ।” **୧୧** ଲ଼କୁ ଈ
କାତା ୱେଞ୍ଜି ମାଚାଟି ଏ଼ୱାସି ଅ଼ଡ଼େ ର଼ ପୁଣ୍‌ମ୍ୱିକିନି କାତା ୱେସ୍ତେସି,
ଇଚିହିଁ ଏ଼ୱାସି ଜିରୁସାଲମ ଡାଗେ ଆ଼ହାମାଚେସି, ଇଚିହିଁ ମାହାପୂରୁ ରା଼ଜି
ତବେ ତ଼ଞ୍ଜାଆ଼ନେ ଇଞ୍ଜୁଁ ଅଣ୍‌ପିମାଚେରି । **୧୨** ଏ଼ୱାସି ଏଲେଇଚେସି,
“ର଼ କାଜା କୂଡ଼ାତାସି ରାଜା ପା଼ଣା ବେଟାଆ଼ହାଁ ୱେଣ୍ତ୍ରା ୱାଈଁୱା ଇଞ୍ଜୁଁ
ର଼ ହେକ ରା଼ଜି ହାଚେସି । **୧୩** ଏ଼ୱାସି ତାନି ଦସଜା଼ଣା ହ଼ଲିୟାଙ୍ଗାଣି
ହା଼ଟାନା ଏ଼ୱାରାକି ଦସଗଟା ୱେଣ୍ତି ଟାକା ଲାକା ହୀହାନା ଏଲେଇଚେସି,
‘ନା଼ନୁ ୱେଣ୍ତ୍ରା ୱା଼ନି ପାତେକା ମୀରୁ ଈ ଟାକା ତଲେ ବ଼େବାରା କିଦୁ
।’ **୧୪** ସାମା ତାନି ଦ଼େସାତାରି ଏ଼ୱାଣାଇଁ ଅ଼ପିହିଲାଆତେରି, ‘ଈୱାସି
ମାଙ୍ଗେତାକି ରାଜା ଆୟାଆପେସି’ ଇଞ୍ଜୁଁ ତାନି ଜ଼େଚଏ କ଼ସ୍‌କାଣି କାବୁ
ୱେସା ପାଣ୍ତିତେରି ।” **୧୫** ଡା଼ୟୁ ଏ଼ୱାସି ରାଜା ପା଼ଣା ବେଟାଆ଼ହାନା ତାନି
ରା଼ଜିତା ୱେଣ୍ତ୍ରାୱା଼ତେସି, ଇଞ୍ଜାଁ ତା଼ନୁ ଟାକାୟାଁ ହୀହାମାଚି ହ଼ଲିୟାଙ୍ଗା
ବ଼େବାରା କିହାଁ ଏଚେକା ଲା଼ବା କିହାମାନେରି ଏ଼ଦାଆଁ ପୁଞ୍ଜାଲି ଏ଼ୱାରାଇଁ
ହା଼ଟିକିତେସି, ଇଞ୍ଜାଁ ୱେଚେସି । **୧୬** ତଲିତାସି ୱା଼ହାନା ଏଲେଇଚେସି,
“ବା଼ବୁ ନୀନୁ ହୀହାମାଞ୍ଜାତି ର଼ ଟାକା ତଲେ ବ଼େବାରା କିହାନା ଦସଟାକା
ଲା଼ବା କିହାମାଇଁ ।” **୧୭** ଏ଼ୱାସି ଏ଼ୱାଣାଇଁ ଏଲେଇଚେସି, “ନେହିଁ
ଟିକାଣାଗାଟି ନାମୁତି ହ଼ଲେଏଣାତି, ନୀନୁ ଊଣା କାମାତାକି ନେହିଁ କାମା
କିହାମାନାକି ନା଼ନୁ ନିଙ୍ଗେ ଦସଗଟା ଗା଼ଡ଼ାୟାଁ ସା଼ଲୱି କିନି ଅଦିକାରା କିମୁ
।” **୧୮** ଅ଼ଡ଼େ ରଅସି ୱା଼ହାନା ଏଲେଇଚେସି, “ବା଼ବୁ ନୀନୁ ହୀହାମାଞ୍ଜାତି
ଟାକା ତଲେ ପା଼ସାଗଟା ଲା଼ବା କିହାମାଇଁ ।” **୧୯** ଏ଼ୱାସି ଏ଼ୱାଣାଇଁ
ଜିକେଏ ଏଲେଇଚେସି, “ନୀନୁ ଜିକେଏ ପା଼ସାଗଟା ଗା଼ଡ଼ାୟାଁ ମୁହେଁ
ଅଦିକାରା ଆ଼ମୁ ।” **୨୦** ଅ଼ଡ଼େ ରଅସି ୱା଼ହାନା ଏଲେଇଚେସି, “ପ୍ରବୁ
ମେହ୍‌ମୁ ଈଦି ନୀନୁ ହୀହାମାଞ୍ଜାତି ଟାକା; ଈଦାଆଁ ନା଼ନୁ ଡ୍ରା଼ଃଆଲିତା
ରୂପାନା ଇଟାମାଚେଏଁ । **୨୧** ଇଚିହିଁ ନା଼ନୁ ନିଙ୍ଗେ ଆଜାତେଏଁ, ନୀନୁ ର଼
ଗିରିଗିରା ଗାଟାତି, ଇଟା ହିଲାଆଗାଟାଣି ପାରିନାତି, ମାଟା ହିଲାଆତା଼ଣା
ଦା଼ଃଆନାତି ।” **୨୨** ଏ଼ୱାସି ଏ଼ୱାଣାଇଁ ଏଲେଇଚେସି, ଆଡ଼େ ପ଼ଲ୍‌ଆଗାଟି
ହ଼ଲେଏଣାତି, ନୀ ଗୂତିତି ହା଼ଡାତଲେ ନୀ ନୀହାଁୟି କିୟାଇଁ, ନା଼ନୁ
ଗିରିଗିରା ଗାଟାତେଏଁ, ଇଟାହିଲାଆ ତା଼ଣା ପାରିନାତେଏଁ ମାଟାଆତି ତା଼ଣା
ଦା଼ଃଆନାତେଏଁ ଈଦାଆଁ ପୁଞ୍ଜାମାଚି? **୨୩** ଆତିହିଁ ଏ଼ନାଆଁତାକି ନା଼ ଟାକାତି
ରୀଣା ଅ଼ନାରାକି ହୀଆତି, ନା଼ନୁ ୱା଼ହାନା ଅଡିତଲେ ବେଟାଆ଼ତେଏଁମା ।
**୨୪** ଇଞ୍ଜାଁ ଦାରିତା ନିଚାମାଚାରାଇଁ ୱେସ୍ତେସି, “ଈୱାଣି ତା଼ଣାଟି ଏ଼ ଟାକା
ମୀଞ୍ଜା ଅ଼ହାନା ଆମ୍ୱାଆରିକି ଦସଟାକା ମାନୁ ଏ଼ୱାଣାକି ହୀଦୁ ।” **୨୫**
ଏଚେଟିଏ ଏ଼ୱାରି ୱେସ୍ତେରି, “ପ୍ରବୁ ଏ଼ୱାଣାକି ଦସଟାକା ମାନୁ ।” **୨୬**
ନା଼ନୁ ମିଙ୍ଗେ ୱେସିମାଞ୍ଜାଇଁ, “ଆମିନିଗାଟାଣାକି ମାନେ, ଏ଼ୱାଣାକି ଗାଡି
ହୀପ୍‌କିଆ଼ନେ । ସାମା ଆମ୍ୱାଆରାୱାୟି ହିଲେଏ ଏ଼ୱାଣି ତା଼ଣା ଏ଼ନାୟି
ଡକ୍ରାୟାଁ ମାଚେରି, ଅ଼ଡ଼େ ନୀଏଁ ନୀ ତଲେ ଆମ୍ବାଆସି ମାନେସି ଏ଼ୱାସି ନୀ
ଡକ୍ରା ଆ଼ଏ ଇଦାଆଁ ସାତା ୱେସାମାଞ୍ଜି ।" ୧୯ ଆୟା଼ଟି ଏଲେଇଚେ, "ଗୂରୁ,
ନା଼ନୁ ପୁଞ୍ଜିମାଇଁ ନୀନୁ ର଼ ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାତି, ଇଦାଆଁ ନା଼ନୁ
ପୁଞ୍ଜିମାଇଁ । ୨୦ ମା଼ ଆକୁ ଆ଼ବାୟାଁ ଇ ହ଼ରୁ ଲାକ ପ୍ରାତାନା କିହିମାଚେରି;
ଅ଼ଡ଼େ ମୀ ଜୀହୁଦି ଲ଼କୁ ଏଲେଇନେରି, ପ୍ରାତାନା କିନି ଟା଼ୟୁ ଆ଼ହିମାନେ
ଜିରୁସାଲମ ।" ୨୧ ଜୀସୁ ଏ଼ଦାନି ଏଲେଇଚେସି, "ଇୟା଼ ନା଼ ହ଼ାଡାତି
ନାମାମୁ, ଏମିନି ବେ଼ଲାତା ମୀରୁ ଇ ହ଼ରୁତା କି ଜିରୁସାଲମତା ଆ଼ବା ତା଼ଣା
ପ୍ରାତାନା କିଅତେରି ଇଲେତି କା଼ଲମି ୱା଼ନେ । ୨୨ ଆମ୍ବାଆରାଇଁ ମୀରୁ
ପୁଞ୍ଜାହିଲଅତେରି, ଏ଼ୱାଣାଇଁ ପ୍ରାତାନା କିହିମାଞ୍ଜେରି; ଆମ୍ବାଆରାଇଁ ମା଼ର
ପୁଞ୍ଜାମାନାୟି, ଏ଼ୱାଣାଇଁ ପ୍ରାତାନା କିହିମାନାୟି, ଇଚିହିଁ ଗେଲ୍‌ପିନାୟି
ଜୀହୁଦି ଲ଼କୁ ତା଼ଣାଟି ୱା଼ନେ । ୨୩ ସାମା ଏମିନି କା଼ଲମିତା ସାତା
ତଲେ ପ୍ରାତାନା କିନି ଲ଼କୁ ଜୀୱୁତଲେ ଅ଼ଡ଼େ ସାତା ତଲେ ଆ଼ବାଇଁ
ପ୍ରାତାନା କିନେରି, ଇଲେତି କା଼ଲମି ୱା଼ହିମାନେ; ଅ଼ଡ଼େ, ନୀଏଁ ଜିକେଏ
ମାନେ; ଇଚିହିଁ ଆ଼ବା ଇଲେତି ପ୍ରାତାନା କିନାରାଇଁ ପାରିମାନେସି । ୨୪
ମାହାପୂରୁ ସୁଦୁଜୀୱୁ ଗାଟାସି, ଅ଼ଡ଼େ ଆମ୍ବାଆରି ତାନି ପ୍ରାତାନା କିନେରି,
ଏ଼ୱାରି ଜୀୱୁ ଇଞ୍ଜାଁ ସାତା ତଲେ ତାନି ପ୍ରାତାନା କିନାୟିମାନେ ।" ୨୫ ଏ଼
ଆୟା଼ଟି ଜୀସୁଇଁ ଏଲେଇଚେ, "ନା଼ନୁ ପୁଞ୍ଜାମାଇଁ, ମସିହା, ଆମ୍ବାଆରାଇଁ
କ୍ରୀସ୍ତ ଇନେରି, ଏ଼ୱାସି ୱା଼ନେସି; ଏ଼ଚେତା ଏ଼ୱାସି ୱା଼ନେସି ମାଙ୍ଗେ
ବାରେ କାତା ପୁଣ୍‌ମ୍ବି କିୟା଼ନେସି ।" ୨୬ ଜୀସୁ ଏ଼ଦାନି ଏଲେଇଚେସି,
"ନୀଏଁ ନୀ ତଲେ ହ଼ାଡା ଆ଼ହିମାନାତେଏଁ ନା଼ନୁ, ନା଼ନୁ ଏ଼ୱାତେଏଁ ।" ୨୭
ଏଚିବେ଼ଲାତା ତାନି ସୀସୁୟାଁ ୱା଼ହାନା ତା଼ନୁ ର଼ ଆୟା଼ଟି ତଲେ ହ଼ାଡା
ଆ଼ହିମାନାଣି ମେସାନା କାବା ଆ଼ତେରି, ଆ଼ତିଜିକେଏ ନୀନୁ ଏ଼ନାଆଁ
ମ଼ନ କିହିମାଞ୍ଜି, ଆ଼ଆତିଁ ଏ଼ନାଆଁତାକି ଏ଼ଦାନିତଲେ ହ଼ାଡା ଆ଼ହିମାଞ୍ଜି
ଇଞ୍ଜୁଁ? ଆମ୍ବାଆରି ୱେନାଆତେରି । ୨୮ ଏମ୍ବାଟିଏ ଆୟା଼ଟି ଏମ୍ବାଆଁ ତାନି
ଏ଼ୟୁ ଡ଼କା ପିସାନା ଗା଼ଡ଼ାତା ହାଜାନା ଲ଼କୁଣି ୱେସ୍ତେ, "ୱା଼ଡୁ, ରଅଣାଇଁ
ମେହ୍‌ଦେରି, ୨୯ ନା଼ନୁ ଏ଼ନା ଏ଼ନାଆଁ ନା଼ ଜୀୱୁତା କିହାମାଇଁ, ଏ଼ୱାସି
ନାଙ୍ଗେ ବାରେ ୱେସ୍ତାତେସି; ଏ଼ୱାସି ମସିହା ଆ଼ହାଡ଼ୟିନେସି?" ୩୦
ଏମ୍ବାଟିଏ ଏମ୍ବାତି ଲ଼କୁ ଗା଼ଡ଼ାଟି ହ଼ଚାନା ଜୀସୁ ତା଼ଣା ହାଚେରି । ୩୧
ଏଚିବେ଼ଲାତା ସୀସୁୟାଁ ବାତିମା଼ଲିହିଁ ଏଲେଇଚେରି, "ଏ଼ ଗୂରୁ, ତିନାମୁ
।" ୩୨ ସାମା ଜୀସୁ ଏ଼ୱାରାଇଁ ଏଲେଇଚେସି, "ତିଞ୍ଜାଲି ତାକି ଏମିନି
କା଼ଦି ନା଼ ତା଼ଣା ମାନେ, ମୀରୁ ଏ଼ କା଼ଦିତି କାତା ପୁଞ୍ଜାହିଲଅତେରି ।"
୩୩ ସୀସୁୟାଁ ତା଼ମ୍ବୁ ତା଼ମ୍ବୁ ହ଼ାଡାକାତା ଆ଼ତେରି, "ଆମ୍ବାଆୟି ତାଙ୍ଗେତାକି
କା଼ଦି ତାଚା ହୀହାମାନେ ହାବୁଲା?" ୩୪ ଜୀସୁ ଏ଼ୱାରାଇଁ ଏଲେଇଚେସି,
"ନାଙ୍ଗେ ପାଣ୍ଡାମାଞ୍ଜାନାଣା ଅଣ୍‌ପୁ ଅ଼ଡ଼େ ତାନି କାମା ରା଼ପ୍‌ନାୟି ଏ଼ଦିଏ

ନ୍‌ା କ୍‌ାଦି । ୩୫ ଆର୍ନା ଦ୍‌ାଚାଲି ଅ୍‌ଡ଼େ ସ୍‌ାରି ଲେଞ୍ଜୁ ମାନେ, ଇ କାତା
ମୀରୁ ୱେସିହିଲଅତେରି ସାମା ନ୍‌ାନୁ ମିଙ୍ଗେ ୱେସିମାଞ୍ଜାଇଁ, ଗୁଡିୟାକା
ବାରେ ସିନିକିଦୁ ଏ୍‌ ବାରେ ଦ୍‌ାଚାଲି ତାକି କାମ୍ବାହାଚେୟିଏ । ୩୬ ନୀଏଁ
ଜିକେଏ ଦ୍‌ଃଆନାରାକି କୂଲି ହୀପ୍‌କି ଆ୍‌ହିମାନେ ଅ୍‌ଡ଼େ କ୍‌ାଲାକ୍‌ାଲାତି
ଜୀୱୁତାକି ପ୍‌ାଡ଼େୟି କୂଡ଼ି କିହିମାନେରି, ଏ୍‌ନିକିହିଁ ଦ୍‌ଃଆନାସି ଅ୍‌ଡ଼େ
କୂଡ଼ିକିନାସି ରହେଁଏ ର୍‌ାହାଁ କିନେରି । (aiōnios g166) ୩୭ ଏ୍‌ନାଆଁତାକି
ଇଚିହିଁ ରଅସି ମାଟିନେସି ଅ୍‌ଡ଼େ ଅ୍‌ର ରଅସି ଦ୍‌ଃଆନେସି ଇ କାତା
ସାତା । ୩୮ ମୀରୁ ଏ୍‌ନାଆଁତାକି କାମା କିହାହିଲଅତେରି, ଏ୍‌ଦାଆଁ
ଦ୍‌ାଚାଲି ତାକି ନ୍‌ାନୁ ପାଣ୍ତାତେଏଁ; ଏଟ୍‌କାତାରି କାମା କିହାମାନେରି,
ଅ୍‌ଡ଼େ ମୀରୁ ଏ୍‌ୱାରି କାମାତି ଲ୍‌ାବା ବେଟାଆ୍‌ହିମାଞ୍ଜେରି ।" ୩୯ "ନ୍‌ାନୁ
ଏ୍‌ନା ଏ୍‌ନାଆଁ କିହାମାଇଁ, ଏ୍‌ କାତା ଏ୍‌ୱାସି ନାଙ୍ଗେ ବାରେ ୱେସ୍ତାତେସି"
ଇଞ୍ଜିଁ ଏମିନି ଆୟାଟି ସ୍‌ାକି ହୀହାମାଚେ, ଏ୍‌ଦାନି କାତାତାକି ଏ୍‌ ଗ୍‌ାଡ଼ାତି
ସମିରଣ ଲ୍‌କୁ ବିତ୍ରାଟି ହ୍‌ାରେକା ଜୀସୁଇଁ ନାମିତେରି । ୪୦ ଅ୍‌ଡ଼େ
ସମିରଣ ଲ୍‌କୁ ଜୀସୁ ତ୍‌ାଣା ୱ୍‌ାହାନା ତାମିତଲେ ଡ଼୍‌ୟାଲି ତାକି ତାଙ୍ଗେ
ବାତିମ୍‌ାଲିତେରି ଜୀସୁ ଏ୍‌ୱାରିତଲେ ଅ୍‌ଡ଼େ ରୀ ଦିନା ଡ଼୍‌ୟିତେସି ।
୪୧ ଜୀସୁତି ବ୍‌ଲୁ ୱେଞ୍ଜାନା ହ୍‌ାରେକା ଲ୍‌କୁ ନାମିତେରି । ୪୨ ଏ୍‌ୱାରି
ଏ୍‌ ଆୟାଟିଇଁ ଏଲେଇଚେରି, "ୱାର୍‌ଇ ନୀନୁ ଏଲେଇଞ୍ଜାତାକି ମ୍‌ାମୁ
ନାମାହିଲଅମି, ସାମା ମ୍‌ାମୁ ୱେଞ୍ଜାମାନମି, ଅ୍‌ଡ଼େ, ଈୱାସି ସାତେଏ
ଦାର୍‌ତିତି ଗେଲ୍‌ପିନାସି, ଇଦାଆଁ ମ୍‌ାମୁ ପୁଞ୍ଜାମାନମି ।" ୪୩ ରୀ ଦିନା ଡ଼୍‌ାୟୁ
ଜୀସୁ ଏମ୍ବାଟି ହ୍‌ଚାନା ଗାଲିଲିତା ହାଚେସି । ୪୪ ଇଚିହିଁ ଜୀସୁ ତାଙ୍ଗେତାକି
ସ୍‌ାକି ହୀହିଁ ଏଲେଇଚେସି, "ମାହାପୂରୁ ଅଣ୍‌ପୁତି ବ୍‌ଲୁ ୱେହ୍‌ନାରି ଜାହାରା
ଡ଼େସାତା ମ୍‌ାନି ବେଟାଆ୍‌ଅରି ।" ୪୫ ଅ୍‌ଡ଼େ ଏ୍‌ୱାସି ଗାଲିଲିତା ଏଜାଲିଏ
ଏ୍‌ ଗାଲିଲିତାରି ଏ୍‌ୱାଣାଇଁ ଆବିତେରି, ଇଚିହିଁ ପିସ୍‌ପିଆ୍‌ନି ପାର୍ବୁ ଡ଼େଲାତା
ଜୀସୁ ଜିରୁସାଲମତା ଏ୍‌ନା ଏ୍‌ନାଆଁ କିହାମାଚେସି ବାରେ ମେସାମାଚେରି
ଏ୍‌ୱାରି ଜିକେଏ ପାର୍ବୁତା ହାଜାମାଚେରି । ୪୬ ଏମ୍ବାଟିଏ ଜୀସୁ ଗାଲିଲିତି
କାନା ଗ୍‌ାଡ଼ାତା ୱେଣ୍ତେ ହାଚେସି, ଏମ୍ବିୟା ଜୀସୁ ଏ୍‌ୟୁଣି ଅଙ୍ଗୁରି ରାସା
କିହାମାଚେସି, ଏମ୍ବାଆଁ ପ୍‌ାସାକ୍‌ଡ଼ି କ୍‌ସ୍‌କା ମୁହେଁ କାଜାସି ରଅସି ମାଚେସି,
ତାନି ମୀର୍‌ଏସି କପର୍‌ନାହୁମତା ଆ୍‌ଡିହିଲାଆତେସି । ୪୭ ଜୀସୁ ଜୀହୁଦା
ଗ୍‌ାଡ଼ାଟି ଗାଲିଲିତା ୱ୍‌ାହାମାନେସି ଇଞ୍ଜିଁ ୱେଞ୍ଜାନା, ତାନି ତ୍‌ାଣା ହାଜାନା
ଏ୍‌ୱାସି ୱ୍‌ାହାନା ଏ୍‌ନିକିଁ ତାନି ମୀର୍‌ଏଣାଇଁ ନେହିଁ କିନେସି ଏ୍‌ଦାଆଁତାକି
ବାତିମ୍‌ାଲିତେସି, ଇଚିହିଁ ଏ୍‌ୱାସି ହ୍‌ାନିହ୍‌ଗେ ଆ୍‌ହାମାଚେସି ୪୮ ଜୀସୁ
ଏ୍‌ୱାଣାଇଁ ଏଲେଇଚେସି, "ସିନା ଅ୍‌ଡ଼େ କାବାଆ୍‌ନି କାମାୟାଁ ମେହ୍‌ଆତିହିଁ
ମୀରୁ ଏ୍‌ନିଜିକେଏ ନାମଅତେରି ।" ୪୯ ଏ୍‌ ସ୍‌ାଲୱି କିନାସି ଏଲେଇଚେସି,
"ଏ୍‌ ପ୍ରବୁ, ନ୍‌ା ମୀର୍‌ଏସି ହ୍‌ାନି ନ୍‌କେଏ ନ୍‌ା ତଲେ ୱ୍‌ାମୁ ।" ୫୦ ଜୀସୁ
ଏ୍‌ୱାଣାଇଁ ଏଲେଇଚେସି, "ହାଲାମୁ, ନୀ ମୀର୍‌ଏସି ନୀଡିନେସି ।" ଏ୍‌
ମାଣ୍‌ସିଇଁ ଜୀସୁ ଏମିନି ହ୍‌ାଡା ୱେସ୍ତେସି, ଏ୍‌ୱାସି ଏ୍‌ଦାଆଁ ନାମାନା ହାଚେସି
। ୫୧ ଅ୍‌ଡ଼େ, ଏ୍‌ୱାସି ହାଲ୍‌ୱନିଏ ତାନି ହ୍‌ଲିୟାଙ୍ଗା ଜିରୁତେଏ ନୀ ମୀର୍‌ଏସି
ନୀଡିତେସି ଇଞ୍ଜିଁ ୱେସ୍ତେରି । ୫୨ ଏଚିଡ଼େଲାତା କକାସି ନେହିଁଆ୍‌ତେସି,
ଏ୍‌ଦାଆଁ ଏ୍‌ୱାସି ୱେଚେସି । ଏମ୍ବାଟିଏ ଏ୍‌ୱାରି ଏଲେଇଚେରି, "ରେଃଏନି
ସ୍‌ାତା ଗଂଟା ଡ଼େଲାତା ନ୍‌ମେରି ପିସ୍ତେ ।" ୫୩ ଏମ୍ବାଟି ତାମି ଆ୍‌ବା ପୁଚେସି
ଜୀସୁ ଆମିନି ଡ଼େଲାତା "ନୀ ମୀର୍‌ଏସି ନୀଡିତେସି" ଇଞ୍ଜିଁ ୱେସାମାଚେସି,
ଏଚିଡ଼େଲାତେଏ ଏ୍‌ଦି ଗଟୱି ଆ୍‌ତେ । ଏମ୍ବାଟିଏ, ଏ୍‌ୱାସି ଅ୍‌ଡ଼େ ତାମି
ଇଜତି ବାରେ ଇଲୁ କୁଟମି ଜୀସୁ ତ୍‌ାଣା ନାମିତେରି । ୫୪ ଜୀହୁଦାଟିଏ
ଗାଲିଲିତା ୱେଣ୍ତା ୱ୍‌ାହାଁ, ଜୀସୁ ରୀ ପ୍‌ାଲି ତାକି ଇ କାବାଆ୍‌ନି କାମା
କିତେସି ।

**୫** ଇଦାଣି ଡ଼୍‌ାୟୁ ଜୀହୁଦି ଲ୍‌କୁତି ର୍‌ ପାର୍ବୁ ଆ୍‌ତେ, ଅ୍‌ଡ଼େ ଜୀସୁ
ଜିରୁସାଲମତା ହାଚେସି । ୨ ଜିରୁସାଲମତି ଡ଼େଣ୍ଡାୟାଁ ଦୁୱେରି
ଡାଗେ ର୍‌ ବାନ୍ଦା ମାନେ; ଏବ୍ରି ହ୍‌ାଡାତଲେ ବେତ୍‌ସାୟିଦା ଇନେରି, ଏ୍‌
ବାନ୍ଦାତା ପ୍‌ାସାଗଟା ପିଣ୍ଡାୟାଁ ମାନୁ । ୩ ଏମ୍ବାଆଁ କ୍‌ାଣାୟାଁ, ସଟାୟାଁ
ଅ୍‌ଡ଼େ ଆଙ୍ଗା ୱ୍‌ାୟିତି ର୍‌ଗ ଗାଟାରି ହ୍‌ାରେକା ଜ୍‌ାଣା ନେହିଁ ଆୟାଲି
କ୍‌ାଚାହାଁ ମାଣ୍‌ମ୍ବିତେରି; ୪ ଇଚିହିଁ ଏଚିଡ଼େଲାତା ପ୍ରବୁତି ର୍‌ ଦୂତୁ ବାନ୍ଦାତା
ଡ଼େଚାନା ଏ୍‌ୟୁ ୱୀଟ୍‌ହିସାରେ, ଅ୍‌ଡ଼େ ଏ୍‌ୟୁ ୱୀଡିତି ଡ଼୍‌ାୟୁ ଆମ୍ବାଆସି ତଲିଏ
ହ୍‌ଡ଼ନେସି, ଏ୍‌ୱାଣାକି ଏ୍‌ନି ର୍‌ଗ ଆ୍‌ହାମାଚି ଜିକେଏ ନେହିଁ ଆ୍‌ହିମାଚେସି
। ୫ କଡ଼େ ଅଟର ବାର୍ସା ପାତେକା ର୍‌ଗ ଗାଟାସି ରଅସି ଏମ୍ବାଆଁ ମାଚେସି
। ୬ ଜୀସୁ ଏ୍‌ୱାଣାଇଁ ଡ଼୍‌ୟାମାନାଣି ମେସାନା ଗାଡୁ ଦିନାତି ର୍‌ଗ ଗାଟାସି
ଇଞ୍ଜିଁ ପୁଞ୍ଜାହାଁ ଏ୍‌ୱାଣାଇଁ ୱେଚେସି, "ନୀନୁ ଏ୍‌ନାଆଁ ନେହିଁ ଆ୍‌ହାଲି ମ୍‌ନ
କିହିମାଞ୍ଜି?" ୭ ର୍‌ଗ ଗାଟାସି ଏ୍‌ୱାଣାଇଁ ଏଲେଇଚେସି, "ବ୍‌ାବୁ, ଏ୍‌ୟୁ
ୱୀଡିନାଟି ନାଙ୍ଗେ ବାନ୍ଦାତା ଅ୍‌ହାଲି ତାକି ଆମ୍ବାଆସି ହିଲଅସି; ଅ୍‌ଡ଼େ,
ନ୍‌ାନୁ ହାନିଡ଼େଲାତା ଅ୍‌ଡ଼େ ରଅସି ନ୍‌ା ନ୍‌କେଏ ହ୍‌ଡାହାନେସି ।" ୮ ଜୀସୁ
ଏ୍‌ୱାଣାଇଁ ଏଲେଇଚେସି, "ନିଙ୍ଗାମୁ, ନୀ ପ୍‌ାସ୍‌ପନି ଡ଼େକାହାଁ ତ୍‌ାକାମୁ ।"
୯ ଏ୍‌ ଦେବୁଣିଏ ଏ୍‌ୱାସି ନେହିଁ ଆ୍‌ତେସି ଅ୍‌ଡ଼େ ତାନି ପ୍‌ାସ୍‌ପନି ଡ଼େକାନା
ତ୍‌ାକାଲି ମ୍‌ାଟ୍‌ହେସି । ଏ୍‌ ଦିନା ଜ୍‌ମିନି ଦିନା ମାଚେ । ୧୦ ଇଦାଆଁତାକି,
ଜୀହୁଦିୟାଁ ନେହିଁ ଆ୍‌ହାମାନି ମାଣ୍‌ସିଇଁ ଏଲେଇଚେରି, "ନୀଞ୍ଜୁ ଜ୍‌ମିନି
ଦିନା, ପ୍‌ାସ୍‌ପନି ଡ଼େକା ଅ୍‌ହାଲି ନିଙ୍ଗେତାକି ଡ଼େରା ଆ୍‌ଏ ।" ୧୧ ସାମା,
ଏ୍‌ୱାସି ଏ୍‌ୱାରାଇଁ ଏଲେଇଚେସି, "ଆମ୍ବାଆସି ନାଙ୍ଗେ ନେହିଁ କିୟାତେସି,
ଏ୍‌ୱାସି ନାଙ୍ଗେ ଏଲେଇଞ୍ଜାତେସି, ନୀ ପ୍‌ାସ୍‌ପନି ଡ଼େକାନା ତ୍‌ାକାମୁ ।"
୧୨ ଏ୍‌ୱାରି ଏ୍‌ୱାଣାଇଁ ୱେଚେରି, "ନୀ ପ୍‌ାସ୍‌ପନି ଡ଼େକାନା ତ୍‌ାକାମୁ ଇଞ୍ଜିଁ
ଏଲେଇଞ୍ଜାତାସି, ଏ୍‌ୱାସି ଆମ୍ବାଆସି?" ୧୩ ସାମା ଏ୍‌ୱାସି ଆମ୍ବାଆସି, ଏ୍‌
ନେହିଁ ଆ୍‌ତାସି ପୁଞ୍ଜା ହିଲାଆତେସି, ଇଚିହିଁ ଏମ୍ବାଆଁ ଲ୍‌କୁ ମାନ୍ଦା ମାଚାକି
ଜୀସୁ ମେହ୍‌ଆ୍‌ରେଟୁ ହାଜାମାଚେସି । ୧୪ ଇଦାଆଁ ଡ଼୍‌ାୟୁ ଜୀସୁ ମାହାପୂରୁ
ଇଲୁତା ଏ୍‌ୱାଣାଇଁ ମେସାନା ଏଲେଇଚେସି, "ମେହ୍‌ମୁ, ନୀନୁ ନେହିଁ
ଆ୍‌ହାମାଞ୍ଜି, ଅ୍‌ଡ଼େ ପ୍‌ାପୁ କିଆ୍‌ନି, ଏ୍‌ନିକିଁ ନିଙ୍ଗେତାକି ଗାଡି କସ୍ତ ୱ୍‌ାଏ ।"
୧୫ ଏ୍‌ ମାଣ୍‌ସି ୱେଣ୍ତା ହାଜାନା, ଆମ୍ବାଆସି ତାଙ୍ଗେ ନେହିଁ କିହାମାଚେସି,
ଏ୍‌ୱାସି ଜୀସୁ ଇଞ୍ଜିଁ ଜୀହୁଦିଙ୍ଗାଣି ୱେସ୍ତେସି । ୧୬ ଇଦାଆଁତାକି ଜୀସୁ
ଜ୍‌ମିନି ଦିନାତା ଇଦାଆଁ କିହିମାଚାକି ଜୀହୁଦିଙ୍ଗା ଏ୍‌ୱାଣାଇଁ ନିନ୍ଦା କିହାଲି
ମ୍‌ାଟ୍‌ହେରି । ୧୭ ସାମା ଜୀସୁ ଏ୍‌ୱାରାଇଁ ଏଲେଇଚେସି, "ନ୍‌ା ଆ୍‌ବା ନୀଏଁ

ପାତେକା କାମା କିହିମାନେସି, ଅ଼ଡ଼େ ନ଼ାନୁ ଜିକେଏ କାମା କିହିମାଇଁ
।” ୧୮ ଇ ହ଼ାଡା ତାକି ଜୀହୁଦିଙ୍ଗ ଜୀସୁଇଁ ପ଼ାୟାଲି ତାକି ଅ଼ଡ଼େ ଗାଡି
ଅଣ୍‌ପିତେରି, ଏ଼ୱାସି ଜ଼ମିନି ଦିନାତି ମେ଼ରାତି ଉରିତେସି ୱାର୍‌ଇ ଏ଼ଦି
ଆ଼ଏ, ସାମା ମାହାପୂରୁଇଁ ନ଼ା ଆ଼ବା ଇଞ୍ଜେଁ ୱେସାନା ତାଙ୍ଗେ ମାହାପୂରୁ
ତଲେ ସମାନା କିହିମାଚେସି । ୧୯ ଜୀସୁ ଏ଼ୱାରାଇଁ ଏଲେଇଚେସି, “ସାତା
ସାତା ନ଼ାନୁ ମିଙ୍ଗେ ୱେସିମାଞ୍ଜାଇଁ, ମୀର୍‌ଏସି ଆ଼ବାଇଁ ଏ଼ନାଆଁ କିହିମାନାଣି
ମେହ୍‌ନେସି, ଏ଼ଦାଆଁ ପିସ୍‌ପେ ଏ଼ୱାସି ତ଼ାନୁଏ ଏ଼ନାଆଁ କିହାଲି ଆ଼ଡଅସି ।
ଇଚିହିଁ ଆ଼ବା ଏ଼ନା ଏ଼ନାଆଁ କିନେସି, ମୀର୍‌ଏସି ଜିକେଏ ଏ଼ଦାଆଁ ବାରେ
ଏଲେକିହିଁଏ କିନେସି । ୨୦ ଇଚିହିଁ ଆ଼ବା ମୀର୍‌ଏଣାଇଁ ଜୀୱୁ ନ଼ନେସି,
ଅ଼ଡ଼େ ଏ଼ୱାସି ତ଼ାନୁ ଏ଼ନା ଏ଼ନାଆଁ କିନେସି, ଏ଼ଦାଆଁ ବାରେ ମୀର୍‌ଏଣାଇଁ
ତ଼ହ୍‌ନେସି, ଅ଼ଡ଼େ ମୀରୁ ଏ଼ନିକିଁ କାବା ଆ଼ଦେରି, ଏ଼ଦାଆଁତାକି ଏ଼ୱାସି
ଏ଼ୱାଣି ତ଼ାଣାଟି ଇଦାନି କିହାଁ ଆଡ଼େ କାଜା କାଜା କାମା ତ଼ହ୍‌ନେସି ।
୨୧ ଆ଼ବା ଏ଼ନିକିଁ ହ଼ାତି ଲ଼କୁଣି ନିକ୍‌ହାନା ଜୀୱୁ ହୀନେସି, ଏଲେକିହିଁଏ
ମୀର୍‌ଏସି ଜିକେଏ ଆମ୍ବା ଆମ୍ବାଆରାଇଁ ମ଼ନ କିନେସି ଏ଼ୱାରାଇଁ ଜୀୱୁ
ହୀନେସି । ୨୨ ଆ଼ବା ତ଼ାନୁଏ ଆମ୍ବାଆରାଇଁ ନୀହାଁୟି କିଅସି, ସାମା
ବାରେଜ଼ାଣା ଏ଼ନିକିଁ ଆ଼ବାଇଁ ମ଼ାନି କିହିମାନେରି, ଏଲେକିହିଁଏ ମୀର୍‌ଏଣାଇଁ
ଜିକେଏ ମ଼ାନି କିନେରି, ଏ଼ଦାଆଁତାକି ମୀର୍‌ଏଣାକି ବାରେ ନୀହାଁୟି କିହାଲି
ଅଦିକାରା ହୀହାମାନେସି । ୨୩ ଆମ୍ବାଆସି ମୀର୍‌ଏଣାଇଁ ମ଼ାନି କିଅସି,
ଏ଼ୱାସି ତାଙ୍ଗେ ପାଣ୍ତୁତି ଆ଼ବାଇଁ ଜିକେଏ ମ଼ାନି କିଅସି ।” ୨୪ “ନ଼ାନୁ ମିଙ୍ଗେ
ସାତା ୱେସିମାଞ୍ଜାଇଁ, ଆମ୍ବାଆସି ନ଼ା ବ଼ଲୁ ୱେଞ୍ଜାନା ନାଙ୍ଗେ ପାଣ୍ତୁତାଣାଇଁ
ନାମିନାସି, ଏ଼ୱାସି କ଼ାଲାକ଼ାଲାତି ଜୀୱୁ ବେଟା ଆ଼ହାମାନେସି, ଅ଼ଡ଼େ,
ଏ଼ୱାସି ନୀହାଁୟି କିୱିଆ଼ଆନା ହ଼ାକିତି ଜୀଣାଆ଼ହାନା ର଼ାଆଗାଟି ଜୀୱୁତା
ହ଼ଡାମାନେସି । **(aiōnios g166)** ୨୫ ନ଼ାନୁ ମିଙ୍ଗେ ସାତା ୱେସିମାଞ୍ଜାଇଁ,
ର଼ ଦିନା ୱାନେ ନୀଏଁ ଜିକେଏ ଏଦାତେୟିଏ, ଏମିନି ଦିନାତା ହ଼ାତାରି
ମାହାପୂରୁ ମୀର୍‌ଏଣି ହ଼ାଡାତି ୱେନେରି ଅ଼ଡ଼େ ଆମ୍ବାଆରି ୱେନାରି ଏ଼ୱାରି
ନୀଡିନେରି । ୨୬ ଇଚିହିଁ ଆ଼ବା ଏ଼ନିକିଁ ତ଼ାନୁଏ ଜୀୱୁ ଗାଟାସି, ଏଲେକିହିଁଏ
ଏ଼ୱାସି ମୀର୍‌ଏଣାଇଁ ଜିକେଏ ଜୀୱୁ ଗାଟାସି ଆ଼ହାଲି ହୀହାମାନେସି ।
୨୭ ଅ଼ଡ଼େ, ଏ଼ୱାସି ମାଣ୍‌ସି ମୀର୍‌ଏସି ଆ଼ହାମାନାକି ଏ଼ୱାସି ଏ଼ୱାଣାକି
ନୀହାଁୟି କିନି ଅଦିକାରା ହୀତେସି । ୨୮ ଇଦାଆଁତାକି କାବା ଆ଼ଆଦୁ,
ଇଚିହିଁ ଏଚି଼ବେଲା ହ଼ାତି ଲ଼କୁ ମାହ୍‌ଣି ମାଣ୍ତାଟି ତାନି ଗିୟାଁ ୱେନେରି
ଅ଼ଡ଼େ ଆମ୍ବାଆରି ସାତା କାମା କିହାମାନେରି, ୨୯ ଏ଼ୱାରି ଜୀୱୁତା ୱେଣ୍ତେ
ନୀଡାଲିତାକି ଅ଼ଡ଼େ ଆମ୍ବାଆରି ଲାଗେଏତି କାମା କିହାମାନେରି, ଏ଼ୱାରି
ନୀହାଁୟିତି ଡଣ୍ତ ତାକି ୱେଣ୍ତେ ନିଙ୍ଗ୍ବ ୱାନେରି, ଇଲେତି ଦିନା ୱାହିମାନେ
।” ୩୦ “ନ଼ାନୁ ନ଼ା ତ଼ାଣାଟି ଏ଼ନାଆଁ କିହାଲି ଆ଼ଡଅଁ; ନ଼ାନୁ ଏ଼ନିକିଁ ୱେଇଁ,
ଏଲେକିହିଁଏ ନୀହାଁୟି କିଇଁ, ଅ଼ଡ଼େ ନ଼ା ନୀହାଁୟି ଟିକ୍‌ଣାତାୟି, ଇଚିହିଁ
ନ଼ାନୁ ନ଼ା ମ଼ନତଲେ କିହାଲି ଅଣ୍‌ପାଆନା, ନାଙ୍ଗେ ପାଣ୍ତୁତାଣା ମ଼ନ
ଲେହେଁ କିହାଲି ଅଣ୍‌ପିମାଇଁ ।” ୩୧ “ନ଼ାନୁ ନାଙ୍ଗେତାକି ସ଼ାକି ହୀଇଁ,
ଆ଼ତିଜିକେଏ ନ଼ା ସ଼ାକି ସାତା ଆ଼ଏ । ୩୨ ନ଼ା କାତାତି ଆମ୍ବାଆସି ସ଼ାକି
ହୀନେସି, ଏ଼ୱାସି ଅ଼ର ରଅସି; ଅ଼ଡ଼େ, ନ଼ା କାତାତାକି ଏ଼ୱାଣି ସ଼ାକି
ସାତା, ଏ଼ଦାଆଁ ନ଼ାନୁ ପୁଞ୍ଜାମାଇଁ । ୩୩ ମୀରୁ ଜହନ ତ଼ାଣା ଲ଼କୁଣି
ପାଣ୍ତୁମାଞ୍ଜେରି ଅ଼ଡ଼େ ଏ଼ୱାସି ସାତା ତାକି ସ଼ାକି ହୀହାମାନେସି । ୩୪
ସାମା ନାଙ୍ଗେ ମାଣ୍‌ସି ତ଼ାଣାଟି ସ଼ାକି ଲ଼ଡ଼ା ଆ଼ଏ, ସାମା ମୀରୁ ଏ଼ନିକିଁ
ଗେଲ୍‌ପି ଆ଼ଦେରି, ଏ଼ଦାଆଁତାକି ଇ ବାରେ ୱେସିମାଞ୍ଜାଇଁ । ୩୫ ଜହନ
ଡ଼ୀଞ୍ଜୁତି ମିଣ୍‌ସିମାନି ଦୀୱେଁ ମାଚେସି, ଇଞ୍ଜାଁ ମୀରୁ ଏ଼ୱାଣି ଉଜେଡ଼ିତା
ଗାଡ଼େକା ତାକିଏ ର଼ାହାଁ ଆ଼ହାଁ ମାଞ୍ଜାଲି ମ଼ନ କିହାମାଚେରି । ୩୬ ସାମା
ଜହନତି ସ଼ାକି କିହାଁ ନ଼ା ତ଼ାଣା ହ଼ାରେକା କାଜା ସ଼ାକି ମାନେ, ଏ଼ନାଆଁତାକି
ଇଚିହିଁ ଆ଼ବା ନାଙ୍ଗେ ଏ଼ନି ଏ଼ନି କାମା ର଼ାପ୍‌ହାଲି ହୀହାମାଞ୍ଜାନେସି,
ନ଼ାନୁ ଏମିନି କାମା କିହିମାଇଁ, ଆ଼ବା ନାଙ୍ଗେ ପାଣ୍ତୁମାଞ୍ଜାନେସି ଇଞ୍ଜେଁ ଏ଼
ବାରେ ନ଼ା ୱାକିଟି ସ଼ାକି ହୀହିମାନେସି । ୩୭ ଅ଼ଡ଼େ ଏମିନି ଆ଼ବା ନାଙ୍ଗେ
ପାଣ୍ତୁତେସି, ଏ଼ୱାସି ନ଼ା ତାକି ସ଼ାକି ହୀହାମାନେସି । ମୀରୁ ଏଚେଲା
ଏ଼ୱାଣି ହ଼ାଡା ୱେଞ୍ଜା ହିଲଅତେରି କି ତାନି ମୂମ୍ବୁ ମେସା ହିଲଅତେରି ।
୩୮ ଅ଼ଡ଼େ ଏ଼ୱାଣି ବ଼ଲୁ ମୀ ହିୟାଁତା ଇଟାହିଲଅତେରି, ଇଚିହିଁ ଏ଼ୱାସି
ଆମ୍ବାଆରାଇଁ ପାଣ୍ତୁତେସି ମୀରୁ ଏ଼ୱାଣାଇଁ ନାମିହିଲଅତେରି । ୩୯
ମୀରୁ ଦାର୍ମୁ ପତିତି କାତା ପାରିମାଞ୍ଜେରି, ଇଚିହିଁ ଏମ୍ବାଆଁ କ଼ାଲାକ଼ାଲାତି
ଜୀୱୁ ବେଟାଆ଼ହାମାନମି ଇଞ୍ଜେଁ ଅଣ୍‌ପିମାଞ୍ଜେରି ଅ଼ଡ଼େ ଏ଼ ଦାର୍ମୁ ପତି
ନ଼ା ୱାକିଟି ସ଼ାକି ହୀହିମାନେ । **(aiōnios g166)** ୪୦ ସାମା ମୀରୁ ଜୀୱୁ
ବେଟାଆ଼ହାଲି ତାକି ନ଼ା ତ଼ାଣା ୱାହାଲି ମ଼ନ କିହିହିଲଅତେରି ।” ୪୧
“ନ଼ାନୁ ମାଣ୍‌ସିୟାଁ ତ଼ାଣାଟି ଗାୱୁରମି ପାରିହିଲଅଁ । ୪୨ ସାମା ନ଼ାନୁ ମିଙ୍ଗେ
ପୁଞ୍ଜାମାଞ୍ଜାଇଁ, ମୀ ହିୟାଁତା ମାହାପୂରୁତି ଜୀୱୁନ଼ନାୟି ହିଲେଏ । ୪୩
ନ଼ାନୁ ନ଼ା ଆ଼ବା ଦ଼ରୁଟି ୱାହାମାଇଁ, ଅ଼ଡ଼େ ମୀରୁ ନାଙ୍ଗେ ଅ଼ପିମାଞ୍ଜଅତେରି;
ଅ଼ର ରଅସି ତାନି ଦ଼ରୁଟି ୱାତିହିଁ, ମୀରୁ ଏ଼ୱାଣାଇଁ ଅ଼ପିଦେରି । ୪୪
ମୀରୁ ଏ଼ନିକିଁ ନାମିମାଞ୍ଜେରି? ମୀରୁ ମୀ ତ଼ାଣାଟି ଗାୱୁରମି ବେଟାଆ଼ହି
ମାଞ୍ଜେରି, ଅ଼ଡ଼େ ଏମିନି ରଣ୍ତିଏ ମାହାପୂରୁ ତ଼ାଣାଟି ଗାୱୁରମି ଏ଼ଦାଆଁ
ବେଟାଆ଼ହାଲି ମ଼ନ କିହିହିଲଅତେରି ୪୫ ନ଼ାନୁ ଆ଼ବା ନ଼କିତା ମୀ କ଼ପାଟି
ଦ଼ହ ଦସ୍ତୁଇଁ, ଏଲେଇଞ୍ଜି ଅଣ୍‌ପାଆଦୁ; ଆମିନି ମ଼ସା ତ଼ାଣା ମୀରୁ ବ଼ାର୍ସୁ
ଇଟାମାଞ୍ଜେରି, ଏ଼ୱାସିଏ ମୀ କ଼ପାଟି ଦ଼ହ ଦସି ମାଞ୍ଜାନେସି । ୪୬ ଇଚିହିଁ
ମୀରୁ ମ଼ସାଇଁ ନାମା ମାଚିହିଁ, ନାଙ୍ଗେ ଜିକେଏ ନାମାତେରିମା, ଇଚିହିଁ
ଏ଼ୱାସି ନ଼ା କାତେଏ ର଼ାଚାମାନେସି । ୪୭ ସାମା ମୀରୁ ଏ଼ୱାଣି ର଼ାଚାମାନି
କାତା ନାମା ହିଲଅତେରି, ଆତିହିଁ ନ଼ା କାତା ଏ଼ନିକିଁ ନାମିଦେରି?”

**୬** ଇଦାଆଁ ଡ଼ାୟୁ ଜୀସୁ ଗାଲିଲି ସାମ୍‌ଦୁରି, ଇଚିହିଁ ତିବିରିୟା ସାମ୍‌ଦୁରି
ଆତାଲାୱାକି ହାଚେସି । ୨ ଅ଼ଡ଼େ ଏ଼ୱାସି ର଼ଗ ଗାଟାରାଇଁ ଏ଼ନି
ଏ଼ନି କାବାଆ଼ନି କାମା କିହାମାଚେସି, ଏ଼ ବାରେ ମେସାନା ହ଼ାରେକା
ଲ଼କୁ ଏ଼ୱାଣି ଜ଼େଚ ଜ଼େଚ ହାଚେରି । ୩ ଏମ୍ବାଟିଏ ଜୀସୁ ସୀସୁୟାଁ ତଲେ
ର଼ ହ଼ରୁ ଲାକ ହାଜାନା କୁଗିତେସି । ୪ ଏଚି଼ବେଲା ଜୀହୁଦି ଲ଼କୁତି
ପିସ୍‌ପିଆ଼ନି ପାର୍ବୁ ଡାଗେ ଆ଼ହାମାଚେ । ୫ ହ଼ାରେକା ଲ଼କୁ ତାନି ତ଼ାଣା
ୱାହିମାନାଣି ମେସାନା, ଜୀସୁ, ପିଲିପଇଁ ଏଲେଇଚେସି, “ଇୱାରାକି

ତିଞ୍ଜାଲି ମ଼ାର ଆମ୍ବିଟି ର଼ାନ୍ଦା କଡିନାୟି?" ୬ ସାମା ଏ଼ୱାସି ପିଲିପଇଁ
ତାୟିପାରି କିୟାଲି ଏଲେଇଚେସି, ଇଚିହିଁ ଏ଼ୱାସି ଏ଼ନାଆଁ କିନାୟିମାନେ,
ଏ଼ଦାଆଁ ତ଼ାନୁଏ ପୁଞ୍ଜାମାଚେସି । ୭ ପିଲିପ ଏ଼ୱାଣାଇଁ ଏଲେଇଚେସି,
"ବାରେ ଲ଼କୁତାକି ଇଚା ଇଚାଣି ତିଞ୍ଜାଲି ରୀ ୱାଞ୍ଜାଟିଏ ଆଗାଡ଼ା ୱେଣ୍ଡି
ଟାକାୟାଁତି ରୂଟି ଜିକେଏ ହ଼ାଲାଉ ।" ୮ ତାନି ସୀସୁୟାଁ ବିତ୍ରାଟି, ସିମନ
ପିତର ତାୟି ଆନ୍ଦ୍ରିୟ ଦ଼ରୁଗାଟାସି ଜୀସୁଇଁ ଏଲେଇଚେସି, ୯ "ଇମ୍ବାଆଁ
ର଼ କକାସି ମାନେସି, ତାନିତ଼ାଣା ପ଼ାସାଗଟା ରୂଟି ଇଞ୍ଜୁଁ ୱାଜିତି ମୀଣ୍କା
ରିଣ୍ଡି ମାନୁ, ସାମା ଇଚେକା ଲ଼କୁତାକି ଏ଼ୱି ହ଼ାଲିନୁ କି?" ୧୦ ଜୀସୁ
ଏଲେଇଚେସି, "ଲ଼କୁଣି କୁପ୍କି କିଦୁ ।" ଏ଼ ଟ଼ାୟୁତା ହ଼ାରେକା ଗାର୍କି ଜ଼ାଡ଼ା
ମାଚେ । ଏମ୍ବାଆଁ ପ଼ାସାମ଼ାଣା ଆ଼ବାୟାଁ କୁଗିତେରି । ୧୧ ଏମ୍ବାଟିଏ ଜୀସୁ
ରୂଟି ଆସାନା ମାହାପୂରୁଇଁ ଜହରା ହୀହାନା ଏମ୍ବାଆଁ କୁଗାମାନାରାକି
ଏ଼ଦାଆଁ ବ଼ାଟିକିହାଁ ହୀତେରି, ମୀଣ୍କା ଜିକେଏ ଏଲେକିହିଁଏ ବ଼ାଟିକିତେରି,
ଏଚେକା ମ଼ନ କିତେରି ଏ଼ୱାରାକି ଏଚେକା ହୀତେରି । ୧୨ ଅ଼ଡ଼େ
ଏ଼ୱାରି ବାରେ ପାଞ୍ଜିତି ଡ଼ାୟୁ, ଜୀସୁ ତାନି ସୀସୁୟାଁଇଁ ଏଲେଇଚେସି,
"ଏଚେକା ହ଼ାରାମାନେ, ଏ଼ଦାଆଁ ବାରେ କୂଡ଼ି କିଦୁ ଏ଼ନିକିଁ ଇଚାୟି ଜିକେଏ
ନସ୍ତ ଆ଼ଏ ।" ୧୩ ଏଚେଟିଏ ଲ଼କୁ ତିଚି ଡ଼ାୟୁ ପ଼ାସାଗଟା ରୂଟି ବିତ୍ରାଟି
ହ଼ାରାମାଚି ମୁକାୟାଁ ବ଼ାର ଡାଲି କୂଡ଼ି କିତେରି । ୧୪ ଜୀସୁତି ଇ କାବାଆ଼ନି
କାମା ମେସାନା ଲ଼କୁ ଏଲେଇଚେରି, "ଆମିନି ମାହାପୂରୁ ଅଣ୍ପୁତି ବ଼ଲୁ
ୱ଼େକ୍ନାସି ଦାର୍ତିତା ୱ଼ାନାୟି ମାଚେ, ଏ଼ୱାସି ସାତେଏ ଇୱାସି ।" ୧୫
ଏ଼ଦାଆଁତାକି ଏ଼ୱାରି ୱ଼ାହାନା ରାଜା କିୟାଲି ବାଲ୍ମିଟି ଆସା ଅୟାନେରି
ଇଞ୍ଜୁଁ ପୁଞ୍ଜାନା ଜୀସୁ ଏଟ୍କା ଆ଼ହାନା ରଅସିଏ ଦାରିତା ମାଚି ହ଼ରୁ ଲାକ
ହ଼ଚାହାଚେସି । ୧୬ ମିଡ଼୍ଅଲା ଆ଼ହାଲିଏ ତାନି ସୀସୁୟାଁ ସାମ୍ଦୁରି
ଗାଟୁତା ହାଚେରି । ୧୭ ଅ଼ଡ଼େ ସାମ୍ଦୁରି ଆତାଲା ମାନି କପର୍ନାହୁମ
ୱାକି ହାଜାଲି ଡଂଗତା ହ଼ତେରି । ଆନ୍ଦେରି ଆ଼ହାହାଚେ, ଅ଼ଡ଼େ, ଜୀସୁ
ଏଚିବ଼େଲା ପାତେକା ଏ଼ୱାରିତ଼ାଣା ୱ଼ାହା ହିଲାଆତେସି । ୧୮ ଇଞ୍ଜୁଁ କାଜା
ଗ଼ାଲି ୱ଼େଚିମାଚାକି ସାମ୍ଦୁରିତା ଆଜିହ଼ପେତି ଏ଼ୟୁ ଉଣ୍ଡାୟାଁ ନିଙ୍ଗିମାଚୁ ।
୧୯ ଏଚିବ଼େଲା ଏ଼ୱାରି ସ଼ କିଲମିଟର ହେକ ହାଜାଲିଏ ଜୀସୁ ସାମ୍ଦୁରିତା
ତ଼ାକିହିଁ ଡଂଗ ୱାକି ୱ଼ାହିମାନାଣି ମେସାନା ଆଜିତେରି । ୨୦ ସାମା
ଜୀସୁ ଏ଼ୱାରାଇଁ ଏଲେଇଚେସି, "ଆଜାଆଦୁ ଇୱାତେଏଁ ନ଼ାନୁ ।" ୨୧
ଏମ୍ବାଟିଏ ଏ଼ୱାରି ଏ଼ୱାଣାଇଁ ଡଂଗତା ଅ଼ହାଲି ମ଼ନ କିତେରି, ଅ଼ଡ଼େ, ଏମିନି
ସାମ୍ଦୁରି ଗାଟୁତା ହାଜିମାଚେରି, ଦେବୁଣିଏ ଏ଼ ଟ଼ାୟୁତା ଡଂଗ ଏତେ ।
୨୨ ଏ଼ ଟ଼ାୟୁତା ର଼ ଡଂଗ ପିସ୍ପେ ଏଟ୍କାତି ଡଂଗୟାଁ ହିଲାଆତୁ, ଅ଼ଡ଼େ
ଏମ୍ବାଆଁ ଜୀସୁ ତାନି ସୀସୁୟାଁ ତଲେ ହାଜାହିଲାଆତେସି, ସାମା ୱାର୍ଇ
ସୀସୁୟାଁ ହାଜାମାଚେରି, ଇଦାଆଁ ଆମିନି ଲ଼କୁ ତାନି ଅ଼ର ନ଼େଚୁ ସାମ୍ଦୁରି
ଆତାଲା ନିଚାମାଚେରି ଏ଼ୱାରି ମେସାମାଚେରି । ୨୩ ଆମିନି ତ଼ାଣା ଜୀସୁ
ଜହରା କିହାନା ଲ଼କୁଣି ରୂଟି ତିଞ୍ଜାଲି ହୀହାମାଚେସି, ତିବିରିୟାଟି ଅ଼ଡ଼େ
ଏଚରଗଟା ଡଂଗାଁୟାଁ ଏ଼ ଟ଼ାୟୁତା ୱ଼ାତୁ । ୨୪ ଇଞ୍ଜୁଁ ଜୀସୁ ତାନି ସୀସୁୟାଁ
ଏମ୍ବାଆଁ ହିଲାଆତେରି, ଇଦାଆଁ ମେସାନା ବାରେ ଲ଼କୁ ଇ ଡଂଗତା ହ଼ଚାନା
ଜୀସୁଇଁ ପାରି ପାରିହିଁ କପର୍ନାହୁମତା ୱ଼ାତେରି । ୨୫ ଏ଼ୱାରି ସାମ୍ଦୁରି
ଆତାଲା ଜୀସୁଇଁ ବେଟାଆ଼ହାନା ୱେଚେରି, ଏ଼ "ଗୂରୁ, ନୀନୁ ଏଚିବ଼େଲା
ଇମ୍ବାଆଁ ୱ଼ାତି?" ୨୬ ଜୀସୁ ଏ଼ୱାରାଇଁ ଏଲେଇଚେସି, "ନ଼ାନୁ ମିଙ୍ଗେ ସାତା
ୱେସିମାଞ୍ଜାଇଁ, ନ଼ା କାବାଆ଼ନି କାମା ମେସ୍ତାକି ନାଙ୍ଗେ ପାରିମାଞ୍ଜାଦେରି
ଏ଼ଦି ଆ଼ଏ, ସାମା ରୂଟି ତିଞ୍ଜା ପାଞ୍ଜିତାକି ମୀରୁ ନାଙ୍ଗେ ପାରିମାଞ୍ଜାଦେରି ।
୨୭ ସୀର୍ନି ର଼ାନ୍ଦା ତାକି କାମା କିଆନା, କ଼ାଲାକ଼ାଲାତି ଜୀୱୁତାକି ଡ଼ୟିନି
ର଼ାନ୍ଦା ତାକି କାମା କିଦୁ, ଏ଼ ର଼ାନ୍ଦା ମାଣ୍ସି ମୀର୍ଏସି ମିଙ୍ଗେ ହିୟାନେସି,
ଇଚିହିଁ ତାନି ଆ଼ବା ମାହାପୂରୁ ଏ଼ୱାଣାକି ଅଦିକାରା ହୀହାମାନେସି ।"
(aiōnios g166) ୨୮ ଏମ୍ବାଟିଏ ଏ଼ୱାରି ଏ଼ୱାଣାଇଁ ୱେଚେରି, "ମାହାପୂରୁତି
ବାରେ କାମା କିହାଲିତାକି ମାଙ୍ଗେ ଏ଼ନାଆଁ କିହାଲି ଆ଼ନେ?" ୨୯ ଜୀସୁ
ଏ଼ୱାରାଇଁ ଏଲେଇଚେସି, "ମାହାପୂରୁ ଆମ୍ବାଆରାଇଁ ପାଣ୍ଡାମାଞ୍ଜାନେସି,
ଏ଼ୱାଣି ତ଼ାଣା ନାମିନାୟି ମାହାପୂରୁତି କାମା ।" ୩୦ ଏଚେଟିଏ ଏ଼ୱାରି
ଏ଼ୱାଣାଇଁ ୱେଚେରି, "ଆତିହିଁ ନୀନୁ ସିନାଲେହେଁ ଏ଼ନାଆଁ କିହିମାଞ୍ଜି,
ଏ଼ଦାଆଁ ମେସାନା ମ଼ାମ୍ବୁ ନିଙ୍ଗେ ନାମାନମି? ୩୧ ମ଼ା ଆକୁ ଆ଼ବାୟାଁ ଲ଼କୁ
ଡ଼ୟାଆ ଟ଼ାୟୁତା 'ମାନା' ତିଞ୍ଜା ମାଚେରି, ଦାର୍ମୁପତିତା ର଼ାସ୍କି ଆ଼ହାମାନେ,
ତିଞ୍ଜାଲି ଏ଼ୱାସି ଏ଼ୱାରାକି ଲାକପୂରୁଟି ର଼ାନ୍ଦା ହୀତେସି ।" ୩୨ ଏଚେଟିଏ
ଜୀସୁ ଏ଼ୱାରାଇଁ ଏଲେଇଚେସି, "ସାତା ସାତା ନ଼ାନୁ ମିଙ୍ଗେ ୱେସିମାଞ୍ଜାଇଁ,
ମ଼ସା ମିଙ୍ଗେ ଲାକପୂରୁଟି ର଼ାନ୍ଦା ହୀହାମାଞ୍ଜଅସି, ସାମା ନ଼ା ଆ଼ବା ମିଙ୍ଗେ
ଲାକପୂରୁଟି ସାତା ର଼ାନ୍ଦା ହିୟାନେସି; ୩୩ ଇଚିହିଁ ଆମିନି ର଼ାନ୍ଦା ଲାକପୂରୁଟି
ୱ଼ାହାନା ଦାର୍ତିତି ଲ଼କୁଣି ଜୀୱୁ ହୀନେ, ଏ଼ଦି ମାହାପୂରୁ ହିୟାତି ର଼ାନ୍ଦା ।"
୩୪ ଏ଼ୱାରି ଜୀସୁଇଁ ଏଲେଇଚେରି, "ପ୍ରବୁ, ମାଙ୍ଗେ ବାରେଦିନା ଏ଼ ର଼ାନ୍ଦା
ହିୟାମୁ ।" ୩୫ ଏମ୍ବାଟିଏ ଜୀସୁ ଏ଼ୱାରାଇଁ ଏଲେଇଚେସି, "ନ଼ାନୁଏ ଜୀୱୁତି
ର଼ାନ୍ଦାତେଏଁ; ଆମ୍ବାଆସି ନ଼ା ତ଼ାଣା ୱ଼ାନେସି, ଏ଼ୱାସି ଏଚେଲା ହାକି ଆ଼ଅସି,
ଅ଼ଡ଼େ ନ଼ା ତ଼ାଣା ନାମିନାସି, ଏଚେଲା ଏ଼ସ୍କି ଆ଼ଅସି । ୩୬ ସାମା ନ଼ାନୁ
ମିଙ୍ଗେ ୱେସିମାଞ୍ଜାଇଁ, ମୀରୁ ନାଙ୍ଗେ ମେସ୍ତାତି ଜିକେଏ ନାମିମାଞ୍ଜଅତେରି
। ୩୭ ଆ଼ବା ନାଙ୍ଗେ ଆମ୍ବାଆରାଇଁ ହିୟାନେସି, ଏ଼ୱାରି ବାରେଜ଼ାଣା ନ଼ା
ତ଼ାଣା ୱ଼ାନେରି; ଅ଼ଡ଼େ ନ଼ା ତ଼ାଣା ୱ଼ାନାଣାଇଁ, ନ଼ାନୁ ଏଚେଲାୱା ପାଙ୍ଗାତା
ପିହ୍ଅଁ । ୩୮ ଇଚିହିଁ ନ଼ାନୁ ଅଣ୍ପିନି ଲେହେଁ କିହାଲି ୱ଼ାହାହିଲଅଁ, ସାମା
ନାଙ୍ଗେ ପାଣ୍ଡାତାଣା ଅଣ୍ପୁ ତଲେ କିହାଲି ଲାକପୂରୁଟି ୱ଼ାହାମାଇଁ । ୩୯
ଅ଼ଡ଼େ ନାଙ୍ଗେ ପାଣ୍ଡାମାଞ୍ଜାନାସି ଆମିନି ଗାଟାରାଇଁ ନାଙ୍ଗେ ହିୟାନେସି,
ଏ଼ୱାରି ବିତ୍ରାଟି ଆମ୍ବାଆରାଇଁ ଜିକେଏ ଏ଼ନିକିଁ ନ଼ାନୁ ଜ଼ାକ୍ଅଁ, ସାମା ର଼ାନି
ଦିନାତା ଏ଼ୱାରାଇଁ ହ଼ାତାରି ତ଼ାଣାଟି ନିକ୍ଇଁ, ଇଦି ଏ଼ୱାଣି ଅଣ୍ପୁ । ୪୦
ଇଚିହିଁ ଆମ୍ବାଆସି ମୀର୍ଏଣାଇଁ ମେସାନା ଏ଼ୱାଣି ତ଼ାଣା ନାମିନେସି,
ଏ଼ୱାସି ଏ଼ନିକିଁ କ଼ାଲାକ଼ାଲାତି ଜୀୱୁ ବେଟା ଆ଼ନେସି, ଇଦି ନ଼ା ଆ଼ବାତି
ଅଣ୍ପୁ, ଅ଼ଡ଼େ ନ଼ାନୁ ଏ଼ୱାଣାଇଁ ର଼ାନି ଦିନାତା ହ଼ାତାରି ତ଼ାଣାଟି ନିକ୍ଇଁ ।"
(aiōnios g166) ୪୧ ନ଼ାନୁ ଲାକପୂରୁଟି ର଼େଚା ୱ଼ାହାମାନି ର଼ାନ୍ଦାତେଏଁ ଇଞ୍ଜୁଁ
ଏ଼ୱାସି ଏଲେଇଞ୍ଜାଲିଏ ଜୀହୁଦିୟାଁ ଏ଼ୱାଣି କ଼ପାଟି ଏଲେଇଞ୍ଜି ଜ଼ଲ୍କି
ଆ଼ତେରି । ୪୨ "ଇୱାସି ଜସେପ ମୀର୍ଏସି ଜୀସୁ ଆ଼ଏକି, ଅ଼ଡ଼େ ମ଼ାର

ଇୱାଣି ଇୟା ଆ଼ବାତି ପୁଞ୍ଜାହିଲାଆୟି କି? ଆତିହିଁ ନା଼ନୁ ଲାକପୂରୁଟି
ରେ଼ଚା ୱା଼ହାମାଇଁ ଇଞ୍ଜେଁ ଏ଼ୱାସି ନୀଏଁ ଏ଼ନିକିଁ ୱେସିମାନେସି?" ୪୩ ଜୀସୁ
ଏ଼ୱାରାଇଁ ଏଲେଇଚେସି, "ମୀରୁ ମୀରୁ ମୁରୁମୁର ଜ଼ଲ୍‌କି ଆ଼ଆଦୁ ।" ୪୪
ନାଙ୍ଗେ ପାଣ୍ତ୍ରାମାଞ୍ଜାନି ଆ଼ବା ଆମ୍ବାଆରାଇଁ ରେଜା କଡିନେସି, ଏ଼ୱାସିଦେଁ
ନା଼ ତ଼ାଣା ୱା଼ହାଲି ଆ଼ଡିନେସି, ଅ଼ଡ଼େ ନା଼ନୁ ରା଼ନି ଦିନାତା ଏ଼ୱାଣାଇଁ
ହା଼ତାରି ତ଼ାଣାଟି ନିକ୍ଇଁ । ୪୫ ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାରି
ଦାର୍ମୁପତିତା ରା଼ସ୍‌କି ଆ଼ହାମାନେ, "ବାରେଜ଼ାଣା ମାହାପୂରୁ ତ଼ାଣାଟି
ଜ଼ାପିନେରି । ଆମ୍ବାଆସି ଆ଼ବାତି କାତା ୱେଞ୍ଜାନା ଜ଼ାପାମାନେସି, ଏ଼ୱାସି
ନା଼ ତ଼ାଣା ୱା଼ନେସି । ୪୬ ଆମ୍ବାଆସି ଆ଼ବାଇଁ ମେସାହିଲଅସି, ଆମ୍ବାଆସି
ମାହାପୂରୁ ତ଼ାଣାଟି ୱା଼ହାମାନାସି, ୱାର୍‌ଇ ଏ଼ୱାସି ମେସାମାନେସି ।
୪୭ ନା଼ନୁ ମିଙ୍ଗେ ସାତା ୱେସିମାଞ୍ଜାଇଁ, ଆମ୍ବାଆସି ନାମିନେସି, ଏ଼ୱାସି
କା଼ଲାକା଼ଲାତି ଜୀୱୁ ବେଟା ଆ଼ହାମାନେସି । (aiōnios g166) ୪୮ ନା଼ନୁ
ଜୀୱୁତି ରା଼ନ୍ଦ୍ହାତେଏଁ । ୪୯ ମୀ ଆକୁ ଆ଼ବାୟାଁ ଲ଼କୁ ଡ଼ୟ୍ୟାଆ ଟା଼ୟୁତା
ମାନା ତିଞ୍ଜାନା, ହ଼ାତେରି । ୫୦ ଆମ୍ବାଆରି ଏ଼ନିକିଁ ରା଼ନ୍ଦ୍ହା ତିଞ୍ଜାନା ହ଼ାଅରି,
ଏ଼ଦାଆଁତାକି ଲାକପୂରୁଟି ୱା଼ନି ରା଼ନ୍ଦ୍ହା ଇଦି । ୫୧ ନା଼ନୁ ଲାକପୂରୁଟି
ୱା଼ହାମାନି ଏ଼ ଜୀୱୁଗାଟି ରା଼ନ୍ଦ୍ହାତେଏଁ; ଆମ୍ବାଆସି ଏ଼ ରା଼ନ୍ଦ୍ହା ତିନେସି,
କା଼ଲାକା଼ଲା ତାକି ନୀଡିନେସି; ହାଅ, ନା଼ନୁ ଏମିନି ରା଼ନ୍ଦ୍ହା ହୀଇଁ, ଏ଼ୱି
ନା଼ ଉଜ୍ଗା, ନା଼ନୁ ଏ଼ୱାଆଁ ଦାର୍‌ତିତି ଜୀୱୁତାକି ହୀଇଁ ।" (aiōn g165) ୫୨
ଇ ହ଼ାଡା ୱେଞ୍ଜାନା ଜୀହୁଦିୟାଁ କାର୍‌ବି ଆ଼ହାନା ଏଲେଇଣ୍ମ୍ରି ଆ଼ତେରି,
"ଇୱାସି ଏ଼ନିକିଁ ମାଙ୍ଗେ ତାନି ଉଜ୍ଗା ତିଞ୍ଜାଲି ହିୟାଲି ଆ଼ଡାନେସି?" ୫୩
ଜୀସୁ ଏ଼ୱାରାଇଁ ଏଲେଇଚେସି, "ନା଼ନୁ ସାତା ୱେସିମାଞ୍ଜାଇଁ, ମାଣ୍‌ସି
ମୀର୍‌ଏଣି ଉଜ୍ଗା ତିନାଆସାରେ ଅ଼ଡ଼େ ତାନି ନେତେରି ଗହ୍‌ଆସାରେ,
ମୀ ତ଼ାଣା ଜୀୱୁ ହିଲେଏ । ୫୪ ଆମ୍ବାଆସି ନା଼ ଉଜ୍ଗା ତିନେସି ଅ଼ଡ଼େ
ନା଼ ନେତେରି ଗହ୍‌ନେସି, କା଼ଲାକା଼ଲାତି ଜୀୱୁ ବେଟା ଆ଼ନେସି, ଅ଼ଡ଼େ
ନା଼ନୁ ଏ଼ୱାଣାଇଁ ରା଼ନି ଦିନାତା ହ଼ାତାରି ତ଼ାଣାଟି ନିକ୍ଇଁ । (aiōnios g166)
୫୫ ଇଚିହିଁ ନା଼ ଉଜ୍ଗା ସାତା ରା଼ନ୍ଦ୍ହା ଅ଼ଡ଼େ ନା଼ ନେତେରି ସାତା ଗହ୍‌ନାୟି
। ୫୬ ଆମ୍ବାଆସି ନା଼ ଉଜ୍ଗା ତିନେସି ଅ଼ଡ଼େ ନା଼ ନେତେରି ଗହ୍‌ନେସି,
ଏ଼ୱାସି ନା଼ ତ଼ାଣା ଡ଼ୟିନେସି ଅ଼ଡ଼େ ନା଼ନୁ ଏ଼ୱାଣି ତ଼ାଣା ଡ଼ୟିଇଁ । ୫୭
ଜୀୱୁତି ଆ଼ବା ନାଙ୍ଗେ ଏ଼ନିକିଁ ପାଣ୍ତ୍ରାମାଞ୍ଜାନେସି ଅ଼ଡ଼େ ନା଼ନୁ ତାନିତ଼ାଣାଟି
ନୀଡାମାଇଁ, ଏଲେକିହିଁଏ ଆମ୍ବାଆସି ନାଙ୍ଗେ ତିଞ୍ଜାନେସି, ଏ଼ୱାସି ଜିକେଏ
ନା଼ ତ଼ାଣାଟି ନୀଡିନେସି । ୫୮ ଆମିନି ରା଼ନ୍ଦ୍ହା ଲାକପୂରୁଟି ୱା଼ହାମାନେ,
ଏ଼ଦି ଇଦି; ମୀ ଆକୁ ଆ଼ବାୟାଁ ଏ଼ନିକିଁ ତିଞ୍ଜାନା ହ଼ାତେରି, ଇଦି ଏଲେତାୟି
ଆ଼ଏ, ଆମ୍ବାଆସି ଇ ରା଼ନ୍ଦ୍ହା ତିନାସି ଏ଼ୱାସି କା଼ଲାକା଼ଲା ତାକି ଜୀୱୁତଲେ
ଡ଼ୟିନେସି ।" (aiōn g165) ୫୯ ଜୀସୁ କପର୍‌ନାହୁମତି ର଼ ଜୀହୁଦି ଲ଼କୁତି
କୁଟମି ଇଲୁତା ମାହାପୂରୁ ବ଼ଲୁ ୱେସିମାଚାଟି ଇ ବାରେ କାତା ୱେସ୍ତେସି
। ୬୦ ଜୀସୁତି ସୀସୁୟାଁ ବିତ୍ରାଟି ହ଼ାରେକା ଇ ବାରେ କାତା ୱେଞ୍ଜାନା
ଏଲେଇଚେରି, "ଇଦି ଅ଼ପାଆଗାଟି କାତା, ଆମ୍ବାଆସି ଇଦାଆଁ ୱେଞ୍ଜାଲି
ଆ଼ଡିନେସି?" ୬୧ ଏ଼ୱାରି ଇ କାତାତାକି ୱେସ୍‌ପି ଆ଼ହିମାନେରି ଇଞ୍ଜେଁ ଜୀସୁ
ପୁଞ୍ଜାନା ସୀସୁୟାଁଇଁ ଏଲେଇଚେସି, "ଇ କାତା ମିଙ୍ଗେ ଅ଼ପାଆଗାଟାୟି
ଆ଼ହିମାନେ କି? ୬୨ ଆତିହିଁ ମାଣ୍‌ସି ମୀର୍‌ଏସି ତଲିଏ ମାଚି ଟା଼ୟୁତା,
ୱେଣ୍ତେ ହାନାଣି ମେସ୍ତିହିଁ, ଏ଼ନାଆଁ ଇଞ୍ଜେରି? ୬୩ ମାହାପୂରୁତି ଜୀୱୁ
ନୀଡାଲି ହୀନାୟି; ମାଣ୍‌ସିତି ଆଙ୍ଗା ଏ଼ନାଆଁ କିୟାଲି ଆ଼ଡେଏ; ନା଼ନୁ ମିଙ୍ଗେ
ୱେସ୍ତାତି ବ଼ଲୁ ବାରେ, ସୁଦୁଜୀୱୁ ଅ଼ଡ଼େ ନୀଡିନି ବ଼ଲୁ । ୬୪ ସାମା ମୀ
ବିତ୍ରାଟି ଏଚରଜ଼ାଣା ନାମିହିଲଅରି" ଇଚିହିଁ ଆମ୍ବାଆରି ନାମି ହିଲାଆତେରି
ଅ଼ଡ଼େ ଆମ୍ବାଆସି ଏ଼ୱାଣାଇଁ ସାତୁ କେୟୁତା ହେର୍‌ପିନେସି ଏ଼ଦାଆଁ ଜୀସୁ
ତଲିଏ ପୁଞ୍ଜାମାଚେସି । ୬୫ ଅ଼ଡ଼େ ଏ଼ୱାସି ଏଲେଇଚେସି, "ଏ଼ଦାଆଁତାକି
ନା଼ନୁ ମିଙ୍ଗେ ୱେସିମାଞ୍ଜାଇଁ, ଆ଼ବା ହେଲ ହୀଆତିହିଁ ଆମ୍ବାଆସି ନା଼
ତ଼ାଣା ୱାୟାଲି ଆ଼ଡଅସି ।" ୬୬ ଏ଼ ଦିନାଟିଏ ତାନି ସୀସୁୟାଁ ବିତ୍ରାଟି
ହ଼ାରେକା ଜ଼ାଣା ଅ଼ପାଆନାହାଁ ହାଜାତୁସ୍ତେରି, ଇଞ୍ଜେଁ, ଏ଼ୱାଣିତଲେ ଅ଼ଡ଼େ
ହାଲାଆତେରି । ୬୭ ଏମ୍ବାଟିଏ ଜୀସୁ ବ଼ାରଜ଼ାଣା ସୀସୁୟାଁଣି ୱେଚେସି,
"ମୀରୁ ଜିକେଏ ହାଜାଲି ମ଼ନ କିହିମାଞ୍ଜେରି କି?" ୬୮ ସିମନ ପିତର
ଏ଼ୱାଣାଇଁ ଏଲେଇଚେସି, "ପ୍ରବୁ ଆମ୍ବାଆରି ତ଼ାଣା ହାନମି? କା଼ଲାକା଼ଲାତି
ଜୀୱୁତି ବ଼ଲୁ ନୀ ତ଼ାଣା ମାନେ । (aiōnios g166) ୬୯ ନୀନୁ, ମାହାପୂରୁ
ତ଼ାଣାଟି ୱା଼ହାମାନି ଏ଼ ସୁଦୁ ମାଣ୍‌ସିତି ଇଦାଆଁ ମା଼ମୁ ନାମା ମାନମି ଅ଼ଡ଼େ
ପୁଞ୍ଜାମାନମି ।" ୭୦ ଜୀସୁ ଏ଼ୱାରାଇଁ ଏଲେଇଚେସି, "ନା଼ନୁ ଏ଼ନାଆଁ
ମୀ ବ଼ାରଜ଼ାଣାତେରି ମିଙ୍ଗେ ଆ଼ଚାମାଞ୍ଜଅଁ କି? ଅ଼ଡ଼େ ମୀ ବିତ୍ରାଟି ରଅସି
ସୟତାନ ।" ୭୧ ଏ଼ୱାସି ଇସ୍କାରିୟତ ସିମନ ମୀର୍‌ଏସି ଜୀହୁଦାଇଁ
ସିନିକିହାନା ଏଲେଇଚେସି, ଇଚିହିଁ ଏ଼ୱାସି ବ଼ାରଜ଼ାଣା ସୀସୁୟାଁ ବିତ୍ରାଟି
ରଅସି, ଅ଼ଡ଼େ ଏ଼ୱାସି ଜୀସୁଇଁ ସାତୁ କେୟୁତା ହେର୍‌ପାଲି ହାଜିମାଚେସି ।

**୭** ଇଦାଆଁ ଡ଼ାୟୁ ଜୀସୁ ଗାଲିଲିତା ରେଜିମାଚେସି, ଇଚିହିଁ ଜୀହୁଦିୟାଁ
ଏ଼ୱାଣାଇଁ ପା଼ୟାଲି ଅଣ୍‌ପି ମାଚାକି ଏ଼ୱାସି ଜୀହୁଦା ରା଼ଜିତା ରେଜାଲି
ମ଼ନ କିହି ହିଲାଆତେସି । ୨ ସାମା ଜୀହୁଦି ଲ଼କୁତି "ଗଚାୟାଁ ଗୁଡ଼ାତା
ବାସାଆ଼ନି" ପାର୍ବୁ ଡାଗେ ୱା଼ହିମାଚାକି । ୩ ଜୀସୁତି ତାୟିୟାଁ ଏ଼ୱାଣାଇଁ
ଏଲେଇଚେରି, "ନୀନୁ କିହିମାନି କାମାୟାଁ, ନୀ ସୀସୁୟାଁ ଜିକେଏ
ମେହ୍‌ନେରି ଇଦାଆଁତାକି ନୀନୁ ଇମ୍ବାଟି ହ଼ଚା ହାଜାନା ଜୀହୁଦା ରା଼ଜିତା
ହାଲାମୁ । ୪ ଇଚିହିଁ ଲ଼କୁତ଼ାଣା ୱେଙ୍ଗ୍ଲି ମ଼ନ କିନାସି ତାନି କାମା
ଡୁଗାହାଁ କିଅସି । ନୀନୁ ଇ ବାରେ କାମା କିହିମାଞ୍ଜି, ଆତିହିଁ ନୀନୁ ଦାର୍‌ତି
ନ଼କିତା ତ଼ସାକଡାମୁ ।" ୫ ଇଚିହିଁ ତାନି ତାୟିୟାଁ ଜିକେଏ ତାଙ୍ଗେ ନାମି
ହିଲାଆତେରି । ୬ ଏମ୍ବାଟିଏ ଜୀସୁ ଏ଼ୱାରାଇଁ ଏଲେଇଚେସି, "ନୀଏଁ
ପାତେକା ନା଼ ଦିନା ଏଜାମାଞ୍ଜେଏ, ସାମା ମୀ ଦିନା କା଼ଲେଏ ମାନେ ।" ୭
ଦାର୍‌ତିତାରି ମିଙ୍ଗେ ଅ଼ପାନେରି ସାମା ନାଙ୍ଗେ ଅ଼ପଅରି ଏ଼ନାଆଁତାକି ଇଚିହିଁ
ତାମି କାମା ବାରେ ଲାଗେଏତାୟି ଇଞ୍ଜେଁ ନା଼ନୁ ସା଼କି ହୀହାନା ତ଼ସିମାଇଁ ।
୮ ମୀରୁ ଇ ପାର୍ବୁତା ହାଜୁ, ନା଼ନୁ ନୀଏଁ ଇ ପାର୍ବୁତା ହାଜିହିଲଅଁ, ଇଚିହିଁ ନା଼
ଦିନା ୱା଼ହାହିଲେଏ । ୯ ଏ଼ୱାସି ଏ଼ୱାରାଇଁ ଇ ବାରେ କାତା ୱେସାନା
ଗାଲିଲିତା ଡ଼ୟିତେସି । ୧୦ ଜୀସୁତି ତାୟିୟାଁ ଏ଼ ପାର୍ବୁତା ହାଚି ଡ଼ାୟୁ,
ଜୀସୁ ଜିକେଏ ହାଚେସି ସାମା ଲ଼କୁ ମେହ୍‌ଆ଼ରେଟୁ ମେଣେଏ ହାଚେସି ।

୧୧ ପାର୍ବୁ ବେଲାତା ଜୀହୁଦି ଲ଼କୁ ଏ଼ୱାଣାଇଁ ପାରି ପାରିହିଁ, “ଏ଼ୱାସି ଏମ୍ବିୟା
ମାନେସି ଇଞ୍ଜିଁ ୱେଚେରି?” ୧୨ ବାରେ ଲ଼କୁ ଏ଼ୱାଣି ତାକି କିଲିବିଲି
ଆ଼ହିମାଚେରି, ଏଚରଜ଼ାଣା “ଏ଼ୱାସି ନେହିଁ ମାଣ୍‌ସି” ଇଚେରି; ଅ଼ଡ଼େ
ଏଚରଜ଼ାଣା “ଆ଼ଏ, ଏ଼ୱାସି ଲ଼କୁଣି ନା଼ଡ଼ି କିହିମାନେସି” ଇଞ୍ଜିଁ ଇଚେରି ।
୧୩ ସାମା ଜୀହୁଦିୟାଁ ଆଜିତାକି ଆମ୍ବାଆରି ତାନି କାତା ପାଙ୍ଗ଼ାୱେଞ୍ଜେ
ୱେସି ହିଲାଆତେରି । ୧୪ ସାମା ପାର୍ବୁତି ମାଦି ପାତେକା ରା଼ହାଲିଏ,
ଜୀସୁ ମାହାପୂରୁ ଇଲୁତା ହାଜାନା ଜା଼ପ୍‌ହାଲି ମା଼ଟ୍‌ହେସି । ୧୫ ଏମ୍ବାଟିଏ
ଜୀହୁଦିୟାଁ କାବାଆ଼ହାନା ଏଲେଇଚେରି, “ଇୱାସି ପା଼ଟା ଜା଼ପାଆନାହାଁ
ଏ଼ନିକିଁ ଇଚେକା ବୁଦି ପୁଚେସି?” ୧୬ ଜୀସୁ ଏ଼ୱାରାଇଁ ଏଲେଇଚେସି,
“ନା଼ନୁ ଜା଼ପ୍‌ହିମାନାୟି ନା଼ ତା଼ଣାଟି ଆ଼ଏ, ସାମା ନାଙ୍ଗେ ପାଣ୍ତାତାଣାୱାୟି ।
୧୭ ଆମ୍ବାଆସି ତାନି ଅଣ୍‌ପୁ ତଲେ କିହାଲି ଅଣ୍‌ପିନେସି, ଆ଼ତିସାରେ ଇ
ଜା଼ପ୍‌ନାୟି ମାହାପୂରୁ ତା଼ଣାଟି ୱା଼ହାମାନେ, କି, ନା଼ ତା଼ଣାଟି ୱେସିମାଇଁ,
ଏ଼ଦାଣି ଏ଼ୱାସି ପୁନେସି । ୧୮ ଆମ୍ବାଆସି ନା଼ଦିଏ ଇନେସି, ଏ଼ୱାସି ତାନି
ଗାୱୁରମି ପାରିନେସି, ସାମା ଆମ୍ବାଆସି ତାଙ୍ଗେ ପାଣ୍ତାମାଞ୍ଜାନାଣା ଗାୱୁରମି
ପାରିନେସି, ଏ଼ୱାସି ସାତା, ଅ଼ଡ଼େ ଏ଼ୱାଣି ତା଼ଣା ଏ଼ନାୟି ଲାଗେଏ କିନାୟି
ହିଲେଏ । ୧୯ ମ଼ସା ମିଙ୍ଗେ ମେ଼ରା ହୀହାମାଞ୍ଜଅସି କି? ଆ଼ତିଜିକେଏ
ମୀ ବିତ୍ରାଟି ଆମ୍ବାଆତେରି ମେ଼ରାତି ମା଼ନୱି ଆ଼ହି ହିଲଅତେରି, ମୀରୁ
ଏ଼ନାଆଁତାକି ନାଙ୍ଗେ ପା଼ୟାଲି ଅଣ୍‌ପିମାଞ୍ଜାଦେରି?” ୨୦ ଲ଼କୁ ବାରେ
ଏଲେଇଚେରି, “ନିଙ୍ଗେ ବୂତୁ ଆଲ୍‌ଗାମାଞ୍ଜାନେ, ନିଙ୍ଗେ ଆମ୍ବାଆସି ପା଼ୟାଲି
ଅଣ୍‌ପି ମାଞ୍ଜାନେସି?” ୨୧ ଜୀସୁ ଏ଼ୱାରାଇଁ ଏଲେଇଚେସି, “ନା଼ନୁ ର଼
କାବାଆ଼ନି କାମା କିତେଏଁ, ଅ଼ଡ଼େ ମୀରୁ ବାରେ କାବା ଆ଼ତେରି । ୨୨
ଇଦାଆଁତାକି ମ଼ସା ମିଙ୍ଗେ ତ଼ଲୁ ଦା଼ପି କିନି ମେ଼ରା ହୀହାମାଞ୍ଜାନେସି, ଇ
ମେ଼ରା ମ଼ସା ତା଼ଣାଟି ଆ଼ହାମାନେ, ଏ଼ଦି ଆ଼ଏ, ସାମା ଆକୁ ଆ଼ବାୟାଁ
ତା଼ଣାଟି, ଇଞ୍ଜାଁ ମୀରୁ ଜ଼ମିନି ଦିନାତା ଜିକେଏ କକାରି ତ଼ଲୁ ଦା଼ପି
କିହିମାଞ୍ଜେରି? ୨୩ ଜ଼ମିନି ଦିନାତା ର଼ କକାଣି ତ଼ଲୁ ଦା଼ପି କିନାଣିତାକି
ମ଼ସାତି ମେ଼ରା ଉରିହିଲଅତେରି, ଆଟିହିଁ ନା଼ନୁ ଜ଼ମିନି ଦିନାତା ର଼
ମାଣ୍‌ସିତି ଗୂଡ଼ା ଆଜ୍ଗା ନେହିଁ କିୟାଲିଏ ମୀରୁ ନାଙ୍ଗେ ଏ଼ନାଆଁତାକି କ଼ପା
ଆ଼ହିମାଞ୍ଜାଦେରି? ୨୪ ୱା଼ର୍‌ଇ ଲାକ ଲାକ କାତା ମେସାନା ନୀହାଁୟି
କିଆଦୁ ସାତା ତଲେ ନୀହାଁୟି କିଦୁ ।” ୨୫ ଏଚେଟିଏ ଜିରୁସାଲମତା
ମାନାରି ବିତ୍ରାଟି ଏଚରଜ଼ାଣା ୱେସ୍‌ପି ଆ଼ତେରି, “ଆମ୍ବାଆରାଇଁ ଇୱାରି
ପା଼ୟାଲି ଅଣ୍‌ପିମାନେରି ଇୱାସି ଏ଼ୱାସି ଆ଼ଏକି? ୨୬ ଅ଼ଡ଼େ ମେହ୍‌ଦୁ,
ଏ଼ୱାସି ଲ଼କୁ ପୁଣ୍‌ମ୍ବେ କାତା ୱେସିମାନେସି, ଇଞ୍ଜାଁ ଏ଼ୱାଣାଇଁ ସା଼ଲୱି
କିନାରି ଏ଼ନାଆଁ କିହିହିଲଅରି । ଏ଼ୱାସି କ୍ରୀସ୍ତୁ ଇଞ୍ଜିଁ ଏ଼ୱାରି ଏ଼ନାଆଁ ସାତା
ତଲେ ପୁଚେରି କି? ୨୭ ଆଟିହିଁ ଏ଼ୱାସି, ଆମ୍ବିଟି ୱା଼ହାମାନେସି, ଇଦାଆଁ
ମା଼ର ପୁଞ୍ଜାମାନାୟି, ସାମା କ୍ରୀସ୍ତୁ ଏଚିବେଲା ୱା଼ନେସି, ଏଚିବେଲାତା
ଆମ୍ବାଆସି ପୁନଅସି, ଇଚିହିଁ ଏ଼ୱାସି ଆମ୍ବିଟି ୱା଼ହାମାନେସି ।” ୨୮ ଜୀସୁ
ମାହାପୂରୁ ଇଲୁତା ମାହାପୂରୁ କାତା ୱେସି ୱେସିହିଁ କାଜା ଗିୟାଁତଲେ
ଏଲେଇଚେସି, “ମୀରୁ ସାତେଏ ନାଙ୍ଗେ ପୁଞ୍ଜାମାଞ୍ଜାଦେରି ଅ଼ଡ଼େ ନା଼ନୁ
ଏମ୍ବିଟି ୱା଼ହାମାଇଁ ଏ଼ଦାଆଁ ସାତେଏ ପୁଞ୍ଜାମାଞ୍ଜେରି; ନା଼ନୁ ନା଼ ଅଣ୍‌ପୁ
ତଲେ ୱା଼ହାହିଲଅଁ, ସାମା ନାଙ୍ଗେ ପାଣ୍ତାତାସି ଏ଼ୱାସି ସାତା, ମୀରୁ
ଏ଼ୱାଣାଇଁ ପୁଞ୍ଜାହିଲଅତେରି । ୨୯ ନା଼ନୁ ଏ଼ୱାଣାଇଁ ପୁଞ୍ଜାମାଇଁ, ଇଚିହିଁ
ନା଼ନୁ ଏ଼ୱାଣି ତା଼ଣାଟି ୱା଼ହାମାଇଁ, ଅ଼ଡ଼େ ଏ଼ୱାସି ନାଙ୍ଗେ ପାଣ୍ତାତେସି ।”
୩୦ ଏମ୍ବାଟିଏ ଜୀସୁଇଁ ଆସାଲି ତାକି ଅଣ୍‌ପିତେରି; ସାମା ଆମ୍ବାଆରି
କେୟୁ ଏ଼ୱାଣି ମୁହେଁ ଏଆତେ, ଇଚିହିଁ ଏ଼ୱାଣାଇଁ ଆହ୍‌ନି କାଟୁ ଏ଼ଚେତା
ଏଜାହିଲାଆତେ । ୩୧ ସାମା ଲ଼କୁ ବିତ୍ରାଟି ହା଼ରେକା ଏ଼ୱାଣି ତା଼ଣା
ନାମାନା ଏଲେଇଚେରି, “ଇୱାସି ଏ଼ନି ଏ଼ନି କାବାଆ଼ନି କାମା ବାରେ
କିହିମାନେସି, କ୍ରୀସ୍ତୁ ୱା଼ହାନା ଇୱାଣି କିହାଁ ଏ଼ନାଆଁ ଆଗାଡ଼ା କିନେସି?”
୩୨ ଲ଼କୁ ଜୀସୁ କାତା ତାମି ବିତ୍ରା ୱେସ୍‌ପି ଆ଼ହିମାଚାଣି ପାରୁସିୟାଁ ୱେଚେରି
ଅ଼ଡ଼େ ପାରୁସିୟାଁ ଅ଼ଡ଼େ କାଜା ପୂଜେରାଙ୍ଗା ଜୀସୁଇଁ ଦସାଲି ଜାମାନାଙ୍ଗାଣି
ପାଣ୍ତିତେରି । ୩୩ ଏମ୍ବାଟିଏ ଜୀସୁ ଏଲେଇଚେସି, “ନା଼ନୁ ମୀ ତଲେ
ଗା଼ଡ଼େକା ତାକି ଡ଼ୟାହାଁ ନାଙ୍ଗେ ପାଣ୍ତାତାଣା ତା଼ଣା ହାଇଁ । ୩୪ ମୀରୁ ନାଙ୍ଗେ
ପାରାଦେରି, ସାମା ମେଡ଼ାଆୟଅତେରି; ଅ଼ଡ଼େ, ନା଼ନୁ ଏମ୍ବିୟା ମାଇଁ, ମୀରୁ
ଏମ୍ବାଆଁ ୱା଼ହାଲି ଆ଼ଡଅତେରି ।” ୩୫ ଜୀହୁଦିୟାଁ ତା଼ମ୍ମୁ ତା଼ମ୍ମୁଏ ୱେସ୍‌ପି
ଆ଼ତେରି, “ଇୱାସି ଆମ୍ବିୟା ହାଜିମାନେସି, ମା଼ର ଏ଼ୱାଣାଇଁ ବେଟାଆ଼ହାଲି
ଆ଼ଡାଆୟି ଏ଼ନାଆଁ ଇୱାସି ଇତାଲା ଆତାଲା ଜା଼ଙ୍ଗ଼ାହାଜାମାନି ଗ୍ରିକ୍ ଲ଼କୁଇଁ
ଜା଼ପ୍‌ହାଲି ହାଜିମାନେସି କି?” ୩୬ “ମୀରୁ ନାଙ୍ଗେ ପାରାଦେରି, ସାମା
ବେଟାଆୟଅତେରି, ଅ଼ଡ଼େ ନା଼ନୁ ଏମ୍ବିୟା ମାଇଁ, ମୀରୁ ଏମ୍ବାଆଁ ୱା଼ହାଲି
ଆ଼ଡଅତେରି, ଇଞ୍ଜିଁ ଏ଼ୱାସି ୱେସ୍ତାତି ଇ କାତା ଏ଼ନାୟି ଇଞ୍ଜିଁ ୱେସ୍‌ପି
ଆ଼ତେରି?” ୩୭ ରା଼ନି ଦିନା, ଇଚିସାରେ ପାର୍ବୁତି କାଜା ଦିନା, ଜୀସୁ ନିଚାନା
କାଜା ଗିୟାଁତଲେ ଏଲେଇଚେସି, ଆମ୍ବାଆସି ଏ଼ସ୍‌କି ଆ଼ତିହିଁ, ଏ଼ୱାସି ନା଼
ଡାଗେ ୱା଼ହାନା ଗସ୍‌ପେସି । ୩୮ ଅ଼ଡ଼େ ଆମ୍ବାଆସି ନା଼ ତା଼ଣା ନାମିନେସି,
“ଦାର୍ମୁ ପତିତା ରା଼ସ୍‌କି ଆ଼ହାମାନି ଲେହେଁ, ଏ଼ୱାଣି ହିୟାଁଟି ଜୀୱୁତି ଜାର୍‌ଣା
ଏ଼ୟୁ ହ଼ନୁ ।” ୩୯ ଜୀସୁ ସୁଦୁଜୀୱୁତି କାତା ୱେସିମାଚେସି, ଆମିନି ଗାଟାରି
ଜୀସୁ ତା଼ଣା ନାମି ମାଚେରି, ଏ଼ୱାରି ସୁଦୁଜୀୱୁ ବେଟାଆ଼ନାୟି ମାଚେ,
ଜୀସୁ ଗାୱୁରମି ବେଟାଆ଼ହା ହିଲାଆତାକି ଏ଼ୱାରାକି ଏ଼ଚେତା ସୁଦୁଜୀୱୁ
ହୀପ୍‌କି ଆ଼ହାହିଲାଆତେ । ୪୦ ଏ଼ଚେତା, ଲ଼କୁ ଏ଼ କାତା ୱେଚେରି,
ଏ଼ୱାରି ବିତ୍ରାଟି ଏଚରଜ଼ାଣା ଏଲେଇଚେରି, “ଇୱାସି ସାତେଏ ମାହାପୂରୁ
ଅଣ୍‌ପୁତି ବ଼ଲୁ ୱେହ୍‌ନାସି ।” ୪୧ ଏଟ୍‌କାତାରି ଏଲେଇଚେରି, “ଏ଼ୱାସି
ମସିହା!” ସାମା ଆମ୍ବା ଆମ୍ବାଆରି ଏଲେଇଚେରି, “ମସିହା! ଏ଼ନାଆଁ
ଗାଲିଲିଟି ୱା଼ନେସି କି? ୪୨ ଦାର୍ମୁ ସା଼ସ୍ତେରିତା ରା଼ସ୍‌କି ଆ଼ହାମାନେ, କ୍ରୀସ୍ତୁ
ଦାୱୁଦ ରାଜା କୂଡ଼ାଟି ଇଞ୍ଜାଁ ଦାୱୁଦ ଏମିନି ଟା଼ୟୁତା ବାସା ଆ଼ହାମାଚେସି,
ଏ଼ ବେତଲିହିମ ନା଼ୟୁଁଟି ୱା଼ନେସି ।” ୪୩ ଇଦାଆଁତାକି ଲ଼କୁ ତାମି
ବିତ୍ରାଟି ଏ଼ୱାଣି ତାକି ବା଼ଗା ଆ଼ତେରି; ୪୪ ଅ଼ଡ଼େ, ତାମି ବିତ୍ରାଟି ଆମ୍ବା
ଆମ୍ବାଆରି ଏ଼ୱାଣାଇଁ ଆସାଲି ଅଣ୍‌ପି ମାଚେରି, ସାମା ଆମ୍ବା ଆମ୍ବାଆରି
ତାନି ଲାକ କେୟୁ ଇଟାଲି ଆ଼ଡାଆତେରି । ୪୫ ଏଚେଟିଏ ଜାମାନାଙ୍ଗା
କାଜା ପୂଜେରା ଅ଼ଡ଼େ ପାରୁସିୟାଁ ତା଼ଣା ୱେଣ୍ତା ହାଚେରି, ଅ଼ଡ଼େ ଏ଼ୱାରି

ଏ୍ୱାରାଇଁ ୱେଚେରି, "ଏ୍ୱାଣାଇଁ ଏ୍ନାଆଁତାକି ଆସା ତାଆତେରି?"
୪୬ ଜାମାନାଙ୍ଗ୍ ଏ୍ୱାରାଇଁ ଏଲେଇଚେରି, "ଇ ମାଣ୍ସି ଏ୍ନିକିଁ ହ୍ାଡା
ୱେହ୍ନାସି, ଏଲେକିହିଁ ଏମିନି ମାଣ୍ସି ଏଚେଲା ୱେସାହିଲଅସି ।" ୪୭
ପାରୁସିୟାଁ ଏ୍ୱାରାଇଁ ଏଲେଇଚେରି, "ଏ୍ନାଆଁ ମୀରୁ ଜିକେଏ ନ୍ାଡ଼ିକିୱି
ଆ୍ତେରି? ୪୮ ପାରୁସିୟାଁ ବିତ୍ରାଟି କି ସ୍ାଲୱି କିନାରି ବିତ୍ରାଟି ଆମ୍ବାଆରି
ଏ୍ୱାଣି ତ୍ାଣା ନାମାମାନେରି କି? ୪୯ ସାମା ଇ ଏମିନି ଲ୍କୁ ମ୍ସାତି ମ୍େରା
ପୁଞ୍ଜାହିଲଅରି, ଏ୍ଦାଆଁତାକି ଇୱାରି ବ୍ାକା ଗାଟି ଲ୍କୁ ।" ୫୦ ଏମିନି
ନିକଦିମ ଇଦାଆଁ ନ୍କେଏ ଜୀସୁଇଁ ମେସାଲି ତାକି ୱ୍ାହାମାଚେସି ଇଞ୍ଜାଁ
ଏ୍ୱାସି ଏ୍ୱାରି ବିତ୍ରାଟି ପାରୁସି ମାଚେସି, ଏ୍ୱାସି ଏ୍ୱାରାଇଁ ୱେଚେସି,
୫୧ "ରଅଣି ତ୍ାଣାଟି ନ୍କେଏ ୱେନାଆନା ଇଞ୍ଜାଁ ତାନି ମାଣ୍କି ପୁନାଆନା
ମ୍ା ମ୍ସାତି ମ୍େରା ଏ୍ନାଆଁ ଏ୍ୱାଣାଇଁ ଦ୍ହ କିନେ?" ୫୨ ଏ୍ୱାରି ଏ୍ୱାଣାଇଁ
ଏଲେଇଚେରି, "ନୀନୁ ଜିକେଏ ଏ୍ନାଆଁ ଗାଲିଲି ଲ୍କୁ କି? ଗାଲିଲିଟି ଏ୍ନି
ମାହାପୂରୁ ଅଣ୍ପୁତି ବ୍ଲୁ ୱେହ୍ନାରି ଏଚେଲା ୱ୍ାହାଲି ଆ୍ଡଅରି, ଇଦାଆଁ
ସ୍ାସ୍ତେରିତା ସିନିକିମୁ ।" ୫୩ ଅ୍ଡେ଼ ଏ୍ୱାରି ବାରେଜ୍ାଣା ଜାହାରା ଇଜ
ହାଚେରି ।

୮ ସାମା ଜୀସୁ ଜୀତ ହ୍ରୁତା ହାଚେସି । ୨ ଅ୍ର ଦିନା ଲ୍ାଇ ଏ୍ୱାସି
ମାହାପୂରୁ ଇଲୁତା ୱେଣ୍ଟା ୱ୍ାତେସି, ଅ୍ଡେ଼, ବାରେ ଲ୍କୁ ଏ୍ୱାଣି
ତ୍ାଣା ୱ୍ାହାଲିଏ, ଏ୍ୱାସି କୁଗାନା ଜ୍ାପ୍ହାଲି ମା୍ଟ୍ହେସି । ୩ ମ୍େରା
ଜ୍ାପ୍ନାରି ଅ୍ଡେ଼ ପାରୁସିୟାଁ ଦ୍ାରି କାମାତା ଆସ୍ପି ଆ୍ହାମାନି ର୍ ଇୟାନି
ତାତେରି, ବାରେଜ୍ାଣା ନ୍କିତା ନିପ୍ହାନା ଜୀସୁଇଁ ଏଲେଇଚେରି । ୪
"ଗୂରୁ, ଇ ଇୟା ଦ୍ାରିକାମା କିହିମାଚାଟି ଆସ୍ପି ଆ୍ତେ । ୫ ଇଲେତି
ଇୟାସିକାଣି ୱାଲ୍କା କୁତାନା ୱ୍େଚାଲିତାକି ମ୍ସା ମ୍ା ମ୍େରାତା ହୁକୁମି
ହୀହାମାଞ୍ଜାନେସି; ଆତିହିଁ ନୀନୁ ଏ୍ନାଆଁ ୱେସିମାଞ୍ଜାଦି?" ୬ ଏ୍ୱାରି
ଜୀସୁଇଁ ଏ୍ନିକିଁ ପ୍ାନ୍ଦ୍ଧାତା ମେଟ୍ହାଲି ଆ୍ଡିନେରି, ଇଦାଆଁତାକି ଏ୍ୱାରି
ଏ୍ୱାଣାଇଁ ତାୟିପାରି କିହାଲି ୱେଚେରି, ସାମା ଜୀସୁ ମୁନୁକାପାନା ୱାଞ୍ଜୁ
ତଲେ ବୂମିତା ରା୍ଚାଲି ମା୍ଟ୍ହେସି । ୭ ଏ୍ୱାରି ଏମ୍ବାଆଁ ନିଚାନା ୱେଣ୍ତେ
ୱେଞ୍ଜାଲିଏ, ଜୀସୁ ତ୍ାୟୁଁ ପେର୍ହାନା ଏ୍ୱାରାଇଁ ଏଲେଇଚେସି, "ମୀ
ବିତ୍ରାଟି ଆମ୍ବାଆସି ଏଚେଲା ଏ୍ନି ପ୍ାପୁ କିହାହିଲଅସି, ଏ୍ୱାସି ମୂଲୁ ୱାଲି
କୁତାପେସି ।" ୮ ଅ୍ଡେ଼ ୱେଣ୍ତେ ଜୀସୁ ମୁନୁକାପାନା ବୂମିତା ରା୍ଚାଲି
ମା୍ଟ୍ହେସି । ୯ ଜୀସୁତି ହ୍ାଡା ୱେଞ୍ଜାନା ଏ୍ୱାରି କାଜାରିଟିଏ ମାଟ୍ହାଁ
ରଅଣି ଜେ୍ଚ ରଅସି ହାଜାଲି ମା୍ଟ୍ହେରି, ଏମ୍ବାଆଁ ୱାର୍ଇ ଜୀସୁ ଅ୍ଡେ଼
ମାଦି ମାନି ଏ୍ ଇୟା ଡ୍ୟିତେ । ୧୦ ଜୀସୁ ତ୍ାୟୁଁ ପେର୍ହାନା ଏ୍ଦାନି
ଏଲେଇଚେସି, "ଏ୍ ଇୟା ଏ୍ୱାରି ଏମ୍ବିୟା? ଆମ୍ବାଆରି ନିଙ୍ଗେ ଡଣ୍ଡ
ହୀହାଲି ହିଲଅରି କି?" ୧୧ ଏ୍ଦି ଏଲେଇଚେ, "ଆ୍ଏ, ପ୍ରବୁ, ଆମ୍ବାଆରି
ହିଲଅରି ।" ଏମ୍ବାଟିଏ ଜୀସୁ ଏ୍ଦାନି ଏଲେଇଚେସି; "ନ୍ାନୁ ଜିକେଏ
ନିଙ୍ଗେ ଡଣ୍ଡ ହିୟଅଁ; ହାଲାମୁ, ସାମା ଅ୍ଡେ଼ ପ୍ାପୁ କିଆନି ।" ୧୨ ଜୀସୁ
ୱେଣ୍ତେ ପାରୁସିୟାଁଇଁ ଏଲେଇଚେସି, "ନ୍ାନୁ ଦାର୍ତିତି ଉଜେଡ଼ି, ଆମ୍ବାଆସି
ନ୍ା ଜେ୍ଚ ୱ୍ାନେସି, ଏ୍ୱାସି ଜୀୱୁତି ଉଜେଡ଼ି ବେଟା ଆ୍ନେସି ଅ୍ଡେ଼
ଏଚେଲା ଜିକେଏ ଆନ୍ଧେରିତା ତ୍ାକଅସି ।" ୧୩ ପାରୁସିୟାଁ ଏ୍ୱାଣାଇଁ
ଏଲେଇଚେରି, "ନୀଏଁ ନୀନୁ ନିଙ୍ଗେତାକି ସ୍ାକି ହୀହିମାଞ୍ଜି, ନୀନୁ ଏ୍ନାଆଁ
ଏଲେ ଇଞ୍ଜିମାଞ୍ଜି ଏ୍ଦି ସାତା ପାର୍ମାଣା ହିଲାଆଗାଟାୟି ।" ୧୪ ଜୀସୁ
ଏ୍ୱାରାଇଁ ଏଲେଇଚେସି, "ଆ୍ଏ ନ୍ାନୁ ନ୍ା ତାକି ସ୍ାକି ହୀତି ଜିକେଏ, ନ୍ାନୁ
ଏ୍ନାଆଁ ୱେସିମାଞ୍ଜାଇଁ ଏ୍ଦି ସାତା, ଇଚିହିଁ ନ୍ାନୁ ଆମ୍ବିଟି ୱ୍ାହାମାଇଁ ଅ୍ଡେ଼
ଏମ୍ବିୟା ହାଜିମାଇଁ ଏ୍ଦାଆଁ ପୁଞ୍ଜାମାଇଁ, ମୀରୁ ପୁଞ୍ଜାହିଲଅତେରି ଏମ୍ବାଟି
ୱାଇଁ ଅ୍ଡେ଼ ଏମ୍ବିୟା ହାଇଁ । ୧୫ ମୀରୁ ୱାର୍ଇ ମାଣ୍ସିୟାଁ ଲେହେଁ ବିଚାରା
କିହିମାଞ୍ଜେରି, ନ୍ାନୁ ଆମ୍ବାଆରି ବିଚାରା କିଅଁ । ୧୬ ସାମା ନ୍ାନୁ ବିଚାରା
କିଇଁ, ଆ୍ତିଜିକେଏ ନ୍ା ବିଚାରା ସାତା; ଇଚିହିଁ ନ୍ାନୁ ରଅତେଏଁ ଆ୍ଏ ସାମା
ଏମିନି ଆ୍ବା ନାଙ୍ଗେ ପାଣ୍ଡାମାଞ୍ଜାନାସି ନ୍ା ତଲେ ମାନେସି । ୧୭ ମୀ ମ୍ସାତି
ମ୍େରାତା ରା୍ସ୍କି ଆ୍ହାମାନେ, ରିଆରି ସ୍ାକି ହ୍ାଡା ର୍ଲେଏ ଆ୍ତିସାରେ,
ଏ୍ୱାରି ଏ୍ନାଆଁ ଇନେରି ଏ୍ଦି ସାତା । ୧୮ ନ୍ାନୁ ନାଙ୍ଗେତାକି ସ୍ାକି
ହୀହିମାଇଁ, ଅ୍ଡେ଼, ନାଙ୍ଗେ ପାଣ୍ଡାମାଞ୍ଜାନି ଆ୍ବା ଜିକେଏ ନ୍ା ୱାକିଟି ସ୍ାକି
ହୀହିମାନେସି ।" ୧୯ ଏ୍ୱାଣାଇଁ ଏ୍ୱାରି ୱେଚେରି, "ନୀ ଆ୍ବା ଏମ୍ବିୟା?"
ଜୀସୁ ଏଲେଇଚେସି, "ନାଙ୍ଗେ କି ନ୍ା ଆ୍ବାଇଁ ମୀରୁ ପୁଞ୍ଜାହିଲଅତେରି;
ନାଙ୍ଗେ ପୁଞ୍ଜାତିହିଁମା, ନ୍ା ଆ୍ବାଇଁ ଜିକେଏ ପୁଚେରିମା ।" ୨୦ ମାହାପୂରୁ
ଇଲୁତି ଦ୍ାନା ଇଟିନି ବାକ୍ରାତା ଜୀସୁ ଏ୍ ବାରେ କାତା ଜ୍ାପ୍ହିମାଚେସି,
ସାମା ଆମ୍ବାଆରି ଜିକେଏ ଏ୍ୱାଣାଇଁ ଆହ୍ଆତେରି ଏ୍ନାଆଁତାକି ଇଚିହିଁ
ତାନି ବେ୍ଲା ୱ୍ାହା ହିଲାଆତେ । ୨୧ ଜୀସୁ ଅ୍ଡେ଼ ୱେଣ୍ତେ ଏ୍ୱାରାଇଁ
ଏଲେଇଚେସି, "ନ୍ାନୁ ହାଜିମାଇଁ, ମୀରୁ ନାଙ୍ଗେ ପାରାଦେରି, ଅ୍ଡେ଼ ମୀରୁ
ମୀ ପ୍ାପୁତା ହ୍ାଦେରି । ନ୍ାନୁ ଏମ୍ବିୟା ହାଜିମାଇଁ, ଏମ୍ବାଆଁ ମୀରୁ ହାଜାଲି
ଆ୍ଡଅତେରି ।" ୨୨ ଇଞ୍ଜାଁ ଜୀହୁଦିୟାଁ ଏଲେଇଚେରି, "ଇୱାସି ଏ୍ନାଆଁ
ହ୍ାହାଲି ଏଲେଇଞ୍ଜି ମାନେସି, ନ୍ାନୁ ଏମ୍ବିୟା ହାଇଁ ମୀରୁ ଏମ୍ବାଆଁ ହାଜାଲି
ଆ୍ଡଅତେରି?" ୨୩ ଜୀସୁ ଏ୍ୱାରାଇଁ ଏଲେଇଚେସି, "ମୀରୁ ଇ ଡ୍ଇପୁରୁଟି
ଜାର୍ନା ଆ୍ହାମାଞ୍ଜେରି, ସାମା ନ୍ାନୁ ଲାକଟି ୱ୍ାହାମାଇଁ । ମୀରୁ ଇ ଦାର୍ତିଟି,
ନ୍ାନୁ ଇ ଦାର୍ତିଟି ଆ୍ଏ । ୨୪ ଏ୍ଦାଆଁତାକି ନ୍ାନୁ ୱେସିମାଞ୍ଜାଇଁ, ମୀରୁ
ମୀ ପ୍ାପୁ ତଲେ ହ୍ାଦେରି । ନ୍ାନୁ ଏ୍ୱାତେଏଁ ଇଞ୍ଜିଁ ୱେସ୍ତାସାରେ ମୀରୁ
ନାମାଆସାରେ, ମୀ ପ୍ାପୁତା ହ୍ାଦେରି ।" ୨୫ ଏମ୍ବାଟିଏ ଏ୍ୱାରି ଏ୍ୱାଣାଇଁ
ୱେଚେରି, "ନୀନୁ ଆମ୍ବାଆତି?" ଜୀସୁ ଏ୍ୱାରାଇଁ ଏଲେଇଚେସି, "ଇ
ହ୍ାଡା ନ୍ାନୁ ମୂଲୁଟିଏ ୱେସାମାଞ୍ଜାଇଁ । ୨୬ ମିଙ୍ଗେତାକି କାତା ଜ୍ଲାଲି
ଅ୍ଡେ଼ ବିଚାରା କିହାଲି ନ୍ା ତ୍ାଣା ହ୍ାରେକା କାତା ମାନେ; ସାମା ନାଙ୍ଗେ
ପାଣ୍ଡାମାଞ୍ଜାନାସି, ଏ୍ୱାସି ସାତା, ଅ୍ଡେ଼ ନ୍ାନୁ ଏ୍ନାଆଁ ୱେଞ୍ଜାମାଇଁ; ଏ୍
ବାରେ ଦାର୍ତିତି ୱେସିମାଇଁ ।" ୨୭ ଏ୍ୱାସି ମାହାପୂରୁ ଆ୍ବା କାତା
ୱେସିମାଚେସି, ଏ୍ୱାରି ତେଲ୍ହାଲି ଆ୍ଡାଆତେରି । ୨୮ ଏ୍ଦାଆଁତାକି
ଜୀସୁ ଏଲେଇଚେସି; "ଏଚେତା ମୀରୁ ମାଣ୍ସି ମୀର୍ଏଣାଇଁ ଗାୱୁରମି
ହୀଦେରି, ଏଚେତା ନ୍ାନୁ ଏ୍ ମାଣ୍ସିତେଏଁ ଅ୍ଡେ଼ ନ୍ାନୁ ଜାହାରାୱାଣି
ଏ୍ନାଆଁ କିଆନା, ଆ୍ବା ନାଙ୍ଗେ ଏ୍ନିକିଁ ଜ୍ାପ୍ହା ମାଞ୍ଜାନେସି, ଏଲେକିଁ ଇ
ବାରେ କାତା ୱେସିମାଞ୍ଜାଇଁ ଇଦାଆଁ ମୀରୁ ପୁଞ୍ଜାଲି ଆ୍ଡିଦେରି । ୨୯

ଆମ୍ବାଆସି ନାଙ୍ଗେ ପାଣ୍ତାମାଞ୍ଜାନାସି ଏ଼ୱାସି ନା ତଲେ ମାନେସି, ଏ଼ୱାସି
ନାଙ୍ଗେ ରଅତେଏଁ କିହିଁ ପିସାମାଞ୍ଜଅସି, ଇଚିହିଁ ନ଼ାନୁ ତାନି ର଼ାହାଁ ଆ଼ନି
କାମା କିଇଁ ।” ୩୦ ଜୀସୁ ଇ ବାରେ ହ଼ାଡା ୱେଞ୍ଜାନା ହ଼ାରେକା ଜ଼ାଣା ତାନି
ତ଼ାଣା ନାମିତେରି । ୩୧ ଏମ୍ବାଟିଏ ଜୀସୁ ତାନି ତ଼ାଣା ନାମିତି ଜୀହୁଦିଙ୍ଗାଣି
ଏଲେଇଚେସି, “ନ଼ା ବ଼ଲୁତା ତୀରିଆ଼ହାଁ ଡ଼ୟିଦେରି, ଆତିହିଁ ମୀରୁ ସାତେଏ
ନ଼ା ସୀସୁୟାଁତେରି । ୩୨ ମୀରୁ ସାତାତି ପୁଞ୍ଜେରି ଅ଼ଡ଼େ ଏ଼ ସାତା ମିଙ୍ଗେ
ଗେଲ୍‌ପାନେ ।” ୩୩ ଏ଼ୱାରି ଏ଼ୱାଣାଇଁ ଏଲେଇଚେରି, “ମ଼ାମ୍ବୁ ଅବ୍ରାହାମତି
କୂଡ଼ାତମି, ଅ଼ଡ଼େ ଏଚେଲା ଆମ୍ବାଆରି ହ଼ଲିୟା ଆ଼ହାହିଲଅମି, ଆତିହିଁ
ମୀରୁ ମୁକ୍‌ଲୱି ଆ଼ଦେରି ଇଞ୍ଜୁଁ ଏ଼ନିକିଁ ୱେସିମାଞ୍ଜାଦି?” ୩୪ ଜୀସୁ ଏ଼ୱାରାଇଁ
ଏଲେଇଚେସି, “ନ଼ାନୁ ମିଙ୍ଗେ ସାତା ୱେସିମାଞ୍ଜାଇଁ, ଆମିନିଗାଟାସି ପ଼ାପୁ
କିନେସି, ଏ଼ୱାସି ପ଼ାପୁତି ହ଼ଲେଏସି । ୩୫ ହ଼ଲେଏସି କ଼ାଲେଏ ତାକି
ଇଲୁ କୁଟମିତା ଡ଼ୟଅସି, ମୀର୍‌ଏସି ଇଲୁ କୁଟମିତା କ଼ାଲେଏ ତାକି
ଡ଼ୟିନେସି । (aiōn g165) ୩୬ ମୀର୍‌ଏସି ମିଙ୍ଗେ ମୁକ୍‌ଲୱି କିୟାନେସି,
ମୀରୁ ସାତେଏ ମୁକ୍‌ଲୱି ଆ଼ଦେରି । ୩୭ ମୀରୁ ଅବ୍ରାହାମତି କୂଡ଼ାତାତେରି
ନ଼ାନୁ ପୁଞ୍ଜାମାଇଁ; ସାମା ନ଼ା ବ଼ଲୁ ମୀ ହିୟାଁତି ଟ଼ାୟୁତା ହିଲାଆକି ମୀରୁ
ନାଙ୍ଗେ ପ଼ାୟାଲି ଅଣ୍‌ପିମାଞ୍ଜେରି । ୩୮ ନ଼ା ଆ଼ବା ତ଼ାଣା ନ଼ାନୁ ଏ଼ନାଆଁ
ମେସାମାଇଁ, ଏ଼ ବାରେ ନ଼ାନୁ ୱେସିମାଞ୍ଜାଇଁ । ଏ଼ଦାଆଁତାକି ମୀରୁ ଜିକେଏ
ମୀ ଆ଼ବା ତ଼ାଣାଟି ଏ଼ନାଆଁ ୱେଞ୍ଜାମାଞ୍ଜେରି ଏ଼ ବାରେ କିଦୁ ।” ୩୯ ଏ଼ୱାରି
ଏ଼ୱାଣାଇଁ ଏଲେଇଚେରି, “ଅବ୍ରାହାମ ମ଼ା ଆ଼ବା ।” ଜୀସୁ ଏ଼ୱାରାଇଁ
ଏଲେଇଚେସି, “ମୀରୁ ଅବ୍ରାହାମତି ମୀର୍‌କା ମ଼ାସ୍‌କାତେରି, ଆତିହିଁ
ଅବ୍ରାହାମ କିହାମାଚି କାମା କିଦୁ; ୪୦ ମାହାପୂରୁ ତ଼ାଣାଟି ୱେଞ୍ଜାମାନି
ସାତାତି ମିଙ୍ଗେ ୱେସିମାଞ୍ଜାଇଁ, ନ଼ାନୁ ଇଲେତି ଲ଼କୁ, ମୀରୁ ନାଙ୍ଗେ ପ଼ାୟାଲି
ତାକି ଅଣ୍‌ପିମାଞ୍ଜାଦେରି; ଅବ୍ରାହାମ ଇଲେତି କାମା କିଆତେସି । ୪୧ ମୀରୁ
ମୀ ଆ଼ବାତି ବାରେ କାମା କିହିମାଞ୍ଜେରି ।” ଏ଼ୱାରି ଜୀସୁଇଁ ଏଲେଇଚେରି;
“ମ଼ାମ୍ବୁ ଦ଼ାରିକାମାଟି ଜାର୍ନା ଆ଼ହାହିଲଅମି; ମ଼ା ରଣ୍ତିଏ ଆ଼ବା, ଏ଼ୱାସି
ମାହାପୂରୁ ।” ୪୨ ଜୀସୁ ଏ଼ୱାରାଇଁ ଏଲେଇଚେସି, “ମାହାପୂରୁ ସାତେଏ
ମୀ ଆ଼ବା ଆ଼ତିହିଁମା, ମୀରୁ ନାଙ୍ଗେ ଜୀୱୁ ନୟାତେରିମା, ଇଚିହିଁ ନ଼ାନୁ
ମାହାପୂରୁ ତ଼ାଣାଟି ୱ଼ାହାମାଇଁ; ନ଼ାନୁ ନ଼ା ତ଼ାଣାଟି ୱ଼ାହାହିଲଅଁ, ସାମା
ଏ଼ୱାସି ନାଙ୍ଗେ ପାଣ୍ତାତେସି । ୪୩ ନ଼ାନୁ ଏ଼ନାଆଁ ୱେସିମାଞ୍ଜାଇଁ, ମୀରୁ
ଏ଼ନାଆଁତାକି ନ଼ା ହ଼ାଡାତି ତେଲ୍‌ହାଲି ଆ଼ଡିହିଲଅତେରି? ଇଦାନି କାତା
ଆ଼ହିମାନେ ମୀରୁ ନ଼ା ବ଼ଲୁତି ୱେଞ୍ଜାଲି ଆ଼ଡିହିଲଅତେରି । ୪୪ ମୀରୁ ମୀ
ଆ଼ବା ସୟତାନତି ମୀର୍‌କା ମ଼ାସ୍‌କାତେରି, ଅ଼ଡ଼େ ମୀରୁ ମୀ ଆ଼ବାତି କାମା
କିହାଲି ମୀ ଅଣ୍‌ପୁ । ଏ଼ୱାସି ମୂଲୁଟିଏ ଲ଼କୁଣି ପ଼ାୟିନାସି, ଅ଼ଡ଼େ ଏ଼ୱାସି
ସାତାତା ଡ଼ୟଅସି, ଇଚିହିଁ ଏ଼ୱାଣି ତ଼ାଣା ସାତା ହିଲେଏ । ଏଚିବେଲା
ଏ଼ୱାସି ମିଚି ଜ଼ଲିନେସି, ଏ଼ଚେତା ତାନିତ଼ାଣାଟି ଜ଼ଲିନେସି; ଇଚିହିଁ ଏ଼ୱାସି
ମିଚି ଗାଟାସି ଇଞ୍ଜାଁ ମିଚିତି ତାଞ୍ଜେ । ୪୫ ସାମା ନ଼ାନୁ ସାତା ଜ଼ଲିମାନାକି,
ମୀରୁ ନାଙ୍ଗେ ନାମିମାଞ୍ଜଅତେରି । ୪୬ ନ଼ାନୁ ପ଼ାପୁ ଗାଟାତେଏଁ ଇଞ୍ଜୁଁ
ମୀ ବିତ୍ରାଟି ଆମ୍ବାଆତେରି ପାର୍‌ମାଣା କିହାଲି ଆ଼ଡିଦେରି? ନ଼ାନୁ ସାତା
ୱେସ୍ତାସାରେ, ନାଙ୍ଗେ ମୀରୁ ଏ଼ନାଆଁତାକି ନାମିମାଞ୍ଜଅତେରି? ୪୭
ଆମ୍ବାଆସି ମାହାପୂରୁ ତ଼ାଣାଟି ୱ଼ାହାମାନେସି, ଏ଼ୱାସି ମାହାପୂରୁତି ବ଼ଲୁ
ୱେନେସି; ମୀରୁ ମାହାପୂରୁ ତ଼ାଣାଟି ୱ଼ାହାହିଲଅତେରି, ଏ଼ଦାଆଁତାକି ଇ
ବ଼ଲୁ ୱେଞ୍ଜୁହିଲଅତେରି ।” ୪୮ ଜୀହୁଦିୟାଁ ଜୀସୁଇଁ ଏଲେଇଚେରି, “ନୀନୁ
ସମିରଣତି ଇଞ୍ଜାଁ ନିଙ୍ଗେ ବୂତୁ ଆଲ୍‌ଗାମାଞ୍ଜାନେ, ଏ଼ଦାଆଁ ମ଼ାମ୍ବୁ ସାତା
ୱେସି ହିଲଅମି କି?” ୪୯ ଜୀସୁ ଏ଼ୱାରାଇଁ ଏଲେଇଚେସି; “ନାଙ୍ଗେ ବୂତୁ
ଆଲ୍‌ଗା ମାଞ୍ଜେଏ, ନ଼ାନୁ ନ଼ା ଆ଼ବାଇଁ ମ଼ାନି କିହିମାଇଁ, ସାମା ମୀରୁ ନାଙ୍ଗେ
ଲାଜା କିହିମାଞ୍ଜାଦେରି । ୫୦ ନ଼ାନୁ ନ଼ା ଗାୱୁରମି କିହାଲି ଅଣ୍‌ପି ହିଲଅଁ;
ରଅସି ଅଣ୍‌ପିମାନେସି ଏ଼ୱାସି ନ଼ା ୱାକିଟି ବିଚାରା କିନେସି । ୫୧ ନ଼ାନୁ
ସାତା ୱେସିମାଞ୍ଜାଇଁ, ଆମ୍ବାଆସି ନ଼ା ବ଼ଲୁତି ମ଼ାନୱି ଆ଼ନେସି, ଏ଼ୱାସି
ଏଚେଲା ହ଼ାଅସି ।” (aiōn g165) ୫୨ ଜୀହୁଦିୟାଁ ଏ଼ୱାଣାଇଁ ଏଲେଇଚେରି,
“ନୀଏଁ ମ଼ାମ୍ବୁ ପୁଚମି, ନିଙ୍ଗେ ବୂତୁ ଆଲ୍‌ଗାମାଞ୍ଜାନେ, ଅବ୍ରାହାମ ଅ଼ଡ଼େ
ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାରି ବାରେଜ଼ାଣା ହ଼ାତେରି, ଅ଼ଡ଼େ ନୀନୁ
ୱେସିମାଞ୍ଜି, ଆମ୍ବାଆସି ନ଼ା ବ଼ଲୁ ମ଼ାନୱି ଆ଼ନେସି, ଏ଼ୱାସି ଏଚେଲା
ଜିକେଏ ହ଼ାଅସି । (aiōn g165) ୫୩ ମ଼ା ଆକୁ ଅବ୍ରାହାମ ହ଼ାତେସି, ନୀନୁ
ଏ଼ନାଆଁ ଅବ୍ରାହାମ କିହାଁ କାଜାତି ଇଞ୍ଜାଁ ଅଣ୍‌ପିମାଞ୍ଜି? ମାହାପୂରୁ ଅଣ୍‌ପୁତି
ବ଼ଲୁ ୱେହ୍‌ନାରି ଜିକେଏ ହ଼ାତେରି; ନୀନୁ ଆମ୍ବାଆତି ଇଞ୍ଜାଁ ୱେସିମାଞ୍ଜି?”
୫୪ ଜୀସୁ ଏଲେଇଚେସି, “ନ଼ାନୁ ନ଼ା ଗାୱୁରମି କିହିମାଇଁ, ଆତିହିଁ ନ଼ା
ଗାୱୁରମି ଏ଼ନାୟି ଆ଼ଏ; ଆମ୍ବାଆସି ନାଙ୍ଗେ ଗାୱୁରମି କିୟାନେସି ଏ଼ୱାସି
ନ଼ା ଆ଼ବା ଆମ୍ବାଆରାଇଁ ମୀରୁ ମୀ ମାହାପୂରୁ ଇଞ୍ଜାଁ ଏଲେ ଇଞ୍ଜିମାଞ୍ଜେରି;
୫୫ ମୀରୁ ଏ଼ୱାଣାଇଁ ଏଚେଲା ପୁଞ୍ଜାହିଲଅତେରି, ସାମା ନ଼ାନୁ ଏ଼ୱାଣାଇଁ
ପୁଞ୍ଜାମାଇଁ । ଏ଼ୱାଣାଇଁ ପୁଞ୍ଜାହିଲଅଁ ଇଞ୍ଜାଁ ନ଼ାନୁ ୱେସ୍ତିହିଁ, ମୀ ଲେହେଁ
ନ଼ାନୁ ଜିକେଏ ମିଚି ଗାଟାତେଏଁ ଆ଼ଇଁ, ସାମା ନ଼ାନୁ ଏ଼ୱାଣାଇଁ ପୁଞ୍ଜାମାଇଁ
ଅ଼ଡ଼େ ତାନି ବ଼ଲୁତି ମ଼ାନୱି ଆ଼ଇଁ । ୫୬ ମୀ ଆ଼ବା ଅବ୍ରାହାମ ନ଼ା ଦିନା
ମେସାଲି ତାକି ଆ଼ସା କିହାନା ର଼ାହାଁ କିତେସି, ଅ଼ଡ଼େ ଏ଼ଦାଆଁ ମେସାନା
ଏ଼ୱାସି ର଼ାହାଁ ଆ଼ତେସି ।” ୫୭ ଜୀହୁଦିୟାଁ ଏ଼ୱାଣାଇଁ ଏଲେଇଚେରି,
“ନିଙ୍ଗେ ରୀ କ଼ଡ଼ି ଦସ ବାର୍ସା ଆ଼ହାମାଞ୍ଜେଏ, ନୀନୁ ଏ଼ନାଆଁ ଅବ୍ରାହାମଇଁ
ମେସାମାଞ୍ଜି?” ୫୮ ଜୀସୁ ଏ଼ୱାରାଇଁ ଏଲେଇଚେସି, “ନ଼ାନୁ ମିଙ୍ଗେ ସାତା
ୱେସିମାଞ୍ଜାଇଁ, ଅବ୍ରାହାମତି ଜାର୍ନା ନ଼କେଏ ନ଼ାନୁ ମାଇଁ ।” ୫୯ ଏ଼ୱାରି
ଏ଼ୱାଣାଇଁ ୱେଚାଲିତାକି ୱାଲ୍‌କା ପେର୍‌ହା କଡିତେରି, ସାମା ଜୀସୁ
ମାହାପୂରୁ ଇଲୁଟି ମେହ୍‌ଆ଼ରେଟୁ ହ଼ଚାହାଚେସି ।

୯ ଜୀସୁ ହାଜିମାଚାଟି ର଼ ଜାର୍ନାଟିଏ କ଼ାଣାଇଁ ବେଟାଆ଼ତେସି । ୨ ତାନି
ସୀସୁୟାଁ ୱେଚେରି, “ଗୁରୁ, ଆମ୍ବାଆସି ପ଼ାପୁ କିହାଲିଏ ଇୱାସି କ଼ାଣା
ଆ଼ହାନା ଜାର୍ନା ଆ଼ତେସି, ତ଼ାନୁ କି ତାମି ଇୟା ଆ଼ବା ପ଼ାପୁ କିତାକି?”
୩ ଜୀସୁ ଏଲେଇଚେସି, “ଇୱାସି କି ତାମି ଇୟା ଆ଼ବା ପ଼ାପୁ କିତାକି
ଆ଼ଏ, ସାମା ମାହାପୂରୁତି କାମା ଏ଼ନିକିଁ ଇୱାଣି ତ଼ାଣାଟି ତ଼ସ୍‌ପିଆ଼ନେ,
ଏ଼ଦାଆଁତାକି ଇଦି ଆ଼ହାମାନେ । ୪ ଦିନା ମାଞ୍ଜା ମାଞ୍ଜାନା, ନାଙ୍ଗେ
ପାଣ୍ତାମାଞ୍ଜାନାଣି କାମା କିନାୟିମାନେ; ଏମିନି ବ଼େଲାତା ଆମ୍ବାଆସି କାମା

କିହାଲି ଆ଼ଡଅସି, ଇଲେତି ଲା଼ଆଁ ୱା଼ହିମାନେ । ୫ ନା଼ନୁ ଏ଼ଚେପାତେକା
ଦା଼ର୍‌ତିତା ମାଇଁ, ଏ଼ଚେପାତେକା ନା଼ନୁ ଦା଼ର୍‌ତିତି ଉଜେଡ଼ିତେଏଁ ।”
୬ ଇ କାତା ଏଲେଇଞ୍ଜାନା, ଜୀସୁ ଇର୍‌ଆତା ହୂପାନା ହୂପ୍‌କା ତଲେ
କା଼ଦ କିତେସି; ଅ଼ଡ଼େ ତାନି ରୀ କାଣ୍‌କାଣାଁ ରୁବିତେସି ଅ଼ଡ଼େ ଏ଼ୱାଣାଇଁ
ଏଲେଇଚେସି, ୭ ହାଲାମୁ “ସିଲହ ବାନ୍ଧାତା ମୂମୁ ନର୍‌ହା ୱା଼ମୁ ।”
ଏମ୍ବାଟିଏ ଏ଼ୱାସି ହାଜାନା ନର୍‌ହା କଡାନା ୱେଣ୍ତା ୱା଼ହିମାଚାଟି ମେସାଲି
ଆ଼ଡିତେସି । ୮ ତାନି ପା଼ଡ଼ିତାରି, ଅ଼ଡ଼େ ଏମିନିଗାଟାରି ଏ଼ୱାଣାଇଁ
ନ଼କେଏ ରୀସ୍‌ପି ମାଚାଣି ମେସାମାଚେରି, ଏ଼ୱାରି ୱେଚେରି, “ଇୱାସି
ଏ଼ନାଆଁ କୁଗାନା ରୀସ୍‌ପି ମାଚେସି ଏ଼ୱାସି ଆ଼ଏକି?” ୯ ଏଚରଜା଼ଣା
ଏଲେଇଚେରି, “ଇୱାସିଏ ଏ଼ୱାସି;” ଅ଼ଡ଼େ ଏଚରଜା଼ଣା ଏଲେଇଚେରି,
“ଆ଼ଏ, ଏ଼ୱାଣିଲେହେଁ ତାସି ।” ଏ଼ୱାସି ଏଲେଇଚେସି, “ନା଼ନୁଏ ଏ଼ୱାତେଏଁ
।” ୧୦ ଲ଼କୁ ଏ଼ୱାଣାଇଁ ୱେଚେରି, “ଆତିହିଁ, ନୀନୁ ନୀଏଁ ଏ଼ନିକିଁ ମେସାଲି
ଆ଼ଡିମାଞ୍ଜି?” ୧୧ ଏ଼ୱାସି ଏଲେଇଚେସି, “ଆମ୍ବାଆରାଇଁ ଜୀସୁ ଇନେରି,
ଏ଼ୱାସି ଇର୍‌ଆତି କା଼ଦ କିହାନା ନା଼ କାଣ୍‌କାଣାଁ ରୁବାତେସି ଅ଼ଡ଼େ ସିଲହତା
ହାଜାହାଁ ମୂମୁ ନର୍‌ହା କଡାମୁ ଏଲେଇଞ୍ଜାତେସି; ଏଚେଟିଏ ନା଼ନୁ ହାଜାନା
ମୂମୁ ନର୍‌ହାଲିଏ ମେସାଲି ଆ଼ଡିତେଏଁ ।” ୧୨ “ଏ଼ୱାସି ଆମ୍ବିୟା଼?” ଇଞ୍ଜିଁ
ଏ଼ୱାଣାଇଁ ୱେଚେରି, ଏ଼ୱାସି ଏଲେଇଚେସି, “ନା଼ନୁ, ପୁଞ୍ଜାହିଲଅଁ ।”
୧୩ ଆମ୍ବାଆସି ନ଼କେଏ କା଼ଣା ମାଚେସି, ଏ଼ୱାଣାଇଁ ପାରୁସିୟାଁ ତା଼ଣା
ତାତେରି । ୧୪ ଜୀସୁ ଏମିନି ଦିନା କା଼ଦ କିହାନା ତାନି କାଣ୍‌କା ନେହିଁ
କିହାମାଚେସି, ଏ଼ ଦିନା ଜ଼ମିନି ଦିନା ମାଚେ । ୧୫ ପାରୁସିୟାଁ ଏ଼ୱାଣାଇଁ
ୱେଚେରି, ଏ଼ନିକିଁ ଏ଼ୱାସି ମେସାଲି ଆ଼ଡିତେସି? ଏ଼ୱାସି ଏଲେଇଚେସି,
“ନା଼ କାଣ୍‌କାଣାଁ ଏ଼ୱାସି ଇଚାଣି କା଼ଦ ରୁବାତେସି, ନା଼ନୁ ହାଜାନା ମୂମୁ
ନର୍‌ହାନା ୱା଼ତେଏଁ ଅ଼ଡ଼େ ମେସାଲି ଆ଼ଡିମାଇଁ ।” ୧୬ ପାରୁସିୟାଁ
ତାମି ବିତ୍ରାଟି ଏଚରଜା଼ଣା ଏଲେଇଚେରି, “ଏ଼ୱାସି ମାହାପୂରୁ ତା଼ଣାଟି
ୱା଼ହାହିଲଅସି, ଇଚିହିଁ ଏ଼ୱାସି ଜ଼ମିନି ଦିନାତି ମା଼ନୱି ଆ଼ହିହିଲଅସି
।” ଅ଼ଡ଼େ ଏଚରଜା଼ଣା ଏଲେଇଚେରି, “ପା଼ପୁ ଲ଼କୁ ଆ଼ହାନା ଇଲେତି
କାବାଆ଼ନି କାମା ଏ଼ନିକିଁ କିହାଲି ଆ଼ଡିନେସି?” ଇଲେଆ଼ହିଁ ଏ଼ୱାରି ତାମି
ବିତ୍ରା ବା଼ଗା ଆ଼ତେ? ୧୭ ପାରୁସିୟାଁ ଅ଼ଡ଼େ ୱେଣ୍ତେ ଏ଼ କା଼ଣାଇଁ ୱେଚେରି,
“ଏ଼ୱାସି ନୀ କାଣ୍‌କା ନେହିଁ କିୟାତେସି, ଏ଼ୱାଣି କାତା ନୀନୁ ଏ଼ନାଆଁ
ଇଞ୍ଜିମାଞ୍ଜି?” ଏ଼ୱାସି ଏଲେଇଚେସି “ଏ଼ୱାସି ର଼ ମାହାପୂରୁ ଅଣ୍‌ପୁତି ବ଼ଲୁ
ୱେହ୍‌ନାସି ।” ୧୮ ଏ଼ୱାସି ଜାର୍ନାଟିଏ କା଼ଣା ମାଚେସି ଅ଼ଡ଼େ ନୀଏଁ, ଇ
ହା଼ଡା ତାମି ଇୟା଼ ଆ଼ବାତି ୱେନାଆ ପାତେକା, ଜୀହୁଦିୟାଁ ନାମାଆତେରି
। ୧୯ ଏ଼ୱାରି ତାମି ଇୟା଼ ଆ଼ବାତି ୱେଚେରି, “ମୀ ଆମିନି ମୀର୍‌ଏସି
କା଼ଣା ଆ଼ହାନା ଜାର୍ନା ଆ଼ହାମାଚେସି ଇଞ୍ଜିଁ ଏଲେଇଣ୍ମିତେରି ଇୱାସି
ଏ଼ନାଆଁ ଏ଼ ମୀ ମୀର୍‌ଏସି? ଆତିହିଁ ଏ଼ୱାସି ନୀଏଁ ଏ଼ନିକିଁ ମେସାଲି
ଆ଼ଡିମାନେସି?” ୨୦ ଏମ୍ବାଟିଏ ତାମି ଇୟା଼ ଆ଼ବା ଏଲେଇଚୁ, “ହାଅ,
ଏ଼ୱାସି ମା଼ ମୀର୍‌ଏସି, ଏ଼ୱାସି କା଼ଣା ଆ଼ହାନା ଜାର୍ନା ଆ଼ହାମାଚେସି
ଏ଼ଦାଆଁ ମା଼ମୁ ପୁଞ୍ଜାମାନମି; ୨୧ ସାମା ଏ଼ୱାସି ନୀଏଁ ଏ଼ନିକିଁ ମେସାଲି
ଆ଼ଡିମାନେସି, ଏ଼ଦାଆଁ ମା଼ମୁ ପୁଞ୍ଜାହିଲଅମି, ଅ଼ଡ଼େ ଆମ୍ବାଆସି ଏ଼ୱାଣାଇଁ
ମେସ୍‌ପି କିହାମାନେସି, ମା଼ମୁ ଏ଼ଦାଆଁ ଜିକେଏ ପୁଞ୍ଜାହିଲଅମି; ଏ଼ୱାଣାଇଁ
ୱେଞ୍ଜୁ, ଏ଼ୱାସି କାଜାସି ଆ଼ତେସିଏ, ଏ଼ୱାସି ତାନି କାତା ତା଼ନୁଏ ୱେସାଲି
ଆ଼ଡିନେସି ।” ୨୨ ଏ଼ୱାଣି ତାମି ଇୟା଼ ଆ଼ବା ଜୀହୁଦି ଲ଼କୁତି କାଜାରାଇଁ
ଆଜିମାଚାକି ଇ ବାରେ କାତା ୱେସ୍ତୁ, ଏ଼ନାଆଁତାକି ଇଚିହିଁ ଆମ୍ବାଆସି
ଜୀସୁଇଁ କ୍ରୀସ୍ତ ଇଞ୍ଜିଁ ଇନେସି, ଏ଼ୱାଣାଇଁ ଜୀହୁଦି ଲ଼କୁତି କୁଟମି ଇଲୁଟି
ପ଼େର୍‌ୱି ଆ଼ନେ ଇଞ୍ଜିଁ ଜୀହୁଦି ଲ଼କୁ ଏ଼ ନ଼କେଏ କାତା ଆ଼ହାମାଚେରି । ୨୩
ଏ଼ଦାଆଁତାକି ତାମି ଇୟା଼ ଆ଼ବା ଏଲେଇଚୁ, “ଏ଼ୱାସି କାଜାସି ଆ଼ତେସିଏ,
ଏ଼ୱାଣାଇଁ ୱେଞ୍ଜୁ ।” ୨୪ ପାରୁସିୟାଁ ଏ଼ ଜାର୍ନାଟିଏ କା଼ଣାଇଁ ଅ଼ଡ଼େ ୱେଣ୍ତେ
ହା଼ଟାନା ଏଲେଇଚେରି, “ମାହାପୂରୁଇଁ ଗାୱୁରମି କିହାନା ଏଲେଇନାମୁ,
ଆମ୍ବାଆସି ନିଙ୍ଗେ ନେହିଁ କିହାମାଞ୍ଜାନେସି, ଏ଼ୱାସି ର଼ ପା଼ପୁ ଗାଟାସି ଇ
କାତା ମା଼ମୁ ପୁଞ୍ଜାମାନମି ।” ୨୫ ଏ଼ୱାସି ଏଲେଇଚେସି, “ଏ଼ୱାସି ପା଼ପୁ
ଗାଟାସି କି ଆ଼ଏ, ନା଼ନୁ ପୁଞ୍ଜାହିଲଅଁ; ନା଼ନୁ ର଼ କାତା ପୁଞ୍ଜାମାଇଁ; ନା଼ନୁ
କା଼ଣା ମାଚେଏଁ, ନୀଏଁ ମେସାଲି ଆ଼ଡିମାଇଁ ।” ୨୬ ଏ଼ୱାରି ଏ଼ୱାଣାଇଁ
ଏଲେଇଚେରି, “ଏ଼ୱାସି ନିଙ୍ଗେ ଏ଼ନାଆଁ କିୟାତେସି? ଏ଼ନିକିଁ ଏ଼ୱାସି ନୀ
କାଣ୍‌କା ଦେପି କିୟାତେସି?” ୨୭ ଏ଼ୱାସି ଏଲେଇଚେସି, “ନ଼କେଏ ୱେସା
ରା଼ହାମାଞ୍ଜାଇଁ, ଅ଼ଡ଼େ ମୀରୁ ୱେନାଆତେରି; ଅ଼ଡ଼େ ୱେଣ୍ତେ ଏ଼ନାଆଁତାକି
ୱେଞ୍ଜାଲି ଅଣ୍‌ପିମାଞ୍ଜେରି? ମୀରୁ ଜିକେଏ ଏ଼ନାଆଁ ତାନି ସୀସୁ ଆ଼ହାଲି
ଅଣ୍‌ପିମାଞ୍ଜେରି ।” ୨୮ ଏ଼ୱାରି ଏ଼ୱାଣାଇଁ ଲା଼ଗାନା ଏଲେଇଚେରି,
“ନୀନୁ ତାନି ସୀସୁତି, ସାମା ମା଼ମୁ ମ଼ସାତି ସୀସୁୟାଁତମି । ୨୯ ମା଼ମୁ
ପୁଞ୍ଜାମାନମି, ମାହାପୂରୁ ମ଼ସାଇଁ କାତା ଆ଼ହାମାଚେସି, ସାମା ଇ ମାଣ୍‌ସି
ଆମ୍ବିଟି ୱା଼ହାମାନେସି, ଏ଼ଦାଆଁ ମା଼ମୁ ପୁଞ୍ଜାହିଲଅମି ।” ୩୦ ଏ଼ୱାସି
ଏ଼ୱାରାଇଁ ଏଲେଇଚେସି, “ଇଦି ରଣ୍ତି କାବାଆ଼ନି କାତା ଏ଼ୱାସି ଏମ୍ବିଟି
ୱା଼ହାମାନେସି, ମୀରୁ ପୁଞ୍ଜାହିଲଅତେରି, ସାମା ଏ଼ୱାସି ନାଙ୍ଗେ କାଣ୍‌କା
ଦେପି କିୟାତେସି । ୩୧ ମା଼ମୁ ପୁଞ୍ଜାମାନମି, ମାହାପୂରୁ ପା଼ପୁଗାଟି ଲ଼କୁତି
ହା଼ଡା ୱେନଅସି, ଆମିନି ଗାଟାରି ମାହାପୂରୁଇଁ ମା଼ନି କିନେରି ଅ଼ଡ଼େ
ତାନି ଅଣ୍‌ପୁ ତଲେ କାମା କିନେରି, ଏ଼ୱାରି ହା଼ଡାତି ଏ଼ୱାସି ୱେନେସି
। ୩୨ ତଲି କା଼ଲାଟିଏ ଆମ୍ବାଆସି ଜାର୍ନା କା଼ଣାଇଁ ମେସ୍‌ପିକିତି କାତା
ଏଚେଲା ୱେଣ୍ମି ଆ଼ହାହିଲାଆତେ । (aiōn g165) ୩୩ ଇୱାସି ମାହାପୂରୁ
ତା଼ଣାଟି ୱା଼ହା ହିଲାଆତିଁ, ଏ଼ନାଆଁ କିହାଲି ଆ଼ଡାଆତେସିମା ।” ୩୪
ଏ଼ୱାରି ଏ଼ୱାଣାଇଁ ଏଲେଇଚେରି, “ପା଼ପୁ ତଲେ ନୀନୁ ଜାର୍ନା ଆ଼ହାନା
ପା଼ପୁ ତଲେ ପାଡାଆ଼ତି, ନୀନୁ ମାଙ୍ଗେ ଜା଼ପ୍‌ହି ମାଞ୍ଜାଦି?” ଏ଼ଦାଆଁତାକି
ଏ଼ୱାରି ଏ଼ୱାଣାଇଁ ଜୀହୁଦି ଲ଼କୁତି କୁଟମି ଇଲୁଟି ପ଼େର୍‌ହାତୁସ୍ତେରି । ୩୫
ଏ଼ୱାରି ଏ଼ୱାଣାଇଁ ପ଼େର୍‌ହା ମାନେରି, ଇଞ୍ଜାଁ ଜୀସୁ ଇ କାତା ୱେଞ୍ଜାନା,
ଏ଼ୱାଣାଇଁ ମେସାନା ଏଲେଇଚେସି, “ନୀନୁ ଏ଼ନାଆଁ ମାଣ୍‌ସି ମୀର୍‌ଏଣି
ତା଼ଣା ନାମିମାଞ୍ଜି?” ୩୬ ଏ଼ୱାସି ଏ଼ୱାଣାଇଁ ଏଲେଇଚେସି, “ପ୍ରବୁ, ୱେସ୍ତାମୁ
ଏ଼ୱାସି ଆମ୍ବାଆସି, ଆତିହିଁ ନା଼ନୁ ଏ଼ୱାଣାଇଁ ନାମିଇଁ ।” ୩୭ ଜୀସୁ ଏ଼ୱାଣାଇଁ
ଏଲେଇଚେସି, “ନୀନୁ ଏ଼ୱାଣାଇଁ ମେସାମାଞ୍ଜି, ନୀ ତଲେ ଆମ୍ବାଆସି ନୀଏଁ

କାତା ଆ଼ହିମାନେସି, ଏ଼ୱାସିଏ ।” ୩୮ ଏମ୍ବାଟିଏ ଏ଼ୱାସି ଏଲେଇଚେସି,
“ନ଼ାନୁ ନାମିମାଇଁ, ପ୍ରବୁ!” ଇଞ୍ଜୁଁ ଜୀସୁ ନ଼କିତା ମେଣ୍ତ୍ରାକୁତାନା ଜହରା
କିତେସି । ୩୯ ଜୀସୁ ଏଲେଇଚେସି, “ମେହ୍ଆଗାଟି ଲ଼କୁ ଏ଼ନିକିଁ
ମେହ୍ନେରି ଇଞ୍ଜୁଁ ମେହ୍ନି ଲ଼କୁ ଏ଼ନିକିଁ କା଼ଣା ଆ଼ନେରି, ଇ ବିଚାରା
କିହାଲି ନ଼ାନୁ ଦାର୍ତିତା ୱା଼ହାମାଇଁ ।” ୪୦ ଏମ୍ବାଆଁ ମାଚି ଏଚରଜା଼ଣା
ପାରୁସିୟାଁ ଇ କାତା ୱେଞ୍ଜାନା, ଏ଼ୱାଣାଇଁ ଏଲେଇଚେରି, “ମା଼ମ୍ବୁ ଜିକେଏ
ଏ଼ନାଆଁ କା଼ଣାୟାଁତମି?” ୪୧ ଜୀସୁ ଏ଼ୱାରାଇଁ ଏଲେଇଚେସି, “କା଼ଣାୟାଁ
ଆ଼ହାମାଚିହିଁ ମୀରୁ ଦ଼ହ ହିଲାଆଗାଟାତେରି ଆ଼ତେରିମା, ସାମା ମେସାଲି
ଆ଼ଡିମାନମି ଇଞ୍ଜିମାନାକି ମୀରୁ ହା଼ରେକା ପା଼ପୁତା ମାଞ୍ଜେରି ।”

**୧୦** ଜୀସୁ ଏଲେଇଚେସି, “ନ଼ାନୁ ମିଙ୍ଗେ ସାତା ୱେସିମାଞ୍ଜାଇଁ,
ଆମ୍ବାଆସି ଦ଼ାରା ୱାକିଟି ମେ଼ଣ୍ତ୍ରାୟାଁ ମାନ୍ଦ୍ବାତା ହ଼ଡ଼୍ଅସି, ସାମା
ଅ଼ର ୱାକିଟି ଡେୱାଁନା ହ଼ଡ଼୍ନେସି, ଏ଼ୱାସି ସ଼ରୁ ଇଞ୍ଜୁଁ ଡଂଗେଏସି; ୨ ସାମା
ଆମ୍ବାଆସି ଦ଼ାରା ୱାକିଟି ହ଼ଡ଼୍ନେସି, ଏ଼ୱାସି ମେ଼ଣ୍ତ୍ରା ଗ଼ଡୁ । ୩ ଦ଼ାରାତା
କା଼ଃଆନାସି ଏ଼ୱାଣାକି ଦ଼ାରା ଦେଚା ହୀନେସି, ଅ଼ଡ଼େ, ଏ଼ୱାସି ତାନି
ମେ଼ଣ୍ତ୍ରାୟାଁ ଦ଼ରୁ ଆସାନା ହ଼ାଟିନେସି, ଏ଼ୱି ତାନି ହ଼ାଟିନାଣି ୱେନୁ ଅ଼ଡ଼େ
ଏ଼ୱାସି ଏ଼ ମାନ୍ଦ୍ବାତି ପାଙ୍ଗ୍ବାତା ଜିରୁ ନ଼କି କିହାନା ଅ଼ନେସି । ୪ ମେ଼ଣ୍ତ୍ରାୟାଁଣି
ପାଙ୍ଗ୍ବାତା ଅ଼ନାଟି ମେ଼ଣ୍ତ୍ରାୟାଁ ଗ଼ଡୁ ନ଼କି ନ଼କିତା ତା଼କିନେସି, ଅ଼ଡ଼େ ମେ଼ଣ୍ତ୍ରାୟାଁ
ତାନି ଜେ଼ଚ ଜେ଼ଚ ତା଼କିନୁ, ଇଚିହିଁ ଏ଼ୱି ଏ଼ୱାଣି ଗିୟାଁ ତେଲ୍ହାଉ । ୫
ସାମା ଏ଼ୱି ପୁନାଆତି ଲ଼କୁ ଜେ଼ଚ ଏଚେଲା ଜିକେଏ ତା଼କାଉ, ସାମା ଏ଼ୱାଣି
ଦାରି ଦାରିଟି ହଟାତୁହନୁ, ଇଚିହିଁ ଏ଼ୱି ପୁନାଆତାରି ଗିୟାଁ ତେଲ୍ହିନୁ ।”
୬ ଜୀସୁ ଏ଼ୱାରାଇଁ ଇ ପୁଣ୍ମ୍ବିକିନି କାତା ୱେସାନା ଏଲେଇଚେସି, ସାମା
ଏ଼ୱାସି ଏ଼ନା ଏ଼ନାଆଁ ୱେସିମାଚେସି, ଏ଼ ବାରେ ଏ଼ନାୟି ଇଞ୍ଜେଁ ଏ଼ୱାରି
ପୁନାଆତେରି । ୭ ଜୀସୁ ଅ଼ଡ଼େ ୱେଣ୍ଣେ ଏଲେଇଚେସି, “ସାତା ସାତା ନ଼ାନୁ
ମିଙ୍ଗେ ୱେସିମାଞ୍ଜାଇଁ, ନ଼ାନୁ ମେ଼ଣ୍ତ୍ରାୟାଁ ଦୁୱେରିତେଏଁ । ୮ ଏଚରଜା଼ଣା
ନ଼ା ନ଼କିତା ୱା଼ହାମାନେରି, ଏ଼ୱାରି ବାରେ ସ଼ର୍କା ଅ଼ଡ଼େ ଡଂଗାଁୟାଁ,
ସାମା ମେ଼ଣ୍ତ୍ରାୟାଁ ଏ଼ୱାରି କାତା ୱେନାଆତୁ । ୯ ନ଼ାନୁ ଆ଼ହିମାଇଁ ଦ଼ାରା ।
ଆମ୍ବାଆସି ନ଼ା ତା଼ଣାଟି ହ଼ଡ଼୍ନେସି, ଏ଼ୱାସି ଗେଲ୍ପି ଆ଼ନେସି ଇଞ୍ଜୁଁ ବିତ୍ରା
ୱା଼ହାନା ଅ଼ଡ଼େ ପାଙ୍ଗ୍ବାତା ହାଜାନା ହ଼ାରା ବେଟାଆ଼ନେସି । ୧୦ ସ଼ରୁ ୱାର୍ଇ
ସ଼ରୁ କିହାଲି, ପା଼ୟାଲି ଅ଼ଡ଼େ ନ଼ାସା କିହାଲି ୱା଼ନେସି; ଏ଼ୱାରି ଏ଼ନିକିଁ
ଜୀୱୁ ବେଟାଆ଼ନେରି ଅ଼ଡ଼େ ହ଼ାରେକା ବେଟାଆ଼ନେରି ଏ଼ଦାଆଁତାକି ନ଼ାନୁ
ୱା଼ହାମାଇଁ ।” ୧୧ “ନ଼ାନୁ ନେହିଁ ମେ଼ଣ୍ତ୍ରାୟାଁ ଗ଼ଡୁତେଏଁ; ନେହିଁ ମେ଼ଣ୍ତ୍ରାୟାଁ
ଗ଼ଡୁ ମେ଼ଣ୍ତ୍ରାୟାଁ ତାକି ତାନି ଜୀୱୁ ହୀନେସି । ୧୨ ଆମ୍ବାଆସି ମେ଼ଣ୍ତ୍ରାୟାଁ
ଗ଼ଡୁ ଆ଼ଏ, ଗତି ଦାଂଗ୍ଣେଏସି, ଜାହାରା ମେ଼ଣ୍ତ୍ରାୟାଁ ହିଲାଉ ଏ଼ୱାସି କ୍ରାଃନି
ୱା଼ନାଣି ମେସାନା ମେ଼ଣ୍ତ୍ରାୟାଁ ପିସା ହଣ୍ନେସି ଅ଼ଡ଼େ କ୍ରାଃନି ୱା଼ହାନା ଏ଼
ବାରେତି ସିନାସାତ୍ରା କିନେ, ୧୩ ଇଚିହିଁ ଏ଼ୱାସି ଗତି ଦାଂଗ୍ଣେଏସି, ଇଞ୍ଜୁଁ
ମେ଼ଣ୍ତ୍ରାୟାଁକି ଅଣ୍ପୁ ହିଲେଏ, ୧୪ ନ଼ାନୁ ନେହିଁ ମେ଼ଣ୍ତ୍ରାୟାଁ ଗ଼ଡୁ । ଆ଼ବା
ଏ଼ନିକିଁ ନାଙ୍ଗେ ପୁଞ୍ଜାମାଞ୍ଜାନେସି ଅ଼ଡ଼େ ନ଼ାନୁ ଆ଼ବାଇଁ ପୁଞ୍ଜାମାଇଁ, ୧୫
ଏ଼ନିକିଁ ଆ଼ବା ନାଙ୍ଗେ ପୁଞ୍ଜାମାଞ୍ଜାନେସି, ଅ଼ଡ଼େ ନ଼ାନୁ ଆ଼ବାଇଁ ପୁଞ୍ଜାମାଇଁ,
ଏଲେକିହିଁଏ ନ଼ାନୁ ନ଼ା ମେ଼ଣ୍ତ୍ରାୟାଁଇଁ ପୁଇଁ, ଅ଼ଡ଼େ ନ଼ା ମେ଼ଣ୍ତ୍ରାୟାଁ ଜିକେଏ
ନାଙ୍ଗେ ପୁଞ୍ଜାନୁ, ଅ଼ଡ଼େ ମେ଼ଣ୍ତ୍ରାୟାଁ ତାକି ନ଼ାନୁ ନ଼ା ଜୀୱୁ ହୀଇଁ । ୧୬
ଏମିନି ମେ଼ଣ୍ତ୍ରାୟାଁ ଇ ମାନ୍ଦ୍ବାତାଇ ଆ଼ଏ, ନ଼ା ଇଲେତି ମେ଼ଣ୍ତ୍ରାୟାଁ ମାନୁ,
ଏ଼ୱାଆଁ ଜିକେଏ ନାଙ୍ଗେ ତାନାୟି ଆ଼ନେ, ଅ଼ଡ଼େ ଏ଼ୱି ନ଼ା ହ଼ାଡା ତେଲ୍ହିନୁ;
ଏମ୍ବାଟିଏ ରଣ୍ତିଏ ମାନ୍ଦ୍ବା ଅ଼ଡ଼େ ରଣ୍ତିଏ ଗ଼ଡୁ ଆ଼ନେସି ।” ୧୭ “ନ଼ାନୁ ନ଼ା ଜୀୱୁ
ହୀନାକି ଆ଼ବା ନାଙ୍ଗେ ଜୀୱୁ ନୟାଁନେସି, ଅ଼ଡ଼େ ନ଼ାନୁ ନ଼ା ଜୀୱୁ ୱେଣ୍ଣେ
ଅ଼ହାକଡାଲି ନ଼ାନୁ ଏ଼ଦାଆଁ ହୀଇଁ । ୧୮ ନ଼ା ଜୀୱୁ ଏଟ୍କାତାରି ଆମ୍ବାଆରି
ଅ଼ହାଲି ଆ଼ଡଅରି, ଏ଼ଦାଆଁ ନ଼ାନୁ ନ଼ା ଅଣ୍ପୁ ତଲେ ହୀଇଁ, ନ଼ା ଜୀୱୁ
ହୀହାଲିତାକି ଅ଼ଡ଼େ ଏ଼ଦାଆଁ ୱେଣ୍ଣେ ଅ଼ହାକଡାଲି ତାକି ନ଼ା ଅଦିକାରା
ମାନେ । ଇଦାଆଁ କିହାଲି ଆ଼ବା ମାହାପୂରୁ ନାଙ୍ଗେ ହୁକୁମି ହୀହାମାଞ୍ଜାନେସି
।” ୧୯ ଜୀସୁତି ଇ ବାରେ କାତାତାକି ଜୀହୁଦି ଲ଼କୁତା଼ଣା ଗଡ଼୍ହା ହ଼ତେ
। ୨୦ ଏ଼ୱାରି ବିତ୍ରାଟି ଏଚରଜା଼ଣା ଏଲେଇଚେରି, “ଏ଼ୱାଣାଇଁ ବୂତୁ
ଆଲ୍ଗାମାନେ, ଏ଼ୱାସି ବାୟା ଆ଼ହାମାନେସି, ଏ଼ନାଆଁତାକି ଏ଼ୱାଣି
କାତା ୱେଞ୍ଜିମାଞ୍ଜେରି?” ୨୧ ଏଟ୍କାତାରି ଏଲେଇଚେରି, “ଇ ବାରେ
କାତା ବୂତୁ ଆଲ୍ଗାମାନାରି କାତା ଆ଼ଏ; ବୂତୁ ଏ଼ନାଆଁ କା଼ଣାତି କାଣ୍କା
ମେସ୍ପି କିହାଲି ଆ଼ଡିନେ ।” ୨୨ ଏଚିବେଲା ଜିରୁସାଲମତା ମାହାପୂରୁ
ଇଲୁତି ମାହାପୂରୁ ଦ଼ରୁଟି ହେର୍ପିନି ପାର୍ବୁ ଆ଼ତେ; ଏ଼ଦି ପେନିବେଲା
ମାଚେ, ୨୩ ଜୀସୁ ମାହାପୂରୁ ଇଲୁତି ସଲମନ ପିଣ୍ତାତା ରେ଼ଜିମାଚେସି
। ୨୪ ଏମ୍ବାଟିଏ ଜୀହୁଦି ଲ଼କୁ ସ଼ାରିୱାକି ମୁଚାନା ୱେଞ୍ଜାଲି ମା଼ଟ୍ହେରି,
“ଏଚରଦିନା ପାତେକା ମା଼ ମ଼ନତା ଆନାମାନା କିୟାଦି? ନୀନୁ କ୍ରୀସ୍ତୁତି
ଇଚିହିଁ ମାଙ୍ଗେ ନେହିଁକିଁ ୱେସ୍ତାମୁ ।” ୨୫ ଜୀସୁ ଏ଼ୱାରାଇଁ ଏଲେଇଚେସି,
“ନ଼ାନୁ ମିଙ୍ଗେ ୱେସାମାଞ୍ଜାଇଁ, ସାମା ମୀରୁ ନାମିହିଲଅତେରି; ନ଼ା ଆ଼ବା
ଦ଼ରୁଟି ନ଼ାନୁ ଏମିନି ବାରେ କାମା କିହିମାଇଁ, ଏ଼ ବାରେ ନ଼ା ୱାକିଟି ସା଼କି
ହୀହିମାନେ; ୨୬ ଆ଼ତିଜିକେଏ ମୀରୁ ନାମିହିଲଅତେରି, ଇଚିହିଁ ମୀରୁ
ନ଼ା ମେ଼ଣ୍ତ୍ରାୟାଁତେରି ଆ଼ଏ । ୨୭ ନ଼ା ମେ଼ଣ୍ତ୍ରାୟାଁ ନ଼ା ହ଼ାଡା ୱେନୁ ଅ଼ଡ଼େ
ନ଼ାନୁ ଏ଼ୱାଆଁ ପୁଇଁ, ଅ଼ଡ଼େ ଏ଼ୱି ନ଼ା ଜେ଼ଚ ଜେ଼ଚ ତା଼କିନୁ, ୨୮ ଅ଼ଡ଼େ ନ଼ାନୁ
ଏ଼ୱାସିକାକି କା଼ଲାକା଼ଲାତି ଜୀୱୁ ହୀଇଁ, ଅ଼ଡ଼େ ଏ଼ୱି ଏଚେଲା ଜିକେଏ
ନ଼ାସା ଆ଼ଉ, ଆମ୍ବାଆସି ନ଼ା କେୟୁଟି ଏ଼ୱାଆଁ ମୀଞ୍ଜା ଅୟଅସି । (aiōn
g165, aiōnios g166) ୨୯ ନ଼ା ଆ଼ବା ନାଙ୍ଗେ ଏ଼ନାଆଁ ହୀହାମାଞ୍ଜାନେସି,
ଏ଼ଦି ବାରେକିହାଁ ଦାରାଗାଟାୟି, ଇଞ୍ଜୁଁ ଆ଼ବା ତା଼ଣାଟି ଆମ୍ବାଆସି ମୀଞ୍ଜାଲି
ଆ଼ଡଅସି । ୩୦ ଆ଼ବା ଅ଼ଡ଼େ ନ଼ାନୁ ରଅତମିଏ ।” ୩୧ ଜୀହୁଦି ଲ଼କୁ
ଏ଼ୱାଣାଇଁ ୱେଚାଲି ଅ଼ଡ଼େ ୱେଣ୍ଣେ ୱାଲ୍କା ତାଚିହିଁ ୱା଼ତେରି । ୩୨ ଜୀସୁ
ଏ଼ୱାରାଇଁ ଏଲେଇଚେସି, “ନ଼ାନୁ ଆ଼ବା ତା଼ଣାଟି ହ଼ାରେକା ନେହିଁ କାମାୟାଁ
ମିଙ୍ଗେ ତ଼ସାମାଞ୍ଜାଇଁ; ଏ଼ ବାରେ କାମାୟାଁ ବିତ୍ରାଟି ଏମିନି କାମାତାକି ନାଙ୍ଗେ
ୱାଲ୍କା ୱେଚି ମାଞ୍ଜାଦେରି?” ୩୩ ଜୀହୁଦିୟାଁ ଏ଼ୱାଣାଇଁ ଏଲେଇଚେରି,
“ନେହିଁ କାମାତାକି ନିଙ୍ଗେ ୱାଲ୍କା ୱେଚିମାଞ୍ଜଅମି, ସାମା ମାହାପୂରୁ
ନିନ୍ଦା କିହିମାନାକି, ନୀନୁ ମାଣ୍ସି ଆ଼ହାନା ମାହାପୂରୁତେଏଁ ଇଞ୍ଜିମାନାକି
।” ୩୪ ଜୀସୁ ଏ଼ୱାରାଇଁ ଏଲେଇଚେସି, “ମୀ ମ଼ସା ମେ଼ରାତା ରା଼ସ୍କି

ଆ଼ହାହିଲେଏ, ନା଼ନୁ ଏଲେଇଞ୍ଜାତେଏଁ 'ମୀରୁ ମାହାପୂରୁୟାଁତେରି ।' ୩୫
ଆମ୍ବାଆରି ତ଼ାଣା ମାହାପୂରୁତି ବ଼ଲୁ ତ଼ଞ୍ଜାଆ଼ତେ, ଏ଼ୱାରି ମାହାପୂରୁୟାଁ
ଇଚିହିଁ ଦାର୍ମୁ ସା଼ସ୍ତ୍ରେରି ଉଜେଏ କିହାଲି ଆ଼ଡଅସି, ୩୬ ଆ଼ବା ମାହାପୂରୁ
ନାଙ୍ଗେ ସୁଦୁ କିହାନା ଦାର୍ତିତା ପାଣ୍ଡାମାଞ୍ଜାନେସି । ଇଞ୍ଜାଁ ନା଼ନୁ ନାଙ୍ଗେ
ମାହାପୂରୁ ମୀର୍ଏଣାତେଏଁ ଇଞ୍ଜିମାନାକି ମାହାପୂରୁ ନିନ୍ଦା କିହିମାଞ୍ଜି ଇଞ୍ଜୁଁ
ଏ଼ନିକିଁ ଏଲେଇଞ୍ଜି ମାଞ୍ଜାଦେରି? ୩୭ ନା଼ନୁ ନା଼ ଆ଼ବାତି ବାରେ କାମା
କିହା ହିଲାଆତିହିଁ ନାଙ୍ଗେ ନାମାଆ଼ଦୁ; ୩୮ ସାମା ନା଼ନୁ କିହିମାଇଁ, ଆତିହିଁ
ମୀରୁ ନାଙ୍ଗେ ନାମି ମାଞ୍ଜଅତେରି, ଆ଼ତିଜିକେଏ ଆ଼ବା ନା଼ ତ଼ାଣା ମାନେସି
ଅ଼ଡେ଼ ନା଼ନୁ ଆ଼ବା ତ଼ାଣା ମାଇଁ, ଇଦାଆଁ ମୀରୁ ଏ଼ନିକିଁ ପୁଞ୍ଜେରି ଅ଼ଡେ଼
ତେଲ୍ହିଦେରି, ଇଦାଆଁତାକି ବାରେ କାମାତି ନାମାଦୁ ।" ୩୯ ଏମ୍ବାଟିଏ
ଏ଼ୱାରି ଜୀସୁଈଁ ଆସାଲି ଅଣ୍ପିତେରି, ସାମା ଏ଼ୱାସି ଏ଼ୱାରି କେୟୁତା
ହେର୍ପି ଆ଼ଆନା ଏମ୍ବାଟି ହ଼ଚାହାଚେସି । ୪୦ ଏମ୍ବାଟି ଏ଼ୱାସି ଅ଼ଡେ଼
ୱେଣ୍ଡେ ଜର୍ଦନ ଆତାଲା ହାଜାନା, ତଲି ଜହନ ଏମିନି ଟା଼ୟୁତା ବାପ୍ତିସ୍ମ
ହୀହିମାଚେସି, ଏ଼ ଟା଼ୟୁତା ୱା଼ହାନା ଡ଼ୟିତେସି । ୪୧ ଅ଼ଡେ଼ ହ଼ାରେକା
ଲ଼କୁ ଏ଼ୱାଣି ତ଼ାଣା ୱା଼ହାନା ଏଲେଇଚେରି, "ଜହନ ଏ଼ନି କାବାଆ଼ନି କାମା
କିଆତେସି, ସାମା ଇ ମାଣ୍ସି କାତା ଜହନ ଏ଼ନା ଏ଼ନାଆଁ ୱେସାମାଚେସି,
ଏ଼ ବାରେ ସାତା ।" ୪୨ ଏମ୍ବାଆଁ ହ଼ାରେକା ଲ଼କୁ ଏ଼ୱାଣି ତ଼ାଣା ନାମିତେରି
।

୧୧ ବେତନିୟାଁତି ଲାଜର ଦ଼ରୁଗାଟାସି ରଅସି ନ଼ମେରି ଆ଼ହାମାଚେସି;
ତାମି ତାଙ୍ଗିସ୍କା ମରିୟମ ଅ଼ଡେ଼ ମାର୍ଥା ଏ଼ ନାୟୁଁତା ଡ଼ୟିମାଚୁ । ୨
ଏମିନି ଇୟା ପ୍ରବୁଇଁ ନିୟୁଁ ୱା଼କ୍ହାନା ତାନି ତା଼ୟୁଁ ବାଣାୟାଁ ତଲେ ଏ଼ୱାଣି
ପାଃଆନାୟାଁ ଜ଼େଜା ମାଚେ, ଇଦି ଏ଼ ମରିୟମ; ତାମି ତାୟି ଲାଜର
ନ଼ମେରି ଆ଼ହାମାଚେସି । ୩ ଏ଼ଦାଆଁତାକି ଏ଼ ତାଙ୍ଗିସ୍କା ଜୀସୁ ତ଼ାଣା କାବୁ
ପାଣ୍ଡିତୁ, "ପ୍ରବୁ, ନୀନୁ ଆମ୍ବାଆରାଇଁ ଜୀୱୁ ନ଼ହିଁମାଞ୍ଜି ଏ଼ୱାସି ନ଼ମେରି
ଆ଼ହାମାନେସି ।" ୪ ସାମା ଜୀସୁ ଇ କାତା ୱେଞ୍ଜାନା ଏଲେଇଚେସି,
"ଇ ନ଼ମେରି ହ଼ାହାଲି ତାକି ଆ଼ଏ, ସାମା ମାହାପୂରୁତି ଗାୱୁରମି ତାକି,
ଏ଼ନିକିଁ ଏମ୍ବାଟି ମାହାପୂରୁତି ମୀର୍ଏସି ଗାୱୁରମି ବେଟା ଆ଼ନେସି ।" ୫
ଜୀସୁ ମାର୍ଥା, ତାନି ତାଙ୍ଗି ମରିୟମଇଁ ଅ଼ଡେ଼ ଲାଜରଇଁ ଜୀୱୁ ନ଼ହିଁମାଚେସି
। ୬ ଏ଼ଚେତା ଏ଼ୱାସି ନ଼ମେରି ଆ଼ହାମାନେସି ଇଞ୍ଜୁଁ ୱେଚେସି, ଏ଼ଚେତା
ଏ଼ୱାସି ଏମିନିତ଼ାଣା ମାଚେସି, ଏ଼ ଟା଼ୟୁତା ରୀ ଦିନା ଡ଼ୟିତେସି ।
୭ ଏଚେଟିଏ ଏ଼ୱାସି ସୀସୁୟାଁଇଁ ଏଲେଇଚେସି, "ଜା଼ଦୁ ମା଼ର ୱେଣ୍ଡେ
ଜୀହୁଦା ରା଼ଜିତା ହାନ ।" ୮ ସୀସୁୟାଁ ଏ଼ୱାଣାଇଁ ଏଲେଇଚେରି, "ଏ଼ ଗୂରୁ
ଜୀହୁଦିୟାଁ ନୀଏଁ ନିଙ୍ଗେ ୱାଲ୍କାତଲେ ୱେଚାଲି ଅଣ୍ପି ମାଞ୍ଜାତେରି, ଅ଼ଡେ଼
ୱେଣ୍ଡେ ନୀନୁ ଏମ୍ବାଆଁ ହାଜିମାଞ୍ଜି?" ୯ ଜୀସୁ ଏଲେଇଚେସି, "ଦିନାତାକି
ବ଼ାର ଗଂଟା ହିଲେଏ? ଆମ୍ବାଆସି ମାଦେନା ତା଼କିସାରେ ପୁଟିକିଅସି,
ଇଚିହିଁ ଏ଼ୱାସି ଦାର୍ତିତି ଉଜେଡି଼; ୧୦ ସାମା ଲା଼ଆଁୟାଁ ତା଼କିସାରେ
ଏ଼ୱାସି ପୁଟିକିନେସି, ଇଚିହିଁ ଏ଼ୱାଣି ହିୟାଁତା ଉଜେଡି଼ ହିଲେଏ ।" ୧୧
ଇ ବାରେ କାତା ୱେସ୍ତି ଡା଼ୟୁ ଏ଼ୱାରାଇଁ ଅ଼ଡେ଼ ଏଲେଇଚେସି, "ମା଼
ତ଼ଣେ ଲାଜର ଇଦା କିହାମାନେସି, ସାମା ଏ଼ୱାଣାଇଁ ଇଦାଟି ନିକ୍ହାଲି
ନା଼ନୁ ହାଜିମାଇଁ ।" ୧୨ ଏମ୍ବାଟିଏ ସୀସୁୟାଁ ଏ଼ୱାଣାଇଁ ଏଲେଇଚେସି,
"ପ୍ରବୁ ଏ଼ୱାସି ଡୂରାନା ଇଦା କିହାମାଚିହିଁ ନେହିଁ ଆ଼ନେସି ।" ୧୩ ଜୀସୁ
ଲାଜର ହ଼ାହାମାନାକି ଏ଼ କାତା ଏଲେଇଚେସି, ସାମା ଏ଼ୱାଣି ଇଦା
କିହାମାନି କାତା ୱେସ୍ତାତେସି ଇଞ୍ଜୁଁ ଅଣ୍ପିମାଚେରି । ୧୪ ଏଚି଼ବେଲା ଜୀସୁ
ଟୀରେତଲେ ଏଲେଇଚେସି, "ଲାଜର ହ଼ାହାମାନେସି; ୧୫ ଅ଼ଡେ଼ ନା଼ନୁ
ଏମ୍ବାଆଁ ହିଲାଆତେଏଁ, ଏ଼ଦାଆଁତାକି ମୀ ତାକି ରା଼ହାଁ କିହିମାଇଁ, ଏ଼ନିକିଁ
ମୀରୁ ନାମିଦେରି; ସାମା ଜା଼ଦୁ ମା଼ର ଏ଼ୱାଣି ତ଼ାଣା ହାନ ।" ୧୬ ଏମ୍ବାଟିଏ
ତ଼ମା, ଆମ୍ବାଆରାଇଁ ଦିଦୁମ ଇଞ୍ଜୁଁ ଇନେରି, ଏ଼ୱାସି ତାମି ତ଼ଣେ ସୀସୁୟାଁଇଁ
ଏଲେଇଚେସି, "ଜା଼ଦୁ, ମା଼ର ଜିକେଏ ହାଜାନା ଏ଼ୱାଣିତଲେ ହ଼ାନ ।"
୧୭ ଜୀସୁ ବେତନିୟାଁତା ଏଜାନା ୱେଚେସି, ଏ଼ୱାସି ସା଼ରି ଦିନା ଆ଼ତେସି
ମାହ୍ଣି ମାଣ୍ଡାତା ଇଟାମାନେରି । ୧୮ ବେତନିୟାଁ ଜିରୁସାଲମଟି ରୀ
କିଲମିଟର ହେକ ମାଚେ, ୧୯ ଅ଼ଡେ଼ ଜୀହୁଦିୟାଁ ବିତ୍ରାଟି ହ଼ାରେକା ମାର୍ଥା
ଇଞ୍ଜାଁ ମରିୟମଇଁ ତାମି ତାୟିତି ଦୁକୁ ଡୂକ୍ହାଲି ଏମ୍ବାଆଁ ୱା଼ହାମାଚେରି ।
୨୦ ଜୀସୁ ୱା଼ହିମାନେସି ଇଞ୍ଜୁଁ ଏ଼ଚେତା ମାର୍ଥା ୱେଚେ, ଏ଼ଚେତା ମାର୍ଥା
ଏ଼ୱାଣାଇଁ ବେଟାଆୟାଲି ହାଚେ, ସାମା ମରିୟମ ଇଜ କୁଗାନା ଡ଼ୟିତେ ।
୨୧ ମାର୍ଥା ଜୀସୁଇଁ ଏଲେଇଚେ, "ପ୍ରବୁ ନୀନୁ ଇମ୍ବାଆଁ ମାଚିହିଁମା, ନା଼ ତାୟି
ହ଼ାଆତେସିମା, ୨୨ ସାମା ନୀନୁ ମାହାପୂରୁଇଁ ଏ଼ନାଆଁ ରୀହ୍ଦି, ମାହାପୂରୁ
ନିଙ୍ଗେ ଏ଼ଦାଆଁ ହିୟାନେସି, ଏ଼ଦାଆଁ ନୀଏଁ ଜିକେଏ ପୁଞ୍ଜାମାଇଁ ।" ୨୩ ଜୀସୁ
ଏ଼ଦାନି ଏଲେଇଚେସି, "ନୀ ତାୟି ଅ଼ଡେ଼ ୱେଣ୍ଡେ ନିଙ୍ଗିନେସି ।" ୨୪ "ମାର୍ଥା
ଜୀସୁଇଁ ଏଲେଇଚେ, ଏ଼ୱାସି ଡା଼ୟୁ ୱେଣ୍ଡେ ନିଙ୍ଗିନି ଦିନାତା ନିଙ୍ଗିନେସି,
ଇଦାଆଁ ନା଼ନୁ ପୁଞ୍ଜାମାଇଁ ।" ୨୫ ଜୀସୁ ଏ଼ଦାନି ଏଲେଇଚେସି, "ନା଼ନୁ
ୱେଣ୍ଡେ ନିଙ୍ଗିନାତେଏଁ ଅ଼ଡେ଼ ଜୀୱୁତେଏଁ; ଆମ୍ବାଆସି ନାଙ୍ଗେ ନାମାନେସି,
ଏ଼ୱାସି ହ଼ାତି ଜିକେଏ ନୀଡିନେସି, ୨୬ ଆମ୍ବାଆସି ନୀଡିନେସି ଅ଼ଡେ଼
ନାମିନେସି, ଏ଼ୱାସି ଏଚେଲା ଜିକେଏ ହ଼ାଅସି; ଇ କାତା ନାମିମାଞ୍ଜି?"
(aiōn g165) ୨୭ ମାର୍ଥା ଏଲେଇଚେ, "ଏ଼ ପ୍ରବୁ ଆମ୍ବାଆସି ଦାର୍ତିତା ୱା଼ନାୟି
ମାଚେ, ନୀନୁ ଏ଼ କ୍ରୀସ୍ତ ମାହାପୂରୁ ମୀର୍ଏଣାତି, ଇ କାତା ନାମିମାଇଁ ।" ୨୮
ଇ କାତା ୱେସାନା ମାର୍ଥା ହାଜାନା ତାମି ତାଙ୍ଗି ମରିୟମଇଁ ଏଟ୍କା ହ଼ାଟାନା
ଏଲେଇଚେ, "ଗୂରୁ ୱା଼ତେସିଏ ନିଙ୍ଗେ ପାରିମାଞ୍ଜାନେସି ।" ୨୯ ମରିୟମ
ଇ କାତା ୱେଞ୍ଜାନା ଦାପେ ନିଙ୍ଗାନା ଏ଼ୱାଣି ତ଼ାଣା ହାଚେ । ୩୦ ଏଚି଼ବେଲା
ଜୀସୁ ନା଼ୟୁଁ ବିତ୍ରା ୱା଼ହାହିଲାଆତେସି, ସାମା ମାର୍ଥା ଏ଼ୱାଣାଇଁ ଏମିନି
ଟା଼ୟୁତା ବେଟାଆ଼ହାମାଚେ, ଏ଼ଚେପାତେକା ଏ଼ ଟା଼ୟୁତେଏ ମାଚେସି ।
୩୧ ଏମିନି ଜୀହୁଦିୟାଁ ଏ଼ଦାନିତଲେ ଏ଼ ଇଲୁତା ଦୁକୁ ଡୂକ୍ହିମାଚେରି,
ଏ଼ୱାରି ମରିୟମ ଦାପେ ନିଙ୍ଗାନା ପାଙ୍ଗାତା ହାଚାଣି ମେସାନା, ଏ଼ଦି ମାହ୍ଣି
ମାଣ୍ଡାତା ଡ଼ୀହାଲି ହାଜିମାନେ, ଇ କାତା ଅଣ୍ପାନା ଏ଼ଦାନି ଜ଼େଚ ଜ଼େଚ
ହାଚେରି । ୩୨ ଏମ୍ବାଟିଏ ଜୀସୁ ଏମିନି ଟା଼ୟୁତା ମାଚେସି, ମରିୟମ ଏ଼
ଟା଼ୟୁତା ହାଜାନା ଏ଼ୱାଣାଇଁ ମେସାନା ଏ଼ୱାଣି କଡାୟାଁ ଡ଼ଇ ରିହାନା
ଏଲେଇଚେ, "ପ୍ରବୁ ନୀନୁ ଇମ୍ବାଆଁ ମାଚିହିଁମା ନା଼ ତାୟି ହ଼ାଆତେସିମା

।”  ୩୩ ଜୀସୁ ମରିୟମ ଅ଼ଡ଼େ ତାନିତଲେ ୱ଼ାହାମାନି ଜୀହୁଦି ଲ଼କୁ
ଡ଼ୀହିମାନାଣି ମେସାନା ଜୀୱୁତା ହ଼ାରେକା ଦୁକୁ ଆ଼ହାନା ୱେଚେସି,  ୩୪
“ଏ଼ୱାଣାଇଁ ଆମ୍ବିୟା ଇଟାମାଞ୍ଜେରି?” ଏ଼ୱାରି ଏଲେଇଚେରି, “ପ୍ରବୁ,
ୱ଼ାହାନା ସିନିକିମୁ?”  ୩୫ ଜୀସୁ ଡ଼ୀତେସି ।  ୩୬ ଏଚେଟିଏ ଜୀହୁଦି ଲ଼କୁ
ଏଲେଇଣ୍ଡ୍ରି ଆ଼ତେରି, “ଏ଼ୱାସି ଏ଼ୱାଣାଇଁ ଏଚେକା ଜୀୱୁ ନ଼ହିଁମାଚେସି
।”  ୩୭ ସାମା ଏ଼ୱାରି ବିତ୍ରାଟି ଏଚରଜ଼ାଣା ଏଲେଇଚେରି, “ଇ ମାଣ୍‌ସି ଏ଼
କ଼ାଣାଇଁ ମେସ୍‌ପି କିହାମାଚେସି, ଏ଼ୱାସି ଇୱାଣାଇଁ ହ଼ାକିଟି ଗେଲ୍‌ପାଲି
ଆ଼ଡିତେସିମା?”  ୩୮ ଏମ୍ବାଟିଏ ଜୀସୁ ଦୁକୁ ଆ଼ହାନା ମାହ୍‌ଣି ମାଣ୍ଡା ଡାଗେ
ୱ଼ାତେସି; ଏ଼ଦି ର଼ ପ଼ାୱୁ ମାଚେ, ଇଞ୍ଜ଼ାଁ ପ଼ାୱୁ ଦୁୱେରିତା ର଼ କାଜା ୱାଲି
ମାଚେ ।  ୩୯ ଜୀସୁ ଏଲେଇଚେସି, “ଇ ୱାଲି ଗୁଚି କିଦୁ ।” ହ଼ାତାଣି
ତାଙ୍ଗି ମାର୍ତା ଏଲେଇଚେ, “ପ୍ରବୁ, ଏ଼ୱାସି ଗାନ୍ଦା ଆ଼ହାହାଚେସିଏ, ଇଚିହିଁ
ହ଼ାହାନା ସ଼ାରି ଦିନା ଆ଼ତେସିଏ ।”  ୪୦ ଜୀସୁ ଏ଼ଦାନି ଏଲେଇଚେସି,
“ନୀନୁ ନାମିଦି, ଆ଼ତିହିଁ ମାହାପୂରୁତି ଗାୱୁରମି ମେହ୍‌ଦି, ଇ କାତା ନ଼ାନୁ
ନିଙ୍ଗେ ୱେସାମାଞ୍ଜାଆତେଏଁ?”  ୪୧ ଅ଼ଡ଼େ ଏ଼ୱାରି ୱାଲି ଗୁଚି କିତେରି ।
ଅ଼ଡ଼େ ଜୀସୁ ଲାକୱାକି ସିନିକିହାନା ଏଲେଇଚେସି, “ଆ଼ବା ନ଼ା ପ୍ରାତାନା
ୱେଚି ଇଞ୍ଜ଼ୁଁ ନ଼ାନୁ ନିଙ୍ଗେ ଜହରା କିହିମାଞ୍ଜାଇଁ ।  ୪୨ ନୀନୁ କ଼ାଲେଏ
ନ଼ା ପ୍ରାତାନା ୱେଞ୍ଜିମାଞ୍ଜି, ଇ କାତା ନ଼ାନୁ ପୁଞ୍ଜାମାଇଁ; ସାମା ଏମିନି ଲ଼କୁ
ସ଼ାରିସୁଟୁ ନିଚାମାନେରି, ନୀନୁ ନାଙ୍ଗେ ପାଣ୍ଡାମାଞ୍ଜାଦି ଇଞ୍ଜ଼ୁଁ ଏ଼ୱାରି ଏ଼ନିକିଁ
ନାମିନେରି, ଏ଼ଦାଆଁତାକି ଏ଼ୱାରି ତାକି ନ଼ାନୁ ଏଲେଇଚେଏଁ ।”  ୪୩
ଏ଼ୱାସି ଏଲେଇଞ୍ଜାନା କାଜା ଗିୟାଁତଲେ ଏଲେଇଚେସି, “ଲାଜର ପାଙ୍ଗାତା
ହ଼ଚା ୱ଼ାମୁ ।”  ୪୪ ଦେବୁଣିଏ ଲାଜର ପାଙ୍ଗାତା ହ଼ଚାୱ଼ାତେସି; ତାନି
କେସ୍କା କଡାଣା ମାହ୍‌ଣି ମାଣ୍ଡାତି ହିମ୍ବରିକା ତଲେ ରୂପି ଆ଼ହାମାଚୁ, ଇଞ୍ଜ଼ାଁ
ତାନି ମୂମ୍ବୁତା ଇଚାୟି ପାସ୍‌କି ପିଡ଼୍‌ଗିୱି ଆ଼ହାମାଚେ । ଜୀସୁ ଏ଼ୱାରାଇଁ
ଏଲେଇଚେସି, “ହିମ୍ବରିକା ହୁକ୍‌ଦୁ ଏ଼ୱାସି ତ଼ାକାପେସି ।”  ୪୫ ହ଼ାରେକା
ଜୀହୁଦି ଲ଼କୁ, ଇଚିହିଁ ଆମ୍ବାଆରି ମରିୟମ ତ଼ାଣା ୱ଼ାହାମାଚେରି ଅ଼ଡ଼େ
ଜୀସୁତି କାମା ମେସାମାଚେରି, ଏ଼ୱାରି ଏ଼ୱାଣାଇଁ ନାମିତେରି ।  ୪୬ ଅ଼ଡ଼େ
ଏ଼ୱାରି ବିତ୍ରାଟି ଆମ୍ବା ଆମ୍ବାଆରି ପାରୁସିୟାଁ ତ଼ାଣା ହାଜାନା ଜୀସୁ ଏ଼ନା
ଏ଼ନାଆଁ କିହାମାଚେସି ଏ଼ ବାରେ ଏ଼ୱାରାଇଁ ୱେସ୍ତେରି ।  ୪୭ ଇ କାତା
ୱେଞ୍ଜାନା ପାରୁସିୟାଁ ଅ଼ଡ଼େ କାଜା ପୂଜେରାଙ୍ଗା କାଜା ଵେରଣିମାଣ୍ଡାତା
ଏଲେଇଚେରି, “ମ଼ାର ଏ଼ନି କିନାୟି ଇ ମାଣ୍‌ସି ହ଼ାରେକା କାବାଆ଼ନି
କାମାୟାଁ କିହିମାନେସି ।  ୪୮ ମ଼ାର ଏ଼ୱାଣାଇଁ ଏଲେକିହିଁ ପିସ୍ତିହିଁ ବାରେ
ଲ଼କୁ ଏ଼ୱାଣି ତ଼ାଣା ନାମିନେରି, ଅ଼ଡ଼େ ରମିୟ ଲ଼କୁ ୱ଼ାହାନା ଇ ଟ଼ାୟୁ କୂଡ଼ା
ବାରେତି ନ଼ାସା କିନେରି ।”  ୪୯ ସାମା ଏ଼ୱାରି ବିତ୍ରାଟି ର଼ କାଜା ପୂଜେରା,
ଇଚିହିଁ କୟାପା ଏ଼ ବାର୍ସାତି କାଜା ପୂଜେରା ଏ଼ୱାରାଇଁ ଏଲେଇଚେସି,
“ମୀରୁ ଏ଼ନାଆଁ ପୁଞ୍ଜାହିଲଅତେରି?  ୫୦ ବାରେ କୂଡ଼ାତାରି ନ଼ାସା ଆ଼ନି
କିହାଁ ବାରେ ଲ଼କୁ ତାକି ରଅସି ହ଼ାନାୟି ମିଙ୍ଗେ ତାକି ନେହେଁ, ଇଦାଆଁ
ମୀରୁ ଅଣ୍‌ପି ହିଲଅତେରି ।”  ୫୧ ଏ଼ୱାସି ତାନିତ଼ାଣାଟି ଏଲେଇଞ୍ଜା
ହିଲାଆତେସି, ସାମା ଏ଼ୱାସି ଏ଼ ବାର୍ସାତି କାଜା ପୂଜେରା ମାଚାକି ଇ
ଡ଼ାୟୁ ଆ଼ନି କାତା ତାନି ଗୂଡିଟି ହ଼ଚାମାଚେ, ଜୀସୁ ଏ଼ କୂଡ଼ାତି ଲ଼କୁ ତାକି,
୫୨ ଅ଼ଡ଼େ ୱାର୍‌ଇ ଏ଼ କୂଡ଼ା ତାକି ଆ଼ଏ, ସାମା ମାହାପୂରୁତି ଇତାଲା
ଆତାଲା ଆ଼ହାମାନି ମୀର୍‌କାଣି ଜିକେଏ କୂଡ଼ି କିହାନା ରଣ୍ଡିଏ କିହାଲିତାକି
ହ଼ାହାଲି ହାଜିମାନେସି, ଇଦାଆଁତାକି ଇ କାତା ଵେକ୍‌ହେସି ।  ୫୩ ଇଞ୍ଜ଼ାଁ ଏ଼
ଦିନାଟିଏ ଏ଼ୱାଣାଇଁ ପ଼ାୟାଲି ତାକି ପାରୁ ପାରିତେରି ।  ୫୪ ଏ଼ଦାଆଁତାକି
ଜୀସୁ ଜୀହୁଦି ଲ଼କୁ ବିତ୍ରା ପାଙ୍ଗାଵେଙ୍ଗେ ଵେଆତେସି, ସାମା ଏ଼ୱାସି ଏ଼
ଟ଼ାୟୁଟି ହ଼ଚା ହାଜାନା ଲ଼କୁ ହିଲାଆ ଟ଼ାୟୁ ଦାରି ମାନି ଏପ୍ରିୟମ ଦ଼ରୁଗାଟି
ର଼ ଗ଼ାଡ଼ାତା ହାଚେସି, ଅ଼ଡ଼େ ସୀସୁୟାଁ ତଲେ ଏମ୍ବାଆଁ ଡ଼ୟିତେସି ।  ୫୫
ଏଚିଵେଲା ଜୀହୁଦି ଲ଼କୁତି ପିସ୍‌ପିଆ଼ନି ପାର୍ବୁ ଡାଗେ ମାଚେ, ଅ଼ଡ଼େ
ନ଼ାସ୍‌କାଟି ହ଼ାରେକା ଲ଼କୁ ଜାହାରାଇଁ ଅଟ୍‌ହା କଡାଲି ପିସ୍‌ପିଆ଼ନି ପାର୍ବୁ
ନ଼କେଏ ଜିରୁସାଲମତା ହାଚେରି ।  ୫୬ ଏମ୍ବାଟିଏ ଏ଼ୱାରି ଜୀସୁଇଁ ପାରି
ପାରିହିଁ ମାହାପୂରୁ ଇଲୁତା ନିଚାମାଚାଟି ତ଼ାମ୍ବୁ ତ଼ାମ୍ବୁ ଏଲେଇଣ୍ଡ୍ରି ଆ଼ତେରି,
“ମୀରୁ ଏ଼ନାଆଁ ଅଣ୍‌ପିମାଞ୍ଜେରି? ଏ଼ୱାସି କି ପାର୍ବୁତା ୱ଼ାଅସି?”  ୫୭ କାଜା
ପୂଜେରାଙ୍ଗା ଅ଼ଡ଼େ ପାରୁସିୟାଁ ଏ଼ୱାଣାଇଁ ଆସାଲି ତାକି, ଏ଼ୱାସି ଏମ୍ବିୟା
ମାନେସି, ଇ କାତା ଆମ୍ବାଆସି ପୁଞ୍ଜାମାନେସି, ଏ଼ କାତା ୱେସାଲି ତାକି
ହୁକୁମି ହୀହାମାଚେରି ।

## ୧୨

ଏମ୍ବାଟିଏ ଜୀସୁ ପିସ୍‌ପିଆ଼ନି ପାର୍ବୁତି ସ଼ ଦିନା ନ଼କେଏ ବେତନିୟାଁତା
ୱ଼ାତେସି; ଏମିନି ଲାଜରଇଁ ହ଼ାତାରି ତ଼ାଣାଟି ନିକ୍‌ହା ମାଚେସି,
ଏ଼ୱାସି ଏ଼ ଟ଼ାୟୁତା ମାଚେସି ।  ୨ ଏ଼ଦାଆଁତାକି ଏ଼ୱାରି ଏ଼ୱାଣାକି ଏ଼
ଟ଼ାୟୁତା ଲ଼ାଆଁୟାଁ ର଼ ଵ଼ଜି କିତେରି; ମାର୍ତା ଵ଼ାଟି କିହିମାଚେ, ଅ଼ଡ଼େ
ଆମିନି ଗାଟାରି ଏ଼ୱାଣିତଲେ ତିଞ୍ଜାଲି କୁଗାମାଚେରି, ଲାଜର ଏ଼ୱାରି
ବିତ୍ରାଟି ରଅସି ମାଚେସି ।  ୩ ଏଚିଵେଲା ମରିୟମ ଆଦା ଗ଼ାଜୁ ଗାନ୍ଦା
ନିୟୁଁ ତାଚାନା ଜୀସୁ କଡାଣା ରୁବାନା ତାନି ତ଼ାୟୁଁ ଵ଼ାଣାୟାଁ ତଲେ ତାନି
କଡାଁଣି ଵେତେ, ଅ଼ଡ଼େ ବାରେ ଇଲୁତା ନିୟୁଁ ଗାନ୍ଦା ଆ଼ତେ ।  ୪ ସାମା
ତାନି ସୀସୁୟାଁ ବିତ୍ରାଟି ଇସ୍କାରିୟତ ଜୀହୁଦା ଆମିନି ସୀସୁ ଜୀସୁଇଁ
ସାଟୁୟାଁ କେୟୁତା ହେର୍‌ପାଲି ହାଜିମାଚେସି, ଏ଼ୱାସି ଏଲେଇଚେସି,
୫ “ଇ ନିୟୁଁ ତୀନି ୱାଞ୍ଜା ଟାକାୟାଁ ତାକି ପାର୍‌ପି ଆ଼ହାନା ଏ଼ନାଆଁତାକି
କ଼ାକୁଲି ଗାଟାରାକି ହୀପ୍‌କି ଆ଼ଆତେ?”  ୬ ଏ଼ୱାସି କ଼ାକୁଲି ଗାଟାରାଇଁ
ଅଣ୍‌ପିମାଚେସି ଇଞ୍ଜ଼ୁଁ ଏଲେଇଚେସି, ଏ଼ଦି ଆ଼ଏ, ସାମା ଏ଼ୱାସି ର଼ ସ଼ରୁ
ଅ଼ଡ଼େ ଏ଼ୱାଣି ତ଼ାଣା ଟାକାୟାଁ ମ଼ଣା ମାଚାକି, ଏମ୍ବାଆଁ ଏ଼ନା ଏ଼ନାଆଁ
ଇଟ୍‌କି ଆ଼ହିମାଚେ, ଏ଼ଦାଆଁ ସ଼ରୁ କିହିମାଚେସି ।  ୭ ସାମା ଜୀସୁ
ଏଲେଇଚେସି, “ଇଦାଆଁ ପିହ୍‌ଦୁ, ଏ଼ନିକିଁ ନ଼ା ମାଡ଼୍‌ହା ମୁହ୍‌ନି ଦିନାତାକି
ଏ଼ଦି ଏ଼ଦାଆଁ ଇଟାଲି ଆ଼ଡିନେ ।  ୮ କ଼ାକୁଲି ଗାଟାରି ବାରେଦିନା ମୀ
ତ଼ାଣା ମାନେରି, ସାମା ନ଼ାନୁ ବାରେଵେଲା ମୀ ତଲେ ମାନଅଁ ।”  ୯
ଏଚେଟିଏ ହ଼ାରେକା ଜୀହୁଦି ଲ଼କୁ ଏ଼ୱାସି ଏମ୍ବାଆଁ ମାନେସି ଇଞ୍ଜ଼ୁଁ ପୁଞ୍ଜାନା
ୱାର୍‌ଇ ଜୀସୁ ତାକି ଆ଼ଏ, ସାମା ଏମିନି ଲାଜରଇଁ ଏ଼ୱାସି ହ଼ାକିଟି
ନିକ୍‌ହା ମାଚେସି, ଏ଼ୱାଣାଇଁ ମେସାଲି ୱ଼ାତେରି ।  ୧୦ ସାମା ଲାଜରଇଁ
ଜିକେଏ ପ଼ାୟାଲି କାଜା ପୂଜେରାଙ୍ଗା ପାରୁ ପାରିତେରି,  ୧୧ ଇଚିହିଁ

ଏ଼ୱାଣି ତାକି ଜୀହୁଦିୟାଁ ବିତ୍ରାଟି ହା଼ରେକା ହାଜାନା ଜୀସୁ ତା଼ଣା ନାମି
ମାଚେରି । ୧୨ ତାନି ଅ଼ର ଦିନା ପାର୍ବୁତା ୱା଼ହାମାନି ହା଼ରେକା ଲ଼କୁ ଜୀସୁ
ଜିରୁସାଲମତା ୱା଼ହାମାନେସି ଇଞ୍ଜାଁ ୱେଚେରି ୧୩ ଇଞ୍ଜାଁ କାଜୁରି ମାଟାୟାଁ
ଆସାନା ଜୀସୁଇଁ ବେଟାଆ଼ହାଲି ୱା଼ତେରି ଅ଼ଡେ଼ କାଜା ଗିୟାଁତଲେ
ଏଲେଇଚେରି, "ହ଼ସାନା । ପ୍ରବୁତି ଦ଼ରୁତଲେ ଆମ୍ବାଆସି ୱା଼ହିମାନେସି,
ଏ଼ୱାସି ନେହେଁ; ଇସ୍ରାୟେଲତି ରାଜାଇଁ ମାହାପୂରୁ ବ଼ର ହୀପାସି ।" ୧୪
ଜୀସୁ ର଼ ଗା଼ଡ଼ଦେ ଡ଼ାଲୁ ଲାକ କୁଗାନା ୱା଼ହିମାଚେସି, ଏ଼ନିକିଁ ରା଼ସ଼କି
ଆ଼ହାମାନେ, ୧୫ "ଆକେ ସିୟନତି ମା଼ସ଼କା, ଆଜାଆଦୁ ମେହ଼ଦୁ ମୀ
ରାଜା ୱା଼ହିମାନେସି, ଏ଼ୱାସି ଗା଼ଡ଼ଦେ ଡ଼ାଲୁ ଲାକ କୁଗାନା ୱା଼ହିମାନେସି
।" ୧୬ ଏଚିର଼ବେଲା ସୀସୁୟାଁ ଏ଼ଦାନି କାତା ପୁଞ୍ଜାଲି ଆ଼ଡାଆତେରି,
ସାମା ଜୀସୁ ଗାଊରମିଟି ୱେଣ୍ଡେ ନିଙ୍ଗାଲିଏ ଏ଼ୱାରି ଅଣ଼ପୁତା ୱା଼ତେ,
ଇ ବାରେ କାତା ସା଼ସ୍ତେରିତା ରା଼ସ଼କି ଆ଼ହାମାନେ, ଇଚିହିଁ ଏଲେକିହିଁଏ
ଏ଼ୱାରି କାମା କିହାମାଚେରି । ୧୭ ଜୀସୁ ହା଼ତି ଲାଜରଇଁ ମାହ଼ଣି ମାଣ୍ଡାଟି
ହା଼ଟାନା ନିକ଼ହାମାଚି ର଼ବେଲାତା ଏମିନିଗାଟାରି ଏ଼ୱାଣିତଲେ ମାଚେରି,
ଏ଼ୱାରି ଇ ବାରେ କାତା ସା଼ରିୱାକି ୱେକ଼ହା ମାଚେରି । ୧୮ ଇଦାଆଁତାକି
ଲ଼କୁ ବାରେ ଏ଼ୱାଣାଇଁ ବେଟାଆ଼ହାଲି ହାଜାମାଚେରି, ଅ଼ଡେ଼ ଏ଼ୱାସି ଇ
କାବାଆ଼ନି କାମା କିହାମାଚେସି ଇଞ୍ଜାଁ ୱେଞ୍ଜାମାଚେରି । ୧୯ ଇଦାଆଁ
ମେସାନା ପାରୁସିୟାଁ ତାମି ବିତ୍ରା କାତା ଆ଼ତେରି, "ମେସିମାଞ୍ଜେରି ମା଼ର
ଏ଼ନାଆଁ କିହାଲି ଆ଼ଡିହିଲାଆୟି; ଦାର଼ତିତି ବାରେ ଲ଼କୁ ଏ଼ୱାଣି ଜେ଼ଚ
ହାଜିମାନେରି ।" ୨୦ ପାର୍ବୁ ର଼ବେଲାତା ପ୍ରାତାନା କିହାଲି ଜିରୁସାଲମତା
ୱା଼ହାମାନି ଲ଼କୁ ବିତ୍ରା ଏଚେକା ଗ୍ରିକ଼ ଲ଼କୁ ମାଚେରି । ୨୧ ଏ଼ୱାରି ଗାଲିଲିତି
ବେତ଼ସାୟିଦାତି ପିଲିପ ତା଼ଣା ୱା଼ହାନା ବାତିମା଼ଲିହିଁ ଏଲେଇଚେରି,
"ବା଼ବୁ, ମା଼ମୁ ଜୀସୁଇଁ ମେସାଲି ଅଣ଼ପିମାନମି ।" ୨୨ ପିଲିପ ହାଜାନା
ଆନ୍ଦ୍ରିୟଇଁ କାବୁ ହୀତେସି ଅ଼ଡେ଼ ରିଆରି ହାଜାନା ଜୀସୁଇଁ ୱେସ୍ତେରି
। ୨୩ ଜୀସୁ ଏ଼ୱାରାଇଁ ଏଲେଇଚେସି, "ମାଣ଼ସି ମୀର଼ଏସି ଗାଊରମି
ଆ଼ନି ର଼ବେଲା ୱା଼ହାମାନେ । ୨୪ ନା଼ନୁ ମିଙ୍ଗେ ସାତା ୱେସିମାଞ୍ଜାଇଁ ଗହଁ
ପା଼ଡେ଼ୟି ବୂମିତା ରିହାନା ହା଼ନି ପାତେକା ଏ଼ଦି ରଣ୍ଡିଏ ପା଼ଡେ଼ୟି ଆ଼ହାନା
ଡ଼ୟିନେ, ସାମା ଏ଼ଦି ହା଼ତିସାରେ ଏମ୍ବାଟି ହା଼ରେକା ପା଼ଡେ଼ୟିକା ଆ଼ନୁ ।
୨୫ ଆମ୍ବାଆସି ଜାହାରା ଜୀୱୁତି ଜୀୱୁ ନ଼ନେସି, ଏ଼ୱାସି ଏ଼ଦାଆଁ ହା଼ରୱି
କିନେସି, ଆମ୍ବାଆସି ଜାହାରା ଜୀୱୁତି ଇ ଦାର଼ତିତା ଅ଼ପଅସି, ଏ଼ୱାସି
ଏ଼ଦାଆଁ କା଼ଲାକା଼ଲା ତାକି ଗେଲ଼ପିନେସି । (aiōnios g166) ୨୬ ଆମ୍ବାଆସି
ନା଼ ସେ଼ବା କାମାକିନାସି ଆ଼ନେସି, ଆତିହିଁ ଏ଼ୱାସି ନା଼ ଜେ଼ଚ ୱା଼ପେସି;
ଅ଼ଡେ଼ ନା଼ନୁ ଆମ୍ବିୟା ଡ଼ୟିଇଁ, ନା଼ ସେ଼ବା କାମାକିନାସି ଜିକେଏ ଏମ୍ବାଆଁ
ଡ଼ୟିନେସି; ଆମ୍ବାଆସି ନା଼ ସେ଼ବା କିନେସି, ଆତିହିଁ ଆ଼ବା ଏ଼ୱାଣାଇଁ ମା଼ନି
କିନେସି । ୨୭ ନୀଏଁ ନା଼ ଜୀୱୁ କିଲିବିଲି ଆ଼ହିମାନେ, ଇଞ୍ଜାଁ ନା଼ନୁ ଏ଼ନାଆଁ
ଇଞ୍ଜାଇଁ? ଆ଼ବା ଇ ଲାଗେଏ ତା଼ଣାଟି ଗେଲ଼ପାମୁ, ସାମା ଏ଼ଦାଆଁତାକି
ନା଼ନୁ ଇ ଟା଼ୟୁତା ୱା଼ହାମାଇଁ । ୨୮ ଆ଼ବା ନୀ ଦ଼ରୁ ଗାଊରମି ଆ଼ପେ ।"
ଏଚିର଼ବେଲାତା ହା଼ଗୁ ଲାକଟି ଇ ହା଼ଡା ଆ଼ତେ ନା଼ନୁ ଏ଼ୱାଣାଇଁ ଗାଊରମି
କିହାମାଇଁ ଅ଼ଡେ଼ ଗାଊରମି କିଇଁ । ୨୯ ଇଞ୍ଜାଁ ଏମ୍ବାଆଁ ଦାରି ନିଚାମାଚି
ଲ଼କୁ ବାରେ ଇ ହା଼ଡା ୱେଞ୍ଜାନା ଏଲେଇଚେରି, "ଇଦି ହା଼ଗୁ ଗୁଣ଼ହିମାନେ
।" ଅ଼ଡେ଼ ଏଟ଼କାତାରି ଏଲେଇଚେରି, "ଲାକପୂରୁତି ଦୂତୁ ଏ଼ୱାଣିତଲେ
କାତା ଆ଼ହିମାନେ ।" ୩୦ ଜୀସୁ ଏଲେଇଚେସି, "ଇ ହା଼ଡା ନାଙ୍ଗେତାକି
ଆ଼ହା ହିଲେଏ, ସାମା ଇ ହା଼ଡା ମିଙ୍ଗେତାକି ଆ଼ହାମାନେ । ୩୧ ନୀଏଁ
ଇ ଦାର଼ତି ବିଚାରା କିନି ଦିନା; ନୀଏଁ ଇ ଦାର଼ତିତି ସା଼ଲୱି କିନାଇ ଡ଼ଇ
ମେଟ଼ପିଆ଼ନୁ । ୩୨ ନା଼ନୁ ଏଚିର଼ବେଲା ଦାର଼ତିଟି ଲାକପୂରୁ ଅ଼ୱିଆ଼ଇଁ,
ଏଚିର଼ବେଲା ବାରେତି ନା଼ ତା଼ଣା ରେଜା ଅ଼ଇଁ ।" ୩୩ ଏ଼ୱାସି ଏ଼ନିକିଁ ହା଼ହାଲି
ହାଜିମାନେସି, ଏ଼ୱାସି ଇ କାତାତା ଏଲେଇଚେସି । ୩୪ ଲ଼କୁ ଏ଼ୱାଣାଇଁ
ଏଲେଇଚେରି, "ମସିହା କା଼ଲେଏ ଡ଼ୟିନେସି ଇଞ୍ଜାଁ ମା଼ମୁ ମ଼ସାତି ମେ଼ରାତା
ୱେଞ୍ଜାମାନମି, ଆତିହିଁ ମାଣ଼ସି ମୀର଼ଏସି ଲାକ ପେର଼ୱି ଆ଼ନେସି ଇଞ୍ଜାଁ
ନୀନୁ ଏ଼ନିକିଁ ଏଲେ ଇଞ୍ଜିମାଞ୍ଜି? ଏ଼ ମାଣ଼ସି ମୀର଼ଏସି ଆମ୍ବାଆସି?"
(aiōn g165) ୩୫ ଜୀସୁ ଏ଼ୱାରାଇଁ ଏଲେଇଚେସି, "ଅ଼ଡେ଼ ଗା଼ଡେ଼କା
ତାକି ଉଜେଡ଼ି ମୀ ତା଼ଣା ମାନେ । ଆନ୍ଦେରି ମିଙ୍ଗେ ଏ଼ନିକିଁ ଗୂସ୍ତେଏ,
ଏ଼ଦାଆଁତାକି ମୀ ତା଼ଣା ଉଜେଡ଼ି ମାଞ୍ଜା ମାଞ୍ଜାନା ତା଼କାଦୁ; ଆମ୍ବାଆସି
ଆନ୍ଦେରିତା ତା଼କିନେସି, ଏ଼ୱାସି ଆମ୍ବିୟା ହାଜିମାନେସି ପୁଞ୍ଜାଲି ଆ଼ଡଅସି
। ୩୬ ମୀରୁ ଏ଼ନିକିଁ ଉଜେଡ଼ିତି ମୀର଼କା ମା଼ସ଼କା ଆ଼ଦେରି, ଏ଼ଦାଆଁତାକି
ଉଜେଡ଼ି ମୀ ତା଼ଣା ମାଞ୍ଜା ମାଞ୍ଜାନା ଉଜେଡ଼ିତା ନାମାଦୁ ।" ଜୀସୁ ଇ
ବାରେ କାତା ୱେସାନା ହାଚେସି ଇଞ୍ଜାଁ ଏ଼ୱାରି ତା଼ଣାଟି ଡୁଗାନା ଡ଼ୟିତେସି
। ୩୭ ଏ଼ୱାରି ନ଼କିତା ଏଚେକା କାବାଆ଼ନି କାମାୟାଁ କିହାମାଚେସି,
ଆ଼ତିଜିକେଏ ଏ଼ୱାରି ଏ଼ୱାଣି ତା଼ଣା ନାମା ହିଲାଆତେରି, ୩୮ ଏ଼ନିକିଁ
ମାହାପୂରୁ ଅଣ଼ପୁତି ବ଼ଲୁ ୱେହ଼ନି ଜିସାୟ ତା଼ଣାଟି ରା଼ଚାମାନି କାତା ପୂରା
ଆ଼ନେ, "ପ୍ରବୁ ମା଼ ହା଼ଡା ୱେଞ୍ଜାନା ଆମ୍ବାଆସି ନାମା ମାନେସି? ଆମ୍ବାଆରି
ତା଼ଣା ପ୍ରବୁ ତାନି ବା଼ଡ଼ୟୁ ଡ଼ସାମାନେସି?" ୩୯ ଇଦାଆଁତାକି ଏ଼ୱାରି
ନାମାଲି ଆ଼ଡିହିଲାଆତେରି, ଇଞ୍ଜାଁ ଜିସାୟ ଏଲେଇଞ୍ଜାମାଚେସି, ୪୦
ସାତେଏ ମାହାପୂରୁ ଏ଼ୱାରି କାଣ଼କା କା଼ଣା କିହାମାନେସି । ଏ଼ଦାଆଁତାକି
ଏ଼ୱାରି ହିୟାଁତା ଏ଼ନାଆଁ ମେସାଲି ଆ଼ଡଅରି, ଇଞ୍ଜାଁ ହିୟାଁତା ଏ଼ନାଆଁ
ତେଲ଼ହାଲି ଆ଼ଡଅରି ମାହାପୂରୁ ଏଲେଇଞ୍ଜି ମାନେସି, "ନେହିଁ ଆ଼ହାଲିତାକି
ଏ଼ୱାରି ନା଼ ତା଼ଣା ୱେଣ୍ଡା ୱା଼ହିହିଲଅରି ।" ୪୧ ଜିସାୟ ଜୀସୁ କ୍ରୀସ୍ତୁତି
ଗାଊରମି ମେସ୍ତେସି ଏ଼ଦାଆଁତାକି ଏ଼ୱାସି ଏ଼ୱାଣି କାତା ୱେସ୍ତେସି । ୪୨
ଆ଼ତିଜିକେଏ ଜୀହୁଦି ଲ଼କୁତି କାଜାରି ହା଼ରେକା ଏ଼ୱାଣି ତା଼ଣା ନାମିତେରି,
ସାମା ଏ଼ଚେତା ଜୀହୁଦି କୁଲମିଟି ପେ଼ର଼ହାନେରି ଇଞ୍ଜାଁ ପାରୁସିୟାଁ ଆଜିତାକି
ବାରେଜା଼ଣା ଏ଼ କାତାବାର୍ତା ଆ଼ହି ହିଲାଆତେରି, ୪୩ ଇଚିହିଁ ଏ଼ୱାରି
ମାହାପୂରୁ ତା଼ଣାଟି ଗାଊରମି କିହାଁ ମାଣ଼ସିୟାଁ ତା଼ଣାଟି ଗାଊରମି ଜୀୱୁ
ନ଼ହିମାଚେରି । ୪୪ ଜୀସୁ କାଜା ଗିୟାଁତଲେ ଏଲେଇଚେସି, "ଆମ୍ବାଆସି
ନା଼ ତା଼ଣା ନାମିନେସି, ଏ଼ୱାସି ନା଼ ତା଼ଣା ନାମଅସି, ସାମା ନାଙ୍ଗେ
ପାଣ୍ଡାତାଣାଇଁ ନାମିନେସି; ୪୫ ଆମ୍ବାଆସି ନାଙ୍ଗେ ମେସ୍ତାନେସି, ଏ଼ୱାସି
ନାଙ୍ଗେ ପାଣ୍ଡାତାଣାଇଁ ମେହ଼ନେସି । ୪୬ ଆମ୍ବାଆସି ନା଼ ତା଼ଣା ନାମିନେସି,

ଏ଼ୱାସି ଏ଼ନିକିଁ ଆନ୍ଦେରିତା ବାସା କିଅସି, ଏ଼ଦାଆଁତାକି ନ଼ାନୁ ଦାର୍‌ତିତା
ଉଜେଡ଼ି ଆ଼ହାନା ୱ଼ାହାମାଇଁ । **୪୭** ଆମ୍ବାଆସି ନ଼ା ବ଼ଲୁ ୱେଞ୍ଜାନା ମ଼ାନୱି
ଆ଼ଅସି, ଆ଼ତିହିଁ ନ଼ାନୁ ଏ଼ୱାଣି ବିଚାରା କିଅଁ; ଇଚିହିଁ ନ଼ାନୁ ଦାର୍‌ତିତା
ବିଚାରା କିହାଲି ୱ଼ାଆନା ଦାର୍‌ତିତି ଗେଲ୍‌ପାଲି ୱ଼ାହାମାଇଁ । **୪୮** ଆମ୍ବାଆସି
ନାଙ୍ଗେ ଅ଼ପଅସି ଅ଼ଡ଼େ ନ଼ା ବ଼ଲୁତି ଆବଅସି, ନ଼ାନୁ ଏମିନି ବ଼ଲୁ ଜ଼ଲାମାଇଁ,
ନ଼ା ଗୃତିତି ବ଼ଲୁ ଡ଼ାୟୁତି ଦିନାତା ଏ଼ୱାଣି ବିଚାରା କିନେ; **୪୯** ଇଚିହିଁ ନ଼ାନୁ
ନ଼ା ତ଼ାଣାଟି ଜ଼ଲା ହିଲଅଁ, ସାମା ନ଼ାନୁ ଏ଼ନାଆଁ ଜ଼ଲିଇଁ ଅ଼ଡ଼େ ଏ଼ନାଆଁ
ୱେକ୍‌ଇଁ, ଏ଼ଦାଆଁ ନାଙ୍ଗେ ପାଣ୍ତାମାଞ୍ଜାନି ଆ଼ବା ହୁକୁମି ହୀହାମାଞ୍ଜାନେସି
**୫୦** ଇଞ୍ଜାଁ ନ଼ାନୁ ପୁଞ୍ଜାମାଇଁ ତାନି ହୁକୁମି କ଼ାଲାକ଼ାଲାତି ଜୀୱୁ ହୀନେ ।
ନ଼ା ଆ଼ବା ନାଙ୍ଗେ ଏ଼ନାଆଁ ଜ଼ଲାଲି ହୁକୁମି ହୀହାମାଞ୍ଜାନେସି, ୱାର୍‌ଇ
ଏଲେକିହିଁଏ ୱେହ୍‌ଇଁ ।” **(aiōnios g166)**

# ୧୩

ପିସ୍‌ପିଆ଼ନି ପାର୍ବୁ ନ଼କେଏ ଜୀସୁ ଈ ଦାର୍‌ତିଟି ଆ଼ବା ତ଼ାଣା
ହାନି କାଟୁ ଆ଼ହାଲିଏ, ଦାର୍‌ତିତା ମାନି ତାନି ଲ଼କୁଣି ଏ଼ୱାସି
ଜୀୱୁ ନ଼ହିଁମାଚେସି, ଏ଼ୱାରାଇଁ ହ଼ାରେକା ଜୀୱୁ ନ଼ନାଣି ତ଼ସାମାଚେସି
। **୨** ଜୀସୁ ତାନି ସୀସୁୟାଁ ତଲେ ଲ଼ାଆଁୟାଁ ତିନି ଵ଼େଲାତା ସୟତାନ
ସିମନ ମୀର୍‌ଏସି ଇସ୍କାରିୟତ ଜୀହୁଦା ହିୟାଁତା ଜୀସୁଇଁ ସାଟୁ କେୟୁତା
ହେର୍‌ପାଲି ଅଣ୍‌ପି କିହାମାଚେ । **୩** ଏଚିଵ଼େଲା ଆ଼ବା ତାନି କେୟୁତା
ବାରେ ହେର୍‌ପା ମାନେସି ଅ଼ଡ଼େ ଏ଼ୱାସି ମାହାପୂରୁ ତ଼ାଣାଟି ୱ଼ାହାମାନେସି,
ଅ଼ଡ଼େ ମାହାପୂରୁ ତ଼ାଣା ହାଜିମାନେସି, **୪** ଈଦାଆଁ ପୁଞ୍ଜାନା ର଼ାନ୍ଦା ତିନି
ତ଼ାଣାଟି ନିଙ୍ଗାନା, ତାନି ହିମ୍ବରି ଇଟିତେସି ଇଞ୍ଜାଁ ର଼ ତୁୱାଲା ତାନି
ଟେଡେଲିତା ରୂପା କଡିତେସି । **୫** ଡ଼ାୟୁ ଏ଼ୱାସି ମୁତାତା ଏ଼ୟୁ କଡିତେସି,
ଅ଼ଡ଼େ ସୀସୁୟାଁତି କଡାୟାଁ ନର୍‌ହାନା ତାନି ଟେଡେଲିତା ମାନି ତୁୱାଲା
ତଲେ ଵ଼ଜେଜାଲି ମ଼ାଟ୍‌ହେସି । **୬** ଏଚିଵ଼େଲା ଜୀସୁ ସିମନ ପିତର ଦାରିତା
ୱ଼ାତେସି; ଏ଼ୱାସି ଏ଼ୱାଣାଇଁ ଏଲେଇଚେସି, “ପ୍ରବୁ ନୀନୁ ନ଼ା କଡାୟାଁ
ନର୍‌ହି ମାଞ୍ଜାଦି?” **୭** ଜୀସୁ ଏ଼ୱାଣାଇଁ ଏଲେଇଚେସି, “ନ଼ାନୁ ଏ଼ନାଆଁ
କିହିମାଇଁ ନୀନୁ ନୀଏଁ ଏ଼ଦାଆଁ ପୁଞ୍ଜାଲି ଆ଼ଡଅତି, ଡ଼ାୟୁ ପୁଞ୍ଜି ।” **୮** ପିତର
ଏଲେଇଚେସି, “ଆ଼ଏ, ନ଼ା କଡାୟାଁ ଏଚେଲାୱା ନର୍‌ହଅତି ।” ସାମା
ଜୀସୁ ଏଲେଇଚେସି, “ନ଼ାନୁ ନୀ କଡାୟାଁ ନର୍‌ହାଆତିହିଁ ନୀନୁ ଅ଼ଡ଼େ ନ଼ା
ସୀସୁ ଆୟାଲି ଆ଼ଡଅତି ।” **(aiōn g165)** **୯** ସିମନ ପିତର ଏଲେଇଚେସି,
“ପ୍ରବୁ, ଆତିହିଁ କଡାୟାଁ ଏ଼ନାଆଁକି, ନ଼ା କେସ୍କା ଅ଼ଡ଼େ ତ଼ାୟୁଁ ଜିକେଏ
ନର୍‌ହାମୁ ।” **୧୦** ଜୀସୁ ଏ଼ୱାଣାଇଁ ଏଲେଇଚେସି, “ଆମ୍ବାଆସି ଏ଼ୟୁ
ମୀହାମାନେସି, ଏ଼ୱାଣି କଡାୟାଁ ନର୍‌ନି କିହାଁ ଏ଼ନାୟି ଲ଼ଡ଼ା ହିଲେଏ, ମୀରୁ
ଅଟ୍‌ୱି ଆ଼ହାମାଞ୍ଜେରି; ସାମା ବାରେଜ଼ାଣା ଆ଼ଏ ।” **୧୧** ଇଚିହିଁ ଆମ୍ବାଆସି
ଏ଼ୱାଣାଇଁ ସାଟୁୟାଁ କେୟୁତା ହେର୍‌ପିନେସି ଜୀସୁ ତଲିଏ ଏ଼ୱାଣାଇଁ
ପୁଞ୍ଜାମାଚେସି; ଏ଼ଦାଆଁତାକି ଏ଼ୱାସି ଏଲେଇଚେସି, “ମୀରୁ ବାରେଜ଼ାଣା
ଅଟ୍‌ୱି ଆ଼ହାହିଲଅରି ।” **୧୨** ଡ଼ାୟୁ ଜୀସୁ ଏ଼ୱାରି କଡାୟାଁ ନର୍‌ହାନା
ତାନି ହିମ୍ବରି ପର୍‌ହାନା ୱେଣ୍ଡେ ତିଞ୍ଜାଲି କୁଗିତେସି ଇଞ୍ଜାଁ ୱେଚେସି, “ନ଼ାନୁ
ମିଙ୍ଗେ ତାକି ଏ଼ନାଆଁ କିହାମାଇଁ ମୀରୁ ପୁଞ୍ଜାଲି ଆ଼ଡିତେରି କି? **୧୩** ମୀରୁ
ନାଙ୍ଗେ ଗୂରୁ ଇଞ୍ଜିଁ ହ଼ାଟିମାଞ୍ଜାଦେରି, ଏ଼ଦି ସାତା; ଇଚିହିଁ ନ଼ାନୁ ଏ଼ୱାତେଏଁ ।
**୧୪** ମୀ ଗୂରୁ ଅ଼ଡ଼େ ପ୍ରବୁତେଏଁ ନ଼ାନୁ, ନ଼ାନୁ ମୀ କଡାୟାଁ ନର୍‌ହାମାଞ୍ଜାଇଁ
ଆତିହିଁ ମୀରୁ ଜିକେଏ ରଅତେରି ରଅଣି କଡାୟାଁ ନର୍‌ନାୟି ମାନେ । **୧୫**
ଇଚିହିଁ ନ଼ାନୁ ମିଙ୍ଗେତାକି ଏ଼ନିକିଁ କିହାମାଇଁ ମୀରୁ ଜିକେଏ ଏଲେକିହିଁ
କିଦୁ, ଈଦାଆଁତାକି ଈଦାଆଁ ତ଼ସାମାଞ୍ଜାଇଁ । **୧୬** ସାତା ସାତା ନ଼ାନୁ ମିଙ୍ଗ
ୱେସିମାଞ୍ଜାଇଁ, ହ଼ଲେଏସି ତାନି ସ଼ାୱୁକାରି କିହାଁ କାଜାସି ଆ଼ଏ, ଅ଼ଡ଼େ
ପାଣ୍ତୱି ଆ଼ତାସି ତାନି ପାଣ୍ତିତାଣା କିହାଁ କାଜାସି ଆ଼ଏ । **୧୭** ମୀରୁ ଈ
ବାରେ ପୁଞ୍ଜାନା ଏଲେକିଁ କିଦେରି ଇଚିହିଁ ମୀରୁ ନେହାଁତେରି ।” **୧୮**
“ନ଼ାନୁ ମୀ କାତା ୱେସିହିଲଅଁ; ଏ଼ନିଲେହେଁତି ଲ଼କୁଣି ନ଼ାନୁ ଆ଼ଚାମାଇଁ,
ଏ଼ କାତା ନ଼ାନୁ ପୁଞ୍ଜାମାଇଁ; ସାମା ଦାର୍ମୁ ପତିତି ଈ ବ଼ଲୁ ଏ଼ନିକିଁ ପୂରା
ଆ଼ନେ, ଈଦାଆଁତାକି ଈ ବାରେ ଆ଼ହିମାନେ, ‘ଆମ୍ବାଆସି ନ଼ା କ଼ାଦି ତିନେସି
ଏ଼ୱାସି ନ଼ା କ଼ପାଟି ନିଙ୍ଗିତେସି ।’ **୧୯** ଏ଼ଦି ଗଟୱି ଆ଼ନାଟି ନ଼ାନୁ ଏ଼ୱାତେଏଁ
ଇଞ୍ଜିଁ ମୀରୁ ନାମିଦେରି, ଏ଼ଦାଆଁତାକି ଗଟୱି ଆ଼ନି ନ଼କେଏ ନ଼ାନୁ ମିଙ୍ଗେ
ୱେସିମାଞ୍ଜାଇଁ । **୨୦** ସାତା ସାତା ନ଼ାନୁ ମିଙ୍ଗ ୱେସିମାଞ୍ଜାଇଁ, ଆମ୍ବାଆସି ନ଼ା
ତ଼ାଣାଟି ପାଣ୍ତୱି ଆ଼ତାଣାଇଁ ଆବିନେସି, ଏ଼ୱାସି ନାଙ୍ଗେ ଆବାନେସି, ଅ଼ଡ଼େ
ଆମ୍ବାଆସି ନାଙ୍ଗେ ଆବାନେସି ଏ଼ୱାସି ନାଙ୍ଗେ ପାଣ୍ତାତାଣାଇଁ ଆବିନେସି ।”
**୨୧** ଜୀସୁ ଈ ବାରେ କାତା ୱେସ୍ତି ଡ଼ାୟୁ ଜୀୱୁତା ହ଼ାରେକା ଦୁକୁ ଆ଼ହାନା
ବାରେତି ନ଼କିତା ୱେକ୍‌ହେସି, “ନ଼ାନୁ ମିଙ୍ଗେ ସାତା ୱେସିମାଞ୍ଜାଇଁ ମୀ
ବିତ୍ରାଟି ରଅସି ନାଙ୍ଗେ ସାଟୁୟାଁ କେୟୁତା ହେର୍‌ପାନେସି ।” **୨୨** ଏ଼ୱାସି
ଆମ୍ବାଆରି କାତା ଏଲେଇଚେସି, ପୁନାଆନା କାବାଆ଼ହାନା ସୀସୁୟାଁ
ତ଼ାମ୍ବୁ ତ଼ାମ୍ବୁ ସିନିକିୱି ଆ଼ତେରି । **୨୩** ଏ଼ୱାରି ବିତ୍ରାଟି ଏମିନି ସୀସୁଇଁ
ଜୀସୁ ହ଼ାରେକା ଜୀୱୁ ନ଼ହିଁମାଚେସି, ଏ଼ୱାସି ଜୀସୁତି ଟିଃନିୱାକି କୁଗାନା
ତିଞ୍ଜିମାଚେସି । **୨୪** ସିମନ ପିତର ଏ଼ୱାଣାଇଁ କେୟୁତଲେ ଏଲେଇଚେସି,
“ଏ଼ୱାସି ଆମ୍ବାଆରି କାତା ଏଲେଇଞ୍ଜି ମାନେସି, ଏ଼ଦାଆଁ ୱେଞ୍ଜୁ ।” **୨୫** ଏ଼
ସୀସୁ ଅ଼ଡ଼େ ଡାଗେ ଆ଼ହାନା ଜୀସୁଇଁ ୱେଚେସି, “ଏ଼ୱାସି ଆମ୍ବାଆସି ପ୍ରବୁ
।” **୨୬** ଜୀସୁ ଏଲେଇଚେସି, “ଈ ରୂଟି ଗିନାତା କୁତି କିହାନା ହୀଇଁ ଏ଼ୱାସି
।” ଏଲେଇଞ୍ଜାନା ଜୀସୁ ରୂଟି ଗିନାତା କୁତି କିହାନା ସିମନ ମୀର୍‌ଏସି
ଇସ୍କାରିୟତ ଜୀହୁଦାକି ହୀତେସି । **୨୭** ରୂଟି ରୀସାଲିଏ ସୟତାନା
ଏ଼ୱାଣି ହିୟାଁତା ହ଼ଟେ । ଏଚେଟିଏ ଜୀସୁ ଏଲେଇଚେସି, “ଏ଼ନାଆଁ
କିନାୟିମାନେ ତବେ କିମୁ ।” **୨୮** ଜୀସୁ ଏ଼ୱାଣାଇଁ ଈ କାତା ଏ଼ନାଆଁତାକି
ଏଲେଇଚେସି ଏଟ୍‌କାତାରି ଆମ୍ବାଆରି ପୁଞ୍ଜାଲି ଆ଼ଡାଆତେରି । **୨୯**
ଜୀହୁଦା କେୟୁତା ଟାକାୟାଁ ମ଼ଣା ମାଚାକି, ପାର୍ବୁତାକି ଏ଼ନା ଏ଼ନାଆଁ
ଲ଼ଡ଼ାମାନେ, ଏ଼ଦାଆଁ କଡାଲି ଆ଼ଆତିଁ କ଼ାକୁଲି ଗାଟାରାକି ହୀହାଲିତାକି
ଜୀସୁ ଏ଼ୱାଣାଇଁ ଏଲେଇଚେସି ଇଞ୍ଜିଁ ଆମ୍ବା ଆମ୍ବାଆରି ଅଣ୍‌ପିତେରି । **୩୦**
ରୂଟି ତିଞ୍ଜାନା ଜୀହୁଦା ଏ଼ ଦେବୁଣିଏ ପାଙ୍ଗାତା ହାଚେସି, ଏ଼ଚେତା ଲ଼ାଆଁୟାଁ
ଆ଼ହାମାଚେ । **୩୧** ଜୀହୁଦା ପାଙ୍ଗାତା ହାଜାଲିଏ ଜୀସୁ ଏଲେଇଚେସି,
“ନୀଏଁ ମାଣ୍‌ସି ମୀର୍‌ଏସି ଗାୱୁରମି ଆ଼ନି ଵ଼େଲା ୱ଼ାହାମାନେ; ଅ଼ଡ଼େ
ତାନିତ଼ାଣାଟି ମାହାପୂରୁ ଗାୱୁରମି ଆ଼ନେସି । **୩୨** ମାହାପୂରୁ ମାଣ୍‌ସି

ମୀର୍ଏଣା ତ଼ାଣାଟି ଗାୱୁରମି ଆ଼ତିହିଁ, ମାହାପୂରୁ ତ଼ାନୁଏ ଗାୱୁରମିଟି
ମାଣ୍ସି ମୀର୍ଏଣାଇଁ ଗାୱୁରମି କିନେସି । ତବେ ଏ଼ୱାଣାଇଁ ଗାୱୁରମି
କିହାଲି ହାଜିମାନେସି । **୩୩** କକାତେରି ନ଼ାନୁ ଅ଼ଡ଼େ ଗାଡି ଦିନା ଡ଼ୟଅଁ,
ମୀରୁ ନାଙ୍ଗେ ପାରାଦେରି, ସାମା ନ଼ାନୁ ଆମ୍ବିୟା ହାଜିମାଇଁ ମୀରୁ ଏମ୍ବାଆଁ
ହାଜାଲି ଆ଼ଡଅତେରି, ଇ କାତା ଜୀହୁଦି ଲ଼କୁତି କାଜାରାଇଁ ଏଲେଇଞ୍ଜା
ମାଚେଏଁ ଏଲେକିହିଁ ମିଙ୍ଗେ ଜିକେଏ ୱେସିମାଞ୍ଜାଇଁ । **୩୪** ମୀରୁ ରଅତେରି
ରଅଣାଇଁ ଜୀୱୁନ଼ଦୁ, ଇ ପୁଃନି ର଼ମେରା ମିଙ୍ଗେ ହୀହିମାଞ୍ଜାଇଁ; ନ଼ାନୁ ଏ଼ନିକିଁ
ମିଙ୍ଗେ ଜୀୱୁନ଼ହାଁମାଞ୍ଜାଇଁ, ମୀରୁ ଜିକେଏ ଏଲେକିହିଁଏ ରଅତେରି ରଅଣାଇଁ
ଜୀୱୁନ଼ଦୁ । **୩୫** ମୀ ତ଼ାଣା ରଅସି ରଅଣାଇଁ ଜୀୱୁନ଼ନାୟି ମାନେ,
ଆତିହିଁ ମୀରୁ ନ଼ା ସୀସୁୟାଁତେରି, ଇ କାତା ବାରେଜ଼ାଣା ପୁନେସି ।” **୩୬**
ସିମନ ପିତର ଏ଼ୱାଣାଇଁ ୱେଚେସି, “ପ୍ରବୁ ନୀନୁ ଆମ୍ବିୟା ହାଜିମାଞ୍ଜି?”
ଜୀସୁ ଏଲେଇଚେସି, “ନ଼ାନୁ ଆମ୍ବିୟା ହାଜିମାଇଁ, ନୀନୁ ନୀଏଁ ନ଼ା ର଼ଜେଚ
ର଼ଜେଚ ହାଜାଲି ଆ଼ଡଅତି, ସାମା ଡ଼ାୟୁ ହାଜି ।” **୩୭** ପିତର ଏ଼ୱାଣାଇଁ
ଏଲେଇଚେସି, “ପ୍ରବୁ ନୀଏଁ ନ଼ାନୁ ଏ଼ନାଆଁକି ହାଜାଲି ଆ଼ଡଅଁ? ନ଼ାନୁ ନୀ
ତାକି ନ଼ା ଜୀୱୁ ଜିକେଏ ହୀଇଁ ।” **୩୮** ଜୀସୁ ଏଲେଇଚେସି, “ଏ଼ନାଆଁ
ନୀନୁ ନ଼ା ତାକି ନୀ ଜୀୱୁ ହୀଦି? ନ଼ାନୁ ନିଙ୍ଗେ ସାତା ୱେସିମାଞ୍ଜାଇଁ, କୟୁ
ର଼କେଣ୍ଆ ନ଼କେଏ ନୀନୁ ନାଙ୍ଗେ ତୀନିପ଼ାଲି ପୁଞ୍ଜାହିଲଅଁ ଇଞ୍ଜେଁ ଇଞ୍ଜାଦି ।”

**୧୪** “ମୀ ହିୟାଁ ଆଡାଜାକା ଆ଼ଆପେ; ମୀରୁ ମାହାପୂରୁ ତ଼ାଣା ନାମାଦୁ,
ଅ଼ଡ଼େ ନ଼ା ତ଼ାଣା ଜିକେଏ ନାମାଦୁ । **୨** ନ଼ା ଆ଼ବାତି ଇଜ
ହ଼ାରେକା ବାସାଟ଼ାୟୁ ମାନେ; ବାସାଟ଼ାୟୁ ହିଲାଆତିହିଁମା ନ଼ାନୁ ମିଙ୍ଗେ
ୱେସ୍ତାଆତେଏଁମା, ନ଼ାନୁ ମିଙ୍ଗେତାକି ଟ଼ାୟୁ ତିୟାରା କିହାଲି ହାଜିମାଇଁ; **୩**
ଅ଼ଡ଼େ ନ଼ାନୁ ହାଜାନା ମିଙ୍ଗେତାକି ଟ଼ାୟୁ ର଼କେପିତି ଡ଼ାୟୁ, ୱେଣ୍ଡେ ୱ଼ାଇଁ,
ଅ଼ଡ଼େ ନ଼ାନୁ ଆମ୍ବିୟା ମାଇଁ, ମୀରୁ ଜିକେଏ ଏ଼ନିକିଁ ଏ଼ ଟ଼ାୟୁତା ଡ଼ୟିଦେରି,
ଏ଼ଦାଆଁତାକି ମିଙ୍ଗେ ଏ଼ ଟ଼ାୟୁତା ଅ଼ହିଁ ହାଜାଇଁ । **୪** ନ଼ାନୁ ଆମ୍ବିୟା ହାଜିମାଇଁ
ଏ଼ ଜିରୁ ପୁଞ୍ଜାମାଞ୍ଜେରି ।” **୫** ତ଼ମା ଏଲେଇଚେସି, “ପ୍ରବୁ, ନୀନୁ ଆମ୍ବିୟା
ହାଜିମାଞ୍ଜି, ମ଼ାମୁ ପୁଞ୍ଜାହିଲଅମି, ଏମ୍ବିୟା ହାଜି ଏ଼ ଜିରୁତି ଏ଼ନିକିଁ ପୁନମି?”
**୬** ଜୀସୁ ଏଲେଇଚେସି, “ନ଼ାନୁ ଜିରୁ, ସାତା ଅ଼ଡ଼େ ଜୀୱୁତେଏଁ; ନ଼ା ତ଼ାଣାଟି
ତ଼ାକାଆସାରେ ଆମ୍ବାଆସି ଆ଼ବା ତ଼ାଣା ହାଜାଲି ଆ଼ଡଅସି । **୭** ମୀରୁ
ନାଙ୍ଗେ ପୁଞ୍ଜାତିହିଁମା, ନ଼ା ଆ଼ବାଇଁ ଜିକେଏ ପୁଚେରିମା; ନୀଏଁ ଜିକେଏ
ଏ଼ୱାଣାଇଁ ପୁଞ୍ଜିମାଞ୍ଜେରି ଅ଼ଡ଼େ ଏ଼ୱାଣାଇଁ ମେସାମାଞ୍ଜେରି ।” **୮** ପିଲିପ
ଏ଼ୱାଣାଇଁ ଏଲେଇଚେସି, “ପ୍ରବୁ, ମାଙ୍ଗେ ଆ଼ବାଇଁ ତ଼ସ୍ତାମୁ, ଏଚେକେଏ
ମାଙ୍ଗେତାକି ସାରି ।” **୯** ଜୀସୁ ଏଲେଇଚେସି, “ପିଲିପ ଇଚର ଦିନା ନ଼ାନୁ
ମୀ ତଲେ ଡ଼ୟାମାଇଁ, ମୀରୁ ଏ଼ନାଆଁ ନାଙ୍ଗେ ପୁଞ୍ଜାଆତେରି? ଆମ୍ବାଆସି
ନାଙ୍ଗେ ମେସାମାଞ୍ଜାନେସି ଏ଼ୱାସି ଆ଼ବାଇଁ ମେସାମାନେସି; ମାଙ୍ଗେ ଆ଼ବାଇଁ
ତ଼ସ୍ତାମୁ ଇଞ୍ଜେଁ ଏ଼ନିକିଁ ଏଲେ ଇଞ୍ଜିମାଞ୍ଜି? **୧୦** ନ଼ାନୁ ଆ଼ବା ତ଼ାଣା ଅ଼ଡ଼େ ଆ଼ବା
ନ଼ା ତ଼ାଣା ମାନେସି, ଇ କାତା ଏ଼ନାଆଁ ମୀରୁ ନାମିହିଲଅତେରି? ନ଼ାନୁ
ମିଙ୍ଗେ ଏମିନି କାତା ୱେସିମାଞ୍ଜାଇଁ, ଏ଼ ବାରେ ନ଼ା ତ଼ାଣାଟି ୱେସିମାଞ୍ଜଅଁ,
ସାମା ଆ଼ବା ନ଼ା ତ଼ାଣା ମାଞ୍ଜାନା ତାନି କାମା କିହିମାନେସି । **୧୧** ନ଼ାନୁ ଆ଼ବା
ତ଼ାଣା ମାଇଁ ଅ଼ଡ଼େ ଆ଼ବା ନ଼ା ତ଼ାଣା ମାନେସି ଇ କାତା ନାମାଦୁ, ଆ଼ଆତିଁ
କାମାତି ମେସାନା ନାମାଦୁ । **୧୨** ନ଼ାନୁ ମିଙ୍ଗେ ସାତା ୱେସିମାଞ୍ଜାଇଁ,
ଆମ୍ବାଆସି ନ଼ା ତ଼ାଣା ନାମିନେସି, ନ଼ାନୁ ଏ଼ନି ଏ଼ନି କାମା କିହିମାଇଁ, ଏ଼ୱାସି
ଜିକେଏ ଏ଼ ବାରେ କିନେସି, ଅ଼ଡ଼େ ଏ଼ ବାରେକିହାଁ ହ଼ାରେକା କାଜା
କାମା କିନେସି, ଇଚିହିଁ ନ଼ାନୁ ଆ଼ବା ତ଼ାଣା ହାଜିମାଇଁ । **୧୩** ଆ଼ବା ଏ଼ନିକିଁ
ମୀର୍ଏଣା ତ଼ାଣା ଗାୱୁରମି ଆ଼ନେସି, ଏ଼ଦାଆଁତାକି ମୀରୁ ନ଼ା ଦ଼ରୁଟି
ଏ଼ନାଆଁ ରୀହ୍ଦେରି, ଏ଼ ବାରେ ନ଼ାନୁ ହିୟାଇଁ । **୧୪** ମୀରୁ ନ଼ା ଦ଼ରୁଟି
ଏ଼ନାଆଁ ନାଙ୍ଗେ ରୀସ୍ତାଦେରି, ନ଼ାନୁ ମିଙ୍ଗେ ଏ଼ ବାରେ ହିୟାଇଁ ।” **୧୫** “ମୀରୁ
ନାଙ୍ଗେ ଜୀୱୁନ଼ହିଁ ମାଞ୍ଜାଦେରି, ଆତିହିଁ ନ଼ା ହୁକୁମି ମ଼ାନୱି ଆ଼ଦୁ । **୧୬**
ଅ଼ଡ଼େ ନ଼ାନୁ ନ଼ା ଆ଼ବାଇଁ ବାତିମ଼ାଲିଇଁ, ଅ଼ଡ଼େ ମୀ ତଲେ କ଼ାଲେଏ ଡ଼ୟାଲି
ତାକି ଏ଼ୱାସି ମିଙ୍ଗେ ଅ଼ଡ଼େ ର଼ ସ଼ାୟେମି କିନାଣାଇଁ, (aiōn g165) **୧୭**
ଇଚିହିଁ ଏ଼ ସାତା ଜୀୱୁତି ହିୟାନେସି । ଦାର୍ତି ଏ଼ଦାଣି ଆବାଲି ଆ଼ଡେଏ,
ଇଚିହିଁ ଦାର୍ତି ଏ଼ଦାଣି ମେସା ହିଲେଏ କି ପୁଞ୍ଜା ହିଲେଏ; ମୀରୁ ଏ଼ଦାଣି
ପୁଞ୍ଜାମାଞ୍ଜେରି, ଇଚିହିଁ ଏ଼ଦି ମୀ ତଲେ ମାନେ, ଅ଼ଡ଼େ ଏ଼ଦି ମୀ ହିୟାଁତା
ଡ଼ୟିନେ ।” **୧୮** “ନ଼ାନୁ ମିଙ୍ଗେ କାର୍ମା କିହା ହାଜଅଁ, ନ଼ାନୁ ମୀ ତ଼ାଣା ୱେଣ୍ଡା
ୱ଼ାଇଁ । **୧୯** ଗ଼ାଡ଼େକା ର଼ଜେଚ ଦାର୍ତି ଅ଼ଡ଼େ ନାଙ୍ଗେ ମେସାଲି ଆ଼ଡେଏ;
ସାମା ମୀରୁ ନାଙ୍ଗେ ମେସ୍ତାଦେରି, ଇଚିହିଁ ନ଼ାନୁ ନୀଡାମାଇଁ, ଅ଼ଡ଼େ ମୀରୁ
ଜିକେଏ ନୀଡାନା ଡ଼ୟିଦେରି । **୨୦** ନ଼ାନୁ ନ଼ା ଆ଼ବା ତ଼ାଣା ଅ଼ଡ଼େ ମୀରୁ ନ଼ା
ତ଼ାଣା ଅ଼ଡ଼େ ନ଼ାନୁ ମୀ ତ଼ାଣା ଡ଼ୟିଇଁ, ଇଦାଆଁ ଏ଼ ଦିନା ମୀରୁ ପୁଞ୍ଜେରି ।”
**୨୧** “ଆମ୍ବାଆସି ନ଼ା ହୁକୁମି ଆବାହାଁ ମ଼ାନୱି ଆ଼ନେସି, ଏ଼ୱାସି ନାଙ୍ଗେ
ଜୀୱୁ ନୟାଁନେସି, ଅ଼ଡ଼େ ଆମ୍ବାଆସି ନାଙ୍ଗେ ଜୀୱୁ ନୟାଁନେସି, ନ଼ା ଆ଼ବା
ଏ଼ୱାଣାଇଁ ଜୀୱୁ ନ଼ନେସି, ଅ଼ଡ଼େ ନ଼ାନୁ ଏ଼ୱାଣାଇଁ ଜୀୱୁ ନ଼ଇଁ ଅ଼ଡ଼େ ଏ଼ୱାଣି
ତ଼ାଣା ତ଼ସାକଡିଇଁ ।” **୨୨** ଜୀହୁଦା ଏ଼ୱାଣାଇଁ ଏଲେଇଚେସି, “ଏ଼ ପ୍ରବୁ,
ଏ଼ନାଆଁ ଆ଼ତେ, ନୀନୁ ଦାର୍ତିତା ନିଙ୍ଗେ ତ଼ସା କଡାଆନା ମ଼ା ତ଼ାଣା
ତ଼ସିମାଞ୍ଜାଦି?” **୨୩** ଜୀସୁ ଏ଼ୱାଣାଇଁ ଏଲେଇଚେସି, “ଆମ୍ବାଆସି ନାଙ୍ଗେ
ଜୀୱୁ ନୟାଁନେସି ଆତିହିଁ ଏ଼ୱାସି ନ଼ା ବ଼ଲୁତି ମ଼ାନୱି ଆ଼ନେସି, ଅ଼ଡ଼େ
ନ଼ା ଆ଼ବା ଏ଼ୱାଣାଇଁ ଜୀୱୁ ନ଼ନେସି, ଅ଼ଡ଼େ ନ଼ାନୁ ଏ଼ୱାଣି ତ଼ାଣା ୱ଼ାହାନା
ଏ଼ୱାଣିତଲେ ବାସା କିଇଁ । **୨୪** ଆମ୍ବାଆସି ନାଙ୍ଗେ ଜୀୱୁ ନୟଁଅସି, ଏ଼ୱାସି
ନ଼ା ବ଼ଲୁତି ମ଼ାନୱି ଆ଼ଅସି, ଅ଼ଡ଼େ ମୀରୁ ଏମିନି ବ଼ଲୁ ୱେଞ୍ଜାମାଞ୍ଜେରି, ଏ଼ଦି
ନ଼ାଦି ଆ଼ଏ, ସାମା ନାଙ୍ଗେ ପାଣ୍ଡାମାଞ୍ଜାନି ଆ଼ବା ମାହାପୂରୁୱାୟି ।” **୨୫**
“ନ଼ାନୁ ମୀ ତ଼ାଣା ମାଞ୍ଜା ମାଞ୍ଜାନା ମିଙ୍ଗେ ଇ କାତା ୱେସ୍ତାତେଏଁ । **୨୬**
ସାମା ଏ଼ ସ଼ାୟେମି କିନାୟି, ଇଚିହିଁ ଏମିନି ସୁଦୁଜୀୱୁ ଆ଼ବା ନ଼ା ଦ଼ରୁଟି
ହିୟାନେସି, ଏ଼ଦି ମିଙ୍ଗେ ବାରେ ଜ଼ାପ୍ହାନେ, ଅ଼ଡ଼େ ନ଼ାନୁ ମିଙ୍ଗେ ଏ଼ନା
ଏ଼ନାଆଁ ୱେସାମାଞ୍ଜାଇଁ, ଏ଼ ବାରେ ମିଙ୍ଗେ ଅଣ୍ପି କିୟାନେ ।” **୨୭** “ନ଼ାନୁ
ମିଙ୍ଗେ ହିତ୍ଡ଼ି ହୀହାନା ହାଜିମାଇଁ, ନ଼ା ହିତ୍ଡ଼ି ମିଙ୍ଗେ ଦ଼ାନା କିହିମାଞ୍ଜାଇଁ;
ଦାର୍ତି ଏ଼ନିକିଁ ଦ଼ାନା କିନେ ନ଼ାନୁ ମିଙ୍ଗେ ଏଲେକିଁ ଦ଼ାନା କିହିହିଲଅଁ, ମୀ
ହିୟାଁ କିଲିବିଲି ଅ଼ଡ଼େ ଆଜି ଗାଟାୟି ଆ଼ଆପେ । **୨୮** ନ଼ାନୁ ହାଜିମାଇଁ
ଅ଼ଡ଼େ ମୀ ତ଼ାଣା ୱେଣ୍ଡା ୱ଼ାଇଁ, ଇ ନ଼ା କାତା ୱେଞ୍ଜାମାଞ୍ଜେରି । ମୀରୁ

ନାଙ୍ଗେ ଜୀୱୁ ନୟାତିହିଁମା, ନ଼ାନୁ ନ଼ା ଆ଼ବା ତ଼ାଣା ହାଜିମାଇଁ ଇଞ୍ଜୁଁ ର଼ାହାଁ
କିତେରିମା, ଇଚିହିଁ ଆ଼ବା ନ଼ା କିହାଁ କାଜାସି । ୨୯ ଏ଼ନାୟି ବାରେ ଗଟୱି
ଆ଼ନାୟି ମାନେ, ଏ଼ ନ଼କେଏ ନ଼ାନୁ ମିଙ୍ଗେ ୱେସ୍ତାତେଏଁ । ଏ଼ ବାରେ ଗଟୱି
ଆ଼ତିସାରେ ମୀରୁ ନାଙ୍ଗେ ନାମାଦେରି । ୩୦ ନ଼ାନୁ ମୀ ତଲେ ହ଼ାରେକା
କାତା ଆୟଅଁ, ଇଚିହିଁ ଦାର୍‌ତିତି ସ଼ାଲୱି କିନାୟି ୱ଼ାହିମାନେ; ଅ଼ଡ଼େ ନ଼ା
ତ଼ାଣା ତାନିୱାୟି ଏ଼ନାୟି ହିଲେଏ; ୩୧ ସାମା ଆ଼ବା ନାଙ୍ଗେ ଏ଼ନିକିଁ ହୁକୁମି
ହୀହାମାଞ୍ଜାନେସି, ଏଲେକିହିଁ ନ଼ାନୁ କାମା କିଇଁ । ଆତିହିଁ ନ଼ାନୁ ଆ଼ବାଇଁ
ଜୀୱୁ ନ଼ହିଁମାଇଁ ଇଞ୍ଜୁଁ ଦାର୍‌ତି ପୁନେ ।" "ୱ଼ାଦୁ ମ଼ାର, ଇମ୍ବାଟି ହାନ ।"

**୧୫** "ନ଼ାନୁ ସାତା ଅଙ୍ଗୁରି ମ଼ାଡ଼ା, ଅ଼ଡ଼େ ନ଼ା ଆ଼ବା କାମାକିନାସି ।
୨ ନ଼ା ତ଼ାଣା ମାନି ଏମିନି କମା ପ଼ାଡ଼େୟି ଆ଼ୟେଏ, ଏ଼ଦାନି
ଏ଼ୱାସି ଟୂଣ୍‌ହାତୁହ୍‌ନେସି; ଅ଼ଡ଼େ ଏମିନି କମା ପ଼ାଡ଼େୟି ଆ଼ୟିନେ, ଗାଡି
ପ଼ାଡ଼େୟି ଆ଼ୟାଲି ତାକି ଜାତ୍‌ନୁ କିନେସି । ୩ ନ଼ାନୁ ମିଙ୍ଗେ ଏମିନି ବ଼ଲୁ
ୱେସାମାଞ୍ଜାଇଁ, ଏ଼ଦାଆଁତାକି ଜାତ୍‌ନୁ ଆ଼ହାମାଞ୍ଜେରି । ୪ ନ଼ା ତ଼ାଣା
ଡ଼ୟାଦୁ ଆତିହିଁ ନ଼ାନୁ ମୀ ତ଼ାଣା ଡ଼ୟିଇଁ । କମା ଏ଼ନିକିଁ ଅଙ୍ଗୁରି ମ଼ାଡ଼ାତା
ଡ଼ୟାଆସାରେ ତାନିତ଼ାଣାଟି ପ଼ାଡ଼େୟି ଆ଼ୟାଲି ଆ଼ଡେଏ, ଏଲେକିହିଁଏ
ମୀରୁ ଜିକେଏ ନ଼ା ତ଼ାଣା ଡ଼ୟାଆସାରେ ପ଼ାଡ଼େୟି ଆ଼ୟାଲି ଆ଼ଡଅତେରି
।" ୫ "ନ଼ାନୁ ଅଙ୍ଗୁରି ମ଼ାଡ଼ା ମୀରୁ କମାୟାଁ, ଆମ୍ବାଆସି ନ଼ା ତ଼ାଣା ଡ଼ୟିନେସି
ଅ଼ଡ଼େ ନ଼ାନୁ ଆମ୍ବାଆରି ତ଼ାଣା ଡ଼ୟିଇଁ, ଏ଼ୱାସି ହ଼ାରେକା ପ଼ାଡ଼େୟି
ଆ଼ୟିନେସି; ଇଚିହିଁ ନ଼ା ପିସ୍‌ପେ ମୀରୁ ଏ଼ନାଆଁ କିହାଲି ଆ଼ଡଅତେରି । ୬
ଆମ୍ବାଆସି ନ଼ା ତ଼ାଣା ଡ଼ୟଅସି, ଆତିହିଁ ଏ଼ୱାସି କମା ଲେହେଁ ପାଙ୍ଗାତା
ମେତ୍‌ପି ଆ଼ନେସି ଅ଼ଡ଼େ ୱ଼ାୟା ହାନେସି, ଇଞ୍ଜାଁ ଲ଼କୁ ଏ଼ୱାଆଁ କୂଡ଼ି କିହାନା
ହିଚୁତା ମେତ୍‌ନେରି ଅ଼ଡ଼େ ଏ଼ୱି ବାରେ ୱେହାହାନୁ । ୭ ମୀରୁ ନ଼ା ତ଼ାଣା
ଡ଼ୟିଦେରି, ଅ଼ଡ଼େ ନ଼ା ବ଼ଲୁ ମୀ ତ଼ାଣା ଡ଼ୟିନେ, ଆତିହିଁ ମୀରୁ ଏ଼ନାଆଁ
ମ଼ନ କିଦେରି, ଏ଼ଦାଆଁ ରୀହ୍‌ଦୁ, ଆତିହିଁ ଏ଼ଦି ମିଙ୍ଗେତାକି କିୱିଆ଼ନେ ।
୮ ମୀରୁ ହ଼ାରେକା ପ଼ାଡ଼େୟି ଆ଼ୟିସାରେ ନ଼ା ଆ଼ବା ଗାୱୁରମି ଆ଼ନେସି,
ଅ଼ଡ଼େ ମୀରୁ ନ଼ା ସାତା ସୀସୁ ଆ଼ଦେରି । ୯ ଏ଼ନିକିଁ ଆ଼ବା ନାଙ୍ଗେ ଜୀୱୁ
ନ଼ହାଁମାଞ୍ଜାନେସି, ନ଼ାନୁ ଜିକେଏ ଏଲେକିହିଁଏ ମିଙ୍ଗେ ଜୀୱୁନ଼ହାଁମାଞ୍ଜାଇଁ;
ନ଼ା ଜୀୱୁ ନ଼ୱୁତା ତୀରିଆ଼ହାନା ଡ଼ୟାଦୁ । ୧୦ ନ଼ାନୁ ଏ଼ନିକିଁ ନ଼ା ଆ଼ବାତି
ହୁକୁମି ମ଼ାନୱି ଆ଼ହାନା ତାନି ଜୀୱୁ ନ଼ୱୁତା ତୀରିଆ଼ହାନା ଡ଼ୟିମାଇଁ,
ଏଲେକିହିଁଏ ମୀରୁ ଜିକେଏ ନ଼ା କାତା ମ଼ାନୱି ଆ଼ଦେରି, ଆତିହିଁ ନ଼ା
ଜୀୱୁ ନ଼ୱୁତା ତୀରିଆ଼ହାନା ଡ଼ୟିଦେରି ।" ୧୧ "ଏ଼ନିକିଁ ନ଼ା ର଼ାହାଁ ମୀ
ତ଼ାଣା ଡ଼ୟିନେ, ଅ଼ଡ଼େ ମୀ ର଼ାହାଁ ଏ଼ନିକିଁ ପୂରାଆ଼ନେ, ଏ଼ଦାଆଁତାକି ଈ
ବାରେ ମିଙ୍ଗେ ୱେସ୍ତାତେଏଁ । ୧୨ ନ଼ାନୁ ଏ଼ନିକିଁ ମିଙ୍ଗେ ଜୀୱୁନ଼ହାଁମାଞ୍ଜାଇଁ,
ମୀରୁ ଜିକେଏ ଏଲେକିହିଁଏ ରଅତେରି ରଅଣାଇଁ ଜୀୱୁନ଼ଦୁ, ଈଦି ନ଼ା
ହୁକୁମି । ୧୩ ଜାହାରା ତ଼ଣେସିଙ୍ଗା ତାକି ଜୀୱୁହୀନି କିହାଁ ଅ଼ଡ଼େ କାଜା
ଜୀୱୁନ଼ନାୟି ହିଲେଏ । ୧୪ ନ଼ାନୁ ମିଙ୍ଗେ ଆମିନି ହୁକୁମି ହୀହାମାଞ୍ଜାଇଁ,
ଏ଼ଦାଆଁ ମୀରୁ ମ଼ାନୱି ଆ଼ଦେରି ଆତିହିଁ ମୀରୁ ନ଼ା ତ଼ଣେସିଙ୍ଗା । ୧୫ ନ଼ାନୁ
ମିଙ୍ଗେ ଅ଼ଡ଼େ ହ଼ଲେଏସି ଇଞ୍ଜୁଁ ମାଞ୍ଜୁଅଁ, ଇଚିହିଁ ସ଼ାୱୁକାରି ଏ଼ନାଆଁ କିନେସି,
ହ଼ଲେଏସି ଏ଼ଦାଆଁ ପୁନଅସି, ସାମା ନ଼ାନୁ ମିଙ୍ଗେ ତ଼ଣେ ଇଞ୍ଜିମାଞ୍ଜାଇଁ,
ଇଚିହିଁ ନ଼ାନୁ ନ଼ା ଆ଼ବା ତ଼ାଣାଟି ଏ଼ନା ଏ଼ନାଆଁ ୱେଞ୍ଜାମାଇଁ, ଏ଼ ବାରେ ମିଙ୍ଗେ
ୱେସାମାଞ୍ଜାଇଁ । ୧୬ ମୀରୁ ନାଙ୍ଗେ ଆ଼ଚା ମାଞ୍ଜୁଅତେରି, ସାମା ନ଼ାନୁ ମିଙ୍ଗେ
ଆ଼ଚାମାଞ୍ଜାଇଁ, ଅ଼ଡ଼େ ମୀରୁ ଏ଼ନିକିଁ ପ଼ାଡ଼େୟି ଆ଼ୟାଲି ଆ଼ଡିଦେରି ଅ଼ଡ଼େ
ମୀ ପ଼ାଡ଼େୟି ତୀରିଆ଼ହାନା ଡ଼ୟିନେ, ଏ଼ଦାଆଁତାକି ମିଙ୍ଗେ ଆ଼ଚାମାଞ୍ଜାଇଁ
। ଏଚେଟିଏ ମୀରୁ ନ଼ା ଦ଼ରୁତଲେ ଆ଼ବାଇଁ ଏ଼ନାଆଁ ରୀହ୍‌ଦେରି ଏ଼ୱାସି
ମିଙ୍ଗେ ହିୟାନେସି । ୧୭ ମୀରୁ ଏ଼ନିକିଁ ରଅତେରି ରଅଣାଇଁ ଜୀୱୁ ନ଼ଦେରି,
ଏ଼ଦାଆଁତାକି ନ଼ାନୁ ଈ ବାରେ ହୁକୁମି ହୀହିମାଞ୍ଜାଇଁ ।" ୧୮ "ଦାର୍‌ତି ମିଙ୍ଗେ
ଅ଼ପେଏ, ଆତିହିଁ ମିଙ୍ଗେ ଅ଼ପାଆ ନ଼କେଏ ନାଙ୍ଗେ ଅ଼ପାମାଞ୍ଜେଏ, ଈଦାଆଁ
ପୁଞ୍ଜାମାଞ୍ଜୁ । ୧୯ ମୀରୁ ଦାର୍‌ତିତାତେରି ଆ଼ହାମାଚିହିଁମା, ଦାର୍‌ତି ମିଙ୍ଗେ ନ଼ା
ଲ଼କୁ ଇଞ୍ଜୁଁ ପୁଞ୍ଜାନା ଜୀୱୁ ନ଼ୟାଁତେମା; ମୀରୁ ଦାର୍‌ତିଟି ୱ଼ାହା ହିଲଅତେରି,
ସାମା ନ଼ାନୁ ମିଙ୍ଗେ ଦାର୍‌ତିଟି ଆ଼ଚାମାଞ୍ଜାଇଁ, ଏ଼ଦାଆଁତାକି ଦାର୍‌ତି ମିଙ୍ଗେ
ଅ଼ପେଏ । ୨୦ ହ଼ଲେଏସି ସ଼ାୱୁକାରି କିହାଁ କାଜାସି ଆ଼ଏ, ନ଼ାନୁ ମିଙ୍ଗେ
ଏମିନି ବ଼ଲୁ ୱେସାମାଞ୍ଜାଇଁ, ଏ଼ଦାଆଁ ଅଣ୍‌ପାଦୁ । ଏ଼ୱାରି ନାଙ୍ଗେ ସ଼ାସ୍ତି
ହୀହାମାଞ୍ଜାନେରି, ଆତିହିଁ ମିଙ୍ଗେ ଜିକେଏ ସ଼ାସ୍ତି ହିୟାନେରି; ଅ଼ଡ଼େ ଏ଼ୱାରି
ନ଼ା ବ଼ଲୁତି ମ଼ାନୱି ଆ଼ହାମାନେରି, ଆତିହିଁ ମୀ ବ଼ଲୁ ଜିକେଏ ମ଼ାନୱି
ଆ଼ନେରି । ୨୧ ସାମା ଏ଼ୱାରି ନାଙ୍ଗେ ପାଣ୍ତାତାଣାଇଁ ପୁଞ୍ଜାହିଲାଆକି,
ନ଼ା ଦ଼ରୁ ତାକି ମିଙ୍ଗେ ଈ ବାରେ ଆ଼ନେ । ୨୨ ନ଼ାନୁ ୱ଼ାହାନା ଏ଼ୱାରାଇଁ
ୱେହ୍‌ଆତିହିଁ, ଏ଼ୱାରି ପ଼ାପୁ ଗାଟାରି ଆ଼ଆତେରିମା; ସାମା ନୀଏଁ ଈ ପ଼ାପୁ
ତାକି ଏ଼ନି ମିଚି କାତା ୱେସାଲି ଆ଼ଡଅରି ୨୩ ଆମ୍ବାଆସି ନାଙ୍ଗେ ଅ଼ପଅସି,
ଏ଼ୱାସି ନ଼ା ଆ଼ବାଇଁ ଜିକେଏ ଅ଼ପଅସି । ୨୪ ନ଼ାନୁ ଏ଼ୱାରିତ଼ାଣା ଏ଼ନି
କାବାଆ଼ନି କାମା କିହାହିଲାଆତିଁ, ଏ଼ୱାରି ପ଼ାପୁ ଗାଟାରି ଇଞ୍ଜୁଁ ଏଜିକିୱି
ଆ଼ଆତେରିମା । ସାମା ନ଼ା ବାରେ କାମା ମେସାନା ଜିକେଏ ଏ଼ୱାରି ନାଙ୍ଗେ
ଅ଼ଡ଼େ ନ଼ା ଆ଼ବାଇଁ ଅ଼ପାହିଲଅରି । ୨୫ ସାମା ଏ଼ୱାରି ନାଙ୍ଗେ ଉଜେଏ
ଅ଼ପାମାଞ୍ଜୁଅରି, ମ଼ସା ମ଼େରାତା ର଼ାସ୍‌କି ଆ଼ହାମାନାୟି ଏ଼ନିକିଁ ପୂରା ଆ଼ନେ
ଈଦାଆଁତାକି ଈ ବାରେ ଆ଼ହିମାନେ ।" ୨୬ "ଆ଼ବା ତ଼ାଣାଟି ନ଼ାନୁ ମୀ
ତ଼ାଣା ଏମିନି ସ଼ାୟେମି କିନାଣି ପାଣ୍ତାଇଁ, ଆ଼ବା ତ଼ାଣାଟି ୱ଼ାନି ଏ଼ ସାତା
ଜୀୱୁ ୱ଼ାତିହିଁ ନ଼ା କାତା ସ଼ାକି ହିୟାନେ; ୨୭ ମୀରୁ ଜିକେଏ ନ଼ା କାତାତାକି
ସ଼ାକି ହୀଦେରି, ଇଚିହିଁ ମୂଲୁଟିଏ ମୀରୁ ବାରେ ନ଼ା ତଲେ ମାଚେରି ।"

**୧୬** "ମୀ ନାମୁତି ଏ଼ନିକିଁ ପିହ୍‌ଅତେରି, ଈଦାଆଁତାକି ଈ ବାରେ କାତା
ୱେସାମାଞ୍ଜାଇଁ । ୨ ଏ଼ୱାରି ମିଙ୍ଗେ କୁଲମଟି ହ଼ପ୍‌ହାନେରି, ଇଲେତି
ଦିନା ୱ଼ାହିମାନେ, ଏଚ଼େତା ଆମ୍ବାଆସି ମିଙ୍ଗେ ପ଼ାୟାନେସି, ଏ଼ୱାସି
ମାହାପୂରୁ ତାକି ଜହରାତି ପୂଜା କିହିମାଇଁ ଇଞ୍ଜୁଁ ଅଣ୍‌ପିନେସି । ୩ ଲ଼କୁ ଈ
ବାରେ କିୟାନେରି, ଇଚିହିଁ ଏ଼ୱାରି ଆ଼ବା ଆ଼ଆତିଁ ନାଙ୍ଗେ ପୁଞ୍ଜାମାଞ୍ଜୁଅରି
। ୪ ଈ ବାରେ ଗଟୱି ଆ଼ତିସାରେ, ନ଼ାନୁ ମିଙ୍ଗେ ୱେସାମାଞ୍ଜାତେଏଁ
ଈ କାତା ମୀରୁ ଏ଼ନିକିଁ ଅଣ୍‌ପିଦେରି, ଈଦାଆଁତାକି ଈ ବାରେ କାତା
ମିଙ୍ଗେ ୱେସାମାଞ୍ଜାଇଁ । ନ଼ାନୁ ମୀ ତଲେ ମାଚାକି ମୂଲୁଟିଏ ଈ ବାରେ
କାତା ମିଙ୍ଗେ ୱେସାମାଞ୍ଜୁଅଁ ।" ୫ "ସାମା ନ଼ାନୁ ନୀଏଁ ନ଼ା ପାଣ୍ତାତାଣା

ତ଼ାଣା ହାଜିମାଇଁ, ଅ଼ଡ଼େ ମୀରୁ ଆମ୍ବ୍ରିୟା ହାଜିମାଞ୍ଜି ଇଞ୍ଜୁଁ ମୀ ବିତ୍ରାଟି
ଆମ୍ବାଆତେରି ନାଙ୍ଗେ ୱେଞ୍ଜି ମାଞ୍ଜଅତେରି । ୬ ସାମା ନ଼ାନୁ ଇ ବାରେ
କାତା ୱେସାମାଞ୍ଜାନାକି ମୀ ହିୟାଁ ହ଼ାରେକା ଦୁକୁ ଆ଼ହିମାନେ । ୭ ସାମା
ନ଼ାନୁ ମିଙ୍ଗେ ସାତା ୱେସିମାଞ୍ଜାଇଁ, ନ଼ାନୁ ହାନାୟି ମିଙ୍ଗେତାକି ନେହେଁ,
ଇଚିହିଁ ନ଼ାନୁ ହାଲାଆସାରେ ଏ଼ ସ଼ାୟେମି କିନାୟି ମୀ ତ଼ାଣା ୱ଼ାଏ,
ସାମା ନ଼ାନୁ ହାଚିସାରେ ଏ଼ଦାଣି ମୀ ତ଼ାଣା ପାଣ୍ତାଇଁ । ୮ ଏ଼ଦି ୱ଼ାହାନା
ପ଼ାପୁ, ଦାର୍ମୁ ଅ଼ଡ଼େ ମାହାପୂରୁତି ବିଚାରାତି କାତା ଇ ଦାର୍ତିତି ଲ଼କୁଣି
ୱେହ୍ନେ; ୯ ପ଼ାପୁତି କାତା, ଇଚିହିଁ ଏ଼ୱାରି ନ଼ା ତ଼ାଣା ନାମା ହିଲଅରି; ୧୦
ଦାର୍ମୁତି କାତା, ଇଚିହିଁ ନ଼ାନୁ ଆ଼ବା ତ଼ାଣା ହାଜିମାଇଁ ମୀରୁ ଅ଼ଡ଼େ ନାଙ୍ଗେ
ମେସ୍ତଅତେରି; ୧୧ ବିଚାରାତି କାତା, ଇଚିହିଁ ଇ ଦାର୍ତି ସ଼ାଲୱି କିନାରି
ବିଚାରା କିୱି ଆ଼ହାମାନେରି ।” ୧୨ “ମିଙ୍ଗେ ନ଼ାନୁ ଅ଼ଡ଼େ ହ଼ାରେକା କାତା
ୱେସ୍ତାନାୟିମାନେ, ସାମା ନୀଏଁ ମୀରୁ ଏ଼ ବାରେ ଅ଼ର୍ହାଲି ଆ଼ଡଅତେରି
୧୩ ସାମା ସାତାତି ଜୀୱୁ ୱ଼ାତିସାରେ, ଏ଼ଦି ବାରେ ସାତାତି ତେଲ୍ହାଲି
ବ଼ାଡ଼୍ୟୁ ହିୟାନେ, ଏ଼ଦି ମିଙ୍ଗେ ଜିରୁ ତ଼ସାନା ତାନିତ଼ାଣାଟି ଏ଼ନାଆଁ ୱେହ୍ଏ,
ମାହାପୂରୁ ତ଼ାଣାଟି ଏ଼ନା ଏ଼ନାଆଁ ୱେଞ୍ଜାମାନେ ୱାର୍ଇ ଏଚେକେଏ
ୱେହ୍ନେ, ଅ଼ଡ଼େ ଏ଼ନାୟି ଆ଼ହାଲି ହାଜିମାନେ ଏ଼ଦାଆଁ ଏ଼ଦି ୱେସ୍ତାନେ ।
୧୪ ଏ଼ୱାସି ନାଙ୍ଗେ ଗାୱୁରମି କିୟାନେସି, ଇଚିହିଁ ନ଼ା ତ଼ାଣାଟି ବାରେ କାତା
ପୁଞ୍ଜାନା ଏ଼ଦି ଏ଼ଦାଆଁ ମୀ ତ଼ାଣା ୱେସ୍ତାନେ । ୧୫ ଏ଼ନା ଏ଼ନାୟି ଆ଼ବାୱାୟି,
ଏ଼ ବାରେ ନ଼ାଦି; ଇଦାଆଁତାକି ନ଼ାନୁ ଏଲେଇଞ୍ଜାତେଏଁ, ଏ଼ୱାସି ନ଼ା କାତା
ଅ଼ହାନା ମିଙ୍ଗେ ୱେସ୍ତାନେସି ।” ୧୬ “ଗ଼ାଡ଼େକା ଢ଼େଚ ମୀରୁ ଅ଼ଡ଼େ ନାଙ୍ଗେ
ମେସ୍ତଅତେରି, ସାମା ଏଚରଦିନା ଢ଼େଚ ମେସ୍ତାଦେରି ।” ୧୭ ଏଚେଟିଏ
ତାନି ସୀସୁୟାଁ ବିତ୍ରାଟି ଆମ୍ବା ଆମ୍ବାଆରି ଏଲେଇଚେରି, “ଗ଼ାଡ଼େକା
ଢ଼େଚ ନାଙ୍ଗେ ମେସ୍ତଅତେରି, ଅ଼ଡ଼େ ଏଚରଦିନା ହାଚି ଡ଼ାୟୁ ନାଙ୍ଗେ
ମେସ୍ତାଦେରି, ନ଼ାନୁ ଆ଼ବା ତ଼ାଣା ହାଜିମାଇଁ, ଏ଼ୱାସି ଏମିନି କାତା ମାଙ୍ଗେ
ୱେସ୍ତାତେସି, ଇଦି ଏ଼ନାୟି?” ୧୮ ଏ଼ୱାରି ଏଲେଇଚେରି, “ଗ଼ାଡ଼େକା ଇଞ୍ଜୁଁ
ଏ଼ନାଆଁ ଏଲେଇଞ୍ଜି ମାନେସି? ଏ଼ୱାସି ଏ଼ନାଆଁ ଏଲେଇଞ୍ଜି ମାନେସି ମ଼ାମ୍ବୁ
ତେଲ୍ହାଲି ଆ଼ଡିହିଲଅମି ।” ୧୯ ସୀସୁୟାଁ ତାଙ୍ଗ ୱେଞ୍ଜାଲି ଅଣ୍ପିମାନେରି
ଇଞ୍ଜୁଁ ପୁଞ୍ଜାନା ଜୀସୁ ଏ଼ୱାରାଇଁ ଏଲେଇଚେସି, “ଗ଼ାଡ଼େକା ଢ଼େଚ ନାଙ୍ଗେ
ମେସ୍ତଅତେରି, ଅ଼ଡ଼େ ଏଚରଦିନା ହାଚି ଡ଼ାୟୁ ନାଙ୍ଗେ ମେସ୍ତାଦେରି, ନ଼ାନୁ
ଇ ଏମିନି କାତା ମିଙ୍ଗେ ୱେସ୍ତାତେଏଁ, ଏ଼ କାତାତାକି ଏ଼ନାଆଁତାକି ମୀରୁ
ବ଼ାଦିବ଼ାଦା ଆ଼ହିମାଞ୍ଜେରି? ୨୦ ନ଼ାନୁ ମିଙ୍ଗେ ସାତା ୱେସିମାଞ୍ଜାଇଁ, ମୀରୁ
ଦୁକୁଆ଼ହିଁ ଡ଼ୀଦେରି, ସାମା ଦାର୍ତି ର଼ାହାଁ କିନେ; ମୀରୁ ଦୁକୁ ଆ଼ଦେରି,
ସାମା ମୀ ଦୁକୁ ର଼ାହାଁତା ତିରି ମୀଣ୍ନେ । ୨୧ ଜାର୍ନିକିନି ଢ଼େଲା ୱ଼ାତିସାରେ
ଇୟା ଦୁକୁ ବେଟାଆ଼ନେ; ସାମା ଏ଼ଦି କକାଣାଇଁ ଜାର୍ନି କିତି ଡ଼ାୟୁ ଦାର୍ତିତା
ର଼ ମାଣ୍ସି ଜାର୍ନା ଆ଼ହାମାନେସି, ଇ ର଼ାହାଁତାକି କସ୍ତୁତି ଅଣ୍ପେଏଦେଁ
। ୨୨ ଏଲେକିହିଁଏ ମୀରୁ ନୀଏଁ ଦୁକୁ ବେଟାଆ଼ହିମାଞ୍ଜେରି, ସାମା ନ଼ାନୁ
ଅ଼ଡ଼େ ୱେଣ୍ଡେ ମିଙ୍ଗେ ତ଼ଞ୍ଜା ଆୟାଇଁ, ଅ଼ଡ଼େ ମୀ ହିୟାଁ ର଼ାହାଁ ଆ଼ନେ ଅ଼ଡ଼େ
ଆମ୍ବାଆସି ମୀ ତ଼ାଣାଟି ମୀ ର଼ାହାଁ ମୀଞ୍ଜା ଅୟଅସି ।” ୨୩ “ଏ଼ ଦିନା ମୀରୁ
ନାଙ୍ଗେ ଏ଼ନାଆଁ ୱେଞ୍ଜଅତେରି । ନ଼ାନୁ ମିଙ୍ଗେ ସାତା ୱେସିମାଞ୍ଜାଇଁ, ମୀରୁ
ଆ଼ବାଇଁ ଏ଼ନାଆଁ ରୀହ୍ଦେରି, ଏ଼ୱାସି ନ଼ା ଦ଼ରୁତଲେ ମିଙ୍ଗେ ହିୟାନେସି ।
୨୪ ନୀଏଁ ପାତେକା ନ଼ା ଦ଼ରୁତଲେ ଏ଼ନାଆଁ ରୀସା ହିଲଅତେରି; ରୀହ୍ଦୁ,
ଏ଼ନିକିଁ ମୀ ର଼ାହାଁ ଗାଡି ଆ଼ନେ, ଏ଼ଦାଆଁତାକି ମୀରୁ ଏ଼ଦାଆଁ ବେଟାଆ଼ଦେରି
।” ୨୫ “ନ଼ାନୁ ମିଙ୍ଗେ ପୁଣ୍ମ୍ବିକିନି କାତାତଲେ ଇ ବାରେ ୱେସାମାଞ୍ଜାଇଁ;
ଦିନା ୱ଼ାହିମାନେ, ଏଚିଢ଼େଲା ନ଼ାନୁ ଅ଼ଡ଼େ ପୁଣ୍ମ୍ବିକିନି କାତାତଲେ ମିଙ୍ଗେ
ୱେସ୍ତଅଁ, ଆ଼ବାତି କାତା ତୀରେତଲେ ୱେସ୍ତାଇଁ । ୨୬ ଏ଼ ଦିନା ମୀରୁ ନ଼ା
ଦ଼ରୁତଲେ ରୀହ୍ଦେରି; ଅ଼ଡ଼େ ନ଼ାନୁ ମୀ ୱାକିଟି ଆ଼ବାଇଁ ବାତିମ଼ାଲିଇଁ,
ଇ କାତା ନ଼ାନୁ ମିଙ୍ଗେ ୱେସିମାଞ୍ଜଅଁ; ୨୭ ଇଚିହିଁ ଆ଼ବା ତ଼ାନୁଏ ମିଙ୍ଗେ
ଜୀୱୁ ନ଼ହାଁମାଞ୍ଜାନେସି, ମୀରୁ ନାଙ୍ଗେ ଜୀୱୁନ଼ହିଁ ମାଞ୍ଜାଦେରି ଅ଼ଡ଼େ ନ଼ାନୁ
ମାହାପୂରୁ ତ଼ାଣାଟି ୱ଼ାହାମାଇଁ, ଏ଼ଦାଆଁ ମୀରୁ ନାମାମାଞ୍ଜେରି । ୨୮ ନ଼ାନୁ
ଆ଼ବା ତ଼ାଣାଟି ଦାର୍ତିତା ୱ଼ାହାମାଇଁ; ଦାର୍ତି ପିସାନା ୱେଣ୍ଡେ ଆ଼ବା ତ଼ାଣା
ହାଜିମାଇଁ ।” ୨୯ ଇ ହ଼ାଡା ୱେଞ୍ଜାନା ସୀସୁୟାଁ ଏ଼ୱାଣାଇଁ ଏଲେଇଚେରି,
“ନୀଏଁ ନୀନୁ ପୁଣ୍ମ୍ବିକିନି କାତା ଢ଼େମ୍ବାଆନା ତୀରେତଲେ ୱେସିମାଞ୍ଜି ।
୩୦ ନୀନୁ ବାରେ କାତା ପୁଞ୍ଜାମାଞ୍ଜି, ଆମ୍ବାଆସି ନିଙ୍ଗେ ୱେଞ୍ଜାନାୟି ଲ଼ଡ଼ା
ହିଲେଏ, ଏ଼ଦାଆଁ ନୀଏଁ ମ଼ାମ୍ବୁ ପୁଚମି; ମାହାପୂରୁ ତ଼ାଣାଟି ୱ଼ାହାମାଞ୍ଜି ଇଞ୍ଜୁଁ
ମ଼ାମ୍ବୁ ଇ କାତା ନାମି ମାନମି ।” ୩୧ ଜୀସୁ ଏ଼ୱାରାଇଁ ଏଲେଇଚେସି,
“ମୀରୁ ଏ଼ନାଆଁ ନୀଏଁ ନାମିମାଞ୍ଜେରି? ୩୨ ମେହ୍ଦୁ ଦିନା ୱ଼ାହିମାନେ,
ଏ଼ ଢ଼େଲା ୱ଼ାତେୟିଏ, ଏଚିଢ଼େଲା ମୀରୁ ଇତାଲା ଆତାଲା ଆ଼ହାନା
ବାରେଜ଼ାଣା ଜାହାରା ଇଜ ହାଜେରି, ଅ଼ଡ଼େ ନାଙ୍ଗେ ରଅତେଏଁ କିୟାଦେରି;
ଆ଼ତିଜିକେଏ ନ଼ାନୁ ରଅତେଏଁ ଆ଼ଏ, ଇଚିହିଁ ଆ଼ବା ନ଼ା ତଲେ ମାନେସି
। ୩୩ ମୀରୁ ଏ଼ନିକିଁ ନ଼ା ତ଼ାଣାଟି ହିତ୍ଡ଼ି ବେଟାଆ଼ଦେରି, ଏ଼ଦାଆଁତାକି
ନ଼ାନୁ ମିଙ୍ଗେ ଇ ବାରେ କାତା ୱେସାମାଞ୍ଜାଇଁ । ଦାର୍ତିତା ମିଙ୍ଗେତାକି
ହ଼ାରେକା ସ଼ାସ୍ତି ମାନେ, ସାମା ସ଼ାସା ଆହ୍ଦୁ; ଇଚିହିଁ ନ଼ାନୁ ଦାର୍ତିତି ଜୀଣା
ଆ଼ହାମାଇଁ ।”

**୧୭** ଜୀସୁ ଇ ବାରେ କାତା ଏଲେଇଞ୍ଜାଁ ଲାକପୂରୁ ୱାକି ସିନିକିହାନା
ଏଲେଇଚେସି, “ଆ଼ବା, ଢ଼େଲା ଆ଼ତେୟିଏ; ନୀ ମୀର୍ଏଣାଇଁ
ଗାୱୁରମି କିମୁ, ଏ଼ନିକିଁ ମୀର୍ଏସି ନିଙ୍ଗେ ଗାୱୁରମି କିୟାନେସି । ୨
ନୀନୁ ଏ଼ୱାଣାଇଁ ବାରେ ମାଣ୍ସି କୂଡ଼ାତି ମୁହେଁ ଅଦିକାରା ହୀହାମାଞ୍ଜି ।
ଅ଼ଡ଼େ ଆମ୍ବାଆରାଇଁ ଏ଼ୱାଣି କେୟୁତା କ଼ାଲାକ଼ାଲାତି ଜୀୱୁ ହୀହାଲିତାକି
ହେର୍ପାମାଞ୍ଜି ଏ଼ୱାଣାକି ବ଼ାଡ଼୍ୟୁ ହୀହାମାଞ୍ଜି । (aiōnios g166) ୩
ଅ଼ଡ଼େ ରଣ୍ଡିଏ ସାତା ମାହାପୂରୁତି ନୀନୁ, ନିଙ୍ଗେ ଅ଼ଡ଼େ ନୀ ତ଼ାଣାଟି
ପାଣ୍ଡୱିଆ଼ହାମାନି ଜୀସୁ କ୍ରୀସ୍ତୁଇଁ ପୁନାୟି ଆ଼ହିମାନେ କ଼ାଲାକ଼ାଲାତି ଜୀୱୁ
। (aiōnios g166) ୪ ନୀନୁ ନାଙ୍ଗେ ଏମିନି କାମା କିହାଲି ହୀହାମାଞ୍ଜାଦି,
ଏ଼ଦାଆଁ ନ଼ାନୁ ର଼ାପ୍ହାନା ଦାର୍ତିତା ନିଙ୍ଗେ ଗାୱୁରମି କିହାମାଞ୍ଜାଇଁ । ୫
ଏ଼ ଆ଼ବା ଦାର୍ତି ଗ଼ାଡ଼ି ଆ଼ଆ ନ଼କେଏ ନୀ ତଲେ ନ଼ା ଏମିନି ଗାୱୁରମି
ମାଚେ, ଏମ୍ବାଟି ନୀନୁ ନାଙ୍ଗେ ନୀ ତଲେ ଗାୱୁରମି କିୟାମୁ ।” ୬ “ନୀନୁ
ନାଙ୍ଗେ ଦାର୍ତି ବିତ୍ରାଟି ଏମିନି ଲ଼କୁଣି ନାଙ୍ଗେ ହୀହାମାଞ୍ଜାଦି, ନ଼ାନୁ ନୀ

ଦ଼ରୁ ଏ଼ୱାରି ନ଼କିତା ତ଼ସାମାଇଁ; ଏ଼ୱାରି ନୀ ଲ଼କୁ ମାଚେରି ଅ଼ଡ଼େ ନୀନୁ
ଏ଼ୱାରାଇଁ ନାଙ୍ଗେ ହୀହାମାଞ୍ଜାତି, ଏ଼ୱାରି ନୀ ବ଼ଲୁତି ମ଼ାନୱି ଆ଼ହାମାନେରି
। ୭ ନୀନୁ ନାଙ୍ଗେ ଏ଼ନା ଏ଼ନାଆଁ ହୀହାମାଞ୍ଜାଦି, ଏ଼ ବାରେ ନୀ ତ଼ାଣାଟି
ୱ଼ାହାମାନେ, ଈଦାଆଁ ନୀଏଁ ଏ଼ୱାରି ପୁଞ୍ଜାମାନେରି । ୮ ଇଚିହିଁ ନୀନୁ
ନାଙ୍ଗେ ହୀହାମାଞ୍ଜାନି ବ଼ଲୁ ନ଼ାନୁ ଏ଼ୱାରାକି ହୀହାମାଇଁ, ଅ଼ଡ଼େ ଏ଼ୱାରି
ଆବା ମାନେରି ଇଞ୍ଜାଁ ନ଼ାନୁ ନୀ ତ଼ାଣାଟି ୱ଼ାହାମାଇଁ, ଏ଼ଦାଆଁ ସାତା
ତଲେ ପୁଞ୍ଜାମାନେରି, ଅ଼ଡ଼େ ନୀନୁ ନାଙ୍ଗେ ପାଣ୍ତ୍ରାମାଞ୍ଜାଦି ଇଞ୍ଜେଁ ଏ଼ୱାରି
ନାମାମାନେରି ।” ୯ “ନ଼ାନୁ ଏ଼ୱାରି ତାକି ପ୍ରାତାନା କିହିମାଇଁ; ଦାର୍‌ତି ତାକି
ପ୍ରାତାନା କିହିହିଲଅଁ, ସାମା ନୀନୁ ନାଙ୍ଗେ ଏମିନି ଗାଟାରାଇଁ ହୀହାମାଞ୍ଜାଦି,
ଏ଼ୱାରି ତାକି ପ୍ରାତାନା କିହିମାଇଁ, ଇଚିହିଁ ଏ଼ୱାରି ନୀ ଲ଼କୁ; ୧୦ ଏ଼ନା
ଏ଼ନାୟି ନ଼ାଦି ମାନେ ଏ଼ ବାରେ ନୀଦି, ଅ଼ଡ଼େ ଏ଼ନା ଏ଼ନାୟି ନୀଦି ମାନେ,
ଏ଼ ବାରେ ନ଼ାଦି ଅ଼ଡ଼େ ଏ଼ୱାରି ତ଼ାଣାଟି ନ଼ାନୁ ଗାୱୁରମି ଆ଼ହିମାଇଁ ।
୧୧ ନ଼ାନୁ ଅ଼ଡ଼େ ଈ ଦାର୍‌ତିତା ଡ଼ୟିହିଲଅଁ, ସାମା ଈୱାରି ଦାର୍‌ତିତା
ଡ଼ୟିମାନେରି, ଇଞ୍ଜାଁ ନ଼ାନୁ ନୀ ତ଼ାଣା ୱ଼ାହିମାଇଁ; ସୁଦୁଗାଟି ଆ଼ବା ଆମିନି
ଗାଟାରାଇଁ ନୀ ଦ଼ରୁତି ବ଼ାଡ଼୍‌ୟୁ ତଲେ ନାଙ୍ଗେ ହେର୍‌ପା ମାଞ୍ଜାଦି ଏ଼ୱାରାଇଁ
ଗେଲ୍‌ପାମୁ, ନୀନୁ ଅ଼ଡ଼େ ନ଼ାନୁ ଏ଼ନିକିଁ ରଣ୍ତ୍ରିଏ ଆ଼ହାମାନାୟି ଏଲେକିହିଁଏ
ଏ଼ୱାରାଇଁ ଜିକେଏ ରଣ୍ତ୍ରିଏ କିହାଲି ସ଼ାୟେମି କିମୁ । ୧୨ ଏ଼ୱାରିତଲେ
ମାଚିବ଼େଲାତା ନ଼ାନୁ ଏ଼ୱାରାଇଁ ନୀ ଦ଼ରୁତଲେ ଗେଲ୍‌ପାମାଇଁ, ଆମିନି
ଦ଼ରୁ ନୀନୁ ନାଙ୍ଗେ ହୀହାମାଞ୍ଜାଦି, ଅ଼ଡ଼େ ନ଼ାନୁ ଏ଼ୱାରାଇଁ ଜାଗ୍ରାତା ତଲେ
ଗେଲ୍‌ପାମାଇଁ, ଦାର୍ମୁ ପତି ଏ଼ନିକିଁ ପୂରା ଆ଼ନେ, ଏ଼ଦାଆଁତାକି ଏ଼ୱାରି
ନ଼ାସା ଆ଼ନାୟି ମାଚି ଜିକେଏ, ରଅସି ଜିକେଏ ନ଼ାସା ଆ଼ହାହିଲଅସି
। ୧୩ ସାମା ନୀଏଁ ନ଼ାନୁ ନୀ ତ଼ାଣା ୱ଼ାହିମାଇଁ, ଅ଼ଡ଼େ ଦାର୍‌ତିତା ମାଞ୍ଜା
ମାଞ୍ଜାନା ନ଼ା ର଼ାହାଁତା ଏ଼ୱାରି ହି଼ୟାଁ ଏ଼ନିକିଁ ର଼ାହାଁ ଆ଼ନେ, ଏ଼ଦାଆଁତାକି
ନ଼ାନୁ ଈ ବାରେ କାତା ୱେସିମାଞ୍ଜାଇଁ । ୧୪ ନ଼ାନୁ ଏ଼ୱାରାକି ନୀ ବ଼ଲୁ
ହୀହାମାଇଁ, ଏ଼ଦାଆଁତାକି ଦାର୍‌ତି ଏ଼ୱାରାଇଁ ଅ଼ପିହିଲେଏ, ନ଼ାନୁ ଏ଼ନିକିଁ
ଦାର୍‌ତିଟି ୱ଼ାହାହିଲଅଁ ଏ଼ୱାରି ଜିକେଏ ଈ ଦାର୍‌ତିତାରି ଆ଼ଏ । ୧୫
ନୀନୁ ଏ଼ୱାରାଇଁ ଈ ଦାର୍‌ତିଟି ଅ଼ହିଁ ହାଲାମୁ ଇଞ୍ଜେଁ ବାତିମ଼ାଲି ମାଞ୍ଜଅଁ,
ସାମା ଏ଼ୱାରାଇଁ ଲାଗେଏତି ପ଼ାନ୍ଦ୍ୱାଟି ଗେଲ୍‌ପାମୁ ଇଞ୍ଜେଁ ବାତିମ଼ାଲିମାଞ୍ଜାଇଁ
। ୧୬ ନ଼ାନୁ ଏ଼ନିକିଁ ଦାର୍‌ତିଟି ୱ଼ାହାହିଲଅଁ, ଏ଼ୱାରି ଏଲେକିଁ ଦାର୍‌ତିଟି
ୱ଼ାହାହିଲଅରି । ୧୭ ସାତା ତଲେ ଏ଼ୱାରାଇଁ ସୁଦୁ କିମୁ, ଇଚିହିଁ ନୀ ବ଼ଲୁଏ
ସାତା । ୧୮ ନୀନୁ ଏ଼ନିକିଁ ନାଙ୍ଗେ ଦାର୍‌ତିତା ପାଣ୍ତ୍ରାମାଞ୍ଜାଦି, ନ଼ାନୁ ଜିକେଏ
ଏ଼ୱାରାଇଁ ଦାର୍‌ତିତା ପାଣ୍ତ୍ରାମାଇଁ । ୧୯ ଅ଼ଡ଼େ ଏ଼ୱାରି ଜିକେଏ ଏ଼ନିକିଁ
ସାତା ତଲେ ସୁଦୁ ଆ଼ନେରି, ଏ଼ଦାଆଁତାକି ନ଼ାନୁ ଏ଼ୱାରି ତାକି ନାଙ୍ଗେ
ସୁଦୁ କିହିମାଇଁ ।” ୨୦ “ନ଼ାନୁ ୱ଼ାର୍‌ଇ ଏ଼ୱାରି ତାକି ପ୍ରାତାନା କିହିହିଲଅଁ,
ଏ଼ୱାରି ବ଼ଲୁ ୱେଞ୍ଜାନା ଆମ୍ବାଆସି ନ଼ା ତ଼ାଣା ନାମିନେସି, ଏ଼ୱାରି ତାକି
ଜିକେଏ ପ୍ରାତାନା କିହିମାଇଁ । ୨୧ ଏ଼ନିକିଁ ଏ଼ୱାରି ବାରେ ରଣ୍ତ୍ରିଏ ଆ଼ନେରି;
ଏ଼, ଆ଼ବା ନୀନୁ ଏ଼ନିକିଁ ନ଼ା ତ଼ାଣା ମାଞ୍ଜି ଅ଼ଡ଼େ ନ଼ାନୁ ନୀ ତ଼ାଣା ମାଇଁ,
ଏ଼ୱାରି ଜିକେଏ ଏଲେକିହିଁଏ ମ଼ା ତ଼ାଣା ଡ଼ୟାପେରି, ଏ଼ନିକିଁ ନୀନୁ ନାଙ୍ଗେ
ପାଣ୍ତ୍ରାତି ଇଞ୍ଜେଁ ଦାର୍‌ତି ନାମିନେ । ୨୨ ଅ଼ଡ଼େ ନୀନୁ ନାଙ୍ଗେ ଏମିନି ଗାୱୁରମି
ହୀହାମାଞ୍ଜାଦି, ନ଼ାନୁ ଏ଼ଦାଆଁ ଏ଼ୱାରାକି ହୀହାମାଇଁ, ମ଼ାର ଏ଼ନିକିଁ ରଣ୍ତ୍ରିଏ
ଏ଼ୱାରି ଏଲେକିଁ ରଣ୍ତ୍ରିଏ ଆ଼ନେରି; ୨୩ ନୀନୁ ଏ଼ନିକିଁ ନ଼ା ତ଼ାଣା ନ଼ାନୁ
ଏଲେକିହିଁ ଏ଼ୱାରିତ଼ାଣା ଡ଼ୟିଇଁ । ଏ଼ନିକିଁ ଏ଼ୱାରି ମ଼ାନି ତଲେ ରଣ୍ତ୍ରିଏ
ଆ଼ନେରି, ଇଞ୍ଜାଁ ଦାର୍‌ତି ପୁନେ କି ନୀନୁ ନାଙ୍ଗେ ପାଣ୍ତ୍ରାମାଞ୍ଜାଦି, ନାଙ୍ଗେ
ଏ଼ନିକିଁ ଜୀୱୁ ନ଼ହିଁମାଞ୍ଜାଦି ଏ଼ୱାରାଇଁ ଜିକେଏ ଏଲେକିହିଁଏ ଜୀୱୁ ନ଼ହିଁମାଞ୍ଜି
।” ୨୪ “ଏ଼ ଆ଼ବା! ନୀନୁ ଏ଼ୱାରାଇଁ ନ଼ା କେୟୁତା ହୀହାମାଞ୍ଜାଦି । ନ଼ାନୁ
ଆମ୍ବିୟା ଡ଼ୟିଇଁ, ଏ଼ୱାରି ଜିକେଏ ଏ଼ନିକିଁ ଏମ୍ବାଆଁ ଡ଼ୟିନେରି ଅ଼ଡ଼େ
ଦାର୍‌ତି ଗ଼ାଡ଼ି ଆ଼ଆ ନ଼କେଏ ନୀନୁ ନାଙ୍ଗେ ଜୀୱୁ ନ଼ହାଁମାଞ୍ଜାନାକି ନାଙ୍ଗେ
ଏମିନି ଗାୱୁରମି ହୀହାମାଞ୍ଜାଦି, ନ଼ା ଏ଼ ଗାୱୁରମି ଏ଼ନିକିଁ ଏ଼ୱାରି ମେସାଲି
ଆ଼ଡିନେରି ଈଦି ନ଼ା ଅଣ୍‌ପୁ । ୨୫ ଏ଼ ଦାର୍ମୁଗାଟି ଆ଼ବା, ଦାର୍‌ତି ନିଙ୍ଗେ
ପୁଞ୍ଜାମାଞ୍ଜେଏ, ସାମା ନ଼ାନୁ ନିଙ୍ଗେ ପୁଞ୍ଜାମାଞ୍ଜାଇଁ; ଅ଼ଡ଼େ ନୀନୁ ନାଙ୍ଗେ
ପାଣ୍ତ୍ରାମାଞ୍ଜାଦି, ଏ଼ଦାଆଁ ଈୱାରି ପୁଞ୍ଜାମାଞ୍ଜାନେରି; ୨୬ ନୀନୁ ନାଙ୍ଗେ ଏମିନି
ଜୀୱୁ ନ଼ୱୁଟି ଜୀୱୁ ନ଼ହାଁମାଞ୍ଜାଦି, ଏ଼ଦି ଏ଼ନିକିଁ ଏ଼ୱାରିତ଼ାଣା ଡ଼ୟିନେ ଅ଼ଡ଼େ
ନ଼ାନୁ ଏ଼ୱାରିତ଼ାଣା ଡ଼ୟିଇଁ, ଏ଼ଦାଆଁତାକି ନ଼ାନୁ ଏ଼ୱାରାଇଁ ୱେସାମାଇଁ
ଅ଼ଡ଼େ ୱେହ୍‌ଇଁ ।”

୧୮ ଜୀସୁ ଈ ପ୍ରାତାନା ର଼ାପ୍‌ହି ଡ଼ାୟୁ ତାନି ସୀସୁୟାଁ ତଲେ କିଦ୍ରଣ
କାଡା ଆତାଲା ହାଚେରି, ଏମ୍ବାଆଁ ର଼ ବ଼ାଡ଼ା ମାଚେ, ଇଞ୍ଜାଁ
ଏ଼ୱାସି ତାନି ସୀସୁୟାଁ ତଲେ ଏମ୍ବାଆଁ ହ଼ଟେରି । ୨ ଏମିନି ଜୀହୁଦା
ଏ଼ୱାଣାଇଁ ସାତ୍ରୁୟାଁ କେୟୁତା ହେର୍‌ପିତେସି, ଏ଼ୱାସି ଜିକେଏ ଏ଼ ଟ଼ାୟୁତି
ପୁଞ୍ଜାମାଚେସି, ଇଚିହିଁ ଜୀସୁ ହ଼ାରେକା ପ଼ାଲି ସୀସୁୟାଁ ତଲେ ଏ଼ ଟ଼ାୟୁତା
ହାଜାମାଚେସି । ୩ ଏ଼ଦାଆଁତାକି ଜୀହୁଦା ଜାମାନାଙ୍ଗା ଇଞ୍ଜାଁ କାଜା
ପୂଜେରା ଅ଼ଡ଼େ ପାରୁସିୟାଁ ତ଼ାଣାଟି ମାହାପୂରୁ ଇଲୁତି ଜାମାନାଙ୍ଗା ଲ଼କୁ
ଦୀୱଁ, ହିଚୁ ବ଼ନ୍ଦ୍ୱାୟାଁ ଅ଼ଡ଼େ ଟେଙ୍ଗା ବ଼ାଲାୟାଁ ଆସାନା ଏମ୍ବାଆଁ ୱ଼ାତେରି । ୪
ଏମ୍ବାଟିଏ ଜୀସୁ ତାଙ୍ଗେତାକି ଏ଼ନା ଏ଼ନାଆଁ ଆ଼ହାଲି ହାଜିମାନେ ଏ଼ ବାରେ
ପୁଞ୍ଜାନା, ନ଼କିତା ହାଜାନା ଏ଼ୱାରାଇଁ ୱେଚେସି, “ମୀରୁ ଆମ୍ବାଆରାଇଁ
ପାରିମାଞ୍ଜେରି?” ୫ ଏ଼ୱାରି ଏଲେଇଚେରି, “ନ଼ାଜରିତତି ଜୀସୁ ।”
ଜୀସୁ ଏ଼ୱାରାଇଁ ଏଲେଇଚେସି, “ନ଼ାନୁ ଏ଼ୱାତେଏଁ?” ଏମିନି ଜୀହୁଦା
ଏ଼ୱାଣାଇଁ ସାତ୍ରୁୟାଁ କେୟୁତା ହେର୍‌ପିତେସି, ଏ଼ୱାସି ଜିକେଏ ଏ଼ୱାରିତଲେ
ଏମ୍ବାଆଁ ନିଚାମାଚେସି । ୬ ଜୀସୁ ଏଚିବ଼େଲା ଏ଼ୱାରାଇଁ ଏଲେଇଚେସି,
“ନ଼ାନୁ ଏ଼ୱାତେଏଁ” ଏଚିବ଼େଲା ଏ଼ୱାରି ଡ଼ାୟୁୱାକି ଗୁଚା ଆ଼ହାନା ବୂମିତା
ତର୍‌ଗା ହାଚେରି । ୭ ଜୀସୁ ୱେଣ୍ତ୍ରେ ୱେଚେସି, “ମୀରୁ ଆମ୍ବାଆରାଇଁ
ପାରିମାଞ୍ଜେରି?” ଏ଼ୱାରି ଏଲେଇଚେରି, “ନ଼ାଜରିତତି ଜୀସୁଇଁ ।” ୮ ଜୀସୁ
ଏଲେଇଚେସି, “ନ଼ାନୁ ୱେସାମାଞ୍ଜାଇଁ, ନ଼ାନୁ ଏ଼ୱାତେଏଁ । ମୀରୁ ନାଙ୍ଗେ
ପାରିମାଞ୍ଜାଦେରି ଇଚିହିଁ ଈୱାରାଇଁ ପିହ୍‌ଦୁ । ୯ ଆମ୍ବାଆରାଇଁ ନାଙ୍ଗେ
ହୀହାମାଞ୍ଜାଦି, ଏ଼ୱାରି ବିତ୍ରାଟି ରଅଣାଇଁ ଜିକେଏ ଜ଼ାକ୍‌ହା ହିଲଅଁ ।”
ଏ଼ନିକିଁ ଦାର୍ମୁ ପତିତି କାତା ସାତା ଆ଼ନେ ଏ଼ଦାଆଁତାକି ଏଲେ ଇଚେସି ।
୧୦ ସିମନ ପିତର ତାନି ତ଼ାଣା କାଣ୍ତ୍ରା ମାଚାକି ଏ଼ୱାସି କାଜା ପୂଜେରା

ହ୍‌ଲେଏଣା ଟିଃନି କିୟୁଁ ଦ୍‌ାତେସି, ଏ୍‌ୱାଣି ଦ୍‌ରୁ ମାଲ୍‌କସ୍‌ । **୧୧** ଏଚେଟିଏ ଜୀସୁ ପିତରଇଁ ଏଲେଇଚେସି, "କାଣ୍ଡା, କାଣ୍ଡା ଇଟିନି ଟ୍ରାୟୁତା ଇଟାମୁ; ନୀନୁ ଏ୍‌ନାଆଁ ଅଣ୍‌ପିମାଞ୍ଜି, ଆ୍‌ବା ମାହାପୂରୁ ନାଙ୍ଗେ ହୀହାମାଞ୍ଜାନି ଦୁକୁଡି ସ୍‌ଲାତା ଗସାଲି ଆ୍‌ଡଅଁ କି?" **୧୨** ଏମ୍ବାଟିଏ ରମିୟ୍‌ କ୍‌ସ୍‌କା, ଇଞ୍ଜାଁ ରିଜାରି କ୍‌ସ୍‌କା ମୁହେଁ କାଜାସି, ଅ୍‌ଡ଼େ ଜୀହୁଦି ଲ୍‌କୁଡି କ୍‌ସ୍‌କା ଜୀସୁଇଁ ଆସାନା ଦସ୍‌ପିତେରି । **୧୩** ଏ୍‌ୱାଣାଇଁ ଦସ୍‌ପାନା ମୂଲୁଏ ହାନାନ ତ୍‌ାଣା ଅ୍‌ତେରି, ଇଚିହିଁ ଏ୍‌ୱାସି ଏ୍‌ ବାର୍ସାତି କାଜା ପୂଜେରା କୟାପାତି ପତ୍‌ଲେଏସି ମାଚେସି । **୧୪** ଏ୍‌ କୟାପା ବାରେ ଲ୍‌କୁ ତାକି ରଅସି ହ୍‌ାନାୟି ମିଙ୍ଗେ ତାକି ନେହେଁ ଇଞ୍ଜାଁ ଜୀହୁଦି ଲ୍‌କୁଣି ୱେସାମାଚେସି । **୧୫** ସିମନ ପିତର ଅ୍‌ଡ଼େ ର୍‌ ସୀସୁ ଜୀସୁତି ଜ୍‌ଚେ ଜ୍‌ଚେ ହାଜିମାଚେରି । ଏ୍‌ ସୀସୁ କାଜା ପୂଜେରା ତଲେ ପୁଣ୍‌ମ୍ବି ଆ୍‌ହାମାଚେରି ଅ୍‌ଡ଼େ ଜୀସୁତଲେ କାଜା ପୂଜେରା ଆଂଗେଣିତା ହାଚେସି; **୧୬** ସାମା ପିତର ପାଙ୍ଗାତି ଦୁୱେରି ଦାରିତା ନିଚାନା ଡ୍‌ୟିତେସି । ସାମା ଏମିନି ସୀସୁ କାଜା ପୂଜେରା ତଲେ ପୁଣ୍‌ମ୍ବି ଆ୍‌ହାମାଚେରି, ଏ୍‌ୱାସି ପାଙ୍ଗାତା ହାଜାନା ଦୁୱେରିତା କ୍‌ାଃଆନାଣାଇଁ ଏଲେଇଞ୍ଜାନା ପିତରଇଁ ବିତ୍ରା ଅ୍‌ତେସି । **୧୭** ଏମ୍ବାଟିଏ ଦୁୱେରିତା କ୍‌ାଃଆନାଣି ହ୍‌ଲେଣି ପିତରଇଁ ଏଲେଇଚେ, "ନୀନୁ ଜିକେଏ ଏ୍‌ନାଆଁ ଇ ଲ୍‌କୁଡି ସୀସୁୟାଁ ବିତ୍ରାଟି ରଅତି ଆ୍‌ଏକି?" ପିତର ଏଲେଇଚେସି, "ନ୍‌ାନୁ ଏ୍‌ୱାତେଏଁ ଆ୍‌ଏ ।" **୧୮** ଏଚିବ୍‌େଲାତା ପେନି ଆ୍‌ହିମାଚାକି ହ୍‌ଲିୟାଙ୍ଗା ଅ୍‌ଡ଼େ କ୍‌ାଃଆନାରି ହିଚୁ ଡାସାନା ସ୍‌ାରିୱାକି ନିଚାନା କେର୍‌ଞ୍ଜି ମାଚେରି; ପିତର ଜିକେଏ ଏ୍‌ୱାରିତଲେ ନିଚାନା ହିଚୁ କେର୍‌ଞ୍ଜି ମାଚେସି । **୧୯** କାଜା ପୂଜେରା ଜୀସୁଇଁ ତାନି ଜ୍‌ାପ୍‌ନାଣି ଇଞ୍ଜାଁ ସୀସୁୟାଁତି କାତା ୱେଚେସି । **୨୦** ଜୀସୁ ଏଲେଇଚେସି, "ନ୍‌ାନୁ ବାରେ ଦାର୍‌ତିତି ନ୍‌କିତା ଡ୍‌ସାନା ଜ୍‌ାପ୍‌ହାମାଇଁ, ଆମ୍ବିୟା ବାରେ ଜୀହୁଦି ଲ୍‌କୁ କୂଡ଼ା ଆ୍‌ନେରି, ମାହାପୂରୁ ଇଲୁତା ଅ୍‌ଡ଼େ ଜୀହୁଦି ଲ୍‌କୁଡି କୁଟମି ଇଲ୍‌କାଣା, ଲ୍‌କୁ କୂଡ଼ା ଆ୍‌ହାମାନି ବ୍‌େଲାତା ନ୍‌ାନୁ ଜ୍‌ାପ୍‌ହାମାଇଁ, ଡୁକ୍‌ହାନା ଏ୍‌ନାଆଁ କିହାହିଲଅଁ । **୨୧** ନାଙ୍ଗେ ଏ୍‌ନାଆଁତାକି ୱେଞ୍ଜିମାଞ୍ଜାଦି? ନ୍‌ାନୁ ଏ୍‌ୱାରାଇଁ ଏ୍‌ନାଆଁ ଏଲେଇଞ୍ଜାମାଇଁ, ଆମ୍ବାଆରି ୱେଞ୍ଜାମାନେରି ଏ୍‌ୱାରାଇଁ ୱେନାମୁ; ନ୍‌ାନୁ ଏ୍‌ନା ଏ୍‌ନାଆଁ ଏଲେଇଞ୍ଜାମାଇଁ, ଏ୍‌ୱାରି ବାରେ ପୁଞ୍ଜାମାନେରି ।" **୨୨** ଜୀସୁ ଏଲେ ଇଞ୍ଜିମାନାଣି ୱେଞ୍ଜାନା ଦାରିତା ନିଚାମାଚି ମାହାପୂରୁ ଇଲୁ ଜାମାନାଙ୍ଗା ବିତ୍ରାଟି ରଅସି ଏ୍‌ୱାଣାଇଁ ସ୍‌ାପ୍‌ଡ଼ା ୱେଚାନା ଏଲେଇଚେସି, "ନିଙ୍ଗେ ଇଚେକା ସ୍‌ାସା କାଜା ପୂଜେରାଇଁ ଏଲେ ଇଞ୍ଜିମାଞ୍ଜି?" **୨୩** ଜୀସୁ ଏ୍‌ୱାଣାଇଁ ଏଲେଇଚେସି, "ନ୍‌ାନୁ ଲାଗେଏ ଜ୍‌ଲାମାଚିହିଁ, ଏ୍‌ ଲାଗେଏତି ପାର୍‌ମାଣା ହିୟାଦୁ; ନେହିଁ ଜ୍‌ଲାମାଇଁ ଇଚିହିଁ ଏ୍‌ନାଆଁତାକି ନାଙ୍ଗେ ୱେଚିମାଞ୍ଜାଦି?" **୨୪** ଏମ୍ବାଟିଏ ହାନାନ ଜୀସୁଇଁ ଏଲେକିହିଁଏ ଦସ୍‌ପି ଆ୍‌ହାମାନାଣାଇଁ କାଜା ପୂଜେରା କୟାପା ତ୍‌ାଣା ପାଣ୍ଡିତେସି । **୨୫** ସିମନ ପିତର ହିଚୁ ଡାଗେ ନିଚାନା ହିଚୁ କେର୍‌ଞ୍ଜି ମାଚେସି, ଏମ୍ବାଟିଏ ଏ୍‌ୱାରି ଏ୍‌ୱାଣାଇଁ ୱେଚେରି, "ନୀନୁ ଜିକେଏ ଏ୍‌ୱାଣି ସୀସୁୟାଁ ବିତ୍ରାଟି ରଅତି ଆ୍‌ଏକି?" ପିତର ଏଲେଇଚେସି, "ନ୍‌ାନୁ ଆ୍‌ଏ ।" **୨୬** ପିତର, ଏମିନି କାଜା ପୂଜେରା ହ୍‌ଲିୟାଙ୍ଗା ବିତ୍ରାଟି ରଅଣି କିୟୁଁ ଦ୍‌ାଚା ମାଚେସି, ଏ୍‌ୱାଣି କୁଟମିତାସି ଏଲେଇଚେସି, "ନ୍‌ାନୁ ନିଙ୍ଗେ ବ୍‌ାଡ଼ାତା ଏ୍‌ୱାଣିତଲେ ମାଚାଣି ମେସାମାଞ୍ଜାଆତେଏଁ କି?" **୨୭** ପିତର ଅ୍‌ଡ଼େ ୱେଣ୍ଡେ ଏଲେଇଚେସି, "ଆ୍‌ଏ ପୁଞ୍ଜାହିଲଅଁ ।" ଏଚିବ୍‌େଲାତା କୟୁ କେଣ୍‌ତେ । **୨୮** ତାନି ଅ୍‌ର ନେଚୁ ଲ୍‌ାଇ ଏ୍‌ୱାରି ଜୀସୁଇଁ କୟାପା ଇଲୁଟି ଅ୍‌ହାନା ରମିୟ୍‌ ର୍‌ାଜି ସ୍‌ାଲୱି କିନାଣି ମେଡ଼ା ଇଲୁତା ଏତେରି, ଜୀହୁଦି ଲ୍‌କୁ ମେଡ଼ା ଇଲୁ ବିତ୍ରା ହାଲାଆତେରି, ଇଚିହିଁ ଏ୍‌ଦାଆଁ ତଲେ ପିସ୍‌ପିଆ୍‌ତି ପାର୍ବୁତି ବ୍‌ଜି ତାକି ତାମ୍‌ଙ୍ଗେ ଲାଗେଏ କିହାକଡାଲି ଅଣ୍‌ପି ହିଲାଆତେରି । **୨୯** ଏ୍‌ଦାଆଁତାକି ସ୍‌ାଲୱି କିନି ପିଲାତ ଏ୍‌ୱାରିତ୍‌ାଣା ପାଙ୍ଗାତା ୱ୍‌ାହାନା ୱେଚେସି, "ଇ ମାଣ୍‌ସି କ୍‌ପାଟି ମୀ ଏ୍‌ନିଲେହେଁତି ଦାୱା ମାନେ?" **୩୦** ଏ୍‌ୱାରି ଏ୍‌ୱାଣାଇଁ ଏଲେଇଚେରି, "ଇ ମାଣ୍‌ସି ଲାଗେଏତି କାମା କିହା ହିଲାଆତିହିଁମା, ମ୍‌ାମ୍ବୁ ଏ୍‌ୱାଣାଇଁ ନୀ ତ୍‌ାଣା ତାଆତମିମା ।" **୩୧** ପିଲାତ ଏ୍‌ୱାରାଇଁ ଏଲେଇଚେସି, "ଆତିହିଁ ଇୱାଣାଇଁ ଅ୍‌ହାନା ମୀ ମେରା ତଲେ ନୀହାଁୟି କିଦୁ ।" ଜୀହୁଦିୟାଁ ଏ୍‌ୱାଣାଇଁ ଏଲେଇଚେରି, "ଆମ୍ବାଆରାଇଁ ହ୍‌ାନି ଡଣ୍ଡ ହୀହାଲି ମ୍‌ା ଅଦିକାରା ହିଲେଏ ।" **୩୨** ଜୀସୁ ଏ୍‌ନିକିଁ ହ୍‌ାହାଲି ହାଜିମାନେସି, ଏ୍‌ କାତା ଜୀସୁ ଏ୍‌ନାଆଁ ଏଲେଇଞ୍ଜାମାଚେସି, ଏ୍‌ଦି ଏ୍‌ନିକିଁ ପୂରା ଆ୍‌ନେ, ଏ୍‌ଦାଆଁତାକି ଏ୍‌ୱାରି ଏଲେଇଚେରି । **୩୩** ପିଲାତ ୱେଣ୍ଡା ମେଡ଼ା ଇଲୁ ବିତ୍ରା ହାଜାନା ଜୀସୁଇଁ ୱେଚେସି, "ଏ୍‌ନାଆଁ ନୀନୁ ଜୀହୁଦି ଲ୍‌କୁଡି ରାଜାତି?" **୩୪** ଜୀସୁ ଏଲେଇଚେସି, "ଇ କାତା ନୀ ମ୍‌ନଟି ୱେଞ୍ଜିମାଞ୍ଜାଦି କି ଏଟ୍‌କାତାରି ନ୍‌ା କାତାତି ନିଙ୍ଗେ ଏ୍‌ନାଆଁ ଏଲେଇଞ୍ଜା ମାଞ୍ଜାନେରି?" **୩୫** ପିଲାତ ଏଲେଇଚେସି, "ନୀନୁ ଏ୍‌ନାଆଁ ଅଣ୍‌ପାମାଞ୍ଜି, ନ୍‌ାନୁ ର୍‌ ଜୀହୁଦିତେଏଁ? ନୀ କୂଡ଼ାତି ଲ୍‌କୁ ଇଞ୍ଜାଁ କାଜା ପୂଜେରାଙ୍ଗା ନିଙ୍ଗେ ତାଚାନା ନ୍‌ା କେୟୁତା ହେର୍‌ପା ମାଞ୍ଜାନେରି । ୱେସ୍ତାମୁ ନୀନୁ ଏ୍‌ନାଆଁ କିହାମାଞ୍ଜି?" **୩୬** ଜୀସୁ ଏଲେଇଚେସି, ନ୍‌ା ର୍‌ାଜି ଇ ଦାର୍‌ତିତାୟି ଆ୍‌ଏ; ନ୍‌ା ର୍‌ାଜି ଦାର୍‌ତିତାୟି ଆ୍‌ତିହିଁମା, ନ୍‌ାନୁ ଜୀହୁଦି ଲ୍‌କୁତ୍‌ାଣା ହେର୍‌ପି ଆ୍‌ଆରେଟୁ ନାଙ୍ଗେ ସେବା କିୟାନାରି ନ୍‌ା ତାକି ଜୁଜୁ କିତେରିମା, ସାମା ନ୍‌ା ର୍‌ାଜି ସାତେଏ ଇ ଦାର୍‌ତିତାୟି ଆ୍‌ଏ । **୩୭** ପିଲାତ ଏ୍‌ୱାଣାଇଁ ୱେଚେସି, "ଆତିହିଁ ନୀନୁ ଜୀହୁଦି ଲ୍‌କୁଡି ରାଜାତି?" ଜୀସୁ ଏଲେଇଚେସି, "ନୀନୁ ଏଲେ ଇଞ୍ଜିମାଞ୍ଜି ନ୍‌ାନୁ ର୍‌ ରାଜାତେଏଁ । ନ୍‌ାନୁ ସାତା ୱାକିଟି ସ୍‌ାକି ହୀହାଲି ଜାର୍ନା ଆ୍‌ହାମାଇଁ ଅ୍‌ଡ଼େ ଦାର୍‌ତିତା ୱ୍‌ାହାମାଇଁ । ଆମ୍ବାଆସି ସାତାତି ମୀର୍‌ଏସି ଏ୍‌ୱାସି ନ୍‌ା କାତା ୱେନେସି ।" **୩୮** ପିଲାତ ୱେଚେସି, "ସାତା ଏ୍‌ନାୟି?" ପିଲାତ ପାଙ୍ଗାତା ହାଜାନା ଜୀହୁଦି ଲ୍‌କୁଣି ଏଲେଇଚେସି, "ନ୍‌ାନୁ ଇୱାଣି ତ୍‌ାଣା ଏ୍‌ନି ଦ୍‌ହ ବେଟାଆ୍‌ହି ହିଲଅଁ । **୩୯** ସାମା ନ୍‌ାନୁ ପିସ୍‌ପିଆ୍‌ନି ପାର୍ବୁ ବ୍‌େଲାତା ମିଙ୍ଗେତାକି କାୟିଦିତା ମାନାରାଇଁ ରଅଣାଇଁ ପିସାଲି ତାକି ମୀ ମେରା ମାନେ, ଏ୍‌ଦାଆଁତାକି ଜୀହୁଦି ଲ୍‌କୁଡି ରାଜାଇଁ ମାଙ୍ଗେତାକି ପିସା ହିୟାପେସି ଇଞ୍ଜାଁ ମୀ ମ୍‌ନ ମାନେକି?" **୪୦** ଏମ୍ବାଟିଏ ଏ୍‌ୱାରି କ୍‌ାଲୱି ଆ୍‌ହିଁ ଏଲେଇଚେରି, "ଇୱାଣାଇଁ ଆ୍‌ଏ, ସାମା ବାରବାଇଁ ପିସାହିୟାମୁ ।"

**୧୯** ଡ଼ାୟୁ ପିଲାତ ଜୀସୁଇଁ ଅ଼ହାନା ସାଟ୍‌ଣି ମାଡା କିୱି କିତେସି ।
୨ ଅ଼ଡ଼େ ରିଜାରି କ଼ସ୍‌କା ହାପ୍‌କା ଟ଼ପେରି ଆଲାନା ଜୀସୁ ତା଼ୟୁଁତା
ଇଟିତେରି, ଅ଼ଡ଼େ ଏ଼ୱାଣାଇଁ ହେୟାଁ ୱାଣା ହିମ୍ବରି ହୁଚିକିତେରି; **୩** ଏ଼ୱାରି
ଏ଼ୱାଣି ତା଼ଣା ୱା଼ହାନା ଏଲେଇଚେରି, “ଏ଼ ଜୀହୁଦିୟାଁ ରାଜା ଜହରା;”
ଇଞ୍ଜାଁ ଏ଼ୱାରି ଏ଼ୱାଣାଇଁ ସା଼ପ଼ଡ଼ା ୱେତେରି । **୪** ପିଲାତ ୱେଣ୍ତେ ପାଙ୍ଗୁତା
ହାଜାନା ଏଲେଇଚେସି, “ନା଼ନୁ ଏ଼ୱାଣି ତା଼ଣା ଏ଼ନି ଦ଼ହ ବେଟାଆ଼ହି
ହିଲଅଁ, ଇଦାଆଁ ଏ଼ନିକିଁ ମୀରୁ ପୁଞ୍ଜେରି, ଇଦାଆଁତାକି ନା଼ନୁ ଏ଼ୱାଣାଇଁ
ମୀ ତା଼ଣା ତା଼ଚିମାଇଁ ।” **୫** ଏମ୍ବାଟିଏ ଜୀସୁ ଏ଼ ହା଼ପ୍‌କା ଟ଼ପେରି ଅ଼ଡ଼େ
ହେୟାଁ ୱାଣା ହିମ୍ବରି ପର଼ହାନା ପାଙ୍ଗୁତା ୱା଼ତେସି, ପିଲାତ ଏ଼ୱାରାଇଁ
ଏଲେଇଚେସି, “ମେହ଼ଦୁ ଇୱାସି ଏ଼ ମାଣ୍‌ସି ।” **୬** ଏମ୍ବାଟିଏ କାଜା
ପୂଜେରାଙ୍ଗା ଅ଼ଡ଼େ ମାହାପୂରୁ ଇଲୁ କା଼ଃଆନି ଜାମାନାଙ୍ଗା ଏ଼ୱାଣାଇଁ
ମେସାନା କା଼ଲୱି ଆ଼ହିଁ ଏଲେଇଚେରି, “ଏ଼ୱାଣାଇଁ ପ଼ାସି ଏକ୍‌ଦୁ ପ଼ାସି
ଏକ୍‌ଦୁ ।” ପିଲାତ ଏ଼ୱାରାଇଁ ଏଲେଇଚେସି, “ମୀରୁ ଏ଼ୱାଣାଇଁ ଅ଼ହାନା
ପ଼ାସି ଏକ୍‌ଦୁ, ଇଚିହିଁ ନା଼ନୁ ଏ଼ୱାଣି ତା଼ଣା ଏ଼ନି ଦ଼ହ ବେଟାଆ଼ହି ହିଲଅଁ ।”
**୭** ଜୀହୁଦି ଲ଼କୁ ଏ଼ୱାଣାଇଁ ଏଲେଇଚେରି, “ଇଚିହିଁ ମାଙ୍ଗେ ରଣ୍ତିଏ ମେରା
ମାନେ, ଏ଼ ମେରାଲେହେଁଏ ଏ଼ୱାସି ହ଼ାନି ଡଣ୍ତ ବେଟାଆ଼ନାୟି ମାନେ,
ଇଚିହିଁ ଏ଼ୱାସି ତାଙ୍ଗେ ମାହାପୂରୁତି ମୀର୍‌ଏସି ଇଞ୍ଜାଁ ୱେସାମାନେସି ।” **୮**
ଏମ୍ବାଟିଏ ପିଲାତ ଇ କାତା ୱେଞ୍ଜାନା ଗାଡି ଆଜିତେସି । **୯** ୱେଣ୍ତେ ମେଡ଼ା
ଇଲୁତା ହାଜାନା, ଜୀସୁଇଁ ୱେଚେସି, “ନୀନୁ ଆମ୍ବିଟି ୱା଼ହାମାଞ୍ଜି?” ସାମା
ଜୀସୁ ସାପି ଆ଼ହାନା ଡ଼ୟିତେସି । **୧୦** ପିଲାତ ଏଲେଇଚେସି, “ନାଙ୍ଗେ
ଜ଼ଲିମାଞ୍ଜଅତି? ନିଙ୍ଗ ଗେଲ୍‌ପାଲି ନା଼ ଅଦିକାରା ମାନେ ଅ଼ଡ଼େ ପ଼ାସିତା
ଏକ୍‌ହାଲି ନା଼ ଅଦିକାରା ମାନେ ଇ କାତା ନୀନୁ ପୁଞ୍ଜାହିଲଅତି?” **୧୧** ଜୀସୁ
ଏଲେଇଚେସି, “ମାହାପୂରୁ ତା଼ଣାଟି ନିଙ୍ଗେ ଅଦିକାରା ହୀଆତିହିଁ, ନା଼ ଲାକ
ନୀ ଏ଼ନି ଅଦିକାରା ହିଲାଆତେମା; ଇଞ୍ଜାଁ ଆମ୍ବାଆସି ନାଙ୍ଗେ ନୀ କେୟୁତା
ହେର୍‌ପା ମାଞ୍ଜାନେସି ଏ଼ୱାଣି ପା଼ପୁ ହ଼ାରେକା ।” **୧୨** ଇ କାତା ୱେଞ୍ଜାନା
ପିଲାତ ଜୀସୁଇଁ ପିସାଲି ତାକି ଅଣ୍‌ପିତେସି, ସାମା ଜୀହୁଦି ଲ଼କୁ କା଼ଲୱି
ଆ଼ହିଁ ଏଲେଇଚେରି, “ନୀନୁ ଇୱାଣାଇଁ ପିହ଼ଦି ଆତିହିଁ ନୀନୁ କାୟିସରତି
ତ଼ଣେତି ଆ଼ଏ; ଆମ୍ବାଆସି ଜାହାରାଇଁ ରାଜା ଇନେସି ଏ଼ୱାସି କାୟିସର
କ଼ପାଟି କାତା ଜ଼ଲିମାନେସି ।” **୧୩** ପିଲାତ ଇ କାତା ୱେଞ୍ଜାନା ଜୀସୁଇଁ
ପାଙ୍ଗୁତା ୱାଲ୍‌କାତି ବେରଣିମାଣ୍ତା ତାତେରି । ଏମିନାଣି ଏବ୍ରି ହ଼ାଡାତଲେ
“ଗବ୍‌ବତା” ଇଞ୍ଜାଁ ଇନେରି, ଏ଼ ଟ଼ାୟୁଟି ବିଚାରା କିନି ଟ଼ାୟୁତା କୁଗିତେସି ।
**୧୪** ଏ଼ ଦିନା ପିସ଼ପିଆ଼ନି ପାର୍ବୁତି ତଲିତି ଦିନା ମାଚେ, ଏଚିର଼ବେଲା ଲା଼ଇ ସ଼
ଗଂଟା ଆ଼ହାମାଚେ । ଇଞ୍ଜାଁ ଏ଼ୱାସି ଜୀହୁଦି ଲ଼କୁଣି ଏଲେଇଚେସି, “ଇୱାସି
ମେହ଼ଦୁ ମୀ ରାଜା ।” **୧୫** ଏମ୍ବାଟିଏ ଏ଼ୱାରି ଏଲେଇଚେରି, “ଏ଼ୱାଣାଇଁ
ପ଼ାୟାଦୁ, ପ଼ାୟାଦୁ, ପ଼ାସି ଏକ୍‌ଦୁ ।” ପିଲାତ ଏ଼ୱାରାଇଁ ଏଲେଇଚେସି,
“ନା଼ନୁ ମୀ ରାଜାଇଁ ପ଼ାସିତା ଏକ୍‌ଇଁ?” କାଜା ପୂଜେରାଙ୍ଗା ଏଲେଇଚେରି,
“କାୟିସର ପିସ଼ପେ ମା଼ ରାଜା ଆମ୍ବାଆସି ହିଲଅସି ।” **୧୬** ଡ଼ାୟୁ ପିଲାତ
ଜୀସୁଇଁ ପ଼ାସି ମୁଣ୍ତାତା ଏକ୍‌ହାଲି ତାକି ଏ଼ୱାରି କେୟୁତା ହେର୍‌ପିତେସି,
ଇଞ୍ଜାଁ ଡ଼ାୟୁ ଏ଼ୱାରି ଜୀସୁଇଁ ଅ଼ହିଁ ହାଚେରି । **୧୭** ଏଚେଟିଏ ଏ଼ୱାରି ଜୀସୁଇଁ
ଅ଼ତେରି; ଅ଼ଡ଼େ ଜୀସୁ ଜାହାରା ପ଼ାସିମୁଣ୍ତା ଡେକାନା “ତା଼ୟୁଁଗିର୍ପା” ଇନି
ଟ଼ାୟୁତା, ଇଚିହିଁ ଏମିନାଣି ଏବ୍ରି ହ଼ାଡାତଲେ “ଗଲ୍‌ଗତା” ଇଞ୍ଜାଁ ଇନେରି
ଏମ୍ବାଆଁ ହାଚେସି । **୧୮** ଏମ୍ବାଆଁ ଏ଼ୱାରି ଜୀସୁଇଁ ପ଼ାସି ମୁଣ୍ତାତା ଏକ୍‌ହେରି,
ଏ଼ୱାଣିତଲେ ଅ଼ଡ଼େ ରିଆରାଇଁ ପ଼ାସି ମୁଣ୍ତାତା ଏକ୍‌ହେରି, ରିକୱାକି ରିଆରି
ଅ଼ଡ଼େ ମାଦିଏ ଜୀସୁ । **୧୯** ଅ଼ଡ଼େ ପିଲାତ ର଼ ଆ଼କୁତା ରା଼ଚାନା ପ଼ାସିମୁଣ୍ତା
ଲାକ ଆଟିକିତେସି, ଏମ୍ବାଆଁ ରା଼ସ୍‌କି ଆ଼ହାମାଚେ, “ନା଼ଜରିତତି ଜୀସୁ
ଜୀହୁଦିୟାଁ ରାଜା ।” **୨୦** ଜୀହୁଦିୟାଁ ବିତ୍ରାଟି ହ଼ାରେକା ଏ଼ ଆ଼କୁତି ପ଼ଡ଼ୱି
ଆ଼ତେରି, ଇଚିହିଁ ଜୀସୁଇଁ ଏମିନିତା଼ଣା ପ଼ାସି ଏପ୍‌କି ଆ଼ହାମାଚେ, ଏ଼ଦି
ଗା଼ଡ଼ା ଡାଗେ ମାଚେ; ଇଞ୍ଜାଁ ଏ଼ ଆ଼କୁ ଏବ୍ରି, ଲାଟିନ୍ ଅ଼ଡ଼େ ଗ୍ରିକ୍ ହ଼ାଡାତଲେ
ରା଼ସ୍‌କି ଆ଼ହାମାଚେ । **୨୧** ଜୀହୁଦି ଲ଼କୁତି କାଜା ପୂଜେରାଙ୍ଗା ପିଲାତଇଁ
ଏଲେଇଚେରି, “ଜୀହୁଦିୟାଁ ରାଜା ଇଞ୍ଜାଁ ରା଼ଚାଆନା, ନା଼ନୁ ଜୀହୁଦି ଲ଼କୁତି
ରାଜା ଇଞ୍ଜାମାଚେସି ଇଞ୍ଜାଁ ରା଼ଚାମୁ ।” **୨୨** ସାମା ପିଲାତ ଏଲେଇଚେସି,
“ନା଼ନୁ ଏ଼ନାଆଁ ରା଼ଚାମାଇଁ ଏଲେକିହିଁଏ ଡ଼ୟିନେ ।” **୨୩** ରିଜାରି କ଼ସ୍‌କା
ଜୀସୁଇଁ ପ଼ାସିତା ଏକ୍‌ହି ଜ଼େଚ ଏ଼ୱାଣି ହିମ୍ବରିକା ଅ଼ହାନା ସା଼ରି ବ଼ାଗା
କିତେରି, ର଼ ର଼ କ଼ହ଼ଏଁଣାକି ରଣ୍ତାଲାକା, ଅ଼ଡ଼େ ଏ଼ୱାଣି ଲାମ୍ବା ସକା ଜିକେଏ
ଅ଼ତେରି । ଏ଼ ଲାମ୍ବା ସକା ତାଚାନା ହେର଼କି ଟିଏ ପାଃଆନା କଡାୟାଁ
ପାଡେକା କିୱି ଆ଼ହାମାଚେ । **୨୪** ଏ଼ଦାଆଁତାକି ଏ଼ୱାରି ଏଲେଇଚେରି,
“ଇଦାଆଁ ଗେହ଼ଆପ, ସାମା ଇଦି ଆମ୍ବାଆରାୱାୟି ଆ଼ନେ, ଏ଼ଦାଆଁତାକି
ପାଦି କିନ ।” ଏ଼ନିକିଁ ଦାର୍ମୁ ପତିତି କାତା ପୂରା ଆ଼ନେ, “ଏ଼ୱାରି ତାମି
ବିତ୍ରା ନା଼ ହିମ୍ବରିକା ବ଼ାଗା କିତେରି, ଅ଼ଡ଼େ ନା଼ ଲାମ୍ବା ସକାତାକି ପାଦି
କିତେରି ।” ରିଜାରି କ଼ସ୍‌କା ସମାନା ଏଲେକିହିଁଏ କିତେରି । **୨୫** ସାମା
ଜୀସୁତି ପ଼ାସିମୁଣ୍ତା ଡାଗେ ତାମି ଇୟା, ତାମି ଇୟାନି ତାଙ୍ଗି, କ୍ଲପାତି ଡକ୍ରି
ମରିୟମ ଅ଼ଡ଼େ ମଗ୍‌ଦଲିନି ମରିୟମ ନିଚାମାଚୁ । **୨୬** ଜୀସୁ ତାମି ଇୟା
ଅ଼ଡ଼େ ଏମିନି ସୀସୁଇଁ ଜୀୱୁ ନ଼ହିଁମାଚେସି, ଏ଼ୱାସି ଡାଗେ ନିଚାମାନାଣି
ମେସାନା ଏଲେଇଚେସି, “ଏ଼ ଇୟା ମେହ଼ମୁ ନୀ ମୀର୍‌ଏସି!” **୨୭** ଡ଼ାୟୁ
ଜୀସୁ ଏ଼ ସୀସୁଇଁ ଏଲେଇଚେସି, “ଇଦି ମୀ ଇୟା ।” ଏ଼ ଦିନାଟିଏ ଏ଼
ସୀସୁ ଜୀସୁତି ଇୟାନି ତାମି ଇଜ ଅ଼ତେସି । **୨୮** ଡ଼ାୟୁ ଜୀସୁ ଦାର୍ମୁ ପତିତି
ବ଼ଲୁ ଏ଼ନିକିଁ ପୂରା ଆ଼ନେ, ଏ଼ଦାଆଁତାକି ବାରେ ରା଼ହାମାନେ ଇଞ୍ଜାଁ ପୁଞ୍ଜାନା
ଏଲେଇଚେସି, “ନାଙ୍ଗେ ଏ଼ସ୍‌କି ହ଼ଚିମାଞ୍ଜାନେ ।” **୨୯** ଏମ୍ବାଆଁ ପୁଲାଏ଼ୟୁ
ନେଞ୍ଜାମାନି ର଼ ଡ଼କା ମାଚେ; ଏ଼ୱାରି ଏମ୍ବାଆଁ ର଼ ଡ୍ରାଃଆଲି ମୁସାନା ବା଼ଲାଟି
ମୁନୁତା ରୂପାନା ଜୀସୁତି ଗୂଟିତା ହୀତେରି । **୩୦** ଏଚେଟିଏ ଜୀସୁ ଏ଼
ପୁଲାଏ଼ୟୁ ଗସାନା ଏଲେଇଚେସି, “ରା଼ହାହାଚେ” ଏଲେଇଞ୍ଜାନା ତା଼ୟୁଁ
ଲେସାନା ହ଼ାତେସି । **୩୧** ପ଼ାସି ଏପ୍‌କି ଆ଼ହାମାନାରି କଡାୟାଁ ଡିକ୍‌ହାନା
ଏ଼ୱାରି ହ଼ାଡି ମାଡ଼ହାଡି ପ଼ାସି ମୁଣ୍ତାଟି ରେପ଼ହା ତାଚାଲି ଜୀହୁଦି ଲ଼କୁଇଁ
କାଜାରି ପିଲାତଇଁ ବାତିମା଼ଲିତେରି, ଇଚିହିଁ ଏ଼ ଦିନା ସୁକ୍ରି ତାନି ଅ଼ର ଦିନା
ସୁଦୁ ଜ଼ମିନି ଦିନାତା ହ଼ାଡି ମାଡ଼ହା ପ଼ାସିମୁଣ୍ତା ଲାକ ପିସାଲି ଏ଼ୱାରି ମ଼ନ
କିହିହିଲାଆତେରି । **୩୨** ଇଞ୍ଜାଁ ରିଜାରି କ଼ସ୍‌କା ୱା଼ହାନା ଜୀସୁତଲେ ପ଼ାସି

ମୁଣ୍ଡାତା ଏକ୍‌ହାମାଚି ରିଆରି କଡାୟାଁ ଡିକ୍‌ହେରି । ୩୩ ସାମା ଏ଼ୱାରି
ଜୀସୁ ତ଼ାଣା ୱ଼ାହାନା ଏ଼ୱାସି ହ଼ାହାମାନାଣି ମେସ୍ତେରି, ଏ଼ଦାଆଁତାକି ଏ଼ୱାରି
ଏ଼ୱାଣି କଡାୟାଁ ଡିକ୍‌ଆତେରି । ୩୪ ଆ଼ତିଜିକେଏ କ଼ସ୍‌କା ବିତ୍ରାଟି ରଅସି
ଜୀସୁତି ପାଡ଼୍‌କା ଟଟତା ବ଼ାଲା ତଲେ ଗ୍ଲାକ୍‌ହେସି ଇଞ୍ଜ୍ଞା ଦେବୁଣିଏ ଏମ୍ବାଟି
ଏ଼ୟୁ ଅ଼ଡେ଼ ନେତେରି ହ଼ତେ । ୩୫ ଆମ୍ବାଆସି ମେସାମାନେସି, ଏ଼ୱାସି
ସା଼କି ହୀହାମାନେସି, ଏ଼ନିକିଁ ମୀରୁ ଜିକେଏ ନାମିଦେରି; ଇଞ୍ଜ୍ଞା ଏ଼ୱାଣି
ସା଼କି ସାତା, ଏ଼ୱାସି ସାତା ୱେସାମାନେସି ଇ କାତା ଏ଼ୱାସି ପୁଞ୍ଜ୍ଞାମାନେସି
। ୩୬ ଇଚିହିଁ ଦାର୍ମୁ ପଟିତି କାତା ପୂରା ଆ଼ହାଲିତାକି ଇ ବାରେ ଆ଼ତେ,
"ଏ଼ୱାଣି ର଼ ଡୁମୁ ଜିକେଏ ଡିକ୍‌ଅରି ।" ୩୭ ଦାର୍ମୁ ପଟିତି ଅ଼ର କାତା
ଇଦି, "ଏ଼ୱାରି ଆମ୍ବାଆରାଇଁ ବ଼ାଲା ତଲେ ଗ୍ଲାକ୍‌ହା ମାଚାରି ଜିକେଏ
ଏ଼ୱାଣାଇଁ ସିନିକିନେରି ।" ୩୮ ଇଦାଆଁ ଡ଼ାୟୁ ହାରାମାତିୟାତି ଜସେପ
ଇନାସି ପିଲାତ ତ଼ାଣା ହାଜାନା ଜୀସୁତି ଆଙ୍ଗ୍ଲ ଅ଼ହାଲି ବାଡିମ଼ାଲିତେସି ।
ଇ ଜସେପ ଜୀସୁତି ର଼ ସୀସୁ ମାଚେସି, ସାମା ଜୀହୁଦି ଲ଼କୁତି କାଜାରି
ଆଜିତାକି ଡୁଗାନା ମାଚେସି, ପିଲାତ ଏ଼ୱାଣାଇଁ ହେଲ ହୀହାଲିଏ ଏ଼ୱାସି
ଜୀସୁତି ଆଙ୍ଗ୍ଲ ମୁସାଲି ଅ଼ତେସି । ୩୯ ଏ଼ୱାଣିତଲେ ନିକଦିମ ମାଚେସି ।
ଇ ନିକଦିମ ର଼ ଦିନା ଲ଼ାଆଁୟାଁ ଜୀସୁତଲେ କାତା ଆ଼ହାଲି ୱ଼ାହାମାଚେସି,
ଏ଼ ନିକଦିମ କଡେ଼ଦସ ର଼କେଜି ଗାନ୍ଧା ନିୟୁଁ ତାଚିହିଁ ୱ଼ାହାମାଚେସି । ୪୦
ଏ଼ୱାରି ଜୀସୁତି ଆଙ୍ଗ୍ଲ ଅ଼ହାନା ଜୀହୁଦି ଲ଼କୁତି ମୁହ଼ନି ର଼ମେରା ତଲେ
ଏ଼ଦାଆଁ ଗାନ୍ଧା ନିୟୁଁତଲେ ପ଼ାତାଡ଼ା ହିମ୍ବରି ରୂପିତେରି । ୪୧ ଜୀସୁ ଏମିନି
ଟ଼ାୟୁତା ପ଼ାସି ମୁଣ୍ଡାତା ଏପ୍‌କି ଆ଼ହାମାଚେସି ଏ଼ ଦାରିତା ର଼ ବ଼ାଡ଼ା ମାଚେ,
ଏ଼ ବିତ୍ରା ର଼ ପୁଽନି ମାହ଼ଣି ମାଣ୍ଡା ମାଚେ, ଏମ୍ବାଆଁ ନ଼କେଏ ଆମ୍ବାଆରାଇଁ
ଇଟ୍‌ୱି ଆ଼ହାହିଲାଆତେ । ୪୨ ଏ଼ ଦିନା ଜୀହୁଦି ଲ଼କୁତି ଜ଼ମିନି ଦ଼ାନାତି
ନ଼କିତି ଦିନା ମାଚାକି, ଗାଡି ହେକ ହାଲାଆନା ଏ଼ୱାରି ଜୀସୁତି ଆଙ୍ଗ୍ଲ
ଅ଼ହାନା ମାହ଼ଣି ମାଣ୍ଡାତା ଇଟିତେରି ।

# ୨୦

ୱ଼ାରାତି ମୂଲୁ ଦିନା ଲ଼ାଇ ଲ଼ାଇ ଆନେ୍ଦରି ମାଞ୍ଜ୍ଞା ମାଞ୍ଜ୍ଞାନା
ମଗ୍‌ଦଲିନି ମରିୟମ ମାହ଼ଣି ମାଣ୍ଡା ଦାରିତା ୱ଼ାହାନା ଏମ୍ବାଟି
ୱାଲି ଗୁଚା ଆ଼ହାମାନାଣି ମେସ୍ତେ । ୨ ଇଞ୍ଜ୍ଞା ଏ଼ଦି ହଟି ହଟି ହାଜାନା
ସିମନ ପିତର ଆମ୍ବାଆରାଇଁ ଜୀସୁ ଜୀୱୁ ନ଼ହିଁମାଚେସି, ଏ଼ ସୀସୁୟାଁଇଁ
ଏଲେଇଚେ, "ଆମ୍ବାଆରି ପ୍ରବୁଇଁ ମାହ଼ଣି ମାଣ୍ଡାଟି ଅ଼ହାମାନେରି, ଇଞ୍ଜ୍ଞା
ଆମ୍ବିୟା ଇଟାମାନେରି ଏ଼ଦାଆଁ ମ଼ାମୁ ପୁଞ୍ଜ୍ଞାହିଲଅମି ।" ୩ ଇ କାତା
ୱେଞ୍ଜ୍ଞାନା ପିତର ଅ଼ଡେ଼ ଅ଼ର ସୀସୁ ମାହ଼ଣି ମାଣ୍ଡା ୱାକି ହଟେରି । ୪
ଏ଼ୱାରି ରିଆରି ରହେଁଏ ହଟେରି, ଅ଼ର ସୀସୁ ପିତରଇଁ ଡ଼ାୟୁ ପିସାନା
ତଲିଏ ମାହ଼ଣି ମାଣ୍ଡା ଏତେସି । ୫ ଏ଼ୱାସି ବଙ୍ଗ୍ଲାହାଁ ଏମିନି ପ଼ାତାଡ଼ା
ହିମ୍ବରି ଆଙ୍ଗ୍ଲାତା ରୂପା ମାଚେରି ଏମ୍ବାଆଁ ରିହାମାଚାଣି ମେସ୍ତେସି, ସାମା
ବିତ୍ରା ହାଲାଆତେସି । ୬ ଡ଼ାୟୁ ସିମନ ପିତର ଜିକେଏ ୱ଼ାତେସି ଇଞ୍ଜ୍ଞା
ମାହ଼ଣି ମାଣ୍ଡା ବିତ୍ରା ହ଼ଡାନା ସିନିକିତେସି ଏମ୍ବାଆଁ ପ଼ାତାଡ଼ା ହିମ୍ବରିକା
ମାନୁ, ୭ ଇଞ୍ଜ୍ଞା ତାନି ତ଼ାୟୁଁତା ଦସାମାଚି ଏ଼ ପ଼ାତାଡ଼ା ହିମ୍ବରିକା ତଲେ
ହିଲାଆତେ ଏ଼ଦି ଏଟ୍‌କା ମାଚେ । ୮ ଏଚିର଼ବେଲା ଏମିନି ସୀସୁ ତଲିଏ
ମାହ଼ଣି ମାଣ୍ଡା ଡାଗେ ୱ଼ାହାମାଚେସି, ଏ଼ୱାସି ଜିକେଏ ବିତ୍ରା ହ଼ଡାନା
ମେସ୍ତେସି ଅ଼ଡେ଼ ନାମିତେସି; ୯ ଇଚିହିଁ ହ଼ାତାରି ବିତ୍ରାଟି ଏ଼ୱାଣାକି ନିଙ୍ଗ୍ଲି
ଆ଼ନେ, ଦାର୍ମୁ ପଟିତି ଇ ବ଼ଲୁ ଏଚେ ପାତେକା ତେଲ୍‌ହା ହିଲାଆତେରି
। ୧୦ ଡ଼ାୟୁ ସୀସୁୟାଁ ୱେଣ୍ଡେ ଇଜ ହାଚେରି । ୧୧ ସାମା ମରିୟମ
ଡ଼ୀହି ଡ଼ୀହି ପାଙ୍ଗ୍ଲାତା ନିଚା ଡ଼ୟିତେ; ଇଞ୍ଜ୍ଞା ଡ଼ୀହି ଡ଼ୀହି ବଙ୍ଗ୍ଲାହାଁ ମାହ଼ଣି
ମାଣ୍ଡା ବିତ୍ରା ସିନିକିତେ, ୧୨ ଜୀସୁତି ଆଙ୍ଗ୍ଲ ଏମିନି ଟ଼ାୟୁତା ଇଟ୍‌କି
ଆ଼ହାମାଚେ, ଏମ୍ବାଆଁ ତ଼ାୟୁଁ ୱାକି ରଅସି ଅ଼ଡେ଼ କଡାୟାଁ ୱାକି ରଅସି
ଦବ୍‌ଲା ହିମ୍ବରିକା ପର଼ହାନା ରିଆରି ଦୂତୁୟାଁ କୁଗାମାନାଣି ମେସ୍ତେ । ୧୩
ଏ଼ୱାରି ଏ଼ଦାନି ଏଲେଇଚେରି, "ଏ଼ ଇୟା ଏ଼ନାଆଁତାକି ଡ଼ୀହିମାଞ୍ଜି?" ଏ଼ଦି
ଏ଼ୱାରାଇଁ ଏଲେଇଚେ, "ଆମ୍ବାଆରି ନ଼ା ପ୍ରବୁଇଁ ଅ଼ହାମାନେରି, ଅ଼ଡେ଼
ଏ଼ୱାଣାଇଁ ଆମ୍ବିୟା ଇଟାମାନେରି ପୁଞ୍ଜ୍ଞାହିଲଅଁ ।" ୧୪ ଏ଼ଦି ଏଲେଇଞ୍ଜ୍ଞାନା
ଡ଼ାୟୁୱାକି ସିନିକିହାନା ଜୀସୁଇଁ ମେସ୍ତେ, ସାମା ଏ଼ୱାସି ଜୀସୁ ପୁଞ୍ଜ୍ଞାଲି
ଆ଼ଡାଆତେ । ୧୫ ଜୀସୁ ଏ଼ଦାନି ଏଲେଇଚେସି, "ଏ଼ ଇୟା ଏ଼ନାଆଁତାକି
ଡ଼ୀହିମାଞ୍ଜି? ଆମ୍ବାଆରାଇଁ ପାରିମାଞ୍ଜି?" ଏ଼ଦି ଏ଼ୱାଣାଇଁ ବ଼ାଡ଼ା ଗାଟାସି
ଇଞ୍ଜ୍ଞା ଅଣ୍‌ପାନା ଏଲେଇଚେ, "ବ଼ାବୁ ନୀନୁ ଏ଼ୱାଣାଇଁ ଅ଼ହାମାଞ୍ଜି ଇଚିହିଁ
ଆମ୍ବିୟା ଇଟାମାଞ୍ଜି, ନାଙ୍ଗେ୍ଲ ୱେସ୍ତାମୁ ନ଼ାନୁ ଅ଼ଇଁ ।" ୧୬ ଜୀସୁ ଏ଼ଦାନି
ଏଲେଇଚେସି, "ମରିୟମ!" ମରିୟମ ଏ଼ୱାଣି ୱାକି ସିନିକିହାନା ଏବ୍ରି
ହ଼ାଡାତଲେ ଏଲେଇଚେ, "ରାବ୍‌ବୁନି" ଇଚିହିଁ ଏ଼ ଗୁରୁ । ୧୭ ଜୀସୁ ଏ଼ଦାନି
ଏଲେଇଚେସି, "ନାଙ୍ଗେ୍ଲ ଆସା ଇଟାଲି ଅଣ୍‌ପାଆନି, ଇଚିହିଁ ନ଼ାନୁ ନୀଏଁ
ପାତେକା ଆ଼ବା ତ଼ାଣା ହାଜାହିଲଅଁ; ସାମା ନ଼ା ତାୟିୟାଁ ତ଼ାଣା ହାଜାନା
କାବୁ ହୀମୁ, ନ଼ାନୁ ନ଼ା ଆ଼ବା ମୀ ଆ଼ବା ନ଼ା ମାହାପୂରୁ ମୀ ମାହାପୂରୁ ତ଼ାଣା
ହାଜିମାଇଁ ।" ୧୮ ମଗ୍‌ଦଲିନି ମରିୟମ ହାଜାନା, ନ଼ାନୁ ପ୍ରବୁଇଁ ମେସାମାଇଁ
ଏ଼ୱାସି ନାଙ୍ଗେ୍ଲ ଇ ବାରେ କାତା ୱେସାମାଞ୍ଜ୍ଞାନେସି ଇଞ୍ଜ୍ଞା ସୀସୁୟାଁଇଁ
କାବୁ ହୀତେ । ୧୯ ଏ଼ ଦିନା ଇଚିହିଁ ୱ଼ାରାତି ତଲିତି ଦିନା ମିଡ଼୍‌ଅଲା
ର଼ବେଲା ଏ଼ଚେତା ସୀସୁୟାଁ ଏମିନି ଇଲୁତା ଜୀହୁଦି ଲ଼କୁତି ଆଜିତାକି
ଦ଼ାରାୟାଁ ସୁଣ୍ଡାମାଚେରି, ଏଚିର଼ବେଲା ଜୀସୁ ୱ଼ାହାନା ମାଦିଏ ନିଚାନା
ଏଲେଇଚେସି, "ମିଙ୍ଗେ୍ଲ ହିଡ଼୍‌ଡ଼ି ଆୟାପେ ।" ୨୦ ଏ଼ୱାସି ଏଲେଇଞ୍ଜ୍ଞାନା
ତାନି କେସ୍କା, ପାଡ଼୍‌କା ଡ଼ଇକା ତ଼ସ୍ତେସି, ଏମ୍ବାଟିଏ ସୀସୁୟାଁ ପ୍ରବୁଇଁ
ମେସାନା ର଼ାହାଁ ଆ଼ତେରି । ୨୧ ଜୀସୁ ୱେଣ୍ଡେ ଏଲେଇଚେସି, "ମିଙ୍ଗେ୍ଲ
ହିଡ଼୍‌ଡ଼ି ଆୟାପେ ଆ଼ବା ଏ଼ନିକିଁ ନାଙ୍ଗେ୍ଲ ପାଣ୍ଡାମାଞ୍ଜ୍ଞାନେସି, ନ଼ାନୁ ଜିକେଏ
ମିଙ୍ଗେ୍ଲ ଏଲେକିହିଁଏ ପାଣ୍ଡିମାଞ୍ଜ୍ଞାଇଁ ।" ୨୨ ଏଲେଇଞ୍ଜ୍ଞାନା ଏ଼ୱାରି ଲାକ
ର଼ନେଞ୍ଜ୍ଞାନା ଏଲେଇଚେସି, "ସୁଦୁଜୀୱୁଇଁ ଆବାକଡାଦୁ, ୨୩ ମୀରୁ ମାଣ୍ସିୟାଁ
ପ଼ାପୁ ମ୍ଲେକ୍‌ହିସାରେ, ମାହାପୂରୁ ଜିକେଏ ଏ଼ୱାରି ପ଼ାପୁ ମ୍ଲେକ୍‌ନେସି; ଇଞ୍ଜ୍ଞା
ଆମ୍ବାଆରି ପ଼ାପୁ ମ୍ଲେକ୍‌ଅତେରି, ଇଚିହିଁ ଏ଼ୱାଣି ପ଼ାପୁ ମେଣ୍ଡେ୍ଗଏ ।" ୨୪
ସାମା ଜୀସୁ ଏଚିର଼ବେଲା ୱ଼ାହାମାଚେସି, ଏଚିର଼ବେଲାତା ବ଼ାରଜ଼ାଣା ବିତ୍ରା
ଡ଼ମା ଆମ୍ବାଆରାଇଁ ଦିଦୁମ ଇନେରି, ଏ଼ୱାସି ଏ଼ୱାରିତଲେ ହିଲାଆତେସି
। ୨୫ ଏଟ୍‌କାତି ସୀସୁୟାଁ ଏଲେଇଚେରି, "ମ଼ାମୁ ଜୀସୁଇଁ ମେସ୍ତମି ।"
ଇଞ୍ଜ୍ଞା ଏ଼ୱାସି ଏ଼ୱାରାଇଁ ଏଲେଇଚେସି, "ଏ଼ୱାଣି କେୟୁତି କୁଟିୟାଁ ସିନା

ମେହ୍‌ଆତିହିଁ ଅ଼ଡ଼େ ଏ଼ ବାରେ ତ଼ାଣା ନ଼ା ୱାଞ୍ଜୁ ଉହ୍‌ଆନା ଇଞ୍ଜ଼ୁଁ ଏ଼ୱାଣି
ପାଡ଼୍‌କା ଡ଼ଇକା ଡୀଗାଆନା ନ଼ାନୁ ଏଚେଲା ଜିକେଏ ନାମଅଁ ।” ୨୬
ଆ଼ଟାଦିନା ଜ଼େଚ ତାନି ସୀସୁୟ଼ାଁ ଏ଼ ଇଲୁତେଏ ମାଚେରି, ଅ଼ଡ଼େ ତ଼ମା
ଜିକେଏ ଏ଼ୱାରିତଲେ ମାଚେସି, ଦ଼ାରାୟ଼ାଁ ସୁଣ୍ତୁକି ଆ଼ହାମାଚୁ, ସାମା ଜୀସୁ
ୱ଼ାହାନା ଏ଼ୱାରି ମାଦି ନିଚାନା ଏଲେଇଚେସି, “ମିଙ୍ଗେ ହିତ୍‌ଡ଼ି ଆୟ଼ାପେ
।” ୨୭ ଡ଼ାୟୁ ଏ଼ୱାସି ତ଼ମାଇଁ ଏଲେଇଚେସି, “ଇମ୍ବାଆଁ ନୀ ୱାଞ୍ଜୁ ଉସାନା
ସିନିକିମୁ, କେୟୁ ଦ଼ାସାନା ନ଼ା ପାଡ଼୍‌କା ଡ଼ଇକା ଡୀଗାମୁ; ଆନାମାନା
ଆ଼ଆନା ନାମାମୁ ।” ୨୮ ତ଼ମା ଜୀସୁଇଁ ଏଲେଇଚେସି, “ନ଼ା ପ୍ରବୁ ନ଼ା
ମାହାପୂରୁ ।” ୨୯ ଜୀସୁ ଏ଼ୱାଣାଇଁ ଏଲେଇଚେସି, “ନୀନୁ ନାଙ୍ଗେ ମେସାନା
ନାମିମାଞ୍ଜାଦି, ଆମ୍ବାଆରି ମେହ୍‌ଆନା ନାମିନେରି ଏ଼ୱାରି ନେହେଁ ।” ୩୦
ଜୀସୁ ସୀସୁୟ଼ାଁ ନ଼କିତା ହ଼ାରେକା କାବାଆ଼ନି କାମାୟ଼ାଁ କିହାମାଚେସି,
ଏ଼ୱି ବାରେ ଇ ପତିତା ର଼ାସ୍‌କି ଆ଼ହାହିଲାଉ; ୩୧ ସାମା ମୀରୁ ଏ଼ନିକିଁ
ନାମିଦେରି, ଜୀସୁ ମାହାପୂରୁ ମୀର୍‌ଏସି ମସିହା, ଇ କାତା ନାମାହାଁ ଏ଼ନିକିଁ
ମୀରୁ ଏ଼ୱାଣି ଦ଼ରୁଟି ଜୀୱୁ ବେଟାଆ଼ଦେରି, ଏ଼ଦାଆଁତାକି ଇ ବାରେ ର଼ାସ୍‌କି
ଆ଼ହାମାନେ ।

## ୨୧

ଇଦାଆଁ ଡ଼ାୟୁ ଜୀସୁ ତିବିରିୟା ସାମ୍‌ଦୁରି ଗାଟୁତା ସୀସୁୟ଼ାଁଇଁ
ୱେଣ୍ତେ ତ଼ଞ୍ଜାଆ଼ତେସି; ୨ ଏମ୍ବାଆଁ ସିମନ ପିତର ତ଼ମା
ଆମ୍ବାଆରାଇଁ ଦିଦୁମ ଇନେରି, ଗାଲିଲିତି କାନା ଗା଼ଡ଼ାତି ନିତନିୟେଲ,
ଜେବଦିତି ମୀର୍‌କା ଅ଼ଡ଼େ ତାନି ସୀସୁୟ଼ାଁ ବିତ୍ରାଟି ରିଆରି କୂଡ଼ା
ଆ଼ହାମାଚେରି । ୩ ସିମନ ପିତର ଏ଼ୱାରାଇଁ ଏଲେଇଚେସି, “ନ଼ାନୁ
ମୀଣ୍‌କା ଆସାଲି ହାଜିମାଇଁ ।” ଏ଼ୱାରି ଏ଼ୱାଣାଇଁ ଏଲେଇଚେରି, “ମ଼ାମ୍ବୁ
ଜିକେଏ ନୀ ତଲେ ୱ଼ାନମି ।” ଏ଼ୱାରି ହାଜାନା ଡଂଗତା ହ଼ତେରି,
ଏ଼ ଲ଼ାଆଁୟ଼ାଁ ଏ଼ୱାରି ଏ଼ନାଆଁ ଜିକେଏ ବେଟାଆ଼ଆତେରି । ୪ ସାମା
ଜୁଲୁପୁଲୁ ଆ଼ହାଲିଏ ଜୀସୁ ଗାଟୁତା ନିତେସି; ଆ଼ତିଜିକେଏ ଏ଼ୱାସି ଜୀସୁ
ଇଞ୍ଜ଼ୁଁ ସୀସୁୟ଼ାଁ ପୁନାଆତେରି । ୫ ଜୀସୁ ଏ଼ୱାରାଇଁ ଏଲେଇଚେସି, “ଏ଼
କକାତେରି ମୀ ତ଼ାଣା ଏ଼ନାଆଁ ମୀଣ୍‌କା ମାନୁ କି?” ଏ଼ୱାରି “ଆ଼ଏ”
ଇଚେରି । ୬ ଏ଼ୱାସି ଏ଼ୱାରାଇଁ ଏଲେଇଚେସି, “ଡଂଗତି ଟିଂଟନିୱାକି
ଜ଼ାଲା ମେତ୍‌ଦୁ, ଆତିହିଁ ମୀରୁ ବେଟାଆ଼ଦେରି ।” ଏମ୍ବାଟିଏ ଏ଼ୱାରି ଜ଼ାଲା
ମେତ୍‌ହେରି, ଏମ୍ବାଆଁ ଇଚେକା ମୀଣ୍‌କା ୱ଼ାତୁ ଏ଼ୱାରି ଏ଼ଦାଆଁ ରେଜାଲି
ଆ଼ଡାଆତେରି । ୭ ଏମ୍ବାଟିଏ ଜୀସୁ ଏମିନି ସୀସୁଇଁ ଜୀୱୁ ନ଼ହିଁମାଚେସି,
ଏ଼ ପିତରଇଁ ଏଲେଇଚେରି, “ଈୱାସିତ ପ୍ରବୁ ।” ସିମନ ପିତର ଇ କାତା
ୱେଞ୍ଜାନା ଡୁମ୍‌ଣ୍ଡା ମାଚାକି ତାନି ସକା ତୁର୍‌ହାନା ସାମ୍‌ଦୁରିତା ଡ଼େୱିତେସି;
୮ ସାମା ଏଟ୍‌କାତି ସୀସୁୟ଼ାଁ ନେଞ୍ଜାମାନି ମୀଣ୍‌କା ଜ଼ାଲାତି ରେଜି ରେଜି
ଡଂଗତି ଗାଟୁତା ତାତେରି, ଇଚିହିଁ ଏ଼ୱାରି ଗାଟୁଟିଏ ହ଼ାରେକା ହେକ
ହାଜା ହିଲାଆତେରି । ୯ ଏ଼ୱାରି ସାମ୍‌ଦୁରି ଗାଟୁତା ର଼େଚାନା, ଏମ୍ବାଆଁ
ରୀଙ୍ଗାୟ଼ାଁତି ହିଚୁ ଇଞ୍ଜ଼ୁଁ ହିଚୁ ଲାକ ମୀଣ୍‌କା ଅ଼ଡ଼େ ରୂଟି ଇଟାମାନାଣି
ମେସ୍ତେରି । ୧୦ ଜୀସୁ ଏ଼ୱାରାଇଁ ଏଲେଇଚେସି, “ମୀରୁ ନୀଏଁ ଏମିନି
ମୀଣ୍‌କା ଆସାମାଞ୍ଜେରି ଏମ୍ବାଟି ଇଚରା ତାଚିହିଁ ୱ଼ାଦୁ ।” ୧୧ ସିମନ
ପିତର ହାଜାନା ସ଼ାତାକ଼ଡ଼ି ର଼େରଗଟା ମୀଣ୍‌କା ମାଚି ଜ଼ାଲାତି ଗାଟୁତା
ରେଜା ତାତେସି; ଇଚେକା ମୀଣ୍‌କା ତାକି ଜିକେଏ ଜ଼ାଲା ଡାମ୍ବାଆତେ
। ୧୨ ଜୀସୁ ଏ଼ୱାରାଇଁ ଏଲେଇଚେସି, “ୱ଼ାଦୁ ତିଞ୍ଜୁ ।” ସୀସୁୟ଼ାଁ ବିତ୍ରାଟି
ଆମ୍ବାଆରି ଏ଼ୱାଣାଇଁ ନୀନୁ ଆମ୍ବାଆତି ଇଞ୍ଜ଼ୁଁ ୱେଞ୍ଜାଲି ସ଼ାସା କିଆତେରି,
ଇଚିହିଁ ଏ଼ୱାସି ପ୍ରବୁ ଇ କାତା ଏ଼ୱାରି ପୁଞ୍ଜାମାଚେରି । ୧୩ ଜୀସୁ ୱ଼ାହାନା
ରୂଟି ଅ଼ହାନା ହୀତେସି, ଇଞ୍ଜ଼ୁଁ ମୀଣ୍‌କା ଜିକେଏ ଏଲେକିହିଁଏ ହୀତେସି
। ୧୪ ଜୀସୁ ହ଼ାକିଟି ନିଙ୍ଗିତି ଡ଼ାୟୁ ଇଦି ତୀନି ପ଼ାଲି ତାକି ସୀସୁୟ଼ାଁଇଁ
ତ଼ଞ୍ଜାଆ଼ତେସି । ୧୫ ଏ଼ୱାରି ତିଞ୍ଜାଲି ଆ଼ଡିତି ଜ଼େଚ ଜୀସୁ ସିମନ ପିତରଇଁ
ୱେଚେସି, “ଏ଼ ଜହନତି ମୀର୍‌ଏଣା ସିମନ ଏ଼ନାଆଁ ନୀନୁ ନାଙ୍ଗେ ଈୱାରି
କିହା ହ଼ାରେକା ଜୀୱୁ ନ଼ହିଁମାଞ୍ଜାଦି?” ଏ଼ୱାସି ଏଲେଇଚେସି, “ଏ଼ ପ୍ରବୁ ନ଼ାନୁ
ନିଙ୍ଗେ ଜୀୱୁନ଼ହିଁ ମାଞ୍ଜାଇଁ ନୀନୁ ଏ଼ଦାଆଁ ପୁଞ୍ଜାମାଞ୍ଜି ।” ଜୀସୁ ଏ଼ୱାଣାଇଁ
ଏଲେଇଚେସି, “ନ଼ା ର଼େଣ୍ତା ଡ଼ାଲ୍‌କାଣି ତୀହ୍‌ମୁ ।” ୧୬ ଜୀସୁ ୱେଣ୍ତେ ରୀ
ପ଼ାଲି ତାକି ୱେଚେସି, “ଏ଼ ଜହନତି ମୀର୍‌ଏଣା ସିମନ ଏ଼ନାଆଁ ନୀନୁ
ନାଙ୍ଗେ ଜୀୱୁ ନ଼ହିଁମାଞ୍ଜାଦି?” ଏ଼ୱାସି ଏଲେଇଚେସି, “ଏ଼ ପ୍ରବୁ ନ଼ାନୁ
ନିଙ୍ଗେ ଜୀୱୁନ଼ହିଁ ମାଞ୍ଜାଇଁ ନୀନୁ ଏ଼ଦାଆଁ ପୁଞ୍ଜାମାଞ୍ଜି ।” ଏ଼ୱାସି ଏ଼ୱାଣାଇଁ
ଏଲେଇଚେସି, “ନ଼ା ର଼େଣ୍ତାୟ଼ାଁଣି ପ଼ହିକିମୁ ।” ୧୭ ଜୀସୁ ଅ଼ଡ଼େ ତୀନି
ପ଼ାଲି ତାକି ୱେଚେସି, “ଏ଼ ଜହନତି ମୀର୍‌ଏଣା ସିମନ ଏ଼ନାଆଁ ନୀନୁ
ନାଙ୍ଗେ ଜୀୱୁ ନ଼ହିଁମାଞ୍ଜାଦି?” ଏଲେଇଞ୍ଜି ତୀନି ପ଼ାଲି ୱେଞ୍ଜାଲିଏ ଏ଼ୱାସି
ଦୁକୁ ଆ଼ହାନା ଏଲେଇଚେସି, “ଏ଼ ପ୍ରବୁ ନୀନୁ ବାରେ ପୁଞ୍ଜାମାଞ୍ଜି; ନ଼ାନୁ
ନିଙ୍ଗେ ଜୀୱୁନ଼ହିଁ ମାଞ୍ଜାଇଁ, ଏ଼ଦାଆଁ ନୀନୁ ପୁଞ୍ଜାମାଞ୍ଜି ।” ଜୀସୁ ଏ଼ୱାଣାଇଁ
ଏଲେଇଚେସି, “ନ଼ା ର଼େଣ୍ତାୟ଼ାଁଣି ଜାତ୍‌ନୁ ଅ଼ମୁ ।” ୧୮ ନ଼ାନୁ ମିଙ୍ଗେ ସାତା
ୱେସିମାଞ୍ଜାଇଁ, ନୀନୁ ଦାଂଗ୍‌ଣା ମାନି ର଼େଲାତା ନୀ ଟେଡେଲି ରୂପା କଡାନା
ଆମ୍ବିୟ଼ାୱାକି ନୀ ମ଼ନ ଏନିକା ର଼େଜିମାଚି, ସାମା ବୁଡ଼୍‌ହା ଆ଼ତିହିଁ ନୀନୁ ନୀ
କେସ୍କା ଦ଼ାହ୍‌ଦି ଇଞ୍ଜ଼ୁଁ ଅ଼ର ରଅସି ନୀ ଟେଡେଲିତା ଦସାନା ଆମ୍ବିୟ଼ା ନୀ
ମ଼ନ ହିଲେଏ ଏନିକା ରେଜା ଅୟ଼ାନେସି । ୧୯ ପିତର ଏ଼ନିଲେହେଁତି
ହ଼ାକି ତଲେ ମାହାପୂରୁଇଁ ଗାୱୁରମି କିନେସି, ଏ଼ଦାଆଁ ପୁଣ୍‌ମ୍ବି କିହାଲି
ଏଲେଇଞ୍ଜାମାଚେସି । ଏଲେଇଚି ଡ଼ାୟୁ ଏ଼ୱାସି ଏ଼ୱାଣାଇଁ ଏଲେଇଚେସି,
“ନ଼ା ଜ଼େଚ ୱ଼ାମୁ ।” ୨୦ ଜୀସୁ ଏମିନି ସୀସୁଇଁ ଜୀୱୁ ନ଼ହିଁମାଚେସି, ଅ଼ଡ଼େ
ଲ଼ାଆଁୟ଼ାଁ ବ଼ଜି ର଼େଲାତା ତାନି ବକତା ଲାବାନା ପ୍ରବୁ ନିଙ୍ଗେ ଆମ୍ବାଆସି
ସାତୁୟ଼ାଁ କେୟୁତା ହେର୍‌ପାନେସି ଇଞ୍ଜ଼ୁଁ ୱେଞ୍ଜାମାଚେସି, ଏ଼ ସୀସୁ ଜ଼େଚ
ୱ଼ାହିମାନାଣି ପିତର ୱେଣ୍ତେ ତିର୍‌ୱାନା ମେସ୍ତେସି । ୨୧ ପିତର ଏ଼ୱାଣାଇଁ
ମେସାନା ଜୀସୁଇଁ ୱେଚେସି, “ପ୍ରବୁ ଈୱାଣି କାତା ଏ଼ନାଆଁ ଇଞ୍ଜିମାଞ୍ଜି?”
୨୨ ଜୀସୁ ଏ଼ୱାଣାଇଁ ଏଲେଇଚେସି, “ନ଼ା ୱ଼ାନି ଦିନା ପାତେକା ଡ଼ୟ଼ାପେସି
ଇଞ୍ଜ଼ୁଁ ନ଼ାନୁ ମ଼ନ କିଇଁ, ଆତିହିଁ ଏମ୍ବାଆଁ ନୀଦି ଏ଼ନାୟି ମାନେ? ନୀନୁ ନ଼ା
ଜ଼େଚ ୱ଼ାମୁ ।” ୨୩ ଏମ୍ବାଟିଏ ଏ଼ ସୀସୁ ହ଼ାଅସି, ଇ କାତା ତାୟିୟ଼ାଁ ବିତ୍ରା
ୱେଙ୍ଗାହାଚେ, ସାମା ଏ଼ୱାସି ହ଼ାଅସି ଇଞ୍ଜ଼ୁଁ ଜୀସୁ ଏ଼ୱାଣାଇଁ ଏଲେଇଞ୍ଜା
ହିଲାଆତେସି, ସାମା ନ଼ା ୱ଼ାନି ଦିନା ପାତେକା ଏ଼ୱାସି ଡ଼ୟ଼ାପେସି ଇଞ୍ଜ଼ୁଁ
ନ଼ାନୁ ମ଼ନ କିଇଁ, ଆତିହିଁ ଏମ୍ବାଆଁ ମୀ ଏ଼ନାୟି ମାନେ ଇଞ୍ଜ଼ୁଁ ୱେସାମାଚେସି

। ୨୪ ଆମ୍ବାଆସି ଈ ବାରେ ସା଼କି ହୀହିମାନେସି, ଅ଼ଡ଼େ ଈ ବାରେ
ରା଼ଚାମାନେସି, ଏ଼ୱାସି ଏ଼ ସୀସୁ; ଅ଼ଡ଼େ ଏ଼ୱାଣି ସା଼କି ସାତା ଇଦାଆଁ
ମା଼ମ୍ବୁ ପୁଞ୍ଜାମାନମି । ୨୫ ଜୀସୁ ହା଼ରେ ହା଼ରେକା କାମାୟାଁ କିହାମାଚେସି;
ଏ଼ ବାରେ ରଣ୍ଡା ରଣ୍ଡାଆଁ କିହିଁ ରା଼ଚିତିହିଁମା, ଇଚେକା ପତିୟାଁ ରା଼ସ୍କି
ଆ଼ତୁମା, ଇଚିହିଁ ନା଼ ଅଣ୍ପୁତା ବାରେ ଦାର୍ତିତା ଜିକେଏ ଏ଼ ବାରେ ଇଟାଲି
ଟା଼ୟୁ ଆ଼ଆତେମା ।

# କାମା

୧ ଏ଼ ଜୀୱୁତି ତିୟପିଲ, ନ଼ା ମୂଲୁତି ପତିତା ଇ ବାରେ କାତା ରା଼ଚାମାଇଁ,
ଜୀସୁ ଏମିନି କାମା ମା଼ଟ୍‌ହେସି ଅ଼ଡ଼େ ଜା଼ପ୍‌ହେସି, ୨ ଏ଼ ଦିନା
ପାତେକା ଏ଼ୱାସି ପାଣ୍ତୱି ଆ଼ତାରାଇଁ ଆ଼ଚାମାଚେସି, ସୁଦୁଜୀୱୁ ତଲେ
ହୁକୁମି ହୀହାନା ଲାକପୂରୁ ଅ଼ୱି ଆ଼ହାମାଚେସି । ୩ ଏଚେଟିଏ ଜୀସୁ
ତାନି ଦୁକୁ ବେଟାଆ଼ତି ଡ଼ାୟୁ ହ଼ାରେକା ଦିନା ଏ଼ୱାସି ଜୀୱୁତଲେ ମାଚେସି
ଇଦାଆଁ ପାଣ୍ତୱି ଆ଼ହାମାନାରି ତା଼ଣା ପାର୍‌ମାଣା କିତେସି, ଇଞ୍ଜାଁ ରୀ
କ଼ଡ଼ି ଦିନା ପାତେକା ହ଼ାରେକା ଦେବା ଡ଼ଞ୍ଜାଆ଼ହାନା ମାହାପୂରୁ ରା଼ଜିତି
କାତା ଜା଼ପ୍‌ହେସି । ୪ ର଼ ଦିନା ଏ଼ୱାରି ରଣ୍ତିଏ ତା଼ଣା ତିଞ୍ଜାଲି କୂଡ଼ା
ଆ଼ହାମାଚି ର଼େବେଲାତା ଜୀସୁ ଏ଼ୱାରାକି ଇ ହୁକୁମି ହୀତେସି; "ମୀରୁ
ଜିରୁସାଲମ ପିସାଁ ଆମ୍ବ୍ରିୟା ହାଲାଆଦୁ, ସାମା ମୀରୁ ମାହାପୂରୁ ଆ଼ବାତି
ଆ଼ଞ୍ଜାମାନାଣି ନ଼ା ତା଼ଣାଟି ୱେଞ୍ଜା ମାଞ୍ଜେରି, ଏ଼ଦାଆଁ ପା଼ଣ୍ନି ପାତେକା
କା଼ଚାନା ଡ଼ୟାଦୁ; ୫ ଇଚିହିଁ ଜହନ ଏ଼ୟୁତା ବାପ୍ତିସ୍ମ ହୀତେସି ସାତା, ସାମା
ମୀରୁ ଏଚରଦିନା ଜେଚ ସୁଦୁଜୀୱୁ ତଲେ ବାପ୍ତିସ୍ମ ବେଟାଆ଼ଦେରି ।" ୬ ର଼
ଦିନା ପାଣ୍ତୱି ଆ଼ତାରି ରୁଣ୍ତା ଆ଼ହାମାଚି ର଼େବେଲା ଜୀସୁଇଁ ୱେଚେରି, "ପ୍ରବୁ
ନୀନୁ ଏ଼ନାଆଁ ନୀଏଁ ଇସ୍ରାୟେଲ କେୟୁତା ଅ଼ଡ଼େ ୱେଣ୍ତେ ଇ ରା଼ଜିତି
ହେର୍‌ପିଦି?" ୭ ଜୀସୁ ଏ଼ୱାରାଇଁ ଏଲେଇଚେସି, "ଆମିନି ଦିନା ଅ଼ଡ଼େ
କା଼ଲା ନ଼ା ଆ଼ବା ତାନି ଅଦିକାରାତା ଇଟାମାନେସି, ଏ଼ ବାରେ ମିଞ୍ଜେ
ପୁଞ୍ଜାଲି ଲ଼ଡ଼ା ଆ଼ଏ । ୮ ସାମା ସୁଦୁଜୀୱୁ ମୀ ତା଼ଣା ୱା଼ତିସାରେ, ମୀରୁ
ବା଼ଡ଼୍‌ୟୁ ବେଟାଆ଼ଦେରି, ଇଞ୍ଜାଁ ଜିରୁସାଲମ ବାରେ ଜୀହୁଦା ଦ଼େସା ଇଞ୍ଜାଁ
ସମିରଣତା ଅ଼ଡ଼େ ବୂମି ମୁଟ୍‌ପେ ତାକି ନ଼ା ସା଼କି ଆ଼ଦେରି ।" ୯ ଏ଼ୱାସି ଇ
ବାରେ କାତା ୱେସ୍ତି ଡ଼ାୟୁ ଏ଼ୱାରି ମେସ୍‌ପନିଏ ଜୀସୁ ଲାକପୂରୁ ହାଚେସି,
ଅ଼ଡ଼େ ଇଚାୟି ଦୂନ୍କା ଏ଼ୱାଣାଇଁ ଏ଼ୱାରି ତା଼ଣାଟି ଅ଼ହିଁ ହାଚେ, ଏ଼ୱାରି ଅ଼ଡ଼େ
ଏ଼ୱାଣାଇଁ ମେହ୍‌ଆତେରି । ୧୦ ଏ଼ୱାସି ଲାକପୂରୁ ହାଜାଲିଏ ଜିକେଏ
ଏ଼ୱାରି ହ଼ାଗୁୱାକି ମୂମ୍ବୁ କିହାନା ସିନିକିହି ମାନେରି; ଏଚି଼ବେଲା ଦବ୍‌ଲା
ହିମ୍ବ୍ରିକା ହୁଚାମାନି ରିଆରି ଦେବୁଣିଏ ଏ଼ୱାରି ନ଼କିତା ନିତେରି, ୧୧ ଇଞ୍ଜାଁ
ଏ଼ୱାରି ଏଲେଇଚେରି "ଏ଼ ଗାଲିଲିତି ଲ଼କୁତେରି, ଏ଼ନାଆଁତାକି ହ଼ାଗୁୱାକି
ମୂମ୍ବୁ କିହାନା ନିଚାମାଞ୍ଜେରି? ଇ ଆମିନି ଜୀସୁ ମୀ ତା଼ଣାଟି ଲାକପୂରୁ
ଅ଼ୱିଆ଼ତେସି, ଏ଼ୱାଣାଇଁ ଏ଼ନିକିଁ ଲାକପୂରୁ ହାଚାଣି ମୀରୁ ମେସ୍ତେରି,
ଅ଼ଡ଼େ ଏଲେକିହିଁଏ ୱେଣ୍ତେ ୱା଼ନାଣି ମେହ୍‌ଦେରି ।" ୧୨ ଏମ୍ବାଟିଏ ଡ଼ାୟୁ
ଏ଼ୱାରି ଜୀତ ଇନି ହ଼ରୁ ଲାକଟି ଜିରୁସାଲମତା ୱେଣ୍ତାୱା଼ତେରି, ଏ଼ ଜୀତ
ହ଼ରୁଟିଏ ଜିରୁସାଲମ ର଼ କିଲମିଟର ହେକ ମାଚେ । ୧୩ ଇଞ୍ଜାଁ ଏ଼ୱାରି
ପିତର, ଜହନ, ଜାକୁବ, ଆନ୍ଦ୍ରିୟ, ପିଲିପ, ତ଼ମା, ବାର୍ତଲମି, ମାତିୟୁ,
ଆଲେପି ମୀର୍‌ଏସି ଜାକୁବ, ଦ଼େସାତି ଜୀୱୁ ନ଼ନି ସିମନ ଅ଼ଡ଼େ ଜାକୁବ
ମୀର୍‌ଏସି ଜୀହୁଦା, ଗା଼ଡ଼ାତା ଏଜାନା, ଏମିନି ଲାକନି ଇଲୁତା ବାସା
ଆ଼ହାମାଚେରି, ଏମ୍ବାଆଁ ହାଚେରି । ୧୪ ଏ଼ୱାରି ବାରେଜ଼ାଣା ଇୟାସିକା
ତଲେ ଇଞ୍ଜାଁ ଜୀସୁତି ଇୟା ମରିୟମ ଅ଼ଡ଼େ ତାମି ତାୟିୟାଁ ତଲେ ରଣ୍ତିଏ
ଅଣ୍‌ପୁ ତଲେ ପ୍ରାତାନା କିହିଁ ରୁଣ୍ତା ଆ଼ହାମାଚେରି । ୧୫ ଏଚରଦିନା
ଡ଼ାୟୁ ନାମିତାରି କୂଡ଼ା ଆ଼ହାମାଚେରି, ଏମ୍ବାଆଁ ସ଼ କ଼ଡ଼ି ଜା଼ଣା ଲ଼କୁ କୂଡ଼ା
ଆ଼ହାମାଚେରି, ପିତର ତାୟିୟାଁ ବିତ୍ରାଟି ନିଚାନା ଏଲେଇଚେସି, ୧୬
"ଜୀୱୁତି ତାୟିୟାଁ ଅ଼ଡ଼େ ତାଙ୍ଗିସ୍କା, ଆମିନି ଇସ୍କାରିୟତ ଜୀହୁଦା ଜୀସୁଇଁ
ସାତୁୟାଁ କେୟୁତା ଆସ୍‌ପି କିହାଲିତାକି ଜିରୁ ତ଼ସାମାଚେସି, ଏ଼ୱାଣି
ତାକି ସୁଦୁଜୀୱୁ ନ଼କେଏ ଦାୱୁଦ ଗୃତିଟି ଏ଼ନାଆଁ ୱେସାମାଚେସି, ଏ଼
ଦାର୍ମୁ ସା଼ସ୍ତେରି ପୂରା ଆ଼ନାୟି ମାଚେ; ୧୭ ଇଚିହିଁ ଏ଼ୱାସି ମା଼ ବିତ୍ରାଟି
ରଅସି ଇଞ୍ଜାଁ ଏଜିକିୱି ଆ଼ହିମାଚେସି, ଅ଼ଡ଼େ ଇ ର଼େବା କାମାତା ପା଼ଣା
ବେଟାଆ଼ହା ମାଚେସି ।" ୧୮ ଇ ଇସ୍କାରିୟତ ଜୀହୁଦା ଲାଗେଏ କାମା
କିତି ଡାବୁୟାଁ ତଲେ ରଚାଣି ବୂମି କଡ଼୍‌ୱି ଆ଼ହାମାଚେ, ଅ଼ଡ଼େ ଏ଼ୱାସି ହ଼ାତି
ତା଼ଣା ତା଼ୟୁଁ ଡ଼ଇ କିହିଁ ତର୍‌ଗାଲିଏ ତାନି ବାଣ୍ତି ଡ଼ାୟାହାଚେ ଇଞ୍ଜାଁ ୱାହିୟାଁ
ହ଼ଚାହାଚୁ । ୧୯ ଅ଼ଡ଼େ, ଇଦାଆଁ ଜିରୁସାଲମ ଗା଼ଡ଼ାତା ବାସା କିହିମାନି
ଲ଼କୁ ବାରେ ପୁଞ୍ଜାଲିଏ ଏ଼ ବୂମିତି ଏ଼ୱାରି ହ଼ାଡାତଲେ "ହକଲ୍‌ଦାମା"
ଇଚିହିଁ "ନେତେରି ବୂମି" ଇଞ୍ଜାଁ ୱେଞ୍ଜିତେ । ୨୦ ଅ଼ଡ଼େ ପା଼ଚୁ ପତିତା ରା଼ସ୍‌କି
ଆ଼ହାମାନେ, "ଏ଼ୱାଣି ବାସାଟା଼ୟୁ ୱାର୍‌ଆୟି ଆ଼ପେ; ଏମ୍ବାଆଁ ଆମ୍ବାଆରି
ବାସା କିଆପେରି ।" ଅ଼ଡ଼େ ଜିକେଏ ରା଼ସ୍‌କି ଆ଼ହାମାନେ; "ଏ଼ୱାଣି କାମାତି
ପା଼ଣା ଅ଼ର ରଅସି ବେଟା ଆ଼ପେସି ।" ୨୧ "ଏ଼ଦାଆଁତାକି, ପ୍ରବୁ ଜୀସୁ
ୱେଣ୍ତେ ନିଙ୍ଗିତି କାତା ସା଼କି ଆ଼ହାଲି ଅ଼ର ରଅସି ମା଼ ତଲେ ଆଣ୍ତାନାୟି
ମାନେ । ୨୨ ଜୀସୁ ଜହନ ତା଼ଣାଟି ବାପ୍ତିସ୍ମ ଅ଼ତି ର଼େବେଲାଟିଏ ଲାକପୂରୁ
ହାନି ପାତେକା ପ୍ରବୁ ଜୀସୁ ମା଼ ତଲେ ନୀଡାମାଚି ର଼େବେଲାତା, ଆମିନି
ଲ଼କୁ ମା଼ ଗଚିତା ମାଚେରି, ଏ଼ୱାରି ତା଼ଣାଟି ରଅସି ୱେଣ୍ତେ ନିଙ୍ଗିନି ସା଼କି
ଆ଼ନାୟି ମାନେ ।" ୨୩ ଏଚେଟିଏ ଏ଼ୱାରି ରିଆରାଇଁ ଇଚିହିଁ ଜସେପଇଁ,
ଆମ୍ବାଆରାଇଁ ବର୍ସବା ଇନେରି ଅ଼ଡ଼େ ଆମ୍ବାଆରି ହ଼ାଟା ଦ଼ରୁ ଜୁସ୍ତ ଏ଼ୱାଣାଇଁ
ଇଞ୍ଜାଁ ମତିୟଇଁ ବାଚି କିହାନା, ୨୪ ଇ ପ୍ରାତାନା କିତେରି, "ପ୍ରବୁ ନୀନୁ
ବାରେତି ହିୟାଁତି ଅଣ୍‌ପୁ ପୁନାତି, ଜୀହୁଦା ଏମିନି ଟା଼ୟୁତା ଡ଼ୟିନାୟି
ମାନେ ଏ଼ୱାସି ହାଜାଲିଏ, ଏ଼ୱାଣି ଟା଼ୟୁତା ଇ ରିଆରି ବିତ୍ରାଟି ନୀ ତା଼ଣାଟି
ଆ଼ଚିତାସି ଆମ୍ବାଆସି, ୨୫ ଏ଼ ପାଣ୍ତୱି ଆ଼ହାମାନାରି ର଼େବା କାମା କିହାଲି
ଆମ୍ବାଆରାଇଁ ଜୀହୁଦା ପା଼ଣାତା ବାଚି କିହାମାଞ୍ଜି ତ଼ସ୍ତାମୁ ।" ୨୬ ଅ଼ଡ଼େ
ଏ଼ୱାରି ଏ଼ ରିଆରି ତାକି ପାଦି କିହାଲିଏ ମତିୟ ଦ଼ରୁତଲେ ଆ଼ତେ; ଅ଼ଡ଼େ
ଏ଼ୱାସି ଏଗାର ଜ଼ାଣା ପାଣ୍ତୱି ଆ଼ହାମାନାରି ଗଚିତା ଆଣ୍ତିତେସି ।

୨ ପେନ୍ତିକସ୍ତ ଦିନାତା କ୍ରୀସ୍ତଇଁ ନାମିତି ବାରେଜ଼ାଣା ର଼ ଟା଼ୟୁତା ରୁଣ୍ତା
ଆ଼ହାମାଚେରି । ୨ ଏ଼ ଦେବୁଣିଏ କାଜା ଗା଼ଲି ୱା଼ହିମାନି ଲେହେଁ
ର଼ ହ଼ାଡା ଲାକପୂରୁଟି ୱା଼ହାଁ, ଆମିନି ଇଲୁତା ଏ଼ୱାରି କୁଗାମାଚେରି, ଏ଼
ଇଲୁତି ବାରେୱାକି ର଼େଞ୍ଜିତେ । ୩ ଇଞ୍ଜାଁ ହିଚୁ ଗୁଦ୍‌ୱା ଲେହେଁ ଡ଼ଞ୍ଜାଆ଼ହାନା
ଏ଼ୱାରି ନ଼କିତା ରଣ୍ତି ରଣ୍ତି ଆ଼ହିଁ ଏ଼ ବାରେଜ଼ା଼ଣାତି ଲାକ ର଼େଚାୱା଼ତେ । ୪
ଏମ୍ବାଟିଏ ଏ଼ୱାରି ବାରେଜ଼ା଼ଣା ସୁଦୁଜୀୱୁ ବେଟାଆ଼ହାନା ଏ଼ ଜୀୱୁ ଏ଼ନିକିଁ
ଜ଼ଲାଲି ବା଼ଡ଼୍‌ୟୁ ହୀତେ, ଏଲେକିଁ ଏ଼ୱାରି ଏଟ୍‌କା ଏଟ୍‌କା ହ଼ାଡାତଲେ
ଜ଼ଲାଲି ମା଼ଟ୍‌ହେରି । ୫ ଏଚି଼ବେଲାତା ପେନ୍ତିକସ୍ତ ପାର୍ବୁତାକି ହ଼ାଗୁ ଡ଼ଇତି

ଏଟ୍‌କା ଏଟ୍‌କା ଡ଼େସାଟି ୱା଼ହାମାଚି ଜୀହୁଦି ଲ଼କୁ ଜିରୁସାଲମତା ଡ଼ୟା
ମାଚେରି; ୬ ଅ଼ଡେ଼, ଏ଼ ହା଼ଡା ୱେଞ୍ଜାଲିଏ, ହା଼ରେକା ଲ଼କୁ କୂଡ଼ା ଆ଼ହାନା
ବାରେଜା଼ଣା ଜାହା ଜାହାରା ହା଼ଡାତଲେ ଏ଼ୱାରି ଜ଼ଲିମାନାଣି ୱେଞ୍ଜାନା
କାବା ଆ଼ହାହାଚେରି । ୭ ଇଞ୍ଜଁ ଏ଼ୱାରି ଆଡାଜାକା ଅ଼ଡେ଼ କାବାଆ଼ହାନା
ଏଲେଇଚେରି, "ମେହ୍‌ଦୁ ଇ ଆମିନି ଲ଼କୁ ହା଼ଡା ଜ଼ଲିମାନେରି, ଏ଼ୱାରି
ବାରେ ଗାଲିଲିତାରି ଆ଼ଏକି? ୮ ଆତିହିଁ, ମା଼ର ଏ଼ନିକିଁ ବାରେଜା଼ଣା ଜାହା
ଜାହାରା ଜାର୍ନା ଟା଼ୟୁତି ହା଼ଡାତଲେ ଜ଼ଲିମାନାଣି ୱେଞ୍ଜିମାନାୟି? ୯
ପାର୍ତିୟ, ମାଦିୟ, ଏଲାମିୟ, ଅ଼ଡେ଼ ମେସପଟାମିୟାଁ, ଜୀହୁଦା ଡ଼େସା,
କାପାଦକିୟା; ପନ୍ତ ଅ଼ଡେ଼ ଆସିୟା, ୧୦ ପୁର୍ଗିୟା, ପଂପୁଲିୟା, ମିସର
ଇଞ୍ଜଁ କୁରିଣି ଦାରିତା ଡ଼ଇନି ଲିବିୟା ନା଼ସ୍‌କାଣାଁ ବାସା କିନାରି, ଇଞ୍ଜଁ
ର଼ମ୍‌ଟି ୱା଼ହାମାନି ଜୀହୁଦି, ୧୧ ଅ଼ଡେ଼ ଏଟ୍‌କା କୂଡ଼ାତି ଲ଼କୁ ଜୀହୁଦି
ଦାର୍ମୁତି ନାମାହାଁ ଡ଼ୟାମାନାରି; ଅ଼ଡେ଼ କ୍ରିତି ଇଞ୍ଜଁ ଆରବିୟ ଡ଼େସାତି
ଲ଼କୁତାୟି ମା଼ର, ମା଼ର ଜାହା ଜାହାରା ହା଼ଡାତଲେ ମାହାପୂରୁତି କାଜା
କାଜା କାମାତି କାତା ଜ଼ଲିମାନାଣି ୱେଞ୍ଜିମାନାୟି ।" ୧୨ ଅ଼ଡେ଼ ବାରେଜା଼ଣା
ଆଡାଜାକା ଅ଼ଡେ଼ କାବାଆ଼ହାନା ତା଼ମ୍ବୁ ତା଼ମ୍ବୁ ହା଼ଡାକାତା ଆ଼ତେରି,
"ଇଦାଣି ଅର୍ତ ଏ଼ନାୟି?" ୧୩ ସାମା ଏଟ୍‌କାତାରି ଲାଜାକିହିଁ ଏଲେଇଚେରି,
"ଈୱାରି ପୁଌନି ଡ଼ାକ୍‌ହି ଅଙ୍ଗ୍‌ରି ରାସା ଗସାନା ହ଼ଚା ହାଜାମାନେରି
।" ୧୪ ସାମା ପିତର ଏଗାର ଜା଼ଣା ସୀସୁୟାଁ ତଲେ ନିଚାନା କାଜା
ଗିୟାଁତଲେ ଏଲେଇଚେସି, "ଜୀହୁଦି ତାୟିୟାଁ ଅ଼ଡେ଼ ଜିରୁସାଲମତା ବାସା
କିହିମାନାତେରି, ମୀରୁ ନା଼ କାତାତି ୱେଞ୍ଜାଦୁ ଅ଼ଡେ଼ ଈଦାଆଁ ପୁଞ୍ଜୁ । ୧୫
ଇଚିହିଁ ମୀରୁ ଏ଼ନିକିଁ ଅଣ୍‌ପିମାଞ୍ଜେରି, ଈୱାରି ଏଲେକିହିଁ ଅଙ୍ଗ୍‌ରି ରାସା
ଗସାହାଁ ହ଼ଚା ହିଲଅରି; ଈଦି ଆ଼ତେ ଲା଼ଇତି ନ଼ ଗଂଟା ଆ଼ହାମାନେ ।
୧୬ ସାମା ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନି ଆମିନି ଜୟେଲ ତା଼ଣାଟି
ରା଼ସ୍‌କି ଆ଼ହାମାନେ ଈଦି ଆ଼ହିମାନେ ଏ଼ଦି; ୧୭ 'ମାହାପୂରୁ ୱେସିମାନେସି
ରା଼ନି ଦିନାତା ଈ ବାରେ ଗଟୱି ଆ଼ନେ, ନା଼ନୁ ବାରେ ଲ଼କୁତାକି ନା଼ ଜୀୱୁ
ପାଣ୍ଡାଇଁ, ଏଚେଟିଏ ମୀ ମୀର୍‌କା ମା଼ସ୍‌କା ମାହାପୂରୁ ଅଣ୍‌ପୁତି ବ଼ଲୁ
ୱେହ୍‌ନେରି, ମୀ ଦାଂଗ୍‌ଣାୟାଁ କାବା ଆ଼ନାଣି ମେହ୍‌ନେରି, ଅ଼ଡେ଼ ମୀ
ବୁଡ଼୍‌ହାୟାଁ ହାପାନା ହେଣ୍‌ନେରି । ୧୮ ହାଅ, ଏ଼ କା଼ଲାତା ନା଼ ହ଼ଲିୟାଙ୍ଗା
ଇଞ୍ଜଁ ହ଼ଲେଣିସିକା ଲାକ, ନା଼ନୁ ନା଼ ଜୀୱୁତି ଏ଼ୱାରି ଲାକ ୱା଼କ୍‌ଇଁ,
ଏଚେଟିଏ ଏ଼ୱାରି ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନେରି । ୧୯ ନା଼ନୁ
ହା଼ଗୁ ଲାକ କାବାଆ଼ନି କାମା; ଅ଼ଡେ଼ ଡ଼ଇ ଦାର୍‌ତିତା କାବାଆ଼ନି ସିନାୟାଁ,
ଏମ୍ବାଆଁ ନେତେରି, ହିଚୁ ଇଞ୍ଜଁ ହା଼ରେକା ବ଼ୟିଁ ତ଼ହ୍‌ଇଁ; ୨୦ ପ୍ରବୁତି କାଜା
ଗାୱୁରମି ଦିନା ୱା଼ନି ନ଼କେଏ, ଡ଼େଡ଼ା ଆନ୍ଦେରି ଆ଼ନେ, ଅ଼ଡେ଼ ଡ଼ଲେଞ୍ଜୁ
ନେତେରିଲେହେଁ ଆ଼ନେ । ୨୧ ଅ଼ଡେ଼ ଇଲେକିହିଁ ଆ଼ନେ, ଆମ୍ବାଆସି
ପ୍ରବୁ ଦ଼ରୁ ଆସାନା ପ୍ରାତାନା କିନେସି, ଏ଼ୱାସି ଗେଲ୍‌ପି ଆ଼ନେସି ।'"
୨୨ "ଇସ୍ରାୟେଲ ଲ଼କୁତେରି, ଈ ବାରେ କାତା ୱେଞ୍ଜୁ! ନା଼ଜରିତ ଜୀସୁ
ହା଼ରେକା ବା଼ଡ଼୍‌ୟୁତି କାମା, କାବାଆ଼ନି କାମା ଇଞ୍ଜଁ ସିନାୟାଁ ତଲେ ମୀ
ନ଼କିତା ମାହାପୂରୁତି ପାଣ୍ଡୱି ଆ଼ତାସି ଇଞ୍ଜଁ ପାର୍‌ମାଣା ଆ଼ହାମାନେସି,
ଏ଼ୱାଣି ତା଼ଣାଟି ମାହାପୂରୁ ମୀ ତା଼ଣା ଈ ବାରେ କାମା କିହାମାନେସି,
ଈଦାଆଁ ମୀରୁ ପୁଞ୍ଜାମାଞ୍ଜେରି । ୨୩ ଏ଼ ଜୀସୁ ମାହାପୂରୁ କିହାମାନି ଅଣ୍‌ପୁ
ଅ଼ଡେ଼ ତଲିତି କାତାତଲେ ହେର୍‌ପି ଆ଼ହାଲିଏ, ମୀରୁ ଏ଼ୱାଣାଇଁ ପା଼ପୁ
ଗାଟାରି କେୟୁଟି ପା଼ସି ମୁଣ୍ଡାତା ଏ଼କ୍‌ହାନା ପା଼ୟାମାଚେରି । ୨୪ ସାମା
ମାହାପୂରୁ ଏ଼ୱାଣାଇଁ ହା଼କିତି ବା଼ଡ଼୍‌ୟୁଟି ଗେଲ୍‌ପାନା ନୀଟ୍‌ହା ମାଚେସି,
ଇଚିହିଁ ଏ଼ୱାସି ହା଼କିତା ଦସ୍‌ପି ଆ଼ହା ଡ଼ୟିନେସି ଏ଼ଦି ଆ଼ହାଲି ଆ଼ଡେଏ ।"
୨୫ ଦାୱୁଦ ଏ଼ କାତାତି ୱେସାମାନେସି, "ନା଼ନୁ ବାରେ଼ବେଲା ନା଼ ନ଼କିତା
ପ୍ରବୁଇଁ ମେସିମାଚେଏଁ; ଇଚିହିଁ ନା଼ନୁ ଏ଼ନିକିଁ କିଲିବିଲି ଆ଼ଅଁ, ଏ଼ଦାଆଁତାକି
ଏ଼ୱାସି ନା଼ ଟିଌନି ଟଟତା ମାନେସି । ୨୬ ଏ଼ଦାଆଁତାକି ନା଼ ହିୟାଁ ରା଼ହାଁ
ଅ଼ଡେ଼ ନା଼ ୱେନ୍ଦରି ରା଼ହାଁ ଆ଼ତେ, ଅ଼ଡେ଼ ନା଼ ଆଙ୍ଗା ଜିକେଏ ବା଼ର୍ସୁ ତଲେ
ବାସା କିନେ, ୨୭ ଇଚିହିଁ ନୀନୁ ନା଼ ଜୀୱୁତି ହା଼କିପୂରୁତା ପିହ୍‌ଅତି; ଅ଼ଡେ଼
ନୀ ନାମୁ ଅ଼ଡେ଼ ସୁଦୁ ଗାଟାଣାଇଁ ମାହ୍‌ଣି ମାଣ୍ଡାତା ସୀର୍‌ହାଲି ହୀଅତି
। (Hadēs g86) ୨୮ ନୀନୁ ନାଙ୍ଗେ ଜୀୱୁତି ଜିରୁ ତ଼ସାମାଞ୍ଜାଦି, ଅ଼ଡେ଼
ନୀନୁ ନାଙ୍ଗେ ନୀ ନ଼କିତା ରା଼ହାଁତା ନେଞ୍ଜିକିୟାଦି ।" ୨୯ "ଇସ୍ରାୟେଲତି
ତାୟିୟାଁ ଅ଼ଡେ଼ ତାଡ଼୍‌ଗିସ୍କାତେରି, ମା଼ ଆକୁ ଦାୱୁଦତି କାତା ନା଼ନୁ ମିଙ୍ଗେ
କାଜା ହା଼ଡାତଲେ ୱେସାଲି ଆ଼ଡାଇଁ, ଇଚିହିଁ ଏ଼ୱାସି ହା଼ତେସି ଇଞ୍ଜଁ ମୁସ୍‌ପି
ଆ଼ତେସି, ଇଞ୍ଜଁ ଏ଼ୱାଣି ମାହ୍‌ଣି ମାଣ୍ଡା ନୀଏଁ ପାତେକା ଇମ୍ବାଆଁ ମା଼ ବିତ୍ରା
ମାନେ । ୩୦ ରାଜା ଦାୱୁଦ ର଼ ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାସି ଲେହେଁ,
ତାନି ନେତେରି ତଲେ ଜାର୍ନି ଆ଼ତାଣାଇଁ ମାହାପୂରୁ ତାନି ସିଂଗାସାଣିତା
କୁଗିକିହାଲି ତାନି ତା଼ଣା ଆ଼ଞ୍ଜାମାଚେସି ଇଞ୍ଜଁ ପୁଞ୍ଜାମାଚେସି । ୩୧ ଦାୱୁଦ
ଈଦାଆଁ ପୁଞ୍ଜାମାଚାକି, କ୍ରୀସ୍ତୁତି ୱେଣ୍ଡେ ନିଙ୍ଗିନି କାତା ୱେସାମାଚେସି
।" "ଇଚିହିଁ ଏ଼ୱାସି ହା଼ତାରି ତା଼ଣା ଡ଼ୟାଆତେସି; ଇଞ୍ଜଁ ଏ଼ୱାଣି ଆଙ୍ଗା
ମାହ୍‌ଣି ମାଣ୍ଡାତା ସୀର୍‌ଆତେ ।" (Hadēs g86) ୩୨ ମାହାପୂରୁ ଈ ଜୀସୁଇଁ
ଅ଼ଡେ଼ ୱେଣ୍ଡେ ହା଼କିଟି ନିକ୍‌ହାମାନେସି ଈଦାଣି ତାକି ମା଼ମ୍ବୁ ବାରେ ସା଼କି
। ୩୩ ଏ଼ଦାଆଁତାକି ଆ଼ବା ମାହାପୂରୁ ଜୀସୁଇଁ କାଜାସି କିହାନା ତାନି
ଟିଌନିୱାକି କୁଗିକିହାନା ତାନିତଲେ ସା଼ଲୱି କିହାଲି ହୀତେସି, ଇଞ୍ଜଁ
ଏ଼ୱାସି ମାଙ୍ଗେ ଆ଼ଞ୍ଜାମାଚି ସୁଦୁଜୀୱୁ ହିୟାତେସି, ଈଦି ମୀରୁ ବାରେ
ଆମିନିଗାଟାଣି ମେସିମାଞ୍ଜେରି ଇଞ୍ଜଁ ୱେଞ୍ଜିମାଞ୍ଜେରି । ୩୪ ଇଚିହିଁ ଦାୱୁଦ
ଲାକପୂରୁ ହାଜାହିଲାଆତେସି; ଏ଼ୱାସି ତା଼ନୁଏ ୱେସାମାଚେସି, "ପ୍ରବୁ ନା଼
ପ୍ରବୁଇଁ ଏଲେଇଚେସି; ୩୫ ନା଼ନୁ ନୀ ସାତ୍ରୁୟାଁଣି ନୀ କଡାୟାଁ ଡ଼ଇ ଇଟାଆ
ପାତେକା, ନୀନୁ ନା଼ ଟିଌନିୱାକି କୁଗାମାନାମୁ ।" ୩୬ "ଈଦାଆଁତାକି ବାରେ
ଇସ୍ରାୟେଲତି ଲ଼କୁ ସାତେଏ ପୁନାପେରି, ଇଚିହିଁ ଆମିନି ଜୀସୁଇଁ କ୍ରୁସତା
ପା଼ୟିତେରି, ସାତେଏ ଏ଼ୱାଣାଇଁ ମାହାପୂରୁ, ପ୍ରବୁ ଅ଼ଡେ଼ ମସିହା ପା଼ଣା
ହୀତେସି ।" ୩୭ ଈ କାତା ୱେଞ୍ଜାନା ଲ଼କୁତି ହିୟାଁ ଡୀହାହାଚେ, ଇଞ୍ଜଁ
ଏ଼ୱାରି ପିତର ଅ଼ଡେ଼ ଏମ୍ବାଆଁ ମାଚି ପାଣ୍ଡୱି ଆ଼ତାରାଇଁ ଏଲେଇଚେରି,
"ତାୟିୟାଁ ମା଼ମ୍ବୁ ଏ଼ନାଆଁ କିନମି?" ୩୮ ପିତର ଏ଼ୱାରାଇଁ ଏଲେଇଚେସି,
"ମୀରୁ ମୀ ହିୟାଁ ୱେଟ୍‌ହା କଡାଦୁ, ଅ଼ଡେ଼ ଜାହାରା ପା଼ପୁତି ମ୍ଣେକ୍‌ହାଲି
ବାରେଜା଼ଣା ଜୀସୁ କ୍ରୀସ୍ତୁ ଦ଼ରୁତଲେ ବାପ୍ତିସ୍ମ ଅ଼ଦୁ; ଆତିହିଁଦେଁ ମୀରୁ

ସୁଦୁଜୀୱୁତି ଦ଼ାନା ବେଟାଆ଼ଦେରି । **୩୯** ଇଚିହିଁ ମାହାପୂରୁ ଆ଼ଞ୍ଜାମାନାୟି
ମିଙ୍ଗେତାକି, ଇଞ୍ଜ଼ାଁ ମୀ ମୀର୍‌କା ମା଼ସ୍‌କା ତାକି, ଅ଼ଡ଼େ ହେକତି ଏଚେକା
ଲ଼କୁ ମା଼ ପ୍ରବୁ ମାହାପୂରୁ ତାନି ତ଼ାଣା ହ଼ାଟିନେସି, ଏ଼ ବାରେ ଲ଼କୁତାକି
ଆ଼ନେ ।” **୪୦** ଅ଼ଡ଼େ ପିତର ଏ଼ୱାରାଇଁ ହ଼ାରେକା କାତାତଲେ ବାତିମା଼ଲିହିଁ
ଅ଼ଡ଼େ ଏ଼ୱାରାଇଁ ଜ଼ାପ୍‌ନି ହ଼ାଡା ୱେସିହିଁ ସା଼କି ହୀତେସି, “ଇ କୁଟୁଗାଟି
କୂଡ଼ାତି ଲ଼କୁଟିଏ ମୀରୁ ଗେଲ୍‌ପି ଆ଼ଦୁ ।” **୪୧** ହ଼ାରେକା ଲ଼କୁ ଏ଼ୱାଣି
ହ଼ାଡା ନାମିତେରି ଇଞ୍ଜ଼ାଁ ବାପ୍ତିସ୍ମ ଅ଼ତେରି, ଅ଼ଡ଼େ ଏ଼ ଦିନା ବାରେ ତୀନି
ମା଼ଣା ଲ଼କୁ କୁଲମି ତଲେ ଆଣ୍ତିତେରି । **୪୨** ଏ଼ ଦିନାଟିଏ ଏ଼ୱାରି ପାଣ୍ତୁୱି
ଆ଼ତାରି ଜ଼ାପ୍‌ନି ତ଼ାଣା, ଏ଼ୱାରିତଲେ ଆଣ୍ତାନା ରୂଟି ଡ଼ିକ୍‌ହାଲି, ପ୍ରାତାନା
କିହାଲି ଆଣ୍ତୁୱି ଆ଼ହାଁ ଡ଼ୟିତେରି । **୪୩** ପାଣ୍ତୁୱି ଆ଼ତାରି ତ଼ାଣାଟି ହ଼ାରେ
ହ଼ାରେକା କାବାଆ଼ନି କାମା ଇଞ୍ଜ଼ାଁ ସିନାୟାଁ ତ଼ଜ୍ଞାଆ଼ହାଲି ମା଼ଟ୍‌ହେ; ଅ଼ଡ଼େ,
ଲ଼କୁ ବାରେ ଆଜାଲି ମା଼ଟ୍‌ହେରି । **୪୪** ସାମା ବାରେ ନାମିତାରି, ଏ଼ୱାରି
ବାରେଜ଼ାଣା ରଣ୍ତିଏ ତ଼ାଣା ଡ଼ୟାନା ବାରେ ଦ଼ନତି ବାରେତାୟି ଇଞ୍ଜ଼ାଁ
ଅଣ୍‌ପିତେରି, **୪୫** ଅ଼ଡ଼େ ଏ଼ୱାରି ଜାହାରା ଦ଼ନତି ଆ଼ସ୍ତି ମାଚାଣି ପା଼ର୍‌ଚାନା,
ଆମ୍ବାଆରାକି ଏ଼ନାୟି ଲ଼ଡ଼ାମାନେ, ଏଲେକିହିଁ ବାରେତାକି ବା଼ଟିକିହାଁ
ହୀହାଲି ମା଼ଟ୍‌ହେରି । **୪୬** ଅ଼ଡ଼େ, ଏ଼ୱାରି ରଣ୍ତିଏ ହିୟାଁ ଆ଼ହାଁ ବାରେଦିନା
ପ୍ରାତାନା ଇଲୁତା ରୁଣ୍ତା ଆ଼ହାନା ଡ଼ୟିମାଚେରି, ଇଞ୍ଜ଼ାଁ ଇଲୁତାକି ଇଲୁ ରୂଟି
ଡ଼ିକ୍‌ହିଁ ରା଼ହାଁ ଅ଼ଡ଼େ ହିତ୍‌ଡ଼ି ହିୟାଁ ତଲେ ତିଞ୍ଜି ଉଣ୍ତିହିଁ, **୪୭** ମାହାପୂରୁତି
ଜହରା କିହିମାଚେରି ଇଞ୍ଜ଼ାଁ ବାରେ ଲ଼କୁତି ଜୀୱୁ ନ଼ନାରି ଆ଼ହିମାଚେରି ।
ଅ଼ଡ଼େ ପ୍ରବୁ ତ଼ାଣା ଗେଲ୍‌ପି ଆ଼ହିମାନି ଲ଼କୁଣି ବାରେଦିନା କୁଲମି ତଲେ
କାଲ୍‌ହାଲି ମା଼ଟ୍‌ହେରି ।

**୩** ପିତର ଅ଼ଡ଼େ ଜହନ ର଼ ଦିନା ପ୍ରାତାନା କିନି କାଟୁତା ଇଚିହିଁ ତୀନି
ଗଂଟା ବେ଼ଲାତା ପ୍ରାତାନା ଇଲୁତା ହାଜିମାଚେରି । **୨** ଏଚିବେ଼ଲାତା
ଜାର୍ନାଟିଏ ସଟା ରଅସି ଡ଼େକି କିୱି ଆ଼ହାଁ “ଅ଼ଜିତି” ଦ଼ରୁଗାଟି ଦୁୱେରିତା
ଇଟ୍‌ୱି ଆ଼ହିମାଚେସି; ଇଞ୍ଜ଼ାଁ ଏ଼ୱାସି ପ୍ରାତାନା ଇଲୁତା ୱା଼ନି ଲ଼କୁଣି
ରୀସିମାଚେସି । **୩** ଅ଼ଡ଼େ ଏ଼ୱାସି ପିତର ଇଞ୍ଜ଼ାଁ ଜହନଇଁ ପ୍ରାତାନା ଇଲୁ
ବିତ୍ରା ହାଜିମାନାଣି ମେସାନା ଏ଼ୱାରାଇଁ ରୀସାଲି ମା଼ଟ୍‌ହେସି । **୪** ପିତର
ଅ଼ଡ଼େ ଜହନ ଏ଼ୱାଣାଇଁ ଆଟେ ସିନିକିତେରି, ଇଞ୍ଜ଼ାଁ ପିତର ଏଲେଇଚେସି
“ମା଼ ୱାକି ସିନିକିୟାମୁ ।” **୫** ଏମ୍ବାଟିଏ ଏ଼ୱାସି ଏ଼ୱାରି ତ଼ାଣାଟି ଇଚାଣି
ବେଟାଆ଼ହାଲି ଏ଼ୱାରି ୱାକି ସିନିକିତେସି । **୬** ସାମା ପିତର ଏଲେଇଚେସି,
“ନ଼ା ତ଼ାଣା ବାଂଗାରା କି ୱେଣ୍ତି ହିଲେଏ, ସାମା ନ଼ା ତ଼ାଣା ଏ଼ନାୟି
ମାନେ ଏ଼ଦାଆଁ ହୀହିମାଞ୍ଜାଇଁ; ନ଼ାଜରିତ ଜୀସୁ କ୍ରୀସ୍ତ ଦ଼ରୁତଲେ ହୁକୁମି
ହୀହିମାଞ୍ଜାଇଁ ନିଙ୍ଗାନା ତ଼ାକାମୁ!” **୭** ଅ଼ଡ଼େ, ଏ଼ୱାସି ଏ଼ୱାଣି ଟିଃନି କେୟୁ
ଆସାନା ଏ଼ୱାଣାଇଁ ନିକ୍‌ହେସି, ଏଚେଟିଏ ଏ଼ ଦେବୁଣିଏ ଏ଼ୱାଣି କଡାୟାଁତି
ହାନ୍ଙ୍କଲିକା ବା଼ଡ଼୍‌ୟୁ ଆ଼ତୁ; **୮** ଏ଼ୱାସି ଡେ଼ୱିଁ ଡେ଼ୱିଁ ତାନି କଡାତଲେ
ନିତେସି, ଅ଼ଡ଼େ ତ଼ାକାଲି ମା଼ଟ୍‌ହେସି । ଏଚେଟିଏ ଏ଼ୱାସି ଏ଼ୱାରିତଲେ
ପ୍ରାତାନା ଇଲୁତା ତ଼ାକହିଁ ଅ଼ଡ଼େ ଡେ଼ୱିହିଁ ଇଞ୍ଜ଼ାଁ ମାହାପୂରୁଇଁ ଗାୱୁରମି
କିହିଁ ହାଚେସି । **୯** ଏମ୍ବାଆଁ ମାନି ଲ଼କୁ ବାରେ ଏ଼ୱାଣି ତ଼ାକିନାଣି ଅ଼ଡ଼େ
ମାହାପୂରୁତି ଗାୱୁରମି କିହିମାନାଣି ମେସ୍ତେରି; **୧୦** ଅ଼ଡ଼େ ଆମିନିଗାଟାସି
ପ୍ରାତାନା ଇଲୁତି ଅ଼ଜିତି ଦୁୱେରିତା କୁଗାନା ରୀସିମାଚେସି, ଏ଼ୱାସିଏ
ଈୱାସି ଇଞ୍ଜ଼ାଁ ପୁଚେରି, ଏ଼ୱାଣାକି ଏ଼ନାଆଁ କିୱି ଆ଼ହାମାଚେ ଏ଼ଦାଆଁ
ମେସାନା ଆଡାଜାକା ଆ଼ହାନା କାବା ଆ଼ତେରି । **୧୧** ଏ଼ୱାସି ପିତର
ଇଞ୍ଜ଼ାଁ ଜହନ ତଲେ ସଲମନତି ପିଣ୍ତାତା ମାନାଣି ମେସାନା, ବାରେ ଲ଼କୁ
ଆଡାଜାକା ଆ଼ହାନା ଏ଼ୱାରି ଡାଗେ ହଟାତେରି । **୧୨** ପିତର ଏ଼ୱାରାଇଁ
ମେସାନା ଏଲେଇଚେସି, “ଇସ୍ରାୟେଲ ଲ଼କୁତେରି, ମୀରୁ ଏ଼ନାଆଁତାକି
ଆଡାଜାକା ଆ଼ହିମାଞ୍ଜେରି? ମା଼ମ୍ବୁ ମା଼ ବା଼ଡ଼୍‌ୟୁ କି ମାହାପୂରୁ ଆଜିତଲେ
ଈୱାଣାକି ତ଼ାକାଲି ବା଼ଡ଼୍‌ୟୁ ହୀହାମାନମି, ଏ଼ଦାଆଁ ଅଣ୍‌ପାନା ମାଙ୍ଗେ
ରଣ୍ତିଏ ଅଣ୍‌ପୁ ତଲେ ଏ଼ନାଆଁତାକି ସିନିକିହିମାଞ୍ଜାଦେରି? **୧୩** ଅବ୍ରାହାମ,
ଇସାହାକ ଅ଼ଡ଼େ ଜାକୁବତି ମାହାପୂରୁ, ମା଼ ଆକୁ ଆ଼ବାୟାଁତି ମାହାପୂରୁ,
ତାନି ହ଼ଲେଏସି ଜୀସୁଇଁ ମାହାପୂରୁତି ଗାୱୁରମି ହୀହାମାନେସି । ସାମା
ଜୀସୁଇଁ ମୀରୁଏ ସା଼ଲୱି କିନାରି କେୟୁତା ହେର୍‌ପିତେରି, ଏଚିବେ଼ଲା
ପିଲାତ ଜୀସୁଇଁ ପିସାଲି ଅଣ୍‌ପା ମାଚିହିଁ ଜିକେଏ, ଏ଼ୱାଣାଇଁ ମୀରୁ ପିଲାତ
ନ଼କିତା ଅ଼ପାଆତେରି । **୧୪** ଏ଼ୱାସି ସୁଦୁ ଅ଼ଡ଼େ ଦାର୍ମୁଗାଟାସି ମାଚେସି,
ସାମା ମୀରୁ ଏ଼ୱାଣାଇଁ ଅ଼ପାଆତେରି, ଅ଼ଡ଼େ ଏ଼ୱାଣି ଟା଼ୟୁତା ର଼ ଲ଼କୁଣି
ପା଼ୟିନାଣାଇଁ ପିସାଲି ପିଲାତଇଁ ବାତିମା଼ଲିତେରି, **୧୫** ଆମ୍ବାଆସି ଜୀୱୁତି
ଜିରୁ ତ଼ହ୍‌ନାସି ଏ଼ୱାଣାଇଁ ମୀରୁ ପା଼ୟିତେରି; ଏ଼ୱାଣାଇଁ ମାହାପୂରୁ ହ଼ାତାରି
ତ଼ାଣାଟି ନିକ୍‌ହାମାନେସି, ମା଼ମ୍ବୁ ଈଦାଣି ସା଼କି । **୧୬** ଏ଼ୱାଣି ଦ଼ରୁତି
ବା଼ଡ଼୍‌ୟୁ ଇ ସଟାଇଁ ନେହିଁ କିହାମାନେ, ମୀରୁ ଏ଼ନାଆଁ ମେସାନା ସାତା
ଇଞ୍ଜ଼ାଁ ପୁଞ୍ଜାମାଞ୍ଜେରି, ଏ଼ୱାଣି ଦ଼ରୁତଲେ ନାମିତାକି ଆ଼ହାମାନେ । ଜୀସୁଇଁ
ନାମିତାକି ଏ଼ୱାସି ନେହିଁ ଆ଼ହାମାନେସି ଈଦାଆଁ ମୀରୁ ମେସାମାଞ୍ଜେରି
।” **୧୭** “ଅ଼ଡ଼େ ନୀଏଁ ଇସ୍ରାୟେଲତି ତାୟିୟାଁ ଅ଼ଡ଼େ ତାଙ୍ଗିସ୍କାତେରି,
ମୀ କାଜାରି ଏ଼ନିକିଁ, ମୀରୁ ଜିକେଏ ଏଲେକିଁ ବୁଦି ହିଲାଆକି ଈଦାଆଁ
କିହାମାନେରି ଇଞ୍ଜ଼ାଁ ନ଼ାନୁ ପୁଞ୍ଜିମାଇଁ । **୧୮** ତଲି କ଼ାଲାଟିଏ ମାହାପୂରୁ
ଅଣ୍‌ପୁତି ବ଼ଲୁ ୱେହ୍‌ନାରି ତ଼ାଣାଟି ମାହାପୂରୁ ୱେସାମାଚେସି ମସିହାତି
ଦୁକୁ ପା଼ଣ୍‌ନାୟି ମାନେ; ଏ଼ ବାରେ ଏ଼ୱାସି ଇଲେକିଁ ପୂରା କିହାମାନେସି ।
**୧୯** ଇଚିହିଁ, ଏ଼ନିକିଁ ମୀ ପା଼ପୁ ମେଣ୍‌ଡ୍ଗିନେ, ଏ଼ଦାଆଁତାକି ମ଼ନ ୱେଟ୍‌ହାନା
ମାହାପୂରୁ ତ଼ାଣା ୱେଣ୍ତା ୱା଼ଦୁ, **୨୦** ପ୍ରବୁ ତ଼ାଣାଟି ମୀରୁ ଜୀୱୁତି ବା଼ଡ଼୍‌ୟୁ
ବେଟାଆ଼ଦେରି, ମାହାପୂରୁ ମିଙ୍ଗେତାକି ତଲିଏ ଆ଼ଚାମାନି ମସିହା ଜୀସୁଇଁ
ପାଣ୍ତାନେସି । **୨୧** ବାରେ କାତାତି ୱେଣ୍ତେ କିନାଣି ଆମିନି ବେ଼ଲାତି କାତା
ତଲି କ଼ାଲାଟିଏ ମାହାପୂରୁ ତାନି ସୁଦୁ ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାରି
ତ଼ାଣାଟି ୱେକ୍‌ହା ମାଚେସି, ଏ଼ କ଼ାଲା ୱା଼ଆ ପାତେକା ଏ଼ୱାଣାକି ସାତେଏ
ଲାକପୂରୁ ହାଜାଲି ଆ଼ନେ । **(aiōn g165)** **୨୨** ମ଼ସା ୱେସାମାଚେସି,
‘ପ୍ରବୁ ମାହାପୂରୁ ମୀ ତାୟିୟାଁ ବିତ୍ରାଟି ମିଙ୍ଗେତାକି ନ଼ା ଲେହେଁକି ର଼
ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାଣାଇଁ ନିକ୍‌ନେସି; ଏ଼ନା ଏ଼ନାଆଁ ମିଙ୍ଗେ
ୱେସ୍ତାନେସି, ଏ଼ ବାରେ ମୀରୁ ଏ଼ୱାଣି କାତା ୱେଞ୍ଜେରି । **୨୩** ଆମିନିଗାଟାସି
ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାରି କାତା ନାମଅରି ଏ଼ୱାରି ମାହାପୂରୁତି

ଲ୍‌କୁ ତ଼ାଣାଟି ଏଟ୍‌କା କିୱିଆ଼ନେରି ଅ଼ଡ଼େ ନ଼ାସା କିୱିଆ଼ନେରି ।' ୨୪
ସାମୁୟେଲ ଇଞ୍ଜ଼ାଁ ତାନି ଡ଼ାୟୁତି ଏଚରଜ଼ାଣା ମାହାପୂରୁ ଅଣ୍‌ପୁତି ବ଼ଲୁ
ୱେହ୍‌ନାରି ୱେସାମାନେରି, ଏ଼ୱାରି ବାରେ ଇ କ଼ାଲାତା ଆ଼ହିମାନି କାତା
ୱେସାମାନେରି । ୨୫ ମାହାପୂରୁତି ଆ଼ଞ୍ଜାମାନି ମାହାପୂରୁ ଅଣ୍‌ପୁତି ବ଼ଲୁ
ୱେହ୍‌ନାରି ତ଼ାଣାଟି ମିଡ୍ଢେତାକି ନେହେଁ, ମାହାପୂରୁ ମୀ ଆକୁ ଆ଼ବାୟାଁ
ତଲେ କିଡି ରାଜିମ୍‌ନା ମୀରୁ କିହିମାଞ୍ଜେରି । ଏ଼ନିକିଁ ଏ଼ୱାସି ଅବ୍ରାହାମଇଁ
ଏଲେଇଚେସି, 'ନ଼ାନୁ ମୀ କୂଡ଼ାଟି ବାରେ ଦାର୍‌ତିତି ଲ୍‌କୁକି ବ଼ର ହୀଇଁ
।' ୨୬ ମାହାପୂରୁ ତଲିଏ ତାନି ହ଼ଲେଏଣାଇଁ ମିଡ୍ଢେତାକି ବାଚି କିହାନା
ପାଣ୍ଡାତେସି, ଏ଼ନିକିଁ ଏ଼ୱାସି ମୀ ବାରେଜ଼ାଣା ତେରି ମିଡ୍ଢେ ଲାଗେଏ
ଜିରୁଟି ୱେଟ୍‌ହାନା ବ଼ର ହିୟାନେସି ।"

**4** ପିତର ଅ଼ଡ଼େ ଜହନ ଲ୍‌କୁ ନ଼କିତା ୱେସିମାଚି ବ଼େଲାତା ପୂଜେରାଙ୍ଗା,
ମାହାପୂରୁ ଇଲୁତି କାଜାରି ଇଞ୍ଜ଼ାଁ ସାଦୁକିୟାଁ ଏ଼ୱାରି ନ଼କିତା ୱା଼ତେରି
। ୨ ଏ଼ୱାରି କ଼ପା ଆ଼ହିମାଚେରି, ଇଚିହିଁ ପାଣ୍ଡୱି ଆ଼ହାମାନାରି ଲ୍‌କୁଣି
ଜ଼ାପ୍‌ହି ମାଚେରି, ଇଞ୍ଜ଼ାଁ ଜୀସୁତି କାତା ଆସାନା ହ଼ାତାରି ବିତ୍ରାଟି
ୱେଣ୍ଡ୍ରେ ନିଡ୍ଗିତି କାତା ର଼େକ୍‌ହି ମାଚେରି । ୩ ଏଚିବ଼େଲା ମିଡ଼୍‌ଅଲା
ଆ଼ହିମାଚେ, ଏ଼ଦାଆଁତାକି ଏ଼ୱାରି ସୀସୁୟାଁଣି ଦସ୍‌ପାନା ଅ଼ର ର଼େଚୁ
ପାତେକା କାୟିଦି ଇଲୁତା ଇଟିତେରି । ୪ ସାମା ଏଚେକା ଲ୍‌କୁ ବ଼ଲୁ
ୱେଚାରି ନାମିତେରି, ଇଞ୍ଜ଼ାଁ ୱା଼ର୍‌ଇ ଆ଼ବାୟାଁ ପ଼ାସାମ଼ାଣା ଆ଼ତେରି । ୫
ତାନି ଅ଼ର ଦିନା ଜୀହୁଦିଙ୍ଗାତି କାଜାରି, ଇଞ୍ଜ଼ାଁ ପ୍ରାଚିନାଙ୍ଗା, ଜ଼ାପ୍‌ନାରି ଅ଼ଡ଼େ
ର଼େରାପୁନାରି ଜିରୁସାଲମତା କୂଡ଼ା ଆ଼ତେରି । ୬ ଏମ୍ବାଆଁ କାଜା ପୂଜେରା
ହାନାନ, କୟାପା, ଜହନ, ଆଲେକ୍‌ଜାଣ୍ଡାରତି କାଜା ପୂଜେରାଙ୍ଗା କୂଡ଼ାତି
ବାରେ ଲ୍‌କୁ କୂଡ଼ା ଆ଼ତେରି । ୭ ଏ଼ୱାରି ପାଣ୍ଡୱି ଆ଼ତାରାଇଁ ମାଦିଏ
ନିପ୍‌ହାନା ୱେଚେରି, "ଏ଼ନିକିହିଁ କିତେରି? ଏ଼ନି ବ଼ାଡ଼୍‌ୟୁ ଇଞ୍ଜ଼ାଁ ଆମ୍ବାଆରି
ଦ଼ରୁତଲେ ମୀରୁ ଇ ବାରେ କାମା କିହିମାଞ୍ଜେରି?" ୮ ଏମ୍ବାଟିଏ ପିତର
ସୁଦୁଜୀୱୁତା ନେଞ୍ଜାନା ଏ଼ୱାରାଇଁ ଏଲେଇଚେସି, "ଲ୍‌କୁତି କାଜାତେରି
ଇଞ୍ଜ଼ାଁ ପ୍ରାଚିନାଙ୍ଗାତେରି, ୯ ନୀଞ୍ଜୁ ମାମ୍ବୁ ସଟାକି କିହାମାନି ନେହେଁ କାମାତାକି
ମୀରୁ ୱେଞ୍ଜି ମାଞ୍ଜାଦେରି, ଏ଼ୱାସି ଏ଼ନିକିହିଁ ନେହେଁଆ଼ତେସି ଇଞ୍ଜେଁ ପୁଞ୍ଜାଲି
ଅଣ୍‌ପିମାଞ୍ଜେରି, ୧୦ ଆତିହିଁ ମୀରୁ ବାରେଜ଼ାଣା ତେରି ପୁନିକାତା,
ଇସ୍ରାୟେଲତି ବାରେ ଲ୍‌କୁ ପୁନାୟିମାନେ, ଆମିନି ନ଼ାଜରିତ ଜୀସୁ କ୍ରୀସ୍ତଇଁ
ମୀରୁ କ୍ରୁସତା ପ଼ାୟିତେରି, ଆମ୍ବାଆରାଇଁ ମାହାପୂରୁ ହ଼ାକିଟି ନିକ୍‌ହାମାନେସି
ଏ଼ ଜୀସୁ ଦ଼ରୁଟି ଇ ମାଣ୍‌ସି ନେହେଁ ଆ଼ହାନା ମୀ ନ଼କିତା ନିଚାମାନେସି ।"
୧୧ ଜୀସୁ ରଅସିଏ, ଦାର୍ମୁ ସ଼ାସ୍ତ୍ରେରି ୱେସିମାଞ୍ଜାନେ, "ଇଲୁ କେପିନାତେରି
ମୀରୁ, ମୀ ତ଼ାଣାଟି ଆମିନି ୱାଲି ଲାଗେଏତାୟି ଆ଼ହାମାଚେ, ସାମା
ଆମିନାୟି କନତି କାଜା ୱାଲି ଆ଼ତେ, ଏ଼ୱାସି ଏ଼ ୱାଲି ।" ୧୨ ଏ଼ୱାଣି
ପିସ୍‌ପେ ଅ଼ଡ଼େ ଆମ୍ବାଆରି ତ଼ାଣା ଗେଲ୍‌ପିନାୟି ହିଲେଏ; ଇଚିହିଁ ଆମ୍ବାଆରି
ତ଼ାଣାଟି ମ଼ାର ଗେଲ୍‌ପି ଆ଼ନାୟି ଆ଼ନେ, ହ଼ାଗୁ ଡ଼ଇ ମାଣ୍‌ସିୟାଁ ବିତ୍ରା ଏ଼ନି
ଦ଼ରୁ ହୀପ୍‌କି ଆ଼ହା ହିଲେଏ । ୧୩ ଏ଼ୱାରି ପିତର ଅ଼ଡ଼େ ଜହନତି ସ଼ାସା
ମେସାନା ଇଞ୍ଜ଼ାଁ ଏ଼ୱାରି ଏ଼ନାଆଁ ପୁନାଆତାରି ଅ଼ଡ଼େ ବୁଦି ହିଲାଆ ଲ୍‌କୁ,
ଇଦାଆଁ ପୁଞ୍ଜାନା ଆଡାଜାକା ଆ଼ହାହାଚେରି, ଇଞ୍ଜ଼ାଁ ଏ଼ୱାରି ଜୀସୁତଲେ
ମାଚେରି ଇଞ୍ଜେଁ ପୁଚେରି, ୧୪ ସାମା ଏ଼ ନେହେଁ ଆ଼ହାମାଚାସି ଜହନ ଇଞ୍ଜ଼ାଁ
ପିତର ତଲେ ନିଚାମାଚାଣି ମେସାନା ଏ଼ୱାରି କ଼ପାଟି ଏ଼ନାଆଁ ଜ଼ଲାଲି
ଆ଼ଡାଆତେରି । ୧୫ ଡ଼ାୟୁ ଏ଼ୱାରାଇଁ ର଼େରଣି ମାଣ୍ଡାଟି ହ଼ଚା ହାଜାଲି
ହୁକୁମି ହୀହାନା ଏ଼ୱାରି ତ଼ାମ୍ବୁ ତ଼ାମ୍ବୁଏ ୱେସ୍‌ପି ଆ଼ତେରି ୧୬ "ଇ ଲ୍‌କୁଣି
ଏ଼ନାଆଁ କିନାୟି?" ଏ଼ୱାରି ଏଲେଇଚେରି, "ଇଚିହିଁ ଇୱାରି ତ଼ାଣାଟି
କାବାଆ଼ନି କାମା କିୱିଆ଼ହାମାନେ, ଇଦି ଜିରୁସାଲମତି ବାରେଜ଼ାଣା
ନ଼କିତା ତ଼ଞ୍ଜା ଆ଼ହାମାନେ, ଇଞ୍ଜ଼ାଁ ମ଼ାର ଏ଼ଦାଆଁ ଆ଼ଏ ଇଞ୍ଜାଲି ଆ଼ଡାଆୟି;
୧୭ ସାମା ଇ କାତା ଲ୍‌କୁତ଼ାଣା ଏ଼ନିକିଁ ଗାଡି ର଼େଞ୍ଜେଏ, ଏ଼ଦାଆଁତାକି
ଏ଼ୱାରାଇଁ ଜୀସୁ ଦ଼ରୁ ଏଚେଲା ଆମ୍ବାଆରି ନ଼କିତା ଆସାଲି ଏ଼ୱାରାଇଁ
କ଼ାହିକିନାୟି ମାନେ ।" ୧୮ ଡ଼ାୟୁ ଏ଼ୱାରି ଜହନ ଅ଼ଡ଼େ ପିତରଇଁ ହ଼ାଟାନା
ଜୀସୁତି ଦ଼ରୁ ୱେହ୍‌ଆଦୁ କି ଜ଼ାପ୍‌ଆଦୁ ଇଞ୍ଜେଁ ହୁକୁମି ହୀତେରି । ୧୯
ସାମା ପିତର ଅ଼ଡ଼େ ଜହନ ଏ଼ୱାରାଇଁ ଏଲେଇଚେରି, "ମାହାପୂରୁ କାତା
ୱେନିକିହାଁ ମୀ କାତା ୱେନାୟି ମାହାପୂରୁ ନ଼କିତା ନେହେଁ କି ଆ଼ଏ,
ଏ଼ଦାଆଁ ମୀରୁ ଅଣ୍‌ପା କଡାଦୁ । ୨୦ ଇଚିହିଁ ମ଼ାମ୍ବୁ ଏ଼ନାଆଁ ମେସାମାନମି
ଇଞ୍ଜ଼ାଁ ୱେଞ୍ଜାମାନମି, ଏ଼ ବାରେ ୱେହ୍‌ଆନା ଡ଼ୟାଲି ଆ଼ଡଅମି ।" ୨୧ ସାମା
ଏ଼ ର଼େରଣି ମାଣ୍ଡାତାରି ଏ଼ୱାରାଇଁ ଅ଼ଡ଼େ ହ଼ାରେକା ଆଜି କିହାନା ପିସ୍ତେରି,
ଏ଼ୱାରାଇଁ ଡଣ୍ଡ ହୀହାଲି ଆ଼ଏ ଇଞ୍ଜେଁ ଏ଼ୱାରି ପୁଚେରି, ଏ଼ନାଆଁତାକି ଇଚିହିଁ
ଏ଼ କାମାତାକି ଲ୍‌କୁ ବାରେ ମାହାପୂରୁଇଁ ଜହରା କିତେରି । ୨୨ ଇଚିହିଁ
ଆମିନିଗାଟାଣି ତ଼ାଣା କାବାଆ଼ନି ନେହେଁ କାମା କିୱି ଆ଼ହାମାଚେ, ଏ଼ୱାସି
ରୀ କ଼ଡ଼ି ବାର୍ସାଟିଏ ଲାକ ମାଚେସି । ୨୩ ପିତର ଅ଼ଡ଼େ ଜହନ ପିସ୍‌ପିଆ଼ତି
ଦେବୁଣିଏ ତାମି ତ଼ଣେସିଙ୍ଗା ତ଼ାଣା ହାଚେରି ଇଞ୍ଜ଼ାଁ କାଜା ପୂଜେରାଙ୍ଗା ଅ଼ଡ଼େ
ପ୍ରାଚିନାଙ୍ଗା ଏ଼ନାଆଁ ୱେସାମାଚେରି, ଏ଼ ବାରେ ଏ଼ୱାରାଇଁ ୱେସ୍ତେରି । ୨୪
ଏ଼ୱାରି ଏ଼ଦାଆଁ ୱେଞ୍ଜାନା ରଣ୍ଡିଏ ହିୟାଁ ତଲେ ମାହାପୂରୁ ନ଼କିତା କାଜା
ହ଼ାଡାତଲେ ପ୍ରାତାନା କିହିଁ ଏଲେଇଚେରି, "ପ୍ରବୁ ନୀନୁ ହ଼ାଗୁ, ଦାର୍‌ତି,
ସାମ୍‌ଦୁରି ଇଞ୍ଜ଼ାଁ ଏ଼ ବାରେ ତ଼ାଣା ମାନାଣି ବାରେ ଗ଼ାଡ଼ି କିହାମାଞ୍ଜି! ୨୫
ସୁଦୁଜୀୱୁ ତଲେ ନୀନୁ ମ଼ା ଆକୁ ଦାୱୁଦ ନୀ ହ଼ଲେଏଣା ଗୂଟିଟି, ଇ କାତା
ୱେସାମାଚି; 'ଜୀହୁଦିଆ଼ଆତାରି ଏ଼ନାଆଁତାକି କାର୍‌ବି ଆ଼ତେରି; ଇଞ୍ଜ଼ାଁ
ଲ୍‌କୁ ଏ଼ନାଆଁତାକି ଉଜେଏତାଣି ଅଣ୍‌ପିତେରି? ୨୬ ପ୍ରବୁ ଅ଼ଡ଼େ ତାନି ବ଼ର
ବେଟାଆ଼ହାମାନି ମସିହା କ଼ପାଟି, ଦାର୍‌ତିତି ରାଜାୟାଁ ନିଡ୍ଗିତେରି, ଇଞ୍ଜ଼ାଁ
ସ଼ାଲୱି କିନାରି କୂଡ଼ା ଆ଼ତେରି ।'" ୨୭ ଇଚିହିଁ ନୀ ସୁଦୁଗାଟି ହ଼ଲେଏସି
ଜୀସୁଇଁ ବ଼ର ହୀତି, ସାତେଏ ଏ଼ୱାଣି କ଼ପାଟି ହେରଦ ଅ଼ଡ଼େ ପନ୍ତିୟ
ପିଲାତ ଇ ରିଆରି ଜୀହୁଦିଆ଼ଆତାରି ଅ଼ଡ଼େ ଇସ୍ରାୟେଲ ଲ୍‌କୁତଲେ
ଇ ଗ଼ାଡ଼ାତା ପାରୁ ପାରିତେରି, ୨୮ ମୀ ଅଣ୍‌ପୁ ତଲେ ଏ଼ନାୟି ବାରେ
ଗଟୱି ଆ଼ନେ ଇଞ୍ଜେଁ ତଲିଟିଏ କିୱି ଆ଼ହାମାଚେ, ଏ଼ଦାଆଁ କିହାଲି କୂଡ଼ା
ଆ଼ତେରି । ୨୯ ଅ଼ଡ଼େ ନୀଏଁ, ଏ଼ ପ୍ରବୁ, ଏ଼ୱାରି ମାଡ୍ଢେ ଆଜି କିହିମାଞ୍ଜାନାଣି
ସିନିକିୟାମୁ; ଅ଼ଡ଼େ ନୀ ହ଼ଲିୟାଙ୍ଗାଣି ହ଼ାରେକା ସ଼ାସାତଲେ ନୀ ବ଼ଲୁ
ୱେସାଲି ବ଼ାଡ଼୍‌ୟୁ ହୀମୁ, ୩୦ ଇଞ୍ଜ଼ାଁ ଏ଼ଦାଆଁ ତଲେ ନୀ ସୁଦୁ ହ଼ଲେଏସି

ଜୀସୁତି ଦ୍ରୁତଲେ ନେହିଁ କିହାଲି ଅ଼ଡ଼େ ସିନାୟାଁ ଇଞ୍ଜାଁ କାବାଆ଼ନି
କାମାୟାଁ କିହାଲିତାକି ନୀ କେୟୁ ଦ଼ାସା ଡ଼ୟାମୁ । ୩୧ ଏ଼ୱାରି ପ୍ରାତାନା
ର଼ାପ୍‌ହି ଡ଼ାୟୁ, ଆମିନି ଟ଼ାୟୁତା ରୁଣ୍ଡା ଆ଼ହାମାଚେରି, ଏ଼ଦି ୱାଡିତେ ।
ଇଞ୍ଜାଁ ବାରେଜ଼ାଣା ସୁଦୁଜୀୱୁ ତଲେ ନେଞ୍ଜାନା ବ଼ାଡ଼ୟୁ ତଲେ ମାହାପୁରୁତି
ବ଼ଲୁ ୱେକ୍‌ହାଲି ମାଟ୍‌ହେରି । ୩୨ ନାମୁଗାଟି ଲ଼କୁ ରଣ୍ତିଏ ହିୟାଁ ରଣ୍ତିଏ
ମ଼ନତଲେ ମାଚେରି; ଏ଼ୱାରି ବିତ୍ରାଟି ଆମ୍ବାଆରି ଜିକେଏ ତାମି ଦ଼ନତି
ମ଼ାଦି ଇଞ୍ଜାଁ ଅଣ୍‌ପି ହିଲାଆତେରି, ସାମା ଏ଼ୱାରିୱାୟି ବାରେ ସମାନା
ଇଞ୍ଜାଁ ଅଣ୍‌ପିମାଚେରି । ୩୩ ପାଣ୍ତୱି ଆ଼ହାମାନାରି ଗାଡି ବ଼ାଡ଼ୟୁ ତଲେ
ପ୍ରବୁ ଜୀସୁତି ୱେଣ୍ତେ ନିଙ୍ଗିତି କାତା ୱେସାଲି ମାଟ୍‌ହେରି, ଇଞ୍ଜାଁ ବାରେତି
ଲାକ ମାହାପୁରୁତି ହ଼ାରେକା କାର୍ମା ମାଚେ । ୩୪ ଇଚିହିଁ ଏ଼ୱାରି ବିତ୍ରା
ଆମ୍ବାଆରାକି ଏ଼ନାୟି ଊଣା ଆ଼ହି ହିଲାଆତେ, ଇଚିହିଁ ଏଚେକା ଲ଼କୁତି
ବୂମି ଇଞ୍ଜାଁ ଇଲ୍‌କା ମାଚୁ ପାର୍‌ଚି ମାଚେରି ୩୫ ଅ଼ଡ଼େ ପାଣ୍ତୱି ଆ଼ତାରି
କଡାଁ ଡ଼ଇକା ଏ଼ ଡାବୁୟାଁ ହୀହିମାଚେରି, ଅ଼ଡ଼େ ବାରେ ଲ଼କୁତାକି ତାମି
ଲ଼ଡ଼ାମାନି ଲେହେଁ ଏ଼ ଡାବୁୟାଁ ବ଼ାଟିକିୱି ଆ଼ହିମାଚେ । ୩୬ କୁପ୍ର ଇନି
ଟ଼ାୟୁତା ଜାର୍ନା ଆ଼ହାମାଚି ଲେବି କୂଡ଼ାତି ଜସେପ, ଆମିନାଣାଇଁ ପାଣ୍ତୱି
ଆ଼ତାରି ବର୍ନବା ଇଞ୍ଜାଁ ମାଚେରି, ଇ ଦ଼ରୁ ଅର୍ତ "ବ଼ାର୍ସୁ ହୀନାସି," ୩୭
ଏ଼ୱାଣିୱାୟି ଇଚାୟି ବୂମି ମାଚେ, ଏ଼ୱାସି ଏ଼ଦାଆଁ ପା଼ର୍‌ଚାନା ଏମ୍ବାଟି
ଟାକାୟାଁ ତାଚାନା ପାଣ୍ତୱି ଆ଼ତାରି କଡାୟାଁ ଡ଼ଇ ଇଟିତେସି ।

**୫** ହନନିୟ ଦ଼ରୁଗାଟାସି ରଅସି ମାଚେସି, ଏ଼ୱାସି ତାନି ଡକ୍ରି ସପିରା
ତଲେ ଇଚାଣି ବୂମି ପା଼ର୍‌ତେସି । ୨ ହନନିୟ ତାନି ଡକ୍ରି ତଲେ ଏ଼
ଟାକାୟାଁ ବିତ୍ରାଟି କଚେକା ଡୁକ୍‌ହା ଇଟାନା କଚେକା ତାଚାନା ପାଣ୍ତୱି
ଆ଼ତାରାକି ହୀତେସି । ୩ ପିତର ଏ଼ୱାଣାଇଁ ଏଲେଇଚେସି, "ହନନିୟ,
ସୁଦୁଜୀୱୁ ନ଼କିତା ମିଚି ଜ଼ଲାଲି ଇଞ୍ଜାଁ ବୂମି ପା଼ର୍‌ଚାନା କଚେକା ଡୁକ୍‌ହା
ଇଟାଲି ସୟତାନ ଏ଼ନାଆଁତାକି ମୀ ହିୟାଁତି ଲକ୍‌ହାମାନେ? ୪ ପା଼ର୍‌ନି
ନ଼କେଏ ଏ଼ଦି ନୀ ଅଦିକାରାତା ହିଲାଆତେ କି? ପା଼ର୍‌ତି ଡ଼ାୟୁ ଜିକେଏ
ଏମ୍ବାଟି ଟାକାୟାଁ ଜିକେଏ ନୀୱି ଆ଼ହାହିଲାଆତୁ କି? ଆତିହିଁ ନୀନୁ ଏ଼ନିକିଁ
ନୀ ହିୟାଁତା ଇ ଅଣ୍‌ପୁ ଅଣ୍‌ପିତି? ଏ଼ଦାଆଁ ନୀନୁ ମାଣ୍‌ସି ନ଼କିତା ମିଚି
ଜ଼ଲିମାଞ୍ଜି ଏ଼ଦି ଆ଼ଏ, ସାମା ମାହାପୁରୁ ନ଼କିତା ମିଚି ଜ଼ଲାମାଞ୍ଜି!" ୫
ହନନିୟ ଇ ହ଼ାଡା ୱେଣ୍ମ୍ବନିଏ ଡ଼ଇ ତର୍‌ଗାନା ହ଼ାହାହାଚେସି; ଏମ୍ବାଆଁ
ଏଚେକା ଲ଼କୁ ଇ କାତା ୱେଚେରି, ଏ଼ୱାରି ବାରେ ହ଼ାରେକା ଆଜିତେରି ।
୬ ଅ଼ଡ଼େ, ଦାଂଗ୍‌ଣାୟାଁ ବିତ୍ରା ୱା଼ହାନା ହିମ୍ବରି ପ୍ଲୀକ୍‌ହେରି ଇଞ୍ଜାଁ ପାଙ୍ଗ୍‌ତା
ଅ଼ହାନା ମାହ୍‌ଣି ମାଣ୍ତାତା ମୁସ୍ତେରି । ୭ ତୀନି ଗଂଟା ଡ଼ାୟୁ ତାନି ଡକ୍ରି
ୱା଼ତେ, ସାମା ଏ଼ନାଆଁ ଆ଼ହାମାନେ, ଏ଼ଦାଆଁ ଏ଼ଦି ପୁଞ୍ଜା ହିଲାଆତେ । ୮
ପିତର ଏ଼ଦାନି ୱେଚେସି, "ନୀନୁ ଅ଼ଡ଼େ ନୀ ଡକ୍ରା ଇଚେକା ଟାକାୟାଁତାକି
କି ମୀ ବୂମି ପା଼ର୍‌ତେରି?" ଏ଼ଦି ଏଲେଇଚେ, "ହାଅ ଏଚେକା ତାକିଏ
।" ୯ ପିତର ଏ଼ଦାନି ଏଲେଇଚେସି, "ପ୍ରବୁତି ଜୀୱୁତି ତାୟିପାରି କିହାଲି
ମୀରୁ ଏ଼ନାଆଁତାକି ରଣ୍ତିଏ କାତା ଆ଼ତେରି? ମେହ୍‌ମୁ ଆମିନି ଗାଟାରି
ନୀ ଡକ୍ରାଇଁ ମୁସାନା ୱା଼ହିମାନେରି, ଏ଼ୱାରି ଦୁୱେରିତା ୱା଼ତେରିଏ, ଇଞ୍ଜାଁ
ଏ଼ୱାରି ନିଙ୍ଗେ ପାଙ୍ଗ୍‌ତା ଡ଼େକା ଅୟାନେରି ।" ୧୦ ଏ଼ କାତା ୱେଣ୍ମ୍ବନିଏ
ଏ଼ଦି ପିତର କଡାଁ ଡ଼ଇ ତର୍‌ଗାନା ହ଼ାହାହାଚେ, ଇଞ୍ଜାଁ ଦାଂଗ୍‌ଣାୟାଁ ବିତ୍ରା
ୱା଼ହାନା ହ଼ାହାମାନାଣି ମେସ୍ତେରି ଇଞ୍ଜାଁ ପାଙ୍ଗ୍‌ତା ଡ଼େକା ଅ଼ହାନା ତାନି ଡକ୍ରା
ଟଟତା ମୁସ୍ତେରି । ୧୧ ଏମ୍ବାଟିଏ ବାରେ କୁଲମି ଇଞ୍ଜାଁ ଏଚେକା ଲ଼କୁ ଇ
ବାରେ କାତା ୱେଚେରି, ଏ଼ୱାରି ବାରେ ହ଼ାରେକା ଆଜିତେରି । ୧୨ ପାଣ୍ତୱି
ଆ଼ତାରି ତ଼ାଣାଟି ହ଼ାରେକା କାବାଆ଼ନି କାମାୟାଁ ଅ଼ଡ଼େ ସିନାୟାଁ ଆ଼ହାଲି
ମାଟ୍‌ହେ, ଇଞ୍ଜାଁ ବାରେ ନାମିତାରି ରଣ୍ତିଏ ଅଣ୍‌ପୁ ତଲେ ସଲମନତି ପିଣ୍ତାତା
କୂଡ଼ା ଆ଼ହିମାଚେରି, ୧୩ ସାମା ଏଟ୍‌କାତି ଲ଼କୁ ଆମ୍ବାଆରି ଏ଼ୱାରିତଲେ
କୂଡ଼ାଲି ସା଼ସା କିହିହିଲାଆତେରି; ଆ଼ତିଜିକେଏ ଲ଼କୁ ଏ଼ୱାରି ଗାୱୁରମି
କିହିମାଚେରି, ୧୪ ଇଞ୍ଜାଁ, ହ଼ାରେ ହ଼ାରେକା ଇୟାସିକା ଅ଼ଡ଼େ ଆ଼ବାୟାଁ
ନାମାହାଁ ପ୍ରବୁ ତ଼ାଣା କୂଡ଼ାଲି ଆଣ୍ତିତେରି, ୧୫ ପାଣ୍ତୱି ଆ଼ତାରି କାମା
ଦିନାତାକି ଦିନା ପାଡାଆ଼ତେ, ଇଲାଆ଼ହିଁ, କି ପିତର ୱା଼ନି ର଼େଲାତା ଏ଼ନିକିଁ
ତାନି ସ଼ାୟିଁ ର଼ଗ ଗାଟାରି ଲାକ ଆ଼ଡିନେ, ଏ଼ଦାଆଁତାକି ର଼ଗ ଗାଟାରାଇଁ
ଆଂଗେଣିତା ଡ଼େକା ତାଚାନା କାଟେଲି ଇଞ୍ଜାଁ ପା଼ସ୍‌ପନିତା ଇଟିମାଚେରି ।
୧୬ ଜିରୁସାଲମତି ସ଼ାରିସୁଟୁ ଗା଼ଡ଼ାୟାଁତି ହ଼ାରେକା ଲ଼କୁ ର଼ଗ ଗାଟାରାଇଁ
ଅ଼ଡ଼େ ବୂତୁୟାଁ ଆଲ୍‌ଗିତାରାଇଁ ତାଚିହିଁ ୱା଼ତେରି, ଅ଼ଡ଼େ ଏ଼ୱାରି ବାରେଜ଼ାଣା
ନେହିଁ ଆ଼ତେରି । ୧୭ ଏଚେଟିଏ କାଜା ପୂଜେରାଙ୍ଗା ଅ଼ଡ଼େ ଏ଼ୱାଣି ବାରେ
ତ଼ଡୁ ଲ଼କୁ, ନ଼ାୟୁଁତି ସାଦୁକିୟାଁ ଗଚିତାରି ପାଣ୍ତୱି ଆ଼ତାରାଇଁ ଡ଼ାହାରା
ଆ଼ହାନା ଏ଼ୱାରି କ଼ପାଟି ନିଙ୍ଗିତେରି । ୧୮ ଏ଼ୱାରି ପାଣ୍ତୱି ଆ଼ହାମାନାରାଇଁ
ଆସାନା କାୟିଦି ଇଲୁତା ଇଟିତେରି । ୧୯ ସାମା ଲା଼ଆଁୟାଁ ର଼େଲାତା
ପ୍ରବୁତି ର଼ ଦୂତୁ କା଼ୟିଦି ଇଲୁତି ଦ଼ାରାୟାଁ ବାରେ ଦେଚାତୁସ୍ତେ, ଇଞ୍ଜାଁ
ଏ଼ୱାରାଇଁ ପାଙ୍ଗ୍‌ତା ତାଚାନା ଏଲେଇଚେ, ୨୦ "ହାଜୁ, ଇଞ୍ଜାଁ ମାହାପୁରୁ
ଇଲୁତା ନିଚାନା ଲ଼କୁଣି ଇ ଜୀୱୁତି ବାରେ କାତା ୱେହ୍‌ଦୁ ।" ୨୧ ଇ
କାତା ୱେଞ୍ଜାନା ଏ଼ୱାରି ଲା଼ଇଅଲି ମାହାପୁରୁ ଇଲୁତା ହ଼ଡାନା ଜ଼ାପ୍‌ହାଲି
ମାଟ୍‌ହେରି । ଏମ୍ବାଟିଏ କାଜା ପୂଜେରାଙ୍ଗା ଅ଼ଡ଼େ ତାମି ତ଼ଣେସିଙ୍ଗା
ୱା଼ହାନା କୁଟମିତି କାଜାରାଇଁ ଅ଼ଡ଼େ ଇସ୍ରାୟେଲ ଲ଼କୁତି ପ୍ରାଚିନାଙ୍ଗାଣି
ହ଼ାଟାନା କୂଡ଼ି କିତେରି; ଇଞ୍ଜାଁ ପାଣ୍ତୱି ଆ଼ତାରାଇଁ ତାଚାଲି କାୟିଦି ଇଲୁତା
ଲ଼କୁଣି ପାଣ୍ତିତେରି । ୨୨ ସାମା କାମାକିନାରି ହାଜାନା କା଼ୟିଦି ଇଲୁତା
ପାଣ୍ତୱି ଆ଼ତାରାଇଁ ବେଟାଆ଼ଆନା ୱେଣ୍ତା ୱା଼ହାନା ର଼େରଣି ମାଣ୍ତାତାରାଇଁ
ୱେସ୍ତେରି, ୨୩ "ମା଼ମୁ କାୟିଦି ଇଜ ହାଜାନା ସିନିକିତମି, କାୟିଦି ଇଲୁ
ଦ଼ାରା ଆ଼ଟ୍‌ୱା ତଲେ ସୁଣ୍ଡୱିଆ଼ହାମାଚେ; ଇଞ୍ଜାଁ ଦୁୱେରିକାଣା କା଼ଚାମାଚି
କ଼ସ୍‌କା ନିଚାମାଚେରି, ସାମା ଦ଼ାରା ଦେଚାଲିଏ ବିତ୍ରା ଆମ୍ବାଆରାଇଁ
ଜିକେଏ ବେଟାଆ଼ଆତମି!" ୨୪ ଇ ହ଼ାଡା ୱେଞ୍ଜାନା କାଜା ପୂଜେରାଙ୍ଗା
ଅ଼ଡ଼େ ମାହାପୁରୁ ଇଲୁତି କ଼ସ୍‌କା ମୁହେଁ କାଜାସି ପାଣ୍ତୱି ଆ଼ତାରାକି ଏ଼ନାଆଁ
ଆ଼ତେ ଅଣ୍‌ପାନା ଏ଼ୱାରି କାତାତା ଆଡାଜାକା ଆ଼ହାହାଚେରି । ୨୫
ଏଚି଼ର଼େଲା ରଅସି ୱା଼ହାନା ଏ଼ୱାରାଇଁ ଏଲେଇଚେସି, "ମେହ୍‌ଦୁ ମୀରୁ
ଆମିନି ଗାଟାରାଇଁ କା଼ୟିଦି ଇଲୁତା ଇଟାମାଚେରି, ଏ଼ୱାରି ମାହାପୁରୁ
ଇଲୁତା ଜ଼ାପ୍‌ହିମାନେରି ।" ୨୬ ଏଚେଟିଏ କ଼ସ୍‌କା ମୁହେଁ କାଜାସି,

କାମାକିନାରି ତଲେ ହାଜାନା ପାଣ୍ତୁଭି ଆ଼ତାରାଇଁ ୱେଣ୍ତେ ହ଼ାଟା ତାତେରି,
ସାମା ବ଼ାଡ଼୍ୟୁ ତଲେ ଆ଼ଏ, ଇଚିହିଁ ଲ଼କୁ ୱାଲ୍‌କାତଲେ ଱େତାନେରି
ଜିକେଏ ଇଞ୍ଜୁଁ ଆଜିମାଚେରି । **୨୭** ଏ଼ୱାରି ଏ଼ୱାରାଇଁ ତାଚାନା କୁଲମି
ପାଙ୍ଗ୍ଲାତା ନିପ୍‌ହେରି, ଏମ୍ବାଟିଏ କାଜା ପୂଜେରା ଏ଼ୱାରାଇଁ ୱେଚେସି । **୨୮**
"ଈ ମାଣ୍‌ସି ଦ଼ରୁତଲେ ଆମ୍ବାଆରାଇଁ ଜିକେଏ ୱେହ୍‌ଆଦୁ ଇଞ୍ଜୁଁ ମ଼ାମ୍ବୁ ଜାଣ୍ତେ
ହୁକୁମି ହୀହାମାଞ୍ଜାତମି, ସାମା ସିନିକିଦୁ, ମୀରୁ ଏ଼ନାଆଁ କିହାମାଞ୍ଜେରି!
ଜିରୁସାଲମତି ସ଼ାରିୱାକି ମୀରୁ ଏ଼ କାତା ଜ଼ାପ୍‌ହି ମାଞ୍ଜେରି ଇଞ୍ଜାଁ ଏ଼ୱାଣାଇଁ
ନେତେରିତି ଦ଼ହ ମ଼ା ମୁହେଁ ଏକ୍‌ହାଲି ଅଣ୍‌ପିମାଞ୍ଜେରି ।" **୨୯** ସାମା
ପିତର ଇଞ୍ଜାଁ ଏଟ୍‌କାତି ପାଣ୍ତୁଭି ଆ଼ହାମାନାରି ଏଲେଇଚେରି, "ମାଣ୍‌ସିୟାଁତି
ହୁକୁମି ମ଼ାନି କିନି କିହାଁ ମାହାପୂରୁତି ହୁକୁମି ମ଼ାନି କିନାୟିମାନେ । **୩୦**
ଆମିନି ଜୀସୁଇଁ ମୀରୁ ପ଼ାସି ମୁଣ୍ତାତା ଏ଼କ୍‌ହାନା ପ଼ାୟାମାଚେରି, ମ଼ା ଆକୁ
ଆ଼ବାୟାଁତି ମାହାପୂରୁ ଏ଼ୱାଣାଇଁ ୱେଣ୍ତେ ନିକ୍‌ହାମାନେସି । **୩୧** ଇଞ୍ଜାଁ
ଏ଼ୱାସି ଏ଼ନିକିଁ ଇସ୍ରାୟେଲତି ମ଼ନ ୱେଟ୍‌ପି କିହାଁ ପ଼ାପୁ ମେଣ୍‌ଙ୍ଗି କିନେସି,
ଏ଼ଦାଆଁତାକି ମାହାପୂରୁ ତାନି ଟିଃନି କେୟୁତଲେ ଏ଼ୱାଣାଇଁ କାଜାପ଼ାଣା
ଇଞ୍ଜାଁ ଗେଲ୍‌ପିନାଣା ଲେହେଁ କାଜାସି କିହାମାନେସି । **୩୨** ଅ଼ଡ଼େ, ମ଼ାମ୍ବୁ
ଈ ବାରେତି ସ଼ାକି, ଇଞ୍ଜାଁ ଆମିନି ସୁଦୁଜୀୱୁଇଁ ମାହାପୂରୁ ତାନି ହୁକୁମି
ମ଼ାନଭି ଆ଼ନାରାକି ହୀହାମାଞ୍ଜାନେସି, ଏ଼ଦି ଜିକେଏ ସ଼ାକି ।" **୩୩** ଈ
କାତା ୱେଞ୍ଜାନା କୁଟମିତି କାଜାରି ହ଼ାରେକା କାର୍‌ବି ଆ଼ହାହାଚେରି, ଇଞ୍ଜାଁ
ଏ଼ୱାରାଇଁ ପ଼ାୟାଲି ତାକି କାତା ଆ଼ତେରି । **୩୪** ସାମା ଗମଲିୟେଲ
ଦ଼ରୁଗାଟି ର଼ ମ଼ାନିଗାଟି ପାରୁସି, ଆମିନିଗାଟାସି ମ଼ସାତି ମେ଼ରା ଜ଼ାପ୍‌ନାସି
ମାଚେସି, ଏ଼ୱାସି ବେ଼ରଣିମାଣ୍ତାତା ନିଚାନା ପାଣ୍ତୁଭି ଆ଼ହାମାନାରାଇଁ
ଗ଼ାଡ଼େକା ତାକି ପାଙ୍ଗ୍ଲାତା ପାଣ୍ତାଲି ହୁକୁମି ହୀତେସି । **୩୫** ଇଞ୍ଜାଁ ଏ଼ୱାସି
ଏ଼ୱାରାଇଁ ଏଲେଇଚେସି "ଏ଼ ଇସ୍ରାୟେଲ ଲ଼କୁତେରି, ଈୱାରି ତାକି ମୀରୁ
ଏ଼ନାଆଁ କିହାଲି ଅଣ୍‌ପିମାଞ୍ଜେରି, ଏ଼ କାତାତା ଜାଗ୍ରାତା ଆ଼ହାମାଞ୍ଜୁ । **୩୬**
ଇଚିହିଁ ଈଦାଆଁ ନ଼କେଏ ତିୱୁଦା ଇନାସି ହ଼ଚାନା ତ଼ାନୁ ର଼ କାଜା ମାଣ୍‌ସି
କିହା କଡିତେସି, ଇଞ୍ଜାଁ ସ଼ାରି ୱାଞ୍ଜା ଲ଼କୁ ଏ଼ୱାଣିତଲେ ଆଣ୍ତିତେରି; ଏ଼ୱାସି
ପ଼ାୟ୍‌ଭି ଆ଼ତେସି, ଇଞ୍ଜାଁ ଏଚେକା ଲ଼କୁ ଏ଼ୱାଣି ତ଼ାଣା ବ଼ାର୍ସୁ କିହାମାଚେରି,
ଏ଼ୱାରି ବାରେ ଇତାଲା ଆତାଲା ଆ଼ହାଁ ଏ଼ନି କାମାତା ହୀଆତେରି । **୩୭**
ଏ଼ ଲ଼କୁତି ଜେ଼ଚ ଲ଼କୁଣି ଏଜିକିନି ବେ଼ଲାତା ଗାଲିଲିତି ଜୀହୁଦା ଇନାସି
ହ଼ଚାନା ଲ଼କୁଣି ତାନି ୱାକି ରେଜା ଅ଼ହାନା ତାନି ସୀସୁୟାଁ କିତେସି;
ଏ଼ୱାସି ଜିକେଏ ପ଼ାୟ୍‌ଭି ଆ଼ତେସି, ଇଞ୍ଜାଁ ଏଚେକା ଲ଼କୁ ଏ଼ୱାଣି ଜେ଼ଚ
ଆଣ୍ତାମାଚେରି, ଏ଼ୱାରି ବାରେ ଇତାଲା ଆତାଲା ଆ଼ହାହାଚେରି । **୩୮**
ଇଞ୍ଜାଁ ନୀଏଁ ନ଼ାନୁ ମିଙ୍ଗେ ୱେସିମାଞ୍ଜାଇଁ, ମୀରୁ ଈ ଲ଼କୁଣି ଏ଼ନାଆଁ କିଆନା
ଏ଼ୱାରାଇଁ ପିସାତୁହ୍‌ଦୁ, ଇଚିହିଁ ଈ କାତା କି କାମା ମାଣ୍‌ସି ତ଼ାଣାଟି
ଆ଼ହାମାନେ, ଇଚିହିଁ ଏ଼ଦି ଉଜେଏ ଆ଼ନେ; **୩୯** ସାମା ଏ଼ଦି ମାହାପୂରୁ
ତ଼ାଣାଟି ଆ଼ହାମାନେ, ଇଚିହିଁ ମୀରୁ ଏ଼ୱାରାଇଁ ଜୀଣା ଆ଼ନି ସ଼ାସା ହିଲେଏ,
ଇଚିହିଁ ମୀରୁ ମାହାପୂରୁ କ଼ପାଟି ଜୁଜୁ କିହିମାଞ୍ଜେରି ଇଞ୍ଜାଁ ତ଼ଞ୍ଜା ଆ଼ଦେରି!"
ଏ଼ ବାରେ କୁଟମି ଗମଲିୟେଲ କାତାତି ୱେଚେରି । **୪୦** ଇଞ୍ଜାଁ ପାଣ୍ତୁଭି
ଆ଼ତାରାଇଁ ବିତ୍ରା ହ଼ାଟାନା ସ଼ାଟ୍‌ଣି ମ଼ାଡା ୱେ଼ଚାନା ଜୀସୁ ଦ଼ରୁତି କାତା
ୱେହ୍‌ଆଦୁ ଇଞ୍ଜାଁ ହୁକୁମି ହୀହାନା ପିସ୍ତେରି । **୪୧** ମାହାପୂରୁ ନ଼କିତା ଏ଼ୱାରି
ଜୀସୁ ଦ଼ରୁ ତାକି ଲାଜା ବେଟାଆ଼ହାଲି ଜ଼ଗେ ଇଞ୍ଜାଁ ଅଣ୍‌ପାମାଚେରି,
ଏ଼ଦାଆଁତାକି ଏ଼ୱାରି ର଼ାହାଁ କିହିଁ କୁଟମି ବିତ୍ରାଟି ହ଼ଚାୱ଼ାତେରି; **୪୨** ଅ଼ଡ଼େ,
ଏ଼ୱାରି ଦିନାତାକି ଦିନା ମାହାପୂରୁ ଇଲୁତା ଇଞ୍ଜାଁ ଇଲୁତାକି ଇଲୁ ଜ଼ାପ୍‌ହାଲି
ଇଞ୍ଜାଁ ଜୀସୁଏ ମସିହା, ଈ ନେହିଁ କାବ୍ରୁ ୱେ଼କ୍‌ହାଲି ଊଣା ଆ଼ଆତେରି ।

**୬** ଏମ୍ବାଟିଏ ସୀସୁୟାଁ ହ଼ାରେ ହ଼ାରେକା ଜ଼ାଣା ଆ଼ହାଲି ମ଼ାଟ୍‌ହେରି, ଗ୍ରିକ୍
ଜ଼ଲିନି ଜୀହୁଦି ଲ଼କୁ ଏବ୍ରି ଜ଼ଲିନି ନାମିତି ଲ଼କୁଣି ଲାଜା କିହାଲି
ମ଼ାଟ୍‌ହେରି, ଏ଼ନାଆଁତାକି ଇଚିହିଁ ଦିନାତାକି ଦିନା କ଼ାଦିକଣ୍ତା ବ଼ାଟିକିନି
ବେ଼ଲାତା ର଼ାଣ୍ତେଣିସିକାକି ହୀହି ହିଲାଆତେରି । **୨** ଏମ୍ବାଟିଏ ବ଼ାରଜ଼ାଣା
ସୀସୁୟାଁ ବାରେ ନାମିତି ଲ଼କୁଇଁ ର଼ ତ଼ାଣା କୂଡ଼ି କିହାନା ଏଲେଇଚେରି,
"ମାହାପୂରୁତି ବ଼ଲୁ ୱେ଼କ୍‌ହାଲି ପିସାହାଁ ବ଼ାଟି କିହାଲି ହିକିତିହିଁ ନେହେଁ
ଆ଼ଏ । **୩** ଈଦାଆଁତାକି ଏ଼ ତାୟିୟାଁ ଅ଼ଡ଼େ ତାଙ୍ଗିସ୍କା, ମୀ ବିତ୍ରାଟି ନେହାଁରି
ଇଞ୍ଜାଁ ୱେ଼ଙ୍ଗିତି ସୁଦୁଜୀୱୁ ତଲେ ନେଞ୍ଜାମାନି ବୁଦିଗାଟି ସ଼ାତା ଜ଼ାଣାଇଁ
ଆ଼ଚାଦୁ, ଏ଼ୱାରାକି ଈ ବ଼ାଟିକିନି କାମା ହେର୍‌ପାଦୁ । **୪** ଆତିହିଁ ମ଼ାମ୍ବୁ
ପ୍ରାତାନାତା ଇଞ୍ଜାଁ ବ଼ଲୁ ୱେହ୍‌ନି ସେ଼ବା କାମାତା ରଣ୍ତିଏ ଅଣ୍‌ପୁ ତଲେ
ଡ଼ୟିନମି ।" **୫** ଈ କାତା ବାରେ ଲ଼କୁତି କାନୁତା ନେହିଁ ତ଼ଞ୍ଜାଆ଼ତେ, ଇଞ୍ଜାଁ
ଏ଼ୱାରି ନାମୁ ଅ଼ଡ଼େ ସୁଦୁଜୀୱୁତା ନେଞ୍ଜାମାନି ସ୍ତିପାନ ଦ଼ରୁ ଗାଟାଣାଇଁ ଇଞ୍ଜାଁ
ପିଲିପ, ପ୍ରକର, ନିକାନର, ତିମନ, ପାର୍ମିନା, ଅ଼ଡ଼େ ଆନ୍ତିୟକିୟାତି ତଲି
ଜୀହୁଦି ଦାର୍ମୁତା ଆଣ୍ତାମାଚି ନିକଲାୟଇଁ ଆ଼ଚିତେରି, **୬** ଏ଼ୱାରି ଏ଼ୱାରାଇଁ
ପାଣ୍ତୁଭି ଆ଼ତାରି ତ଼ାଣା ତାତେରି, ଇଞ୍ଜାଁ ଏ଼ୱାରି ଲାକ କେସ୍କା ଇଟାନା
ପ୍ରାତାନା କିତେରି । **୭** ଏଚେଟିଏ ମାହାପୂରୁତି ବ଼ଲୁ ହ଼ାରେକା ୱେ଼ଙ୍ଗିତେ,
ଇଞ୍ଜାଁ ଜିରୁସାଲମତା ସୀସୁୟାଁ ହ଼ାରେକା ପାଡାଆ଼ହାଲି ମ଼ାଟ୍‌ହେରି; ଅ଼ଡ଼େ
ପୂଜେରାଙ୍ଗା ବିତ୍ରାଟି ହ଼ାରେକା ଜ଼ାଣା କ୍ରୀସ୍ତଇଁ ନାମାଲି ମ଼ାଟ୍‌ହେରି । **୮**
ସ୍ତିପାନ ମାହାପୂରୁତି କାର୍ମା ଇଞ୍ଜାଁ ବ଼ାଡ଼୍ୟୁ ବେଟାଆ଼ହାନା ଲ଼କୁ ବିତ୍ରା କାଜା
କାଜା କାବାଆ଼ନି କାମା ଅ଼ଡ଼େ ସିନାୟାଁ କିହାଲି ମ଼ାଟ୍‌ହେସି । **୯** ସାମା
ଲିବର୍ତନ, କୁରିଣି ଅ଼ଡ଼େ ଆଲେକ୍‌ଜାଣ୍ତ୍ରିୟା ଗ଼ାଡ଼ାୟାଁଣା ବାସା କିହାମାନି
ଦ଼ରୁତା ୱେ଼ଙ୍ଗାମାନି ଜୀହୁଦି ଲ଼କୁତି ପ୍ରାତାନା ଇଲୁତି ଏଚେକା ଲ଼କୁ ଅ଼ଡ଼େ
କିଲିକିୟା ଇଞ୍ଜାଁ ଆସିୟା ଦେ଼ସାତି ଏଟ୍‌କା ଜୀହୁଦିଙ୍ଗା ନିଙ୍ଗାନା ସ୍ତିପାନ
ତଲେ ବ଼ାଦିବ଼ାଦା ଆ଼ତେରି । **୧୦** ସାମା ଏ଼ୱାସି ଆମିନି ସୁଦୁଜୀୱୁ ଅ଼ଡ଼େ
ବୁଦିତଲେ ଜ଼ଲିମାଚେସି, ଏ଼ୱାରି ଏ଼ କାତାତି ୱେଣ୍ତେ ଜ଼ଲାଲି ସ଼ାସା
କିହିହିଲାଆତେରି । **୧୧** ଏଚେଟିଏ ଏ଼ୱାରି ଏଚରଜ଼ାଣାତି ମ଼ାତଭି କିହାନା
ଏଲେଇଞ୍ଜି ୱେସାଲି ଜ଼ାପ୍‌ହେରି, "ମ଼ାମ୍ବୁ ଈୱାଣି ତ଼ାଣାଟି ମ଼ସା ଅ଼ଡ଼େ
ମାହାପୂରୁ ନିନ୍ଦା କାତା ଜ଼ଲିମାଚାଣି ୱେଞ୍ଜାମାନମି ।" **୧୨** ଅ଼ଡ଼େ, ଏ଼ୱାରି
ବାରେ ଲ଼କୁଣି, ଇଞ୍ଜାଁ ପ୍ରାଚିନାଙ୍ଗାଣି ଅ଼ଡ଼େ ମେ଼ରା ପୁନାରାଇଁ କାର୍‌ବି
କିହାନା ଏ଼ୱାଣାଇଁ ବ଼ାଡ଼୍ୟୁ ତଲେ ଆସାନା ବେ଼ରଣିମାଣ୍ତାତା ତାତେରି,
**୧୩** ଇଞ୍ଜାଁ ମିଚି ସ଼ାକି ହୀନାରାଇଁ ନିପ୍‌ହାନା; ଏ଼ୱାରାଇଁ ଏଲେଇଚେରି,
"ଈୱାସି ଈ ସୁଦୁ ପ୍ରାତାନା ଇଲୁ ଇଞ୍ଜାଁ ମ଼ସା ମେ଼ରାତି କ଼ପାଟି ଜ଼ଲାଲି

ଊଣା ଆ଼ହିହିଲଅସି, **୧୪** ଇଚିହିଁ ନ଼ାଜରିତ ଜୀସୁ ମାହାପୂରୁ ଇଲୁତି
ମ୍ନେଣ୍କ୍ନେସି, ଇଞ୍ଜ୍ଣା ମ଼ସା ମାଡ୍ଗେ ଆମିନି ମ଼େରା ହୀହାମାଞ୍ଜ୍ଣନେସି, ଏ଼
ବାରେ ତିରିମ୍ଣିପ୍ନେସି ଇଞ୍ଜ୍ଣ ୱେସିମାଚାଣି ମ଼ାମ୍ବୁ ୱେଞ୍ଜ୍ଣାମାନମି ।” **୧୫**
ଏଚିରେ଼ବେଲା ରେ଼ବେରଣିମାଣ୍ତାତା କୁଗାମାଚି ବାରେ ଲ଼କୁ ସ୍ତିପାନଇଁ ଆଟେ
ସିନିକିତେରି, ଏ଼ୱାଣି ମୂମ୍ବୁ ଦୂତୁତି ମୂମ୍ବୁ ଲେହେଁ ଉଜେଡ଼ି ତ଼ଞ୍ଜ୍ଣାଆ଼ତେ ।

**୭** ଏଚେଟିଏ କାଜା ପୂଜେରା ସ୍ତିପାନଇଁ ୱେଚେସି, “ଇ ବାରେ କାତା
ସାତା କି?” **୨** ସ୍ତିପାନ ଏଲେଇଚେସି, “ତାୟ୍ନିୟାଁ ଅ଼ଡ଼େ ଆ଼ବାୟାଁତେରି
ୱେଞ୍ଜୁ! ମ଼ା ଆ଼ବା ଅବ୍ରାହାମ ହାରଣତା ବାସାଆ଼ନି ନ଼କେଏ ଏଚିରେ଼ବେଲା
ଏ଼ୱାସି ମେସପଟାମିୟାଁ ରେ଼ଦେସାତା ମାଚେସି, ଏଚିରେ଼ବେଲା ଗାୱୁରମିଗାଟି
ମାହାପୂରୁ ଏ଼ୱାଣାଇଁ ତ଼ଞ୍ଜ୍ଣାଆ଼ତେସି, **୩** ଅ଼ଡ଼େ ଏଲେଇଚେସି ‘ନୀନୁ ମୀ
ଇଲୁ କୁଟମି ଇଞ୍ଜ୍ଣା ମୀ ରେ଼ଦେସାଟି ହ଼ଚା ୱ଼ାମୁ, ଇଞ୍ଜ୍ଣା ନ଼ାନୁ ଆମିନି ରେ଼ଦେସା
ତ଼ସ୍ତାଇଁ ଏ଼ ରେ଼ଦେସାତା ହାଲାମୁ ।’ **୪** ଏଚେଟିଏ ତାନି କଲ୍ଦିୟ୍ନିୟାଁ ରେ଼ଦେସାଟି
ହ଼ଚାୱ଼ାହାନା ହାରଣତା ବାସା କିତେସି, ଇଞ୍ଜ୍ଣା ଅବ୍ରାହାମତି ଆ଼ବା ହ଼ାତି
ଡ଼ାୟୁ ଏମ୍ବାଟିଏ ମୀରୁ ନୀଏଁ ଆମିନି ରେ଼ଦେସାତା ବାସା କିହାମାଞ୍ଜେରି,
ମାହାପୂରୁ ଏ଼ ରେ଼ଦେସାତା ଏ଼ୱାଣାଇଁ ତାଚିହିଁ ୱ଼ାତେସି, **୫** ଅ଼ଡ଼େ, ମାହାପୂରୁ
ଅବ୍ରାହାମକି ଏମ୍ବାଆଁ ଏ଼ନି ଅଦିକାରା ହୀଆତେସି, ଅ଼ଡ଼େ ର଼ ପ଼ାୱୁଲି
ୱିହ୍ନି ବୂମିଗାରି ଜିକେଏ ହୀଆତେସି, ଇଞ୍ଜ୍ଣା ଏଚିରେ଼ବେଲା ଏ଼ୱାଣାକି
ପ଼ଦି ପ଼ଦା ହିଲାଆତି ଜିକେଏ ଏ଼ୱାସି ଏ଼ୱାଣାଇଁ ଇଞ୍ଜ୍ଣା ତାନି ୱ଼ାହିମାନି
କୂଡ଼ାତାରିକି ଏ଼ଦାଆଁ ଅଦିକାରା କିହାଲିତାକି ହୀଇଁ ଇଞ୍ଜ୍ଣ ଆ଼ଞ୍ଜିତେସି
। **୬** ଇଞ୍ଜ୍ଣା ମାହାପୂରୁ ଇଲେଇଞ୍ଜ୍ଣ ୱେସ୍ତେସି, ‘ତାନି କୂଡ଼ାତାରି ଏଟ୍କା
ରେ଼ଦେସାତା ବାସା କିନେରି ଇଞ୍ଜ୍ଣା ଏ଼ ଟ଼ାୟୁତି ଲ଼କୁ ଏ଼ୱାରାଇଁ ସ଼ାରି ୱାଞ୍ଜ୍ଣା
ବାର୍ସା ପାତେକା ହ଼ଲିୟାଙ୍ଗା କିହାଁ ଏ଼ୱାରାଇଁ ୱେଟି କାମା କିୱି କିହାନା
ସ଼ାସ୍ତି ହୀନେରି ।’ **୭** ଅ଼ଡ଼େ ମାହାପୂରୁ ଏଲେଇଚେସି, ନ଼ାନୁ ଏ଼ୱାରାଇଁ
ହ଼ଲିୟା କାମା କିୱିକିନାରାଇଁ ବିଚାରା କିଇଁ; ଅ଼ଡ଼େ ଡ଼ାୟୁ ମୀ କୂଡ଼ାତାରି ଏ଼
ରେ଼ଦେସାଟି ହ଼ଚା ୱ଼ାନେରି ଅ଼ଡ଼େ ଇ ଟ଼ାୟୁତା ନାଡ୍ଗେ ପ୍ରାତାନା କିୟାନେରି ।
**୮** ଅ଼ଡ଼େ ମାହାପୂରୁ ଅବ୍ରାହାମକି ତ଼ଲୁ ଦ଼ାଃନି ର଼ାଜିମ଼ାନା ସିନାତି ହୀତେସି,
ଇଞ୍ଜ୍ଣା ଏଲେକିହିଁଏ ଅବ୍ରାହାମ ଇସାହାକଇଁ ଜାର୍ନି କିହାନା ଆ଼ଟାଦିନା
ଆ଼ହାଲିଏ ଏ଼ୱାଣି ତ଼ଲୁ ଦ଼ାତେସି; ଇସାହାକ ଜାକୁବଇଁ, ଅ଼ଡ଼େ ଜାକୁବ
ବ଼ାରଜ଼ାଣା ରେ଼ୱେଙ୍ଗିତି ଆକୁ ଆ଼ବାୟାଁଣି ଜାର୍ନି କିହାନା ତ଼ଲୁ ଦ଼ାପିକିତେସି
।” **୯** “ଜାକୁବ ମୀର୍ଏସି ଜସେପଇଁ ତାମି ତାୟ୍ନିୟାଁ ଡ଼ାହାରା ଆ଼ହାନା
ମିସର ରେ଼ଦେସାତା ଅ଼ୱିଆ଼ୟାଲି ଏ଼ୱାଣାଇଁ ପ଼ାର୍ତେରି; ସାମା ମାହାପୂରୁ
ଏ଼ୱାଣିତଲେ ମାଚେସି, **୧୦** ଅ଼ଡ଼େ ବାରେ କସ୍ତୁଟି ଜସେପଇଁ ଗେଲ୍ପାହାଁ
ମିସରତି ପ଼ାର ରାଜା ନ଼କିତା ମାହାପୂରୁ କାର୍ମା ତ଼ସାହାଁ ବୁଦି ହୀତେସି;
ଏମ୍ବାଟିଏ ପ଼ାର ଜସେପଇଁ ମିସର ରେ଼ଦେସା ଇଞ୍ଜ୍ଣା ତାମି ଇଲୁତି ସ଼ାଲୱି
କିହାଲି ଅଦିକାରା ହୀତେସି । **୧୧** ଡ଼ାୟୁ ମିସର ଇଞ୍ଜ୍ଣା କିଣାନ ରେ଼ଦେସାତା
କାର୍ୱୁ କ଼ାତାରା ଆ଼ତେ, ଲ଼କୁ ହ଼ାରେକା କସ୍ତ ଆ଼ତେରି, ମ଼ା ଆକୁ ଆ଼ବାୟାଁ
ତିଞ୍ଜ୍ଣାଲି କ଼ାଦିକଣ୍ଡା ବେଟାଆ଼ଆତେରି, **୧୨** ସାମା ମିସର ରେ଼ଦେସାତା ଆର୍ନା
ମାନେ ଇଞ୍ଜ୍ଣ ୱେଞ୍ଜ୍ଣାନା, ଜାକୁବ ତାନି ମୀର୍କା ଇଚିହିଁ ମ଼ା ଆକୁ ଆ଼ବାୟାଁଣି
ତଲିଏ ପାଣ୍ତିତେସି । **୧୩** ଏ଼ୱାରି ଅ଼ର ଦେବା ହାଜାଲିଏ ଜସେପ ତାନି
ତାୟ୍ନିୟାଁ ତ଼ାଣା ପୁଣ୍ମ୍ବି କିହା କଡିତେସି, ଇଞ୍ଜ୍ଣା ମିସରତି ରାଜା ପ଼ାର
ଜସେପ କୂଡ଼ାତାରି ଇଞ୍ଜ୍ଣ ପୁଚେସି । **୧୪** ଏମ୍ବାଟିଏ ଜସେପ ତାମି ଆ଼ବା
ଜାକୁବ ଇଞ୍ଜ୍ଣା ତୀନିକ଼ଡ଼ି ପନ୍ଦର ଜ଼ାଣା ତାମି କୁଟମିତି ହ଼ାଟାଲି ପାଣ୍ତିତେସି,
**୧୫** ଏମ୍ବାଟିଏ ଜାକୁବ ମିସର ରେ଼ଦେସାତା ହାଚେସି; ଇଞ୍ଜ୍ଣା ଏ଼ୱାସି ଅ଼ଡ଼େ
ତାନି ମୀର୍କା ଏମ୍ବାଆଁ ହ଼ାତେରି । **୧୬** ଇଞ୍ଜ୍ଣା ଏ଼ୱାରି ମାଡ୍ହା ସିକିମତା
ଅ଼ୱିଆ଼ତେ, ଇଞ୍ଜ୍ଣା ଅବ୍ରାହାମ ଏମ୍ବାଆଁ ହମର ମୀର୍କା ତ଼ାଣାଟି ଆମିନି
ମାହ୍ଣି ମାଣ୍ତା ଟାକାୟାଁ ହୀହାଁ କଡାମାଚେସି, ଏମ୍ବାଆଁ ମୁସ୍ପି ଆ଼ତେରି
।” **୧୭** “ସାମା, ମାହାପୂରୁ ଅବ୍ରାହାମ ନ଼କିତା ଆ଼ଞ୍ଜ୍ଣାମାଚି ଲେହେଁ, ଏ଼
ଆ଼ଞ୍ଜ୍ଣାମାନାୟି ପୂରା ଆ଼ନି କ଼ାଲା ୱ଼ାହାଲିଏ ମ଼ା ଲ଼କୁ ମିସର ରେ଼ଦେସାତା
ହ଼ାରେକା ଗାଡି ପାଡା ଆ଼ତେରି । **୧୮** ଡ଼ାୟୁ ମିସର ରେ଼ଦେସାତା ଅ଼ଡ଼େ ର଼
ରାଜା ଆ଼ତେସି, ଏ଼ୱାସି ଜସେପଇଁ ପୁଞ୍ଜ୍ଣା ହିଲାଆତେସି । **୧୯** ଏ଼ୱାସି
ମ଼ା ଆକୁ ଆ଼ବାଣି ରେ଼ୱେପିକିତେସି ଅ଼ଡ଼େ ସ଼ାସ୍ତି ହୀତେସି, ତାମି କକାରି
ହ଼ାପାରିୱା ଇଞ୍ଜ୍ଣ ଇଲୁଟି ପାଙ୍ଗାତା କୁତୁସାଲି ହୁକୁମି ହୀତେସି । **୨୦**
ଏଚିରେ଼ବେଲାତା ମ଼ସା ଜାର୍ନା ଆ଼ତେସି, ଏ଼ୱାସି ମାହାପୂରୁ ନ଼କିତା ହ଼ାରେକା
ଅ଼ଜିତାସି ଇଞ୍ଜ୍ଣା ତୀନି ରେ଼ଲେଞ୍ଜୁ ପାତେକା ତାମି ଆ଼ବା ଇଜ ପ଼ହିକିୱି ଆ଼ତେସି
। **୨୧** ଡ଼ାୟୁ ଏଚିରେ଼ବେଲା ଏ଼ୱାସି ପାଙ୍ଗାତା ମେତ୍ପି ଆ଼ତେସି, ଏଚିରେ଼ବେଲା
ପ଼ାର ରାଜା ମ଼ାଙ୍ଗା ଏ଼ୱାଣାଇଁ ଅ଼ହାନା ତାନି ମୀର୍ଏଣା ଲେହେଁ ପ଼ହିକିତେ
। **୨୨** ଅ଼ଡ଼େ ମ଼ସା ମିସର ଲ଼କୁତି ବାରେ ବୁଦି ଜ଼ାପାନା କାତାତା ଅ଼ଡ଼େ
କାମାତା ରେ଼ୱେଙ୍ଗିତେସି ।” **୨୩** “ମ଼ସାକି ରୀ କ଼ଡ଼ି ବାର୍ସା ଆ଼ୟାଲିଏ ତାମି
ତାୟ୍ନିୟାଁ ଇଚିହିଁ ଇସ୍ରାୟେଲ ଲ଼କୁତି ମ଼ାସ୍କା ମୀର୍କାଣି ଏ଼ନିକିହିଁ ରେ଼ଲେମ୍ବୁୱି
ଆ଼ହିମାନେ ଇଞ୍ଜ୍ଣ ପୁଞ୍ଜ୍ଣାଲି ଅଣ୍ପିତେସି । **୨୪** ଏ଼ୱାସି ରଅଣାଇଁ ମିସରତାସି
ଗଡ୍ହା କିହିମାଚାଣି ମେସ୍ତେସି, ଏ଼ୱାଣାଇଁ ସ଼ାୟେମି କିହାଲି ହାଚେସି
ଅ଼ଡ଼େ ବାଦୁଲି ଅ଼ହାନା ଏ଼ୱାଣାଇଁ ପ଼ାୟିତେସି । **୨୫** ଏ଼ୱାଣି କେୟୁଟି
ମାହାପୂରୁ ତାମି ତାୟ୍ନିୟାଁଣି ଗେଲ୍ପି ମାନେସି, ଇଦାଆଁ ଏ଼ୱାରି ପୁଞ୍ଜ୍ଣାଲି
ଆ଼ଡିନେରି ଇଞ୍ଜ୍ଣ ଅଣ୍ପିମାଚେସି, ସାମା ଏ଼ୱାରି ପୁଞ୍ଜ୍ଣାଲି ଆ଼ଡାଆତେରି
। **୨୬** ତାନି ଅ଼ର ଦିନା ଇସ୍ରାୟେଲ ଲ଼କୁ ରିଆରି ମ଼ାଡା ଆ଼ହିମାଚାଣି
ମେସ୍ତେସି, ଇଞ୍ଜ୍ଣା ଏ଼ୱାରାଇଁ ଆଣ୍ତୱି କିହାଲି ମାଦି ଆ଼ହାଁ ଏଲେଇଚେସି,
‘ଆଡ଼େ, ମୀରୁତ ଇସ୍ରାୟେଲ ତାୟ୍ନିୟାଁତେରି; ଏ଼ନାଆଁତାକି ଇଲେଆ଼ହିଁ
ଗଡ୍ହା ଆ଼ହିମାଞ୍ଜେରି?’ **୨୭** ସାମା ଆମିନିଗାଟାସି ପ଼ାଡ଼ିତାଣାଇଁ ଲାଗେଏ
କିହିମାଚେସି, ଏ଼ୱାସି ମ଼ସାଇଁ ମେଡାନା ଏଲେଇଚେସି, ‘ଆମ୍ବାଆସି
ନିଙ୍ଗେ ମ଼ା ଲାକ ସ଼ାଲୱି କିହାଲି ଅ଼ଡ଼େ ନୀହାଁୟି କିହାଲି ହିୟାତେସି?’
**୨୮** ‘ରେଃଏନି ଏ଼ନିକିଁ ମିସର ତ଼ାଣାଇଁ ପ଼ାୟାମାଚି, ଏଲେକିହିଁ କି ନୀନୁ
ନାଙ୍ଗେ ପ଼ାୟାଲି ଅଣ୍ପିମାଞ୍ଜ୍ଣାଦି?’ **୨୯** ଇ କାତା ୱେଞ୍ଜ୍ଣାନା ମ଼ସା ମିଦିୟନ
ରେ଼ଦେସାତା ହାଜାନା ବାସା କିତେସି; ଇଞ୍ଜ୍ଣା ଏମ୍ବାଆଁ ରୀ ମୀର୍କା ଜାର୍ନା
ଆ଼ତେରି ।” **୩୦** ଡ଼ାୟୁ ରୀ କ଼ଡ଼ି ବାର୍ସା ଆ଼ୟାଲିଏ, ସିନୟ ହ଼ରୁ ଡାଗେତି
ଜ଼ାଡ଼ାତା ର଼ ଦୂତୁ ର଼ ବୂଟାତା ହିଚୁ ଡ଼ୀଞ୍ଜ୍ଣାନା ତ଼ଞ୍ଜ୍ଣାଆ଼ତେସି । **୩୧** ମ଼ସା

ଏ଼ଦାଆଁ ମେସାନା ଆଡାଜାକା ଆ଼ତେସି, ଇଞ୍ଜୁଁ ନେହିଁକିଁ ସିନିକିହାଲି ଡାଗେ
ହ଼ାଜିମାଚି ବ଼େଲାତା ପ୍ରବୁତି ଇ ହ଼ାଡା ୱେଚେସି, **୩୨** “ନ଼ାନୁ ମୀ ଆକୁ
ଆ଼ବାୟାଁ ମାହାପୂରୁ, ଅବ୍ରାହାମତି, ଇସାହାକ ଅ଼ଡ଼େ ଜାକୁବତି ମାହାପୂରୁ”
ଏଚେଟିଏ ମ଼ସା ଆଜିତାକି ନେହିଁକିଁ ସିନିକିହାଲି ସ଼ାସା କିଆତେସି । **୩୩**
ପ୍ରବୁ ଏ଼ୱାଣାଇଁ ଏଲେଇଚେସି, “ନୀ କଡାତି ସେପୁୟାଁ ହୁକୁମି, ଇଚିହିଁ ନୀନୁ
ଆମିନି ଟ଼ାୟୁତା ନିଚାମାଞ୍ଜି ଏ଼ଦି ସୁଦୁଗାଟି ଟ଼ାୟୁ । **୩୪** ମିସରତା ନ଼ା ଆମିନି
ଲ଼କୁ ମାନେରି, ନ଼ାନୁ ଏ଼ୱାରି କସ୍ତ ମେସାମାଇଁ, ଅ଼ଡ଼େ ଏ଼ୱାରି ଡ଼ୀହିମାନାଣି
ୱେଞ୍ଜାମାଇଁ, ଇଞ୍ଜୁଁ ଏ଼ୱାରାଇଁ ଗେଲ୍‌ପାଲି ର଼େଚା ୱ଼ାହାମାଇଁ; ଇଞ୍ଜୁଁ ନୀଏଁ
ୱ଼ାମୁ ନ଼ାନୁ ନିଙ୍ଗେ ମିସର ଦ଼େସାତା ପାଣ୍ତାଇଁ ।” **୩୫** “ମ଼ସାଇଁ ଇସ୍ରାୟେଲତି
ଲ଼କୁ ଅ଼ପାଆତେରି । ଏ଼ୱାରି ଏ଼ୱାଣାଇଁ ଏଲେଇଚେରି, ‘ମାଙ୍ଗେ ସ଼ାଲୱି
କିହାଲି ଅ଼ଡ଼େ ନୀହାଁୟି କିହାଲି ଆମ୍ବିଟି ଅଦିକାରା ବେଟାଆ଼ତି? ଏ଼ୱାଣାଇଁ
ମାହାପୂରୁ ଲ଼କୁଣି ସ଼ାଲୱି କିହାଲି ଅ଼ଡ଼େ ମୁକ୍‌ଲୱି କିହାଲି ଦୂତୁତି
ସ଼ାୟେମି ତଲେ ହିଚୁ ଡ଼ୀଞ୍ଜିମାନି ବୂଟାତା ତ଼ଞ୍ଜାଆ଼ହାନା ପାଣ୍ତାତେସି । **୩୬**
ଏ଼ୱାସି ଲ଼କୁଣି ମିସର ଦ଼େସାଟି, ସୁପ ସାମ୍‌ଦୁରି, ଇଞ୍ଜୁଁ ରୀ କ଼ଡ଼ି ବାର୍ସା
ପାତେକା ବାଟାତା ହ଼ାରେକା କାବାଆ଼ନି କାମା ଅ଼ଡ଼େ ସିନାୟାଁ ତ଼ସାହାଁ
ଏ଼ୱାରାଇଁ ହ଼ପ୍‌ହା ତାତେସି । **୩୭** ଏ଼ ମ଼ସା ତ଼ାନୁଏ ଇସ୍ରାୟେଲ ମୀର୍‌କାଣି
ଏଲେଇଚେସି, ମାହାପୂରୁ ମୀ ତାୟିୟାଁ ବିତ୍ରାଟି ମିଙ୍ଗେତାକି ନ଼ା ଲେହେଁକି
ର଼ ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାଣାଇଁ ହ଼ିୟାନେସି ।’ **୩୮** ଏ଼ ମ଼ସା
ବାଃଲି ବାଟାତା କୂଡ଼ା ଆ଼ହାମାନି ଇସ୍ରାୟେଲ ଲ଼କୁତଲେ ମାଚେସି ।
ସିନୟ ହ଼ରୁତା ତାନିତଲେ କାତା ଆ଼ହିମାଚି ଦୂତୁ ଇଞ୍ଜୁଁ ମ଼ା ଆକୁ ଆ଼ବାୟାଁ
ବିତ୍ରା ମାଦିତାସି ମାଚେସି; ଏ଼ୱାସି ମିଙ୍ଗେ ହୀହାଲିତାକି ମାହାପୂରୁ ତ଼ାଣାଟି
ଜୀୱୁତି ବ଼ଲୁ ବେଟାଆ଼ତେସି ।” **୩୯** “ସାମା ମ଼ା ଆକୁ ଆ଼ବାୟାଁ ଏ଼ୱାଣି
କାତା ଆହ୍‌ଆନା ଏ଼ୱାଣାଇଁ ଅ଼ପାଆତେରି, ଅ଼ଡ଼େ ମିସର ଦ଼େସାତା ୱେଣ୍ତା
ହାଜାଲି ମ଼ନ କିତେରି, **୪୦** ଏ଼ଦାଆଁତାକି ଏ଼ୱାରି ହାରଣଇଁ ଏଲେଇଚେରି
। ‘ମ଼ା ନ଼କି ନ଼କିତା ହାଜାଲି ମାଙ୍ଗେତାକି ପ଼େଣ୍‌କାଣି କ଼େପାମୁ, ଇଚିହିଁ
ମାଙ୍ଗେ ମିସର ଦ଼େସାଟି ହ଼ପ୍‌ହା ତାତାତି ମ଼ସାକି ଏ଼ନାଆଁ ଆ଼ତେ ମ଼ାମୁ
ପୁଞ୍ଜାହିଲଅମି ।’ **୪୧** ଅ଼ଡ଼େ, ଏଚିବ଼େଲାତା ଏ଼ୱାରି ର଼ କ଼ଡି ଡ଼ାଲୁତି
ବମା କ଼େପାନା ଏ଼ ବମା ତାକି ପୂଜା ହୀହାନା ତାମି କେୟୁଟି କ଼େପିତି
ଆ଼ସ୍ତି ତାକି ର଼ାହାଁ କିତେରି । **୪୨** ସାମା ମାହାପୂରୁ ଏ଼ୱାରି ତ଼ାଣାଟି
ଏଟ୍‌କା ଆ଼ହାନା ଏ଼ୱାରାଇଁ ହ଼ାଗୁଲାକତି ହୁକାୟାଁଣି ସ଼େବା କିୟାଲି
ପିସ୍ତେସି, ଏ଼ନିକିଁ ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାରି ପତିତା ର଼ାସ୍‌କି
ଆ଼ହାମାନେ; ‘ଏ଼ ଇସ୍ରାୟେଲ କୂଡ଼ାତେରି, ବାଟାତା ରୀ କ଼ଡ଼ି ବାର୍ସା
ପାତେକା ମୀରୁ ନାଙ୍ଗେତାକି କ଼ଡି ଗରି ପୂଜା କିହାହିଲାଆତେରି । **୪୩**
ମୀରୁ ପୂଜା କିହାଲି ଆମିନି ବମାୟାଁ କ଼େପାମାଚେରି, ଏ଼ ମଲକ ପ଼େନୁତି
ତୂମୁ ଅ଼ଡ଼େ ରମ୍‌ପାନ୍ ପ଼େନୁତି ହୁକାତି ମୀରୁ ଆସାନା ସ଼େବା କିତେରି,
ଏ଼ଦାଆଁତାକି ନ଼ାନୁ ମିଙ୍ଗେ ବାବିଲନ ଆତାଲା ବାସା ଆୟାଲି ପାଣ୍ତାଇଁ
।’” **୪୪** “ନୀନୁ ଏ଼ନିକିଁ ମେସାମାଞ୍ଜି, ଏଲେକିହିଁଏ ସ଼ାକି ହୀନି ତୂମୁ ଇଲୁ
କ଼େପାମୁ ଇଞ୍ଜୁଁ ମ଼ସାକି ଆମ୍ବାଆସି ୱେସାମାଚେସି, ଏ଼ୱାଣି ହୁକୁମି ତଲେ
ମ଼ା ଆକୁୟାଁ ବାଟାତା ସ଼ାକି ହୀନି ତୂମୁ ଇଲେ କ଼େପାମାଚେରି । **୪୫**
ଡ଼ାୟୁ ମ଼ା ଆକୁ ଆ଼ବାୟାଁ ଏ଼ଦାଆଁ ତାମି ଆ଼ବାୟାଁ ତ଼ାଣାଟି ବେଟାଆ଼ତେରି
ଇଞ୍ଜୁଁ ଜିହସୁୟ ତଲେ ତ଼ାକିମାଚିବ଼େଲା ଏ଼ୱାରି ଏ଼ଦାଆଁ ଡ଼େକା ଅ଼ତେରି,
ଏମ୍ବାଟିଏ ମାହାପୂରୁ ଏ଼ୱାରି ନ଼କିତା ମାଚି ବାରେ କୂଡ଼ାତି ଲ଼କୁଣି ପ଼େର୍‌ହା
ତୁସାଲିଏ, ଇସ୍ରାୟେଲ ଲ଼କୁ ଇୱାରି ଦ଼େସା ଜୀଣାଆ଼ହାନା ଇ କୂଡ଼ାଆନି
ତୂମୁ ଇଲୁ ଏମ୍ବାଆଁ ତାଚାନା ଇଟିତେରି, ଇଞ୍ଜୁଁ ଏ଼ଦି ଦାୱୁଦ ରାଜା ପାତେକା
ଏମ୍ବାଆଁ ଡ଼ୟିତେ । **୪୬** ଦାୱୁଦ ମାହାପୂରୁ ନ଼କିତା କାର୍ମା ବେଟାଆ଼ହାନା,
ଜାକୁବତି ମାହାପୂରୁକି ର଼ ବାସାଟ଼ାୟୁ କିହାଲି ପ୍ରାତାନା କିତେସି । **୪୭**
ସାମା ସଲମନ ମାହାପୂରୁକି ଏ଼ ଇଲୁ କ଼େପିତେସି ।” **୪୮** “ସାମା ବ଼ାଡ଼୍‌ୟୁ
ଗାଟି ମାହାପୂରୁ ମାଣ୍‌ସି କେୟୁତଲେ କ଼େପିତି ଇଲୁତା ବାସା କିଅସି;
ଏ଼ନିକିଁ ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାରି ୱେସାମାନେରି ।” **୪୯** ପ୍ରବୁ
ଏଲେଇଞ୍ଜା ମାନେସି, “ଲାକପୂରୁ ନ଼ା ସିଂଗାସାଣି, ଦାର୍‌ତି ନ଼ା କଡା ଇଟିନି
ଟ଼ାୟୁ, ମୀରୁ ନ଼ା ତାକି ଏ଼ନିଲେହେଁତି ଇଲୁ କ଼େପିଦେରି? ଇଞ୍ଜୁଁ ନ଼ା ଜ଼ମିନି
ଟ଼ାୟୁ ଏମ୍ବିୟାମାନେ? **୫୦** ନ଼ା କେୟୁ ଇ ବାରେ ଗ଼ାଡ଼ି କିହାହିଲେଏ
କି?” **୫୧** ସ୍ତିପାନ ଏଲେଇଚେସି, “ମୀରୁ ଏଚେକା ମୁଣ୍ତି ଗାଟାତେରି,
ଇଞ୍ଜୁଁ ଅଟ୍‌ହା କଡାଆତି ହିୟାଁ ଗାଟାତେରି ଅ଼ଡ଼େ ମାହାପୂରୁତି ବ଼ଲୁ
ତାକି କୀର୍କା ୱେନାଆ ଗାଟାତେରି, ମୀରୁ କ଼ାଲେଏ ସୁଦୁଜୀୱୁତି କସ୍ତ
ହୀହିମାଞ୍ଜେରି; ମୀ ଆକୁ ଆ଼ବାୟାଁ ଏ଼ନିକିଁ ମୀରୁ ଜିକେଏ ଏଲେତାତେରି ।
**୫୨** ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାରାଇଁ ଆମ୍ବାଆରାଇଁ ଜିକେଏ ମୀ
ଆକୁ ଆ଼ବାୟାଁ ନିନ୍ଦା କିହାହିଲାଆତେରି? ଆମିନି ଗାଟାରି ଏ଼ ଦାର୍ମୁଗାଟାସି
ୱ଼ାନି କାତା ନ଼କେଏ ୱେସାମାଚେରି, ଏ଼ୱାରାଇଁ ଏ଼ୱାରି ପ଼ାୟିତେରି; ନୀଏଁ
ମୀରୁ ଏ଼ୱାଣାଇଁ ସାତୁୟାଁ କେୟୁତା ହେର୍‌ପାନା ପ଼ାୟିତେରି । **୫୩** ମୀରୁ
ମାହାପୂରୁତି ମ଼େରା ବେଟାଆ଼ହା ମାଚେରି, ଏ଼ ମ଼େରା ଦୂତୁୟାଁ ତ଼ାଣାଟି
ହୀପ୍‌କି ଆ଼ହାମାଚେ, ଆ଼ତିଜିକେଏ ମୀରୁ ଏ଼ଦାଆଁ ନାମାଆତେରି ।” **୫୪**
ସ୍ତିପାନ ବ଼େରଣିମାଣ୍ତାତା କୁଗାମାଚି ଲ଼କୁଇଁ ଇ ବାରେ କାତା ୱେସ୍ତେସି,
ଏମ୍ବାଆଁ ମାଚି ପାରୁସି ଇଞ୍ଜୁଁ ବାରେ କୂଡ଼ା ଆ଼ହାମାଚାରି କାର୍‌ବି ଆ଼ହାଁ
ପାଲ୍‌କା ଟୀଟି କିହାଲି ମ଼ାଟ୍‌ହେରି । **୫୫** ସାମା ସ୍ତିପାନ ସୁଦୁଜୀୱୁ ତଲେ
ନେଞ୍ଜାନା ଲାକପୂରୁ ୱାକି ସିନିକିତେସି, ଇଞ୍ଜୁଁ ମାହାପୂରୁତି ଗାୱୁରମି ଅ଼ଡ଼େ
ଜୀସୁଇଁ ମାହାପୂରୁତି ଟିଃନିୱାକି ନିଚାମାନାଣି ମେସାନା ଏଲେଇଚେସି
। **୫୬** “ମେହ୍‌ଦୁ ନ଼ାନୁ ଲାକପୂରୁ ଦେପିଆ଼ହାମାନାଣି ଅ଼ଡ଼େ ମାଣ୍‌ସି
ମୀର୍‌ଏସି ମାହାପୂରୁତି ଟିଃନିୱାକି ନିଚାମାନାଣି ମେସିମାଇଁ!” **୫୭** ଏ଼ କାତା
ୱେନାଆପ ଇଞ୍ଜୁଁ କ଼ାଲୱି ଆ଼ହିଁ ବ଼େରଣି ମାଣ୍ତାତାରି କୀର୍କା ମୁଚାକଡିତେରି ।
ଡ଼ାୟୁ ବାରେଜ଼ାଣା ରୁଣ୍ତା ଆ଼ହାନା ଏ଼ୱାଣାଇଁ ମୁଚିତେରି । **୫୮** ଅ଼ଡ଼େ ଏ଼ୱାରି
ଏ଼ୱାଣାଇଁ ଗ଼ାଡ଼ାଟିଏ ପାଙ୍ଗାତା ରେଜା ଅ଼ହାନା ଏ଼ୱାଣାଇଁ ୱାଲ୍‌କାତଲେ
ୱ଼େଚାଲି ମ଼ାଟ୍‌ହେରି; ଅ଼ଡ଼େ ସ଼ାକିୟାଁ ବିତ୍ରାଟି ସ଼ାୱୁଲ କଡାୟାଁ ଡ଼ଇ
ହିମ୍ବରିକା କ଼ାଚିମାଚେସି । **୫୯** ଏଚିବ଼େଲା ଏ଼ୱାରି ସ୍ତିପାନଇଁ ୱାଲ୍‌କା
ୱ଼େଚି ମାଚେରି, ଏଚିବ଼େଲା ଏ଼ୱାସି ମାହାପୂରୁ ତ଼ାଣା ପ୍ରାତାନା କିହାନା
ଏଲେଇଚେସି, “ପ୍ରବୁ ଜୀସୁ, ନ଼ା ଜୀୱୁତି ଅ଼ହାକଡାମୁ!” **୬୦** ଇଞ୍ଜୁଁ ଏ଼ୱାସି

ମେଣ୍ତାକୁତାନା କାଜା ଗିୟାଁତଲେ ଏଲେଇଚେସି, “ପ୍ରବୁ! ଇ ପ଼ାପୁ ଈୱାରି
ତ଼ାଣା ଲେକା କିଆନି” ଏଲେଇଞ୍ଜାହାଁ ହ଼ାତେସି ।

୮ ସ୍ତିପାନଇଁ ପ଼ାୟିତାୟି ନେହେଁ ଆ଼ତେ ଇଞ୍ଜୁଁ ସ଼ାୱୁଲ ଅଣ୍‌ପିମାଚେସି
। ଏ଼ ଦିନାଟିଏ ଜିରୁସାଲମତା ମାନି କୁଲମିକାକି ହ଼ାରେକା ନିନ୍ଦ୍ୱା ସ଼ାସ୍ତି
ୱ଼ାତେ; ଏମ୍ବାଟିଏ ପାଣ୍ତୁୱି ଆ଼ହାମାନାରି ପିସ୍‌ପେ ବାରେ ନାମିତାରି, ଜୀହୁଦା
ଦ଼େସା ଇଞ୍ଜୁଁ ସମିରଣ ନ଼ାସ୍‌କା ସ଼ାରିସୁଟୁ ଇତାଲା ଆତାଲା ଆ଼ତେରି । ୨
ଆ଼ତିଜିକେଏ ଏଚେକା ନାମୁଗାଟି ଲ଼କୁ ସ୍ତିପାନଇଁ ମୁସ୍ତେରି ଇଞ୍ଜୁଁ ହ଼ାରେକା
ଦୁକୁ ତଲେ ଡ଼ୀତେରି । ୩ ସାମା ସ଼ାୱୁଲ କୁଲମିତା ହାଜିହିଁ ଇଲୁତାକି ଇଲୁ
ହ଼ଡିହିଁ ନାମିତି ଆୟାସିକା, ଆ଼ବାଣି ରେଜା ତାଚାନା କ଼ାୟିଦି ଇଲୁତା
ହେର୍‌ପିହିଁ କୁଲମିତି ନ଼ାସା କିହାଲି ମ଼ାଟ୍‌ହେସି । ୪ ଏମ୍ବାଟିଏ ଆମିନି
ଗାଟାରି ଇତାଲା ଆତାଲା ଆ଼ହାମାଚେରି, ଏ଼ୱାରି ସ଼ାରିସୁଟୁ ଋେଜି ଋେଜି
ନେହିଁ କାବୁ ୱ଼େକ୍‌ହେରି । ୫ ଇଞ୍ଜୁଁ ପିଲିପ ସମିରଣତି କାଜା ଗା଼ଡ଼ାତା
ହାଜାନା ଲ଼କୁ ନ଼କିତା ମସିହାତି କାତା ୱ଼େକ୍‌ହେସି । ୬ ଅ଼ଡେ଼, ଲ଼କୁ
ବାରେ ପିଲିପ ହ଼ାଡା ୱେଚେରି ଇଞ୍ଜୁଁ ଏ଼ୱାସି କିହାମାନି କାବାଆ଼ନି କାମା
ମେସାନା ରଣ୍ତିଏ ହିୟାଁ ତଲେ ଏ଼ୱାଣି କାତାତି ୱେଞ୍ଜିମାଚେରି । ୭ ଇଚିହିଁ
ଆଲ୍‌ଗାମାଚି ପ଼ଲ୍‌ଆ ବୂତୁ ହ଼ାରେକା ଲ଼କୁ ତ଼ାଣାଟି କାଜା ଗିୟାଁତଲେ
କିର୍‌ଡ଼ିହିଁ ହ଼ଚାହାଚୁ, ଇଞ୍ଜୁଁ ଟଟ ୱ଼ାୟିତାରି ଅ଼ଡେ଼ ସଟାୟାଁ ହ଼ାରେକା
ଜ଼ାଣା ନେହିଁ ଆ଼ତେରି । ୮ ଏ଼ଦାଆଁତାକି ଏ଼ ଗା଼ଡ଼ାତା ହ଼ାରେକା କାଜା
ର଼ାହାଁ ଆ଼ତେ । ୯ ସାମା ସିମନ ଦ଼ରୁଗାଟାସି ରଅସି ଈ ନ଼କେଏ ଏ଼
ଗା଼ଡ଼ାତା ଗାର୍‌ଡ଼ି କିହିଁ ନ଼ାନୁ କାଜାତେଏଁ ଇଞ୍ଜୁଁ ୱେସା କଡିହିଁ ସମିରଣତି
ଲ଼କୁଣି କାବା କିହିମାଚେସି । ୧୦ ମାହାପୂରୁତି ଆମିନି ବ଼ାଡ଼୍‌ୟୁତି କାଜାୟି
ଇଞ୍ଜୁଁ ଇଣ୍‌ମ୍ବି ଆ଼ନେ, ଉଣାଟିଏ କାଜାରି ପାତେକା ବାରେଜ଼ାଣା ଈୱାସିଏ
ଏ଼ୱାସି ଇଞ୍ଜୁଁ ଏ଼ୱାଣାଇଁ ମ଼ାନି କିହିମାଚେରି । ୧୧ ଏ଼ୱାରି ଏ଼ୱାଣାଇଁ ମ଼ାନି
କିହିମାନାୟି ଆ଼ତେ, ହ଼ାରେକା ଦିନାଟିଏ ତାନି ଗାର୍‌ଡ଼ି କାମା ତଲେ
ଏ଼ୱାରାଇଁ କାବା କିହିମାଚେସି । ୧୨ ସାମା ପିଲିପ ମାହାପୂରୁତି ର଼ାଜି
ଇଞ୍ଜୁଁ ଜୀସୁ କ୍ରୀସ୍ତୁ ଦ଼ରୁତି ନେହିଁ କାବୁ ୱ଼େକ୍‌ହାଲିଏ ଏ଼ୱାରି ଏଚିବ଼େଲା
ଏ଼ୱାଣି କାତାତା ନାମିତେରି, ଇଞ୍ଜୁଁ ଆୟାସିକା ଅ଼ଡେ଼ ଆ଼ବାୟାଁ ବାପ୍ତିସ୍ମ
ଅ଼ହାଲି ମ଼ାଟ୍‌ହେରି । ୧୩ ଅ଼ଡେ଼ ସିମନ ତ଼ାନୁଏ ନାମିତେସି ଇଞ୍ଜୁଁ ବାପ୍ତିସ୍ମ
ଅ଼ତେସି, ଇଞ୍ଜୁଁ ପିଲିପ ତଲେ ଡ଼ୟିତେସି, ଅ଼ଡେ଼ ହ଼ାରେକା ସିନାୟାଁ ଇଞ୍ଜୁଁ
ହ଼ାରେକା ବ଼ାଡ଼୍‌ୟୁତି କାବାଆ଼ନି କାମାୟାଁ ମେସାନା କାବା ଆ଼ହାହାଚେସି
। ୧୪ ସମିରଣତି ଲ଼କୁ ଜିକେଏ ମାହାପୂରୁ ବ଼ଲୁତି ନାମିମାନେରି, ଇଞ୍ଜୁଁ
ଜିରୁସାଲମତା ମାନି ପାଣ୍ତୁୱି ଆ଼ତାରି ୱେଚେରି, ଏମ୍ବାଟିଏ ଏ଼ୱାରି ପିତର
ଅ଼ଡେ଼ ଜହନଇଁ ଏ଼ୱାରିତ଼ାଣା ପାଣ୍ତିତେରି । ୧୫ ଏ଼ୱାରି ଏଗାହାଜାନା,
ଏ଼ୱାରି ଏ଼ନିକିଁ ସୁଦୁଜୀୱୁ ବେଟାଆ଼ନେରି, ଏ଼ଦାଆଁତାକି ଏ଼ୱାରି ତାକି
ପ୍ରାତାନା କିତେରି । ୧୬ ଇଚିହିଁ ନୀଏଁ ପାତେକା ଏ଼ୱାରିତ଼ାଣା ଆମ୍ବାଆରି
ଲାକ ସୁଦୁଜୀୱୁ ଋେଚା ହିଲାଆତେ, ଇଚିହିଁ ଏ଼ୱାରି ୱାର୍‌ଇ ପ୍ରବୁ ଜୀସୁ
ଦ଼ରୁତଲେ ବାପ୍ତିସ୍ମ ଅ଼ହାମାଚେରି । ୧୭ ପିତର ଅ଼ଡେ଼ ଜହନ ଏ଼ୱାରି ଲାକ
କେୟୁ ଇଟିତେରି ଇଞ୍ଜୁଁ ଏ଼ୱାରି ସୁଦୁଜୀୱୁ ବେଟାଆ଼ତେରି । ୧୮ ପାଣ୍ତୁୱି
ଆ଼ତାରି କେୟୁ ଇଟିସାରେ ସୁଦୁଜୀୱୁ ୱ଼ାହିମାନାଣି ମେସାନା, ସିମନ
ଏ଼ୱାରାକି ଟାକାୟାଁ ହୀହାନା ଏଲେଇଚେସି, ୧୯ “ନାଙ୍ଗେ ଜିକେଏ ଈ
ବ଼ାଡ଼୍‌ୟୁ ହିୟାଦୁ, ଏ଼ନିକିଁ ନ଼ାନୁ ଆମିନିଗାଟାଣି ଲାକ କେୟୁ ଇଟିଇଁ ଏ଼ୱାସି
ସୁଦୁଜୀୱୁ ବେଟାଆ଼ନେସି ।” ୨୦ ସାମା ପିତର ଏ଼ୱାଣାଇଁ ଏଲେଇଚେସି
“ନୀ ଟାକାୟାଁ ନୀ ତଲେ ନସ୍ତ ଆ଼ପୁ, ଇଚିହିଁ ନୀନୁ ଟାକାୟାଁ ହୀହାନା
ମାହାପୂରୁତି ଦ଼ାନା କଡାଲି ଅଣ୍‌ପିତି । ୨୧ ଈ କାମାତା ନୀଦି ଏ଼ନି
ବ଼ାଗା କି ଅଦିକାରା ହିଲେଏ, ଇଚିହିଁ ମାହାପୂରୁ ତ଼ାଣା ନୀ ହିୟାଁ ଟିକାଣା
ହିଲେଏ । ୨୨ ଇଦାଆଁତାକି ନୀ ଲାଗେଏତି ଅଣ୍‌ପୁଟି ମ଼ନ ୱ଼େଟ୍‌ହାଁ ପ୍ରବୁ
ତ଼ାଣା ପ୍ରାତାନା କିମୁ, ଏ଼ନିଆ଼ତିହିଁ ନୀ ହିୟାଁତା ମାନି ଲାଗେଏତି ଅଣ୍‌ପୁ
ମ୍ନେକ୍‌ନେସି; ୨୩ ଇଚିହିଁ ନ଼ାନୁ ମେସିମାଞ୍ଜାଇଁ ନୀ ହିୟାଁ ବିତ୍ରା ଡ଼ାହାରା
ଆ଼ନାୟି ମାନେ, ନୀନୁ ଲାଗେଏତି ପ଼ାନ୍ଦ୍ୱାତା ଦସ୍‌ପି ଆ଼ହାମାଞ୍ଜି ।” ୨୪
ଏଚେଟିଏ ସିମନ, ପିତର ଅ଼ଡେ଼ ଜହନଇଁ ଏଲେଇଚେସି, “ମୀରୁ କାର୍ମା
ଅଣ୍‌ପାନା ନ଼ା ତାକି ପ୍ରବୁ ତ଼ାଣା ପ୍ରାତାନା କିଦୁ, ମୀରୁ ଏ଼ନାଆଁ ଜ଼ଲିତେରି
ଏ଼ ବାରେ ଏ଼ନିକିଁ ନାଙ୍ଗେତାକି ଏଲେଆ଼ହିଁ ଆ଼ଏ ।” ୨୫ ଇଲେକିହିଁ ପିତର
ଅ଼ଡେ଼ ଜହନ ସ଼ାକି ହୀହିଁ ପ୍ରବୁତି ବ଼ଲୁ ୱେସିହିଁ, ହ଼ାରେକା ସମିରଣ
ନ଼ାସ୍‌କାଣାଁ ନେହିଁ କାବୁ ୱେସି ୱେସିହିଁ ଜିରୁସାଲମତା ୱେଣ୍ତା ହାଚେରି
। ୨୬ ଡ଼ାୟୁ ପ୍ରବୁତି ର଼ ଦୂତୁ ପିଲିପଇଁ ଏଲେଇଚେସି, “ନିଙ୍ଗାମୁ ଇଞ୍ଜୁଁ
ଟିଃନି ୱାକିତି ଆମିନି ଜିରୁ ଜିରୁସାଲମଟିଏ ଗଜା ୱାକି ମାନେ ଏ଼ ଜିରୁତା
ହାଲାମୁ ।” ଏ଼ ଜିରୁଟି ଅ଼ଡେ଼ ଲ଼କୁ ତ଼ାକିହିଲଅରି । ୨୭ ଏମ୍ବାଟିଏ ଏ଼ୱାସି
ନିଙ୍ଗାନା ହାଚେସି, ଇତିୟପିୟା ଦ଼େସାତି କାଣ୍ତାକି ଦ଼ରୁଗାଟି ର଼ାଣିନି
ଡ଼ଇ ର଼ କାଜାପ଼ାଣା ବେଟାଆ଼ହାମାନି ପେଜୁ ଆମିନିଗାଟାସି ଇତିୟପିୟା
ର଼ାଣିନି ବାରେ ଦ଼ନତି ଗୁମୁସ୍ତା ମାଚେସି, ଏ଼ୱାସି ମାହାପୂରୁ ତ଼ାଣା ପ୍ରାତାନା
କିହାଲି ଜିରୁସାଲମତା ୱ଼ାହାମାଚେସି; ୨୮ ଏ଼ୱାସି ମାହାପୂରୁ ଅଣ୍‌ପୁତି
ବ଼ଲୁ ୱ଼େହ୍‌ନି ଜିସାୟତି ପତି କାଜା ଗିୟାଁତଲେ ପ଼ଡ଼ୱି ଆ଼ହିଁ ରାତାତା
କୁଗାନା ୱେଣ୍ତା ହାଜିମାଚେସି । ୨୯ ଏଚିବ଼େଲା ସୁଦୁଜୀୱୁ ପିଲିପଇଁ
ଏଲେଇଚେ, “ନ଼କିତା ହାଜାନା ରାତାତା ହାଜିମାନାଣି ତ଼ାଣା ହାଲାମୁ;”
୩୦ ଏଚେଟିଏ ପିଲିପ ହଟି ହଟି ହାଜାନା ଜିସାୟତି ପତି କାଜା ଗିୟାଁତଲେ
ମାହାପୂରୁ ଅଣ୍‌ପୁତି ବ଼ଲୁ ପ଼ଡ଼ୱି ଆ଼ହିମାନାଣି ୱେଞ୍ଜାନା ୱେଚେସି, “ନୀନୁ
ଆମିନିଗାଟାଣି ପ଼ଡ଼ୱି ଆ଼ହିମାଞ୍ଜି ଏ଼ଦାଆଁ ପୁଞ୍ଜାଲି ଆ଼ଡିମାଞ୍ଜି କି?” ୩୧
ପେଜୁ ଏଲେଇଚେସି, “ଆମ୍ବାଆସି ନାଙ୍ଗେ ୱେସ୍ତାଆସାରେ ନ଼ାନୁ ଏ଼ନିକିଁ
ପୁଇଁ?” ଇଞ୍ଜୁଁ ଏ଼ୱାସି ପିଲିପଇଁ ରାତାତା ହ଼ଚାନା ତାନିତଲେ କୁଗାଲି
ଏଲେଇଚେସି । ୩୨ ଏ଼ୱାସି ଦାର୍ମୁ ପତିତା ପ଼ଡ଼ୱି ଆ଼ହିମାଚି କାତା ଈଦି;
“ଏ଼ୱାସି ପ଼ାୟିୱିଆ଼ନି ଋେଣ୍ତା ଡ଼ାଲୁ ଲେହେଁ ଅ଼ୱିଆ଼ତେସି, ଇଞ୍ଜୁଁ ଋେଣ୍ତା
ଡ଼ାଲୁ ବ଼ାଣାୟାଁ ଦ଼ାଃନି ଋେଲାତା ଋେଣ୍ତା ଡ଼ାଲୁ ଏ଼ନିକିଁ ଡ଼ୀଆନା ପାଲେଏ
ଡ଼ୟିନେ, ଏଲେକିହିଁଏ ଏ଼ୱାସି ତାନି ଗୂତି ଏ଼କ୍‌ଆତେସି । ୩୩ ଏ଼ୱାଣାଇଁ
ଉଣା କିହାଁ ନୀହାଁୟି କିଆତେରି, ଏ଼ୱାଣି କୂଡ଼ାତି କାତା ଆମ୍ବାଆସି ୱେସାଲି
ଆ଼ଡଅସି, ଇଚିହିଁ ତାନି ଜୀୱୁ ଦାର୍‌ତିତା ର଼ାତେ ।” ୩୪ ଏ଼ ପେଜୁ ପିଲିପଇଁ
ଏଲେଇଚେସି, “ନାଙ୍ଗେ ୱେସ୍ତାମୁ, ମାହାପୂରୁ ଅଣ୍‌ପୁତି ବ଼ଲୁ ୱ଼େହ୍‌ନାସି

ଆମ୍ବାଆରି କାତା ୱେସିମାନେସି? ତାନି କାତା କି ଅ଼ର ରଅଣି କାତା?"
**୩୫** ଏମ୍ବାଟିଏ ପିଲିପ ଗୂଡି ଦେଚାନା ଦାର୍ମୁ ସା଼ସ୍ତ୍ରେରିଟିଏ ମା଼ଟ୍‌ହାନା ଏ଼ୱାଣି
ତା଼ଣା ଜୀସୁତି ନେହିଁ କାବୁ ୱେସ୍ତେସି । **୩୬** ଏ଼ୱାରି ଜିରୁତା ହାଜିମାଚାଟି
ଏ଼ୟୁ ମାନି ର଼ ଟା଼ୟୁତା ଏଗାହାଚେରି; ଏଚେଟିଏ ପେଜୁ ଏଲେଇଚେସି,
**୩୭** "ଇମ୍ବାଆଁ ଏ଼ୟୁ ମାନୁ, ଏ଼ନାଆଁ ନା଼ନୁ ବାପ୍ତିସ୍ମ ଅ଼ହାଲି ଆ଼ଡିଇଁ?" **୩୮**
ଇଞ୍ଜ୍ଞାଁ ଏ଼ୱାସି ରାତା ନିପ୍‌ହାଲି ହୁକୁମି ହୀତେସି, ଇଞ୍ଜ୍ଞାଁ ପିଲିପ ଅ଼ଡେ଼ ପେଜୁ
ଏ଼ୟୁଣାଁ ର଼େତେରି, ଇଞ୍ଜ୍ଞାଁ ପିଲିପ ଏ଼ୱାଣାଇଁ ବାପ୍ତିସ୍ମ ହୀତେସି । **୩୯** ଏ଼ୱାରି
ଏ଼ୟୁଟି ହ଼ଚା ୱା଼ତି ଡା଼ୟୁ, ପ୍ରବୁତି ସୁଦୁଜୀୱୁ ପିଲିପଇଁ ଅ଼ହିଁ ହାଚେ, ଇଞ୍ଜ୍ଞାଁ
ପେଜୁ ଅ଼ଡେ଼ ଏ଼ୱାଣାଇଁ ମେହ୍‌ଆତେସି; ଆ଼ତିଜିକେଏ ରା଼ହାଁ କିହିଁ ତାନି
ଜିରୁତା ହାଚେସି । **୪୦** ସାମା ପିଲିପ ଅସଦଦ୍ ଗା଼ଡ଼ାତା ତ଼ଞ୍ଜ୍ଞାଆ଼ତେସି;
ଇଞ୍ଜ୍ଞାଁ ଏ଼ୱାସି ଗା଼ଡ଼ାତାକି ଗା଼ଡ଼ାତା ହାଜାହାଁ ନେହିଁ କାବୁ ୱେସ୍ତେସି ଇଞ୍ଜ୍ଞାଁ
କାୟିସରିୟାତା ଏଗାହାଚେସି ।

**୯** ସାମା ସା଼ୱୁଲ ନୀଏଁ ପାତେକା ପ୍ରବୁତି ସୀସୁୟାଁ କ଼ପାଟି ଆଜି ତ଼ସାନା
ଅ଼ଡେ଼ ଜୀୱୁ ନା଼ସାକିନି କାତାୟାଁ ଜ଼ଲିହିଁ କାଜା ପୂଜେରାଙ୍ଗା ତା଼ଣା
ହାଚେସି । **୨** ଅ଼ଡେ଼ ପ୍ରବୁ ଜିରୁଟି ତା଼କିମାନି ଆମିନି ଇୟାସିକା ଆ଼ବାୟାଁଣି
ମେସ୍ତିହିଁ, ବାରେଜା଼ଣାତି ଦସ୍‌ପାନା ଜିରୁସାଲମତା ତାଚାଲି ଆ଼ଡିମାନେସି,
ଏ଼ଦାଆଁତାକି ଏ଼ୱାସି କାଜା ପୂଜେରାଙ୍ଗା ତା଼ଣା ହାଜାନା ଦମେସକତା
ମାନି ଜୀହୁଦି ଲ଼କୁତି କୁଟମି ଇଲ୍‌କାଣା ହିୟାଲି ଏ଼ୱାରି ତା଼ଣାଟି ଆ଼କୁ
ରୀସ୍ତେସି । **୩** ସା଼ୱୁଲ ଦମେସକ ଡାଗେ ୱା଼ହିମାଚାଟି ଦେବୁଣିଏ ର଼
ଉଜେଡ଼ି ହା଼ଗୁଲାକଟି ତାନି ସା଼ରିୱାକି ମ୍ଣିସ୍ତେ । **୪** ଏମ୍ବାଟିଏ ଏ଼ୱାସି
ବୂମିତା ତର୍‌ଗା ହାଚେସି ଇଞ୍ଜ୍ଞାଁ ତାଙ୍ଗେତାକି ଈ ହା଼ଡା ୱେଚେସି, "ଏ଼
ସା଼ୱୁଲ, ଏ଼ ସା଼ୱୁଲ! ନୀନୁ ଏ଼ନାଆଁତାକି ନାଙ୍ଗେ ନିନ୍ଦା କିହିମାଞ୍ଜ୍ଞାଦି?" **୫**
ଏ଼ୱାସି ଏଲେଇଚେସି, "ପ୍ରବୁ, ନୀନୁ ଆମ୍ବାଆତି?" ଏ଼ୱାସି ଏଲେଇଚେସି,
"ନୀନୁ ଆମ୍ବାଆରାଇଁ ନିନ୍ଦା କିହିମାଞ୍ଜି ଏ଼ ଜୀସୁତେଏଁ ନା଼ନୁ । **୬** ସାମା
ନିଙ୍ଗାମୁ ଇଞ୍ଜ୍ଞାଁ ଗା଼ଡ଼ାତା ହାଲାମୁ, ଏ଼ନାଆଁ କିହାଲି ଆ଼ନେ, ଏମ୍ବାଆଁ ନିଙ୍ଗେ
ୱେସ୍‌ପି ଆୟାନେ ।" **୭** ଏ଼ୱାଣିତଲେ ଆମିନି ଲ଼କୁ ହାଜିମାଚେରି,
ଏ଼ୱାରି ଏ଼ ହା଼ଡା ୱେଞ୍ଜ୍ଞାନା ଆମ୍ବାଆରାଇଁ ମେହ୍‌ଆତେରି, ଇଞ୍ଜ୍ଞାଁ ଆଡାଜାକା
ଆ଼ହାହାଚେରି । **୮** ଅ଼ଡେ଼ ସା଼ୱୁଲ ବୂମିଟି ନିଙ୍ଗାନା ତାନି କାଣ୍‌କା ଦେତେସି,
ସାମା ଏ଼ୱାସି ଏ଼ନାଆଁ ମେସାଲି ଆ଼ଡାଆତେସି । ଇଞ୍ଜ୍ଞାଁ ଏ଼ୱାରି ତାନି
କେୟୁ ଆସାନା ଦମେସକତା ଅ଼ତେରି । **୯** ଅ଼ଡେ଼ ତୀନିଦିନା ପାତେକା
ଏ଼ୱାସି ଏ଼ନାଆଁ ମେସାଲି ଆ଼ଡାଆତେସି, ଅ଼ଡେ଼ ଏ଼ନାଆଁ ତିନାଆତେସି
ଏ଼ନାଆଁ ଗହ୍‌ଆତେସି । **୧୦** ଦମେସକତା ହନନିୟ ଦ଼ରୁଗାଟାସି ର଼ ସୀସୁ
ମାଚେସି; ପ୍ରବୁ ଏ଼ୱାଣାଇଁ ତ଼ଞ୍ଜ୍ଞାଆ଼ହାଁ ଏଲେଇଚେସି, "ଏ଼ ହନନିୟ!"
ଏ଼ୱାସି ଏଲେଇଚେସି, "ଏ଼ ପ୍ରବୁ ନାଙ୍ଗେ ୱେସ୍ତାମୁ ।" **୧୧** ଏଚେଟିଏ ପ୍ରବୁ
ଏ଼ୱାଣାଇଁ ଏଲେଇଚେସି, "ତିୟାରା ଆ଼ହାନା 'ସଲକ' ଦ଼ରୁଗାଟି ଜିରୁ
ଆସାଁ ଜୀହୁଦା ଇଲୁତା ତାର୍ଷ ଗା଼ଡ଼ାତି ସା଼ୱୁଲ ଇନାଣାଇଁ ପାରାମୁ; ଇଚିହିଁ
ଏ଼ୱାସି ପ୍ରାତାନା କିହିମାନେସି; **୧୨** ଅ଼ଡେ଼, ଏ଼ୱାସି ସେୟାଁଣା ହାପାନା
ମେସାମାନେସି, ହନନିୟ ଇନାସି ର଼ ମାଣ୍‌ସି ୱା଼ହାନା ତାନି ଲାକ କେୟୁ
ଇଟିମାନେସି, ଏ଼ନିକିଁ ଏ଼ୱାସି ମେସାଲି ଆ଼ଡିମାନେସି ।" **୧୩** ହନନିୟ
ଏଲେଇଚେସି, "ପ୍ରବୁ, ଜିରୁସାଲମତା ମାହାପୂରୁ ଲ଼କୁଇଁ ଈୱାସି ଏଚେକା
ନିନ୍ଦା କିହାମାନେସି ଇଞ୍ଜ୍ଞାଁ ନା଼ନୁ ହା଼ରେକା ଲ଼କୁ ତା଼ଣାଟି ଈ ଲ଼କୁତି କାତା
ୱେଞ୍ଜ୍ଞାମାଇଁ । **୧୪** ଅ଼ଡେ଼ ଈ ଟା଼ୟୁତା ନୀ ଦ଼ରୁଟି ପ୍ରାତାନା କିହିମାନାରାଇଁ
ବାରେଜା଼ଣାତି ଦସା ଅୟାଲି ଏ଼ୱାସି କାଜା ପୂଜେରାଙ୍ଗା ତା଼ଣାଟି ଅଦିକାରା
ଆ଼କୁ ବେଟାଆ଼ହାମାନେସି ।" **୧୫** ସାମା ପ୍ରବୁ ଏ଼ୱାଣାଇଁ ଏଲେଇଚେସି,
"ହାଲାମୁ; ଇଚିହିଁ ଏ଼ୱାସି ଏଟ୍‌କା କୂଡ଼ା଼ତି ରାଜାୟାଁ ଅ଼ଡେ଼ ଇସ୍ରାୟେଲ
ଲ଼କୁତି ମା଼ସ୍‌କା ମୀର୍‌କା ନ଼କିତା ନା଼ ଦ଼ରୁ ର଼େକ୍‌ହାଲି ନା଼ନୁ ଏ଼ୱାଣାଇଁ ନା଼
ର଼େବା କିନାସି କିହାନା ଆ଼ଚାମାଇଁ; **୧୬** ଅ଼ଡେ଼ ନା଼ ଦ଼ରୁ ତାକି ଏ଼ୱାସି
ଏଚେକା ଦୁକୁ ବେଟାଆ଼ନେସି, ଏ଼ଦାଆଁ ନା଼ନୁ ଏ଼ୱାଣାଇଁ ୱେହ୍‌ଇଁ ।" **୧୭**
ଏଚେଟିଏ ହନନିୟ ହାଜାନା, ଏ଼ ଇଲୁତା ହ଼ଟେସି, ଇଞ୍ଜ୍ଞାଁ ତାନି ଲାକ କେୟୁ
ଇଟାନା ଏଲେଇଚେସି, "ତାୟି ସା଼ୱୁଲ, ଇମ୍ବାଆଁ ୱା଼ନି ଜିରୁତା ଆମିନି ପ୍ରବୁ
ଜୀସୁ ନିଙ୍ଗେ ତ଼ଞ୍ଜ୍ଞା ଆୟାତେସି, ଏ଼ୱାସି ନାଙ୍ଗେ ପାଣ୍ତାମାଞ୍ଜ୍ଞାନେସି, ନୀନୁ
ଏ଼ନିକିଁ ୱେଣ୍ଡେ ମେହ୍‌ମୁ ଇଞ୍ଜ୍ଞାଁ ସୁଦୁଜୀୱୁ ବେଟାଆ଼ମୁ ।" **୧୮** ଏ଼ ଦେବୁଣିଏ
ଏ଼ୱାଣି କାଣ୍‌କାଟି ମୀନୁ ହିପି ଲେହେଁତାୟି ଡୁଲିତେ, ଇଞ୍ଜ୍ଞାଁ ଏ଼ୱାସି ୱେଣ୍ଡେ
ମେସାଲି ଆ଼ଡିତେସି, ଅ଼ଡେ଼ ନିଙ୍ଗାନା ବାପ୍ତିସ୍ମ ଅ଼ତେସି, **୧୯** ଅ଼ଡେ଼ ଏ଼ୱାସି
ତିଞ୍ଜ୍ଞା ଉଣ୍ଡାନା ବା଼ଡ଼୍ୟୁ ବେଟାଆ଼ତେସି, ଏଚେଟିଏ ସା଼ୱୁଲ ଏଚରଦିନା
ସୀସୁୟାଁ ତଲେ ଦମେସକତା ଡ଼ୟିତେସି । **୨୦** ଅ଼ଡେ଼, ଜୀସୁ ମାହାପୂରୁତି
ମୀର୍‌ଏସି ଇଞ୍ଜ୍ଞାଁ ଆ଼ଟ୍‌ୱା ତଲେ ଜୀହୁଦି ଲ଼କୁତି କୁଟମି ଇଲ୍‌କାଣା ୱେସାଲି
ମା଼ଟ୍‌ହେସି । **୨୧** ଅ଼ଡେ଼, ଆମିନି ଗାଟାରି ତାନି ହା଼ଡା ୱେଚେରି, ଏ଼ୱାରି
କାବାଆ଼ହାନା ଏଲେଇଚେରି, "ଜୀସୁ ଦ଼ରୁ ଆସାନା ପ୍ରାତାନା କିନି ଲ଼କୁଣି
ଆମ୍ବାଆସି ଜିରୁସାଲମତା ପା଼ୟି କିହିମାଚେସି, ଅ଼ଡେ଼ ଏ଼ୱାରାଇଁ ଦସ୍‌ପାହାଁ
କାଜା ପୂଜେରାଙ୍ଗା ତା଼ଣା ଅ଼ହାଲି ତାକି ଇମ୍ବାଆଁ ୱା଼ହାମାଚେସି, ଏ଼ୱାସି
କି ଈୱାସି ଆ଼ଏ?" **୨୨** ସାମା, ସା଼ୱୁଲତି ର଼େକ୍‌ନାୟି ହା଼ରେକା ବା଼ଡ଼୍ୟୁ
ଗାଟାୟି ମାଚେ, ଅ଼ଡେ଼ ଏ଼ୱାସି ପାର୍‌ମାଣା କିହାଁ ୱେସ୍ତେସି ଜୀସୁ ଏ଼
ମସିହା, ଈଦାଣି ଦମେସକତା ବାସା କିହାମାନି ଜୀହୁଦି ଲ଼କୁଣି ୱେଣ୍ଡେ
ୱେସାଲି ଆ଼ଡାଆତେରି । **୨୩** ଏଚରଦିନା ହାଚି ଡା଼ୟୁ ଜୀହୁଦିୟାଁ ରୁଣ୍ଡା
ଆ଼ହାନା ଏ଼ୱାଣାଇଁ ପା଼ୟାଲି କାତା ଆ଼ତେରି; **୨୪** ସାମା ଏ଼ୱାରି କାତା
ଆ଼ହିମାଚାଣି ସା଼ୱୁଲ କିୟୁଁତା ହାଚେ, ଅ଼ଡେ଼ ଏ଼ୱାରି ଏ଼ନିକିଁ ସା଼ୱୁଲଇଁ
ପା଼ୟାଲି ଆ଼ଡିନେରି, ଏ଼ଦାଆଁତାକି ଲା଼ଆଁ ମାଦେନା ଗା଼ଡ଼ାତି ଦୁୱେରିକାଣା
କା଼ଚିହିଁ ଡ଼ୟିତେରି । **୨୫** ସାମା ସା଼ୱୁଲତି ସୀସୁୟାଁ ଲା଼ଆଁୟାଁ ର଼େଲାତା
ଏ଼ୱାଣାଇଁ ର଼ ଡାଲିତା ର଼ସାହାଁ କ଼ଟା କାତିଟି ଡ଼ଇ ର଼େପ୍‌ହେରି । **୨୬** ଡା଼ୟୁ
ଏ଼ୱାସି ଜିରୁସାଲମତା ହାଜାନା ସୀସୁୟାଁ ତଲେ ଆଣ୍ଡାଲି ଅଣ୍‌ପିମାଚେସି;
ସାମା ଏ଼ୱାସି ର଼ ସୀସୁ ଇଞ୍ଜ୍ଞାଁ ଏ଼ୱାରି ଇଚାଣି ନାମାଆନା, ବାରେଜା଼ଣା
ଏ଼ୱାଣାଇଁ ଆଜିମାଚେରି । **୨୭** ସାମା ବର୍ନବା ଏ଼ୱାଣାଇଁ ଆସାନା ପାଣ୍ତୱି
ଆ଼ତାରି ତା଼ଣା ତାତେସି, ଇଞ୍ଜ୍ଞାଁ ଜିରୁତା ଏ଼ୱାସି ଏ଼ନିକିଁ ପ୍ରବୁଇଁ ମେସ୍ତେସି
ଇଞ୍ଜ୍ଞାଁ ପ୍ରବୁ ଏ଼ନାଆଁ ତାଙ୍ଗେ ହା଼ଡା ଆ଼ତେସି, ଦମେସକତା ଜୀସୁ ଦ଼ରୁତି
ସା଼ସାତଲେ ସା଼ୱୁଲ ଏ଼ନିକିଁ ୱେସାମାଚେସି, ଈ ବାରେ କାତା ଏ଼ୱାରି

ନ଼କିତା ୱେସ୍ତେସି । ୨୮ ଅ଼ଡ଼େ ସ଼ାୱୁଲ ଏ଼ୱାରିତଲେ ଡ଼ୟିତେସି ଅ଼ଡ଼େ
ଜିରୁସାଲମତି ବାରେୱାକି ହାଜାନା ସ଼ାସାତଲେ ପ୍ରବୁତି ଦ଼ରୁ ୱେକ୍‌ହେସି ।
୨୯ ଇଞ୍ଜୁଁ ଏ଼ୱାସି ଗ୍ରିକ୍ ଜ଼ଲିନି ଜୀହୁଦି ଲ଼କୁତଲେ ବ଼ାଦିବ଼ାଦା କିହିମାଚେସି,
ସାମା ଏ଼ୱାରି ଏ଼ୱାଣାଇଁ ପ଼ାୟାଲି ପାରୁ ପାରିମାଚେରି । ୩୦ ନାମିତି
ତାୟିୟାଁ ଏ଼ଦାଆଁ ପୁଞ୍ଜାଲିଏ, ସ଼ାୱୁଲଇଁ କାୟିସରିୟାତା ଅ଼ହାନା ଏମ୍ବାଟି
ଏ଼ୱାଣାଇଁ ତାର୍ସତା ପାଣ୍ତିତେରି । ୩୧ ଇଲେଅ଼ହିଁ ଏ଼ ବାରେ ଜୀହୁଦା ର଼ାଜି,
ଗାଲିଲି ଅ଼ଡ଼େ ସମିରଣତି କୁଲମି ବ଼ାର୍ସୁ ଅ଼ାହାନା ପ୍ରବୁଇଁ ଆଜାନା ହିତ୍‌ଡ଼ି
ଜୀୱୁତଲେ ମାଚେରି, ଇଞ୍ଜୁଁ ସୁଦୁଜୀୱୁତି ସ଼ାୟେମି ତଲେ ପାଡାଅ଼ାହାଲି
ମ଼ାଟ୍‌ହେରି । ୩୨ ଏଚେଟିଏ ପିତର ବାରେ ର଼ାଜିତା ଡ଼େଜି ଡ଼େଜିହିଁ
ଲୂଦତା ଡ଼ୟିନି ମାହାପୂରୁ ଲ଼କୁଣି ଆଣ୍ତାଲି ହାଚେସି । ୩୩ ଏମ୍ବାଆଁ ଏ଼ୱାସି
ଏନିୟ ଦ଼ରୁଗାଟି ରଅଣାଇଁ ବେଟାଅ଼ାତେସି, ଏ଼ୱାସି ଅ଼ାଟା ବାର୍ସା ପାତେକା
ଟଟ ୱ଼ାୟିତି ଡ଼ଗ ଅ଼ାହାନା କାଟେଲିଟି ନିଙ୍ଗାଲି ଅ଼ାଡିହିଲାଆତେସି । ୩୪
ପିତର ଏ଼ୱାଣାଇଁ ଏଲେଇଚେସି, "ଏନିୟ, ଜୀସୁ କ୍ରୀସ୍ତୁ ନିଙ୍ଗେ ନେହିଁ
କିହାମାଞ୍ଜାନେସି; ନିଙ୍ଗାମୁ ନୀ ପ଼ାସ୍‌ପନି ମୁଦା କିମୁ" ଏଚେଟିଏ ଏ଼ୱାସି
ଏ଼ ଦେବୁଣିଏ ନିଙ୍ଗିତେସି । ୩୫ ଏଚେଟିଏ ଲୂଦ ଇଞ୍ଜୁଁ ସାରଣତା ବାସା
କିହାମାନି ଲ଼କୁ ଏ଼ୱାଣାଇଁ ମେସାନା, ପ୍ରବୁ ତ଼ାଣା ହିୟାଁ ୱେଟ୍‌ହେରି ।
୩୬ ଜାପତା ଟାବିତା ଦ଼ରୁଗାଟି ମାହାପୂରୁଇଁ ନାମିତି ଡ଼ ଇୟା ମାଚେ,
ଗ୍ରିକ୍ ତଲେ ଦର୍କା ଇଚିସାରେ ତାନି ଦ଼ରୁ "ଡ଼ କୂର୍ହୁ ।" ଏ଼ଦି ବାରେଡ଼େଲା
ନେହିଁ କାମା କିହିଁ, ହିଲାଆ ଗାଟାରାକି ସ଼ାୟେମି କିହିମାଚେ । ୩୭
ଏଚିଡ଼େଲାତା ଏ଼ଦି ନ଼ମେରି ଅ଼ାହାନା ହ଼ାହାହାଚେ, ଲ଼କୁ ଏ଼ଦାନି ଏ଼ୟୁ
ମୀଡ଼୍‌ହାନା ଲାକନି ପାରୁତି ଡ଼ ବାକ୍ରାତା ତ୍ରିପ୍‌ହୁ । ୩୮ ଇଞ୍ଜୁଁ ଲୂଦ ଜାପ
ଡାଗେ ମାଚାକି ସୀସୁୟାଁ ପିତର ଜାପତା ମାନେସି ଇଞ୍ଜୁଁ ୱେଞ୍ଜାନା, ରୀ
ଲ଼କୁଣି ଏ଼ୱାଣି ତ଼ାଣା ପାଣ୍ତାନା ଈ କାତା ବାତିମ଼ାଲିତେରି, "ମ଼ା ତ଼ାଣା
ୱ଼ାହାଲି ଡ଼େଡ଼ା କିଆନି ।" ୩୯ ପିତର ନିଙ୍ଗାନା ଏ଼ୱାରିତଲେ ହାଚେସି,
ଏମ୍ବାଆଁ ଏ଼ୱାସି ୱ଼ାହାଲିଏ ଏ଼ୱାଣାଇଁ ଲାକନି ପାରୁତି ବାକ୍ରାତା ଅ଼ତେରି,
ଅ଼ଡ଼େ ର଼ାଣ୍ତେଣିସିକା ସ଼ାରିସୁଟୁ ମୁଚାନା ଡ଼ୀହି ଡ଼ୀହିଁ ଦର୍କା ନୀଡାମାଚି
ଡ଼େଲାତା ଡ଼େପାମାଚି ହିମ୍ବରିକା ବାରେ ଏ଼ୱାଣାଇଁ ତ଼ସ୍ତୁ । ୪୦ ସାମା ପିତର
ବାରେଜ଼ାଣାତି ପାଙ୍ଗାତା ପାଣ୍ତାନା ମେଣ୍ତାକୁତାନା ପ୍ରାତାନା କିତେସି; ଇଞ୍ଜୁଁ
ମାଡ଼୍‌ହା ୱାକି ତିର୍‌ୱାନା ଏଲେଇଚେସି, "ଟାବିତା, ନିଙ୍ଗାମୁ" ଏଚେଟିଏ
ଏ଼ଦି କାଣ୍‌କା ଦେଚାନା ପିତରଇଁ ମେସ୍ତେ ଇଞ୍ଜୁଁ ନିଙ୍ଗାନା କୁଗିତେ । ୪୧
ଇଞ୍ଜୁଁ ପିତର କେୟୁ ଦ଼ାସାନା ଦର୍କାଇଁ ନିକ୍‌ହେସି, ଇଞ୍ଜୁଁ ମାହାପୂରୁ ଲ଼କୁ
ଅ଼ଡ଼େ ର଼ାଣ୍ତେଣିସିକାଣି ହ଼ାଟାନା ଏ଼ଦାନି ନୀଡାମାନାଣି ତ଼ସ୍ତେସି । ୪୨
ଈ କାତା ଜାପତି ସ଼ାରିସୁଟୁ ୱେଙ୍ଗାହାଚେ ଅ଼ଡ଼େ ହ଼ାରେକା ଲ଼କୁ ପ୍ରବୁଇଁ
ନାମିତେରି । ୪୩ ଅ଼ଡ଼େ, ପିତର ହ଼ାରେକା ଦିନା ପାତେକା ଜାପତି ସିମନ
ଦ଼ରୁଗାଟି ତ଼ଲ୍‌କା କାମାକିନାଣି ଇଜ ଡ଼ୟିତେସି ।

**୧୦** କାୟିସରିୟା ଗ଼ାଡ଼ାତା କର୍ନଲିୟ ଦ଼ରୁଗାଟାସି ଡ଼ ଲ଼କୁ ମାଚେସି,
ଏ଼ୱାସି ଇତାଲିକ ଦ଼ରୁଗାଟି ରମିୟ ରିଜାରି କ଼ସ୍‌କାତି ପ଼ାସାକ଼ଡ଼ି
କ଼ସ୍‌କା ମୁହେଁ କାଜାସି ମାଚେସି । ୨ ଏ଼ୱାସି ଡ଼ ଦାର୍ମୁ ଲ଼କୁ ମାଚେସି;
ତାମି ଇଲୁ କୁଟମି ତଲେ ମାହାପୂରୁଇଁ ଆଜିମାଚେସି, ଏ଼ୱାସି କ଼ାକୁଲି
ଲ଼କୁତାକି ଦ଼ାନା ହୀହିମାଚେସି, ଅ଼ଡ଼େ ମାହାପୂରୁ ତ଼ାଣା କ଼ାଲେଏ ପ୍ରାତାନା
କିହିମାଚେସି । ୩ ଡ଼ ଦିନା ମିଡ଼୍‌ଅଲା ତୀନି ଗଂଟା ଡ଼େଲାତା ଏ଼ୱାସି
ସେୟାଁଣା ହାପାନାତା ତୀର୍‌ପୁତଲେ ମେସ୍ତେସି, ଡ଼ ମାହାପୂରୁତି ଦୂତୁ
ୱ଼ାହାନା ଏ଼ୱାଣାଇଁ ୱେସ୍ତେସି "କର୍ନଲିୟ!" ୪ ଏ଼ୱାସି ଆଜିତଲେ ଦୂତୁ
ୱାକି ସିନିକିତେସି ଅ଼ଡ଼େ ୱେଚେସି, "ଈଦି ଏ଼ନାୟି ପ୍ରବୁ?" ଦୂତୁ ଏ଼ୱାଣାଇଁ
ଏଲେଇଚେ, "ନୀ ପ୍ରାତାନା ଅ଼ଡ଼େ ଦ଼ାନା ହୀନାୟି ଲାକ ମାହାପୂରୁ ନ଼କିତା
ଏଜାମାନେ । ୫ ନୀଏଁ ନୀନୁ ଜାପତା ଲ଼କୁଣି ପାଣ୍ତାନା ସିମନ ପିତର
ଦ଼ରୁଗାଟି ଲ଼କୁଇଁ ହ଼ାଟାତାମୁ, ଏ଼ୱାଣି ହ଼ାଟା ଦ଼ରୁ ପିତର ଇନେରି; ୬
ଏ଼ୱାସି ସିମନ ଦ଼ରୁଗାଟି ଡ଼ ତ଼ଲ୍‌କା କାମାକିନାଣି ଇଜ ଗତାଗାଟାସି
ଅ଼ାହାମାନେସି, ଏ଼ୱାଣି ଇଲୁ ସାମ୍‌ଦୁରି ଗାଟୁତା ।" ୭ ତାନିତଲେ କାତା
ଅ଼ାହିମାଚି ଦୂତୁ ହାଜାଲିଏ, ଏ଼ୱାସି ତାନି ଇଜ କାମା କିନି ରୀ ହ଼ଲିୟାଙ୍ଗାଣି
ଇଞ୍ଜୁଁ ତାଙ୍ଗେ ଡ଼େବାକିନି ରିଜାରି କ଼ସ୍‌କା ବିତ୍ରାଟି ଡ଼ ଦାର୍ମୁତି କ଼ହ୍‌ଏଁଣାଇଁ
ହ଼ାଟିତେସି, ୮ ଅ଼ଡ଼େ ଏ଼ୱାସି ଏ଼ୱାରାଇଁ ଏମ୍ବାଆଁ ଅ଼ାହାମାଚି ବାରେ କାତା
ୱେସାନା ଜାପତା ପାଣ୍ତିତେସି । ୯ ଅ଼ର ଦିନା ଏ଼ୱାରି ହାଜି ହାଜିହିଁ ଏ଼
ଗ଼ାଡ଼ାତି ଡାଗେ ଅ଼ାତେରି, ଏଚିଡ଼େଲା ପିତର ମାଦେନା ବ଼ାର ଗଂଟା
ଡ଼େଲାତା ପ୍ରାତାନା କିହାଲି ଇଲୁ ଲାକ ହାଚେସି, ୧୦ ଏ଼ୱାସି ହାକି
ଅ଼ାତେସି ଅ଼ଡ଼େ ଏ଼ନାଆଁ ତିଞ୍ଜାଲି ମ଼ନ କିତେସି; ସାମା ଏ଼ୱାରି ର଼ାନ୍ଦା
ୱାଜିମାଚି ଡ଼େଲାତା, ଏ଼ୱାସି ସେୟାଁଣା ହାପାନା ମେସ୍ତେସି, ୧୧ ଲାକପୂରୁ
ଦେପିଅ଼ାହାମାନେ, ଇଞ୍ଜୁଁ ଏ଼ନିକଁ ଡ଼ ହିମ୍ବରିତି ସ଼ାରି କନତା ଆସ୍‌ପି
ଅ଼ାହାନା ଦାର୍‌ତି ଲାକ ଡ଼େଚା ୱ଼ାହିମାନେ; ୧୨ ଏମ୍ବାଆଁ ଦାର୍‌ତିତି ବାରେ
କୂଡ଼ାତି ସ଼ାରିଗଟା କଡା ଗାଟି ଜ଼ନ୍ତୁ ଜିୱେଡ଼ିକା, ର଼ାସ୍‌କା ଡ୍ରଗିୟାଁ ଅ଼ଡ଼େ
ହ଼ାଗୁତି ପଟାୟାଁ ମାନୁ । ୧୩ ଇଞ୍ଜୁଁ ଏ଼ୱାଣାକି ଈ ହ଼ାଡା ଅ଼ାତେ, "ପିତର;
ନିଙ୍ଗାମୁ, ପ଼ାୟାନା ତିନାମୁ!" ୧୪ ସାମା ପିତର ଏଲେଇଚେସି, "ଅ଼ାଏ
ପ୍ରବୁ, ନ଼ାନୁ ଏଚେଲାୱା ଏ଼ନି ଲାଗେଏ ପ଼ଲେଏତି ଦିଣ୍‌ସୁ ତିଞ୍ଜାହିଲଅଁ
।" ୧୫ ଅ଼ଡ଼େ ଡ଼ ପ଼ାଲି ଈ ହ଼ାଡା ଅ଼ାତେ, "ମାହାପୂରୁ ଏ଼ନାଆଁ ସୁଦୁ
କିହାମାନେସି, ଏ଼ଦାଆଁ ନୀନୁ ଲାଗେଏତାୟି ଇନାଆନି ।" ୧୬ ଇଲେକିହିଁ
ତୀନି ପ଼ାଲି ଅ଼ାତେ, ଡ଼ାୟୁ ଏ଼ ହିମ୍ବରି ଲାକପୂରୁ ଅ଼ୱିଅ଼ାତେ । ୧୭
ପିତର ଏ଼ନାଆଁ ସେୟାଁଣା ହାପାନା ଡ଼େଣ୍ତାମାଚେସି, ଏ଼ଦି ଏ଼ନାୟି, ଇଞ୍ଜୁଁ
ଅଣ୍‌ପିହିଁ ଆଡାଜାକା ଅ଼ାହାମାନି ଡ଼େଲାତା, କର୍ନଲିୟ ତ଼ାଣାଟି ପାଣ୍ତୱି
ଅ଼ାହାମାନାରି ସିମନ ଇଲୁ ପାରିହିଁ ଦୁୱେରିତା ନିକା ୱ଼ାତେରି, ୧୮ ଇଞ୍ଜୁଁ
ଏ଼ୱାରି ୱେଚେରି, "ସିମନ ଇନି ପିତର ଦ଼ରୁଗାଟାସି ରଅସି ଇମ୍ବାଆଁ
ଗତେଏସି ମାନେସି କି?" ୧୯ ପିତର ଏ଼ ସେୟାଁଣା ହାପାନା ଡ଼େଟାଣି
ଅଣ୍‌ପିମାଚି ଡ଼େଲାତା ଜୀୱୁ ଏ଼ୱାଣାଇଁ ଏଲେଇଚେ, "ମେହ୍‌ମୁ! ତୀନି
ଜ଼ାଣା ଲ଼କୁ ନିଙ୍ଗେ ପାରିମାଞ୍ଜାନେରି । ୨୦ ଏ଼ଦାଆଁତାକି ତିୟାରା ଅ଼ାମୁ
ଅ଼ଡ଼େ ଡ଼ଇ ହାଲାମୁ, ଅ଼ଡ଼େ ଆନାମାନା ଅ଼ାଆନା ଏ଼ୱାରିତଲେ ହାଲାମୁ,
ଏ଼ନାଆଁତାକି ଇଚିହିଁ ନ଼ାନୁ ଏ଼ୱାରାଇଁ ପାଣ୍ତାମାଞ୍ଜାଇଁ ।" ୨୧ ଏଚେଟିଏ
ପିତର ଏ଼ ଲ଼କୁତ଼ାଣା ଡ଼େଚାୱ଼ାହାନା ଏଲେଇଚେସି, "ମୀରୁ ଆମ୍ବାଆରାଇଁ

ପାରିମାଞ୍ଜେରି, ନ଼ାନୁ ଏ଼ୱାତେଏଁ । ମୀରୁ ଏ଼ନାଆଁତାକି ୱ଼ାହାମାଞ୍ଜେରି?”
୨୨ ଏ଼ୱାରି ଏଲେଇଚେରି, “କର୍ନଲିୟ୍ ଦ଼ରୁଗାଟି ପ଼ାସାକ଼ଡ଼ି କ଼ସ୍କା ମୁହେଁ
କାଜାସି ମାଞ୍ଜେ ପାଣ୍ତାମାଞ୍ଜାନେସି, ଏ଼ୱାସି ର଼ ସୁଦୁ, ଦାର୍ମୁଗାଟାସି ଇଞ୍ଜାଁ
ମାହାପୂରୁଇଁ ଆଜିନାସି, ଅ଼ଡ଼େ ବାରେ ଜୀହୁଦି କୂଡ଼ାତା ୱେ଼ଙ୍ଗିତାସି, ଏ଼ୱାସି
ନିଙ୍ଗେ ତାମି ଇଜ ହ଼ାଟାନା ନୀ ଜ଼ାପ୍ନାଣି ୱେଞ୍ଜାଲିତାକି ମାହାପୂରୁତି
ଦୂତୁ ତ଼ାଣାଟି ହୁକୁମି ବେଟା ଆ଼ହାମାନେସି ।” ୨୩ ପିତର ବିତ୍ରା ହ଼ାଟା
ଅ଼ହାନା ଏ଼ୱାରାଇଁ ସେବା କିତେସି । ଅ଼ର ନେଚୁ ନିଙ୍ଗାନା ତିୟାରା ଆ଼ହାନା
ଏ଼ୱାରିତଲେ ହାଚେସି; ଜାପତି ଏଚରଜ଼ାଣା ନାମିତି ତାୟିୟାଁ ଏ଼ୱାରିତଲେ
ହାଚେରି । ୨୪ ଅ଼ର ନେଚୁ ଏ଼ୱାରି କାୟିସରିୟାତା ଏତେରି, ଏମ୍ବାଆଁ
କର୍ନଲିୟ୍ ତାନି କୁଟମି ଇଞ୍ଜାଁ ଅ଼ଡ଼େ ଜାଟୁତି ତ଼ଣେସିଙ୍ଗାଣି ହ଼ାଟାହାଁ କୂଡ଼ି
କିହାନା ଏ଼ୱାରାଇଁ କ଼ାଚିମାଚେରି । ୨୫ ପିତର ବିତ୍ରା ହାଜାଲିଏ କର୍ନଲିୟ୍
ଏ଼ୱାଣି କଡାଁ ଡ଼ଇ ମୁନୁ କୁଟାନା ଜହରା କିତେସି । ୨୬ ସାମା ପିତର
ତାଙ୍ଗେ ନିକ୍ହାନା ଏଲେଇଚେସି, “ନିଙ୍ଗାମୁ, ନ଼ାନୁ ଜିକେଏ ର଼ ମାଣ୍ସିତେଏଁ
।” ୨୭ ଏଚେଟିଏ ପିତର କର୍ନଲିୟ୍ ତଲେ କାତା ଆ଼ହିଁ ଆ଼ହିଁ ଇଲୁ ବିତ୍ରା
ହାଜାନା ଏମ୍ବାଆଁ ହ଼ାରେକା ଲ଼କୁ ରୁଣ୍ତା ଆ଼ହାମାନାଣି ମେସ୍ତେସି । ୨୮
ଅ଼ଡ଼େ ଏ଼ୱାସି ଏ଼ୱାରାଇଁ ଏଲେଇଚେସି, “ଏଟ୍କା କୂଡ଼ାତି ଏନି ଲ଼କୁତଲେ
ଆଣ୍ତିନାୟି କି ଏ଼ ଲ଼କୁ ଡାଗେ ହାନାୟି ଜୀହୁଦି ଲ଼କୁତାକି ଏ଼ନିକିହିଁ ମେରା
ହିଲେଏ, ଏ଼ଦାଆଁ ମୀରୁ ନେହିଁକିଁ ପୁଞ୍ଜାମାଞ୍ଜେରି ଆ଼ତିଜିକେଏ ଆମିନି
ଲ଼କୁଇଁ ସୁଦୁ ହିଲାଆ ଗାଟାରି କି ଲାଗେଏତାରି ଇଞ୍ଜିହିଁ ଇନାଆନି ଇଞ୍ଜାଁ
ମାହାପୂରୁ ନାଙ୍ଗେ ତ଼ସାମାଞ୍ଜାନେସି । ୨୯ ଏ଼ଦାଆଁତାକି ହ଼ାଟନିଏ ନ଼ାନୁ
ଏ଼ନାଆଁ ଅଣ୍ପାଆନା ୱ଼ାତେଏଁ । ଇଦାଆଁତାକି ନ଼ାନୁ ୱେଞ୍ଜିମାଞ୍ଜାଇଁ,
ଏ଼ନାଆଁ କିହାଲି ମୀରୁ ନାଙ୍ଗେ ହ଼ାଟାତେରି?” ୩୦ କର୍ନଲିୟ୍ ଏଲେଇଚେସି,
“ତୀନିଦିନା ନ଼କେଏ ଇ ବେ଼ଲାତା ମିଡ଼୍ଅଲା ତୀନି ଗଂଟା ବେ଼ଲା ନ଼ାନୁ
ନ଼ା ଇଜ ପ୍ରାତାନା କିହିମାଚେଏଁ; ମେହ୍ମୁ ଏମ୍ବାଆଁ ଉଜେଡ଼ିଗାଟି ଦବ୍ଲା
ହିମ୍ବରିକା ତୁର୍ହାମାନି ର଼ ଲ଼କୁ ନ଼ା ନ଼କିତା ନିତେସି, ୩୧ ଅ଼ଡ଼େ ଏ଼ୱାସି
ଏଲେଇଞ୍ଜାତେସି, ‘କର୍ନଲିୟ୍! ମାହାପୂରୁ ନୀ ପ୍ରାତାନା ୱେଞ୍ଜାମାନେସି;
ଇଞ୍ଜାଁ ହିଲାଆ ଗାଟାରାକି ନୀ ଦ଼ାନା ହୀନାୟି ବାରେ ମାହାପୂରୁ ନ଼କିତା
ନେହିଁ ତ଼ଞ୍ଜା ଆ଼ହାମାନେ । ୩୨ ଇଦାଆଁତାକି ସିମନ ଦ଼ରୁଗାଟି ପିତରଇଁ
ହ଼ାଟା ତାଚାଲି ଜାପତା ଲ଼କୁଇଁ ପାଣ୍ତାମୁ, ଏ଼ୱାସି ସାମ୍ଦୁରି ଗାଟୁତା
ଡ଼ୟିନି ତ଼ଲ୍କା କାମା କିନି ସିମନ ଇଜ ଗତାଗାଟାସି ଆ଼ହାମାନେସି
।’ ୩୩ ଏ଼ଦାଆଁତାକି ୱେ଼ଡ଼ାକିଆନା ନ଼ାନୁ ନୀ ତ଼ାଣା ଲ଼କୁ ପାଣ୍ତାତେଏଁ,
ଅ଼ଡ଼େ ନୀନୁ ୱ଼ାହାମାଞ୍ଜି ନେହିଁ କିହାମାଞ୍ଜି, ଇଚିହିଁ ପ୍ରବୁ ନିଙ୍ଗେ ଏ଼ନାଆଁ
ହୁକୁମି ହୀହାମାଞ୍ଜାନେସି, ଏ଼ଦାଆଁ ୱେଞ୍ଜାଲିତାକି ମା଼ମ୍ବୁ ବାରେ ମାହାପୂରୁ
ନ଼କିତା କୂଡ଼ା ଆ଼ହାମାନମି ।” ୩୪ ଏଚେଟିଏ ପିତର ଗୁଟି ଏ଼କ୍ହାନା
ଏଲେଇଚେସି, “ମାହାପୂରୁ ସାତେଏ ବାରେ ଲ଼କୁଣି ପାର୍ଡ଼ା ବାଚି କିଅସି,
୩୫ ଆମିନି ଲ଼କୁ ଏ଼ୱାଣାଇଁ ଆଜିନେରି ଅ଼ଡ଼େ ଏ଼ୱାସି ଅ଼ପିନି ଲେହେଁ
ନେହିଁ କାମା କିନେରି ଏ଼ୱାରି ଆମିନି କୂଡ଼ାତାରି ଇଚିହିଁ ଜିକେଏ, ଏ଼ୱାସି
ଆବିନେସି । ୩୬ ଏ଼ୱାସି ଜୀସୁ କ୍ରୀସ୍ତ ତ଼ାଣାଟି ହିଡ଼୍ଡ଼ିତି ନେହିଁ କାବୁ
ୱେସାନା ଇସ୍ରାୟେଲ ମୀର୍କା ନ଼କିତା ଇ ବ଼ଲୁ ପାଣ୍ତିତେସି; ଏ଼ ଜୀସୁ
କ୍ରୀସ୍ତ ବାରେତି ପ୍ରବୁ । ୩୭ ମୀରୁ ପୁଞ୍ଜାମାଞ୍ଜେରି ଜହନ ବାପ୍ତିସ୍ମ କାତା
ୱେ଼କ୍ହି ତ଼ାଣାଟିଏ ଏ଼ ନେହିଁ କାବୁ ଗାଲିଲିଟିଏ ମା଼ଟ୍ହାନା ବାରେ ଜୀହୁଦା
ରା଼ଜିତି ଲ଼କୁତ଼ାଣା ୱେ଼ଙ୍ଗାମାନେ, ୩୮ ଇଚିହିଁ ନ଼ାଜରିତ ଜୀସୁତି କାତା
ପୁଞ୍ଜାମାଞ୍ଜେରି, ଏ଼ନିକିଁ ମାହାପୂରୁ ଏ଼ୱାଣାକି ସୁଦୁଜୀୱୁ ଇଞ୍ଜାଁ ବ଼ାଡ଼୍ୟୁ
ହୀହାନା ବ଼ର ହୀତେସି, ଇଞ୍ଜାଁ ନେହିଁ କାମା କିହିଁ ସୟତାନ ପ଼ାନ୍ଦୁତା
ଦସ୍ପି ଆ଼ହାମାନି ଲ଼କୁଣି ନେହିଁ କିହିଁ ବାରେୱାକି ରେ଼ଚେସି, ଇଚିହିଁ
ମାହାପୂରୁ ଏ଼ୱାଣିତଲେ ମାଚେସି । ୩୯ ଏ଼ୱାସି ଜୀହୁଦି ଲ଼କୁତି ଦେସାତା
ଅ଼ଡ଼େ ଜିରୁସାଲମତା ଏ଼ନା ଏ଼ନାଆଁ କିତେସି, ମା଼ମ୍ବୁ ଏ଼ ବାରେତି ସା଼କି;
ଏ଼ୱାରି ଏ଼ୱାଣାଇଁ ପ଼ାସି ମୁଣ୍ତାତା ଏ଼କ୍ହାନା ପା଼ୟିତେରି । ୪୦ ସାମା
ମାହାପୂରୁ ଏ଼ୱାଣାଇଁ ତୀନି ଦିନାତା ନିକ୍ହେସି ଅ଼ଡ଼େ ତ଼ଞ୍ଜାଆ଼ୱି କିତେସି;
୪୧ ବାରେଜ଼ାଣା ତାକି ଆ଼ଏ, ୱା଼ର୍ଇ ମାହାପୂରୁ ଆ଼ଚିତି ସା଼କି, ଇଚିହିଁ ମା଼
ନ଼କିତା ତ଼ଞ୍ଜାଆ଼ତେସି । ମାହାପୂରୁ ଏ଼ୱାଣାଇଁ ହ଼ାକିଟି ନିକ୍ହି ଜେ଼ଚ ମା଼ମ୍ବୁ
ଏ଼ୱାଣିତଲେ ତିଚମି ଉଟମି । ୪୨ ଅ଼ଡ଼େ ଲ଼କୁ ନ଼କିତା ଇ ନେହିଁ କାବୁ
ୱେ଼କ୍ହାଲି, ଇଞ୍ଜାଁ ହ଼ାତାରି ଅ଼ଡ଼େ ଜୀୱୁତା ନୀଡାମାନାରି ନୀହାଁୟି କିନାସି
ଆ଼ହାଲି ମାହାପୂରୁ ଏ଼ୱାଣାଇଁ ଆ଼ଚାମାନେସି ଇଞ୍ଜି ସା଼କି ହୀହାଲି ଏ଼ୱାସି
ମାଙ୍ଗେ ହୁକୁମି ହିୟାତେସି । ୪୩ ଆମ୍ବାଆସି ଏ଼ୱାଣି ତ଼ାଣା ନାମିନେସି,
ଏ଼ୱାସି ଏ଼ୱାଣି ଦ଼ରୁତଲେ ପ଼ାପୁ ମ୍ନେପ୍କି ଆ଼ନେସି, ଇଦାଆଁ ବାରେ
ମାହାପୂରୁ ଅଣ୍ପୁତି ବ଼ଲୁ ୱେହ୍ନାରି ଏ଼ୱାଣି କାତାତି ସା଼କି ହୀହାମାନେରି
।” ୪୪ ପିତର ଇ ବାରେ କାତା ୱେସିମାଚି ବେ଼ଲାତା ଆମିନି ଗାଟାରି ତାନି
ବ଼ଲୁ ୱେଞ୍ଜିମାଚେରି, ଏ଼ ବାରେଜ଼ାଣାତି ମୁହେଁ ସୁଦୁଜୀୱୁ ରେ଼ଚାୱା଼ତେ ।
୪୫ ଜୀହୁଦିଆ଼ଆତି ଲ଼କୁତ଼ାଣା ଜିକେଏ ସୁଦୁଜୀୱୁ ରେ଼ଚା ୱା଼ତାଣି ମେସାନା
ପିତର ତଲେ ଜାପଟି ୱ଼ାହାମାଚି ତ଼ଲୁ ଦ଼ାପି ଆ଼ତି ନାମିତି ଜୀହୁଦିୟାଁ,
ଏ଼ୱାରି ବାରେଜ଼ାଣା କାବା ଆ଼ତେରି । ୪୬ ଇଚିହିଁ ଏ଼ୱାରି ଏଟ୍କା ଏଟ୍କା
ହ଼ାଡାତଲେ କାତା ଆ଼ହିମାଚାଣି ଇଞ୍ଜାଁ ମାହାପୂରୁତି ଜହରା କିହିମାନାଣି
ୱେଚେରି । ଏଚି଼ବେଲା ପିତର ଏଲେଇଚେସି । ୪୭ “ଇୱାରି ଆମିନି
ଲ଼କୁ ମା଼ ଲେହେଁ ସୁଦୁଜୀୱୁ ବେଟାଆ଼ହାମାନେରି, ଇୱାରି ଏ଼ୟୁତଲେ
ବାପ୍ତିସ୍ମ ବେଟାଆ଼ହାଲି ଆମ୍ବାଆସି କ଼ାହି କିୟାଲି ଆ଼ଡିମାନେସି?” ୪୮
ଇଞ୍ଜାଁ, ଏ଼ୱାସି ଏ଼ୱାରାଇଁ ଜୀସୁ କ୍ରୀସ୍ତ ଦ଼ରୁତଲେ ବାପ୍ତିସ୍ମ ହୀହାଲି ହୁକୁମି
ହୀତେସି, ଡ଼ାୟୁ ଏ଼ୱାରି ଏଚରଦିନା ଡ଼ୟାଲି ଏ଼ୱାଣାଇଁ ବାତିମା଼ଲିତେରି ।

**୧୧** ଜୀହୁଦିଆ଼ଆତାରି ଜିକେଏ ମାହାପୂରୁତି ବ଼ଲୁ ନାମିତେରି, ଇ କାତା
ପାଣ୍ତୱି ଆ଼ତାରି ଇଞ୍ଜାଁ ଜୀହୁଦା ରା଼ଜିତା ମାନି ତାୟିୟାଁ ୱେଚେରି ।
୨ ପିତର ଏଚି଼ବେଲା ଜିରୁସାଲମତା ୱା଼ତେସି, ଏଚି଼ବେଲା ତ଼ଲୁ ଦ଼ାପି ଆ଼ତି
ସୀସୁୟାଁ ପିତର ତଲେ ବା଼ଦିବା଼ଦା ଆ଼ତେରି, ୩ “ନୀନୁ ଜୀହୁଦିଆ଼ଆତି
ଲ଼କୁ ଇଲ୍କାଣା ହାଜାନା ଏ଼ୱାରିତଲେ ତିଞ୍ଜାମାଞ୍ଜି!” ୪ ସାମା ପିତର
ଇ ବାରେ କାତାତି ମୂଲୁଟିଏ ୱେସାଲି ମା଼ଟ୍ହାନା ଏଲେଇଚେସି । ୫
“ନ଼ାନୁ ଜାପ ଗା଼ଡ଼ାତା ପ୍ରାତାନା କିହିମାଚେଏଁ, ଇଞ୍ଜାଁ ସେୟାଁଣା ହାପାନାତା
ମେସ୍ତେଏଁ, ଏ଼ନିକିଁ ର଼ କାଜା ହିମ୍ବରିତି ସା଼ରି କନତା ଆସାହାଁ ଲାକପୂରୁଟି

ଡ଼ଇ ରେଚା ୱାହିମାଚେ, ଅଡ଼େ ଏଦି ନା ପାଡେକା ୱାତେ; ୬ ନାନୁ ଏମ୍ବାଆଁ
ସିନିକିହାନା ଅଣ୍ପାଲି ମାଟ୍ହେଏଁ, ଏମ୍ବାଆଁ ଦାର୍ତିତି ସାରିଗଟା କଡାୟାଁ
ତଲେ ତାକିନି ନାସ୍କାଡି ଜନ୍ତୁ ଇଞ୍ଜାଁ ଜାଡ଼ାତି ଜନ୍ତୁ ଡ୍ରଗିୟାଁ ରାସ୍କା
ଅଡ଼େ ହାଗୁଡି ପଟାୟାଁ ମେସ୍ତେଏଁ, ୭ ଅଡ଼େ ନାଙ୍ଗେ ୱେସାମାଞ୍ଜାନି ଇ
ହାଡା ଜିକେଏ ୱେଚେଏଁ, 'ପିତର; ନିଙ୍ଗାମୁ, ପାୟାନା ତିନାମୁ!' ୮ ସାମା
ନାନୁ ଏଲେଇଚେଏଁ, 'ଆଏ ପ୍ରବୁ! ଡୀଗାଆଗାଟି ଲାଗେଏ ପ୍ଲେଏତି
କାଦି ନାନୁ ଏଚେଲାୱା ନା ଗୁଡିତା ଅହାହିଲଅଁ ।' ୯ ସାମା ଅର ଦେବା
ଲାକପୂରୁଟି ଇ ହାଡା ୱେସ୍ତାତେ, 'ମାହାପୂରୁ ଏନାଆଁ ସୁଦୁ କିହାମାନେସି,
ଏଦାଆଁ ନୀନୁ ଲାଗେଏତାୟି ଇନାଆନି ।' ୧୦ ଇଲାଆହିଁ ଟୀନି ପାଲି
ଆତେ, ଅଡ଼େ ଡାୟୁ ଏ ବାରେ ୱେଣ୍ଡେ ଲାକପୂରୁ ଅୱିଆତେ । ୧୧ ଅଡ଼େ
ମେହ୍ଡୁ, ଦେବୁଣିଏ ଟୀନି ଜାଣା ଲ୍କୁ ମାମ୍ବୁ ଆମିନି ଇଲୁତା ମାଚମି
ଏମ୍ବାଆଁ ୱାହାନା ନିତେରି, ଏୱାରି କାୟିସରିୟାଟିଏ ନା ତାଣା ପାଣ୍ଡୁୱି
ଆହାମାଚେରି । ୧୨ ଇଞ୍ଜାଁ ଆନାମାନା ଆଆନା ଏୱାରିତଲେ ହାଜାଲି
ଜୀୱୁ ନାଙ୍ଗେ ୱେସ୍ତାତେ, ଅଡ଼େ ଇ ସ ଜାଣା ତାୟିୟାଁ ଜିକେଏ ନା ତଲେ
ଜାପଟି କାୟିସରିୟାତା ୱାତେରି, ଇଞ୍ଜାଁ ମାମ୍ବୁ ଏ କର୍ନଲିୟ ଇଜ ହାଚମି
। ୧୩ ଏୱାସି ଏନିକିଁ ର ଦୂତୁଇଁ ସେୟାଁଣା ହାପାନାତା ମେସାମାଚେସି,
ଏଦାଆଁ ମାଙ୍ଗେ ୱେସ୍ତାତେସି, ଏ ଦୂତୁ ଏନିକିଁ ଏୱାଣି ଇଜ ନିଚାନା ୱେସ୍ତେ,
ଜାପଟା ଲ୍କୁଣି ପାଣ୍ଡାନା ପିତର ଇନି ସିମନଇଁ ହାଟାତାମୁ; ୧୪ ଏୱାସି
ମିଙ୍ଗେ ୱେସ୍ତାନି କାତାତଲେ 'ମୀରୁ ଅଡ଼େ ମୀ ବାରେ କୁଟମି ଗେଲ୍ପି
ଆଦେରି ।' ୧୫ ଡାୟୁ ନାନୁ ଜ୍ଲାଲି ମାଟ୍ହାଲିଏ ସୁଦୁଜୀୱୁ ମା ଲାକ
ଏନିକିଁ ରେଚାୱାତେ, ଏଲେକିଁ ଏୱାରି ଲାକ ଜିକେଏ ରେଚାୱାତେ । ୧୬
ଏଚିବେଲା ପ୍ରବୁ ୱେସ୍ତି ଇ ହାଡା ନା ଅଣ୍ପୁତା ୱାତେ; 'ଜହନ ଏୟୁତଲେ
ବାପ୍ତିସ୍ମ ହୀତେସି ସାତା, ସାମା ମୀରୁ ସୁଦୁଜୀୱୁ ତଲେ ବାପ୍ତିସ୍ମ ଆଦେରି ।'
୧୭ ଇଚିହିଁ ମାର ପ୍ରବୁ ଜୀସୁ କ୍ରୀସ୍ତ ତାଣା ନାମିତି ବେଲାତା ମାହାପୂରୁ
ଏନିକିଁ ମାଙ୍ଗେ ଆମିନି ଦାନା ହୀହାମାଞ୍ଜାତେସି, ଏଲେକିହିଁଏ ଏୱାରାକି
ଜିକେଏ ସମାନା ଦାନା ହୀତେସି; ନାନୁ ଆମ୍ବାଆତେଏଁ ମାହାପୂରୁଇଁ
କାହି କିହାଲି ଆଡିଇଁ!" ୧୮ ଏୱାରି ଇ ବାରେ କାତା ୱେଞ୍ଜାଲିଏ ଏୱାରି
ପାଲେଏ ଆତେରି, ଇଞ୍ଜାଁ ମାହାପୂରୁଇଁ ଜହରା କିହିଁ ଏଲେଇଚେରି,
"ଆତିହିଁ ମାହାପୂରୁ ଜୀହୁଦିଆଆତି ଲ୍କୁକି ଜିକେଏ ହିୟାଁ ୱେଟ୍ହାଲି
ଅଡ଼େ ନୀଡାଲି ପାରୁ ହୀହାମାନେସି ।" ୧୯ ଏଚେଟିଏ ସ୍ତିପାନ ହାତି ଡାୟୁ
ଏଚେକା ନାମୁଗାଟାରି କସ୍ତ ନିନ୍ଦ୍ବା ଆତାକି ଆଲାରା ଆହାମାଚାରି ବିତ୍ରାଟି,
ପୟିନିକିୟା, କୁପ୍ର ଅଡ଼େ ଆନ୍ତିୟକିୟା ପାଡେକା ରେଜାନା ୱାର୍ଇ ଜୀହୁଦି
ଲ୍କୁ ପିସ୍ପେ ଅଡ଼େ ଆମ୍ବାଆରି ତାଣା ନେହିଁ କାବୁ ୱେସିହିଲାଆତେରି
। ୨୦ ସାମା ଏୱାରି ବିତ୍ରାଟି ଏଚରଜାଣା କୁପ୍ର ଅଡ଼େ କୁରିଣିୟ ଲ୍କୁ
ଆନ୍ତିୟକିୟା ୱାହାନା ଗ୍ରିକ୍ ଲ୍କୁତାଣା ଜିକେଏ କାତା ୱେସିହିଁ ପ୍ରବୁ ଜୀସୁଡି
ନେହିଁ କାବୁ ୱେକ୍ହେରି । ୨୧ ଅଡ଼େ, ଏୱାରିତଲେ ପ୍ରବୁତି ବାଡ୍ୟୁ
ମାଚେ, ଅଡ଼େ ହାରେ ହାରେକା ଲ୍କୁ ନାମାହାଁ ପ୍ରବୁ ୱାକି ୱେଣ୍ଟାୱାତେରି ।
୨୨ ଏୱାରି ହାଡା ଜିରୁସାଲମତି କୁଲମିତା ଏଗାହାଚେ, ଏମ୍ବାଟିଏ ଏୱାରି
ଆନ୍ତିୟକିୟା ପାଡେକା ବର୍ନବାଇଁ ପାଣ୍ଡାତେରି । ୨୩ ଏୱାସି ଏମ୍ବାଆଁ
ଏଜାନା ମାହାପୂରୁତି କାର୍ମାମେସାନା ରାହାଁ ଆତେସି, ଇଞ୍ଜାଁ ଏୱାରି ଏନିକିଁ
ହିୟାଁତା ରଣ୍ଡିଏ ରାହାଁତଲେ ପ୍ରବୁ ତାଣା ମାନାପେରି ଇଞ୍ଜେଁ ଏୱାରାକି
ବାର୍ସୁ ହୀତେସି । ୨୪ ବର୍ନବା ର ନେହିଁ ଲ୍କୁ, ନାମୁତା ଇଞ୍ଜାଁ ସୁଦୁଜୀୱୁ
ବେଟାଆହାମାନାସି ମାଚେସି, ଇଞ୍ଜାଁ ଇଲେତି ବ୍ଲୁ ୱେକ୍ନି ତାଣା ହାରେକା
ଲ୍କୁ ପ୍ରବୁ ତାଣା ଆଣ୍ଡିତେରି । ୨୫ ଡାୟୁ ବର୍ନବା ସାୱୁଲଇଁ ପାରାଲି
ତାର୍ସ ଗାଡ଼ାତା ହାଚେସି, ୨୬ ଇଞ୍ଜାଁ, ଏୱାସି ଏୱାଣାଇଁ ବେଟାଆହାନା
ଆନ୍ତିୟକିୟାତା ଟାଚିହିଁ ୱାତେସି, ଏୱାରି ର ବାର୍ସା ପାଡେକା କୁଲମି ତଲେ
ମାଞ୍ଜାନା ହାରେକା ଲ୍କୁଣି ଜାପ୍ହେରି, ଅଡ଼େ ଆନ୍ତିୟକିୟାଟି ସୀସୁୟାଁ
ତଲିଏ କ୍ରୀସ୍ତାନା ଇଞ୍ଜେଁ ୱେଙ୍ଗିତେରି । ୨୭ ଏଚିବେଲାତା ଏଚରଜାଣା
ମାହାପୂରୁ ଅଣ୍ପୁତି ବ୍ଲୁ ୱେହ୍ନାରି ଜିରୁସାଲମଟି ଆନ୍ତିୟକିୟାତା
ୱାତେରି । ୨୮ ଏୱାରି ବିତ୍ରାଟି ଆଗାବ ଦ୍ରୁଗାଟି ର ଲ୍କୁ ନିଙ୍ଗାନା ବାରେ
ଦାର୍ତିତା କାଜା କାତାରା ଆନେ ଇଞ୍ଜାଁ ଜୀୱୁତି ବାଡ୍ୟୁ ତଲେ ୱେସ୍ତେସି;
ଏଦି କ୍ଲାୱୁଦିୟା ସାଲୱି କିନାଣି ବେଲାତା ଆତେ । ୨୯ ଏମ୍ବାଟିଏ ସୀସୁୟାଁ
ତାମ୍ବୁ ତାମି ଆଡିନି ଲେହେଁ ଜୀହୁଦା ରାଜିତା ମାନି ନାମିତି ତାୟିୟାଁକି
ସାୟେମି କିୟାଲି ଟୀରି କିତେରି, ୩୦ ଅଡ଼େ, ଏୱାରି ଜିକେଏ ଟାକାୟାଁ
କୂଡ଼ି କିହାନା ଏ କୁଲମିତି ପ୍ରାଚିନାଙ୍ଗା କେୟୁତା ହୀହାଲି ବର୍ନବା ଅଡ଼େ,
ସାୱୁଲ କେୟୁତା ଟାକାୟାଁ ପାଣ୍ଡିତେରି ।

**୧୨** ଏଚିବେଲାତା ରାଜା ହେରଦ କୁଲମିତି ଏଚର ଜାଣାଇଁ ସାସ୍ତି
ହୀହାଲି ମାଟ୍ହେସି । ୨ ଏୱାସି ଜହନତି ତାୟି ଜାକୁବଇଁ
କାଣ୍ଡାତଲେ ପାୟି କିତେସି । ୩ ଅଡ଼େ, ଜୀହୁଦି ଲ୍କୁ ଏୱାଣି ତାକି ରାହାଁ
ଆହାମାନାଣି ମେସାନା ଏୱାସି ପିତରଇଁ ଜିକେଏ ଆସ୍ତେସି, ଏଚିବେଲାତା
ପୁଲା ଆଣ୍ଡାଆତି ରୁଟି ତିନି ପାର୍ବୁ ମାଚେ । ୪ ଏଚେଟିଏ ଏୱାସି ପିତରଇଁ
ଦସ୍ପାନା କାୟିଦି ଇଲୁତା ଇଟିତେସି, ଇଞ୍ଜାଁ ପିସ୍ପିଆନି ପାର୍ବୁ ରାତି ଡାୟୁ
ଏୱାଣାଇଁ ବାରେ ଲ୍କୁ ନ୍କିତା ତାଚାଲି ଅଣ୍ପାନା ଏୱାଣାଇଁ କାଚାଲି
ସାରି ଜାଣା ଲାକା ସାରି ଗଟି କ୍ସ୍କା କେୟୁତା ହେର୍ପିତେସି । ୫
ପିତରଇଁ କାୟିଦିତା ସୁଣ୍ଡିତେରି, ସାମା ଏୱାଣି ତାକି କୁଲମି ରଣ୍ଡିଏ ହିୟାଁ
ତଲେ ମାହାପୂରୁ ତାଣା ପ୍ରାତାନା କିହିମାଚେରି । ୬ ଡାୟୁ ହେରଦ ଆମିନି
ଦିନା ପିତରଇଁ ହ୍ପହାଲି ଅଣ୍ପାମାଚେସି, ଏ ନେଚୁ ଲାଆଁୟାଁ ପିତର
ରୀ ହିକ୍ଣିୟାଁ ତଲେ ଦସ୍ପି ଆହାନା ରୀ କ୍ସ୍କା ମାଦି ଡୂରାମାଚେସି,
ଅଡ଼େ କାଃଆନାରି କାୟିଦି ଇଲୁ ଦୁୱେରିତା କାଚାମାଚେରି । ୭ ଅଡ଼େ
ମେହ୍ଡୁ, ଦେବୁଣିଏ ପ୍ରବୁତି ର ଦୂତୁ ଏମ୍ବାଆଁ ତଞ୍ଜାଆତେ, ଇଞ୍ଜାଁ ଇଲୁ
ବିତ୍ରା ଉଜେଡ଼ି ଆହାହାଚେ, ଅଡ଼େ ପିତରଇଁ ବମିତା ଡୀଗାହାଁ ନିକ୍ହାନା
ଏଲେଇଚେ, "ତବେ ନିଙ୍ଗାମୁ," ଏମ୍ବାଟିଏ ଏୱାଣି କେସ୍କାତି ହିକ୍ଣିୟାଁ
ହୁଙ୍ଗାହାଚୁ । ୮ ଏଚେଟିଏ ଦୂତୁ ଏୱାଣାଇଁ ଏଲେଇଚେ, "ଟେଡେଲି ରୂପା
କଡାମୁ ଇଞ୍ଜାଁ ସେପୁୟାଁ ତୁର୍ମୁ" ଇଞ୍ଜାଁ ପିତର ଏଲେକିତେସି, ଅଡ଼େ
ଦୂତୁ ଏଲେଇଚେ, "ନୀ ହିମ୍ବରି ପର୍ହାନା ନା ଜେଚ ଜେଚ ୱାମୁ ।"
୯ ପିତର ହ୍ଚାନା ଏୱାଣି ଜେଚ ଜେଚ ହାଚେସି; ସାମା ଦୂତୁ ତାଣାଟି

ଏ୍ନାଆଁ କିୱିଆ୍ତେ, ଏ୍ଦି ସାତେଏ ଏ୍ଦାଆଁ ପୁନାଆନା ଏ୍ୱାସି ହାପାନା
ହେ୍ଣ୍ଡିମାଇଁ ଇଞ୍ଜୁଁ ଅଣ୍ପିମାଚେସି । ୧୦ ଏଚିବେ୍ଲାତା ଏ୍ୱାରି ନ୍କିତି
ଅ୍ଡେ଼ ଏ୍ଦାଣି ଡା଼ୟୁ କା଼ଚାମାଚାରାଇଁ ଗାଣ୍ଚାନା ଆମିନି ଲ୍ହ ଦୁୱେରି
ହୀହାନା ଗା଼ଡ଼ାତା ହ୍ଡାଲି ଆ୍ନେ, ଏ୍ଦାଆଁ ଡାଗେ ୱା଼ହାଲିଏ, ଏ୍ଚେତା ଏ୍
ଦୁୱେରି ତା଼ନୁ ତା଼ନୁଏ ଏ୍ୱାରାକି ଦେପି ଆ୍ହାହାଚେ, ଅ୍ଡେ଼ ଏ୍ୱାରି ହ୍ଚା
ହାଜାନା ର଼ ଆଂଗେଣି ମୁଟ୍ହାମାନି ପାତେକା ହାଚେରି, ଇଞ୍ଜୁଁ ଦେବୁଣିଏ
ଏ୍ ଦୂତୁ ଏ୍ୱାଣାଇଁ ପିସା ହାଚେ । ୧୧ ଏଚେଟିଏ ପିତର ସେତ୍ନା ଆ୍ହାନା
ଏଲେଇଚେସି, "ପ୍ରବୁ ତାନି ଦୂତୁଇଁ ପାଣ୍ଡାନା ହେରଦ କେୟୁଟି ଅ୍ଡେ଼
ବାରେ ଜୀହୁଦି ଲ୍କୁ ଅଣ୍ପିମାଚି ତା଼ଣାଟି ପିସ୍ପି କିହାଁ ମାଞ୍ଜାନେସି,
ଇଦାଆଁ ନୀଏଁ ନା଼ନୁ ସାତେଏ ପୁଚେଏଁ ।" ୧୨ ଏ୍ୱାସି ଇ କାତା ଅଣ୍ପିହିଁ
ମାର୍କ ଦ୍ରୁଗାଟି ଜହନ ତାମି ଇୟା ମରିୟମନି ଇଜ ହାଚେସି; ଏମ୍ବାଆଁ
ହ୍ାରେକା ଲ୍କୁ ରୁଣ୍ଡା ଆ୍ହାନା ପ୍ରାତାନା କିହିମାଚେରି । ୧୩ ପିତର ପାଙ୍ଗାତି
ଦୁୱେରିତା ର୍ୱେଚାଲିଏ, ରଦା ଦ୍ରୁଗାଟି ର଼ ହ୍ଲେଣି ଆମ୍ବାଆତେରି ଇଞ୍ଜୁଁ
ୱେଞ୍ଜାଲି ହାଚେ । ୧୪ ଏ୍ଦି ପିତରତି ହ୍ାଡା ୱେଞ୍ଜାନା ରା଼ହାଁତାକି ଦ୍ାରା
ଦେଝଆନା ବିତ୍ରା ଦାବ୍ଡି଼ ହାଜାନା ଦ୍ାରା ଡାକିତା ପିତର ନିଚାମାନେସି
ଇଞ୍ଜୁଁ ୱେସ୍ତେ । ୧୫ ଏ୍ୱାରି ଏ୍ଦାନି ଏଲେଇଚେରି, "ନୀନୁ ବାୟା ଆ୍ତିକି
ଇଞ୍ଜୁଁ ଇଚେରି," ସାମା ଏ୍ଦି ଏ୍ଦାଆଁ ସାତା ଇଞ୍ଜୁଁ ଗାଡିକିହିଁ ୱେସ୍ତେ, ଇଞ୍ଜୁଁ
ଏ୍ୱାରି ଏଲେଇଚେରି, "ଏ୍ଦି ଏ୍ୱାଣି ଦୂତୁ ।" ୧୬ ସାମା ପିତର ଦ୍ାରାତା
ଅଲେ ଅଲେ ର୍ୱେଚିମାଚାକି, ଏ୍ୱାରି ଦ୍ାରା ଦେଚାନା ଏ୍ୱାଣାଇଁ ମେସାନା
କାବା ଆ୍ତେରି । ୧୭ ସାମା ଏ୍ୱାସି ଏ୍ୱାରାଇଁ ପାଲେଏ ମାଞ୍ଜାଲି କେୟୁ
ଜୀଞ୍ଜିତେସି, ଇଞ୍ଜୁଁ ପ୍ରବୁ ଏ୍ୱାଣାଇଁ ଏ୍ନିକିଁ କା଼ୟିଦି ଇଲୁଟି ହ୍ପ୍ହା ତାତେସି
ଏ୍ୱାରାଇଁ ୱେସ୍ତେସି, ଅ୍ଡେ଼ ଏ୍ୱାସି ଏଲେଇଚେସି "ଇ ବାରେ କାତା
ଜାକୁବ ଅ୍ଡେ଼ ବାରେ ନାମିତି ତାୟିୟାଁଇଁ ୱେହ୍ଦୁ" ଇଞ୍ଜୁଁ ଏ୍ୱାସି ତା଼କିହିଁ
ଅ୍ର ଟା଼ୟୁତା ହାଜାତୁସ୍ତେସି । ୧୮ ଲା଼ଇ ର୍ୱେୟାଲିଏ ପିତର ଆମ୍ବିୟା
ହାଚେସି ଇଞ୍ଜୁଁ କା଼ପୁ କା଼ଝଆନି କ୍ସ୍କା କାବାଆ଼ହାନା ହ୍ାରେକା ବିଲ୍କି
ଆ୍ତେରି? ୧୯ ଅ୍ଡେ଼, ହେରଦ ଏ୍ୱାଣାଇଁ ପାରି କିହାନା ପ୍ଣ୍ଡଝଆଲିଏ,
କା଼ପୁ କା଼ଝନାରାଇଁ ୱେଚି ଡା଼ୟୁ, ଏ୍ୱାରାଇଁ ପା଼ୟାଲି ହୁକୁମି ହୀତେସି ।
ଏ୍ଦାଆଁ ଡା଼ୟୁ ହେରଦ ଜୀହୁଦା ରା଼ଜିଟି କାୟିସରିୟାତା ହାଜାନା ଏମ୍ବାଆଁ
ଡ଼ୟିତେସି । ୨୦ ଏଚିବେ୍ଲା ହେରଦ ସ୍ର ଅ୍ଡେ଼ ସିଦନତି ଲ୍କୁତାକି
ଆଜିହ୍ପେତି କ୍ପା ଆ୍ହାମାଚେସି, ଅ୍ଡେ଼ ଏ୍ୱାରି ରଣ୍ଡିଏ କାତା ଆ୍ହାନା
ଏ୍ୱାଣି ତା଼ଣା ୱା଼ତେରି, ଇଞ୍ଜୁଁ ରାଜା ଇଲୁଟି ବ୍ଲାସ୍ତସ୍ ଇନି ସା଼ଲୱି କିନାଣାଇଁ
ତାମି ୱାକି କିହାନା, ରାଜାଇଁ ହିଟ୍ଡ଼ି ତାକି ବାତିମ୍ାଲିତେରି, ଇଚିହିଁ
ହେରଦ ରାଜା ଦେ୍ସାଟି ସ୍ର ଅ୍ଡେ଼ ସିଦନ ଦେ୍ସାତା ଆର୍ନା ହାଜିମାଚେ ।
୨୧ ଏଚେଟିଏ ହେରଦ ତୀରିକିତି ଦିନାତା ରାଜା ହୁଚିନି ହିମ୍ବରିକା ହୁଚାନା
ସିଂଗାସାଣିତା କୁଗାନା ଲ୍କୁ ନ୍କିତା ର଼ କାତା ୱେସ୍ତେସି; ୨୨ ଏଚେଟିଏ
ଲ୍କୁ କା଼ଲୱି ଆ୍ହିଁ ଏଲେଇଚେରି, "ଇଦି ମାହାପୂରୁତି ଗିୟାଁ, ମାଣ୍ସିତି
ଗିୟାଁ ଆ୍ଏ!" ୨୩ ଏ୍ ଦେବୁଣିଏ ପ୍ରବୁତି ର଼ ଦୂତୁ ହେରଦଇଁ ଡୀଗିତେ,
ଇଚିହିଁ ଏ୍ୱାସି ମାହାପୂରୁଇଁ ଜହରା କିଆତେସି, ଇଞ୍ଜୁଁ ଏ୍ୱାଣାଇଁ ପିଡ଼ୁୟୁଲି
ତିଞ୍ଜାଲିଏ ଏ୍ୱାସି ହ୍ାତେସି । ୨୪ ସାମା ମାହାପୂରୁତି ବ୍ଲୁ ପାଡାଆ଼ହାନା
ହ୍ାରେକା ର୍ୱେଙ୍ଗିତେ । ୨୫ ଡା଼ୟୁ ବର୍ନବା ଅ୍ଡେ଼ ସା଼ୱୁଲ ତାମି ର଼ସେବା
କାମା ରା଼ପ୍ହାନା ଜହନ ଇନି ମାର୍କଇଁ ତ଼ଡୁ କିହାନା ଜିରୁସାଲମଟି ୱେଣ୍ଡା
ହାଚେରି ।

# ୧୩

ଏଚିବେ୍ଲା ଆନ୍ତିୟକିୟାତି କୁଲମିତା ବର୍ନବା, ସିମିୟନ କା଼ଡ଼ିୟା
ଇନାସି, କୁରିଣି ଦେ୍ସାତି ଲୁକିୟ, ହେରଦ ରାଜା ତାୟିଲେହେଁ
ପାଡାଆ଼ତି ମନହେମ ଅ୍ଡେ଼ ସା଼ୱୁଲ, ଆନ୍ତିୟକିୟାତା ମାଚି କୁଲମିତା
ମାହାପୂରୁ ଅଣ୍ପୁତି ବ୍ଲୁ ୱେହ୍ନାରି ଅ୍ଡେ଼ ଜା଼ପ୍ନାରି ମାଚେରି । ୨
ଏ୍ୱାରି ପ୍ରବୁତି ସେବା ଅ୍ଡେ଼ ଉପାସା କିହିମାଚାଟି, ସୁଦୁଜୀୱୁ ଏ୍ୱାରାଇଁ
ଏଲେଇଚେ, "ନା଼ନୁ ଆମିନି କାମାତାକି ବର୍ନବା ଅ୍ଡେ଼ ସା଼ୱୁଲଇଁ ହ୍ାଟାମାଇଁ,
ଏ୍ କାମାତାକି ଏ୍ୱାରାଇଁ ଏଟ୍କା କିଦୁ ।" ୩ ଏଚେଟିଏ ଏ୍ୱାରି ଉପାସା
ଅ୍ଡେ଼ ପ୍ରାତାନା କିତି ଡା଼ୟୁ ଏ୍ୱାରି ତା଼ର୍କାଣା କେସ୍କା ଇଟାନା ଏ୍ୱାରାଇଁ
ହେ୍ର୍ପାନା ପାଣ୍ଡିତେରି । ୪ ଇଲେଆ଼ହିଁ ବର୍ନବା ଅ୍ଡେ଼ ସା଼ୱୁଲ ସୁଦୁଜୀୱୁ
ତଲେ ପାଣ୍ଡୱି ଆ୍ହାନା ସେଲୁକିୟାତା ହାଚେରି; ଇଞ୍ଜୁଁ ର଼ ସାମ୍ଦୁରି
ଜା଼ଜାତା ହ୍ଚାନା କୁପ୍ରତା ହାଚେରି । ୫ ଏ୍ୱାରି ସାଲମି ଗା଼ଡ଼ାତା
ଏଗାହାଜାଲିଏ ଜୀହୁଦି ଲ୍କୁତି ବାରେ ଜୀହୁଦି ଲ୍କୁତି କୁଟମି ଇଲ୍କାଣା
ମାହାପୂରୁତି ବ୍ଲୁ ୱେକ୍ହାଲି ମା଼ଟ୍ହେରି; ଅ୍ଡେ଼, ଜହନ ମାର୍କ ଜିକେଏ
ସା଼ୟେମି କିୟାଲି ଏ୍ୱାରିତଲେ ମାଚେସି । ୬ ଇଞ୍ଜୁଁ ଏ୍ୱାରି ଏ୍ ଦେ୍ସା
ମାଦିଟି ରେ୍ଜିହିଁ ପାପସ୍ ଗା଼ଡ଼ାତା ହାଚେରି; ଏମ୍ବାଆଁ ଏ୍ୱାରି ବାର୍-
ଜୀସୁ, ଦ୍ରୁଗାଟି ର଼ ଜୀହୁଦି ଗାର୍ଡ଼ି ଗାଟାଣାଇଁ ବେଟାଆ଼ତେରି, ଏ୍ୱାସି
ମିଚି ମାହାପୂରୁ ବ୍ଲୁ ୱେହ୍ନାସି । ୭ ଏ୍ ଦେ୍ସା ସା଼ଲୱି କିନି ସେର୍ଗିୟ
ପା଼ୱୁଲ ତଲେ ମାଚେସି, ଏ୍ ସା଼ଲୱି କିନାସି ର଼ ବୁଦିଗାଟାସି, ଏ୍ୱାସି
ସା଼ୱୁଲ ଅ୍ଡେ଼ ବର୍ନବାଇଁ ହ୍ାଟି କିହାନା ମାହାପୂରୁତି କାତା ୱେଞ୍ଜାଲି
ଅଣ୍ପିମାଚେସି । ୮ ସାମା ଏ୍ ଗାର୍ଡ଼ିଗାଟି "ଏଲିମା" ଇଦି ଗ୍ରିକ୍ ଦ୍ରୁ ଏ୍
ସା଼ଲୱି କିନାଣାଇଁ ନାମୁଟି ପିସ୍ପିକିନି ଅଣ୍ପୁ ତଲେ ଏ୍ୱାରାଇଁ ବା଼ଦା
ହୀତେସି । ୯ ସାମା ସା଼ୱୁଲ ଆମ୍ବାଆରାଇଁ ପା଼ୱୁଲ ଜିକେଏ ଇନେରି,
ସୁଦୁଜୀୱୁଟି ନେଞ୍ଜାନା; ଏଲିମାଇଁ ସିନିକିତେସି, ୧୦ ଅ୍ଡେ଼ ଏଲେଇଚେସି,
"ଆ଼ଡ଼େ ସୟତାନ ମୀର୍ଏଣାତି, ବାରେଲେହେଁତି ନା଼ଡ଼ିକିନି ଲାଗେଏତି
ଅଣ୍ପୁତା ନେଞ୍ଜାମାନାତି, ଅ୍ଡେ଼ ବାରେ ନେହିଁ କାମାତି ସାତ୍ରୁ, ନୀନୁ ପ୍ରବୁତି
ସଲକ ଜିରୁତି ଲାଗେଏ କିହାଲି ପିହ୍ଅତି କି? ୧୧ ଅ୍ଡେ଼ ନୀଏଁ ମେହ୍ମୁ
ପ୍ରବୁତି କେୟୁ ନୀ ଲାକ ମାନେ; ଇଞ୍ଜୁଁ ନୀନୁ କା଼ଣା ଆ୍ହାନା ଗା଼ଡେ଼କା ତାକି
ର୍ୱେଡ଼ାତି ଉଜେଡ଼ି ମେହ୍ଅତି ।" ଏ୍ ଦେବୁଣିଏ ଏଲିମା କାଣ୍କାତା ଦ୍ନ୍ଦ୍ନା
ପଜିତି ଲେହେଁ ଆ୍ତେ ଇଞ୍ଜୁଁ ତାନି କେୟୁ ଆସାଁ ଜିରୁ ତ଼ସାଲି ରଅଣାଇଁ
ପାରୀତେସି । ୧୨ ଇଦାଆଁ ମେସାନା ସା଼ଲୱି କିନାସି ପ୍ରବୁତି ଜା଼ପ୍ନାଣି
ୱେଞ୍ଜାନା କାବାଆ଼ହାନା ନାମିତେସି । ୧୩ ଡା଼ୟୁ ପା଼ୱୁଲ ଅ୍ଡେ଼ ତାନି
ତ଼ଣେସିଙ୍ଗା ପାପସ୍ଟିଏ ସାମ୍ଦୁରି ଜିରୁଟି ହାଜାନା ପଂପୁଲିୟା ଗା଼ଡ଼ାତି
ପର୍ଗିତା ୱା଼ତେରି; ସାମା ଜହନ ମାର୍କ ଏ୍ୱାରାଇଁ ପିସାନା ଜିରୁସାଲମତା
ୱେଣ୍ଡାହାଚେସି । ୧୪ ଏ୍ୱାରି ପର୍ଗିଟି ହାଜାନା ପିସିଦିୟାତି ଆନ୍ତିୟକିୟାତା

ଏଗାହାଚେରି, ଅ଼ଡ଼େ ଜ଼ମିନି ଦିନା ଜୀହୁଦି ଲ଼କୁତି କୁଟମି ଇଲୁତା
ହାଜାନା କୁଗିତେରି । **୧୫** ଅ଼ଡ଼େ, ମ଼ସା ରା଼ଚିତି ମ଼େରା ଇଞ୍ଜ଼ାଁ ମାହାପୂରୁ
ଅଣ୍ପୁତି ବ଼ଲୁ ୱେହ୍ନାରି ପତି ପ଼ଡ଼ୱି ଆ଼ତି ଡ଼ାୟୁ, ପ୍ରା଼ତାନା ଇଲୁତି
କାଜାରି ଏ଼ୱାରିତା଼ଣା ଏଲେଇଞ୍ଜ଼ି ୱେସା ପାଣ୍ଡିତେରି; "ତାୟିୟାଁ, ଲ଼କୁତାକି
ବ଼ାର୍ସୁ ହୀନି କାତା ମାଚିହିଁ ୱେହ୍ଦୁ ।" **୧୬** ଏଚେଟିଏ ପା଼ୱୁଲ ନିଚାନା
ଲ଼କୁଣି କେୟୁ ତ଼ସିହିଁ ଏଲେଇଚେସି; "ଇସ୍ରାୟେଲ ଲ଼କୁତେରି ଇଞ୍ଜ଼ାଁ
ଜୀହୁଦିଆ଼ଆତି ଲ଼କୁତେରି ଅ଼ଡ଼େ ମାହାପୂରୁଇଁ ଆଜିନେରି ନା଼ କାତା
ୱେଞ୍ଜୁ ।" **୧୭** ଇ ଇସ୍ରାୟେଲ କୂଡ଼ାତି ମାହାପୂରୁ ମା଼ ଆକୁ ଆ଼ବାୟାଁଣି
ଆ଼ଚିତେସି, ଅ଼ଡ଼େ ଏ଼ୱାରି ମିସର ଦ଼େସାତା ବାସା କିହାମାନି ବ଼େଲାତା,
ଏ଼ୱାରାଇଁ ପାଡି କିତେସି, ଇଞ୍ଜ଼ାଁ ବ଼ାଡ଼୍ୟୁ ଗାଟି କେୟୁତଲେ ଏ଼ୱାରାଇଁ
ହ଼ପ୍ହା ତାତେସି, **୧୮** ଡ଼ାୟୁ ରୀ କ଼ଡ଼ି ବାର୍ସା ପାତେକା ବାଃଲି ବାଟାତା
ଏ଼ୱାସି ଏ଼ୱାରି ଲେମ୍ବ଼ିନାଣି ଅ଼ର୍ହିତେସି । **୧୯** ଏ଼ୱାସି କିଣାନ ଦ଼େସାତି
ସା଼ତାଗଟା କୂଡ଼ାତି ଲ଼କୁଣି ନା଼ସା କିହାନା ତାନି ଆ଼ଚାମାନି ଲ଼କୁକି ଏ଼
ଦ଼େସାତି ଅଦିକାରା ହୀତେସି । **୨୦** ସା଼ରି ୱାଞ୍ଜା ରୀ କ଼ଡ଼ି ଦସ ବାର୍ସା
ବିତ୍ରା ଇ ବାରେ ଆ଼ତେ । ଏଚେଟିଏ ମାହାପୂରୁ ଅଣ୍ପୁତି ବ଼ଲୁ ୱେହ୍ନି
ସାମୁୟେଲ ପାତେକା ବିଚାରା କିନାରାଇଁ ଆ଼ଚିତେସି । **୨୧** ଏମ୍ବାଟିଏ
ଏ଼ୱାରି ର଼ ରାଜାଇଁ ହିୟାମୁ ଇଞ୍ଜ଼ାଁ ରୀସାଲିଏ ମାହାପୂରୁ ରୀ କ଼ଡ଼ି ବାର୍ସା
ପାତେକା ବିନ୍ୟାମିନ୍ କୂଡ଼ାତି କିସ୍ ମୀର୍ଏସି ସା଼ୱୁଲଇଁ ରାଜା ଆ଼ହାଲି
ହୀତେସି । **୨୨** ଡ଼ାୟୁ ମାହାପୂରୁ ଏ଼ୱାଣାଇଁ ରାଜା ପା଼ଣା ପିସ୍ପି କିହାନା,
ଏ଼ୱାରି ରାଜା ଆ଼ହାଲିତାକି ଦାୱୁଦଇଁ ଆ଼ଚିତେସି, ମାହାପୂରୁ ଜିକେଏ
ଏ଼ୱାଣି କାତା ସା଼କି ହୀହାନା ଏଲେଇଚେସି; "ନା଼ନୁ ଜିସି ମୀର୍ଏସି
ଦାୱୁଦଇଁ ବେଟାଆ଼ହାମାଇଁ, ଏ଼ୱାସି ନା଼ ହିୟାଁତି ଅଣ୍ପୁ ଲେହେଁତାସି,
ଏ଼ୱାସି ବାରେ କାତାତା ନା଼ କାତା ମା଼ନୱି ଆ଼ନେସି ।" **୨୩** ଏ଼ୱାଣି କୂଡ଼ାଟି
ମାହାପୂରୁ ଆ଼ଜ୍ଞାମାଚି ଲେହେଁ ଇସ୍ରାୟେଲ ଲ଼କୁତାକି ର଼ ଗେଲ୍ପିନାଣାଇଁ
ଇଚିହିଁ ଜୀସୁଇଁ ଜାର୍ନି କିହାମାନେସି । **୨୪** ଜୀସୁ ତାନି କାମା ମା଼ଟ୍ନି
ନ଼କେଏ, ଜହନ ଇସ୍ରାୟେଲତି ବାରେ ଲ଼କୁ ନ଼କିତା ପା଼ପୁଟି ୱେଣ୍ଡିନି
କାତା ଅ଼ଡ଼େ ବାପ୍ତିସ୍ମ ଅ଼ନି କାତା ୱେକ୍ହା ମାଚେସି । **୨୫** ଅ଼ଡ଼େ ଜହନ
ତାନି କାମା ରା଼ପ୍ହିମାଚି ବ଼େଲାତା ଲ଼କୁଣି ଏଲେଇଚେସି, "ନାଙ୍ଗେ ମୀରୁ
ଆମ୍ବାଆସି ଇଞ୍ଜ଼ାଁ ଅଣ୍ପିମାଞ୍ଜାଦେରି ନା଼ନୁ ଏ଼ୱାତେଏଁ ଆ଼ଏ, ସାମା ମେହ୍ଦୁ
ନା଼ ଡ଼ାୟୁ ରଅସି ୱା଼ହିମାନେସି, ଏ଼ୱାଣି କଡାତି ସେପୁୟାଁ ହୁକ୍ହାଲି
ନା଼ନୁ ଜ଼ଗେ ଆ଼ଏଁ ।" **୨୬** ଏ଼ ତାୟି ତାଜ୍ଗିସ୍କା, ଅବ୍ରାହାମ କୂଡ଼ାତି ମୀର୍କା
ମା଼ସ୍କାତେରି, ଅ଼ଡ଼େ ମୀ ତା଼ଣାଟି ମାହାପୂରୁଇଁ ଆଜିମାନି ଜୀହୁଦିଆ଼ଆତି
ଲ଼କୁତେରି; ମା଼ ତା଼ଣା ଇ ଗେଲ୍ପିଆ଼ନି ବ଼ଲୁ ପାଣ୍ଡୱି ଆ଼ହାମାଞ୍ଜାନେ । **୨୭**
ସାମା ଏ଼ୱାସି ଗେଲ୍ପିନାସି, ଜିରୁସାଲମତା ମାନାରି ଅ଼ଡ଼େ ତାମି ବାରେ
କାଜାରି ଏ଼ଦାଆଁ ପୁଞ୍ଜାହିଲାଆତେରି, ଅ଼ଡ଼େ ବାରେ ଜ଼ମିନି ଦିନା ପ଼ଡ଼ୱି
ଆ଼ହିମାନି ମାହାପୂରୁ ଅଣ୍ପୁତି ବ଼ଲୁ ୱେହ୍ନାରି କାତା ପୁଞ୍ଜିହିଲାଆତେରି,
ଆ଼ତିଜିକେଏ ଜୀସୁଇଁ ଦ଼ହ କିହାନା ମାହାପୂରୁ ବ଼ଲୁ ୱେହ୍ନାରି କାତା
ପୂରା କିତେରି । **୨୮** ଅ଼ଡ଼େ ଏ଼ୱାଣାକି ହା଼ନି ଡଣ୍ଡତି ଏ଼ନି ଦ଼ହ ପ୍ଲାଃଆତି
ଜିକେଏ ଏ଼ୱାଣାଇଁ ପ୍ରା଼ୟାଲି ପିଲାତଇଁ ବାତିମ୍ବା଼ଲିତେରି । **୨୯** ଏ଼ୱାଣି
ତାକି ଦାର୍ମୁ ସା଼ସ୍ତେରିତା ବାରେ କାତା ରା଼ସ୍କି ଆ଼ହାମାନେ, ଏଲେଆ଼ହିଁ
ବାରେ ଗଟୱି ଆ଼ତି ଜ଼େଚ ଏ଼ୱାରି ଏ଼ୱାଣାଇଁ ପା଼ସି ମୁଣ୍ଡାଟି ର଼େପ୍ହା
ତାଚାନା, ମାଡ଼୍ହା ଇଟିନି ଟ୍ରା଼ୟୁତା ଇଟିତେରି । **୩୦** ସାମା ମାହାପୂରୁ
ଏ଼ୱାଣାଇଁ ହା଼ତାରି ତା଼ଣାଟି ନିକ୍ହେସି, **୩୧** ଅ଼ଡ଼େ ଆମିନି ଗାଟାରି
ଗାଲିଲିଟି ଜିରୁସାଲମତା ତାନିତଲେ ୱା଼ହାମାଚେରି, ଏ଼ୱାରି ହା଼ରେକା
ଦିନା ପାତେକା ଏ଼ୱାଣାଇଁ ମେସ୍ତେରି; ଏ଼ୱାରି ଇସ୍ରାୟେଲ ଲ଼କୁତା଼ଣା ନୀଏଁ
ଏ଼ୱାରି ସା଼କି । **୩୨** ଅ଼ଡ଼େ ଆକୁ ଆ଼ବାୟାଁ ନ଼କିତା ମାହାପୂରୁ ଆ଼ଜ୍ଞାମାନାଣି
ମା଼ମୁ ମିଙ୍ଗେ ଇ ନେହିଁ କାବୁ ୱେସିମାଞ୍ଜାନମି; **୩୩** ଜୀସୁଇଁ ମାହାପୂରୁ
ନିକ୍ହାନା ଏ଼ୱାରି ମୀର୍କାତାୟି ମା଼ର, ମାଙ୍ଗେତାକି ଏ଼ ଆ଼ଜ୍ଞାମାନାଣି
ପୂରା କିହାମାନେସି, ଏ଼ନିକିଁ ରୀ ଲମ୍ବ଼ର ପା଼ଟୁ ପତିତା ରା଼ସ୍କି ଆ଼ହାମାନ,
"ନୀନୁ ନା଼ ମୀର୍ଏଣାତି; ନୀଞ୍ଜୁଟିଏ ନା଼ନୁ ନୀ ଆ଼ବାତେଏଁ ।" **୩୪** ଏ଼ୱାସି
ହା଼ତାରି ତା଼ଣାଟି ୱେଣ୍ଡେ ନିକ୍ହାମାନେସି, ଏ଼ୱାସି ସୀର୍ନି ତା଼ଣା ହାଲଅସି
ଇଞ୍ଜ଼ାଁ ମାହାପୂରୁ ୱେସାମାନେସି; "ନା଼ନୁ ଦାୱୁଦ ନ଼କିତା ଆ଼ଜ୍ଞାମାନି ସୁଦୁ,
ଇଞ୍ଜ଼ାଁ ତୀରି ଆ଼ନି ବ଼ର ମିଙ୍ଗେ ସାତେଏ ହିୟାଇଁ ।" **୩୫** ଇଞ୍ଜ଼ାଁ ଏ଼ୱାସି
ଅ଼ଡ଼େ ର଼ ପତିତା ଏଲେଇଞ୍ଜା ମାନେସି, "ନୀନୁ ନୀ ତୀରି ଗାଟାଣାଇଁ
ସୀର୍ହାଲି ହୀଅତି ।" **୩୬** ଦାୱୁଦ ତା଼ନୁ ରା଼ଜି କିହିମାଚି ବ଼େଲାତା ଲ଼କୁ
ବିତ୍ରା ମାହାପୂରୁ ଅଣ୍ପୁ ତଲେ ସ଼େବା କାମା କିତି ଡ଼ାୟୁ ହା଼ତେସି, ଇଞ୍ଜ଼ାଁ
ତାମି ଆକୁ ଆ଼ବାୟାଁ ଟଟତା ମୁସ୍ପି ଆ଼ହାନା ସୀର୍ହେସି । **୩୭** ସାମା
ମାହାପୂରୁ ଆମ୍ବାଆରାଇଁ ହା଼କିଟି ନିକ୍ହାମାନେସି ଏ଼ୱାସି ସୀର୍ହା ହିଲଅସି
। **୩୮** ଇଦାଆଁତାକି ଏ଼ ତାୟିୟାଁ ଇଦାଆଁ ପୁଞ୍ଜୁ, ଇ ଜୀସୁ ତା଼ଣାଟି ମୀ
ନ଼କିତା ପା଼ପୁତି ମ୍ବେକ୍ନି କାତା ୱେସ୍ପି ଆ଼ହାମାନେ; **୩୯** ଅ଼ଡ଼େ ମ଼ସାତି
ଆମିନି ମ଼େରାତି ବାରେ ତା଼ଣାଟି ମୀରୁ ପିସ୍ପି ଆ଼ହାଁ ଦାର୍ମୁଗାଟାତେରି
ଆ଼ହାଲି ଆ଼ଡାଆତେରି, ଇଞ୍ଜ଼ାଁ ନାମିମାନି ବାରେ ଲ଼କୁ ଏ଼ୱାଣି ତା଼ଣାଟି ଏ଼
ବାରେ ତା଼ଣାଟି ପିସ୍ପି ଆ଼ହାନା ଦାର୍ମୁଗାଟାରି ଆ଼ନେରି । **୪୦** ଏ଼ଦାଆଁତାକି
ଜାଗ୍ରାତା, ମାହାପୂରୁ ଅଣ୍ପୁତି ବ଼ଲୁ ୱେହ୍ନାରି ସା଼ସ୍ତେରିତା ଏ଼ନାୟି
ୱେସ୍ପି ଆ଼ହାମାନେ, ଏ଼ଦି ଏ଼ନିକିଁ ମିଙ୍ଗେତାକି ଆୟେଏ; **୪୧** "ମାହାପୂରୁଇଁ
ଅ଼ପାଆ ଗାଟାତେରି ମୀରୁ ମେସାନା, କାବା ଆ଼ହାଁ, ନା଼ସା ଆ଼ଦୁ; ଇଚିହିଁ
ମୀ ବ଼େଲାତା ମା଼ମୁ ର଼ କାମା କିହିମାନମି, ଅ଼ଡ଼େ ଏ଼ କାମାତି ଆମ୍ବାଆସି
ମୀ ନ଼କିତା ୱେସ୍ତାନେସି, ଏ଼ଦାଆଁ ମୀରୁ ଏ଼ନିଜିକେଏ ନାମଅତେରି ।" **୪୨**
ପା଼ୱୁଲ ଅ଼ଡ଼େ ବର୍ନବା ଜୀହୁଦି ଲ଼କୁତି କୁଟମି ଇଲୁଟି ହ଼ଚାହାନି ବ଼େଲାତା
ୱା଼ନି ଜ଼ମିନି ଦିନାତା ମାଙ୍ଗେ ଇ ବାରେ କାତା ଅ଼ଡ଼େ ୱେସ୍ତାଦୁ ଇଞ୍ଜ଼ାଁ ଲ଼କୁ
ଏ଼ୱାରାଇଁ ବାତିମ୍ବା଼ଲିତେରି । **୪୩** ବ଼େରଣି ରା଼ତି ଡ଼ାୟୁ ଏଚେକା ଜୀହୁଦି
ଅ଼ଡ଼େ, ଜୀହୁଦି ଦାର୍ମୁ ନାମିତି ଏଟ୍କା କୂଡ଼ାତି ଲ଼କୁ ବିତ୍ରାଟି ହା଼ରେକା
ପା଼ୱୁଲ ଅ଼ଡ଼େ ବର୍ନବା ଜ଼େଚ ହାଚେରି; ପାଣ୍ଡୱି ଆ଼ତାରି ଏ଼ୱାରିତଲେ
କାତାବାର୍ତା ଆ଼ହିଁ ମାହାପୂରୁ କାର୍ମାତା ତୀର୍ପୁ ଆ଼ହିଁ ମାଞ୍ଜାଲି ଏ଼ୱାରାଇଁ
ୱେସ୍ତେରି । **୪୪** ଇଞ୍ଜ଼ାଁ ଅ଼ର ଜ଼ମିନି ଦିନାତା ଗା଼ଡ଼ାତି ବାରେ ଲ଼କୁ ମାହାପୂରୁ
ବ଼ଲୁ ୱେଞ୍ଜାଲି ରୁଣ୍ଡା ଆ଼ତେରି । **୪୫** ସାମା ଜୀହୁଦିୟାଁ ଲ଼କୁ ମା଼ନ୍ବାତି

ମେସାନା ଡ଼ାହାରା ଆ଼ତେରି, ଇଞ୍ଜାଁ ପା଼ୱୁଲ କାତା କ଼ପାଟି ନିନ୍ଦାକିହିଁ
ବା଼ଦିବା଼ଦା ଆ଼ତେରି । ୪୬ ଏଚେଟିଏ ପା଼ୱୁଲ ଅ଼ଡ଼େ ବର୍ନବା ସା଼ସା ଆସାନା
ୱେସ୍ତେରି, "ତଲିଏ ମୀ ତା଼ଣା ମାହାପୂରୁତି ବ଼ଲୁ ୱେସ୍ତାନାୟି ମାଚେ, ମୀରୁ
ଏ଼ଦାଆଁ ଅ଼ପାଆନା ମୀରୁ ମୀରୁଏ କା଼ଲେଏତି ଜୀୱୁ ବେଟାଆ଼ହାଲି ପା଼ଡ଼ା
ଆ଼ଅମି ଇଞ୍ଜେଁ ଅଣ୍‌ପି ମାନାକି ମେହ୍‌ଦୁ ମା଼ମ୍ବୁ ମିଙ୍ଗେ ପିସାନା ଜୀହୁଦିଆ଼ଆତି
ଲ଼କୁତା଼ଣା ହାଜିମାନମି । (aiōnios g166) ୪୭ ଇଚିହିଁ ପ୍ରବୁ ମାଙ୍ଗେ ଇ
ହୁକୁମି ହୀହାମାଞ୍ଜାନେସି; 'ନା଼ନୁ ମିଙ୍ଗେ ଜୀହୁଦିଆ଼ଆତି ଲ଼କୁତାକି ଉଜେଡ଼ି
ଲେହେଁ କିହାମାଞ୍ଜାଇଁ, ଆଡିହିଁ ବାରେ ଦା଼ର୍‌ତି ଗେଲ୍‌ପିଆ଼ନେ ।'" ୪୮
ଜୀହୁଦିଆ଼ଆତାରି ଇ ହା଼ଡା ୱେଞ୍ଜାନା ରା଼ହାଁ ଆ଼ତେରି; ଅ଼ଡ଼େ ମାହାପୂରୁତି
ବ଼ଲୁତି ଗାୱୁରମି କିହାଲି ମା଼ଟ୍‌ହେରି, ଅ଼ଡ଼େ ଏଚେକା ଲ଼କୁ କା଼ଲାକା଼ଲାତି
ଜୀୱୁତାକି ଆ଼ଟ୍‌ୱି ଆ଼ହାମାଚେରି, ଏ଼ୱାରି ନାମିତେରି । (aiōnios g166)
୪୯ ଇଞ୍ଜାଁ ପ୍ରବୁତି ବ଼ଲୁ ଏ଼ ରା଼ଜିତା ବାରେୱାକି ଏଜାହାଚେ । ୫୦ ସାମା
ଜୀହୁଦି ଲ଼କୁ ଗା଼ଡ଼ାତି ଆ଼ବାୟାଁଣି ଅ଼ଡ଼େ ମାହାପୂରୁଇଁ ମା଼ନି କିହିମାନି
ପାଙ୍ଗାୱେଙ୍ଗେତି ଆୟାସିକାଣି ରୁଣ୍ଡି କିହାନା ପା଼ୱୁଲ ଅ଼ଡ଼େ ବର୍ନବାଇଁ
ସା଼ସ୍ତି ହୀହାନା ତାମି ରା଼ଜିଟି ପେର୍‌ହାତୁସ୍ତେରି । ୫୧ ଏଚେଟିଏ ପାଣ୍ଡୱି
ଆ଼ତାରି ଜାହାରା କଡାୟାଁତି ଦୂ଼ଡ଼ି ଏ଼ୱାରି କ଼ପାଟି ହାଣ୍‌ହାଁନା ଇକନିୟତା
ହାଚେରି । ୫୨ ଅ଼ଡ଼େ ଆନ୍ତିୟକିୟାତି ସୀସୁୟାଁ ସୁଦୁଜୀୱୁ ବେଟାଆ଼ହାନା
ରା଼ହାଁତଲେ ଡ଼ୟିତେରି ।

**୧୪** ଇକନିୟତା ଜିକେଏ ଏଲେଆ଼ହିଁଏ ଆ଼ତେ; ପା଼ୱୁଲ ଅ଼ଡ଼େ ବର୍ନବା
ଜୀହୁଦି ଲ଼କୁତି ଜୀହୁଦି ଲ଼କୁତି କୁଟମି ଇଲୁତା ହାଜାନା ଇଲେକିଁ
ୱେସ୍ତେରି, ଇଞ୍ଜାଁ ଜୀହୁଦି ଅ଼ଡ଼େ ଜୀହୁଦିଆ଼ଆତି ଲ଼କୁ ବି଼ତ୍ରାଟି ହା଼ରେକା
ନାମିତେରି । ୨ ସାମା ଆମିନି ଜୀହୁଦିଙ୍ଗା ନାମାଆତେରି, ଜୀହୁଦିଆ଼ଆତି
ଲ଼କୁତି ମ଼ନତି କିଲିବିଲି କିହାନା, ଏ଼ୱାରାଇଁ ନାମିତି ତାୟିୟାଁ କ଼ପାଟି
ଲାଗେଏତି ଅଣ୍‌ପୁ ଅଣ୍‌ପି କିତେରି । ୩ ପା଼ୱୁଲ ଅ଼ଡ଼େ ବର୍ନବା ହା଼ରେକା
ଦିନା ପାତେକା ଏ଼ ଟା଼ୟୁତା ଡ଼ୟାନା ପ୍ରବୁ ତା଼ଣା ବା଼ର୍ସୁ ଇଟାନା ସା଼ସାତଲେ
ପ୍ରବୁତି କାତା ୱେସ୍ତେରି; ଇଞ୍ଜାଁ ଏ଼ୱାରି ତା଼ଣାଟି ହା଼ରେକା ସିନାୟାଁ ଅ଼ଡ଼େ
କାବାଆ଼ନି କାମାୟାଁ କିହାନା ତାନି କାର୍ମାତି ବ଼ଲୁ ସାତା ଇଞ୍ଜେଁ ସା଼କି
ହୀତେରି । ୪ ସାମା ଗା଼ଡ଼ାତି ଲ଼କୁ ରୀ ବା଼ଗା ଆ଼ତେରି ର଼ ବା଼ଗା ଜୀହୁଦି
ଲ଼କୁ ୱାକି ଅ଼ଡ଼େ ର଼ ବା଼ଗା ପାଣ୍ଡୱି ଆ଼ହାମାନାରି ୱାକି ଆ଼ତେରି । ୫
ଏଚି଼ବେଲା ଜୀହୁଦିଆ଼ଆତି ଲ଼କୁ ଅ଼ଡ଼େ ଜୀହୁଦି ଲ଼କୁ ତାମି କାଜାରି ତଲେ
ଆଣ୍ଡାନା, ପାଣ୍ଡୱି ଆ଼ହାମାନାରାଇଁ ଲାଗେଏ କିୟାଲି ଅ଼ଡ଼େ ୱାଲ୍‌କାତଲେ
ଇର଼୍‌ହାଲି ଅଣ୍‌ପିତେରି, ୬ ଏଚି଼ବେଲା ପା଼ୱୁଲ ଅ଼ଡ଼େ ବର୍ନବା ଏ଼ଦାଆଁ
ପୁଞ୍ଜାନା ଲୁକାୟନିୟା ଦେସାତି ଲୁସ୍ତା ଅ଼ଡ଼େ ଦର୍ବି ଗା଼ଡ଼ା ଅ଼ଡ଼େ ସା଼ରିୱାକିତି
ନା଼ସ୍‌କାଣାଁ ହଟେରି, ୭ ଅ଼ଡ଼େ ଏ଼ୱାରି ଏମ୍ବାଆଁ ନେହେଁ କାବୁ ୱେକ୍‌ହାଲି
ମା଼ଟ୍‌ହେରି । ୮ ଲୁସ୍ତାତା ର଼ ଲ଼କୁ ମାଚେସି, ଏ଼ୱାସି ସଟା ମାଚେସି,
ଏ଼ୱାସି ଜାର୍ନାଟିଏ ସଟା, ଏ଼ୱାସି ଏଚେଲାୱା ତା଼କା ହିଲାଆତେସି । ୯
ଏ଼ୱାସି ପା଼ୱୁଲ ୱେହ୍‌ନି କାତା ୱେଞ୍ଜିମାଚେସି, ଏ଼ୱାସି ହିୟାଁତା ନାମା
ମାନେସି ଇଞ୍ଜାଁ ଏ଼ୱାସି ନେହେଁ ଆ଼ହାଲି ଆ଼ଡିମାନେସି ଇଞ୍ଜେଁ ପୁଞ୍ଜାନା ଆଟେ
ସିନିକିତେସି, ୧୦ ଏ଼ୱାଣାଇଁ କାଜା ଗିୟାଁତଲେ ଏଲେଇଚେସି, "ନୀ କଡାତି
ବା଼ଡ଼୍‌ୟୁ ହୀହାନା ସଲ୍‌କେ ନିମୁ" ଏଚେଟିଏ ଏ଼ୱାସି ଡେୱିହିଁ ତା଼କାଲି
ମା଼ଟ୍‌ହେସି । ୧୧ ପା଼ୱୁଲ ଏ଼ନାଆଁ କିହାମାନେସି, ଲ଼କୁ ବାରେ ଏ଼ଦାଆଁ
ମେସାନା ଲୁକାୟନିୟା କାଜା ହା଼ଡାତଲେ ଏଲେଇଞ୍ଜାଲି ମା଼ଟ୍‌ହେରି,
"ମାହାପୂରୁୟାଁ ମା଼ ତା଼ଣା ରେ଼ଚା ୱା଼ହାମାନୁ ।" ୧୨ ଏ଼ୱାରି ବର୍ନବାଇଁ
ବୃହସ୍‌ପତି ଇଞ୍ଜେଁ ଇଚେରି, ଅ଼ଡ଼େ ପା଼ୱୁଲ ଗାଡି କାତା ୱେହ୍‌ନାସି ମାଚାକି
ଏ଼ୱାଣାଇଁ ବୁଦ ଇଞ୍ଜେଁ ଇଚେରି । ୧୩ ଗା଼ଡ଼ା ଡାଗେ ମାନି ବୃହସ୍‌ପତି
ଦେୱୁଡ଼ିତି ପୂଜେରାଙ୍ଗା ଏଚେକା ଡୁକି କ଼ଡିୟାଁ ଇଞ୍ଜେଁ ପୂଜ୍ଗା ପେଡାୟାଁ ଗା଼ଡ଼ା
ଦୁୱେରିତା ତାଚାହାଁ ଏ଼ୱାସି ବାରେ ଲ଼କୁତଲେ ଆଣ୍ଡାନା ପାଣ୍ଡୱି ଆ଼ତାରି
ନ଼କିତା ପୂଜା ହୀହାଲି ଅଣ୍‌ପିମାଚେସି । ୧୪ "ସାମା ପାଣ୍ଡୱିଆ଼ହାମାନି
ବର୍ନବା ଅ଼ଡ଼େ ପା଼ୱୁଲ, ଇଦାଆଁ ୱେଞ୍ଜାନା ତାମି ହିମ୍ବରିକା ଗେସାନା
ଲ଼କୁ ମାଦିଟି ହଟି ହଟି ହାଜାନା କାଜା ଗିୟାଁତଲେ ଏଲେଇଚେରି,
୧୫ ଏ଼ ମା଼ନିଗାଟି ଲ଼କୁତେରି, ଏ଼ନାଆଁତାକି ଇ ବାରେ କିହିମାଞ୍ଜେରି,
ମା଼ମ୍ବୁ ଜିକେଏ ମୀ ଲେହେଁତି ମାଣ୍‌ସିୟାଁତମି, ମୀ ତା଼ଣା ଇ ନେହେଁ କାବୁ
ୱେସିମାଞ୍ଜାନମି, ଏ଼ନିକିଁ ମୀରୁ ଇ ବାରେ ଉଜେଏତି ପେ଼ଣ୍‌କା ବମାୟାଁଟି
ହେକ ଆ଼ହାନା ଜୀୱୁଗାଟି ମାହାପୂରୁ ତା଼ଣା ୱେଣ୍ଡା ୱା଼ଦେରି, ଏ଼ୱାସି
ହା଼ଗୁପା଼କା ଦା଼ର୍‌ତି, ସାମ୍‌ଦୁରି ଅ଼ଡ଼େ ଏମ୍ବାଆଁ ମା଼ନି ବାରେତି ରା଼ଚି
କିହାମାନେସି; ୧୬ ମାହାପୂରୁ ତଲିଏ ବାରେ ଲ଼କୁଣି ତାମି ମ଼ନତଲେ
ଡ଼ୟାଲି ପିସାମାଚେସି । ୧୭ ସାମା ଏ଼ୱାସି ବାରେ ନେହେଁ କାମାଟି ଏ଼ୱାସି
କା଼ଲେଏ ତାନି ଗୁଣ୍ଡୁତି ତ଼ସାମାନେସି; ଏ଼ୱାସି ହା଼ଗୁଟି ପିୟୁ ଅ଼ଡ଼େ ସମାନା
ବେ଼ଲାତା ଆର୍ନା ହିୟାନାସି, କା଼ଦି ଅ଼ଡ଼େ ମୀ ହିୟାଁତା ରା଼ହାଁ ହିୟାନାସି ।"
୧୮ ଇ ବାରେ କାତା ୱେସାନା ପାଣ୍ଡୱି ଆ଼ହାମାନାରି ଲ଼କୁ ମାନ୍ଦାତି ହା଼ରେକା
କସ୍ତତଲେ ତାମ୍‌ଙ୍ଗେ ତାକି ପୂଜା କିହାଲି କା଼ହି କିହାଲି ଆ଼ଡିତେରି । ୧୯
ସାମା ପିସିଦିୟାତି ଆନ୍ତିୟକିୟା ଅ଼ଡ଼େ ଇକନିୟଟି ଏଚେକା ଜୀହୁଦି
ଏମ୍ବାଆଁ ୱା଼ତେରି, ଏ଼ୱାରି ଲ଼କୁ ମାନ୍ଦାତି ତାମି ୱାକି କିହାନା ପା଼ୱୁଲଇଁ
ୱାଲ୍‌କାତଲେ ଇର଼୍‌ହାନା ଏ଼ୱାସି ହା଼ହାହାଚେସି ଇଞ୍ଜେଁ ଅଣ୍‌ପାନା ଗା଼ଡ଼ାତି
ପାଙ୍ଗାତା ରେଜା ଅ଼ତେରି । ୨୦ ସାମା ନାମିତି ସୀସୁୟାଁ ସା଼ରି ୱାକିଟି
ନିଚାମାଚାକି ଏ଼ୱାସି ନିଙ୍ଗାନା ଗା଼ଡ଼ା ବି଼ତ୍ରା ହାଚେସି, ଅ଼ର ନେ଼ଚୁ ବର୍ନବା
ତଲେ ଦର୍ବିତା ହାଚେସି । ୨୧ ପା଼ୱୁଲ ଅ଼ଡ଼େ ବର୍ନବା ଦର୍ବିତା ନେହେଁ କାବୁ
ୱେସାହାଁ ହା଼ରେକା ସୀସୁୟାଁ କିତି ଡା଼ୟୁ ଏ଼ୱାରି ଲୁସ୍ତା, ଇକନିୟ ଅ଼ଡ଼େ
ପିସିଦିୟାତି ଆନ୍ତିୟକିୟାତା ୱେଣ୍ଡାହାଚେରି । ୨୨ ଅ଼ଡ଼େ, ଏ଼ ଟା଼ୟୁତି
ନାମିତି ସୀସୁୟାଁ ମ଼ନତି ସୂସ୍ତି କିହାନା ନାମୁତା ଗାଡିକିହିଁ ଆ଼ଟ୍‌ୱା ତଲେ
ଡ଼ୟାଲି ବା଼ର୍ସୁ ହୀହାନା ଏଲେଇଚେରି, "ମାହାପୂରୁ ରା଼ଜିତା ହ଼ଡାଲି ତାକି
ହା଼ରେକା କସ୍ତ ପା଼ଣ୍‌ନାୟି ମାନେ ।" ୨୩ ଅ଼ଡ଼େ, ବାରେ କୁଲମିତା ଏ଼ୱାରି
ପ୍ରାଚିନାଙ୍ଗାଣି ଆ଼ଚାନା ଉପାସା ତଲେ ପ୍ରାତାନା କିତେରି, ଅ଼ଡ଼େ ଆମିନି
ପ୍ରବୁ ତା଼ଣା ନାମା ମାଚେରି, ଏ଼ୱାଣି କେୟୁତା ଏ଼ୱାରାଇଁ ହେର୍‌ପିତେରି
। ୨୪ ଡା଼ୟୁ ଏ଼ୱାରି ପିସିଦିୟା ନା଼ସ୍‌କାଟି ପଂପୁଲିୟାତା ୱା଼ତେରି, ୨୫
ଅ଼ଡ଼େ ପର୍ଗିତା ନେହେଁ କାବୁ ୱେସାନା ଆତାଲିୟାତା ହାଚେରି । ୨୬ ଏମ୍ବାଟି

ଏ଼ୱାରି ଜା଼ଜାତା ହ଼ଚାନା ଆନ୍ତିୟକିୟାତା ହାଚେରି; ଏ଼ୱାରି ଆମିନି କାମା
କିହାମାଚେରି, ଏ଼ଦାଆଁ କିହାଲି ମାହାପୂରୁତି କାର୍ମାତା ହେ଼ର୍‌ପି ଆ଼ହାନା
ଏମ୍ବାଟି ହାଚେରି । ୨୭ ଏଚିବେ଼ଲା ଏ଼ୱାରି ଆନ୍ତିୟକିୟାତା ଏଗାହାଜାନା
କୁଲମିତି ଲ଼କୁଣି କୂଡ଼ି କିତେରି; ଅ଼ଡ଼େ ମାହାପୂରୁ ଏ଼ୱାରିତଲେ ମାଞ୍ଜାନା
କିହାମାଚି କାମାତାକି, ଅ଼ଡ଼େ ଜୀହୁଦିଆ଼ଆତି ଲ଼କୁ ନାମାଲି ଦୁୱେରି
ଦେଚାମାଚାଣି ବାରେ ଏ଼ୱାରାଇଁ ୱେସ୍ତେରି । ୨୮ ଅ଼ଡ଼େ ଏ଼ୱାରି ନାମିତି
ସୀସୁୟାଁ ତଲେ ହ଼ାରେକା ଦିନା ଡ଼ୟିତେରି ।

**୧୫** ଏମ୍ବାଟିଏ ଏଚରଜା଼ଣା ଲ଼କୁ ଜୀହୁଦା ରା଼ଜିଟି ଆନ୍ତିୟକିୟାତା
ୱା଼ହାନା ନାମିତି ତାୟିୟାଁଣି ଇ କାତା ୱେସିହିଁ ଜା଼ପ୍‌ହେରି,
"ମ଼ସାତି ମେ଼ରା ଲେହେଁ ମୀ ତ଼ଲୁ ଦ଼ାପି ଆ଼ଆତିହିଁ ମୀରୁ ଗେଲ୍‌ପିଆୟାଲି
ଆ଼ଡଅତେରି ।" ୨ ଏମ୍ବାଟିଏ ପା଼ୱୁଲ ବର୍ନବା ତଲେ ହ଼ାରେକା ଆସ଼ପି
ଆ଼ହାନା ବା଼ଦିବା଼ଦା ଆୟାଲିଏ ପା଼ୱୁଲ, ବର୍ନବା ଅ଼ଡ଼େ ଆନ୍ତିୟକିୟାତି
ଏଚରଜା଼ଣା ତାୟିୟାଁ ଇ କାତା ଆସାନା ଜିରୁସାଲମତା ମାନି ପାଣ୍ତୱି
ଆ଼ତାରି ଇଞ୍ଜାଁ କୁଲମିତି ପ୍ରାଚିନାଙ୍ଗା ତା଼ଣା ହାଲ୍‌ବେରି ଇଞ୍ଜାଁ ତାୟିୟାଁ ତୀରି
କିତେରି । ୩ ଏଚେଟିଏ କୁଲମି ଏ଼ୱାରାଇଁ ପାଣ୍ତାଲି ଜିରୁ ତ଼ସ୍ତି ଜେ଼ଚ,
ଏ଼ୱାରି ପୟିନିକିୟା ଅ଼ଡ଼େ ସମିରଣ ୱାକି ହାଜି ହାଜିହିଁ ଜୀହୁଦିଆ଼ଆତି
ଲ଼କୁ ହିୟାଁ ୱେଟ୍‌ହାମାଚି କାତା ୱେସିହିଁ ବାରେ ତାୟିୟାଁଇଁ ହ଼ାରେକା
ରା଼ହାଁ କିତେରି । ୪ ଡ଼ାୟୁ ଏ଼ୱାରି ଜିରୁସାଲମତା ଏଗାହାଜାଲିଏ, କୁଲମି
ଇଞ୍ଜାଁ, ପାଣ୍ତୱି ଆ଼ତାରି ଅ଼ଡ଼େ ପ୍ରାଚିନାଙ୍ଗା ଏ଼ୱାରାଇଁ ଆବିତେରି, ଅ଼ଡ଼େ
ମାହାପୂରୁ ଏ଼ୱାରିତଲେ ମାଞ୍ଜାନା ଆମିନି କାମା କିହାମାଚେସି, ଏ଼ ବାରେ
କାତା ଏ଼ୱାରାଇଁ ୱେସ୍ତେରି । ୫ ସାମା ପାରୁସିୟାଁ ଗଟିଟି ଏଚେକା
ନାମୁଗାଟାରି ନିଚାନା ଏଲେଇଚେରି, "ନାମାମାନି ଜୀହୁଦିଆ଼ଆତାରି ତ଼ଲୁ
ଦ଼ାପି କିନାୟିମାନେ, ଅ଼ଡ଼େ ମ଼ସାତି ମେ଼ରା ମା଼ନୱି ଆୟାଲି ଏ଼ୱାରାଇଁ
ହୁକୁମି ହୀନାୟି ମାନେ ।" ୬ ଡ଼ାୟୁ ଇ କାତା, କାତା ଆ଼ହାଲିତାକି
ପାଣ୍ତୱି ଆ଼ତାରି ଅ଼ଡ଼େ ପ୍ରାଚିନାଙ୍ଗା ରୁଣ୍ତା ଆ଼ତେରି । ୭ ହ଼ାରେକା ଜ଼ଲ୍‌କି
ଆ଼ତି ଡ଼ାୟୁ ପିତର ନିଙ୍ଗାନା ଏ଼ୱାରାଇଁ ଏଲେଇଚେସି, "ତାୟିୟାଁ ଅ଼ଡ଼େ
ତାଙ୍ଗିସ୍କା ମୀରୁ ପୁଞ୍ଜାମାଞ୍ଜେରି, ନ଼ା ଗୃଟିଟି ଜୀହୁଦିଆ଼ଆତାରି ନେହିଁ କାବୁ
ୱେଞ୍ଜାନା ନାମାପେରିୱା ଇଞ୍ଜାଁ ହ଼ାରେକା ଦିନା ନ଼କେଏ ମାହାପୂରୁ ନାଙ୍ଗେ
ଆ଼ଚାମାଞ୍ଜାତେସି । ୮ ବାରେ ଲ଼କୁତି ହିୟାଁ ପୁନି ମାହାପୂରୁ ମାଙ୍ଗେ ଏ଼ନିକିଁ
ସୁଦୁଜୀୱୁ ହୀହାମାଞ୍ଜାନେସି, ଜୀହୁଦିଆ଼ଆତି ଲ଼କୁକି ଜିକେଏ ଏଲେକିହିଁ
ହୀହାନା ଏ଼ୱାରି ତାକି ସା଼କି ହୀହାମାନେସି । ୯ ଅ଼ଡ଼େ ଏ଼ୱାସି, ମା଼ ବିତ୍ରା
ଅ଼ଡ଼େ ଏ଼ୱାରି ବିତ୍ରା ଏ଼ନି ପାର଼ଡ଼ା ବାଚି କିହାମାଞ୍ଜଅସି; ଇଞ୍ଜାଁ ନାମୁତଲେ
ଏ଼ୱାସି ଏ଼ୱାରି ହିୟାଁ ସୁଦୁ କିହାମାନେସି । ୧୦ ଇଦାଆଁତାକି ଆମିନି
ଜୁୱେଡ଼ି ମା଼ ଆକୁ ଆ଼ବାୟାଁ ଅ଼ଡ଼େ ମା଼ର ଡେ଼କାଲି ଆ଼ଡାଆତାୟି, ଏ଼
ଜୁୱେଡ଼ି ସୀସୁୟାଁ ବମିତା ଏ଼କ୍‌ହାନା ମୀରୁ ଏ଼ନାଆଁତାକି ମାହାପୂରୁଇଁ
ତାୟିପାରି କିହିମାଞ୍ଜେରି? ୧୧ ଇଦି ନେହେଁ ଆ଼ଏ, ସାମା ଏ଼ୱାରି ଏ଼ନିକହିଁ
ନାମାହାଁ ଗେଲ୍‌ପି ଆ଼ହାମାନେରି ମା଼ର ଜିକେଏ ଏଲେକିହିଁଏ ନାମାହାଁ
ପ୍ରବୁ ଜୀସୁତି କାର୍ମାମେହ୍‌ନାଣି ତଲେ ଗେଲ୍‌ପି ଆ଼ହାମାନାୟି ।" ୧୨
ଏଚେଟିଏ ଏମ୍ବାଆଁ ରୁଣ୍ତା ଆ଼ହାମାଚାରି ବାରେ ଲ଼କୁ ପାଲେଏ ଆ଼ତେରି,
ଇଞ୍ଜାଁ ପା଼ୱୁଲ ଅ଼ଡ଼େ ବର୍ନବା ତା଼ଣାଟି ଜୀହୁଦିଆ଼ଆତି ଲ଼କୁତା଼ଣା ମାହାପୂରୁ
ତା଼ଣାଟି ଆ଼ହିମାନି ସିନାୟାଁ ଅ଼ଡ଼େ କାବାଆ଼ନି କାମାୟାଁ କିହାଁ ମାଚେସି
ଏ଼ୱାଆଁ ଏ଼ୱାରି ତା଼ଣାଟି ୱେଞ୍ଜାଲି ମା଼ଟ୍‌ହେରି । ୧୩ ଏ଼ୱାରି କାତା ରା଼ତି
ଡ଼ାୟୁ ଜାକୁବ ନିଙ୍ଗାନା ଏଲେଇଚେସି; "ତାୟିୟାଁ ଅ଼ଡ଼େ ତାଙ୍ଗିସ୍କା, ନ଼ା କାତା
ୱେଞ୍ଜୁ, ୧୪ ମାହାପୂରୁ ତଲିଏ ତାନି ଦ଼ରୁ ତାକି ଜୀହୁଦିଆ଼ଆତି ଲ଼କୁ ବିତ୍ରାଟି
ତାନି ଲ଼କୁ କିୟାଲି ଏ଼ୱାରାଇଁ କାର୍ମାମେସାନା ଆ଼ଚାମାନେସି ଇଞ୍ଜାଁ ସିମନ
ୱେସାମାଞ୍ଜାନେସି । ୧୫ ଅ଼ଡ଼େ, ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାରି
କାତାତଲେ ଆଣ୍ତିମାନେ, ଏ଼ନିକିଁ ଦାର୍ମୁ ସା଼ସ୍ତେରିତା ରା଼ସ୍‌କି ଆ଼ହାମାନେ
।" ୧୬ ପ୍ରବୁ ଏଲେଇଞ୍ଜି ମାନେସି, "ଡ଼ାୟୁ ନ଼ାନୁ ୱେଣ୍ତା ୱା଼ହାନା, ଦାୱୁଦ
ବାସାଟା଼ୟୁ ୱେଣ୍ତେ ଗେଲ୍‌ପିଇଁ, ଇଞ୍ଜାଁ ଏମ୍ବାଟି ବି଼ଡ଼୍‌ହାମାନି କାଡିୟାଁ ବାରେ
ୱେଣ୍ତେ କେ଼ପାନା ଆ଼ଟ୍‌ୱା କିଇଁ, ୧୭ ଏ଼ନିକିଁ ଡ଼ୟାମାଚି କୃଡ଼ାଟି ଲ଼କୁ ଅ଼ଡ଼େ
ଏଚେକା ଜୀହୁଦିଆ଼ଆତାରି ନ଼ା ଦ଼ରୁଟି ୱେଙ୍ଗାମାନେରି, ଏ଼ୱାରି ବାରେ
ପ୍ରବୁଇଁ ପାରିନେରି, ବାରେ ଗା଼ଡ଼ିକିଟି ପ୍ରବୁ ଏଲେ ଇଞ୍ଜିମାନେସି । ୧୮
ପ୍ରବୁ ଇ କାତା ଏଲେଇଞ୍ଜା ମାନେସି, ଆମ୍ବାଆସି ତଲି କା଼ଲାଟିଏ ଇ କାତା
ତ଼ସାମାନେସି ।" (aiōn g165) ୧୯ ଜାକୁବ ଅ଼ଡ଼େ ଜିକେଏ ଏଲେଇଚେସି,
"ନ଼ା ଅଣ୍‌ପୁ ଇଦି, ଜୀହୁଦିଆ଼ଆତି ଲ଼କୁ ବିତ୍ରାଟି ଆମ୍ବାଆରି ମାହାପୂରୁ ୱାକି
ୱେଣ୍ତା ୱା଼ନେରି, ଏ଼ୱାରାକି ମା଼ର ବ଼ଜୁ ହୀଆପ; ୨୦ ସାମା ଏ଼ୱାରାକି
ଇଲେକିଁ ଆ଼କୁ ରା଼ଚାନା ୱେହ୍‌ନ, ପେ଼ଣ୍‌କା ବମାୟାଁ ତାକି ପୂଜା କିହାମାନି
ଲାଗେଏତାଣି ତିନାଆଦୁ; ଦ଼ାରିକାମାଟି ଏଟ୍‌କା ଆ଼ଦୁ; ହେ଼ର୍‌କି ଦ଼ାଆନା
ପା଼ୟିତି ଜ଼ନ୍ତୁତି ଉଞ୍ଜା ଅ଼ଡ଼େ ନେତେରି ତିନାଆଦୁ । ୨୧ ଏ଼ନାଆଁତାକି
ଇଚିହିଁ ତଲି କା଼ଲାଟିଏ ବାରେ ଗା଼ଡ଼ାଣା ମ଼ସା ମେ଼ରାତି କାତା ୱେ଼କ୍‌ନାରି
ମାନେରି, ଇଞ୍ଜାଁ ବାରେ ଜ଼ମିନି ଦିନାତା ଜୀହୁଦି ଲ଼କୁତି କୁଟମି ଇଲ୍‌କାଣା
ଏ଼ୱାଣି ମେ଼ରାତି କାତା ପ଼ଡ଼ୱି ଆ଼ହିମାନେ ।" ୨୨ ଏଚିବେ଼ଲା ପାଣ୍ତୱି
ଆ଼ହାମାନାରି ଅ଼ଡ଼େ ପ୍ରାଚିନାଙ୍ଗା ବାରେ କୁଲମି ତଲେ ତାମି ବିତ୍ରାଟି ଲ଼କୁଇଁ,
ଇଚିହିଁ ତାୟିୟାଁ ବିତ୍ରାଟି ମା଼ନିଗାଟି ବର୍ସବା, ଦ଼ରୁଗାଟି ଜୀହୁଦା ଇଞ୍ଜାଁ
ସିଲାଇଁ ଆ଼ଚାନା ପା଼ୱୁଲ ଅ଼ଡ଼େ ବର୍ନବା ତଲେ, ଆନ୍ତିୟକିୟାତା ପାଣ୍ତାଲି
ତୀରି କିତେରି । ୨୩ ନାମିତାରି ତା଼ଣାଟି ରା଼ସ୍‌କି ଆ଼ହାମାନି ଆ଼କୁ ଏ଼
ରିଆରି କେୟୁତା ପାଣ୍ତିତେରି "ମା଼ମ୍ବୁ, ପାଣ୍ତୱି ଆ଼ତାତମି ଅ଼ଡ଼େ ପ୍ରାଚିନାଙ୍ଗା,
ମୀ ତାୟିୟାଁତମି ମା଼ ବାରେ ଜୀହୁଦିଆ଼ଆତି ତାୟିୟାଁ ଆମିନି ଗାଟାରି
ଆନ୍ତିୟକିୟା, ସିରିୟା ଅ଼ଡ଼େ କିଲିକିୟାତା ମାନେରି ଏ଼ୱାରାକି ଜହରା ।
୨୪ ମା଼ମ୍ବୁ ୱେଞ୍ଜାମାନମି, ମା଼ମ୍ବୁ ଆମିନି ଲ଼କୁଇଁ ଏ଼ନି ହୁକୁମି ହୀହାହିଲଅମି,
ମା଼ ତା଼ଣାଟି ଏଲେତି ଏଚେକା ଲ଼କୁ ମୀ ତା଼ଣା ୱା଼ହାନା ତାମି କାତାତଲେ
ମୀ ମ଼ନତି ଏଟ୍‌କା କିହାନା କିଲିବିଲି କିହାମାଞ୍ଜାନେରି; ୨୫ ଅ଼ଡ଼େ ମା଼ମ୍ବୁ
ବାରେଜା଼ଣା ରୁଣ୍ତା ଆ଼ହାନା ରଣ୍ତିଏ ହିୟାଁ ତଲେ ଏଚରଜା଼ଣାତି ଆ଼ଚାନା ମୀ
ତା଼ଣା ପାଣ୍ତାଲି ତୀରି କିହାମାନମି, ଏ଼ୱାରି ମା଼ ଜୀୱୁତି ତ଼ଣେ ବର୍ନବା ଅ଼ଡ଼େ
ପା଼ୱୁଲ ତଲେ ହାନେରି । ୨୬ ଏ଼ୱାରି ଇଲେତି ମାଣ୍‌ସିୟାଁ ମା଼ ପ୍ରବୁ ଜୀସୁ
କ୍ରୀସ୍ତୁ ଦ଼ରୁ ତାକି ଜୀୱୁ ତ଼ସାନା କାମା କିହାମାନେରି । ୨୭ ଏ଼ଦାଆଁତାକି

ମ଼ାମ୍ବୁ ଜୀହୁଦା ଅ଼ଡ଼େ ସିଲାଇଁ ମୀ ତ଼ାଣା ପାଣ୍ତିମାଞ୍ଜାନମି । ମ଼ାମ୍ବୁ ଏ଼ନାଆଁ
ର଼ାଚାମାନମି, ଏ଼ୱାରି ମିଞ୍ଜେଁ ୱେସ୍ତାନେରି । ୨୮ ଏଚରଗଟା ଲ଼ଡ଼ାମାନି
ମ଼େରା ପିସ୍‌ପେ ମୀ ଲାକ ଅ଼ଡ଼େ ଏ଼ନି ବ଼ଜୁ ହେର୍‌ପାଲି ମ଼ାମ୍ବୁ ସୁଦୁଜୀୱୁଟି
ହୁକୁମି ବେଟାଆ଼ହାମାନମି । ୨୯ ଏ଼ ମ଼େରାୟାଁ ଆ଼ହିମାନୁ, ମ଼ପେଣ୍‌କା
ବମାୟାଁକି ହେର୍‌ପିଆ଼ହାମାନି ର଼ାନ୍ଦ୍ରା ତିନାଆଦୁ, ନେତେରି ତିନାଆଦୁ,
ହେର୍‌କି ଦ଼ାଆନା ପ଼ାୟ୍‌ୱି ଆ଼ହାମାନି ଜ଼ନ୍ତୁତି ଉଙ୍ଗା ତିନାଆଦୁ, ଦ଼ାରି
କିଆଦୁ, ଈ ବାରେ କାମାଟି ହେକ ଆ଼ହାଲି ଜାଗ୍ରାତା ମାଚିହିଁ ମିଞ୍ଜେଁ ନେହେଁ
ଆ଼ନେ । ନେହିଁକିଁ ମାଞ୍ଜୁ ।” ୩୦ ଏଚେଟିଏ କାବୁ ଅ଼ନାରାଇଁ ପାଣ୍ତାଲିଏ
ଆନ୍ତିୟକିୟାତା ହାଚେରି, ଇଞ୍ଜାଁ ବାରେ ନାମିତାରାଇଁ ରୁଣ୍ତି କିହାନା ଏ଼
ଆ଼କୁ ହୀତେରି । ୩୧ ଏ଼ ଲ଼କୁ ବାରେ ଏ଼ଦାଆଁ ପ଼ଡ଼ୱି ଆ଼ହାନା ବ଼ାର୍ସୁ
ବେଟାଆ଼ହାନା ର଼ାହାଁ ଆ଼ତେରି । ୩୨ ଜୀହୁଦା ଅ଼ଡ଼େ ସିଲା ତ଼ାମ୍ବୁ ଜିକେଏ
ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାରି ମାଚାକି ହ଼ାରେକା କାତାତଲେ
ତାୟିୟାଁଇଁ ବ଼ାର୍ସୁ ହୀହାନା ସୂସ୍ତି କିତେରି । ୩୩ ଅ଼ଡ଼େ, ଏ଼ୱାରି ଏମ୍ବାଆଁ
ଏଚରଦିନା ମାଚି ଡ଼ାୟୁ ଏ଼ୱାରାଇଁ ପାଣ୍ତାମାଚି ଲ଼କୁତ଼ାଣା ୱେଣ୍ତାହାଜାଲି
ତାୟିୟାଁ ତ଼ାଣାଟି ହେଲ ବେଟାଆ଼ହାନା ହିତ୍‌ଡ଼ି ଜୀୱୁତଲେ ୱେଣ୍ତା ହାଚେରି
। ୩୪ ସାମା ସିଲା ଏମ୍ବାଆଁ ଡ଼ୟାଲି ତୀରି କିହାମାଚେସି । ୩୫ ପ଼ାୱୁଲ
ଅ଼ଡ଼େ ବର୍ନବା ଆନ୍ତିୟକିୟାତା ମାଞ୍ଜାନା ଏଟ୍‌କାତି ଏଚେକା ଲ଼କୁତ଼ାଣା
ଜିକେଏ ପ୍ରବୁତି ନେହିଁ ବ଼ଲୁ ଜ଼ାପ୍‌ହାନା ୱେକ୍‌ହାଲି ମ଼ାଟ୍‌ହେରି । ୩୬
ଏଚରଦିନା ହାଜାଲିଏ ପ଼ାୱୁଲ ବର୍ନବାଇଁ ଏଲେଇଚେସି, “ୱ଼ାମୁ, ମ଼ାର
ପ୍ରବୁତି ବ଼ଲୁ ୱେକ୍‌ହାମାନି ବାରେ ଗ଼ାଡ଼ାୟାଁଣା ୱେଣ୍ତା ହାଜାନା, ତାୟିୟାଁ
ନୀଏଁ ଏ଼ନିଆ଼ହିଁ ମାନେରି ଇଞ୍ଜେଁ ବେଚିହାନ ।” ୩୭ ଏଚେଟିଏ ଜହନ ଇନି
ମାର୍କଇଁ ଜିକେଏ ତାମିତଲେ ଅୟାଲି ବର୍ନବା ଅଣ୍‌ପିମାଚେସି । ୩୮ ସାମା
ଏ଼ୱାସି ଏ଼ୱାରାଇଁ ପିସାନା ପଂପୁଲିୟାଟି ୱେଣ୍ତାହାଚାସି ଅ଼ଡ଼େ କାମା ର଼ାନି
ପାତେକା ଏ଼ୱାରିତଲେ ମାନାଆତାକି ତାମିତଲେ ଅୟାଲି ପ଼ାୱୁଲ କୂତେସି
। ୩୯ ଏମ୍ବାଟିଏ ଏ଼ୱାରି ହ଼ାରେକା ବ଼ାଦିବ଼ାଦା ଆୟାଲିଏ ତ଼ାମ୍ବୁ ଏଟ୍‌କା
ଆ଼ତେରି, ଇଞ୍ଜାଁ ବର୍ନବା ଜହନ ମାର୍କଇଁ ତାନିତଲେ ଅ଼ହିଁ ଜ଼ାଜାତା ହ଼ଚାନା
କୁପ୍ରତା ହାଚେରି, ୪୦ ସାମା ପ଼ାୱୁଲ ସିଲାଇଁ ଆ଼ଚାନା ତାୟିୟାଁ ତ଼ାଣାଟି
ପ୍ରବୁତି କାର୍ମାତଲେ ହେର୍‌ପି ଆ଼ହାନା ହାଚେରି, ୪୧ ଅ଼ଡ଼େ ଏ଼ୱାସି ସିରିୟା
ଅ଼ଡ଼େ କିଲିକିୟାଟି ହାଜାହାଁ ବାରେ କୁଲମିକାଣି ନାମୁତା ଆ଼ଟ୍‌ୱା କିତେସି
।

## ୧୬

ଡ଼ାୟୁ ପ଼ାୱୁଲ ଦର୍ବି ଅ଼ଡ଼େ ଲୁସ୍ତାତା ହାଚେସି, ଏମ୍ବାଆଁ ତିମତି
ଦ଼ରୁଗାଟାସି ର଼ ସୀସୁ ମାଚେସି, ଏ଼ୱାସି ର଼ ନାମିତି ଜୀହୁଦି
କ୍ରୀସ୍ତାନା ଇୟାନି ମୀର୍‌ଏସି ମାଚେସି, ସାମା ତାମି ଆ଼ବା ର଼ ଗ୍ରିକ୍ ଲ଼କୁ । ୨
ଲୁସ୍ତା ଅ଼ଡ଼େ ଇକନିୟତା ମାନି ବାରେ ନାମିତି ତାୟିୟାଁ ଏ଼ୱାଣାଇଁ ନେହାଁସି
ଇଞ୍ଜେଁ ଏଲେଇଚେରି । ୩ ପ଼ାୱୁଲ ତାନିତଲେ ତିମତିଇଁ ଅ଼ହାଲି ଅଣ୍‌ପିତେସି,
ଅ଼ଡ଼େ ଏ଼ ନ଼ାସ୍‌କାଣାଁ ମାନି ଜୀହୁଦି ଲ଼କୁତାକି ଏ଼ୱାଣି ତ଼ଲୁ ଦ଼ାପିକିତେସି;
ଇଚିହିଁ ତାମି ଆ଼ବା ଗ୍ରିକ୍ ଲ଼କୁ ଇଞ୍ଜେଁ ବାରେ ପୁଞ୍ଜାମାଚେରି । ୪ ଇଞ୍ଜାଁ ଏ଼ୱାରି
ଗ଼ାଡ଼ାୟାଁଟି ହାଜି ହାଜିହିଁ ଜିରୁସାଲମତି ପାଣ୍ତୱି ଆ଼ତାରି ଅ଼ଡ଼େ ପ୍ରାଚିନାଙ୍ଗା
ତ଼ାଣାଟି କିୱି ଆ଼ହାମାନି ମ଼େରା ମ଼ାନୱି ଆ଼ହାଲି ଏ଼ୱାରିତ଼ାଣା ହେର୍‌ପି
ମାଚେସି । ୫ ଏଲେକିହିଁ କୁଲମିକା ବାରେ ନାମୁତା ଆ଼ଟ୍‌ୱା ଆ଼ହାନା
ଦିନାତାକି ଦିନା ପାଡା ଆ଼ତୁ । ୬ ଏ଼ୱାରି ଆସିୟାତା ମାହାପୂରୁ କାତା
ୱେସାଲି ସୁଦୁଜୀୱୁ କ଼ାହି କିୟାଲିଏ, ଏ଼ୱାରି ପୁର୍ଗିୟା ଅ଼ଡ଼େ ଗାଲାତିୟ
ର଼ାଜି ମାଦିଟି ମ଼ରେଜିହିଁ ହାଚେରି । ୭ ଅ଼ଡ଼େ, ଏ଼ୱାରି ମୁସିଆ ର଼ାଜି ଡାଗେ
ଏଗାହାଜାନା ବେତନିୟାଁତା ହାଜାଲିତାକି ଅଣ୍‌ପିତେରି, ସାମା ଜୀସୁତି
ଜୀୱୁ ଏ଼ୱାରାଇଁ ହାଜାଲି ହେଲ ହୀଆତେ । ୮ ଏ଼ୱାରି ମୁସିଆ ମାଦିଟି
ହାଜାନା ତ୍ରୟାତା ୱ଼ାତେରି । ୯ ଅ଼ଡ଼େ ଲ଼ାଆଁ ମ଼ବେଲାତା ପ଼ାୱୁଲ ର଼
ସେୟାଁଣା ହାପାନା ମ଼ହେଟେସି, ମାକିଦନିୟାତି ର଼ ଲ଼କୁ ନିଚାନା ଏ଼ୱାଣାଇଁ
ବାତିମ଼ାଲିହିଁ ଏଲେଇଚେସି, “ମାଞ୍ଜେଁ ସ଼ାୟେମି କିୟାଲି ମାକିଦନିୟାତା
ଗ଼ାଣ୍‌ଚା ୱ଼ାମୁ ।” ୧୦ ଏ଼ୱାସି ସେୟାଁଣା ହାପାନାତା ମେସାଲିଏ ମ଼ାମ୍ବୁ
ଦେବୁଣିଏ ମାକିଦନିୟାତା ହାଜାଲି ତିୟାରା ଆ଼ତମି, ଇଚିହିଁ ଏ଼ୱାରିତ଼ାଣା
ନେହିଁ କାବୁ ୱେସାଲି ତାକି ମାହାପୂରୁ ମାଞ୍ଜେଁ ହ଼ାଟାମାଞ୍ଜାନେସି ଇଞ୍ଜେଁ ମ଼ାମ୍ବୁ
ପୁଚମି । ୧୧ ଏଚେଟିଏ ମ଼ାମ୍ବୁ ତ୍ରୟାଟି ଜ଼ାଜାତା ହ଼ଚାନା ତିୟିତି ଜିରୁଟି
ହାଜାନା ସାମତ୍ରାକିତା ଅ଼ଡ଼େ ଅ଼ର ମ଼ନେଚୁ ନୟାପଲିତା ଏଗାହାଚମି ।
୧୨ ଏମ୍ବାଟିଏ ପିଲିପିତା ହାଚମି, ଈଦି ମାକିଦନିୟା ଜିଲାତି ର଼ କାଜା
ଗ଼ାଡ଼ା, ଇଞ୍ଜାଁ ର଼ମ୍ ମ଼ଦେସାତାରି ଡ଼ୟିନି ଟ଼ାୟୁ ମାଚେ; ଏ଼ ଗ଼ାଡ଼ାତା ମ଼ାମ୍ବୁ
ଏଚରଦିନା ମାଚମି । ୧୩ ଜ଼ମିନି ଦିନାତା ମ଼ାମ୍ବୁ ଗ଼ାଡ଼ାଟି ହ଼ଚାନା କାଡା
ଡାଗେ ହାଚମି, ଏମ୍ବାଆଁ ପ୍ରାତାନା କିନି ଟ଼ାୟୁ ମାନେ ଇଞ୍ଜେଁ ଅଣ୍‌ପାମାଚମି,
ଅ଼ଡ଼େ ମ଼ାମ୍ବୁ କୁଗାନା ରୁଣ୍ତା ଆ଼ହାମାଚି ଇୟାସିକା ତଲେ କାତା ଆ଼ତମି ।
୧୪ ଅ଼ଡ଼େ, ତୁୟାତିରା ଗ଼ାଡ଼ାତି ହେୟାଁ ୱ଼ାଣା ହିମ୍ବରିକା ପ଼ାର୍‌ନି ଲୁଦିୟା
ଦ଼ରୁଗାଟି ର଼ ଇୟା ମ଼ା କାତା ୱେଞ୍ଜିମାଚେ, ଏ଼ଦି ମାହାପୂରୁ ମ଼ସେବା
କିନାୟି, ଏ଼ଦି ଏ଼ନିକିଁ ପ଼ାୱୁଲତି କାତାତି ମ଼ନ ହୀନେ ଏ଼ଦାଆଁତାକି ପ୍ରବୁ
ଏ଼ଦାନି ହିୟାଁ ଦେଚାମାଚେସି । ୧୫ ଅ଼ଡ଼େ ଏ଼ଦି ଇଞ୍ଜାଁ ତାମି କୁଟମି
ବାପ୍ତିସ୍ମ ଅ଼ତି ଡ଼ାୟୁ ମାଞ୍ଜେଁ ବାତିମ଼ାଲିହିଁ ଏଲେଇଞ୍ଜାତେ, “ମୀରୁ ନାଞ୍ଜେଁ
ପ୍ରବୁ ତ଼ାଣା ନାମୁଗାଟାୟି ଇଞ୍ଜେଁ ଅଣ୍‌ପିମାଚିହିଁ, ନ଼ା ଇଜ ୱ଼ାହାନା ବାସା
ଆ଼ଦୁ,” ଇଞ୍ଜେଁ ବାଲାମାତମି କିହାଁ ହ଼ାଟା ଅୟାତେ । ୧୬ ର଼ ଦିନା ମ଼ାମ୍ବୁ
ପ୍ରାତାନା ଟ଼ାୟୁତା ହାନିମ଼ବେଲାତା ର଼ ହ଼ଲେଣି ପ଼ଦାଇଁ ବେଟାଆ଼ତମି ଏ଼ଦି
ପ଼ଲ୍‌ଆ ମ଼ପେନୁ ଆଲ୍‌ଗାନା ଡ଼ାୟୁ ଆ଼ନି କାତାୟାଁ ୱେସାଲି ଆ଼ଡିମାଚେ
। ଡ଼ାୟୁ ଆ଼ନି କାତାୟାଁ ୱେସାନା ତାନି ସ଼ାୱୁକାରିକି ହ଼ାରେକା ଡାବୁୟାଁ
କୂଡ଼ି କିହିମାଚେ । ୧୭ ଏ଼ଦି ପ଼ାୱୁଲ ଅ଼ଡ଼େ ମ଼ା ମ଼ଜେଚ ମ଼ଜେଚ ୱ଼ାହାନା
କିର୍‌ଡ଼ିହିଁ ଏଲେଇଞ୍ଜାଲି ମ଼ାଟ୍‌ହେ, “ଈ ଲ଼କୁ ବାରେକିହାଁ କାଜା ମାହାପୂରୁତି
ହ଼ଲିୟାଙ୍ଗା, ଏ଼ୱାରି ମିଞ୍ଜେଁ ଗେଲ୍‌ପିଆ଼ନି ଜିରୁତି ମ଼ୱେକ୍‌ହି ମାଞ୍ଜାନେରି ।”
୧୮ ଏ଼ଦି ହ଼ାରେକା ଦିନା ପାତେକା ଏଲେକିୟାତେ, ସାମା ପ଼ାୱୁଲ କ଼ପା
ଆ଼ହାନା ୱେଣ୍ତେ ସିନିକିହାନା ଏ଼ ବୂତୁଇଁ ଏଲେଇଚେସି, “ଏ଼ଦାନି ତ଼ାଣାଟି
ହ଼ଚା ହାଜାଲି ନ଼ାନୁ ନିଞ୍ଜେଁ ଜୀସୁ କ୍ରୀସ୍ତ ଦ଼ରୁତଲେ ହୁକୁମି ହୀହିମାଞ୍ଜାଇଁ,”
ଏ଼ ଦେବୁଣିଏ ଏ଼ଦି ହ଼ଚାହାଚେ । ୧୯ ସାମା ଏ଼ଦାନି ସ଼ାୱୁକାରିୟାଁ ତାମି
ଲ଼ାବା ପ଼ାଣ୍‌ନି ଆ଼ସା ହାଚେ, ଇଞ୍ଜେଁ ପୁଞ୍ଜାନା ପ଼ାୱୁଲ ଅ଼ଡ଼େ ସିଲାଇଁ ଦସାନା

ୱେରଣିମାଣ୍ତାତା ସାଲୱି କିନାରି ତ଼ାଣା ରେଜା ଆ଼ତେରି । ୨୦ ଆ଼ଡ଼େ,
ଏ଼ୱାରି ରମିୟ ସାଲୱି କିନାରି ତ଼ାଣା ତାଚାନା ଏଲେଇଚେରି, "ଇୱାରି
ଜୀହୁଦି ଲ଼କୁ ମ଼ା ଗ଼ାଡ଼ାତା ଗଡ଼୍ହା କିହିମାନେରି । ୨୧ ମ଼ାର ରମିୟ
ଲ଼କୁତି ମ଼େରା ପ଼ାଣାପ଼ାଟୁ ଆ଼ବାଲି କି ମ଼ାନୱି ଆ଼ହାଲି ମ଼େରା ହିଲେଏ,
ଏ଼ଦାଆଁ ଇୱାରି ୱେସିମାନେରି ।" ୨୨ ଏମ୍ବାଟିଏ ବାରେ ଲ଼କୁ ପ଼ାୱୁଲ
ଆ଼ଡ଼େ ସିଲା କ଼ପାଟି ନିଙ୍ଗିତେରି । ଆ଼ଡ଼େ ନୀହାଁୟି କିନାରି ପ଼ାୱୁଲ ଆ଼ଡ଼େ
ସିଲା ହିମ୍ବରିକା ହୁକ୍‌ହାନା ଏ଼ୱାରାଇଁ ବାଡ଼୍‌ଗା ତଲେ ୱେଚାଲି ହୁକୁମି
ହୀତେରି । ୨୩ ଏ଼ୱାରି ଏ଼ୱାରାଇଁ ହ଼ାରେକା ୱେତି ଡ଼ାୟୁ କାୟିଦି ଇଲୁତା
ଇଟିତେରି, ଇଞ୍ଜ଼ାଁ ଏ଼ୱାରାଇଁ ଜାଗ୍ରାତା କିହିଁ କ଼ାପୁ କ଼ାଚାଲି କ଼ାୟିଦି ଇଲୁତି
କା଼ଃଆନାଣାଇଁ ହୁକୁମି ହୀତେରି । ୨୪ କ଼ାୟିଦି କା଼ଃଆନାସି ଇଲେତି
ହୁକୁମି ବେଟାଆ଼ହାନା ଏ଼ୱାରାଇଁ କ଼ାୟିଦି ଇଲୁତି ବାରେକିହାଁ ବିତ୍ରାତି
ବାକ୍ରାତା ମେଡ଼୍‌ହାନା ଏ଼ୱାରି କଡାଣା ବ଼ଜୁଗାଟି ମ଼ାର୍‌ନୁ କୁଡୁଲିକା ଦସା
ପିସ୍ତେସି । ୨୫ ସାମା ମାଦି ଲା଼ଆଁୟାଁ ପ଼ାୱୁଲ ଆ଼ଡ଼େ ସିଲା ମାହାପୂରୁ
ତ଼ାଣା ପ୍ରାତାନା ଆ଼ଡ଼େ ଜହରା ପ଼ାଟୁ ପ଼ାଚିମାଚେରି, ଇଞ୍ଜ଼ାଁ ଏ଼ୱାରିତଲେ
କାୟିଦି ଇଲୁତା ମାଚାରି ବାରେ ୱେଞ୍ଜିମାଚେରି । ୨୬ ଏଚିବେ଼ଲାତା
ଦେବୁଣିଏ ବୂମି ୱାଡିତେ, ଇଞ୍ଜ଼ାଁ କାୟିଦି ଇଲୁତି ପୁନାଦି ଜିକେଏ ୱାଡାଲିଏ
ବାରେ ଦୁୱେରିକା ଦେପି ଆ଼ହାହାଚୁ, ଇଞ୍ଜ଼ାଁ ବାରେଜ଼ାଣାତି ଦସାମାଚି
ହିକ୍‌ଣିୟାଁ ହୁଙ୍ଗାହାଚୁ । ୨୭ ଏଚେଟିଏ କ଼ାୟିଦି ଇଲୁ କା଼ଃଆନାସି ଇଦାଟି
ନିଙ୍ଗାନା, ଦ଼ାରାୟାଁ ଦେପିଆ଼ହାମାନାଣି ମେସାନା, କ଼ାୟିଦିତାରି ହଣ୍‌ପି
ଆ଼ତେରି ଇଞ୍ଜ଼ାଁ ଅଣ୍‌ପାନା, କାଣ୍ଡା ହ଼ପ୍‌ହାନା ଗ୍ଲାକ୍‌ହା କଡିମାଚେସି । ୨୮
ସାମା ପ଼ାୱୁଲ କାଜା ଗିୟାଁତଲେ ହ଼ାଟାନା ଏଲେଇଚେସି, "ନୀନୁ ନିଜ୍ଜେ
ନ଼ାସା କିହା କଡାଆନି, ଏ଼ନାଆଁତାକି ଇଚିହିଁ ମ଼ାମ୍ବୁ ବାରେତମି ଇମ୍ବାଆଁ
ମାନମି ।" ୨୯ କ଼ାୟିଦି ଇଲୁ କା଼ଃଆନାସି ଦୀୱାଁ ତାଚାଲି ଏଲେଇଚେସି,
ତବେ ବିତ୍ରା ହାଚେସି ଇଞ୍ଜ଼ାଁ ଟୀର୍‌ଗି ଟୀର୍‌ଗିହିଁ ପ଼ାୱୁଲ ଆ଼ଡ଼େ ସିଲା
କଡାୟାଁ ଡ଼ଇ ରୀତେସି । ୩୦ ଆ଼ଡ଼େ ଏ଼ୱାରାଇଁ ପାଡ୍ଗାତା ତାଚାନା
ଏଲେଇଚେସି, "ବ଼ାବୁୟାଁ ଗେଲ୍‌ପିଆ଼ୟାଲି ନ଼ାନୁ ଏ଼ନାଆଁ କିଇଁ?" ୩୧
ଏ଼ୱାରି ଏଲେଇଚେରି, "ପ୍ରବୁ ଜୀସୁ ତ଼ାଣା ନାମାଦୁ, ଆତିହିଁ ନୀନୁ ଆ଼ଡ଼େ
ନୀ ଇଲୁ କୁଟମି ବାରେ ଗେଲ୍‌ପି ଆ଼ଦେରି ।" ୩୨ ଡ଼ାୟୁ ଏ଼ୱାରି ଏ଼ୱାଣାଇଁ
ଆ଼ଡ଼େ ଏ଼ୱାଣି ଇଜ ମାଚି ବାରେ ଲ଼କୁଣି ମାହାପୂରୁତି ବ଼ଲୁ ୱେସ୍ତେରି । ୩୩
ଆ଼ଡ଼େ, ଏ଼ କ଼ାୟିଦି ଇଲୁ କା଼ଃଆନାସି ଏ଼ୱାରାଇଁ ଏ଼ ଲା଼ଆଁୟାଁ ବେ଼ଲାତା
ଆ଼ହାନା ଏ଼ୱାରି ଗା଼ହାଁୟାଁ ନର୍‌ହେସି, ଇଞ୍ଜ଼ାଁ ଏ଼ୱାସି ଆ଼ଡ଼େ ଏ଼ୱାଣି ଇଲୁ
କୁଟମି ବାରେ ଏ଼ ଦେବୁଣିଏ ବାପ୍ତିସ୍ମ ଆ଼ତେରି । ୩୪ ଏଚେଟିଏ ଏ଼ୱାସି
ଏ଼ୱାରାଇଁ ତାମି ଇଜ ଆ଼ହାନା ଟିଞ୍ଜାଲି ରା଼ନ୍ଧା ବା଼ଟିକିହାଁ ହୀତେସି, ଆ଼ଡ଼େ
ବାରେ କୁଟମି ମାହାପୂରୁ ତ଼ାଣା ନାମାନା ହ଼ାରେକା ରାହାଁ ଆ଼ତେରି । ୩୫
ଲା଼ଇ ୱେ଼ୟାଲିଏ ରମିୟ ଲ଼କୁତି କାଜାରି ରିଜାରି କ଼ସ୍‌କାଣି ଇଲେଇଞ୍ଜ଼ି
ୱେସା ପାଣ୍ତିତେରି, "ଏ଼ ଲ଼କୁଣି ପିସାତୁହ୍‌ଦୁ ।" ୩୬ ଏଚେଟିଏ କାୟିଦି ଇଲୁ
କା଼ଃଆନାସି ପ଼ାୱୁଲଇଁ ଇ କାତା ୱେସ୍ତେସି, "ନୀହାଁୟି କିନାରି ନିଜ୍ଜେ ଆ଼ଡ଼େ
ସିଲାଇଁ ପିସାଲି କାଭୁ ପାଣ୍ତା ମାଞ୍ଜାନେରି, ଇଞ୍ଜ଼ାଁ ନୀଏଁ ହ଼ଚାୱାହାନା ହିଡ଼୍‌ଡ଼ି
ତଲେ ହାଜୁ ।" ୩୭ ସାମା ପ଼ାୱୁଲ କ଼ସ୍‌କାଣି ଏଲେଇଚେସି, "ମ଼ାମ୍ବୁ ରମିୟ
ଦେସାତି ଲ଼କୁତମି, ମାଞ୍ଜେ ନୀହାଁୟି କିଆନା ୱେତାତି ଡ଼ାୟୁ କ଼ାୟିଦି
ଇଲୁତା ସୁଣ୍ଡାତେରି, ଆ଼ଡ଼େ ନୀଏଁ ଡୁକ୍‌ହାନା ପିସିମାଞ୍ଜାନେରି, ଏ଼ଦି ମିଣ୍‌ଏ,
ସାମା ଏ଼ୱାରି ତ଼ାମ୍ବୁଏ ୱ଼ାହାନା ମାଞ୍ଜେ ପାଡ୍ଗାତା ଅୟାପେରି ।" ୩୮
ଏଚେଟିଏ କ଼ସ୍‌କା ହାଜାନା ନୀହାଁୟି କିନାରାଇଁ ବାରେ କାତା ୱେସ୍ତେରି,
ଇଞ୍ଜ଼ାଁ ଇୱାରି ରମିୟ ଲ଼କୁ ଇଞ୍ଜ଼ି ପୁଞ୍ଜାନା ଆଜିତେରି, ୩୯ ଏମ୍ବାଟିଏ ଏ଼ୱାରି
ୱ଼ାହାନା ମ଼ାମ୍ବୁ ପୁନାଆନା ଏଲେକିତମି ଇଞ୍ଜ଼ି ବାଟିମ଼ାଲିହିଁ ଏ଼ୱାରାଇଁ
ପାଡ୍ଗାତା ହ଼ପ୍‌ହା ତାଚାନା, ଗା଼ଡ଼ା ପିସାନା ହାଜାଲି ବାଟିମ଼ାଲିତେରି ।
୪୦ ଏଚେଟିଏ ପ଼ାୱୁଲ ଆ଼ଡ଼େ ସିଲା କ଼ାୟିଦି ଇଲୁଟି ହ଼ଚାନା ଲୁଦିୟା
ଇଜ ହାଚେରି, ଆ଼ଡ଼େ ତାୟିୟାଁ ତଲେ ଆଣ୍ଡାନା ଏ଼ୱାରାଇଁ ବ଼ାର୍ସୁ ହୀହାନା
ହାଜାତୁସ୍ତେରି ।

**୧୭** ଡ଼ାୟୁ ଏ଼ୱାରି ଆଂପିପଲି ଆ଼ଡ଼େ ଆପଲନିୟା ହୀହାନା
ତେସଲନିକିତା ୱ଼ାତେରି; ଏମ୍ବାଆଁ ଜୀହୁଦି ଲ଼କୁତି ର ଜୀହୁଦି
ଲ଼କୁତି କୁଟମି ଇଲୁ ମାଚେ । ୨ ଆ଼ଡ଼େ, ପ଼ାୱୁଲ ତାନି ମ଼େରା ଲେହେଁ
ଜୀହୁଦି ଲ଼କୁତି କୁଟମି ଇଲୁତା ହାଚେସି, ଇଞ୍ଜ଼ାଁ ତୀନିଗଟା ଜ଼ମିନି ଦିନା
ପାତେକା ଦାର୍ମୁ ପତିତି କାତା ଆସାନା ଲ଼କୁତଲେ ଜ଼ଲ୍‌କି ଆ଼ତେସି,
୩ ଦାର୍ମୁ ସା଼ସ୍ତେରି ତେଲ୍‌ହି କିହାନା ଏ଼ କାତା ଈଦି ଇଞ୍ଜ଼ି ଇଚେସି,
ମସିହା ସାସ୍ତି ପାଣ୍‌ନାୟି ଆ଼ଡ଼େ ହ଼ାକିଟି ନିଙ୍ଗିନାୟି ଲ଼ଡ଼ାମାନେ । ପ଼ାୱୁଲ
ଏଲେଇଚେସି, "ଆମିନି ଜୀସୁତି କାତା ୱେସିମାଞ୍ଜାଇଁ, ଏ଼ୱାସି ଏ଼ ମସିହା
।" ୪ ଏମ୍ବାଟିଏ ଏ଼ୱାରି ବିତ୍ରାଟି ଏଚରଜ଼ାଣା ନାମାହାଁ ପ଼ାୱୁଲ ଆ଼ଡ଼େ
ସିଲା କାତାତା ଆଣ୍ଡିତେରି; ଆ଼ଡ଼େ, ଜୀହୁଦି ଦାର୍ମୁ ନାମାମାନି ଗ୍ରିକ୍ ଲ଼କୁ
ବିତ୍ରାଟି ହ଼ାରେକା ଲ଼କୁ ଆ଼ଡ଼େ ମ଼ାନିଗାଟି ହ଼ାରେକା ଇୟାସିକା ବିତ୍ରାଟି
ଏ଼ୱାରିତଲେ ମାହାପୂରୁ ସେବାତା ଆଣ୍ଡିତୁ । ୫ ସାମା ଜୀହୁଦିୟାଁ ଡ଼ାହାରା
ଆ଼ହାନା ଏଚେକା ଲାଗେଏତାରାଇଁ ପ଼ାହେରିତା କୂଡ଼ି କିତେରି, ଇଞ୍ଜ଼ାଁ
ଲ଼କୁଣି ମାନ୍ଦା କିହାନା ଗା଼ଡ଼ାତା ଗଡ଼୍‌ହା ହ଼ପ୍‌ହେରି, ଇଞ୍ଜ଼ାଁ ପ଼ାୱୁଲ ଆ଼ଡ଼େ
ସିଲାଇଁ ସାଲୱି କିନାରି ନ଼କିତା ହ଼ପ୍‌ହାତାଚାଲି ଏ଼ୱାରି ହାଜାନା ଜାସନ
ଇଲୁତି ମୁଚାନା ପାରିତେରି । ୬ ସାମା ଏ଼ୱାରାଇଁ ବେଟାଆ଼ଆଲିଏ ଏ଼ୱାରି
ଜାସନ ଆ଼ଡ଼େ ଏଚେକା ତାୟିୟାଁଇଁ ଗା଼ଡ଼ାତି ସାଲୱି କିନାରି ନ଼କିତା ରେଜା
ତାଚାନା କାଜା ଗିୟାଁତଲେ କ଼ାଲୱି ଆ଼ହିଁ ଏଲେଇଚେରି, "ଆମିନି ଲ଼କୁ
ଦାର୍‌ତିତି ଇତାଲା ଆତାଲା କିହିମାନେରି, ଏ଼ୱାରି ଇମ୍ବାଆଁ ଜିକେଏ
ୱ଼ାହାମାନେରି; ୭ ଜାସନ ଏ଼ୱାରାଇଁ ଆବାମାନେସି, ଜୀସୁ ଦ଼ରୁଗାଟି
ଆ଼ଡ଼େ ର ରାଜା ମାନେସି ଇଞ୍ଜ଼ି ୱେସାନା ଇୱାରି ବାରେଜ଼ାଣା କାୟିସରତି
ହୁକୁମିତି ମ଼ାନୱି କିହିହିଲଅରି ।" ୮ ଈ କାତା ଆସାନା ଲ଼କୁ ଆ଼ଡ଼େ ସାଲୱି
କିନାରି ବିତ୍ରା ହ଼ାରେକା କାର୍‌ବି ଆ଼ତେରି ଆ଼ଡ଼େ ଗଡ଼୍‌ହା ଆ଼ତେ । ୯ ଡ଼ାୟୁ
ସାଲୱି କିନାରି ଜାସନ ଆ଼ଡ଼େ ଏଟ୍‌କା ଲ଼କୁଣି ଡାବୁୟାଁ ରୀସାନା ଜାମ୍‌ଲି
ତଲେ ଏ଼ୱାରାଇଁ ପିସ୍ତେରି । ୧୦ ଆ଼ଡ଼େ, ତାୟିୟାଁ ୱେ଼ଡ଼ାକିଆନା ପ଼ାୱୁଲ
ଆ଼ଡ଼େ ସିଲାଇଁ ଲା଼ଆଁ ବେ଼ଲାତା ବେରିୟାତା ପାଣ୍ତିତେରି; ଏ଼ୱାରି ଏମ୍ବାଆଁ
ଏଜାନା ଜୀହୁଦି ଲ଼କୁତି ଜୀହୁଦି ଲ଼କୁତି କୁଟମି ଇଲୁତା ହାଚେରି । ୧୧

ତେସଲନିକିତା ମାନି ଜୀହୁଦି ଲ଼କୁ କିହାଁ ଈୱାରି ସାତାପ଼ାଣା ଗାଟାରି
ମାଚେରି, ଈୱାରି ହ଼ାରେକା ର଼ାହାଁତଲେ ମାହାପୂରୁ କାତା ୱେଚେରି,
ଅ଼ଡ଼େ ପ଼ାୱୁଲ ୱେସ୍ତି କାତା ସାତା କି ଆ଼ଏ ଏ଼ଦାଆଁ ପୁଞ୍ଜାଲି ବାରେଦିନା
ଦାର୍ମୁ ପତି ପ଼ଡ଼ୱି ଆ଼ହିମାଚେରି । **୧୨** ଇଦାଆଁତାକି ଏ଼ୱାରି ବିତ୍ରାଟି
ହ଼ାରେକା ଲ଼କୁ ନାମିତେରି ଅ଼ଡ଼େ ଗ୍ରିକ୍ ଲ଼କୁତି କାଜାରି ବିତ୍ରାଟି ହ଼ାରେକା
ଇୟ଼ାସିକା ଅ଼ଡ଼େ ଆ଼ବାୟାଁ ଜିକେଏ ନାମିତେରି । **୧୩** ସାମା ଏଚିର଼େଲା
ତେସଲନିକିତି ଜୀହୁଦିଙ୍ଗା ପୁଚେରି, କି ବେରିୟାତା ଜିକେଏ ପ଼ାୱୁଲ
ତ଼ାଣାଟି ମାହାପୂରୁତି ବ଼ଲୁ ୱେସ୍ପି ଆ଼ହିମାନେ, ଏଚିର଼େଲା ଏ଼ୱାରି
ଏମ୍ବାଆଁ ଜିକେଏ ୱ଼ାହାନା ଲ଼କୁ ମାନ୍ଦାତି ନିକ୍ହାନା ଗଡ଼୍ହା କିୱିକିତେରି
। **୧୪** ଏଚେଟିଏ ତାୟିୟାଁ ୱେଡ଼ାକିଆନା ପ଼ାୱୁଲଇଁ ସାମ୍ଦୁରି ୱାକି
ହାଜାଲି ପାଣ୍ତିତେରି; ଇଞ୍ଜାଁ ସିଲା ଅ଼ଡ଼େ ତିମତି ବେରିୟାତା ଡ଼ୟିତେରି ।
**୧୫** ସାମା ଆମ୍ବାଆରି ପ଼ାୱୁଲଇଁ ଇଟିହାଚାରି ଏ଼ୱାରି ଆତିନି ପାତେକା
ହାଚେରି, ଇଞ୍ଜାଁ ସିଲା ଅ଼ଡ଼େ ତିମତି ତବେ ନ଼ା ତ଼ାଣା ୱ଼ାପେରି ଇଞ୍ଜାଁ ପ଼ାୱୁଲ
ତ଼ାଣାଟି ହୁକୁମି ବେଟାଆ଼ହାନା ଏ଼ୱାରି ବେରିୟାତା ୱେଣ୍ଡେ ୱ଼ାତେରି
। **୧୬** ଆତିନିତା ପ଼ାୱୁଲ, ସିଲା ଅ଼ଡ଼େ ତିମତିଇଁ କ଼ାଚିମାଚେସି, ଏ଼ୱାସି
ଏ଼ ଗା଼ଡ଼ାତା ହ଼ାରେକା ର଼େଣ୍କା ବମାୟାଁ ମାନାଣି ମେସାନା ତାନି ଜୀୱୁ
ହ଼ାରେକା ୱାଡିତେ । **୧୭** ଏ଼ଦାଆଁତାକି ଏ଼ୱାସି ଜୀହୁଦି ଲ଼କୁତି କୁଟମି
ଇଲୁତା ଜୀହୁଦି ଲ଼କୁତଲେ ମାହାପୂରୁଇଁ ନାମାମାନି ଜୀହୁଦିଆ଼ଆତି
ଲ଼କୁତଲେ ଇ କାତା ବାରେଦିନା ର଼େକ୍ହେସି । ଗା଼ଡ଼ାତି ଜିରୁ ଗା଼ଟାତା ହାଜି
ୱ଼ାହିମାନି ଲ଼କୁତଲେ ଏ଼ କାତାତି ୱେସ୍ତେସି । **୧୮** ଏଚରଜ଼ାଣା ଏପିକୁରିୟା
ଇଞ୍ଜାଁ ସ୍ତୟିକ୍ ଜ଼ାପ୍ନି ଗୂର୍କା ତଲେ ଏ଼ୱାରି ରୁଜୁବାଡ଼ି ଆ଼ତେ । ଏ଼ୱାରି
ବିତ୍ରାଟି ଏଚରଜ଼ାଣା ଏଲେଇଚେରି, “ଇ ବୁଦି ହିଲାଆ ହ଼ାଡାଁକାଣ୍ଟୁ ଏ଼ନାଆଁ
ୱେସାଲି ଅଣ୍ପିମାନେସି?” ଅ଼ଡ଼େ ଏଚରଜ଼ାଣା ଏଲେଇଚେରି, “ଏ଼ୱାସି
ପୁନାଆତି ର଼େଣ୍କାତି କାତା ୱେହ୍ନିଲେହେଁ ୱେସିମାନେସି;” ଇଚିହିଁ
ଏ଼ୱାସି ଜୀସୁ ଅ଼ଡ଼େ ତାନି ୱେଣ୍ଡେ ନିଙ୍ଗ୍ପି କାତାତି ନେହିଁ କାବୁ ର଼େକ୍ହି
ମାଚେସି । **୧୯** ଏ଼ଦାଆଁତାକି ଏ଼ୱାରି ପ଼ାୱୁଲଇଁ ଆରିୟପାଗ ଗା଼ଡ଼ାତି
ର଼େରଣି ନ଼କିତା ତାତେରି, “ନୀନୁ ଆମିନି ପୁଃନି କାତା ଜ଼ାପ୍ହିମାଞ୍ଜି ଏ଼ଦି
ଏ଼ନାୟି ଇଞ୍ଜାଁ ମ଼ାମୁ ପୁଞ୍ଜାଲି ଆ଼ଡିନମି କି? **୨୦** ଇଚିହିଁ ନୀନୁ ଏଚେକା
କାବାଆ଼ନି କାତା ମାଙ୍ଗେ ୱେଣ୍ମ୍ବି କିହିମାଞ୍ଜାଦି; ଇ ବାରେ କାତା ଏ଼ନାୟି
ଏ଼ଦାଆଁ ମ଼ାମୁ ପୁଞ୍ଜାଲି ଅଣ୍ପିମାନମି ।” **୨୧** ଆତିନି ଗା଼ଡ଼ାତି ଲ଼କୁ ଅ଼ଡ଼େ
ଏମ୍ବାଆଁ ବାସାଆ଼ହାମାନି ଏଟ୍କା ର଼େସାତି ଲ଼କୁ ପୁଃନି କାତା ୱେସାଲି
ଇଞ୍ଜାଁ ୱେଞ୍ଜାଲି ର଼ାହାଁ ଆ଼ହିମାଚେରି । ଏମ୍ବାଆଁ ଏ଼ୱାରି ଦିନା ର଼ାପ୍ହି
ମାଚେରି । **୨୨** ଏଚେଟିଏ ପ଼ାୱୁଲ ଆରିୟପାଗତି ର଼େରଣି ମାଦିଏ ନିଚାନା
ଏଲେଇଚେସି, “ଏ଼ ଆତିନିତି ଲ଼କୁ, ମୀରୁ ବାରେ ଗାଡି ଦାର୍ମୁଗାଟାତେରି,
ଇଞ୍ଜାଁ ହ଼ାରେକା ର଼େଣ୍କାଣି ସେବା କିନାତେରି, ଏ଼ଦାଆଁ ନ଼ାନୁ ମେସିମାଇଁ
। **୨୩** ଇଚିହିଁ ନ଼ାନୁ ମୀ ଗା଼ଡ଼ାଟି ହାଜିମାଚେଏଁ, ଅ଼ଡ଼େ ମୀରୁ ପୂଜା
କିନି ଟ଼ାୟୁତା ସିନିକିତେଏଁ, ନ଼ାନୁ ପୂଜା ପିଣ୍ଡାତା ମେସ୍ତେଏଁ ଏମ୍ବାଆଁ
ର଼ାସ୍କି ଆ଼ହାମାନେ, ‘ପୁନାଆତି ମାହାପୂରୁ ।’ ଆମିନିଗାଟାଣି ମୀରୁ ପୂଜା
କିହିମାଞ୍ଜେରି, ଏ଼ଦାଆଁ ମୀରୁ ପୁଞ୍ଜାହିଲାଆତିହିଁ ଜିକେଏ, ଏ଼ଦେଏ ନ଼ାନୁ
ମିଙ୍ଗେ ୱେସିମାଞ୍ଜାଇଁ । **୨୪** ଆମିନି ମାହାପୂରୁ ଦାର୍ତି ଅ଼ଡ଼େ ଏମ୍ବାଆଁ
ମାନି ବାରେ ର଼ାଚି କିହାମାନେସି, ଏ଼ୱାସି ଲାକପୂରୁ ଅ଼ଡ଼େ ଦାର୍ତିତି ପ୍ରବୁ
ଆ଼ହାମାନାକି ମାଣ୍ସି କେୟୁଟି ର଼େପିତି ଦେୱୁଡ଼ିତା ବାସା କିଅସି । **୨୫**
ଇଚିହିଁ ଏ଼ୱାଣାକି ଏ଼ନାୟି ଲ଼ଡ଼ା ମାନାୟି ହିଲାଆକି ମାଣ୍ସି କେୟୁଟି
ର଼େବା ଆ଼ଅସି, ଇଚିହିଁ ଏ଼ୱାସି ତ଼ାନୁଏ ବାରେତାକି ଜୀୱୁ, ର଼େଞ୍ଜାଲି ଇଞ୍ଜାଁ
ବାରେ ଲ଼ଡ଼ାମାନାଣି ଇନେସି । **୨୬** ର଼ ମାଣ୍ସି ତ଼ାଣାଟି ଏ଼ୱାସି ବାରେ ଲ଼କୁ
ବ଼ାକାଇଁ ର଼ାଚି କିହାମାନେସି; ଇଞ୍ଜାଁ ଏ଼ୱାଣି ହୁକୁମି ତଲେ ଏ଼ୱାରି ଦାର୍ତିତି
ବାରେୱାକି ବାସା କିହାମାନେରି । ଆମିନି ର଼େଲାତା, ଆମ୍ବାଆସି ଆମିନି
ତ଼ାଣା ବାସା କିନେସି, ମାହାପୂରୁ ମୂଲୁଟିଏ ଏ଼ଦାଆଁ ତୀରି କିହାମାନେସି ।
**୨୭** ମାହାପୂରୁତି ଅଣ୍ପୁ ମାଚେ, ବାରେଜ଼ାଣା ଏ଼ନିକିହିଁ ଏ଼ୱାଣାଇଁ ପାରାନା
ବେଟାଆ଼ନେରି । ସାମା ମାହାପୂରୁ ଆମ୍ବାଆରି ତ଼ାଣାଟି ହେକ ହିଲଅସି ।”
**୨୮** ଏ଼ନିଇଚିହିଁ ରଅସି ୱେସାମାନେସି, “ଏ଼ୱାଣି ତ଼ାଣା ମ଼ାର ନୀଡିନାୟି,
ତ଼ାକିନାୟି ଅ଼ଡ଼େ ଡ଼ୟିନାୟି । ଇଞ୍ଜାଁ ମୀ ବିତ୍ରାଟି ଜିକେଏ ଏଚରଜ଼ାଣା
ୱେସାମାନେରି, ମ଼ାର ଜିକେଏ ଏ଼ୱାଣି ମୀର୍କା ମ଼ାସ୍କା ।” **୨୯** “ଇଚିହିଁ
ମ଼ାର ମାହାପୂରୁତି ମୀର୍କା ମ଼ାସ୍କା ଆ଼ତାକି ଇ ମାହାପୂରୁ ଲେହେଁ ମାଣ୍ସି
ବୁଦି ଅ଼ଡ଼େ ଅଣ୍ପୁ ତଲେ ର଼େପିତି ବାଂଗାରା, ୱେଣ୍ଡି କି ୱାଲ୍କାତି ବମା
ଲେହେଁ ଅଣ୍ପିନାୟି ଆ଼ଏ । **୩୦** ଲ଼କୁ ମାହାପୂରୁଇଁ ପୁଞ୍ଜା ହିଲାଆ ର଼େଲାତା
ଏ଼ୱାସି ଦ଼ହ ଆସା ହିଲାଆତେସି, ସାମା ନୀଏଁ ଏ଼ୱାସି ବାରେଜ଼ାଣାତି
ବାରେୱାକି ତାମି ପା଼ପୁ ଜିରୁଟି ୱେଣ୍ଡା ୱ଼ାହାଲି ୱେସିମାନେସି । **୩୧** ଇଚିହିଁ
ଆମିନି ଦିନା ତ଼ାନୁ ଆ଼ଚିତି ମାଣ୍ସି ତ଼ାଣାଟି ଦାର୍ମୁତଲେ ଦାର୍ତିତି ନୀହାଁୟି
କିନେସି, ଇଲେତି ର଼ ଦିନା ତୀରି କିହାମାନେସି, ଇଞ୍ଜାଁ ଇ ବାରେ ସାତା
ଇଞ୍ଜାଁ ତ଼ସାଲି ଏ଼ୱାସି ଏ଼ୱାଣାଇଁ ହ଼ାତାରି ତ଼ାଣାଟି ନିକ୍ହାମାନେସି ।” **୩୨**
ପ଼ାୱୁଲ ତ଼ାଣାଟି ହ଼ାତାରି ୱେଣ୍ଡେ ନିଙ୍ଗ୍ନି କାତା ୱେଞ୍ଜାନା ଏଚରଜ଼ାଣା
ଲାଜା କିତେରି, ଅ଼ଡ଼େ ଏଚରଜ଼ାଣା ଏଲେଇଚେରି, “ମାଙ୍ଗେ ଅ଼ଡ଼େ ୱେଣ୍ଡେ
ୱେସ୍ତାମୁ, ନୀ ତ଼ାଣାଟି ଇ କାତା ୱେନମି ।” **୩୩** ଏଚେଟିଏ ପ଼ାୱୁଲ
ର଼େରଣିଟି ହ଼ଚାହାଚେସି । **୩୪** ଏରିୟପାଗିୟ ଦିୟନୁସିୟ ଗଚିତି ଦାମାରି
ଇନି ର଼ ଇୟା ଇଞ୍ଜାଁ ଅ଼ଡ଼େ ଏଚେକା ଲ଼କୁ ନାମିତେରି ଇଞ୍ଜାଁ ଏ଼ୱାଣିତଲେ
ଆଣ୍ଟିତେରି ।

**୧୮** ଏମ୍ବାଟିଏ ପ଼ାୱୁଲ ଆତିନି ଗା଼ଡ଼ା ପିସାନା କରନ୍ତିତା ହାଚେସି
। **୨** ଇଞ୍ଜାଁ ଏ଼ୱାସି ଆକ୍ୱିଲା ଦ଼ରୁଗାଟି ର଼ ଜୀହୁଦି ଲ଼କୁଇଁ
ବେଟାଆ଼ତେସି, ପନ୍ତ ଏ଼ୱାଣି ଜାର୍ନା ଟ଼ାୟୁ; ଏଚରଦିନା ନ଼କେଏ ଏ଼ୱାସି
ତାନି ଡକ୍ରି ପ୍ରିସ୍କିଲା ତଲେ ଇଟାଲିଟି ୱ଼ାହାମାଚେସି, ଇଚିହିଁ କ୍ଲାଉଦିୟା
ବାରେ ଜୀହୁଦି ଲ଼କୁଇଁ ର଼ମ୍ ପିସା ହାଜାଲି ହୁକୁମି ହୀହାମାଚେସି, ପ଼ାୱୁଲ
ଏ଼ୱାସିକାଣି ର଼େଚି ହାଚେସି, **୩** ଅ଼ଡ଼େ ଏ଼ୱାରି ଏ଼ୱାଣିଲେହେଁ ତ଼ମ୍ବୁ
ର଼େବାରା କିନାରି ମାଚାକି ଏ଼ୱାରିତଲେ ଡ଼ୟିତେସି, ଅ଼ଡ଼େ ଏ଼ୱାରି କାମା
କିହାଲି ମା଼ଟ୍ହେରି, ଏ଼ନାଆଁତାକି ଇଚିହିଁ ର଼େବାରାତା ଏ଼ୱାରି ତ଼ମ୍ବୁ କିନାରି
ମାଚେରି । **୪** ଅ଼ଡ଼େ ବାରେ ଜ଼ମିନି ଦିନାତା ଏ଼ୱାସି ଜୀହୁଦି ଲ଼କୁତି

କୁଟମି ଇଲୁତା ଜ଼ଲ୍କି ଆ଼ହିଁ ଜ଼ାପ୍‌ହେସି, ଜୀହୁଦି ଅ଼ଡ଼େ଼ ଗ୍ରିକ୍ ଲ଼କୁଣି
ନାମି କିୱିକିହାଲି ଅଣ୍‌ପିମାଚେସି । **୫** ଏଚିବେ଼ଲା ସିଲା ଅ଼ଡ଼େ଼ ତିମତି
ମାକିଦନିୟାଟି ୱା଼ତେରି, ଏଚିବେ଼ଲା ପା଼ୱୁଲ ନେହିଁ ବ଼ଲୁ ୱେ଼କ୍‌ନି କାମା
ଜ଼ମାଆନା କିହିମାଚେସି, ଅ଼ଡ଼େ଼ ଜୀସୁଇଁ ମସିହା ଇଞ୍ଜୁଁ ଜୀହୁଦି ଲ଼କୁତା଼ଣା
ସା଼କି ହୀହିମାଚେସି । **୬** ସାମା ଏ଼ୱାରି ଅ଼ପାଆନା ନିନ୍ଦା କିହାଲିଏ ଏ଼ୱାସି
ତାନି ହିମ୍ବ୍ରି ହାଣ୍‌ହାଁନା ଏଲେଇଚେସି, “ମୀରୁ ନା଼ସା ଆତିହିଁ ଏ଼ଦାଆଁତାକି
ମୀରୁ ଦା଼ୟି ଆ଼ଦେରି । ଏ଼ଦାଆଁତାକି ନା଼ନୁ ଦା଼ୟି ଆ଼ଏ, ନୀଏଁ ନା଼ନୁ
ଜୀହୁଦିଆ଼ଆତି ଲ଼କୁତା଼ଣା ହାଜିମାଇଁ ।” **୭** ଏମ୍ବାଟିଏ ଏ଼ୱାସି ଏ଼ ଟା଼ୟୁଟି
ହ଼ଚା ହାଜାନା ତିତସ ଜୁସ୍ତ ଇନି ଜୀହୁଦିଆ଼ଆତି ମାହାପୂରୁ ସେ଼ବା କିନାସି
ଏ଼ୱାଣି ଇଜ ହାଚେସି, ଏ଼ୱାଣି ଇଲୁ ଜୀହୁଦି ଲ଼କୁତି କୁଟମି ଇଲୁ ଡାଗେ
ମାଚେ । **୮** ସାମା ଜୀହୁଦି ଲ଼କୁତି କୁଟମି ଇଲୁତି କାଜାସି କ୍ରିସ୍‌ପ ବାରେ
ଇଲୁ କୁଟମି ତଲେ ପ୍ରବୁ ତା଼ଣା ନାମିତେରି, ଅ଼ଡ଼େ଼ କରନ୍ତି ଗା଼ଡ଼ାତି ଲ଼କୁ
ବିତ୍ରାଟି ହା଼ରେକା ପା଼ୱୁଲତି କାତା ୱେ଼ଞ୍ଜାନା ନାମିତେରି ଅ଼ଡ଼େ଼ ବାପ୍ତିସ୍ମ
ଅ଼ତେରି । **୯** ଅ଼ଡ଼େ଼ ପ୍ରବୁ ଲା଼ଆଁୟାଁ ବେ଼ଲାତା ସେୟାଁଣା ହାପାନାତା
ପା଼ୱୁଲଇଁ ଏଲେଇଚେସି, “ଆଜାଆନି, ସାପି ଡ଼ୟାଆନା ଜ଼ଲାମୁ, **୧୦**
ଇଚିହିଁ ନା଼ନୁ ନୀ ତଲେ ମାଇଁ, ଆମିନି ଲ଼କୁ ଜିକେଏ ନୀ କ଼ପାଟି ନିଙ୍ଗାନା
ନିଙ୍ଗେ ନା଼ସା କିହାଲି ଆ଼ଡଅସି, ଇଚିହିଁ ଈ ଗା଼ଡ଼ାତା ହା଼ରେକା ନା଼ ଲ଼କୁ
ମାନେରି ।” **୧୧** ଇଞ୍ଜାଁ ପା଼ୱୁଲ ଏ଼ୱାରିତା଼ଣା ମାହାପୂରୁତି କାତା ଜ଼ାପ୍‌ହିହିଁ
ର଼ ବାର୍ସା ସ଼ ଲେଞ୍ଜୁ ଡ଼ୟିତେସି । **୧୨** ସାମା ଗାଲିୟ଼ ଆକାୟାତି ରମିୟ଼
ସା଼ଲୱି କିନାସି ମାଚିବେ଼ଲାତା, ଜୀହୁଦି ଲ଼କୁ ପା଼ୱୁଲ କ଼ପାଟି ନିଙ୍ଗାନା
ଏ଼ୱାଣାଇଁ ନୀହାଁୟି କିନାରି ତା଼ଣା ଦସା ଅ଼ହାନା ଏଲେଇଚେରି, **୧୩**
“ଈୱାସି ମ଼ସାତି ମେ଼ରା କ଼ପାଟି ଅ଼ର ର଼ଲେକିଁ ମାହାପୂରୁତି ସେ଼ବା
କିହାଲି ଲ଼କୁଣି ଜ଼ାପ୍‌ହିମାନେସି ।” **୧୪** ସାମା ପା଼ୱୁଲ ଗୂତି ଏ଼କ୍‌ହାନା
ଜ଼ଲାଲି ମା଼ଟ୍‌ହି ମାଚାଟି, ଗାଲିୟନ ଜୀହୁଦି ଲ଼କୁଣି ଏଲେଇଚେସି,
“ଆଡ଼େ଼ ଜୀହୁଦି ଲ଼କୁତେରି ଏ଼ନିଲେହେଁତି ଦ଼ହ କି ଲାଗେଏତି କାମା
ଆ଼ତିହିଁମା ସୂସ୍ତି ତଲେ ମୀ କାତା ୱେ଼ନାୟି ନାଙ୍ଗେତାକି ନେହେଁ ଆ଼ତେମା,
**୧୫** ସାମା ଈଦି ୱା଼ର୍‌ଇ ବ଼ଲୁ ଅ଼ଡ଼େ଼ ଦ଼ରୁ ଅ଼ଡ଼େ଼ ମୀ ମେ଼ରାତି କାତା
ମୀରୁଏ ଈଦାଆଁ ସୂସ୍ତି କିଦୁ । ଇଲେତି କାତାତି ନା଼ନୁ ନୀହାଁୟି କିଅଁ!”
**୧୬** ଏଲେଇଞ୍ଜାନା ଏ଼ୱାସି ଏ଼ୱାରାଇଁ ନୀହାଁୟି କିନି ତା଼ଣାଟି ପେ଼ର୍‌ହା
ତୁସ୍ତେସି । **୧୭** ଏଚେଟିଏ ବାରେଜ଼ାଣା ସସ୍ତାନ ଇନି ଜୀହୁଦି ଲ଼କୁତି କୁଟମି
ଇଲୁତି କାଜାଣାଇଁ ଆସାନା ନୀହାଁୟି ପାଙ୍ଗାତା ୱେ଼ତେରି; ସାମା ଗାଲିୟନ
ଏ଼ ବାରେ କାତାତା ମ଼ନ ହୀଆତେସି । **୧୮** ପା଼ୱୁଲ କରନ୍ତିତା ନାମିତି
ତାୟି ତାଙ୍ଗିସ୍କା ତଲେ ହା଼ରେକା ଦିନା ଡ଼ୟାନା ତାୟିୟାଁ ତା଼ଣାଟି ହେଲ
ବେଟାଆ଼ହାନା ଏ଼ୟୁ ଜ଼ାଜାଟି ସିରିୟାତା ହାଚେସି, ପ୍ରିସ୍କିଲା ଅ଼ଡ଼େ଼ ଆକ୍‌ୱିଲା
ତାନିତଲେ ହାଚେରି, ତାନି ଆ଼ଞ୍ଜିତାୟି ମାଚାକି ଏ଼ୱାସି କେଙ୍କ୍ରେୟାତା
ତାନି ତା଼ୟୁଁ ହିଣ୍‌ହେସି । **୧୯** ଡା଼ୟୁ ଏ଼ୱାରି ଏପିସିୟତା ୱା଼ତେରି, ଅ଼ଡ଼େ଼
ଏ଼ୱାସି ଏ଼ ଟା଼ୟୁତା ଆକ୍‌ୱିଲା ଅ଼ଡ଼େ଼ ପ୍ରିସ୍କିଲାଇଁ ହେଲ ହୀହାନା ପା଼ୱୁଲ
ରଅସିଏ ଜୀହୁଦି ଲ଼କୁତି କୁଟମି ଇଲୁତା ହ଼ଡାନା ଜୀହୁଦିୟାଁ ତଲେ
ହା଼ଡାକାତା ଆ଼ତେରି । **୨୦** ଇଞ୍ଜାଁ ଏ଼ୱାରି ଏ଼ୱାଣାଇଁ ହା଼ରେକା ଦିନା
ଡ଼ୟାଲି ବାତିମା଼ଲିତିହିଁୱା ଏ଼ୱାସି ଡ଼ୟାଲି କୂତେସି । **୨୧** ସାମା ଏ଼ୱାରି
ତା଼ଣାଟି ହେଲ ଅ଼ହାନା ଏଲେଇଚେସି, “ମାହାପୂରୁତି ମ଼ନ ଆତିହିଁ ଅ଼ଡ଼େ଼
ର଼ ଦେବା ମୀ ତା଼ଣା ୱେ଼ଣ୍ଡ୍ରା ୱା଼ଇଁ,” ଇଞ୍ଜାଁ ଏ଼ୱାସି ଏପିସିୟଟି ହାଚେସି
। **୨୨** କାୟିସରିୟାତା ଏଗାହାଜାନା ଏମ୍ବାଟି ଜିରୁସାଲମତା ହାଚେସି,
ଅ଼ଡ଼େ଼ କୁଲମିତି ଜହରା କିହାନା ଏମ୍ବାଟିଏ ଆନ୍ତିୟକିୟାତା ହାଚେସି ।
**୨୩** ଏମ୍ବାଆଁ ଏଚରଦିନା ଡ଼ୟିତି ଡା଼ୟୁ, ଏ଼ୱାସି ଅ଼ଡ଼େ଼ ୱେ଼ଣ୍ଡ୍ରେ ହାଜାନା
ଗାଲାତିୟ଼ ଇଞ୍ଜାଁ ପୁର୍ଗିୟା ନା଼ସ୍‌କା ହୀହାନା ହାଚେସି, ଅ଼ଡ଼େ଼ ଜିରୁତା
ସୀସୁୟାଁଣି ତାମି ନାମୁତା ଆ଼ଟ୍‌ୱା ତଲେ ଡ଼ୟାଲି ରା଼ହାଁ ହୀତେସି । **୨୪**
ଏମ୍ବାଟିଏ ଆପଲ ଦ଼ରୁଗାଟି ର଼ ଜୀହୁଦି ଏପିସିୟତା ୱା଼ତେସି, ଏ଼ୱାସି
ଆଲେକ୍‌ଜାଣ୍ଡ୍ରିୟାତା ଜାର୍ନା ଆ଼ହାମାଚେସି, ଏ଼ୱାସି ନେହିଁକିଁ ୱେ଼ସାଲି
ଆ଼ଡିନାସି ଅ଼ଡ଼େ଼ ଦାର୍ମୁ ପତିତି କାତା ଗାଡି ପୁନାସି ମାଚେସି । **୨୫** ଈୱାସି
ପ୍ରବୁ ଜିରୁତି କାତା ନେହିଁକିଁ ଜ଼ାପାମାଚେସି, ଇଞ୍ଜାଁ ଜୀୱୁତଲେ ବା଼ଡ଼୍‌ୟୁ
ବେଟାଆ଼ହାନା ଜୀସୁତି କାତା ନେହିଁକିଁ ଜ଼ାପ୍‌ହି ମାଚେସି, ଏ଼ୱାସି ୱା଼ର୍‌ଇ
ଜହନତି ବାପ୍ତିସ୍ମ କାତା ପୁଞ୍ଜାମାଚେସି । **୨୬** ଏ଼ୱାସି ସା଼ସାତଲେ ଜୀହୁଦି
ଲ଼କୁତି କୁଟମି ଇଲୁତା ଜ଼ଲାଲି ମା଼ଟ୍‌ହେସି, ସାମା ଆକ୍‌ୱିଲା ଅ଼ଡ଼େ଼ ପ୍ରିସ୍କିଲା
ଏ଼ୱାଣି କାତା ୱେ଼ଞ୍ଜାନା ଏ଼ୱାଣାଇଁ ତାମି ଇଜ ଅ଼ହାନା ଏମ୍ବାଆଁ ହା଼ରେକା
ନେହେଁ ମାହାପୂରୁ ଜିରୁତି କାତା ପୁଣ୍‌ମ୍ବିକିତୁ । **୨୭** ଡା଼ୟୁ ଆପଲ ଆକାୟା
ଦେ଼ସାତା ହାଜାଲି ମ଼ନ କିହାଲିଏ ଏପିସିୟତି ନାମିତି ତାୟିୟାଁ ଏ଼ୱାଣାଇଁ
ସା଼ୟେମି କିତେରି, ଇଞ୍ଜାଁ ଏ଼ୱାଣାଇଁ ରା଼ହାଁତଲେ ଆବାଲି ଆକାୟାତା ମାନି
ସୀସୁୟାଁକି ର଼ ଆ଼କୁ ରା଼ଚିତେରି, ଏ଼ୱାସି ଏମ୍ବାଆଁ ଏଗାହାଜାନା ମାହାପୂରୁ
କାର୍ମାଟି ନାମା ମାନାରାକି ହା଼ରେକା ସା଼ୟେମି କିତେସି । **୨୮** ଇଚିହିଁ
ଜୀସୁଏ ମସିହା ଇଞ୍ଜୁଁ ଦାର୍ମୁ ପତିଟି ନେହିଁକିଁ ତ଼ସାହାଁ ଏ଼ୱାସି ବାରେଜ଼ାଣା
ନ଼କିତା ତାନିତଲେ ଆସ୍‌ପି ଆ଼ହିମାନି ଜୀହୁଦି ଲ଼କୁଣି ହା଼ରୱି କିତେସି ।

**୧୯** ଆପଲ କରନ୍ତିତା ମାଚିବେ଼ଲାତା ପା଼ୱୁଲ ୱେ଼ଡ଼ା ହ଼ପୁୱାକିତି
ରା଼ଜି ରେ଼ଜାନା ଏପିସିୟ଼ ଗା଼ଡ଼ାତା ଏଗାୱା଼ତେସି । ଏମ୍ବାଆଁ
ଏଚରଜ଼ାଣା ସୀସୁୟାଁଣି ବେଟାଆ଼ତେସି, **୨** ଏ଼ୱାସି ଏ଼ୱାରାଇଁ ୱେ଼ଚେସି,
“ମୀରୁ ନାମିତି ରେ଼ଟୁଏ ସୁଦୁଜୀୱୁ ବେଟାଆ଼ହା ମାଚେରି କି?” ଏ଼ୱାରି
ଏଲେଇଚେରି, “ଆ଼ଏ ସୁଦୁଜୀୱୁ ମାନେ ଇଞ୍ଜୁଁ ମା଼ମ୍ବୁ ୱେ଼ଞ୍ଜା ଜିକେଏ
ହିଲଅମି ।” **୩** ପା଼ୱୁଲ ଏ଼ୱାରାଇଁ ୱେ଼ଚେସି, “ଆତିହିଁ ମୀରୁ ଏ଼ନିଲେହେଁତି
ବାପ୍ତିସ୍ମ ବେଟାଆ଼ହା ମାଚେରି ।” ଏ଼ୱାରି ଏଲେଇଚେରି, “ମା଼ମ୍ବୁ ଜହନତି
ବାପ୍ତିସ୍ମ ଅ଼ହାମାଚମି ।” **୪** ଏମ୍ବାଟିଏ ପା଼ୱୁଲ ଏଲେଇଚେସି, “ଜହନତି
ବାପ୍ତିସ୍ମ ହିୟାଁ ୱେଟ୍‌ପି କିୱିକିନି ବାପ୍ତିସ୍ମ; ଜହନ ଇସ୍ରାୟେଲ ଲ଼କୁଣି ବାପ୍ତିସ୍ମ
ହୀହାନା ଏଲେଇଚେସି, ନା଼ ଜେ଼ଚ ଆମ୍ବାଆସି ୱା଼ହିମାନେସି, ଏ଼ୱାଣାଇଁ
ଇଚିହିଁ ଜୀସୁଇଁ ନାମାଦୁ ଇଞ୍ଜୁଁ ୱେ଼ସିମାଚେସି ।” **୫** ଈଦାଆଁ ୱେ଼ଞ୍ଜାନା
ଏ଼ୱାରି ପ୍ରବୁ ଜୀସୁ ଦ଼ରୁତଲେ ବାପ୍ତିସ୍ମ ଅ଼ତେରି । **୬** ଅ଼ଡ଼େ଼ ପା଼ୱୁଲ ଏ଼ୱାରି
ଲାକ କେସ୍କା ଇଟାଲିଏ ସୁଦୁଜୀୱୁ ଏ଼ୱାରି ଲାକ ରେ଼ଚାୱା଼ତେ, ଇଞ୍ଜାଁ
ଏ଼ୱାରି ଏଟ୍‌କା ଏଟ୍‌କା ହା଼ଡାତଲେ କାତା ଜ଼ଲାନା ମାହାପୂରୁତି ଡା଼ୟୁ

ବେଟାଆ଼ହାନା ଜ଼ଲ୍‌କି ଆ଼ହାଲି ବାତିମା଼ଲାତେଏଁ, ଏ଼ନାଆଁତାକି ଇଚିହିଁ
ଆମ୍ବାଆରି ଲାକ ଇସ୍ରାୟେଲ ଲ଼କୁ ବା଼ସୁ କିହାମାନେରି, ଏ଼ୱାରି ତାକି ନା଼ନୁ
ନୀଞ୍ଜୁ ଇ ହିକ୍‌ଣିୟାଁ ତଲେ ଦସ୍‌ପି ଆ଼ହାମାଇଁ ।” **୨୧** ଏ଼ୱାରି ଏଲେଇଚେରି,
“ମା଼ମ୍ବୁ ଜୀହୁଦା ଦ଼େସାଟି ନୀ କ଼ପାଟି ଏ଼ନି ଆ଼କୁ ବେଟାଆ଼ହା ହିଲଅମି,
ଅ଼ଡ଼େ ନୀ କାବୁ ଆସାନା କି ନୀ କ଼ପାଟି ଦ଼ହ ଦସାନା ୱେସାଲି ମା଼
ତାୟିୟାଁ ବିତ୍ରାଟି ଆମ୍ବାଆରି ଇମ୍ବାଆଁ ୱା଼ହାହିଲଅରି । **୨୨** ସାମା ନୀ
ଅଣ୍‌ପୁ ଏ଼ନାୟି ଏ଼ଦାଆଁ ମା଼ମ୍ବୁ ନୀ ତା଼ଣାଟି ୱେଞ୍ଜାଲି ମ଼ନ କିହିମାନମି,
ଇଚିହିଁ ବାରେୱାକିତି ଲ଼କୁ ଇ ଗଚି କ଼ପାଟି କାତା ୱେସିମାନେରି ଇଞ୍ଜିଁ
ମା଼ମ୍ବୁ ପୁଞ୍ଜିମାନମି ।” **୨୩** ଏଚେଟିଏ ଏ଼ୱାରି ର଼ ଦିନା ତୀରି କିହାନା
ହା଼ରେକା ଲ଼କୁ ପା଼ୱୁଲ ମାଚି ଇଲୁତା ୱା଼ତେରି, ଅ଼ଡ଼େ ଏ଼ୱାସି ଲା଼ଇଟିଏ
ଲା଼ଆଁ ପାତେକା ଏ଼ୱାରି ନ଼କିତା ମାହାପ୍ରୁତି ରା଼ଜିତି କାତାତାକି ସା଼କି
ହୀତେସି, ଅ଼ଡ଼େ ମ଼ସାତି ମ଼େରା ଇଞ୍ଜାଁ ମାହାପ୍ରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାରି
କାତା ଆସାନା ଏ଼ୱାସି ଜୀସୁଇଁ ନାମି କିୱି କିୟାଲି ଅଣ୍‌ପିତେସି ।
**୨୪** ଏମ୍ବାଟିଏ ଆମ୍ବା ଆମ୍ବାଆରି ତାନି ୱେସ୍ତି କାତାତି ନାମିତେରି ଇଞ୍ଜାଁ
ଆମ୍ବା ଆମ୍ବାଆରି ନାମାଆତେରି । **୨୫** ଏ଼ କାତାତାକି ଏ଼ୱାରି ତାମି
ବିତ୍ରା ରଣ୍ଡିଏ କାତା ଆ଼ଆଲିଏ ହେଲ ଅ଼ତେରି; ଏ଼ୱାରି ହାନି ନ଼କେଏ
ପା଼ୱୁଲ ର଼ କାତା ୱେସ୍ତେସି, “ସୁଦୁଜୀୱୁ ମୀ ଆକୁ ଆ଼ବାୟାଁଣି ମାହାପ୍ରୁ
ଅଣ୍‌ପୁତି ବ଼ଲୁ ୱେହ୍‌ନି ଜିସାୟ଼ ତା଼ଣାଟି ୱେସାମାଚେସି ।” **୨୬** ଏ଼ୱାସି
ଏଲେଇଞ୍ଜି ମାନେସି, “ଇ ଲ଼କୁତା଼ଣା ହାଜାନା ୱେହ୍‌ମୁ, ମୀରୁ ୱେଞ୍ଜିୱେଞ୍ଜି
ୱେଞ୍ଜେରି, ସାମା ଏ଼ନାଆଁ ତେଲ୍‌ହଅ ତେରି, ଇଞ୍ଜାଁ ମୀରୁ ମେସି ମେସି
ମେହ୍‌ଦେରି, ସାମା ଏ଼ନାଆଁ ପୁଞ୍ଜାଲି ଆ଼ଡଅତେରି, **୨୭** ଇଚିହିଁ ଇ ଲ଼କୁ
ହିୟାଁତା ଉଣା ବୁଦିଗାଟାରି, ଏ଼ୱାରି ଜାହା ଜାହାରା କୀର୍କା କାଣ୍‌କା ମୁଚା
କଡାମାନେରି, ଏଲେଆ଼ହାଁ ହିଲାଆତିହିଁମା, ଏ଼ୱାରି କାଣ୍‌କା ଦେଚାନା
ମେସାଲି ଆ଼ଡିତେରିମା, ଅ଼ଡ଼େ କୀର୍କା ତଲେ ୱେଞ୍ଜାଲି ଆ଼ଡିତେରିମା ।

ଏ୍ୱାରି ହିୟାଁତା ତେଲ୍‌ହାଲି ଆ୍‌ଡିନି ବା୍‌ଡ୍‌ୟୁ ଡ଼ୟିତେମା; ଏ୍ୱାରି ମାହାପୂରୁ
ୱାକି ୱେଣ୍ଟା ୱା୍‌ତେରିମା, ଅ୍‌ଡ଼େ ନା୍‌ନୁ ଏ୍ୱାରାଇଁ ନେହିଁ କିତେଏଁମା ।” **୨୮**
ଡା୍‌ୟୁ ପା୍‌ୱୁଲ ଏଲେଇଚେସି, “ଏ୍‌ଦାଆଁତାକି ମାହାପୂରୁତି ଇ ଗେଲ୍‌ପିନାଣି
ଏଟ୍‌କା କୂଡ଼ାତି ଲ୍‌କୁତା୍‌ଣା ପାଣ୍ତୁୱି ଆ୍‌ହାମାନେ, ଇଦାଆଁ ମୀରୁ ପୁଞ୍ଜୁ;
ଏ୍ୱାରି ଜିକେଏ ୱେନେରି ।” **୨୯** ପା୍‌ୱୁଲ ଇ ବାରେ କାତା ୱେସାଲିଏ,
ଜୀହୁଦିୟାଁ ତା୍‌ମ୍ବୁ ତାମି ବିତ୍ରା ବା୍‌ଦିବା୍‌ଦା ଆ୍‌ହିଁ ହାଚେରି । **୩୦** ପା୍‌ୱୁଲ
ରୀ ବାର୍ସା ପାତେକା ତାନି ବା୍‌ଡ଼ା ଇଲୁତା ଡ଼ୟିତେସି, ଅ୍‌ଡ଼େ ଏଚେକା
ଲ୍‌କୁ ଏ୍ୱାଣି ତା୍‌ଣା ୱା୍‌ହିମାଚେରି, ବାରେତି ଇଜ ହା୍‌ଟା ଅ୍‌ହିମାଚେସି
। **୩୧** ଇଞ୍ଜାଁ ସା୍‌ସାତଲେ ନୀରାସା ଆ୍‌ଆନା ମାହାପୂରୁ ରା୍‌ଜିତି କାତା
ୱେସିମାଚେସି, ଇଞ୍ଜାଁ ପ୍ରବୁ ଜୀସୁ କ୍ରୀସ୍ତୁତି କାତା ଜା୍‌ପ୍‌ହି ମାଚେସି ।

# ରମି

୧ କ୍ରୀସ୍ତ ଜୀସୁତି ହ଼ଲେଏସି ଅ଼ଡ଼େ ମାହାପୂରୁ ହୀହାମାନି ନେହିଁ ବ଼ଲୁ
ୱେକ୍‌ହାଲି ପାଣ୍ତୱି ଆ଼ହାଁ ଆ଼ଚାନା ହ଼ାଟ୍‌କି ଆ଼ହାମାନି ସୀସୁ ପ଼ାୱୁଲତି
ଆ଼କୁ । ୨ ଦାର୍ମୁ ସ଼ାସ୍ତ୍ରେରିତା ର଼ାସ୍‌କି ଆ଼ହାମାନି ଲେହେଁ ଇ ନେହିଁ କାବୁତି
କାତା ତଲି କ଼ାଲାଟିଏ ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାରି ତ଼ାଣାଟି
ଆ଼ଞ୍ଜାମାଚେସି । ୩ ଇଦି ମାହାପୂରୁ ମୀର୍‌ଏଣାତି କାତା, ମ଼ା ପ୍ରବୁ ଜୀସୁ
କ୍ରୀସ୍ତ ମାଣ୍‌ସି ଆ଼ହାଁ ଏ଼ୱାସି ଦାୱୁଦ କୂଡ଼ାତା ଜାର୍ନା ଆ଼ତେସି । ୪ ସାମା
ତାନି ଲାକପୂରୁତି ସୁଦୁଜୀୱୁ ତାକି, କାଜା ହ଼ାକିଟି ନିଡ୍ଗାନା ଏ଼ୱାସି ବ଼ାଡ଼୍‌ୟୁ
ତଲେ ଜୀସୁ ମାହାପୂରୁତି ମୀର୍‌ଏସି ମସିହା ଇଞ୍ଜେଁ ୱେଡ୍ଗିତେସି, ୫ କ୍ରୀସ୍ତ
ତାକି, ମାହାପୂରୁ ନାଙ୍ଗେ ପାଣ୍ତୱିଆ଼ହାମାନି ସୀସୁ ଲେହେଁ ହ଼ାଟାନା,
ବାରେ କୂଡ଼ାତି ଲ଼କୁତ଼ାଣା ନେହିଁ ବ଼ଲୁ ୱେକ୍‌ହାଲି ପାରୁ ହୀହାମାଞ୍ଜାନେସି,
ଏ଼ନିକିହିଁ ଏ଼ୱାରି କ୍ରୀସ୍ତ ଜୀସୁ ତ଼ାଣା ନାମାନା ତାଙ୍ଗେ ମ଼ାନୱି ଆ଼ହାନା
ଡ଼ୟିନେରି । ୬ ରମ୍ ଗ଼ାଡ଼ାତା ବାସାଆ଼ହାମାନି ଲ଼କୁତେରି, ମୀରୁ ଜିକେଏ
ଜୀସୁ କ୍ରୀସ୍ତୁତି ଲ଼କୁ ଆ଼ହାଲି ହ଼ାଟ୍‌କି ଆ଼ହାମାଞ୍ଜେରି । ୭ ରମ୍‌ତି ଆମିନି
ଲ଼କୁଣି ମାହାପୂରୁ ଜୀୱୁ ନ଼ହାମାନେସି ଇଞ୍ଜାଁ ତାନି ଲ଼କୁ ଆ଼ହାଲିତାକି
ହ଼ାଟାମାନେସି, ଏ଼ ବାରେ ଲ଼କୁତାକି ନ଼ାନୁ ଇ ଆ଼କୁ ର଼ାଚିମାଇଁ, ମ଼ା ଆ଼ବା
ମାହାପୂରୁ ଅ଼ଡ଼େ ପ୍ରବୁ ଜୀସୁ କ୍ରୀସ୍ତ ତ଼ାଣାଟି ମିଙ୍ଗେ କାର୍ମାମେହ୍‌ନାୟି
ଅ଼ଡ଼େ ହିଡ଼୍‌ଡ଼ି ଆୟାପେ । ୮ ମୂଲୁଏ, ମୀ ନାମୁତି ନେହିଁ ହ଼ାଡା ବାରେ
ଦାର୍‌ତିତା ୱେଡ୍ଗିମାନେ, ଏ଼ଦାଆଁତାକି ନ଼ାନୁ ମୀ ବାରେଜ଼ାଣା ତାକି ଜୀସୁ
କ୍ରୀସ୍ତ ତ଼ାଣାଟି ନ଼ା ମାହାପୂରୁଇଁ ଜହରା କିହିମାଇଁ । ୯ ନ଼ା ବାରେ ହିୟାଁ
ଜୀୱୁତଲେ ନ଼ାନୁ ଆମିନି ମାହାପୂରୁତି ସ଼େବା କିହିମାଇଁ ଇଞ୍ଜାଁ ଆମିନି
ମାହାପୂରୁତି ମୀର୍‌ଏଣାତି ନେହିଁ କାବୁ ୱେକ୍‌ହିମାଇଁ, ଏ଼ ମାହାପୂରୁ ନ଼ା
ସ଼ାକି । ୧୦ ପ୍ରାତାନା କିନାଟି ନ଼ାନୁ କ଼ାଲେଏ ମିଙ୍ଗେ ଅଣ୍‌ପାଇଁ ଇଞ୍ଜାଁ ମୀ
ତ଼ାଣା ୱ଼ାହାଲି ନାଙ୍ଗେ ପାରୁ ହିୟାନି ମାହାପୂରୁ ତ଼ାଣା ବାତିମ଼ାଲିମାଇଁ ।
୧୧ ଇଚିହିଁ ନ଼ାନୁ ମିଙ୍ଗେ ଆଣ୍ତାଲି ହ଼ାରେକା ମ଼ନ କିହିମାଇଁ, ଇଞ୍ଜାଁ ମିଙ୍ଗେ
ର଼ ଜୀୱୁତି ବ଼ର ହିୟାଇଁ, ଏ଼ନିକିଁ ମୀରୁ ଟୀରିଆ଼ହାନା ମାଞ୍ଜେରି । ୧୨
ଇଦାଆଁ ତଲେ ମ଼ାର ରଅତୱି ରଅଣା ନାମୁତି ଆ଼ଟ୍‌ୱା କିହାଲି ଆ଼ଡିନାୟି
। ୧୩ ଏ଼ ତାୟିୟାଁ ଅ଼ଡ଼େ ତାଡ୍ଗିସ୍କାତେରି, ମୀ ତ଼ାଣା ୱ଼ାହାଲି ତାକି ନ଼ାନୁ
ହ଼ାରେକା ଦେବା ଅଣ୍‌ପାମାଇଁ, ସାମା ହ଼ାରେକା ବ଼ାଦା ବେଟାଆ଼ତାକି,
ନୀଏଁ ପାତେକା ୱ଼ାହାଲି ଆ଼ଡାଆତେଏଁ । ଏଟ୍‌କା କୂଡ଼ାତି ଲ଼କୁତ଼ାଣା
ଜିକେଏ ବ଼ଲୁ ୱେକ୍‌ହାନା ଏ଼ନିକିହିଁ ପ଼ାଡ଼େୟି ବେଟାଆ଼ହାମାଇଁ, ମୀ
ତ଼ାଣା ଜିକେଏ ଏଲେକିହାଲି ନ଼ା ଅଣ୍‌ପୁ । ୧୪ ଏ଼ନାଆଁତାକି ଇଚିହିଁ
ବୁଦିଗାଟାରି ଅ଼ଡ଼େ ପାଙ୍ଗାତାରି ଜ଼ାପିତାରି ଅ଼ଡ଼େ ଜ଼ାପାଆତି ଲ଼କୁ ବାରେ
ଗଚିତି ଲ଼କୁତାକି ନ଼ା ଦାୟିପତି ମାନେ । ୧୫ ଏ଼ଦାଆଁତାକି ରମ୍ ଗ଼ାଡ଼ା
ତାତେରି ମୀରୁ, ମୀ ତ଼ାଣା ଜିକେଏ ନେହିଁ ବ଼ଲୁ ୱେକ୍‌ହାଲି ନ଼ା ଅଣ୍‌ପୁ ।
୧୬ ଇଚିହିଁ ନ଼ାନୁ ନେହିଁ କାବୁ ୱେକ୍‌ହାଲି ଲାଜା ଆ଼ଅଁ, ଏ଼ଦି ନାମିମାନି
ବାରେ ଲ଼କୁତାକି ଗେଲ୍‌ପି ଆ଼ହାଲିତାକି ମାହାପୂରୁତି ବ଼ାଡ଼୍‌ୟୁ, ମୂଲୁଏ
ଜୀହୁଦି ଅ଼ଡ଼େ ଡ଼ାୟୁ ଜୀହୁଦିଆ଼ଆତି ନାମିତି ଲ଼କୁତାକି । ୧୭ ମାଣ୍‌ସି
ଏ଼ନିକିହିଁ ମାହାପୂରୁ ନ଼କିତା ଦାର୍ମୁଗାଟାସି ଇଞ୍ଜେଁ ତ଼ଞ୍ଜାଆ଼ନେସି, ଏ଼ ଉପେୟି
ଏମ୍ବ଼ାଆଁ ତ଼ସ୍‌ପି ଆ଼ହାମାନେ । ମୂଲୁଟିଏ ର଼ାନି ପାତେକା ଗେଲ୍‌ପିଆ଼ନାଣି
ବେଟାଆ଼ନି ଉପେୟି ନାମୁ । ଦାର୍ମୁ ସ଼ାସ୍ତ୍ରେରିତା ର଼ାସ୍‌କି ଆ଼ହାମାନେ,
"ଦାର୍ମୁଗାଟାସି ନାମୁତଲେ ନୀଡିନେସି ।" ୧୮ ଆମିନି ଲ଼କୁ ବାରେ ଲାଗେଏ
କାମାଟି ସାତାଇଁ ଆ଼ଡ୍ଗିମାନେରି, ଏ଼ୱାରି କ଼ପାଟି ଲାକପୂରୁଟି ମାହାପୂରୁତି
କାର୍‌ବି ତ଼ଞ୍ଜା ଆ଼ହାମାନେ । ୧୯ ଏ଼ନାଆଁତାକି ଇଚିହିଁ ମାହାପୂରୁତି କାତା
ଏ଼ନାଆଁ ପୁନାୟି ମାଚେ, ଏ଼ଦାଆଁ ଏ଼ୱାରି ପୁଞ୍ଜାମାନେରି, ମାହାପୂରୁ ଏ଼ୱାରି
ନ଼କିତା ଏ଼ଦାଆଁ ୱେସାମାନେସି । ୨୦ ମାହାପୂରୁ ଦାର୍‌ତି ଗ଼ାଡ଼ିକିତି
ତ଼ାଣାଟିଏ, ତାନି ତ଼ଞ୍ଜା ଆ଼ଆଗାଟି ଗୁଣୁୟାଁ, ତାନି ର଼ାଆଗାଟି ବ଼ାଡ଼୍‌ୟୁ ଅ଼ଡ଼େ
ଲାକପୂରୁତି ଗୁଣୁ, ନେହିଁକିଁ ତ଼ଞ୍ଜା ଆ଼ହିମାନୁ; ତାନି ଗ଼ାଡ଼ିକିତାଆଁ ବାରେ
ଏ଼ୱାଆଁ ମେସାଲି ଆ଼ଡିନାୟି । ଏ଼ଦାଆଁତାକି ଏ଼ୱାରି ପୁଞ୍ଜାହିଲଅମି ଇଞ୍ଜେଁ
ଇଞ୍ଜାଲି ଆ଼ଡଅରି । (aïdios g126) ୨୧ ଏ଼ୱାରି ମାହାପୂରୁଇଁ ପୁଞ୍ଜା ଜିକେଏ
ଏ଼ୱାଣାଇଁ ଗାୱୁରମି କିଆତେରି କି ଏ଼ୱାଣାଇଁ ଜହରା କିଆତେରି । ସାମା
ଏ଼ୱାରି ଅଣ୍‌ପୁ ବାରେ ଉଜେଏତି ଅଣ୍‌ପୁ ଅ଼ଡ଼େ ଏ଼ୱାରି ତେଲ୍‌ହାଆଗାଟି
ମ଼ନ ଆନ୍ଧେରି ଆ଼ହାମାନେ । ୨୨ ଏ଼ୱାରି ଜାହାରାଇଁ ବୁଦିଗାଟାତମି
ଇଞ୍ଜେଁ ଇନେରି, ସାମା ସାତା ତଲେ ଏ଼ୱାରି ବୁଦି ହିଲାଆ ଗାଟାରି; ୨୩
ଅ଼ଡ଼େ ନ଼ାସା ଆ଼ଆଗାଟି ମାହାପୂରୁତି ଗାୱୁରମିତି ନ଼ାସା ଆ଼ନି ମାଣ୍‌ସି,
ସ଼ାରିଗଟା କଡାୟାଁ ଗାଟି ଜ଼ନ୍ତୁ, ପଟାୟାଁ ଅ଼ଡ଼େ ର଼ାସ୍‌କା କୂଡ଼ାତି ବମାୟାଁ
କିହାନା ଏ଼ୱାଆଁତି ପୂଜା କିହିମାନେରି । ୨୪ ଏ଼ଦାଆଁତାକି ମାହାପୂରୁ
ଏ଼ୱାରାଇଁ ହିୟାଁତି ଲାଗେଏତି ଜୂପ୍‌କାତାକି ଏ଼ୱାରାଇଁ ଲାଗେଏତି ତ଼ାଣା
ହେର୍‌ପିତେସି, ଏ଼ନିକିହିଁ ଏ଼ୱାରି ଆଙ୍ଗ ରଅସି ରଅଣି ତଲେ ଲାଜାଗାଟି
କାମା କିହିମାନେରି । ୨୫ ଏ଼ୱାରି ମାହାପୂରୁ କାତାତି ସାତା ପିସାନା ମିଚିତି
ବ଼ାର୍ସୁ କିହିମାନେରି । ଗ଼ାଡ଼ିକିତି ମାହାପୂରୁଇଁ ପୂଜା କିଆନା, ଗ଼ାଡ଼ିଆ଼ତି
ଦିଣ୍‌ସୁ ପୂଜା କିହିମାନେରି; ଏ଼ ଗ଼ାଡ଼ି କିତାଣାଇଁ କ଼ାଲାକ଼ାଲାତାକି ଜହରା ।
ଆ଼ମେନ୍ । (aiōn g165) ୨୬ ଏ଼ୱାରି ଏଲେକିତାକି ମାହାପୂରୁ ଏ଼ୱାରାଇଁ
ଲାଜାଗାଟି ପ଼ାପୁ କାମାତା ହେର୍‌ପିତେସି, ଇଚିହିଁ ଏ଼ୱାରି ଡକ୍ରିସିକା ଡକ୍ରାୟାଁ
ତଲେ କୂଡ଼ାଲି ପିସାନା ଏ଼ୱି ତ଼ାମ୍ବୁ ତ଼ାମ୍ବୁଏ କିଆଗାଟି ଲାଜା କାମାୟାଁ
କିତୁ ୨୭ ଏଲେକିହିଁଏ ଆ଼ବାୟାଁ ଜିକେଏ ଜାହାରା ଡକ୍ରି ତଲେ କୂଡ଼ାଆନା
ଜାହା ଜାହାରା ବିତ୍ରା ଲାଗେଏତି କାମା କିତେରି । ଆ଼ବା ଆ଼ବାୟାଁ ତଲେ
ଲାଜା ଆ଼ନି କାମା କିତେରି, ଏ଼ଦାଆଁତାକି ଏ଼ୱାରି ଲାଗେଏ କାମାତି ଡଣ୍ତ
ବେଟା ଆ଼ହିମାନେରି । ୨୮ ଅ଼ଡ଼େ ଏ଼ନିକିଁ ଏ଼ୱାରି ମାହାପୂରୁତି ବୁଦିତି
କୂହାଲିଏ, ଏଲେକିହିଁଏ ମାହାପୂରୁ କିଆଗାଟି କାମା କିହାଲି ଏ଼ୱାରାଇଁ
ଲାଗେଏତି ଅଣ୍‌ପୁତା ହେର୍‌ପିତେସି । ୨୯ ଏ଼ୱାରି ଦାର୍ମୁ ହିଲାଆଗାଟାୟି,
ଲାଗେଏ ପ଼ଲେଏ, ଜୂପ୍‌କା ଅ଼ଡ଼େ ଇର଼ସା, ଲ଼କୁଇଁ ପ଼ାୟିନାୟି, ଗଡ଼୍‌ହା
କିନାୟି, ନ଼ାଡ଼ିକିନାୟି ଅ଼ଡ଼େ ଲାଗେଏତି କାମା ନେଞ୍ଜାମାନେ; ୩୦ ଏ଼ୱାରି
ଉତୁପାତି, ନିନ୍ଦା କିନାରି, ମାହାପୂରୁଇଁ ଅ଼ପାଆଗାଟାୟି, ଲାଗେଏତି କାମା
କିନାୟି, ଏ଼ୱାରି ଲାଗେଏ କାମା କିହାଲି ପାରୁ ପାରିନେରି; ଏ଼ୱାରି ତାଲି

ତାଞ୍ଜିଇଁ ମ଼ାନି କିଆଗାଟାରି, **୩୧** ଏ଼ୱାରି ବୁଦି ହିଲାଆ ଗାଟାରି, ଜାହାରା
ହୀତିକାତା ଆହ୍‌ଅରି । ଇଞ୍ଜ଼ୁଁ ଏଟ୍‌କାତାରାକି ଇଚାଣି କାର୍ମା ହିଲେଏ
। **୩୨** ଏ଼ୱାରି ପୁଞ୍ଜ଼ାମାନେରି, ମାହାପୂରୁତି ମ଼େରା ଲେହେଁ ଇଲେତି
ଲ଼କୁ ହ଼ାନି ଡଣ୍ଡ ପ଼ାଣ୍‌ନାୟି ମାନେ, ଇଦାଆଁ ପୁଞ୍ଜ଼ାହାଁ ଜିକେଏ ଏ଼ୱାରି
ଏଲେକିହିଁଏ ଲାଗେଏତି କାମା କିହେମାନେରି, ଅ଼ଡ଼େ ଏଲେତି କାମା
କିହିମାନି ଲ଼କୁତଲେ ରା଼ହାଁତଲେ ଆଣ୍ଡିନେରି ।

**୨** ଏ଼ ତାୟି ଅ଼ଡ଼େ ତାଞ୍ଜ଼ି, ମୀମ୍ବୁ ଏ଼ନାଆଁ ଏଟ୍‌କା ଲ଼କୁଣି ନୀହାଁୟି
କିହିମାଞ୍ଜେରି? ମୀରୁ ଆମ୍ବାଆତେରି ଆ଼ତିଜିକେଏ, ଇଲେ କିନାୟି
ମିଞ୍ଜେ ତାକି ନେହେଁ ଆ଼ଏ, ଏଟ୍‌କା ଲ଼କୁଣି ଦ଼ହ ଦସାନା ମୀମ୍ବୁଏ ଏଲେତି
କାମା କିହାନା ଏମ୍ବାଟି ମୀରୁଏ ଦ଼ହ କିହିମାଞ୍ଜେରି । **୨** ଆମିନି ଗାଟାରି
ଇଲେତି କାମା କିନେରି, ମାହାପୂରୁ ଏଲେତି ଲ଼କୁଣି ସାତା ତଲେ ନୀହାଁୟି
କିନେସି, ଇଦାଆଁ ମ଼ାମ୍ବୁ ପୁଞ୍ଜ଼ାମାନମି । **୩** ଏ଼ ତାୟି ଅ଼ଡ଼େ ତାଞ୍ଜ଼ି, ଆମିନି
ଗାଟାରି ଲାଗେଏତି କାମା କିନେରି, ଏ଼ୱାରାଇଁ ନୀହାଁୟି କିହାନା, ମୀମ୍ବୁଏ
ଏଲେତି କାମା କିହିମାଞ୍ଜେରି, ମୀରୁ ମାହାପୂରୁତି ନୀହାଁୟିଟି ଜୀଣା
ଆ଼ନାୟି ଇଞ୍ଜ଼ୁଁ ଅଣ୍‌ପିମାଞ୍ଜେରି କି? **୪** ଆ଼ଆତିଁ, ମାହାପୂରୁତି ହ଼ାରେକା
କାର୍ମାମେହ୍‌ନାୟି ମୀ ହିୟାଁ ବାଦ୍‌ଲି କିନି ୱାକି ଅ଼ହାଲି ଅଣ୍‌ପିନେ, ଇଦାଆଁ
ପୁନାଆନା ମୀରୁ କି ତାନି କାର୍ମାମେହ୍‌ନାଣି, ସ଼ାସା, ଅ଼ର୍‌ହାନା ଡ଼ୟିନି
ଲେହେଁତି ଦ଼ନଇଁ ଅ଼ପିହିଲଅତେରି କି? **୫** ସାମା ମୀରୁ ମୀ ଆ଼ଟ୍‌ୱା
ଅ଼ଡ଼େ ବାଦ୍‌ଲୱି ଆ଼ଆଗାଟି ହିୟାଁ ଲେହେଁ, ଆମିନି ଦିନା ମାହାପୂରୁତି
ନୀହାଁୟି ତ଼ଞ୍ଜାଆ଼ନେ, ଏ଼ କାର୍‌ବିତି ଦିନାତାକି ଜାହାରାତାକି କାର୍‌ବି କୂଡ଼ି
କିହିମାଞ୍ଜେରି; **୬** ଏ଼ୱାସି ବାରେ ଲ଼କୁତାକି ତାମି କିହାମାନି କାମାତି
ପ଼ାଡ଼େୟି ହୀନେସି; **୭** ଆମିନି ଗାଟାରି ସ଼ାସାତଲେ ନେହିଁ କାମା
କିହାନା ଗାୱୁରମି, ମ଼ାନି ଇଞ୍ଜ଼ୁଁ ହ଼ାଆଗାଟାଣି ପାରିନେରି, ଏ଼ୱାରାକି
କା଼ଲାକା଼ଲାତି ଜୀୱୁ ହୀନେସି, (aiōnios g166) **୮** ଆମ୍ବାଆରି ୱାର୍‌ଇ
ତାମ୍‌ଞ୍ଜେ ଅଣ୍‌ପିନେରି, ଇଞ୍ଜ଼ୁଁ ସାତାତି ମ଼ାନୱି ଆ଼ଅରି, ସାମା ଲାଗେଏତାଣି
ମ଼ାନୱି ଆ଼ନେରି; ଏ଼ୱାରାକି କାର୍‌ବି ଅ଼ଡ଼େ କ଼ପା ୱ଼ାନେ, **୯** ଆମ୍ବାଆରି
ଲାଗେଏତି କାମା କିହିମାନେରି ଏ଼ୱାରାକି କା଼କୁଲି ଅ଼ଡ଼େ କସ୍ତୁତି ଦିନା
ୱ଼ାହିମାନେ, ମୂଲୁଏ ଜୀହୁଦି ଲ଼କୁତାକି ଇଞ୍ଜ଼ୁଁ ଡ଼ାୟୁ ଜୀହୁଦିଆ଼ଆତି
ଲ଼କୁତାକି ଆ଼ନେ । **୧୦** ସାମା ମୂଲୁଏ ଜୀହୁଦି ଲ଼କୁକି ଅ଼ଡ଼େ ଜିକେଏ
ଜୀହୁଦିଆ଼ଆତି ଲ଼କୁତାକି, ନେହିଁ କାମା କିହାମାନି ବାରେଜା଼ଣା ତାକି
ଗାୱୁରମି, ମ଼ାନି ଇଞ୍ଜ଼ୁଁ ହିଟ୍‌ଡ଼ି ହିୟାନେସି । **୧୧** ଇଚିହିଁ ମାହାପୂରୁ ତ଼ାଣା
ପାର୍‌ଡ଼ା ବାଚି କିନାୟି ହିଲେଏ । **୧୨** ଜୀହୁଦିଆ଼ଆତି ଲ଼କୁକି ମ଼ସାତି
ମ଼େରା ହିଲାଆନା ପ଼ାପୁ କିହାମାନେରି; ଏ଼ୱାରି ଜିକେଏ ମ଼ସାତି ମ଼େରା
ହିଲାଆନା ନ଼ାସା ଆ଼ନେରି, ଅ଼ଡ଼େ ଏଚେକା ଜୀହୁଦି ଲ଼କୁକି ମ଼ସାତି ମ଼େରା
ପୁଞ୍ଜ଼ାମାନାକି; ଏ଼ୱାରି ପ଼ାପୁ କିହାମାନେରି ଅ଼ଡ଼େ ଏ଼ ମ଼େରା ତଲେ ନୀହାଁୟି
କିୱିଆ଼ନେରି । **୧୩** ଇଚିହିଁ ମ଼େରାତି ୱେଞ୍ଜାନା ଲ଼କୁ ମାହାପୂରୁ ନ଼କିତା
ଦାର୍ମୁଗାଟାରି ଆ଼ଅରି, ସାମା ମ଼େରାତି ମ଼ାନୱି ଆ଼ତିସାରେ ଦାର୍ମୁଗାଟାରି
ଆ଼ନେରି । **୧୪** ଜୀହୁଦିଆ଼ଆତି ଲ଼କୁକି ମ଼େରା ହିଲାଆତିହିଁ ଜିକେଏ
ଏଚିବ଼େଲା ଏ଼ୱାରି ମ଼େରାତା ମାନି ଲେହେଁ କାମା କିନେରି, ଏଚିବ଼େଲା
ଏ଼ୱାରି ମ଼େରା ବେଟା ଆ଼ଆତିହିଁ ଜିକେଏ ତାମ୍‌ଞ୍ଜେ ମ଼େରା ଲେହେଁ
ଆ଼ନେ; **୧୫** ଏ଼ୱାରି କିହିମାନି କାମାଟି ଇଦି ନେହିଁତଲେ ତ଼ଞ୍ଜା ଆ଼ହିମାନେ,
ମ଼େରାତି ମ଼ାନି ଏ଼ୱାରି ହିୟାଁତା ରା଼ସ୍‌କି ଆ଼ହାମାନେ । ଇ କାତାତି ସାତା
ଏ଼ୱାରି ଅଣ୍‌ପୁତା ଜିକେଏ ପାର୍‌ମାଣା ସାତା ତଲେ ଅଣ୍‌ପିନାଟି ଅଣ୍‌ପିନି
ଅଣ୍‌ପୁ ଏ଼ୱାରି କାତାତା ରା଼ଜି ଆ଼ହିମାନେ, ସାତା ଅଣ୍‌ପୁ ଅଣ୍‌ପିନାଟି
ଅଣ୍‌ପୁ ଏ଼ୱାରାଇଁ ନେହାଁରି କିନେ, ଲାଗେଏତି ଅଣ୍‌ପୁ ଅଣ୍‌ପିନାଟି ଦ଼ହ
କିହିମାନେ । **୧୬** ଏମିନି ଦିନା ମାହାପୂରୁ କ୍ରୀସ୍ତୁ ଜୀସୁ ତ଼ାଣାଟି ମାଣ୍‌ସିତି
ଡୁଗାମାନି କାତା ବାରେ ନୀହାଁୟି କିନେସି, ଏ଼ ଦିନା ନ଼ାନୁ ୱେ଼କ୍‌ହିମାନି
ନେହିଁ କାବୁ ଲେହେଁ ଇ ବାରେ ଆ଼ନେ । **୧୭** ମୀରୁ ଜାହାରାଇଁ ଜୀହୁଦିତମି
ଇଞ୍ଜାକଡିମାଞ୍ଜେରି; ମ଼େରାତି ବା଼ର୍ସୁ ଇଟାମାଞ୍ଜେରି ଅ଼ଡ଼େ ମାହାପୂରୁ ତ଼ାଣା
ବଡପଣ କିହିମାଞ୍ଜେରି; **୧୮** ଅ଼ଡ଼େ ମ଼ସାତି ମ଼େରାଟି ଜା଼ପାନା ଏ଼ୱାଣି
ଅଣ୍‌ପୁ ପୁଞ୍ଜିମାଞ୍ଜେରି, ଇଞ୍ଜ଼ୁଁ ନେହାଁଣି ଲାଗେଏତାଣି ବାଚି କିହିମାଞ୍ଜେରି,
**୧୯** ସାତେଏ ମୀରୁ ନେହିଁ କିହିଁ ପୁଞ୍ଜ଼ାମାଞ୍ଜେରି, ମୀରୁ କା଼ଣାୟାଁଣି ଜିରୁ
ତ଼ହ୍‌ନାତେରି, ଆନ୍ଦେରିତା ମାନି ଲ଼କୁତାକି ଉଜେଡ଼ି ଲେହେଁ, **୨୦** ବୁଦି
ହିଲାଆ ଲ଼କୁଣି ୱେହ୍‌ନାତେରି, ପୁନାଆତି ଲ଼କୁଣି ଜା଼ପ୍‌ନାତେରି । ମୀ
ନାମ୍ବୁ, ମ଼େରାଟି ମୀରୁ ସାତା ଅ଼ଡ଼େ ବୁଦି ମ଼େଡ଼ା ଆ଼ହାମାଞ୍ଜେରି । **୨୧**
ମୀରୁ ଏଟ୍‌କାତି ଲ଼କୁଣି ଜା଼ପ୍‌ହି ମାଞ୍ଜେରି, ସାମା ଜାହାରାଇଁ ଏ଼ନାଆଁତାକି
ଜା଼ପ୍‌ହି ହିଲଅତେରି? ସ଼ରୁ କିଆଦୁ ଇଞ୍ଜ଼ୁଁ ଜା଼ପ୍‌ହାନା ମୀରୁଏ ଏ଼ନାଆଁତାକି
ସ଼ରୁ କିହିମାଞ୍ଜେରି? **୨୨** ଦା଼ରି କିଆଦୁ ଇଞ୍ଜ଼ୁଁ ଇଞ୍ଜାନା ମୀରୁଏ ଦା଼ରି
କିହିମାଞ୍ଜେରି? ମୀରୁ ମ଼ପେଣ୍‌କା ବମାୟାଁ ପୂଜା ଅ଼ପାଆନା ମ଼ଦେୱୁଡ଼ିକାତି
ଦିଣ୍‌ସୁ ମ଼ାଣ୍‌ଚି ହିଲଅତେରି କି? **୨୩** ମୀରୁ ମାହାପୂରୁତି ମ଼େରା ବେଟା
ଆ଼ହାମାନମି ଇଞ୍ଜ଼ୁଁ ବଡପଣ ଆ଼ହିମାଞ୍ଜେରି, ସାମା ଏ଼ଦାଆଁ ମ଼ାନି କିଆନା
ମାହାପୂରୁଇଁ ଲାଜା ପ଼ାଣ୍‌ପି କିହିମାଞ୍ଜେରି କି? **୨୪** ସ଼ାସ୍ତ୍ରେରିତା ରା଼ସ୍‌କି
ଆ଼ହାମାନେ, “ମିଞ୍ଜେ ତାକି ଜୀହୁଦିଆ଼ଆତି ଲ଼କୁତ଼ାଣା ମାହାପୂରୁ ଦ଼ରୁ
ନିନ୍ଦା ବେଟା ଆ଼ହିମାନେ ।” **୨୫** ମୀରୁ ମ଼େରାତି ମ଼ାନି କିହିମାଚିସାରେ,
ମୀ ତ଼ଲୁ ଦା଼ପିଆ଼ନାୟି ଲା଼ବା ମାନେ । ସାମା ମ଼େରାତି ମ଼ାନି କିଆସାରେ,
ମୀ ତ଼ଲୁ ଦା଼ପି ଆ଼ତାୟି ତ଼ଲୁ ଦା଼ପିଆ଼ଆତି ଲ଼କୁତଲେ ସମାନା । **୨୬**
ର଼ ଜୀହୁଦିଆ଼ଆତି ଲ଼କୁ ମ଼େରାତି ହୁକୁମିକା ମ଼ାନି କିତିସାରେ ମାହାପୂରୁ
ଏ଼ୱାଣାଇଁ ତ଼ଲୁ ଦା଼ପି ଆ଼ତାସି ଲେହେଁ ଇନଅସି କି? **୨୭** ଏ଼ଦାଆଁତାକି
ଆଙ୍ଗା ତଲେ ତ଼ଲୁ ଦା଼ପିଆ଼ଆତି, ଆମିନି ଜୀହୁଦିଆ଼ଆତାରି ମ଼ସାତି ମ଼େରା
ମ଼ାନି କିନେରି, ଆତିହିଁ ମ଼ସା ରା଼ଚିତି ମ଼େରା ଅ଼ଡ଼େ ତ଼ଲୁ ଦା଼ପି ଆ଼ତିଜିକେଏ
ମ଼େରା ମ଼ାନି କିହିହିଲଅତେରି, ଏ଼ୱାରି ମିଞ୍ଜେ ବିଚାରା କିୟାନେରି ।
**୨୮** ୱାର୍‌ଇ ଆଙ୍ଗା ତଲେ ତ଼ଲୁ ଦା଼ପି ଆ଼ହାନା ପାଙ୍ଗାତା ଜୀହୁଦି ଇଞ୍ଜିହିଁ
ତ଼ସାକଡିମାନି ଲ଼କୁ ଜୀହୁଦି ଆ଼ଏ । **୨୯** ଆମ୍ବାଆସି ହିୟାଁ ବିତ୍ରା ଜୀହୁଦି,
ଏ଼ୱାସି ସାତା ତଲେ ଜୀହୁଦି, ଅ଼ଙ୍କରି ତଲେ ଆ଼ଏ, ଜୀୱୁ ଅ଼ଡ଼େ ହିୟାଁ
ତଲେ ଆମ୍ବାଆସି ତ଼ଲୁ ଦା଼ପି ଆ଼ତାସି, ଏ଼ଦି ସାତା ତ଼ଲୁ ଦା଼ପି ଆ଼ନାୟି

। ଏଲେତି ଲ଼କୁ ମାଣ୍ସି ତ଼ାଣାଟି ମ଼ାନି ବେଟାଆ଼ଅସି, ସାମା ମାହାପ୍ରୁ
ତ଼ାଣାଟି ମ଼ାନି ବେଟା ଆ଼ନେସି ।

**୩** ଆଡିହିଁ ଜୀହୁଦିଆ଼ଆଡି ଲ଼କୁ କିହାଁ ଜୀହୁଦି ଲ଼କୁକି ଏ଼ନାୟି ଗାଡି
ଲ଼ାବା ମାନେ? ତ଼ଲୁ ଦ଼ାଃନାୟି ଏ଼ନି ଲ଼ଡ଼ାମାନେ? **୨** ହ଼ାରେକାଡି,
ମୂଲୁଏ ମାହାପ୍ରୁ ତାନି ନେହିଁ କାବ୍ରୁ ୱେକ୍‌ହାଲି ଦାୟିପତି ଜୀହୁଦି ଲ଼କୁକି
ହେର୍‌ପିତେସି । **୩** ଆଡିହିଁ ଏ଼ନାୟି? ଜୀହୁଦିଙ୍ଗ୍ଣ ତ଼ାଣାଟି ଏଚରଜ଼ାଣା
ନାମାଆସାରେ, ଏ଼ୱାରି ମ଼ାନି କିଆଗାଟାୟି ଏ଼ନାଆଁ ମାହାପ୍ରୁ ନାମୁତି
ଉଜେଏ କିନେ? **୪** ଏଲେଆ଼ହିଁ ଆ଼ଆପେ, ଲ଼କୁ ବାରେଜ଼ାଣା ମିଚିତାରି
ଆଡିହିଁ ଜିକେଏ ମାହାପ୍ରୁ ସାତା । ସ଼ାସ୍ତେରିତା ର଼ାସ୍‌କି ଆ଼ହାମାନେ; "ନୀ
ବ଼ଲୁ ତଲେ ନୀନୁ ଦାର୍ମୁ ଗାଟାତି ଇଞ୍ଜ଼ୁ ୱେଞ୍ଜ଼ିଦି, ନୀହାଁୟି ଆ଼ନି ବ଼େଲାତା
ନୀନୁ ଜୀଣା ଆ଼ଦି ।" **୫** ମ଼ା ଲାଗେଏତି କାମା ମାହାପ୍ରୁତି ନେହିଁ କାମାତି
ପାର୍‌ମାଣା କିନେ, ଆଡିହିଁ ମ଼ାର ଏ଼ନାଆଁ ଇନାୟି? ଆମିନି ମାହାପ୍ରୁ
ଲାଗେଏତି କାମାତାକି ଡଣ୍ତ ହୀନେସି, ଏ଼ୱାସି କି ଦାର୍ମୁ ହିଲାଆଗାଟାସି?
ନ଼ାନୁ ମାଣ୍ସିଲେହେଁ ୱେସିମାଇଁ । **୬** ଏଲେଆ଼ହିଁ ଆ଼ଏ । ମାହାପ୍ରୁ
ଦାର୍ମୁଗାଟାସି ଆ଼ଆଡିହିଁ, ଏ଼ୱାସି ଏ଼ନିକିହିଁ ଦାର୍‌ତିତି ନୀହାଁୟି କିନେସି?
**୭** ସାମା ନ଼ା ମିଚି ତଲେ ମାହାପ୍ରୁତି ସାତାତାୟି ତାନି ଗାୱୁରମି ତାକି
ହ଼ାରେକା ଗାଡି ଆ଼ତେ, ଆଡିହିଁ ନ଼ାନୁ ପ଼ାପୁ ଗାଟାତେଏଁ ଇଞ୍ଜ଼ୁ ଏ଼ନାଆଁତାକି
ନୀହାଁୟି କିୱି ଆ଼ଇଁ? **୮** ମ଼ାର ଏ଼ନାଆଁତାକି ଏଲେଇନାଆୟି, "ୱ଼ାଦୁ ମ଼ାର
ଲାଗେଏତି କାମା କିନ, ଆଡିହିଁ ମାଞ୍ଜେଙ୍ଗତାକି ନେହେଁ ଆ଼ନେ?" ନ଼ାନୁ
ଇଲେତି କାତା ୱେସିମାନାକି ଦାୱା କିହାନା ଏଚେକା ଲ଼କୁ ନାଞ୍ଜେ ନିନ୍ଦା
କିହିମାଞ୍ଜାନେରି, ଏ଼ୱାରି ଇଦାଆଁତାକି ଆମିନି ଡଣ୍ତ ପ଼ାଣ୍ନାୟି ମାନେ,
ସ଼ାତାତଲେ ବେଟାଆ଼ନେରି । **୯** ଆଡିହିଁ ଜୀହୁଦି ଲ଼କୁ ଜୀହୁଦିଆ଼ଆଡି
ଲ଼କୁ କିହାଁ ହ଼ାରେକା ନେହାଁରି ମାନେରି? ଏଚେଲାୱା ଆ଼ଏ, ନ଼ାନୁ ନ଼କେଏ
ୱେସାମାଞ୍ଜାଇଁ ଜୀହୁଦି ଅ଼ଡ଼େ ଜୀହୁଦିଆ଼ଆଡି ଲ଼କୁ ପ଼ାପୁତି ବ଼ାଡ଼୍ୟୁତା
ମାନେରି, **୧୦** ଦାର୍ମୁ ସ଼ାସ୍ତେରିତା ର଼ାସ୍‌କି ଆ଼ହାମାନେ; "ଦାର୍ମୁଗାଟାସି
ଆମ୍ବାଆସି ହିଲଅସି, ରଅସି ଜିକେଏ ହିଲଅସି, **୧୧** ରଅସି ଜିକେଏ
ବୁଦିଗାଟାସି ହିଲଅସି; କି ମାହାପ୍ରୁଇଁ ପାରିନାସି ହିଲଅସି । **୧୨**
ଏ଼ୱାରି ବାରେଜ଼ାଣା ମାହାପ୍ରୁ ତ଼ାଣାଟିଏ ହେକ ହାଜାମାନେରି; ଏ଼ୱାରି
ବାରେଜ଼ାଣା ଲାଗେଏ ଜିରୁତା ହାଜାମାନେରି; ଆମ୍ବାଆସି ଜିକେଏ ରଅସି
ସାତାପ଼ାଣାତି କାମାକିନାସି ହିଲଅସି । **୧୩** ଏ଼ୱାରି ହ଼ାଡା ଦେପିଆ଼ତି
ମାଡ଼୍‌ହା ମୁହ୍‌ନି ଟ଼ାୟୁ, ଏ଼ୱାରି ଗୂଟିଟି ମିଚି କାତା ହ଼ଚିମାନେ, ଲୂଡ଼ା
ଡ଼ଇ ଅ଼ଟୁ କ଼ାଚାମାନି ର଼ାଚୁତି ବୀସାମାନେ । **୧୪** ଏ଼ୱାରି ଗୂଟିଟି କାତା
କାମ୍ବେଲି ଗାଟାୟି ଇଞ୍ଜ଼ୁ ବ଼ାକା ତଲେ ନେଞ୍ଜାମାନେ । **୧୫** ଏ଼ୱାରି ଇର୍‌ହାଲି
ଅ଼ଡ଼େ ପାୟାଲି ଦେବୁଣିଏ ହ଼ନେରି । **୧୬** ଏ଼ୱାରି ଆମ୍ବିୟାୱାକି ହାନେରି,
ଏମ୍ବାଆଁ ନ଼ାସା ଇଞ୍ଜ଼ୁ ସ଼ାସ୍ତି ବେଟାଆ଼ନେରି । **୧୭** ଏ଼ୱାରି ହିଡ଼୍‌ଡ଼ିତି ଜିରୁ
ପୁଞ୍ଜାହିଲଅରି, **୧୮** ମାହାପ୍ରୁଇଁ ଆଜିନାୟି ଏ଼ୱାରିତ଼ାଣା ହିଲେଏ ।" **୧୯**
ମ଼ାର ପୁଞ୍ଜାମାନାୟି, ମ଼େରା ମ଼ାନି କିହିମାନେରି, ଏମ୍ବାତି ବାରେ ହୁକୁମିଇଁ
ଏ଼ୱାରି ମ଼ାନି କିନାୟିମାନେ । ମାହାପ୍ରୁ ଏଚିବ଼େଲା ବାରେ ଦାର୍‌ତିତି
ବିଚାରା କିନେସି, ମ଼େରାତି ମ଼ାନି କିଆଗାଟି ଲ଼କୁ ଜାହାରାଇଁ ଦ଼ହ ହିଲାଆ
ଗାଟାତମି ଇଞ୍ଜ଼ୁ ଇଞ୍ଜାଲି ଆ଼ଡଅରି । **୨୦** ସାମା ମ଼େରା ତଲେ କିନି କାମା
ମ଼ାନି କିହାଁ ଆମ୍ବାଆସି ଜିକେଏ ମାହାପ୍ରୁ ନ଼କିତା ଦାର୍ମୁଗାଟାସି ଆ଼ହାଲି
ଆ଼ଡଅସି । ଇଚିହିଁ ମ଼େରାଟି ମାଣ୍ସି ୱାର୍‌ଇ ପ଼ାପୁତି ପୁଞ୍ଜାଲି ଆ଼ଡିମାନେସି
। **୨୧** ମାହାପ୍ରୁ ମାଣ୍ସିଇଁ ତାନିତଲେ ନେହିଁକିଁ ଆଣ୍ତାଲି ତାକି ମ଼େରା
ପିସ୍‌ପେ ଏ଼ନାଆଁ କିହାମାନେସି, ଏ଼ଦି ନୀଏଁ ତ଼ଞ୍ଜା ଆ଼ହିମାନେ । ଏ଼ କାତା
ମ଼ସାତି ମ଼େରା ଇଞ୍ଜ଼ୁ ମାହାପ୍ରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାରି ଜିକେଏ ସ଼ାକି
ହୀହାମାନେରି । **୨୨** ୱାର୍‌ଇ ଜୀସୁ କ୍ରୀସ୍ତ ତ଼ାଣା ନାମିତାକି ଲ଼କୁ ମାହାପ୍ରୁ
ନ଼କିତା ଦାର୍ମୁଗାଟାରି ଆ଼ନେରି । ମାହାପ୍ରୁ ଆମ୍ବାଆରାଇଁ ପାର୍‌ଡ଼ା ବାଚି
କିଆନା କ୍ରୀସ୍ତଇଁ ନାମିତି ବାରେ ଜ଼ାଣାକି ର଼ ପାରୁ ହୀନେସି । **୨୩**
ବାରେଜ଼ାଣା ପ଼ାପୁ କିହାମାନେରି ଅ଼ଡ଼େ ମାହାପ୍ରୁତି ଗାୱୁରମିଟି ହେକ
ଆ଼ହାମାନେରି । **୨୪** ସାମା, ଏ଼ୱାରି ଉଜେଏ ମାହାପ୍ରୁତି କାର୍ମାମେହ୍‌ନି
ଦ଼ାନା ତଲେ କ୍ରୀସ୍ତ ଜୀସୁ ତ଼ାଣା ଆମିନି ଗେଲ୍‌ପି ଆ଼ନାୟି ମାନେ, ଏ଼ଦାଆଁ
ତଲେ ଦାର୍ମୁଗାଟାରି ଆ଼ନେରି । **୨୫** ମାହାପ୍ରୁ ଜୀସୁଇଁ ଦ଼ାନା ହୀତେସି,
ଏ଼ନିକିଁ ଏ଼ୱାଣି ହ଼ାକି, ଏ଼ୱାଣି ତ଼ାଣା ନାମାମାନି ଲ଼କୁତାକି ପ଼ାପୁ ମେଣ୍ଡ଼୍ନି
ଉପେୟି ଆ଼ନେ । ମାହାପ୍ରୁ ଅ଼ର୍‌ହାନା ଲ଼କୁ କିହାମାନି ତଲିତି ପ଼ାପୁତି
ତ଼ସାହିଲଅସି । **୨୬** ସାମା ନୀଏଁ ଏ଼ୱାସି ଜାହାରା ଦାର୍ମୁ ଗାଟାଣି ତ଼ସାଲି
ତାକି ପ଼ାପୁ ମ୍ଳେକ୍‌ନି ମ଼େରା କିହାମାନେସି । ଇଦାଆଁ ତଲେ ମାହାପ୍ରୁ
ତ଼ସାମାନେସି, ଏ଼ୱାସି ତ଼ାନୁଏ ଦାର୍ମୁଗାଟାସି ଇଞ୍ଜ଼ୁ ଆମ୍ବାଆସି ଜୀସୁ ତ଼ାଣା
ନାମିନେସି, ଏ଼ୱାସି ବାରେଜ଼ାଣାତି ଦାର୍ମୁ ଗାଟାରିଲେହେଁ ଆବିନେସି । **୨୭**
ଆଡିହିଁ ଆମିନି କାତାତା ମ଼ାର ବଡପଣ ଆ଼ନାୟି? ଆ଼ଏ, ଏଲେତି କାତା
ଏ଼ନାୟି ହିଲେଏ । ବଡପଣ ଆ଼ହାଲିତାକି ମ଼ା ତ଼ାଣା ଏ଼ନାୟି ମାନେ?
ମ଼ାର ବାରେ ହୁକୁମି ମ଼ାନୱି ଆ଼ହିମାନାୟି ଇଞ୍ଜିହିଁ କି? ଆ଼ଏ, ୱାର୍‌ଇ
ନାମୁଏ ମ଼ା ବଡପଣ ଆ଼ନେ । **୨୮** ମ଼ାର ନେହିଁକିଁ ତେଲ୍‌ହାଲି ଆ଼ଡିନାୟି.
ରଅସି ୱାର୍‌ଇ ତାନି ନାମୁତଲେ ମାହାପ୍ରୁ ନ଼କିତା ଦାର୍ମୁଗାଟାସି ଇଞ୍ଜ଼ୁ
ୱେଞ୍ଜିନେସି, ମ଼େରାତି ମ଼ାନି କିତିସାରେ ଆ଼ଏ । **୨୯** ମାହାପ୍ରୁ ୱାର୍‌ଇ
ଜୀହୁଦି ଲ଼କୁତି ମାହାପ୍ରୁକି? ଏ଼ୱାସି ଜୀହୁଦିଆ଼ଆଡି ଲ଼କୁତି ମାହାପ୍ରୁ
ଆ଼ଏକି? ସାତେଏ ଏ଼ୱାସି ବାରେ ଲ଼କୁତି ମାହାପ୍ରୁ । **୩୦** ଏ଼ନାଆଁତାକି
ଇଚିହିଁ, ମାହାପ୍ରୁ ରଅସିଏ, ଅ଼ଡ଼େ ଏ଼ୱାସି ଜୀହୁଦି ଇଞ୍ଜ଼ୁ ଜୀହୁଦିଆ଼ଆଡି
ଲ଼କୁତି ନାମୁ ତାକି ଏ଼ୱାସି ଏ଼ୱାରାଇଁ ଦାର୍ମୁ ଗାଟାରିଲେହେଁ ଆବିନେସି ।
**୩୧** ଆଡିହିଁ, ମ଼ାର କି ନାମୁତଲେ ମ଼ସାତି ମ଼େରା ମ୍ଳେକ୍‌ହି ମାନାୟି? ଏ଼ଦି
ଏଚେଲା ଜିକେଏ ଆ଼ଆପେ, ସାମା ମ଼ାର ନାମୁତଲେ ମ଼ସାତି ମ଼େରାଇଁ
ଜାଣ୍ଟେ ତୀରି କିହିମାନାୟି ।

**୪** ଆଡିହିଁ ଆଜ୍ଣ ତଲେ ମ଼ା ଆକୁ ଅବ୍ରାହାମ ଏ଼ନାଆଁ ବେଟାଆ଼ହାମାନେସି
ଇଞ୍ଜିହିଁ ମ଼ାର ଏଲେଇନାୟି? **୨** ଅବ୍ରାହାମ ତାନି ଜାହାରା କାମାଟି
ମାହାପ୍ରୁ ତ଼ାଣା ଦାର୍ମୁଗାଟାସି ଆ଼ହା ମାଚିହିଁମା, ଏ଼ୱାଣାକି ବଡପଣ କିନି
କାତା ମାଚେ । ସାମା ମାହାପ୍ରୁ ୱାକିଟି ଏ଼ଦି ଆ଼ହାହିଲାଆତେ । **୩**
ଦାର୍ମୁ ସ଼ାସ୍ତେରି ଲେହେଁ, "ଅବ୍ରାହାମ ମାହାପ୍ରୁଇଁ ନାମିତେସି, ଅ଼ଡ଼େ ଏ଼

ନାମୁତାକି ମାହାପୂରୁ ଏ୍ୱାଣାଇଁ ଦାର୍ମୁ ଗାଟାଣି ଲେହେଁ ଅ୍ପିତେସି ।" ୪
ଆମ୍ବାଆସି କାମା କିନେସି, ଏ୍ୱାଣାକି ତାନି କୂଲି ମେ୍ଡ଼ାଅ୍ନେ, ଏ୍ଦି ଦ୍ାନା
ହୀନାୟି ଅ୍ାହାଲି ଅ୍ାଡେଏ, ଏ୍ଦି କାମାତି ପ୍ାଡ଼େୟି ଇଞ୍ଜୁଁ ଇଣ୍ମ୍ରି ଅ୍ାନେ ।
୫ ସାମା ଆମ୍ବାଆସି ତାନି କାମାତା ଅ୍ାସା କିଆନା, ଦାର୍ମୁ ହିଲାଆଗାଟାଣାଇଁ
ଏମିନି ମାହାପୂରୁ ଦାର୍ମୁଗାଟାସି ଇଞ୍ଜୁଁ ଆବିନେସି, ଏ୍ୱାଣି ତ୍ାଣା ନାମିନେସି,
ଏ୍ୱାଣି ନ୍କିତା ଏ୍ୱାଣି ନାମୁ ଦାର୍ମୁଗାଟାୟି ଇଞ୍ଜୁଁ ୱେଡ଼୍ଗିନେ । ୬ ଆମିନି
ଲ୍କୁଇଁ କାମା ଲ୍ଡ଼ାତି ସିନି କିଆନା ମାହାପୂରୁ ଏ୍ୱାଣାଇଁ ଦାର୍ମୁଗାଟାସି
ଇଞ୍ଜୁଁ ଆବିନେସି, ଏ୍ୱାଣାଇଁ ନେହାଁସି ଇଞ୍ଜୁଁ ଦାଉ୍ଦ ଏଲେଇଞ୍ଜା ମାନେସି;
୭ "ଆମ୍ବାଆରି ଦ୍ହ ମେଣ୍ଡ୍ଗି କିୱିଅ୍ାହାମାନେ, ଆମ୍ବାଆରି ପ୍ାପୁ ମେଣ୍ଡ୍ଗି
କିୱିଅ୍ାହାମାନେ, ଏ୍ୱାରାକି ନେହେଁ । ୮ ପ୍ରବୁ ଆମ୍ବାଆରି ପ୍ାପୁ ଆହ୍ଅସି,
ଏ୍ୱାଣାକି ନେହେଁ!" ୯ ଇମ୍ବାଆଁ ଦାଉ୍ଦ ଆମ୍ବାଆରାଇଁ ନେହେଁ ଇଞ୍ଜୁଁ
ୱେସାମାନେସି, ଏ୍ୱାରି କି ୱାର୍ଇ ତ୍ଲୁ ଦ୍ାପି ଅ୍ାତି ଲ୍କୁ ମାଚେରି? କି,
ତ୍ଲୁ ଦ୍ାପିଅ୍ାଆତି ଲ୍କୁ ଜିକେଏ ନେହାଁରି ଅ୍ାହାଲି ଅ୍ାଡିନେରି । ମ୍ାର
ଏଲେ ଇଞ୍ଜିମାନାୟି, "ଅବ୍ରାହାମ ନାମୁତଲେ ଦାର୍ମୁଗାଟାସି ଇଞ୍ଜୁଁ ୱେଡ଼୍ଗିତେସି
।" ୧୦ ଆତିହିଁ ଏ୍ଦି ଏଚେଲା ଅ୍ାହାମାଚେ? ଅବ୍ରାହାମ ତ୍ଲୁ ଦ୍ାପି ଅ୍ାତି
ଡ୍ାୟୁ କି, ତାନି ନ୍କେଏ? ତ୍ଲୁ ଦ୍ାପି ଅ୍ାଆନକେଏ, ଡ୍ାୟୁ ଅ୍ାଏ । ୧୧
ତ୍ଲୁ ଦ୍ାପି ଅ୍ାତି ନ୍କେଏ ଅବ୍ରାହାମ ନାମୁ ତାକି ମାହାପୂରୁ ଏ୍ୱାଣାଇଁ
ଦାର୍ମୁ ଗାଟାଣା ଲେହେଁ ଆବା ମାଚେସି । ଇଦାଆଁ ପୁଣ୍ମ୍ରି କିହାଲିତାକି ର୍
ସିନାଲେହେଁ ଅବ୍ରାହାମ ଇ ତ୍ଲୁ ଦ୍ାପିଅ୍ାନି ମେ୍ରା ବେଟାଅ୍ାହା ମାଚେସି,
ଇଚିହିଁ, ଆମିନି ଗାଟାରି ତ୍ଲୁ ଦ୍ାପି ଅ୍ାଆନା ଜିକେଏ ମାହାପୂରୁ ତ୍ାଣାଟି
ଦାର୍ମୁଗାଟାସି ଇଞ୍ଜିହିଁ ଆବିତାସି, ସୁଦୁ ମାଣ୍କିଟି ଅବ୍ରାହାମ ଏ୍ୱାରି ତାଞ୍ଜି ।
୧୨ ଅ୍ାବା ଅବ୍ରାହାମ ତ୍ଲୁ ଦ୍ାପି ଅ୍ାତି ନ୍କେଏଟିଏ ଆମିନି ନାମୁତି କାତା
ତ୍ସାମାଚେସି, ତ୍ଲୁ ଦ୍ାପିଅ୍ାଆତି ଲ୍କୁ ଜାହାରା ଜୀୱୁତା ଏଲେତି ନାମୁ
ତ୍ସାଲି ଅ୍ାଡିସାରେ, ଅବ୍ରାହାମ ଏ୍ୱାରାକି ଜିକେଏ ତାଞ୍ଜି ଅ୍ାନେସି । ୧୩
ଅବ୍ରାହାମ ମେ୍ରାତି ମ୍ାନି କିହାମାନାକି ଅ୍ାଏ । ୱାର୍ଇ ତାନି ନାମୁ ତାକି
ମାହାପୂରୁ ତ୍ାଣାଟି ଦାର୍ମୁଗାଟାସି ଇଞ୍ଜୁଁ ୱେଡ଼୍ଗାମାଚେସି ଇଞ୍ଜାଁ ଏ୍ଦାଆଁତାକି
ତାନି ମୀର୍କା ମ୍ାସ୍କା ଦାର୍ତିତି ଅଦିକାରା ବେଟାଅ୍ାନେରି ଇଞ୍ଜୁଁ ମାହାପୂରୁ
ଅ୍ାଞ୍ଜାମାଚେସି । ୧୪ ଆମ୍ବାଆରି ମେ୍ରାତି ମ୍ାନି କିନାରି, ୱାର୍ଇ ଏ୍ୱାରି
ମାହାପୂରୁତି ଦ୍ାନା ବେଟାଅ୍ାନେରି ଇଚିସାରେ, ମାଣ୍ସିତି ନାମୁ ଉଜେଏ,
ମାହାପୂରୁ ଅ୍ାଞ୍ଜାମାନାୟି ଜିକେଏ ଉଜେଏତାୟି ଅ୍ାନେ । ୧୫ ଇଚିହିଁ
ମ୍ସାତି ମେ୍ରା ଉରିନି ତ୍ାଣାଟି ମାହାପୂରୁତି କାର୍ବି ଗାଟାସି ଅ୍ାନେସି,
ସାମା ଆମ୍ବିୟା ମେ୍ରା ହିଲେଏ, ଏମ୍ବାଆଁ ମେ୍ରା ଉରିନି କାତା ହିଲେଏ
। ୧୬ ଏ୍ଦାଆଁତାକି ମାହାପୂରୁତି ଅ୍ାଞ୍ଜାମାନାୟି ନାମୁ ଅ୍ଡେ କାର୍ମାତି
ଲାକ ଇଟ୍କି ଅ୍ାହାମାନେ । ଆମିନି ଗାଟାରି ମେ୍ରାତି ମ୍ାନି କିନେରି,
ୱାର୍ଇ ଏ୍ୱାରାକିଦେହେଁ ମାହାପୂରୁତି ଅ୍ାଞ୍ଜାମାନାୟି ଅ୍ାଏ । ଅବ୍ରାହାମ
ଲେହେଁ ନାମିମାନି ବାରେ ଲ୍କୁତାକି ଜିକେଏ ଅ୍ାନେ, ଏ୍ନାଆଁତାକି ଇଚିହିଁ
ଅବ୍ରାହାମ ଏ୍ୱାରି ସୁଦୁ ମାଣ୍କିତି ତାଞ୍ଜି; ୧୭ ଆମିନି ମାହାପୂରୁଇଁ ଅବ୍ରାହାମ
ନାମିମାଚେସି, ଆମ୍ବାଆସି ହ୍ାତାରାଇଁ ୱେଣ୍ଡେ ଜୀୱୁ କିନେସି, ଅ୍ଡେ
ହିଲାଆଗାଟି ଦିଣ୍ସୁତି ମାନି ଲେହେଁ ହ୍ାଟିନେସି, ଏ୍ ମାହାପୂରୁ ନ୍କିତା
ଏ୍ୱାସି ମ୍ା ତାଞ୍ଜି ଅ୍ାହାମାନେସି, ଇ କାତା ଦାର୍ମୁ ସ୍ାସ୍ତ୍ରେରିତା ର୍ାସ୍କି
ଅ୍ାହାମାନେ, "ନିଡ଼୍ଗେ ହ୍ାରେକା କୂଡ଼୍ାତି ଲ୍କୁତି ତାଞ୍ଜି କିହାମାଞ୍ଜାନମି
।" ୧୮ ଅ୍ାସା କିନାୟି ଏ୍ନାୟି ହିଲାଆତି ଜିକେଏ ଅବ୍ରାହାମ ନାମିତେସି
ଇଞ୍ଜାଁ ଅ୍ାସା ଇଟିତେସି, ଏ୍ଦାଆଁତାକି "ହ୍ାରେକା କୂଡ଼୍ାତି ତାଞ୍ଜି" ଅ୍ାତେସି
। ଦାର୍ମୁ ସ୍ାସ୍ତ୍ରେରିତା ର୍ାସ୍କି ଅ୍ାହାମାନେ, "ନୀ କୂଡ଼୍ା ହୁକାୟାଁ ଲେହେଁ
ଏ୍ପାଅ୍ାନେରି ।" ୧୯ ଏ୍ୱାଣାକି ଏଚିର୍ବେଲା ପ୍ାସାକ୍ଡ଼ି ବାର୍ସା ଅ୍ାହାମାଚାକି
ଏ୍ୱାସି ତାନି ଆଙ୍ଗ୍ଡ଼ତି ହ୍ାତାୟି ଇଞ୍ଜାଁ ସାରା ଅ୍ଡେ କକାରି ପ୍ଦାଁ ଅ୍ାନି ଗ୍ାରା
ଜିକେଏ ହ୍ାତାୟି ଇଞ୍ଜୁଁ ଅଣ୍ପିତି ଜିକେଏ ନାମୁତା ଉଣା ଅ୍ାଆତେସି । ୨୦
ଏ୍ୱାସି ତାନି ନାମୁ ପିହ୍ଆତେସି, କି ମାହାପୂରୁ ଅ୍ାଞ୍ଜାମାନାଣି ଆନାମାନା
ଅ୍ାଆତେସି । ଏ୍ୱାସି ନାମୁତା ବ୍ାଡ଼୍ୟୁ ଅ୍ାତେସି ଇଞ୍ଜାଁ ମାହାପୂରୁଇଁ ଜହରା
କିତେସି । ୨୧ ମାହାପୂରୁ ଏ୍ନାଆଁ ଅ୍ାଞ୍ଜାମାଚେସି, ଏ୍ୱାସି ଏ୍ଦାଆଁ ମ୍ାନି
କିନେସି ଇଞ୍ଜୁଁ ଏ୍ୱାଣାକି ଜାଣ୍ଟେ ନାମୁ ମାଚେ । ୨୨ ଏ୍ଦାଆଁତାକି ତାନି
ନାମୁତଲେ ଅବ୍ରାହାମ, "ମାହାପୂରୁ ତ୍ାଣାଟି ଦାର୍ମୁଗାଟାସି ଅ୍ାହାମାଚେସି
।" ୨୩ "ଅବ୍ରାହାମ ଦାର୍ମୁଗାଟାସି ଇଞ୍ଜୁଁ ୱେଡ଼୍ଗାମାଚି" କାତା ୱାର୍ଇ ଏ୍ୱାଣି
ତାକିଏଦେଁ ର୍ାସ୍କି ଅ୍ାହାହିଲେଏ । ୨୪ ସାମା ଇ କାତା ମାଙ୍ଗେତାକି
ଜିକେଏ ର୍ାସ୍କି ଅ୍ାହାମାନେ; ଇଚିହିଁ ଆମ୍ବାଆସି ମ୍ା ପ୍ରବୁ ଜୀସୁଇଁ ହ୍ାତାରି
ତ୍ାଣାଟି ନିକ୍ହାମାନେସି, ଏ୍ୱାଣି ତ୍ାଣା ମ୍ାର ନାମିମାନାୟି, ମାଙ୍ଗେତାକି
ଜିକେଏ ଏ୍ଦି ଅ୍ାନେ । ୨୫ ଏ୍ ପ୍ରବୁ ଜୀସୁ ମ୍ା ପ୍ାପୁତି ବାଦୁଲି ହ୍ାହାଲି
ହେର୍ପିଅ୍ାହା ମାଚେସି ଇଞ୍ଜାଁ ମାହାପୂରୁ ନ୍କିତା ମାଙ୍ଗେ ଦାର୍ମୁ ଗାଟାତାୟି
କିହାଲି ୱେଣ୍ଡେ ନିଡ଼୍ଗିତେସି ।

**୫** ନୀଏଁ ନାମୁତଲେ ମ୍ାର ମାହାପୂରୁ ନ୍କିତା ଦାର୍ମୁ ଗାଟାତାୟି
ଅ୍ାହାମାନାୟି ଇଞ୍ଜାଁ ପ୍ରବୁ ଜୀସୁ କ୍ରୀସ୍ତ ତ୍ାଣାଟି ମାହାପୂରୁ ତଲେ ମ୍ାର
ହିଟ୍ଡ଼ି ତଲେ ମାନାୟି; ୨ ଏମିନି କାର୍ମାତା ମ୍ାର ମାଞ୍ଜାମାନାୟି, ଏମ୍ବାଟି
ଏ୍ୱାଣି ତ୍ାଣାଟି ନାମୁତା ଜିକେଏ ମାନାୟି; ଇଞ୍ଜାଁ ମ୍ାର ମାହାପୂରୁତି
ଗାୱୁରମିତି ବ୍ାର୍ସୁତା ବଡପଣ କିହିମାନାୟି । ୩ ୱାର୍ଇ ଏ୍ଦି ଅ୍ାଏ,
ବାରେ ଦୁକୁ କସ୍ତତା ଜିକେଏ ମ୍ାର ର୍ାହାଁ କିହିମାନାୟି, ଇଚିହିଁ କସ୍ତଟି
ସ୍ାସା ୱ୍ାନେ, ୪ ସ୍ାସାଟି ବ୍ାଡ଼୍ୟୁ ମାଣ୍କି ୱ୍ାନେ ଇଞ୍ଜାଁ ବ୍ାଡ଼୍ୟୁ ମାଣ୍କିଟି
ବ୍ାର୍ସୁ ୱ୍ାନେ । ୫ ବ୍ାର୍ସୁ ମାଙ୍ଗେ ହୀଣି ଅ୍ାହାଲି ହିୟେଏ, ଏ୍ନାଆଁତାକି
ଇଚିହିଁ ମାହାପୂରୁ ମାଙ୍ଗେ ସୁଦୁଜୀୱୁ ହୀହାନା ମ୍ା ହିୟାଁତା ତାନି ଜୀୱୁ
ନ୍ନାଣି ହୀହାମାଞ୍ଜାନେସି । ୬ ଏଚିର୍ବେଲାତା ମ୍ାର ଏ୍ନି ଉପେୟି
ହିଲାଆଗାଟାତାୟି ମାଚାୟି, ଏଚିର୍ବେଲା ମାହାପୂରୁ ତୀରି କିହାମାଚି
ବେ୍ଲାତା କ୍ରୀସ୍ତ ପ୍ାପୁ ଲ୍କୁତାକି ହ୍ାତେସି । ୭ ଦାର୍ମୁତି ଲ୍କୁତାକି ଆମ୍ବାଆସି
ଜିକେଏ ହ୍ାଅସି, ନେହିଁ ଲ୍କୁତାକି ଆମ୍ବାଆସି ଜୀୱୁ ହୀହାଲି ଅଣ୍ପିନେସି
। ୮ ସାମା ମ୍ାର ପ୍ାପୁଗାଟି ଲ୍କୁ ମାଚାଟି ଜିକେଏ କ୍ରୀସ୍ତ ମ୍ା ତାକି ତାନି
ଜୀୱୁ ହୀତେସି, ଇଦାଆଁ ତଲେ ମାହାପୂରୁ ମାଙ୍ଗେ ଏଚେକା ଜୀୱୁନ୍ହିଁ
ମାଞ୍ଜାନେସି, ଏ୍ଦାଆଁ ତ୍ସାମାଞ୍ଜାନେସି । ୯ ଏ୍ଦାଆଁତାକି ଇ କାତା ସାତା,
ମ୍ାର ନୀଏଁ ଏ୍ୱାଣି ନେତେରି ତଲେ ଦାର୍ମୁ ଗାଟାତୱି ଅ୍ାହାମାନାକି ଏ୍ୱାଣି

ତ଼ାଣାଟି ମାହାପୁରୁତି କ଼ପାଟି ଗେଲ୍‌ପି ଆ଼ହାଲି ଆ଼ଡିନାୟି । ୧୦ ମ଼ାର
ମାହାପୂରୁତି ସାତୁୟାଁ ମାଚାୟି, ସାମା ମ଼ାର ତାନି ମୀର୍‌ଏଣା ହ଼ାକିଟି
ତାନିତଲେ ଆଣ୍ଡିତାୟି, ନୀଏଁ ମ଼ାର ମାହାପୂରୁ ତଲେ ଆଣ୍ଡାନା କ୍ରୀସ୍ତୁତି
ଜୀୱୁତଲେ ଗେଲ୍‌ପି ଆ଼ନାୟି । ୧୧ ୱାର୍‌ଇ ଏଚେକା ଆ଼ଏ, ସାମା
ପ୍ରବୁ ଜୀସୁ କ୍ରୀସ୍ତୁତି ତାକି ମ଼ାର ନୀଏଁ ମାହାପୂରୁ ତଲେ ଆଣ୍ଡୁମାନାୟି;
ଏ଼ୱାଣି ତ଼ାଣାଟି ମ଼ାର ମାହାପୂରୁ ତ଼ାଣା ବଡପଣ ଜିକେଏ ଆ଼ହିମାନାୟି
। ୧୨ ରଅଣି ତ଼ାଣାଟି ପ଼ାପୁ ଦାର୍‌ତିତା ୱାତେ ଅ଼ଡ଼େ ପ଼ାପୁ ତଲେ ହ଼ାକି
ୱାତେ, ବାରେଜ଼ାଣା ପ଼ାପୁ କିତାକି ହ଼ାକି ବାରେ ମାଣ୍‌ସିତାକି ୱାତେ, ଇଞ୍ଜ଼ା
ବାରେଜ଼ାଣା ପ଼ାପୁ କିତେରି । ୧୩ ମେରା ହୀପ୍‌କି ଆ଼ତି ନ଼କେଏ ଦାର୍‌ତିତା
ପ଼ାପୁ ମାଚେ; ସାମା ମେରା ହିଲାଆଟି ପ଼ାପୁତି ଏଜିକିୱି ଆ଼ହି ହିଲାଆତେ
। ୧୪ ଆଦମ ତ଼ାଣାଟିଏ ମ଼ସା ପାତେକା ଆମ୍ବାଆସି ଜିକେଏ ଆଦମ
ଲେହେଁ ହୁକୁମି ମ଼ାନି କିଆନା ପ଼ାପୁ କିହାହିଲାଆଟିଁ ଜିକେଏ ବାରେଜ଼ାଣା
ହ଼ାକିଟି ଡ଼ଇ ମାଚେରି; ଆମିନିଗାଟାସି ୱାନାୟି ମାଚେ, ଆଦମ ଏ଼ୱାଣି ର଼
ୱାଣା । ୧୫ ସାମା ଦ଼ହ ଏ଼ନିକିଁ, ମାହାପୂରୁତି କାର୍ମା ଜିକେଏ ଏଲେକିଁ, ଏ଼ଦି
ଆ଼ଏ, ଇଚିହିଁ ରଅଣି ଦ଼ହ ତାକି ହ଼ାରେକା ଲ଼କୁତି ହ଼ାକି ଆ଼ତେ, ଆତିହିଁ
ମାହାପୂରୁତି କାର୍ମା ଅ଼ଡ଼େ ର଼ ମାଣ୍‌ସି ଇଚିହିଁ ଜୀସୁ କ୍ରୀସ୍ତୁ ହୀତି କାର୍ମାତି
ଦ଼ାନା ହ଼ାରେକା ଲ଼କୁତାକି ହ଼ାରେକା ଗାଡି ଆ଼ତେ । ୧୬ ର଼ ମାଣ୍‌ସି ପ଼ାପୁ
କିତାକି ଏ଼ନିକିଁ ପ଼ାଡ଼େୟି ଆ଼ତେ, ଇ ଦ଼ାନାତି ପ଼ାଡ଼େୟି ଏଲେକିଁ ଆ଼ଏ,
ଇଚିହିଁ ରଅଣି ତାକି ଏମିନି ନୀହାଁୟି, ଏମ୍ବାତି ପ଼ାଡ଼େୟି ଡଣ୍ଡ ଆ଼ତେ, ସାମା
ହ଼ାରେକା ଲ଼କୁତି ଦ଼ହ ତାକି ଏମିନି କାର୍ମାତି ଦ଼ାନା, ଏମ୍ବାତି ପ଼ାଡ଼େୟି ଦ଼ହ
ହିଲାଆଗାଟାୟି ଆ଼ତେ । ୧୭ ର଼ ମାଣ୍‌ସିତି ପ଼ାପୁ ତାକି, ହ଼ାକି ସ଼ାଲୱି
କିତେ; ସାମା ଅ଼ର ରଅସି ଇଚିହିଁ ଜୀସୁ କ୍ରୀସ୍ତୁ ଏ଼ନାଆଁ କିହାମାନେସି,
ଏ଼ଦି ଏଚେକା କାଜାୟି । ଆମିନି ବାରେଜ଼ାଣା ମାହାପୂରୁତି ହ଼ାରେକା
କାର୍ମାମେହ୍‌ନାୟି ଉଜେଏ ମେଡ଼ା ଆ଼ନାଣି ତଲେ ମାହାପୂରୁତି ନ଼କିତା
ଦାର୍ମୁଗାଟାରି ଇଞ୍ଜ଼ା ୱେଡ଼ିଙ୍ଗନେରି, ଏ଼ୱାରି କ୍ରୀସ୍ତୁ ତଲେ ଜୀଣାଆ଼ହାନା
ନୀଡିନେରି । ୧୮ ରଅଣି ପ଼ାପୁ ଏ଼ନିକିହିଁ ବାରେ ମାଣ୍‌ସି କୂଡ଼ାଇଁ ଡଣ୍ଡ
ବେଟା ଆ଼ୱିକିତେ, ଏଲେକିହିଁଏ ରଅଣି ଦାର୍ମୁତି କାମା ବାରେ ମାଣ୍‌ସି
କୂଡ଼ା ତାକି ଗେଲ୍‌ପି ଆ଼ନାଣି ଇଞ୍ଜ଼ା ର଼ାଆଗାଟି ଜୀୱୁ ତାଚାହୀତେ । ୧୯
ରଅସି ମ଼ାନି କିଆତାକି ଏ଼ନିକିହିଁ ହ଼ାରେକା ଲ଼କୁ ପ଼ାପୁ ଗାଟାରି ଆ଼ତେରି,
ଏଲେକିହିଁଏ ରଅଣି ମ଼ାନି କିନାଣି ତଲେ ବାରେଜ଼ାଣା ମାହାପୂରୁ ନ଼କିତା
ଦାର୍ମୁଗାଟାରି ଆ଼ନେରି । ୨୦ ଇଦାଆଁ ପିସ୍‌ପେ ମେରା ଜିକେଏ ୱାତେ,
ଏ଼ନିକିଁ ଦ଼ହ ହ଼ାରେକା ଗାଡିଆ଼ନେ; ସାମା ଆମ୍ବିୟା ପ଼ାପୁ ପାଡାଆ଼ତେ,
ଏମ୍ବାଆଁ ମାହାପୂରୁତି କାର୍ମାମେହ୍‌ନାୟି ଜିକେଏ ହ଼ାରେକା ପାଡାଆ଼ତେ ।
୨୧ ଏ଼ନିକିହିଁ ପ଼ାପୁ ହ଼ାକି ତଲେ ସ଼ାଲୱି କିତେ, ଏଲେକିହିଁଏ ମାହାପୂରୁତି
କାର୍ମାମେହ୍‌ନାୟି ଜୀସୁ କ୍ରୀସ୍ତୁ ତ଼ାଣାଟି ମାଞ୍ଜେ଼ ଦାର୍ମୁ ଗାଟାତାୟି କିହାଁ
ର଼ାଆଗାଟି ଜୀୱୁ ହିୟାତେ । **(aiōnios g166)**

**୬** ଆତିହିଁ ମ଼ାର ଏ଼ନାଆଁ ଇନାୟି? ମାହାପୂରୁତି କାର୍ମାମେହ୍‌ନାୟି ଏ଼ନିକିହିଁ
ହ଼ାରେକା ଆ଼ନେ, ଏ଼ଦାଆଁତାକି କି ପ଼ାପୁତେଏ ମାଞ୍ଜେ଼ମାନାୟି? ୨ ଏ଼ଦି
ଏଚେଲା ଜିକେଏ ଆ଼ଆପେ । ପ଼ାପୁ ତାକି ମ଼ାର ହ଼ାହାମାନାୟି, ଏ଼ନିକିହିଁ
ଏମ୍ବାଆଁ ଅ଼ଡ଼େ ମ଼ାର ନୀଡିନାୟି? ୩ ମ଼ାର ଏଚେକା ଲ଼କୁତାୟି କ୍ରୀସ୍ତୁ ଜୀସୁ
ତ଼ାଣା ବାପ୍ତିସ୍ମ ଅ଼ହାମାନାୟି, ବାରେ ଜ଼ାଣାତାୟି ତାନି ହ଼ାକିତା ବାପ୍ତିସ୍ମ
ଅ଼ହାମାନାୟି, ଇଦାଆଁ କି ମୀରୁ ପୁଞ୍ଜାହିଲଅତେରି? ୪ ଏ଼ଦାଆଁତାକି
ମ଼ାର ବାପ୍ତିସ୍ମ ଅ଼ହାନା ହ଼ାକିତା ତାନିତଲେ ମୁସ୍‌ପି ଆ଼ହାମାନାୟି, କ୍ରୀସ୍ତୁ
ଏ଼ନିକିହିଁ ଆ଼ବାତି ଗାୱୁରମି ତଲେ ହ଼ାତାରି ତ଼ାଣାଟି ୱେଣ୍ଡେ ନିଙ୍ଗିତେସି,
ମ଼ାର ଜିକେଏ ଏଲେକିହିଁଏ ପୁଃନି ଜୀୱୁତି ମାଣ୍‌କି ତଲେ ନୀଡିନ । ୫
ଏ଼ନାଆଁତାକି ଇଚିହିଁ ମ଼ାର ଏ଼ୱାଣି ହ଼ାକିତା ଆଣ୍ଡାନା ଏ଼ୱାଣିତଲେ ରଣ୍ଡିଏ
ଆ଼ହାମାନାୟି, ଆତିହିଁ ସାତେଏ ଏ଼ୱାସି ୱେଣ୍ଡେ ନିଙ୍ଗିତି ଲେହେଁ ମ଼ାର
ଜିକେଏ ନିଙ୍ଗାନା ଏ଼ୱାଣିତଲେ ରଣ୍ଡିଏ ଆ଼ନାୟି । ୬ ମ଼ାର ପୁଞ୍ଜାମାନାୟି,
ପ଼ାପୁତି ହ଼ଲିୟାଙ୍ଗା ଆ଼ଆପ, ଇଦାଆଁତାକି ପ଼ାପୁତି ଆଙ୍ଗା ନ଼ାସା କିହାଲିତାକି
ମ଼ା ପ୍ରାଃଇ ମାଣ୍‌କି ତାନିତଲେ ପ଼ାସି ମୁଣ୍ଡାତା ହ଼ାହାମାନେ । ୭ ଏ଼ନାଆଁତାକି
ଇଚିହିଁ ମାଣ୍‌ସି ହ଼ାତିସାରେ, ପ଼ାପୁତି ବ଼ାଡ଼୍‌ୟୁଟି ଗେଲ୍‌ପି ଆ଼ନେସି । ୮
ସାମା ମ଼ାର କ୍ରୀସ୍ତୁ ତଲେ ହ଼ାତାକି, ତାନିତଲେ ମ଼ାର ଜିକେଏ ନୀଡିନାୟି
ଇଞ୍ଜ଼ା ନାମାମାନାୟି । ୯ ମ଼ାର ପୁଞ୍ଜାମାନାୟି, କ୍ରୀସ୍ତୁ ହ଼ାକିଟି ନିଙ୍ଗାମାନାକି,
ଏ଼ୱାସି ଅ଼ଡ଼େ ୱେଣ୍ଡେ ହ଼ାଅସିଦେଁ, ଏ଼ୱାଣାଇଁ ଅ଼ଡ଼େ ହ଼ାକି ସ଼ାଲୱି କିହାଲି
ଆ଼ଡେଏ । ୧୦ ଏ଼ୱାସି ଆମିନି ହ଼ାକିତା ହ଼ାତେସି, ଏ଼ଦାଆଁ ତଲେ ପ଼ାପୁତି
ବ଼ାଡ଼୍‌ୟୁଟି ରଣ୍ଡିଏ ଦେବେଏ ଜୀଣା ଆ଼ତେସି । ଅ଼ଡ଼େ ନୀଏଁ ଆମିନି
ଜୀୱୁତଲେ ନୀଡାମାନେସି, ଏ଼ଦି ମାହାପୂରୁ ତଲେ ଆଣ୍ଡିତି ଜୀୱୁ । ୧୧
ଏଲେକିହିଁଏ ମୀରୁ ଜିକେଏ ପ଼ାପୁତା ହ଼ାହାମାଞ୍ଜେ଼ରି ଇଞ୍ଜ଼ା ଅଣ୍‌ପାଦୁ ।
ସାମା କ୍ରୀସ୍ତୁ ଜୀସୁ ତ଼ାଣାଟି ଆଣ୍ଡାନା ମାହାପୂରୁ ତାକି ଜୀୱୁ ଗାଟାତମି ଇଞ୍ଜୁ
। ୧୨ ମୀ ହ଼ାନି ଆଙ୍ଗାତା ପ଼ାପୁ ସ଼ାଲୱି କିୟାଆପେ; ମୀରୁ ଅ଼ଡ଼େ ଆଙ୍ଗାତି
ଲାଗେଏତି ଅଣ୍‌ପୁ ତଲେ ତ଼ାକାଆଦୁ । ୧୩ ମୀ ଆଙ୍ଗା ଉଡ଼େଲିତି ଲାଗେଏ
କାମାତି ଜୁଟି ଲେହେଁ ପ଼ାପୁ କାମାତା ହେର୍‌ପାଆଦୁ, ସାମା ହ଼ାତାରି ତ଼ାଣାଟି
ନୀଡାମାନି ଲେହେଁ ଜାହା ଜାହାରାଇଁ ମାହାପୂରୁ ନ଼କିତା ହେର୍‌ପା କଡାଦୁ,
ଇଞ୍ଜ଼ା ଜାହା ଜାହାରା ଆଙ୍ଗା ଉଡ଼େଲିତି ଦାର୍ମୁତି ଜୁଟି ଲେହେଁ ମାହାପୂରୁ
ନ଼କିତା ହେର୍‌ପାଦୁ । ୧୪ ପ଼ାପୁ ମିଙ୍ଗେ ସ଼ାଲୱି କିୟାଆପେ, ମୀରୁ ଅ଼ଡ଼େ
ମ଼ସାତି ମେରା ଡ଼ଇ ହିଲଅତେରି, ସାମା ମାହାପୂରୁତି କାର୍ମାତି ଡ଼ଇ
ମାଞ୍ଜେ଼ରି । ୧୫ ଆତିହିଁ ଏ଼ନାଆଁ? ମ଼ାର ମ଼ସାତି ମେରା ଡ଼ଇ ହିଲାଆୟି,
ସାମା ମାହାପୂରୁତି କାର୍ମାମେହ୍‌ନି ଡ଼ଇ ମାନାୟି, ଇଦାଆଁତାକି କି ପ଼ାପୁ
କିନାୟି? ଏଲେଆ଼ହିଁ ଏଚେଲା ଜିକେଏ ଆ଼ଆପେ । ୧୬ ମୀରୁ ସାତେଏ
ପୁଞ୍ଜାମାଞ୍ଜେ଼ରି, ମୀରୁ ରଅଣି ହ଼ଲିୟାଙ୍ଗା ଆ଼ହାନା ଏ଼ୱାଣି କାତା ମ଼ାନୱି
ଆ଼ତିସାରେ, ଆତିହିଁ ମୀରୁ ଏ଼ୱାଣି ହ଼ଲିୟାଙ୍ଗାତେରି, ପ଼ାପୁତି ହ଼ଲିୟାଙ୍ଗା
ଆ଼ତିସାରେ, ପ଼ାପୁ ମାଣ୍‌କିଟି ହ଼ାକି ୱ଼ାନେ; ଦାର୍ମୁତି ଜେଚ ହାଚିସାରେ,
ଜୀୱୁ ବେଟାଆ଼ଦେରି । ୧୭ ସାମା ମାହାପୂରୁଇଁ ଜହରା କିହିମାଇଁ,
ମୀରୁ ର଼ ଦିନା ପ଼ାପୁତି ହ଼ଲିୟାଙ୍ଗାତେରି ମାଚେରି, ମୀରୁ ନୀଏଁ ନେହିଁ
ବ଼ଲୁତି ଜ଼ାପ୍‌ନି ତ଼ାଣା ହେର୍‌ପିଆ଼ହା ମାଞ୍ଜେ଼ରି, ଅ଼ଡ଼େ ହିୟାଁ ତଲେ ଏମ୍ବାତି
ମ଼ାନି କିହିମାଞ୍ଜେ଼ରି । ୧୮ ପ଼ାପୁଟି ପିସ୍‌ପି ଆ଼ହାନା ଦାର୍ମୁତି ହ଼ଲିୟାଙ୍ଗା

ଆ̣ହାମାଞ୍ଜେରି । ୧୯ ମୀ ଆଙ୍ଗ୍ଲାତି ବା̣ଡ଼୍ୟୁ ହିଲାଆକି ମାଣ୍ସିତି ହା̣ଡାତଲେ
ୱେସିମାଞ୍ଜାଇଁ; ମୀରୁ ଏ̣ନିକିହିଁ ଲାଗେଏତି କାମାତାକି ଜାହାରା ଆଙ୍ଗ୍ଲା
ଉଡ଼େଲିତି ପ̣ଲେଏତି ଇଞ୍ଜୁଁ ଦାର୍ମୁ ହିଲାଆତା̣ଣା ହ̣ଲିୟାଙ୍ଗ୍ଲା ଲେହେଁ
ହେର୍ପାମାଚେରି, ଏଲେକିହିଁଏ ନୀଏଁ ଜାହାରା ଆଙ୍ଗ୍ଲା ଉଡ଼େଲିତି ସୁଦୁଜୀୱୁ
ତାକି ଦାର୍ମୁତି ନ̣କିତା ହ̣ଲିୟାଙ୍ଗ୍ଲା ଲେହେଁ ହେର୍ପାଦୁ । ୨୦ ମୀରୁ ପା̣ପୁତି
ହ̣ଲିୟାଙ୍ଗ୍ଲା ମାଚାଟି, ଦାର୍ମୁତାକି ମେ̣ଲା ପିସ୍ପି ଆ̣ହାମାଚେରି । ୨୧ ଆତିହିଁ
ନୀଏଁ ମିଙ୍ଗ୍ଲେ ଆମିନି କାମା କିହାଲିତାକି ଲାଜା ହ̣ଚିମାଞ୍ଜାନେ, ଏଚିବେ̣ଲା
ବାରେ କିହିମାଚେରି, ଏ̣ଦି ଏମ୍ବାଟି ଏ̣ନାଆଁ ଲା̣ବା ବେଟାଆ̣ତେରି? ଏ̣
ବାରେ କାମାତି ପା̣ଡ଼େୟି ହା̣କି । ୨୨ ସାମା ନୀଏଁ ମୀରୁ ପା̣ପୁଟି ପିସ୍ପି
ଆ̣ହାନା ମାହାପୂରୁତି ହ̣ଲିୟାଙ୍ଗ୍ଲା ଆ̣ହାମାଞ୍ଜେରି । ଇଦାଆଁତି ଲା̣ବା
ଆ̣ହିମାନେ, ମାହାପୂରୁ ତା̣ଣା ସୁଦୁଜୀୱୁ ତଲେ ହେର୍ପି ଆ̣ନାୟି ଇଞ୍ଜୁଁ
ରା̣ଆଗାଟି ଜୀୱୁ ବେଟାଆ̣ନାୟି । (aiōnios g166) ୨୩ ଏ̣ନାଆଁତାକି ଇଚିହିଁ
ପା̣ପୁତି କୂଲି ହା̣କି, ସାମା ମାହାପୂରୁତି କାର୍ମାମେହ୍ନି ଦା̣ନା ମା̣ ପ୍ରବୁ ଜୀସୁ
କ୍ରୀସ୍ତୁ ତଲେ ଆଣ୍ଡିନି ତା̣ଣା ରା̣ଆଗାଟି ଜୀୱୁ ମାନେ । (aiōnios g166)

୭ ତାୟି ତାଙ୍ଗ୍ସ୍କାତେରି, ନୀଏଁ ଏ̣ନାଆଁ ୱେସାଲି ଅଣ୍ପିମାଇଁ, ଏ̣ଦାଆଁ
ମୀରୁ ତେଲ୍ହିଦେରି, ଏ̣ନାଆଁତାକି ଇଚିହିଁ ମୀରୁ ପୁଞ୍ଜାମାଞ୍ଜେରି,
"ମେ̣ରା" ଏ̣ନାୟି । ମାଣ୍ସି ୱାର୍ଇ ତାନି ନୀଡାମାନି ପାତେକା ମେ̣ରାତି
ଡ଼ଇ ଡ଼ୟିନେସି । ୨ ଡକ୍ରା ନୀଡାମାନି ପାତେକା ତାନି ଡକ୍ରି ଏ̣ୱାଣିତଲେ
ବୀହା ମେ̣ରା ତଲେ ଦସ୍ପି ଆ̣ହାନା ଡ଼ୟିନେ । ସାମା ଡକ୍ରା ହା̣ତିସାରେ,
ଏ̣ୱାଣି ଡକ୍ରି ଇ ମେ̣ରାଟି ପିସ୍ପି ଆ̣ନେ । ୩ ଡକ୍ରା ନୀଡା ମାନାଟିଏ, ଡକ୍ରି
ଅ̣ର ରଅଣାକି ବୀହା ଆ̣ତିସାରେ, ଏ̣ଦାନି ଦା̣ରେଣି ଇଞ୍ଜୁଁ ଇନେରି; ସାମା
ଡକ୍ରା ହା̣ତି ଡା̣ୟୁ ମେ̣ରାଟି ପିସ୍ପି ଆ̣ନେ, ଅ̣ଡ଼େ ଏ̣ଦି ଅ̣ର ରଅଣାକି ବୀହା
ଆ̣ତିସାରେ, ଏ̣ଦି ଦା̣ରେଣି ଆ̣ଏ । ୪ ଇଦାଆଁତାକି ତାୟି ତାଙ୍ଗ୍ସ୍କାତେରି,
କ୍ରୀସ୍ତୁତି ଆଙ୍ଗ୍ଲା ତଲେ ମୀରୁ ଜିକେଏ ମେ̣ରାତାକି ହା̣ହାମାଞ୍ଜେରି, ଏ̣ନିକିହିଁ
ମୀରୁ ଏଟ୍କାତାରି ତଲେ ଆଣ୍ଡିଦେରି, ଇଚିହିଁ ମା̣ ମାହାପୂରୁ ତାକି ପା̣ଡ଼େୟି
ଆ̣ୟାଲି ଆମ୍ବାଆସି ହା̣ତାରି ତା̣ଣାଟି ନୀଡାମାନେସି, ଏ̣ୱାଣିତଲେ ଆଣ୍ଡାଦୁ
। ୫ ଏଚରଦିନା ପାତେକା ମା̣ର ଆଙ୍ଗ୍ଲାତି ମାଣ୍କି ତଲେ ମାଚାୟି,
ଏଚରଦିନା ପାତେକା ମ̣ସା ମେ̣ରାଟି ପା̣ପୁତି ଜୂପ୍କା ମା̣ ଆଙ୍ଗ୍ଲା ବିତ୍ରା
ଜୀୱୁତି ହା̣ୱି କିହାଲି କାମା କିହିମାଚେ । ୬ ସାମା ଏ̣ନାଆଁତଲେ ଦସ୍ପି
ଆ̣ହାମାଚାୟି, ଏମ୍ବାଟି ହା̣ହାନା ନୀଏଁ ମା̣ର ମେ̣ରାତି ଅଦିକାରାଟି ମୁକ୍ଲୱି
ଆ̣ହାମାନାୟି; ମା̣ର ଅ̣ଡ଼େ ତଲିତିଲେହେଁ ରା̣ସ୍କି ଆ̣ହାମାନି ମେ̣ରାତି
ସେ̣ବା କିହି ହିଲାଆୟି, ସୁଦୁଜୀୱୁ ତ̣ସାମାଞ୍ଜାନି ପୁଃନି ଜିରୁତା ନୀଏଁ ତା̣କି
ମାନାୟି । ୭ ଆତିହିଁ ଏ̣ନାଆଁ ଇନାୟି, ମେ̣ରା ପା̣ପୁ ଗାଟାୟି? ଏ̣ଦି
ଏଚେଲାୱା ଆ̣ଏ । ସାମା ପା̣ପୁ ଏ̣ନାୟି, ଏ̣ଦାଆଁ ମେ̣ରା ନାଙ୍ଗ୍ଲେ ୱେସା
ମାଞ୍ଜାନେ, "ଏଟ୍କା ଲ̣କୁତି ଦିଣ୍ସୁ ଜୂପ୍କା ଆ̣ଆଦୁ," ଇ ହୁକୁମି ମେ̣ରା
ୱେସା ମାଞ୍ଜାଆତିହିଁମା, ଜୂପ୍କା ଏ̣ନାୟି, ନା̣ନୁ ପୁନାଆତେଏଁମା । ୮
ସାମା ପା̣ପୁ ପାରୁ ବେଟାଆ̣ହାନା ହୁକୁମି ତଲେ ନା̣ ତା̣ଣା ବାରେଲେହେଁତି
ଜୂପ୍କା କିନାଣି ହିୟାତେ, ମେ̣ରା ପିସ୍ପେ ପା̣ପୁ ହା̣ତାୟି । ୯ ର̣ ଦିନା
ନା̣ନୁ ମେ̣ରା ପୁନାଆନା ନୀଡିମାଚେଏଁ, ସାମା ହୁକୁମି ୱା̣ହାଲିଏ ପା̣ପୁ
ନୀଡିତେ, ଇଞ୍ଜୁଁ ନା̣ନୁ ହା̣ତେଏଁ; ୧୦ ଆମିନି ମେ̣ରା ଜୀୱୁ ହୀହାଲିତାକି
ଟିକାଣା ତାୟି ମାଚେ, ଏ̣ଦି ନା̣ ଜୀୱୁତା ହା̣କି ୱା̣ତେ । ୧୧ ଇଚିହିଁ ପା̣ପୁ
ପାରୁ ବେଟାଆ̣ହାନା ହୁକୁମିଟି ନାଙ୍ଗ୍ଲେ ନା̣ଡ଼ି କିୟାତେ ଇଞ୍ଜୁଁ ଏମ୍ବାଟି ନାଙ୍ଗ୍ଲେ
ପା̣ୟାତେ । ୧୨ ମେ̣ରା ସୁଦୁଗାଟାୟି, ଏ̣ଦାଣି ହୁକୁମିକା ବାରେ ସୁଦୁ
ଗାଟାଇ, ଦାର୍ମୁଗାଟାୟି ଇଞ୍ଜୁଁ ନେହାୟି । ୧୩ ଆତିହିଁ, ଏ̣ନାୟି ନେହାୟି,
ଏ̣ଦି କି ନାଙ୍ଗ୍ଲେ ହା̣ୱି କିୟାନେ? ଏ̣ଦି ଏଚେଲାୱା ଆ̣ଆପେ, ପା̣ପୁଏ
ଏ̣ଦାଆଁ କିତେ, ନେହିଁ ମେ̣ରାତି ଲେ̣ମ୍ବାନା ପା̣ପୁ ନାଙ୍ଗ୍ଲେ ହା̣ୱି କିୟାତେ,
ଏ̣ଦାଆଁ ତଲେ ପା̣ପୁତି ସାତା ୱା̣ଣା ତ̣ଞ୍ଜାଆ̣ତେ, ଏ̣ଦାଆଁତାକି ମେ̣ରା
ତଲେ ପା̣ପୁ ହା̣ରେକା ଆଜିହ̣ପେତାୟି ପୁଣ୍ମ୍ବିଆ̣ତେ । ୧୪ ମ̣ସାତି ମେ̣ରା
ସୁଦୁଜୀୱୁ ଗାଟାୟି, ଇଦାଆଁ ମା̣ର ପୁଞ୍ଜାମାନାୟି; ସାମା ନା̣ନୁ ପା̣ପୁତି
ଆଙ୍ଗ୍ଲାତା କଡ଼୍ୱିଆ̣ତି ହ̣ଲେଏଣାତେଏଁ । ୧୫ ନା̣ନୁ ଏ̣ନାଆଁ କିହିମାଇଁ,
ଏ̣ଦାଆଁ ନା̣ନୁ ପୁଞ୍ଜିହିଲଅଁ; ଏ̣ନାଆଁ କିହାଲି ନା̣ ଅଣ୍ପୁ, ଏ̣ଦାଆଁ ନା̣ନୁ
କିଅଁ; ସାମା ଏ̣ନାଆଁ ଅ̣ପଅଁ, ଏ̣ଦାଆଁ କିଇଁ । ୧୬ ସାମା ଏ̣ନାଆଁ ନା̣ନୁ
ଅଣ୍ପଅଁ, ଏ̣ଦାଆଁ କିତିସାରେ, ଆତିହିଁ ମ̣ସାତି ମେ̣ରା ନେହାୟି ଏ̣ଦାଆଁ
ନା̣ନୁ ଜ̣ଲିମାଇଁ । ୧୭ ଏ̣ଦାଆଁତାକି ଏ̣ କାମା ସାତେଏ ନା̣ନୁ କିଆନା
ନା̣ ବିତ୍ରାମାନି ପା̣ପୁଏ ଏ̣ଦାଆଁ କିହିମାନେ । ୧୮ ନା̣ନୁ ପୁଞ୍ଜାମାଇଁ, ନା̣
ବିତ୍ରା ଇଚିହିଁ ମାଣ୍ସି ମାଣ୍କିତା ନେହାୟି ଏ̣ନାୟି ଜିକେଏ ହିଲେଏ,
ଇଚିହିଁ ନେହିଁ କାମା କିହାଲି ନାଙ୍ଗ୍ଲେ ଅଣ୍ପୁ ମାଚିହିଁ ଜିକେଏ ଏ̣ଦାଆଁ
କିହାଲି ଆ̣ଡଅଁ । ୧୯ ଇଚିହିଁ ଏମିନି ନେହିଁ କାମା କିହାଲି ନା̣ନୁ ମ̣ନ
କିଇଁ, ଏ̣ଦାଆଁ କିଅଁ, ସାମା ଏମିନି ଲାଗେଏତି କାମା କିହାଲି ନା̣ନୁ
ମ̣ନ କିଅଁ, ଏ̣ଦାଆଁ କିଇଁ । ୨୦ ନା̣ନୁ ଏ̣ନାଆଁ ଅଣ୍ପି ହିଲଅଁ, ଏ̣ଦାଆଁ
କିହିମାଇଁ, ଆତିହିଁ ଏ̣ଦାଆଁ ନା̣ନୁ ଅ̣ଡ଼େ କିଅଁ, ସାମା ନା̣ ତା̣ଣା ବାସା
କିହାମାନି ପା̣ପୁ ଏ̣ଦାଆଁ କିନେ । ୨୧ ଏ̣ଦାଆଁତାକି ନା̣ନୁ ନେହିଁ କାମା
କିହାଲି ମ̣ନ କିହିମାଇଁ, ଏଚିବେ̣ଲା ନା̣ ତା̣ଣା ୱାର୍ଇ ଲାଗେଏତାୟି ତ̣ଞ୍ଜା
ଆ̣ହିମାନେ, ଇଦାଆଁ ମେ̣ରାତା ମେସିମାଇଁ । ୨୨ ଇଚିହିଁ ହିୟାଁତା ଅଣ୍ପିନି
ମାଣ୍ସିଲେହେଁ, ମାହାପୂରୁତି ମେ̣ରା ମା̣ନି କିହାଲି ନାଙ୍ଗ୍ଲେ ରା̣ହାଁ, ୨୩
ସାମା ନା̣ନୁ ନା̣ ଆଙ୍ଗ୍ଲାତା ଅ̣ର ର̣ଲେତି ମେ̣ରା ତ̣ଞ୍ଜା ଆ̣ହିମାନେ, ଏ̣ଦି
ନା̣ ମ̣ନତି ମେ̣ରା କ̣ପାଟି ଜୁଜୁ କିହିମାନେ, ଅ̣ଡ଼େ ନା̣ ଆଙ୍ଗ୍ଲାତା ଏମିନି
ପା̣ପୁତି ମେ̣ରା ମାନେ, ନାଙ୍ଗ୍ଲେ ଏମ୍ବାଆଁ ଦସ୍ପାନା । ୨୪ ଆୟ̣ତା, କାର୍ମା
କପଲ ହିଲାଆଗାଟି ମାଣ୍ସିତେଏଁ ନା̣ନୁ! ଇ ହା̣ୱିକିନି ଆଙ୍ଗ୍ଲାଟି ନାଙ୍ଗ୍ଲେ
ଆମ୍ବାଆସି ଗେଲ୍ପାନେସି? ୨୫ ମା̣ ପ୍ରବୁ ଜୀସୁ କ୍ରୀସ୍ତୁ ତା̣ଣାଟି ଗେଲ୍ପି
ଆ̣ହାମାନାକି ମାହାପୂରୁଇଁ ଜହରା ଆ̣ପେ । ଏ̣ନାଆଁତାକି ଇଚିହିଁ ନା̣ନୁଏ
ନା̣ ମ̣ନତଲେ ମାହାପୂରୁତି ମେ̣ରାତି ହ̣ଲେଏଣାତେଏଁ, ସାମା ଆଙ୍ଗ୍ଲା ତଲେ
ପା̣ପୁ ମେ̣ରାତି ହ̣ଲିୟା ଆ̣ହାମାନେ ।

୮ ଆମିନି ଗାଟାରି କ୍ରୀସ୍ତୁ ଜୀସୁତଲେ ଆଣ୍ଡାନା ନୀଡିମାନେରି, ଏ̣ୱାରାକି
ନୀଏଁ ଏ̣ନି ଡଣ୍ଡ ହିଲେଏ । ୨ ଇଚିହିଁ ଜୀୱୁ ହିୟାନି ଜୀୱୁତି ମେ̣ରା
କ୍ରୀସ୍ତୁ ଜୀସୁ ତା̣ଣା ଆଣ୍ଡାନା ମିଙ୍ଗ୍ଲେ ପା̣ପୁ ଅ̣ଡ଼େ ହା̣ୱିକିନି ମେ̣ରାଟି

ମୁକ୍‌ଲୱି କିହାମାଞ୍ଜାନେ । ୩ ମାଣ୍‌ସିତି ଆଜ୍ଞାତା ବାଡ଼୍‌ୟୁ ହିଲାଆକି ମସା ହୀହାମାନି ମେରା ଏନାଆଁ କିହାଲି ଆଡାଆତେ, ମାହାପୂରୁ ଏଦାଆଁ ତାନି ମୀର୍‌ଏଣାଇଁ ପାପୁଗାଟି ମାଣ୍‌ସିଲେହେଁ ପାପୁଇଁ ନାସା କିହାଲି ପାଣ୍ଡାନା ଆଜ୍ଞାତି ପାପୁତି ଡଣ୍ଡ ହୀହାଲି କିତେସି । ୪ ଏଦାଆଁତାକି ମାର ମାଣ୍‌ସିତି ମାଣ୍‌କିତା ମାନାଆନା ସୁଦୁଜୀୱୁତି ମାଣ୍‌କିତା ମାଞ୍ଜାନା ଇଞ୍ଜାଁ ଇଦାଆଁ ତଲେ ମାର ମେରାତି ପାଣାପାଟୁ ମାନି କିହିମାନାୟି । ୫ ଆମିନି ଗାଟାରି ଆଜ୍ଞାତି ମାଣ୍‌କି ତଲେ ନୀଡିନାରି ଏୱାରି ଆଜ୍ଞାତି ମାଣ୍‌କିତି କାତାତା ମନ ହୀନେରି, ସାମା ଆମିନି ଗାଟାରି ସୁଦୁଜୀୱୁତି ମାଣ୍‌କି ତଲେ ନୀଡିନେରି, ଏୱାରି ହିୟାଁ ସୁଦୁଜୀୱୁତି କାତାତା ମନ ହୀନେରି । ୬ ଇଚିହିଁ ଆଜ୍ଞାତି ମାଣ୍‌କିତି ମନ ହାୱିକିନେ; ସାମା ସୁଦୁଜୀୱୁତି ମାଣ୍‌କିତି ମନ ଜୀୱୁ ଇଞ୍ଜାଁ ହିଡ଼୍‌ଡ଼ି ହିୟାନେ । ୭ ଇଚିହିଁ ଆଜ୍ଞାତି ମନତଲେ ନୀଡିନାସି ମାହାପୂରୁ କପାଟି ସାତୁ ଆନେସି; ଇଚିହିଁ ଏୱାସି ମାହାପୂରୁ ମେରାତି ମାନି କିଅସି; ଇଞ୍ଜାଁ ଏୱାସି ମାନୱି ଆହାଲି ଆଡଅସି । ୮ ଆମିନି ଗାଟାରି ଆଜ୍ଞାତି ମାଣ୍‌କି ତଲେ କାମା କିନେରି, ଏୱାରି ମାହାପୂରୁଇଁ ରାହାଁ କିହାଲି ଆଡଅରି । ୯ ମାହାପୂରୁତି ସୁଦୁଜୀୱୁ ସାତା ତଲେ ମୀ ତାଣା ମାଚିସାରେ, ମୀରୁ ଅଡ଼େ ଆଜ୍ଞାତି ମାଣ୍‌କି ଲେହେଁ ନୀଡଅତେରି, ସାମା ସୁଦୁଜୀୱୁତି ହୁକୁମି ମାନି କିହିମାଞ୍ଜେରି । କ୍ରୀସ୍ତୁତି ଜୀୱୁ ଆମ୍ବାଆରି ତାଣା ହିଲେଏ, ଏୱାସି ଏଚେଲା ଜିକେଏ ଏୱାଣି ଲକୁ ଆହାଲି ଆଡଅସି । ୧୦ ସାମା କ୍ରୀସ୍ତୁ ମୀ ତାଣା ମାଚିସାରେ, ମୀ ଆଜ୍ଞା ପାପୁ ତାକି ନାସା ଆହାଲି ହାଜିମାଚିହିଁ ଜିକେଏ, ସୁଦୁଜୀୱୁ ମିଞ୍ଜେ ଜୀୱୁ ହୀୟାନେ, ଏନାଆଁତାକି ଇଚିହିଁ ମାହାପୂରୁ ନକିତା ମୀରୁ ଦାର୍ମୁଗାଟାତେରି ଆହାମାଞ୍ଜେରି । ୧୧ ଆମ୍ବାଆସି ହାତାରି ତାଣାଟି ଜୀସୁଇଁ ନିକ୍‌ହେସି, ଏୱାଣି ଜୀୱୁ ମୀ ତାଣା ମାଚିସାରେ, ଆତିହିଁ ଆମ୍ବାଆସି ହାତାରି ତାଣାଟି କ୍ରୀସ୍ତୁ ଜୀସୁଇଁ ନିକ୍‌ହେସି, ଏୱାସି ମୀ ତାଣା ମାନି ତାନି ଜୀୱୁତଲେ ମୀ ହାତି ଆଜ୍ଞାତି ଜିକେଏ ନୀଟ୍‌ନେସି । ୧୨ ଏଦାଆଁତାକି, ତାୟି ତାଙ୍ଗିସ୍କାତେରି, ମାର ରୀଣାଗାଟାତାୟି, ସାମା ଆଜ୍ଞାତି ମାଣ୍‌କି ତଲେ ନୀଡାଲି ଆଏ । ୧୩ ଇଚିହିଁ ଆଜ୍ଞାତି ମାଣ୍‌କି ତଲେ ମୀରୁ ନୀଡିଦେରି, ଆତିହିଁ ସାତେଏ ହାଦେରି, ସାମା ସୁଦୁଜୀୱୁତି ସାୟେମି ତଲେ ଆଜ୍ଞାତି କାମା ବାରେ ନାସା କିଦେରି, ଆତିହିଁ ନୀଡିଦେରି । ୧୪ ଆମିନି ଗାଟାରି ମାହାପୂରୁତି ସୁଦୁଜୀୱୁ ତଲେ ତାକିନେରି, ଏୱାରି ମାହାପୂରୁତି ମୀର୍‌କା । ୧୫ ଇଚିହିଁ ମୀରୁ ୱେଣ୍ଡେ ଆଜାଲି ହଲିୟାଜ୍ଞାତି ଜୀୱୁ ବେଟାଆହା ହିଲଅତେରି, ସାମା ମୀର୍‌ଏଣାତି ଜୀୱୁ ବେଟାଆହାମାଞ୍ଜେରି; ଏମ୍ବାଟି ମାର "ଆବା ତାଞ୍ଜି" ଇଞ୍ଜାଁ ହାଟିମାନାୟି । ୧୬ ମାର ମାହାପୂରୁତି ମୀର୍‌କା ମାସ୍‌କା ଇଞ୍ଜାଁ ଏ ଜୀୱୁଏ ମା ଜୀୱୁତଲେ ଆଣ୍ଟାନା ସାକି ହୀହିମାନେ । ୧୭ ଏନାଆଁତାକି ଇଚିହିଁ ମାର ମାହାପୂରୁତି ମୀର୍‌କା ମାସ୍‌କାତାୟି, ତାନି ଲକୁତାକି ଲଡ଼ାମାନି ବରତି ବାଗା ପାଣ୍‌ନାୟି, ଇଞ୍ଜାଁ କ୍ରୀସ୍ତୁ ତଲେ ଗାୱୁରମି ବେଟାଆହାଲି ମାର ଜିକେଏ ଏୱାଣିତଲେ ଦୁକୁ କସ୍ତୁ ପାଣ୍‌ନାୟି ମାନେ, ଆତିହିଁ ମାହାପୂରୁତି ବରତି ବାଗା ଅଡ଼େ କ୍ରୀସ୍ତୁ ତଲେ ବାଗାତା ଆଣ୍ଡାଲି ଆଡିନାୟି । ୧୮ ଅଣ୍‌ପାଦୁ, ଆମିନି ଗାୱୁରମିତା ୱାହିମାନି ଦିନାତା ମାର ଏଗାହାନାୟି, ଏଦାଆଁ କିହାଁ ନୀଏଁତି ଦୁକୁ କାକୁଲି ଇଚାୟି ଜିକେଏ ଆଏ, ଏଚିବେଲାତା ମାହାପୂରୁ ତାନି ମୀର୍‌କା ମାସ୍‌କାଣି ତହ୍‌ନେସି । ୧୯ ମାହାପୂରୁ ତାନି ମୀର୍‌କା ମାସ୍‌କାଣି ତଞ୍ଜାଆନାଣି ମେସାଲି ବାରେ ଗାଡ଼ି ଆତାୟି କାପୁ କାଚାମାନେ । ୨୦ ଏନାଆଁତାକି ଇଚିହିଁ ଗାଡ଼ିଆତାୟି ମାହାପୂରୁ ତାଣାଟି ବାକା ବେଟାଆହାନା ତାନି ଏଗାହାନି ଟାୟୁ ବାଣା ଆହାମାନେ । ଆତିଜିକେଏ ତାନି ଆସା ମାନେ, ୨୧ ଅଡ଼େ ଏଦି ବାର୍ସୁ ବେଟାଆତେ, ଇଞ୍ଜାଁ ଗାଡ଼ି ଆତାୟି ତାନୁଏ ଜିକେଏ ମାହାପୂରୁତି ମୀର୍‌କା ଗାୱୁରମି ତାକି ପିସ୍‌ପି ଆହାଲିତାକି ନାସା ଆନି ହଲିୟାଟି ପିସ୍‌ପି ଆନେ ୨୨ ସାମା ନୀଏଁ ପାତେକା ବାରେ ଦାର୍‌ତି ଜାର୍ନା କିନି ବୀସା ତଲେ କସ୍ତୁ ପାଣ୍‌ନି ଲେହେଁ କସ୍ତୁ ତାକି ଡାହିମାନେ । ୨୩ ସାମା ମାର ମୂଲୁତି ପାଡ଼େୟି ଲେହେଁ ସୁଦୁଜୀୱୁତି ବେଟାଆହାମାନାୟି, ଆତିହିଁ ଜିକେଏ ମାର ମାହାପୂରୁତି ମୀର୍‌କା ଇଚିହିଁ ଜାହା ଜାହାରା ଆଜ୍ଞାଟି ବାରେଜାଣା ଗେଲ୍‌ପି ଆୟାଲିତାକି କାପୁ କାଚାନା ମା ହିୟାଁତା ଡାହି ମାନାୟି । ୨୪ ଏନାଆଁତାକି ଇଚିହିଁ ବାର୍ସୁଟି ମାର ଗେଲ୍‌ପି ଆହାମାନାୟି; ସାମା ଏନାୟି ତଞ୍ଜା ଆନାୟି, ଏଦାଆଁତାକି ବାର୍ସୁ ଇଟିନାୟି ଏଦି ସାତାତି ବାର୍ସୁ ଆଏ, ଇଚିହିଁ ଏନାଆଁ ମେସିମାନାୟି ଏଦାଆଁତାକି ଏନାଆଁତାକି ବାର୍ସୁ ଇଟିନାୟି? ୨୫ ସାମା ମାର ଏନାଆଁ ମେସି ହିଲାଆୟି ଏଦାଆଁତାକି ବାର୍ସୁ ଇଟିନାୟି, ଆତିହିଁ ମାଞ୍ଜେ ସାସାତଲେ କାପୁ କାଃଆନାୟି ମାନେ । ୨୬ ମାର ବାଡ଼୍‌ୟୁ ହିଲାଆଗାଟାତାୟି, ସାମା ସୁଦୁଜୀୱୁ ମାଞ୍ଜ ସାୟେମି କିୟାନେ; ଏନିକିହିଁ ପ୍ରାତାନା କିନାୟି, ଏଦାଆଁ ମାର ପୁଞ୍ଜାହିଲାଆୟି, ଏଦାଆଁତାକି ସୁଦୁଜୀୱୁ ଜଲିନି ହାଡାତଲେ ମା ତାକି ମାହାପୂରୁଇଁ ଗହାରା କିନେ; ୨୭ ଆମ୍ବାଆସି ମା ହିୟାଁ ବିତ୍ରା ମାନାଣି ପୁନାସି, ଏୱାସି ସୁଦୁଜୀୱୁତି ଅଣ୍‌ପୁ ଏନାୟି ଏଦାଆଁ ପୁନେସି, ଇଚିହିଁ ଏୱାସି ମାହାପୂରୁତି ଅଣ୍‌ପୁ ତଲେ ମାହାପୂରୁ ଲକୁତାକି ଗହାରା କିନେସି । ୨୮ ମାର ପୁଞ୍ଜାମାନାୟି, ଆମିନି ଗାଟାରି ମାହାପୂରୁଇଁ ଜୀୱୁ ନନେରି ଇଞ୍ଜାଁ ମାହାପୂରୁତି ଲଡ଼ା ତାକି ବାଚି କିୱି ଆହାମାନେରି, ଏୱାରାକି ବାରେ ନେହାୟି ଆନେ । ୨୯ ଆମ୍ବାଆରାଇଁ ମାହାପୂରୁ ହାଟାମାନେସି, ଏୱାରାକି ତାନି ମୀର୍‌ଏଣା ୱାଣା ଲେହେଁ ଆହାଲି ତଲିଟିଏ ତୀରି କିହାମାନେସି, ଆତିହିଁ ମାହାପୂରୁତି ମୀର୍‌ଏସି, ଏନିକିହିଁ ଏୱାସି ହାରେକା ତାୟି ତାଙ୍ଗିସ୍କା କିହାଁ ମୂଲୁ ଜାର୍ନା ଆତାସି ଆନେସି । ୩୦ ଆମ୍ବାଆରାଇଁ ନକେଏ ଆଚାମାଚେସି, ଏୱାରାଇଁ ଏୱାସି ହାଟିତେସି, ଏୱାରି ମାହାପୂରୁ ନକିତା ଦାର୍ମୁଗାଟାରି ଇଞ୍ଜାଁ ତଞ୍ଜି କିତେସି, ଅଡ଼େ ଆମିନି ଗାଟାରାଇଁ ଦାର୍ମୁଗାଟାରି ଇଞ୍ଜାଁ ତଞ୍ଜି କିତେସି ଏୱାରାଇଁ ଜିକେଏ ଏୱାସି ଗାୱୁରମି କିତେସି । ୩୧ ଆତିହିଁ ଇ ବାରେତି ମେସାନା ମାର ଏନାଆଁ ଇନାୟି? ମାହାପୂରୁ ମା ୱାକି ମାଚିସାରେ, ଆମ୍ବାଆସି ମା କପାତଲେ ନିଙ୍ଗିନେସି? ୩୨ ଆମ୍ବାଆସି ତାନି ମୀର୍‌ଏଣାଇଁ ଜିକେଏ ଗେଲ୍‌ପାଆତେସି, ସାମା ମା ବାରେତାକି ଏୱାଣାଇଁ ହେର୍‌ପିତେସି, ଏୱାସି ଏନିକିଁ ଏୱାଣିତଲେ ମାଞ୍ଜେ ଜିକେଏ ବାରେ କାର୍ମାତି ଦାନା ହିୟଅସିକି?

୩୩ ମାହାପୂରୁ ହ଼ାଟାମାନି ଲ଼କୁ କ଼ପାତଲେ ଆମ୍ବାଆସି ଦ଼ହ ଦସାଲି
ଆ଼ଡିନେସି? ଏ଼ୱାରି ଦ଼ହ ହିଲାଆ ଗାଟାରି ଇଞ୍ଜେଁ ମାହାପୂରୁ ତ଼ାନୁଏ
ୱ଼େକ୍‌ହା ମାନେସି । ୩୪ ଆମ୍ବାଆସି ଡଣ୍ତ ହୀନେସି? କ୍ରୀସ୍ତ ଜୀସୁ ହ଼ାତାରି
ତ଼ାଣାଟି ୱେଣ୍ତେ ନିଙ୍ଗ୍ନା ମାହାପୂରୁତି ଟିଃନି ଟଟତା ମାଞ୍ଜ୍ନା ମାଙ୍ଗେତାକି
ଗ଼ହାରା କିହିମାନେସି । ୩୫ ଆତିହିଁ ଆମ୍ବାଆସି ମାଙ୍ଗେ କ୍ରୀସ୍ତତି ଜୀୱୁ ନ଼ନି
ତ଼ାଣାଟି ଏଟ୍‌କା କିୟାନେସି? ଦୁକୁ, କସ୍ତ, କ଼ାକୁଲି କି କ଼ାତାରା, ହ଼ାକି,
ଏ଼ସ୍‌କି, ସନି କି କାଣ୍ତା, ଏ଼ନାୟି ଜିକେଏ ଏ଼ଦାଆଁ କିହାଲି ଆ଼ଡେଏ । ୩୬
ସ଼ାସ୍ତେରିତା ର଼ାସ୍‌କି ଆ଼ହାମାନେ; “ମିଙ୍ଗେ ତାକି ମ଼ାମ୍ବୁ ବାରେଦିନା ହ଼ାକିତି
ନ଼କିତା, ହ଼ାହାଲି ହାଜିମାନି ମ଼େଣ୍ତା ଲେହେଁ ମ଼ାମ୍ବୁ ତ଼ଞ୍ଜା ଆ଼ହିମାନମି ।” ୩୭
ଆ଼ତିଜିକେଏ ଆମ୍ବାଆସି ମାଙ୍ଗେ ଜୀୱୁ ନ଼ୟାଁତେସି, ଏ଼ୱାଣି ସ଼ାୟେମି ତଲେ
ମ଼ାର ଈ ବାରେତି ଲାକ ଜୀଣା ଆ଼ହାମାନାୟି । ୩୮ ନ଼ାନୁ ସାତେଏ ନେହିଁକିଁ
ପୁଞ୍ଜାମାଇଁ ତାନି ଜୀୱୁ ନ଼ନି ତ଼ାଣାଟି ମ଼ାର ଏଚେଲା ଜିକେଏ ଏଟ୍‌କା
ଆ଼ଆୟି, ହ଼ାକି କି ଜୀୱୁ, ଲାକପୂରୁତି ଦୂତୁୟାଁ କି ସ଼ାଲୱି କିହିମାନାଇ କି
ବ଼ାଡ଼୍‌ୟୁ ଗାଟାଇ, ନୀଏଁ କି ୱ଼ାନି ଦିନା କି ଏ଼ନି ବ଼ାଡ଼୍‌ୟୁ, ୩୯ ଲାକପୂରୁତି
କାତା କି ଡ଼ଇପୂରୁତି କାତା ଏ଼ନାୟି ଜିକେଏ; ବାରେ ଗ଼ାଡ଼ିଆ଼ତି ଦିଣ୍‌ସୁ
ପ୍ରବୁ କ୍ରୀସ୍ତ ଜୀସୁ ତ଼ାଣାଟି ତ଼ଞ୍ଜାଆ଼ହାମାନି ମାହାପୂରୁତି ଜୀୱୁ ନ଼ନି ତ଼ାଣାଟି
ମାଙ୍ଗେ ଏଟ୍‌କା କିୟାନେ ।

୯ ନ଼ାନୁ କ୍ରୀସ୍ତତି ଲ଼କୁ ଆ଼ହାମାନାକି ସାତା ୱେସିମାଇଁ, ମିଚି ୱେସିହିଲଅଁ
। ସୁଦୁଜୀୱୁତି ସେତ୍‌ନା ହୀନାଣି ତଲେ ନ଼ା ଅଣ୍‌ପୁ ଈଦାଣିତି ସ଼ାକି
। ୨ ନ଼ାନୁ ଏଚେକା ଦୁକୁ ଅ଼ଡେ଼ କସ୍ତତଲେ ନ଼ା ହିୟାଁତା ଏଚେକା
ବ଼ଜୁ ଆ଼ହାମାନେ, ଈଦାଆଁ ନ଼ାଡ଼ିକିହାଁ ୱେସିହିଲଅଁ । ୩ ନ଼ା ଜାହାରା
କୂଡ଼ାତି ତାୟିୟାଁକି ନ଼ାନୁ କ୍ରୀସ୍ତ ତ଼ାଣାଟି ଏଟ୍‌କା ଆ଼ହାନା ମାହାପୂରୁ
ତ଼ାଣାଟି ବ଼ାକା ବେଟାଆ଼ହାଲି ନ଼ା ଅଣ୍‌ପୁ, ଇଚିହିଁ ଏ଼ୱାରି ମାହାପୂରୁତି
ଲ଼କୁ । ୪ ଏ଼ନାଆଁତାକି ଇଚିହିଁ ଏ଼ୱାରି ଇସ୍ରାୟେଲ ଲ଼କୁ; ତାନି
ମୀର୍‌କା ଲେହେଁ ଆବାନା ଏ଼ୱାରି ନ଼କିତା ତାନି ଗାୱୁରମି ତ଼ସାମାଚେସି;
ଏ଼ୱାରିତଲେ ର଼ାଜିମ଼ାନା ଆ଼ହାନା ଏ଼ୱାରାକି ମ଼େରା ହୀହାମାଚେସି, ଏ଼ୱାରି
ସାତା ତଲେ ସ଼େବା କିନାରି; ଏ଼ୱାରି ମାହାପୂରୁ ତ଼ାଣାଟି ଆ଼ଞ୍ଜାମାନାଣି
ବେଟାଆ଼ହାମାନେରି; ୫ ଏ଼ୱାରି ବାରେଜ଼ାଣା ୱ଼େଙ୍ଗାମାନି ଆକୁ ଆ଼ବାୟାଁତି
ମୀର୍‌କା ଇଞ୍ଜାଁ ମାଣ୍‌ସି ୱ଼ାଣାଟି କ୍ରୀସ୍ତ ଏ଼ୱାରି ତ଼ାଣାଟି ଜାର୍ନା ଆ଼ହାମାଚେସି;
ବାରେ ଅଦିକାରାଗାଟି ମାହାପୂରୁକି କ଼ାଲାକ଼ାଲାତାକି ଜହରା ଆ଼ପେ ।
ଆ଼ମେନ୍ । (aiōn g165) ୬ ମାହାପୂରୁତି ବ଼ଲୁ ଉଜେଏ ଆ଼ହାମାନେ ଇଞ୍ଜେଁ
ନ଼ାନୁ ୱେସିହିଲଅଁ, ଇଚିହିଁ ଇସ୍ରାୟେଲ କୂଡ଼ାତି ବାରେ ଲ଼କୁ ମାହାପୂରୁତି
ଲ଼କୁ ଆ଼ଏ, ୭ ଅବ୍ରାହାମ କୂଡ଼ାତି ବାରେ ଲ଼କୁ ମାହାପୂରୁ ମୀର୍‌କା ମ଼ାସ୍‌କା
ଏ଼ଦି ଆ଼ଏ; ମାହାପୂରୁ ଅବ୍ରାହାମଇଁ ୱେସାମାଚେସି, “ଇସାହାକ ତ଼ାଣାଟି
ନୀ କୂଡ଼ା ୱ଼େଙ୍ଗିନେରି ।” ୮ ଈଦାଣି କାତା ଈଦି, ମାଣ୍‌ସି ମୀର୍‌କା ମ଼ାସ୍‌କା
ମାହାପୂରୁ ମୀର୍‌କା ମ଼ାସ୍‌କା ଆ଼ହାଲି ଆ଼ଡଅରି, ମାହାପୂରୁତି ଆ଼ଞ୍ଜାମାନି
ଲେହେଁ ଜାର୍ନା ଆ଼ହାମାନି ମୀର୍‌କା ମ଼ାସ୍‌କା ମାହାପୂରୁ ନ଼କିତା ସାତା
ମୀର୍‌କା ମ଼ାସ୍‌କା ଲେହେଁ ଆ଼ନେରି । ୯ ମାହାପୂରୁ ଈଦାଆଁ ଆ଼ଞ୍ଜାମାଚେସି,
“ଈ କ଼ାଲମିତା ମ଼ାମ୍ବୁ ୱେଣ୍ଡେ ୱ଼ାନମି, ଏଚିବେଲାତା ସାରା ର଼ ମୀର୍‌ଏଣାଇଁ
ଜାର୍ନା କିହାମାଣ୍‌ମ୍ବିନେ ।” ୧୦ ଅ଼ଡେ଼ ୱାର୍‌ଇ ଏଚେକା ଆ଼ଏ, ରିବିକାନି
ତ଼ାଣା ଜିକେଏ ଜ଼ାଣ୍‌ୱା ମୀର୍‌କା ର଼ ତାଞ୍ଜି ଇସାହାକ ତ଼ାଣାଟି ଜାର୍ନା
ଆ଼ହାମାଚେରି, ୧୧ ଏ଼ୱାରି ଜାର୍ନା ଆ଼ନି ନ଼କେଏ, ଅ଼ଡେ଼ ଏ଼ୱାରି ନେହାଁଣି
ଲାଗେଏତାଣି କିନି ନ଼କେଏ, ଈୱାରି ବିତ୍ରାଟି ରଅସି ମାହାପୂରୁ ଲ଼ଡ଼ା ତାକି
ବାଚି କିୱିଆ଼ତେସି, ୧୨ ରିବିକାଇଁ ମାହାପୂରୁ ଏଲେଇଞ୍ଜାମାଚେସି, “କାଜା
ତାୟି ଉଣା ତାୟିତି ସ଼େବା କିନେସି ।” ମାହାପୂରୁ ଏ଼ଦାଆଁ ୱେସାମାଚେସି
ଏ଼ୱାରି କାମା କିତି ତ଼ାଣାଟି ଆ଼ଏ, ୱାର୍‌ଇ ମାହାପୂରୁ ଆ଼ଚିତାକି ଏ଼ୱାରି
ହ଼ାଟ୍‌କି ଆ଼ତେରି । ୧୩ ସ଼ାସ୍ତେରିତା ର଼ାସ୍‌କି ଆ଼ହାମାନେ, “ନ଼ାନୁ ଜାକୁବଇଁ
ଜୀୱୁ ନ଼ତେଏଁ, ସାମା ଏସାୱୁଇଁ ଅ଼ପାଆତେଏଁ ।” ୧୪ ଆତିହିଁ ଏ଼ନାଆଁ
ଇନାୟି, ମାହାପୂରୁ ଲାଗେଏତି କାମାକିନାସି କି? ଏ଼ଦି ଏଚେଲା ଜିକେଏ
ଆ଼ଆପେ । ୧୫ ଏ଼ଦାଆଁତାକି ମ଼ସାଇଁ ଏଲେଇଚେସି, “ଆମ୍ବାଆରାଇଁ ନ଼ା
କାର୍ମା ଆ଼ନାୟି ମାନେ ଏ଼ୱାଣାଇଁ କାର୍ମା ଆ଼ଇଁ, ଆମ୍ବାଆରାଇଁ ସ଼ାୟେମି
କିନାୟିମାନେ ଏ଼ୱାଣାଇଁ ନ଼ାନୁ ସ଼ାୟେମି କିଇଁ ।” ୧୬ ଏ଼ଦାଆଁତାକି
ଆମ୍ବାଆସି ମ଼ନ କିନେସି, ଆ଼ଆତିଁ ଆମ୍ବାଆସି ପାରିନାସି କି କିନାସି,
ଏ଼ୱାଣି ତ଼ାଣାଟି ଏ଼ନାୟି ଆ଼ହାଲି ଆ଼ଡେଏ, ସାମା କାର୍ମାମେହ୍‌ନି ମାହାପୂରୁ
ତ଼ାଣାଟି ଆ଼ନେ । ୧୭ ଦାର୍ମୁ ସ଼ାସ୍ତେରିତା ର଼ାସ୍‌କି ଆ଼ହାମାନି ଲେହେଁ,
ମାହାପୂରୁ ମିସରତି ରାଜା ପ଼ାରଇଁ ଏଲେଇଚେସି, “ନୀ ତ଼ାଣାଟି ନ଼ା ବ଼ାଡ଼୍‌ୟୁ
ତ଼ସାଲି ଇଞ୍ଜାଁ ବାରେ ଦାର୍‌ତିତା ନ଼ା ଗାୱୁରମି ତ଼ସାଲି ତାକି ନ଼ାନୁ ନିଙ୍ଗେ
ରାଜା କିହାମାଞ୍ଜାଇଁ ।” ୧୮ ଏ଼ଦାଆଁତାକି ମାହାପୂରୁତି ଅଣ୍‌ପୁ ଲେହେଁ
ଆମ୍ବାଆରାଇଁ କାର୍ମା ମେହ୍‌ନେସି ଇଞ୍ଜାଁ ଆମ୍ବାଆରାଇଁ ଆ଼ଟ୍‌ୱା ହିୟାଁ କିନେସି
। ୧୯ ଏମ୍ବାଟିଏ ନୀନୁ ନାଙ୍ଗେ ଏଲେଇଞ୍ଜାଦି, “ମାହାପୂରୁ ଏ଼ନାଆଁତାକି
ଦ଼ହ ଆହ୍‌ନେସି? ଆମ୍ବାଆସି ମାହାପୂରୁତି କ଼ପାତଲେ ଏ଼ନାଆଁ କିହାଲି
ଆ଼ଡିମାନେସି?” ୨୦ ସାମା ଏ଼ ସ଼ୟି, ନୀନୁ ଆମ୍ବାଆତି, ମାହାପୂରୁଇଁ
ୱେଣ୍ଡେ ୱେସାଲି ନିଙ୍ଗେ ସ଼ାସା ମାନେକି, ଗ଼ାଡ଼ି ଆ଼ତି ଆ଼ସ୍ତି ଗ଼ାଡ଼ି କିତାଣାଇଁ
“ନାଙ୍ଗେ ଏ଼ନାଆଁତାକି ଇଲେକିଁ ଗ଼ାଡ଼ି କିୟାତି ଇଞ୍ଜେଁ ଏଲେଇଞ୍ଜାଲି ଆ଼ଡିନେ
କି?” ୨୧ ର଼ ଇର୍‌ଆ ଡେପ୍‌ଲାଟି ଜାହାରା ଇଚା ତଲେ ଡ଼କା କ଼େପାଲି
କୁମ୍ବେଏଣାକି ବାରେ ଅଦିକାରା ମାନେ, ରଣ୍ଡାଆଁ ବାରେ କାମାତି ଦିନାତା
ଲ଼େମ୍ବାଲି ଅ଼ଡେ଼ ରଣ୍ଡାଆଁ ଉଜେଏ ଦିନାତା ଲ଼େମ୍ବାଲି ତାକି । ୨୨ ମାହାପୂରୁ
ଜିକେଏ ଏଲେକିଁ କିହାମାନେସି, ତାନି କାର୍‌ବି ତ଼ସାଲି ଇଞ୍ଜାଁ ବ଼ାଡ଼୍‌ୟୁତି
ପୁଣ୍‌ମ୍ବି କିହାଲି ଅଣ୍‌ପିମାଚେସି, ସାମା ଆମିନି ଗାଟାରି ଏ଼ୱାଣି କ଼ପାତଲେ
ନ଼ାସା ଆ଼ନାୟି ମାଚେ, ଏ଼ୱାରି ତାକି ମାହାପୂରୁ ହ଼ାରେକା କାର୍ମା ଆ଼ହାନା
ଅ଼ର୍‌ହା ମାନେସି । ୨୩ ଅ଼ଡେ଼ ଗାୱୁରମି ତାକି ତାନିତ଼ାଣାଟି ନ଼କେଏ
ଆ଼ହାମାନି ସ଼ାୟେମିତି ଲ଼କୁ ମ଼ାର ଇଚିହିଁ, ମ଼ା ତ଼ାଣା ତାନି ଗାୱୁରମିତି ଦ଼ନ
ତ଼ସାଲି କିହାମାନେସି, ଆତିହିଁ ନୀନୁ ଏ଼ନାଆଁ ଇଞ୍ଜେଁ? ୨୪ ଏ଼ଦାଆଁତାକି
ଏ଼ୱାସି ୱାର୍‌ଇ ଜୀହୁଦି ଲ଼କୁ ତ଼ାଣାଟି ମାଙ୍ଗେ ହ଼ାଟା ମାଞ୍ଜଅସି, ସାମା
ଜୀହୁଦିଆ଼ଆତି ଲ଼କୁ ତ଼ାଣାଟି ଜିକେଏ ମାଙ୍ଗେ ହ଼ାଟାମାଞ୍ଜାନେସି, ୨୫ ଈ
କାତାତି ହସେୟ ପତିତା ମାହାପୂରୁ ୱେସାମାନେସି; “ଆମ୍ବାଆରି ମ଼ା ଲ଼କୁ

ହିଲାଆତେରି, ଏ୍ୱାରାଇଁ 'ମ୍ା ଲ୍କୁ' ଲେହେଁ ହ୍ାଟା କଡିତମି; ଆମିନି
କୂ୍ଡ଼ାତାରାଇଁ ଜୀୱୁ ନ୍ହାଁ ହିଲାଆତମି ଏ୍ୱାରାଇଁ ମ୍ା 'ଜୀୱୁତି ଲ୍କୁ' ଇଚମି,
**୨୬** ଆମିନି ଟା୍ୟୁତା ଏ୍ୱାରାଇଁ ୱେସାମାଚମି, 'ମୀରୁ ମ୍ା ଲ୍କୁ ଆ୍ଏ'
ଏମ୍ବାଆଁ ଏ୍ୱାରି ଜୀୱୁଗାଟି ମାହାପୂରୁତି ମୀର୍କା ଇଞ୍ଜେଁ ୱେଡ୍ଙ୍ଗନେରି ।" **୨୭**
ଇଞ୍ଜାଁ ଇସ୍ରାୟେଲ ଲ୍କୁତି କାତା ଜିସାୟ୍ କାଜା ଗିୟାଁତଲେ ୱେସାମାନେସି,
"ଇସ୍ରାୟେଲତି ଲ୍କୁ ସାମ୍ଦୁରିତି ଏଜିକିହାଲି ଆ୍ଡାଆଗାଟି ବା଼ଲି ଲେହେଁ
ଆତିହିଁ ଜିକେଏ, ଏ୍ୱାରି ବିତ୍ରାଟି ଏଚର ଜ୍ାଣାଦେଁ ଗେଲ୍ପି ଆ୍ନେରି;
**୨୮** ଏ୍ନାଆଁତାକି ଇଚିହିଁ ପ୍ରବୁ ତବେ ଦାର୍ତିତା ବାରେ ନୀହାଁୟି ବିଚାରା
କିନେସି ।" **୨୯** ଏ୍ନିକିହିଁ ଜିସାୟ୍ ତଲିଏ ଅ୍ଡେ ୱେସାମାଚେସି, "ବାରେ
ବ୍ାଡ୍ୟୁ ଗାଟି ପ୍ରବୁ ଏଚେକା ମ୍ା କୂ୍ଡାତି ଲ୍କୁଣି ଗେଲ୍ପାଆତିମାଁ, ସଦମ
ଅ୍ଡେ ଗମରାତି ଲ୍କୁଲେହେଁ ମାଞ୍ଜେ ଜିକେଏ ଆୟାତେମା ।" **୩୦**
ଏ୍ଦାଆଁତାକି ଜୀହୁଦିଆ୍ଆତି ଲ୍କୁତି କାତାତା ଇଲେ ଇଞ୍ଜାଲି ଆ୍ଡିନାୟି,
ଏ୍ୱାରି ଦାର୍ମୁଗାଟାରି ଆ୍ହାଲି ଅଣ୍ପି ହିଲାଆତେରି, ସାମା ଏ୍ୱାରି ନାମୁ
ତାକି ଦାର୍ମୁଗାଟାରି ଆ୍ତେରି । **୩୧** ସାମା ଇସ୍ରାୟେଲ ଲ୍କୁ ଦାର୍ମୁଗାଟାରି
ଆ୍ହାଲି ଅଣ୍ପାନା ମେ୍ରା ତଲେ ଦାର୍ମୁଗାଟାରି ଆ୍ହାଲି ଆ୍ଡାଆତେରି
। **୩୨** ଏ୍ନାଆଁତାକି? ଇଚିହିଁ ଏ୍ୱାରି ନାମୁତଲେ ଏ୍ଦାଆଁ ପାରାଆନା,
କାମା ତଲେ ପାରିମାଚେରି । ଏ୍ଦାଆଁତାକି ଏ୍ୱାରି ଆ୍ଡ୍ଗିମାନି ୱାଲିତା
ପୁଟି କିହାନା ତର୍ଗିତେରି । **୩୩** ସ୍ାସ୍ତେରିତା ରା୍ସ୍କି ଆ୍ହାମାନେ;
"ସିନିକିଦ୍ଦୁ, ମ୍ାମ୍ମୁ ସିୟନତା ର୍ ପୁଟିକିନି କଟା ୱାଲି ଇଞ୍ଜାଁ ଆ୍ଡ୍ଗିନି ପ୍ାକା
ୱାଲି କେ୍ପାମାନମି, ଆମ୍ବାଆସି ଏ୍ୱାଣି ତ୍ାଣା ନାମିନେସି ଏ୍ୱାସି ଲାଜା
ବେଟାଆ୍ଅସି ।"

**୧୦** ଏ୍ ତାୟି ତାଡ୍ଙ୍ଗିସ୍କାତେରି, ମ୍ା ଲ୍କୁ ଏ୍ନିକିହିଁ ଗେଲ୍ପି ଆ୍ନେରି,
ଏ୍ଦି ନ୍ା ହିୟାଁତି ଅଣ୍ପୁ, ଇଞ୍ଜାଁ ଏ୍ୱାରି ତାକି ମାହାପୂରୁ ତ୍ାଣା
ରଣ୍ଡିଏ ଅଣ୍ପୁ ତଲେ ନ୍ା ପ୍ରାତାନା । **୨** ଇଚିହିଁ ମାହାପୂରୁ ସେ୍ବା କିହାଲି
ଏ୍ୱାରାକି ହ୍ାରେକା ମ୍ନ ଅ୍ଡେ ରା୍ହାଁ ମାନେ, ଇଦାଆଁ ନ୍ାନୁ ଏ୍ୱାରି
ୱାକିଟି ୱେସିମାଇଁ, ସାମା ଏ୍ ମ୍ନ ଅ୍ଡେ ରା୍ହାଁ ବୁଦିଗାଟାୟି ଆ୍ଏ । **୩**
ମାହାପୂରୁ ହୀତି ଦାର୍ମୁତି ଜିରୁ ପୁନାଆନା ଜାହାରା ଟୀରି କିହାମାନି ଦାର୍ମୁତି
ଜିରୁଟି ତ୍ାକାନା ମାହାପୂରୁ ହୀତି ଦାର୍ମୁତି ଜିରୁତି ଆସିହିଲଅରି । **୪** କ୍ରୀସ୍ତୁ
ମେ୍ରାତି ରା୍ପ୍ନାସି, ୱାର୍ଇ ଏ୍ୱାଣି ତ୍ାଣା ନାମିସାରେ ମାଣ୍ସି ମାହାପୂରୁ
ନ୍କିତା ଦାର୍ମୁଗାଟାସି ଆ୍ନେସି । **୫** ମ୍ସା ରା୍ଚାମାନେସି, "ଆମିନି ମାଣ୍ସି
ମେ୍ରା ମ୍ାନି କିହାନା ଦାର୍ମୁଗାଟାସି ଆ୍ନେସି, ଏ୍ୱାସି ଏମ୍ବାଟି ନୀଡିନେସି
।" **୬** ସାମା ନାମୁତଲେ ଦାର୍ମୁ ଗାଟାତାୟି ଆ୍ନାୟି ଇଞ୍ଜେଁ ସ୍ାସ୍ତେରିତା ରା୍ସ୍କି
ଆ୍ହାମାନେ, "କ୍ରୀସ୍ତୁଇଁ ରେ୍ପ୍ହା ଟାଚାଲି ତାକି ଆମ୍ବାଆସି ଲାକପୂରୁ
ହାଜାଲି ଆ୍ଡିନେସି?" ମୀରୁ ଇ କାତା ଏଲେଇନାଆଦୁ । **୭** ଇଞ୍ଜାଁ "କ୍ରୀସ୍ତୁଇଁ
ହ୍ାଟାରି ତ୍ାଣାଟି ନିକ୍ହା ଟାଚାଲି, ଆମ୍ବାଆସି ତ୍ାଡ଼େ୍ପୂରୁ ହାନେସି? ଇ
କାତା ଜିକେଏ ମୀରୁ ଏଲେଇନାଆଦୁ ।" **(Abyssos g12)** **୮** ଏ୍ନାଆଁତାକି
ଇଚିହିଁ ସ୍ାସ୍ତେରିତା ରା୍ସ୍କି ଆ୍ହାମାନି ଲେହେଁ, "ମାହାପୂରୁତି ବ୍ଲୁ ମୀ
ତ୍ାଣା ମାନେ, ଅ୍ଡେ ମୀ ଗୂଟି ଇଞ୍ଜାଁ ହିୟାଁତା ମାନେ, ଆମିନି ନାମୁତି ବ୍ଲୁ
ମ୍ାମ୍ମୁ ୱେକ୍ହି ମାନମି, ଏ୍ ବ୍ଲୁ ।" **୯** ମୀରୁ ଜୀସୁଇଁ ଗୂଟି ତଲେ ପ୍ରବୁ ଇଞ୍ଜାଁ
ଜ୍ଲିଦେରି, ଇଞ୍ଜାଁ ମାହାପୂରୁ ଏ୍ୱାଣାଇଁ ହ୍ାତାରି ତ୍ାଣାଟି ନିକ୍ହାମାନେସି
ଇଞ୍ଜେଁ ହିୟାଁ ତଲେ ନାମିସାରେ, ଆତିହିଁ ମୀରୁ ଗେଲ୍ପି ଆ୍ଦେରି; **୧୦**
ଇଚିହିଁ ଦାର୍ମୁଗାଟି ଲ୍କୁ ଆ୍ହାଲି ମାଣ୍ସି ହିୟାଁ ତଲେ ନାମିନେସି, ଇଞ୍ଜାଁ
ଗେଲ୍ପି ଆ୍ହାଲି ଗୂଟି ତଲେ ଜ୍ଲିନେସି । **୧୧** ଦାର୍ମୁ ସ୍ାସ୍ତେରିତା ରା୍ସ୍କି
ଆ୍ହାମାନେ, "ଆମ୍ବାଆସି ଜିକେଏ ତାନି ତ୍ାଣା ନାମିନେସି, ଏ୍ୱାସି ଲାଜା
ବେଟାଆ୍ଅସି ।" **୧୨** ଜୀହୁଦି ଇଞ୍ଜାଁ ଜୀହୁଦିଆ୍ଆତାରି ବିତ୍ରା ପାର୍ଡ୍ା
ବାଟି କିନାୟି ହିଲେଏ; ବାରେଜ୍ାଣା ତାକି ରଣ୍ଡିଏ ପ୍ରବୁ, ଏଚେକା ଲ୍କୁ
ଏ୍ୱାଣି ତ୍ାଣା ପ୍ରାତାନା କିନେରି, ବାରେ ଜ୍ାଣାକି ଏ୍ କାର୍ମାମେହ୍ନାୟି
ଆ୍ନେ । **୧୩** "ଆମ୍ବାଆସି ପ୍ରବୁ ଦ୍ରୁ ଆସାନା ପ୍ରାତାନା କିନେସି, ଏ୍ୱାସି
ଗେଲ୍ପି ଆ୍ନେସି ।" **୧୪** ସାମା ଆମ୍ବାଆରାଇଁ ନାମା ହିଲଅରି ଏ୍ନିକିହିଁ
ଏ୍ୱାରି ଏ୍ୱାଣି ତ୍ାଣା ପ୍ରାତାନା କିନେରି? ଇଞ୍ଜାଁ ଏ୍ୱାଣି ନେହିଁ ବ୍ଲୁ
ୱେନାଆନା ଏ୍ୱାରି ଏ୍ନିକିହିଁ ନାମିନେରି? ୱେକ୍ନାରି ୱେକ୍ଆସାରେ ଏ୍
ବ୍ଲୁ ଏ୍ୱାରି ଏ୍ନିକିହିଁ ୱେନେରି? **୧୫** ଅ୍ଡେ ବ୍ଲୁ ୱେକ୍ହାଲି ତାକି ପାଣ୍ଡୱି
ଆ୍ଆସାରେ ରଅସି ଏ୍ନିକିହିଁ ବ୍ଲୁ ୱେକ୍ନେସି? ଇ କାତା ସ୍ାସ୍ତେରିତା
ରା୍ସ୍କି ଆ୍ହାମାନେ, "ଆମିନି ଗାଟାରି ନେହିଁ ବ୍ଲୁତି କାବୁ ତାନେରି
ଏ୍ୱାରି କଡାୟାଁ ଏଚେକା ଅ୍ଜିତାଇ!" **୧୬** ସାମା ବାରେଜ୍ାଣା ଏ୍ ନେହିଁ
ବ୍ଲୁ ଆ୍ବା ହିଲଅରି, ଏ୍ଦାଆଁତାକି ଜିସାୟ୍ ଏଲେଇଞ୍ଜି ମାନେସି, "ପ୍ରବୁ
ମ୍ା ହ୍ାଡା ୱେଞ୍ଜାନା ଆମ୍ବାଆସି ନାମା ମାନେସି?" **୧୭** ଏ୍ନିଇଚିହିଁ ନାମୁ
ୱେନି ତ୍ାଣାଟି ୱ୍ାନେ, ଅ୍ଡେ ୱେନାୟି କ୍ରୀସ୍ତୁତି ନେହିଁ ବ୍ଲୁଟି । **୧୮**
ସାମା ନ୍ାନୁ ଏଲେଇଇଁ, ଏ୍ୱାରି ଏ୍ନାଆଁ ଏ୍ ବ୍ଲୁ ୱେଞ୍ଜାହିଲଅରି କି?
ୱେଞ୍ଜାମାନେରି, ଏ୍ନାଆଁତାକି ଇଚିହିଁ ସ୍ାସ୍ତେରିତା ରା୍ସ୍କି ଆ୍ହାମାନେ;
"ଏ୍ୱାରି ହ୍ାଡା ବାରେ ଦାର୍ତିତା ୱେଡ୍ଙ୍ଗାମାନେ, ଏ୍ୱାରି କାତା ବାରେ
ଦାର୍ତି ମୁଟ୍ପୁଲି ପାତେକା ୱେଡ୍ଙ୍ଗାମାନେ ।" **୧୯** ଅ୍ଡେ ର୍ ଦେବା ନ୍ାନୁ
ୱେଞ୍ଜାଲି ଅଣ୍ପିମାଇଁ, ଇସ୍ରାୟେଲ ଲ୍କୁ ଏ୍ଦାଆଁ ତେଲ୍ହାଲି ଆ୍ଡାଆତେରି
କି? ହ୍ାରେକା ବାର୍ସା ନ୍କେଏ ମ୍ସା ଇ କାତା ୱେସାମାନେସି, "ମ୍ା
ଲ୍କୁଣି କାର୍ବି କିହାଲିତାକି ର୍ ଉଣା କୂ୍ଡାତି ଲେମ୍ବିନମି, ଏଲେକିହିଁ ଏ୍
ବୁଦି ହିଲାଆଗାଟି କୂ୍ଡା ତଲେ ଏ୍ୱାରାଇଁ କାର୍ବି କିୱି କିନମି ।" **୨୦**
ଅ୍ଡେ ଜିସାୟ୍ ସ୍ାସାତଲେ ୱେସାମାନେସି, "ଆମିନି ଗାଟାରି ମାଞ୍ଜେ
ପାରିମାଞ୍ଜାଆତେରି, ଏ୍ ଲ୍କୁ ମାଞ୍ଜେ ବେଟାଆୟାତେରି; ଆମିନି ଗାଟାରି
ମ୍ା କାତା ୱେଞ୍ଜିମାଞ୍ଜାଆତେରି, ଏ୍ୱାରି ନ୍କିତା ମ୍ାମ୍ମୁ ତ୍ଞ୍ଜାଆ୍ତମି ।" **୨୧**
ସାମା ଏ୍ୱାସି ଇସ୍ରାୟେଲ ଲ୍କୁତି କାତା ୱେସାମାନେସି, "ର୍ ମ୍ାନି କିଆନା
ନ୍ା କ୍ପାଟି ନିଙ୍ଗିନି କୂ୍ଡାତି ନ୍ାନୁ ୱେଡ୍ା ଡୁମ୍ବେ କେୟୁ ଦ୍ାସା ମାଇଁ ।"

**୧୧** ଅ୍ଡେ ନ୍ାନୁ ୱେଞ୍ଜାଲି ଆ୍ଡିଇଁ, ଆତିହିଁ ମାହାପୂରୁ ତାନି ଲ୍କୁଣି
ପିସାମାନେସି କି? ଏଲେଆ୍ହିଁ ଏଚେଲା ଜିକେଏ ଆ୍ଆପେ,
ଏ୍ନାଆଁତାକି ଇଚିହିଁ ନ୍ାନୁ ଜିକେଏ ଅବ୍ରାହାମତି କୂ୍ଡାତା ଜାର୍ନାଆ୍ତି
ବିନ୍ୟାମିନ୍ ଗଚିତି ଇସ୍ରାୟେଲ ଲ୍କୁତେଏଁ । **୨** ମାହାପୂରୁ ତଲିଟିଏ ବାଚି
କିହାଁ ହ୍ାଟାମାନି ତାନି ଲ୍କୁଣି ଏଚେଲା ଜିକେଏ ପିସାହିଲଅସି, ମୀରୁ

ଦାର୍ମୁ ସାସ୍ତେରିତା ପଡ଼ୱି ଆ୍ହାହିଲଅତେରି? ଏ୍ନିକିହିଁ ଏଲିୟ ମାହାପୂରୁ
ନ୍‌କିତା ଇସ୍ରାୟେଲ ଲ୍‌କୁ କ୍‌ପାତଲେ କାତା ଜ୍‌ଲାମାଚେସି, ୩ "ପ୍ରବୁ ଏ୍‌ୱାରି
ମାହାପୂରୁ ଅଣ୍‌ପୁତି ବ୍‌ଲୁ ୱେହ୍‌ନାରାଇଁ ଏ୍‌ନିକିହିଁ ପ୍‌ାୟ୍‌ାମାନେରି ଇଞ୍ଜୁଁ
ପୂଜା ପିଣ୍ଡାଣି ଡ଼ିକ୍‌ହାନା ନାସୱି କିହାମାନେରି, ୱାର୍‌ଇ ନ୍‌ାନୁ ରଅତେଏଁ
ଗେଲ୍‌ପି ଆ୍‌ହାମାଇଁ; ଏ୍‌ୱାରି ନ୍‌ା ଜୀୱୁ ଜିକେଏ ଅ୍‌ହାଲି ଅଣ୍‌ପିମାଞ୍ଜାନେରି
।" ୪ ଏଲିୟଇଁ ମାହାପୂରୁ ୱେଣ୍ଟେ ଏ୍‌ନାଆଁ ଏଲେଇଚେସି, "ନ୍‌ାଡ଼ିକିନି ବାଲ୍
ଡ଼ପେନ୍ତୁ, ପୂଡ଼ଲା ନ୍‌କିତା ମେଣ୍ଡା କୁତା ହିଲଅରି ଇଲେତି ସାତା ମ୍‌ାଣା ଲ୍‌କୁଣି
ମାଞ୍ଜେତାକି ଇଟାମାନମି ।" ୫ ଏଲେକିହିଁଏ ନୀଏଁ ଜିକେଏ କାର୍ମାମେସାନା
ଆ୍‌ାଚାମାଚେସି, ଏ୍‌ୱାରି ବିତ୍ରାଟି ଏଚର ଜ୍‌ାଣାଦେଁ ମାନେରି । ୬ ସାମା ତାନି
କାର୍ମାମେହ୍‌ନି ତ୍‌ାଣାଟି ଆତିହିଁ, ଏ୍‌ଦି କାମାଲ୍‌ଡ଼ା ତାକି ଆ୍‌ହାଲି ଆ୍‌ଡେଏ;
ଇଞ୍ଜୁଁ ତାନି କାର୍ମାମେହ୍‌ନାୟି ସାତା ତଲେ କାର୍ମାମେହ୍‌ନାୟି ଆ୍‌ଏ । ୭
ଆତିହିଁ ଏ୍‌ନାଆଁ ଆ୍‌ତେ? ଇସ୍ରାୟେଲତି ଲ୍‌କୁ ଏ୍‌ନାଆଁ ପାରିମାଚେରି,
ଏ୍‌ଦାଆଁ ବେଟାଆ୍‌ଆତେରି; ୱାର୍‌ଇ ମାହାପୂରୁ ଆ୍‌ଚାମାନି ଏଚରଜ୍‌ାଣା
ଲ୍‌କୁ ଏ୍‌ଦାଆଁ ବେଟାଆ୍‌ତେରି, ଏଟ୍‌କାତାରି ଆମ୍ବାଆରି ଜିକେଏ ମାହାପୂରୁ
ହ୍‌ାଟାମାନାଣି ମ୍‌ନ ହୀଆତେରି । ୮ ସା୍ତ୍ରେରିତା ରା୍‌ସ୍‌କି ଆ୍‌ହାମାନେ,
"ମାହାପୂରୁ ନୀଞ୍ଜୁପାତେକା ଏ୍‌ୱାରାକି ଆ୍‌ଟ୍‌ୱା ଜୀୱୁ ହୀହାମାନେସି, ଅ୍‌ଡ଼େ
ଇଲେତି କାଣ୍‌କା ହୀହାମାନେସି, ଏ୍‌ନିକିଁ ଏ୍‌ୱାରି ମେସାଲି ଆ୍‌ଡି ହିଲଅରି,
ଅ୍‌ଡ଼େ ଇଲେତି କୀର୍କା ହୀହାମାନେସି ଏ୍‌ୱାରି ୱେଞ୍ଜାଲି ଆ୍‌ଡିହିଲଅରି ।" ୯
ଏ୍‌ୱାରି କାତା ଦାୱୁଦ ର୍‌ାଚାମାନେସି, "ଏ୍‌ୱାରି ପାର୍ବୁତି ର୍‌ାନ୍ଧା ତିନା ଉନାଟି
ପ୍‌ାନ୍ଧାତା ରିପାରି, ଏ୍‌ୱାରି ତର୍‌ଗାନା ଡଣ୍ଡ ବେଟାଆ୍‌ପେରି । ୧୦ ଏ୍‌ୱାରି
ଏ୍‌ନିକିଁ ମେସାଲି ଆ୍‌ଡଅରି, ଏ୍‌ଦାଆଁତାକି ଏ୍‌ୱାରି କ୍‌ାଣାୟ୍‌ାଁ ଆ୍‌ପେରି,
କ୍‌ାଲେଏ ଦୁକୁ କସ୍ତ ବେଟାଆ୍‌ହାନା ଏ୍‌ୱାରି ଟେଡେଲି ଟୁଡୁୱା ଆ୍‌ପେ ।"
୧୧ ନ୍‌ାନୁ ଏଲେ ଇଞ୍ଜିମାଇଁ, ଏ୍‌ୱାରି ନାସୱି ଆ୍‌ହାଲି ପୁଟି କିହା ମାନେରି
କି? ଆ୍‌ଏ ଏଚେଲା ଜିକେଏ ଆ୍‌ଆପେ, ସାମା ଏ୍‌ୱାରି ପ୍‌ାପୁ କିତାକି,
ଏ୍‌ୱାରାଇଁ କାର୍‌ବି କିହାଲିତାକି ଜୀହୁଦିଆ୍‌ଆତାରି ନ୍‌କିତା ଗେଲ୍‌ପିଆ୍‌ନି
ଅଦିକାରା ମ୍‌େଡ଼ାଆ୍‌ତେ । ୧୨ ଜୀହୁଦି ଲ୍‌କୁତି ପ୍‌ାପୁ ଦାର୍‌ତିତି ବାରେ
ଲ୍‌କୁତାକି ହ୍‌ାରେକା ବାଡ଼୍‌କୁ ଲେହେଁ ଆ୍‌ହାମାନେ, ଜୀହୁଦି ଲ୍‌କୁ ରିତାକି
ଜୀହୁଦିଆ୍‌ଆତି ଲ୍‌କୁତାକି ବ୍‌ର ହ୍‌ାରେଏ ଗାଡି ଲ୍‌ାବା କିହାମାନେରି,
ଇଞ୍ଜୁଁ ବାରେ ଜୀହୁଦି କୂଡ଼ା ଗେଲ୍‌ପି ଆ୍‌ତିହିଁମା ଏମ୍ବାଟି ଏଚେକା ଗାଡି
ବ୍‌ର ବେଟାଆ୍‌ଅରି! ୧୩ ଜୀହୁଦିଆ୍‌ଆତି ଲ୍‌କୁଣି ନ୍‌ାନୁ ଏଲେ ଇଞ୍ଜିମାଇଁ,
ନ୍‌ାନୁ ଜୀହୁଦିଆ୍‌ଆତି ଲ୍‌କୁତାକି ପାଣ୍ଡୱି ଆ୍‌ହାମାନାକି ନ୍‌ା ସ୍‌େବା କାମାତି
ପ୍‌ାଣା ତାକି ନ୍‌ାନୁ ବଡପଣ ଆ୍‌ହିମାଇଁ । ୧୪ ଏ୍‌ନିକିହିଁ ଆ୍‌ପେ ଜାହାରା
କୂଡ଼ାତି ଲ୍‌କୁଣି ର୍‌ାହାଁ କିୱିକିହାନା ଏ୍‌ୱାରି ତ୍‌ାଣାଟି ଏଚର ଜ୍‌ାଣାଇଁ
ଗେଲ୍‌ପାଲି ଆ୍‌ଡିଇଁ । ୧୫ ଏ୍‌ନାଆଁତାକି ଇଚିହିଁ ଏ୍‌ୱାରି ପିସ୍‌ପିଆ୍‌ାତାକି
ଦାର୍‌ତି ତ୍‌ଣେ ଆ୍‌ତେ । ଆତିହିଁ, ମାହାପୂରୁ ବାରେ ଜୀହୁଦି କୂଡ଼ାତି
ଆବିସାରେ, ଏ୍‌ଦାଆଁତି ପ୍‌ାଡ଼େୟି ଏ୍‌ନାଆଁ ଆ୍‌ନେ? ଏ୍‌ଦି ହ୍‌ାତି ମାଣ୍‌ସି ଜୀୱୁ
ବେଟାଆ୍‌ତି ଲେହେଁ । ୧୬ ରଚାଣି ରୂଟି ମାହାପୂରୁ ଦ୍‌ରୁତଲେ ହେର୍‌ପି
ଆ୍‌ହାମାଚିହିଁ, ବାରେ ରୂଟି ଜିକେଏ ହେର୍‌ପି ଆ୍‌ହାମାନେ ଇଞ୍ଜୁଁ ଇନାୟି;
ର୍‌ ମ୍‌ାର୍‌ନୁତି ହୀରୁ ହେର୍‌ପି ଆ୍‌ହାମାଚିହିଁ, ଏ୍‌ଦାଣି କମା କାନ୍ଧି ଜିକେଏ
ହେର୍‌ପି ଆ୍‌ହାମାନୁ ଇଞ୍ଜୁଁ ଅଣ୍‌ପିନାୟି । ୧୭ ସାମା ଏଚେକା କମାୟ୍‌ାଁ
ରାଡ଼୍‌ପି ଆ୍‌ତୁ ଅ୍‌ଡ଼େ ମୀରୁ ଜ୍‌ାଡ଼ାତି ଜୀତ ମ୍‌ାର୍‌ନୁତି କମାୟ୍‌ାଁ ଆ୍‌ତିଜିକେଏ
ଏ୍‌ ବିତ୍ରା ଦୁସ୍‌ପିଆ୍‌ତେରି, ଅ୍‌ଡ଼େ ଏ୍‌ୱାରିତଲେ ଜୀତ ମ୍‌ାର୍‌ନୁତି ଡାକିତି
ରାସାତା ଆଣ୍ଡିତେରି । ୧୮ ଆତିହିଁ ଏ୍‌ କମାୟ୍‌ାଁ କ୍‌ପାତଲେ ବଡପଣ
ଆ୍‌ଆଦୁ; ସାମା ମୀରୁ ବଡପଣ କିଦେରି, ମୀରୁ ମ୍‌ାର୍‌ନୁତି ଡାକିତି ଆସା
ହିଲଅତେରି, ସାମା ଡାକି ମିଞ୍ଜେ ଆସାମାଞ୍ଜାନେ, ଇଦାଆଁ ମୀରୁ ପୁଞ୍ଜା
ଡ଼ୟ୍‌ାଦୁ । ୧୯ ଆତିହିଁ ମୀରୁ ଏଲେଇଞ୍ଜାଲି ଆ୍‌ଡିଦେରି, "ନାଞ୍ଜେ ଟ୍‌ାୟୁ
ହୀହାନା ଦୁର୍‌ସାଲି ତାକି ଏ୍‌ କମାଣି ରାଡ଼୍‌ପି ଆ୍‌ହାମାତୁ ।" ୨୦ ଏ୍‌ଦି
ସାତା, ଏ୍‌ୱାରି ନାମାଆଲିଏ ରାଡ଼୍‌ପି ଆ୍‌ତେରି, ମୀରୁ ୱାର୍‌ଇ ନାମାଲିଏ ଏ୍‌
ଟ୍‌ାୟୁ ଅଦିକାରା କିହାମାଞ୍ଜେରି, ସାମା ବଡପଣ ଆ୍‌ଆନା ଆଜାଦୁ; ୨୧
ମ୍‌ାର୍‌ନୁତା ଗାଲ୍‌ହାମାନି କମାୟ୍‌ାଁ ଲେହେଁ ଜୀହୁଦି ଲ୍‌କୁଣି ମାହାପୂରୁ ଡଣ୍ଡ
ହୀଆନା ପିସାହିଲଅସି ଇଚିସାରେ, ଏ୍‌ୱାସି ମିଞ୍ଜେ ଜିକେଏ ପିସ୍ତଅସି
। ୨୨ ଇମ୍ବାଆଁ ସିନିକିନି କାତା, ମାହାପୂରୁ ଏ୍‌ନିକିହିଁ କାର୍ମା ମେହ୍‌ନାସି
ଇଞ୍ଜୁଁ କାର୍‌ବି ଆ୍‌ନାସି; ଆମ୍ବାଆରି ପ୍‌ାପୁତା ତର୍‌ଗା ମାନେରି, ଏ୍‌ୱାରାଇଁ
ଏ୍‌ୱାସି କାର୍‌ବି ଆ୍‌ନେସି; ସାମା ଏଚରଦିନା ପାତେକା ତାନି କାର୍ମାମେହ୍‌ନି
ତ୍‌ାଣା ଡ଼ୟିଦେରି, ଏଚରଦିନା ମିଞ୍ଜେତାକି କାର୍ମା ମେସ୍ତାନାସି, ତାନି
କାର୍ମାମେହ୍‌ନାଣି ଜ୍‌ାକ୍‌ହିସାରେ; ମୀରୁ ଜିକେଏ ରାଡ଼୍‌ପି ଆ୍‌ଦେରି । ୨୩
ଜୀହୁଦି ଲ୍‌କୁ ଏ୍‌ୱାରି ନାମୁତି ପିହ୍‌ଅରି, ଆତିହିଁ ଏ୍‌ୱାରି ତଲିମାଚି ଟ୍‌ାୟୁତା
ୱେଣ୍ଡେ ତୀରି ଆ୍‌ନେରି । ମାହାପୂରୁ ଇଦାଆଁ କିହାଲି ଆ୍‌ଡିମାନେସି । ୨୪
ଜୀହୁଦିଆ୍‌ଆତି ଲ୍‌କୁ ଜ୍‌ାଡ଼ାତି ଜୀତ ମ୍‌ାର୍‌ନୁତି ଗମାୟ୍‌ାଁ ଲେହେଁ । ଏ୍‌ୱି
ରାଡ଼୍‌ପି ଆ୍‌ହାନା ଏମ୍ବାତାଇ ଆ୍‌ଆତି ଜିକେଏ ବ୍‌ାଡ଼ାତା ପାଡିକିହାମାନି
ଜୀତ ମ୍‌ାର୍‌ନୁ ତଲେ ଦୁସ୍‌ପି ଆ୍‌ହାମାନୁ । ଜୀହୁଦି କୂଡ଼ାତି ଲ୍‌କୁ ବ୍‌ାଡ଼ାତା
ପାଡିକିହାମାନି ଜୀତ ମ୍‌ାର୍‌ନୁ ଲେହେଁ । ଇ ମ୍‌ାର୍‌ନୁତି ରାଡ଼୍‌ପି ଆ୍‌ହାମାନି
ଗମାଣି ୱେଣ୍ଡେ ମ୍‌ାର୍‌ନୁ ତଲେ ଦୁର୍‌ସାଲି ମାହାପୂରୁ ଆ୍‌ଡିନେସି । ୨୫ ଏ୍‌
ତାୟି ତାଡ଼୍‌ଗିସ୍କାତେରି, ମୀରୁ ଏ୍‌ନିକିଁ ମିଞ୍ଜେତାକି ମୀରୁଏ ବୁଦିଗାଟାତମି
ଇଞ୍ଜୁଁ ଅଣ୍‌ପଅତେରି, ଇଦାଆଁତାକି ମୀରୁ ଇ ଡୁଗାମାନି କାତାତି ପୁନାଆନା
ମାଣ୍‌ମ୍ବେରି ଇଞ୍ଜୁଁ ନ୍‌ା ମ୍‌ନ ହିଲେଏ, ଇଚିହିଁ ଜୀହୁଦିଆ୍‌ଆତି ଲ୍‌କୁ ବାରେ
ହ୍‌ଡ଼୍‌ଆ ପାତେକା ଇସ୍ରାୟେଲତି ଏଚେକା ଲ୍‌କୁ ନାମାଆନା ଡ଼ୟିନେରି;
୨୬ ଇଲେଆ୍‌ହିଁ ବାରେ ଇସ୍ରାୟେଲ ଲ୍‌କୁ ଗେଲ୍‌ପି ଆ୍‌ନେରି, ଏ୍‌ନିକିଁ ର୍‌ାସ୍‌କି
ଆ୍‌ହାମାନେ, "ଗେଲ୍‌ପି କିନାସି ସିୟନଟି ୱ୍‌ାନେସି, ଜାକୁବ କୂଡ଼ାତା ମାନି
ବାରେ ଲାଗେଏତାଣି ହେକ କିନେସି । ୨୭ ଏଚିଡ଼ବେଲା ନ୍‌ାନୁ ଏ୍‌ୱାରି
ପ୍‌ାପୁ ବାରେ ହେକ କିଇଁ, ଏଚିଡ଼ବେଲା ଏ୍‌ୱାରିତଲେ ଇ ରାଜିମ୍‌ାନା କିନମି
।" ୨୮ ନେହିଁ କାବୁତି ଆହ୍‌ଆ ଜୀହୁଦି ଲ୍‌କୁ ମିଞ୍ଜେତାକି ମାହାପୂରୁକି
ସାତୁୟ୍‌ାଁ ଆ୍‌ହାମାନେରି, ସାମା ମାହାପୂରୁ ଆ୍‌ଚାମାନି ଆକୁ ଆ୍‌ବାୟ୍‌ାଁ
ତାକି ଏ୍‌ୱାରି ମାହାପୂରୁକି ଜୀୱୁ ନ୍‌ନାରି ଆ୍‌ହାମାନେରି । ୨୯ ଇଚିହିଁ
ମାହାପୂରୁ ଆ୍‌ଚାମାନାୟି ଅ୍‌ଡ଼େ ତାନି କାର୍ମାତି ଦ୍‌ାନା ଏଚେଲାୱା ଉଜେଏ
ଆ୍‌ଏ । ୩୦ ଜୀହୁଦିଆ୍‌ଆତି ଲ୍‌କୁତେରି ତଲି ମୀରୁ ମାହାପୂରୁଇଁ ମ୍‌ାନି

କିହାହିଲାଆତେରି; ସାମା ନୀଏଁ ଜୀହୁଦି ଲ଼କୁ ମ଼ାନି କିଆତାକି ମାହାପୂରୁତି
କାର୍ମାମେହ୍‌ନାଣି ବେଟାଆ଼ତେରି, ୩୧ ଏଲେଆ଼ହିଁଏ ଏ଼ୱାରି ଜିକେଏ ନୀଏଁ
ମ଼ାନି କିହାହିଲଅରି, ଏ଼ନିକିହିଁ ମିଜ୍ଜେତାକି ତ଼ଞ୍ଜାଆ଼ହାମାନି କାର୍ମାମେହ୍‌ନାଣି
ତଲେ ଏ଼ୱାରି ଜିକେଏ ନୀଏଁ କାର୍ମାମେହ୍‌ନାଣି ବେଟାଆ଼ନେରି । ୩୨
ଏ଼ନିଇଚିହିଁ ମାହାପୂରୁ ବାରେ ଜ଼ାଣାଇଁ କାର୍ମା ମେସାଲି ତାକି ମାହାପୂରୁ
ବାରେଜ଼ାଣାତି ମ଼ାନି କିଆରେଟୁ ହେର୍‌ପା ମାନେସି । (eleēsē g1653)
୩୩ ଅ଼ହତା! ମାହାପୂରୁତି ବୁଦି ଇଞ୍ଜ଼ା ପୁନି ବା଼ଡ଼୍‌ୟୁ ଏଚେକା କାଜାୟି!
ତାନି ଅଣ୍‌ପୁତି ଆମ୍ବାଆସି ତେଲ୍‌ହି କିୟାନେସି? ଇଞ୍ଜ଼ା ତାନି ଜିରୁତି
ଆମ୍ବାଆସି ପୁଞ୍ଜାଲି ଆ଼ଡିମାନେସି? ୩୪ ସା଼ସ୍ତ୍ରେରିତା ରା଼ସ୍‌କି ଆ଼ହାମାନେ;
"ଆମ୍ବାଆସି ମାହାପୂରୁତି ଅଣ୍‌ପୁତା ମାନାଣି ତେଲ୍‌ହିନେସି? ଆମ୍ବାଆସି
ଏ଼ୱାଣାଇଁ ୱେସାଲି ଆ଼ଡିନେସି? ୩୫ ମାହାପୂରୁକି ଆମ୍ବାଆସି ଏଚେଲା
ଏ଼ନାଆଁ ହୀହାମାନେସି, ଏ଼ଦାଆଁତାକି ଏ଼ୱାଣାକି ଏ଼ୱାସି ୱେଣ୍ଟେ ହୀନାୟି
ମାନେ?" ୩୬ ବାରେ ଗା଼ଡ଼ି ଆ଼ତାୟି ତାନିତ଼ାଣାଟି, ତାନି କେୟୁତଲେ,
ଅ଼ଡ଼େ ତାଜ୍ଜେତାକି ଆ଼ହାମାନେ; କା଼ଲାକା଼ଲା ତାକି ଏ଼ୱାଣାକି ଗାୱୁରମି
ଆ଼ପେ! ଆ଼ମେନ୍ । (aiōn g165)

**୧୨** ଇଦାଆଁତାକି ତାୟି ତାଜ୍ଜିସ୍କାତେରି, ମାଜ୍ଜେତାକି ମାହାପୂରୁତି
ହା଼ରେକା କାର୍ମାମେହ୍‌ନାଣି ତାକି ମିଜ୍ଜେ ନା଼ନୁ ବାତିମା଼ଲିମାଞ୍ଜାଇଁ,
ମୀରୁ ମୀ ଆଜ୍ଗାତି ଜୀୱୁ, ସୁଦୁ ତଲେ ଇଞ୍ଜ଼ା ମାହାପୂରୁ ଅ଼ପିନି ଲେହେଁତି ପୂଜା
ହୀଦୁ, ଇଦିଏ ମାହାପୂରୁତି ସାତା ସେ଼ବା । ୨ ମୀରୁ ଇ ଜୁଗୁତି ମାଣ୍‌କିତା
ମାନାଆଦୁ, ସାମା ଏ଼ନିକିହିଁ ମାହାପୂରୁତି ଅଣ୍‌ପୁ ଏ଼ନାୟି, ଇଚିହିଁ ନେହାୟି,
ଅ଼ପିନାୟି ଇଞ୍ଜ଼ା ଟିକ୍‌ଣାତାୟି ଏ଼ନାୟି, ଇଦାଆଁ ତାୟିପାରି କିହାନା ପୁଞ୍ଜାଲି
ଆ଼ଡିଦେରି, ଇଦାଆଁତାକି ମୀ ହିୟାଁତି ପୁଽନି କିହାନା ବା଼ଦ୍‌ଲି କିଦୁ । (aiōn
g165) ୩ ମାହାପୂରୁ ନାଜ୍ଜେ କାର୍ମାମେହ୍‌ନାଣି ହୀହାମାଞ୍ଜାନାକି ବାରେଜ଼ାଣା
ତେରି ମିଜ୍ଜେ ନା଼ନୁ ୱେସିମାଞ୍ଜାଇଁ, ଆମ୍ବାଆତେରି ଜିକେଏ ମୀ ତାକି ମୀରୁ
ଏ଼ନିକିଁ ଅଣ୍‌ପିନାୟି ମାନେ ଏ଼ଦାଆଁ କିହାଁ କାଜାତମି ଇଞ୍ଜେ଼ ଅଣ୍‌ପାଆଦୁ;
ସାମା ମାହାପୂରୁ ଆମ୍ବାଆରାକି ଏଚେକା ନାମୁ ହୀହାମାନେସି, ଏଲେକିହିଁଏ
ବାରେଜ଼ାଣା ପୁଞ୍ଜାକଡିନି ଲେହେଁ ମୀ ତାକି ମୀରୁ ଅଣ୍‌ପା କଡାଦୁ । ୪
ଇଚିହିଁ ଏ଼ନିକିଁ ମା଼ ଆଜ୍ଗାତା ହା଼ରେକା ଆଜ୍ଗା ଅଡ଼େଲିକା ମାନୁ, ସାମା ବାରେ
ଆଜ୍ଗା ଉଡ଼େଲିକାତି କାମା ରଲେଏତାୟି ଆ଼ଏ । ୫ ଏଲେଆ଼ହିଁଏ, ମା଼ର
ହା଼ରେକା ଜ଼ାଣାତାୟି, ସାମା ବାରେଜ଼ାଣା କ୍ରୀସ୍ତୁ ତଲେ ଆଣ୍ଟିମାନାକି, ମା଼ର
ରଣ୍ତିଏ ଆଜ୍ଗା ଇଞ୍ଜ଼ା ଆଜ୍ଗାତି ଆଜ୍ଗା ଉଡ଼େଲିକା ଲେହେଁ ମା଼ର ରଅସି ରଅଣା
ତଲେ ଆଣ୍ଟିମାନାୟି । ୬ ଏ଼ଦାଆଁତାକି ମାଜ୍ଜେ ମାହାପୂରୁ ହୀହାମାଞ୍ଜାନି
କାର୍ମାତଲେ ହା଼ରେକା ଦା଼ନା ବେଟା ଆ଼ହାମାନାୟି, ମା଼ର ମାହାପୂରୁତି ବ଼ଲୁ
ୱେ଼କ୍‌ହାଲି ତାକି ବା଼ଡ଼୍‌ୟୁ ବେଟା ଆ଼ହାମାନାୟି, ମା଼ର ଆ଼ଟ୍‌ୱା ନାମୁତଲେ
ଏ଼ କାମା କିନାୟିମାନେ; ୭ ଏ଼ଦାଆଁ ସେ଼ବା କାମା କିହାଲି ବା଼ଡ଼୍‌ୟୁ
ବେଟାଆ଼ହାମାନାୟି, ଆତିହିଁ ମା଼ର ସେ଼ବା କାମା କିନାୟିମାନେ; ଜା଼ପ୍‌ହାଲି
ବା଼ଡ଼୍‌ୟୁ ବେଟାଆ଼ହାମାନାୟି, ଆତିହିଁ ଜା଼ପ୍‌ନାୟି ମାନେ; ୮ ବା଼ର୍ସୁତି କାତା
ୱେସାଲି ବା଼ଡ଼୍‌ୟୁ ବେଟାଆ଼ହାମାଚିହିଁ, ବା଼ର୍ସୁତି କାତା ୱେସ୍‌ପାସି; ଦା଼ନା
କିହାଲି ବା଼ଡ଼୍‌ୟୁ ବେଟାଆ଼ହାମାନି ମାଣ୍‌ସି ରା଼ହାଁତଲେ ଦା଼ନା ହୀପେସି
। ଏଟ୍‌କା ଲ଼କୁତି କାମାତି ସିନିକିହାଲି ଅଦିକାରା ବେଟାଆ଼ହାମାଚିହିଁ
ୱା଼ହୁତଲେ କାମା କିନାୟିମାନେ; ଆମ୍ବାଆସି କାର୍ମା ମେହ୍‌ନାସି, ରା଼ହାଁ
ମ଼ନତଲେ ସା଼ୟେମି କିପାସି । ୯ ଜୀୱୁନ଼ନାୟି କୁଟୁ ହିଲାଆଗାଟାୟି
ଆ଼ପେ; ଏ଼ନାୟି ଲାଗେଏତାୟି ଏ଼ଦାଆଁ ଅ଼ପାଆଦୁ; ଏ଼ନାୟି ନେହାୟି
ଏ଼ଦାଆଁ ଆ଼ହ୍‌ଦୁ; ୧୦ କ୍ରୀସ୍ତୁ ନାମୁତି ତାୟି ତାଜ୍ଜି ଲେହେଁ ରଅତେରି
ରଅଣାଇଁ ଜୀୱୁ ନ଼ଦୁ; ଇଞ୍ଜ଼ା ରଅତେରି ରଅଣାଇଁ ମ଼ାନି କିହାଲି ରା଼ହାଁ
ଆ଼ଦୁ; ୧୧ ରା଼ହାଁତା ଉଣା ଆ଼ଆଦୁ; ସୁଦୁଜୀୱୁତା ପାର୍‌ସାଡ଼ା ଆ଼ହାଁ
ଡ଼ୟାଦୁ; ହିୟାଁ ଜୀୱୁ ହୀହାନା ପ୍ରବୁଇଁ ସେ଼ବା କିଦୁ । ୧୨ ବା଼ର୍ସୁ ଇଟାନା
ରା଼ହାଁ କିଦୁ; ଦୁକୁ କସ୍ତ ର଼ବେଲାତା ସା଼ସା ଆ଼ହ୍‌ଦୁ; ଜ଼ମାଆନା ପ୍ରାତାନା
କିଦୁ; ୧୩ ମାହାପୂରୁ ଲ଼କୁକି ଲ଼ଡ଼ାମାନାଣି ସା଼ୟେମି କିଦୁ; ଇଜ ୱା଼ନି
ଗତାୟାଁଣି ସେ଼ବା କିଦୁ । ୧୪ ଆମ୍ବାଆରି ମିଜ୍ଜେ ସା଼ସ୍ତି ହିୟାନେରି, ଏ଼ୱାରି
ନେହେଁତାକି ମାହାପୂରୁ ତ଼ାଣା ପ୍ରାତାନା କିଦୁ; ଏ଼ୱାରାକି ବ଼ର ହୀଦୁ; ବା଼କା
ଇଟାଆଦୁ । ୧୫ ଆମିନି ଗାଟାରି ରା଼ହାଁ କିନେରି ଏ଼ୱାରିତଲେ ରା଼ହାଁ
କିଦୁ; ଆମ୍ବାଆରି ଡ଼ୀନେରି ଏ଼ୱାରିତଲେ ଡ଼ୀଦୁ । ୧୬ ବାରେଜ଼ାଣା ରଣ୍ତିଏ
ଅଣ୍‌ପୁ ଅଣ୍‌ପାଦୁ, ୱା଼ର୍‌ଇ କାଜାରି ତଲେ ତ଼ଣେ ଦହ୍‌ଆନା ଇଚାରି ତଲେ
ଜିକେଏ ଆଣ୍ତୁୱି ଆ଼ହାନା ମାଞ୍ଜୁ । ମୀରୁ ମୀ ବୁଦିତଲେ ବୁଦିଗାଟାତମି
ଇଞ୍ଜ଼ା କଡାଆଦୁ । ୧୭ ଆମ୍ବାଆସି ମିଜ୍ଜେ ଲାଗେଏ କିୟାତିହିଁ, ଏ଼ୱାଣାଇଁ
ଲାଗେଏ କିଆଦୁ; ବାରେ ଲ଼କୁ ନ଼କିତା ଏ଼ନାୟି ନେହାୟି, ଏ଼ଦାଆଁ କିଦୁ ।
୧୮ ଆ଼ଡିତିହିଁ ବାରେଜ଼ାଣା ତଲେ ହି଼ଡ଼ି ତଲେ ନୀଡାବାଟ୍‌କାଲି ତାକି ଏ଼ନି
କିନାୟିମାନେ ଏଲେକିଦୁ । ୧୯ ଏ଼ ଜୀୱୁତି ତ଼ଣେସିଜ୍ଜା, ମୀରୁ ଆମ୍ବାଆରି
କ଼ପାତି ବାଦୁଲି ଆ଼ଆଦୁ । ମାହାପୂରୁତି କ଼ପାତି ଲ଼କୁ ଆ଼ହାଲି ପିସାତୁହ଼ଦୁ
। ଏ଼ନାଆଁତାକି ଇଚିହିଁ ସା଼ସ୍ତ୍ରେରିତା ରା଼ସ୍‌କି ଆ଼ହାମାନେ, ପ୍ରବୁ ଏଲେଇଞ୍ଜ଼ା
ମାନେସି, "ବାଦୁଲି ଅ଼ନାୟି ନା଼ ଅଦିକାରା, ନା଼ନୁ ତାମି କାମାତି ପା଼ଡ଼େୟି
ହୀଇଁ ।" ୨୦ ଅ଼ଡ଼େ ଜିକେଏ, "ମୀ ସାତ୍ରୁ ହା଼କି ଆ଼ହାମାଚିସାରେ, ଏ଼ୱାଣାକି
ତିଞ୍ଜାଲି ହୀଦୁ; ଏ଼ୱାସି ଏ଼ସ୍‌କି ଆ଼ହାମାଚିସାରେ ଗସାଲି ହୀଦୁ; ଇଲେ
କିତିସାରେ ଏ଼ୱାଣିଲାକ ଡ଼ୀଞ୍ଜିମାନି ହିଚୁତି ରୀଜ୍ଗାୟାଁ ଏକ୍‌ହି ମାଞ୍ଜେରି
।" ୨୧ ଲାଗେଏତି କାମା ତଲେ ଜୀଣା ଆ଼ଆନା, ନେହିଁ କାମା ତଲେ
ଲାଗେଏତି କାମାତି ଜୀଣା ଆ଼ଦୁ ।

**୧୩** ବାରେଜ଼ାଣା ସା଼ଲୱି କିନାରାଇଁ ମ଼ାନି କିନାୟିମାନେ, ଏ଼ନାଆଁତାକି
ଇଚିହିଁ ମାହାପୂରୁତି ହେଲ ଆ଼ଆତିହିଁ ଆମ୍ବାଆସି ଜିକେଏ ସା଼ଲୱି
କିନି ପା଼ଣା ବେଟାଆ଼ଅସି, ପା଼ଣାତା ମାନି, ସା଼ଲୱି କିନାରି ମାନେରି;
ଏ଼ୱାରି ମାହାପୂରୁ ତ଼ାଣାଟି ଆ଼ଟ୍‌ୱି ଆ଼ହାମାନେରି । ୨ ଏ଼ଦାଆଁତାକି
ଆମ୍ବାଆସି ପା଼ଣାତା ମାନି ସା଼ଲୱି କିନାରି କ଼ପାତଲେ ନିଜ୍ଗିନେସି, ଏ଼ୱାସି
ମାହାପୂରୁ ମ଼େରାତି କ଼ପାତଲେ ନିଜ୍ଗିନେସି; ଆମ୍ବାଆରି ଏଲେକିନେରି
ଏ଼ୱାରି ତା଼ମ୍ବୁ ତାମ୍‌ଜ୍ଜେ ଡଣ୍ତ ବେଟାଆ଼ହାଲି ତାକି କିନେରି । ୩ ଇଚିହିଁ
ସା଼ଲୱି କିନାରି ନେହିଁ କାମାତାକି ଆଜିଗାଟାରି ଆ଼ଏ, ସାମା ଲାଗେଏତି
କାମାତାକି ଆଜିଗାଟାରି ଆ଼ନେରି । ସା଼ଲୱି କିନାରାଇଁ ଆଜାଆନା

ଡ଼ୟାଲି ମ଼ନ ମାନେକି? ଆତିହିଁ ନେହିଁ କାମା କିଦୁ, ଆତିହିଁ ଏ଼ୱାରି
ତ଼ାଣାଟି ନେହିଁ ବେଟାଆ଼ଦେରି, ୪ ମୀ ନେହିଁ ତାକି ଏ଼ୱାସି ମାହାପୂରୁତି
ଡ଼ସେବା କାମା କିନାସି ଆ଼ହାମାନେସି । ସାମା ମୀରୁ ଲାଗେଏତି କାମା
କିଦେରି, ଆତିହିଁ ସା଼ଲୱି କିନାଣାଇଁ ଆଜାଦୁ, ଏ଼ନାଆଁତାକି ଇଚିହିଁ ଏ଼ୱାସି
ଉଜେଏ କାଣ୍ତ୍ରା ଆହ୍ଅସି, ଏ଼ନିଇଚିହିଁ ଏ଼ୱାସି ମାହାପୂରୁତି ଡ଼ସେବା କିନାସି,
ଇଚିହିଁ ଏ଼ୱାସି ତାନି କ଼ପାତଲେ ଲାଗେଏତି କାମା କିନାରାକି ଡଣ୍ତ୍ରୁ
ହୀନାସି । ୫ ଏ଼ନିଇଚିହିଁ, ୱାର୍ଇ କାର୍ବିତି ଆଜିତାକି ଆ଼ଏ, ସାମା ମ଼ା
ହିୟାଁତା ମାନି ଅଣ୍ପୁ ପୁଞ୍ଜାହାଁ ସା଼ଲୱି କିନାରି କାତା ମ଼ାନି କିନାୟିମାନେ
। ୬ ଇଦାଆଁତାକି ମୀରୁ ସିସ୍ତୁ ଜିକେଏ ହୀହିମାଞ୍ଜେରି, ଏ଼ନାଆଁତାକି
ଇଚିହିଁ ମାହାପୂରୁତି ଡ଼ସେବା କିନେରି ଲେହେଁ ଆ଼ହାନା ସା଼ଲୱି କିନି କାମା
ଜିକେଏ କିନେରି । ୭ ଏ଼ଦାଆଁତାକି ଏ଼ୱାରି ଏ଼ନାଆଁ ବେଟାଆ଼ନାୟି
ମାନେ, ଏ଼ଦାଆଁ ହୀଦୁ; ଆମ୍ବାଆରାକି ସିସ୍ତୁ ହୀନାୟି ମାନେ ଏ଼ୱାଣାକି
ସିସ୍ତୁ ହୀଦୁ; ଆମ୍ବାଆରାକି ଆସ୍ଲି ହୀନାୟି ମାନେ ଏ଼ୱାଣାକି ଆସ୍ଲି
ହୀଦୁ; ଆମ୍ବାଆରାଇଁ ଆଜିନାୟି ମାନେ ଏ଼ୱାଣାଇଁ ଆଜାଦୁ; ଆମ୍ବାଆରାଇଁ
ମ଼ାନି କିନାୟିମାନେ ଏ଼ୱାଣାଇଁ ମ଼ାନି କିଦୁ । ୮ ରଅତେରି ରଅଣାଇଁ
ଜୀୱୁ ନ଼ୱିଆ଼ନି ପିସ୍ପେ ଅ଼ଡ଼େ ଏ଼ନୱା ଆମ୍ବାଆରି ତ଼ାଣା ଜିକେଏ ରୀଣା
ଆ଼ଆଦୁ; ଏ଼ନାଆଁତାକି ଇଚିହିଁ ଆମ୍ବାଆସି ଏଟ୍କାତାଣାଇଁ ଜୀୱୁ ନ଼ନେସି,
ଏ଼ୱାସି ମ଼ସାତି ଡ଼ମେରା ମ଼ାନୱି ଆ଼ହିମାନେସି । ୯ "ଦ଼ାରି କିଆଦୁ, ଲ଼କୁଣି
ପ଼ାୟାଆଦୁ, ସ଼ରୁ କିଆଦୁ, ଏଟ୍କା ଲ଼କୁତି ଦିଣ୍ସୁତି ଜୂପ୍କା ଆ଼ଆଦୁ," ଈ
ବାରେ ହୁକୁମି ର଼ ହୁକୁମିତା ମାନେ, "ପ଼ାଡ଼ିତି ଲ଼କୁଇଁ ମୀ ଜୀୱୁତି ଜୀୱୁ
ନ଼ହାଁ କଡିନି ଲେହେଁ ଜୀୱୁନ଼ଦୁ ।" ୧୦ ଜୀୱୁନ଼ନାୟି ପ଼ାଡ଼ିତି ଲ଼କୁତି
ଲାଗେଏ କିଏ; ଏ଼ନିଇଚିହିଁ ଜୀୱୁନ଼ନାୟି ମ଼ସାତି ଡ଼ମେରା ପୂରା କିନେ । ୧୧
ଇଚିହିଁ ଇଦାଟି ତେ଼ଏଲିନି ଡ଼ବେଲା ଏଦାତେୟିଏ, ଈଦାଆଁ ପୁଞ୍ଜା ନୀଏଁ
ମୀରୁ ଈ ବାରେ କିଦୁ; ଇଚିହିଁ ମ଼ାର ନାମିତି ଦିନାଟିଏ ଗେଲ୍ପି ଆ଼ନାୟି
ତଲିତି କିହାଁ ହ଼ାରେକା ଡାଗେ ୱ଼ାତେୟିଏ । ୧୨ ଆନ୍ଦ୍ରେରି ହାଜିମାନେ,
ଲ଼ାଇ ଡ଼ୱେୟିମାନେ । ଏ଼ଦାଆଁତାକି ୱ଼ାଦୁ ମ଼ାର ଆନ୍ଦ୍ରେରିତି କାମା ବାରେ
ପିସାନା ଉଜେଡ଼ିତା ଜୁଜୁ କିହାଲି ଟିକାଣାତି ସାଜୁ ତୁର୍ନ । ୧୩ କ଼ାଡୁ
ଗସାହାଁ ମ଼ନକିତି ର଼ାହାଁ, କ଼ାଡୁ ଗସାହାଁ ହ଼ଚିନାୟି, ମ଼ାନି ହିଲାଆଗାଟାୟି,
ଲାଗେଏତି ମାଣ୍କି, ଡ଼ାହାରା, ଗଡ୍ହା କିନିତ଼ାଣା କାମାତା ଆଣ୍ଡ୍ରାଆନା
ୱ଼ାଦୁ, ଉଜେଡ଼ିତି କାମାତା ମାନି ଲ଼କୁ ଲେହେଁ ନେହିଁ ମାଣ୍କି ତଲେ ମାନ ।
୧୪ ପ୍ରବୁ ଜୀସୁ କ୍ରୀସ୍ତୁଇଁ ମୀରୁ ହିମ୍ବରିଲେହେଁ ପର୍ଦୁ, ପ଼ାପୁ ଇଞ୍ଜାଁ ଆଙ୍ଗାତି
ଲାଗେଏତି ଅଣ୍ପୁ ତଲେ ର଼ାହାଁ କିହାଲିତାକି ହିୟାଁତା ଅଣ୍ପାଆଦୁ ।

## ୧୪

୧୪ ନାମୁତା ଆ଼ଟ୍ୱା ହିଲାଆଗାଟାରାଇଁ ଆବାଦୁ, ସାମା ତାନି କାତାତି
ଅଣ୍ପୁ ତାକି ତାନିତଲେ ବ଼ାଦ୍ହାରା କିଆଦୁ । ୨ ବାରେ ତିଞ୍ଜାଲି
ତାକି ରଅଣାକି ନାମୁ ମାନେ, ସାମା ଆମ୍ବାଆସି ନାମୁତା ଉଣା ମାନେସି
ଏ଼ୱାସି ୱାର୍ଇ ଜ଼ାୟୁ କୁଚା ତିନାପେସି । ୩ ଆମ୍ବାଆସି ବାରେ ତିନେସି,
ଏ଼ୱାସି ତିନାଆଗାଟାଣାଇଁ ହୀଣି କିଆପେସି; ଇଞ୍ଜାଁ ତିନାଆଗାଟାସି
ତିନାଣାଇଁ ନୀହାଁୟି କିଆପେସି, ଏ଼ନିଇଚିହିଁ ମାହାପୂରୁ ଏ଼ୱାଣାଇଁ ଆ଼ବା
ମାନେସି । ୪ ନୀନୁ ଆମ୍ବାଆତି ଅ଼ର ରଅଣି ହ଼ଲେଏଣାଇଁ ନୀହାଁୟି
କିହିମାଞ୍ଜି? ଏ଼ୱାସି ତାନି ସା଼ୱୁକାରି ତ଼ାଣା ତୀରି ଆ଼ନେସି କି ତୀରି ଆ଼ଅସି;
ଏ଼ୱାଣାଇଁ ତୀରିକିହାଁ ଇଟାଲି ପ୍ରବୁ କେୟୁତା ବ଼ାଡ଼୍ୟୁ ମାନେ । ୫ ରଅସି
ର଼ ଦିନାତି କିହାଁ ଅ଼ର ଦିନାତି ହ଼ାରେକା ମ଼ାନି କିନେସି, ଅ଼ଡ଼େ ରଅସି
ବାରେ ଦିନାତି ରଲେଏତାଇ ଇଞ୍ଜୁଁ ଅଣ୍ପିନେସି, ବାରେଜ଼ାଣା ତାମି ମ଼ନତା
ତୀରି କିହାନା ମ଼ାନୱି ଆ଼ପେରି । ୬ ଆମ୍ବାଆସି ର଼ ଦିନାତି ହ଼ାରେକା
ନେହାୟି ଇଞ୍ଜୁଁ ଅଣ୍ପିମାନେସି, ମାହାପୂରୁତି ଗାୱୁରମି ତାକି ଏଲେଇଞ୍ଜି
ଅଣ୍ପାପେସି । ଆମ୍ବାଆସି ବାରେ ତିନେସି, ମାହାପୂରୁ ଦ଼ରୁତଲେ ତିନେସି
ଇଞ୍ଜାଁ ମାହାପୂରୁଇଁ ଜହରା କିନେସି; ଆମ୍ବାଆସି ତିଞ୍ଜାଲି କୂନେସି, ଏ଼ୱାସି
ମାହାପୂରୁ ଦ଼ରୁତଲେ କୂନେସି ଇଞ୍ଜାଁ ମାହାପୂରୁଇଁ ଜହରା କିନେସି । ୭
ଆମ୍ବାଆସି ତାଙ୍ଗେତାକି ନୀଡଅସି, କି ଆମ୍ବାଆସି ତାଙ୍ଗେତାକି ହ଼ାଅସି
। ୮ ମ଼ାର ନୀଡାମାନାୟି ଇଚିସାରେ, ପ୍ରବୁ ତାକି ନୀଡାମାନାୟି ଇଞ୍ଜାଁ
ହ଼ାତିସାରେ ପ୍ରବୁ ତାକି ହ଼ାନାୟି । ଏ଼ଦାଆଁତାକି ନୀଡିନାୟି କି ହ଼ାନାୟି
ମ଼ାର ପ୍ରବୁତି ଲ଼କୁ । ୯ ଏ଼ନାଆଁତାକି ଇଚିହିଁ କ୍ରୀସ୍ତୁ ହ଼ାହାନା ୱେଣ୍ଡେ
ନିଙ୍ଗାମାନି ତ଼ାଣାଟି ନୀଡାମାନାରି ଇଞ୍ଜାଁ ହ଼ାତାରି ବାରେଜ଼ାଣାତି ପ୍ରବୁ
ଆ଼ହାମାନେସି । ୧୦ ନୀନୁ ଏ଼ଦାଆଁତାକି ମୀ ତାୟିଇଁ ଡ଼ବେରଣି କିହିମାଞ୍ଜି?
ଏ଼ନାଆଁତାକି ମୀ ତାୟିଇଁ ହୀଣି କିହିମାଞ୍ଜି? ମ଼ାର ବାରେଜ଼ାଣା ଡ଼ବେରଣି
ଆ଼ହାଲି ମାହାପୂରୁ ନ଼କିତା ନିନାୟି । ୧୧ ଏ଼ନାଆଁତାକି ଇଚିହିଁ ସା଼ସ୍ତ୍ରେରିତା
ର଼ାସ୍କି ଆ଼ହାମାନେ; "ପ୍ରବୁ ୱେସିମାନେସି, ଇଚିହିଁ ନ଼ାନୁ ଜୀୱୁଗାଟି
ମାହାପୂରୁ, ବାରେଜ଼ାଣା ନ଼ା ନ଼କିତା ମେଣ୍ତ୍ରା କୁତିନେରି, ବାରେଜ଼ାଣା
ନାଙ୍ଗେ ମାହାପୂରୁ ଇଞ୍ଜୁଁ ଜ଼ଲିନେରି ।" ୧୨ ମ଼ାର ବାରେଜ଼ାଣା ମାହାପୂରୁ
ନ଼କିତା ମ଼ାର କିତି କାମାତି ଲେକା ହୀନାୟି । ୧୩ ଏ଼ଦାଆଁତାକି ରଅତେରି
ରଅଣାଇଁ ବିଚାରା କିଆଦୁ; ଇଲେକିହିଁ ଏ଼ନାଆଁ ଜିକେଏ କିଆଦୁ, ଏ଼ନିକିଁ
ମୀ ତାୟି ପୁଟି କିହାନା ପ଼ାପୁତି ପ଼ାନ୍ଦ୍ରାତା ରିଅସି । ୧୪ ପ୍ରବୁ ଜୀସୁ ତ଼ାଣାଟି
ପୁଞ୍ଜାନା ସାତା ତଲେ ୱେସିମାଞ୍ଜାଇଁ, ଏ଼ନି କ଼ାଦି ତ଼ାନୁଏ ଲାଗେଏତାୟି
ଆ଼ଏ । ସାମା ଆମ୍ବାଆସି ଏ଼ନି କ଼ାଦିତି ଲାଗେଏତାୟି ଇଞ୍ଜୁଁ ଅଣ୍ପିନେସି,
ଏ଼ୱାଣାକି ଏ଼ଦି ଲାଗେଏତାୟି ଆ଼ନେ । ୧୫ ମୀରୁ ଏ଼ନି କ଼ାଦି ତିନି
ତ଼ାଣାଟି ର଼ ତାୟି ଅଣ୍ପୁତା କସ୍ତ୍ର ହୀହିମାଞ୍ଜେରି, ଆତିହିଁ ଏ଼ୱାଣାଇଁ ମୀରୁ
ଜୀୱୁନ଼ୱୁତା ତ଼ାକି ହିଲଅତେରି, ଆମିନି ତାୟି ତାକି କ୍ରୀସ୍ତୁ ହ଼ାତେସି, ଏ଼
କ଼ାଦି ତାକି ଏ଼ୱାଣାଇଁ ଲାଗେଏ କିଆଦୁ । ୧୬ ମୀରୁ ଏ଼ନାଆଁ ନେହାୟି
ଇଞ୍ଜୁଁ ଅଣ୍ପିମାଞ୍ଜେରି, ଏ଼ଦାଆଁତାକି ମୀରୁ ଲାଗେଏତାତେରି ଆ଼ଆଦୁ; ୧୭
ମାହାପୂରୁତି ର଼ାଜି ତିନାୟି ଉନାୟି ଆ଼ଏ । ସାମା ଏ଼ଦି ଦାର୍ମୁ, ହିତ୍ଡ଼ି ଇଞ୍ଜାଁ
ସୁଦୁଜୀୱୁ ହୀତି ର଼ାହାଁଗାଟାୟି । ୧୮ ଆମ୍ବାଆସି ଇଲେକିହିଁ କ୍ରୀସ୍ତୁତି ଡ଼ସେବା
କିନେସି; ଏ଼ୱାସି ମାହାପୂରୁ ନ଼କିତା ନେହାଁସି ଇଞ୍ଜାଁ ମାଣ୍ସିୟାଁ ନ଼କିତି
ତାୟିପାରିତା ଜୀଣା ଆ଼ତାସି ତ଼ଞ୍ଜାଆ଼ନେସି । ୧୯ ଏ଼ଦାଆଁତାକି ୱ଼ାଦୁ,
ଏ଼ନା ଏ଼ନାୟି ହିତ୍ଡ଼ି ଗାଟାୟି, ଅ଼ଡ଼େ ଏ଼ନା ଏ଼ନାଆଁତଲେ ରଅସି ରଅଣାକି
ବ଼ାର୍ସୁ ହୀନେସି, ଏ଼ ବାରେତି ମ଼ାର ଅଣ୍ପିନ ୨୦ ଏ଼ ଉଜେଏତି କ଼ାଦି ତାକି
ମାହାପୂରୁତି କାମାଇଁ ନାସୱି କିଆଦୁ, ବାରେଏ ସୁଦୁ କିୱିଆ଼ହାମାନେ,

ସାମା ଏ଼ନି କା଼ଦି ତିନି ତା଼ଣାଟି ମୀରୁ ଏଟ୍‌କା ଲ଼କୁଣି କସ୍ତ ହୀହିମାଞ୍ଜେରି,
ଆତିହିଁ ଏ଼ କା଼ଦି ତିନାଆଦୁ । **୨୧** ମୀରୁ ଉଜ୍ଜା ତିନାୟି, ଅଙ୍କେରି ରାସା
ଗହ୍‌ନି ତା଼ଣାଟି ମୀ ତାୟିକି କସ୍ତ ଆ଼ହିମାଚିସାରେ ତିନି ଉନି ତା଼ଣାଟି
ହେକ ଆ଼ନାୟି ନେହେଁ । **୨୨** ମୀ ଏମିନି ନାମୁ ମାନେ, ଏ଼ଦାଆଁ ମୀରୁ
ମୀ ହିୟାଁତା ମାହାପୂରୁଇଁ ନ଼କିତା ଇଟାଦୁ, ଆମ୍ବାଆସି ଏ଼ନାଆଁ ନେହାୟି
ଇଞ୍ଜେଁ ଅଣ୍‌ପିନେସି, ଏ଼ୱାସି ଏମ୍ବାଆଁ ତାଜ୍ଞେ ଦ଼ହଗାଟାସି କିଅସି, ଆତିହିଁ
ଏ଼ୱାସି ନେହାଁସି । **୨୩** ସାମା ଆମ୍ବାଆସି ଆନାମାନା ଆ଼ହାନା ରା଼ନ୍ଧା
ତିନେସି, ଏ଼ୱାସି ମାହାପୂରୁ ନ଼କିତା ଦ଼ହଗାଟାସି ଆ଼ନେସି, ଇଚିହିଁ ଏ଼ୱାସି
ନାମୁତଲେ ତିଞ୍ଜା ହିଲଅସି; ଅ଼ଡ଼େ ଏ଼ନାୟି ନାମୁତଲେ ଆ଼ଏ, ଏ଼ଦି ପା଼ପୁ ।

**୧୫** ମା଼ର ନାମୁତା ଆ଼ଟ୍‌ୱା ଗାଟାତାୟି, ବା଼ଡ୍‌ୟୁ ହିଲାଆଗାଟି ଲ଼କୁଣି
ମା଼ର ସା଼ସା ହୀନାୟି ମାନେ, ଆମ୍ବାଆସି ଜିକେଏ ଜାହାରାଇଁ ରା଼ହାଁ
କିହାଲି ଅଣ୍‌ପାଆପେସି । **୨** ସାମା ଏଟ୍‌କା ଲ଼କୁତି ନେହେଁତାକି ଇଞ୍ଜାଁ
ଏ଼ୱାରି ନାମୁତି ଆ଼ଟ୍‌ୱା କିହାଲିତାକି ଏ଼ୱାରାଇଁ ରା଼ହାଁତଲେ ଇଟିନାୟି ମା଼
କାମା । **୩** କ୍ରୀସ୍ତୁ ଜିକେଏ ତାନି ସୁକୁ ତାକି ଏ଼ନାଆଁ କିହି ହିଲାଆତେସି;
ସାମା ସା଼ସ୍ତ୍ରେରିତା ରା଼ସ୍‌କି ଆ଼ହାମାନି ଲେହେଁ, "ମିଜ୍ଞେ ନିନ୍ଦ୍ରା କିୟାତାରା
ନିନ୍ଦ୍ରା ନା଼ ମୁହେଁ ୱା଼ତେ ।" **୪** ସା଼ସ୍ତ୍ରେରିତି ଜା଼ପ୍‌ନାଇ ବାରେ ମା଼ ନେହେଁତାକି
ଲ଼ଡ଼ା ଆ଼ନୁ । ବା଼ର୍ସୁ ତଲେ ତୀରିଆ଼ହାଁ ଡ଼ୟାଲି ତାକି ସା଼ସ୍ତ୍ରେରି ମାଜ୍ଞେ
ସା଼ସା ଇଞ୍ଜାଁ ରା଼ହାଁ ହୀହିମାଞ୍ଜାନେ । **୫** ଆ଼ଟ୍‌ୱା ଅ଼ଡ଼େ ଦୁକୁ ଡୂକ୍‌ହାନି
ମାହାପୂରୁ ମିଜ୍ଞେ କ୍ରୀସ୍ତୁ ଜୀସୁତି ମାଣ୍‌କି ତଲେ ବାରେତେରି ମିଜ୍ଞେ
ରଣ୍ଡିଏ ମ଼ନ ଆ଼ହାଲି ହିୟାପେସି, **୬** ବାରେଜା଼ଣା ଆଣ୍ଡିୱି ଆ଼ହାନା ରଣ୍ଡିଏ
ହିୟାଁ ରଣ୍ଡିଏ ଗୃତି ତଲେ ପ୍ରବୁ ଜୀସୁ କ୍ରୀସ୍ତୁ ଆ଼ବା ମାହାପୂରୁତି ଜହରା
କିତେରି । **୭** ମାହାପୂରୁତି ଗାୱୁରମି ତାକି କ୍ରୀସ୍ତୁ ଏ଼ନିକିହିଁ ମିଜ୍ଞେ ଆବା
ମାଞ୍ଜାନେସି, ମୀରୁ ଜିକେଏ ଏଲେକିହିଁ ରଅତେରି ରଅଣାଇଁ ଆବାଦୁ । **୮**
ଇଚିହିଁ ନା଼ନୁ ଏଲେ ଇଞ୍ଜିମାଇଁ, କ୍ରୀସ୍ତୁ ମାହାପୂରୁତି ସାତା ତାକି ତ଼ଲୁ ଦା଼ପି
ଆ଼ତି ଲ଼କୁତି ସ଼େବା କିନାସି କିୱିଆ଼ହା ମାଚେସି, ଏ଼ନିକିଁ ଏ଼ୱାସି ଆକୁ
ଆ଼ବାୟାଁକି ଆ଼ଞ୍ଜାନା ହୀହାମାନାଣି ତୀରି କିନେସି, **୯** ଅ଼ଡ଼େ ମାହାପୂରୁତି
କାର୍ମାମେହ୍‌ନାଣି ତାକି ଜୀହୁଦିଆ଼ଆତି ଲ଼କୁ ଜିକେଏ ଏ଼ୱାଣି ଗାୱୁରମି
କିନେରି; ଇ କାତା ସା଼ସ୍ତ୍ରେରିତା ରା଼ସ୍‌କି ଆ଼ହାମାନେ; "ଇଦାଆଁତାକି
ଜୀହୁଦିଆ଼ଆତି ଲ଼କୁତା଼ଣା ନୀ ଜହରା କିଇଁ, ବାରେଦିନା ନୀ ପା଼ଚୁ ପା଼ଚିଇଁ
।" **୧୦** ଅ଼ଡ଼େ ଜିକେଏ ଏଲେଇଞ୍ଜି ମାନେସି, "ଜୀହୁଦିଆ଼ଆତି ଲ଼କୁ
ମାହାପୂରୁତି ଲ଼କୁତଲେ ରା଼ହାଁ କିଦୁ!" **୧୧** ଅ଼ଡ଼େ ଜିକେଏ, "ଜୀହୁଦିଆ଼ଆତି
ଲ଼କୁ ବାରେ ପ୍ରବୁଇଁ ଜହରା କିଦୁ, ଅ଼ଡ଼େ ବାରେ ଲ଼କୁ ଏ଼ୱାଣି ପା଼ଚୁ
ପା଼ଚାପେରି!" **୧୨** ଅ଼ଡ଼େ ୱେଣ୍ଡେ ଜିସାୟ୍ ୱେସାମାନେସି, "ଜିସି କୂଡ଼ାଟି
ରଅସି ତ଼ଞ୍ଜାଆ଼ନେସି, ଏ଼ୱାସି ଜୀହୁଦିଆ଼ଆତି ଲ଼କୁଣି ସା଼ଲୱି କିନେସି
ଇଞ୍ଜାଁ ଜୀହୁଦିଆ଼ଆତାରି ଏ଼ୱାଣି ତା଼ଣା ବା଼ର୍ସୁ ଇଟିନେରି ।" **୧୩** ବାରେ
ବା଼ର୍ସୁଗାଟି, ମାହାପୂରୁ ମୀ ନାମୁ ତାକି ମିଜ୍ଞେ ରା଼ହାଁ ଇଞ୍ଜାଁ ହିଡ଼୍‌ଡ଼ି ହିୟାପେସି
। ଏ଼ନିକିଁ ସୁଦୁଜୀୱୁତି ବା଼ଡ୍‌ୟୁ ତଲେ ମୀ ବା଼ର୍ସୁ ପାଡାଆ଼ନେ । **୧୪** ତାୟି
ତାଜ୍ଞିସ୍କାତେରି, ମୀରୁ ବାରେ ନେହିଁ ଗୁଣ୍ଡୁ, ଏ଼ନିକିହିଁ ବାରେ ବୁଦିତଲେ
ଇଞ୍ଜାଁ ରଅତେରି ରଅଣାଇଁ ଜା଼ପ୍‌ହାଲି ତାକି ଆ଼ଡିଦେରି ନା଼ ନାମୁ ମାନେ ।
**୧୫** ଆ଼ତିଜିକେଏ ମାହାପୂରୁ ହୀହାମାଞ୍ଜାନି କାର୍ମାତି ବା଼ଡ୍‌ୟୁଟି ନା଼ନୁ ମିଜ୍ଞେ
ଅଣ୍‌ପି କିହାଲି ହା଼ରେକା ସା଼ସାତଲେ ମୀ ତା଼ଣା ଇ ଆ଼କୁ ରା଼ଚିମାଞ୍ଜାଇଁ ।
**୧୬** ଏ଼ନାଆଁତାକି ଇଚିହିଁ କ୍ରୀସ୍ତୁ ଜୀସୁତି ହ଼ଲେଏଣା ଲେହେଁ ଜୀହୁଦିଆ଼ଆତି
ଲ଼କୁତାକି କାମା କିହାଲି ମାହାପୂରୁ ନାଜ୍ଞେ ପାରୁ ହୀହାମାଞ୍ଜାନେସି ।
ମାହାପୂରୁତି ନେହିଁ କାବ୍ରୁ ୱେକ୍‌ହାଲି ତାକି ନା଼ନୁ ର଼ ପୂଜେରାତି କାମା
କିହିମାଇଁ । ଜୀହୁଦିଆ଼ଆତି ଲ଼କୁ ସୁଦୁଜୀୱୁ ତଲେ ହେର୍‌ପିଆ଼ତି ଲେହେଁ
ମାହାପୂରୁ ତା଼ଣା ଆବିନାରି ଆ଼ପେରି, ଇଦି ନା଼ ଅଣ୍‌ପୁ । **୧୭** କ୍ରୀସ୍ତୁ
ଜୀସୁତଲେ ଆଣ୍ଡାନା ମାହାପୂରୁ ତାକି ଇ ସ଼େବା କାମା କିହାମାନାକି
ନା଼ନୁ ବଡପଣ ଆ଼ହିମାଇଁ । **୧୮** ଇଚିହିଁ ଜୀହୁଦିଆ଼ଆତି ମାହାପୂରୁ ତା଼ଣା
ତାଚାଲି କ୍ରୀସ୍ତୁ ନା଼ ତା଼ଣାଟି ବ଼ଲୁତା ଅ଼ଡ଼େ କାମାତା ଇଚିହିଁ ହା଼ରେକା
ସିନାୟାଁ କାବାଆ଼ନି କାମାୟାଁ ତଲେ, ସୁଦୁଜୀୱୁତି ବା଼ଡ୍‌ୟୁଟି ଏ଼ନା ଏ଼ନାଆଁ
କିହାହିଲଅସି, ଇଲେତି ଏ଼ନି କାମା କିହାଲି ସା଼ସା କିହିହିଲଅଁ । **୧୯**
ସିନା ଅ଼ଡ଼େ କାବାଆ଼ନି କାମାତି ବା଼ଡ୍‌ୟୁଟି ଅ଼ଡ଼େ ମାହାପୂରୁ ସୁଦୁଜୀୱୁତି
ବା଼ଡ୍‌ୟୁଟି ନା଼ ତା଼ଣାଟି କିହାମାନେସି । ଏ଼ନିକିଁ ନା଼ନୁ ଜିରୁସାଲମ ଟଟ
ସା଼ରିୱାକି ଇଞ୍ଜାଁ ଇଲୁରିକମ ପାଟେକା କ୍ରୀସ୍ତୁତି ନେହିଁ କାବ୍ରୁ ୱେକ୍‌ହାମାଇଁ
। **୨୦** ଆମ୍ବିୟା ଲ଼କୁ କ୍ରୀସ୍ତୁତି କାତା ୱେଞ୍ଜାହିଲଅରି, ଏମ୍ବାଆଁ ଏ଼ୱାଣି ବ଼ଲୁ
ୱେକ୍‌ହାଲି ନା଼ ଅଣ୍‌ପୁ, ଏ଼ନାଆଁତାକି ଇଚିହିଁ ଏଟ୍‌କାତି ଲ଼କୁ କିହାମାନି
ପୁନାଦି ଲାକ ଇଲୁ କିହାଲି ନା଼ନୁ ଅଣ୍‌ପି ହିଲଅଁ । **୨୧** ସା଼ସ୍ତ୍ରେରିତା ଏ଼ନିକିହିଁ
ରା଼ସ୍‌କି ଆ଼ହାମାନେ; "ଆମିନି ଗାଟାରି ଏ଼ୱାଣି ବ଼ଲୁ ବେଟାଆ଼ହା ହିଲଅରି,
ଏ଼ୱାରି ମେହ୍‌ନେରି; ଆମ୍ବାଆରି ୱେଞ୍ଜାହିଲଅରି, ଏ଼ୱାରି ତେଲ୍‌ହିନେରି ।"
**୨୨** ହା଼ରେକା ଦେବା ମୀ ତା଼ଣା ୱା଼ହାଲି ତାକି ନା଼ ଅଣ୍‌ପୁ ଉଜେଏତାୟି
ଆ଼ତେ । **୨୩** ସାମା ଇ ରା଼ଜିତା ନା଼ ସ଼େବା କାମା ରା଼ହାମାନେ ଅ଼ଡ଼େ
ନା଼ ଆ଼ସା, ମିଜ୍ଞେ ମେସାଲି ତାକି ନା଼ ହା଼ରେକା ବାର୍ସାତି ଅଣ୍‌ପୁ ନୀଏଁ
ପୂରା ଆ଼ନେ । **୨୪** ନା଼ନୁ ସ୍ପେନ୍ ଦ଼େସା ହାନିବେଲାତା ମୀ ତା଼ଣା ୱା଼ଇଁ;
ଇଚିହିଁ ଜିରୁତା ମୀ ତଲେ ତଲିଏ ଆଣ୍ଡାନା କାତା ଆ଼ହାଁ ଏଚରଦିନା ଡ଼ୟିତି
ଡା଼ୟୁ ଏ଼ ଟା଼ୟୁତା ହାଜାଲି ଜିରୁତା ଇଟିୱାୟାଦେରି ଇଞ୍ଜାଁ ଆ଼ସା କିହିମାଇଁ
। **୨୫** ନୀଏଁ ମାହାପୂରୁ ଲ଼କୁତି ସ଼େବା କିହାଲି ନା଼ନୁ ଜିରୁସାଲମତା
ହାଜିମାଇଁ । **୨୬** ଜିରୁସାଲମତା ମାହାପୂରୁ ଲ଼କୁ, ଆମ୍ବାଆରି ହିଲାଆ
ଗାଟାରି ମାନେରି, ଏ଼ୱାରି ତାକି ମାକିଦନିୟା ଅ଼ଡ଼େ ଆକାୟାତି କୁଲମିକା
ଆଣ୍ଡାଲି ଡାବୁୟାଁ କୂଡ଼ିକିହାଲି ତୀରି କିହାମାନେରି । **୨୭** ହାଅ ଏ଼ୱାରି
ଏ଼ଦାଆଁ ନେହେଁ ଅଣ୍‌ପା ମାନେରି ସାତା, ଆତିହିଁ ଏ଼ୱାରି ଏ଼ୱାରିତା଼ଣା
ରୀଣା ଜିକେଏ ଆ଼ହାମାନେରି; ଜୀହୁଦିଆ଼ଆତାରି ଏ଼ୱାରି ଦାର୍ମୁତି ଜୀୱୁତା
ଆଣ୍ଡାମାନେରି ଇଚିହିଁ, ଏ଼ୱାରି ଦାର୍‌ତିତି କାମାତା ଜିକେଏ ସ଼େବା କିହାଲି
ରୀଣା ଆ଼ହାମାନେରି । **୨୮** ଜିରୁସାଲମତା ଏ଼ ଡାବୁୟାଁ ଲ଼କୁକି ହୀହାନା
ନା଼ କାମା ରା଼ପ୍‌ହି ଡା଼ୟୁ, ନା଼ନୁ ସ୍ପେନ୍ ଦ଼େସାତା ହାନାଟି ଏ଼ ଜିରୁଟିଏ ମିଜ୍ଞେ
ବେଟି ୱା଼ଇଁ । **୨୯** ନା଼ନୁ ପୁଞ୍ଜାମାଇଁ, କ୍ରୀସ୍ତୁ ତା଼ଣାଟି ହା଼ରେପୂରେ ବ଼ର
ବେଟାଆ଼ହାନା ନା଼ନୁ ମୀ ତା଼ଣା ୱା଼ଇଁ । **୩୦** ଜୀୱୁତି ତାୟି ତାଜ୍ଞି, ନା଼ନୁ ମା଼

ପ୍ରବୁ ଜୀସୁ କ୍ରୀସ୍ତ ଦ଼ରୁତଲେ ଇଞ୍ଜାଁ ସୁଦୁଜୀୱୁ ହୀହାମାଞ୍ଜାନି ଜୀୱୁ ନ଼ନାଣି
ତାକି ମିଡ୍ଗେ ବାତିମ଼ାଲିମାଞ୍ଜାଇଁ, ନାଡ୍ଗେ ତାକି ମାହାପୂରୁ ତ଼ାଣା ରଣ୍ଡିଏ
ଅଣ୍‌ପୁ ତଲେ ପ୍ରାତାନା କିଦୁ । **୩୧** ନ଼ାନୁ ଜୀହୁଦା ଦ଼େସାତି ନାମାଆତି ଲ଼କୁ
ତ଼ାଣାଟି ଏ଼ନିକିହିଁ ଗେଲ୍‌ପି ଆ଼ଇଁ ଇଞ୍ଜାଁ ଜିରୁସାଲମତା ନ଼ା ଏମିନି ଦ଼େବା
କାମା, ଏ଼ଦିଏମ୍ବାଆଁ ମାହାପୂରୁ ଲ଼କୁ ଅ଼ପିନେରି, ଏ଼ଦାଆଁତାକି ପ୍ରାତାନା
କି଼ହେମାଞ୍ଜୁ । **୩୨** ମାହାପୂରୁ ଅଣ୍‌ପୁ ତଲେ, ନ଼ାନୁ ମୀ ତ଼ାଣା ହ଼ାରେକା
ର଼ାହାଁତଲେ ୱ଼ାଇଁ ଇଞ୍ଜାଁ ମୀ ତଲେ ଏଚରଦିନା ପାତେକା ଡ଼ୟାନା ନ଼ା
ହିୟାଁତା ର଼ାହାଁ ବେଟାଆ଼ଇଁ । **୩୩** ବାରେ ହିତ୍‌ଡ଼ି ହିୟାନି ମାହାପୂରୁ ମୀ
ତଲେ ମାଣ୍‌ମ୍ବେସି । ଆ଼ମେନ୍ ।

**୧୬** କେଣ୍ଡ୍କ୍ୟା କୁଲମିତା ଦ଼େବା କାମା କିହିମାନି ମ଼ା ତାଡ୍ଗି ପୟିବିଇଁ
ମୀ ତ଼ାଣା ପାଣ୍ଡିମାଞ୍ଜାଇଁ, **୨** ପ୍ରବୁତି ଦ଼ରୁତଲେ ଏ଼ଦାନି ଆବାଦୁ,
ମାହାପୂରୁ ଲ଼କୁ ଲେହେଁ ଲ଼େମ୍ବାଦୁ । ତାନି ଲ଼ଡ଼ାମାନି ଲେହେଁ ସ଼ାୟେମି
କିଦୁ । ଏ଼ଦି ନାଡ୍ଗେତାକି ଅ଼ଡେ଼ ହ଼ାରେକା ଲ଼କୁତି ସ଼ାୟେମି ତ଼ଡୁ । **୩**
କ୍ରୀସ୍ତ ଜୀସୁତି ଦ଼େବା କାମାତା ନ଼ା ତଲେ କାମା କିହିମାନି ପ୍ରିସ୍କିଲା ଇଞ୍ଜାଁ
ଆକ୍‌ୱିଲାଇଁ ନ଼ା ଜହରା ୱେହ୍‌ଦୁ । **୪** ଏ଼ ଲ଼କୁ ନ଼ା ତାକି ତାମି ଜୀୱୁତା
କସ୍ତ ଆ଼ହାମାନେ । ୱାର୍‌ଇ ନ଼ାନୁ ଆ଼ଏ, ବାରେ ଜୀହୁଦିଆ଼ଆତି କୁଲମି
ତାମି ତ଼ାଣା ଜହରା । **୫** ଏ଼ ଲ଼କୁତି ଇଜ ରୁଣ୍ଡା ଅ଼ହିମାନି କୁଲମିତି ଲ଼କୁଣି
ଜିକେଏ ନ଼ା ଜହରା ୱେସିମାଇଁ । ନ଼ା ଜୀୱୁତି ତ଼ଡୁ ଏପାୟିନେତଇଁ ନ଼ା
ଜହରା ୱେହ୍‌ଦୁ । ଆସିୟା ଦ଼େସାତି ଏ଼ୱାସି ରଅସି ମୂଲୁଏ କ୍ରୀସ୍ତଇଁ
ନାମିତାସି । **୬** ମୀ ନେହେଁତାକି ଜ଼ମାଆନା କାମା କିହିମାନି ମରିୟମଇଁ
ନ଼ା ଜହରା । **୭** ଆନ୍ଦ୍ରନିକ ଇଞ୍ଜାଁ ଜୁନିୟାଇଁ ନ଼ା ଜହରା । ଈ ରିଆରି
ଜୀହୁଦିୟାଁ ନ଼ା ତଲେ କାୟିଦି ଇଲୁତା ମାଚେରି । ନ଼ା ନ଼କେଏ କ୍ରୀସ୍ତଇଁ
ନାମା ମାଚେରି ଇଞ୍ଜାଁ ପାଣ୍ଡୱିଆ଼ତି ସୀସୁ ତ଼ାଣାଟି ଏ଼ୱାରି ପୁଣ୍‌ମ୍ବି ଆ଼ତାରି
। **୮** ପ୍ରବୁ ତ଼ାଣା ନ଼ା ଜୀୱୁତି ତ଼ଡୁ ଆମ୍ପ୍ଲିୟାତଇଁ ଜହରା । **୯** କ୍ରୀସ୍ତୁତି
ଦ଼େବା କାମାତା ନାଡ୍ଗେ ସ଼ାୟେମି କିହିମାଞ୍ଜାନି ଉର୍ବାନ ଇଞ୍ଜାଁ ଜୀୱୁତି ତ଼ଡୁ
ସ୍ତାକିୟଇଁ ଜିକେଏ ନ଼ା ଜହରା । **୧୦** କ୍ରୀସ୍ତୁତି ମ଼ାନି ତଲେ କାମା କିନି
ଆପେଲା ଇଞ୍ଜାଁ ଆରିସ୍ତବୁଲ କୁଟମିତି ବାରେ ଜ଼ାଣାଇଁ ନ଼ା ଜହରା ୱେହ୍‌ଦୁ
। **୧୧** ନ଼ା କୂଡ଼ାତି ହେରଦିୟନ ଇଞ୍ଜାଁ ନାର୍କିସ କୁଟମିତି କ୍ରୀସ୍ତୁତି ତାୟିୟାଣି
ଜିକେଏ ନ଼ା ଜହରା । **୧୨** ପ୍ରବୁତି ଦ଼େବା କାମାତା ମାନି ତ୍ରିପେନା ଇଞ୍ଜାଁ
ତ୍ରିପସାଇଁ ଇଞ୍ଜାଁ ପ୍ରବୁ ତାକି ହ଼ାରେକା କାମା କିହାମାନି ଜୀୱୁତି ପର୍ସିସଇଁ
ନ଼ା ଜହରା । **୧୩** ପ୍ରବୁ ଆ଼ଚାମାନି ରୁପସ ଇଞ୍ଜାଁ ନ଼ା ତାଲି ଲେହେଁତି
ତାନି ଇୟାନି ଜିକେଏ ନ଼ା ଜହରା । **୧୪** ଅସୁଂକ୍ରିତ, ପ୍ଲେଗନ, ହର୍ମିସ,
ପାତ୍ରବା, ହର୍ମିସ ଇଞ୍ଜାଁ ଏ଼ୱାରିତଲେ ମାନି ବାରେ କ୍ରୀସ୍ତଇଁ ନାମିମାନି ତାୟି
ତାଡ୍ଗିଇଁ ଜହରା ୱେହ୍‌ଦୁ । **୧୫** ପିଲଲଗ ଇଞ୍ଜାଁ ଜୁଲିୟା, ନିରୁସ୍ ଇଞ୍ଜାଁ ତାନି
ତାଡ୍ଗି ଅ଼ଡେ଼ ଅଲୁମ୍ପା ଅ଼ଡେ଼ ଏ଼ୱାରିତଲେ ମାନି ବାରେ ମାହାପୂରୁ ଲ଼କୁଣି
ନ଼ା ଜହରା ୱେହ୍‌ଦୁ । **୧୬** ସୁଦୁ ହିୟାଁ ତଲେ ନଣ୍ଡୱି ଆ଼ହାନା ଜହରା
ୱେହ୍‌ଦୁ । କ୍ରୀସ୍ତୁତି ବାରେ କୁଲମିକା ମିଡ୍ଗେ ଜହରା କିହିମାଞ୍ଜାନୁ । **୧୭**
ତାୟି ତାଡ୍ଗିସ୍କାତେରି, ମୀରୁ ଆମିନି କାତା ଜ଼ାପାମାଞ୍ଜେରି, ଏ଼ କାତାତି
ପିସାନା ଗଚି ଗଚି କିନାସି ଅ଼ଡେ଼ ଲାଗେଏ କିୟାନେସି ଏ଼ୱାରାଇଁ ପୁଞ୍ଜା
ଡ଼ୟାଦୁ, ଏ଼ୱାରି ତ଼ାଣାଟି ଏଟ୍‌କା ଆୟାଲି ନ଼ାନୁ ବାତିମ଼ାଲିମାଞ୍ଜାଇଁ । **୧୮**
ଇଚିହିଁ ଇଲେତି ଲ଼କୁ ମ଼ା ପ୍ରବୁ କ୍ରୀସ୍ତୁତି ହ଼ଲିୟାଡ୍ଗା ଆ଼ଏ, ସାମା ତାମି
ବାଣ୍ଡିତି ହ଼ଲିୟାଡ୍ଗା ଆ଼ହାମାନେରି, ଅ଼ଡେ଼ ସୁୱାଲା ହ଼ାଡାତଲେ ଲ଼କୁ ମ଼ନତି
ନ଼ାଡ଼ି କିନେରି । **୧୯** ନେହିଁ ବ଼ଲୁ ତାକି ମୀ ତୀର୍‌ପୁ କାମା ବାରେ ଲ଼କୁ
ୱେଞ୍ଜାମାନେରି, ଈଦାଆଁତାକି ନ଼ାନୁ ହ଼ାରେକା ର଼ାହାଁ । ନ଼ାନୁ ଅଣ୍‌ପିମାଇଁ,
ମୀରୁ ସାତା କାତାତା ବୁଦି ଗାଟାତେରି ଆ଼ଦୁ ଇଞ୍ଜାଁ ଉଜେଏତି କାତାତା
ଆଣ୍ଡାଆଦୁ । **୨୦** ଆତିହିଁ ହିତ୍‌ଡ଼ି ହିୟାନି ମାହାପୂରୁ ତବେ ସୟତାନଇଁ
ମୀ କଡାଁ ଡ଼ଇ କିନେସି । ମ଼ା ପ୍ରବୁ ଜୀସୁତି କାର୍ମାମେହ୍‌ନାୟି ମୀ ତଲେ
ମାଣ୍‌ମ୍ବେ । **୨୧** ନ଼ା ତଲେ କାମା କିହିମାନି ତିମତି ଇଞ୍ଜାଁ ମ଼ା ଜୀହୁଦି
ତାୟିୟାଁ ଲୁକିୟ, ଜାସନ ଇଞ୍ଜାଁ ସସିପାତ୍ର ମିଡ୍ଗେ ଜହରା କିହିମାଞ୍ଜାନେରି
। **୨୨** ଈ ଆ଼କୁ ର଼ାଚାମାନି ତର୍ତିୟ, ପ୍ରବୁତି ଦ଼ରୁତଲେ ମିଡ୍ଗେ ଜହରା
କିହିମାଞ୍ଜାଇଁ । **୨୩** ନାଡ୍ଗେ ଅ଼ଡେ଼ କୁଲମିତି ଦ଼େବା କିନି ଗାୟସ ମିଡ୍ଗେ
ଜହରା କିହିମାଞ୍ଜାନେସି, ଅ଼ଡେ଼ ଈ ଗ଼ାଡ଼ାତି ଗୁମୁସ୍ତା ଏରାସ୍ତ ଇଞ୍ଜାଁ ତାୟି
କ୍‌ୱାର୍ତ ଜିକେଏ ମିଡ୍ଗେ ଜହରା କିହିମାଞ୍ଜାନେରି । **୨୪** ପ୍ରବୁ ଜୀସୁତି
କାର୍ମାମେହ୍‌ନାୟି ମୀ ବାରେ ଜ଼ାଣାକି ଆ଼ପେ । **୨୫** ୱ଼ାଦୁ, ମ଼ାର ମାହାପୂରୁତି
ଗାୱୁରମି କିନ । ନ଼ାନୁ ୱ଼େକ୍‌ହାମାନି ଜୀସୁ କ୍ରୀସ୍ତୁତି ନେହିଁ ବ଼ଲୁ ଇଞ୍ଜାଁ
ତଲି କ଼ାଲାଟିଏ ଡୁଗାମାନି ସାତା ଲେହେଁ ମୀ ନାମୁ ତୀରିକିହାଁ ଇଟାଲି
ମାହାପୂରୁ ଆ଼ଡିନେସି । **(aiōnios g166)** **୨୬** ଏ଼ ଡୁଗାମାନି ସାତା ମାହାପୂରୁ
ଅଣ୍‌ପୁତି ବ଼ଲୁ ୱେହ୍‌ନାରି ସ଼ାସ୍ତ୍ରେରିତା ର଼ାସ୍‌କି ଆ଼ହାମାନେ ଅ଼ଡେ଼ ଏ଼ଦି
ନୀଏଁ କ଼ାଲାକ଼ାଲାତି ପ୍ରବୁ ମାହାପୂରୁ ତ଼ାଣାଟି ବାରେ କୂଡ଼ା ବିତ୍ରା ୱ଼େପ୍‌କି
ଆ଼ହିମାନେ । ଈଦାଆଁ ତଲେ ବାରେଜ଼ାଣା ନାମାନା ମାହାପୂରୁଇଁ ମ଼ାନି
କିହାଲି ଆ଼ଡିନେରି । **(aiōnios g166)** **୨୭** ବାରେ କାତା ପୁନି ମାହାପୂରୁ
ପ୍ରବୁ ଜୀସୁ ତ଼ାଣା କ଼ାଲାକ଼ାଲା ତାକି ଗାୱୁରମି ବେଟାଆ଼ପେସି । ଆ଼ମେନ୍
। **(aiōn g165)**

# ୧କର

**୧** ନ଼ାନୁ ପ଼ାୱୁଲ, ମାହାପୂରୁତି ମ଼ନତଲେ କ୍ରୀସ୍ତ ଜୀସୁ ତ଼ାଣାଟି ଆ଼ଚାନା
ପାଣ୍ତୱି ଆ଼ହାମାନାତେଏଁ, ଅ଼ଡ଼େ ମ଼ା ତାୟ଼ି ସସ୍ତିନା ତଲେ, **୨**
କରନ୍ତି ଗ଼ାଡ଼ାତା ମାନି ମାହାପୂରୁ କୁଲମିତାକି ଇ ଆ଼କୁ ର଼ାଚିମାନେରି;
ଆମିନି ବାରେଜ଼ାଣା ଏ଼ୱାରିତ଼ାଣା, ପ୍ରବୁ ଜୀସୁ କ୍ରୀସ୍ତ ଦ଼ରୁତଲେ ପ୍ରାତାନା
କିହିମାନେରି, ଏ଼ୱାରିତଲେ କ୍ରୀସ୍ତ ଜୀସୁ ତ଼ାଣା ସୁଦୁ ଆ଼ହାନା ହ଼ାଟ୍କି
ଆ଼ହାମାନି ମାହାପୂରୁ ଲ଼କୁତେରି ମୀରୁ । **୩** ମିଙ୍ଗେତାକି ମ଼ା ଆ଼ବା
ମାହାପୂରୁ ଅ଼ଡ଼େ ପ୍ରବୁ ଜୀସୁ କ୍ରୀସ୍ତ ତ଼ାଣାଟି କାର୍ମାମେହ୍ନାୟ଼ି ଅ଼ଡ଼େ ହିତ୍ଡ଼ି
ଆ଼ପେ । **୪** କ୍ରୀସ୍ତ ଜୀସୁ ତ଼ାଣାଟି ମିଙ୍ଗେ ହୀହାମାଞ୍ଜାନି ମାହାପୂରୁତି ଆମିନି
କାର୍ମାମେହ୍ନାୟ଼ି, ଏ଼ଦାଆଁତାକି ନ଼ାନୁ କ଼ାଲେଏ ମିଙ୍ଗେତାକି ମାହାପୂରୁଇଁ
ଜହରା କିହିମାଇଁ, **୫** ଏ଼ନାଆଁତାକି ଇଚିହିଁ ଏ଼ୱାଣି ତ଼ାଣା ବାରେ କାତାତା,
ହ଼ାରେକା କିହାଁ ବାରେଲେହେଁତି ଜ଼ାପ୍ନି ତ଼ାଣା ଅ଼ଡ଼େ ବାରେଲେହେଁତି
ବୁଦିତା ମୀରୁ ଗାଡି ବାତ୍କା ମାଞ୍ଜେରି; **୬** ଇଲେଆ଼ହିଁ କ୍ରୀସ୍ତତି ସ଼ାକି
ମୀ ତ଼ାଣା ତୀରି ଆ଼ହାମାନେ । **୭** ଇଦାଆଁତାକି ମୀରୁ ମ଼ା ପ୍ରବୁ ଜୀସୁ
କ୍ରୀସ୍ତତି ତ଼ଞ୍ଜା ଆ଼ହାଲିତାକି କ଼ାପୁ କ଼ାଚାନା ଏ଼ନି କାର୍ମାତି ଦ଼ାନାତା ଊଣା
ଆ଼ହାହିଲଅତେରି; **୮** ମ଼ା ପ୍ରବୁ ଜୀସୁ କ୍ରୀସ୍ତତି ଦିନାତା ଏ଼ନିକିଁ ମୀରୁ ଦ଼ହ
ହିଲାଆଗାଟାତେରି ଆ଼ଦେରି, ଇଦାଆଁତାକି ଏ଼ୱାସି ମିଙ୍ଗେ ର଼ାନି ଦିନା
ପାତେକା ତୀରିକିହା ଇଟାନେସି । **୯** ମାହାପୂରୁ ନାମୁଗାଟାସି, ଆମ୍ବାଆରି
ତ଼ାଣାଟି ମୀରୁ ତାନି ମୀର୍ଏସି ଜୀସୁ କ୍ରୀସ୍ତ, ମ଼ା ପ୍ରବୁ ତ଼ାଣା ଆଣ୍ତିନାଣାକି
ହ଼ାଟ୍କି ଆ଼ହାମାଞ୍ଜେରି । **୧୦** ଏ଼ ତାୟ଼ିୟ଼ାଁ ଅ଼ଡ଼େ ତାଙ୍ଗିସ୍କାତେରି, ମ଼ା ପ୍ରବୁ
ଜୀସୁ କ୍ରୀସ୍ତ ଦ଼ରୁତଲେ ନ଼ାନୁ ମିଙ୍ଗେ ବାତିମ଼ାଲିମାଞ୍ଜାଇଁ, ଏ଼ନିକିଁ ମୀରୁ
ବାରେଜ଼ାଣା ତେରି ରଣ୍ତିଏ କାତା ଜ଼ଲିଦେରି, ଅ଼ଡ଼େ ମୀ ବିତ୍ରା ଗଚି
ଆ଼ଅତେରି, ସାମା ମୀରୁ ରଣ୍ତିଏ ମ଼ନ ରଣ୍ତିଏ ଅଣ୍ପୁ ତଲେ କ଼ାଲ୍ୱି ଆ଼ଦୁ ।
**୧୧** ଇଚିହିଁ, ଏ଼ ନ଼ା ତାୟ଼ିୟ଼ାଁ ଅ଼ଡ଼େ ତାଙ୍ଗିସ୍କାତେରି, କ୍ଲୟ଼ିତି କୁଟମିଟି ମୀ
କାତା ନ଼ା ତ଼ାଣା ଇଦି ତ଼ଞ୍ଜା ଆ଼ହାମାନେ, ମୀ ବିତ୍ରା ଗଡ଼୍ହା ମାନେ । **୧୨**
ନ଼ାନୁ ୱେସ୍ତାନି କାତା ଇଦି, ମୀ ବିତ୍ରାଟି ଆମ୍ବା ଆମ୍ବାଆରି ଏଲେଇନେରି,
ନ଼ାନୁ ପ଼ାୱୁଲ ୱାକି ତାତେଏଁ, ଇଞ୍ଜାଁ ଆମ୍ବାଆରି ନ଼ାନୁ ଆପଲ ୱାକି
ତାତେଏଁ, ନ଼ାନୁ କ଼େପା ୱାକି ତାତେଏଁ ଅ଼ଡ଼େ ଏଚରଜ଼ାଣା ନ଼ାନୁ କ୍ରୀସ୍ତ
ୱାକି ତାତେଏଁ ଇଞ୍ଜାଁ ମାନେରି । **୧୩** କ୍ରୀସ୍ତ ବ଼ାଗା ଆ଼ହାମାନେସି କି?
ମିଙ୍ଗେତାକି ପ଼ାୱୁଲ କି ପ଼ାସି ମୁଣ୍ତାତା ହ଼ାହାମାନେସି? ଆ଼ଆତିଁ ମୀରୁ କି
ପ଼ାୱୁଲ ଦ଼ରୁତଲେ ବାପ୍ତିସ୍ମ ଅ଼ହାମାଞ୍ଜେରି? **୧୪** ଇଦାଆଁତାକି କ୍ରିସ୍ପ ଅ଼ଡ଼େ
ଗାୟ଼ୁ ପିସ୍ପେ ମୀ ବିତ୍ରା ଆମ୍ବାଆରାଇଁ ଜିକେଏ ବାପ୍ତିସ୍ମ ହୀହାହିଲଅଁ ଇଞ୍ଜାଁ
ନ଼ାନୁ ମାହାପୂରୁଇଁ ଜହରା କିହିମାଇଁ, **୧୫** ଏ଼ଚେତା ମୀରୁ ନୀ ଦ଼ରୁତଲେ
ବାପ୍ତିସ୍ମ ଅ଼ହାମାଇଁ ଇଞ୍ଜାଁ ଆମ୍ବାଆରି ଏଲେଇଞ୍ଜଅରି । **୧୬** ଅ଼ଡ଼େ ସ୍ତିପାନତି
କୁଟମିଇଁ ଜିକେଏ ବାପ୍ତିସ୍ମ ହୀହାମାଇଁ; ଇୱାରି ପିସ୍ପେ ନ଼ାନୁ ଅ଼ଡ଼େ
ଆମ୍ବାଆରାଇଁ ବାପ୍ତିସ୍ମ ହୀହାମାଇଁ ଇଞ୍ଜାଁ ନ଼ା ଅଣ୍ପୁତା ହିଲେଏ । **୧୭**
ଇଚିହିଁ କ୍ରୀସ୍ତ ନାଙ୍ଗେ ବାପ୍ତିସ୍ମ ହୀହାଲିତାକି ପାଣ୍ତାମାଞ୍ଜଅସି, ସାମା ନେହିଁ
କାବ୍ରୁ ୱେସାଲି ପାଣ୍ତାମାଞ୍ଜାନେସି; ଏ଼ଦି ଜିକେଏ ବ଼ଲୁତି ର଼ାହାଁ କିନି ତ଼ାଣା
ଆ଼ଏ, ଏ଼ଚେତା ପାଟେ କ୍ରୀସ୍ତତି ପ଼ାସିମୁଣ୍ତା ଉଜେଏ ଆ଼ନେ । **୧୮** ଇଚିହିଁ
ନ଼ାସା ଆ଼ହିମାନି ଲ଼କୁତାକି ପ଼ାସି ମୁଣ୍ତାତି କାତା ଉଜେଏତାୟ଼ି, ସାମା
ଗେଲ୍ପି ଆ଼ହିମାନି ମ଼ା ବାରେଜ଼ାଣା ତାକି ଏ଼ଦି ମାହାପୂରୁତି ବ଼ାଡ଼୍ୟୁ । **୧୯**
ଇଦାଆଁତାକି ର଼ାସ୍କି ଆ଼ହାମାନେ, "ନ଼ାନୁ ବୁଦିଗାଟାରି ବୁଦି ନାସୱି କିଇଁ,
ଅ଼ଡ଼େ ବୁଦିଗାଟାରି ବୁଦି ଅ଼ପଅଁ ।" **୨୦** ବୁଦିଗାଟାରି ଆମ୍ବିୟ଼ା? ମ଼େରା
ଜ଼ାପ୍ନାରି ଆମ୍ବିୟ଼ା? ଇ ଜୁଗୁତି କାତା କାଟୱିକିହାଁ ୱେହ୍ନାରି ଆମ୍ବିୟ଼ା?
ମାହାପୂରୁ କି ଦାର୍ତିତି ବୁଦିଇଁ ଉଜେଏତାୟ଼ି ଇଞ୍ଜାଁ ୱେସାହିଲଅସି? (aiōn
g165) **୨୧** ଇଚିହିଁ ମାହାପୂରୁତି ବୁଦି ତ଼ଞ୍ଜାଆ଼ହାମାଚି ଜିକେଏ ଦାର୍ତି
ଜାହାରା ବୁଦିତଲେ ମାହାପୂରୁଇଁ ପୁନାଆତାକି ମ଼ାମ୍ବୁ ୱେକ୍ହାମାନି କାତା
ଉଜେଏତାୟ଼ି, ଆ଼ତିଜିକେଏ ନାମୁ ଗାଟାରାଇଁ ଗେଲ୍ପାଲିତାକି ମାହାପୂରୁ
ଅଣ୍ପିତେସି । **୨୨** ଇଚିହିଁ ଜୀହୁଦିଙ୍ଗା ସିନା ପାରିନେରି, ସାମା ଗ୍ରିକ୍ ଲ଼କୁ
ବୁଦିତି ପାରିନେରି । **୨୩** ସାମା ମ଼ାମ୍ବୁ ପ଼ାସି ମୁଣ୍ତାତା ହ଼ାତି କ୍ରୀସ୍ତତି କାତା
ୱେକ୍ହି ମାନମି, ଏ଼ୱାସି ଜୀହୁଦି ଲ଼କୁତାକି ସାତୁ ଲେହେଁତାସି ଅ଼ଡ଼େ
ଜୀହୁଦିଆ଼ଆତି ଲ଼କୁତାକି ବୁଦି ହିଲାଆଲେହେଁ । **୨୪** ସାମା ଜୀହୁଦି
ଆ଼ପାରି କି ଜୀହୁଦିଆ଼ଆତାରି ଆ଼ପାରି, ଆମ୍ବାଆରି ହ଼ାଟ୍କି ଆ଼ତାରି,
ଏ଼ୱାରାକି କ୍ରୀସ୍ତ ମାହାପୂରୁତି ବ଼ାଡ଼୍ୟୁ ଅ଼ଡ଼େ ମାହାପୂରୁତି ବୁଦି ଲେହେଁ
। **୨୫** ଇଚିହିଁ ମାହାପୂରୁତି ବୁଦି ହିଲାଆଗାଟାୟ଼ି ମାଣ୍ସିୟ଼ାଁତି ବୁଦି
କିହାଁ ହ଼ାରେକା ବୁଦି, ଅ଼ଡ଼େ ମାହାପୂରୁତି ଆ଼ଡାଆ ଗାଟାୟ଼ି ମାଣ୍ସିୟ଼ାଁତି
ବ଼ାଡ଼୍ୟୁ କିହାଁ ହ଼ାରେକା ବ଼ାଡ଼୍ୟୁ ଗାଟାୟ଼ି । **୨୬** ଏ଼ ତାୟ଼ିୟ଼ାଁ ଅ଼ଡ଼େ
ତାଙ୍ଗିସ୍କା ମିଙ୍ଗେ ହ଼ାଟାମାନି କାତା ଅଣ୍ପାଦୁ, ଦାର୍ତିତି ଲ଼କୁତି ଅଣ୍ପୁ
ଲେହେଁ ହ଼ାରେକା ବୁଦିଗାଟାରି, ହ଼ାରେକା ବ଼ାଡ଼୍ୟୁ ଗାଟାରି, କି କାଜା
କୂଡ଼ା ଗାଟାରି ହ଼ାଟ୍କି ଆ଼ହାହିଲଅରି; **୨୭** ଏ଼ଦାଆଁତାକି ମାହାପୂରୁ ବୁଦି
ଗାଟାରାଇଁ ଲାଜା କିହାଲିତାକି ଦାର୍ତିତି ବୁଦି ହିଲାଆଗାଟାଣି ଆ଼ଚିତେସି,
ଅ଼ଡ଼େ ବ଼ାଡ଼୍ୟୁ ଗାଟାଣି ଲାଜା କିହାଲିତାକି ମାହାପୂରୁ ଦାର୍ତିତି ବ଼ାଡ଼୍ୟୁ
ହିଲାଆଗାଟାରାଇଁ ଆ଼ଚିତେସି । **୨୮** ଅ଼ଡ଼େ ଏ଼ନାୟ଼ି ଦାର୍ତି ନ଼କିତା
ମ଼ାନି ଗାଟାୟ଼ି, ଏ଼ ବାରେ ଉଜେଏ କିହାଲି, ମାହାପୂରୁ ଦାର୍ତିତି ହୀଣି,
ଇଞ୍ଜାଁ ଅ଼ପାଆଗାଟାଣି, ହାଅ, ମ଼ାନି ହିଲାଆଗାଟାଣି ଆ଼ଚିତେସି । **୨୯**
ଅ଼ଡ଼େ ଏ଼ନାୟ଼ି ଦାର୍ତି ନ଼କିତା ମ଼ାନି ଗାଟାୟ଼ି, ଏ଼ ବାରେତି ଉଜେଏ
କିହାଲିତାକି ମାହାପୂରୁ ଦାର୍ତିତି ଊଣା ଅ଼ଡ଼େ ଅ଼ପାଆଗାଟାଣି ହାଅ
ଉଜେଏତାଣି ଆ଼ଚିତେସି । **୩୦** ସାମା ଏ଼ୱାଣି ତାକି ମୀରୁ କ୍ରୀସ୍ତ ଜୀସୁ
ତ଼ାଣା ମାଞ୍ଜେରି, ଏ଼ୱାସି ମାହାପୂରୁ ତ଼ାଣାଟି ମାଙ୍ଗେତାକି ବୁଦି, ଇଚିହିଁ
ଦାର୍ମୁଗାଟାସି, ସୁଦୁଗାଟାସି ଅ଼ଡ଼େ ଗେଲ୍ପିନି ଲେହେଁ ଆ଼ହାମାନେସି । **୩୧**
ଇଦାଆଁତାକି, ଦାର୍ମୁପତିତା ର଼ାସ୍କି ଆ଼ହାମାନେ, "ଆମ୍ବାଆସି ବଡପଣ
ଆ଼ନେସି, ଏ଼ୱାସି ମାହାପୂରୁ ତ଼ାଣା ବଡପଣ ଆ଼ପାସି ।"

**୨** ଏ଼ଦାଆଁତାକି ଏ଼ ତାୟ଼ିୟ଼ାଁ ଅ଼ଡ଼େ ତାଙ୍ଗିସ୍କାତେରି, ଏ଼ଚେତା ନ଼ାନୁ ମୀ
ତ଼ାଣା ହାଜାମାଚେଏଁ, ଏଚିବେଲା ମାହାପୂରୁତି ଡୁଗାମାନି ସାତା
କାତାତି ଗାଡି ବୁଦି ଗାଟାରିଲେହେଁ ମୀ ତ଼ାଣା ୱେକ୍ହାମାଚେଏଁ ଏଲେକିଁ

ଆ଼ଏ । ୨ ଇଚିହିଁ ଜୀସୁ କ୍ରୀସ୍ତୁ, ଇଚିହିଁ ପା଼ସି ମୁଣ୍ଡାତା ହା଼ତି ଜୀସୁ କ୍ରୀସ୍ତୁ
ପିସ୍‌ପେ ମୀ ତା଼ଣା ଅ଼ଡ଼େ ଏ଼ନାଆଁ ଜିକେଏ ପୁଞ୍ଜାଲି ଅଣ୍‌ପାଆତେଏଁ ।
୩ ଅ଼ଡ଼େ, ନା଼ନୁ ବା଼ଡ଼୍‌ୟୁ ହିଲାଆନା, ଆଜି ଅ଼ଡ଼େ ଟୀର୍‌ଗି ଟୀର୍‌ଗିହିଁ ମୀ
ତା଼ଣା ମାଚେଏଁ; ୪ ଇଦାଆଁତାକି ନା଼ ଜା଼ପ୍‌ନାୟି ଅ଼ଡ଼େ ୱେକ୍‌ନାୟି ମାଣ୍‌ସି
ବୁଦିତି ନେହିଁ ହା଼ଡାଲେହେଁ ଆ଼ଆନା ମାହାପୂରୁତି ସୁଦୁଜୀୱୁତି ବା଼ଡ଼୍‌ୟୁ
ଡ଼ସ୍‌ପି ଆ଼ହାମାନେ । ୫ ମୀ ନାମୁ ଏ଼ନିକିଁ ମାଣ୍‌ସିୟାଁତି ବୁଦିତା ଟୀରି
ଆ଼ଆନା ମାହାପୂରୁତି ବା଼ଡ଼୍‌ୟୁତା ଟୀରି ଆ଼ନେ । ୬ ଆ଼ତିଜିକେଏ ମା଼ମୁ
ସୁଦୁଜୀୱୁତା ପାଡାଆ଼ନି ବୁଦିଗାଟି ଲ଼କୁତା଼ଣା ବୁଦିତିକାତା ୱେହ୍‌ନମି,
ସାମା ଏ଼ଦି ଇ ଜୁଗୁତି ବୁଦି ଆ଼ଏ, ଅ଼ଡ଼େ ଇ ଜୁଗୁତି ଗା଼ଡ଼େକା ତାକି
ନା଼ସା ଆ଼ନି ସା଼ଲୱି କିନାରି ବା଼ଡ଼୍‌ୟୁତି ହା଼ରୱି କିନାରି ବୁଦି ଆ଼ଏ । (aiōn
g165) ୭ ସାମା ନା଼ନୁ ଡୁଗାମାନି ଲେହେଁତି ମାହାପୂରୁତି ବୁଦିତିକାତା
ୱେସିମାଇଁ; ଏ଼ ଡୁଗାମାନି ମାହାପୂରୁ ବୁଦି ମା଼ ଗାୱୁରମି ତାକି ଦାର୍‌ତିତି
ଗା଼ଡ଼ି ଆ଼ଆ ନ଼କେଏ ଆ଼ଚାନା ଇଟ୍‌କି ଆ଼ହାମାଚେ । (aiōn g165) ୮
ଇ ଜୁଗୁତି ସା଼ଲୱି କିନାରି ଜିକେଏ ଆମ୍ବାଆରି ଏ଼ଦାଆଁ ପୁଞ୍ଜାହିଲଅରି,
ଏ଼ନାଆଁତାକି ଇଚିହିଁ ଏ଼ୱାରି ଏ଼ଦାଆଁ ପୁଞ୍ଜାମାଚିହିଁମା ଗାୱୁରମିଗାଟି ପ୍ରବୁଇଁ
କ୍ରୁସତା ପା଼ୟାଆତେରିମା । (aiōn g165) ୯ ସାମା ଏ଼ନିକିହିଁ ଦାର୍ମୁପତିତା
ରା଼ସ୍‌କି ଆ଼ହାମାନେ, “କାନୁ ଏମିନାଣି ମେସା ହିଲେଏ, କିୟୁଁ ଏମିନାଣି
ୱେଞ୍ଜା ହିଲେଏ, ଅ଼ଡ଼େ ମାଣ୍‌ସିୟାଁ ହିୟାଁତା ଏମିନାଣି ଅଣ୍‌ପା ହିଲଅରି, ଏ଼
ବାରେତି ମାହାପୂରୁ ତାଞ୍ଜେ ଜୀୱୁ ନ଼ନାରାକି କିହାମାନେସି ।” ୧୦ ସାମା
ମାହାପୂରୁ ମାଞ୍ଜେତାକି ସୁଦୁଜୀୱୁ ତଲେ ବାରେ ଡ଼ସାମାଞ୍ଜାନେସି; ଏ଼ନିକିଁ
ଏ଼ ସୁଦୁଜୀୱୁ ବାରେ କାତା, ହାଅ, ମାହାପୂରୁତି ଡୁଗାମାନି କାତା ଜିକେଏ
ପାରିନେସି । ୧୧ ମାଣ୍‌ସିତି କାତା ବାରେ ମାଣ୍‌ସି ତା଼ଣା ମାନି ଜୀୱୁ
ପିସ୍‌ପେ ଅ଼ଡ଼େ ଆମ୍ବାଆସି ପୁନେସି? ଏଲେକିହିଁଏ ମାହାପୂରୁ କାତା ବାରେ
ମାହାପୂରୁ ଜୀୱୁ ପିସ୍‌ପେ ଆମ୍ବାଆସି ପୁନଅସି । ୧୨ ଏ଼ନିକିଁ ମାହାପୂରୁ
ତା଼ଣାଟି ମାଞ୍ଜେ କାର୍ମାମେହ୍‌ନି ତା଼ଣାଟି ହୀପ୍‌କି ଆ଼ହାମାନି କାତା ବାରେ
ମା଼ର ପୁଞ୍ଜାଲି ଆ଼ଡିନାୟି, ଏ଼ଦାଆଁତାକି ମା଼ର ଦାର୍‌ତିତି ଜୀୱୁ ପ୍ଲାଃଆନା
ମାହାପୂରୁତି ଜୀୱୁ ବେଟା ଆ଼ହାମାନାୟି । ୧୩ ଏ଼ ବାରେ କାତା ଜିକେଏ
ମା଼ର ମାଣ୍‌ସିତି ବୁଦିଟି ଜା଼ପାମାନି ବ଼ଲୁ ତଲେ ୱେସିହିଲାଆୟି, ସାମା
ସୁଦୁଜୀୱୁତି କାତା ବାରେ ସୁଦୁଜୀୱୁତି କାତାତଲେ ତେଲ୍‌ହି କିହାନା
ସୁଦୁଜୀୱୁ ତଲେ ଜା଼ପାମାନି ବ଼ଲୁ ତଲେ ୱେସିମାନାୟି । ୧୪ ସାମା
ଦାର୍‌ତିତି ମାଣ୍‌ସି ମାହାପୂରୁତି ସୁଦୁଜୀୱୁତି କାତା ବାରେ ଅ଼ପଅସି,
ଏ଼ନାଆଁତାକି ଇଚିହିଁ ଏ଼ ବାରେ ତାନି ନ଼କିତା ଉଜେଏତାୟି, ଅ଼ଡ଼େ ଏ଼ୱାସି
ଏ଼ ବାରେତି ତେଲ୍‌ହାଲି ଆ଼ଡଅସି, ଇଚିହିଁ ଏ଼ ବାରେ ସୁଦୁଜୀୱୁ ତଲେ
ନୀହାଁୟି କିୱିଆ଼ନେ । ୧୫ ସାମା ଆମ୍ବାଆରାକି ସୁଦୁଜୀୱୁ ମାନେ, ଏ଼ୱାସି
ବାରେ କାତା ନେହିଁକିଁ ଅଣ୍‌ପିନେସି, ଆ଼ତିଜିକେଏ ଆମ୍ବାଆସି ଏ଼ୱାଣାଇଁ
ଅଣ୍‌ପଅସି । ୧୬ ଏ଼ନାଆଁତାକି ଇଚିହିଁ, “ଆମ୍ବାଆସି ମାହାପୂରୁତି ଅଣ୍‌ପୁ
ପୁଞ୍ଜାମାନେସି, ଇଞ୍ଜାଁ ଏ଼ୱାସି ଏ଼ୱାଣାଇଁ ଜା଼ପ୍‌ହାଲି ଆ଼ଡିନେସି?” ସାମା
ମା଼ମୁ କ୍ରୀସ୍ତୁତି ମ଼ନ ବେଟା ଆ଼ହାମାନମି ।

୩ ଏ଼ ନା଼ ତାୟିୟାଁ ଅ଼ଡ଼େ ତାଞ୍ଜିସ୍କାତେରି ନା଼ନୁ ସୁଦୁଜୀୱୁ ବେଟାଆ଼ହାମାନି
ଲ଼କୁଣି ୱେହ୍‌ନିଲେହେଁ ମିଞ୍ଜେ ୱେସାଲି ଆ଼ଡାଆତେଏଁ, ସାମା
ଆଞ୍ଜା ତଲେ ମାନି ଲ଼କୁ ଅ଼ଡ଼େ କ୍ରୀସ୍ତୁ ତା଼ଣା ନାମୁତି କକାରି ପ଼ଦାଁଣି
ୱେହ୍‌ନିଲେହେଁ ମିଞ୍ଜେ ୱେସ୍ତାତେଏଁ । ୨ ନା଼ନୁ ମିଞ୍ଜେ ପା଼ଲୁ ଉଟ୍‌ହାନା
ଆ଼ଟ୍‌ୱା ରା଼ନ୍ଧା ହିୟାଆତେଏଁ, ଏ଼ନାଆଁତାକି ଇଚିହିଁ ଏଲେତି ରା଼ନ୍ଧା ତିଞ୍ଜାଲି
ଆ଼ଡିହିଲାଆତେରି, ଅ଼ଡ଼େ ନୀଏଁ ଜିକେଏ ଆ଼ଡଅତେରି, ୩ ନୀଏଁ ପାତେକା
ମୀରୁ ଦାର୍‌ତିତି ନାମାଆତି ଲ଼କୁ ମାଣ୍‌କି ତଲେ ମାଞ୍ଜେରି, ଏ଼ନାଆଁତାକି
ଇଚିହିଁ ମୀ ବିଡ଼୍ରା ଡ଼ାହାରା ଅ଼ଡ଼େ ଗଡ଼୍‌ହା କିନାୟିମାନେ, ଏ଼ଦାଆଁତାକି
ମୀରୁ ଦାର୍‌ତିତି ନାମାଆତି ଲ଼କୁତେରି ଆ଼ଏକି ଇଞ୍ଜାଁ ମାଣ୍‌ସି ନୀତିନି
ଲେହେଁ ନୀଡି ହିଲଅତେରି? ୪ ଏ଼ଚେଟା ରଅସି ଏଲେଇନେସି, “ନା଼ନୁ
ପା଼ୱୁଲ ତା଼ଣା ତାତେଏଁ” ଅ଼ଡ଼େ ରଅସି ଏଲେଇନେସି “ନା଼ନୁ ଆପଲ ତା଼ଣା
ତାତେଏଁ” ଏଚେଟିଏ ମୀରୁ ଦାର୍‌ତିତି ନାମାଆତି ଲ଼କୁତେରି ଆ଼ଏକି? ୫
ଆପଲ ଆମ୍ବାଆସି? ପା଼ୱୁଲ ଆମ୍ବାଆସି? ଏ଼ୱାରି ୱା଼ର୍‌ଇ ସେବା କିନାରି,
ଆମ୍ବାଆରି ତା଼ଣାଟି ବାରେତାକି ପ୍ରବୁ ଏ଼ନିକିଁ ହୀହାମାନେସି ଏଲେକିଁ
ମୀରୁ ନାମାମାଞ୍ଜେରି । ୬ ନା଼ନୁ ଉହାମାଇଁ, ଆପଲ ଏ଼ୟୁ ହୀହାମାନେସି,
ସାମା ମାହାପୂରୁ ପାଡି କିହାମାନେସି । ୭ ଇଚିହିଁ ଆମ୍ବାଆସି ଉହିନେସି
ଇଞ୍ଜାଁ ଆମ୍ବାଆସି ଏ଼ୟୁ ହୀନେସି ଏ଼ୱାସି ଏ଼ନାସି ଆ଼ଏ, ସାମା ଆମ୍ବାଆସି
ପାଡି କିନି ମାହାପୂରୁ ଏ଼ୱାସି କାଜାସି । ୮ ଆମ୍ବାଆସି ଉହିନେସି
ଅ଼ଡ଼େ ଆମ୍ବାଆସି ଏ଼ୟୁ ହୀନେସି ଏ଼ୱାରି ରିଆରି ରଲେଏତାରି, ସାମା
ବାରେଜା଼ଣା ତାମି କସ୍ତୁତି ଲେକାତଲେ କୂଲି ବେଟାଆ଼ନେରି । ୯ ଇଚିହିଁ
ମା଼ମୁ ମାହାପୂରୁ ତଲେ ଆଣ୍ଡାନା କାମା କିନାତମି, ମୀରୁ ମାହାପୂରୁତି
ଡ଼ସା ବୂମି ଅ଼ଡ଼େ ମାହାପୂରୁତି ଇଲୁ । ୧୦ ନାଞ୍ଜେ ହୀପ୍‌କି ଆ଼ହାମାଞ୍ଜାନି
ମାହାପୂରୁତି କାର୍ମାତଲେ ନା଼ନୁ ର଼ ବୁଦିଗାଟି ଇଲୁ ଦହ୍‌ନି ଲ଼କୁ ଲେହେଁ
ପୁନାଦି କିହାମାଇଁ, ଅ଼ର ରଅସି ଏ଼ଦାଣି ଲାକ ଇଲୁ ଦସି ମାନେସି, ସାମା
ବାରେଜା଼ଣା ତାନି ଲାକ ଏ଼ନିକିଁ ଦସି ମାନେରି ଏ଼ଦାଆଁତାକି ଜାଗ୍ରାତା
ଆ଼ପେରି । ୧୧ ଇଚିହିଁ ଆମିନି ପୁନାଦି କିୱିଆ଼ହାମାନେ, ଏ଼ଦାଣି ପିସ୍‌ପେ
ଏଟ୍‌କାତି ପୁନାଦି ଆମ୍ବାଆସି କିହାଲି ଆ଼ଡଅସି, ଏ଼ ପୁନାଦି ଜୀସୁ କ୍ରୀସ୍ତୁ ।
୧୨ ସାମା ଆମ୍ବାଆସି ଏ଼ ପୁନାଦି ଲାକ ବାଂଗାରା, ୱେଣ୍ଡି, ଗାଡି ଦାରାଗାଟି
ୱାଲ୍‌କା, ମା଼ର୍‌କା, ଜା଼ଡ଼ା, ଅ଼ଡ଼େ ୱିକା ତଲେ କିନେସି, ୧୩ ଆତିହିଁ
ଆମ୍ବାଆରି କାମା ଏ଼ନିଲେହେଁତାୟି ଏ଼ଦି ଡ଼ଞ୍ଜାଆ଼ନେ, ଇଚିହିଁ ଏ଼ ନେଚୁ
ଏ଼ଦି ଡ଼ହ୍‌ନେ, ଏ଼ ନେଚୁ ହିଚୁତଲେ ଡ଼ଞ୍ଜାଆ଼ନେ, ଇଞ୍ଜାଁ ବାରେଜା଼ଣାତି
କାମା ଏ଼ନିଲେହେଁତାୟି ଏ଼ ହିଚୁ ତାୟିପାରି କିନେ । ୧୪ ଆମ୍ବାଆସି ଏ଼ନିକିଁ
ଇଲୁ ଦସା ମାନେସି ଏ଼ୱାଣି କାମା ଏଲେକିଁ ଡ଼ୟିତିହିଁ ଏ଼ୱାସି ଏ଼ ଦା଼ନା
ବେଟା ଆ଼ନେସି । ୧୫ ଇଞ୍ଜାଁ ଆମ୍ବାଆରି କାମା ୱେହାହାନେ, ଏ଼ୱାଣିୱାୟି
ନାସୱି ଆ଼ନେ, ଆ଼ତିଜିକେଏ ଏ଼ୱାସି ଗେଲ୍‌ପି ଆ଼ନେସି, ସାମା ଏ଼ଦି ହିଚୁ
ବିଡ଼୍ରାଟି ହ଼ଚା ହାଚି ସମାନା ଆ଼ନେ । ୧୬ ମୀରୁ ପୁଞ୍ଜାହିଲଅତେରି କି ମୀରୁ
ମାହାପୂରୁତି ଇଲୁତେରି, ଅ଼ଡ଼େ ମାହାପୂରୁତି ସୁଦୁଜୀୱୁ ମୀ ହିୟାଁତା ବାସା
କିନେ । ୧୭ ଆମ୍ବାଆସି ମାହାପୂରୁ ଲ଼କୁଇଁ ନା଼ସା କିନେସି, ମାହାପୂରୁ

ଏ଼ୱାଣାଇଁ ନ଼ାସା କିନେସି, ଇଚିହିଁ ମାହାପୂରୁତି ଇଲୁ ଅଟ୍ହାୟି ଇଞ୍ଜାଁ ମୀରୁଏ
ଏ଼ୱାଣି ଇଲୁ । ୧୮ ଆମ୍ବାଆସି ତ଼ାନୁଏ ତାଙ୍ଗେ ନ଼ାଡ଼ିକିହା କଡାଆପେସି,
ଆମିନି ଲ଼କୁ ଈ ଦାର୍ତିତା ବୁଦି ଗାଟାତେଏଁ ଇଞ୍ଜେଁ ଅଣ୍ପିନେସି, ଆତିହିଁ
ଏ଼ୱାସି ଏ଼ନିକିଁ ବୁଦିଗାଟାସି ଆ଼ନେସି ଏ଼ଦାଆଁତାକି ଦାର୍ତିତି ଲ଼କୁତ଼ାଣା
ବୁଦି ହିଲାଆଗାଟି ଲ଼କୁ ଲେହେଁ ଆ଼ପେସି । (aiōn g165) ୧୯ ଇଚିହିଁ ଈ
ଦାର୍ତିତି ବୁଦି ମାହାପୂରୁ ନ଼କିତା ବୁଦି ହିଲାଆଗାଟାୟି, ଏ଼ଦାଆଁତାକି
ର଼ାସ୍କି ଆ଼ହାମାନେ, “ମାହାପୂରୁ ବୁଦି ଗାଟାରାଇଁ ତାମି ସୁତ୍ରମି ତଲେ
ପ଼ାନ୍ବାତା ଆହ୍ନେସି;” ୨୦ ଅ଼ଡ଼େ ର଼ାସ୍କି ଆ଼ହାମାନେ “ବୁଦିଗାଟାରି
ଅଣ୍ପୁ ବାରେ ଉଜେଏତାୟି ଇଞ୍ଜେଁ ପ୍ରବୁ ପୁଞ୍ଜାମାନେସି ।” ୨୧ ମାଣ୍ସି
ତ଼ାଣା ଆମ୍ବାଆସି ବଡପଣ ଆ଼ଆପେସି, ଇଚିହିଁ ବାରେ ମୀଦିଏ । ୨୨
ପ଼ାୱୁଲ, ଇଞ୍ଜୁ କି ଆପଲ, ଇଞ୍ଜୁ କ଼େପା, ଇଞ୍ଜୁ ଅ଼ଡ଼େ ଦାର୍ତି ଇଞ୍ଜୁ କି ଜୀୱୁ
ଇଞ୍ଜୁ, କି ହ଼ାନାୟି ଆ଼ପେ, ନୀଏଁ ତାୟି ଆ଼ପେ, କି ଡ଼ାୟୁତାୟି ଆ଼ପେ,
ଏ଼ ବାରେଏ ମୀଦି । ୨୩ ସାମା ମୀରୁ କ୍ରୀସ୍ତୁତି ଲ଼କୁତେରି ଅ଼ଡ଼େ କ୍ରୀସ୍ତୁ
ମାହାପୂରୁ ତ଼ାଣାତାସି ।

**୪** ଲ଼କୁ ମାଙ୍ଗେ କ୍ରୀସ୍ତୁତି ସେବା କିନାରି, ଅ଼ଡ଼େ ମାହାପୂରୁତି ଡୁଗାମାନି
ଇଲୁତି ଗୁମୁସ୍ତା ଇଞ୍ଜେଁ ଅଣ୍ପାପେରି । ୨ ଇଲେଆହିଁ ଗୁମୁସ୍ତା
ବେଟାଆ଼ହାମାନି ମାଣ୍ସି ଜାହାରା ପ୍ରବୁ ତ଼ାଣା ମ଼ାନି ଗାଟାସି ତ଼ଞ୍ଜା
ଆ଼ପାସି । ୩ ସାମା ମୀ ତ଼ାଣାଟି ଆ଼ପେ କି ଆମିନି ନୀହାଁୟି କିନି ତ଼ାଣା
ନୀହାଁୟି କିୱି ଆ଼ନାୟି ନ଼ା ତାକି ଏ଼ଦି କାଜା କାତା ଆ଼ଏ, ଇଲେକିଁ ନ଼ାନୁ
ଜାହାରାଇଁ ନୀହାଁୟି କିହା କଡଅଁ । ୪ ଇଚିହିଁ ନ଼ାନୁ ନ଼ା କ଼ପାଟି ଏ଼ନାଆଁ
ପୁଞ୍ଜାହିଲଅଁ, ଆ଼ତିଜିକେଏ ନ଼ାନୁ ଇମ୍ବାଆଁ ଦ଼ହ ହିଲାଆ ଗାଟାତେଏଁ ଇଞ୍ଜେଁ
ତ଼ଞ୍ଜା ଆ଼ହାହିଲଅଁ, ସାମା ଆମ୍ବାଆସି ନ଼ା ନୀହାଁୟି କିୟାନେସି, ଏ଼ୱାସି
ପ୍ରବୁ । ୫ ଏ଼ଦାଆଁତାକି, ତୀରିକିତି ଦିନା ୱ଼ାଆ ନ଼କେଏ ଇଚିହିଁ ପ୍ରବୁ
ୱ଼ାଆ ନ଼କେଏ ମୀରୁ ଆମ୍ବାଆରାଇଁ ନୀହାଁୟି କିଆଦୁ, ଏ଼ୱାସି ଆନ୍ଧେରିତା
ଡୁଗାମାନି ବାରେ ଉଜେଡ଼ିତା ତ଼ହ୍ନେସି, ଅ଼ଡ଼େ ହିୟାଁତି ଅଣ୍ପୁ ବାରେ
ଏ଼ୱାସି ୱେହ୍ନେସି, ଏଚିବେଲା ବାରେଜ଼ାଣା ମାହାପୂରୁ ତ଼ାଣାଟି ଗାୱୁରମି
ବେଟାଆ଼ଦେରି । ୬ ଏ଼ ତାୟିୟାଁ ଅ଼ଡ଼େ ତାଙ୍ଗିସ୍କାତେରି, ନ଼ାନୁ ମୀରୁ ଜ଼ାପାଲି
ତାକି ଈ ବାରେ କାତା ନ଼ାନୁ ନାଙ୍ଗେ ଅ଼ଡ଼େ ଆପଲଇଁ ତ଼ସାଁ ୱେସିମାଞ୍ଜାଇଁ,
“ଇଚିହିଁ ଏ଼ନାୟି ର଼ାସ୍କି ଆ଼ହାମାନେ ଏ଼ କାତାତି ଗ଼ାଣ୍ଆଦୁ,” ଇଦାଆଁ
ମୀରୁ ମ଼ା ତ଼ାଣାଟି ଜ଼ାପାଦୁ, ଅ଼ଡ଼େ ଏ଼ନିକିଁ ମୀ ବିତ୍ରାଟି ଆମ୍ବାଆସି ରଅଣି
ୱାକିଟି ଅ଼ଡ଼େ ରଅଣାଇଁ ଅ଼ପାଆନା ବଡପଣ ଆ଼ଆଦୁ । ୭ ମିଙ୍ଗେ
ଆମ୍ବାଆସି କାଜାସି କିହାଁ ମାଞ୍ଜାନେସି? ଅ଼ଡ଼େ ମୀରୁ ଏ଼ନାଆଁ ଦ଼ାନା
ଲେହେଁ ବେଟାଆ଼ହା ହିଲଅତେରି, ଇଲେକିଁ ମୀଦି ଏ଼ନାୟି ମାନେ?
ସାମା ମୀରୁ ଏ଼ଦାଆଁ ଦ଼ାନା ଲେହେଁ ବେଟାଆ଼ହାମାଞ୍ଜେରି, ଆତିହିଁ ମୀରୁ
ଦ଼ାନା ଆ଼ଏ ଇନି ଲେହେଁ ଏ଼ନାଆଁତାକି ବଡପଣ ଆ଼ହିମାଞ୍ଜେରି? ୮ ମୀ
ବାରେ ଲ଼ଡ଼ାମାନାଣି ବେଟାଆ଼ତେରିଏ କି? ଇଚେକାଟିଏ ମୀରୁ ବାତ୍କା
ହାଚେରିଏ କି? ମ଼ା ପିସ୍ପେ ମୀରୁ ରାଜା ଆ଼ହାମାଞ୍ଜେରି? ହାଅ, ମୀରୁ
ରାଜା ଆ଼ହାମାଚିହିଁ ନେହିଁ ଆ଼ତେମା, ଏ଼ନିକିଁ ମ଼ାମ୍ବୁ ଜିକେଏ ମୀ ତଲେ
ସ଼ାଲୱି କିହାଲି ଆ଼ଡିତମିମା । ୯ ଏ଼ନାଆଁତାକି ଇଚିହିଁ ନ଼ା ଅଣ୍ପୁତା
ମ଼ାର ପାଣ୍ଡୁୱି ଆ଼ହାମାନାତାୟି, ମ଼ାର ମାହାପୂରୁତି ଡଣ୍ଡୁତା ହେର୍ପି
ଆ଼ହାମାନି ଡ଼ାୟୁତି ଲ଼କୁ ସମାନା ତ଼ସାମାଞ୍ଜାନେସି, ଇଚିହିଁ ମ଼ାମ୍ବୁ ଦାର୍ତିତା,
ମାହାପୂରୁତି ଦୂତୁୟାଁ ଇଞ୍ଜାଁ ମାଣ୍ସିୟାଁ ନ଼କିତା ଲାଜାକିୱି ଆ଼ନାତମି ଲେହେଁ
ଆ଼ହାମାନମି । ୧୦ ମ଼ାମ୍ବୁ କ୍ରୀସ୍ତୁ ତାକି ବୁଦି ହିଲାଆ ଗାଟାତମି, ସାମା ମୀରୁ
କ୍ରୀସ୍ତୁତି ତାକି ବୁଦି ଗାଟାତେରି; ମ଼ାମ୍ବୁ ବ଼ାଡ଼୍ୟୁ ହିଲାଆ ଗାଟାତମି, ସାମା
ମୀରୁ ବ଼ାଡ଼୍ୟୁ ଗାଟାତେରି; ମୀରୁ ଗାୱୁରମି ବେଟା ଆ଼ନାତେରି, ସାମା ମ଼ାମ୍ବୁ
ବେଟା ଆ଼ଆଗାଟାତମି । ୧୧ ନୀଏଁ ପାଟେକା ମ଼ାମ୍ବୁ ହାକି, ଅ଼ଡ଼େ ଏ଼ସ୍କି
ଗାଟାତମି, ଗେଞ୍ଜିତି ହିମ୍ବରି ହୁଚାମାନମି, ଅ଼ଡ଼େ ମ଼ାଡା ବେଟାଆ଼ହି ମାନମି,
ଇଞ୍ଜାଁ ବାସାଟ଼ାୟୁ ହିଲାଆନା ର଼େଜିମାନମି । ୧୨ ମ଼ା କେୟୁଟି ୱ଼ାହୁତି
କାମା କିହିମାନମି, ଆମ୍ବାଆସି ବ଼ାକା ଇଟାସାରେ, ମ଼ାମ୍ବୁ ଏ଼ୱାରାଇଁ ବ଼ର
ହୀହିମାନମି, ସ଼ାସ୍ତି ହିୟାତିହିଁ ଜିକେଏ ଅ଼ର୍ହିମାନମି । ୧୩ ମାଙ୍ଗେ ଲାଜା
କିୟାତିହିଁ ଜିକେଏ ମ଼ାମ୍ବୁ ଆଣ୍ଡୁୱିଆ଼ନି କାତା ୱେସିମାନମି; ନୀଏଁ ପାଟେକା
ମ଼ାମ୍ବୁ ଦାର୍ତିତି ତୂର୍କିଜ଼ାଣ୍ଡୁ ଅ଼ଡ଼େ କିଟସି ରୂଡ଼ିତି ଲେହେଁ ଆ଼ହାମାନମି ।
୧୪ ନ଼ାନୁ ମିଙ୍ଗେ ଲାଜା ହୀହାଲି ଈ ବାରେ କାତା ର଼ାଚିମାଞ୍ଜଅଁ, ସାମା
ନ଼ା ଜୀୱୁତି ମୀର୍କା ଇଞ୍ଜାଁ ଅଣ୍ପାନା ମିଙ୍ଗେ ସେତ୍ନା ହୀହାଲିତାକି ଈ
ବାରେ କାତା ର଼ାଚିମାଞ୍ଜାଇଁ । ୧୫ ଇଚିହିଁ କ୍ରୀସ୍ତୁତି କାତା ମିଙ୍ଗେ ଜ଼ାପ୍ନାରି
ଦସ ମ଼ାଣା ଲ଼କୁ ଡ଼ୟିନେରି, ଆ଼ତିଜିକେଏ ହ଼ାରେକା ତାଞ୍ଜିୟାଁ ହିଲଅରି;
ଇଚିହିଁ କ୍ରୀସ୍ତୁ ଜୀସୁ ତ଼ାଣା ନ଼ାନୁ ମିଙ୍ଗେ ନେହିଁ କାବୁତଲେ ମୀ ତାଞ୍ଜି ଲେହେଁ
ଆ଼ହାମାଇଁ । ୧୬ ଏ଼ଦାଆଁତାକି ନ଼ାନୁ ମିଙ୍ଗେ ବାତିମ଼ାଲିମାଞ୍ଜାଇଁ ନ଼ାନୁ
କିହିମାନି ଲେହେଁ କିଦୁ । ୧୭ ଏ଼ଦାଆଁତାକି ନ଼ାନୁ ତିମତିଇଁ ମୀ ତ଼ାଣା
ପାଣ୍ଡିମାଞ୍ଜାଇଁ, ଏ଼ୱାସି ମାହାପୂରୁ ତ଼ାଣା ନ଼ା ଜୀୱୁତି ନାମୁତି ମୀର୍ଏସି;
ଏ଼ନିକିଁ ନ଼ାନୁ ବାରେୱାକି ବାରେ କୁଲମିକାଣା ଜ଼ାପ୍ହି ମାଇଁ, ଏଲେକିଁ
ଏ଼ୱାସି ମିଙ୍ଗେ ନ଼ା କ୍ରୀସ୍ତୁତି ଲେମ୍ବିନାଣି ଅଣ୍ପି କିୟାନେସି । ୧୮ ନ଼ାନୁ ମୀ
ତ଼ାଣା ୱ଼ାହି ହିଲଅଁ ଇଞ୍ଜାଁ ଅଣ୍ପାନା ଏଚରଜ଼ାଣା ବଡପଣ ଆ଼ହିମାଞ୍ଜେରି ।
୧୯ ସାମା ମାହାପୂରୁ ମ଼ନ କିତିହିଁ, ନ଼ାନୁ ମୀ ତ଼ାଣା ତବେ ୱ଼ାଇଁ; ଅ଼ଡ଼େ
ଆମ୍ବାଆରି ବଡପଣ ଆ଼ହିମାନେରି, ଏ଼ୱାରି କାତାତଲେ ଆ଼ଏ, ସାମା
ବ଼ାଡ଼୍ୟୁତି ସିନିକିଇଁ । ୨୦ ଇଚିହିଁ ମାହାପୂରୁତି ର଼ାଜି ୱାର୍ଇ ଜ଼ଲିନି
କାତାତଲେ ଆ଼ଏ, ସାମା ବ଼ାଡ଼୍ୟୁ ତଲେ ତ଼ଞ୍ଜାଆ଼ନେ । ୨୧ ମୀ ଅଣ୍ପୁ
ଏ଼ନାୟି? ନ଼ାନୁ ବାଡ଼୍ଗା ଆସାଁ ମୀ ତ଼ାଣା ୱ଼ାଇଁ କି ଜୀୱୁ ନ଼ନାଣି ଆସାନା
ଇଞ୍ଜାଁ ସୁଦୁ ସୁୱାଲା ଗାଟି ଜୀୱୁ ଆସାଁ ୱ଼ାଇଁ?

**୫** ସାତେଏ ୱେଙ୍ଗାମାନେ କି ମୀ ବିତ୍ରା ଦ଼ାରିକାମା ମାନେ, ଅ଼ଡ଼େ ମୀ ତ଼ାଣା
ଇଲେତି ଦ଼ାରିକାମା ମାନେ, ଅ଼ଡ଼େ ଇଲେତାୟି ଜୀହୁଦିଆ଼ଆତାରି
ତ଼ାଣା ଜିକେଏ ଆ଼ଏ, ଇଲେକିଁ ରଅସି ତାମି ଆ଼ବା ଡକ୍ରିନି ଇଟାମାନେସି ।
୨ ଅ଼ଡ଼େ, ଆମ୍ବାଆସି ଇଲେତି କାମା କିହାମାନେସି, ଏ଼ୱାସି ଏ଼ନିକିଁ ମୀ
ତ଼ାଣାଟି ହେକ କିୱିଆ଼ନେସି, ଏ଼ଦାଆଁତାକି ଦୁକୁଆ଼ହିଁ ଡ଼ୀଆନା ବଡପଣ
ଆ଼ହିମାଞ୍ଜେରି? ୩ ସାମା ନ଼ାନୁ ଆଙ୍ଗା ତଲେ ହିଲାଆତି ଜିକେଏ ଏମ୍ବାଆଁ
ମାନିଲେହେଁ ମାଇଁ, ଆମ୍ବାଆସି ଇଲେତି କାମା କିହାମାନେସି, ନ଼ାନୁ ମାନି

ଲେହେଁ ପ୍ରବୁ ଜୀସୁ ଦ଼ରୁତଲେ ଏ଼ୱାଣି ବିଚାରା କିହା ରା଼ହାମାଇଁ, **୪** ଇଚିହିଁ
ମୀରୁ ଅ଼ଡ଼େ ନା଼ ପ୍ରବୁ ଜୀସୁ ବା଼ଡ଼୍‌ୟୁ ତଲେ କୂଡ଼ା ଆ଼ନାଟି ନା଼ ଜୀୱୁ ଜିକେଏ
ଏମ୍ବାଆଁ ଡ଼ୟିନେ ଇଞ୍ଜୁଁ ପୁଞ୍ଜାମାଇଁ, **୫** ଇଞ୍ଜାଁ ଇଲେତି ଲ଼କୁଇଁ ଆଡ୍ଗା ତଲେ
ନା଼ସା ଆ଼ହାଲି ସୟତାନ କେୟୁତା ହେର୍‌ପିନାୟି ମାନେ, ଏ଼ନିକିଁ ପ୍ରବୁ
ଜୀସୁତି ଦିନାତା ଏ଼ୱାଣି ଜୀୱୁ ଗେଲ୍‌ପି ଆ଼ହାଲି ଆ଼ଡିନେ । **୬** ମୀରୁ
ଇଲେଆ଼ହିଁ ବଡପଣ ଆ଼ନାୟି ନେହେଁ ଆ଼ଏ । ମୀରୁ ପୁଞ୍ଜାହିଲଅତେରି,
“ଇଚରା ପୁଲାଏ଼ୟୁ ବିଡିତା ମାନି ଗୁଣ୍ଡାତି ପୁଲା କିନେ ।” **୭** ମୀରୁ ପୁଲା
ତିନାଆ ଲ଼କୁତେରି, ଏ଼ଦାଆଁତାକି ଏ଼ନିକିଁ ମୀରୁ ପୁଃନି ଡ଼କା ଆ଼ହାଲି
ଆ଼ଡିଦେରି, ଏ଼ଦାଆଁତାକି ପୂ୍ଣଃଇ ପୁଲା ଏ଼ୟୁତି ହ଼ପ୍‌ହା ତୁହ୍‌ଦୁ; ଏ଼ନାଆଁତାକି
ଇଚିହିଁ ମା଼ ପିସ୍‌ପିଆ଼ନି ପାର୍ବୁତି ମେ଼ଣ୍ଡା ଡ଼ାଲୁ, ଇଚିହିଁ କ୍ରୀସ୍ତୁ, ଜିକେଏ ପୂଜା
କିୱିଆ଼ହାମାନେସି । **୮** ଏ଼ଦାଆଁତାକି ୱା଼ଦୁ, ମା଼ର ପା଼ପୁ ଅ଼ଡ଼େ ଲାଗେଏତି
ପୂ୍ଣଃଇ କାମାତି ରୂଟି ପ଼ଡ୍ଗିକିନି ଗୁଣ୍ଡା ତଲେ ପାର୍ବୁ କିଆନା ତୀରି ଅ଼ଡ଼େ
ସାତା ତଲେ ପୁଲାଏ଼ୟୁ ହିଲାଆ ରୂଟିତି ପାର୍ବୁ କିନ । **୯** ଦ଼ାରି କାମାକିନାରି
ତଲେ ଆଣ୍ଡାଆଦୁ ଇଞ୍ଜୁଁ ନା଼ନୁ ନା଼ ଆ଼କୁତା ରା଼ଚାମାଚେଏଁ; **୧୦** ଇ ଦାର୍‌ତିତି
ଦ଼ାରିକାମା କି ଦ଼ନ ଜୂପ୍‌କା, ଏଟ୍‌କାତାରି ଦିଣ୍‌ସୁ ସ଼ରୁ ଆ଼ନାରି, ର଼ପେଣ୍‌କା
ବମାୟୁଁ ପୂଜା କିନାରି ତଲେ ଆମ୍ବାଆସି ଏଚେଲା ଆଣ୍ଡଅସି, ଏ଼ଦି ଆ଼ଏ,
ଏଲେଆ଼ତିହିଁ ଦାର୍‌ତିଟି ହ଼ଚା ହାନାୟିମାନେ; **୧୧** ଇଚିହିଁ ନା଼ ରା଼ଚିନି ଅଣ୍‌ପୁ
ଈଦି ମାଚେ, ଇଚିହିଁ ଆମିନି ଲ଼କୁତି ତାୟି ଇଞ୍ଜୁଁ ର଼ୱେଡ୍ଗାନା, ଦ଼ାରିକାମା, ଦ଼ନ
ଜୂପ୍‌କା, ର଼ପେଣ୍‌କା ବମାୟୁଁ ପୂଜା, ନିନ୍ଦ୍ବା ଗାଟାରି, କା଼ଡୁ ବୂଟୁ, ଏଟ୍‌କାତାରି
ଦିଣ୍‌ସୁତି ସ଼ରୁ ଆ଼ନେରି, ଆତିହିଁ ଏଲେତାରି ତଲେ କୂଡ଼ାଆଦୁ, ଅ଼ଡ଼େ
ଏ଼ୱାରିତଲେ ରା଼ନ୍ଦ୍ବା ଜିକେଏ ତିନାଆଦୁ । **୧୨** ପାଡ୍ଗାତି ଲ଼କୁତି ନୀହାଁୟି
କିହାଲି ନା଼ନୁ ଆମ୍ବାଆତେଏଁ? ସାମା କୁଲମି ବିତ୍ରା ଆମ୍ବାଆରି ମାନେରି
ଏ଼ୱାରି ବିଚାରା ମୀରୁ କିଅତେରି କି? **୧୩** ସାମା ଆମ୍ବାଆରି ପାଡ୍ଗାତା
ମାନେରି ମାହାପୂରୁ ଏ଼ୱାରି ବିଚାରା କିନେସି । ଦାର୍ମୁ ସା଼ସ୍ତ୍ରେରିତା ରା଼ସ୍‌କି
ଆ଼ହାମାନେ, “ମୀ ତା଼ଣାଟି ଲାଗେଏତି ଲ଼କୁଣି ଏଟ୍‌କା କିଦୁ ।”

**୬** ମୀ ବିତ୍ରାଟି ଆମ୍ବାଆରି କ଼ପାଟି କାତା ମାଚିସାରେ ଏ଼ୱାସି ନୀହାଁୟି
କିହାଲି ମାହାପୂରୁ ଲ଼କୁତା଼ଣା ହାଲାଆନା ଦାର୍ମୁ ହିଲାଆଗାଟି ନୀହାଁୟି
କିନାଣି ତା଼ଣା ଅ଼ହାଲି ଏ଼ନିକିଁ ସା଼ସା ମାନେ? **୨** ମାହାପୂରୁ ଲ଼କୁ ଈ
ଦାର୍‌ତିତି ନୀହାଁୟି କିନେରି, ଈ କାତା କି ମୀରୁ ପୁଞ୍ଜାହିଲଅତେରି? ଇଞ୍ଜାଁ
ଦାର୍‌ତି ମୀ ତା଼ଣା ନୀହାଁୟି କିୱିଆ଼ନେ, ଆତିହିଁ ଈ ଇଚି ଇଚି କାତାତି
ନୀହାଁୟି କିୟାଲି ଆ଼ଡଅତେରି କି? **୩** ମା଼ର ଲାକପୂରୁତି ଦୂତୁୟାଁଇଁ
ଜିକେଏ ବିଚାରା କିନାୟି ଈ କାତା ମୀରୁ ପୁଞ୍ଜାହିଲଅତେରି କି? ଆତିହିଁ
ଦାର୍‌ତିତି ଜାମ୍‌ଲିତି ଜିକେଏ ନୀହାଁୟି କିନାୟି ମାଡ୍ଗେତାକି ଉସାସା
ଆୟେଏ କି? **୪** ମୀ ଜୀୱୁତି କାତା ଏ଼ନାୟି, ସାମା ନୀହାଁୟି କିୟାଲି ଏ଼ନି
ଦାର୍‌ତିତି କାତା ମାଚିହିଁ, ଏ଼ଦାଆଁ ନୀହାଁୟି କିୟାଲି କୁଲମିତି ପୁନାଆ
ଗାଟାରାଇଁ ନୀହାଁୟି କିୟାଲି ହ଼ାଟିଦେରି କି? **୫** ନା଼ନୁ ମିଡ୍ଗେ ଲାଜା
ହୀହାଲିତାକି ଈଦାଆଁ ୱେସିମାଞ୍ଜାଇଁ । କ୍ରୀସ୍ତୁଇଁ ନାମାମାନି ତାୟିୟାଁ
ବିତ୍ରା ଆ଼ହିମାନି ଗଡ଼୍‌ହାତି ତୂକ୍‌ହାଲି, ଇଲେତି ର଼ ବୁଦିଗାଟାସି ଜିକେଏ
କୁଲମିତା ଆମ୍ବାଆସି ହିଲଅସି କି? **୬** ସାମା ନାମୁଗାଟି ତାୟି ଅ଼ର ତାୟି
କ଼ପାଟି ନୀହାଁୟି ଇଲୁତା ଦାୱା କିନେସି, ଏ଼ଦି ଜିକେଏ ନାମାଆଗାଟାରି
ତା଼ଣା! **୭** ସାମା ମୀ ମୀ ବିତ୍ରାତି କାତାତାକି କ଼ର୍ଟତା ଦାୱା କିହିମାଞ୍ଜେରି,
ଏମ୍ବାଆଁ ସାତେଏ ଦ଼ହ ଗାଟାତେରି, ଏ଼ନାଆଁତାକି ଲାଗେଏତାଣି ଅ଼ର୍‌ହି
ହିଲଅତେରି? ଏ଼ନାଆଁତାକି ନାସୱି ଆ଼ନାଣି ଅ଼ପିହିଲଅତେରି? **୮** ସାମା
ମୀରୁ ମୀରୁଏ ଲାଗେଏ ଅ଼ଡ଼େ ନା଼ସା କିହିମାଞ୍ଜେରି, ଅ଼ଡ଼େ ଏ଼ଦାଆଁ
ତାୟିୟାଁଣି କିହିମାଞ୍ଜେରି । **୯** ଅ଼ଡ଼େ ଦାର୍ମୁ ହିଲାଆ ଗାଟାରି ମାହାପୂରୁ
ରା଼ଜିତି ଅଦିକାରା ଆ଼ଅରି, ଈଦାଆଁ କି ମୀରୁ ପୁଞ୍ଜାହିଲଅତେରି? ନା଼ଡ଼ିକିୱି
ଆ଼ଆଦୁ, ଦ଼ାରିକାମା, କି ର଼ପେଣ୍‌କା ବମାୟୁଁ ପୂଜା କିନାରି, ଲାଗେଏତି
କାମାକିନାରି, ଆ଼ବା ଆ଼ବାୟାଁ ଦ଼ହ କିୱିଆ଼ନାରି, **୧୦** ସ଼ରୁ କିନାରି,
ଦ଼ନ ଜୂପ୍‌କା, କା଼ଡୁ ବୂଟୁ, ଲ଼କୁଣି ନିନ୍ଦ୍ବା କିନାରି, ଏଟ୍‌କାତାରି ଦିଣ୍‌ସୁ
ମୀଞ୍ଜିନାରି, ଈୱାରି ମାହାପୂରୁ ରା଼ଜିତା ଅଦିକାରା କିହାଲି ଆ଼ଡଅରି ।
**୧୧** ଅ଼ଡ଼େ, ମୀ ବିତ୍ରା ଆମ୍ବା ଆମ୍ବାଆରି ଇଲେକିଁ ମାଚେରି; ସାମା ପ୍ରବୁ
ଜୀସୁ କ୍ରୀସ୍ତୁ ଦ଼ରୁତଲେ ଇଞ୍ଜାଁ ମାହାପୂରୁତି ସୁଦୁଜୀୱୁ ତଲେ ମୀରୁ ନର୍‌ୱି
ଆ଼ହାମାଞ୍ଜେରି, ଇଞ୍ଜାଁ ସୁଦୁଗାଟାତେରି ଆ଼ହାନା ତୀରିଗାଟାତେରି ଇଞ୍ଜାଁ
ର଼ୱେଡ୍ଗା ମାଞ୍ଜେରି । **୧୨** ଆମ୍ବାଆସି ଏଲେଇନେସି “ନାଡ୍ଗେ ବାରେ କାମା
କିହାଲି ଅଦିକାରା ହୀପ୍‌କି ଆ଼ହାମାଞ୍ଜାନେ,” ସାତା କାତା, ସାମା ବାରେ
କାମା ନିଡ୍ଗେତାକି ନେହାୟି ଆ଼ଏ, ନାଡ୍ଗେ ବାରେ କାମା କିହାଲି ହେଲ
ମାନେ ସାମା ନାଡ୍ଗେ ଲକ୍‌ହାଲି ଆମ୍ବାଆରାକି ଏଚେଲା ପାରୁ ହୀଅଁ ।
**୧୩** ଏଚରଜା଼ଣା ଏଲେଇନେରି “ରା଼ନ୍ଦ୍ବା ବାଣ୍ଡି ତାକି ଇଞ୍ଜାଁ ବାଣ୍ଡି ରା଼ନ୍ଦ୍ବା
ତାକି ।” ସାମା ମାହାପୂରୁ ଈ ରିଣ୍ଡାଆଁତି ଜିକେଏ ମ୍ଣେକ୍‌ନେସି । ଆଡ୍ଗା
ଦ଼ାରି କାମାତାକି ଆ଼ଏ, ସାମା ପ୍ରବୁତି ର଼ସେବାତାକି, ଅ଼ଡ଼େ ପ୍ରବୁ ଆଡ୍ଗା
ତାକି । **୧୪** ମାହାପୂରୁ ପ୍ରବୁ ଜୀସୁଇଁ ହ଼ାକିଟି ନିକ୍‌ହେସି, ଇଞ୍ଜାଁ ତାନି
ବା଼ଡ଼୍‌ୟୁ ତଲେ ମାଡ୍ଗେ ଜିକେଏ ନିକ୍‌ହାନେସି । **୧୫** ମୀ ଆଡ୍ଗା କ୍ରୀସ୍ତୁତି
ଆଡ୍ଗା ଲେହେଁ, ଈଦାଆଁ ପୁଞ୍ଜାହିଲଅତେରି କି? ଆତିହିଁ ନା଼ନୁ କ୍ରୀସ୍ତୁତି ର଼
ଆଡ୍ଗା ଅ଼ହାନା ଦ଼ାରେଣି ଆଡ୍ଗା କିଇଁ? ଏ଼ଦି ଏଚେଲା ଜିକେଏ ଆ଼ଆପେ ।
**୧୬** ଅ଼ଡ଼େ ଆମ୍ବାଆସି ଦ଼ାରେଣି ତଲେ ଆଣ୍ଡିନେସି ଏ଼ୱାସି ଏ଼ଦାନିତଲେ
ରଣ୍ଡିଏ ଆଡ୍ଗା ଆ଼ନେସି, ଈଦାଆଁ ମୀରୁ ପୁଞ୍ଜାହିଲଅତେରି? ଏ଼ଦାଆଁତାକି
ଦାର୍ମୁପତିତା ରା଼ସ୍‌କି ଆ଼ହାମାନେ “ଏ଼ ଡକ୍ରି ଡକ୍ରା ରଣ୍ଡିଏ ଆଡ୍ଗା ଆ଼ନୁ
।” **୧୭** ସାମା ଆମ୍ବାଆସି ପ୍ରବୁ ତଲେ ଆଣ୍ଡିନେସି, ଏ଼ୱାସି ଏ଼ୱାଣିତଲେ
ରଣ୍ଡିଏ ଜୀୱୁ ଆ଼ନେସି । **୧୮** ଦ଼ାରିକାମାଟି ହେକ ଆ଼ଦୁ, ମାଣ୍‌ସି ଏ଼ନି ପା଼ପୁ
କିନେସି, ଏ଼ଦି ଆଡ୍ଗାତି ଲାଗେଏ କିନେସି, ସାମା ଆମ୍ବାଆସି ଦ଼ାରିକାମା
କିନେସି, ଏ଼ୱାସି ତାନି ଆଡ୍ଗା କ଼ପାଟି ପା଼ପୁ କିହିମାନେସି । **୧୯** ମୀ
ଆଡ୍ଗା ମାହାପୂରୁ ତା଼ଣାଟି ବେଟାଆ଼ହାମାନି ମୀ ହିୟାଁ ବିତ୍ରା ସୁଦୁଜୀୱୁ
ବାସାଆ଼ନି ର଼ଦେୱୁଡ଼ି, ଈଦାଆଁ ମୀରୁ ପୁଞ୍ଜାହିଲଅତେରି କି? ଅ଼ଡ଼େ ମୀରୁ
ମୀରୁଏ ମିଆତେରି ଆ଼ଏ; ସାମା ମାହାପୂରୁତି ଲ଼କୁତେରି । **୨୦** ଇଚିହିଁ
ମୀରୁ ଗାଡି ଦାରାତଲେ କଡ଼୍‌ୱି ଆ଼ହାମାଞ୍ଜେରି; ଏ଼ଦାଆଁତାକି ମୀ ଆଡ୍ଗା
ତଲେ ମାହାପୂରୁତି ଗାୱୁରମି କିଦୁ ।

୭ ମୀରୁ ମୀ ଆ଼କୁତା ଆମିନି କାତା ରା଼ଚା ମାଞ୍ଜେରି, ଏ଼ ବାରେତାକି
ନା଼ନୁ ୱେସ୍ତିନାୟି ଇଦି, “ଇୟାନି ଡୀଗାଆ ଗାଟାୟି ଆ଼ବାକି ନେହେଁ;”
୨ ସାମା ଦା଼ରି କାମାତି ଆଜିତାକି ବାରେ ଆ଼ବାୟାଁକି ଜାହାରା ଡକ୍ରି
ମାଣ୍ମ୍ୱେ, ଅ଼ଡ଼େ ଇୟାସିକାକି ଜାହାରା ଡକ୍ରା ମାଣ୍ମ୍ୱେସି । ୩ ଡକ୍ରା,
ଡକ୍ରିନାକି ଏ଼ନାୟି ଲ଼ଡ଼ା ଏ଼ଦାଆଁ ହୀପାସି, ଇଞ୍ଜାଁ ଏଲେକିହିଁଏ ଡକ୍ରି ଡକ୍ରାକି
ତାନି ଲ଼ଡ଼ାମାନାଣି ହୀପେ, ଅ଼ଡ଼େ ତାମ୍ବଞ୍ଜେ ଏ଼ନାୟି ଲ଼ଡ଼ାମାନାଣି ପୂରା
କିନାୟିମାନେ । ୪ ଡକ୍ରି ତାନି ଆଙ୍ଗାତି ମୁହେଁ ଅଦିକାରା ହିଲେଏ, ସାମା
ଡକ୍ରାକି ମାନେ । ଏଲେକିହିଁଏ ଡକ୍ରାକି ତାନି ଆଙ୍ଗାତି ମୁହେଁ ଅଦିକାରା
ହିଲେଏ, ସାମା ଡକ୍ରିନାକି ମାନେ । ୫ ତା଼ମ୍ବୁ ତାମି ତା଼ଣାଟି ଏଟ୍କା ଆ଼ହାନା
ଡ଼ୟାଆପୁ; ସାମା ପ୍ରାତାନା କିହାଲି ଏଚରଦିନା ପାତେକା ରିଆତେରି
ରଣ୍ଡିଏ ମ଼ନ ଆ଼ହାନା ଏଟ୍କା ଡ଼ୟାଲି ଆ଼ଡିଦେରି; ଅ଼ଡ଼େ ମୀ ଆଙ୍ଗାତି
ଜୂପ୍କାତାକି ଡ଼ୟାଲି ଆ଼ଡାଆକି ସୟତାନ ଏ଼ନିକିଁ ମିଙ୍ଗେ ତାୟିପାରି
କିୟେଏ, ଏ଼ଦାଆଁତାକି ୱେଣ୍ଡେ ଆଣ୍ଡିୱିଆ଼ଦୁ । ୬ ସାମା ନା଼ନୁ ହୁକୁମି
ହୀନି ଲେହେଁ ୱେହ୍ଆନାହାଁ ଜା଼ପ୍ନି ଲେହେଁ ୱେସିମାଇଁ । ୭ ଆତିହିଁ
ଜିକେଏ ଏ଼ନିକିଁ ବାରେ ଲ଼କୁ ନା଼ଲେହେଁକିଁ ଆ଼ନେରି, ଇଦି ନା଼ ଅଣ୍ପୁ
। ସାମା ଆମ୍ବାଆରି ଇଲେତି ଦା଼ନା, ଅ଼ଡ଼େ ଆମ୍ବାଆରି ଏଲେତି ଦା଼ନା
ମାହାପୂରୁ ତା଼ଣାଟି ବେଟାଆ଼ହାମାନେରି । ୮ ସାମା ନା଼ନୁ ବୀହା ଆ଼ଆତି
ଲ଼କୁଇଁ ଇଞ୍ଜାଁ ରା଼ଣ୍ଡେଣିସିକାଣି ୱେସିମାଇଁ, ଏ଼ୱି ନା଼ଲେହେଁକିଁ ଡ଼ୟିତିହିଁ
ଏ଼ୱାସିକାକି ନେହେଁ । ୯ ସାମା ଏ଼ୱି ଆଙ୍ଗାତି ଲକ୍ହାଲି ଆ଼ଡିହିଲାଉ
ଇଚିହିଁ ଏ଼ୱି ବୀହା ଆ଼ପୁ; ଇଚିହିଁ ଆଙ୍ଗା ଲାଗେଏତି କାମାତା ୱେନିକିହାଁ,
ବୀହା ଆ଼ନାୟି ନେହେଁ । ୧୦ ସାମା ବୀହା ଆ଼ତି ଲ଼କୁଇଁ ନା଼ନୁ ହୁକୁମି
ହୀହିମାଇଁ, ନା଼ନୁ ଆ଼ଏ ସାମା ପ୍ରବୁ ହୁକୁମି ହୀହିମାନେସି, ଡକ୍ରି ତାନି
ଡକ୍ରା ତା଼ଣାଟି ଏଟ୍କା ଆ଼ଆପେ । ୧୧ ସାମା ଏ଼ଦି ରଣ୍ଡିଏ ଏଟ୍କା ଆ଼ନେ,
ଆତିହିଁ ଏ଼ଦି ବୀହା ଆ଼ଆପେ, ଇଞ୍ଜାଁ ତାନି ଡକ୍ରାତଲେ ଅ଼ଡ଼େ ଆଣ୍ଡାପେ;
ଅ଼ଡ଼େ ଡକ୍ରା ତାନି ଡକ୍ରିନି ହେଲ ହୀଆପେସି । ୧୨ ଏଟ୍କା ତାରାଇଁ
ନା଼ନୁ ୱେସିମାଇଁ, ମା଼ ବିଡ୍ରା ଆମ୍ବାଆରି ଡକ୍ରି କ୍ରୀସ୍ତିଇଁ ନାମାହିଲାଆତି
ଜିକେଏ ଡକ୍ରାତଲେ ଡ଼ୟାଲି ମ଼ନ କିତିସାରେ, ଆତିହିଁ ଏ଼ ତାୟି ଏ଼
ତାଡ୍ଗିନି ହେଲ ହୀଆପେସି । ୧୩ ଏଲେକିହିଁ ଆମିନି ଡକ୍ରି ମାହାପୂରୁଇଁ
ନାମାଆତି ଡକ୍ରାକି ବୀହା ଆ଼ହାମାନେ, ଇଞ୍ଜାଁ ଏ଼ଦି ଏ଼ୱାଣିତଲେ ଡ଼ୟାଲି
ମ଼ନ କିନେ, ଏ଼ଦି ତାନି ଡକ୍ରାଇଁ ପିହ୍ଆପେ । ୧୪ ଇଚିହିଁ ନାମାଆତି
ଡକ୍ରା ନାମିତି ଡକ୍ରି ତାକି ମାହାପୂରୁ ତା଼ଣାଟି ସୁଦୁ ଆ଼ହାମାନେସି, ଅ଼ଡ଼େ
ନାମାଆତି ଡକ୍ରି ନାମିତି ଡକ୍ରା ତାକି ମାହାପୂରୁ ତା଼ଣାଟି ସୁଦୁ ଆ଼ହାମାନେ;
ଆ଼ଆତିହିଁ ମୀ ମୀର୍କା ମା଼ସ୍କା ଲାଗେଏ ଆ଼ତେରିମା, ସାମା ନୀଏଁ ଏ଼ୱାରି
ସୁଦୁଗାଟାରି । ୧୫ ସାମା ନାମାଆ ଗାଟାସି କି ନାମାଆ ଗାଟାୟି ଏଟ୍କା
ଆ଼ହାଲି ମ଼ନ କିତିହିଁ ତାମି ମ଼ନଲେହେଁ ଏଟ୍କା ଆ଼ପାରି; ଇଲେତି ତା଼ଣା
ତାୟି କି ତାଡ୍ଗି ଦସ୍ପି ଆ଼ହାହିଲାଉ; ମାହାପୂରୁ ମିଙ୍ଗେ ହିଡ଼୍ଡ଼ି ତଲେ
ମାଞ୍ଜାଲି ଆ଼ଚାମାଞ୍ଜାନେସି । ୧୬ ନୀନୁ ନାମିତି ଡକ୍ରି ଆ଼ହାନା ନୀ ଡକ୍ରାକି
ଗେଲ୍ପିନାତି ଆ଼ଦି, ଇଦାଆଁ ପୁଞ୍ଜାହିଲଅତିକି? ଇଞ୍ଜାଁ ନୀନୁ ନାମିତି ଡକ୍ରା
ଆ଼ହାନା ନୀ ଡକ୍ରିନାକି ଗେଲ୍ପିନାତି ଆ଼ଦି, ଇଦାଆଁ ପୁଞ୍ଜାହିଲଅତିକି?
୧୭ ଇଚିହିଁ ପ୍ରବୁ ଆମ୍ବାଆରାକି ଏ଼ନିକିଁ ଦା଼ନା ହୀହାମାନେସି, ମାହାପୂରୁ
ଆମ୍ବାଆରାଇଁ ଏ଼ନିକିଁ ହା଼ଟାମାନେସି, ଏ଼ୱାସି ଏଲେକିଁ ତା଼କାପେସି, ନା଼ନୁ
ବାରେ କୁଲମିତି ଏଲେକିହିଁଏ ହୁକୁମି ହୀହିମାଇଁ । ୧୮ ଆମ୍ବାଆସି ତ଼ଲୁ
ଦା଼ପିଆ଼ହାଁ ହା଼ଟ୍କି ଆ଼ହାମାନେସି? ଏ଼ୱାସି ତ଼ଲୁ ଦା଼ପି ଆ଼ତି ସିନାତି
ଡୁକ୍ଆପେସି; ଆମ୍ବାଆସି ତ଼ଲୁ ଦା଼ପି ଆ଼ଆନା ହା଼ଟ୍କି ଆ଼ହାମାନେସି?
ଏ଼ୱାସି ତ଼ଲୁ ଦା଼ପି ଆ଼ଆପେସି । ୧୯ ତ଼ଲୁ ଦା଼ପି ଆ଼ନାୟି କି ଆ଼ଆଗାଟାୟି
କାଜା କାତା ଆ଼ଏ, ସାମା ମାହାପୂରୁ ହୁକୁମି ମା଼ନୱି ଆ଼ନାୟି କାଜା କାତା ।
୨୦ ବାରେ ଜା଼ଣାଇଁ ଏ଼ନିକିଁ ମାହାପୂରୁ ହା଼ଟାମାନେସି ଏଲେକିଁ ମାଣ୍ମ୍ୱେସି ।
୨୧ ମୀରୁ ହ଼ଲିୟାଙ୍ଗା ଆ଼ହାମାଚାଟି ହା଼ଟ୍କି ଆ଼ହାମାଞ୍ଜେରି? ଅଣ୍ପାଆଦୁ;
ସାମା ଗେଲ୍ପିଆୟାଲି ଆ଼ଡିଦେରି ଆତିହିଁ ଗେଲ୍ପି ଆ଼ୟାଲି ପାରୁ ପାରାଦୁ
। ୨୨ ଆମ୍ବାଆସି ହ଼ଲେଏସି ଆ଼ହାଁ ପ୍ରବୁ ତା଼ଣା ହା଼ଟ୍କି ଆ଼ହାମାନେସି,
ଏ଼ୱାସି ପ୍ରବୁତି ଗେଲ୍ପି ଆ଼ତାସି; ଏଲେକିହିଁଏ ଆମ୍ବାଆସି ଗେଲ୍ପିଆ଼ହାଁ
ହା଼ଟ୍କି ଆ଼ହାମାନେସି ଏ଼ୱାସି କ୍ରୀସ୍ତୁତି ହ଼ଲେଏସି । ୨୩ ମୀରୁ ହା଼ରେକା
ଦାରାତଲେ କଡ଼ୱି ଆ଼ହାମାଞ୍ଜେରି; ମାଣ୍ସିୟାଁତି ହ଼ଲିୟାଙ୍ଗାତେରି ଆ଼ଆଦୁ
। ୨୪ ତାୟିୟାଁ ଅ଼ଡ଼େ ତାଡ୍ଗିସ୍କାତେରି, ମାହାପୂରୁ ମିଙ୍ଗେ ହା଼ଟାତାଟି ମୀରୁ
ଏ଼ନିକିଁ ମାଚେରି ଏଲେଆ଼ହିଁଏ ମାହାପୂରୁ ତଲେ ଡ଼ୟିନାୟି ମାନେ । ୨୫
ଡ଼ାଆସିକା କାତା, ନା଼ନୁ ପ୍ରବୁ ତା଼ଣାଟି ଏ଼ନି ହୁକୁମି ବେଟା ଆ଼ହାହିଲଅଁ;
ସାମା ପ୍ରବୁତି କାର୍ମାଟି ନାମୁଗାଟାସି ଆ଼ହାନା ନା଼ ଅଣ୍ପୁତା ୱେସିମାଞ୍ଜାଇଁ
। ୨୬ ନା଼ନୁ ଅଣ୍ପିମାଇଁ, ମାଣ୍ସି ଏ଼ନିକିଁ ମାନେସି, ନୀଏଁତି କସ୍ତ ବା଼ଦା
ତାକି ଏଲେକିହିଁଏ ମାନାୟି ନେହେଁ । ୨୭ ନୀନୁ ଡକ୍ରି ତଲେ ଦସ୍ପି
ଆ଼ହାମାଞ୍ଜି? ଆତିହିଁ ପିସ୍ପି ଆ଼ହାଲି ଅଣ୍ପାଆନି, ଇଞ୍ଜାଁ ନୀନୁ ଡକ୍ରି
ତା଼ଣାଟି ପିସ୍ପି ଆ଼ହାମାଞ୍ଜି? ଆତିହିଁ ଡକ୍ରିନି ଇଟାଲି ଅଣ୍ପାଆନି । ୨୮
ସାମା ନୀନୁ ବୀହା ଆ଼ହାମାଞ୍ଜି, ଆ଼ତିଜିକେଏ ପା଼ପୁ କିହାହିଲଅତି; ଅ଼ଡ଼େ
ଡ଼ାଆପ଼ଦା ବୀହା ଆ଼ହାମାନେ, ଆ଼ତିଜିକେଏ ଏ଼ଦି ପା଼ପୁ କିହାହିଲେଏ,
ଆ଼ତିଜିକେଏ ଇଲେତି ଲ଼କୁ ଆଙ୍ଗାତା ହା଼ରେକା କସ୍ତ ବେଟାଆ଼ନୁ, ଅ଼ଡ଼େ
ମୀରୁ ଏମ୍ବାଟି ଏ଼ନିକିଁ ଗେଲ୍ପି ଆ଼ଦେରି ଇଦି ନା଼ ଅଣ୍ପୁ । ୨୯ ସାମା ଏ଼
ତାୟିୟାଁ ଅ଼ଡ଼େ ତାଡ୍ଗିସ୍କାତେରି ନା଼ ଅଣ୍ପୁ ଇଦି, ଦିନା ଡାଗେ ଏଦାତେୟିଏ,
ଏ଼ଦାଆଁତାକି ଆମ୍ବାଆରାକି ଡକ୍ରି ମାନେ, ଏ଼ୱାସି ଡକ୍ରି ହିଲାଆଲେହେଁ
ମାଣ୍ମ୍ୱେସି । ୩୦ ଅ଼ଡ଼େ ଆମ୍ବାଆରି ଡ଼ୀହି ମାନେରି, ଏ଼ୱାରି ଡ଼ୀହି ହିଲାଆ
ଲ଼କୁ ଲେହେଁ ଆ଼ପେରି; ଅ଼ଡ଼େ ଆମ୍ବାଆରି ରା଼ହାଁ କିହିମାନେରି, ଏ଼ୱାରି
ରା଼ହାଁ କିହି ହିଲାଆ ଲ଼କୁ ଲେହେଁ ଆ଼ପେରି; ଇଞ୍ଜାଁ ଆମ୍ବାଆରି କଡିନେରି
ଏ଼ୱାରି ଅଦିକାରା ବେଟାଆ଼ଆତି ଲେହେଁ ଆ଼ପେରି; ୩୧ ଅ଼ଡ଼େ ଆମ୍ବାଆରି
ଦା଼ର୍ତିତି ଦିଣ୍ସୁ ଲେମ୍ବିମାନେରି ଏ଼ୱାରି ଲେମ୍ବାଆଗାଟି ଲ଼କୁ ଲେହେଁ
ଆ଼ପେରି; ଏ଼ନାଆଁତାକି ଇଚିହିଁ ଇ ଦାର୍ତିତି ୱା଼ଣା ତିରିମ୍ଭିହି ମାନେ । ୩୨
ସାମା ମୀରୁ ଏ଼ନିକିଁ ଅଣ୍ପଅତେରି ଏ଼ଦି ନା଼ ଅଣ୍ପୁ, ଆମ୍ବାଆସି ବୀହା
ଆ଼ଆତାସି ଏ଼ୱାସି ଏ଼ନିକିଁ ପ୍ରବୁଇଁ ରା଼ହାଁ କିୱିକିହାଲି ୱାର୍ଇ ପ୍ରବୁତି
କାମା ଅଣ୍ପିନେସି; ୩୩ ସାମା ଆମ୍ବାଆସି ବୀହା ଆ଼ହାମାନେସି ଏ଼ୱାସି

ଏ଼ନିକିଁ ତାନି ଡକ୍ରିନି ର଼ାହାଁ ଗାଟାସି ଆ଼ନେସି, ଏ଼ଦାଆଁତାକି ଦାର୍‌ତିତି
କାତା ଅଣ୍‌ପିନେସି ଇଞ୍ଜୁଁ ତାନି ମ଼ନ ବ଼ାଗା ଆ଼ନେ । **୩୪** ବୀହା ଆ଼ଆତି
ଇୟ଼ାସିକା ଅ଼ଡ଼େ ଡ଼ାଆସିକା ଆଡ୍‌ଗା ଇଞ୍ଜୁଁ ଜୀୱୁତା ସୁଦୁ ଆ଼ହାଲି ପ୍ରବୁତି
କାତା ଆସାନା ଅଣ୍‌ପିନୁ; ସାମା ଆମ୍ବାଆୟି ବୀହା ଆ଼ହାମାନେ ଏ଼ଦି
ଏ଼ନିକିଁ ଜାହାରା ଡକ୍ରାଇଁ ର଼ାହାଁ କିୟ଼ାଲି ଆ଼ଡିନେ, ଏ଼ଦାଆଁତାକି ଦାର୍‌ତିତି
କାତା ଅଣ୍‌ପିନେ । **୩୫** ଇ କାତା ନ଼ାନୁ ମୀ ନେହେଁତାକି ୱେସିମାଞ୍ଜାଇଁ,
ମିଡ୍‌ଗେ କସ୍ତୁ ହୀନି ମ଼େରା ତଲେ ଦସ୍‌ପି ଆ଼ହାଲି ୱେସିମାଞ୍ଜୁଅଁ, ସାମା ମୀରୁ
ଏ଼ନିକିଁ ମ଼ାନି କିହାଁ ରଣ୍ତିଏ ମ଼ନତଲେ ପ୍ରବୁ ତ଼ାଣା ଡ଼ୟିଦେରି, ଏ଼ଦାଆଁତାକି
ୱେସିମାଞ୍ଜାଇଁ । **୩୬** ସାମା, ଆମ୍ବାଆସି ତାଡ୍‌ଗେତାକି ରୀସ୍‌ପଆ଼ତି ମ଼ାଡ୍‌ଗାନି
ଡ଼ାଆ଼ବେଲା ର଼ାତେୟିଏ ଇଞ୍ଜୁଁ ଅଣ୍‌ପିନେସି, ଅ଼ଡ଼େ ଏ଼ୱାସି ମୁର୍ସାନା ମାଞ୍ଜାଲି
ଆ଼ଡାଆସାରେ ଅ଼ଡ଼େ ତାଡ୍‌ଗେ ଲ଼ଡ଼ାଆ଼ନେ ଆତିହିଁ ତାମି ମ଼ନତା ଏ଼ନାୟି
ମାନେ ଏଲେଆ଼ହିଁ ବୀହା ଆ଼ନାୟି ମାନେ, ଏମ୍ବାଆଁ ପ଼ାପୁ ହିଲେଏ,
ଏ଼ଦାଆଁତାକି ଏ଼ୱି ବୀହା ଆ଼ପୁ । **୩୭** ସାମା ଆମ୍ବାଆସି ହିୟ଼ାଁତା ତୀରି
ମାନେସି, ଅ଼ଡ଼େ ବୀହା ଆ଼ହାଲି ମ଼ନ କିଅସି ଇଞ୍ଜୁଁ ଆମ୍ବାଆସି ତାନି
ମ଼ନତି ଲକ୍‌ହାଲି ଆ଼ଡିନେସି ଅ଼ଡ଼େ ଏ଼ୱାସି ତାନି ମ଼ନତା ଏ଼ନାଆଁ କିହାଲି
ଅଣ୍‌ପାମାନେସି ଆତିହିଁ ଏ଼ୱାସି ତାଡ୍‌ଗେ ରୀସାମାନି ଡ଼ାଆ ପ଼ଦାଇଁ ବୀହା
ଆ଼ଆତିଁ ନେହେଁ । **୩୮** ଏ଼ଦାଆଁତାକି ଆମ୍ବାଆସି ତାଡ୍‌ଗେ ରୀସାମାନି ଡ଼ାଆ
ମ଼ାଡ୍‌ଗାନି ବୀହା କିନେସି ଏ଼ୱାସି ନେହିଁ କିନେସି, ଅ଼ଡ଼େ ଆମ୍ବାଆସି ବୀହା
ଆ଼ଅସି ଏ଼ୱାସି ଏ଼ଦାଆଁ କିହାଁ ହ଼ାରେକା ନେହିଁ କିନେସି । **୩୯** ବୀହା ଆ଼ତି
ଡକ୍ରି ତାନି ଡକ୍ରା ଜୀୱୁ ମାନି ପାତେକା ଦସ୍‌ପି ଆ଼ହା ଡ଼ୟିନେ; ସାମା ଡକ୍ରା
ହ଼ାତିସାରେ ଏ଼ ଡକ୍ରି କ୍ରୀସ୍ତୁ ତ଼ାଣା ନାମାମାନି ଆମ୍ବାଆରାଇଁ ମ଼ନ ଏ଼ୱାଣାକି
ବୀହା ଆୟ଼ାଲି ଆ଼ଡିନେ । **୪୦** ସାମା ନ଼ା ଅଣ୍‌ପୁତା, ଏ଼ଦି ଏ଼ନିକିଁ ମାନେ
ଏଲେକିହିଁଏ ଡ଼ୟିତିହିଁ ହ଼ାରେକା ର଼ାହାଁତଲେ ଡ଼ୟିନେ, ଈଦି ମାହାପୂରୁ
ଜୀୱୁତି ହେଲ ଇଞ୍ଜୁଁ ନ଼ାନୁ ଅଣ୍‌ପିମାଇଁ ।

**୮** ଡ଼ପେଣ୍‌କା ବମାୟାଁକି ଡ଼ାକାମାନି ବ଼ଗୁତି କାତା ନ଼ାନୁ ୱେହ୍‌ନାୟି ଈଦି,
“ବାରେତାକି ବୁଦି ମାନେ” ଇଞ୍ଜୁଁ ମୀରୁ ୱେସିମାଞ୍ଜେରି, ଏ଼ଦାଆଁ ମ଼ାମ୍ବୁ
ପୁଞ୍ଜାମାନମି । ବୁଦି ଡ଼ାହାରା କିୱିକିୟ଼ାନେ, ସାମା ଜୀୱୁନ଼ନାୟି କ଼ାଲ୍‌ୱି
କିୟ଼ାନେ । **୨** ଆମ୍ବାଆସି ଏ଼ନି କାତାତା ଜିକେଏ ନ଼ାନୁ ପୁଞ୍ଜାମାଇଁ ଇଞ୍ଜୁଁ
ଅଣ୍‌ପିନେସି, ଆତିହିଁ ଏ଼ୱାଣାକି ଏ଼ନିକିଁ ପୁନାୟିମାନେ, ଏ଼ୱାସି ନୀଏଁ
ପାତେକା ଏଲେକିଁ ପୁଞ୍ଜାହିଲଅସି । **୩** ସାମା ଆମ୍ବାଆସି ମାହାପୂରୁଇଁ ଜୀୱୁ
ନ଼ନେସି, ଏ଼ୱାଣାଇଁ ମାହାପୂରୁ ପୁଞ୍ଜାମାନେସି । **୪** ଏ଼ଦାଆଁତାକି ଡ଼ପେଣ୍‌କା
ବମାୟାଁକି ଡ଼ାକାମାନି ବ଼ଗୁତି ତିନି କାତା ମ଼ାର ପୁଞ୍ଜାମାନାୟି, ଦାର୍‌ତିତା
ଡ଼ପେଣ୍‌କା ଇଞ୍ଜିହିଁ ଏ଼ନାଇ ହିଲାଉ, ଅ଼ଡ଼େ ରଣ୍ତିଏ ମାହାପୂରୁ ପିସ୍‌ପେ ଅ଼ଡ଼େ
ରଅସି ହିଲଅସି । **୫** ଇଚିହିଁ ଲାକପୂରୁ ଆ଼ପେ କି ଦାର୍‌ତିତା ଆ଼ପେ,
ଆମ୍ବାଆରାଇଁ ମାହାପୂରୁ ଇନେରି, ଡ଼ପେଣ୍‌କା ମାଚିହିଁ ଜିକେଏ ସାତେଏ
ହ଼ାରେକା “ଡ଼ପେଣ୍‌କା” ଅ଼ଡ଼େ ହ଼ାରେକା “ପ୍ରବୁୟ଼ାଁ” ମାନୁ, **୬** ଆ଼ତିଜିକେଏ
ମାଡ୍‌ଗେତାକି ରଣ୍ତିଏ ମାହାପୂରୁ ଇଚିହିଁ ଏ଼ ଆ଼ବା ତ଼ାଣାଟି ବାରେ ଗ଼ାଡ଼ି
ଆ଼ହାମାନେ, ଇଞ୍ଜୁଁ ମ଼ାର ଏ଼ୱାଣି ତାକି ନୀଡାମାନାୟି; ଇଞ୍ଜୁଁ ରଣ୍ତିଏ ପ୍ରବୁ
ଇଚିହିଁ ଜୀସୁ କ୍ରୀସ୍ତୁ, ଏ଼ୱାଣି ତ଼ାଣାଟି ବାରେ ଗ଼ାଡ଼ି ଆ଼ହାମାନେ, ଅ଼ଡ଼େ
ମ଼ାର ଏ଼ୱାଣି ତ଼ାଣାଟି ନୀଡାମାନାୟି । **୭** ଆ଼ତିଜିକେଏ ବାରେତାକି ଈ
ବୁଦି ହିଲେଏ; ସାମା ଏଚେକା ଲ଼କୁ ନୀଏଁ ପାତେକା ଡ଼ପେଣ୍‌କା ମାନୁ ଇଞ୍ଜୁଁ
ଅଣ୍‌ପାନା ଡ଼ପେଣ୍‌କା ବମାୟାଁକି ଡ଼ାକାମାନି ବ଼ଗୁ ତିନେରି, ଇଞ୍ଜୁଁ ଏ଼ୱାରି
ଅଣ୍‌ପୁତି ବ଼ାଡ଼୍‌ୟୁ ଊଣା ମାନାକି ଦ଼ହଗାଟାରି ଆ଼ନେରି । **୮** ସାମା ତୀନି
ର଼ାନ୍ଦା ମାଡ୍‌ଗେ ମାହାପୂରୁ ନ଼କିତା ନେହିଁ କି ଲାଗେଏ କିୟେଏ; ତିନାଆତିହିଁ
ମ଼ା ଏ଼ନାୟି ନସ୍ତୁ ଆ଼ଏ ଅ଼ଡ଼େ ତିଚି ସାରେ ମାଡ୍‌ଗେ ଏ଼ନି ଲ଼ାବା ଆ଼ଏ । **୯**
ସାମା ଜାଗ୍ରାତା, ନଲେ ମୀ ତ଼ାଣା ମାନି ଅଦିକାରା ନାମୁତା ବ଼ାଡ଼୍‌ୟୁ ହିଲାଆ
ଗାଟାରାକି କସ୍ତୁ ବ଼ାଦା ହୀନାୟି ଆ଼ନେ । **୧୦** ବୁଦି ଗାଟାତେରି ମୀରୁ,
ମିଡ୍‌ଗେ ଆମ୍ବାଆସି ଡ଼ପେନୁତି ଡ଼ଦେୱୁଡ଼ି ବ଼ଜିତା କୁଗାମାନାଣି ମେସ୍ତାତିହିଁ,
ଏ଼ୱାସି ନାମୁତା ଊଣା ମାଚିହିଁ, ତାନି ଅଣ୍‌ପୁତି ବ଼ାଡ଼୍‌ୟୁ ଊଣା ମାନାକି
ଡ଼ପେଣ୍‌କା ବମାୟାଁକି ଡ଼ାକାମାନି ବ଼ଗୁ ତିଞ୍ଜାଲି ସ଼ାସା ଆ଼ଅସି କି? **୧୧** ଇଞ୍ଜୁଁ
ଆମିନି ବ଼ାଡ଼୍‌ୟୁ ହିଲାଆ ନାମିତି ତାୟି କି ତାଡ୍‌ଗି ତାକି କ୍ରୀସ୍ତୁ ହ଼ାତେସି,
ଏ଼ୱାସି ନୀ ଏ଼ “ବୁଦି” ତଲେ ନ଼ାସା ଆ଼ହିମାନେସି । **୧୨** ଇଲେକିହିଁ ମୀ
ତ଼ାଣା ମାନି ନାମିତି ତାୟିୟାଁ କ଼ପାଟି ପ଼ାପୁ କିହାଁ ଇଞ୍ଜୁଁ ଏ଼ୱାରି ବ଼ାଡ଼୍‌ୟୁ
ହିଲାଆ ଅଣ୍‌ପୁତି କସ୍ତୁ ହୀହାନା ମୀ କ୍ରୀସ୍ତୁତି କ଼ପାଟି ପ଼ାପୁ କିହିମାଞ୍ଜେରି ।
**୧୩** ଈଦାଆଁତାକି ତିନି କ଼ାଦି ନ଼ା ତାୟିକି କସ୍ତୁ ହ଼ନେ, ଆତିହିଁ ନ଼ା ତାୟି
ଏ଼ନିକିଁ ନ଼ା ତ଼ାଣାଟି କସ୍ତୁ ଆ଼ଅସି, ଏ଼ଦାଆଁତାକି ନ଼ାନୁ ଏଚେଲା ଊଡ୍‌ଗା ତିନଅଁ
। (aiōn g165)

**୯** ନ଼ାନୁ ନ଼ା ମ଼ନତଲେ ମାଞ୍ଜାଲି ଆ଼ଡଅଁ? ନ଼ାନୁ ର଼ ପାଣ୍ତୁୱି ଆ଼ତାତେଏଁ
ଆ଼ଏ? ନ଼ାନୁ ଏ଼ନାଆଁ ମ଼ା ପ୍ରବୁ ଜୀସୁଇଁ ମେସାହିଲଅଁ? ମୀରୁ କି
ମାହାପୂରୁ ତ଼ାଣା ନ଼ା କିତି କାମାତି ପ଼ାଡ଼େୟି ଆ଼ଏ? **୨** ନ଼ାନୁ ଏଟ୍‌କାତାରି
ତ଼ାଣା ପାଣ୍ତୁୱି ଆ଼ହାହିଲାଆତି ଜିକେଏ, ମିଡ୍‌ଗେତାକି ନ଼ାନୁ ସାତେଏ
ପାଣ୍ତୁୱି ଆ଼ହାମାନାତେଏଁ, ଇଚିହିଁ ପ୍ରବୁ ତ଼ାଣା ମୀରୁ ନ଼ା ପାଣ୍ତୁୱିଆ଼ହାମାନି
ପ଼ାଣାତା ଡ଼ୱେଚାମାନି ବୁଟୁ ମୁଦ୍ରା ଲେହେଁ ଆ଼ହାମାଞ୍ଜେରି । **୩** ନାଡ୍‌ଗେ
ନୀହାଁୟି କିୟ଼ାନାରିକି ନ଼ାନୁ ୱେଣ୍ଟେ ୱେସ୍ତାନି କାତା ଈଦି । **୪** ନ଼ା
କାମାତାକି ତିଞ୍ଜା ଉଣ୍ତାଲି ମାଡ୍‌ଗେ ଅଦିକାରା ହିଲେଏ? **୫** ଅ଼ର ପାଣ୍ତୁୱି
ଆ଼ହାମାନାରି ପ୍ରବୁତି ତାୟିୟାଁ ଅ଼ଡ଼େ ଡ଼କେପା ଲେହେଁ କ୍ରୀସ୍ତାନା ତାଡ୍‌ଗିନି
ବୀହା ଆ଼ହାଁ ଏ଼ ଇୟ଼ାନି ତଲେ ଡ଼ରେଜାଲି ମାଡ୍‌ଗେ ଅଦିକାରା ହିଲେଏ
କି? **୬** ଅ଼ଡ଼େ ଜୀୱୁତା ନୀଡାଲିତାକି କାମାତି ପିସାଲି ନାଡ୍‌ଗେ ଅ଼ଡ଼େ
ବର୍ନବାତି ଅଦିକାରା ହିଲେଏ କି? **୭** ର଼ ଜୁଜୁ କିନାସି ଜୁଜୁତା ମାନି ଡ଼ବେଲା
ତ଼ାନୁଏ ତାଡ୍‌ଗେତାକି କାର୍ଚୁ କିନେସିକି? ଇଞ୍ଜୁଁ ଆମ୍ବାଆସି ଅଙ୍ଗୁରି ବ଼ାଡ଼ା
କିହାଁ ଏମ୍ବାତି ପ଼ାଡ଼େୟି ତିନଅସି କି? ଇଞ୍ଜୁଁ ର଼ ଗ଼ଡୁ ତାନି ମାନ୍ଦାତି ପ଼ାଲୁ
ଗହ୍‌ଅସି କି? **୮** ନ଼ାନୁ ମାଣ୍‌ସି ଆ଼ହାଁ ଈ ବାରେ କାତା ୱେସିମାଞ୍ଜାଇଁ? ଇଞ୍ଜୁଁ
ସ଼ାସ୍ତ୍ରେରି ଜିକେଏ ଈ ବାରେ କାତା ୱେସିମାଞ୍ଜେଏ କି? **୯** ଇଚିହିଁ ମ଼ସାତି
ଡ଼ମେରାତା ଇଲେଇଞ୍ଜୁଁ ର଼ାସ୍‌କି ଆ଼ହାମାନେ, “ନ଼ର୍ପିମାନି କ଼ଡିତି ଗୂତିତା
କ଼ତ୍ରା ଦହ୍‌ଆଦୁ,” ମାହାପୂରୁ ୱାର୍‌ଇ ଏ଼ କ଼ଡିତି ଅଣ୍‌ପିମାନେସି କି? **୧୦**
ଏ଼ୱାସି ଈଦାଆଁ ମାଡ୍‌ଗେତାକି ୱେସା ମାଞ୍ଜୁଅସି? ହାଅ, ମାଡ୍‌ଗେତାକି ଈଦି

ର଼ାସ୍କି ଆ଼ହାମାନେ, ଏ଼ନାଆଁତାକି ଇଚିହିଁ ଆମ୍ବାଆସି ତ଼ାସା କିନେସି ଆ଼ସା
ତଲେ ତ଼ାସା କିନାୟିମାନେ, ଅ଼ଡ଼େ ନ଼ର୍ପିନାସି ଗାଡି ବ଼ାଗା ବେଟାଆ଼ହାଲି
କ଼ତ୍ରା ଦହ୍‌ନେସି । **୧୧** ମ଼ାମ୍ବୁ ମିଙ୍ଗେତାକି ନେହିଁ ଜୀୱୁତି ବିଚା ମାଟା
ମାଟାମାନମି, ଅ଼ଡ଼େ ମୀ ତ଼ାଣାଟି ଈ ଦାର୍‌ତିତି ତ଼ାସା ଦ଼ାତିହିଁ ଏ଼ଦି ଏ଼ନି
କାଜା କାତା ଆ଼ଏକି? **୧୨** ଏଟ୍‌କା ଲ଼କୁ ମୀ ତ଼ାଣାଟି ବ଼ାଗା ବେଟାଆ଼ହାଲି
ଅଦିକାରା ମାଚିହିଁ, ଏ଼ଦାଆଁ କିହାଁ ଆଗାଡ଼ା ବେଟାଆ଼ହାଲି ମ଼ା ଅଦିକାରା
ହିଲେଏ କି? ଆ଼ତିଜିକେଏ ମ଼ାମ୍ବୁ ଏ଼ ଅଦିକାରା ଲ଼େମ୍ବା ହିଲଅମି । ସାମା
ଏ଼ନିକିଁ ମ଼ାମ୍ବୁ କ୍ରୀସ୍ତୁତି ନେହିଁ କାବ୍ଭୁ ୱ଼େଙ୍ଗି କିନି କାମାତା ଏ଼ନି ବ଼ାଦା
ୱ଼ାଆପେ ଇଞ୍ଜୁଁ ବାରେ ଅ଼ର୍‌ହିମାନମି **୧୩** ଆମ୍ବାଆରି ଦ଼େୱୁଡ଼ିତା ପୂଜା
କିନାରି ଏ଼ୱାରି ଦ଼େୱୁଡ଼ିତି ର଼ାନ୍ଦ୍ବା ବେଟାଆ଼ନେରି, ଇଞ୍ଜାଁ ଆମ୍ବାଆରି ପୂଜା
କିନାରି ପୂଜା କିହାଲି ପୂଜା ପିଣ୍ଡୁତା ଇଟିତି ବ଼ଗୁତି ବ଼ାଗା ବେଟାଆ଼ନେରି,
ଇଞ୍ଜୁଁ ମୀରୁ ପୁଞ୍ଜାହିଲଅତେରି କି? **୧୪** ଏଲେକିହିଁଏ ଆମ୍ବାଆରି ନେହିଁ
କାବ୍ଭୁତି ୱ଼େକ୍‌ହି ମାନେରି, ଏ଼ୱାରି ନେହିଁ କାବ୍ଭୁ ୱ଼େକ୍‌ନି ତ଼ାଣାଟିଏ
ନୀଡିନେରି, ଈ କାତା ପ୍ରବୁ ହୁକୁମି ହୀହାମାନେସି । **୧୫** ସାମା ନ଼ାନୁ ଈ
ବାରେ ଏ଼ନାଆଁୱା ଲ଼େମ୍ବାହିଲଅଁ, ଅ଼ଡ଼େ ନାଙ୍ଗେତାକି ଏଲେ କିୱିଆ଼ପେ,
ଏ଼ଦାଆଁତାକି ର଼ାଚିମାଞ୍ଜୁଅଁ; ଇଚିହିଁ ଆମ୍ବାଆରି ନ଼ା ନେହିଁ ବଡପଣତି
ଉଜେଏ କିନି କିହାଁ ନ଼ାନୁ ହ଼ାହାହାନାୟି ନେହେଁ । **୧୬** ଇଚିହିଁ ନ଼ାନୁ ନେହିଁ
କାବ୍ଭୁ ୱ଼େକ୍‌ଇଁ, ଏମ୍ବାଆଁ ନ଼ା ବଡପଣ ଆ଼ନାୟି ହିଲେଏ, ଏ଼ନାଆଁତାକି
ଇଚିହିଁ ଏ଼ଦାଆଁ କିହାଲି ହୁକୁମି ବେଟାଆ଼ହାମାଇଁ, ଇଞ୍ଜାଁ ନ଼ାନୁ ନେହିଁ କାବ୍ଭୁ
ୱ଼େକ୍‌ଆତେଏଁ ଇଚିହିଁ ନ଼ାନୁ ଏଚେକା ଡଣ୍ଡ ବେଟାଆ଼ନାତେଏଁ । **୧୭**
ଇଚିହିଁ ନ଼ାନୁ ଜାହାରା ମ଼ନତଲେ ଈ କାମା କିଇଁ, ଆତିହିଁ ନାଙ୍ଗେତାକି
ଦ଼ାନା ମାନେ; ସାମା ନ଼ାନୁ ନ଼ା ମ଼ନତଲେ କାମା କିଆତିହିଁ ଜିକେଏ
ମାହାପୂରୁ ନାଙ୍ଗେ ସ଼େବାକିନି କାମାତି ବ଼ଜୁ ହେର୍‌ପା ମାଞ୍ଜାନେସି । **୧୮**
ଆତିହିଁ ନ଼ା ଦ଼ାନା ଏ଼ନାୟି? ଏ଼ଦି ଈଦି ନ଼ାନୁ ନ଼ା ନେହିଁ କାବ୍ଭୁତା ମାନି
ଅଦିକାରା ଲ଼େମ୍ବାଆନା ନେହିଁ କାବ୍ଭୁ ୱ଼େସି ୱ଼େସି ଏ଼ ନେହିଁ କାବ୍ଭୁତି ଉଜେଏ
ୱ଼େକ୍‌ଇଁ । **୧୯** ନ଼ାନୁ ଆମ୍ବାଆରି ହ଼ଲେଏଣା ଆ଼ଆତି ଜିକେଏ, ଏ଼ନିକିଁ
ନ଼ାନୁ ହ଼ାରେକା ଗାଡି ଲ଼କୁଣି ବେଟାଆ଼ହାଲି ଆ଼ଡିଇଁ, ଏ଼ଦାଆଁତାକି ନ଼ାନୁ
ଜାହାରାଇଁ ବାରେତି ହ଼ଲେଏସି କିତେଏଁ । **୨୦** ଏ଼ନିକିଁ ନ଼ାନୁ ଜୀହୁଦିୟାଁଣି
କ୍ରୀସ୍ତୁ ତାକି ଜୀଣା ଆ଼ହାଲି ଆ଼ଡିଇଁ, ଏ଼ଦାଆଁତାକି ଜୀହୁଦି ଲ଼କୁ ନ଼କିତା
ନ଼ାନୁ ଜୀହୁଦି ଲେହେଁ ଆ଼ହିମାଇଁ; ଏ଼ନିକିଁ ମ଼ସାତି ମ଼େରାତା ଦସ୍‌ପି
ଆ଼ହାମାନାରାଇଁ ଜୀଣା ଆ଼ହାଲି ଆ଼ଡିଇଁ, ଏ଼ଦାଆଁତାକି ନ଼ାନୁ ମ଼େରାତା
ଦସ୍‌ପି ଆ଼ଆତି ଜିକେଏ ମ଼େରାତା ଦସ୍‌ପି ଆ଼ତି ଲ଼କୁଲେହେଁ ଆ଼ତେଏଁ
। **୨୧** ଏ଼ନିକିଁ ନ଼ାନୁ ମ଼ସାତି ମ଼େରା ପୁନାଆତି ଏଟ୍‌କା କୂଡ଼ାତି ଲ଼କୁଣି
ବେଟାଆ଼ହାଲି ଆ଼ଡିଇଁ, ଈଦାଆଁତାକି ନ଼ାନୁ ମାହାପୂରୁତି ମ଼େରାତା ହିଲାଆ
ଲ଼କୁ ଆ଼ଆନା କ୍ରୀସ୍ତୁତି ମ଼େରା ମ଼ାନୱି ଆ଼ତିଜିକେଏ ମ଼ସାତି ମ଼େରାତା
ହିଲାଆ ଲ଼କୁ ନ଼କିତା ମ଼ସାତି ମ଼େରାତା ହିଲାଆ ଲ଼କୁଲେହେଁ ଆ଼ତେଏଁ
। **୨୨** ଏ଼ନିକିଁ ନ଼ାନୁ ବ଼ାଡ଼୍‌ୟୁ ହିଲାଆଗାଟାରାଇଁ ଜୀଣା ଆ଼ହାଲି ଆ଼ଡିଇଁ,
ଏ଼ଦାଆଁତାକି ବ଼ାଡ଼୍‌ୟୁ ହିଲାଆ ଗାଟାରି ନ଼କିତା ବ଼ାଡ଼୍‌ୟୁ ହିଲାଆଲେହେଁ
ଆ଼ତେଏଁ; ଏ଼ନିଇଚିହିଁ ଜିକେଏ ନ଼ାନୁ ଏଚର ଜ଼ାଣାଇଁ ଗେଲ୍‌ପାଲି ଆ଼ଡିଇଁ,
ଈଦାଆଁତାକି ବାରେ ଲ଼କୁ ଏ଼ନିଲେହେଁତାରି ନ଼ାନୁ ଏ଼ୱାରିଲେହେଁ ଆ଼ତେଏଁ ।
**୨୩** ନ଼ାନୁ ଏ଼ନିକିଁ ନେହିଁ କାବ୍ଭୁତି ବ଼ରତା ଆଣ୍ଡାଲି ଆ଼ଡିଇଁ, ଏ଼ଦାଆଁତାକି ନ଼ାନୁ
ନେହିଁ କାବ୍ଭୁତାକି ବାରେ କିଇଁ । **୨୪** ଆମ୍ବାଆରି କାହିନି ତ଼ାଣା ହଣ୍‌ନେରି
ଏ଼ୱାରି ବାରେଜ଼ାଣା ହଣ୍‌ନେରି ସାତା, ସାମା ରଅସିଏ ଜୀଣା ଆ଼ହାଁ ଦ଼ାନା
ବେଟା ଆ଼ନେସି, ଈଦାଆଁ ମୀରୁ ପୁଞ୍ଜାହିଲଅତେରି? ମୀରୁ ଏ଼ନିକିଁ ଦ଼ାନା
ବେଟାଆ଼ଦେରି ଏ଼ଦାଆଁତାକି ଏଲେକିଁ ହଣ୍‌ଦୁ । **୨୫** ଆମ୍ବାଆସି ବ଼ାଦ୍‌ହାରା
ତଲେ କାହିନି ତ଼ାଣା ଆଣ୍ଡିନେସି ଏ଼ୱାସି ବାରେ ନେହିଁକିଁ ଜ଼ାପିନେସି;
ଏ଼ୱାରି ଗ଼ାଡ଼େକେଏ ନାସୱି ଆ଼ନି ଟ଼ପେରି ବେଟାଆ଼ହାଲି କାହିମାନେରି;
ସାମା ମ଼ାର ଏଚେଲାୱା ନ଼ାସା ଆ଼ଆଗାଟି ଟ଼ପେରି ବେଟାଆ଼ହାଲି ଏଲେ
କିନ । **୨୬** ଏ଼ଦାଆଁତାକି ନ଼ାନୁ ହଟିମାଇଁ, ସାମା ଗୁରି ହିଲାଆ ତ଼ାଣା ଆ଼ଏ,
ନ଼ାନୁ ମୁଟିତଲେ କୁତ୍‌କି ଆ଼ନି ଜୁଜୁ କିହିମାଇଁ, ସାମା ୱାର୍‌ଇ ଗ଼ାଲିତି ୱ଼େନି
ଲ଼କୁଲେହେଁ ଆ଼ଏ । **୨୭** ଏଟ୍‌କା ଲ଼କୁତ଼ାଣା ନେହିଁ କାବ୍ଭୁ ୱ଼େସିହିଁ ନ଼ାନୁ
ଏ଼ନିକିଁ ଅ଼ପାଆ ଗାଟାତେଏଁ ଆ଼ଅଁ ଏ଼ଦାଆଁତାକି ନ଼ା ଆଙ୍ଗାତି କସ୍ତୁ ବ଼ାଦା
ହୀହାନା ଲକ୍‌ହିମାଇଁ ।

**୧୦** ଇଚିହିଁ ଏ଼ ତାୟିୟାଁ ଅ଼ଡ଼େ ତାଙ୍ଗିସ୍କାତେରି ମ଼ା ଆକୁ ଆ଼ବାୟାଁ
ବାରେ ଦୂ଼ନ୍କା ଡ଼ଇକା ମାଚେରି । **୨** ଅ଼ଡ଼େ ବାରେଜ଼ାଣା ସାମ୍‌ଦୁରି
ବିତ୍ରାଟି ହ଼ାଚେରି, ଇଞ୍ଜାଁ ବାରେଜ଼ାଣା ଦୂ଼ନ୍କା ଅ଼ଡ଼େ ସାମ୍‌ଦୁରିତା ମ଼ସା
ତ଼ାଣାଟି ବାପ୍ତିସ୍ମ ଅ଼ତେରି । **୩** ଅ଼ଡ଼େ ଏ଼ୱାରି ବାରେଜ଼ାଣା ରଣ୍ଡିଏ ଜୀୱୁତି
ର଼ାନ୍ଦ୍ବା ତିଚେରି । **୪** ଅ଼ଡ଼େ ବାରେଜ଼ାଣା ରଣ୍ଡିଏ ମାହାପୂରୁ ହୀତି ଜୀୱୁତି
ଏ଼ୟୁ ଗସ୍ତେରି, ଇଚିହିଁ ଏ଼ୱାରିତଲେ ହାଜିମାଚି ମାହାପୂରୁ ହୀତି ଜୀୱୁତି
ପ଼ାକା ୱାଲିତି ଏ଼ୟୁ ଗସ୍ତେରି ଏ଼ ପ଼ାକା ୱାଲି କ୍ରୀସ୍ତୁ, **୫** ଆ଼ତିଜିକେଏ
ଏ଼ୱାରି ବିତ୍ରାଟି ହ଼ାରେକା ଲ଼କୁତ଼ାଣା ମାହାପୂରୁତି ର଼ାହାଁ ହିଲାଆତେ, ଇଞ୍ଜାଁ
ଏ଼ୱାରି ଲ଼କୁ ହିଲାଆ ଟ଼ାୟୁତା ହ଼ାହାହାଚେରି, ଈ ବାରେ କାତା ମୀରୁ
ପୁନାଆନା ମାଞ୍ଜୁ ଇଞ୍ଜୁଁ ନ଼ା ମ଼ନ ହିଲେଏ । **୬** ଏ଼ୱାରି ଏ଼ନିକିଁ ଲାଗେଏ
ପ଼ଲେଏତାଣି ତାକି ଜୂପ୍‌କା ଆ଼ହାମାଚେରି, ଏଲେକିଁ ମ଼ାର ଏଲେତି
ଜୂପ୍‌କା ଆ଼ଆୟି, ଏ଼ଦାଣିତାକି ଈ ବାରେ କାତା ମାଙ୍ଗେତାକି ପୁଣ୍‌ମ୍ବିକିନାୟି
ଆ଼ହାମାନେ । **୭** ଏ଼ନିକିଁ ଏ଼ୱାରି ବିତ୍ରାଟି ଏଚରଜ଼ାଣା ପ଼େଣ୍‌କା ପୂଜା
କିନାରି ଆ଼ତେରି, ଏଲେକିଁ ମୀରୁ ପ଼େଣ୍‌କା ପୂଜା କିନାତେରି ଆ଼ଆଦୁ;
ଏ଼ନିକିଁ ର଼ାସ୍କି ଆ଼ହାମାନେ, “ଲ଼କୁ ତିଞ୍ଜା ଉଣ୍ଡାଲି କୁଗିତେରି, ଅ଼ଡ଼େ
ଏ଼ନ୍ଦ୍ବିହିଁ ର଼ାହାଁ କିହାଲି ନିଙ୍ଗିତେରି ।” **୮** ଏ଼ନିକିଁ ଏ଼ୱାରିତ଼ାଣା ଏଚରଜ଼ାଣା
ଦ଼ାରିକାମା କିହାନା ରଣ୍ଡିଏ ନ଼େଚୁ କଡ଼େ ତୀନି ମ଼ାଣା ଲ଼କୁ ହ଼ାତେରି,
ଏଲେକିଁ ମ଼ାର ଦ଼ାରିକାମା କିଆପ । **୯** ଏ଼ନିକିଁ ଏ଼ୱାରି ବିତ୍ରାଟି ଏଚରଜ଼ାଣା
ପ୍ରବୁଇଁ ତାୟିପାରି କିହାଁ ର଼ାଚୁ ତଲେ ହ଼ାତେରି, ଏଲେକିଁ ମ଼ାର ପ୍ରବୁଇଁ
ତାୟିପାରି କିଆପ । **୧୦** ଏ଼ନିକିଁ ଏ଼ୱାରି ବିତ୍ରାଟି ଏଚରଜ଼ାଣା ବ଼ାଚା
କିହାଲିଏ ନ଼ାସାକିନି ଦୂତୁ କେୟୁଟି ହ଼ାତେରି, ଏଲେକିଁ ମୀରୁ ବ଼ାଚା
କିଆଦୁ । **୧୧** ଈ ବାରେ ପୁଣ୍‌ମ୍ବିକିନିଲେହେଁ ଏ଼ୱାରାକି ଆ଼ତେ, ଅ଼ଡ଼େ
ଆମ୍ବାଆରି ବ଼େଲାତା ଜୁଗୁର଼ାନି ଦିନା ଏଜିମାଞ୍ଜାନେ, ଏଲେକିହିଁ ମ଼ାର

ମ଼ା ସେଡ଼ନା ତାକି ଏ଼ ବାରେ ର଼ାସ୍କି ଆ଼ହାମାନେ । (aiōn g165) ୧୨
ଏ଼ଦାଆଁତାକି ଆମ୍ବାଆସି ନ଼ାନୁ ତୀରି ଗାଟାତେଏଁ ଇଞ୍ଜୁହିଁ ଅଣ୍ପି ମାନାସି,
ଏ଼ୱାସି ଏ଼ନିକିଁ ତର୍ଗଅସି, ଏ଼ଦାଆଁତାକି ଏ଼ୱାସି ଜାଗ୍ରାତା ଆ଼ପାସି । ୧୩
ମାଣ୍ସିତାକି ଏ଼ନିଲେହେଁତି ତାୟିପାରି କିନାୟି କସ୍ତଗାଟାୟି ଆ଼ଏ, ଏ଼ଦାଆଁ
ପିସ୍ପେ ମିଡ୍ଡେଁତାକି ଏଟ୍କାତି ତାୟିପାରି କିନାୟି ଆ଼ହା ହିଲେଏ, ସାମା
ମାହାପୂରୁ ଟିକାଣାତାସି, ଏ଼ୱାସି ମିଡ୍ଡେଁ ଏ଼ନି ଆ଼ଡାଆଗାଟି ତାୟିପାରି
କିହାଲି ହିୟଅସି, ସାମା ମୀରୁ ଏ଼ନିକିଁ ଅ଼ର୍ହାଲି ଆ଼ଡିଦେରି, ଏ଼ଦାଆଁତାକି
ତାୟିପାରି କିୱନିଏ ଏ଼ୱାସି ଗେଲ୍ପିନି ଜିରୁ ଜିକେଏ କେପିନେସି । ୧୪
ଏ଼ ନ଼ା ଜୀୱୁତି ତାୟିୟାଁ ଅ଼ଡ଼େ ତାଡ୍ଗିସ୍କାତେରି ର଼େଣ୍କା ବମାୟାଁ ପୂଜା
କିନି ତ଼ାଣାଟି ଏଟ୍କା ଆ଼ଦୁ । ୧୫ ନ଼ାନୁ ବୁଦିଗାଟି ଲ଼କୁଣି ୱେହ୍‌ନିଲେହେଁ
ୱେସିମାଞ୍ଜାଇଁ, ନ଼ାନୁ ଏ଼ନାଆଁ ୱେସିମାଇଁ ଏ଼ଦାଆଁ ମୀରୁ ମୀରୁଏ ଅଣ୍ପାଦୁ
। ୧୬ ଆମିନି ପ୍ରବୁତି ବ଼ଜି ସ଼ଲା ତାକି ଜହରା କିନାୟି, ଏ଼ଦି କ୍ରୀସ୍ତୁତି
ନେତେରିତା ଆ଼ଣ୍ତିହିଲେଏ? ଆମିନି ରୁଟି ମ଼ାର ଡିକ୍‌ହି ମାନାୟି ଏ଼ଦି
ତିତସ ମୀ ତ଼ାଣା ଏ଼ କାର୍ମାମେହ୍‌ନି କାମା ଏ଼ନିକିଁ ମ଼ାଟ୍‌ହା ମାଚେସି,
ଏଲେକିହିଁଏ ଏ଼ଦାଆଁ ର଼ାପ୍‌ହାଲି ଏ଼ୱାଣାଇଁ ସ଼ାସା ହୀତମି । ୭ ମୀରୁ
ବାରେ ତ଼ାଣାଟି ନ଼କିତା ଆ଼ହାମାଞ୍ଜେରି, ଇଚିହିଁ ନାମୁ, କ଼ହୁଗାଟାରି, ବୁଦି
ଇଞ୍ଜୁଁ ବାରେଲେହେଁତି ର଼ାହାଁ, ମିଡ୍ଗେତାକି ମ଼ା ଜୀୱୁନ଼ନାୟି, ଏଲେକିହିଁ
ବାରେ କାତା ଏ଼ନିକିଁ ମୀ ତ଼ାଣା ହ଼ାରେକା ଡ଼ଞ୍ଜା ଆ଼ହିମାନେ, ଏଲେକିହିଁଏ
ଈ କାର୍ମାମେହ୍‌ନି କାମା ଜିକେଏ ମୀ ତ଼ାଣା ହ଼ାରେକା ଡ଼ଞ୍ଜାଆ଼ପେ ।
୮ ନ଼ାନୁ ହୁକୁମି ହୀନି ଲେହେଁ ୱେସିମାଞ୍ଜଅଁ, ସାମା ଅ଼ର ଲ଼କୁତି ର଼ାହାଁ
ଆ଼ହାଲି ଡ଼ସାନା ମୀ ଜୀୱୁନ଼ନାୟି ସାତା କି ଆ଼ଏ ତାୟିପାରି କିହାଲି
ୱେସିମାଞ୍ଜାଇଁ । ୯ ଇଚିହିଁ ମ଼ା ପ୍ରବୁ ଜୀସୁ କ୍ରୀସ୍ତତି କାର୍ମାମେହ୍‌ନାଣି
ମୀରୁ ପୁଞ୍ଜାମାଞ୍ଜେରି, ମୀରୁ ଏ଼ନିକିଁ ଏ଼ୱାଣି ହିଲାଆଗାଟି ତ଼ାଣାଟି ଦ଼ନ
ଗାଟାତେରି ଆ଼ଦେରି, ଏ଼ଦାଆଁତାକି ଏ଼ୱାସି ଦ଼ନଗାଟାସି ଆ଼ତିଜିକେଏ
ମୀ ତାକି ହିଲାଆଗାଟାସି ଆ଼ତେସି । ୧୦ ଏ଼ଦାଆଁତାକି ନ଼ା ଅଣ୍‌ପୁ
ଈଦି, ଏ଼ ବାରେ ମିଡ୍ଗେତାକି ନେହେଁ, ଏ଼ନିକିହିଁ ଡ଼ାଣ୍ଟିଏ ମୀରୁ ମୂଲୁଏ
କାମା ମ଼ାଟ୍‌ହେରି, ଏ଼ଦି ଆ଼ଏ, ସାମା ଏ଼ କାମା କିୟାଲି ନ଼କେଏ ଜିକେଏ
ଅଣ୍‌ପାମାଚେରି । ୧୧ ନୀଏଁ ଏ଼ କାମା ଜିକେଏ ର଼ାପ୍‌ଦୁ, ମୀରୁ ଏ଼ କାମା
କିହାଲି ଏ଼ନିକିଁ ଅଣ୍‌ପାମାଚେରି, ଏଲେକିହିଁ ର଼ାହାଁତି ଅଣ୍‌ପୁ ତଲେ ଏ଼
କାମା ର଼ାନେ । ୧୨ ଇଚିହିଁ ହୀହାଲିତାକି ର଼ାହାଁ ମାଚିହିଁ ମାଣ୍‌ସି ତାନି
ଆ଼ଡିନିଲେହେଁ ଏ଼ନାଆଁ ହୀନେସି, ମାହାପୂରୁ ନ଼କିତା ନେହାୟି ଆ଼ନେ
। ୧୩ ଇଚିହିଁ ଏଟ୍‌କାତାରି ଏ଼ନିକିଁ ସୁକୁ ବେଟାଆ଼ନେରି, ଇଞ୍ଜୁଁ ମୀରୁ
କସ୍ତ ବେଟାଆ଼ଦୁ, ଏ଼ଦାଆଁତାକି ନ଼ାନୁ ଈଦାଆଁ ୱେସିମାଞ୍ଜଅଁ; ୧୪ ସାମା
ସମାନା ଆ଼ହାଲିତାକି ନୀଏଁ ମୀ ବାତ୍‌କୁ ତଲେ ଏ଼ୱାରି ଲ଼ଡ଼ା ମ଼ାନାଣି
କିୱି ଆ଼ହିମାନେ, ଏ଼ନିକିହିଁ ଏ଼ୱାରି ବାତ୍‌କୁ ତଲେ ମୀ ହିଲାଆଗାଟାଣି
ପୂରା କିୱିଆ଼ନେ, ଇଞ୍ଜୁଁ ଇଲେଆ଼ହିଁ ସମାନା ଡ଼ଞ୍ଜାଆ଼ନେ, ୧୫ ଦାର୍ମୁପତିତା
ଏ଼ନିକିହିଁ ର଼ାସ୍‌କି ଆ଼ହାମାନେ, “ଆମ୍ବାଆସି ହ଼ାରେକା କୂଡ଼ି କିତେସି,
ଏ଼ୱାଣିୱାୟି ହ଼ାରାଆତେ, ଇଞ୍ଜୁଁ ଆମ୍ବାଆସି ଉଣା କୂଡ଼ି କିତେସି, ଏ଼ୱାଣାକି
ଉଣା ଆ଼ଆତେ ।” ୧୬ ମାହାପୂରୁକି ଜହରା ଆ଼ପେ, ଏ଼ୱାସି ମିଡ୍ଗେତାକି
ତିତସ ହିୟାଁତା ର଼ାହାଁ କିହାଲି ସମାନା ଅଣ୍‌ପିନି ମ଼ନ ହୀତେସି । ୧୭
ଇଚିହିଁ ଏ଼ୱାସି ୱାର୍‌ଇ ମ଼ା ବାତିମ଼ାଲିତାଣି ଅ଼ପିତେସି, ଏ଼ଦି ଆ଼ଏ, ସାମା
ଏ଼ୱାସି ତ଼ାନୁଏ ହ଼ାରେକା ର଼ାହାଁ ଆ଼ହାଁ ମୀ ତ଼ାଣା ୱ଼ାହାଲି ଏ଼ୱାସି ମ଼ନ
କିହିମାନେସି । ୧୮ ଏ଼ୱାଣିତଲେ ମ଼ାମ୍ବୁ ଅ଼ର ତାୟିଇଁ ପାଣ୍ତିମାଞ୍ଜାନମି;
ଏ଼ୱାସି ନେହିଁ କାବୁ ଢ଼େକ୍‌ନି କାମାତାକି ତାନି ଗାୱୁରମି ବାରେ କ୍ରୀସ୍ତାନା
କୁଲମିତା ଢ଼େଙ୍ଗାମାନେ, ୧୯ ୱାର୍‌ଇ ଏ଼ଦି ଆ଼ଏ, ସାମା ଏ଼ୱାସି ଜିକେଏ

ମ଼ା ସ଼େବା ତଲେ ଆ଼ହିମାନି ଈ କାର୍ମାମେହ୍‌ନି କାମା ତଲେ ପ୍ରବୁତି
ଗାୱୁରମି ଇଞ୍ଜ଼ାଁ ର଼ାହାଁ ଅଣ୍‌ପୁ ତାକି ମ଼ା ତଲେ ତ଼ାକିନାସି ଆ଼ହାଲିତାକି
କୁଲମିକା ତଲେ ଆ଼ଚ୍‌ୱି ଆ଼ହାମାନେସି । **୨୦** ମ଼ା ତଲେ କିହିମାନି ଈ
ସ଼େବା କାମା ଲେହେଁ ହ଼ାରେକା ଦ଼ାନାତି କାତାତା ଆମ୍ବାଆସି ଏ଼ନିକିହିଁ
ମାଙ୍ଗେ ଦ଼ହ ଦସ୍ତାଆପେସି, ଏ଼ଦାଆଁତାକି ଜାଗ୍ରାତା ଆ଼ହିମାନମି; **୨୧**
ଇଚିହିଁ ୱାର୍‌ଇ ପ୍ରବୁ କାନୁତାକି ଆ଼ଏ, ସାମା ଲ଼କୁ କାନୁତାକି ଜିକେଏ
ଏ଼ନାୟି ନେହାୟି, ଏ଼ଦାଆଁ ବାରେ କିହାଲି ଅଣ୍‌ପିମାନମି । **୨୨** ଅ଼ଡେ଼,
ମ଼ାମ୍ବୁ ମ଼ା ଅ଼ର ତାୟିଇଁ ଜିକେଏ ଏ଼ୱାରିତଲେ ପାଣ୍ତିମାଞ୍ଜାନମି, ଏ଼ୱାଣାଇଁ
ମ଼ାମ୍ବୁ ହ଼ାରେକା କାତାତା ହ଼ାରେକା ଦେବା ତାୟିପାରି କିହାଁ ର଼ାହାଁତଲେ
କାମାକିନାସି ଇଞ୍ଜ଼ୁଁ ନେହିଁକିଁ ପୁଞ୍ଜାମାନମି, ଇଞ୍ଜ଼ାଁ ମୀ ତ଼ାଣା ଆ଼ଟ୍‌ୱା ନାମୁ
କିହାଁ ମାନାକି ଏ଼ୱାସି ନୀଏଁ ହ଼ାରେକା ର଼ାହାଁ ଆ଼ହାମାନେସି । **୨୩** ତିତସ
କାତା ଆମ୍ବାଆସି ୱେଞ୍ଜାତିହିଁ, ଏ଼ୱାସି ନ଼ା ଆଟ୍‌ହିତାସି ଇଞ୍ଜ଼ାଁ ମୀ ତାକି
ନ଼ା ତଲେ କାମାକିନାସି; ଇଞ୍ଜ଼ାଁ ମ଼ା ତାୟିୟାଁ କାତା ୱେଞ୍ଜାତିହିଁ, ଏ଼ୱାରି
କୁଲମିକା ତ଼ାଣାଟି ପାଣ୍ତ୍ୱି ଆ଼ହାମାନାରି, ଅ଼ଡେ଼ କ୍ରୀସ୍ତୁତି ଗାୱୁରମି ୱ଼େଙ୍ଗି
କିହି ମାନାରି । **୨୪** ଇଚିହିଁ ମୀ ଜୀୱୁନ଼ନାୟି ଇଞ୍ଜ଼ାଁ ମୀ କାତାତା ମ଼ା
ବଡପଣତି ପାର୍‌ମାଣା କୁଲମିକା ନ଼କିତା ଏ଼ୱାରାକି ତ଼ହ୍‌ଦୁ ।

## ୯

ଜୀହୁଦାତା ମାନି ମାହାପୂରୁ ଲ଼କୁଇଁ ସ଼ାୟେମି କିନି କାତା ଅ଼ଡେ଼
ମିଙ୍ଗେ ର଼ାଚାଲି ଲ଼ଡ଼ା ଆ଼ଏ; **୨** ନ଼ାନୁ ପୁଞ୍ଜାମାଇଁ ମୀରୁ ବାରେବ଼େଲା
ସ଼ାୟେମି କିହାଲି ତିୟାରା ଆ଼ହାମାଞ୍ଜେରି ଇଞ୍ଜ଼ାଁ ମାକିଦନିୟାତି ଲ଼କୁ ତ଼ାଣା
ମୀ ତାକି ନ଼ାନୁ ବଡପଣ ଆ଼ହିମାଇଁ । ନ଼ାନୁ ୱେସାମାଚେଏଁ, “ଆକାୟାତି
ତାୟିୟାଁ ସ଼ାୟେମି କିହାଲି ହାଚି ବାର୍ସାଟିଏ ତିୟାରା ଆ଼ହାମାନେରି ।”
ମୀରୁ ଏଲେକିଁ ସ଼ାୟେମି କିନାୟି ଏ଼ୱାରି ବିତ୍ରାଟି ହ଼ାରେକା ଲ଼କୁଣି ଜାଗ୍ରାତା
କିହାମାନେ । **୩** ଆ଼ତିଜିକେଏ ନ଼ାନୁ ତାୟିୟାଁଇଁ ପାଣ୍ତିମାଞ୍ଜାଇଁ, ମୀ
ତାକି ବଡପଣ ତ଼ହ୍‌ନାୟି ଏ଼ନିକିଁ ଉଜେଏ ଆ଼ଏ, ସାମା ନ଼ା କାତାଲେହେଁ
ହୀହାଲିତାକି ଜାଗ୍ରାତା ଆ଼ଦୁ, **୪** ଏ଼ଚେତା ଆ଼ପେ ନ଼ା ତଲେ ଆମିନି ଲ଼କୁ
ପାଟେ ମାକିଦନିୟାଟି ୱ଼ାହାଁ ମୀ ଦ଼ାନା କୂଡ଼ି କିହା ହିଲାଆ ଗାଟାଣି ମେସ୍ତିହିଁ
ମୀରୁ ପ଼ାଣ୍‌ନି ଲାଜା ପିସାନା ମ଼ାମ୍ବୁ ଈ ଆ଼ଟ୍‌ୱା ନାମୁତି କାତାତାକି ଲାଜା
ବେଟାଆ଼ନମି **୫** ମୀରୁ ତଲିଏ ଆ଼ଞ୍ଜାମାଚି ଦ଼ାନା ଏ଼ନିକିଁ ଗୁଟୁମୁଟୁ ଆ଼ହିଁ
ହୀନାୟି ଆ଼ଆନା ଜାହାରା ଅଣ୍‌ପୁ ତଲେ ଆ଼ନେ, ଏ଼ଦାଆଁତାକି ତଲିଏ
ଏ଼ ଦ଼ାନା କୂଡ଼ିକିହାଲି ତିୟାରା କିହାଲି ନ଼କେଏ ମୀ ତ଼ାଣା ହାଜାଲିତାକି
ନ଼ାନୁ ଏ଼ ତାୟିୟାଁଣି ବାତିମ଼ାଲାଲି ଅଣ୍‌ପାମାଚେଏଁ । **୬** ସାମା ଈ କାତା
ସାତା, ଆମ୍ବାଆସି ରଚାଣି ବିଚା ମାଟିନେସି, ଏ଼ୱାସି ଇଚାଣି ତ଼ାସା ବେଟା
ଆ଼ନେସି; ଅ଼ଡେ଼ ଆମ୍ବାଆସି ଗାଡି ବିଚା ମାଟିନେସି, ଏ଼ୱାସି ଗାଡି ତ଼ାସା
ବେଟାଆ଼ନେସି । **୭** ବାରେଜ଼ାଣା ଜାହାରା ହିୟାଁ ଏ଼ନିକିଁ ଅଣ୍‌ପା ମାନେ,
ଏଲେକିଁ କିପେରି, ମୁସ୍କି କି ବାଲାମାତମି ତଲେ ଆ଼ଏ; ଏ଼ନାଆଁତାକି ଇଚିହିଁ
ମାହାପୂରୁ ଜାହାରା ଅଣ୍‌ପୁ ତଲେ ଦ଼ାନାହୀନି ଲ଼କୁଣି ଜୀୱୁ ନ଼ନେସି
। **୮** ଅ଼ଡେ଼, ବାରେ ଦିଣ୍‌ସୁ ବାରେବ଼େଲା ହ଼ାରେପୂରେ ବେଟାଆ଼ହାଁ
ମୀରୁ ଏ଼ନିକିଁ ବାରେ ନେହିଁ କାମାତାକି ହ଼ାରେକା ଇଞ୍ଜ଼ାଁ ହ଼ାରେକା ଦ଼ାନା
କିହାଲି ଆ଼ଡିଦେରି, ଏ଼ଦାଆଁତାକି ମାହାପୂରୁ ମିଙ୍ଗେ ବାରେଲେହେଁତି କାର୍ମା
ହ଼ାରେପୂରେ ହୀହାଲି ଆ଼ଡାନେସି । **୯** ଦାର୍ମୁପତିତା ର଼ାସ୍‌କି ଆ଼ହାମାନେ,
“ଏ଼ୱାସି କେୟୁ ଦେଚାନା ଦ଼ାନା ହୀହାମାନେସି, ଏ଼ୱାସି ହିଲାଆ ଗାଟାରାକି
ହ଼ାରେପୂରେ ହୀହାମାନେସି; ଏ଼ୱାଣି ଦାର୍ମୁ ଏଚେଲାୱା ର଼ାଏ ।” **(aiōn
g165)** **୧୦** ମାହାପୂରୁ ମାଟିନାଣାକି ବିଚା ଅ଼ଡେ଼ ତିଞ୍ଜାଲି ର଼ାନ୍ଦା ହୀନେସି,
ଏ଼ୱାସି ମାଟାଲିତାକି ମିଙ୍ଗେ ବିଚା ହିୟାନେସି ଇଞ୍ଜ଼ାଁ ଏ଼ଦାଆଁ ପାଡିକିନେସି,
ଅ଼ଡେ଼ ମୀ ଦାର୍ମୁତି ପ଼ାଡେ଼ୟି ଗାଡି କିନେସି । **୧୧** ଏଲେକିଁ ମୀରୁ ବାରେ
ଦିଣ୍‌ସୁତା ବାତ୍‌କାନା ଜାହାରା ଅଣ୍‌ପୁ ତଲେ ଦ଼ାନା କିହାଲି ଆ଼ଡିଦେରି,
ଇଞ୍ଜ଼ାଁ ଏ଼ଦି ମ଼ା ତ଼ାଣାଟି ମାହାପୂରୁଇଁ ଜହରା କିନାୟି ଆ଼ନେ । **୧୨**
ଇଚିହିଁ ଈ ଦ଼ାନା ହୀନି ସ଼େବା କାମା ମାହାପୂରୁ ଲ଼କୁତି ଲ଼ଡ଼ାମାନାଣି
ପୂରା କିହିମାନେ, ଏ଼ଦି ଆ଼ଏ, ସାମା ଏ଼ଦାଆଁ ତଲେ ଜିକେଏ ମାହାପୂରୁତି
କାମାତା ହ଼ାରେକା ଲ଼କୁ ର଼ାହାଁତଲେ ଜହରା କିହିମାନେରି । **୧୩** ଇଚିହିଁ
ଈ ସ଼େବା କାମାତି ପାର୍‌ମାଣା ତାକି ଲ଼କୁ ମିଙ୍ଗେ ଆବିମାଞ୍ଜାନି କ୍ରୀସ୍ତୁତି
ନେହିଁ କାବୁତି ନାମୁ, ଇଞ୍ଜ଼ାଁ ମାହାପୂରୁତି ଲ଼କୁ ଅ଼ଡେ଼ ବାରେତାକି ମୀ
ଆଣ୍ତିନାୟି ତୀର୍‌ପୁ ତାକି ମାହାପୂରୁତି ଗାୱୁରମି କିହିମାନେରି । **୧୪** ମିଙ୍ଗେ
ମାହାପୂରୁତି ହ଼ାରେପୂରେ କାର୍ମାମେହ୍‌ନାଣି ତାକି ଏ଼ୱାରି ଜିକେଏ ହ଼ାରେକା
ର଼ାହାଁତଲେ ପ୍ରାତାନାତା ମିଙ୍ଗେ ଅଣ୍‌ପିମାଞ୍ଜାନେରି । **୧୫** ମାହାପୂରୁତି
ହ଼ାରେପୂରେ ଦ଼ାନା ତାକି ତାଙ୍ଗେ ଜହରା ଆ଼ପେ ।

## ୧୦

ନ଼ାନୁ ପ଼ାୱୁଲତେଏଁ ମୀ ନ଼କିତା ସାପି ଆ଼ହା ମାନାତେଏଁ ସାମା
ହେକ ମାନାଟି ବ଼ାଡ଼୍‌ୟୁ ତ଼ହ୍‌ନାତେଏଁ, ନ଼ାନୁଏ କ୍ରୀସ୍ତୁତି ସୁଦୁଗାଟି
ଅଣ୍‌ପୁ ତଲେ ମିଙ୍ଗେ ବାତିମ଼ାଲିହିଁ ରୀସିମାଞ୍ଜାଇଁ, **୨** ହାଅ ନ଼ାନୁ ପ୍ରାତାନା
କିହିମାଇଁ, ମ଼ାର ମାଣ୍‌ସିତି ଅଣ୍‌ପୁ ତଲେ ତ଼ାକିମାନାୟି ଇଞ୍ଜ଼ୁଁ ଅଣ୍‌ପିମାନାରି
କ଼ପାଟି ବ଼ାଡ଼୍‌ୟୁ ତ଼ସାଲି ଅଣ୍‌ପାମାଇଁ, ଇଞ୍ଜ଼ାଁ ନ଼ାନୁ ୱ଼ାତିସାରେ ଏଲେତି
ବ଼ାଡ଼୍‌ୟୁ ତ଼ସାଲି ଆ଼ଏ; **୩** ମ଼ାର ଈ ଦାର୍‌ତିତା ଆଙ୍ଗା ତଲେ ନୀଡାମାନାୟି
ସାତା, ସାମା ମ଼ାର ଦାର୍‌ତିତି ଅଣ୍‌ପୁ ତଲେ ଜୁଜୁ କିହି ହିଲାଆୟି, **୪**
ଇଚିହିଁ ମ଼ା ଜୁଜୁତି ସାଜୁ ଆଙ୍ଗାତି ଜୁତି ତଲେ ଆ଼ଏ, ସାମା କାଜା କ଼ଟା
ଇଲୁ ମ୍ଣେକ୍‌ହାଲି ମାହାପୂରୁ ନ଼କିତା ଏ଼ ବାରେ ବ଼ାଡ଼୍‌ୟୁ ଆ଼ନେ; **୫** ମ଼ାମ୍ବୁ
ମିଚି ଅଣ୍‌ପୁ କାତା ବାରେ ଅ଼ଡେ଼ ମାହାପୂରୁତି ବୁଦି କ଼ପାଟି ନିଙ୍ଗିନି
ବଡପଣ ତ଼ହ୍‌ନି କାଜା କାତାତି ବାରେ ମ୍ଣେକ୍‌ନମି; ଅ଼ଡେ଼ ବାରେଲେହେଁତି
ଅଣ୍‌ପିନାଣି ଆସାନା କ୍ରୀସ୍ତୁତି ମ଼ାନି ଆୟାଲି ଦସ୍‌ପି କିହିମାନମି । **୬**
ଏଚିବ଼େଲା ମୀରୁ ବାରେ ୱାକିଟି ମ଼ାନୱି ଆ଼ଦେରି, ଏଚିବ଼େଲା ମ଼ାମ୍ବୁ
ମ଼ାନୱି ଆ଼ଆଗାଟାଣି ବାରେ ଡଣ୍ତି ହୀନମି । **୭** ମୀରୁ ସ଼ାରିସୁଟୁ ପାଙ୍ଗାତା
ତ଼ଞ୍ଜା ଆ଼ହିମାନାଣି ମେସିମାଞ୍ଜେରି । ଆମ୍ବାଆସି ଜାହାରାଇଁ କ୍ରୀସ୍ତିତି
ଲ଼କୁତେଏଁ ଇଞ୍ଜ଼ୁଁ ନାମିନେସି, ଆତିହିଁ ଏ଼ୱାସି ଏ଼ନିକିଁ କ୍ରୀସ୍ତୁତି ଲ଼କୁ, ମ଼ାମ୍ବୁ
ଜିକେଏ ଏଲେକିଁ କ୍ରୀସ୍ତୁତି ଲ଼କୁ, ଈଦାଆଁ ତ଼ାନୁଏ ଅଣ୍‌ପାପେସି । **୮**
ଇଚିହିଁ ମ଼ା ଅଦିକାରା ତାକି ନ଼ାନୁ ଅଲ୍‌ପ ଗାଡି ବଡପଣ ତ଼ସ୍ତି ଜିକେଏ
ଲାଜା ଆ଼ଅଁ; ମିଙ୍ଗେ ନାସୱି କିହାଲି ପ୍ରବୁ ମାଙ୍ଗେ ଅଦିକାରା ହୀଆନା
ମିଙ୍ଗେ ତିୟାରା କିହାଲି ହୀହାମାଞ୍ଜାନେସି । **୯** ନ଼ା ର଼ାଚିତି ଆକୁୟାଁ ତଲେ

ନ଼ାନୁ ମିଙ୍ଗେ ଆଜିକିହି ମାଞ୍ଜାନେସି ଇଞ୍ଜେଁ ଅଣ୍‌ପାଆଦୁ । **୧୦** "ଏଚରଜ଼ାଣା
ଏଲେଇନେରି, ପ଼ାୱୁଲ ତାନି ଆ଼କୁ ରା଼ଚିନାଟି ଅଦିକାରା ଅ଼ଡ଼େ କାଜା
ବ଼ାଡ଼୍ୟୁ ଗାଟାଇ, ସାମା ମ଼ା ତଲେ ଆଙ୍ଗାତା ମାନାଟି ଏ଼ୱାସି ବ଼ାଡ଼୍ୟୁ
ହିଲାଆଗାଟାସି ଅ଼ଡ଼େ ତାନି କାତା ବାରେ ଉଜେଏତାୟି ।" **୧୧** ମ଼ାମ୍ବୁ
ହେକ ମାଞ୍ଜାନା ଆ଼କୁତା ରା଼ଚିନି କାତା ଏ଼ନିଲେହେଁତାୟି, ମୀ ତଲେ
ମାଞ୍ଜାନା କିନି କାମା ଜିକେଏ ଏଲେତାୟିଏ ଇଞ୍ଜେଁ ଲ଼କୁ ଅଣ୍‌ପାପେରି ।
**୧୨** ଇଚିହିଁ ଆମ୍ବ୍ରାଆରି ଜାହାରାଇଁ ବଡପଣ ତ଼ସା କଡିନେରି, ଏ଼ୱାରି
ତଲେ ମାଙ୍ଗେ ଲେକା କିହାଲି ଜିକେଏ ମ଼ା ସ଼ାସା ହିଲେଏ; ସାମା ଏ଼ୱାରି
ତ଼ାମ୍ବୁ ତାମି ତ଼ାଣାଟି ଜାହାରାଇଁ ଲେକା କିହାନା ବୁଦି ହିଲାଆଗାଟାରି
ତ଼ଞ୍ଜା ଆ଼ନେରି । **୧୩** ସାମା ମ଼ାମ୍ବୁ ହାନ୍ଦି ଗ଼ାଣ୍‌ଚା ହାଜାନା ବଡପଣ
ତ଼ହ୍‌ଅମି; ମୀରୁ ଜିକେଏ ମାହାପୂରୁ ମାଙ୍ଗେ ହେର୍‌ପା ମାଞ୍ଜାନି କାମାତି
ହାନ୍ଦି ବିତ୍ରା ତାତେରି, ଏ଼ ଲେକା ତଲେ ବଡପଣ କିଦେରି । **୧୪** ଇଚିହିଁ
ମୀରୁ ମ଼ା ହାନ୍ଦି ବିତ୍ରା ହିଲାଆତି ଲେହେଁ ମ଼ାମ୍ବୁ ହାନ୍ଦି ଗ଼ାଣ୍‌ଚା ମାନମି,
ଏ଼ଦି ଆ଼ଏ; ଏ଼ନିଇଚିହିଁ କ୍ରୀସ୍ତୁତି ନେହିଁ କାବ୍ଳୁ ର଼ୱେକ୍‌ହିହିଁ ମ଼ାମ୍ବୁ ମୀ ତ଼ାଣା
ଜିକେଏ ତଲିଏ ୱ଼ାହାମାଚମି; **୧୫** ମାହାପୂରୁ କିହାମାନି ମ଼ା କାମାତି
ପାଙ୍ଗାତା ଏଟ୍‌କା ଲ଼କୁତି କାମାତା ବଡପଣ କିହିହିଲଅମି, ସାମା ମ଼ାମ୍ବୁ
ଆ଼ସା କିହିମାନମି ମୀରୁ ନାମୁତା ପାଡା ଆ଼ନାଣିତଲେ ମୀ ତ଼ାଣାଟି ମ଼ା
କାମା ଅ଼ଡ଼େ ହ଼ାରେକା ପାଡା ଆ଼ନେ । **୧୬** ମ଼ାମ୍ବୁ ଅ଼ର ରଅଣି ହାନ୍ଦି
ବିତ୍ରା ଏ଼ୱାସି ତଲିଏ କିହାମାନି କାମାତାକି ବଡପଣ ତ଼ହ୍‌ଆନା, ମ଼ାମ୍ବୁ
ମୀ ତ଼ାଣାଟି ଅ଼ର ର଼ଦେସାତା ହାଜାନା ନେହିଁ କାବ୍ଳୁ ର଼ୱେକ୍‌ହାଲି ଆ଼ଡିନମି
ଇଞ୍ଜେଁ ଆ଼ସା କିହିମାନମି । **୧୭** ସାମା ଦାର୍ମୁପତିତା ରା଼ସ୍‌କି ଆ଼ହାମାନେ,
"ବଡପଣ ତ଼ହ୍‌ନାସି ପ୍ରବୁ କିତି କାମାତାକି ବଡପଣ ତ଼ସ୍‌ପେସି ।" **୧୮**
ଜାହାରାଇଁ ନେହାଁତେଏଁ ଇଞ୍ଜେଁ ଅଣ୍‌ପିନାସି ଏ଼ୱାସି ତାୟିପାରିତା ଜୀଣା
ଆ଼ତାସି ଆ଼ଏ, ସାମା ପ୍ରବୁ ଆମ୍ବ୍ରାଆରାଇଁ ସାତା ନେହାଁସି ଇଞ୍ଜେଁ ଇନେସି
ଏ଼ୱାସି ତାୟିପାରିତା ଜୀଣା ଆ଼ତାସି ।

**୧୧** ନ଼ାନୁ ବୁଦି ହିଲାଆ ଗାଟାତେଏଁ ଲେହେଁ ଇଚେକା ୱେସାଲି ନାଙ୍ଗେ
ହେଲ ହିୟାତିହିଁ ନେହେଁ ଇଞ୍ଜେଁ ଅଣ୍‌ପିମାଇଁ, ମୀରୁ ନାଙ୍ଗେ ହେଲ
ହିୟାଦେରି । **୨** ମାହାପୂରୁ ତାକି ହ଼ାରେକା ରା଼ହାଁତା ନ଼ାନୁ ମିଙ୍ଗେତାକି
ହ଼ାରେକା ରା଼ହାଁ, ଇଚିହିଁ ନ଼ାନୁ ମିଙ୍ଗେ ସୁଦୁ ଡ଼ାଆ ମ଼ାଙ୍ଗାଲେହେଁ ର଼ ଡକ୍ରା
ତ଼ାଣା ଇଚିହିଁ କ୍ରୀସ୍ତୁଇଁ ବୀହା ଆୟାଲି କାତା ହୀହାମାଇଁ । **୩** ସାମା
ରା଼ଚୁ ତାନି ସୁତ୍ରମି ତଲେ ହବାଇଁ ନ଼ାଡ଼ି କିତେ, ଏଲେକିହିଁ ଏ଼ଚେତା
ଆ଼ପେ ମୀ ମ଼ନ କ୍ରୀସ୍ତୁ ତ଼ାଣା ମାନି ତୀର୍‌ପୁତାୟି ଇଞ୍ଜାଁ ସୁଦୁତା ମାନାୟି
ନ଼ାସା ଆ଼ନେ, ଈଦାଆଁ ନାଙ୍ଗେ ଆଜି ହ଼ଚିମାଞ୍ଜାନେ । **୪** ଇଚିହିଁ ଆମିନି
ଜୀସୁଇଁ ମ଼ାମ୍ବୁ ର଼ୱେକ୍‌ଆତମି, ଇଲେକିହିଁ ଏଟ୍‌କା ଜୀସୁଇଁ ଆମ୍ବ୍ରାଆସି
ଆ଼ପେ ୱ଼ାହାଁ ର଼ୱେକ୍‌ନେସି, କି ଆମିନି ସୁଦୁଜୀୱୁ ମୀରୁ ବେଟାଆ଼ଆତେରି,
ଇଲେକିଁ ଏଟ୍‌କାତି ର଼ ସୁଦୁଜୀୱୁ ବେଟାଆ଼ଦେରି, କି ଆମିନି ନେହିଁ ବ଼ଲୁ
ମୀରୁ ଆବାଆତେରି, ଇଲେକିଁ ଏଟ୍‌କାତି ର଼ ନେହିଁ ବ଼ଲୁ ବେଟାଆ଼ଦେରି,
ଏଲେଆ଼ତିହିଁ ମୀରୁ ଗାଡି ଅ଼ର୍‌ହିନାତେରି । **୫** ଇଚିହିଁ ଏ଼ କାଜାପ଼ାଣା ଗାଟି
"ପାଣ୍ତୁୱି ଆ଼ତାରି" ତ଼ାଣାଟି ନ଼ାନୁ ଏ଼ନିକିହିଁ ଜିକେଏ ଊଣା ତାତେଏଁ ଆ଼ଏ
ଇଞ୍ଜେଁ ଅଣ୍‌ପିମାଇଁ । **୬** ସାମା ନ଼ାନୁ କାତା ଜ଼ଲାଲି ପୁନାଆତି ଜିକେଏ
ବୁଦିତା ଊଣାତେଏଁ ଆ଼ଏ; ସାତାତଲେ ମ଼ାମ୍ବୁ ବାରେଲେହେଁତି ବାରେ
କାତାତା ମିଙ୍ଗେତାକି ଈଦାଆଁ ୱେସ୍ତାତମି । **୭** ମୀରୁ ଏ଼ନିକିଁ କାଜାତେରି
ଆ଼ଦେରି, ଏ଼ଦାଆଁତାକି ନ଼ାନୁ ଜାହାରାଇଁ ଊଣା କିହାକଡାନା ମୀ ତ଼ାଣା
ଉଜେଏନେଏ ମାହାପୂରୁତି ନେହିଁ କାବ୍ଳୁ ର଼ୱେକ୍‌ହାତେଏଁ; ଏଲେକିୟାଲିଏ
ନ଼ାନୁ ଏ଼ନି ପ଼ାପୁ କିତେଏଁ । **୮** ମୀ ତ଼ାଣା କାମା କିହିଁ ମିଙ୍ଗେ ର଼ସେବା
କିୟାଲି ଏଟ୍‌କା କୁଲମିଟି ବର୍ତନ ବେଟାଆ଼ହାଁ ଏ଼ୱାରି ତ଼ାଣାଟି ମୀଞ୍ଜା
ଅ଼ହିମାଚେଏଁ । **୯** ମୀ ତ଼ାଣା ମାଚି଼ବେଲା ନାଙ୍ଗେ ଏ଼ନାଆଁ ହିଲାଆତି
ଜିକେଏ ଆମ୍ବ୍ରାଆରାକି ବ଼ାଦା ହୀହାହିଲଅଁ; ମାକିଦନିୟାଟି ୱ଼ାତି ତାୟିୟାଁ
ନାଙ୍ଗେ ଲ଼ଡ଼ା ଆ଼ନାଣି ବାରେ ହିୟାତେରି, ମିଙ୍ଗେ ବ଼ଜୁ ହୀଆ଼ରେଟୁ ନ଼ାନୁ
ଜାଗ୍ରାତା ଆ଼ହାମାଚେଏଁ, ଅ଼ଡ଼େ ଜାଗ୍ରାତା ଆ଼ହାଁ ଡ଼ୟିଇଁ । **୧୦** ନ଼ା ତ଼ାଣା
ମାନି କ୍ରୀସ୍ତୁତି ସାତାଇଁ ସ଼ାକି ଇଟାନା ୱେସିମାଇଁ, ଆକାୟା ଗା଼ଡ଼ାୟାଁତି ନ଼ା
ଇ ବଡପଣତି ଆମ୍ବ୍ରାଆସି ଜିକେଏ ସାପି କିହାଲି ଆ଼ଡଅରି ଏ଼ନାଆଁକି?
**୧୧** ନ଼ାନୁ ମିଙ୍ଗେ ଜୀୱୁନ଼ହିଁ ମାଞ୍ଜାଆକି କି? ମାହାପୂରୁ ପୁଞ୍ଜାମାନେସି ନ଼ାନୁ
ମିଙ୍ଗେ ଜୀୱୁ ନ଼ହିଁ ମାଞ୍ଜାଇଁ! **୧୨** ସାମା ବଡପଣ ଆ଼ନିତାଣା ମ଼ା ଲେହେଁ
ତ଼ଞ୍ଜାଆ଼ହାଲି ଆମିନି "ଉଜେଏତି ପାଣ୍ତୁୱିଆ଼ତାରି" ପାରୁ ପାରିମାନେରି
ନ଼ାନୁ ଏ଼ନିକିଁ ଏ଼ୱାରାକି ପାରୁ ହୀଅଁ, ଈଦାଆଁତାକି ନ଼ାନୁ ଏ଼ନାଆଁ କିହିମାଇଁ,
ଏ଼ଦାଆଁ କିହେମାଇଁ । **୧୩** ଇଚିହିଁ ଏଲେତି ଲ଼କୁ ନ଼ାଡ଼ିକିନି ପାଣ୍ତୁୱି ଆ଼ତାରି,
ଇଞ୍ଜାଁ ୱ଼ାଣା ବାଦ୍‌ଲୱିକିହାଁ କାମାକିନାରି, ଏ଼ୱାରି କ୍ରୀସ୍ତୁତି ପାଣ୍ତୁୱି ଆ଼ତାରି
ୱ଼ାଣା ଆହ୍‌ନେରି । **୧୪** ଇଚିହିଁ ଏ଼ଦି କାବାଆ଼ନି କାତା ଆ଼ଏ, ଇଚିହିଁ
ସୟତାନ ତ଼ାନୁଏ ଉଜେଡ଼ିତି ଦୂତୁତି ୱ଼ାଣା ଆହ୍‌ନେ! **୧୫** ଏଚେଟିଏ
ତାନି ହ଼ଲିୟାଙ୍ଗା ଜିକେଏ ଦାର୍ମୁଗାଟାରି ୱ଼ାଣା ଆହ୍‌ନେରି, ଆତିହିଁ ଏ଼ଦି
କାଜା କାତା ଆ଼ଏ; ରା଼ନି ଦିନାତା ଏ଼ୱାରି ତାମି କିତି କାମା ତଲେ ଡଣ୍ତୁ
ବେଟାଆ଼ନେରି । **୧୬** ନ଼ାନୁ ଅ଼ଡ଼େ ୱେସିମାଞ୍ଜାଇଁ, ଆମ୍ବ୍ରାଆସି ନାଙ୍ଗେ ବୁଦି
ହିଲାଆଗାଟାସି ଇଞ୍ଜେଁ ଅଣ୍‌ପାଆପେସି; ସାମା ମୀରୁ ଏଲେକିଁ ଅଣ୍‌ପିଦେରି,
ଆ଼ତିଜିକେଏ ବୁଦିହିଲାଆଗାଟାସି ଲେହେଁ ନାଙ୍ଗେ ଆବାଦୁ, ଏ଼ନିଇଚିହିଁ
ନ଼ାନୁ ଜିକେଏ ଅଲ୍‌ପ ବଡପଣ ତ଼ସାଲି ଆ଼ଡିଇଁ । **୧୭** ନୀଏଁ ନ଼ାନୁ ଏ଼ନାଆଁ
ୱେସିମାଇଁ ପ୍ରବୁତି ଅଣ୍‌ପୁ ତଲେ ୱେସିମାଞ୍ଜଅଁ, ସାମା ବୁଦି ହିଲାଆ
ଗାଟାତେଏଁ ଲେହେଁ ହ଼ାରେକା ସ଼ାସାତଲେ ବଡପଣ ତ଼ସାନା ୱେସିମାଞ୍ଜାଇଁ
। **୧୮** ହ଼ାରେକା ଲ଼କୁ ଦାର୍‌ତିତି ଲେହେଁ ବଡପଣ ଆ଼ହିମାନାକି ନ଼ାନୁ
ଜିକେଏ ବଡପଣ ତ଼ହ୍‌ଇଁ । **୧୯** ଇଚିହିଁ ମୀରୁ ହ଼ାରେକା ବୁଦି ଗାଟାତେରି
ଇଞ୍ଜିହିଁ, ରା଼ହାଁ ତଲେ ବୁଦି ହିଲାଆଗାଟାରାଇଁ ଅ଼ର୍‌ହି ମାଞ୍ଜେରି । **୨୦**
ଆମ୍ବ୍ରାଆସି ମିଙ୍ଗେ ହ଼ଲିୟାଙ୍ଗା କିହାନା ଇଟାନେସି, ମୀ ଦ଼ନ ମୀଞ୍ଜା
ଅୟାନେସି; ମିଙ୍ଗେ ପ଼ାନ୍ଦାତା ମେଟ୍‌ହାଁ ଆସ୍ତାନେସି, ଡ଼ାହାରା ଆୟାନେସି
କି ମୀ ଗେଏଲାତା ସ଼ାପ୍‌ଡ଼ା ର଼ୱେତାନେସି ଏ଼ ବାରେ ଅ଼ର୍‌ହି ମାଞ୍ଜେରି ।
**୨୧** ନ଼ାନୁ ଲାଜାତଲେ ୱେସିମାଞ୍ଜାଇଁ, ମ଼ାର ବ଼ାଡ଼୍ୟୁ ହିଲାଆ ଗାଟାତାୟି
ଆ଼ହାମାନାୟି । ଆ଼ତି ଜିକେଏ ଏ଼ନି କାତାତା ଆମ୍ବ୍ରାଆସି ସ଼ାସା ଗାଟାସି,

(ନ଼ାନୁ ବୁଦି ହିଲାଆନା ୱେସିମାଇଁ) ନ଼ାନୁ ଜିକେଏ ସ଼ାସା ଗାଟାତେଏଁ ।
୨୨ ଏ଼ୱାରି କି ଏବ୍ରି ଲ଼କୁ? ଇଚିହିଁ ନ଼ାନୁ ଜିକେଏ ଏବ୍ରି ଲ଼କୁତେଏଁ । ଏ଼ୱାରି
ଇସ୍ରାୟେଲ ଲ଼କୁ? ଇଚିହିଁ ନ଼ାନୁ ଜିକେଏ ଇସ୍ରାୟେଲ ଲ଼କୁତେଏଁ । ଏ଼ୱାରି
ଅବ୍ରାହାମତି କୂଡ଼ାତାରି? ଇଚିହିଁ ନ଼ାନୁ ଜିକେଏ ଅବ୍ରାହାମ କୂଡ଼ାତାତେଏଁ ।
୨୩ ଏ଼ୱାରି କି କ୍ରୀସ୍ତୁତି ସେ଼ବା କିନାରି? ଇଚିହିଁ; (ନ଼ାନୁ ବାୟ଼ା ଆ଼ତିଲେହେଁ
ଏଲେଇଞ୍ଜିମାଇଁ), ନ଼ାନୁ ଏ଼ୱାରି କିହାଁ ଆଗାଡ଼ା ନେହେଁ ସେ଼ବା କିନାତେଏଁ,
ନ଼ାନୁ ଏ଼ୱାରି କିହାଁ ଗାଡି ୱ଼ାହୁ କାମା କିହାମାଇଁ, ହ଼ାରେକା କାୟିଦି ଇଲୁତା
ମାଚେଏଁ, ହ଼ାରେକା ଇର୍ନି ମ଼ାଡା ବେଟାଆ଼ହା ମାଚେଏଁ, ଅଲେ ଅଲେ
ହ଼ାକିତା ହେର୍ୱା ମାଚେଏଁ । ୨୪ ନ଼ାନୁ ଜୀହୁଦି ଲ଼କୁ ତ଼ାଣାଟି ପ଼ାସା
ଦେବା ତୀରିସି ନ଼ ଗଟା ବେତି ବାଡ଼୍ଗା ମ଼ାଡା ବେଟାଆ଼ହାମାଇଁ; ୨୫
ର଼ମ୍ତି ଲ଼କୁ ତ଼ାଣାଟି ତୀନି ପ଼ାଲି ସ଼ାଟ୍ଣି ଡ଼ରିତଲେ ନାଙ୍ଗେ ଇର୍ହାତେରି,
ର଼ ପ଼ାଲି ନାଙ୍ଗେ ୱାଲ୍କାତଲେ ଇର୍ହାତେରି, ତୀନି ପ଼ାଲି ଜ଼ାଜା ଡୀତି
ତ଼ାଣାଟି ଗେଲ୍ହା ମାଇଁ, ର଼ ଲ଼ାଆଁ ର଼ ମାଦେନା ସାମ୍ଦୁରିତି ଏ଼ୟୁତା ମୁଞ୍ଜା
ମାଚେଏଁ, ୨୬ ନ଼ାନୁ ହ଼ାରେକା ଦେବା ଜିରୁ ତ଼ାକିନାଟି, କାଡା ଆ଼ଗ୍ନିତାଣା,
ସ଼ର୍କା ତ଼ାଣାଟି, ନ଼ା କୂଡ଼ାତି ଜୀହୁଦି ଲ଼କୁ ତ଼ାଣାଟି, ଏଟ୍କା କୂଡ଼ାତି ଲ଼କୁ
ତ଼ାଣାଟି, କାଜା ନ଼ାସ୍କାତି ଆଜିଟି, ଲ଼କୁ ହିଲାଆ ଜ଼ାଡ଼ାଟି, କାଜା ସାମ୍ଦୁରି
ଆଜିଟି, ଅ଼ଡ଼େ ନ଼ାଡ଼ିକିନି ତ଼ଣେସିଙ୍ଗା ଆଜିଟି । ୨୭ ନ଼ାନୁ ହ଼ାରେକା କାମା
କିହାନା କସ୍ତ ବେଟାଆ଼ହାମାଇଁ, ଏଚର ପ଼ାଲି ଲ଼ାଆଁୟାଁ ଇଦା କିଆନା
ହାକି ଅ଼ଡ଼େ ଏ଼ସ୍କିଟି ମାଚେଏଁ, ଏଚର ପ଼ାଲି ଉପାସା ତଲେ, ପେନି ଇଞ୍ଜାଁ
ନ଼ାଗ଼ଡ଼ାଟି ମାଚେଏଁ । ୨୮ ଏଲେତି ବାରେ ବ଼ାଦା ପିସ୍ପେ ନାଙ୍ଗେ ଅ଼ଡ଼େ ର଼
କାଜା ବ଼ଜୁମାନେ, ଇଚିହିଁ ବାରେଦିନା କୁଲମିକା ତାକି ନ଼ାନୁ ଅଣ୍ପିମାଇଁ
। ୨୯ ଆମ୍ବାଆସି ବ଼ାଡ଼୍ୟୁ ହିଲାଆଗାଟାସି ଆ଼ତିସାରେ ନ଼ାନୁ ଜିକେଏ
ବ଼ାଡ଼୍ୟୁ ହିଲାଆ ଗାଟାତେଏଁ ଆ଼ଏକି? ଆମ୍ବାଆସି ପ଼ାପୁ କିତିହିଁ ନ଼ାନୁ
ହିୟାଁତା ଦୁକୁ ଆ଼ଅଁ କି? ୩୦ ନ଼ା ବଡପଣ ତ଼ସାଲି ଲ଼ଡ଼ା ଆତିହିଁ, ନ଼ାନୁ ନ଼ା
ଆ଼ଡାଆଗାଟାଣି ତାକି ବଡପଣ ତ଼ହ୍ଇଁ । ୩୧ ନ଼ାନୁ ମିଚି ଜ଼ଲି ହିଲଅଁ,
ଏ଼ଦାଆଁ ପ୍ରବୁ ଜୀସୁ କ୍ରୀସ୍ତୁତି ମାହାପୂରୁ ଅ଼ଡ଼େ ଆ଼ବା ପୁଞ୍ଜାମାନେସି; ଏ଼ୱାସି
କାଲାକାଲା ତାକି ଜହରା । (aiōn g165) ୩୨ ଦମେସକତା ହାରେତା
ରାଜାତି ସ଼ାଲୱି କିନାସି ନାଙ୍ଗେ ଆସାଲି ଏ଼ ଗାଡ଼ାତି ତାନି କାପୁ କାଃନି
କ଼ସ୍କାଣି ପାଣ୍ତ୍ରାନା କାପି କିହିମାଚେସି । ୩୩ ଇଞ୍ଜାଁ ର଼ ଡାଲିତା କିଡ଼୍କିତି
କାତି ଲାକଟି ନାଙ୍ଗେ ରେପ୍ହାଲିଏ ନ଼ାନୁ ଏ଼ୱାଣି କେୟୁଟି ଗେଲ୍ପିଆ଼ତେଏଁ
।

**୧୨** ବଡପଣ କିନାୟି ନେହାୟି ଆ଼ଆତି ଜିକେଏ ନାଙ୍ଗେ ବଡପଣ
କିନାୟିମାନେ, ନ଼ାନୁ ପ୍ରବୁତି ମେହ୍ନାଣି ଅ଼ଡ଼େ ତ଼ଞ୍ଜାଆ଼ନାଣି
ମିଙ୍ଗେ ୱେସ୍ତାଇଁ । ୨ ନ଼ାନୁ ର଼ କ୍ରୀସ୍ତାନା ଲ଼କୁଇଁ ପୁଞ୍ଜାମାଇଁ, ଏ଼ୱାସି ସଦ
ବାର୍ସା ନ଼କେଏ ଲାକପୂରୁତି ତୀନି ପୂରୁ ପାତେକା ଅ଼ୱିଆ଼ତେସି ଏ଼ୱାସି
ଆଙ୍ଗା ତଲେ ମାଚେସି କି ଆଙ୍ଗା ହିଲାଆନା ମାଚେସି ନ଼ାନୁ ପୁଞ୍ଜାହିଲଅଁ;
ମାହାପୂରୁ ପୁଞ୍ଜାମାନେସି । ୩ ହାଅ ନ଼ାନୁ ଏଲେତି ର଼ ଲ଼କୁଇଁ ପୁଞ୍ଜାମାଇଁ,
ଏ଼ୱାସି ପ଼ାରାଦିସତା ଅ଼ୱିଆ଼ତେସି ଏ଼ୱାସି ଆଙ୍ଗା ତଲେ ମାନେସି କି ଆଙ୍ଗା
ହିଲାଆନା ମାଚେସି ନ଼ାନୁ ପୁଞ୍ଜାହିଲଅଁ; ମାହାପୂରୁ ପୁଞ୍ଜାମାନେସି । ୪
ଏ଼ୱାସି ଲାକପୂରୁ ଅ଼ୱିଆ଼ତେସି, ଅ଼ଡ଼େ ଇଲେତି ହ଼ାଡା ୱେଚେସି, ଏ଼ଦାଆଁ
ମାଣ୍ସି ଜ଼ଲାଲି ଆ଼ଡାଆଗାଟାୟି ଅ଼ଡ଼େ ଗୃତିତା ଅ଼ହାଲି ଆ଼ଡାଆଗାଟାୟି
। ୫ ଇଲେତି ର଼ ଲ଼କୁତାକି ନ଼ାନୁ ବଡପଣ କିଇଁ, ସାମା ନ଼ା ତାକି ନ଼ାନୁ ନ଼ା
ବ଼ାଡ଼୍ୟୁ ହିଲାଆଗାଟାଣି ପିସ୍ପେ ଅ଼ଡ଼େ ଏ଼ନାଆଁତାକିୱା ବଡପଣ କିଅଁ ।
୬ ବଡପଣ ତ଼ସାଲି ଅଣ୍ପିତିହିଁ ଜିକେଏ, ନ଼ାନୁ ବୁଦି ହିଲାଆ ଗାଟାତେଏଁ
ଆ଼ଅଁ, ଇଚିହିଁ ନ଼ାନୁ ସାତା କାତା ୱେହ୍ଇଁ, ସାମା ଲ଼କୁ ନାଙ୍ଗେ ଏ଼ନିକିଁ
ମେସ୍ତାନେରି ଇଞ୍ଜାଁ ନ଼ା ତ଼ାଣାଟି ଏ଼ନିକିଁ କାତା ୱେନେରି, ନାଙ୍ଗେ ତ଼ଞ୍ଜା
ଆ଼ହାମାନି କାତାତା ହ଼ାରେକା କାଜାୟି ଆ଼ହାମାନାକି ଏ଼ନିକିଁ ନ଼ା କାତାତା
ହ଼ାରେକା ଅଣ୍ପଅସି ଇଞ୍ଜାଁ, ଇଦାଆଁତାକି ନ଼ାନୁ ସାପି ଆ଼ହାମାଇଁ । ୭ ନ଼ାନୁ
ଏ଼ନିକିଁ ଗାଡି ବଡପଣ କିଅଁ, ଇଦାଆଁତାକି ନ଼ା ଆଙ୍ଗାତା ର଼ ସ଼ାସ୍ତି ହୀପ୍କି
ଆୟାତେ, ନାଙ୍ଗେ ସ଼ାସ୍ତି ହୀହାଲି ସୟତାନତି ଦୂତୁଇଁ ପାଣ୍ତୱିଆ଼ତେ,
ଏ଼ନିକିଁ ନ଼ାନୁ ଗାଡି ବଡପଣ ଆ଼ଅଁ । ୮ ଏ଼ କସ୍ତ ନ଼ା ତ଼ାଣାଟି ହେକ ଆୟାଲି
ତୀନି ପ଼ାଲି ପ୍ରବୁଇଁ ବାତିମ଼ାଲିହିଁ ରୀସ୍ତେଏଁ । ୯ ଅ଼ଡ଼େ ଏ଼ୱାସି ନାଙ୍ଗେ
ଏଲେଇଞ୍ଜାନେସି, “ନ଼ା କାର୍ମାମେହ୍ନାୟି ନିଙ୍ଗେତାକି ହ଼ାରେପୂରେ,” ଇଚିହିଁ
ନୀ ବ଼ାଡ଼୍ୟୁ ହିଲାଆତ଼ାଣା ନ଼ା ବ଼ାଡ଼୍ୟୁ ହ଼ାରେ ଗାଡିଆ଼ହିଁ ତ଼ଞ୍ଜାଆ଼ନେ,
ଇଚିହିଁ ଏ଼ନିକିଁ କ୍ରୀସ୍ତୁତି ବ଼ାଡ଼୍ୟୁ ନ଼ା ତ଼ାଣା ଡ଼ୟିନେ, ଏ଼ଦାଆଁତାକି ନ଼ା
ବ଼ାଡ଼୍ୟୁ ହିଲାଆ ବେ଼ଲାତା ହ଼ାରେକା ର଼ାହାଁ ତଲେ ବଡପଣ ତ଼ହ୍ଇଁ ।
୧୦ ଏ଼ଦାଆଁତାକି କ୍ରୀସ୍ତୁତି ତାକି ବ଼ାଡ଼୍ୟୁ ହିଲାଆଟି, ଲାଜା ପ଼ାଣ୍ନାଟି,
ହାକି ବେ଼ଲାତା, ସ଼ାସ୍ତି ୱ଼ାନି ବେ଼ଲା, କସ୍ତତା ନ଼ାନୁ ର଼ାହାଁଆ଼ଇଁ, ଇଚିହିଁ
ଏଚିବେ଼ଲା ବ଼ାଡ଼୍ୟୁ ହିଲାଆ ଗାଟାତେଏଁ ଏଚିବେ଼ଲା ବ଼ାଡ଼୍ୟୁ ଗାଟାତେଏଁ ।
୧୧ ନ଼ାନୁ ବୁଦି ହିଲାଆ ଗାଟାତେଏଁ ଲେହେଁ ଆ଼ହାମାଇଁ, ମୀରୁ ନାଙ୍ଗେ
ଏଲେକିୱି କିୟାତେରି, ମୀରୁ ନାଙ୍ଗେ ନେହାଁସି ଇଞ୍ଜାନାୟି ମାଚେ; ନ଼ାନୁ
ଏ଼ନାତେଏଁ ଆ଼ଏ, ଆ଼ତି ଜିକେଏ ଏ଼ “କାଜା ପାଣ୍ତୱି ଆ଼ହାମାନାରି” କିହାଁ
ଊଣାତେଏଁ ଆ଼ଏ । ୧୨ ଆମ୍ବାଆସି ହ଼ାରେକା ସିନାୟାଁ, କାବାଆ଼ନି କାମା,
ଅ଼ଡ଼େ ବ଼ାଡ଼୍ୟୁତି କାମା ପାଣ୍ତୱି ଆ଼ହାମାନାରି ସିନାୟାଁଲେହେଁ, ଏ଼ ବାରେ
ସାତେଏ ମୀ ତ଼ାଣା ସ଼ାସାତଲେ କିୱିଆ଼ହାମାନେ । ୧୩ ଇଚିହିଁ ନ଼ାନୁ ମୀ
ବ଼ଜୁ ଲେହେଁ ଆ଼ହାହିଲଅଁ, ଇ ରଣ୍ତିଏ କାତା ପିସ୍ପେ ଅ଼ର କୁଲମିତି ଲ଼କୁ
କିହାଁ ମିଙ୍ଗେ ଅ଼ଡ଼େ ଏ଼ନିକିଁ ଊଣା ମେସାମାଞ୍ଜାଇଁ, ଏ଼ ନ଼ା ଦ଼ହ ଆସ୍ତାଆ଼ଦୁ
। ୧୪ ମେହ୍ଦୁ ମୀ ତ଼ାଣା ୱ଼ାହାଲି ନୀଏଁ ତଲେ ତୀନି ପ଼ାଲି ତିୟାରା
ଆ଼ହିମାଇଁ, ଅ଼ଡ଼େ ନ଼ାନୁ ମିଙ୍ଗେ ଏ଼ନି ବ଼ଜୁ ହିୟଅଁ, ଇଚିହିଁ ନ଼ାନୁ ମୀ ଦ଼ନ
ପାରାଆନା ମିଙ୍ଗେ ପାରିମାଞ୍ଜାଇଁ, ମୀର୍କା ମ଼ାସ୍କା ତାମି ଇୟା ଆ଼ବାକି
କୂଡ଼ିକିଉ ସାମା ଇୟା ଆ଼ବା ଦେଁ ତାମି ମୀର୍କା ମ଼ାସ୍କାକି କୂଡ଼ିକିନାୟି
ମାନେ । ୧୫ ନ଼ାନୁ ମୀ ଜୀୱୁତାକି ହ଼ାରେକା ର଼ାହାଁତଲେ ହୀଇଁ, ହାଅ
ନ଼ା ଜୀୱୁ ଜିକେଏ ହୀଇଁ, ନ଼ାନୁ ମିଙ୍ଗେ ହ଼ାରେକା ଜୀୱୁନ୍ହିଁ ମାଞ୍ଜାତିହିଁ
ଏ଼ନାଆଁ ମୀରୁ ନାଙ୍ଗେ ଊଣା ଜୀୱୁନ୍ହିଁ ମାଞ୍ଜାଦେରି? ୧୬ ସାମା ନ଼ାନୁ
ଜାହାରାଇଁ ମିଙ୍ଗେ ବ଼ଜୁ କିୟାଆତେଏଁ, ସାମା ମୀ ବିତ୍ରାଟି ଆମ୍ବାଆରି
ଏଲେଇଞ୍ଜାନେରି ନ଼ା ସୁତରି ମାନାକି ମିଙ୍ଗେ ମିଚି ତଲେ ଆସ୍ତାତେଏଁ ।

୧୭ ନ଼ାନୁ ମୀ ତ଼ାଣା ଆମ୍ବାଆରାଇଁ ପାଣ୍ତାମାଞ୍ଜାଇଁ, ଏ଼ୱାରି ବିତ୍ରାଟି ରଅଣି
ତଲେ ମୀ ତ଼ାଣାଟି ଏ଼ନି ଲ଼ାବା ବେଟାଆ଼ତେଏଁ କି? ୧୮ ନ଼ାନୁ ତିତସଇଁ
ହାଜାଲି ବାତିମ଼ାଲା ମାଚେଏଁ, ଇଞ୍ଜ଼ାଁ ଏ଼ୱାଣିତଲେ ଅ଼ର ତାୟିଇଁ ମୀ ତ଼ାଣା
ପାଣ୍ତାତେଏଁ । ତିତସ ମୀ ତ଼ାଣାଟି ଏ଼ନାଆଁ ଲ଼ାବା କିତେସି? ମ଼ାମ୍ବୁ କି
ରଣ୍ତିଏ ଜୀୱୁତଲେ ତ଼ାକିହିଲଅମି? ମ଼ାମ୍ବୁ ଏ଼ନାଆଁ ରଣ୍ତିଏ ପ଼ାୱୁଲିତା
ତ଼ାକିହିଲଅମି? ୧୯ ନୀଏଁ ପାଡେକା ମୀରୁ ଅଣ୍ପିମାଞ୍ଜେରି, ମ଼ାମ୍ବୁ ମୀ
ନ଼କିତା ଜାହାରାଇଁ ନେହିଁ କିହ଼ିମାନମି? ମାହାପୂରୁ ନ଼କିତା କ୍ରୀସ୍ତୁତି ସେ଼ବା
କିନାତମି ଲେହେଁ ମ଼ାମ୍ବୁ କାତା ଜ଼ଲିମାନମି, ଇଞ୍ଜ଼ାଁ ଏ଼ ଜୀୱୁତି ତାୟିୟ଼ାଁ
ବାରେ କାତା ମୀ ନେହେଁତାକି ୱେସିମାନମି । ୨୦ ଇଚିହିଁ ଏ଼ଚେତା ନ଼ାନୁ
ମୀ ତ଼ାଣା ୱ଼ାତିସାରେ, ମିଙ୍ଗେ ଏ଼ନିକିଁ ମେସାଲି ମ଼ନ କିହିମାଇଁ ଏଲେକିହିଁ
ମିଙ୍ଗେ ମେସ୍ତାଆସାରେ, ଅ଼ଡ଼େ ମୀରୁ ନାଙ୍ଗେ ଏ଼ନିକିଁ ମେସାଲି ମ଼ନ କିହାଁ
ହିଲଅତେରି ଏଲେକିଁ ମେସ୍ତାଦେରି, ଏ଼ଦାଆଁତାକି ନ଼ାନୁ ଆଜିମାଇଁ; ଇଚିହିଁ
ମ଼ା ବିତ୍ରା ବ଼ାଦିବ଼ାଦା, ଡ଼ାହାରା, କ଼ପା ଅ଼ଡ଼େ ଗଚି ଗଚି ଆ଼ନାୟି, ରଅସି
ରଆଣାଇଁ ନିନ୍ଦା କିନାୟି, ସାକ୍ରି କାତା ଜ଼ଲିନାୟି, ବଡପଣ ତ଼ସ୍ପି ଆ଼ହାଁ
ଗଡ଼୍ହା ଆ଼ନେ; ୨୧ ଇଞ୍ଜ଼ାଁ ନ଼ାନୁ ଅ଼ଡ଼େ ୱେଣ୍ଡେ ୱ଼ାତିସାରେ ନ଼ା ମାହାପୂରୁ
ମୀ ତାକି ନାଙ୍ଗେ ଅ଼ଡ଼େ ଲାଜା କିୱିକିୟାନେସି, ଇଞ୍ଜ଼ାଁ ମୀ ବିତ୍ରା ତଲିଏ
ପ଼ାପୁ କିହାମାନାରି ତାମି ଲାଗେଏତି କାମା, ଦ଼ାରିକାମା ଅ଼ଡ଼େ ଦ଼ାରି
କାମାତାକି ଜୂପ୍କା ଆ଼ନାଣି ତାକି ନୀଏଁ ପାଡେକା ମ଼ନ ୱେଟ୍ହା ହିଲଅରି
ଏ଼ୱାରି ତାକି ନ଼ାନୁ ଦୁକୁଆ଼ହିଁ ଡ଼ୀହାଲିଆ଼ନେ ।

**୧୩** ନୀଏଁ ତଲେ ତୀନି ପ଼ାଲି ନ଼ାନୁ ମୀ ତ଼ାଣା ୱ଼ାହିମାଇଁ, ଦାର୍ମୁପତିତା
ର଼ାସ୍କି ଆ଼ହାମାନେ, "ଆମିନି ଦ଼ହତି କାତା ନୀହାଁୟି କିନାୟି
ରିଆରି କି ତୀନି ଜ଼ାଣା ସାକିୟାଁ ତଲେ ତୀରି କିୱିଆ଼ନେ" ୨ ଆମ୍ବାଆରି
ନ଼କେଏ ପ଼ାପୁ କିହାମାଚେରି ଏ଼ୱାରାଇଁ ଇଞ୍ଜ଼ାଁ ବାରେତି ଏ଼ନିକିଁ ତଲି ରୀ
ପ଼ାଲି ୱେସାମାଞ୍ଜାତେଏଁ, ନୀଏଁ ହେକ ମାଞ୍ଜାନା ଏଲେକିହିଁଏ ନ଼କେଏ
ୱେସିମାଞ୍ଜାଇଁ, ନ଼ାନୁ ଅ଼ଡ଼େ ୱ଼ାତିହିଁ ଏ଼ୱାରାଇଁ ଡଣ୍ତୁ ହୀଆନା ପିହ୍ଅଁ ।
୩ ଏ଼ନିକିଁ କ୍ରୀସ୍ତୁ ନ଼ା ତ଼ାଣା ଜ଼ଲିମାଞ୍ଜାନେସି ମୀରୁ ଏ଼ୱାଣି ପାର୍ମାଣା
ପାରିମାଞ୍ଜେରି; ଏ଼ୱାସି ମିଙ୍ଗେତାକି ବ଼ାଡ଼୍ୟୁ ହିଲାଆଗାଟାସି ଆ଼ଏ, ସାମା
ମୀ ତ଼ାଣା ବ଼ାଡ଼୍ୟୁ ଗାଟାସି ଆ଼ନେସି, ୪ ଏ଼ୱାସି ବ଼ାଡ଼୍ୟୁ ହିଲାଆତାକି
ପ଼ାସି ମୁଣ୍ତାତା ଏପ୍କି ଆ଼ତେସି, ଆ଼ତିଜିକେଏ ମାହାପୂରୁ ବ଼ାଡ଼୍ୟୁଟି ଏ଼ୱାସି
ନୀଡାମାନେସି । ମ଼ାମ୍ବୁ ଜିକେଏ ଏଲେକିଁ ତାନି ତ଼ାଣା ବ଼ାଡ଼୍ୟୁ ହିଲାଆ
ଗାଟାତମି, ସାମା ମାହାପୂରୁତି ବ଼ାଡ଼୍ୟୁ ତାକି ମ଼ାମ୍ବୁ ମୀ ତ଼ାଣା ଏ଼ୱାଣିତଲେ
ନୀଡାମାନମି । ୫ ମୀରୁ ନାମୁତଲେ ମାଞ୍ଜେରିକି ଆ଼ଏ, ଏ଼ କାତାତା
ଜାହା ଜାହାରାଇଁ ତାୟିପାରି କିହାକଡାଦୁ ଇଞ୍ଜ଼ାଁ ଅଣ୍ପାଦୁ, କି ଜୀସୁ
କ୍ରୀସ୍ତୁ ମୀ ତ଼ାଣା ମାନେସି, ଇଦାଆଁ କି ମୀରୁ ଜାହା ଜାହାରା କାତାତା
ପୁଞ୍ଜାହିଲଅତେରି? ଏଲେଆ଼ହିଁ ଆତିହିଁ ମୀରୁ ତାୟିପାରି କିନି ତ଼ାଣା ଜୀଣା
ଆ଼ହା ହିଲଅତେରି । ୬ ସାମା ନ଼ାନୁ ବ଼ାର୍ସୁ ଇଟାମାଇଁ, ମ଼ାର ତାୟିପାରି
କିୱିଆ଼ହା ଜୀଣା ଆ଼ହାମାନାୟି, ଇଦାଆଁ ମୀରୁ ପୁଞ୍ଜେରି । ୭ ମୀରୁ ଏ଼ନିକିଁ
ଏ଼ନି ଲାଗେଏତି କାମା କିଅତେରି, ଇଦାଆଁତାକି ମାହାପୂରୁ ତ଼ାଣା ମ଼ାମ୍ବୁ
ପ୍ରାତାନା କିହିମାନମି; ମ଼ାମ୍ବୁ ଏ଼ନିକିଁ ତାୟିପାରି କିୱି ଆ଼ହାଁ ଜୀଣା ଆ଼ହାମାନି
ଲେହେଁ ତ଼ଞ୍ଜାଆ଼ନମି, ଇଦାଆଁତାକି ପ୍ରାତାନା କିହିଲଅମି, ସାମା ମ଼ାମ୍ବୁ
ତାୟିପାରି କିୱି ଆ଼ହାଁ ଜୀଣା ଆ଼ଆତିଲେହେଁ ତ଼ଞ୍ଜା ଆ଼ଆତିଁ ଜିକେଏ ଏ଼ନିକିଁ
ମୀରୁ ନେହିଁ କାମା କିଦେରି, ଇଦାଆଁତାକି ପ୍ରାତାନା କିହିମାନମି । ୮ ଇଚିହିଁ
ମ଼ାମ୍ବୁ ସାତା କ଼ପାଟି ଏ଼ନାଆଁ କିହାଲି ଆ଼ଡିହିଲଅମି, ସାମା ସାତା ୱାକିଟି
ଦେହେଁ ବାରେ କିହାଲି ଆ଼ଡିନମି । ୯ ଏଚିଡ଼ବେଲା ମ଼ାମ୍ବୁ ବ଼ାଡ଼୍ୟୁ ହିଲାଆ
ଗାଟାତମି ଆ଼ନମି ସାମା ମୀରୁ ବ଼ାଡ଼୍ୟୁ ଗାଟାତେରି ଆ଼ଦେରି, ଏ଼ଚେତା
ମାଙ୍ଗେ ର଼ାହାଁ ହ଼ତାନେ; ମୀରୁ ଏ଼ନିକିଁ ବାରେ ୱାକିଟି ନେହାଁତେରି ଆ଼ଦେରି
ଏ଼ଦାଆଁତାକି ଜିକେଏ ପ୍ରାତାନା କି଼ହେମାନମି । ୧୦ ଏ଼ଦାଆଁତାକି ମୀ
ତ଼ାଣାଟି ହେକ ମାଞ୍ଜାନା ନ଼ାନୁ ଇ ବାରେ ର଼ାଚିମାଞ୍ଜାଇଁ, ଏ଼ନିକିଁ ମୀ ତ଼ାଣା
ୱ଼ାହାନା ପ୍ରବୁ ନାଙ୍ଗେ ମ୍ଣେକ୍ହାଲି ହୀଆନା, ପାଡିକିହାଲି ହୀହାମାଞ୍ଜାନେସି,
ଏ଼ ଅଦିକାରା ଲେହେଁ ମୀ କ଼ପାଟି ନିଡ୍ଗାନା ବ଼ାଡ଼୍ୟୁ ତ଼ସାଲି ମିଙ୍ଗେ ଲ଼ଡ଼ା
ଆ଼ଏ । ୧୧ ତାୟିୟାଁ ଅ଼ଡ଼େ ତାଙ୍ଗିସ୍କାତେରି, ର଼ାହାଁ କିଦୁ, ନେହାଁତେରି
ଆ଼ଦୁ, ରଅତେରି ରଅଣାଇଁ ବ଼ାର୍ସୁ ହୀୱିଆ଼ଦୁ, ରଣ୍ତିଏ ମ଼ନ ଆ଼ଦୁ, ହିଟ୍ଡ଼ି
ତଲେ ବାସା ଆ଼ଦୁ, ଅ଼ଡ଼େ ହିଟ୍ଡ଼ି ଇଞ୍ଜ଼ାଁ ଜୀୱୁ ନ଼ନି ମାହାପୂରୁ ମୀ ତଲେ
ଡ଼ୟିନେସି । ୧୨ କ୍ରୀସ୍ତାନା ତାୟିୟାଁ ଲେହେଁ ସୁଦୁଜୀୱୁ ନ଼ୱୁ ତଲେ ଜୀୱୁ
ନ଼ୱିଆ଼ହାନା ମୀରୁ ମୀରୁଏ ରଅତେରି ରଅଣାଇଁ ନଣ୍ତାନା ଜହରା କିୱିଆ଼ଦୁ
। ୧୩ ଇମ୍ବାଆଁ ମାନି ମାହାପୂରୁ ଲ଼କୁ ମିଙ୍ଗେ ଜହରା ୱେସିମାଞ୍ଜାନେରି ।
୧୪ ପ୍ରବୁ ଜୀସୁ କ୍ରୀସ୍ତୁତି କାର୍ମାମେହ୍ନାୟି ମାହାପୂରୁତି ଜୀୱୁନ଼ନାୟି ଅ଼ଡ଼େ
ସୁଦୁଜୀୱୁ ତଲେ ଆଣ୍ତିନାୟି ମୀ ବାରେତାକି ଆୟାପେ ।

# ଗାଲା

**୧** ନ଼ାନୁ, ପାଣ୍ତୱିଆ଼ତି ସୀସୁ ପ଼ାୱୁଲତେଏଁ, ପାଣ୍ତୱି ଆ଼ହାଲିତାକି ନ଼ାନୁ
ମାଣ୍ସି ତ଼ାଣାଟି ଆ଼ଏ, ସାମା ଜୀସୁ କ୍ରୀସ୍ତ ତ଼ାଣାଟି ଇଞ୍ଜୁଁ ଆମିନି
ଆ଼ବା ମାହାପୂରୁ ଏ଼ୱାଣାଇଁ ହ଼ାତାରି ତ଼ାଣାଟି ନିକ୍ହାମାନେସି ଏ଼ୱାଣି
ତ଼ାଣାଟି ବେଟାଆ଼ହାମାଇଁ, ୨ ନ଼ା ତଲେ ମାନି ନାମୁତି ବାରେ ତାୟି
ତାଡ୍ଗିସ୍କା ଗାଲାତିୟା କୁଲମିତି ଜହରା କିହିମାଞ୍ଜାନେରି । ୩ ମ଼ା ଆ଼ବା
ମାହାପୂରୁ ଇଞ୍ଜୁଁ ପ୍ରବୁ ଜୀସୁ କ୍ରୀସ୍ତ କାର୍ମାମେହ୍ନାଣି ଅ଼ଡ଼େ ହିଡ୍ଡ଼ି
ଜୀୱୁ ମିଡ୍ଗେ ହୀୟାପେସି । ୪ ନୀଏଁତି ଈ ପ଼ାପୁତି ଦାର୍ତିତା ମାଡ୍ଗେ
ଗେଲ୍ପାଲିତାକି, ମ଼ା ଆ଼ବା ମାହାପୂରୁତି ଅଣ୍ପୁତି ମ଼ାନି କିହାନା, କ୍ରୀସ୍ତ ମ଼ା
ପ଼ାପୁ ତାକି ଜାହାରାଇଁ ହେର୍ପାକଡିତେସି; (aiōn g165) ୫ କ଼ାଲାକ଼ାଲାତାକି
ମାହାପୂରୁଇଁ ଗାୱୁରମି ଆ଼ପେ । ଆ଼ମେନ୍ । (aiōn g165) ୬ କ୍ରୀସ୍ତିତି
କାର୍ମାତଲେ ଆମ୍ବାଆସି ମିଡ୍ଗେ ହ଼ାଟା ମାଞ୍ଜାତେସି, ଏ଼ୱାଣାଇଁ ମୀରୁ
ଗ଼ାଡ଼େକେଏ ପିସାନା ଏଟ୍କାତି ନେହିଁ କାବୁତି ଆସାମାଞ୍ଜେରି, ଏ଼ଦାଣିତାକି
ନ଼ାନୁ କାବା ଆ଼ହିମାଇଁ । ୭ ସାତାତଲେ, “ଏଟ୍କାତି ନେହିଁ କାବୁ” ଆ଼ଏ,
ସାମା ଏଚରଜ଼ାଣା ମିଡ୍ଗେ ତୀରି ମାଞ୍ଜାଲି ହୀଆନା, କ୍ରୀସ୍ତୁତି ନେହିଁ କାବୁତି
କିଲିବିଲି କିହାଲି ଅଣ୍ପିମାନେରି । ୮ ସାମା ଆମିନି ନେହିଁ କାବୁ ମ଼ାମୁ
ମୀ ତ଼ାଣା ୱେକ୍ହା ମାଚମି, ଇଞ୍ଜୁଁ ମ଼ାମୁ କି ଲାକପୂରୁତି ଦୂତୁୟାଁ ଜିକେଏ
ଏ଼ଦାଣି ପିସ୍ପେ ଏଟ୍କାତି ନେହିଁ କାବୁ ୱେକ୍ନେସି, ଆତିହିଁ ଏ଼ୱାସି ବ଼ାକା
ବେଟାଆ଼ପେସି । ୯ ଏ଼ନିକିଁ ମ଼ାମୁ ତଲିଏ ୱେସାମାନମି, ନୀଏଁ ଜିକେଏ
ନ଼ାନୁ ଏଲେକିହିଁଏ ଅ଼ଡ଼େ ୱେଣ୍ତେ ୱେସିମାଞ୍ଜାଇଁ, ଆମିନି ନେହିଁ କାବୁଇଁ
ମୀରୁ ଆସାମାଚେରି, ଏ଼ଦାଣି ପିସ୍ପେ ଆମିନି ଲ଼କୁ ଏଟ୍କାତି ନେହିଁ
କାବୁ ମୀ ତ଼ାଣା ୱେକ୍ହାନେସି ଏ଼ୱାସି ବ଼ାକା ବେଟାଆ଼ପେସି । ୧୦
ନୀଏଁ ନ଼ାନୁ ମାଣ୍ସିୟାଁ ନ଼କିତା କି ମାହାପୂରୁ ନ଼କିତା ନେହିଁ ତ଼ଞ୍ଜାଆୟାଲି
ଅଣ୍ପିମାଇଁ, ଏ଼ଦି ଏଚେଲା ଜିକେଏ ଆ଼ଏ । ଇଚିହିଁ ମାଣ୍ସିୟାଁଇଁ ର଼ାହାଁ
କିହାଲି ଅଣ୍ପିମାଇଁ, ନ଼ାନୁ ନୀଏଁ ପାତେକା ମାଣ୍ସିୟାଁଇଁ ର଼ାହାଁ କିୱିକିହାଲି
ଅଣ୍ପି ମାଚିହିଁମା ନ଼ାନୁ କ୍ରୀସ୍ତୁତି ହ଼ଲେଏଣାତେଏଁ ଆ଼ଆତେଏଁମା । ୧୧
ତାୟି ତାଡ୍ଗିସ୍କାତେରି ଆମିନି ନେହିଁ କାବୁ ନ଼ା ତ଼ାଣାଟି ୱେସ୍ପି ଆ଼ହାମାନେ,
ଏ଼ଦାଣି ମିଡ୍ଗେ ନ଼ାନୁ ୱେସିମାଞ୍ଜାଇଁ ଏ଼ଦି ମାଣ୍ସିୟାଁ ତ଼ାଣାଟି ଆ଼ଏ; ୧୨ ନ଼ାନୁ
ଏ଼ଦାଆଁ ମାଣ୍ସି ତ଼ାଣାଟି ବେଟାଆ଼ହା ହିଲଅଁ କି ଜ଼ାପାହିଲଅଁ, ସାମା ଜୀସୁ
କ୍ରୀସ୍ତ ତ଼ସାମାଞ୍ଜାନି ତ଼ାଣାଟି ବେଟାଆ଼ହାମାଇଁ । ୧୩ ନ଼ାନୁ ତଲି ଜୀହୁଦି
ଦାର୍ମୁତା ମାଚିବେଲା ଏ଼ନି ମାଣ୍କିତା ମାଚେଏଁ ମୀରୁ ୱେଞ୍ଜାମାଞ୍ଜେରି, ନ଼ାନୁ
ମାହାପୂରୁତି କୁଲମିତି ହ଼ାରେକା ସ଼ାସ୍ତି ହୀହିମାଚେଏଁ, ଅ଼ଡ଼େ ଏ଼ଦାଆଁ
ମ୍ଣେକ୍ହାଲି ଅଣ୍ପିମାଚେଏଁ । ୧୪ ଅ଼ଡ଼େ ମ଼ା ଆକୁ ଆ଼ବାୟାଁ ପ଼ାଣାପ଼ାଟୁ
ମେ଼ରା ତାକି ର଼ାହାଁଟି ମ଼ାନି କିହାଁ ନ଼ା ତଲେତି ହ଼ାରେକା ଲ଼କୁ ବିତ୍ରାଟି
ଜୀହୁଦି ଦାର୍ମୁତି ହ଼ାରେକା ମ଼ାନି କିହିମାଚେଏଁ । ୧୫ ସାମା ମାହାପୂରୁ ନ଼ାନୁ
ଜାର୍ନା ଆ଼ଆ ନ଼କେଏ ତାନି କାର୍ମାମେହ୍ନାଣି ତଲେ ଆ଼ଚାନା ତାନି ସେ଼ବା
କିହାଲି ହ଼ାଟାତେସି, ୧୬ ଅ଼ଡ଼େ ଜୀହୁଦିଆ଼ଆତି ଲ଼କୁତ଼ାଣା ନେହିଁ କାବୁ
ୱେ଼କ୍ହାଲି ତାକି ଏଚିବେ଼ଲା ନାଡ୍ଗେ ଏ଼ୱାସି ତାନି ମୀର୍ଏଣାଇଁ ତ଼ସ୍ତାତେସି,
ଏ଼ କାତା ପୁଞ୍ଜାଲିତାକି ନ଼ାନୁ ଏଟ୍କା ମାଣ୍ସି ତ଼ାଣା ହାଜା ହିଲାଆତେଏଁ
। ୧୭ ଇଲେକିହିଁ ନ଼ା ନ଼କେଏ ଆମିନି ଗାଟାରି ପାଣ୍ତୱିଆ଼ତି ସୀସୁ
ଆ଼ହାମାଚେରି, ଏ଼ୱାରାଇଁ ଆଣ୍ତାଲି ତାକି ଜିରୁସାଲମତା ଜିକେଏ ହାଜା
ହିଲାଆତେଏଁ । ସାମା ନ଼ାନୁ ଦେବୁଣିଏ ଆରବ ଦେ଼ସାତା ହାଜାମାଚେଏଁ;
ଅ଼ଡ଼େ ଡ଼ାୟୁ ଦମେସକତା ୱେଣ୍ତା ୱ଼ାତେଏଁ । ୧୮ ତୀନି ବାର୍ସା ହାଚି ଡ଼ାୟୁ
ନ଼ାନୁ ପିତରଇଁ ଆଣ୍ତାଲି ତାକି ଜିରୁସାଲମତା ହାଚେଏଁ, ଇଞ୍ଜୁଁ ଏ଼ୱାଣିତଲେ
ପନ୍ଦର ଦିନା ଏମ୍ବାଆଁ ମାଚେଏଁ । ୧୯ ସାମା ପ୍ରବୁତି ତାୟି ଜାକୁବ ପିସ୍ପେ
ପାଣ୍ତୱି ଆ଼ହାମାନାରି ବିତ୍ରା ଆମ୍ବାଆରାଇଁ ମେହ୍ଆତେଏଁ । ୨୦ ନ଼ାନୁ
ମିଡ୍ଗେ ଏ଼ନାଆଁ ର଼ାଚିମାଞ୍ଜାଇଁ, ମାହାପୂରୁ ନ଼କିତା ସାତା ୱେସିମାଞ୍ଜାଇଁ,
ମିଚି ୱେସିମାଞ୍ଜଅଁ । ୨୧ ଡ଼ାୟୁ ନ଼ାନୁ ସିରିୟା ଅ଼ଡ଼େ କିଲିକିୟାତି ହ଼ାରେକା
ଟ଼ାସ୍କାଣା ହାଚେଏଁ । ୨୨ ଜୀହୁଦା ର଼ାଜିତା ମାନି ନାମିତି କ୍ରୀସ୍ତାନା କୁଲମିତି
ଲ଼କୁ ନାଡ୍ଗେ ନେହିଁକିଁ ପୁଞ୍ଜାମାଞ୍ଜାଆତେରି । ୨୩ ଏ଼ୱାରି ଏଟ୍କା ଲ଼କୁ
ତ଼ାଣାଟି ୱେଞ୍ଜାମାଚେରି, “ଆମିନି ମାଣ୍ସି ତଲି ମାଡ୍ଗେ ସ଼ାସ୍ତି ହୀହି
ମାଞ୍ଜାତେସି, ଇଞ୍ଜୁଁ ମ଼ା ନାମୁତି ମ୍ଣେକ୍ହାଲି ଅଣ୍ପିମାଚେସି, ଏ଼ୱାସି ନୀଏଁ
ନାମୁତି କାତା ୱେ଼କ୍ହି ମାନେସି ।” ୨୪ ଇଞ୍ଜୁଁ ଏ଼ୱାରି ନ଼ା ତାକି ମାହାପୂରୁଇଁ
ଗାୱୁରମି କିହିମାଚେରି ।

**୨** ସ଼ଦ ବାର୍ସା ଡ଼ାୟୁ ନ଼ାନୁ ବର୍ନବା ତଲେ ଜିରୁସାଲମତା ଅ଼ଡ଼େ ୱେଣ୍ତେ
ହାଚେଏଁ, ଇଞ୍ଜୁଁ ତିତସଇଁ ଜିକେଏ ନ଼ା ତଲେ ଅ଼ହାମାଚେଏଁ । ୨ ନ଼ାନୁ
ଏମ୍ବାଆଁ ହାନାୟିମାନେ ଇଞ୍ଜୁଁ ମାହାପୂରୁ ତ଼ାଣାଟି ହୁକୁମି ବେଟାଆ଼ହାନା
ହାଚେଏଁ; ଅ଼ଡ଼େ ନ଼ାନୁ ଏଟ୍କା କୂଡ଼ାତି ଲ଼କୁତ଼ାଣା ଆମିନି ନେହିଁ କାବୁ
ୱେ଼କ୍ହିମାଇଁ, ଏ଼ଦାଆଁ ଏ଼ୱାରାଇଁ ୱେସ୍ତେଏଁ, ସାମା ନ଼ା ତଲିତି ଅ଼ଡ଼େ
ନୀଏଁତି କାମା ଉଜେଏ ଆ଼ଏ, ଏ଼ଦାଆଁତାକି ଆମିନି ଗାଟାରି ମ଼ାନି
ବେଟାଆ଼ହାଲି ଜ଼ଗେ ନ଼ାନୁ ଏ଼ୱାରାଇଁ ଏଟ୍କା କିହାନା ୱେସ୍ତେଏଁ ।
୩ ସାମା ନ଼ା ତ଼ଡୁ ତିତସ ଗ୍ରିକ୍ ଲ଼କୁ ମାଚି ଜିକେଏ ଏ଼ୱାଣାଇଁ ତ଼ଲୁ
ଦ଼ାପି କିହାଲି ବାଲାମାତମି କିୱିଆ଼ହା ହିଲାଆତେ, ୪ ଆତିହିଁ ଜିକେଏ
ଏଚରଜ଼ାଣା ଲ଼କୁ ଏ଼ୱାଣାଇଁ ତ଼ଲୁ ଦ଼ାପି କିହାଲି ଅଣ୍ପିମାଚେରି । ଏ଼ୱାରି
ନାମିତି ତାୟିୟାଁ ଇଞ୍ଜେଁ ତ଼ସା କଡାନା ମେଣେଏ ପାରୁ ପାରିନି ଲେହେଁ
ଜାଟୁତା ଆଣ୍ତାମାଚେରି । କ୍ରୀସ୍ତ ଜୀସୁତ଼ାଣା ଆଣ୍ତିତାକି ମ଼ାର ଆମିନି
ମେ଼ଲା ବେଟାଆ଼ହାମାନାୟି, ଏ଼ଦାଆଁ ପୁଞ୍ଜାଲିତାକି ଏ଼ୱାରି ଅଣ୍ପୁ ମାଚେ,
ମାଡ୍ଗେ ଏ଼ୱାରି ଅ଼ଡ଼େ ୱେଣ୍ତେ ମେ଼ରାତି ହ଼ଲିୟାଡ୍ଗା କିହାଲି ଅଣ୍ପିମାଚେରି
। ୫ ସାମା ନେହିଁ କାବୁତି ସାତା ଏ଼ନିକିଁ ମୀ ତ଼ାଣା ତୀରିଆ଼ହାନା
ଡ଼ୟିନେ, ଏ଼ଦାଆଁତାକି ମ଼ାମୁ ଗ଼ାଡ଼େକା ତାକି ଜିକେଏ ଏ଼ୱାରାକି ପାରୁ
ହୀହାହିଲାଆତମି । ୬ ଆମ୍ବାଆରି ମ଼ାନିଗାଟାରି ଇଞ୍ଜେଁ ୱେ଼ଡ୍ଗା ମାଚେରି,
ଏ଼ୱାରି ଏ଼ନିଲେହେଁତି ଲ଼କୁ ମାଚେରି, ଏମ୍ବାଆଁ ନ଼ାଦି ଏ଼ନାୟି ହିଲେଏ;
ମାହାପୂରୁ ଆମ୍ବାଆରି ପାର୍ଡ଼ା ବାଚି କିଅସି, ଏ଼ ମ଼ାନିଗାଟାରି ନାଡ୍ଗେ
ଏ଼ନି ପୁଃନି ବ଼ଲୁ ୱେସାମାଞ୍ଜଅରି । ୭ ଏଟ୍କା ୱାକି ଏ଼ୱାରି ପୁଞ୍ଜାଲି
ଆ଼ଡିତେରି, ପିତରଇଁ ଏ଼ନିକିଁ ଜୀହୁଦି ଲ଼କୁତ଼ାଣା ନେହିଁ କାବୁ ୱେ଼କ୍ନି କାମା

ହେର୍‌ପିତେସି ଏଲେକିହିଁଏ ନାଙ୍ଗେ ଜିକେଏ ଜୀହୁଦିଆ଼ଆତି ଲ଼କୁତ଼ାଣା
ନେହିଁ କାବୁ ଡ଼ୱେକ୍‌ନି ବ଼ଜୁ ହେର୍‌ପା ମାଞ୍ଜାନେସି । ୮ ଏ଼ନାଆଁତାକି ଇଚିହିଁ
ଜୀହୁଦି ଲ଼କୁତ଼ାଣା ପାଣ୍ତୱି ଆ଼ହାମାନାରି କାମା କିହାଲି ଏ଼ନିକିହିଁ ପିତରକି
ମାହାପୂରୁ ବ଼ାଡ଼୍‌ୟୁ ହୀହାମାନେସି, ଏଲେକିହିଁଏ ଜୀହୁଦିଆ଼ଆତି ଲ଼କୁତ଼ାଣା
ଏ଼ କାମା କିହାଲି ନାଙ୍ଗେ ମାହାପୂରୁ ବ଼ାଡ଼୍‌ୟୁ ହୀହାମାଞ୍ଜାନେସି । ୯
ଅ଼ଡ଼େ ଏଚିଡ଼ବେଲାତା ଏ଼ୱାରି ମାହାପୂରୁ ନାଙ୍ଗେ ହୀହାମାଞ୍ଜାନି କାର୍ମାତି
କାତା ପୁଚେରି, ଏଚିଡ଼ବେଲା କୁଲମିତି ମୁଣ୍ତା ଲେହେଁତି କାଜାରି ଇଞ୍ଜୁଁ
ଡ଼ୱେଙ୍ଗାମାନେରି, ଜାକୁବ, ପିତର, ଅ଼ଡ଼େ ଜହନ ନାଙ୍ଗେ ଇଞ୍ଜୁଁ ବର୍ନବାଇଁ
କାମାତା ଆଣ୍ତାତମି ଇଞ୍ଜୁଁ ଟିଃନି କେୟୁ ଆସାନା ଆବାତେରି, ଏ଼ନିକିହିଁ
ନ଼ାନୁ ଅ଼ଡ଼େ ବର୍ନବା ଜୀହୁଦିଆ଼ଆତି ଲ଼କୁତ଼ାଣା କାମା କିନମି ଅ଼ଡ଼େ
ଏ଼ୱାରି ଜୀହୁଦି ଲ଼କୁତ଼ାଣା କାମା କିନେରି । ୧୦ ଏ଼ୱାରି ୱାର୍‌ଇ ଇଚେକା
ବାତିମ଼ାଲା ମାଞ୍ଜାତେରି ମ଼ାମୁ ଏ଼ୱାରି ଜାଟୁତା ମ଼ାନି ହିଲାଆଗାଟାରାଇଁ
ଅଣ୍‌ପିନମି; ଏ଼ କାତାତା ନ଼ାନୁ ର଼ାହାଁ ଆ଼ହାମାଚେଏଁ । ୧୧ ସାମା
ଡ଼କେପାଏଚିଡ଼ବେଲା ଆନ୍ତିୟକିୟାତା ୱ଼ାହାମାଚେସି, ନ଼ାନୁ ଏ଼ୱାଣାଇଁ ବାରେ
ଲ଼କୁ ନ଼କିତା ଲ଼ାଗିତେଏଁ, ଇଚିହିଁ ଏ଼ୱାସି ଦ଼ହ କିହିମାଚେସି । ୧୨ ଜାକୁବ
ତ଼ାଣାଟି ଏଚରଜ଼ାଣା ୱ଼ାଆ ନ଼କେଏ ପିତର ଜୀହୁଦିଆ଼ଆତି ତାୟି ତାଡ଼୍ଗିସ୍କା
ତଲେ ତିଞ୍ଜିମାଚେସି, ସାମା ଏ଼ୱାରି ୱ଼ାହାଲିଏ, ଏ଼ୱାସି ଏ଼ ତାୟି ତାଡ଼୍ଗିସ୍କାଇଁ
ଆଜାନା ଜୀହୁଦିଆ଼ଆତି ତାୟି ତାଡ଼୍ଗିସ୍କାଇଁ ପିସାନା ଏଟ୍‌କା ଆ଼ତେସି ।
୧୩ ଇଞ୍ଜୁଁ ଏଚରଜ଼ାଣା ଜୀହୁଦି ତାୟିୟୁଁ ଜିକେଏ ପିତର ତଲେ ଆଣ୍ତାନା
ପୁଞ୍ଜି ପୁଞ୍ଜିହିଁ ପୁନାଆତାରି ଲେହେଁ ନ଼ାଡ଼ିକିୱି ଆ଼ତେରି, ଏଲେଆ଼ହିଁ ବର୍ନବା
ଜିକେଏ ଏ଼ୱାରି କାତା ଆସ୍ତେସି । ୧୪ ଏଚିଡ଼ବେଲା ନ଼ାନୁ ମେସ୍ତେଏଁ, ଏ଼ୱାରି
ନେହିଁ କାବୁତି ସାତା ତଲେ ତ଼ାକିହିଲଅରି, ଏଚିଡ଼ବେଲାତା ନ଼ାନୁ ବାରେ
ଲ଼କୁ ନ଼କିତା ଡ଼କେପାଇଁ ଏଲେଇଚେଏଁ, “ନୀନୁ ଜୀହୁଦି ଆ଼ହାନା ଜୀହୁଦି
ଲ଼କୁ ଲେହେଁ ଡ଼ଲେମ୍ବାଆନାହାଁ ଜୀହୁଦିଆ଼ଆତି ଲ଼କୁଲେହେଁ ନୀଡିମାଞ୍ଜି,
ଆତିହିଁ ନୀନୁ ଏ଼ନିକିହିଁ ଜୀହୁଦିଆ଼ଆତି ଲ଼କୁଣି ଜୀହୁଦି ଲ଼କୁଲେହେଁ
ଡ଼ଲେମ୍ବାଲି ବାଲାମାତମି କିହିମାଞ୍ଜି ।” ୧୫ ସାତେଏ ମ଼ାମୁ ଜାର୍ନାଟିଏ ଜୀହୁଦି
ଲ଼କୁତମି, “ଜୀହୁଦିଆ଼ଆତି ଲ଼କୁ ଲେହେଁ ପ଼ାପୁ ଗାଟାତମି ଆ଼ଏ ।” ୧୬
ଆ଼ତିଜିକେଏ ଡ଼ମେରାତି କାମା ତଲେ ମାଣ୍‌ସି ତୀରିଗାଟାସି ଆ଼ଆନା,
ଜୀସୁ କ୍ରୀସ୍ତୁ ତ଼ାଣା ନାମାନା ତୀରିଗାଟାସି ଆ଼ନେସି, ଇଦାଆଁ ପୁଞ୍ଜାନା
ମ଼ାମୁ ଜୀସୁ କ୍ରୀସ୍ତୁ ତ଼ାଣା ନାମା ମାନମି, ଏ଼ନିକିଁ ଡ଼ମେରାତି କାମା ତଲେ
ତୀରିଗାଟାତମି ଆ଼ଆନା କ୍ରୀସ୍ତୁ ତ଼ାଣା ନାମାନା ତୀରିଗାଟାତମି ଆ଼ନମି;
ଇଚିହିଁ ମ଼ସାତି ଡ଼ମେରାତି କାମା ତଲେ ଆମିନି ମାଣ୍‌ସି ତୀରିଗାଟାସି ଆ଼ଅସି
। ୧୭ ସାମା କ୍ରୀସ୍ତୁ ତ଼ାଣାଟି ତୀରି ଗାଟାତାୟି ଆୟାଲି ଅଣ୍‌ପାନା ମ଼ାମୁ
ଜିକେଏ ପ଼ାପୁ ଗାଟାତମି ଇଞ୍ଜିହିଁ ତ଼ଞ୍ଜା ଆ଼ତମି, କ୍ରୀସ୍ତୁ ପ଼ାପୁତି ଡ଼ସେବା
କିନାସି କି? ଏ଼ଦି ଏଚେଲାୱା ଆ଼ଆପେ । ୧୮ ଇଚିହିଁ ନ଼ାନୁ ଏ଼ନି ଡ଼ମେରାତି
ମ୍ରେଣ୍କ୍‌ହାମାଇଁ ଏ଼ ବାରେତି ଅ଼ଡ଼େ ୱେଣ୍ତେ ଗ଼ାଡ଼ି କିଇଁ, ଆତିହିଁ ନ଼ାନୁଏ
ଜାହାରାଇଁ ଦ଼ହ ଗାଟାତେଏଁ ଇଞ୍ଜୁଁ ତ଼ସାକଡିମାଇଁ । ୧୯ ମାହାପୂରୁ ତାକି
ନୀଡାଲି ନ଼ାନୁ ଡ଼ମେରାଟି ଡ଼ମେରାତାକି ପ଼ାସି ମୁଣ୍ତାତା ହ଼ାହାମାଇଁ, ୨୦ ନ଼ାନୁ
କ୍ରୀସ୍ତୁ ତଲେ ପ଼ାସି ମୁଣ୍ତାତା ହ଼ାହାମାଇଁ; ନ଼ାନୁ ଅ଼ଡ଼େ ନୀଡା ହିଲଅଁ, ସାମା
କ୍ରୀସ୍ତୁ ନ଼ା ତ଼ାଣା ନୀଡାମାନେସି; ଅ଼ଡ଼େ ନ଼ାନୁ ନୀଏଁ ଏମିନି ଆଙ୍ଗା ତଲେ
ନୀଡାମାଇଁ, ଏ଼ଦି ନାମୁତଲେ, ଇଚିହିଁ ମାହାପୂରୁତି ଏମିନି ମୀର୍‌ଏସି
ନାଙ୍ଗେ ଜୀୱୁନ଼ହାଁନା ନ଼ା ତାକି ତାନି ଜୀୱୁ ହୀହାମାନେସି, ଏ଼ୱାଣି ତ଼ାଣା
ନାମାନା ନୀଡାମାଇଁ । ୨୧ ନ଼ାନୁ ମାହାପୂରୁ କାର୍ମାମେହ୍‌ନାଣି ଉଜେଏ
କିହିହିଲଅଁ; ଇଚିହିଁ ଡ଼ମେରା ତଲେ ମାଣ୍‌ସି ମାହାପୂରୁ ନ଼କିତା ତୀରିଗାଟାସି
ଆ଼ନେସି, ଆତିହିଁ କ୍ରୀସ୍ତୁ ହ଼ାତାୟି ଉଜେଏତାୟି ।

୩ ଏ଼ ବୁଦି ହିଲାଆଗାଟି ଗାଲାତିୟତି ଲ଼କୁତେରି! ଆମ୍ବାଆସି ମିଙ୍ଗେ
ମ଼ାତୱି କିହାମାଞ୍ଜାନେସି? ମୀ କାଣ୍‌କା ନ଼କିତା ଜୀସୁ କ୍ରୀସ୍ତୁ ପ଼ାସି
ମୁଣ୍ତାତା ହ଼ାତି କାତା ନେହିଁକିଁ ତ଼ଞ୍ଜାଆ଼ହିମାଞ୍ଜାତେ । ୨ ନ଼ାନୁ ମୀ ତ଼ାଣାଟି
ଇଚେକା ପୁଞ୍ଜାଲି ଅଣ୍‌ପିମାଇଁ; ମୀରୁ ମ଼ସା ଡ଼ମେରା ତଲେ କାମା କିତାକି କି
ନେହିଁ କାବୁ ୱେଞ୍ଜାନା ନାମିତାକି ସୁଦୁଜୀୱୁ ବେଟାଆ଼ହାମାଚେରି? ୩
ମୀରୁ ଏ଼ନିଲେହେଁତି ବୁଦି ହିଲାଆଗାଟାତେରି? ମାହାପୂରୁତି ଜୀୱୁତଲେ
ମ଼ାଟ୍‌ହାନା; ଆଙ୍ଗାତି ବ଼ାଡ଼୍‌ୟୁ ତଲେ ର଼ାପ୍‌ହାଲି ଅଣ୍‌ପିମାଞ୍ଜେରି? ୪
ମୀରୁ କି ଉଜେଏ ଇଚେକା କସ୍ତ ବେଟାଆ଼ହାମାଞ୍ଜେରି? ଏ଼ଦି ଏ଼ନାଆଁ
ଉଜେଏତାୟି? ୫ ଇଚିହିଁ ଆମ୍ବାଆସି ମିଙ୍ଗେ ଜୀୱୁ ହୀହାମାଞ୍ଜାନେସି, ଅ଼ଡ଼େ
ମୀ ତ଼ାଣା କାବାଆ଼ନି କାମା କିନେସି, ଏ଼ୱାସି ଡ଼ମେରାତାକି କିନେସି କି
ନାମୁତାକି ୱେଞ୍ଜାହାଁ କିନେସି? ୬ ଅବ୍ରାହାମ କାତା ଅଣ୍‌ପାଦୁ, ସ଼ାସ୍ତେରିତା
ର଼ାସ୍‌କି ଆ଼ହାମାନେ, “ଏ଼ୱାସି ମାହାପୂରୁ ତ଼ାଣା ନାମିତେସି, ଇଞ୍ଜୁଁ
ନାମାଲିଏ ତୀରିଗାଟାସି ଆ଼ତେସି ।” ୭ ଇଦାଆଁତାକି ଆମ୍ବାଆରି ନାମିନେରି
ଏ଼ୱାରିଦେଁ ଅବ୍ରାହାମତି ମୀର୍‌କା ମ଼ାସ୍‌କା, ଇଦାଆଁ ମୀରୁ ପୁନାୟିମାନେ ।
୮ ଅ଼ଡ଼େ ମାହାପୂରୁ ଜୀହୁଦିଆ଼ଆତାରାଇଁ ନାମୁଟି ତୀରିଗାଟାରି କିନେସି,
ଏ଼ଦାଆଁ ଦାର୍ମୁ ପତିତା ନ଼କେଏ ମେସାନା ଅବ୍ରାହାମ ତ଼ାଣା ନେହିଁ କାବୁ
ୱେସାନା ଏଲେଇଚେସି; “ନୀ ତ଼ାଣାଟି ଦାର୍‌ତିତି ବାରେ କୂଲୁତି ଲ଼କୁ ବ଼ର
ବେଟାଆ଼ନେରି ।” ୯ ଅବ୍ରାହାମ ନାମିତେସି ଇଞ୍ଜୁଁ ବ଼ର ବେଟାଆ଼ତେସି,
ଏଲେକିହିଁଏ ଆମ୍ବାଆରି ନାମିନାରି ବାରେଜ଼ାଣା ଏ଼ୱାଣିଲେହେଁ ବ଼ର
ବେଟାଆ଼ନେରି । ୧୦ ଇଚିହିଁ ଏଚେକା ଲ଼କୁ ମ଼ସାତି ଡ଼ମେରା ଆସାନା କାମା
କିନେରି, ଏ଼ୱାରି ବ଼ାକା ବେଟାଆ଼ନେରି, ଦାର୍ମୁପତିତା ର଼ାସ୍‌କି ଆ଼ହାମାନେ,
“ଆମ୍ବାଆସି ଡ଼ମେରା ପତିତା ର଼ାସ୍‌କି ଆ଼ହାମାନି ବାରେ କାତାତି ମ଼ାନୱି
ଆ଼ଅସି ଏ଼ୱାସି ମାହାପୂରୁ ତ଼ାଣାଟି ବ଼ାକା ବେଟା ଆ଼ନେସି ।” ୧୧ ଡ଼ମେରା
ମ଼ାନୱି ଆ଼ହାନା ଆମ୍ବାଆସି ମାହାପୂରୁ ନ଼କିତା ତୀରିଗାଟାସି ଆ଼ଅସି,
ନେହିଁକିଁ ପୁଞ୍ଜାମାନାୟି, ର଼ାସ୍‌କି ଆ଼ହାମାନେ, “ଇଚିହିଁ ତୀରିଗାଟାସି ନାମୁଟି
ନୀଡିନେସି ।” ୧୨ ଅ଼ଡ଼େ ନାମୁ ଡ଼ମେରାତି ମୂଲୁ କାତା ଆ଼ଏ; ଡ଼ମେରାତି ମୂଲୁ
ଆ଼ହାମାନେ “ଆମ୍ବାଆସି ବାରେ ହୁକୁମି ମ଼ାନୱି ଆ଼ନେସି, ଏମ୍ବାଟି ଏ଼ୱାସି
ନୀଡିନେସି ।” ୧୩ କ୍ରୀସ୍ତୁ ମ଼ା ତାକି ବ଼ାକା ବେଟାଆ଼ହାନା ଡ଼ମେରାଟି ମାଙ୍ଗେ
ୱ଼ାନି ବ଼ାକାଟି ପିସ୍‌ପି କିହାମାଞ୍ଜାନେସି; ଇଚିହିଁ ର଼ାସ୍‌କି ଆ଼ହାମାନେ,
“ଆମ୍ବାଆସି ପ଼ାସି ମୁଣ୍ତାତା ଏପ୍‌କି ଆ଼ନେସି ଏ଼ୱାସି ବ଼ାକା ଗାଟାସି ।”
୧୪ ମାହାପୂରୁ ଅବ୍ରାହାମଇଁ ଆମିନି ବ଼ର ହୀହାଲିତାକି ଆ଼ଞ୍ଜାମାଚେସି,

ଜୀହୁଦିଆ଼ଆତି ଲ଼କୁ ଜିକେଏ ଏ଼ନିକିଁ ଏ଼ଦାଆଁ ବେଟାଆ଼ହାଲି ଆ଼ଡିନେରି,
ଏ଼ଦାଆଁତାକି କ୍ରୀସ୍ତୁ ଈ କାମା କିହାମାନେସି, ଏ଼ଦାଆଁତାକି ମ଼ାର ଜିକେଏ
ମାହାପ୍ରୂରୁ ୱେସାମାନି ଲେହେଁ ନାମୁତଲେ ସୁଦୁଜୀୱୁ ବେଟାଆ଼ହାଲି
ଆ଼ଡିନାୟି । **୧୫** ଏ଼ ତାୟି ତାଙ୍ଗିସ୍କା, ନ଼ାନୁ ମାଣ୍‌ସିୟାଁ ଲେହେଁ ୱେସିମାଞ୍ଜାଈଁ;
ର଼ାଜିମ଼ାନା ମାଣ୍‌ସି ତ଼ାଣାଟି କିତି ଜିକେଏ, ରିଆରି ସନ୍ତୁକି କିହାନା
ଏ଼ଦାଆଁ ତୀରି କିନେରି, ଏ଼ଚେତା ଏ଼ଦାନି ଆମ୍ବାଆସି ଏଟ୍‌କା କିହାଲି
ଆ଼ଡଅସି କି ଏମ୍ବାଆଁ ଏ଼ନାଆଁ କାଲ୍‌ହାଲି ଆ଼ଡଅସି । **୧୬** ମାହାପ୍ରୂରୁ
ଆ଼ଞ୍ଜାମାନାୟି ଅବ୍ରାହାମ ଇଞ୍ଜୁଁ ତାନି କୂଡ଼ା ତାକି ହୀପ୍‌କି ଆ଼ହାମାଚେ;
ଏ଼ୱାସି ଏଲେଇଞ୍ଜା ହିଲଅସି, “କୂଡ଼ା ତାରାକି” ଏ଼ନିକିଁ ହ଼ାରେକା ଲ଼କୁତାକି
ସ଼ାସ୍ତ୍ରେରିତା ୱେସ୍ତିଲେହେଁ ଆ଼ଏ, ଇଚିହିଁ ଏ଼ନିକିଁ ରଅଣି କାତା ୱେସ୍ତେସି,
ନୀ “କୂଡ଼ା ତାକି” ଏ଼ୱାସି କ୍ରୀସ୍ତୁ ଜୀସୁ । **୧୭** ନ଼ା ଅଣ୍‌ପୁ ଈଦି, ମାହାପ୍ରୂରୁ
ଅବ୍ରାହାମ ତଲେ ର଼ ର଼ାଜିମ଼ାନା କିହାମାଚେସି, ଅ଼ଡ଼େ ଏ଼ଦାଆଁ ତୀରିକିହାଁ
ଇଟାଲି ଆ଼ଞ୍ଜାମାଚେସି, ଆମିନି ର଼ମେରା ସ଼ାରି ୱାଞ୍ଜା କଡ଼େଦସ ବାର୍ସା
ଡ଼ାୟୁ ହୀପ୍‌କିଆ଼ତେ, ଏ଼ଦି ଏ଼ ର଼ାଜିମ଼ାନାତି ମ଼ାନି କିଆନା ମାହାପ୍ରୂରୁତି
ଆ଼ଞ୍ଜାମାନାଣି ଆ଼ଙ୍ଗାଲି ଆ଼ଡେଏ । **୧୮** ମାହାପ୍ରୂରୁତି ଆ଼ଞ୍ଜାମାନି ବ଼ର.
ର଼ମେରା ମ଼ାନିକିନି ତ଼ାଣା ବ଼ାର୍ସୁ କିନେ, ଆତିହିଁ ଏ଼ଦି ଅ଼ଡ଼େ ଆ଼ଞ୍ଜାମାନାୟି
ଆ଼ଏ; ସାମା ମାହାପ୍ରୂରୁ ଆ଼ଞ୍ଜାନା ଅବ୍ରାହାମକି ଏ଼ଦାଆଁ ହୀହାମାନେସି ।
**୧୯** ଆତିହିଁ ର଼ମେରା ଏ଼ନାଆଁତାକି ହୀପ୍‌କିଆ଼ତେ? ମାଣ୍‌ସିତି ଲାଗେଏତି
କାମା ତ଼ସାଲି ତାକି ହୀପ୍‌କିଆ଼ତେ, ଇଞ୍ଜୁଁ ଅବ୍ରାହାମକି ଏମିନି କୂଡ଼ାତି
ମେସାନା ମାହାପ୍ରୂରୁ ଆ଼ଞ୍ଜାମାଚେସି, ଏ଼ୱାସି ୱ଼ାନି ପାତେକା ର଼ମେରା ଲ଼ଡ଼ା
ମାଚେ, ର଼ ମାଣ୍‌ସିତି ମାଦି ତଲେ ଲାକପ୍ରୂରୁତି ଦୂତୁୟାଁ ସ଼ାୟେମିଟି ର଼ମେରା
ହୀପ୍‌କି ଆ଼ହାମାଚେ । **୨୦** ସାମା ନୀଏଁ ମାଦିତି ମାଣ୍‌ସି ରଅସିଏ; ଅ଼ର
ରଅସି ଆ଼ଏ, ସାମା ମାହାପ୍ରୂରୁ ରଅସିଏ । **୨୧** ଇଚିହିଁ ର଼ମେରା ମାହାପ୍ରୂରୁ
ଆ଼ଞ୍ଜାମାନାଣି କ଼ପାଟି କାତା ର଼ୱେକ୍‌ନେ? ଏ଼ଦି ଏଚେଲାୱା ଆ଼ଆପେ; ଇଚିହିଁ
ଲ଼କୁତାକି ଜୀୱୁ ହୀହାଲି ଆ଼ଡିନି ଇଲେତି ର଼ମେରା ହୀପ୍‌କି ଆ଼ହାମାଚିହିଁମା,
ଆତିହିଁ ର଼ମେରା ସାତେଏ ତୀରି ଗାଟାୟି ଆ଼ତେମା । **୨୨** ସାମା ଦାର୍ମୁ
ସ଼ାସ୍ତ୍ରେରିତା ର଼ାସ୍‌କି ଆ଼ହାମାନେ, “ବାରେ ମାଣ୍‌ସି କୂଡ଼ା ପ଼ାପୁତି ବ଼ାଡ଼୍‌ୟୁତା
ମାନେରି, ଏ଼ଦାଆଁତାକି ଏ଼ନିକିଁ ଜୀସୁ କ୍ରୀସ୍ତୁ ତ଼ାଣା ନାମିତି ପ଼ାଡ଼େୟି
ଲେହେଁ ଆ଼ଞ୍ଜାମାନି ବ଼ର କ୍ରୀସ୍ତୁଈଁ ନାମିତି ଲ଼କୁ ବେଟାଆ଼ନେରି ।” **୨୩**
ସାମା ଏ଼ ନାମୁ ୱ଼ାନି ନ଼କେଏ, ତ଼ଞ୍ଜାଆ଼ହାଲି ହାଜିମାନି ଏ଼ ନାମୁତି ର଼ମେଡ଼ା
ଆ଼ହାଲି, ମ଼ାର ମ଼ସା ର଼ମେରାତା ଦସ୍‌ପି ଆ଼ହିମାଚାୟି । **୨୪** ଇଲେତି ନାମୁ
ତାକି ମ଼ାର ଦାର୍ମୁ ଗାଟାତାୟି ଆ଼ହାଲିତାକି କ୍ରୀସ୍ତୁ ୱ଼ାନି ଦିନା ପାତେକା
ର଼ମେରା ମାଙ୍ଗେ ଜ଼ାପ୍‌ହାନାୟି ଲେହେଁ ମାଚେ । **୨୫** ସାମା ନୀଏଁ ଏ଼ ନାମୁ
ୱ଼ାହାଲିଏ, ମ଼ାର ଅ଼ଡ଼େ ର଼ମେରାତି ବ଼ାଡ଼୍‌ୟୁତା ହିଲାଆୟି । **୨୬** ଇଚିହିଁ ମୀରୁ
ବାରେଜ଼ାଣା ଜୀସୁ କ୍ରୀସ୍ତୁଈଁ ନାମିନି ତ଼ାଣାଟି ମାହାପ୍ରୂରୁତି ମୀର୍‌କା ମ଼ାସ୍‌କା
ଆ଼ହାମାଞ୍ଜେରି । **୨୭** ଇଞ୍ଜୁଁ ମୀରୁ ଏଚେକା ଲ଼କୁ କ୍ରୀସ୍ତୁ ଦ଼ରୁଟି ବାପ୍ତିସ୍ମ
ବେଟାଆ଼ହାମାଞ୍ଜେରି, ନୀଏଁ ମୀରୁ ବାରେତେରି କ୍ରୀସ୍ତୁଈଁ ହିମ୍ବରିଲେହେଁ
ପର୍ହାମାଞ୍ଜେରି । **୨୮** ଜୀହୁଦି ଆ଼ପେସି କି ଜୀହୁଦିଆ଼ଆତି ଲ଼କୁ ଆ଼ପେସି,
ହ଼ଲେଏସି ଆ଼ପେସି କି ହ଼ଲେଏସି ଆ଼ଆତାସି ଆ଼ପେସି, ଆ଼ବା ଆ଼ପେସି କି
ଇୟା ଆ଼ପେ; ମୀ ବିତ୍ରା ଏ଼ନି ପାର୍‌ଡ଼ା ହିଲେଏ, ମୀରୁ ବାରେ କ୍ରୀସ୍ତୁ ଜୀସୁ
ତ଼ାଣା ଆଣ୍ଡ଼ାନା ରଣ୍ଡିଏ ଆ଼ହାମାଞ୍ଜେରି । **୨୯** ଅ଼ଡ଼େ ମୀରୁ କ୍ରୀସ୍ତୁତି ଲ଼କୁ,
ଆତିହିଁ ମୀରୁ ଅବ୍ରାହାମତି କୂଡ଼ାତେରି, ଆ଼ଞ୍ଜାମାନି ଲେହେଁ ଅଦିକାରା
ଗାଟାତେରି ଆ଼ହାମାଞ୍ଜେରି ।

**୪** ନ଼ାନୁ ୱେସିମାଞ୍ଜାଈଁ, ମୀର୍‌ଏସି ଆ଼ବାତି ବାରେ ଦ଼ନତି ଅଦିକାରା
ଗାଟାସି, ସାମା ବାରେତି ଅଦିକାରା ଗାଟାସି ଆ଼ତିଜିକେଏ, ପାଡାଆ଼ନି
ପାତେକା ହ଼ଲେଏସି ଲେହେଁ ଆ଼ନେସି । **୨** ସାମା ଆ଼ବାତି ତୀରି
କିହାମାନି ଦିନା ପାତେକା ଏ଼ୱାସି ତାଲି ତାଞ୍ଜି ଅ଼ଡ଼େ ଗୁମୁସ୍ତାତି କାତାତା
ଡ଼ୟିନେସି । **୩** ଏଲେକିହିଁଏ ମ଼ାର ଜିକେଏ ଏଚିର଼ବେଲା ଦାର୍ମୁତା ପ଼ାଡାଆ଼ହା
ହିଲାଆତାୟି, ଏଚିର଼ବେଲା ଦାର୍‌ତିତି ବାରେ ସ଼ାଲୱି କିନି ବ଼ାଡ଼୍‌ୟୁତା
ହ଼ଲିୟା ମାଚାୟି । **୪** ସାମା ଦିନା ପୂରା ଆୟାଲିଏ, ମାହାପ୍ରୂରୁ ତାନି
ତ଼ାଣାଟିଏ ତାନି ମୀର୍‌ଏଣାଈଁ ପାଣ୍ଡାତେସି; ଏ଼ୱାସି ଇୟାନି ବାଣ୍ଡିଟି ଜାର୍ନା
ଆ଼ହାନା ଜୀହୁଦିୟାଁ ର଼ମେରା ତଲେ ନୀଡିତେସି, **୫** ଏ଼ନିକିହିଁ ଏ଼ୱାସି
ର଼ମେରାତା ମାନି ଲ଼କୁଣି ମୂଲୁ ହୀହାନା ପିସ୍‌ପି କିନେସି, ଅ଼ଡ଼େ ମ଼ାର
ମାହାପ୍ରୂରୁତି ମୀର୍‌କା ମ଼ାସ୍‌କାତି ଅଦିକାରା ବେଟାଆ଼ନାୟି । **୬** ଇଞ୍ଜୁଁ
ମୀରୁ ମୀର୍‌କା ମ଼ାସ୍‌କାତେରି, ଅ଼ଡ଼େ ମାହାପ୍ରୂରୁ ମୀ ହିୟାଁତା ଡ଼ୟାଲି ତାକି
ତାନି ମୀର୍‌ଏଣାତି ସୁଦୁଜୀୱୁ ପାଣ୍ଡାତେସି, ଏ଼ ଜୀୱୁ ମୀ ତ଼ାଣା ମାଞ୍ଜାନା
କାଜା ଗିୟାଁତଲେ “ଆ଼ବା ତାଞ୍ଜି ଇଞ୍ଜୁଁ” ହ଼ାଟିମାନେ । **୭** ଏ଼ଦାଆଁତାକି
ମୀରୁ ଅ଼ଡ଼େ ହ଼ଲିୟାଙ୍ଗା ଆ଼ଏ, ସାମା ମୀର୍‌କା ମ଼ାସ୍‌କାତେରି, ମୀରୁ
ତାନି ମୀର୍‌କା ମ଼ାସ୍‌କାତେରି ଆ଼ହାମାନାକି ମାହାପ୍ରୂରୁ ତାନି ମୀର୍‌କା
ମ଼ାସ୍‌କାକି ଏ଼ନାଆଁ ଇଟାମାନେସି ଏ଼ ବାରେ ମିଙ୍ଗେ ହିୟାନେସି । **୮**
ସାମା ମୀରୁ ନ଼କେଏ ମାହାପ୍ରୂରୁଈଁ ପୁଞ୍ଜାହିଲାଆତେରି, ଅ଼ଡ଼େ ଏମିନି
ଗାଟାଇ ସାତା ମାହାପ୍ରୂରୁ ଆ଼ଏ, ଏ଼ୱାଆଁତି ହ଼ଲିୟାଙ୍ଗା ମାଚେରି । **୯** ସାମା
ମୀରୁ ନୀଏଁ ମାହାପ୍ରୂରୁଈଁ ପୁଚେରି; ଇଞ୍ଜୁଁ ମାହାପ୍ରୂରୁ ମିଙ୍ଗେ ପୁଞ୍ଜାତେସି,
ଆତିହିଁ ମୀରୁ ଏ଼ନିକିଁ ଏ଼ ବ଼ାଡ଼୍‌ୟୁ ହିଲାଆଗାଟାଇ ଅ଼ଡ଼େ ଏ଼ନାଆଁ ହିୟାଲି
ଆ଼ଡାଆଗାଟି ଦାର୍‌ତି ୱାକି ୱେଣ୍ଡେ ହାଜାଲି ଅଣ୍‌ପିମାଞ୍ଜେରି, ମୀରୁ
ଏ଼ନାଆଁତାକି ୱେଣ୍ଡେ ଏ଼ ବାରେତି ହ଼ଲିୟାଙ୍ଗା ଆୟାଲି ଅଣ୍‌ପିମାଞ୍ଜେରି ।
**୧୦** ଦୁକୁତି କାତା, ମୀରୁ ତୀରି କିହାମାନି ଦିନା, ର଼ଲେଞ୍ଜୁ, ପାର୍ବୁ ଅ଼ଡ଼େ ବାର୍ସା
ମ଼ାନୱି ଆ଼ହିମାଞ୍ଜେରି । **୧୧** ମିଙ୍ଗେତାକି ନ଼ାନୁ କିହାମାନି କାମା ଏ଼ଚେତା
ଉଜେଏ ଆ଼ନେ, ମୀ ତାକି ନାଙ୍ଗେ ହ଼ାରେକା ଆଜି ହ଼ଚିମାଞ୍ଜାନେ । **୧୨** ଏ଼
ତାୟି ତାଙ୍ଗିସ୍କାତେରି, ନ଼ାନୁ ମିଙ୍ଗ ବାତିମ଼ାଲିମାଞ୍ଜାଈଁ, ମୀରୁ ନ଼ାଲେହେଁ
ଆ଼ଦୁ, ଇଚିହିଁ ନ଼ାନୁ ଜିକେଏ ମୀ ଲେହେଁ ଆ଼ହାମାଈଁ, ମୀରୁ ନାଙ୍ଗେତାକି
ଏ଼ନାଆଁ ଲାଗେଏ ପ଼ଲେଏ କିହାମାଞ୍ଜଅତେରି । **୧୩** ନ଼ାନୁ ତଲିଏ ମୀ
ତ଼ାଣା ନେହିଁ କାବୁ ର଼ୱେକ୍‌ହାମାଚେଏଁ ମୀରୁ ପୁଞ୍ଜାମାଞ୍ଜେରି ଏ଼ଚେତା ନ଼ା
ଆଙ୍ଗାତି ବ଼ାଦା ମାଞ୍ଜାନା ର଼ୱେକ୍‌ହାମାଚେଏଁ; **୧୪** ଅ଼ଡ଼େ ନ଼ା ଆଙ୍ଗାତି ବ଼ାଦା
ମିଙ୍ଗେତାକି କସ୍ତୁଗାଟାୟି ଆ଼ହିମାଚିହିଁ ଜିକେଏ ମୀରୁ ନାଙ୍ଗେ ହୀଣି ତଲେ

ଅ଼ପଅମି ଇଞ୍ଜାଁ ମାଞ୍ଜଅତେରି, ସାମା ମୀରୁ ମାହାପୂରୁତି ର଼ ଦୂତୁ ଲେହେଁ
ଇଚିହିଁ କ୍ରୀସ୍ତ ଜୀସୁଇଁ ଆବିନି ଲେହେଁ ନାଙ୍ଗେ ଆବାତେରି । ୧୫ ମୀରୁ
ଏଚେକା ର଼ାହାଁ ମାଚେରି, ମୀ ଏ଼ ର଼ାହାଁ ଆମ୍ବିୟା ହାଚେ? ଇଚିହିଁ ନ଼ାନୁ
ମୀ କାତା ଆ଼ଟ୍ୱା ତଲେ ୱେସାଲି ଆ଼ଡିଇଁ, ଏ଼ ର଼େଲାତା ମୀରୁ ଜାହାରା
କାନୁ ପିଟ଼ହାନା ନାଙ୍ଗେ ହିୟାତେରିମା । ୧୬ ସାମା ନୀଏଁ ନ଼ାନୁ ମିଙ୍ଗେ
ସାତା ୱେସାଲିଏ, ମୀ ସାତୁ ଆ଼ହାମାଇଁ କି? ୧୭ ଏ଼ୱାରି ମୀ ନେହେଁ
ତାକି ହ଼ାରେକା ର଼ାହାଁ ଗାଟାରି ଇଞ୍ଜୁଁ ଡ଼ଞ୍ଜାଆ଼ହାଲି ଅଣ଼ପିମାନେରି, ସାମା
ତାମି ସାତା ଅଣ଼ପୁ ତଲେ ଆ଼ଏ, ଏ଼ୱାରି ରଣ୍ତିଏ ଅଣ଼ପୁ, ଏ଼ନିକିଁ ମୀରୁ ନ଼ା
ତ଼ାଣାଟି ଏଟ଼କା ଆ଼ହାନା ଏ଼ୱାରି ୱାକି ର଼ାହାଁ ଆ଼ଦେରି । ୧୮ ଇଚିହିଁ ନ଼ାନୁ
ମୀ ତ଼ାଣା ମାନି ର଼େଲାତା ଆ଼ଏ, ସାମା ବାରେ ର଼େଲାତା ନେହିଁ କାମାତାକି
ଅଣ଼ପିନାୟିଁ ନେହେଁ । ୧୯ ଏ଼ ନ଼ା ଜୀୱୁତି ମୀର଼କା ମ଼ାସ଼କାତେରି, ଏଚେ
ପାତେକା କ୍ରୀସ୍ତ ଲେହେଁ ଆ଼ଅତେରି, ଏଚେ ପାତେକା ନ଼ାନୁ ମୀ ତାକି ଜାର୍ନି
କିନାଟି ଲୁଞ୍ଜିନି ବୀସା ଲେହେଁତି କସ୍ତ ବେଟାଆ଼ହିମାଇଁ । ୨୦ ନ଼ାନୁ ଏ଼ନିକିଁ
ନୀଏଁ ମୀ ତ଼ାଣା ୱ଼ାହାନା ଅ଼ର ର଼ଲେତି ହ଼ାଡା ୱେସାଲି ଆ଼ଡିତେଏଁମା,
ଇଦି ନ଼ା ଅଣ଼ପୁ ମାଚେ; ଏ଼ନାଆଁତାକି ଇଚିହିଁ ନ଼ାନୁ ମୀ ତାକି ହ଼ାରେଏ
ଅଣ଼ପିମାଇଁ । ୨୧ ମ଼ସାତି ର଼େମରାତା ମାଞ୍ଜାଲି ମ଼ନ କିହିମାଞ୍ଜେରି ମୀରୁ,
ନାଙ୍ଗେ ୱେସ୍ତାଦୁ, ର଼େମରାତା ଏ଼ନାଆଁ ର଼ାସ଼କି ଆ଼ହାମାନେ, ଏ଼ଦାଆଁ ମୀରୁ
ୱେଞ୍ଜା ହିଲଅତେରି? ୨୨ ଇଚିହିଁ ର଼ାସ଼କି ଆ଼ହାମାନେ, ଅବ୍ରାହାମତି ରୀ
ମୀର଼କା ମାଚେରି ରଅସି ହ଼ଲେଣି ତ଼ାଣାଟି ଅ଼ଡ଼େ ରଅସି ତାନି ଡକ୍ରିନି
ତ଼ାଣାଟି ଜାର୍ନା ଆ଼ହାମାଚେସି, ୨୩ ହ଼ଲେଣି ମୀର଼ଏସି ଆଙ୍ଗ୍ଣାତି ଗୁଣ୍ଡୁତଲେ
ଜାର୍ନା ଆ଼ତେସି, ସାମା ଆମିନିଗାଟାସି ତାନି ଡକ୍ରିନି ମୀର଼ଏସି ମାହାପୂରୁ
ଆ଼ଞ୍ଜାମାଚି ବ଼ାଡ଼ୟୁଟି ଜାର୍ନା ଆ଼ତେସି । ୨୪ ଇଦାଆଁ ର଼ ପୁଣ଼ମ୍ବି କିନି
କାତାଲେହେଁ ୱେସିମାନେ, ଇ ରୀ ଇୟାସିକା ରୀ ର଼ାଜିମ଼ାନା ଲେହେଁତାଇ;
ଆମିନି ଗାଟାନି ମୀର଼କା ହ଼ଲିୟାଙ୍ଗା ଆୟାଲି ଜାର୍ନା ଆ଼ତେରି, ଏ଼ ହାଗାର଼
ସିନୟ଼ ହ଼ରୁଟି ୱ଼ାହାମାନି ର଼ାଜିମ଼ାନା ଲେହେଁ । ୨୫ ହାଗାର଼ ଆରବ
ର଼େସାତା ମାନି ସିନୟ଼ ହ଼ରୁ ଲେହେଁ, ଏ଼ଦି ନୀଏଁତି ଜିରୁସାଲମ ଗା଼ଡ଼ା
ଲେହେଁ । ହାଗାର଼ ଲେହେଁ ଜିରୁସାଲମ ଅ଼ଡ଼େ ଏ଼ଦାନି ସ଼ାଲୱି କିନାରି
ନୀଏଁ ହ଼ଲିୟାଙ୍ଗା ଆ଼ହାମାନେରି । ୨୬ ସାମା ଲାକପୂରୁ ମାନି ଜିରୁସାଲମ
ହ଼ଲେଣି ଆ଼ଆଗାଟାୟିଁ, ଏ଼ଦି ମ଼ା ତାଲି ୨୭ ଏ଼ନାଆଁତାକି ଇଚିହିଁ ସ଼ାସ୍ତ୍ରେରିତା
ର଼ାସ଼କି ଆ଼ହାମାନେ, "ଆକେ ବ଼ାଞ୍ଜେଣି, ଏଚେଲା ପ଼ଦି ପ଼ଦା ଜାର୍ନା
କିଆଗାଟି ଇୟା, ର଼ାହାଁ କିମୁ, ଜାର୍ନା କିନି ର଼େଲାତି ଲୁଞ୍ଜିନି ବୀସା ଏଚେଲା
ପୁଞ୍ଜା ହିଲାଆତି ଜିକେଏ ନୀନୁ କାଜା ଗିୟାଁତଲେ ର଼ାହାଁ କିମୁ; ଇଚିହିଁ ଡକ୍ରା
ତଲେ ବାସା କିହିମାନି ଇୟାନି କିହାଁ ର଼ ପିସ୍ତି ଇୟାନି କକାରି ପ଼ଦାୟାଁ
ହ଼ାରେକା ଜ଼ାଣି ଆ଼ନେରି ଆ଼ନୁ ।" ୨୮ "ଏ଼ ନ଼ା ତାୟିଁ ତାଙ୍ଗିସ୍କାତେରି, ମୀରୁ
ଇସାହାକ ଲେହେଁ ଆ଼ଞ୍ଜାମାନି ମାହାପୂରୁତି ମୀର଼କା ମ଼ାସ଼କାତେରି । ୨୯
ସାମା ଆମ୍ବାଆସି ଆଙ୍ଗ୍ଣାତି ଗୂଣୁ ତଲେ ଜାର୍ନା ଆ଼ତେସି, ଏ଼ୱାସି ଏ଼ନିକିଁ
ଏଚିର଼େଲାତା ମାହାପୂରୁତି ସୁଦୁଜୀୱୁଟି ଆ଼ଞ୍ଜାମାନି ତ଼ାଣାଟି ଆମ୍ବାଆସି
ଜାର୍ନା ଆ଼ହାମାନେସି, ଏ଼ୱାଣାଇଁ ସ଼ାସ୍ତି ହୀହାମାଚେସି ଏଲେକିହିଁଏ ନୀଏଁ
ଜିକେଏ ଆ଼ହିମାନେ । ୩୦ ଦାର୍ମୁ ପତି ଏ଼ନାଆଁ ୱେସିମାନେ? ହ଼ଲେଣି
ଇୟା ଅ଼ଡ଼େ ଏ଼ଦାଣି ମୀର଼ଏଣାଇଁ ପିହ଼ମୁ; ଇଚିହିଁ ହ଼ଲେଣି ମୀର଼ଏସି ତାନି
ବୀହା ଡକ୍ରିନି ମୀର଼ଏଣା ତଲେ ଅଦିକାରା ଗାଟାସି ଆୟାଲି ଆ଼ଡଅସି ।"
୩୧ ଏ଼ଦାଆଁତାକି ଏ଼ ନ଼ା ତାୟିଁ ତାଙ୍ଗିସ୍କାତେରି, ମ଼ାର ହ଼ଲେଣି ମୀର଼କା
ମ଼ାସ଼କା ଆ଼ଏ, ସାମା ବୀହା ଡକ୍ରିନି ମୀର଼କା ମ଼ାସ଼କାତାୟିଁ ।

**୪** ମ଼ାର ର଼େମଲା ଆ଼ହାମାନାୟିଁ, କ୍ରୀସ୍ତ ମାଙ୍ଗେ ର଼େମଲା କିହାମାଞ୍ଜାନେସି
। ଇଦାଆଁତାକି ମୀରୁ ର଼େମଲା ଆ଼ତିତ଼ାଣା ତୀରିଆ଼ହାଁ ମାଞ୍ଜୁ । ଅ଼ଡ଼େ
ୱେଣ୍ଡେ ହ଼ଲିୟାଙ୍ଗା ଜୁୱେଡ଼ିତା ମୀରୁ ଜାହାରାଇଁ ହେର଼ପାକଡାଆଦୁ । ୨
ନ଼ାନୁ ପ଼ାୱୁଲ ମିଙ୍ଗେ ୱେସିମାଞ୍ଜାଇଁ, ମୀରୁ ମୀ ତ଼ଲୁ ଦ଼ାପିଆ଼ନାଣି ମ଼ାନି
କିତିସାରେ, କ୍ରୀସ୍ତ ତ଼ାଣାଟି ମୀଦି ଏ଼ନି ଲ଼ାବା ହିଲେଏ । ୩ ନ଼ାନୁ ତ଼ଲୁ
ଦ଼ାପି ଆ଼ହିମାନି ବାରେ ଜ଼ାଣାଇଁ ୱେଣ୍ଡେ ୱେସିମାଇଁ, ଇଚିହିଁ ଏ଼ୱାସି ବାରେ
ମ଼ସାତି ର଼େମରା ମ଼ାନୱି ଆ଼ନାୟିଁ ମାନେ । ୪ ମୀରୁ ଏଚେକା ଲ଼କୁ ର଼େମରାଟି
ମାହାପୂରୁ କାନୁତା ତୀରିଗାଟାତେରି ଆୟାଲି ଅଣ଼ପିମାଞ୍ଜେରି, ମୀରୁ କ୍ରୀସ୍ତ
ତ଼ାଣାଟି ଏଟ଼କା ଆ଼ହାମାଞ୍ଜେରି, ଇଞ୍ଜାଁ ମାହାପୂରୁ କାର୍ମାମେହ଼ନି ତ଼ାଣାଟି
ଗୁଚା ଆ଼ହାମାଞ୍ଜେରି । ୫ ଇଚିହିଁ ମ଼ାର ମାହାପୂରୁତି ଜୀୱୁତଲେ ନାମୁ ତାକି
ଦାର୍ମୁଗାଟି ଲ଼କୁ ଆ଼ନି ଆ଼ସାଇଁ କ଼ାଚିମାନାୟିଁ । ୬ ଇଦାଆଁତାକି ଜୀସୁ
କ୍ରୀସ୍ତ ତ଼ାଣା ଆଣ୍ତାନା ନୀଡାମାଚିସାରେ ତ଼ଲୁ ଦ଼ାପି ଆ଼ନାୟିଁ କି ଦ଼ାପି
ଆ଼ଆଗାଟାୟିଁ ଏ଼ନାୟିଁ ହିଲେଏ, ସାମା ନାମୁତା ଅ଼ଜିକିହିଁ ମାଞ୍ଜାନା ଜୀୱୁ
ନ଼ନାଣି ତଲେ କାମା କିନାୟିଁ । ୭ ମୀରୁତ ନେହିଁକିଁ ନ଼କିତା ହାଜିମାଚେରି;
ଆମ୍ବାଆସି, ମିଙ୍ଗେ ସାତାତି ମ଼ାନୱି ଆ଼ଆଦୁ ଇଞ୍ଜୁଁ ଆ଼ଙ୍ଗାତେସି? ୮ ମିଙ୍ଗେ
ହ଼ାଟାମାଞ୍ଜାନି ମାହାପୂରୁ ତ଼ାଣାଟି ଇଦି ଆ଼ହା ହିଲେଏ । ୯ କାତାତା
ମାନେ, ଇଚାୟିଁ ପୁଲା ଡ଼କାତି ଗୁଣ୍ତା ବାରେ ପୁଲା କିନେ । ୧୦ ମୀରୁ
ଏଟ଼କାତି ଅଣ଼ପୁ ଅଣ଼ପଅତେରି, ଇଦାଆଁ ନ଼ାନୁ ମିଙ୍ଗେ ତାକି ପ୍ରବୁ ତ଼ାଣା
ହ଼ାରେକା ନାମିମାଇଁ; ସାମା ମିଙ୍ଗେ ଆମ୍ବାଆସି ନ଼ାଡ଼ି କିହାମାଞ୍ଜାନାସି ଏ଼ୱାସି
ଆମ୍ବାଆସି ଆ଼ପେସି ମାହାପୂରୁ ଏ଼ୱାଣାକି ଡଣ୍ଡ ହୀନେସି । ୧୧ ନ଼ା ତାୟିଁ
ତାଙ୍ଗିସ୍କାତେରି, ନ଼ାନୁ ନୀଏଁ ପାତେକା ତ଼ଲୁ ଦ଼ାଧନି ର଼େମରା ର଼େକ଼ହିମାଇଁ,
ଆତିହିଁ ଏ଼ନାଆଁତାକି ନୀଏଁ ପାତେକା ସ଼ାସ୍ତି ବେଟାଆ଼ହିମାଇଁ? ନ଼ାନୁ
ସାତେଏ ଏଲେକିଁ ର଼େକ଼ହିହିଁ, କ୍ରୁସତା ହ଼ାତି କ୍ରୀସ୍ତତି କାତା ର଼େକ଼ନି
ତ଼ାଣାଟି ନାଙ୍ଗେ ଏ଼ନି ବ଼ାଦା ଆ଼ଆତେମା । ୧୨ ନ଼ାନୁ ଅଣ଼ପିମାଇଁ, ତ଼ଲୁ
ଦ଼ାନାଣି ଏମିନିଗାଟାରି ମିଙ୍ଗେ ଏଲେକିଁ କିଲିବିଲି କିହିମାଞ୍ଜାନେରି ଏ଼ୱାରି
ପେଜୁୟାଁ ଲେହେଁ ଆ଼ତିହିଁ ନେହିଁ ଆ଼ତେମା । ୧୩ ଏ଼ ତାୟିଁ ତାଙ୍ଗିସ୍କା, ମୀରୁ
ର଼େମଲା ଆ଼ହାଲିତାକି ହ଼ାଟ଼କି ଆ଼ହାମାଞ୍ଜେରି; ସାମା ଜାଗ୍ରାତା, ଆଙ୍ଗ୍ଣାତି
ଜୂପ଼କା କାମା କିହାଲି ମୀ ଆଙ୍ଗ୍ଣାତି ପାରୁ ବେଟାଆ଼ତିସାରେ ଏ଼ ର଼େମଲାତି
ଲେମ୍ବାଆ଼ଦୁ, ସାମା ରଅତେରି ରଅଣାଇଁ ଜୀୱୁ ନ଼ୱିଆ଼ହାନା ର଼େବା କିଦୁ
। ୧୪ ଇଚିହିଁ ବାରେ ର଼େମରା ଇ ରଣ୍ତିଏ ହୁକୁମିତା ତୀରି ଆ଼ନେ, "ନୀନୁ
ନୀ ଆଟ଼ହିତାଣାଇଁ ନୀ ଜୀୱୁତି ଜୀୱୁନ଼ନି ଲେହେଁ ଜୀୱୁନ଼ଦୁ ।" ୧୫
ମୀରୁ ରଅତେରି ରଅଣାଇଁ ବ଼ାଦା ହୀହାନା ନସ୍ତ କିୱି ଆ଼ହିମାଞ୍ଜେରି,

ଆତିହିଁ ଜାଗ୍ରାତା ଆ଼ଦୁ, ଏ଼ନିକିଁ ମୀରୁ ରଅତେରି ରଅଣି ତ଼ାଣାଟି ନ଼ାସା
ଆ଼ଅତେରି । ୧୬ ନ଼ା ଅଣ୍‌ପୁ ଇଦି, ମୀରୁ ସୁଦୁଜୀୱୁ ତଲେ ତ଼ାକାଦୁ, ଆତିହିଁ
ମୀରୁ ଆଙ୍ଗାତି ଜୂପ୍‌କା ତଲେ କାମା କିଅତେରି । ୧୭ ମାଣ୍‌ସିତି ମାଣ୍‌କି
ସୁଦୁଜୀୱୁ ଅ଼ପେଏ । ଏଲେକିହିଁଏ ସୁଦୁଜୀୱୁ ମାଣ୍‌ସିତି ମାଣ୍‌କିତି ଅ଼ପେଏ
। ଏ଼ୱି ରିଣ୍ଡି ସାତ୍ରୁ ଲେହେଁ । ଇଚିହିଁ ମୀରୁ ଏ଼ନାଆଁ କିୟ଼ାଲି ଅଣ୍‌ପିଦେରି
ଏ଼ଦାଆଁ କିୟ଼ାଲି ଆ଼ଡଅତେରି । ୧୮ ସୁଦୁଜୀୱୁ ମିଙ୍ଗେ ସ଼ାଲୱି କିୟ଼ାନେ,
ଆତିହିଁ ମୀରୁ ଅ଼ଡ଼େ ମ଼ସାତି ମ଼େରା ଡ଼ଇ ହିଲଅତେରି । ୧୯ ଆଙ୍ଗାତି
ଅଣ୍‌ପୁ ତଲେ କିନି କାମା ବାରେ ନେହିଁକିଁ ପୁଞ୍ଜାମାଞ୍ଜେରି, ଏ଼ୱି ଦ଼ାରିକାମା,
ଲାଗେଏ ପ଼ଲେଏ କାମା । ୨୦ ଅ଼ଡ଼େ ଅ଼ପାଆଗାଟି କାମା, ପ଼େଣ୍‌କା
ପୂଜା, ଲ଼କୁଣି ପ଼ାୟ଼ିନାୟ଼ି, ଗୂଣି ଗାର୍‌ଡ଼ି, ସାତ୍ରୁ ଆ଼ନାୟ଼ି, ଗଡ଼୍‌ହା କିନାୟ଼ି,
ଆଙ୍କାରା ଆ଼ନାୟ଼ି, କାର୍‌ବି ଆ଼ନାୟ଼ି, ଜାହାରାତାକି ଅଣ୍‌ପିନାୟ଼ି, ଗଚି ଆ଼ହିଁ
ବ଼ାଗା ଆ଼ନାୟ଼ି, ନ଼ାଡ଼ିକିହାଁ ବ଼ାଗା କିନାୟ଼ି, ଡ଼ାହାରା ଆ଼ନାୟ଼ି, ୨୧ କ଼ାଡ୍ରୁ
ଗହ୍‌ନାରି ତଲେ ଆଣ୍ଡାନା ର଼ାହାଁ କିନାୟ଼ି ଇଲେତି ବାରେ କାମା କିନାୟ଼ି;
ନ଼ାନୁ ତଲି ମିଙ୍ଗେ ଏ଼ନିକିଁ ୱେସାମାଞ୍ଜାତେଏଁ, ଏଲେକିହିଁ ନ଼କେଏ ଜାଗ୍ରାତା
କିହାଁ ୱେସିମାଞ୍ଜାଇଁ, ଆମ୍ବାଆରି ଇଲେତି କାମା କିନେରି, ଏ଼ୱାରାକି
ମାହାପୂରୁ ର଼ାଜିତା ଅଦିକାରା ହିଲେଏ । ୨୨ ସାମା ସୁଦୁଜୀୱୁତି ପ଼ାଡ଼େୟ଼ି,
ଜୀୱୁନ଼ନାୟ଼ି, ର଼ାହାଁ ଆ଼ନାୟ଼ି, ହିତ୍‌ଡ଼ି ଜୀୱୁତଲେ ମାନାୟ଼ି, ଅ଼ର୍‌ହିନାୟ଼ି,
ଲ଼କୁଇଁ ସ଼ାୟ଼େମି କିନାୟ଼ି, ସାତା ଗୂଣ୍ଡୁ, ମ଼ାନିଗାଟି ଲ଼କୁ, ନାମୁତଲେ
ମାନାୟ଼ି, ୨୩ ଅ଼ଡ଼େ ଜାହାରାଇଁ ଲକ୍‌ନାୟ଼ି, ଈ ବାରେ ନ଼କିତା ମ଼ସାତି
ଏ଼ନି ମ଼େରା ହିଲେଏ । ୨୪ ଆମ୍ବାଆରି ଜୀସୁ କ୍ରୀସ୍ତୁ ତ଼ାଣା ମାନେରି,
ଏ଼ୱାରି ତାମି ଆଙ୍ଗାତି ଅଣ୍‌ପୁ ଅ଼ଡ଼େ ଜୂପ୍‌କା ବାରେ ମାଣ୍‌ସି ମାଣ୍‌କିତି
ପ଼ାସି ମୁଣ୍ଡାତା ଏ଼କ୍‌ହାନା ହ଼ାୱି କିହାମାନେରି । ୨୫ ମ଼ାର ସୁଦୁଜୀୱୁ ତଲେ
ଜୀୱୁ ବେଟାଆ଼ହାମାନାୟ଼ି, ଆତିହିଁ ସୁଦୁଜୀୱୁ ତଲେ ନୀଡିନ । ୨୬ ମ଼ାର
ବଡପଣ ଆ଼ହାନା ରଅତୱି ରଅଣାଇଁ ବିତିବିତା କିଆପ ଅ଼ଡ଼େ ମ଼ାର
ରଅତାୟ଼ି ରଅଣାଇଁ ଡ଼ାହାରା ଆ଼ଆପ ।

୬ ଏ଼ ତାୟ଼ି ତାଙ୍ଗିସ୍କା, ଆମ୍ବାଆସି ଏ଼ନି ଦ଼ହ କିହାମାନାଣି ପୁଚିହିଁ,
ସୁଦୁଜୀୱୁ ବେଟାଆ଼ହାମାଞ୍ଜେରି ମୀରୁ, ମୀରୁ ଟିକାଣା ତଲେ ଏଲେତି
ଲ଼କୁଣି ଏଲେତି କାମା ପିସାଲି ଜ଼ାପ୍‌ଦୁ, ଏ଼ଚେତା ମୀରୁ ଜିକେଏ ପ଼ାନ୍ଦାତା
ହେର୍‌ୱିଦେରି, ଏ଼ଦାଆଁତାକି ମୀରୁ ଜାଗ୍ରାତା ଆ଼ହାନା ମାଞ୍ଜୁ । ୨ ରଅତେରି
ରଅଣି ବ଼ଜୁ ଡ଼େକାଲି ସ଼ାୟ଼େମି କିୱିଆ଼ଦୁ; ଏଲେକିତିହିଁ ମୀରୁ କ୍ରୀସ୍ତୁତି
ମ଼େରା ମ଼ାନୱି ଆ଼ଦେରି । ୩ ଆମ୍ବାଆସି ଲାଗେଏ ଆ଼ହାନା ଜାହାରାଇଁ
ନ଼ାନୁ କାଜାତେଏଁ ଇଞ୍ଜୁଁ ଅଣ୍‌ପା କଡିନେସି ଏ଼ୱାସି ତ଼ାନୁଏ ତାଙ୍ଗେ ନ଼ାଡ଼ି
କିହାକଡିମାନେସି । ୪ ସାମା ବାରେଜ଼ାଣା ଜାହାରା କିତି କାମାତି
ତାୟ଼ିପାରି କିପାସି, ଆତିହିଁ ଏ଼ୱାସି ଅ଼ର ଲ଼କୁ କିତି କାମାତାକି ଆ଼ଏ
ସାମା ତ଼ାନୁଏ କିହାମାନାଣି ତାକି ବଡପଣ କିଆପେସି । ୫ ଏ଼ନିଇଚିହିଁ
ବାରେଜ଼ାଣା ଜାହାରା ବ଼ଜୁ ଜାହାରାଏ ଡ଼େକିନାୟ଼ି ମାନେ । ୬ ସାମା
ଆମ୍ବାଆସି ମାହାପୂରୁତି ବ଼ଲୁ ଜ଼ାପିନେସି, ଏ଼ୱାସି ତାଙ୍ଗେ ଜ଼ାପ୍‌ନାଣାକି
ତାନି ତ଼ାଣା ମାନି ବାରେକିହାଁ ନେହିଁ ବ଼ାଗା ହୀପେସି । ୭ ମୀରୁ ମିଙ୍ଗେ
ନ଼ାଡ଼ିକିହା କଡାଆଦୁ; ଆମ୍ବାଆସି ମାହାପୂରୁଇଁ ନ଼ାଡ଼ି କିହାଲି ଆ଼ଡଅସି,
ଇଚିହିଁ ମାଣ୍‌ସି ଏ଼ନାଆଁ ମାଟିନେସି ଏ଼ଦାଆଁ ଦ଼ାଃଆନେସି । ୮ ଆମ୍ବାଆସି
ଆଙ୍ଗାତି ଅଣ୍‌ପୁ ତାକି ମାଟିନେସି, ଏ଼ୱାସି ଆଙ୍ଗାତି ହ଼ାୱିକିନି ପ଼ାଡ଼େୟ଼ି
ଦ଼ାଃଆନେସି; ସାମା ଆମ୍ବାଆସି ଜୀୱୁତାକି ମାଟିନେସି ଜୀୱୁଟି ଗ଼ାଡ଼ିଆ଼ତି
କ଼ାଲାକ଼ାଲାତି ଜୀୱୁହୀନି ପ଼ାଡ଼େୟ଼ି ଦ଼ାଃଆନେସି । (aiōnios g166) ୯
ମ଼ାର ନେହିଁ କାମା କିହାଲି ୱ଼ାହାଆପ; ଇଚିହିଁ ୱ଼ାହୁ ଆ଼ଆନା କାମା
କିତିହିଁ ସମାନା ଡ଼େଲାତା ତ଼ାସା ଦ଼ାଃନାୟ଼ି । ୧୦ ଏ଼ନିଇଚିହିଁ ମ଼ାର ପାରୁ
ସିନିକିହାନା ବାରେତାକି ଇଚିହିଁ ବାରେକିହାଁ ରଣ୍ଡିଏ କୁଟମିତା ଆଣ୍ଡାମାନି
ନାମୁ ଗାଟାରାଇଁ ନେହିଁ କିନାୟ଼ିମାନେ । ୧୧ ମେହ୍‌ଦୁ, ନ଼ାନୁ ଏ଼ନିକିଁ କାଜା
କାଜା ଅ଼ଙ୍କରି ତଲେ ନ଼ା କେୟ଼ୁତଲେ ମୀ ତ଼ାଣା ର଼ାଚାମାଞ୍ଜାଇଁ । ୧୨
ଆମ୍ବାଆରି ଆଙ୍ଗାତି କାମା ତଲେ ଡ଼େଙ୍ଗାଲି ମ଼ନ କିନେରି, ଏ଼ୱାରି ମିଙ୍ଗେ
ତ଼ଲୁ ଦ଼ାଃଆନାୟ଼ିମାନେ ଇଞ୍ଜୁଁ ବାଲାମାତମି କିୟ଼ାନେରି, କ୍ରୀସ୍ତୁତି ପ଼ାସିମୁଣ୍ଡା
ତାକି ଏ଼ନିକିଁ ନିନ୍ଦା ବେଟାଆ଼ଅରି ୱାର୍‌ଇ ଏ଼ଦାଣିତାକି ଏଲେକିନେରି ।
୧୩ ଇଚିହିଁ ଆମ୍ବାଆରି ତ଼ଲୁ ଦ଼ାଃନି ମ଼େରା ତଲେ ମାନେରି, ଏ଼ୱାରି ତ଼ାମୁ
ଜିକେଏ ମ଼ସାତି ମ଼େରା ମ଼ାନୱି ଆ଼ଅରି, ଇଞ୍ଜୁଁ ଏ଼ୱାରି ଏ଼ନିକିଁ ମୀ ଆଙ୍ଗା
ତାକି ବଡପଣ କିହାଲି ଆ଼ଡିନେରି, ଏ଼ଦାଆଁତାକି ଏ଼ୱାରି ମିଙ୍ଗେ ତ଼ଲୁ ଦ଼ାପି
କିୱିକିହାଲି ଅଣ୍‌ପିନେରି । ୧୪ ସାମା ନ଼ାନୁ ୱାର୍‌ଇ ମ଼ା ଜୀସୁ କ୍ରୀସ୍ତୁତି କ୍ରୁସ
ତାକି ବଡପଣ ଆ଼ହିମାଇଁ; ଇଚିହିଁ ଏ଼ୱାଣି କ୍ରୁସ ତାକି ଦାର୍‌ତି ନାଙ୍ଗେତାକି
ହ଼ାହାମାନେ ଇଞ୍ଜୁଁ ନ଼ାନୁ ଦାର୍‌ତି ତାକି ହ଼ାହାମାଇଁ । ୧୫ ତ଼ଲୁ ଦ଼ାପି ଆ଼ନାୟ଼ି
କି ଦ଼ାପି ଆ଼ଆଗାଟାୟ଼ି ଏ଼ନାୟ଼ି ହିଲେଏ, ସାମା ପୁଃନି ଗ଼ାଡ଼ି ଆ଼ନାୟ଼ି ଏ଼ଦି
ବାରେ କିହାଁ ମୂଲୁତାୟ଼ି । ୧୬ ଏଚେକା ଲ଼କୁ ଈ ମ଼େରା ତଲେ ତ଼ାକିନେରି,
ଏ଼ୱାରି ଲାକ ଅ଼ଡ଼େ ମାହାପୂରୁତି ଇସ୍ରାୟ଼େଲ ଲ଼କୁ ଲାକ ହିତ୍‌ଡ଼ି ଅ଼ଡ଼େ
କାର୍ମା ଆ଼ପେ । ୧୭ ନୀଞ୍ଜୁଟିଏ ଆମ୍ବାଆସି ନାଙ୍ଗେ କସ୍ତ ହିୟ଼ାଆପେସି,
ଇଚିହିଁ କ୍ରୀସ୍ତୁ ତାକି ବେଟାଆ଼ହାମାନି ଗ଼ାହାଁ ଗାରିୟ଼ାଁ ନ଼ା ଆଙ୍ଗାତା ମାନୁ
। ୧୮ ଏ଼ ତାୟ଼ି ତାଙ୍ଗିସ୍କା, ମ଼ା ପ୍ରବୁ ଜୀସୁ କ୍ରୀସ୍ତୁତି କାର୍ମାମେହ୍‌ନାୟ଼ି ମୀ
ଜୀୱୁତା ଡ଼ୟ଼ାପେ । ଆ଼ମେନ୍ ।

# ଏପିସି

**୧** ପ଼ାଉ୍ଲୁଲ, ମାହାପୂରୁତି ଅଣ୍‌ପୁ ତଲେ କ୍ରୀସ୍ତ ଜୀସୁତି ପାଣ୍ତୱି
ଆ଼ହାମାନାତେଏଁ, ଏପିସିୟତା ମାନି ମାହାପୂରୁ ଲ଼କୁ ଇଞ୍ଜୁଁ କ୍ରୀସ୍ତ
ଜୀସୁ ତ଼ାଣା ନାମୁତା ମାନି ଲ଼କୁତାକି ଇ ଆ଼କୁ ର଼ାଚିମାଇଁ । **୨** ମ଼ା ଆ଼ବା
ମାହାପୂରୁ ଇଞ୍ଜୁଁ ପ୍ରବୁ ଜୀସୁ କ୍ରୀସ୍ତ ତ଼ାଣାଟି କାର୍ମାମେହ୍‌ନାୟି ଅ଼ଡ଼େ ହିତ୍‌ଡ଼ି
ଜୀୱୁ ମିଡ୍ଗେତାକି ଆୟାପେ । **୩** ମ଼ା ପ୍ରବୁ ଜୀସୁ କ୍ରୀସ୍ତୁତି ମାହାପୂରୁ ଅ଼ଡ଼େ
ଆ଼ବାଇଁ ଜହରା ଆ଼ପେ । ଏ଼ୱାସି କ୍ରୀସ୍ତ ତ଼ାଣା ମାଡ୍ଗେ ବାରେ ଜୀୱୁତି ବ଼ର
ତଲେ ଲାକପୂରୁ ବ଼ର ହୀହାମାଞ୍ଜାନେସି । **୪** ମ଼ାର ଏ଼ନିକିଁ ମାହାପୂରୁ
ନ଼କିତା ସୁଦୁ ଅ଼ଡ଼େ ଦ଼ହ ହିଲାଆଗାଟାତାୟି ଆ଼ନାୟି ଏ଼ଦାଆଁତାକି ଏ଼ୱାସି
ଦାର୍‌ତି ଗ଼ାଡ଼ି ଆ଼ଆ ନ଼କେଏ ତାନି ତ଼ାଣା ମାଡ୍ଗେ ଆ଼ଚାମାଞ୍ଜାତେସି । **୫**
ଅ଼ଡ଼େ ଏ଼ୱାସି ମାଡ୍ଗେ କ୍ରୀସ୍ତ ଜୀସୁ ତ଼ାଣାଟି ତାଡ୍ଗେତାକି ମୀର୍‌କା ମ଼ାସ୍‌କା
କିୟାଲି ତ଼ାନୁଏ ତଲିଏ ତୀରି କିତେସି; ଇଦି ଏ଼ୱାଣି ର଼ାହାଁ ଅ଼ଡ଼େ ଅଣ୍‌ପୁ ।
**୬** ମାହାପୂରୁତି କାର୍ମାମେହ୍‌ନାଣି ତାକି ଇଞ୍ଜୁଁ ତାନି ମୀର୍‌ଏଣାଇଁ ଉଜେଏ
ବେଟାଆ଼ନି ଦ଼ାନା ଲେହେଁ ବେଟାଆ଼ହାମାନାକି, ମ଼ାର ମାହାପୂରୁଇଁ ଜହରା
କିହିମାନାୟି । **୭** କ୍ରୀସ୍ତ ହ଼ାତି ତ଼ାଣାଟି ମ଼ାର ଗେଲ୍‌ପି ଆ଼ହାମାନାୟି,
ଇଚିହିଁ ମ଼ା ବାରେ ପ଼ାପୁ ମେଣ୍‌ଡ୍ଗାମାନେ, ମାହାପୂରୁତି କାର୍ମା ଏଚେକା
କାଜାୟି । **୮** ଏ଼ୱାସି ଏ଼ କାର୍ମାମେହ୍‌ନାଣି ବାରେ ବୁଦି ଅ଼ଡ଼େ ଅଣ୍‌ପୁ ମାଡ୍ଗେ
ହ଼ାରେକା ହୀହାମାଞ୍ଜାନେସି । **୯** ନ଼କେଏ ଅଣ୍‌ପାମାନି ତାନି କାର୍ମାତଲେ
ଏ଼ୱାସି ମାଡ୍ଗେ ତାନି ଅଣ୍‌ପୁ ତଲେ ଡୁଗାମାନି ଅଣ୍‌ପୁତି ତ଼ସାମାଞ୍ଜାନେସି ।
**୧୦** ଏ଼ନିକିଁ କ଼ାଲାତି ତାନି ଅଣ୍‌ପୁ ତଲେ ଲାକପୂରୁ କି ଦାର୍‌ତିତା ମାନାଣି
ବାରେ ଏ଼ୱାସି ତାଡ୍ଗେତାକି କ୍ରୀସ୍ତ ତ଼ାଣା ରଣ୍ତେଏ କିନେସି । **୧୧** ମ଼ାର
ଜିକେଏ ଏ଼ୱାଣି ତ଼ାଣା ଅଦିକାରା ଲେହେଁ ଆ଼ହାମାନାୟି, ଇଚିହିଁ ଏମିନି
ମାହାପୂରୁ ତାନି ମ଼ନତି ଅଣ୍‌ପୁ ତଲେ ବାରେ କାତା ତୀରି କିନେସି,
ଇଞ୍ଜୁଁ ଏ଼ୱାସି ତଲିଟିଏ ମ଼ନତା ତୀରି କିହାମାଚିଲେହେଁ ମ଼ାର ନ଼କେଏ
ଆ଼ଚ୍‌ୱି ଆ଼ତାୟି **୧୨** ମ଼ାର ଏ଼ନିକିଁ କ୍ରୀସ୍ତ ତ଼ାଣା ନ଼କେଏ ବ଼ାର୍ସୁ କିହା
ମାଚାୟି, ମ଼ାର ବାରେତାୟି ମାହାପୂରୁ ଗାୱୁରମିତି ଜହରା କିନାତାୟି
ଆ଼ନ । **୧୩** ଏ଼ୱାଣି ତ଼ାଣାଟି ମୀରୁ ଜିକେଏ ସାତା ବ଼ଲୁ ଇଚିହିଁ ମିଡ୍ଗେ
ଗେଲ୍‌ପାନି ନେହିଁ କାବ୍ରୁ ୱେଞ୍ଜାନା ନାମାହାଁ ଆ଼ଞ୍ଜାମାନି ସୁଦୁଜୀୱୁ ତଲେ
ବୁଟୁ ମୁଦ୍ରା ଆ଼ହାମାଞ୍ଜେରି; **୧୪** ମାହାପୂରୁ ତାନି ଲ଼କୁତାକି ଏ଼ନାଆଁ ହୀହାଲି
ଆ଼ଞ୍ଜାମାନେସି ଏ଼ ବାରେ ମ଼ାର ବେଟାଆ଼ନାୟି ସୁଦୁଜୀୱୁ ତାନି ବ଼ାୟିଦା
ଲେହେଁ । ମାହାପୂରୁ ତାନି ଲ଼କୁତାକି ଗେଲ୍‌ପି ଆ଼ନାଣି ହୀନେସି ଇ
ବାରେତାକି ମାହାପୂରୁତି ଗାୱୁରମି କିନ । **୧୫** ଇଦାଆଁତାକି, ପ୍ରବୁ ଜୀସୁ
ତ଼ାଣା ମୀ ନାମୁ ଇଞ୍ଜୁଁ ବାରେ ମାହାପୂରୁ ଲ଼କୁତାକି ଜୀୱୁନ଼ନାୟି ମାନେ,
**୧୬** ଏ଼ କାତା ୱେଞ୍ଜାନା ମିଡ୍ଗେତାକି ନ଼ା ପ୍ରାତାନାତା ମାହାପୂରୁଇଁ ଜହରା
କିହିମାଇଁ । **୧୭** ମ଼ା ପ୍ରବୁ ଜୀସୁ କ୍ରୀସ୍ତୁତି ମାହାପୂରୁ, ଗାୱୁରମିଗାଟି ଆ଼ବା,
ଏ଼ୱାସି ମିଡ୍ଗେ ସୁଦୁଜୀୱୁତି ହିୟାନେସି ଏ଼ ଜୀୱୁ ମିଡ୍ଗେ ବୁଦି ହିୟାନେ,
ଅ଼ଡ଼େ ମାହାପୂରୁଇଁ ମୀ ତ଼ାଣା ତ଼ଞ୍ଜି କିୟାନେ, ଆତିହିଁ ମୀରୁ ଏ଼ୱାଣାଇଁ
ପୁଞ୍ଜେରି । **୧୮** ଏମ୍ବାଟିଏ ମୀ ହିୟାଁତି କାଣ୍‌କା ଦେପି ଆ଼ତିସାରେ, ତ଼ାନୁ
ହ଼ାଟାମାଞ୍ଜାନି ବ଼ାର୍ସୁ ଏ଼ନାୟି, ମାହାପୂରୁ ଲ଼କୁତ଼ାଣା ତାନି ଅଦିକାରାତି
ଗାୱୁରମିଗାଟି ଦ଼ନ ଏ଼ନାୟି, **୧୯** ତାନି ଲ଼କୁତାକି ତାନି ଆ଼ଞ୍ଜାମାନାୟି
ହ଼ାରେକା କାଜା ବ଼ର ଅ଼ଡ଼େ ନାମିମାନାତାୟି ମ଼ାର, ତାନି ବ଼ାଡ଼୍‌ୟୁତି
କାମା କିନାତାୟି, ଇଞ୍ଜୁଁ ମାଡ୍ଗେତାକି ତାନି ବ଼ାଡ଼୍‌ୟୁ ଏଚେକା କାଜାୟି
ଇ ବାରେ ପୁଞ୍ଜାଲି ଆ଼ଡିଦେରି; **୨୦** ଏ଼ ବ଼ାଡ଼୍‌ୟୁ କ୍ରୀସ୍ତ ତ଼ାଣା ତ଼ସାନା
ଏ଼ୱାଣାଇଁ ହ଼ାତାରି ତ଼ାଣାଟି ନିକ୍‌ହାନା ଲାକପୂରୁ ତାନି ଟିଃନି ଟଟତା କୁଗି
କିହାମାନେସି । **୨୧** କ୍ରୀସ୍ତ ଲାକପୂରୁ ବାରେ ସ଼ାଲୱି କିନାସି, କାଜାପ଼ାଣା,
ବ଼ାଡ଼୍‌ୟୁ, ମୁସ୍ତାଦାରିୟାଁ ଲାକ ସ଼ାଲୱି କିନାସି, ଇ ଜୁଗୁତା ଅ଼ଡ଼େ ଏ଼ ଜୁଗୁତା
ଏଚେକା ଦ଼ର୍‌କା ଢ଼େଙ୍ଗା ମାନୁ, ଏ଼ ବାରେତି ମୁହେଁ ଏ଼ୱାଣି ପ଼ାଣା କାଜାୟି
। (aiōn g165) **୨୨** ମାହାପୂରୁ ବାରେ କ୍ରୀସ୍ତୁତି କଡାୟାଁ ଡ଼ଇ ଇଟିତେସି,
ଇଞ୍ଜୁଁ ଏ଼ୱାଣାଇଁ ବାରେତି କିହାଁ କାଜାସି କିହାନା କ୍ରୀସ୍ତାନା କୁଲମିକା
ହେର୍‌ପା ମାନେସି । **୨୩** ଏ଼ କୁଲମିକା କ୍ରୀସ୍ତୁତି ଆଙ୍ଗା ଲେହେଁ, ଇଚିହିଁ
ଆମ୍ବାଆସି ବାରେ କାମାତି ବାରେ ତ଼ାଣା ପୂରା କିନେସି ।

**୨** ମୀ ଦ଼ହ ଅ଼ଡ଼େ ପ଼ାପୁ ତାକି ତଲି ଜୀୱୁତା ହ଼ାହାମାଚେରି, **୨** ଇଚିହିଁ
ଏମିନି ଜୀୱୁ ନୀଏଁ ଜିକେଏ କାତା ମ଼ାନୱି ଆ଼ଆଗାଟି ମୀର୍‌କା ତ଼ାଣା
ଅଦିକାରା କିହାମାନେ, ଏ଼ ଦାର୍‌ତିତି ମ଼ନତଲେ ମୀରୁ ଜିକେଏ ତଲି
କ଼ାଲା ଏ଼ ଜିରୁତା ତ଼ାକିହିଁ ଦ଼ହ କିହାନା ପ଼ାପୁତାକି ହ଼ାହାମାଚେରି । (aiōn
g165) **୩** ଏ଼ କାତା ମ଼ାନୱି ଆ଼ଆଗାଟି ମୀର୍‌କା ତଲେ ମ଼ାର ବାରେ ଏ଼
ଢ଼େଲାତା ମ଼ା ଆଙ୍ଗାତି ମାଣ୍‌କି ତଲେ ନୀଡାନା ଆଙ୍ଗା ଅ଼ଡ଼େ ମ଼ନତି କାମା
କିହିମାଚାୟି, ଇଞ୍ଜୁଁ ଏଟ୍‌କାତାରି ଲେହେଁ ମ଼ାର ଜିକେଏ ମାହାପୂରୁ କ଼ପାତି
ଲ଼କୁ ମାଚାୟି । **୪** ସାମା ମାହାପୂରୁ ହ଼ାରେକା କାର୍ମା ମେହ୍‌ନାସି; ଏ଼ୱାସି
ମାଡ୍ଗେ ହ଼ାରେକା ଜୀୱୁ ନ଼ୱୁତା ଜୀୱୁ ନ଼ୟାଁତେସି, **୫** ଏ଼ଚେତା ମ଼ାର ପ଼ାପୁ
ତାକି ହ଼ାହା ମାଚାୟି, ଇଞ୍ଜୁଁ ମାଡ୍ଗେ କ୍ରୀସ୍ତ ଜୀସୁ ତଲେ ନିକ୍‌ହାତେସି,
ଅ଼ଡ଼େ ମାହାପୂରୁତି କାର୍ମାଟି ମୀରୁ ଗେଲ୍‌ପି ଆ଼ହାମାଞ୍ଜେରି । **୬** ଇଞ୍ଜୁଁ
ତାନି ତଲେ ମାଡ୍ଗେ ହ଼ାକିଟି ନିକ୍‌ହାନା କ୍ରୀସ୍ତ ଜୀସୁ ତ଼ାଣା ଲାକପୂରୁ
କୁଗି କିହାମାଞ୍ଜାନେସି । **୭** କ୍ରୀସ୍ତ ଜୀସୁ ତ଼ାଣା ମାଡ୍ଗେତାକି ଜୀୱୁନ଼ହାଁନା
ୱ଼ାହିମାନି ଜୁଗୁତା ତାନି କାର୍ମାତି ହ଼ାରେକା ଦ଼ନ ତ଼ସାଲି ମାହାପୂରୁ
ଇଦାଆଁ କିତେସି । (aiōn g165) **୮** ଏ଼ନାଆଁତାକି ଇଚିହିଁ ମୀରୁ ନାମିତାକି
ମାହାପୂରୁତି କାର୍ମାଟି ଗେଲ୍‌ପି ଆ଼ହାମାଞ୍ଜେରି; ଏ଼ଦି ମୀ ତ଼ାଣାଟି ଆ଼ହା
ହିଲେଏ, ଏ଼ଦି ମାହାପୂରୁତି ଦ଼ାନା, **୯** ଏ଼ଦି ମୀରୁ କାମା କିତାକି ଆ଼ଏ,
ଏ଼ଦାଆଁତାକି ଆମ୍ବାଆସି ବଡପଣ କିଆପେସି । **୧୦** ଇଚିହିଁ ମ଼ାର ତାନି
ତ଼ାଣାଟି ଗ଼ାଡ଼ି ଆ଼ହାମାନାୟି; ଆମିନି ନେହିଁ କାମା କିଇଁ ଇଞ୍ଜୁଁ ମାହାପୂରୁ
ତଲିଏ କିହାଲି ତାକି ତିୟାରା କିହାମାଚେସି ଏ଼ ବାରେ ମ଼ାନୱି ଆ଼ହାଲି
କ୍ରୀସ୍ତ ଜୀସୁ ତ଼ାଣାଟି ଗ଼ାଡ଼ି ଆ଼ହାମାନେ । **୧୧** ମୀରୁ ଏଚିଢ଼େଲା ତଲି ଆଙ୍ଗା
ତଲେ ଜୀହୁଦିଆ଼ଆନା ମାଚେରି ଅ଼ଡ଼େ ଆଙ୍ଗାତି ଅଣ୍‌ପୁତା କେୟୁତଲେ
ତ଼ଲୁ ଦ଼ାପି ଆ଼ତି ଲ଼କୁ ତ଼ାଣାଟି ତ଼ଲୁ ଦ଼ାପି ଆ଼ଆତାରି ଇଞ୍ଜୁଁ ଢ଼େଙ୍ଗିମାଚେରି
। **୧୨** ଏଚିଢ଼େଲା ମୀରୁ କ୍ରୀସ୍ତ ତ଼ାଣାଟି ହେକ ମାଚେରି, ମୀରୁ ଏଟ୍‌କା

ଦ଼େସାତାତେରି ମାଚେରି, ଅ଼ଡ଼େ ମାହାପୂରୁତି ଆ଼ଚିତି ଇସ୍ରାୟେଲ କୂଡ଼ା଼ତା
ଆଣ୍ତାହିଲାଆତେରି, ମାହାପୂରୁ ତାନି ଲ଼କୁତାକି କିହାମାନି ରାଜିମ଼ାନାତା
ମୀ ଏ଼ନି ବ଼ାଗା ହିଲାଆତେ, ମାହାପୂରୁ ଅ଼ଡ଼େ ବ଼ାର୍ସୁ ହିଲାଆ ଲ଼କୁ
ଲେହେଁ ଦାର୍‌ତିତା ବାସା କିହାମାଚେରି । ୧୩ ନ଼କେଏ ମୀରୁ ହେକ
ମାଚେରି, ସାମା ନୀଏଁ ମୀରୁ କ୍ରୀସ୍ତ ଜୀସୁ ତ଼ାଣାଟି ତାନି ନେତେରି ତଲେ
ଡାଗେ ଆ଼ହାମାଞ୍ଜେରି । ୧୪ ଏ଼ନାଆଁତାକି ଇଚିହିଁ ଏ଼ୱାସି ମ଼ା ହିତ଼୍‌ଡ଼ି,
ଏ଼ୱାସି ସାତୁ ଲେହେଁ ପ଼ାଡ଼ି କାତିନି କାତିତି ଡିକ୍‌ହାନା ବାରେତି କାଲ୍‌ହା
ମାନେସି, ୧୫ ଜୀହୁଦି ଲ଼କୁତି ପ଼ାଣାପ଼ାଟୁ ହୁକୁମିତି ମେ଼ରାତି ତାନି ଆଙ୍ଗ଼ାଟି
ହେକ କିହାମାନେସି, ଏ଼ନିକିଁ ଏ଼ୱାସି ହିତ଼୍‌ଡ଼ି ହୀହାନା ଜୀହୁଦି ଅ଼ଡ଼େ
ଜୀହୁଦିଆ଼ଆତି କୂଡ଼ା଼ତାରାଇଁ ତାନି ତ଼ାଣା ର଼ ପୁଃନି ଲ଼କୁଲେହେଁ ଗାଡ଼ି
କିନେସି । ୧୬ ଅ଼ଡ଼େ କ୍ରୁସତା ହ଼ାହାନା ଜୀହୁଦି ଅ଼ଡ଼େ ଜୀହୁଦିଆ଼ଆତାରି
ସାତୁତି ନ଼ାସା କିହାନା ଏ଼ଦାଣି ତଲେ ରିଆରାଇଁ ରଣ୍ଡିଏ ଆଙ୍ଗ଼ା ଲେହେଁ
ଗାଡ଼ିକିହାନା ମାହାପୂରୁ ତଲେ ଆଣ୍ତିକିୟାନେସି । ୧୭ ଅ଼ଡ଼େ ହେକ ମାଚି
ଜୀହୁଦିଆ଼ଆତି ଲ଼କୁଣି ଅ଼ଡ଼େ ତାନି ଡାଗେ ମାନି ଜୀହୁଦି ଲ଼କୁ ଇ ରିଆରି
ତ଼ାଣା ଏ଼ୱାସି ୱ଼ାହାନା ହିତ଼୍‌ଡ଼ିତି ନେହିଁ କାବୁ ୱେ଼କ୍‌ହେସି; ୧୮ ଏ଼ନାଆଁତାକି
ଇଚିହିଁ କ୍ରୀସ୍ତତି ତାକି ବାରେ ଜୀହୁଦିୟାଁ ଅ଼ଡ଼େ ଜୀହୁଦିଆ଼ଆତି ଲ଼କୁ ରଣ୍ଡିଏ
ସୁଦୁଜୀୱୁଟି ଲାକପୂରୁ ଆ଼ବା ତ଼ାଣା ହାଜାଲି ଜିରୁ ବେଟାଆ଼ହାମାନାୟି
। ୧୯ ଏ଼ଦାଆଁତାକି ମୀରୁ ଏଟ୍‌କା ଦ଼େସାତାତେରି ଇ ଦ଼େସାତାତେରି
ଆ଼ଏ, ସାମା ମାହାପୂରୁ ଲ଼କୁତଲେ ଆଣ୍ତାନା ଏ଼ୱାରି ଦ଼େସାତି ଲ଼କୁ,
ଅ଼ଡ଼େ ମାହାପୂରୁ ଇଲୁ କୁଟମିତେରି । ୨୦ ମୀରୁ ପାଣ୍ତୱି ଆ଼ହାମାନାରି
ଅ଼ଡ଼େ ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାରି ଇଟାମାନି ପୁନାଦି ମୁହେଁ
ଇଟ୍‌କି ଆ଼ହାମାଞ୍ଜେରି, କ୍ରୀସ୍ତ ଜୀସୁ ତ଼ାନୁଏ, ଏ଼ କନତି ମୂଲୁ ୱାଲି । ୨୧
ଏ଼ୱାଣି ତ଼ାଣା ବାରେ ଇଲୁତି ବାରେ କାତିୟାଁ ଦୂର୍ସାନା ପ୍ରବୁ ତ଼ାଣା ର଼ ସୁଦୁ
ଆ଼ଞ୍ଜାମାନି ମାହାପୂରୁ ଇଲୁ ଲେହେଁ ପାଡାଆ଼ହିମାନେ । ୨୨ ଏ଼ୱାଣି ତ଼ାଣା
ମୀରୁ ଜିକେଏ ମ଼ା ତଲେ ଆଣ୍ତାନା ସୁଦୁଜୀୱୁଟି ମାହାପୂରୁ ବାସାଆ଼ନି ଇଲୁ
ଲେହେଁ ଦସ୍‌ପି ଆ଼ହାମାଞ୍ଜେରି ।

୩ ଇଦାଆଁତାକି ମୀ ଲେହେଁତି ଜୀହୁଦିଆ଼ଆତି ଲ଼କୁତାକି କ୍ରୀସ୍ତ ଜୀସୁ
ତାକି ଦସ୍‌ପି ଆ଼ହାମାନି ପ଼ାୱୁଲତେଏଁ । ୨ ମିଙ୍ଗେତାକି ନାଙ୍ଗେ
ହୀହାମାଞ୍ଜାନି ମାହାପୂରୁତି କାର୍ମାଟି ସେ଼ବାକିନି କାମାତି କାତା ମୀରୁ
ୱେଞ୍ଜାମାଞ୍ଜେରି, ୩ ଅ଼ଡ଼େ ଡୁଗାମାନି କାତା ମାହାପୂରୁ ତ଼ାନୁଏ ତ଼ସାନା
ପୁଣ୍‌ମ୍ରି କିୟାତେସି, ଏ଼ନିକିଁ ନ଼ାନୁ ତଲି ଏ଼ ବାରେ କାତା ଇଚାଣି ର଼ାଚାମାଇଁ;
୪ ମୀରୁ ଏ଼ଦାଆଁ ପ଼ଡ଼ୱି ଆ଼ହାନା କ୍ରୀସ୍ତତି ଡୁଗାମାନି କାତା ନ଼ାନୁ
ଏ଼ନାଆଁ ତେଲ୍‌ହାମାଇଁ ଏ଼ଦାଆଁ ମୀରୁ ତେଲ୍‌ହାଲି ଆ଼ଡିଦେରି, ୫ ତଲି
କ଼ାଲାତା ମାଣ୍‌ସିୟାଁ ତ଼ାଣା ତ଼ଞ୍ଜା ଆ଼ହାହିଲାଆତେ, ଏ଼ ଡୁଗାମାନାୟି
ନୀଏଁ ସୁଦୁଜୀୱୁଟି ତାନି ସୁଦୁତି ପାଣ୍ତୱି ଆ଼ହାମାନାରି ଅ଼ଡ଼େ ମାହାପୂରୁ
ଅଣ୍‌ପୁତି ବ଼ଲୁ ୱେହ୍‌ନାରି ତ଼ାଣା ଏ଼ନିକିଁ ତ଼ଞ୍ଜା ଆ଼ହାମାନେ, ୬ ଏ଼ ଡୁଗାମାନି
କାତା ଇଦି ନେହିଁ କାବୁ ତ଼ାଣାଟି ଜୀହୁଦିୟାଁ ମାହାପୂରୁତି ବ଼ର ବେଟାଆ଼ନି
ଲେହେଁ, ଏଟ୍‌କା କୂଡ଼ା଼ତାରି ଜିକେଏ ବାରେଜ଼ାଣା ଆଣ୍ତାନା ର଼ ଆଙ୍ଗ଼ା
ଲେହେଁ ଆ଼ହାନା କ୍ରୀସ୍ତ ଜୀସୁ ତ଼ାଣାଟି ମାହାପୂରୁ ଆ଼ଞ୍ଜାମାନାଣି ବାରେ
ବେଟାଆ଼ନେରି । ୭ ମାହାପୂରୁତି କାମା କିନି ବ଼ାଡ଼୍‌ୟୁ ତଲେ ନାଙ୍ଗେ
ଏମିନି କାର୍ମାତି ଦ଼ାନା ହୀହାମାଞ୍ଜାନେସି ଏ଼ଦାଆଁତାକି ଏ଼ ନେହିଁ କାବୁତି
ୱେ଼କ୍‌ନାତେଏଁ ଆ଼ହାମାଇଁ । ୮ ମାହାପୂରୁ ଲ଼କୁ ବିତ଼ାଟି ନ଼ାନୁ ବାରେତି
କିହାଁ ଊଣାତେଏଁ ମାଚି ଜିକେଏ ଏଟ୍‌କା କୂଡ଼ା଼ତି ଲ଼କୁତ଼ାଣା ଏଜିକିହାଲି
ଆ଼ଡାଆଗାଟି କ୍ରୀସ୍ତତି କାର୍ମାତି ନେହିଁ କାବୁ ୱେ଼କ୍‌ହାଲି ମାହାପୂରୁ ପାରୁ
ହୀହାମାଞ୍ଜାନେସି, ୯ ଅ଼ଡ଼େ ବାରେ ଗାଡ଼ିକିତି ମାହାପୂରୁ ତ଼ାଣା ତଲି
କ଼ାଲାଟିଏ ଡୁଗାମାନି କାତାତାକି ଏ଼ୱାଣି ଅଣ୍‌ପୁ ଏ଼ନାୟି ଏ଼ଦାଆଁ ଉଜେଡ଼ିତା
ତ଼ସାଲି ତାକି ମାହାପୂରୁତି କାର୍ମା ମେ଼ଡ଼ା ଆ଼ହାମାଞ୍ଜାନେ, (aiōn g165)
୧୦ ଏ଼ନିକିହିଁ ନୀଏଁ କ୍ରୀସ୍ତାନା କୁଲମିତି କାମାଟି ଲାକପୂରୁତି ସ଼ାଲୱି
କିନାରି ବ଼ାଡ଼୍‌ୟୁ ଗାଟି ମାହାପୂରୁତି ବୁଦି ନେହିଁକିଁ ପୁଞ୍ଜାଲି ଆ଼ଡିନେରି, ୧୧
ମାହାପୂରୁ ତାନି କ଼ାଲାକ଼ାଲାତି ଅଣ୍‌ପୁ ଲେହେଁ ମ଼ା ପ୍ରବୁ କ୍ରୀସ୍ତ ଜୀସୁ ତ଼ାଣାଟି
ବାରେ କିହାମାନେସି । (aiōn g165) ୧୨ ଏ଼ ପ୍ରବୁ ତ଼ାଣା ନାମାମାନାକି
ମ଼ାର ଏ଼ୱାଣି ତ଼ାଣା ସ଼ାସାଟି ଆଜାଆନା ମାହାପୂରୁ ତ଼ାଣା ହାଜାଲି ସ଼ାସା
ବେଟାଆ଼ହାମାନାୟି । ୧୩ ଏ଼ଦାଆଁତାକି ନ଼ାନୁ ମିଙ୍ଗେ ବାତିମ଼ାଲିମାଞ୍ଜାଇଁ,
ମିଙ୍ଗେତାକି ନ଼ାନୁ ବେଟାଆ଼ହିମାନି ଦୁକୁ କସ୍ତ ତାକି ସ଼ାସା ପିହ୍‌ଆଦୁ,
ସାତେଏ ଏ଼ଦି ମୀ ଗାୱୁରମି ତାକି ଆ଼ହାମାନେ । ୧୪ ଏ଼ଦାଆଁତାକି ଆମିନି
ଆ଼ବା ତ଼ାଣାଟି ଲାକପୂରୁ ଅ଼ଡ଼େ ଦାର୍‌ତିତି ବାରେ କୁଟମି, ତାନି କୂଡ଼ା଼ତି
ଏ଼ନିକିଁ ଈ ରିଆରି ପ଼ାଣା ବେଟାଆ଼ହାନା ମାହାପୂରୁଇଁ ନିନ୍ଦା କିଅରି ।

**୨** ଈଦାଆଁତାକି ନ଼ା ବାତିମ଼ାଲିନାୟି ମାହାପୂରୁଇଁ ଜହରା କିନି ବ଼େଲାତା,
ଦ଼େସାତି ପ଼ାଣାଗାଟାରି, **୨** ଏ଼ଦାଆଁତାକି ବାରେ ଲ଼କୁତାକି ରାଜାୟାଁ
ସ଼ାଲୱି କିନାରି, ବାରେତାକି ପ୍ରାତାନା, ଗ଼ହାରା ଅ଼ଡ଼େ ଜହରା କିଦୁ,
ମ଼ାର ଏ଼ନିକିଁ ମାହାପୂରୁ ଆଜିତଲେ କିଲିବିଲି ଆ଼ଆନା ଡ଼ୟିନାୟି ଅ଼ଡ଼େ
ଏଟ୍‌କା ଲ଼କୁ ତ଼ାଣା ନେହିଁ ମାଣ୍‌କି ମାଞ୍ଜାନା ସୁକୁ ଅ଼ଡ଼େ ହିତ୍‌ଡ଼ି ତଲେ
ନୀଡାଲି ଆ଼ଡିନାୟି । **୩** ଇଲେତି ପ୍ରାତାନା ମ଼ା ଗେଲ୍‌ପାନି ମାହାପୂରୁ
ନ଼କିତା ଲ଼ଡ଼ା ଆ଼ନାୟି ଅ଼ଡ଼େ ଅ଼ପିନାୟି ଆ଼ନେ । **୪** ବାରେଜ଼ାଣା ଏ଼ନିକିଁ
ଗେଲ୍‌ପିଆ଼ନାଣି ଅ଼ଡ଼େ ସାତାତି ବୁଦି ବେଟାଆ଼ନେରି ଇଞ୍ଜୁଁ ଏ଼ୱାସି ଅଣ୍‌ପି
ମାନେସି । **୫** ଇଚିହିଁ ରଣ୍ତିଏ ମାହାପୂରୁ ମାନେସି, ଅ଼ଡ଼େ ମାହାପୂରୁ
ଇଞ୍ଜୁଁ ମାଣ୍‌ସିୟାଁ, ମାଦିତି ମାଣ୍‌ସି ରଅସିଏ ମାନେସି, ଏ଼ୱାସି ଜୀସୁ
କ୍ରୀସ୍ତ, ର଼ ମାଣ୍‌ସି । **୬** ଏ଼ୱାସି ମାଣ୍‌ସିଇଁ ଗେଲ୍‌ପାଲିତାକି ତ଼ାନୁଏ
ହେର୍‌ପି ଆ଼ତେସି, ଈଦାଆଁତାକି ସମାନା ବ଼େଲାତା ତ଼ଞ୍ଜାଆ଼ହାନା,
ମାହାପୂରୁ ବାରେ ମାଣ୍‌ସିୟାଁଇଁ ଗେଲ୍‌ପାଲି ଅଣ୍‌ପି ମାନେସି ଈଦାଆଁ ସ଼ାକି
ହୀହାମାନେସି । **୭** ଏ଼ଦାଆଁତାକି ନ଼ାନୁ ର଼ ନେହିଁ କାବୁ ୱ଼େକ୍‌ନାତେଏଁ,
ପାଣ୍ତୱି ଆ଼ହାମାନାତେଏଁ, ଇଞ୍ଜୁଁ ନାମୁ ଅ଼ଡ଼େ ସାତାତା ଏଟ୍‌କା କୂଡ଼ାତି
ଲ଼କୁ ତ଼ାଣା ଜ଼ାପ୍‌ନାତେଏଁ ଆୟାଲି ମାହାପୂରୁ ନାଙ୍ଗେ ଆ଼ଚାମାଞ୍ଜାତେସି,
ନ଼ାନୁ ସାତା ୱେସିମାଞ୍ଜାଇଁ ନ଼ାନୁ ମିଚି ୱେସିମାଞ୍ଜଅଁ । **୮** ଏ଼ଦାଆଁତାକି
ନ଼ା ଅଣ୍‌ପୁ ବାରେଜ଼ାଣା ଆ଼ବାୟାଁ କୂଡ଼ା ଆ଼ନାଟି, ସୁଦୁ ଅଣ୍‌ପୁ ତଲେ
କେସ୍କା ପେର୍‌ହାନା, କ଼ପା ଇଞ୍ଜୁଁ ଡ଼ାହାରା ଆ଼ଆନା, ପ୍ରାତାନା କିପାରି । **୯**
ଏଲେକିହିଁଏ ଇୟାସିକା ଜିକେଏ ତ଼ାୟୁଁ ଅ଼ଜି କିହାନା, ଅ଼ଡ଼େ ବାଂଗାରା
ସାଜୁ ତୁର୍‌ଆନା, କି ଦାରାଗାଟି ହିମ୍ବରିକା ତଲେ ତ଼ାମ୍ବୁ ତାମ୍‌ଙ୍ଗେ ଅ଼ଜି
କିହାକଡାଆନା, ମ଼ାନି ଅ଼ଡ଼େ ନେହିଁ ବୁଦିତଲେ ଉଣା ଦାରାତି ହିମ୍ବରିକା
ହୁଚାନା, **୧୦** ଦାର୍ମୁଗାଟି ଇୟାସିକା ର଼ାହାଁ ଅଣ୍‌ପୁଟି ନେହିଁ କାମାତି ଅ଼ଜୁତା
ତ଼ାମ୍ବୁ ତାମ୍‌ଙ୍ଗେ ଅ଼ଜି କିହା କଡାପୁ । **୧୧** ଇୟାସିକା ପାଲେଏ ମାଞ୍ଜାନା
ସୁଦୁଗାଟି ଅଣ୍‌ପୁ ତଲେ ଜ଼ାପାପୁ । **୧୨** ନ଼ାନୁ ଇୟାସିକାଣି ଜ଼ାପ୍‌ହାଲି କି

ଆ଼ବାୟାଁ ମୁହେଁ ସ଼ାଲଓ୍ୱି କିହାଲି ହେଲ ହୀହି ହିଲଅଁ, ସାମା ଏ଼ଓ୍ୱି ପାଲେଏ
ମାନାପୁ । **୧୩** ଏ଼ନିଇଚିହିଁ ମାହାପୂରୁ ନ଼କେଏ ଆଦମଇଁ ଗା଼ଡ଼ିକିତେସି
ଅ଼ଡ଼େ ଡା଼ୟୁ ହବାଇଁ **୧୪** ଅ଼ଡ଼େ ଆଦମ ନା଼ଡ଼ିକିଓ୍ୱି ଆ଼ହା ହିଲାଆତେସି,
ସାମା ଇୟା ନା଼ଡ଼ିକିଓ୍ୱି ଆ଼ହାନା ମାହାପୂରୁତି ଂମେରାଟି ଦ଼ହ ଗାଟାୟି
ଆ଼ତେ; **୧୫** ସାମା ଇୟାସିକା ତାମ୍ଙ୍ଗେ ଊଣା କିହାଁ କଡାନା ନାମୁତଲେ
ଜୀଓ୍ୱୁ ନ଼ଓ୍ୱିଆ଼ହାନା, ସୁଦୁଜୀଓ୍ୱୁ ତଲେ ମାଞ୍ଜାନା କକାରି ପ଼ଦାଁ ଜାର୍ନି କିହାନା
ଗେଲ୍‌ପି ଆ଼ନୁ ।

**୩** ଈ କାତା ସାତା, ଆମ୍ବାଆସି କ୍ରୀସ୍ତୁନା କୁଲମିତା ଜାତ୍‌ନୁ କିନି ପା଼ଣା
ବେଟାଆ଼ହାଲି ଅଣ୍‌ପିମାଚିସାରେ, ଏ଼ଓ୍ୱାସି ନେହିଁ କାମା କିଇଁ ଇଞ୍ଜୁଁ
ଅଣ୍‌ପିନେସି । **୨** ଈଦାଆଁତାକି କୁଲମିତି କାଜାସି ଦ଼ହ ହିଲାଆଗାଟାସି
ଆ଼ନାୟି ମାନେ, ରଣ୍ଡିଏ ଡକ୍ରିନି ଡକ୍ରା, ଟିକାଣାତାସି, ନେହିଁ ଅଣ୍‌ପୁ ଗାଟାସି,
ପୁନାଆତି ଗତାୟାଁଣି ଂସେବା କିନାସି, ଅ଼ଡ଼େ ନେହିଁକିଁ ଜା଼ପ୍‌ନାସି ଆ଼ନାୟି
ମାନେ । **୩** ଅ଼ଡ଼େ କା଼ଡୁ ଗହ୍‌ନାସି କି ଗଡ଼୍‌ହା କିନାସି ଆ଼ଆନା, ସୁଦୁ
ସୁଓ୍ୱାଲା, କ଼ପା ଇଟାଆଗାଟାସି, ଅ଼ଡ଼େ ଦ଼ନ ଜୂପ୍‌କା ଗାଟାସି ଆ଼ଆୟି
ମାନେ, **୪** ଏ଼ଓ୍ୱାସି ତାନି ଇଲୁ କୁଟମିତି ନେହିଁକିଁ ସ଼ାଲଓ୍ୱି କିନାସି, ଅ଼ଡ଼େ
କକାରି ପ଼ଦାଁଣି ତୀର୍‌ପୁତଲେ ଜାତ୍‌ନୁ କିନାୟିମାନେ । **୫** ଆମ୍ବାଆସି
ତାନି ଇଲୁ କୁଟମିତି ନେହିଁକିଁ ଜାତ୍‌ନୁ କିହାଲି ଆ଼ଡଅସି, ଏ଼ଓ୍ୱାସି ଏ଼ନିକିଁ
ମାହାପୂରୁ କୁଲମିତି ଜାତ୍‌ନୁ କିନେସି? **୬** ଏ଼ଓ୍ୱାସି ପୁ଼ଃନି ନାମିତାସି ଆ଼ଆୟି
ମାନେ, ଇଚିହିଁ ଏ଼ଚେତା ପାଟେ ନା଼ନୁ କାଜାତେଏଁ ଇଞ୍ଜୁଁ ବଡପଣ ଆ଼ହାନା,
ସୟତାନ ଡଣ୍ଡୁ ପା଼ଣ୍‌ନିଲେହେଁ ଡଣ୍ଡୁ ବେଟା ଆ଼ନେସି । **୭** ଅ଼ଡ଼େ ଏ଼ଓ୍ୱାସି
ନାମାଆଗାଟାରି ତା଼ଣାଟି ଜିକେଏ ମା଼ନି ବେଟାଆ଼ନାୟି ମାନେ, ଆ଼ଆତିଁ
ଲାଜା ବେଟାଆ଼ହାନା ସୟତାନ ପା଼ନ୍ଦ୍ୱାତା ହେର୍‌ନେସି । **୮** ଏଲେକିହିଁଏ
କୁଲମିତି ଂସେବା କିନାରି ନେହିଁ ଅଣ୍‌ପୁ ତଲେ ନାମୁତା ଡୁଗାମାନାଣି
ଆସାନା ତୀରିତଲେ ମାଞ୍ଜାନା ନା଼ଡ଼ି କିନାସି ଆ଼ଆପେସି, **୯** କା଼ଡୁ ଗସିହିଁ
ଡ଼ୟିନାସି, ଉଜେଏତି ଦ଼ନତି ଜୂପ୍‌କା ଆ଼ଆୟି ମାନେ **୧୦** ଏ଼ଓ୍ୱାରି ଂସେବା
ପା଼ଣା ପୂ଼ଃଆ ନ଼କେଏ ଏ଼ଓ୍ୱାରି ତାୟିପାରି କିଓ୍ୱିଆ଼ପାରି, ଅ଼ଡ଼େ ଏ଼ଓ୍ୱାରିତା଼ଣା
ଏ଼ନି ଦ଼ହ ତ଼ଞ୍ଜା ଆ଼ଆତିହିଁ, କୁଲମିତି ସ଼ାୟେମି କିନାରି ଆ଼ପେରି । **୧୧**
ଏଲେକିହିଁଏ ଏ଼ଓ୍ୱାରି ଡକ୍ରିସିକା ଜିକେଏ ନେହିଁ ଗୂଣ୍ଣୁ ଗାଟାଇ ଆ଼ହାନା
ସାକ୍ରି ହିଲାଆଗାଟାଇ ଆ଼ହାନା ତୀର୍‌ପୁ, ପାଲେଏ ମାଞ୍ଜାନା ବାରେ କାମା
ଟିକାଣା ତଲେ କିପୁ । **୧୨** ଂସେବା କିନାରି ରଣ୍ଡିଏ ଡକ୍ରିତି ଡକ୍ରା ଆ଼ପେରି,
ଅ଼ଡ଼େ ଏ଼ଓ୍ୱାସି ତାମି କକାରି ପ଼ଦାୟାଁଣି ଅ଼ଡ଼େ ତାମି ଇଲୁ କୁଟମିତି ନେହିଁକିଁ
ସ଼ାଲଓ୍ୱି କିପେରି । **୧୩** ଇଚିହିଁ ଆମିନି ଗାଟାରି ନେହିଁକିଁ ଂସେବା କାମା
କିହାମାନେରି, ଏ଼ଓ୍ୱାରି କୁଲମିତା ମା଼ନିଗାଟାରି ଇଞ୍ଜୁଁ ଂୱେଡ୍ଗିନେରି ଅ଼ଡ଼େ
କ୍ରୀସ୍ତୁ ଜୀସୁ ତା଼ଣା ନାମୁତା ହା଼ରେକା ସ଼ାସା ବେଟାଆ଼ନେରି । **୧୪** ଈ
ଆ଼କୁ ରା଼ଚିନି ଂବେଲାତା, ନା଼ନୁ ନୀ ତା଼ଣା ତବେ ଓ୍ୱା଼ହାଲି ଆ଼ସା କିହିମାଇଁ;
**୧୫** ସାମା ନା଼ ଓ୍ୱା଼ନାୟି ଂୱେଡ଼ା ଆତିହିଁ, ମାହାପୂରୁ ଇଲୁ କୁଟମିତା ଇଚିହିଁ
ସାତାତି ମୁଣ୍ଡା ଅ଼ଡ଼େ ପୁନାଦି ଲେହେଁ ଜୀଓ୍ୱୁତି ମାହାପୂରୁ କୁଲମିତା,
ଏ଼ନି ମାଣ୍‌କିତା ମାନାୟି ମାନେ, ଏ଼ଦାଆଁ ନୀନୁ ଏ଼ନିକିଁ ପୁଞ୍ଜାଲି ଆ଼ଡିଦ଼,
ଈଦାଆଁତାକି ଈ ବାରେ କାତା ନା଼ନୁ ରା଼ଚିମାଞ୍ଜାଇଁ । **୧୬** ମାହାପୂରୁତି
ଦାର୍ମୁତି ବାରେ କାତା ହା଼ରେକା କାଜାୟି, ଈଦାଆଁ ବାରେ ଲ଼କୁ ଂୱେକ୍‌ନେରି
। ଏ଼ଦି ଈଦି, କ୍ରୀସ୍ତୁ ମାଣ୍‌ସି ଓ୍ୱା଼ଣା ଆ଼ହାନା ତ଼ଞ୍ଜାଆ଼ତେସି, ସୁଦୁଜୀଓ୍ୱୁତା
ଦାର୍ମୁଗାଟାସି ଇଞ୍ଜୁଁ ଂୱେଡ୍ଗିତେସି, ଦୂତୁୟାଁ ତଲେ ତ଼ଞ୍ଜାଆ଼ତେସି, ଏଟ୍‌କା
ଲ଼କୁତା଼ଣା ଂୱେଡ୍ଗିତେସି, ଦାର୍‌ତିତା ନାମୁଗାଟାସି ଆ଼ତେସି, ଇଞ୍ଜୁଁ ମାହାପୂରୁ
ଗାଓ୍ୱୁରମି ତଲେ ଲାକପୂରୁ ଅ଼ଓ୍ୱିଆ଼ତେସି ।

**୪** ସୁଦୁଜୀଓ୍ୱୁ ତୀରିତଲେ ୱେସିମାଞ୍ଜାନେ, ଜୁଗୁ ରା଼ନି ଂବେଲାତା ଏଚେକା
ଲ଼କୁ ଲାଗେଏତି ନା଼ଡ଼ିକିନି ଜା଼ପ୍‌ନି ତା଼ଣାଟି କୁଲମିତି ନାମୁଟି ହେକ
ଆ଼ନେରି, **୨** ଏ଼ଓ୍ୱାରି ଏଚରଜା଼ଣା ନା଼ଡ଼ିକିନାରି, ଏ଼ଓ୍ୱାରି ଅଣ୍‌ପୁ ହା଼ତାୟି, **୩**
ଏ଼ଓ୍ୱାରି ବୀହା କିନାୟି ଅ଼ଡ଼େ ଏ଼ନି ଏ଼ନି କା଼ଦି ତିନାୟି ଇଞ୍ଜୁଁ ନେହେଁ ଆ଼ଏ
ଇଞ୍ଜିମାନେରି । ସାମା ଆମିନି କ୍ରୀସ୍ତୁଇଁ ନାମିତି ଲ଼କୁ ସାତାତି ପୁଞ୍ଜାମାନେରି,
ଏ଼ଓ୍ୱାରି ମାହାପୂରୁ ଗା଼ଡ଼ିକିତି ବାରେ କା଼ଦି ତାକି ଏ଼ଓ୍ୱାଣାଇଁ ଜହରା କିହାନା
ଏ଼ଦି ନେହାୟି ଇଞ୍ଜୁଁ ତିଞ୍ଜାଲି ଆ଼ଡିନେରି । **୪** ଇଚିହିଁ ମାହାପୂରୁ ଗା଼ଡ଼ିକିତି
ଆ଼ସ୍ତି ବାରେ ନେହାୟି, ଇଞ୍ଜୁଁ ମାହାପୂରୁଇଁ ଜହରା କିତିସାରେ ଏ଼ନାୟି
ଜିକେଏ ତିନାଆଗାଟାୟି ଆ଼ଏ । **୫** ଏ଼ନାଆଁତାକି ଇଚିହିଁ ମାହାପୂରୁତି ବ଼ଲୁ
ଅ଼ଡ଼େ ପ୍ରା଼ତାନା ତଲେ ଏ଼ଦାଆଁ ସୁଦୁ କିଓ୍ୱିଆ଼ନେ । **୬** ଈ ବାରେ କାତା
ମୀରୁ ତାୟି ତାଡ୍ଗିଇଁ ଜା଼ପ୍‌ହିସାରେ କ୍ରୀସ୍ତୁ ଜୀସୁତି ର଼ ନେହିଁ ଂସେବା କିନାତି
ଆ଼ଦେରି, ଇଞ୍ଜୁଁ ମୀରୁ ଆମିନି ନାମୁ ଅ଼ଡ଼େ ନେହିଁ କାତା ଆସାମାଞ୍ଜେରି,
ଏଲେତି ବ଼ଲୁ ତଲେ ପାଡା ଆ଼ଦେରି; **୭** ସାମା ଉଜେଏ ଂୱେହ୍‌ନି କାତାୟାଁ
ଂୱେନାଆନି, ମାହାପୂରୁଇଁ ଆଜାନା ନୀଡାମାଞ୍ଜାଲି ଜା଼ପାମୁ, **୮** ଇଚିହିଁ
ଆଡ୍ଗାତି ପାଡି କିନାୟି ଗା଼ଡ଼େକା ତାକି ଲା଼ବା ଆ଼ନେ, ସାମା ମାହାପୂରୁଇଁ
ଆଜିନାୟି ଈ କା଼ଲାତା ଅ଼ଡ଼େ ଓ୍ୱା଼ହିମାନି କା଼ଲାତି ଜୀଓ୍ୱୁତାକି ମାହାପୂରୁ
ଆ଼ଞ୍ଜାମାନି ଲା଼ବାଗାଟାୟି ଆ଼ନେ । **୯** ଈ କାତା ନାମିନାୟି ଅ଼ଡ଼େ ବାରେ
ଲ଼କୁ ଅ଼ପିନାୟି । **୧୦** ଈଦାଆଁ ତାକି ମା଼ର ମ଼ନ ହୀହାନା ଓ୍ୱା଼ହୁ ତଲେ
ଜୀଓ୍ୱୁ ତୁସାନା କାମା କିହିମାନାୟି, ଏ଼ନାଆଁତାକି ଇଚିହିଁ ଆମିନି ଜୀଓ୍ୱୁଗାଟି
ମାହାପୂରୁ ବାରେ ମାଣ୍‌ସିଇଁ ଇଚିହିଁ ନାମିନାରାଇଁ ଗେଲ୍‌ପିନାସି, ତାନି
ତା଼ଣା ମା଼ ବା଼ର୍ସୁ ମାନେ । **୧୧** ନୀନୁ ଈ ବାରେ କାତା ହୁକୁମି ହୀହାନା
ଜା଼ପ୍‌ମୁ । **୧୨** ନୀ ଦାଂଗ୍‌ଣା ଂବେଲାତି ଆମ୍ବାଆସି ହୀଣି କିୟାଆପେସି,
ସାମା ନୀ କାତାତା, ନୀ ଂଲେମ୍ବିନି ତା଼ଣା, ନୀ ଜୀଓ୍ୱୁ ନ଼ନି ତା଼ଣା, ନୀ
ନାମୁତା, ଇଞ୍ଜୁଁ ନୀ ସୁଦୁତା, ନାମିନାରାକି ନୀନୁ ନେହିଁ ତ଼ହ୍‌ନାତି ଆ଼ମୁ ।
**୧୩** ନା଼ନୁ ନୀ ତା଼ଣା ଓ୍ୱା଼ଆ ପାତେକା ନୀନୁ ଦାର୍ମୁ ପତିଇଁ ପ଼ଡ଼ଓ୍ୱି ଆ଼ହାନା,
ମାହାପୂରୁ କାତା ଂୱେକ୍‌ମୁ, ଇଞ୍ଜୁଁ ଜା଼ପ୍‌ନି ତା଼ଣା ମ଼ନ ହୀହାନା ମାନାମୁ ।
**୧୪** ମାହାପୂରୁ ବ଼ଲୁ ଂୱେକ୍‌ହା ମାଞ୍ଜାନି କୁଲମିତି କାଜାରି ନୀ ତା଼ୟୁଁତା କେସ୍କା
ଇଟାନା ନିଡ୍ଗେ କାର୍ମାତି ଦା଼ନା ହୀହାମାଞ୍ଜାନେରି, ଏ଼ଦାଆଁ ହେଲା କିଆନି
। **୧୫** ନୀ ପାଡା ଆ଼ହିମାନାୟି ଏ଼ନିକିଁ ବାରେ ଲ଼କୁ ନ଼କିତା ତ଼ଞ୍ଜାଆ଼ନେ,
ଏ଼ଦାଆଁତାକି ଈ ବାରେ କାତାତା ମ଼ନ ହୀହାନା ଏ଼ ବାରେ କି଼ହେମାନାମୁ ।
**୧୬** ନିଡ୍ଗୁ ତାକି ଅ଼ଡ଼େ ନୀ ଜା଼ପ୍‌ନାଣି ତାକି ଜାଗ୍ରାତା ଆ଼ମୁ, ଈ ବାରେ କାମା

କିହିଁ ମାନାମୁ, ଇଚିହିଁ ଏ୍ଦାଆଁ କିତିସାରେ ନୀନୁ ନୀ ଗେଲ୍ପିନାଣି ଅ୍ଡ଼େ
ନୀ କାତା ୱେଞ୍ଜି ମାନାରାଇଁ ଜିକେଏ ଗେଲ୍ପିଦି ।

**୫** ବୁଡ଼୍ହା ଲ୍କୁଣି ଲାଗାଆନି, ସାମା ଏ୍ୱାଣାଇଁ ଆ୍ବା ଇଞ୍ଜି ଅଣ୍ପାନା
ଲେମ୍ବାମୁ; ଅ୍ଡ଼େ ଦାଂଗ୍ଣା କକାରାଇଁ ତାୟିଲେହେଁ ମେହ୍ମୁ, ୨
ବୁଡ଼୍ହି ଇୟାସିକାଣି ତାଲି ଇଞ୍ଜିହିଁ ଅ୍ଡ଼େ ଡ଼ାଆସିକାଣି ସୁଦୁ ମ୍ନତଲେ
ତାଙ୍ଗିସ୍କା ଇଞ୍ଜିହିଁ ଅଣ୍ପାନା ଏଲେକିଁ ସିନିକିମୁ । ୩ ଏ୍ନାଆଁ ହିଲାଆଗାଟି
ରା୍ଣ୍ଡେଣି ଇୟାସିକାଣି ମା୍ନି କିମୁ । ୪ ସାମା ଆମିନି ରା୍ଣ୍ଡେଣି ଇୟା କି
ମୀର୍କା ମା୍ସ୍କାକି ତାଙ୍ଗା ମୀର୍କା ମା୍ସ୍କା ମାଚିହିଁ, ଏ୍ୱି ନ୍କେଏ ତାମି
ଇଲୁ କୁଟମି ତାରାଇଁ ମା୍ନି କିହାଲି ଲକ୍ନାୟି ମାନେ, ତାଲି ତାଞ୍ଜିଇଁ ନେହିଁ
କିହାଲି ଜା୍ପାପୁ; ଏ୍ନିଇଚିହିଁ ଇଦି ମାହାପୂରୁ ନ୍କିତା ନେହାୟି । ୫ ଆମିନି
ରା୍ଣ୍ଡେଣି ଇୟା ରଣ୍ଡିଏ ମାନେ ଅ୍ଡ଼େ ଆମ୍ବାଆରି ଜାତ୍ନୁ ଅ୍ନାରି ହିଲଅରି
ଏ୍ୱି ମାହାପୂରୁ ତା୍ଣା ବା୍ର୍ସୁ ଇଟାନା ଲା୍ଆଁ ମାଦେନା ବାତିମା୍ଲିହିଁ କା୍ଲେଏ
ପ୍ରାତାନା କିପୁ; ୬ ସାମା ଆମ୍ବାଆୟି ଆଙ୍ଗାତି ରା୍ହାଁତା ମୁଞ୍ଜାନା ଡ଼ୟିନି
ରା୍ଣ୍ଡେଣିସିକା ଏ୍ୱି ଜୀୱୁତଲେ ମାଚିହିଁ ଜିକେଏ ହା୍ତି ଲେହେଁତାଇ । ୭
ଏ୍ୱି ଏ୍ନିକିଁ ଦ୍ହ ହିଲାଆଗାଟାଇ ଆ୍ନୁ, ଇଦାଆଁତାକି ଇ ବାରେ କାତା
ଜିକେଏ ଜା୍ପ୍ମୁ । ୮ ସାମା ଆମ୍ବାଆସି ତାନି ପା୍ଡ଼ିତି ଲ୍କୁ ଅ୍ଡ଼େ ତାମି
ଇଲୁ କୁଟମିତି ଲ୍କୁଣି କେ୍ର୍ଅସି, ଏ୍ୱାସି ନାମୁତି କାତାଇଁ ଆବାହିଲଅସି,
ଇଞ୍ଜି ଏ୍ୱାସି ନାମାଆଗାଟାଣି କିହିଁ ହା୍ରେକା ଲାଗେଏ ଆ୍ନେସି ।
୯ ଆମିନି ରା୍ଣ୍ଡେଣି ତୀନିକ୍ଡ଼ି ବାର୍ସାଟିଏ ଉଣା ଆ୍ଏ, ଅ୍ଡ଼େ ରଣ୍ଡିଏ
ଡକ୍ରାଇଁ ବୀହା ଆ୍ହାମାନେ, ଏ୍ୱାସିକା ଦ୍ରୁ ରା୍ଚାମୁ, ୧୦ ଅ୍ଡ଼େ ନେହିଁ
କାମାତାକି ୱେଞ୍ଜାମାନେ, ଅ୍ଡ଼େ ଏ୍ଦି ମୀର୍କା ମା୍ସ୍କାଣି ପ୍ହିପାଡି
କିହାନା, ପା୍ଡ଼ିତି ଗତାୟାଁଣି ସେ୍ବା କିହିମାନେ, ମାହାପୂରୁ ଲ୍କୁତି କଡାୟାଁ
ନ୍ର୍ହା ମାନେ, ଦୁକୁ ଗାଟାରାଇଁ ଦୁକୁ ଡୂକ୍ହିମାନେ, ଅ୍ଡ଼େ ବାରେ ନେହିଁ
କାମା କିହାଲି ରା୍ହାଁ ଆ୍ହିମାନେ, ଆତିହିଁ ଏ୍ଦାନି ଦ୍ରୁ ରା୍ଣ୍ଡେଣିସିକା
ଆ୍କୁତା ରା୍ସ୍କି ଆ୍ପେ । ୧୧ ସାମା ଡ଼ା୍ଆ ରା୍ଣ୍ଡେଣିସିକା ଦ୍ରୁ ରା୍ଚାଆନି,
ଇଚିହିଁ ଏ୍ୱି ଆଙ୍ଗାତି ରା୍ହାଁତା ଜୂପ୍କା ଆ୍ହାନା କ୍ରୀସ୍ତୁ ତା୍ଣାଟି ଏଟ୍କା
ଆ୍ହାନା ବୀହା ଆୟାଲି ମ୍ନ କିନୁ; ୧୨ ଏ୍ୱି ତାମି ତଲିତି ଆ୍ଞ୍ଜାମାଚାଣି
ମା୍ନି କିହାହିଲାଆକି, ଡଣ୍ଡ ଗାଟାଇ ଆ୍ନୁ, ୧୩ ଅ୍ଡ଼େ ଜିକେଏ ଏ୍ୱି
ଇଲୁତାକି ଇଲୁ ରେ୍ଜିହିଁ ନିସ୍ତା ଆ୍ହାଲି ଜା୍ପ୍ନୁ, ଅ୍ଡ଼େ ୱାର୍ଇ ନିସ୍ତା
ଆ୍ଏ, ସାମା ଲାଗେଏ ପ୍ଲେଏତି ପୁସ୍ପନିକା, ଅ୍ଡ଼େ ସାକ୍ରି ଜ୍ଲାଲି
ଜା୍ପାନା ଉଜେ ଉଜେଏତି ଲ୍ଡ଼ାହିଲାଆ କାତାୟାଁ ବା୍ସିଁ ଆ୍ନୁ । ୧୪
ଇଦାଆଁତାକି ନା୍ ଅଣ୍ପୁ ଡ଼ା୍ଆ ରା୍ଣ୍ଡେଣିସିକା ବୀହା ଆ୍ପୁ, କକାରି ପ୍ଦାଁ
ଆ୍ପୁ, ଇଲୁ କୁଟମିତି ଲେମ୍ବାପୁ, ଇଞ୍ଜି ନିନ୍ଦା କିହାଲି ସାତ୍ରୁୟାଁକି ଏ୍ନି ପାରୁ
ହୀଆପୁ; ୧୫ ଇଚିହିଁ ନୀଏଁ ଜିକେଏ ଆମ୍ବା ଆମ୍ବାଆୟି କ୍ରୀସ୍ତୁ ତା୍ଣାଟି
ହେକ ଆ୍ହାନା ସୟତାନତି ଚେ୍ଚ ହାଜାମାନୁ । ୧୬ ଅ୍ଡ଼େ ଆମିନି
ନାମାମାନି ଇୟାସିକା ଇଜ ରା୍ଣ୍ଡେଣିସିକା ମାଚିହିଁ, ଆତିହିଁ ଏ୍ୱି ଏ୍ୱାସିକା
ଜାତ୍ନୁ ଅ୍ପୁ, ଅ୍ଡ଼େ କୁଲମିତାକି ବ୍ଜୁ କିଆପୁ, ଏ୍ନିକିଁ କୁଲମି ଏ୍ନାଆଁ
ହିଲାଆଗାଟି ରା୍ଣ୍ଡେଣିସିକାଣି ଜାତ୍ନୁ ଅ୍ନେ । ୧୭ ଆମିନି ପ୍ରାଚିନାଙ୍ଗା
କୁଲମିତି ନେହିଁକିଁ ଜାତ୍ନୁ କିନେରି, ବାରେକିହାଁ ଆମିନି ଗାଟାରି ବ୍ଲୁ
ୱେକ୍ହାଲି, ଅ୍ଡ଼େ ଜା୍ପ୍ହାଲି ୱା୍ହୁ ତଲେ କାମା କିନେରି, ଏ୍ୱାରି ରୀ
ଗୁଣୁ ମା୍ନି ବେଟାଆ୍ନି ଜ୍ଗେ । ୧୮ ଦାର୍ମୁ ପତିତା ରା୍ସ୍କି ଆ୍ହାମାନେ,
“ନ୍ର୍ପିନି କ୍ଡି ମୂତିତା କ୍ତ୍ରା ଦହ୍ଆନି” ଅ୍ଡ଼େ “କାମାକିନାସି ତାନି କାମାତି
ପା୍ଡ଼େୟି ବେଟାଆ୍ନାୟି ମାନେ ।” ୧୯ ରିଆରି କି ତୀନି ଜା୍ଣା ସା୍କିୟାଁ
ହିଲାଆନା ଆମିନି ପ୍ରାଚିନା କ୍ପାଟି ଏ୍ନି କାତା ୱେସ୍ତାତିହିଁ ଆହ୍ଆନି
। ୨୦ ଆମିନି ଗାଟାରି ଦ୍ହ କିନେରି, ଏ୍ୱାରାଇଁ ବାରେ ଲ୍କୁ ନ୍କିତା
ଲା୍ଗାମୁ, ଏ୍ନିକିଁ ଏ୍ଦାଆଁ ମେସାନା ଏଟ୍କାତି ଲ୍କୁ ଆଜିନେରି । ୨୧
ନା୍ନୁ ମାହାପୂରୁ, ନ୍କିତା ଅ୍ଡ଼େ କ୍ରୀସ୍ତୁ ଜୀସୁ ନ୍କିତା ଅ୍ଡ଼େ ମାହାପୂରୁ
ଆ୍ଚିତି ଦୂତୁୟାଁ ନ୍କିତା ଜାଣ୍ଡେ ହୁକୁମି ହୀହିମାଞ୍ଜାଇଁ ନୀନୁ ତଲିତିଲେହେଁ
ଆ୍ଆନା ଇ ବାରେ ମା୍ନୱି ଆ୍ମୁ, ଅ୍ଡ଼େ ଆମ୍ବାଆରାଇଁ ପାର୍ଡ଼ା କିଆନା ଇ
ବାରେ କାମା କିମୁ । ୨୨ ଦାଗା ଆ୍ହାନା କେୟୁ ଇଟାହାଁ ମାହାପୂରୁତି
ସେ୍ବା କାମାତାକି ଆମ୍ବାଆରାଇଁ ଜିକେଏ ଆଟ୍ଆନି । ଏଟ୍କା ଲ୍କୁତି
ପା୍ପୁତା ଜାହାରାଇଁ ଆଟ୍ଆନି । ନୀନୁ ଜାହାରାଇଁ ସୁଦୁ କିହାକଡାମୁ ।
୨୩ ନୀ ବାଣ୍ଡି ଆର୍ଗି ହିଲାଆକି ଅ୍ଡ଼େ ନୀ ଆଙ୍ଗାତା ଅଲେ ଅଲେ ର୍ଗ
ଆ୍ହିମାନାକି ୱାର୍ଇ ଏ୍ୟୁ ଗହ୍ଆନି ଅଙ୍ଗୁରି ରାସା ଇଚରା ଲାକା ଗହ୍ମୁ
। ୨୪ ଏଚରଜା୍ଣାତି ପା୍ପୁ ନୀହାଁୟି କିଆ ନ୍କେଏ, ଡ଼ା୍ଞ୍ଜାଆ୍ନେ, ଅ୍ଡ଼େ
ଏଚରଜା୍ଣାତି ପା୍ପୁ ଡ଼ା୍ୟୁ ଡ଼ା୍ଞ୍ଜାଆ୍ନେ । ୨୫ ଏଲେକିହିଁଏ ସାତା କାମା
ତଲିଏ ଡ଼ା୍ଞ୍ଜାଆ୍ନେ, ଅ୍ଡ଼େ ଏ୍ନା ଏ୍ନାୟି ଡ଼ା୍ଞ୍ଜା ଆ୍ଏ, ଏ୍ଦି ଡୁଗାନା ଡ଼ୟାଲି
ଆ୍ଡେଏ ।

**୬** ଏମିନି ଲ୍କୁ ହ୍ଲିୟାଙ୍ଗା ଜୁୱେଡ଼ିତା ହେର୍ୱାମାନେରି, ଏ୍ୱାରି ତାମି
ସା୍ୱୁକାରିୟାଁଇଁ ନେହିଁକିଁ ମା୍ନି ବେଟାଆ୍ନାରି ଇଞ୍ଜି ଅଣ୍ପାପେରି,
ଏ୍ନିକିଁ ମାହାପୂରୁ ଦ୍ରୁ ଅ୍ଡ଼େ ଜା୍ପ୍ନି ତା୍ଣାଟି ନିନ୍ଦା ଆ୍ଏ । ୨ ଅ୍ଡ଼େ
ଆମିନି ଗାଟାରି ସା୍ୱୁକାରିୟାଁ କ୍ରୀସ୍ତାନା ଆ୍ହାମାନେରି, ଏ୍ୱାରି ଏ୍ୱାରାଇଁ
ମା୍ ତାୟି ଇଞ୍ଜି ଅଣ୍ପାନା ହୀଣି କିଆପେରି, ସାମା ହା୍ରେକା ଜାତ୍ନୁ
ତଲେ ଏ୍ୱାରି ସେ୍ବା କିପାରି, ଇଚିହିଁ ଆମିନି ଗାଟାରି କାମା ତଲେ ଲା୍ବା
ବେଟାଆ୍ନେରି, ଏ୍ୱାରି ନାମିନାରି ଅ୍ଡ଼େ ମା୍ ଜୀୱୁ ନ୍ନାରି, ଇ ବାରେ
କାତା ଜା୍ପ୍ହାନା ୱେହ୍ମୁ । ୩ ଆମ୍ବାଆସି ଅ୍ର ର୍ଲେତି କାତା ଜା୍ପ୍ହାନା
ମା୍ ପ୍ରବୁ ଜୀସୁ କ୍ରୀସ୍ତୁତି ନେହିଁ ବ୍ଲୁ ଅ୍ଡ଼େ ମାହାପୂରୁ ଆଜିନି କାତାତି
ଜା୍ପ୍ନାଣି ଆହ୍ଅସି, ୪ ଆତିହିଁ ଏ୍ୱାସି ଲାଗେଏତି ବଡପଣ ଗାଟାସି,
ବୁଦି ହିଲାଆଗାଟାସି, ବା୍ଦିବା୍ଦା, ଅ୍ଡ଼େ ଗଡ଼୍ହା କିନିତା୍ଣା ମୁଞ୍ଜାମାନେସି;
ଏମ୍ବାଟିଏ ଡ଼ା୍ହାରା, ଗଡ଼୍ହା, ରଅଣାଇଁ ଉଜେଏ ନିନ୍ଦା କିନାୟି, ଲାଗେଏ
ଆନାମାନା ଆ୍ନାୟି ହ୍ନେ, ୫ ଇଞ୍ଜି ବୁଦି ହିଲାଆ ଗାଟାରି ଅ୍ଡ଼େ ସାତାତି
ପିସା ମାନାରି ବିତ୍ରା କା୍ଲେଏ ବା୍ଦିବା୍ଦା ହ୍ନେ, ଇଚିହିଁ ମାହାପୂରୁଇଁ
ଆଜିନାୟି ଏ୍ଦି ଲା୍ବା ବେଟାଆ୍ନି ଜିରୁ ଇଞ୍ଜି ଏ୍ୱାରି ଅଣ୍ପିନେରି
। ୬ ମାହାପୂରୁଇଁ ଆଜାନା, ନୀତିନାୟି ନେହେଁ ଆ୍ତିସାରେ ସାତେଏ
ଏ୍ଦି ଲା୍ବାଗାଟାୟି; ୭ ଏ୍ନାଆଁତାକି ଇଚିହିଁ ମା୍ର ଦାର୍ତିତା ଏ୍ନାଆଁ
ତାଚା ହିଲାଆୟି, ଅ୍ଡ଼େ ଇ ଦାର୍ତିଟି ଏ୍ନାଆଁ ଅ୍ହାଲି ଆ୍ଡାଆୟି; ୮

ଇଦାଆଁତାକି ବାଣ୍ତିତି କାଦି ଆଜ୍ଗା ତାକି ହିମ୍ବରିକା ମାଚିହିଁ ଇଚେକେଏ ସାରି
। ୯ ସାମା ଆମ୍ବାଆରି ଗାଡି ବାତ୍କାଲି ଅଣ୍ପିନେରି, ଏ୍ୱାରି ତାୟିପାରି
କିନି ତାଣା ଅ଼ଡ଼େ ପା଼ନ୍ଵାତା ହେର୍ୱାନା, ଅ଼ଡ଼େ ବୁଦି ହିଲାଆଗାଟି ନା଼ସାକିନି
ଅଣ୍ପୁତି ପା଼ନ୍ଵାତା ହେର୍ନେରି, ଇ ବାରେ ମାଣ୍ସିଇଁ ବୁଡୱି ଆ଼ନିୱାକି
ଅ଼ଡ଼େ ନା଼ସା ଆ଼ନିୱାକି ଅ଼ନେ । ୧୦ ଏ଼ନାଆଁତାକି ଇଚିହିଁ ଦ଼ନତି ଜୂପ୍କା
ବାରେ ଲାଗେଏତି ମୂଲୁ; ଆମ୍ବା ଆମ୍ବାଆରି ଏମ୍ବାଆଁ ଜୂପ୍କା ଆ଼ହାନା
ଦାର୍ମୁତି ନାମୁ ପିସାନା ଜିରୁ ବା଼ଣା ଆ଼ହାମାନେରି, ଇଞ୍ଜାଁ ହା଼ରେକା ଦୁକୁ
ତଲେ ତାମି ହିୟାଁତା ଦୁକୁ କିହାମାନେରି । ୧୧ ସାମା ଏ଼ ତିମତି ନୀନୁ ର଼
ମାହାପୂରୁ ଲ଼କୁତି, ନୀନୁ ଇ ବାରେ ତା଼ଣାଟି ହେକ ଆ଼ହାନା ଦାର୍ମୁ ଗାଟାତି,
ମାହାପୂରୁଇଁ ଆଜିନାୟି, ନାମିନାୟି, ଜୀୱୁନ଼ନାୟି, ସା଼ସା, ଅ଼ର୍ହିନାୟି,
ଇ ବାରେ ନେହିଁ ଗୁଣୁତା ତା଼କାମୁ । ୧୨ ନାମୁତି ନେହିଁ ଜୁଜୁତା ଜୀୱୁ
ତୁସାନା ଜୁଜୁ କିମୁ, କା଼ଲାକା଼ଲାତି ଜୀୱୁ ଆସାନା ଇଟାମୁ; ଏ଼ଦାଆଁତାକି
ନୀନୁ ହା଼ଟ୍କି ଆ଼ହାମାଞ୍ଜି ଅ଼ଡ଼େ ହା଼ରେକା ସା଼କିୟାଁ ନ଼କିତା ନେହିଁ ସା଼କି
ହୀହାମାଞ୍ଜି । (aiōnios g166) ୧୩ ବାରେତି ଜୀୱୁହୀନି ମାହାପୂରୁ ନ଼କିତା,
ଅ଼ଡ଼େ ପନ୍ତିୟ ପିଲାତ ନ଼କିତା ନେହିଁ ସା଼କି ହୀନି କ୍ରୀସ୍ତୁ ଜୀସୁ ନ଼କିତା
ନା଼ନୁ ନିଞ୍ଜେ ହୁକୁମି ହୀହିମାଞ୍ଜାଇଁ, ୧୪ ନୀନୁ ମା଼ ପ୍ରବୁ ଜୀସୁ କ୍ରୀସ୍ତୁତି ୱା଼ନି
ଦିନା ପାତେକା ଦାର୍ମୁତି ମେ଼ରା ମା଼ନୱି ଆ଼ହାନା ଏ଼ନି ପା଼ପୁ ଅ଼ଡ଼େ ନିନ୍ଦା
ହିଲାଆଗାଟାତି ଆ଼ହାଁ ଡ଼ୟାମୁ । ୧୫ ଏ଼ୱାସି ହା଼ରେକା ନେହାଁସି, ରଅସିଏ
ବାରେକିହାଁ କାଜା ସା଼ଲୱି କିନାସି, ଏ଼ୱାସିଏ ରାଜା କିହାଁ ରାଜା ଅ଼ଡ଼େ
ପ୍ରବୁ କିହାଁ ପ୍ରବୁ, ୧୬ ଏ଼ୱାସିଏ ରଅସି ହା଼ଆଗାଟାସି ଅ଼ଡ଼େ ମେସାଲି
ଆ଼ଡାଆଗାଟି ଉଜେଡ଼ିତା ମାନେସି, ଏଚେଲାୱା ଏ଼ୱାଣାଇଁ ଆମ୍ବାଆସି
ମେସାହିଲଅସି କି ମେସାଲି ଆ଼ଡଅସି, ଏ଼ୱାସି ତୀରିକିତି ଦିନାତା ଏ଼ଦାଆଁ
ତ଼ହ୍ନେସି; କା଼ଲାକା଼ଲାତାକି ତାନି ସାମ୍ବମି ଅ଼ଡ଼େ କାଜାପା଼ଣା ତ଼ଞ୍ଜା ଆ଼ପେ
। ଆ଼ମେନ୍ । (aiōnios g166) ୧୭ ଆମିନି ଗାଟାରି ଇ ଜୁଗୁତା ବାତ୍କିତାରି,
ଏ଼ୱାରି ଏ଼ନିକିଁ ଆଜ୍କାରା ଆ଼ଅରି ଅ଼ଡ଼େ କା଼ଲେଏ ଡ଼ୟାଆ ଦ଼ନ ଲାକ ବା଼ର୍ସୁ
ଇଟଅରି, ସାମା ଆମିନି ମାହାପୂରୁ ଏ଼ ବାରେ ଲେ଼ମ୍ବାଲି ତାକି ମାଞ୍ଜେ
ଲ଼ଡ଼ାମାନାଣି ହିୟାନେସି, ଏ଼ୱାଣି ତା଼ଣା ବା଼ର୍ସୁ ଇଟିନେରି, (aiōn g165)
୧୮ ଅ଼ଡ଼େ ଏଟ୍କା ଲ଼କୁତି ସା଼ୟେମି କିହାନା ନେହିଁ କାମା ତଲେ ବାତ୍କୁ
ଗାଟାରି ଆ଼ନେରି ଅ଼ଡ଼େ କେୟୁ ଦେଚାନା ଅ଼ଡ଼େ ରା଼ହାଁଟି ଦା଼ନା ହୀହାଲି
ଅଣ୍ପିନେରି, ଏ଼ଦାଆଁତାକି ଏ଼ୱାରାଇଁ ହୁକୁମି ହୀମୁ; ୧୯ ଇଲେ କିତିସାରେ
ଏ଼ୱାରି ତାମି ୱା଼ହିମାନି ଜୀୱୁତାକି ନେହିଁ ପୁନାଦି କିହାମାନେରି, ଏ଼ନିକିଁ
ଏ଼ୱାରି ସାତା ଜୀୱୁ ବେଟାଆ଼ନେରି । ୨୦ ଏ଼ ତିମତି, ନିଞ୍ଜେ ଏ଼ନା
ଏ଼ନାୟି ହୀପ୍କି ଆ଼ହାମାଞ୍ଜାନେ, ଏ଼ଦାଆଁ ଜାତ୍ନୁ କିହାଁ ଇଟାମୁ; ଉଜେଏତି
କାତାୟାଁ ଅ଼ଡ଼େ ସାତା କାତାତି ବୁଦିତାଣି ବା଼ସିଁ ଆ଼ନାରି ତା଼ଣାଟି ହେକ
ଆ଼ମୁ; ୨୧ ଆମ୍ବା ଆମ୍ବାଆରି ଏ଼ଦାଆଁ ପୁଞ୍ଜାନା ମା଼ନୱି ଆ଼ଆନା ନାମୁତି
ଜିରୁ ବା଼ଣା ଆ଼ହାମାନେରି । କାର୍ମାମେହ୍ନାୟି ନୀ ତଲେ ମାଣ୍ମ୍ବେ ।

# ୨ତିମ

୧ ନା଼ନୁ ପା଼ୱୁଲ, କ୍ରୀସ୍ତ ଜୀସୁ ତା଼ଣା ମାନି ଜୀୱୁତି ଆ଼ଞ୍ଜାମାନି ଲେହେଁ,
ମାହାପୂରୁ ଅଣ୍‌ପୁ ତଲେ କ୍ରୀସ୍ତ ଜୀସୁତି ର଼ ପାଣ୍ତ୍ୱି ଆ଼ହାମାନାତେଏଁ ।
୨ ତିମତି, ନା଼ ଜୀୱୁତି ମୀର୍‌ଏଣାତି ଆ଼ବା ମାହାପୂରୁ କ୍ରୀସ୍ତ ଜୀସୁ ତା଼ଣାଟି
କାର୍ମାମେହ୍‌ନାୟି ଅ଼ଡ଼େ ହିତ୍‌ଡ଼ି ଜୀୱୁ ନିଙ୍ଗେତାକି ଆୟାପେ । ୩ ମା଼
ତଲିତି ଆ଼କୁ ଆ଼ବାୟାଁ ଲେହେଁ ନା଼ନୁ ସୁଦୁ ଅଣ୍‌ପୁ ତଲେ ମାହାପୂରୁଇଁ
ସେ଼ବା କିହିମାଇଁ, ନା଼ନୁ ଏ଼ ମାହାପୂରୁ ତା଼ଣା ଲା଼ଆଁ ମାଦେନା ପ୍ରାତାନାତା
ନୀ ଦ଼ରୁ ରା଼ଚାହାଁ ମାହାପୂରୁଇଁ ଜହରା କିହିମାଇଁ; ୪ ଏ଼ନିକିଁ ନା଼ ରା଼ହାଁ
ଗାଡିଆ଼ନେ, ଇଦାଆଁତାକି ନୀ କାଣ୍ଣୁ ଅଣ୍‌ପାନା ନିଙ୍ଗେ ମେସାଲି ତାକି
ହ଼ାରେକା ମ଼ନ କିହିମାଇଁ; ୫ ଇଚିହିଁ ଆମିନି କୁଟୁ ହିଲାଆଗାଟି ନାମୁ, ମୀ
ବା଼ୟି ଲୟି ଅ଼ଡ଼େ ମୀ ଇୟା଼ ଇୱୁନିକି ତା଼ଣା ମାଚେ, ଅ଼ଡ଼େ ନୀ ତା଼ଣା
ଜିକେଏ ମାନେ ଇଞ୍ଜିହିଁ ନା଼ ହ଼ାରେକା ନାମୁ, ନୀ କୁଟୁ ହିଲାଆ ନାମୁତି କାତା
ନା଼ନୁ କାବୁ ବେଟାଆ଼ହାମାଇଁ । ୬ ନା଼ନୁ ନୀ ଲାକ କେୟୁ ଇଟାତି ବେ଼ଲାତା
ନୀନୁ ମାହାପୂରୁ ତା଼ଣାଟି ଆମିନି ବ଼ର ବେଟାଆ଼ତି ଏ଼ଦାଆଁ ଜାତ୍‌ନୁ
କିହାଁ ଇଟାଲି ନା଼ନୁ ନିଙ୍ଗେ ଅଣ୍‌ପି କିହିମାଞ୍ଜାଇଁ । ୭ ଇଚିହିଁ ମାହାପୂରୁ
ମାଙ୍ଗେ ଆଜିନି ଜୀୱୁ ହୀହାମାଞ୍ଜଅସି, ସାମା ବା଼ଡ଼୍‌ୟୁ, ଜୀୱୁ ନ଼ନାଣି,
ଅ଼ଡ଼େ ନେହିଁ ଅଣ୍‌ପି କିନି ଜୀୱୁ ହୀହାମାଞ୍ଜାନେସି । ୮ ଏ଼ଦାଆଁତାକି
ମା଼ର ପ୍ରବୁ କାତାତା ସା଼କି ହୀହାଲି ଅ଼ଡ଼େ ନା଼ନୁ ପ୍ରବୁତି ତାକି କାୟିଦି
ଇଲୁତା ଦସ୍‌ପି ଆ଼ହାମାଇଁ ନା଼ ତାକି ଲାଜା ଆ଼ଆନି, ସାମା ମାହାପୂରୁ
ହୀହାମାଞ୍ଜାନି ବା଼ଡ଼୍‌ୟୁ ତଲେ ନେହିଁ କାବୁ ୱେ଼କ୍‌ହାଲି ବେଟାଆ଼ହାମାନି
କସ୍ତୁତି ସହୱି ଆ଼ମୁ । ୯ ଏ଼ୱାସି ମାଙ୍ଗେ ଗେଲ୍‌ପା ମାଞ୍ଜାନେସି, ଅ଼ଡ଼େ ନା଼
ନେହିଁ ଲ଼କୁତେରି ଇଞ୍ଜିହିଁ ହ଼ାଟାମାଞ୍ଜାନେସି; ଅ଼ଡ଼େ ମା଼ କିହାମାନି କାମା
ଲେହେଁ କିହାଁ ମାଞ୍ଜଅସି, ସାମା ତାନି ଅଣ୍‌ପୁ ତଲେ ତା଼ନୁ କାର୍ମା ମେସ୍ତାନି
ଲେହେଁ କିହାଁ ମାଞ୍ଜାନେସି; ଏ଼ କାର୍ମା ତଲି କା଼ଲା ନ଼କେଏ କ୍ରୀସ୍ତ ଜୀସୁ
ତା଼ଣାଟି ମାଙ୍ଗେ ହୀୱି ଆ଼ହାମାଚେ, (aiōnios g166) ୧୦ ସାମା ନୀଏଁ ମା଼
ଗେଲ୍‌ପାନି କ୍ରୀସ୍ତ ଜୀସୁ ଦାର୍‌ତିତା ୱା଼ହାମାନାକି ମାଙ୍ଗେ ତ଼ସାମାଞ୍ଜାନେସି;
ଏ଼ୱାସି ହ଼ାକିତି ମ୍ଣେକ୍‌ହା ମାନେସି; ଅ଼ଡ଼େ ତାନି ନେହିଁ କାବୁତଲେ ଜୀୱୁ
ଅ଼ଡ଼େ ହ଼ାଆଗାଟାଣି ଉଜେଡ଼ିତା ତ଼ସାମାନେସି । ୧୧ ଇ ନେହିଁ କାବୁ
ୱେ଼କ୍‌ହାନା ତେଲ୍‌ହିକିହାଲି ମାହାପୂରୁ ନାଙ୍ଗେ ର଼ ପାଣ୍ତ୍ୱିଆ଼ତି ସୀସୁ ଇଞ୍ଜାଁ
ଜା଼ପ୍‌ନାସି ଲେହେଁ ହେର୍‌ପା ମାଞ୍ଜାନେସି । ୧୨ ଏ଼ଦାଆଁତାକି ନା଼ନୁ ଇ
ବାରେ ଦୁକୁ ବେଟା ଆ଼ହିମାଇଁ; ଆ଼ତିଜିକେଏ ନା଼ନୁ ଆଜା ହିଲଅଁ, ଇଚିହିଁ
ନା଼ନୁ ଆମ୍ବାଆରି ତା଼ଣା ନାମାମାଇଁ, ଏ଼ୱାଣାଇଁ ପୁଞ୍ଜାମାଇଁ, ଅ଼ଡ଼େ ନା଼ନୁ ତାନି
କେୟୁତା ଏ଼ନାଆଁ ହେର୍‌ପାମାଇଁ, ବିଚାରା ଦିନା ୱା଼ନି ପାତେକା ଏ଼ଦାଆଁ
ଏ଼ୱାସି ଜାତ୍‌ନୁ ତଲେ ଇଟାଲି ଆ଼ଡିମାନେସି, ଇଦାଆଁ ନା଼ନୁ ଟୀର୍‌ପୁତଲେ
ନାମିମାଇଁ । ୧୩ ନା଼ ତା଼ଣାଟି ଆମିନି ନେହିଁ ବ଼ଲୁ ୱେଞ୍ଜାମାଞ୍ଜି, କ୍ରୀସ୍ତ ଜୀସୁ
ତା଼ଣାଟି ନାମୁ ଇଞ୍ଜାଁ ଜୀୱୁ ନ଼ନାଣି ଏ଼ଦାଆଁ ନେହିଁକିଁ ଆସା ମାନାମୁ । ୧୪
ଆମିନି ନେହିଁ କାତାତି ଦାୟିପତି ମିଙ୍ଗେ ହୀପ୍‌କି ଆ଼ହାମାଞ୍ଜାନେ, ମା଼
ତା଼ଣା ବାସା କିହିମାନି ସୁଦୁଜୀୱୁତି ବା଼ଡ଼୍‌ୟୁ ତଲେ ଏ଼ ବାରେତି ଜାତ୍‌ନୁ
କିହା ଇଟାମୁ । ୧୫ ନୀନୁ ପୁଞ୍ଜାମାଞ୍ଜି; ପୁଗେଲ ଅ଼ଡ଼େ ହର୍ମଗେନା ତଲେ
ଆସିୟାତି ବାରେ ଲ଼କୁ ନାଙ୍ଗେ ପିସା ମାଞ୍ଜାନେରି । ୧୬ ଅନିସିପର
କୁଟମିତି ପ୍ରବୁ କାର୍ମା ମେସ୍‌ପେସି, ଏ଼ନାଆଁତାକି ଇଚିହିଁ ଏ଼ୱାରି ଅଲେ
ଅଲେ ୱା଼ହାନା ନା଼ ଦୁକୁ ଊକ୍‌ହାତେରି, ଇଚିହିଁ ନା଼ନୁ କାୟିଦି ଇଲୁତା
ମାଚିହିଁ ଜିକେଏ ଲାଜା ଆ଼ହାହିଲଅରି, ୧୭ ର଼ମ୍ ଗା଼ଡ଼ାତା ଏଜାଲିଏ
ଏ଼ୱାସି ନାଙ୍ଗେ ପାରାନା ନା଼ ତା଼ଣା ୱା଼ତେସି, ୧୮ ରା଼ନି ଦିନାତା ଏ଼ନିକିଁ
ମାହାପୂରୁ ତା଼ଣାଟି କାର୍ମା ବେଟାଆ଼ନେସି, ଏଲେକିଁ ମାହାପୂରୁ ଏ଼ୱାଣାକି
କାର୍ମା ଆ଼ପେସି, ଅ଼ଡ଼େ ଏ଼ୱାସି ଏପିସିୟ଼ ଗା଼ଡ଼ାତା ନାଙ୍ଗେ ଏ଼ନିକିଁ ସେ଼ବା
କିହାମାଞ୍ଜାନେସି, ଏ଼ଦାଆଁ ନୀନୁ ନେହିଁକିଁ ପୁଞ୍ଜାମାଞ୍ଜି ।

୨ ଏ଼ଦାଆଁତାକି ଏ଼ ନା଼ ଜୀୱୁତି ମୀର୍‌ଏଣାତି, କ୍ରୀସ୍ତ ଜୀସୁତଲେ ଆଣ୍ତିତାକି
ତାନି କାର୍ମାମେହ୍‌ନି ତା଼ଣାଟି ଆମିନି ବା଼ଡ଼୍‌ୟୁ ମେ଼ଡ଼ା ଆ଼ନେ ଏମ୍ବାଆଁ
ମୀରୁ ବା଼ଡ଼୍‌ୟୁ ଗାଟାତେରି ଆ଼ଦୁ, ୨ ଅ଼ଡ଼େ ହ଼ାରେକା ସା଼କିୟାଁ ନ଼କିତା
ଆମିନି ବାରେ କାତା ନା଼ ତା଼ଣାଟି ନୀନୁ ୱେଞ୍ଜାମାଞ୍ଜି, ଅ଼ଡ଼େ ଏମିନିଗାଟାରି
ଏଟ୍‌କା ଲ଼କୁଣି ଜିକେଏ ଜା଼ପ୍‌ହାଲି ଆ଼ଡିନାରି, ଏଲେତି ନାମୁଗାଟି ଲ଼କୁ
ନ଼କିତା ଇ ବାରେ ହେର୍‌ପାମୁ । ୩ ନୀନୁ କ୍ରୀସ୍ତ ଜୀସୁତି ର଼ ନେହିଁ ଜୁଜୁ
କିନାତି ଲେହେଁ ଏ଼ୱାଣି ତାକି କସ୍ତ ଅ଼ର୍‌ହାମୁ । ୪ ଆମ୍ବାଆସି ଜୁଜୁକିନି
କାମାତା ମାଞ୍ଜାନା, ଦାର୍‌ତିତି ଏଟ୍‌କା କାମାତା ହେର୍‌ପି ଆ଼ଅସି, ଏ଼ନିକିଁ
ଏ଼ୱାସି ତାନି ମୁହେଁତି କାଜାଣାଇଁ ରା଼ହାଁ କିନେସି । ୫ ଅ଼ଡ଼େ ଆମ୍ବାଆସି
କାହୁ ତାକି ବା଼ଦ୍‌ହାରା ଆ଼ନେସି, ଏ଼ୱାସି ମେ଼ରା ତଲେ କାହାଆସାରେ
ଜୀଣା ଆ଼ଅସି । ୬ ଆମିନି ତ଼ସା କାମାକିନାସି ୱା଼ହୁ ତଲେ କିନାସି,
ଏ଼ୱାସି କାମାତି ମୂଲୁତି ବା଼ଗା ବେଟାଆ଼ନାୟି ମାନେ । ୭ ନା଼ନୁ ଏ଼ନାଆଁ
ୱେସିମାଞ୍ଜାଇଁ, ଏ଼ଦାଆଁ ଅଣ୍‌ପାମୁ; ଇଚିହିଁ ପ୍ରବୁ ନିଙ୍ଗେ ବାରେ ପୁଞ୍ଜାଲି
ବୁଦି ହିୟାନେସି । ୮ ନା଼ ତା଼ଣାଟି ୱେସ୍‌ପିଆ଼ହାମାନି ନେହିଁ କାବୁ ଲେହେଁ
ହ଼ାତାରି ତା଼ଣାଟି ନିଡ୍ଗିତାଣି ଅ଼ଡ଼େ ଦାୱୁଦ କୂ଼ଡ଼ାତା ଜାର୍ନା ଆ଼ହାମାନି ଜୀସୁ
କ୍ରୀସ୍ତୁଇଁ ଅଣ୍‌ପାମୁ । ୯ ଇ ନେହିଁ କାବୁତାକି ନା଼ନୁ ଦ଼ହଗାଟି ଲ଼କୁ ଲେହେଁ
କାୟିଦି ଇଲୁତା ଦସ୍‌ପିଆ଼ନି ପାତେକା କସ୍ତ ବେଟା ଆ଼ହିମାଇଁ; ସାମା
ମାହାପୂରୁତି ବ଼ଲୁ ଦସ୍‌ପି ଆ଼ହା ହିଲେଏ । ୧୦ ଇଦାଆଁତାକି ମାହାପୂରୁ
ଆ଼ଚାମାନି ଲ଼କୁ ଜିକେଏ ଏ଼ନିକିଁ କା଼ଲାକା଼ଲାତି ଗାୱୁରମି ତଲେ କ୍ରୀସ୍ତ
ଜୀସୁ ହୀହାମାନି ଗେଲ୍‌ପି ଆ଼ନାଣି ବେଟାଆ଼ନେରି, ଏ଼ଦାଆଁତାକି ନା଼ନୁ
ଏ଼ୱାରି ତାକି ଇ ବାରେ ସା଼ସାତଲେ କସ୍ତ ଅ଼ର୍‌ହିମାଇଁ । (aiōnios g166)
୧୧ ଇ କାତା ସାତା “ମା଼ର କ୍ରୀସ୍ତ ତଲେ ହ଼ାହାମାନାୟି, ଅ଼ଡ଼େ ଏ଼ୱାଣିତଲେ
ଜିକେଏ ନୀଡିନାୟି; ୧୨ ଅ଼ଡ଼େ ମା଼ର ସା଼ସାଆସାଁ କସ୍ତ ଅ଼ର୍‌ହିନାୟି, ଆତିହିଁ
ଏ଼ୱାଣିତଲେ ଜିକେଏ ସା଼ଲୱି କିନାୟି; ମା଼ର ଏ଼ୱାଣାଇଁ ପୁଞ୍ଜାହିଲଅମି
ଇନାୟି, ଆତିହିଁ ଏ଼ୱାସି ଜିକେଏ ମାଙ୍ଗେ ପୁଞ୍ଜାହିଲଅଁ ଇଞ୍ଜାନେସି; ୧୩
ଏ଼ଚେତା ମା଼ର ନାମାଆ ଗାଟାତାୟି ଆ଼ନାୟି, ଆ଼ତିଜିକେଏ ଏ଼ୱାସି
ବାରେ଼ବେଲା ଟିକାଣାତାସି, ଇଚିହିଁ ଏ଼ୱାସି ଜାହାରାଇଁ ଆ଼ଏ ଇଞ୍ଜାଲି
ଆ଼ଡଅସି ।” ୧୪ ନୀନୁ ବାରେ ନାମୁ ଗାଟାରାଇଁ ଇ ବାରେ କାତା

ମାହାପୂରୁ ଅଣ୍ପି କିମୁ, ସ୍ୱାସ୍ତେରିତି କାତା ଉଜେଏ ବ୍ାଦିବ୍ାଦା ଆ୍ନି
ତ୍ାଣାଟି ଜାଗ୍ରାତା କିମୁ, ଇଲେତି ବ୍ାଦିବ୍ାଦା ଆମ୍ବାଆରାଇଁ ନେହିଁ କିଏ,
ସାମା ଆମ୍ବାଆରି ଏମ୍ବାଆଁ ମ୍ନ ହୀନେରି ଏ୍ୱାରି ନ୍ାସା ଆ୍ନେରି । ୧୫
ସାତା ବ୍ଲୁ ଟିକାଣା ତଲେ ଲ୍େମ୍ବାନା, ଆମିନି କାମାକିନାସି କାମାତା
ଏ୍ନିକିଁ ଲାଜା ଆ୍ଅସି, ଏ୍ୱାଣିଲେହେଁ ମାହାପୂରୁ ନ୍କିତା ଜାହାରାଇଁ
ତାୟିପାରିତା ଜୀଣା ଆ୍ହାମାନି ଲେହେଁ ତ୍ସାଲି ଜାତ୍ନୁ କିମୁ । ୧୬ ସାମା
ଲାଗେଏତି ଉଜେଏତି କାତାୟାଁ ବ୍ାସିଁ ଆ୍ନି ତ୍ାଣାଟି ହେକ ଡ୍ୟାଦୁ; ଇଚିହିଁ
ଆମ୍ବାଆରି ଏଲେତି କାମା କିନେରି, ଏ୍ୱାରି ଲାଗେଏତି କାମାତା ହ୍ାରେକା
ପାଡା ଆ୍ନେରି, ୧୭ ଅ୍ଡେ଼ ଏ୍ୱାରି କାତା ସୀର୍ନି ଗ୍ାହାଁ ଲେହେଁତାୟି;
ଏ୍ୱାରି ବିତ୍ରାଟି ହୁମନାୟ, ଅ୍ଡେ଼ ପିଲିତ, ଇ ରିଆରି ମାନେରି । ୧୮
ଏ୍ୱାରି ହ୍ାହାନା ୱେଣ୍ଡେ ନିଡ୍ଗିତାୟିଏ ଇଞ୍ଜୁଁ ସାତାତି ପିସାମାନେରି, ଅ୍ଡେ଼
ଏଚରଜ୍ାଣାତି ତାମି ନାମୁତି ତୀରି ମ୍ଣିପ୍ହି ମାନେରି । ୧୯ ଆ୍ତିଜିକେଏ,
ମାହାପୂରୁ କ୍େପିତି ପୁନାଦି ଆ୍ଟ୍ୱା ଆ୍ହାନା ଡ୍ୟାମାନେ, ଅ୍ଡେ଼ ଏ୍
ୱାଲିତା ଇ ବୁଟୁ ମୁଦ୍ରା ଆ୍ହାମାନେ, "ପ୍ରବୁ ତାନି ଲ୍କୁଣି ପୁଞ୍ଜାମାନେସି"
ଅ୍ଡେ଼, "ଆମ୍ବାଆସି ପ୍ରବୁତି ଦ୍ରୁ ଆହ୍ନାସି, ଏ୍ୱାସି ଲାଗେଏ ତ୍ାଣାଟି
ହେକ ମାଣ୍ମ୍ବେସି ।" ୨୦ ର୍ କାଜା ଇଜ ୱାର୍ଇ ବାଂଗାରା ୱେଣ୍ଡିତି ଡ୍କା
ମାଣ୍ଡି ମାନୁ, ଏଚେକା ଆ୍ଏ, ଅ୍ଡେ଼ ମ୍ାର୍କା ଇଞ୍ଜୁଁ ଇର୍ଆତି ଡ୍କା ମାଣ୍ଡି
ଜିକେଏ ମାନୁ; କଚେକା ଡ୍କା ମାଣ୍ଡି କାଜା କାଜା କାମାତାକି ମାନୁ,
ଅ୍ଡେ଼ କଚେକା ଉଜେଏ ଦିନା ଲ୍େମ୍ବାଲି ତାକି ମାନୁ । ୨୧ ଇଦାଆଁତାକି
ଆମ୍ବାଆସି ଏ୍ ବାରେ ତ୍ାଣାଟି ଜାହାରାଇଁ ଅଟ୍ହା କଡିନେସି, ଏ୍ୱାସି
ହେର୍ପି ଆ୍ହାନା, ସ୍ୱାୱୁକାରି କାମାତା ପ୍ାଡ଼ାଆ୍ନେସି, ଏ୍ୱାସି ବାରେ
ନେହିଁ କାମାତାକି ଆ୍ଚା ଇଟାମାନି ମ୍ାନିଗାଟି ଡ୍କା ମାଣ୍ଡି ଲେହେଁ ଆ୍ନେସି
। ୨୨ ସାମା ନୀନୁ ଦାଂଗ୍ଣା ବ୍େଲା ଲାଗେଏତି ଜୂପ୍କାଟି ହେକ ଆ୍ମୁ,
ଆମ୍ବାଆରି ସୁଦୁ ହିୟାଁ ତଲେ ପ୍ରବୁ ତ୍ାଣା ପ୍ରାତାନା କିନେରି, ଏ୍ୱାରିତଲେ
ଦାର୍ମୁ, ନାମୁ, ଜୀୱୁ ନ୍ନାଣି, ଅ୍ଡେ଼ ହିଡ୍ଡି଼ ଜୀୱୁ ଜ୍େଚ ହାଲାମୁ । ୨୩
ବୁଦି ହିଲାଆ ମୁର୍କୁ ଗାଟାରି ବ୍ାଦିବ୍ାଦା ଗଡ୍ହା କିନେ, ଇଦାଆଁ ପୁଞ୍ଜାନା
ଏ୍ ବାରେ ତ୍ାଣାଟି ହେକ ଆ୍ମୁ । ୨୪ ମାହାପୂରୁତି ହ୍ଲେଏସି ଗଡ୍ହା
କିନାୟି ନେହେଁ ଆ୍ଏ, ସାମା ବାରେଜ୍ାଣାତି ହିଡ୍ଡି଼ ହ୍ାଡା ଜ୍ାପ୍ନାସି,
ଅ୍ଡେ଼ ଅ୍ର୍ହିନାସି ଇଞ୍ଜୁଁ ମ୍ା କ୍ପାଟି ନିଡ୍ଗିନି ଲ୍କୁଣି ହିଡ୍ଡି଼ ହ୍ାଡାତଲେ
ଜ୍ାପ୍ନାସି ଆ୍ନାୟି ମାନେ, ୨୫ ଅ୍ଡେ଼ ଗଡ୍ହା ଗାଟାରାଇଁ ସୁଦୁ ସୁୱାଲା
ତଲେ ଲ୍େମ୍ବିନାସି ଆ୍ନାୟି ମାନେ, ଆତିହିଁ ଏ୍ୱାରି ସାତାତି ବୁଦି ପୁଞ୍ଜାଲି,
ମାହାପୂରୁ ଏ୍ୱାରାଇଁ ମ୍ନ ୱେଟ୍ନି ଅଣ୍ପୁ ହୀନେସି, ୨୬ ଅ୍ଡେ଼, ଆମିନି
ସୟତାନ ଏ୍ୱାରାଇଁ ତାନି ଅଣ୍ପୁ ତଲେ କିହାଲି ଦସ୍ପାମାନେ, ଏମ୍ବାଟି
ଏ୍ୱାରି ସେଡ୍ନା ଆ୍ହାନା ଏ୍ ପ୍ାନ୍ଦିଟି ଗେଲ୍ପି ଆ୍ନେରି ।

୩ ସାମା ଇଦାଆଁ ପୁଞ୍ଜାମାଞ୍ଜୁ, ର୍ାନି ଦିନାତା ନ୍ାସା ଆ୍ନି ଦିନା ୱାନେ;
୨ ଇଚିହିଁ ଲ୍କୁ ତ୍ାମ୍ମୁ ଜାହାରାଇଁ ଅଣ୍ପା କଡିନେରି, ଦ୍ନ ଜୂପ୍କା,
ଜୀୱୁତା ବଡପଣ, ଆଡ୍କାରା, ନିନ୍ଦା କିନେରି, ତାଲି ତାଞ୍ଜି କାତା ଆହ୍ଅରି,
୩ ର୍ାହାଁ ଆ୍ଆଗାଟାରି, ଦାର୍ମୁ ହିଲାଆ ଗାଟାରି, ଜୀୱୁ ନ୍ଆଗାଟାରି, ଆଣ୍ଡୱି
ଆ୍ନାୟି ହିଲାଆ ଗାଟାରି, ଲାଗେଏ କାତା ୱେସାନା ଲ୍କୁଣି ନ୍ାଡ଼ିକିନାରି,
ଦେବୁଣିଏ କ୍ପା ଆ୍ନାରି, ବ୍ାଡ୍ୟୁ ତ୍ସାନା ଆଜି କିନାରି, ନେହିଁ କାତାତି
ଅ୍ପାଆଗାଟାରି ଆ୍ନେରି; ୪ ଅ୍ଡେ଼ ଏ୍ୱାରି ହୀରୁ ଦ୍ାଃଆନାରି, ଡ୍ାୟୁ
ଏ୍ସ୍କି ଅଣ୍ପାଆ ଗାଟାରି, ବଡପଣ ଗାଟାରି ଆ୍ନେରି, ଅ୍ଡେ଼ ମାହାପୂରୁ
ଜୀୱୁ ନ୍ନାରି ଆ୍ଆନା ଦାର୍ତିତି ର୍ାହାଁତି ଜୀୱୁ ନ୍ନାରି ଆ୍ନେରି; ୫
ଏ୍ୱାରି ମାହାପୂରୁତି ଆଜିନି ମ୍େରା ଆହ୍ନେରି ସାମା ଏମ୍ବାତି ବ୍ାଡ୍ୟୁତି
ଆସାଲି କୂନେରି; ଇଲେତି ଲ୍କୁ ତ୍ାଣାଟି ହେକ ମାନାମୁ । ୬ ଇଚିହିଁ
ଇୱାରି ତ୍ାଣା ଇଲେତି ଲ୍କୁ ମାନେରି, ଏମିନିଗାଟାରି ଇଲ୍କା ତାକି
ଇଲ୍କା ହ୍ଡିହିଁ ପ୍ାପୁତି ବ୍ଜୁତା ଅ୍ଡେ଼ ତାମି ମ୍ନତି ଜୂପ୍କା ଗାଟି ଅଣ୍ପୁ
ତଲେ ତ୍ାକିନି ବୁଦି ହିଲାଆଗାଟି ଇୟାସିକାଣି ତାମି ତ୍ାଣା ଇଟିନେରି; ୭
ଇ ଇୟାସିକା କ୍ାଲେଏ ଜ୍ାପିମାଚି ଜିକେଏ, ଏଚେଲା ସାତାତି ପୁଞ୍ଜାଲି
ଆ୍ଡାଉ । ୮ ଏ୍ନିକିଁ ଜନିସି ଅ୍ଡେ଼ ଜାମ୍ବ୍ରିସ୍ ମ୍ସା କ୍ପାଟି ନିଡ୍ଗାମାଚେରି,
ଏଲେକିହିଁ ଏ୍ୱାରି ଜିକେଏ ସାତାତି ଆ୍ଡ୍ଗିନେରି, ଏ୍ୱାରି ତ୍ାୟୁଁ ଲାଗେଏ
ଆ୍ହାମାନେ ଅ୍ଡେ଼ ଏ୍ୱାରି ଦାର୍ମୁତି ନାମୁ ଉଜେଏ ଆ୍ହାମାନେ । ୯ ସାମା
ଏ୍ୱାରି ଅ୍ଡେ଼ ହ୍ାରେକା ଆଗାଡ଼ା ହାଲଅରି; ଇଚିହିଁ ଏ୍ ରିଆରି ଏ୍ୱାରି ବୁଦି
ହିଲାଆଗାଟାରି ଇଞ୍ଜୁଁ ର୍ ଦିନା ବାରେଜ୍ାଣା ପୁନେରି, ଜନିସି ଅ୍ଡେ଼ ଜାମ୍ବ୍ରିସ୍
ଜୀୱୁତା ଏ୍ନାୟି ଗଟୱି ଆ୍ହାମାଚେ, ଏ୍ୱାରି ଜୀୱୁତା ଏ୍ଦିଏ ଆ୍ନେ
। ୧୦ ସାମା ନୀନୁ ନ୍ା ଜ୍ାପ୍ନାଣି, ମାଣ୍କି, ନ୍ା ଅଣ୍ପୁ, ନ୍ା ନାମୁ, କସ୍ତ
ଅ୍ର୍ହିନାଣି, ଜୀୱୁ ନ୍ନାଣି, ଅ୍ର୍ହିନାୟି, ୧୧ ସ୍ାସ୍ତି ବେଟା ଆ୍ତାଣି, ଦୁକୁ
କସ୍ତ ବେଟା ଆ୍ତାଣି, ଇ ବାରେ ଆସାମାଞ୍ଜୁ; ଆନ୍ତିୟକିୟା, ଇକନିୟ, ଅ୍ଡେ଼
ଲୁସ୍ତ୍ରାତା, ନ୍ା ତାକି ଏଲେକିହିଁଏ ନିନ୍ଦା କସ୍ତ ଆ୍ହାମାଚେ; ଏ୍ଦାଆଁ ନ୍ାନୁ
ଅ୍ର୍ହା ମାଚେଏଁ, ଅ୍ଡେ଼ ପ୍ରବୁ ନାଡ୍ଗେ ଏ୍ ବାରେଟି ଗେଲ୍ପା ମାଞ୍ଜାତେସି ।
୧୨ ସାତେଏ ଆମିନି ଗାଟାରି କ୍ରୀସ୍ତ ଜୀସୁ ତ୍ାଣାଟି ଦାର୍ମୁ ଜୀୱୁ ନୀଡାଲି
ଅଣ୍ପିନେରି, ଏ୍ୱାରି ନିନ୍ଦା ବେଟାଆ୍ନେରି । ୧୩ ସାମା ଲାଗେଏତି
କାମାକିନାରି ଅ୍ଡେ଼ ନ୍ାଡ଼ିକିନାରି ନ୍ାଡ଼ି ଆ୍ହାନା ହ୍ାରେକା ଲାଗେଏତି
କାମା କିନେରି । ୧୪ ସାମା ନୀନୁ ଏ୍ନା ଏ୍ନାଆଁ ଜ୍ାପାମାଞ୍ଜୁ, ଅ୍ଡେ଼ ଆମିନି
କାତା ବାରେ ସାତେଏ ନାମାମାଞ୍ଜୁ, ଏ୍ ବାରେ ତ୍ାଣା ତୀରିତଲେ ମାନାମୁ,
ଇଚିହିଁ ନୀନୁ ପୁଞ୍ଜିମାଞ୍ଜୁ, ଆମିନି ଗାଟାରି ତ୍ାଣାଟି ଏ୍ ବାରେ ଜ୍ାପାମାଞ୍ଜୁ;
୧୫ ଅ୍ଡେ଼ ଆମିନି ଦାର୍ମୁ ସ୍ାସ୍ତେରି କ୍ରୀସ୍ତ ଜୀସୁ ତ୍ାଣା ନାମୁଟି ନିଡ୍ଗେ
ଗେଲ୍ପିକିନି ବୁଦି ହିୟାଲି ଆ୍ଡାନେ, ଏ୍ଦାଆଁ ନୀନୁ ଉଣା ୱେଡ଼ାଟିଏ
ପୁଞ୍ଜାମାଞ୍ଜୁ । ୧୬ ବାରେ ଦାର୍ମୁ ସ୍ାସ୍ତେରିତା ର୍ାସ୍କି ଆ୍ହାମାନି ବାରେ ବ୍ଲୁ
ମାହାପୂରୁ ଜ୍ଲିତାୟି, ଅ୍ଡେ଼ ଜ୍ାପ୍ନାୟି, ଲ୍ାଗିନାୟି, ତୀରିକିନାୟି, ଅ୍ଡେ଼
ଦାର୍ମୁତା ନୀଡାଲି ସ୍ାୟେମି କିନାୟି, ୧୭ ଏ୍ନିକିଁ ମାହାପୂରୁତି ଲ୍କୁ ତୀର୍ପୁ
ଆ୍ହାନା ବାରେ ନେହିଁ କାମାତା ଜ୍ଗେ ଗାଟାରି ଆ୍ନେରି ।

୪ ନ୍ାନୁ ମାହାପୂରୁ ନ୍କିତା, ଅ୍ଡେ଼ ଆମିନି କ୍ରୀସ୍ତ ହ୍ାତାରାଇଁ ଇଞ୍ଜୁଁ
ନୀଡାମାନାରାଇଁ ନୀହାଁୟି କିହାଲି ହାଜିମାନେସି, ତାନି ୱେଣ୍ଡେ
ୱ୍ାନାଣି ଅ୍ଡେ଼ ର୍ାଜିତି ମ୍ାନି କିହାନା ହୁକୁମି ହୀହିମାଞ୍ଜାଇଁ, ୨ ମାହାପୂରୁ
ବ୍ଲୁ ୱେକ୍ମୁ, ନେହିଁ ବ୍େଲାତା କି ଲାଗେଏତି ବ୍େଲାତା ବ୍ଲୁ ୱେକହାଲି

ତିୟାରା ଆ଼ହା ମାନାମୁ, ନୀନୁ ବାରେ କସ୍ତ ଅ଼ର୍‌ହାନା ଜା଼ପ୍‌ହିହିଁ ଲା଼ଗାମୁ,
ଅ଼ଡ଼େ ଦାକା ହୀହାନା ସା଼ସା ବା଼ର୍ସୁ ହୀମୁ । ୩ ଇଚିହିଁ ଦିନା ୱା଼ନେ,
ଏଚିବେଲା ଲ଼କୁ ନେହିଁ ଜା଼ପ୍‌ନାଣି ୱେଞ୍ଜାଲି ଅ଼ପଅରି, ସାମା ତାମି କୀର୍କା
ତାକି ସୁଦୁ ସୁୱାଲା ହା଼ଡା ୱେଞ୍ଜାଲି ମ଼ନ ହୀନେରି ଇଞ୍ଜାଁ କାତା ଜୂପ୍‌କାତାକି
ଲାଗେଏତାଣି ଜା଼ପ୍‌ନାରାଇଁ କୂଡ଼ି କିନେରି । ୪ ଅ଼ଡ଼େ ସାତା କାତାତି
ୱେଞ୍ଜାଲି କୂହାନା ଅଣ୍‌ପାନା ୱେହ୍‌ନି ପୁସ୍‌ପନିକାଣି ମ଼ନ ହୀନେରି । ୫
ସାମା ନୀନୁ ବାରେ ତ଼ାଣା ସେତ୍‌ନା ଆ଼ମୁ, କସ୍ତତି ଅ଼ର୍‌ହାମୁ, ମାହାପୂରୁତି
ନେହିଁ କାବ୍ଲୁ ୱେ଼କ୍‌ମୁ କାମା ପୂରା କିମୁ ଅ଼ଡ଼େ ନୀ ସ଼େବା କାମା ରା଼ପ୍‌ମୁ । ୬
ଇଚିହିଁ ନୀଏଁ ଜିକେଏ ନା଼ ଜୀୱୁ ଗସାଲି ତାକି ୱା଼କ୍‌ହିମାନି ଲେହେଁ ହେର୍‌ପି
ଆ଼ହିମାନେ, ନା଼ ହା଼ନି ଦିନା ଏଗାୱା଼ତେୟିଏ । ୭ ନା଼ନୁ ନେହିଁ ଜୁଜୁତା ଜୀୱୁ
ତୁସାନା ଜୁଜୁ କିହିମାଇଁ, ନାଙ୍ଗ୍ଲେତାକି ଚ଼େପାମାନି ପା଼ହେରି ରା଼ୱେତାକି
ହଟାମାଇଁ, ନା଼ନୁ ନାମୁତି ଜାଣ୍ତେ ଆସାମାଇଁ; ୮ ନାଙ୍ଗ୍ଲେତାକି ଦାର୍ମୁତି
ଟ଼ପେରି ଇଟ୍‌କି ଆ଼ହାମାନେ, ଏ଼ଦାଆଁ ଏ଼ କାଜା ନୀହାଁୟି ଦିନାତା ନୀହାଁୟି
କିନି ପ୍ରବୁ ନାଙ୍ଗ୍ଲେ ହିୟାନେସି, ୱା଼ର୍‌ଇ ନାଙ୍ଗ୍ଲେ ଆ଼ଏ, ତାନି ୱେଣ୍ତା ୱା଼ନାଣି
ନେହିଁ ମ଼ନତଲେ କା଼ଚାମାନି ବାରେଜ଼ାଣା ତାକି ଜୀୱୁନ଼ହାଁନା ହୀନେସି
। ୯ ତବେ ନା଼ ତ଼ାଣା ୱା଼ହାଲି ଜାଗ୍ରାତା ଆ଼ମୁ; ୧୦ ଇଚିହିଁ ଦିମା ନାଙ୍ଗ୍ଲେ
ପିସାହାଁ ନୀଏଁତି ଦାର୍‌ତିତି ଜୀୱୁନ଼ହାଁନା ତେସଲନିକିତା ହାଜାମାନେସି,
କ୍ରେସ୍‌କେନସ୍ ଗାଲାତିୟାତା ଅ଼ଡ଼େ ତିତସ ଦଲମତିୟାତା ହାଜାମାନେରି
। (aiōn g165) ୧୧ ଅ଼ଡ଼େ ଲୂକ ରଅସିଏ ନା଼ ତଲେ ମାନେସି । ମାର୍କଇଁ ନୀ
ତଲେ ତାଚିହିଁ ୱା଼ମୁ, ଇଚିହିଁ ନା଼ ସ଼େବା କାମାତା ସା଼ୟେମି କିୟାନେସି ।
୧୨ ନା଼ନୁ ତୁକିକଇଁ ଏପିସିୟତା ପାଣ୍ତା ମାଇଁ । ୧୩ ତ୍ରୟାତା କାର୍ପ ତ଼ାଣା
ଆମିନି ଉସମି ସକା ପିସା ୱା଼ହାମାଇଁ, ନୀନୁ ୱା଼ନାଟି ସକା ଅ଼ଡ଼େ ପତିୟାଁ
ବାରେକିହାଁ ତ଼ଲୁ ପତିୟାଁ ତାଚିହିଁ ୱା଼ମୁ । ୧୪ ପିତାଡ଼ା ବ଼େବାରାଗାଟି
ଆଲେକ୍‌ଜାଣ୍ତାର ନାଙ୍ଗ୍ଲେ ହା଼ରେକା କସ୍ତ ହୀହାମାଞ୍ଜାନେସି; ପ୍ରବୁ ଏ଼ୱାଣାଇଁ
ତା଼ନୁ କିତି କାମା ଲେହେଁ ପା଼ଡ଼େୟି ହୀନେସି; ୧୫ ନୀନୁ ଜିକେଏ ଏ଼ୱାଣି
ତ଼ାଣାଟି ଜାଗ୍ରାତା ଆ଼ହା ମାନାମୁ, ଇଚିହିଁ ଏ଼ୱାସି ମା଼ର ୱେ଼କ୍‌ନି କାତା
କ଼ପାଟି ନିଙ୍ଗ୍ନାନା କା଼ହି କିହିମାଞ୍ଜାତେସି । ୧୬ ତଲି ମୂଲୁ ନାଙ୍ଗ୍ଲେ ନୀହାଁୟି
କିୟାତାଟି ଆମ୍ବାଆରି ନା଼ ୱାକିଟି ଆ଼ଆତେରି, ସାମା ବାରେଜ଼ାଣା ନାଙ୍ଗ୍ଲେ
ପିସ୍ତାତେରି, ଏ଼ଦାଆଁ ମାହାପୂରୁ ଏ଼ୱାରି କ଼ପାଟି ଦ଼ହ କିଆପେସି । ୧୭
ସାମା ପ୍ରବୁ ନା଼ ତଲେ ମାଞ୍ଜାନା ନାଙ୍ଗ୍ଲେ ବା଼ଡ଼୍‌ୟୁ କିୟାତେସି, ଅ଼ଡ଼େ
ନା଼ନୁ ସିହଁକ୍ତାଃନି ଗୃତିଟି ଗେଲ୍‌ପିଆ଼ତେଏଁ, ଏ଼ନିକିଁ ନା଼ ତ଼ାଣାଟି ନେହିଁ
କାବ୍ଲୁ ବାରେ ତ଼ାଣା ୱେଙ୍ଗିନେ ଅ଼ଡ଼େ ଜୀହୁଦିଆ଼ଆତି ଲ଼କୁ ବାରେଜ଼ାଣା
ଏ଼ଦାଆଁ ୱେଞ୍ଜାଲି ଆ଼ଡିନେରି; ୧୮ ପ୍ରବୁ ନାଙ୍ଗ୍ଲେ ବାରେ ଲାଗେଏ କାମାଟି
ଗେଲ୍‌ପାନେସି, ଅ଼ଡ଼େ ନାଙ୍ଗ୍ଲେ ଗେଲ୍‌ପାନା ତାନି ଲାକପୂରୁ ରା଼ଜିତା
ଅୟାନେସି; ଏ଼ୱାଣି ଗାୱୁରମି କା଼ଲାକା଼ଲା ତାକି ଆ଼ପେ! ଆ଼ମେନ୍ । (aiōn
g165) ୧୯ ପ୍ରିସ୍କିଲା ଅ଼ଡ଼େ ଆକ୍‌ୱିଲା ଇଞ୍ଜାଁ ଅନିସିପର ଇଲୁ କୁଟମିକି ନା଼
ଜହରା ୱେହ୍‌ମୁ । ୨୦ ଏରାସ୍ତ କରନ୍ତି ଗା଼ଡ଼ାତା ଡ଼ୟା ମାନେସି, ସାମା
ତ୍ରପିମ ଆ଼ଡିହିଲାଆକି ନା଼ନୁ ଏ଼ୱାଣାଇଁ ମିଲିତତା ପିସା ୱା଼ତେଏଁ । ୨୧
ନୀନୁ ପେନି଼ବେଲା ୱା଼ଆ ନ଼କେଏ ୱା଼ତିହିଁ ନେହିଁ ଆ଼ତେମା । ଇୟୁବୁଲ,
ପୁଦେନସ୍, ଲିନ, କ୍ଲାୱୁଦିୟା, ଅ଼ଡ଼େ ବାରେ କ୍ରୀସ୍ତାନା ତାୟିୟାଁ ନିଙ୍ଗ୍ଲେ
ଜହରା ୱେସିମାଞ୍ଜାନେରି । ୨୨ ପ୍ରବୁ ନୀ ଜୀୱୁତା ମାଣ୍ମ୍ବେସି, ମାହାପୂରୁତି
କାର୍ମାମେହ୍‌ନାୟି ମୀ ବାରେତାକି ଆୟାପେ ।

# ତିତସ

**୧** ପ଼ାୱୁଲ, ମାହାପୂରୁତି ହ଼ଲେଏଣାତେଏଁ ଇଞ୍ଜ଼ାଁ ଜୀସୁ କ୍ରୀସ୍ତୁ ତ଼ାଣାଟି
ପାଣ୍ତୱି ଆ଼ହାମାନାତେଏଁ । ମାହାପୂରୁ ଆ଼ଚାମାନି ଲ଼କୁତି ନାମୁ
ପାଡିକିହାଲି ଅ଼ଡ଼େ କ଼ାଲାକ଼ାଲାତି ଜୀୱୁ ମ଼େଡ଼ାଆ଼ନି ଆ଼ସାତି ଦାର୍ମୁତି
ନାମୁତା ସାତାତି ଜାଗ୍ରାତା କିହାଲିତାକି ନ଼ାନୁ ପାଣ୍ତୱି ଆ଼ହାମାଇଁ
। ୨ କ଼ାଲାକ଼ାଲାତି ଜୀୱୁତି ଆ଼ସା ହୀହାଲିତାକି, ଏମିନି ମାହାପୂରୁ
ଆ଼ଞ୍ଜ଼ାମାଚେସି, ଏ଼ୱାସି ଏଚେଲା ମିଚି ଜ଼ଲାଆଗାଟାସି । (aiōnios g166) ୩
ଏ଼ କ଼ାଲାକ଼ାଲାତି ଜୀୱୁ ସାତା ମାହାପୂରୁ, ହ଼ାରେକା କ଼ାଲା ନ଼କେଏ ଆ଼ଞ୍ଜ଼ାନା
ସମାନା ବ଼େଲାତା ତାନି ବ଼ଲୁ ୱ଼େକ଼ନି ତ଼ାଣାଟି ତ଼ସାମାନେସି; ଏ଼ ବ଼ଲୁ
ୱ଼େକ଼ନି ବ଼ଜୁ ମ଼ା ଗେଲ୍‌ପାନି ମାହାପୂରୁ ହୁକୁମି ତଲେ ନ଼ା ତ଼ାଣା ହେର୍‌ପି
ଆ଼ହାମାଞ୍ଜ଼ାନେ । ୪ ନ଼ା ସମାନା ନାମିତାସି ଅ଼ଡ଼େ ନାମୁତା ନ଼ା ଜୀୱୁତି
ମୀର୍‌ଏସି ତିତସ ତ଼ାଣା ଇ ଆ଼କୁ ର଼ାଚିମାଇଁ । ଆ଼ବା ମାହାପୂରୁ ଅ଼ଡ଼େ
ମାଞ୍ଜେ ଗେଲ୍‌ପାନି କ୍ରୀସ୍ତୁ ଜୀସୁ ମିଞ୍ଜେ କାର୍ମା ଅ଼ଡ଼େ ହିତ଼ଡ଼ି ହିୟାପେସି
। ୫ ନ଼ାନୁ ୱେସ୍ତାତିଲେହେଁ ର଼ାଆତି କାମାତି ର଼ାପ଼ହାଲି ତାକି, ଅ଼ଡ଼େ
ବାରେ ଗ଼ାଡ଼ାତା ପ୍ରାଚିନାଙ୍ଗାଣି କାମା ହେର୍‌ପାଲି ତାକି ନ଼ାନୁ କ୍ରିତିତା ନିଞ୍ଜେ
ପିସା ୱାୟାତେଏଁ; ୬ ଆମ୍ବାଆସି ଦ଼ହ ହିଲାଆଗାଟାସି, ରଣ୍ତିଏ ଡକ୍ରିନି
ଡକ୍ରା, ଆମ୍ବାଆରି ମୀର୍‌କା ମ଼ାସ୍‌କା ନାମିତାରି, ଅ଼ଡ଼େ ଲାଗେଏ ପ଼ଲେଏତି
କାମା କିଅରିକି ମ଼ାନୱି ଆ଼ଆଗାଟି କାମା କିଅରି ଏ଼ୱାରାଇଁ ଆ଼ଚାହାଁ
ପ୍ରାଚିନା କିମୁ । ୭ ଇଚିହିଁ କାଜାସି, ମାହାପୂରୁତି ଗୁମୁସ୍ତା ଆ଼ହାଁ ଦ଼ହ
ହିଲାଆଗାଟାସି ଆ଼ନାୟି ମାନେ; ଏ଼ୱାସି ଜାହାରା ମ଼ନତଲେ କିନାସି କି
ଦେବୁଣିଏ କାର୍‌ବି ଆ଼ନାସି କି କ଼ାଡୁ ଗହ଼ନାସି କି ଗଡ଼୍‌ହା କିନାସି କି ଦ଼ନ
ଜୂପ଼କା ଗାଟାସି ଆ଼ଆନା, ୮ ଏ଼ୱାସି ଗତାୟାଁଣି ଆକ୍ରା କିନାସି, ଏ଼ନାୟି
ନେହାୟି ଏ଼ଦାଆଁ ଜୀୱୁ ନ଼ନାସି, ଜାହାରାଇଁ ଲକ଼ନାସି, ଦାର୍ମୁଗାଟାସି,
ସୁଦୁଗାଟାସି, ଇଞ୍ଜ଼ାଁ ମ଼େରା ମ଼ାନୱି ଆ଼ନାସି ଆ଼ପେସି । ୯ ଅ଼ଡ଼େ ଏ଼ନିକିଁ
ଏ଼ୱାସି ଲ଼କୁତାକି ନେହାଁଣି ଜ଼ାପ଼ହାନା ର଼ାହାଁ ହୀହାଲି ଇଞ୍ଜ଼ାଁ ମାହାପୂରୁ
କାତା କ଼ପାଟି ୱେହ଼ନାରାଇଁ ଲ଼ାଗାଲି ଆ଼ଡିନେସି, ଇଦାଆଁତାକି ଜ଼ାପାମାନି
ନାମିନି ବ଼ଲୁ ଜାଣ୍ତେ ଆସାଁ ମାଞ୍ଜୁ । ୧୦ ଇଚିହିଁ ହ଼ାରେକା ନାମାଆଗାଟି
ଲ଼କୁ, ଉଜେଏତି କାତାତଲେ ନ଼ାଡ଼ିକିନାରି ମାନେରି, ହ଼ାରେକା ଜୀହୁଦି
କ୍ରୀସ୍ତାନା ଲ଼କୁ ବିତ୍ରାଟି ମାନେରି । ୧୧ ଲାଗେଏତି କାତାଟି ଏ଼ୱାରି ଗୃତି
ମୁଦା କିନାୟିମାନେ, ଏ଼ନାଆଁତାକି ଇଚିହିଁ ଏ଼ୱାରି ଦ଼ନ ଜୂପ଼କାତାକି
ଲାଗେଏତି କାତା ଜ଼ାପ଼ହିହିଁ ର଼ ର଼ ଇଲୁ କୁଟମିତି ମାହାପୂରୁ ଜିରୁ ବ଼ାଣି
କିନେରି । ୧୨ ଏ଼ୱାରି ବିତ୍ରାଟି ରଅସି ଏ଼ୱାରି ମାହାପୂରୁ ଅଣ୍‌ପୁତି ବ଼ଲୁ
ୱେହ଼ନାସି ଏଲେ ଇଞ୍ଜ଼ାମାନେସି, କ୍ରିତିତା ବାସା ଆ଼ହାମାନାରି ବାରେବ଼େଲା
ମିଚି ୱେହ଼ନାରି, ଜ଼ନ୍ତୁ ସମାନା ଅ଼ଡ଼େ ନିସ୍ତା ଇଞ୍ଜ଼ାଁ ଟିଣ୍ତିକାୱୁୟାଁ । ୧୩
ଇ କାତା ସାତା । ଏ଼ଦାଆଁତାକି ଏ଼ୱାରାଇଁ ଗାଡି ଦାକା ହୀହାଁ ଲ଼ାଗାମୁ,
ଏ଼ନିକିଁ ଏ଼ୱାରି ନାମୁତା ପାଡା ଆ଼ନେରି । ୧୪ ସାତାତି ପିସାମାନି ଲ଼କୁତି
ମ଼େରା, ଜୀହୁଦି ଲ଼କୁତି କ଼ହୁୟାଁ, ମ଼ନ ହୀଅରି ଏ଼ଦାଆଁତାକି ଏ଼ୱାରାଇଁ
ଜ଼ାପ଼ମୁ । ୧୫ ଅଟ଼ହି ଆ଼ତି ଲ଼କୁତାକି ବାରେଏ ଅଡିନେ, ସାମା ପ଼ଲ୍‌ଆ
ଗାଟାରାକି, ମାହାପୂରୁଇଁ ନାମାଆ ଗାଟାରାକି ଏ଼ନାୟି ଜିକେଏ ଅଡେଏ,
ଇଚିହିଁ ଏ଼ୱାରି ମ଼ନ ଅ଼ଡ଼େ ଅଣ୍‌ପୁ ବାରେ ପ଼ଲ୍‌ଆଗାଟାୟି । ୧୬ ଏ଼ୱାରି
ମାହାପୂରୁଇଁ ପୁଞ୍ଜ଼ାମାନମି ଇଞ୍ଜ଼ାଁ ଜ଼ଲିନେରି, ସାମା ଏ଼ୱାରି କାମା ତଲେ
ମାହାପୂରୁଇଁ ପୁନାଆତି ଲେହେଁ ଆ଼ନେରି, ଏ଼ୱାରି ଅ଼ପାଆଗାଟାରି, ଅ଼ଡ଼େ
କାତା ଆହ଼ଆଗାଟାରି ବାରେ ନେହିଁ କାମାତା ପା଼ଡ଼ାଆ଼ଅରି ।

**୨** ମ଼ା ଦାର୍ମୁତି କାତାୟାଁ ନେହିଁକିଁ ଜ଼ାପ଼ମୁ । ୨ ବୁଡ଼୍‌ହା ଆ଼ବାୟାଁଇଁ ତ଼ଣେ
ଆୟାଲି, ନେହିଁ ଅଣ୍‌ପୁ, ନେହିଁ ବୁଦି, ଅ଼ଡ଼େ ନାମୁ, ଜୀୱୁନ଼ନାୟି, ଇଞ୍ଜ଼ାଁ
ଅ଼ର୍‌ହିନି ତ଼ାଣା ବ଼ାଡ଼୍‌ୟୁ ଆୟାଲି; ୩ ଅ଼ଡ଼େ ବୁଡ଼୍‌ହି ଇୟାସିକାଣି ଜିକେଏ
ଏଲେକିହିଁଏ ସାକ୍ରି ଗାଟାଇ ଇଞ୍ଜ଼ାଁ କ଼ାଡୁ ଗହ଼ନାଇ ଆ଼ଆନା ସୁଦୁଜୀୱୁ ତଲେ
ନୀଡାନା ନେହିଁ କାତା ଜ଼ାପ଼ହାଲି ବାତିମ଼ାଲିହିଁ ୱେହ଼ମୁ; ୪ ଏ଼ଦାଆଁତାକି
ଡ଼ାଆ ଆୟାସିକା ତାମି ଡକ୍ରାୟାଁଣି, ମୀର୍‌କା ମ଼ାସ୍‌କାଣି ଜୀୱୁ ନ଼ହାଁ, ୫
ଜାହାରାଇଁ ସାପି ଆୟାଲି, ଅଟ଼ହା କଡାନା, ଇଲୁତି ନେହିଁକିଁ ଲ଼େମ୍ବାଲି,
ନେହିଁ ଗୃଣ୍ତୁ, ଇଞ୍ଜ଼ାଁ ଜାହାରା ଡକ୍ରାୟାଁ କାତା ମ଼ାନୱି ଆୟାଲି, ଜ଼ାପ଼ମୁ,
ଏ଼ନିକିଁ ମାହାପୂରୁତି ବ଼ଲୁ ନିନ୍ଦ଼ାଆ଼ଏ । ୬ ଏଲେକିହିଁଏ ଦାଂଗ଼ଣାୟାଁଣି
ବାରେ କାତାତା ନେହିଁ ବୁଦି ଆ଼ହାଲି ର଼ାହାଁ କିୱି କିମୁ; ୭ ନୀ ବାରେ
ମାଣ୍‌କିତା ସାତା କାମାତି ନେହିଁ ଗୃଣ୍ତୁ ତ଼ହ଼ମୁ, ଜ଼ାପ଼ନି ତ଼ାଣା ଆ଼ଟ଼ୱା ଅ଼ଡ଼େ
ମ଼ାନିଗାଟି ମାଣ୍‌ସି ଆ଼ହାନା ନେହିଁ ହ଼ାଡା ତଲେ ୱେହ଼ମୁ । ୮ ଏ଼ନିକିଁ ମିଞ୍ଜେ
ଲାଗେଏ କିହାଲି ଅଣ୍‌ପିମାନି ଲ଼କୁ ମିଞ୍ଜେ ୱେଣ୍ତେ ୱେସାଲି ଆ଼ଡାଆନା
ଲାଜା ବେଟାଆ଼ନେରି । ୯ ହ଼ଲିୟାଙ୍ଗା ତାମି ସ଼ାୱୁକାରି କାତା ମ଼ାନୱି ଆ଼ହା
ଡ଼ୟାପେରି, ଅ଼ଡ଼େ ବାରେ କାମାତା ସ଼ାୱୁକାରିଇଁ ର଼ାହାଁ କିନାରି ଆ଼ପେରି,
ଏ଼ୱାରି ୱେଣ୍ତେ ଜ଼ଲାଆପେରି, ୧୦ ଏ଼ନାଆଁ ସ଼ରୁ କିଆନା ନେହିଁ ନାମୁତଲେ
ଟିକାଣା କାମା ତ଼ସ଼ପାରି, ଆତିହିଁ ମାଞ୍ଜେ ଗେଲ୍‌ପାନି ମାହାପୂରୁତି ଦାର୍ମୁ
ଜ଼ାପ଼ନାଣି ନେହାୟି ଇଞ୍ଜ଼ାଁ ୱ଼େଙ୍ଗି କିନେରି । ୧୧ ଇଚିହିଁ ବାରେ ମାଣ୍‌ସି
କୂଡ଼ାଇଁ ଗେଲ୍‌ପାଲି ମାହାପୂରୁତି କାର୍ମାମେହ଼ନାଣି ତ଼ସାମାନେସି, ୧୨
ଅ଼ଡ଼େ ମ଼ାର ଏ଼ନିକିଁ ଲାଗେଏତି ଦାର୍ମୁ, ଦାର୍‌ତିତି ଜୂପ଼କା ପିସାନା ଇ
ନୀଏଁତି ଜୁଗୁତା ନେହିଁ ବୁଦି, ଦାର୍ମୁ ଅ଼ଡ଼େ ମାହାପୂରୁତି ଆଜିତଲେ ନୀଡିନ,
(aiōn g165) ୧୩ ଅ଼ଡ଼େ ଏ଼ ର଼ାହାଁତି ବ଼ାର୍ସୁ ମ଼ା କାଜା ମାହାପୂରୁ ଗେଲ୍‌ପାନି
କ୍ରୀସ୍ତୁ ଜୀସୁତି ଗାୱୁରମି ତ଼ଞ୍ଜ଼ାଆ଼ନାଣି କ଼ାଚିହିଁ ଡ଼ୟିନ, ଇଦାଆଁତାକି ମାଞ୍ଜେ
ଜ଼ାପ଼ହି ମାଞ୍ଜ଼ାନେ । ୧୪ ଏ଼ କ୍ରୀସ୍ତୁ ଜୀସୁ ମ଼ା ବାରେ ଲାଗେଏ ପ଼ଲେଏ
ତ଼ାଣାଟି ଗେଲ୍‌ପି କିୟାଲି ଅ଼ଡ଼େ ତାଞ୍ଜେତାକି ସାତା କାମାତାକି ର଼ାହାଁଟି
ତାନି ଲ଼କୁ ଲେହେଁ ଅଟ଼ହାଲି ତ଼ାନୁଏ ମ଼ା ତାକି ହେର୍‌ପି ଆ଼ତେସି । ୧୫ ଇ
ବାରେ କାତା ଜ଼ଲିହିଁ ବାରେ ଅଦିକାରା ତଲେ ସ଼ାସା ହୀମୁ, ଅ଼ଡ଼େ ଦାକା
ହୀମୁ । ଏ଼ନିକିଁ ଆମ୍ବାଆରି ନିଞ୍ଜେ ହୀଣି କିୟାଆପେରି ।

**୩** ଦ଼େସାତି ସ଼ାଲୱି କିନାରି ଅଦିକାରା ବେଟାଆ଼ହା ମାନାରି ଡ଼ଇ
ମାଞ୍ଜ଼ାନା, ଏ଼ୱାରାଇଁ ମ଼ାନି କିହାନା, ଅ଼ଡ଼େ ବାରେ ନେହିଁ କାମା କିହାଲି
ଜାଗ୍ରାତା ଆ଼ଦୁ, ୨ ଆମ୍ବାଆରାଇଁ ନିନ୍ଦ଼ା କିଆନା, ଆମ୍ବାଆରି କ଼ପାଟି କାମା

କିଆନା, ବାରେ ଲ଼କୁ ନ଼କିତା ଓଣା ଆ଼ହାଲି, ସୁଦୁ ସୁୱାଲା ତ଼ସାଲି ବାରେ
ଲ଼କୁ ନ଼କିତା ଅଣ୍‌ପି କିମୁ । **୩** ଇଚିହିଁ ମ୍ଆ଼ର ଜିକେଏ ନ଼କେଏ ବୁଦିହିଲାଆ
ଗାଟାତାୟି, କାତା ଆହ୍‌ଆ ଗାଟାତାୟି, ଲାଗେଏତି ଜିରୁଟି ହାଜିମାଚାୟି,
ଏ଼ନି ଏ଼ନି ଜୂପ୍‌କା ଅ଼ଡ଼େ ସୁକୁ ଦୁକୁତି ହ଼ଲିୟା ମାଚାୟି, ଡ଼ାହାରା ଅ଼ଡ଼େ
ଡ଼ାହାରା ତଲେ ମାଚାୟି ଇଞ୍ଜାଁ ଅ଼ପ୍‌ୱି ଆ଼ଆଗାଟି ଲ଼କୁ ଆ଼ହା ଅ଼ପ୍‌ୱି ଆ଼ହି
ହିଲାଆତାୟି । **୪** ସାମା ଏଚିର଼ବେଲା ମାଙ୍ଗେ ଗେଲ୍‌ପାନି ମାହାପୂରୁତି କାର୍ମା
ଅ଼ଡ଼େ ମାଣ୍‌ସି ଜ଼ାତି ତାକି ତାନି ଜୀୱୁନ଼ନାୟି ତ଼ଞ୍ଜାଆ଼ତେ, **୫** ଏଚିର଼ବେଲା
ଏ଼ୱାସି ମ୍ଆ଼ କିତି ଦାର୍ମୁ କାମାତାକି ଆ଼ଏ, ସାମା ତାନି କାର୍ମାତଲେ ପୁଃନି
ଜାର୍ନାତି ଏ଼ୟୁତଲେ ନର୍‌ହାନା, ତାନି ସୁଦୁଜୀୱୁ ତଲେ ପୁଃନି ଗା଼ଡ଼ିକିହାଁ
ଗେଲ୍‌ପାମାଞ୍ଜାନେସି, **୬** ଏ଼ ନେହିଁ ଜୀୱୁତି ମାଙ୍ଗେ ଗେଲ୍‌ପାନି ଜୀସୁ
କ୍ରୀସ୍ତୁ ତ଼ାଣାଟି ହ଼ାରେପୂରେ ମ୍ଆ଼ ଲାକ ହୀୟାତେସି, **୭** ଏ଼ନିକିଁ ମ୍ଆ଼ର
ତାନି କାର୍ମାମେହ୍‌ନାଣି ତଲେ ଦାର୍ମୁ ଗାଟାତାୟି ଆ଼ହାନା ବ଼ାର୍ସୁ ତଲେ
କ଼ାଲାକ଼ାଲାତି ଜୀୱୁତି ଅଦିକାରା ଆ଼ନାୟି । (aiōnios g166) **୮** ଈ କାତା
ସାତା ଆ଼ନେ । ଅ଼ଡ଼େ ଏ଼ନିକିଁ ମାହାପୂରୁଇଁ ନାମିନାରି ବାରେ ନେହିଁ
କାମାତି ଅଣ୍‌ପିହିଁ କିନେରି, ଏ଼ଦାଆଁତାକି ଈ ବାରେ ଜାଣ୍ତେତଲେ ଜ଼ାପ୍‌ମୁ
ଇଞ୍ଜାଁ ନ଼ା ଅଣ୍‌ପୁ, ଈ ବାରେ ଲ଼କୁତାକି ନେହାୟି ଇଞ୍ଜାଁ ଅ଼ଜିତାୟି । **୯**
ସାମା ଲେନିପନିଏ ବ଼ାଦିବ଼ାଦା କାତା ଜ଼ଲିନି ତ଼ାଣାଟି, ଆକୁ ଆ଼ବାୟାଁ
ଦ଼ର୍‌କା ତାକି, ଗଡ଼୍‌ହା ଅ଼ଡ଼େ ମ଼େରାତାକି ଗଡ଼୍‌ହାଟି ହେକ ମାନାମୁ,
ଇଚିହିଁ ଏ଼ ବାରେ ଲ଼ାବା ହିଲାଆ ଉଜେଏତାଇ । **୧୦** ଜିରୁ ବ଼ାଣି କିନି
ଲ଼କୁଇଁ, ର଼ ଦେବା ରୀ ଦେବା ଦାକା ହୀହାଁ ଜାଗ୍ରାତା କିଦୁ, ଅ଼ଡ଼େ ଡ଼ାୟୁ
ଏ଼ୱାଣି ତ଼ାଣାଟି ହେକ ଆ଼ଦୁ; **୧୧** ଇଲେତି ଲ଼କୁ ତାମି ଜିରୁ ବ଼ାଣାଆ଼ହା
ମାନେରି, ଇଞ୍ଜାଁ ପ଼ାପୁ କିହାଁ ଜାହାରାତି ଦ଼ହ କିନେରି, ଈଦାଆଁ ମୀରୁ
ପୁଞ୍ଜାମାଞ୍ଜେରି । **୧୨** ଏଚିର଼ବେଲା ନ଼ାନୁ ମୀ ତ଼ାଣା ଆର୍ତିମା କି ତୁକିକଇଁ
ପାଣ୍ତାଇଁ, ଏଚିର଼ବେଲା ନିକପଲିତା ନ଼ା ତ଼ାଣା ୱ଼ାହାଲି ଜାତ୍‌ନୁ ଆ଼ମୁ, ଇଚିହିଁ
ପେନିର଼ୱେଡ଼ା ର଼ାୱେ ଏମ୍ବାଆଁ ମାଞ୍ଜାଲି ଅଣ୍‌ପାମାଇଁ । **୧୩** ଅକିଲା ଜିନା,
ଅ଼ଡ଼େ ଆପଲକି ଏ଼ନାୟି ଲ଼ଡ଼ାମାନେ ଏ଼ଦାଆଁ ହୀହାନା ଜିରୁ ତ଼ହ୍‌ମୁ,
ଏ଼ନିକିଁ ଏ଼ୱାରି ଜିରୁତା ଏ଼ୱାରାକି ଏ଼ନାୟି ଲ଼ଡ଼ା ଆ଼ଆପେ । **୧୪** ମ୍ଆ଼ ଲ଼କୁ
ଜିକେଏ ଲ଼ଡ଼ାମାନି ତୀର୍‌ପୁ କାମାତା ର଼ଲେମ୍ବୱି ଆ଼ହାଲି ଜ଼ାପିନାୟି ମାନେ,
ଏ଼ନିକିଁ ଏ଼ୱାରି ପ଼ାଡ଼େୟି ହିଲାଆ ଗାଟାରିଲେହେଁ ଆ଼ଅରି । **୧୫** ନ଼ା ତଲେ
ମାନି ବାରେଜ଼ାଣା ନିଙ୍ଗ ଜହରା କିହିମାଞ୍ଜାନେରି । ନାମୁତା ଆମ୍ବାଆରି
ମାଙ୍ଗେ ଜୀୱୁ ନ଼ହିମାଞ୍ଜାନେରି ଏ଼ୱାରାଇଁ ଜହରା କିଦୁ, ଅ଼ଡ଼େ ମାହାପୂରୁତି
କାର୍ମାମେହ୍‌ନାୟି ମୀ ବାରେତାକି ଆ଼ପେ ।

# ପିଲିମ

୧ ନ଼ାନୁ ପା଼ୱୁଲ, ଜୀସୁ କ୍ରୀସ୍ତ ତାକି ଦସ୍‌ପି ଆ଼ହାମାନାତେଏଁ, ତାୟି
ଟିମତି, ମା଼ ତଲେ କାମା କିହିମାନି ଜୀୱୁତି ପିଲିମନ, ୨ ଅ଼ଡେ଼
ତାଜ୍ଗି ଅପ୍‌ପିୟା ଇଞ୍ଜାଁ ମା଼ ତଲେ ଜୁଜୁକିନି ଆର୍କିପ୍‌ପ ଇଞ୍ଜାଁ ମୀ ଇଜ
ମାନି କୁଲମିତାକି ଆ଼କୁ ରା଼ଚାମାଇଁ; ୩ ମା଼ ଆ଼ବା ମାହାପୂରୁ ଅ଼ଡେ଼
ପ୍ରବୁ ଜୀସୁ କ୍ରୀସ୍ତ ତ଼ାଣାଟି କାର୍ମାମେହ୍‌ନାୟି ଅ଼ଡେ଼ ହିଦ଼ି ମିଡ୍ଗେତାକି
ଆୟାପେ । ୪ ନ଼ାନୁ ନ଼ା ପ୍ରାତାନାତା ମୀ ଦ଼ରୁ ଆସାନା କା଼ଲେଏ ନ଼ା
ମାହାପୂରୁଇଁ ଜହରା କିହିମାଇଁ, ୫ ପ୍ରବୁ ଜୀସୁ କ୍ରୀସ୍ତ ଇଞ୍ଜାଁ ବାରେ ମାହାପୂରୁ
ଲ଼କୁତାକି ମୀ ଜୀୱୁନ଼ନାୟି ଅ଼ଡେ଼ ନାମୁତି କାତା ୱେଞ୍ଜାନା ୬ ଏଲେକିହିଁଏ
ମୀ ନାମୁତଲେ ଆଣ୍ତୱି ଆ଼ନାୟି, ମାଡ୍ଗେ ହୀପ୍‌କିଆ଼ତି ବାରେ ନେହିଁ
କାତାତି ପୁନାଣି ତଲେ କ୍ରୀସ୍ତ ତ଼ାଣା କାମା ଆ଼ନେ । ୭ ଏ଼ନାଆଁତାକି
ଇଚିହିଁ, ଏ଼ ନ଼ା ତାୟି, ମାହାପୂରୁ ଲ଼କୁତି ହିୟାଁ ମୀ ତ଼ାଣା ସୂସ୍ତି ମେ଼ଡ଼ା
ଆ଼ହାମାନାକି ନ଼ାନୁ ମୀ ଜୀୱୁ ନ଼ନି ତ଼ାଣା ରା଼ହାଁ ଅ଼ଡେ଼ ସା଼ସା ବେଟା
ଆ଼ହିମାଇଁ । ୮ ଆତିହିଁ ଏ଼ନାୟି ନେହାୟି, ଏ଼ କାବୁତାକି ନିଡ୍ଗେ ହୁକୁମି
ହୀହାଲି କ୍ରୀସ୍ତୁତି ହ଼ଲେଏଣା ଲେହେଁ ଆ଼ତିଜିକେଏ ନାଡ୍ଗେ ହା଼ରେ ପୁରେ
ସା଼ସା ମାନେ, ୯ ଆ଼ତିଜିକେଏ ନ଼ାନୁ ବୁଡ଼୍ହା ପା଼ୱୁଲ ଜୀୱୁ ନ଼ନାଣି
ତାକି ମିଡ୍ଗେ ବାତିମା଼ଲିମାଞ୍ଜାଇଁ, କ୍ରୀସ୍ତ ଜୀସୁ ତାକି ନୀଏଁ ନ଼ାନୁ ଦସ୍‌ପି
ଆ଼ହାମାଇଁ, ୧୦ ନ଼ାନୁ ଇଲେକିଁ ଦସ୍‌ପି ଆ଼ହାମାନାଟି ନ଼ା ମୀର୍‌ଏସି
ଅନିସିମ ତାକି ନିଡ୍ଗେ ବାତିମା଼ଲିମାଞ୍ଜାଇଁ; ୧୧ ଏ଼ୱାସି ନ଼କେଏ ନିଡ୍ଗେ
ଅ଼ଡେ଼ ନାଡ୍ଗେତାକି ଲ଼ଡ଼ା ହୀଆଗାଟାସି ମାଚେସି, ସାମା ନୀଏଁ ନିଡ୍ଗେତାକି
ଅ଼ଡେ଼ ନାଡ୍ଗେତାକି ଜିକେଏ ଲ଼ଡ଼ା ଗାଟାସି ଆ଼ହାମାନେସି । ୧୨ ନ଼ାନୁ
ଏ଼ୱାଣାଇଁ ନୀ ତ଼ାଣା ୱେଣ୍ଡେ ପାଣ୍ତିମାଞ୍ଜାଇଁ, ଏ଼ୱାସି ନ଼ା ହିୟାଁ ମାନେ । ୧୩
ନେହିଁ କାବୁତାକି ନ଼ାନୁ କାୟିଦିତା ମାଞ୍ଜାନା ଏ଼ୱାଣାଇଁ ନୀ କିନି ଜାତ଼୍ନୁ
ନାଡ୍ଗେ କିହାଲି ତାକି ଡାଗେ ଇଟାଲି ଅଣ୍ପିମାଚେଏଁ, ୧୪ ସାମା ନୀନୁ
ରା଼ଜି ଆ଼ଆପାତେକା ନ଼ାନୁ ଏ଼ନାଆଁ କିହାଲି ଅଣ୍ପାଆତେଏଁ, ଏ଼ନିକିଁ ନୀ
ନେହିଁ କାମା ନୀ ମ଼ନତଲେ କିନିଲେହେଁ ଆ଼ଆନା ନେହିଁ ଅଣ୍ପୁ ତଲେ
ଆ଼ନେ । ୧୫ ଆତିହିଁ ଇଦି ଆ଼ହାଲି ଆ଼ଡିନେ, ଏ଼ନିକିଁ ନୀନୁ ଏ଼ୱାଣାଇଁ
ହ଼ଲେଏଣା ଲେହେଁ ମେହ୍‌ଆନା ସାମା ହ଼ଲେଏଣା କିହାଁ କାଜାସି ଲେହେଁ,
ଇଚିହିଁ ଜୀୱୁତି ତାୟିଲେହେଁ କା଼ଲେଏତାକି ବେଟାଆ଼ଦି, ଏ଼ଦାଆଁତାକି
ଏ଼ୱାସି ଏଚରଦିନା ତାକି ଏଟ୍‌କା ଆ଼ହାମାଚେସି; (aiōnios g166) ୧୬ ସାମା
ଏ଼ୱାସି ୱାର଼ଇ ହ଼ଲେଏସି ଆ଼ଏ, ନୀଏଁ ଏ଼ୱାସି ଜୀୱୁତି ତାୟି, ଇଚିହିଁ
ଆଜ୍ଗା ତଲେ ଅ଼ଡେ଼ ମାହାପୂରୁ ତ଼ାଣା ନିଡ୍ଗେତାକି ଏଚେକା ଜୀୱୁ ନ଼ନାସି
ଆ଼ଅସି । ୧୭ ଏ଼ଦାଆଁତାକି, ନୀନୁ ନାଡ୍ଗେ ନ଼ା ତ଼ଡୁତାସି ଇଞ୍ଜାଁ ଅଣ୍ପି
ମାଞ୍ଜାସାରେ, ଆତିହିଁ ନାଡ୍ଗେ ଆବାତି ଲେହେଁ ଏ଼ୱାଣାଇଁ ଆବାମୁ । ୧୮
ଇଚିହିଁ ନିଡ୍ଗେତାକି ଏ଼ନି ଲାଗେଏ କିହାମାଞ୍ଜାତିଁ କି ନୀ ତ଼ାଣା ରୀଣା ଆ଼ହା
ମାଞ୍ଜାତିହିଁ, ଏ଼ଦାଆଁ ନ଼ା ଦ଼ରୁତା ରା଼ଚାମୁ । ୧୯ ନ଼ାନୁ ପା଼ୱୁଲତେଏଁ, ନ଼ା
କେୟୁତଲେ ଇଦାଆଁ ରା଼ଚିମାଇଁ, ନ଼ାନୁ ଏ଼ଦାଆଁ ୱେଟ୍‌ହାଇଁ । ନୀନୁଏ ନ଼ା
ତ଼ାଣା ରୀଣା ମାଞ୍ଜି, ଇ କାତା ଅ଼ଡେ଼ ନ଼ାନୁ ୱେସାଲି ଅଣ୍ପି ହିଲଅଁ । ୨୦
ହାଅ, ତାୟି, ପ୍ରବୁ ତ଼ାଣା ଆଣ୍ତିତିଁ ନୀ ତ଼ାଣାଟି ନ଼ା ଲା଼ବା ଆୟାନେ, କ୍ରୀସ୍ତୁତି
ତ଼ାଣା ନ଼ା ଜୀୱୁତା ବା଼ର୍ସୁ ହିୟାମୁ । ୨୧ ନୀନୁ ନ଼ା ୱେସ୍ତାତିଲେହେଁ କିଦି
ଇଞ୍ଜିଁ ନାମୁ ମାନାକି ନ଼ାନୁ ଇ ଆ଼କୁ ରା଼ଚିମାଇଁ; ସାତେଏ ନ଼ାନୁ ପୁଞ୍ଜାମାଇଁ,
ନ଼ାନୁ ଏଚେକା ୱେସିମାଞ୍ଜାଇଁ, ନୀନୁ ଏ଼ଦାଣିକିହାଁ ଆଗାଡ଼ା ଜିକେଏ କିଦି ।
୨୨ ଇଦାଆଁ ତଲେ ନ଼ା ଡ଼ୟିନି ଇଲୁ ଜିକେଏ କିହାନା ଇଟାମୁ, ଇଚିହିଁ ମୀ
ପ୍ରାତାନା ତଲେ ମୀରୁ ନାଡ୍ଗେ ୱେଣ୍ଡେ ବେଟା ଆୟାଦେରି, ଇଦାଆଁ ନ଼ାନୁ
ଆ଼ସା କିହିମାଇଁ । ୨୩ କ୍ରୀସ୍ତ ଜୀସୁ ତାକି ନ଼ା ତଲେ କାୟିଦି ଇଲୁତା ମାନି
ଏପାପ୍ରା ୨୪ ଇଞ୍ଜାଁ ନ଼ା ତଲେ କାମା କିହିମାନି ମାର୍କ, ଆରିସ୍ତାର୍କ, ଦିମା
ଅ଼ଡେ଼ ଲୂକ ନିଡ୍ଗେ ଜହରା କିହିମାଞ୍ଜାନେରି । ୨୫ ମା଼ ପ୍ରବୁ ଜୀସୁ କ୍ରୀସ୍ତୁତି
କାର୍ମାମେହ୍‌ନାୟି ନେହିଁ ଜୀୱୁ ମୀ ତଲେ ମାଣ୍ତ୍ରେ ।

# ଏବ୍ରି

୧ ମାହାପୂରୁ ତଲି କ଼ାଲାତା ଏଟ୍‌କା ଏଟ୍‌କା ଟ଼ାୟୁତା ଅ଼ଡ଼େ ଏଟ୍‌କା
ଏଟ୍‌କାତି ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାରି ତ଼ାଣାଟି ମ଼ା ଆକୁ
ଆ଼ବାୟାଁଣି କାତା ୱେସାମାଚେସି, ୨ ସାମା ଇ ର଼ାନି ବ଼େଲାତା ମୀର୍‌ଏଣା
ତ଼ାଣାଟି ମାଙ୍ଗେ କାତା ୱେସାମାଞ୍ଜାନେସି । ଏ଼ୱାଣାଇଁ ଏ଼ୱାସି ବାରେତି
ମୁହେଁ କାଜାସି କିହାଁ ଆ଼ଚାମାନେସି, ଏ଼ୱାଣି ତ଼ାଣାଟି ହ଼ାଗୁପ଼ାକା ଦାର୍‌ତି
ବାରେ ଗ଼ାଡ଼ିକିତେସି; (aiōn g165) ୩ ଏ଼ ମୀର୍‌ଏସି ତାନି ଡ଼ୀଞ୍ଜିମାନି
ଗାୱୁରମିତି ଉଜେଡ଼ି ଅ଼ଡ଼େ ଏ଼ୱାଣି ୱ଼ାଣା ମାନେ, ଏ଼ୱାସି ତାନି ବ଼ାଡ଼୍‌ୟୁ
ଗାଟି ବ଼ଲୁ ତଲେ ବାରେ ଦାର୍‌ତିତି ସ଼ାଲୱି କିନେସି, ଇଞ୍ଜାଁ ମ଼ା ପ଼ାପୁ ବାରେ
ମ୍ଣେକ୍‌ହି ଡ଼ାୟୁ ଲାକପୂରୁତି ବ଼ାଡ଼୍‌ୟୁ ଗାଟି ମାହାପୂରୁତି ଟିଃନି ଟଟତା
କୁଗାମାନେସି । ୪ ମୀର୍‌ଏସି ଏ଼ନିକିଁ ଲାକପୂରୁତି ଦୂତୁୟାଁ କିହାଁ ହ଼ାରେକା
କାଜା ଦ଼ରୁତି ଅଦିକାରା ବେଟାଆ଼ହା ମାନେସି, ଏଲେକିହିଁଏ ଏ଼ୱାସି
ଏ଼ୱାସିକା କିହାଁ ହ଼ାରେକା କାଜାସି ଆ଼ହାମାନେସି । ୫ ଇଚିହିଁ ମାହାପୂରୁ
ଦୂତୁୟାଁ ବିତ୍ରାଟି ଆମ୍ବାଆରାଇଁ ଏଚେଲା ଏଲେଇଞ୍ଜା ହିଲଅସି, "ନୀନୁ ନ଼ା
ମୀର୍‌ଏଣାତି, ନୀଞ୍ଜୁଟିଏ ନ଼ାନୁ ନୀ ତାଞ୍ଜିତେଏଁ" ଅ଼ଡ଼େ ଜିକେଏ ମାହାପୂରୁ
ଏଲେଇଚେସି, "ନ଼ାନୁ ମୀ ଆ଼ବାତେଏଁ ଆ଼ହାମାଇଁ, ଅ଼ଡ଼େ ନୀନୁ ନ଼ା
ମୀର୍‌ଏଣାତି ଆ଼ଦି ।" ୬ ଅ଼ଡ଼େ ମାହାପୂରୁ ତାନି ପ଼ାଣ୍‌ୱା ମୀର୍‌ଏଣାଇଁ ଅ଼ଡ଼େ
ୱେଣ୍ତ୍ରେ ଦାର୍‌ତିତା ପାଣ୍ତ୍ରାତେସି, ଏ଼ ବ଼େଲାତି ସିନିକିହାନା ଏଲେଇନେସି,
"ମାହାପୂରୁତି ବାରେ ଦୂତୁୟାଁ ଏ଼ୱାଣାଇଁ ଜହରା କିପେରି ।" ୭ ର଼ ୱାକିଟି
ମାହାପୂରୁ ଦୂତୁୟାଁ କାତା ଏଲେଇଞ୍ଜି ମାନେସି, "ମାହାପୂରୁ ତାନି ଦୂତୁୟାଁଇଁ
ଗ଼ାଲି ଲେହେଁତି ଜୀୱୁ ହୀନେସି, ଅ଼ଡ଼େ ତାନି ସ଼େବା କିନାରାଇଁ ହିଚୁ
ଗୁଦ୍‌ୱା ଲେହେଁ କିନେସି ।" ୮ ଅ଼ରୱାକି ମାହାପୂରୁ ତାନି ମୀର୍‌ଏଣା
ତାକି ଏଲେଇଞ୍ଜି ମାନେସି, "ଏ଼ ମାହାପୂରୁ ନୀ ସିଂଗାସାଣି କ଼ାଲାକ଼ାଲା
ତାକି ଡ଼ୟିନେ, ଅ଼ଡ଼େ ନୀନୁ ସ଼ାଲୱି କିନାୟି ନୀହାଁୟି ତଲେ ଆ଼ନେ
। (aiōn g165) ୯ ନୀନୁ ଦାର୍ମୁ ଗାଟାଣାଇଁ ଜୀୱୁ ନ଼ହିଁମାଞ୍ଜି ଅ଼ଡ଼େ ଦାର୍ମୁ
ହିଲାଆଗାଟାରାଇଁ ଅ଼ପାହିଲଅତି, ଏ଼ଦାଆଁତାକି ମାହାପୂରୁ ନୀ ମାହାପୂରୁ
ନିଙ୍ଗେ ଆ଼ଚାନେସି, ମୀ ତ଼ଣେସିଙ୍ଗା କିହାଁ ନିଙ୍ଗେ ହ଼ାରେକା ର଼ାହାଁତି ନିୟୁଁ
ୱ଼ାକ୍‌ହାନା ନିଙ୍ଗେ ଆ଼ଚାନେସି ।" ୧୦ ଏ଼ୱାସି ଅ଼ଡ଼େ ୱେସିମାନେସି, "ଏ଼
ପ୍ରବୁ, ନୀନୁ ମୂଲୁଏ ଦାର୍‌ତିତି ପୁନାଦି ଗ଼ାଡ଼ିକିତି, ଅ଼ଡ଼େ ହ଼ାଗୁପ଼ାକା ବାରେ
ନୀ କେୟୁତଲେ କ଼େପିତି ।" ୧୧ "ଏ଼ ବାରେ ର଼ ଦିନା ମେଣ୍‌ଙ୍ଗାହାନେ,
ସାମା ନୀନୁ କ଼ାଲେଏ ଡ଼ୟିଦି; ଅ଼ଡ଼େ ଏ଼ ବାରେ ପ୍ଣାଃଇ ହିମ୍ବ୍ରିକା ଲେହେଁ
ଗେଞ୍ଜା ହାନୁ ୧୨ ଅ଼ଡ଼େ, ନୀନୁ ହିମ୍ବ୍ରି ଲେହେଁ, ହାଅ, ହିମ୍ବ୍ରି ଲେହେଁ
ମୁଦାକିଦି ଅ଼ଡ଼େ ଏ଼ୱି ବାରେ ହିମ୍ବ୍ରିକା ଲେହେଁ ବାଦ୍‌ଲି ଆ଼ନୁ; ସାମା
ନୀନୁ ବାରେବ଼େଲା ଏ଼ୱାତିଏ, ଅ଼ଡ଼େ ନୀ ଜୀୱୁ ଏଚେଲାୱା ର଼ାଏ ।" ୧୩
ମାହାପୂରୁ ତାନି ଦୂତୁୟାଁଇଁ ଏଚେଲାୱା ଏଲେଇଞ୍ଜା ହିଲଅସି, "ନ଼ାନୁ ନୀ
ସାତ୍ରୁୟାଁଣି ନୀ କଡାୟାଁ ଡ଼ଇ ଇଟାଆ ପାତେକା ନୀନୁ ନ଼ା ଟିଃନି ଟଟତା
କୁଗାମାନାମୁ ।" ୧୪ ଆତିହିଁ ଲାକପୂରୁତି ଦୂତୁୟାଁ ଆମ୍ବାଆରି? ଏ଼ୱାରି
ଆ଼ହିମାନେରି ମାହାପୂରୁତି ସ଼େବା କିନାରି ମାଣ୍‌ସିୟାଁଇଁ ସ଼ାୟେମି କିହାନା
ଗେଲ୍‌ପାଲିତାକି ମାହାପୂରୁ ତ଼ାଣାଟି ପାଣ୍ତ୍ରୱିଆ଼ତି ଜୀୱୁୟାଁ ।

୨ ଏ଼ଦାଆଁତାକି, ମ଼ାର ୱେଞ୍ଜାମାନି କାତାତି ହ଼ାରେକା ୱେଞ୍ଜାଲି ମ଼ନ
ହୀନାୟି ମାନେ, ଆ଼ଆତିଁ ମ଼ାର ଏ଼ଚେତା ଜିରୁ ବାଣ୍ମ୍ବି ଆ଼ଆୟି ।
୨ ଇଚିହିଁ ନ଼କେଏ ଲାକପୂରୁତି ଦୂତୁୟାଁ ତ଼ାଣାଟି ଏଲେଇଞ୍ଜା ମାନେସି,
ଏ଼ଦି ସାତା ଇଞ୍ଜେଁ ତୀରିଆ଼ହାଁ ମାନେ, ଅ଼ଡ଼େ ଆମ୍ବାଆରି କାତା ଆହ୍‌ଆନା
ମ଼ାନୱି ଆ଼ହାହିଲଅରି, ଏ଼ୱାରି ତ଼ାମ୍ବୁ ବେଟାଆ଼ନି ଡଣ୍ତ୍ରୁ ବେଟାଆ଼ହାମାନେରି
। ୩ ଆତିହିଁ ଇଲେତି ଗେଲ୍‌ପିନାଣିଇଁ ହେଲା କିତିହିଁ ମ଼ାର ଏ଼ନିକିଁ
ଗେଲ୍‌ହିନାୟି? ଏ଼ଦି ନ଼କେଏ ପ୍ରବୁ ତ଼ାଣାଟି ୱେସ୍‌ପି ଆ଼ହାଁ ୱେଞ୍ଜାମାନି
ଲ଼କୁ ତ଼ାଣାଟି ମ଼ା ତ଼ାଣା ୱେସ୍‌ପିଆ଼ହାମାନାୟି ସାତା ଆ଼ହାମାନେ; ୪
ଏ଼ଦାଆଁତାକି ମାହାପୂରୁ ଜିକେଏ ତାନି ମ଼ନତଲେ ହ଼ାରେକା ସିନାୟାଁ ଅ଼ଡ଼େ
କାବାଆ଼ନି କାମାୟାଁ ଇଞ୍ଜାଁ, ବାଡ଼୍‌ୟୁଗାଟି କାମାୟାଁ ଅ଼ଡ଼େ ସୁଦୁଜୀୱୁତି
ଏଟ୍‌କା ଏଟ୍‌କାତି ଦ଼ାନା ହୀହାନା ସ଼ାକି ହୀହାମାନେସି । ୫ ମାହାପୂରୁ
ଆମିନି ପୁଃନି ଦାର୍‌ତିତି ଗ଼ାଡ଼ି କିନେସି, ଅ଼ଡ଼େ ଆମିନି ଦାର୍‌ତିତି କାତା
ମ଼ାମ୍ବୁ ୱେସିମାଞ୍ଜାନମି, ଏ଼ଦାନି ଅଦିକାରା କିହାଲି ଏ଼ୱାସି ଲାକପୂରୁତି
ଦୂତୁୟାଁ କେୟୁତା ହେର୍‌ପା ହିଲଅସି । ୬ ସାମା ରଅସି ର଼ ଟ଼ାୟୁତା ସ଼ାକି
ହୀହାମାନେସି; "ଏ଼ ମାହାପୂରୁ, ମାଣ୍‌ସି ଆମ୍ବାଆସି, ନୀନୁ ଏ଼ୱାଣାଇଁ
ଅଣ୍‌ପିମାଞ୍ଜି? ମାଣ୍‌ସି ମୀର୍‌ଏସି ଆମ୍ବାଆସି ନୀନୁ ଏ଼ୱାଣି ଜାତ୍‌ନୁ
ଅ଼ହିମାଞ୍ଜି? ୭ ନୀନୁ ଏ଼ୱାଣାଇଁ ଲାକପୂରୁତି ଦୂତୁୟାଁ କିହାଁ ରଚାଣି ଉଣା
କିହାମାଞ୍ଜି; ନୀନୁ ଏ଼ୱାଣାଇଁ ଗାୱୁରମି ଅ଼ଡ଼େ ମ଼ାନିତି ଟ଼ପେରି ତୁର୍‌ୱି
କିହାମାଞ୍ଜି, ୮ ନୀନୁ ବାରେ ଏ଼ୱାଣି କଡାୟାଁ ଡ଼ଇ ଇଟାମାଞ୍ଜି ।" ସାତେଏ
ମାହାପୂରୁ "ବାରେତି" ଇଚିହିଁ ଏ଼ନାଆଁୱା ପିହ୍‌ଆନା ବାରେତି ତାନି କଡାଁ
ଡ଼ଇ ଇଟାମାନେସି; ଆ଼ତିଜିକେଏ ମ଼ାର ନୀଏଁ ପାତେକା ବାରେ ତାନି
ଡ଼ଇ ଆ଼ହାମାନାଣି ମେସି ହିଲାଆୟି ସାତା । ୯ ମ଼ାର ମେସିମାନାୟି
ଲାକପୂରୁତି ଦୂତୁୟାଁ କିହାଁ "ଇଚାନି ଉଣା" କିୱିଆ଼ହା ମାଚେସି, ଏ଼ୱାଣାଇଁ
ଇଚିହିଁ ଜୀସୁଇଁ ହ଼ାକିତି ଦୁକୁ ବେଟା ଆ଼ହାମାନାକି ଗାୱୁରମି ଅ଼ଡ଼େ ମ଼ାନିତି
ଟ଼ପେରି ତୁର୍‌ହା ମାନାଣି ମେସିମାନାୟି, ଏ଼ନିକିଁ ମାହାପୂରୁତି କାର୍ମାଟି
ବାରେ ମାଣ୍‌ସିୟାଁ ତାକି ଏ଼ୱାସି ହ଼ାକିତି ୱାଣ୍ତ୍ରା ମାନେସି । ୧୦ ଇଚିହିଁ
ଆମ୍ବାଆରି ତାକି ଇଞ୍ଜାଁ ଆମିନି ଗାଟାଣା ତ଼ାଣାଟି ବାରେ ଗ଼ାଡ଼ି ଆ଼ହାମାନେ,
ହ଼ାରେକା ମୀର୍‌କାଣି ଜୀସୁତି ଗାୱୁରମି ପ଼ାଣ୍‌ପି କିହାଲି, ଜୀସୁ ଦୁକୁ କସ୍ତ
ବେଟାଆ଼ହାନା ଏ଼ୱାରାଇଁ ଗେଲ୍‌ପିନି ଜିରୁତା ଅ଼ନେସି । ୧୧ ଆମ୍ବାଆସି
ପ଼ାପୁଟି ସୁଦୁ କିନେସି ଅ଼ଡ଼େ ଆମ୍ବାଆରି ସୁଦୁ ଆ଼ନେରି, ଏ଼ୱାରି ବାରେ
ରଣ୍ତ୍ରିଏ ତାଞ୍ଜିତି ମୀର୍‌କା; ଏ଼ଦାଆଁତାକି ଏ଼ୱାରାଇଁ ଜୀସୁ ତାୟି ତାଙ୍ଗି ଇଞ୍ଜାଲି
ଲାଜା ଆ଼ଅସି, ୧୨ ଏ଼ୱାସି ମାହାପୂରୁଇଁ ଏଲେଇଞ୍ଜି ମାନେସି, "ନ଼ାନୁ ନ଼ା
ତାୟି ତାଙ୍ଗିସ୍କା ନ଼କିତା ନୀ ବାରେ କାମା ୱ଼େକ୍‌ଇଁ, ବାରେ କୁଲମି ନ଼କିତା
ନୀ ଜହରା ପ଼ାଚୁ ପ଼ାଚିଇଁ ।" ୧୩ ଅ଼ଡ଼େ ୱେଣ୍ତ୍ରେ ଏଲେଇଞ୍ଜି ମାନେସି, "ନ଼ାନୁ
ଏ଼ୱାଣି ତ଼ାଣା ନ଼ା ନାମୁ ତୀରି କିଇଁ ।" ଅ଼ଡ଼େ ସିନିକିଦୁ "ମାହାପୂରୁ ନାଙ୍ଗେ
ହୀହାମାଞ୍ଜାନି ମୀର୍‌କା ମ଼ାସ୍‌କା ନ଼ା ତଲେ ମାନେରି ।" ୧୪ ଏ଼ନାଆଁତାକି

ଇଚିହିଁ ମୀର୍‌କା ଊଙ୍ଗା ଅ଼ଡ଼େ ନେତେରିତି ଆଙ୍ଗାତା ଆଣ୍ତ୍ରାମାନାକି କ୍ରୀସ୍ତୁ
ଜିକେଏ ଏଲେକିହିଁଏ ମାଣ୍‌ସି ୱ଼ାଣା ଆ଼ତେସି, ଏ଼ନିକିଁ ତାନି ହ଼ାକିଟି
ସୟତାନଇଁ ନ଼ାସା କିନେସି; ଇଚିହିଁ ହ଼ାକି ସୟତାନତି ଅଦିକାରାତା ମାଚେ
। ୧୫ ଇଞ୍ଜୁଁ ହ଼ାକିତି ଆଜିତଲେ ଆମ୍ବ୍ରାଆରି କ଼ାଲେଏତାକି ହ଼ଲିୟାଙ୍ଗା
ଆ଼ହାନା ଦସ୍‌ପି ଆ଼ହାମାଚେରି, ଏ଼ୱାସି ଏ଼ୱାରାଇଁ ଗେଲ୍‌ପିନେସି ।
୧୬ ଇଚିହିଁ ଏ଼ୱାସି ସାତେଏ ଲାକପୂରୁତି ଦୂତୁୟାଁଣି ସ଼ାୟେମି କିଆନା
ଅବ୍ରାହାମତି ମୀର୍‌କାଣି ସ଼ାୟେମି କିହିମାନେସି । ୧୭ ଏ଼ଦାଆଁତାକି ଏ଼ୱାସି
ବାରେ ୱ଼ାକିଟି ତାମି ତାୟିୟାଁ ଲେହେଁ ଆ଼ନାୟି ମାଚେ, ଏ଼ନିକିଁ ଏ଼ୱାସି
ବାରେ ଲ଼କୁତି ପ଼ାପୁତି ବାଦୁଲି ପୂଜା ହୀହାଲିତାକି ମାହାପୂରୁତି ଋସେବା
କାମାତା ର଼ କାର୍ମାମେହ୍‌ନି ଅ଼ଡ଼େ ନାମୁତି କାଜା ପୂଜେରା ଆ଼ନେସି । ୧୮
ଇଚିହିଁ ଏ଼ୱାସି ତ଼ାନୁ ତାୟିପାରି କିୱି ଆ଼ହାଁ ଦୁକୁ ବେଟାଆ଼ହା ମାନାକି
ତାୟିପାରି କିୱି ଆ଼ହିମାନି ଲ଼କୁଣି ସ଼ାୟେମି ଆ଼ହାଲି ଆ଼ଡିମାନେସି ।

**୩** ଏ଼ଦାଆଁତାକି ଏ଼ ନ଼ା ସୁଦୁଗାଟି ତାୟିୟାଁ ଅ଼ଡ଼େ ତାଙ୍ଗିସ୍କା ମୀରୁ ଆମିନି
ମାହାପୂରୁତି ହ଼ାଟ୍‌କି ଆ଼ହାମାନି ତ଼ାଣା ଆଣ୍ତ୍ରାମାନାତେରି ମ଼ା ନାମୁତଲେ
ପାଣ୍ତ୍ରୱିଆ଼ହାମାନି କାଜା ପୂଜେରା ଜୀସୁତି କାତା ଅଣ୍‌ପାଦୁ; ୨ ମ଼ସା
ଏ଼ନିକିଁ ମାହାପୂରୁ ଇଲୁତା ମ଼ାନିତଲେ କାମା କିହାମାଚେସି, ଜୀସୁ ଜିକେଏ
ଏଲେକିହିଁ ତାଙ୍ଗେ ଆ଼ଚାମାନି ମାହାପୂରୁ ନ଼କିତା ମ଼ାନି ଗାଟାସି ଆ଼ତେସି ।
୩ ଇଲୁ କିହାଁ ଇଲୁ ଋକେପିତାସି ଏ଼ନିକିଁ ମ଼ାନି ବେଟା ଆ଼ନେସି, ଏଲେକିହିଁଏ
ମ଼ସା କିହାଁ ଜୀସୁ ହ଼ାରେକା ଗାୱୁରମିତି ଜ଼ଗେ ଆ଼ହାମାନେସି । ୪ ଇଚିହିଁ
ବାରେ ଇଲ୍‌କା ଆମ୍ବ୍ରାଆରି ଆ଼ଆତିଁ ଆମ୍ବ୍ରାଆରି ତ଼ାଣାଟି ଋକେପ୍‌ୱି ଆ଼ନୁ,
ସାମା ମାହାପୂରୁ ବାରେତି ଗ଼ାଡ଼ି କିନାସି । ୫ ମ଼ସା ମାହାପୂରୁ ଇଲୁତା
ହ଼ଲେଏସି ଲେହେଁ ନାମୁତଲେ ଋସେବା କାମା କିହାମାଚେସି, ଇଞ୍ଜୁଁ ଏମିନି
କାତା ମାହାପୂରୁ ଡ଼ାୟୁ ୱେସାଲି ମ଼ନ କିହାମାଚେସି ଏ଼ କାତେଏ ଈଦି
। ୬ ସାମା ଜୀସୁ କ୍ରୀସ୍ତୁ ତାନି ଆ଼ବା ଇଲୁତି ମୁହେଁ ମୀର୍‌ଏଣା ଲେହେଁ
ମ଼ାନି ଗାଟାସି; ଇଞ୍ଜୁଁ ମ଼ାର ମ଼ା ସ଼ାସାତଲେ ଆ଼ଞ୍ଜାମାନାଣି ବେଟାଆ଼ନାୟି
ଇଞ୍ଜେଁ ମ଼ା ବ଼ାର୍ସୁତି ଡ଼ାୟୁ ପାତେକା ଜାଣ୍ତ୍ରେ ଆସା ଡ଼ୟିନ, ଆତିହିଁ ମ଼ାର
ଜିକେଏ ଏ଼ୱାଣି ଇଲୁ ଲେହେଁ ଆ଼ନାୟି । ୭ ଏ଼ଦାଆଁତାକି ସୁଦୁଜୀୱୁ
ୱେସିମାନିଲେହେଁ, “ନୀଞ୍ଜୁ ମୀରୁ ଏ଼ୱାଣି ହ଼ାଡା ୱେଞ୍ଜେରି, ୮ ଆତିହିଁ
ମୀ ଆକୁ ଆ଼ବାୟାଁ ଲେହେଁ ମୀ ହିୟାଁତି ଆ଼ଟ୍‌ୱା କିଆଦୁ, ଲ଼କୁ ହିଲାଆ
ବାଟାତା ଏ଼ ଦିନା ଏ଼ୱାରି ମାହାପୂରୁଇଁ ତାୟିପାରି କିହାନା ଏ଼ୱାଣି କ଼ପାଟି
ନିଙ୍ଗାମାଚେରି, ୯ ଏ଼ ବାଟାତା ମୀ ଆକୁ ଆ଼ବାୟାଁ ନାଙ୍ଗେ ତାୟିପାରି
କିହାଁ ନାଙ୍ଗେ ମେସ୍ତାତେରି, ଅ଼ଡ଼େ ରୀ କ଼ଡ଼ି ବାର୍ସା ପାତେକା ମ଼ା କାମା
ସିନିକିତେରି । ୧୦ ଈଦାଆଁତାକି ନ଼ାନୁ ଈ କୂଡ଼ାତି ଲ଼କୁଇଁ କାର୍‌ବି ଆ଼ହାନା
ଏଲେଇଚେଏଁ, ‘ଏ଼ୱାରି ବାରେଋବେଲା ହିୟାଁତା ମ଼ାନି ହିଲାଆ ଗାଟାରି,
ଏ଼ୱାରି ନ଼ା ଜିରୁ ପୁଞ୍ଜାହିଲଅରି ।’ ୧୧ ଈଦାଆଁତାକି ନ଼ାନୁ ନ଼ା କ଼ପାଟି
ପାର୍‌ମାଣା କିତେଏଁ, ନ଼ାନୁ ଆମିନି ଋଦେସାତା ଏ଼ୱାରାଇଁ ଜ଼ମାଲି ହୀତେଏଁମା
ଏ଼ ଋଦେସାତା ଏ଼ୱାରି ଏଚେଲାୱା ହ଼ଡାଲି ଆ଼ଡଅରି ।” ୧୨ ଏ଼ ତାୟି
ତାଙ୍ଗିସ୍କା, ଜାଗ୍ରାତା, ପ଼ାପୁ ଅ଼ଡ଼େ ନାମାଆଗାଟି ହିୟାଁ ମୀ ଆମ୍ବ୍ରାଆରି ତ଼ାଣା
ହିଲେଏ, ଏ଼ନିକିଁ ମୀରୁ ଜୀୱୁଗାଟି ମାହାପୂରୁ ତ଼ାଣାଟି ହେକ ଆ଼ଅତେରି ।
୧୩ ସାମା ଏଋଚେତା ପ଼ାପୁ ତଲେ ନ଼ାଡ଼ିକିୱି ଆ଼ହାନା ମୀ ବିତ୍ରାଟି ଆମ୍ବ୍ରାଆରି
ହିୟାଁ ଆ଼ଟ୍‌ୱା ଆ଼ଏ, ଈଦାଆଁତାକି ନୀଞ୍ଜୁ ଦିନା ମାନାଟିଏ ବାରେଦିନା
ରଅତେରି ରଅଣାଇଁ ବ଼ାର୍ସୁତି କାତା ଜ଼ଲାନା ସ଼ାୟେମି କିଦୁ; ୧୪ ଇଚିହିଁ
ନ଼କେଏ ମ଼ା ଆମିନି ନାମୁ ମାଚେ, ଏ଼ଦାଆଁ ଡ଼ାୟୁ ପାତେକା ଜାଣ୍ତ୍ରେ
ଆସା ଡ଼ୟିନାୟି ଆତିହିଁ କ୍ରୀସ୍ତୁ ତ଼ାଣା ଆଣ୍ତ୍ରାନା ଡ଼ୟିନାୟି । ୧୫ ଦାର୍ମୁ
ସ଼ାସ୍ତ୍ରେରିତା ର଼ାସ୍‌କି ଆ଼ହାମାନେ, “ନୀଞ୍ଜୁ ମାହାପୂରୁତି ହ଼ାଡା ୱେଚିସାରେ,
ଏ଼ନିକିଁ କାର୍‌ବି କିୱିକିନି ଟ଼ାୟୁତା ଆ଼ହାମାଚେ, ଏଲେକିହିଁ ମୀ ଆକୁ
ଆ଼ବାୟାଁ ଲେହେଁ ହିୟାଁତି ଆ଼ଟ୍‌ୱା କିଆଦୁ!” ୧୬ ଆତିହିଁ ଆମ୍ବ୍ରାଆରି
ମାହାପୂରୁତି ହ଼ାଡା ୱେଞ୍ଜାନା ଏ଼ୱାଣାଇଁ କ଼ାକ୍ରି କିହାମାଚେରି, ମ଼ସା ତ଼ାଣାଟି
ଆମିନି ଗାଟାରି ମିସର ଋଦେସାଟି ହ଼ଚା ୱ଼ାହାମାଚେରି, ଏ଼ୱାରି ବାରେ
ଆ଼ଏକି? ୧୭ ଅ଼ଡ଼େ ଆମ୍ବ୍ରାଆରି ମୁହେଁ ରୀ କ଼ଡ଼ି ବାର୍ସା ପାତେକା ଏ଼ୱାସି
କାର୍‌ବି ଆ଼ହାମାଚେସି, ଆମ୍ବ୍ରାଆରି ପ଼ାପୁ କିହାମାଚେରି, ଆମ୍ବ୍ରାଆରି ମ଼ଡ଼ା
ଲ଼କୁ ଡ଼ୟାଆ ବାଟାତା ରିହାମାଚେ, ଏ଼ୱାରି ଆ଼ଏକି? ୧୮ ମାହାପୂରୁ
ଏଚିଋବେଲା ପାର୍‌ମାଣା କିହାନା ଏଲେଇଞ୍ଜାମାଚେସି, ଏ଼ୱାରି ଏଚେଲାୱା
ମାହାପୂରୁତି ଜ଼ମିନି ତ଼ାଣା ହ଼ଡଅରି, ଏଚିଋବେଲା ଏ଼ୱାସି ଆମ୍ବ୍ରାଆରି କାତା
ଏଲେଇଞ୍ଜାମାଚେସି? ଆମ୍ବ୍ରାଆରି କାତା ମ଼ାନୱି ଆ଼ହା ହିଲାଆତେରି,
ଏ଼ୱାରି ତାକି ଏ଼ କାତା ଏଲେଇଞ୍ଜାମାଚେସି । ୧୯ ଇଲେକିହିଁ ନ଼ାନୁ
ମେସିମାଇଁ, ଏ଼ୱାରି ନାମାଆତାକି ଏ଼ ଆ଼ଞ୍ଜାମାନି କିଣାନ ଋଦେସାତା ହ଼ଡାଲି
ଆ଼ଡାଆତେରି ।

**୪** ଏ଼ଦାଆଁତାକି ୱ଼ାଦୁ ମ଼ାର ଜାଗ୍ରାତା ଆ଼ନ, ଏଋଚେତା ତାନି ଜ଼ମିନି
ତ଼ାଣା ହ଼ଡାଲି ଆ଼ଞ୍ଜାମାଚି ଜିକେଏ ମୀ ତ଼ାଣାଟି ଆମ୍ବ୍ରା ଆମ୍ବ୍ରାଆରି
ଏମ୍ବ୍ରାଟି ଏଟ୍‌କା ଆ଼ନିଲେହେଁ ତ଼ଞ୍ଜା ଆ଼ହିମାନେରି । ୨ ଇଚିହିଁ ଏ଼ୱାରି
ନ଼କିତା ଏ଼ନିକିଁ, ମ଼ା ନ଼କିତା ଜିକେଏ ଏଲେକିହିଁଏ ନେହିଁ କାବୁ ଋୱେପ୍‌କି
ଆ଼ହାମାଚେ, ସାମା ୱେନାରି ନାମୁଟି ୱେଞ୍ଜାମାନି କାତା ଆହ୍‌ଆଲିଏ,
ଏ଼ଦି ଏ଼ୱାରି ତାକି ଲ଼ାବା ଆ଼ଆତେ । ୩ ଅ଼ଡ଼େ ମ଼ା ବିତ୍ରାଟି ଆମ୍ବ୍ରାଆରି
ନାମିନେରି, ୱ଼ାର୍‌ଇ ଏ଼ୱାରି ମାହାପୂରୁ ଆ଼ଞ୍ଜାମାନି ଜ଼ମିନି ଋଦେସାତା
ହାଜାଲି ଆ଼ଡିନେରି, ଏ଼ନିକିଁ ଏ଼ୱାସି ୱେସାମାନେସି, “ଏ଼ଦାଆଁତାକି ନ଼ାନୁ
ନ଼ା କ଼ପା ତାକି ପାର୍‌ମାଣା କିତେଏଁ, ଏ଼ୱାରି ମ଼ା ଜ଼ମିନି ୱ଼ାରାତା ହଡଅରି
।” ଦାର୍‌ତି ଗ଼ାଡ଼ିକିତି ଋବେଲାଟିଏ ବାରେ କାମା ର଼ାହାମାଚେ । ୪ ଇଚିହିଁ
ଜ଼ମିନି ଦିନାତି କାତାତି ଏ଼ୱାସି ର଼ ଟ଼ାୟୁତା ଇଲେକିହିଁ ୱେସାମାନେସି;
“ମାହାପୂରୁ ସ଼ାତା ଦିନାତା ତାନି ବାରେ କାମା ର଼ାପ୍‌ହାନା ଜ଼ମିତେସି;” ୫
ଅ଼ଡ଼େ ଈ ବାରେ କାତା ମାହାପୂରୁ ୱେଣ୍ତ୍ରେ ଏଲେଇଞ୍ଜା ମାନେସି, “ଏ଼ୱାରି
ମ଼ା ଜ଼ମିନି ତ଼ାଣା ହ଼ଡାଲି ଆ଼ଡଅରି ।” ୬ ଆମିନି ଗାଟାରି ମୂଲୁଏ ନେହିଁ
କାବୁ ୱେଞ୍ଜାମାଚେରି, ଏ଼ୱାରି ମାହାପୂରୁ କାତା ମ଼ାନୱି ଆ଼ଆତାକି ଏ଼
ଜ଼ମିନି ତ଼ାଣା ହାଜାଲି ଆ଼ଡାଆତେରି, ନୀଏଁ ଏ଼ ଜ଼ମିନାଣି ଏଟ୍‌କାତାରି
ବେଟାଆ଼ହାମାନେରି । ୭ ଅ଼ଡ଼େ ର଼ ଦିନା, ଇଚିହିଁ “ନୀଞ୍ଜୁ ଦିନା” ଆ଼ଚାନା,
ଇଚେକା କ଼ାଲା ଡ଼ାୟୁ ଦାୱୁଦତି ସ଼ାସ୍ତ୍ରେରିତା ଏଲେଇଞ୍ଜି ମାନେସି, ଏ଼ନିକିଁ

ନ୍କେଏ ୱେସ୍ପି ଆ୍ହାମାନେ, "ନୀଞ୍ଜୁ ମୀରୁ ଏ୍ୱାଣି ହ୍ଡା ୱେଞ୍ଜେରି,
ଜାହାରା ହିୟାଁ ଆ୍ଟ୍ୱା କିଆଦୁ ।" ୮ ଇଚିହିଁ ଜିହସୁୟ୍ ଏ୍ୱାରାକି ଜ୍ମାଲି
ହୀତିହିଁମା, ଆତିହିଁ ମାହାପୂରୁ ଅ୍ର ଜ୍ମିନି ଦିନାତି କାତା ଜ୍ଲାଆତେସିମା
। ୯ ଏଲେକିହିଁ ଇ କାତା ସାତା ମାହାପୂରୁ ତାନି ବାରେ କାମାଟି ଜ୍ମିତି
ଲେହେଁ ତାନି ଲ୍କୁତାକି ଜ୍ମିନି ଦିନା ତୀରି କିୱିଆ୍ହାମାନେ । ୧୦
ଇଦାଆଁତାକି ମାହାପୂରୁ ତାନି କାମାଟି ଏ୍ନିକିଁ ଜ୍ମିତେସି, ଆମ୍ବାଆସି
ମାହାପୂରୁତି ଜ୍ମିନି ଦେ୍ସାତା ହ୍ଡା ମାନେସି, ଏଲେକିହିଁଏ ଏ୍ୱାସି
ଜିକେଏ ତାନି କାମାଟି ଜ୍ମିନାଣି ମେ୍ଡ଼ା ଆ୍ହାମାନେସି । ୧୧ ଇଦାଆଁତାକି
ମ୍ା ବିତ୍ରାଟି ଆମ୍ବାଆସି ଏ୍ନିକିଁ ନାମାଆତାକି ଏ୍ ଲ୍କୁତି ଲେହେଁ ଏ୍ ଜ୍ମିନି
ତ୍ାଣା ହ୍ଡାନା ଡ୍ୟଅସି, ଇଦାଆଁତାକି ଆ୍ଡିନି ପାତେକା ଜାତ୍ନୁ ଆ୍ନ ।
୧୨ ଇଚିହିଁ ମାହାପୂରୁତି ବ୍ଲୁ ଜୀୱୁଗାଟାୟି ଅ୍ଡ଼େ କାମା କିନାୟି ଇଞ୍ଜାଁ
ରିକୱାକି ଦ୍ାରାଗାଟି ୱାହ୍ନି କାଣ୍ଡା କିହାଁ ହ୍ାରେକା ୱାସ୍ତାୟି, ଅ୍ଡ଼େ ହିୟାଁ
ଅ୍ଡ଼େ ଜୀୱୁ ଇଞ୍ଜାଁ ହାନ୍ଙ୍କଲି ଅ୍ଡ଼େ ଡୁମ୍କାତି ନିଜେଡ଼ି ପାତେକା ହ୍ଡାଲି
ଆ୍ଡିନେ । ଏ୍ ବ୍ଲୁ ମାଣ୍ସିତି ଡୁଗାମାନି ଅଣ୍ପୁତି ବାରେ ନୀହାଁୟି କିନାୟି
। ୧୩ ମାହାପୂରୁ ନ୍କିତା ଏ୍ନାୟିୱା ତ୍ଞ୍ଜା ଆ୍ଆଗାଟାୟି ଆ୍ଏ, ସାମା ଗ୍ାଡ଼ି
କିହାମାନି ମାହାପୂରୁ ନ୍କିତା ମାଙ୍ଗେ ଲେକା ହୀନାୟି ମାନେ, ଏ୍ୱାଣି
ନ୍କିତା ବାରେ ଦେପି ଆ୍ତାୟି ଅ୍ଡ଼େ ପ୍ତିକ୍ଆତାୟି । ୧୪ ଏ୍ଦାଆଁତାକି
ଲାକପୂରୁଟି ହାଜାମାନେସି, ଆମ୍ବାଆସି ମାହାପୂରୁ ମୀର୍ଏସି ଜୀସୁ ଏ୍ୱାସି
ମ୍ା କାଜା ପୂଜେରା ଆ୍ହାମାନାକି, ୱ୍ାଦୁ ମ୍ାର ମ୍ା ନାମୁତି ଜାଣ୍ଡେତଲେ
ଆହ୍ନ । ୧୫ ଆମ୍ବାଆସି ମ୍ା ଦ୍ହ ପୁଞ୍ଜାଲି ଆ୍ଡିନେସି, ଏଲେତି କାଜା
ପୂଜେରା ଏ୍ୱାସି ଆ୍ଏ । ସାମା ମ୍ା କାଜା ପୂଜେରା, ମ୍ା ଲେହେଁ ବାରେୱାକି
ତାୟିପାରି ଆ୍ହାମାଚେସି, ଆତିଁଜିକେଏ ଏ୍ୱାସି ପ୍ାପୁ କିହାହିଲାଆତେସି
୧୬ ଏ୍ଦାଆଁତାକି ୱ୍ାଦୁ, କାର୍ମା ମେ୍ଡ଼ା ଆ୍ହାଲିତାକି ଅ୍ଡ଼େ, ଏ୍ ବେ୍ଲାତେଏ
ସ୍ାୟେମି କିନାଣି କାର୍ମାମେହ୍ନାଣି ବେଟାଆହାଲି ତାକି ମ୍ାର ସ୍ାସାତଲେ
କାର୍ମାମେହ୍ନି ସିଂଗାସାଣି ନ୍କିତା ହାନ ।

**୫** ଇଚିହିଁ ବାରେ କାଜା ପୂଜେରାଙ୍ଗା ଜାହାରା ଲ୍କୁ ତ୍ାଣାଟି ଆ୍ଚ୍ୱି
ଆ୍ନେରି, ଏ୍ୱାସି ଏ୍ୱାରି ୱାକିଟି ପ୍ାପୁ ମ୍ଣେକ୍ହାଲି ପୂଜା ଅ୍ଡ଼େ ଦ୍ାନା
ହେର୍ପାନା ମାହାପୂରୁତି ସେ୍ବା କିନେସି । ୨ ଏ୍ୱାସି ବୁଦି ହିଲାଆ
ଗାଟାରି ଅ୍ଡ଼େ ନ୍ାଡ଼ିକିୱି ଆ୍ହିମାନି ଲ୍କୁଣି ଅ୍ର୍ହିନାଣି ତ୍ସାଲି ଆ୍ଡିନାସି,
ଇଚିହିଁ ଏ୍ୱାସି ତ୍ାନୁଏ ଜିକେଏ ବ୍ାଡ୍ୟୁ ହିଲାଆଗାଟାସି; ୩ ଅ୍ଡ଼େ ୱାର୍ଇ
ଏଟ୍କା ଲ୍କୁତି ପ୍ାପୁ ତାକି ଏ୍ୱାସି ପୂଜା କିହାଲି ଆ୍ନେ ଏ୍ଦି ଆ୍ଏ
ସାମା ତାନି ପ୍ାପୁ ତାକି ଜିକେଏ ତ୍ାନୁ ପୂଜା କିହାଲି ଆ୍ନେ । ୪ ଅ୍ଡ଼େ
ଆମ୍ବାଆରି ଇ କାଜା ପୂଜେରା ପ୍ାଣାତି ତ୍ାମ୍ମୁଏ ଅ୍ହାକଡାଲି ଆ୍ଡଅରି,
ସାମା ହାରଣ ଏ୍ନିକିଁ ଆ୍ଚ୍ୱି ଆ୍ହାମାଚେସି, ଏଲେକିହିଁଏ ମାହାପୂରୁ
ତ୍ାଣାଟି ଏ୍ୱାସି ଆ୍ଚ୍ୱି ଆ୍ନାୟି ମାନେ । ୫ ଏଲେକିହିଁଏ କ୍ରୀସ୍ତୁ ଜିକେଏ
କାଜା ପୂଜେରା ପ୍ାଣାତି ଗାୱୁରମି ତ୍ାନୁଏ ପାରା ହିଲାଆତେସି, ସାମା
ମାହାପୂରୁ ଏ୍ୱାଣାକି ଏ୍ ଗାୱୁରମି ପ୍ାଣା ହୀହାମାଚେସି, ଇଚିହିଁ ଏ୍ୱାସି
ଏ୍ୱାଣାଇଁ ଏଲେଇଞ୍ଜାମାଚେସି, "ନୀନୁ ନ୍ା ମୀର୍ଏଣାତି; ନୀଞ୍ଜୁ ନ୍ାନୁ ନୀ
ତାଞ୍ଜି ଆ୍ହାମାଇଁ ।" ୬ ଏଲେକିହିଁଏ ଅ୍ଡ଼େ ର୍ ତ୍ାଣା ଜିକେଏ ଏଲେଇଞ୍ଜା
ମାନେସି, "ନୀନୁ ମଲ୍କିସେଦକ ଲେହେଁ କ୍ାଲେଏତି ପୂଜେରା ଆ୍ଦି ।"
(aiōn g165) ୭ ଆମ୍ବାଆସି ଏ୍ୱାଣାଇଁ ହ୍ାକିଟି ନୀଟ୍ହାଲି ଆ୍ଡିମାନେସି,
ଏ୍ୱାସି ତାନି ଆଙ୍ଗା ତଲେ ନୀଡା ମାଚାଟି, ମାହାପୂରୁ ନ୍କିତା ହ୍ାରେକା
ଡ୍ୀହି ଡ୍ୀହିଁ ଅ୍ଡ଼େ କାଣ୍ଡୁତଲେ ପ୍ରାତାନା ଅ୍ଡ଼େ ବାତିମ୍ାଲିହିଁ ହେର୍ପା
ମାଚେସି, ଇଞ୍ଜାଁ ତ୍ାନୁଏ ଜାହାରାଇଁ ଉଣା କିହାକଡିନାସି ଅ୍ଡ଼େ ତୀରିତାସି
ମାଚାକି ମାହାପୂରୁ ଏ୍ୱାଣି ରୀସ୍ତାଣି ୱେଚେସି, ୮ ଏ୍ୱାସି ମାହାପୂରୁ
ମୀର୍ଏସି ଆ୍ତିଜିକେଏ ଦୁକୁତି ଅ୍ର୍ହାନା ମ୍ାନୱି ଆ୍ହାଲି ଜ୍ାପିତେସି ।
୯ ଇଲେଆ୍ହିଁ ତୀରିଆ୍ହାନା ତାନି ହୁକୁମି ମ୍ାନୱି ଆ୍ନାରାକି କ୍ାଲେଏ
ଗେଲ୍ପିନାସି ଆ୍ନେସି; (aiōnios g166) ୧୦ ଏ୍ଦାଆଁତାକି ଏ୍ୱାସି ମାହାପୂରୁ
ତ୍ାଣାଟି ମଲ୍କିସେଦକତି ମେ୍ରାଲେହେଁ କାଜା ପୂଜେରା ଇଞ୍ଜାଁ ଅଦିକାରା
ବେଟା ଆ୍ତେସି । ୧୧ ଜୀସୁ କ୍ରୀସ୍ତୁତି କାତା ମାଙ୍ଗେ ହ୍ାରେକା ୱେହ୍ନାୟି
ମାନେ, ସାମା ମିଙ୍ଗେ ତେଲ୍ହି କିୟାଲି ହ୍ାରେକା କସ୍ତ, ଇଚିହିଁ ମୀ ଜୀୱୁତା
ୱେନାୟି ହ୍ାରେ ଉଣା ବ୍ାଡ୍ୟୁ ମାନେ । ୧୨ ଇଚିହିଁ ଇଚର ଦିନା ବିତ୍ରା ମୀରୁ
ଜ୍ାପ୍ନାତେରି ଆ୍ନାୟି ମାଚେ, ଆ୍ତିଜିକେଏ ମାହାପୂରୁତି ବ୍ଲୁ ଏଟ୍କା
ଲ୍କୁ ଜ୍ାପ୍ହାଲି ତାକି ମିଙ୍ଗେ ଲ୍ଡ଼ା ଆ୍ହିମାଞ୍ଜାନେ; ୱାଜିତି ର୍ାନ୍ଧା ଲ୍ଡ଼ା
କିଆନା ପ୍ାଲୁ ମିଙ୍ଗେତାକି ଲ୍ଡ଼ା ଆ୍ହିମାଞ୍ଜାନେ । ୧୩ ଆମ୍ବାଆସି ପ୍ାଲୁ
ଗହ୍ନାସି ଏ୍ୱାସି ନେହାଁଣି ଲାଗେଏତି କାତା ପୁଞ୍ଜାଲି ଆ୍ଡଅସି, ଇଚିହିଁ
ଏ୍ୱାସି ଉଣା କକାସି । ୧୪ ସାମା ପାଡାଆ୍ତି ଲ୍କୁ, ଇଚିହିଁ ଆମ୍ବାଆରି
ବୁଦିତଲେ ନେହାଁଣି ଲାଗେଏତାଣି ଆ୍ଚାଲି ଆ୍ଡିନେରି, ଏ୍ୱାରାକି ୱାଜିତି
ର୍ାନ୍ଧା ଲ୍ଡ଼ାମାନେ ।

**୬** ଏ୍ଦାଆଁତାକି ୱ୍ାଦୁ ମ୍ାର କ୍ରୀସ୍ତୁତି ମୂଲୁଏ ଜ୍ାପିତି କାତା ପିସାନା,
ତୀରିତଲେ ପାଡାଆ୍ହାନା, ହ୍ାହାମାନି କାମାଟି ମ୍ନ ୱେଟ୍ହାନା,
ମାହାପୂରୁ ତ୍ାଣା ନାମିନ, ୨ ବାପ୍ତିସ୍ମତି କାତା ଜ୍ାପ୍ନାୟି, ତ୍ାୟୁଁତା କେୟୁ
ଇଟିନାଣି, ହ୍ାତାରି ୱେଣ୍ଡେ ନିଙ୍ଗିନାୟି, କ୍ାଲେଏତି ଡଣ୍ଡତି ପୁନାଦି ୱେଣ୍ଡେ
କିନାୟିମାନେ । (aiōnios g166) ୩ ନୀଏଁ ମ୍ାର ନ୍କିତା ହାନାୟିମାନେ,
ହାଅ, ମାହାପୂରୁତି ହେଲ ଆ୍ତିସାରେ ମ୍ାର ଇଦାଆଁ କିନ । ୪ ଆମିନି
ଗାଟାରି ନାମୁତି ଉଣା କିହାମାନେରି, ଏ୍ୱାରି ଅଣ୍ପାନା ୱେଣ୍ଡା ୱ୍ାହାଲି
ଆ୍ଡିନେରିକି? ଏ୍ୱାରି ମାହାପୂରୁ ଉଜେଡ଼ିତା ବାସା କିହିମାଚେରି,
ଲାକପୂରୁତି ଦ୍ାନାତି ୱାଣ୍ଡାନା, ସୁଦୁଜୀୱୁତା ଆଣ୍ଡାମାଚେରି, ୫ ମାହାପୂରୁତି
ନେହିଁ ବ୍ଲୁ ଇଞ୍ଜାଁ ୱ୍ାହିମାନି ଜୁଗୁତି ବ୍ାଡ୍ୟୁତି ଡ୍ାକ୍ନାଣି ଏ୍ୱାରି ୱାଣ୍ଡା
ମାନେରି, (aiōn g165) ୬ ଏ୍ୱାରି ସାତାତି ପିସାନା ଲାଗେଏ ଆ୍ନେରି,
ଆତିହିଁ ମ୍ନତି ବାଦ୍ଲି କିୱିକିହାଲି ଅ୍ଡ଼େ ୱେଣ୍ଡେ ଏ୍ୱାରାଇଁ ପୁଃନି
କିୱିକିହାଲି ଆ୍ଡାଆୟି, ଏ୍ଦାଆଁତାକି ଏ୍ୱାରି ତାମି ନ୍ାସା ଆ୍ହାଲିତାକି
ମାହାପୂରୁ ମୀର୍ଏଣାଇଁ ପ୍ାସି ମୁଣ୍ଡାତା ଏ୍କ୍ହାନା ଲ୍କୁ ନ୍କିତା ଏ୍ୱାଣାଇଁ
ଲାଜା କିହିମାନେରି । ୭ ଇଚିହିଁ ଆମିନି ବୂମି ପିୟୁ ରିନି ଏ୍ୟୁ ଗହ୍ନେ
ଇଞ୍ଜାଁ ଆମିନି ତ୍ାସା କିନାରାକି ଲ୍ଡ଼ା ଆ୍ନି ଆର୍ନା କାମ୍ବି କିନେ, ଏ୍ ବୂମିତି
ମାହାପୂରୁ ବ୍ର ହୀନେସି । ୮ ସାମା ଏମ୍ବାଆଁ ହ୍ାପ୍କା ଅ୍ଡ଼େ ଜ୍ାଡ଼ା

ନେୟିଁନେ, ଆତିହିଁ ଏ଼ଦି ଏ଼ନି ଲା଼ବା ଆ଼ଏ, ଏ଼ଦି ମାହାପୂରୁତି ବ଼ାକା
ବେଟାଆ଼ନେ, ଅ଼ଡ଼େ ଡା଼ୟୁ ହିଚୁତା ଡ଼ୀଞ୍ଜାହାନେ । ୯ ସାମା ଏ଼ ଜୀୱୁତି
ତାୟିଁୟାଁ, ମା଼ମୁ ଇଲେକିଁ କାତା ୱେସ୍ତି ଜିକେଏ ମୀ ତା଼ଣା ମା଼ ହ଼ାରେକା ନାମୁ
ମାନେ; ମୀରୁ ଗେଲ୍‌ପିଆ଼ହାଲି ମାହାପୂରୁତି ବ଼ର ବେଟାଆ଼ହାମାଞ୍ଜେରି
। ୧୦ ଇଚିହିଁ ମାହାପୂରୁ ମୀ କାମା, ଅ଼ଡ଼େ ମାହାପୂରୁ ଲ଼କୁଣି ସ଼େବା
କିହିମାନାଣି ଅ଼ଡ଼େ ନୀଏଁ ଜିକେଏ କିହିମାନାଣି ଅ଼ଡ଼େ ତାନି ଦ଼ରୁ ତାକି
ମୀରୁ ଆମିନି ଜୀୱୁନ଼ହିଁ ମାଞ୍ଜେରି, ଏ଼ଦାଆଁ ମାହାପୂରୁ ବାଣ୍ମି ଆ଼ନେସି
ଇଲେତି ଦାର୍ମୁ ହିଲାଆଗାଟାସି ଏ଼ୱାସି ଆ଼ଏ । ୧୧ ସାମା ମା଼ଦି ରଣ୍ଡିଏ
ଅଣ୍ପୁ, ମୀରୁ ଡା଼ୟୁ ପାତେକା ମାଞ୍ଜେଟାକି ମୀ ଜୀୱୁନ଼ନାୟି କ଼ାଲେଏ
ଡ଼ୟାପେ ଆତିହିଁ ମୀ ବାରେ ଆ଼ସା ପୂରା ଆ଼ନେ । ୧୨ ଏ଼ନିକିଁ ମୀରୁ ନିସ୍ତ୍ରା
ଆ଼ଆନା ଆମ୍ବାଆରି ନାମୁ ଅ଼ଡ଼େ ସ଼ାସାତଲେ ଆ଼ଞ୍ଜାମାନାଣି ଅଦିକାରା
କିହିମାନେରି ଏ଼ୱାରିଲେହେଁ ଆ଼ଦୁ । ୧୩ ଇଚିହିଁ ମାହାପୂରୁ ଏଚିର଼ବେଲା
ଅବ୍ରାହାମଇଁ ଆ଼ଞ୍ଜାମାଚେସି, ଏଚିର଼ବେଲା ଏ଼ୱାସି ତାନି ଆ଼ଞ୍ଜାମାନାଣି ମା଼ନୱି
ଆ଼ହାଲି ପାର଼ମାଣା କିହାମାଚେସି, ଏ଼ୱାଣି କିହାଁ ଆମ୍ବାଆସି କାଜାସି
ହିଲାଆକି ଏ଼ୱାସି ତାନି ଦ଼ରୁତଲେ ପାର଼ମାଣା କିହାଁ ଏଲେଇଞ୍ଜାମାଚେସି,
୧୪ ଏ଼ୱାସି ଏଲେଇଚେସି, "ନା଼ନୁ ନିଙ୍ଗେ ସାତେଏ ବ଼ର ହିୟାଇଁ ଅ଼ଡ଼େ ନୀ
କୂଡ଼ାତି ହ଼ାରେକା ପାଡିକିଇଁ ।" ୧୫ ଅ଼ଡ଼େ ଇଲାଆ଼ହିଁ ହ଼ାରେକା ଅ଼ର଼ହାନା
ଅବ୍ରାହାମ ଆ଼ଞ୍ଜାମାନାଣି କ଼ାଚାମାଚାକି ଏ଼ଦାଆଁ ମେ଼ଡ଼ା ଆ଼ହାମାଚେସି
। ୧୬ ମାଣ୍ସିୟାଁ ଏ଼ୱାରି କିହାଁ କାଜା ଦ଼ରୁତଲେ ପାର଼ମାଣା କିନେରି,
ଅ଼ଡ଼େ କାତା ତୀରି କିହାଲି ଏ଼ୱାରି ବାରେ ଗଡ଼୍ହା ପାର଼ମାଣା ତଲେ
ତୀରି ଆ଼ନେ । ୧୭ ମାହାପୂରୁ ଆମ୍ବାଆରାଇଁ ଇ ବାରେ ହୀଇଁ ଇଞ୍ଜାଁ
ଆ଼ଞ୍ଜାମାଚେସି, ଏ଼ ଆ଼ଞ୍ଜାମାନାଣି ମା଼ନୱି ଆ଼ହାଲି ତାନି ଆ଼ଞ୍ଜାମାନାଣି ତାକି
ପାର଼ମାଣା କିହାମାଚେସି । ୧୮ ଏ଼ନିକିଁ ଆମିନି ରୀ ବାଦ଼ଲି ଆ଼ଆଗାଟି
କାତାତି ମାହାପୂରୁ ମିଚି ୱେସାଲି ଆ଼ଉଅସି, ଏ଼ଦାଣି ତଲେ ନ଼କିତି ବା଼ର୍ସୁତି
ଆସାଲି ତାକି ବାସା ଟା଼ୟୁତା ମା଼ର ହଟି ମାନାୟି, ଇଞ୍ଜାଁ ମା଼ର ବା଼ଡ଼୍ୟୁତି
ରା଼ହାଁ ବେଟାଆ଼ନାୟି । ୧୯ ଏ଼ୟୁ ଜା଼ଜା ଦହ଼ନି ଲ଼ହ ମୁଣ୍ଡାଲେହେଁ, ଏ଼
ବା଼ର୍ସୁ ମା଼ ଜୀୱୁତି ଗେଲ଼ପି କିନାୟି ଅ଼ଡ଼େ ଆ଼ଡ୍ଗିନାୟି, ଏ଼ଦି ମାହାପୂରୁ
ଇଲୁତି ଏଟ଼କା କିନି ହିମ୍ବ୍ରି ଲେଚାମାନି ଟା଼ୟୁତା ହ଼ଡାନା ଆ଼ଟ଼ୱା ଅ଼ଡ଼େ
ତୀରି ଆ଼ହାମାନେ, ୨୦ ଅ଼ଡ଼େ, ଜୀସୁ ଏ଼ ଟା଼ୟୁତା ମଲ୍‌କିସେଦକ ଲେହେଁ
କ଼ାଲାକ଼ାଲାତି କାଜା ପୂଜେରା ଆ଼ହାନା ମା଼ ନ଼କିତା ତା଼କିନି ଲେହେଁ
ହ଼ଡାମାନେସି । (aiōn g165)

**୭** ଇ ମଲ୍‌କିସେଦକ ସାଲେମ ଦ଼େସାତି ରାଜା ଅ଼ଡ଼େ ବାରେକିହାଁ
କାଜା ମାହାପୂରୁତି ପୂଜେରା ମାଚେସି । ଅବ୍ରାହାମ ଅ଼ଡ଼େ ତାନି
ତ଼ଡୁତାରି, ସ଼ାରି ଜା଼ଣା ରାଜାୟାଁ ତଲେ ଜୁଜୁତା ଜୀଣା ଆ଼ହାଁ ୱେଣ୍ଟେ
ୱା଼ହିମାଚି ବ଼େଲାତା ମଲ୍‌କିସେଦକ ଅବ୍ରାହାମଇଁ ବେଟାଆ଼ହାନା ବ଼ର
ହୀତେସି; ୨ ଅବ୍ରାହାମ ଜିକେଏ ଏ଼ୱାଣାକି ଜୁଜୁତା ଜୀଣାଆ଼ହାମାଚି
ଆ଼ସ୍ତିଟି ଦସ ବ଼ାଗାତି ର଼ ବ଼ାଗା ହୀହାମାଚେସି । ମଲ୍‌କିସେଦକ, ଇଚିହିଁ
"ଦାର୍ମୁତି ରାଜା" ଅ଼ଡ଼େ ସାଲେମତି ରାଜା, ଇଚିହିଁ "ହିତ଼ଡ଼ିତି ରାଜା
।" ୩ ଏ଼ୱାଣି ତାଲି ତାଞ୍ଜି ଆକୁ ଆ଼ବାୟାଁ ଦ଼ର଼କା କି ଏ଼ୱାଣି ଜାର୍ନା
ଦିନା କି ଜୀୱୁତି ରା଼ତି ଦିନା ଆମ୍ବିୟାୱା ରା଼ସ଼କି ଆ଼ହାହିଲେଏ; ଏ଼ୱାସି
ମାହାପୂରୁ ମୀର଼ଏସି ଲେହେଁ କ଼ାଲା କ଼ାଲାକି ପୂଜେରା ଆ଼ହାମାଚେସି
। ୪ ଅଣ଼ପାରି କିଦୁ, ମଲ୍‌କିସେଦକ ଏଚେକା କାଜାସି ମାଚେସି, ଆକୁ
ଅବ୍ରାହାମ ଜୁଜୁତା ଜୀଣାଆ଼ହାନା ତାଚାମାଚି ଆ଼ସ୍ତିଟି ହ଼ାରେକା ନେହିଁ
ଆ଼ସ୍ତିଟି ଦସ ବ଼ାଗାତି ର଼ ବ଼ାଗା ଏ଼ୱାଣାକି ହୀହାମାଚେସି । ୫ ଲେ଼ବି
କୂଡ଼ାତି ମୀର଼କା ବିତ୍ରାଟି ଆମିନି ଗାଟାରି ପୂଜେରା ପା଼ଣା ବେଟାଆ଼ନେରି,
ଏ଼ୱାରି ମ଼ସାତି ମ଼େରାଲେହେଁ ଇସ୍ରାୟେଲ ଲ଼କୁ ତା଼ଣାଟି ଇଚିହିଁ ତାମି
ତାୟିଁୟାଁ ତା଼ଣାଟି ଦସ ବ଼ାଗାଟି ର଼ ବ଼ାଗା ବେଟାଆ଼ହାଲି ହେଲ ବେଟା
ଆ଼ହାମାନେରି, ଏ଼ୱାରି ଅବ୍ରାହାମ ଆଙ୍ଗ୍ଟି ଜାର୍ନା ଆ଼ତିଜିକେଏ ତାମି
ଲ଼କୁ ତା଼ଣାଟି ଦସ ବ଼ାଗାଟି ର଼ ବ଼ାଗା ଅ଼ନେରି; ୬ ମଲ୍‌କିସେଦକ ଲେ଼ବି
କୂଡ଼ାତାସି ଆ଼ଏ, ଆ଼ଆତି ଜିକେଏ ଏ଼ୱାସି ଅବ୍ରାହାମ ତା଼ଣାଟି ଦସ
ବ଼ାଗାଟି ର଼ ବ଼ାଗା ଅ଼ତେସି, ଇଞ୍ଜାଁ ମାହାପୂରୁ ଆ଼ଞ୍ଜାମାନାଣି ବେଟାଆ଼ନାକି
ବ଼ର ହୀତେସି । ୭ ବ଼ର ହୀନାସି ବ଼ର ବେଟାଆ଼ନାଣି କିହାଁ କାଜାସି,
ବାରେଜା଼ଣା ଇଦାଆଁ ପୁଞ୍ଜାମାଞ୍ଜେରି । ୮ ଇଲେକିହିଁ ହା଼ନି ମାଣ୍ସିୟାଁ ଦସ
ବ଼ାଗାଟି ର଼ ବ଼ାଗା ଅ଼ହିମାନେରି ଏ଼ୱାରି ଜିକେଏ ର଼ ଦିନା ହ଼ାନେରି, ସାମା
ଏଚିର଼ବେଲାତା ଆମ୍ବାଆସି ଅବ୍ରାହାମତି ଦସ ବ଼ାଗାଟି ର଼ ବ଼ାଗା ଅ଼ହାମାଚେସି
ଏ଼ୱାଣି କାତା ସ଼ାକି ହୀପ଼କି ଆ଼ହିମାନେ, ଏ଼ୱାସି ହ଼ାହା ହିଲଅସି । ୯
ମା଼ର ଏଲେଇଞ୍ଜାଲି ଆ଼ଡିନାୟି, ଦସ ବ଼ାଗାତି ର଼ ବ଼ାଗା ଅ଼ହିମାନି ଲେ଼ବି
ତା଼ନୁ ଜିକେଏ ଅବ୍ରାହାମ ତା଼ଣାଟି ଦସ ବ଼ାଗାଟି ର଼ ବ଼ାଗା ହୀହାମାନେସି ।
୧୦ ଏ଼ନାଆଁତାକି ଇଚିହିଁ ଅବ୍ରାହାମଇଁ ମଲ୍‌କିସେଦକ ଆଣ୍ଟିତାଟି ଲେ଼ବି
ଏଚିର଼ବେଲାତା ଜାର୍ନା ଆ଼ହା ହିଲାଆତେସି ସାମା ଲେ଼ବି ଏ଼ୱାଣି ଆଙ୍ଗ୍ଟା ବିତ୍ରା
ମାଚେସି । ୧୧ ଇ ଲେ଼ବିୟ଼ ଲ଼କୁତି ପୂଜେରା ପା଼ଣା ତଲେ ଇସ୍ରାୟେଲ
କୂଡ଼ାତି ଲ଼କୁ ତାକି ମ଼ସାତି ମ଼େରା ହୀପ଼କି ଆ଼ହାମାଚେ । ଅ଼ଡ଼େ ଲେ଼ବି
ଲ଼କୁତି କାମା ନେହିଁ କିହାଲି ଆ଼ଡିତିହିଁମା, ହାରଣତି ଅଦିକାରାଗାଟି ଇ
ଲେ଼ବି ପୂଜେରାଙ୍ଗ୍ରା ପିସାନା ମଲ୍‌କିସେଦକ ଅଦିକାରା ଲେହେଁ ଅ଼ର କୂଡ଼ାତି
ପୂଜେରା ଲ଼ଡ଼ା ହିଲାଆତେ । ୧୨ ଇଚିହିଁ ପୂଜେରା ପା଼ଣା ବାଦ଼ଲି ଆ଼ନେ,
ଆତିହିଁ ମ଼ସା ମ଼େରା ଜିକେଏ ବାଦ଼ଲି ଆ଼ନାୟି ମାନେ । ୧୩ ଇଚିହିଁ
ଆମ୍ବାଆରି ତାକି ଇ ବାରେ ୱେସ଼ପି ଆ଼ହାମାନେ, ଏ଼ୱାସି ଅ଼ର କୂଡ଼ାତି
ଲ଼କୁ ମାଚେସି, ଆମିନି କୂଡ଼ାତାରି ଆମ୍ବାଆସି ଏଚେଲାୱା ପୂଜା ପିଣ୍ଡାତି
ସ଼େବା କାମା କିହାଲି ଆଣ୍ଡାହିଲଅରି । ୧୪ ଇଚିହିଁ ଈଦି ସାତା ମା଼ ପ୍ରବୁ
ଜୀହୁଦା କୂଡ଼ାଟି ଜାର୍ନା ଆ଼ହାମାନେସି ଇଞ୍ଜାଁ ମ଼ସା ଇ କୂଡ଼ାତି ପୂଜେରା
ପା଼ଣା ତାକି ଏ଼ନାଆଁ ୱେସାହିଲଅସି । ୧୫ ଅ଼ଡ଼େ ଇଦି ଇମ୍ବାଟି ଜିକେଏ
ନେହିଁକିଁ ପୁନାୟି, ମଲ୍‌କିସେଦକ ଲେହେଁ ଅ଼ଡ଼େ ର଼ ପୂଜେରା ହ଼ଚାମାନେସି
। ୧୬ ଏ଼ୱାସି ଆଙ୍ଗ୍ଟା ତଲେତି ମ଼ସା ମ଼େରାଟି ପୂଜେରା ଆ଼ହାହିଲଅସି
ସାମା ରା଼ଆଗାଟି ଜୀୱୁତି ବା଼ଡ଼୍ୟୁଟି ପୂଜେରା ପା଼ଣା ମ଼େଡ଼ା ଆ଼ହାମାନେସି
। ୧୭ ଇଚିହିଁ ଦାର୍ମୁପତିତା ଏ଼ୱାଣି ତାକି ଇଲେକିଁ ଦାର୍ମୁ ସ଼ାସ୍ତେରିତା
ସ଼ାକି ହୀପ଼କି ଆ଼ହାମାନେ; "ନୀନୁ ମଲ୍‌କିସେଦକ ଲେହେଁ କ଼ାଲାକ଼ାଲାତି

ପୂଜେରା ଆ଼ଦି ।” (aiōn g165) ୧୮ ଇମ୍ବାଆଁ ତଲିତି ହୁକୁମି ବା଼ଡ଼୍‌ୟୁ
ହିଲାଆଗାଟାୟି, ଉଜେଏତାୟି ଲାକା ଏ଼ଦି ମେଣ୍ଙ୍ଗା ହାଜାମାନେ । ୧୯
ଏ଼ନାଆଁତାକି ଇଚିହିଁ ମ଼ସାତି ମ଼େରା ଏ଼ନାଆଁୱା ତୀରି କିହାଲି ଆ଼ଡାଆତେ
। ଅ଼ରୱାକି ବାରେକିହାଁ ହ଼ାରେକା ନେହିଁ ବ଼ାର୍ସୁ ହ଼ଚାମାନେ, ଏ଼ ବ଼ାର୍ସୁଟି
ମ଼ାର ମାହାପ୍ରୂରୁ ଡାଗେ ହାଜାଲି ଆ଼ଡିନାୟି । ୨୦ ମ଼ା ତାକି ମାହାପ୍ରୂରୁତି
ପାର୍‌ମାଣା ହ଼ାରେକା ମାନେ । ହାରଣ କୂ଼ଡ଼ାତି ପୂଜେରା ପ଼ାଣାତା ଆ଼ତ୍ୱି
ଆ଼ତାଟି ଇଲେତି ଏ଼ନି ପାର୍‌ମାଣା ହୀପ୍‌କି ଆ଼ହାହିଲାଆତେ । ୨୧ ସାମା
କ୍ରୀସ୍ତୁ ପୂଜେରା ଆ଼ନି ବ଼େଲାତା ମାହାପ୍ରୂରୁ ପାର୍‌ମାଣା କିହାନା ଏ଼ୱାଣାଇଁ
ଏଲେଇଞ୍ଜାମାଚେସି, “ପ୍ରବୁ ର଼ ପାର୍‌ମାଣା କିହାମାନେସି, ଏ଼ୱାସି ତାନି
ଅଣ୍‌ପୁଟି ବାଦ୍‌ଲି କିଅସି, ନୀନୁ କ଼ାଲାକ଼ାଲାତି ପୂଜେରା ଆ଼ଦି ।” (aiōn
g165) ୨୨ ପ୍ରବୁ ଇଲେକିଁ ପାର୍‌ମାଣା କିହାମାନାକି ଜୀସୁ ଅ଼ଡ଼େ ର଼ ହ଼ାରେକା
ନେହିଁ ରା଼ଜିମ଼ାନା କିନାସି ଆ଼ହାମାନେସି । ୨୩ ପ୍ଲ଼ାଃଇ ତ଼ାଣା ଜିକେଏ
ଏଟ୍‌କା ପୂଜେରାଙ୍ଗ୍ଲା ହ଼ାନାରି ଆ଼ହାମାନାକି ଏ଼ୱାରି ହ଼ାତି ଡ଼ାୟୁ ଏଟ୍‌କାତାରି
ପୂଜେରା ପ଼ାଣା ବେଟାଆ଼ନେରି ଏ଼ଦାଆଁତାକି ଏ଼ୱାରି ହ଼ାରେକା । ୨୪ ସାମା
ଜୀସୁ କ଼ାଲାକ଼ାଲା ନୀଡାମାନାକି, ଏଚେଲାୱା ବାଦ୍‌ଲି ଆ଼ଆ ପୂଜେରା
ପ଼ାଣା ବେଟାଆ଼ହାମାନେସି । (aiōn g165) ୨୫ ଏ଼ଦାଆଁତାକି ଏ଼ୱାଣି
ତ଼ାଣାଟି ଆମିନି ଗାଟାରି ମାହାପ୍ରୂରୁ ଡାଗେ ହାନେରି, ଏ଼ୱାରାକି ଏ଼ୱାସି
ହ଼ାରେପୂରେ ନୀଏଁ ଅ଼ଡ଼େ କ଼ାଲେଏ ଗେଲ୍‌ପାଲି ଆ଼ଡିମାନେସି, ଏ଼ନାଆଁତାକି
ଇଚିହିଁ ଏ଼ୱାରି ତାକି ମାହାପ୍ରୂରୁ ତ଼ାଣା ଗ଼ହାରା କିହାଲି ଏ଼ୱାସି କ଼ାଲେଏ
ନୀଡାମାନେସି । ୨୬ ଏ଼ନାଆଁତାକି ଇଚିହିଁ ଇଲେତି କାଜା ପୂଜେରା ମ଼ା
ତାକି ନେହାଁସି, ଆମ୍ବାଆସି ସୁଦୁଗାଟାସି, ଦ଼ହ ହିଲାଆଗାଟାସି, ଲାଗେଏତି
ସିନା ହିଲାଆଗାଟାସି ପ଼ାପୁ ଗାଟାରି ତ଼ାଣାଟି ଏଟ୍‌କା ଆ଼ହାମାନାସି,
ଲାକପୂରୁ ଅ଼ୱିଆ଼ତେସି । ୨୭ ଏ଼ କାଜା ପୂଜେରା ଲେହେଁ ବାରେଦିନା
ନ଼କେଏ ତାନି ପ଼ାପୁ ତାକି ଅ଼ଡ଼େ ଡ଼ାୟୁ ଲ଼କୁତାକି ବାରେଦିନା ପୂଜା
ହୀହାଲି ଲ଼ଡ଼ା ହିଲେଏ, ଇଚିହିଁ ତାଙ୍ଗେ ପୂଜା ହୀତାକି ଏ଼ୱାସି ରଣ୍ତିଏ ପାଲି
ଇଦାଆଁ କିହାମାନେସି । ୨୮ ଏ଼ନାଆଁତାକି ଇଚିହିଁ ମ଼ସାତି ମ଼େରା ବା଼ଡ଼୍‌ୟୁ
ହିଲାଆଗାଟି ମାଣ୍‌ସିଇଁ କାଜା ପୂଜେରା ପ଼ାଣାତା ଆ଼ଚିନେ, ସାମା ଆମିନି
ପାର୍‌ମାଣାତି ବ଼ଲୁ ମ଼ସାତି ମ଼େରା ଜ଼େଚ ଆ଼ହାମାଚେ, ଏ଼ଦି କ଼ାଲାକ଼ାଲା
ତାକି ତୀରିଗାଟି ମୀର୍‌ଏଣାଇଁ ଆ଼ଚିମାନେ । (aiōn g165)

୮ ମ଼ାମ୍ବୁ ଏ଼ନାଆଁ ୱେସିମାଞ୍ଜାନମି ଏମ୍ବାତି କାଜା କାତା ଇଦି, ମାଙ୍ଗେତାକି
ଇଲେତି ର଼ କାଜା ପୂଜେରା ମାନେସି, ଏ଼ୱାସି ଲାକପୂରୁ କାଜା
ଗାୱୁରମିଗାଟି ମାହାପ୍ରୂରୁ ସିଂଗାସାଣିତି ଟିଃନି ଟଟତା କୁଗାମାନେସି ।
୨ ଏ଼ୱାସି ବାରେତି କିହାଁ ସୁଦୁ ଟ଼ାୟୁତା ଇଞ୍ଜାଁ ଆମିନି ସାତା ତ଼ୂମୁ ଇଲୁ
ମାଣ୍‌ସି କେୟୁଟି କ଼େପି ଆ଼ଆନା ପ୍ରବୁ ତ଼ାଣାଟି ତୀରି ଆ଼ହାମାନେ ଏମ୍ବାତି
ସ଼େବା କାମା କିନେସି । ୩ ଇଚିହିଁ ବାରେ କାଜା ପୂଜେରାଙ୍ଗ୍ଲା ଦ଼ାନା ଅ଼ଡ଼େ
ଜ଼ନ୍ତୁତି ଡ଼ାକାହାଁ ପୂଜା କିହାଲି ଆ଼ତ୍ୱି ଆ଼ହାମାନେରି, ଇଦାଆଁତାକି ଇ
କାଜା ପୂଜେରାକି ଜିକେଏ ପୂଜା ହେର୍‌ପାଲି ତାକି ଲ଼ଡ଼ାମାନେ । ୪ ଜୀସୁ
କ୍ରୀସ୍ତୁ ଦାର୍‌ତିତା ମାଚିହିଁମା, ପୂଜେରା ଜିକେଏ ଆୟାଲି ଆ଼ଡାଆତେସିମା,
ଏ଼ନାଆଁତାକି ଇଚିହିଁ ଜୀହୁଦି ଲ଼କୁତି ମ଼େରା ଲେହେଁ ଦ଼ାନା ହେର୍‌ପିନେରି
ଇଲେତି ପୂଜେରାଙ୍ଗ୍ଲା ଏମ୍ବାଆଁ ମାନେରି; ୫ ପୂଜେରାଙ୍ଗ୍ଲା ଆମ୍ବାଆରି ସ଼େବା
କିନେରି, ଏ଼ଦି ଲାକପୂରୁତି କାତା ପୁଣ୍‌ମ୍ବିକିନିଲେହେଁ ସାୟିଁ ସମାନା, ମ଼ସା
ଏଚିବ଼େଲା ପୂଜା କିହାଲିତାକି ର଼ ତ଼ୂମୁ କ଼େପିନି ବ଼େଲାତା ଏ଼ୱାଣାଇଁ
ମାହାପ୍ରୂରୁ ଏଲେଇଞ୍ଜାମାଚେସି, “ଜାଗ୍ରାତା, ହ଼ରୁତା ନିଙ୍ଗେ ଆମିନି ହୁକୁମି
ତ଼ସ୍‌ପି ଆ଼ହାମାଞ୍ଜାତେ, ଏଲେକିହିଁଏ ବାରେ କ଼େପାମୁ ।” ୬ ସାମା ନୀଏଁ
ଜୀସୁକି ଆମିନି ପୂଜେରା କାମା ହୀପ୍‌କି ଆ଼ହାମାନେ, ଏ଼ଦି ଏଟ୍‌କାତି
ପୂଜେରାଙ୍ଗ୍ଲା କାମା କିହାଁ କାଜାୟି । ଏଲେକିହିଁଏ ମାହାପ୍ରୂରୁ ଅ଼ଡ଼େ
ମାଣ୍‌ସିୟାଁ ମାଦି ଏ଼ୱାସି ଆମିନି ରା଼ଜିମ଼ାନା କିହାମାନେସି ଏ଼ଦି କାଜାୟି,
ଇଚିହିଁ ଇ ମ଼େରାତା ହ଼ାରେକା କାଜା କାତା ହୀହାଲି ଆ଼ଞ୍ଜାମାନାୟି
ମାନେ । ୭ ଇଚିହିଁ ତଲିତି ରା଼ଜିମ଼ାନା ଏ଼ନି ଦ଼ହ ହିଲାଆତିହିଁମା, ଡ଼ାୟୁ
ଅ଼ଡ଼େ ଅ଼ର ରା଼ଜିମ଼ାନା ଲ଼ଡ଼ା ଆ଼ଆତେମା । ୮ ସାମା ମାହାପ୍ରୂରୁ ତାନି
ଲ଼କୁଇଁ ଦ଼ହ ଦସାନା ଏ଼ୱାରାଇଁ ଏଲେଇଞ୍ଜି ମାନେସି, “ପ୍ରବୁ ଏଲେଇଞ୍ଜି
ମାନେସି, ମେହ୍‌ଦୁ ର଼ ଦିନା ୱା଼ହିମାନେ, ଏଚିବ଼େଲା ନ଼ାନୁ ଇସ୍ରାୟେଲ
କୂ଼ଡ଼ା ଅ଼ଡ଼େ ଜୀହୁଦା କୂ଼ଡ଼ା ତଲେ ର଼ ପୁଃନି ରା଼ଜିମ଼ାନା ତୀରି କିଇଁ;
୯ ଆମିନି କ଼ାଲାତା ନ଼ାନୁ ଏ଼ୱାରି ଆକୁୟାଁଣି କେସ୍କା ଆସାନା ମିସର
ଦ଼େସାଟି ହ଼ପ୍‌ହା ତାଚାମାଚେଏଁ, ଏ଼ ବ଼େଲାତା ଏ଼ୱାରିତଲେ ନ଼ାନୁ ଆମିନି
ରା଼ଜିମ଼ାନା କିହାମାଚେଏଁ, ଇ ରା଼ଜିମ଼ାନା ଏଲେକିହିଁ ଆ଼ଏ; ଇଞ୍ଜାଁ ଏ଼ୱାରି
ନ଼ା ରା଼ଜିମ଼ାନାତା ତୀରି ଆ଼ହିଁ ମାନାଆତେରି, ଇଞ୍ଜାଁ ନ଼ାନୁ ଏ଼ୱାରାଇଁ ମ଼ନ
ହୀଆତେଏଁ, ପ୍ରବୁ ଇ କାତା ଏଲେ ଇଞ୍ଜିମାନେସି । ୧୦ ପ୍ରବୁ ଏଲେଇଞ୍ଜି
ମାନେସି, ଡ଼ାୟୁ ନ଼ାନୁ ଇସ୍ରାୟେଲ କୂ଼ଡ଼ା ତଲେ ଇ ରା଼ଜିମ଼ାନା କିଇଁ, ଏ଼ଦି
ଇଦି, ନ଼ାନୁ ଏ଼ୱାରି ମ଼ନତା ନ଼ା ମ଼େରା ହୀଇଁ, ଏ଼ୱାରି ହିୟାଁତା ଏ଼ ବାରେ
ରା଼ଚିଇଁ, ଅ଼ଡ଼େ ଏ଼ୱାରି ମାହାପ୍ରୂରୁ ନ଼ାନୁ ଆ଼ଇଁ, ଅ଼ଡ଼େ ଏ଼ୱାରି ନ଼ା ଲ଼କୁ
ଆ଼ନେରି । ୧୧ ମାହାପ୍ରୂରୁଇଁ ପୁଞ୍ଜୁ ଇଞ୍ଜାଁ ଏ଼ୱାରି ବିତ୍ରାଟି ରଅସିୱା ତାମି
କୂ଼ଡ଼ାତି ଗା଼ଡ଼ାତାରାଇଁ ୱେହ୍‌ଅସି, ଇଞ୍ଜାଁ ତାମି ତାୟିୟାଁଇଁ କି ପ଼ାଡ଼ିତାରାଇଁ
ଜ଼ାପ୍‌ଅରି, ଏ଼ନାଆଁତାକି ଇଚିହିଁ ଉଣାଟିଏ କାଜାରି ପାତେକା ଏ଼ୱାରି
ବାରେଜ଼ାଣା ନାଙ୍ଗେ ପୁଞ୍ଜାମାନେରି । ୧୨ ନ଼ାନୁ କାର୍ମାମେସାନା ଏ଼ୱାରି
ବାରେ ପ଼ାପୁ ମ୍ଲେକ୍‌ଇଁ, ଅ଼ଡ଼େ ଏ଼ୱାରି ଲାଗେଏ କିନାଣି ଏଚେଲାୱା ଅଣ୍‌ପଅଁ
।” ୧୩ ମାହାପ୍ରୂରୁ ର଼ ପୁଃନି ରା଼ଜିମ଼ାନା କିତାକି ତଲିତି ରା଼ଜିମ଼ାନାଇଁ
ପ୍ଲ଼ାଃଇ ରା଼ଜିମ଼ାନା କିହାମାନେସି; ଇଞ୍ଜାଁ ଅ଼ଡ଼େ ଆମିନି ପ୍ଲ଼ାଃଆୟି ଲ଼ଡ଼ା
ହୀଆଗାଟାୟି ଆ଼ହାମାନେ, ଏ଼ଦି ଗା଼ଡ଼େକେଏ ମେଣ୍ଙ୍ଗିନେ ।

୯ ସାତେଏ ଏ଼ ତଲିତି ରା଼ଜିମ଼ାନା ଜିକେଏ ପ୍ରାତାନା କିନି ମ଼େରା ଅ଼ଡ଼େ
ର଼ ଦାର୍‌ତିତି ସୁଦୁ ଟ଼ାୟୁ କିୱି ଆ଼ହାମାଚେ । ୨ ଏ଼ଦି ର଼ ତ଼ୂମୁ ତଲେ
କ଼େପିତି ଇଲୁ ଆ଼ହାମାଚେ, ଏମ୍ବାତି ତଲିତି ବାକ୍ରା ଇଞ୍ଜିଁ ଇନେରି ଏମ୍ବାଆଁ
ର଼ ଦୀୱଁ ସ଼ଡ଼ା, ର଼ ପିଣ୍ତା ଅ଼ଡ଼େ ମାହାପ୍ରୂରୁକି ହେର୍‌ପାମାନି ରୁଟି ମାଚେ,
ଏ଼ଦାନି ସୁଦୁ ଟ଼ାୟୁ ଇନେରି । ୩ ଏମ୍ବାଆଁ ଲେଚାମାଚି ଟ଼ାଟିନି ରୀ ହିମ୍ବରିକା
ଡ଼ାୟୁୱାକି ଆମିନି ତ଼ୂମୁ ମାଚେ, ଏ଼ଦାଆଁ ହ଼ାରେକା ସୁଦୁ ବାକ୍ରା ଇଞ୍ଜିଁ
ଇନେରି; ୪ ଏମ୍ବାଆଁ ବାଂଗାରା ତଲେ ୱା଼ରି କିହାମାଚି ଦୁପ୍‌ଣି ହୂତିନି

ର଼ ପିଣ୍ଡା ଅ଼ଡ଼େ ବାଂଗାରା ତଲେ ୱା଼ରି କିହାମାଚି ର଼ାଜିମା଼ନା ପେଡ଼ା
ମାଚେ । ଏ଼ ର଼ାଜିମା଼ନା ପେଡ଼ାତା ମାନା ଇଟ୍କି ଆ଼ହାମାଚି ର଼ ବାଂଗାରା
ମୁତା ଅ଼ଡ଼େ ହାରଣୱାୟି ଆ଼କୁ ଗା଼ଲ୍ହାମାଚି ବାଡ଼୍ଗା ଇଞ୍ଜାଁ ର଼ାଜିମା଼ନା
ର଼ାସ୍କି ଆ଼ହାମାଚି ରିଣ୍ଡି ୱାଲି ପା଼ଟାୟାଁ ମାଚୁ, ୫ ର଼ାଜିମା଼ନା ପେଡ଼ା ଲାକ
ମାହାପୂରୁ ନ଼କିତା ନିଚାମାନି ଲେହେଁ ଗାୱୁରମିଗାଟି ଜ଼ଡ଼େକା କିରୁବ
ଦୂତୁୟାଁତି ବମା ମାଚୁ, ଏ଼ୱି ପା଼ପୁ ମେଣ୍ଡ୍ଜି କିନି ଟା଼ୟୁତି ପିଭ଼କ୍ହାମାଚୁ; ଏ଼ୱି
ପା଼ପୁ ମ୍ଣେକ୍ନି ଟା଼ୟୁ ଲାକ ମା଼ରାୟାଁ ପିଭ଼କ୍ହାମାଚୁ, ଏ଼ ବାରେତି କାତା ନୀଏଁ
ନେହିଁକିଁ ୱେସାଲି ଲ଼ଡ଼ା ହିଲେଏ । ୬ ଏମ୍ବାଆଁ ଇଲେତି ର଼େମରା ମାନେ;
ପୂଜେରାଞ୍ଜା ଦିନାତାକି ଦିନା ତ଼ୃମୁତି ତଲିତି ବାକ୍ରା ବିତ୍ରା ତାମି ସ଼େବା କାମା
କିନେରି, ୭ ସାମା ଡ଼ା଼ୟୁତି ବିତ୍ରା ବାକ୍ରାତା ୱା଼ର୍ଇ କାଜା ପୂଜେରା ବାର୍ସା
ତାକି ରଣ୍ଡିଏ ଦେବା ହ଼ଡ଼୍ନେସି, ତାନି ପା଼ପୁ ଇଞ୍ଜାଁ ଲ଼କୁତି ପୁନାଆତି ପା଼ପୁ
ତାକି ମାହାପୂରୁକି ପୂଜା ହେର୍ପାଲି ଏ଼ୱାସି ନେତେରି ଅ଼ହାନା ହା଼ରେକା
ସୁଦୁ ଟା଼ୟୁତା ହ଼ଡ଼୍ନେସି । ୮ ଇଦାଆଁତାକି ସୁଦୁଜୀୱୁ ମାଞ୍ଜେ ଜା଼ପ୍ହି
ମାଞ୍ଜାନେ, ନ଼କିତି ସୁଦୁ ତ଼ୃମୁ ମାନି ପାତେକା ହା଼ରେକା ସୁଦୁ ଟା଼ୟୁତା
ହ଼ଡାଲି ଜିରୁ ଡ଼ଞ୍ଜାଆ଼ହାଁ ହିଲେଏ । ୯ ଇ ତଲିତି ବାକ୍ରା ନୀଏଁ କା଼ଲା ତାକି
ପୁଣ୍ମ୍ବି କିୱିକିନି ସିନା, ଅ଼ଡ଼େ ଏଲେକିହିଁଏ ଦା଼ନା ଅ଼ଡ଼େ ପୂଜା ଇ ବାରେ
ହୀପ୍କିଆ଼ନେ, ସାମା ଇ ବାରେ ସ଼େବା କିନାରାଇଁ ନେହିଁ ଅଣ୍ପୁତି ଦା଼ନା
ହୀହାଲି ଆ଼ଡେଏ; ୧୦ ଇଚିହିଁ ଏ଼ ବାରେ ୱା଼ର୍ଇ ତିନାଣି ଉନାଣି ଅ଼ଡ଼େ
ଅଟ୍ହାଲି ତାକି ଆଜ୍ଞା ତାକି କିନି କାମାୟାଁ ସାମା ମାହାପୂରୁତି ପୁଃନି ର଼େମରା
ଆ଼ନି ପାତେକା ଇଦି ବାରେ ଲ଼ଡ଼ାଗାଟାୟି ଆ଼ହାମାଚେ । ୧୧ ସାମା କ୍ରୀସ୍ତୁ
ନୀଏଁ ନେହିଁ କାମାତି କାଜା ପୂଜେରା ସମାନା ଆ଼ହାନା ୱା଼ହାମାନେସି,
ଇଞ୍ଜାଁ ଏମିନି ତ଼ୃମୁ ଇଲୁତା ଏ଼ୱାସି ତାନି ସ଼େବା କାମା କିହାମାନେସି, ଇ
ଇଲୁ ଦାର୍ତିତା ମାନି ତ଼ୃମୁ ଇଲୁ କିହାଁ ହା଼ରେକା କାଜାୟି ଅ଼ଡ଼େ ନେହାୟି,
ଏ଼ଦି ମାଣ୍ସି କେୟୁତଲେ କ଼େପାଆତି ତ଼ୃମୁ ଇଲୁ, ଏ଼ଦି ଡ଼ଞ୍ଜାଆ଼ହାମାନି
ଦାର୍ତି ବିତ୍ରା ହିଲାଆତେ । ୧୨ କ୍ରୀସ୍ତୁ ଗରି କି ବାଚା କ଼ଡିତି ନେତେରି
ତଲେ ଆ଼ଏ, ସାମା ଜାହାରା ନେତେରି ତଲେ ରଣ୍ଡିଏ ଦେବା ସୁଦୁ ଟା଼ୟୁତା
ହ଼ଡାନା କା଼ଲାକା଼ଲାତାକି ଗେଲ୍ପି ଆ଼ନାଣି କିହାମାନେସି । (aiōnios g166)
୧୩ ଆମ୍ବାଆରି ପା଼ଣାପା଼ଟୁ ମ୍ରା଼ନ୍ୱି ଆ଼ଆନା ପା଼ପୁ କିନେରି, ଏ଼ୱାରି ପ଼ଲ୍ଆ
ଗାଟାରି ଲାକ ଗରି ଅ଼ଡ଼େ ବାଚା କ଼ଡିତି ନେତେରି ଡ଼ା଼ଞ୍ଜାନା ହ଼ୂଡିତି ଦାର୍ମୁ
ତଲେ ଏ଼ୱାରି ଆଙ୍ଗାତି ବାରେ ପା଼ପୁ ସୁଦୁ କିହିମାଚେରି, ୧୪ ଇଦି ସାତା
ଆ଼ହାମାନେ, ଇଚିହିଁ କ୍ରୀସ୍ତୁତି ନେତେରି ସାତା ଆ଼ଏ, କି କା଼ଲେଏତି ଜୀୱୁତି
ସା଼ୟେମି ତଲେ ଏ଼ୱାସି ଜାହାରାଇଁ ମାହାପୂରୁ ନ଼କିତା ର଼ ଦ଼ହ ହିଲାଆ
ପୂଜାଲେହେଁ ହେର୍ପିତେସି, ତାନି ନେତେରି ଏଚେକା ଗାଡି ନୀଡାମାନି
ମାହାପୂରୁଇଁ ସ଼େବା କିହାଲି, ହା଼ୱି କିନି କାମାଟି ମା଼ ଜୀୱୁତି ଅଣ୍ପୁତି ସୁଦୁ
କିନେ! (aiōnios g166) ୧୫ ଇଦାଆଁତାକି କ୍ରୀସ୍ତୁଏ ପୁଃନି ର଼ାଜିମା଼ନାତି
ମାଦିତାସି ଆ଼ହାମାନେସି, ଏ଼ନିକିଁ ମୂଲୁତି ର଼ାଜିମା଼ନାତି ପା଼ପୁ ମ୍ଣେକ୍ହାଲି
ତାକି ହା଼ହାମାନାକି ମାହାପୂରୁ ହା଼ଟାମାନି ଲ଼କୁ କା଼ଲାକା଼ଲାତି ଅଦିକାରା
ଆ଼ହାଲି ଆ଼ଜ୍ଞାମାନି ଗେଲ୍ପି ଆ଼ନାଣି ବେଟାଆ଼ନେରି । (aiōnios g166) ୧୬
ଇଚିହିଁ ର଼ାଜିମା଼ନା କିୱି ଆ଼ହାମାଚି ର଼ାଜିମା଼ନା ଆ଼ହାମାନି ମାଣ୍ସିତି ହା଼ନି
ପାର୍ମାଣା ଲ଼ଡ଼ାମାନେ । ୧୭ ଇଞ୍ଜାଁ ହା଼ତିସାରେ ର଼ାଜିମା଼ନା କିହାମାନାୟି
ବା଼ଡ଼୍ୟୁ ଆ଼ନେ, ଇଚିହିଁ ର଼ାଜିମା଼ନା କିହାମାନାସି ନୀଡାମାନି ପାତେକା ଏ଼ଦି
ଏଚେଲା ଜିକେଏ କାମାତା ୱା଼ଏ । ୧୮ ଏ଼ଦାଆଁତାକି ତଲିତି ର଼ାଜିମା଼ନା
ଜିକେଏ ନେତେରି ହିଲାଆନା ଟୀରି ଆ଼ହାହିଲାଆତେ । ୧୯ ତଲିଏ
ମ଼ସା ର଼େମରାତି ହୁକୁମି ଲ଼କୁତା଼ଣା ର଼େକ୍ହେସି, ଡ଼ା଼ୟୁ ଏ଼ୱାସି କ଼ଡି ଅ଼ଡ଼େ
ଗରିତି ନେତେରି ଏ଼ୟୁତଲେ ଆଟ୍ହାନା ଏସବ ଜା଼ଡ଼ାତି ଆ଼କା ଅ଼ଡ଼େ
ନେତେରି ୱା଼ଣାଗାଟି ମେଣ୍ଡା ବା଼ଣାୟାଁ ତଲେ ର଼େମରା ପତି ଅ଼ଡ଼େ ବାରେ
ଲ଼କୁ ଲାକ ଡ଼ା଼ଞ୍ଜିତେସି । ୨୦ ଏ଼ୱାସି ଏଲେଇଚେସି, “ଏମିନି ର଼ାଜିମା଼ନା
ମା଼ନ୍ୱି ଆ଼ହାଲି ମାହାପୂରୁ ମିଞ୍ଜେ ହୁକୁମି ହୀହାମାଞ୍ଜାନେସି, ଇ ନେତେରି
ଏ଼ ର଼ାଜିମା଼ନାତି ତ଼ସିମାନେ ।” ୨୧ ଅ଼ଡ଼େ ଜିକେଏ ଏଲେକିହିଁ ଏ଼ୱାସି
ତ଼ୃମୁ ଇଲୁ ଅ଼ଡ଼େ ମାହାପୂରୁ ସ଼େବାତାକି ବାରେ ଲ଼ଡ଼ାମାନି ଦିଣ୍ସୁ ଲାକ
ଜିକେଏ ନେତେରି ଡ଼ା଼ଞ୍ଜିତେସି । ୨୨ ସାତେଏ ମ଼ସାତି ର଼େମରା ତଲେ
ବାରେ ନେତେରି ତଲେ ଅଟ୍ହି କିୱିଆ଼ନେ, ଅ଼ଡ଼େ ନେତେରି ୱା଼କ୍ହାନା
ପା଼ପୁ ମେଣ୍ଡ୍ଜେଏ । ୨୩ ଏ଼ଦାଆଁତାକି ଲାକପୂରୁ କ଼େପିତି ବାରେ ଦିଣ୍ସୁ
ପୁଣ୍ମ୍ବିକିନିଲେହେଁ ପୂଜା ତଲେ ଅଟ୍ୱି ଆ଼ନାୟି ମାଚେ; ସାମା ଲାକପୂରୁ
କ଼େପିତି ବାରେ ଦିଣ୍ସୁ ଇ କାଜା ପୂଜା ତଲେ ଅଟ୍ନାୟି ମାନେ । ୨୪
ଏ଼ନାୟି ମାଣ୍ସିୟାଁ କେୟୁଟି କ଼େପାଆତାୟି ଇଲେତି ସୁଦୁ ଟା଼ୟୁତା କ୍ରୀସ୍ତୁ
ହାଜାମାନେସି, ଇଦି ସାତା କାତା, ଏ଼ୱାସି ଲାକପୂରୁ ହାଜାମାନେସି,
ଏମ୍ବାଆଁ ଏ଼ୱାସି ମା଼ ୱାକିଟି ନୀଏଁ ମାହାପୂରୁ ନ଼କିତା ମାନେସି । ୨୫
ଜୀହୁଦିୟାଁ କାଜା ପୂଜେରାଞ୍ଜା ଏ଼ନିକିଁ ବାର୍ସା ତାକି ବାର୍ସା ଏଟ୍କା ଲ଼କୁ ତାକି
ପୂଜା ହୀନି ନେତେରି ଅ଼ହାନା ସୁଦୁ ଟା଼ୟୁତା ହ଼ଡ଼୍ନେରି, ଏଲେକିହିଁଏ
କ୍ରୀସ୍ତୁ ଅଲେ ଅଲେ ତାଞ୍ଜେ ପୂଜା କିହାଲି ଏ଼ଦି ଏମ୍ବାଆଁ ହାଜାହିଲଅସି ।
୨୬ ଆତିହିଁ ଦାର୍ତି ଗା଼ଡ଼ିଆ଼ତି ବ଼େଲାଟିଏ ଅଲେ ଅଲେ ତାଞ୍ଜେ ହା଼ହାଲି
ଆ଼ତେମା; ସାମା ନୀଏଁ ଏ଼ୱାସି ଜୁଗୁ ର଼ାନି ବ଼େଲାତା ତ଼ାନୁଏ ପୂଜାଲେହେଁ
ହେର୍ପାକଡାମାନାକି ପା଼ପୁ ହେକ କିୟାଲି ଡ଼ଞ୍ଜା ଆ଼ହାମାନେସି । (aiōn
g165) ୨୭ ବାରେ ଲ଼କୁତାକି ଏ଼ନିକିଁ ରଣ୍ଡିଏ ଦେବା ହା଼ନାୟି, ଅ଼ଡ଼େ ଏ଼ଦାନି
ଡ଼ା଼ୟୁ ନୀହାଁୟି ମାନେ । ୨୮ ଏଲେକିହିଁଏ କ୍ରୀସ୍ତୁ ଜିକେଏ ହା଼ରେକା ଲ଼କୁତି
ପା଼ପୁ ଡ଼େକା ଅ଼ହାଲି ରଣ୍ଡିଏ ଦେବା ପୂଜା ଆ଼ହାଲି ହେର୍ପାକଡିତେସି,
ଅ଼ଡ଼େ ୱେଣ୍ଡେ ପା଼ପୁତି ତାକି ଆ଼ଏ, ସାମା ଆମିନି ଗାଟାରି ଏ଼ୱାଣାଇଁ
କା଼ଚାମାନେରି, ଏ଼ୱାରାଇଁ ଗେଲ୍ପାଲିତାକି ଡ଼ଞ୍ଜାଆ଼ନେସି ।

**୧୦** ଇଚିହିଁ ମ଼ସାତି ର଼େମରା ୱା଼ହିମାନି ଦିନାତି ନେହିଁ ସା଼ୟିଁଲେହେଁ
ଆ଼ହାନା ଏ଼ ବାରେତି ୱା଼ଣା ଆ଼ଆତାକି ପୂଜେରାଞ୍ଜା ବାର୍ସା ତାକି
ବାର୍ସା ଏ଼ ରଣ୍ଡିଏ ର଼ଲେତି ପୂଜା କିହିମାନାକି ପ୍ରାତାନା କିନାରାଇଁ ଏଚେଲାୱା
ଟୀରି କିହାଲି ଆ଼ଡଅରି । ୨ ଏଲେକିହିଁ ମାହାପୂରୁତି ସ଼େବା କିନାରି
ସାତେଏ ପା଼ପୁଟି ନର଼୍ୱି ଆ଼ତିହିଁମା, ଆତିହିଁ ଏ଼ୱାରି ଅ଼ଡ଼େ ଜାହାରା ପା଼ପୁ
ଗାଟାତମି ଇଞ୍ଜାଁ ଅଣ୍ପାଆତେରିମା, ଅ଼ଡ଼େ ବାରେ ପୂଜା କିନାୟି ଡ଼ୁଞ୍ଜିତେମା
। ୩ ସାମା ଏଲେକିଁ ଆ଼ଆନା ବାର୍ସା ତାକି ବାର୍ସା ପୂଜା କିହିମାନାକି

ମାଣ୍ସିଇଁ ତାନି ପ଼ାପୁତି ଅଣ୍ପି କିୱିଆ଼ହିମାନେ । **୪** ଇଚିହିଁ ବାଚା କ଼ଡିତି
ନେତେରି ଆ଼ପେ କି ଗରିତି ନେତେରି ଆ଼ପେ ଏ଼ଦି ଏଚେଲାୱା ମ଼ା ପ଼ାପୁ
ମ୍ଣେକ୍‌ହାଲି ଆ଼ଡେଏ । **୫** କ୍ରୀସ୍ତୁ ଦାର୍‌ତିତା ୱ଼ାହାନା ଏଲେଇଞ୍ଜାମାଚେସି,
“ନୀନୁ ପୂଜା ଅ଼ଡ଼େ ଦ଼ାନା ହୀନାଣି ର଼ାହାଁ ଆ଼ଆତି, ସାମା ନୀନୁ ନାଙ୍ଗେତାକି
ର଼ ଆଙ୍ଗା ଠ଼େପିତି; **୬** ପ଼ାପୁତି ମ୍ଣେକ୍‌ହାଲି ନୀନୁ ହିଚୁତା ହୂଡିନି ପୂଜା ଅ଼ଡ଼େ
ଜ଼ନ୍ତୁ ଡ଼ାକିନାଣି ର଼ାହାଁ ଆ଼ଆତି । **୭** ଏଚିର଼ବେଲା ନ଼ାନୁ ଏଲେଇଚେଏଁ,
ମାହାପୂରୁ, ନ଼ାନୁ ଇମ୍ବାଆଁ ମାଇଁ, ନୀ ଅଣ୍ପୁତି କାମା କିହାଲି, ଏ଼ନିକିହିଁ
ସ଼ାସ୍ତେରିତା ନ଼ା କାତା ର଼ାସ୍‌କି ଆ଼ହାମାନେ ।” **୮** ଏ଼ୱାସି ତଲିଏ ୱେସ୍ତେସି,
“ନୀନୁ ମାଣ୍ସିତି ପ଼ାପୁ ମ୍ଣେକ୍‌ହାଲି ପୂଜା କିନାଣି, ଦ଼ାନା ଇଞ୍ଜାଁ ଜ଼ନ୍ତୁତି
ହିଚୁତା ହୂଡିନାଣି ଅ଼ପିହିଲଅତି; ଏ଼ ବାରେ ନିଙ୍ଗେ ର଼ାହାଁ କିୟାଲି ଆ଼ଡେଏ
।” ଈ ବାରେ ପୂଜା ର଼ମେରାଲେହେଁ କିୱି ଆ଼ହାମାଚି ଜିକେଏ, **୯** ଅ଼ଡ଼େ
ଜିକେଏ ଏ଼ୱାସି ଏଲେଇଚେସି, “ମାହାପୂରୁ ମେହ୍‌ମୁ, ନ଼ାନୁ ନୀ ମ଼ନଲେହେଁ
କାମା କିହାଲି ୱ଼ାହାମାଇଁ” ଏ଼ଦାଆଁତାକି ମାହାପୂରୁ ଈ ବାରେ ପୂଜା
ଅ଼ପାଆନା, ଏ଼ଦାଣି ପିସାନା କ୍ରୀସ୍ତୁତି ପୂଜା ଅ଼ପିତେସି । **୧୦** ଜୀସୁ କ୍ରୀସ୍ତୁ
ରଣ୍ତିଏ ଦେବା କ଼ାଲାକ଼ାଲାତାକି ତାନି ଆଙ୍ଗାତି ହେର୍‌ପାନା ମାହାପୂରୁତି
ମ଼ନତଲେ କାମା କିହାଲିଏ, ତାନି ଏ଼ ପୂଜାଟି, ମ଼ାର ବାରେ ଜ଼ାଣାତାୟି
ପ଼ାପୁଟି ଗେଲ୍‌ପି ଆ଼ହାନା ସୁଦୁ ଗାଟାତାୟି ଆ଼ହାମାନାୟି । **୧୧** ଅ଼ଡ଼େ
ଜିକେଏ ବାରେ ଜୀହୁଦି ପୂଜେରାଙ୍ଗା ବାରେଦିନା ର଼ସେବା କାମା କିହାଲି
ଅଲେ ଅଲେ ରଲେଏତି ପୂଜା ହୀହାଲି ନିନେରି; ଈ ବାରେ ଏଚେଲା
ପ଼ାପୁ ମ୍ଣେକ୍‌ହାଲି ଆ଼ଡେଏ । **୧୨** ସାମା କ୍ରୀସ୍ତୁ ପ଼ାପୁ ତାକି ରଣ୍ତିଏ ଦେବା
ତାଙ୍ଗେ ପୂଜା ଅ଼ହାଲି ହେର୍‌ପାକଡିତି ଡ଼ାୟୁ କ଼ାଲେଏତାକି ମାହାପୂରୁ ଟିଃନି
ଟଟତା କୁଗିତେସି; **୧୩** ମାହାପୂରୁ ତାନି ସାତ୍ରୁୟାଁଇଁ ଏ଼ୱାଣି କଡାୟାଁ
ଡ଼ଇ ଇଟାଆ ପାତେକା ଏ଼ୱାସି ଏମ୍ବାଆଁ କ଼ାଚିମାନେସି । **୧୪** ଇଚିହିଁ
ୱାର୍‌ଇ ରଣ୍ତିଏ ପୂଜା ହୀତି ତ଼ାଣାଟି ଏ଼ୱାସି ପ଼ାପୁଟି ସୁଦୁ ଆ଼ହାମାନି ଲ଼କୁଇଁ
କ଼ାଲେଏ ତାକି ତୀରି କିହାମାନେସି । **୧୫** ସୁଦୁଜୀୱୁ ଜିକେଏ ମାଙ୍ଗେ ସ଼ାକି
ହୀହାନା ୱେସିମାଞ୍ଜାନେ । **୧୬** ଇଚିହିଁ ପ୍ରବୁ ଈ କାତା ଏଲେଇଞ୍ଜି ମାନେସି,
“ଏ଼ ୱ଼ାନି ଦିନା ନ଼ାନୁ ଏ଼ୱାରିତଲେ ଆମିନି ପୁଃନି ର଼ାଜିମ଼ାନା କିଇଁ, ଏ଼ଦି
ଈଦି, ନ଼ାନୁ ଏ଼ୱାରି ହିୟାଁତା ମ଼ସାତି ର଼ମେରା ହୀଇଁ, ଇଞ୍ଜାଁ ଏ଼ୱାରି ମ଼ନତା ଏ଼
ବାରେ ର଼ାଚିଇଁ ।” **୧୭** ଅ଼ଡ଼େ ଏ଼ୱାସି ଏଲେଇଞ୍ଜି ମାନେସି, “ନ଼ାନୁ ଏ଼ୱାରି
ପ଼ାପୁ ଅ଼ଡ଼େ ଲାଗେଏତି କାମାୟାଁ ଏଚେଲାୱା ୱେଣ୍ଡେ ଅଣ୍ପଅଁ ।” **୧୮**
ଈଦାଆଁତାକି ବାରେ ପ଼ାପୁ ଦ଼ହ ମେଣ୍ଡ୍‌ଙ୍ଗିସାରେ ଅ଼ଡ଼େ ଏଚେଲାୱା ପୂଜା
ହୀହାଲି ଲ଼ଡ଼ା ଆ଼ଏ । **୧୯** ଏ଼ଦାଆଁତାକି ଏ଼ ତାୟିୟାଁ ଅ଼ଡ଼େ ତାଙ୍ଗିସ୍କା,
ଜୀସୁତି ହ଼ାହାମାନାକି ମ଼ାର ସୁଦୁ ଟ଼ାୟୁତା ହ଼ଡାଲି କାଜା ଅଦିକାରା ବେଟା
ଆ଼ହାମାନାୟି, **୨୦** ଏ଼ୱାସି ଲେଚାମାନି ତାନି ଆଙ୍ଗା ଲେହେଁତି ଟ଼ାଟିନି
ହିମ୍ବରି ତଲେ ମାଙ୍ଗେତାକି ର଼ ପୁଃନି ଇଞ୍ଜାଁ ନୀଡିନି ଜିରୁ ଦେଚାମାନେସି
। **୨୧** ମାହାପୂରୁ ଇଲୁ ନୀଏଁ ମ଼ା କାଜା ପୂଜେରା ତ଼ାଣା ମାନେ, **୨୨**
ଏ଼ଦାଆଁତାକି ୱ଼ାଦୁ, ମ଼ାର ସୁଦୁ ହିୟାଁ ଅ଼ଡ଼େ ଆ଼ଟ୍‌ୱା ନାମୁଟି ମାହାପୂରୁ
ନ଼କିତା ହାନ; ଇଚିହିଁ ମ଼ାର ନୀଏଁ ପ଼ାପୁ ଅଣ୍ପୁଟି ଅଟ୍‌ୱି ଆ଼ହାମାନାୟି
ଅ଼ଡ଼େ ମ଼ା ଆଙ୍ଗା କ୍ରୀସ୍ତୁତି ନେତେରି ତଲେ ନର୍‌ୱି ଆ଼ହାମାନେ । **୨୩**
ମ଼ାର ର଼ୱେକ୍‌ହାମାନି ଆ଼ସା ବ଼ାର୍ସୁତି ବ଼ାଡ଼୍‌ୟୁ ତଲେ ଆହ୍‌ନ, ଏ଼ନାଆଁତାକି
ଇଚିହିଁ ମାହାପୂରୁ ଆ଼ଞ୍ଜାମାନେସି, ଏ଼ୱାସି ଟିକାଣାତାସି; **୨୪** ଅ଼ଡ଼େ ଜୀୱୁ
ନ଼ୱି ଆ଼ହାଲି ଇଞ୍ଜାଁ ନେହିଁ କାମା କିୱି କିହାଲିତାକି ରଅତାୟି ରଅଣାଇଁ
ସ଼ାୟେମି କିହାଲି ମ଼ନ ହୀନ, **୨୫** ଅ଼ଡ଼େ ଆମ୍ବା ଆମ୍ବାଆରି ମାହାପୂରୁ
କୁଲମି ପ୍ରାତାନାତା ରୁଣ୍ତା ଆ଼ହାଲି ହେଲା ଆ଼ନେରି, ମ଼ାର ଏଲେକିଁ କିଆପ;
ସାମା ରଅତାୟି ରଅଣାଇଁ ବ଼ାର୍ସୁ ହୀୱିଆ଼ନ, ଏ଼ନାଆଁତାକି ଇଚିହିଁ ପ୍ରବୁ
ୱ଼ାନି ଦିନା ଡାଗେ ୱ଼ାହିମାନେ ଇଞ୍ଜାଁ ମେସିମାନାୟି । **୨୬** ମ଼ା ନ଼କିତା
ସାତା ତ଼ଞ୍ଜା ଆ଼ତି ର଼ଜେଚ ମ଼ାର ପୁଞ୍ଜି ପୁଞ୍ଜିହିଁ ପ଼ାପୁ କିହିମାନାୟି, ଆତିହିଁ
ଏ଼ନି ପୂଜା ପ଼ାପୁଟି ଗେଲ୍‌ପାଲି ଆ଼ଡେଏ, **୨୭** ଆ଼ତିହିଁ ମ଼ାର ୱ଼ାହିମାନି
କାଜା ନୀହାଁୟି ନ଼କିତା ମାହାପୂରୁଇଁ ଅ଼ପାଆଗାଟି ଲ଼କୁ ତାକି ମାନି ହିଚୁତା
ନ଼ାସା ଆ଼ନାଣି ଆଜାନା ଡ଼ୟିନି ପିସ୍‌ପେ ମ଼ାଦି ଅ଼ଡ଼େ ଏଟ୍‌କା ଏ଼ନି ଡଣ୍ତୁ
ହିଲେଏ । **୨୮** ଆମ୍ବାଆସି ମ଼ସା ର଼ମେରାତି ମ଼ାନୱି ଆ଼ଆସାରେ, ଏ଼ୱାସି
କାର୍ମା ମେସ୍‌ପି ଆ଼ଆନା ରିଆରି କି ତୀନି ଜ଼ାଣା ସ଼ାକି ତଲେ ଦ଼ହଗାଟାସି
ଇଞ୍ଜାଁ ପୁଞ୍ଜାନା, ଏ଼ୱାଣାଇଁ କାର୍ମା ମେହ୍‌ଆନା ହ଼ାନି ଡଣ୍ତୁ ହୀୱିଆ଼ନେ
। **୨୯** ଇଞ୍ଜାଁ ଅଣ୍ପାଦୁ ଆମ୍ବାଆସି ମାହାପୂରୁ ମୀର୍‌ଏଣାଇଁ କଡାଁ ଡ଼ଇ
ୱିସାମାନେସି, ପୁଃନି ର଼ାଜିମ଼ାନାତି ଆମିନି ନେତେରି ତଲେ ଏ଼ୱାସି ସୁଦୁ
ଆ଼ହାମାଚେସି, ଏ଼ୱାଣାଇଁ ଊଣା ଇଞ୍ଜାଁ ଅଣ୍ପାମାନେସି ଅ଼ଡ଼େ କାର୍ମା ହୀନି
ଜୀୱୁତି ଅ଼ପାହିଲଅସି, ଏ଼ୱାସି ଏଚେକା ହ଼ାରେଏ ଡଣ୍ତୁ ବେଟାଆ଼ଅସି!
**୩୦** ଇଚିହିଁ ମ଼ାର ପୁଞ୍ଜାମାନାୟି, “ବାଦୁଲି ଅ଼ନାୟି ନ଼ା ଅଦିକାରା, ନ଼ାନୁ
ତାମି କାମାତି ପ଼ାଡ଼େୟି ହୀଇଁ” ଆମ୍ବାଆସି ଈ କାତା ଏଲେଇଞ୍ଜା ମାନେସି,
ଏ଼ୱାଣାଇଁ ନ଼ାନୁ ପୁଞ୍ଜାମାଇଁ, ଅ଼ଡ଼େ ଜିକେଏ “ପ୍ରବୁ ତାନି ଲ଼କୁଇଁ ନୀହାଁୟି
କିନେସି ।” **୩୧** ନୀଡାମାନି ମାହାପୂରୁ କେୟୁତା ହେର୍‌ୱିନାୟି ଏ଼ଦି
ହ଼ାରେକା ଆଜିହ଼ପେତାୟି । **୩୨** ସାମା ଉଜେଡ଼ି ମେସ୍ତି ଡ଼ାୟୁ ଏଚିର଼ବେଲାତା
ମୀରୁ ହ଼ାରେକା ଦୁକୁ କସ୍ତ ବେଟାଆ଼ହାନା ହ଼ାରୱି ଆ଼ହାହିଲଅତେରି,
ମୀରୁ ଏ଼ ତଲି କ଼ାଲାତି ଅଣ୍ପାଦୁ; ସାମା ମୀରୁ ଏଚେଲାୱା ହ଼ାରୱି
ଆ଼ହା ହୀଲଅତେରି । **୩୩** ରକୱାକି ଅ଼ପାଆ ଗାଟାତେରି ଅ଼ଡ଼େ କସ୍ତତା
ଲାଜା କିୱିଆ଼ହିମାଚେରି, ଅ଼ରୱାକି ଏଲେକିହିଁଏ ମାହାପୂରୁ ର଼ଲେମ୍ବିମାନି
ଲ଼କୁତଲେ ଆଣ୍ତିମାଚେରି । **୩୪** ଇଚିହିଁ ମୀରୁ କାୟିଦି ଗାଟାରି ତଲେ
ଆଣ୍ଡାନା ଦୁକୁ ବେଟା ଆ଼ହାମାଚେରି, ଅ଼ଡ଼େ ମିଙ୍ଗେ ମୀ ହ଼ାରେକା ନେହିଁ
କ଼ାଲେଏତି ବାତ୍‌କୁ ମାନେ, ଈଦାଆଁ ପୁଞ୍ଜାନା ର଼ାହାଁତଲେ ମୀ ଦ଼ନ ମ଼ାଣ୍ଚା
ଅ଼ନାଣି ମୀରୁ ଅ଼ର୍‌ହିମାଚେରି । **୩୫** ଈଦାଆଁତାକି ମୀରୁ, ମୀ ସ଼ାସା
ପିହ୍‌ଆଦୁ ଇଚିହିଁ ଏମ୍ବାଟି ହ଼ାରେକା ଦ଼ାନା ମାନେ । **୩୬** ମାହାପୂରୁତି
ଅଣ୍ପୁ ପୂରା କିହାନା ଏ଼ୱାସି ଆ଼ଞ୍ଜାମାନାଣି ବେଟାଆ଼ହାଲି ଆ଼ଡିଦେରି,
ଏ଼ଦାଆଁତାକି ମୀରୁ ସ଼ାସା ଆସାନା ଡ଼ୟାଦୁ । **୩୭** ଇଚିହିଁ ଦାର୍ମୁପତିତା
ର଼ାସ୍‌କି ଆ଼ହାମାନେ, “ଇଚିହିଁ ହ଼ାରେକା ଊଣା ର଼ବେଲା ମାନେ, ଆମ୍ବାଆସି
ୱ଼ାନାୟି ମାନେ, ଏ଼ୱାସି ୱ଼ାନେସି; ଅ଼ଡ଼େ ଏ଼ୱାସି ର଼ୱେଡ଼ା କିଅସି । **୩୮** ନ଼ା
ଦାର୍ମୁତି ମାଣ୍ସି ନାମୁତଲେ ନୀଡିନାସି, ସାମା ଆମ୍ବାଆସି ନ଼ା ତ଼ାଣାଟି

ଗୁଚା ଆ଼ନେସି, ଆତିହିଁ ଏ଼ୱାଣି ତ଼ାଣା ନ଼ା ଜୀୱୁ ରା଼ହାଁ ଆ଼ଏ ।” **୩୯** ସାମା
ଆମ୍ବାଆରି ନ଼ାସା ଆ଼ହାଲି ୱେଣ୍ଡେ ଗୁଚା ଆ଼ନେରି, ମ଼ାମ୍ବୁ ଏ଼ୱାରି ଗଚିତି
ଲ଼କୁ ଆ଼ଏ, ସାମା ଆମ୍ବାଆରି ଜୀୱୁତି ଗେଲ୍‌ପି ଆ଼ହାଲି ନାମିନେରି, ମ଼ାମ୍ବୁ
ଏ଼ୱାରି ଗଚିତି ଲ଼କୁତମି ।

**୧୧** ନାମୁ ଇଚିହିଁ ଆ଼ସା କିହିମାନାଣି ବାରେ ସାତେଏ ବେଟାଆ଼ନାୟିି,
ଇଞ୍ଜୁଁ ତ଼ଞ୍ଜୁଆ଼ଆଗାଟାୟିି ସାତେଏ ମାନେ ଇଞ୍ଜୁଁ ପୁନାୟିିଏ ନାମୁ
। **୨** ତଲିତି ମ଼ା ଆକୁୟାଁ ମାହାପୂରୁଇଁ ନାମାଲିଏ ମାହାପୂରୁ ତ଼ାଣା
ୱ଼େଣ୍ଡିତେରି । **୩** ମ଼ାର ନାମୁଟି ପୁନାୟିି, ବାରେ ଦାର୍‌ତି ମାହାପୂରୁତି ବ଼ଲୁ
ତଲେ ଗା଼ଡ଼ି ଆ଼ତେ, ଅ଼ଡ଼େ ଏ଼ନାୟିିୱା ତ଼ଞ୍ଜୁ ଆ଼ଆଗାଟି ତ଼ାଣାଟି ତ଼ଞ୍ଜୁ
ଆ଼ନାୟିି ଗା଼ଡ଼ି ଆ଼ହା ହିଲେଏ । **(aiōn g165)** **୪** ନାମୁଟି ହେବଲ ମାହାପୂରୁ
ନ଼କିତା କୟିନ କିହାଁ ନେହିଁ ପୂଜା ହେର୍‌ପିତେସି ଇଞ୍ଜୁଁ ଏ଼ଦାଣି ତଲେ
ଏ଼ୱାସି ଦାର୍ମୁଗାଟାସି ଆ଼ତେସି; ମାହାପୂରୁ ତ଼ାନୁଏ ତାନି ଦ଼ାନାତାକି ସ଼ାକି
ହୀତେସି, ଅ଼ଡ଼େ ଏ଼ୱାସି ହ଼ାତି ଜିକେଏ ନୀଞ୍ଜୁପାତେକା ନାମୁଟି କାତା
ଆ଼ହିମାନେସି । **୫** ନାମୁଟି ହନକ ହ଼ାଆନା ମାହାପୂରୁ ତ଼ାଣା ଅ଼ୱିଆ଼ତେସି
ଇଞ୍ଜୁଁ ମେଣ୍ଡିିତେସି; ଅ଼ଡ଼େ ଏ଼ୱାସି ତ଼ଞ୍ଜୁ ଆ଼ଆତେସି, ଇଚିହିଁ ମାହାପୂରୁ
ଏ଼ୱାଣାଇଁ ଅ଼ହାନା ମେଣ୍ଡିିକିତେସି, ଏ଼ୱାସି ମାହାପୂରୁତି ରା଼ହାଁ ଗାଟାସି,
ମେଣ୍ଡିିନି ନ଼କେଏ ଏ଼ୱାସି ଏ଼ କାତା ୱେଞ୍ଜୁମାଚେସି; **୬** ଅ଼ଡ଼େ ନାମୁ
ହିଲାଆନା ଆମ୍ବାଆସି ମାହାପୂରୁଇଁ ରା଼ହାଁ କିହାଲି ଆ଼ଡଅସି, ଇଚିହିଁ
ମାହାପୂରୁ ସାତେଏ ମାନେସି ଇଞ୍ଜୁଁ, ଅ଼ଡ଼େ ଏ଼ୱାସି ତାଙ୍ଗେ ପାରିନାରାଇଁ
ତାମି କିତି କାମାତି ପ଼ାଡ଼େୟିି ହୀନେସି, ଈଦାଆଁ ଏ଼ୱାଣି ତ଼ାଣା ୱ଼ାନି
ଲ଼କୁ ନାମିନାୟିିମାନେ । **୭** ନାମୁଟି ନ଼ହ ଏ଼ ବ଼େଲା ପାତେକା ତ଼ଞ୍ଜୁ
ଆ଼ଆଗାଟି କାତାତାକି ହୁକୁମି ବେଟାଆ଼ହାନା ଆଜିତଲେ ତାନି କୁଟମି
ଗେଲ୍‌ପାଲିତାକି ର଼ ଜ଼ାଜା କ଼େପିତେସି, ଇଞ୍ଜୁଁ ଏ଼ ନାମୁତଲେ ଏ଼ୱାସି
ଦାର୍‌ତିତି ଦ଼ହ କିହାନା ନାମୁତଲେ ମାହାପୂରୁ ନ଼କିତା ଦାର୍ମୁଗାଟାସି
ଆ଼ତେସି । **୮** ନାମୁଟି ଅବ୍ରାହାମ ମାହାପୂରୁ ତ଼ାଣାଟି ହ଼ାଟ୍‌କି ଆ଼ହାଲିଏ,
ଆମିନି ଦ଼େସା ଏ଼ୱାସି ବେଟାଆ଼ହାଲି ହାଜିମାଚେସି, କାତା ମ଼ାନୱି
ଆ଼ହାନା ଏମ୍ବାଆଁ ହାଜାଲି ହ଼ତେସି, ଏ଼ୱାସି ଏମ୍ବିୟା ହାଜିମାନେସି, ଏ଼ଦାଆଁ
ଏ଼ୱାସି ପୁନାଆନା ଜିକେଏ ହ଼ଚାହାଚେସି । **୯** ନାମୁଟି ଏ଼ୱାସି ଏଟ୍‌କା
ଦ଼େସାତାରିଲେହେଁ ଆ଼ଞ୍ଜୁମାନି ଦ଼େସାତା ବାସା କିତେସି, ଏ଼ୱାସି ତୂମୁତା
ବାସା କିତେସି ଅ଼ଡ଼େ ଏ଼ୱାଣିଲେହେଁ ମାହାପୂରୁ ଆ଼ଞ୍ଜୁଲିଏ ଇସାହାକ ଅ଼ଡ଼େ
ଜାକୁବ ଜିକେଏ ତୂମୁ ଇଲୁତା ବାସା କିତେରି । **୧୦** ଇଚିହିଁ ଆମିନି ଗା଼ଡ଼ା
କ଼ାଲେଏ ତାକି ପୁନାଦି ଲେହେଁ ଅ଼ଡ଼େ ମାହାପୂରୁ ତ଼ାନୁଏ କ଼େପାମାନେସି,
ଅବ୍ରାହାମ ଏ଼ ଗା଼ଡ଼ା ବେଟାଆ଼ହାଲି କ଼ାଚାମାଚେସି । **୧୧** ନାମୁତଲେ ସାରା
ବ଼ାଞ୍ଜେଣି ଆ଼ହାଁ ତ଼ାନୁଏ ଜିକେଏ ଆ଼ଞ୍ଜୁମାନାଣାଇଁ ଦୂତି ବୁଡ୍‌ହି ଆ଼ହାମାଚି
ଜିକେଏ ପୂରାମ଼ାସା ଆ଼ହାଲି ବ଼ାଡ୍‌ୟୁ ବେଟାଆ଼ତେ; **୧୨** ଅବ୍ରାହାମ ଦୂତି
ବୁଡ୍‌ହା ଆ଼ହାମାଚି ଜିକେଏ ଏ଼ୱାଣି ତ଼ାଣାଟି ହ଼ାଗୁତି ହୁକାୟାଁ ଅ଼ଡ଼େ
ସାମ୍‌ଦୁରିତି ବାଌଲି ଲେହେଁ ଏଜିକିହାଲି ଆ଼ଡାଆଗାଟି ର଼ ହ଼ାରେକା କୂଡ଼ା
ଜାର୍ନା ଆ଼ତେରି । **୧୩** ଏ଼ ବାରେଜ଼ାଣା ମାହାପୂରୁଇଁ ନାମାହାଁ ହ଼ାତେରି;
ଏ଼ୱାରି ମାହାପୂରୁ ଆ଼ଞ୍ଜୁମାଚାଣି ପ୍ଣାଌଆତି ଜିକେଏ ହେକଟି ଏ଼ ବାରେ
ମେସାନା ରା଼ହାଁ ଆ଼ତେରି ଇଞ୍ଜୁଁ ଦାର୍‌ତିତା ମ଼ାମ୍ବୁ ବୀଦେସା ଅ଼ଡ଼େ ବାସା
କିହାମାନମି ଇଞ୍ଜୁଁ ଜ଼ଲିତେରି । **୧୪** ଇଚିହିଁ ଆମିନି ଗାଟାରି ଇଲେତି
କାତା ଜ଼ଲିନେରି, ଏ଼ୱାରି ତାମି ଅ଼ଡ଼େ ର଼ ଦ଼େସା ପାରିମାନେରି ଇଞ୍ଜୁଁ
ୱେସିମାନେରି । **୧୫** ଏ଼ୱାରି ଆମିନି ଦ଼େସା ପିସା ୱ଼ାହାମାଚେରି, ଏ଼
ଦ଼େସାତି ଅ଼ଡ଼େ ଅଣ୍‌ପି ହିଲାଆତେରି । ଏ଼ୱାରି ଅଣ୍‌ପିତିହିଁମା ଏ଼ ଦ଼େସାତା
ୱେଣ୍ଡେ ହାଜାଲି ଆ଼ଡିତେରିମା । **୧୬** ସାମା ଏ଼ୱାରି ର଼ ହ଼ାରେକା ନେହାଁଣି
ଇଚିହିଁ ଲାକପୂରୁ ଦ଼େସାତି ଅଣ୍‌ପିମାଚେରି; ଏ଼ଦାଆଁତାକି ମାହାପୂରୁଇଁ
ଏ଼ୱାରି ମ଼ା ମାହାପୂରୁ ଇଞ୍ଜୁଁ ୱ଼େଣ୍ଡିି କିହାଲି ଲାଜା ଆ଼ହା ହିଲାଆତେରି,
ଇଚିହିଁ ଏ଼ୱାସି ଏ଼ୱାରି ତାକି ର଼ ଗା଼ଡ଼ା ଟୀରି କିହାମାନେସି । **୧୭**
ନାମୁତଲେ ଅବ୍ରାହାମ ତାୟିିପାରି କିୱିଆ଼ହାଁ ଇସାହାକଇଁ ପୂଜା କିହାଲି
ହେର୍‌ପିତେସି, ଆମିନି ମାଣ୍‌ସି ଆ଼ଞ୍ଜୁମାଚାଣି ମ଼େଡ଼ା ଆ଼ହାମାଚେସି,
ଆମ୍ବାଆରାଇଁ ଏଲେଇଞ୍ଜୁମାଚେସି, **୧୮** “ଇସାହାକ ତ଼ାଣାଟି ନୀ କୂଡ଼ା
ୱ଼େଣ୍ଡିିନେରି, ଏ଼ ମାଣ୍‌ସି ତାନି ରଣ୍ଡିଏ ମୀର୍‌ଏଣାଇଁ ଡ଼ାକିନି ପୂଜା ହୀହାଲି
ହାଜିମାଚେସି ।” **୧୯** ଇସାହାକଇଁ ମାହାପୂରୁ ହ଼ାତାରି ତ଼ାଣାଟି ଜିକେଏ
ନିକ୍‌ହାଲି ଆ଼ଡିମାନେସି ଇଞ୍ଜୁଁ ଅଣ୍‌ପାମାଚେସି, ଇଞ୍ଜୁଁ ଅବ୍ରାହାମ ସାତେଏ
ଇସାହାକଇଁ ହ଼ାକିଟି ୱେଣ୍ଡେ ବେଟାଆ଼ତେସି । **୨୦** ନାମୁତଲେ ଇସାହାକ
ୱ଼ାହିନି ଦିନାତା ନେହିଁ ଆ଼ପେ ଇଞ୍ଜୁଁ ଅଣ୍‌ପାନା ଜାକୁବ ଅ଼ଡ଼େ ଏସାୱୁଇଁ
ବ଼ର ହୀତେସି । **୨୧** ନାମୁତଲେ ଜାକୁବ ହ଼ାନି ବ଼େଲାତା ଜସେପତି
ରୀ ମୀର୍‌କାଣି ବ଼ର ହୀତେସି, ଇଞ୍ଜୁଁ ତାନି କୁତା ବାଡ୍‌ଗାତା ଗ଼େଣ୍ଡାନା
ମାହାପୂରୁଇଁ ଜହରା କିତେସି । **୨୨** ଜସେପ ହ଼ାନି ବ଼େଲାତା ନାମୁତଲେ
ଇସ୍ରାୟେଲ ଲ଼କୁ ମିସର ଦ଼େସାଟି ହ଼ଚାହାନି କାତା ୱେସ୍ତେସି । ଇଞ୍ଜୁଁ ତାନି
ପେଡ୍‌କା ଡୁମ୍‌କା ତାକି ହୁକୁମି ହୀତେସି । **୨୩** ନାମୁତଲେ ମ଼ସାତି ତାଲି
ତାଞ୍ଜି ଏ଼ୱାଣି ଜାର୍ନାଆ଼ତି ଦିନାଟିଏ ଏ଼ୱାଣାଇଁ ର଼ ଅ଼ଜିତି କକାସି ଇଞ୍ଜୁଁ
ମେସାନା ରାଜା ହୁକୁମି ଆଜାଆନା ଟୀନି ଲ଼େଞ୍ଜୁ ପାତେକା ଏ଼ୱାଣାଇଁ
ଡୁକ୍‌ହାନା ଇଟାମାଚୁ । **୨୪** ମ଼ସା ନାମୁତଲେ ପାଡାଆ଼ତି ଡ଼ାୟୁ ପ଼ାର
ରାଜା ମ଼ାଙ୍ଗାତି ମୀର୍‌ଏସି ଇଞ୍ଜୁଁ ୱ଼େଙ୍ଗାଲି କୂତେସି । **୨୫** ଗା଼ଡ଼େକା ତାକି
ପ଼ାପୁ ତଲେ ରା଼ହାଁ ବେଟାଆ଼ନାଣି କିହାଁ ମାହାପୂରୁ ଲ଼କୁତଲେ ଦୁକୁ କସ୍ତ
ଅ଼ର୍‌ହିନାୟିି ନେହାୟିି ଇଞ୍ଜୁଁ ଅ଼ପିତେସି । **୨୬** ମିସର ବାରେ ଦ଼େସାତି
ଦ଼ନ କିହାଁ କ୍ରୀସ୍ତୁତି ନିନ୍ଦା ବେଟାଆ଼ନାୟିି ବାରେକିହାଁ କାଜା ଦ଼ନ ଇଞ୍ଜୁଁ
ଅଣ୍‌ପିତେସି, ଇଚିହିଁ ଏ଼ୱାସି ୱ଼ାନି ଦିନାଣା ବେଟାଆ଼ନି ଦ଼ନତି ସିନିକିତେସି
। **୨୭** ମ଼ସା ନାମୁତଲେ ରାଜା କ଼ପାତି ଆଜାଆନା ମିସର ଦ଼େସା
ପିସାହାଚେସି, ଇଞ୍ଜୁଁ ଆମ୍ବାଆସି ମେହ୍‌ଆଗାଟି ମାହାପୂରୁଇଁ ମେସ୍ତିଲେହେଁ
ଅ଼ର୍‌ହାନା ଡ଼ୟିିତେସି । **୨୮** ନାମୁତଲେ ଏ଼ୱାସି ପିସ୍‌ପିଆ଼ନି ପାର୍ବୁତି ଅ଼ଡ଼େ
ନେତେରି ଡ଼ାଞ୍ଜିନି ମ଼େରା ମ଼ାନୱି ଆ଼ତେସି, ଏ଼ନିକିଁ ପ଼ାଣ୍‌ୱା ମୀର୍‌କାଣି
ପ଼ାୟିିନାସି ଇସ୍ରାୟେଲ ମୀର୍‌କାଣି ଡୀଗେଏ । **୨୯** ଇସ୍ରାୟେଲ ଲ଼କୁ
ନାମୁତଲେ ୱ଼ାୟିିତି ବୂମିତା ତ଼ାକିନି ଲେହେଁ ସୁପ ସାମ୍‌ଦୁରି ଗା଼ଣ୍‌ତେରି,
ସାମା ମିସର ଦ଼େସାତାରି ଏଲେକିଁ ଗା଼ଣ୍‌ଚାଲି ଅଣ୍‌ପାନା ସାମ୍‌ଦୁରିତା

ମୁଞ୍ଜାନା ହ୍ାତେରି । ୩୦ ଇସ୍ରାୟେଲ ଲ୍କୁ ନାମୁତଲେ ସାତା ଦିନା ପାତେକା
ଜିରିହ ଗାଡ଼ାତି କ୍ଟା ସାରିସୁଟୁ ରେଚିଡାୟୁ ବିଡ଼୍ହାହାଚେ । ୩୧ ନାମୁତଲେ
ରାହାବ୍ ଦାରେଣି ଦେସା ସିନିକିହାଲି ମେଣେଏ ୱାହାମାଚାରାଇଁ ଟାୟୁ
ହୀତାକି ମାହାପୂରୁଇଁ ମାନୱି ଆଆଗାଟାରି ତଲେ ନାସା ଆଆନା ହିଡ଼୍ଡ଼ି
ବେଟାଆତେ । ୩୨ ଅଡ଼େ ଆଗାଡ଼ା ଏନାଆଁ ୱେସ୍ତାଇଁ, ଗିଦିୟନ, ବାରକ୍,
ସାମ୍ସନ୍, ଜିପ୍ତହ, ଦାୱୁଦ, ସାମୁୟେଲ ଅଡ଼େ ମାହାପୂରୁ ଅଣ୍ପୁତି ବ୍ଲୁ
ୱେହ୍ନାରି କାତା ମିଡ୍ଢେ ୱେସାଲି ର୍ବେଲା ହାଲେଏ । ୩୩ ନାମୁତଲେ
ଏୱାରି ହାରେକା ରାଜିୟାଁଣି ଜୁଜୁ କିହାନା ଜୀଣା ଆତେରି, ଦାର୍ମୁକାମା
କିତେରି, ମାହାପୂରୁ ଆଜ୍ଞାମାନାଣି ବେଟାଆତେରି, ସିହଁ କ୍ଣ୍ଠନିୟାଁ ଗୁଟି
ମୁଦା କିତେରି । ୩୪ ଏୱାରି ଆଜିହ୍ପେତି ଡ଼ୀଞ୍ଜନି ହିଟୁ ଡୁପ୍ହେରି,
ଟୂଣ୍ନି ତାଣାଟି ପିସ୍ପିଆତେରି, ଏୱାରି ବାଡ଼୍ୟୁ ହିଲାଆ ର୍ବେଲାତା
ବାଡ଼୍ୟୁ ବେଟାଆତେରି, ଜୁଜୁତା ଜୀଣା ଆତେରି, ଅଡ଼େ ମାହାପୂରୁଇଁ
ନାମାଆତାରି ଜୁଜୁକିନି କ୍ସ୍କାଣି ଜୀଣାଆହାନା ପେର୍ହାତୁସ୍ତେରି ।
୩୫ ନାମୁଟି ଆୟାସିକା ତାମି ଲ୍କୁ ବିଟ୍ରାଟି ହାତାରାଇଁ ନିପ୍କି ଆହାନା
ୱେଣ୍ଟେ ବେଟାଆତୁ; ଏଚରଜାଣା ୱେଣ୍ଡେ ନିଡ୍ଗିନାଣି ମେଡ଼ା ଆହାଲିତାକି
ଗେଲ୍ପି ଆହାଲି ମ୍ନ କିଆନା ଆଜିହ୍ପେତି କସ୍ତ ବେଟାଆତେରି । ୩୬
ଏଚର ଜାଣାଇଁ ନିନ୍ଦା କିହାନା କାକ୍ହେରି, ଏଚର ଜାଣାଇଁ ସାଟ୍ଣି ଡ଼ରି
ତଲେ ୱେତେରି, ଏଚର ଜାଣାଇଁ ହିକ୍ଣିୟାଁ ତଲେ ଦସାନା କାୟିଦି ଇଲୁ
ତାଣାଟି ତାୟିପାରି କିୱି ଆତେରି । ୩୭ ଆମ୍ବାଆରି ୱାଲ୍କାତଲେ ପାୟ୍ୱି
ଆତେରି, ଆମ୍ବାଆରି କ୍ରତ ତଲେ ରୀ ଗାଣ୍ଡା କିହଁ ରାଚ୍ପିଆତେରି,
ଇଞ୍ଜାଁ କାଣ୍ଡାତଲେ ପାୟ୍ୱି ଆତେରି, ଆମ୍ବା ଆମ୍ବାଆରି ମେଣ୍ଡା ଅଡ଼େ ଗରି
ତ୍ଲ୍କା, ହୁଚାନା ରାନ୍ଧାକୁଚା ବେଟାଆଆନା କସ୍ତ, ଲାଗି ବେଟାଆହିଁ
ଇତାଲା ଆତାଲା ରେଚେରି । ୩୮ ଏୱାରି ଦେସାଟି ଲ୍କୁ ହିଲାଆ ତାଣା,
ହ୍ର୍କାଣା, ପାୱୁୟାଁଣା ଅଡ଼େ ଗାଣ୍ଡ୍ଗାଣା ବାସା କିତେରି; ଦାର୍ତିତି
ଏୱାରାକି ନୀଡାଲି ଜ୍ଗେ ହିଲାଆତେ । ୩୯ ଏୱାରି ନାମୁତଲେ ଇ ବାରେ
ନେହିଁ ୱେଡ୍ଗାମାଚି ଜିକେଏ ଆଜ୍ଞାମାଚାଣି ବେଟାଆଆତେରି, ୪୦ ଇଚିହିଁ
ମାହାପୂରୁ ମାଡ୍ଢେତାକି ହାରେକା ନେହାଁଣି କିହାଁ ଇଟାମାନେସି, ଏନିକିଁ
ଏୱାରି ମା ତଲେ ଏନିକିଁ ତୀରି ଆନେରି ଇଞ୍ଜେଁ ମାହାପୂରୁତି ଅଣ୍ପୁ ମାଚେ
।

**୧୨** ଇଦାଆଁତାକି ଇଚେକା କାଜା ହାଗୁଲେହେଁ ସାକି ହୀହାମାନାରି ମା
ସାରିସୁଟୁ ମାନାକି, ୱାଦୁ ମାର ବାରେତି ବ୍ଜୁ ଅଡ଼େ ଆଜ୍ଞାମାଞ୍ଜାନି
ପାପୁ ପିସାନା ନାମୁତା ନ୍କିନାସି ଅଡ଼େ ତୀରିକିନି ଜୀସୁଇଁ ସିନିକିହାନା
ସାସାତଲେ ମା ନ୍କିତା ତୀରିଆହାମାନି ଟାୟୁତା ହଣ୍ନ । ୨ ମା ନାମୁ
ତାକି ନ୍କିନାସି ଅଡ଼େ ନାମୁତା ବାର୍ସୁକିନି ଜୀସୁଇଁ ମାର ସିନିକିନ । ଏୱାସି
ନ୍କିତା ମାନି ରାହାଁ ବେଟାଆହାଲି ପାସି ମୁଣ୍ଡାତା ଲାଜା ବେଟାଆହାନା
ହାନି ପାତେକା ଅର୍ହିତେସି ଇଞ୍ଜେଁ ଏୱାସି ନୀଏଁ ମାହାପୂରୁ ସିଂଗାସାଣି
ଟିଃନି ଟଟତା କୁଗାମାନେସି । ୩ ମୀରୁ ଏନିକିଁ ମୀ ମ୍ନତା ୱାହୁ
ୱାହଅତେରି; ଇଦାଆଁତାକି ପାପୁ ଗାଟାରି ତାଣାଟି ତାନି କପାଟି ଏଚେକା
କସ୍ତ ଅର୍ହିତେସି, ଏୱାଣି କାତା ମୀରୁ ଅଣ୍ପାଦୁ । ୪ ମୀରୁ ପାପୁ
କପାଟି ଜୁଜୁ କିହାନା ନୀଏଁ ପାତେକା ମୀ ନେତେରି ହାନି ପାତେକା
ଆଜ୍ଞା ହିଲଅତେରି । ୫ ମାହାପୂରୁ ମିଡ୍ଢେ ମୀର୍କାତେରି ଲେହେଁ
ୱେସାମାଞ୍ଜାନି, ସାସାହୀନି କାତା ବାଣାଆତେରି କି? “ଏ ନା ମୀର୍ଏଣାତି,
ପ୍ରବୁ ସାଲୱି କିୟାନାଣି ଉଜେଏତାୟି ଇଞ୍ଜେଁ ଇନାଆନି, ଆଆତିଁ ଏୱାଣି
ତାଣାଟି ଦାକା ବେଟାଆତିସାରେ ସାସା ପିହ୍ଆନି; ୬ ଏନାଆଁତାକି ଇଚିହିଁ
ପ୍ରବୁ ଆମ୍ବାଆରାଇଁ ଜୀୱୁ ନ୍ନେସି, ଏୱାଣାଇଁ ଜାଗ୍ରାତା କିହାଁ ଜାପ୍ନେସି
ଅଡ଼େ ଆମିନି ମୀର୍ଏଣାଇଁ ଆବିନେସି, ଏୱାଣାଇଁ ସାସ୍ତି ହୀନେସି ।” ୭
ନେହାଁତେରି ଆହାଲି କସ୍ତ ଅର୍ହି ମାଞ୍ଜେରି, ମାହାପୂରୁ ମିଡ୍ଢେ ମୀର୍କା
ଲେହେଁ ଲେମ୍ବିମାଞ୍ଜାନେସି, ଇଚିହିଁ ଆବା ଆମ୍ବାଆରାଇଁ ଡଣ୍ଡ ହୀଅସି
ଇଲେତି ମୀର୍ଏସି ଆମ୍ବାଆସି ମାନେସି? ୮ ସାମା ଆମିନି ଡଣ୍ଡତା ବାରେ
ଆଣ୍ଡିନେରି, ଇଞ୍ଜାଁ ମୀରୁ ଏମ୍ବାଆଁ ଆଣ୍ଡାଆତାତେରି, ଆତିହିଁ ମୀରୁ ମୀର୍କା
ଆଆନା ଦାରେଣି ମୀର୍କା ଆଦେରି । ୯ ଅଡ଼େ ଜିକେଏ, ମା ଦାର୍ତିତି
ତାଞ୍ଜୟାଁ ମାଡ୍ଢେ ସାସ୍ତି ହୀୟାତି ଜିକେଏ ଏୱାରାଇଁ ମାର ମାନି କିତାୟି,
ଆତିହିଁ ମା ଲାକପୂରୁତି ଆବାଇଁ ଏଚେ ହାରେକା ମାନୱି ଆହାନା ଜୀୱୁ
ବେଟା ଆଆୟି? ୧୦ ମା ଦାର୍ତିତି ତାଞ୍ଜୟାଁ ତାମି ଅଣ୍ପୁତା ନେହିଁ
ଆନିଲେହେଁ ମାଡ୍ଢେ ଗାଡ଼େକା ଦିନାତାକି ସାସ୍ତି ହିୟାତେରି; ସାମା ମାର
ଏନିକିଁ ମାହାପୂରୁତି ସୁଦୁତା ଆଣ୍ଡାଲି ଆଡିନାୟି, ଇଦାଆଁତାକି ମାହାପୂରୁ
ମା ନେହିଁ ତାକି ମାଡ୍ଢେ ଡଣ୍ଡ ହିୟାନେସି । ୧୧ ମାର ସାସ୍ତି ବେଟାଆନାୟି
ରାହାଁଗାଟାୟି ଆଆନା ଦୁକୁ ଗାଟାୟି ଆନେ, ଆତିଜିକେଏ ଆମିନି
ଗାଟାରି ଏମ୍ବାଟି ଜାପାମାନେରି, ଡାୟୁ ଏୱାରାକି ହିଡ଼୍ଡ଼ିତି ପାଡ଼େୟି
ଲେହେଁ ଦାର୍ମୁତି ପାଡ଼େୟି ବେଟାଆନେରି । ୧୨ ଇଦାଆଁତାକି ମୀରୁ
ବାଡ଼୍ୟୁ ହିଲାଆ କେସ୍କା ପେର୍ଦୁ ଅଡ଼େ ବାଡ଼୍ୟୁ ହିଲାଆ ମେଣ୍ଟୁୟାଁ ବାଡ଼୍ୟୁ
କିଦୁ । ୧୩ ସଲ୍କେ ଜିରୁତା ତାକାଦୁ; ଆତିହିଁ, ମୀ ସଟା ଆତି କଡା
ଆଡାଆଗାଟାୟି ଆଆନା ନେହିଁ ଆନେ । ୧୪ ବାରେଜାଣା ତଲେ ହିଡ଼୍ଡ଼ି
ତଲେ ମାଞ୍ଜାଲି ଅଣ୍ପାଦୁ, ଅଡ଼େ ସୁଦୁଗାଟାସି ଆଆନା ଆମ୍ବାଆସି ପ୍ରବୁଇଁ
ମେସାଲି ଆଡଅସି, ଏମ୍ବାଆଁ ଟୀରେତଲେ ସିନିକିଦୁ । ୧୫ ଏଚେତା
ଆମ୍ବାଆସି ମାହାପୂରୁତି କାର୍ମାମେହ୍ନି ତାଣାଟି ନସ୍ତ ଆନେସି ଇଞ୍ଜାଁ ଏନି
କାମ୍ବେଲି ଡାକି ନେୟାଁନା ପାଡା ଆହାଁ ମିଡ୍ଢେ ନସ୍ତ କିୟାନେ ଅଡ଼େ ଏମ୍ବାଟି
ହାରେକା ପ୍ଲ୍ଆ ଗାଟାରି ଆନେରି; ୧୬ ଏସାୱୁ ଲେହେଁ ଆମ୍ବାଆସି
ଦାରିଗାଟାସି କି ଦାର୍ମୁ ହିଲାଆଗାଟାଣି ଲେହେଁ ଆଆପେସି; ଏୱାସି ର୍
ଅଲିତି ରାନ୍ଧା ତାକି ତାନି କାଜା ମୀର୍ଏଣି ପାଣା ପାର୍ଚା ମାଚେସି ।
୧୭ ମୀରୁ ଏଦାଆଁ ପୁଞ୍ଜାମାଞ୍ଜେରି, ଡାୟୁ ଏୱାସି ଆବା ତାଣାଟି ବ୍ର
ବେଟାଆହାଲି ଅଣ୍ପିତିହିଁ ଜିକେଏ ବେଟାଆହାଲି ଆଡାଆତେସି, ଅଡ଼େ
ମ୍ନ ୱେଟ୍ହାଲି ତାକି କାଣ୍ଡ ବକ୍ହିହିଁ ପାରାଲି ଅଣ୍ପିତେସି ଆତିଜିକେଏ
ଏଦାଆଁ କିହାଲି ପାରୁ ବେଟାଆଆତେସି । ୧୮ ଇସ୍ରାୟେଲତି ଲ୍କୁ ଲେହେଁ
ମୀରୁ ସିୟନ ହ୍ରୁତା ଡ଼ୀଞ୍ଜମାଚି ହିଟୁ, କିଟିକିଟି ଆନ୍ଧେରି, ରୁୱାଗାଲି,
୧୯ ଟୀଟ୍ରି ଉକିନି ହାଡା ଇଞ୍ଜାଁ କାତା ୱେହ୍ନି ହାଡା ଡାଗେ ୱାଆତେ,

ୱେନାରି ଏ୍ ହା୍ଡା ୱେଞ୍ଜାନା ଏ୍ନିକିଁ ଏ୍ୱାରାକି ଅ୍ଡେ଼ ଏ୍ନି କାତା ୱେସ୍ପି
ଆ୍ଏ, ଇଦାଆଁ ବାତିମା୍ଲା ମାଚେରି; ୨୦ "ଇଚିହିଁ ଏ୍ନି ଜ୍ନ୍ତୁ ଜିକେଏ ଏ୍
ହ୍ରୁତି ଡୀଗିନେ, ଆତିହିଁ ଏ୍ଦାନି ୱାଲ୍କାତଲେ ଇର୍ହାନା ପା୍ୟି୍ୱିଆ୍ନେ
।" ଇ ଆମିନି ହୁକୁମି ହୀପ୍କି ଆ୍ହାମାଚେ, ଏ୍ଦାଆଁ ଏ୍ୱାରି ଅ୍ର୍ହାଲି
ଆ୍ଡାଆତେରି; ୨୧ ଏ୍ଦି ଆଜିହ୍ପେ ଡ଼ାଞ୍ଜା ଆ୍ହିମାଚାକି ମ୍ସା ଜିକେଏ
ଏଲେଇଚେସି, "ନା୍ନୁ ଜିକେଏ ଆଜିତାକି ଟୀର୍ଗିମାଇଁ ।" ୨୨ ସାମା ମୀରୁ
ସିୟନ ହ୍ରୁ ଅ୍ଡେ଼ ନୀଡାମାନି ମାହାପୂରୁତି ଗା୍ଡ଼ା, ଇଚିହିଁ ଲାକପୂରୁତି
ଜିରୁସାଲମତା, ହ୍ାରେକା ଦୂତୁୟାଁ ୱା୍ହାମାଚେରି ଏମ୍ବାଆଁ ୱା୍ହାମାଞ୍ଜେରି ।
୨୩ ଅ୍ଡେ଼ ଏ୍ ପା୍ଣ୍ୱା ମୀର୍କାତି କୁଲମି ଆମ୍ବାଆରି ଦ୍ରୁ ଲାକପୂରୁ ରା୍ସ୍କି
ଆ୍ହାମାନେ ଅ୍ଡେ଼ ବାରେତି ନୀହାଁୟି କିନି ମାହାପୂରୁ ନ୍କିତା ଟୀରିକିୱି
ଆ୍ହାମାନି ଦାର୍ମୁତି ଜୀୱୁୟାଁ । ୨୪ ପୁଃନି ରା୍ଜିମ୍ନାନା ମାଦିତି ଜୀସୁ, ଇଞ୍ଜାଁ
ଆମିନି ଡ଼ା୍ଞ୍ଜାମାନି ତାନି ନେତେରି, ହେବଲ ନେତେରି କିହାଁ ହ୍ାରେକା
ନେହିଁ, ଏ୍ ନେତେରି ଡାଗେ ୱା୍ହାମାଞ୍ଜେରି । ୨୫ ହେଣ୍ଡୁ, ଆମ୍ବାଆସି
କାତା ୱେସିମାଞ୍ଜାନେସି ଏ୍ଦାଆଁ ୱେନଅମି ଇନାଆଦୁ, ଇଚିହିଁ ଆମ୍ବାଆସି
ଦାର୍ତିତା ହୁକୁମି ହୀତେସି, ଏ୍ୱାଣାଇଁ ତାକି ଗେଲ୍ପି ଆ୍ଆତେରି,
ଆତିହିଁ ଆମ୍ବାଆସି ଲାକପୂରୁଟି ହୁକୁମି ହୀହିମାଞ୍ଜାନେସି, ଏ୍ୱାଣି ତା୍ଣାଟି
ଏଟ୍କା ହାଚିସାରେ ମା୍ର ଗେଲ୍ପିଆ୍ଆୟି, ଇଦି ଏଚେକା ସାତା ଆ୍ଏ?
୨୬ ଏଚିର୍ବେଲା ଏ୍ୱାଣି ହ୍ାଡା ଦାର୍ତିଇଁ ୱୀଟ୍ହେ, ସାମା ନୀଏଁ ଏ୍ୱାସି
ପାର୍ମାଣା କିହାଁ ୱେସାମାଞ୍ଜାନେସି, "ନା୍ନୁ ଅ୍ଡେ଼ ୱେଣ୍ଡେ ୱାର୍ଇ ଦାର୍ତିଇଁ
ୱୀଟ୍ଇଁ, ଏ୍ଦି ଆ୍ଏ ସାମା ହ୍ାଗୁ ପା୍କାଇଁ ଜିକେଏ ୱୀଟ୍ଇଁ ।" ୨୭ ଅ୍ଡେ଼
ୱେଣ୍ଡେ ଇଞ୍ଜେଁ ଇନି ତା୍ଣାଟି ଇଦାଆଁ ପୁଞ୍ଜିମାନାୟି, ଆ୍ଟ୍ୱା ଗାଟାୟି ଡ଼ୟାଲି
ତାକି ୱୀଡିନାୟି, ଇଚିହିଁ ଗା୍ଡ଼ି ଆ୍ହାମାନାୟି ବାରେ ତିରି ମୀଣ୍ନେ ।
୨୮ ଇଦାଆଁତାକି ୱା୍ଦୁ ୱୀଡାଆଗାଟି ରା୍ଜିତି ବେଟାଆ୍ହାନା ମା୍ର ଏ୍
କାର୍ମାତି ପିହ୍ଆପ ଇଞ୍ଜାଁ ରା୍ହାଁତଲେ ଆଜି ଅ୍ଡେ଼ ମ୍ାନିଟି ମାହାପୂରୁ ରା୍ହାଁ
ଆ୍ନିଲେହେଁ ଜହରା କିନ । ୨୯ ଏ୍ନାଆଁତାକି ଇଚିହିଁ ମ୍ା ମାହାପୂରୁ
ନା୍ସାକିନି ହିଚୁ ଲେହେଁତାସି ।

**୧୩** କ୍ରୀସ୍ତାନା ତାୟିୟାଁ ଅ୍ଡେ଼ ତାଡ୍ଗିସ୍କା ରଅତେରି ରଅଣାଇଁ ଜୀୱୁ
ନ୍ୱୁ । ୨ ପୁନାଆତି ଗତାୟାଁଣି ସେ୍ବା କିହାଲି ବା୍ଣା ଆ୍ଆଦୁ,
ଇଚିହିଁ ଏଲେକିତାକି ଏଚରଜା୍ଣା ପୁନାଆନା ଲାକପୂରୁତି ଦୂତୁୟାଁଣି
ସେ୍ବା କିହାମାନେରି । ୩ କାୟିଦିତା ମାନାରାଇଁ ମୀରୁ ଏ୍ୱାରିତଲେ
କାୟିଦିତା ମା୍ନି ଲେହେଁ ଅଣ୍ପାଦୁ ଇଞ୍ଜାଁ ଆଡ୍ଗା ତଲେ ମାନାକି ଦୁକୁ କସ୍ତ
ବେଟାଆ୍ହିମାନାରି ତଲେ ସମାନା ଦୁକୁ କସ୍ତ ବେଟାଆ୍ହାଲି ଅଣ୍ପାଦୁ ।
୪ ବୀହା ବାରେ ଲ୍କୁ ନ୍କିତା ନେହାୟି ଆ୍ପେ, ଇଞ୍ଜାଁ ଡକ୍ରି ଅ୍ଡେ଼ ଡକ୍ରା
ମ୍ାନି ତଲେ ଡ଼ୟାପୁ, ଏ୍ନାଆଁତାକି ଇଚିହିଁ ମାହାପୂରୁ ଲାଗେଏତି କାମା
ଅ୍ଡେ଼ ଦା୍ରିକାମା କିନାରାଇଁ ନୀହାଁୟି କିନେସି । ୫ ଡା୍କିନି ଡା୍କୁତା ଦ୍ନ
ଜୂପ୍କା ଆ୍ଆଦୁ, ମିଡ୍ଗେ ଏ୍ନାୟି ମାନେ, ଏମ୍ବାଆଁ ରା୍ହାଁତଲେ ମାଞ୍ଜୁ, ଇଚିହିଁ
ମାହାପୂରୁ ଏଲେଇଞ୍ଜା ମାନେସି, "ନା୍ନୁ ନିଡ୍ଗେ ଏଚେଲାୱା ପିସ୍ତଅଁ, ନା୍ନୁ
ନିଡ୍ଗେ ଏଚେଲାୱା ବା୍ଣାଆୟଅଁ ।" ୬ ଇଦାଆଁତାକି ମା୍ର ସା୍ସାତଲେ
ଏଲେଇଞ୍ଜାଲି ଆ୍ଡିନାୟି, "ପ୍ରବୁ ନା୍ ସା୍ୟେମି ଆ୍ନାସି, ନା୍ନୁ ଇଚାଣି
ଆଜଅଁ, ମାଣ୍ସି ନାଡ୍ଗେ ଏ୍ନାଆଁ କିହାଲି ଆ୍ଡାନେସି?" ୭ ଆମିନି ଗାଟାରି
ମିଡ୍ଗେ ମାହାପୂରୁତି ବ୍ଲୁ ୱେସାମାଞ୍ଜାତେରି, ମୀରୁ ଏଲେତି କାଜାରାଇଁ
ମ୍ାନି କିଦୁ; ଏ୍ୱାରି ଏ୍ନିକିଁ ନୀଡାମାଚେରି ଇଞ୍ଜାଁ ହ୍ାତେରି, ଏ୍ଦାଆଁ
ଅଣ୍ପାନା ଏ୍ୱାରି ନାମିତି ଲେହେଁ ମୀରୁ ଜିକେଏ ନାମାଦୁ । ୮ ଜୀସୁ
କ୍ରୀସ୍ତୁ ରେଃଏନି, ନୀଞ୍ଜୁ ଅ୍ଡେ଼ କା୍ଲେଏ ତାକି ସମାନା ଡ଼ୟିନେସି । (aiōn
g165) ୯ ଏଟ୍କା ଅ୍ଡେ଼ ଅ୍ର ର୍ଲେତି ଜା୍ପ୍ନି ତା୍ଣା କିଲିବିଲି ଆ୍ଆଦୁ,
ଇଚିହିଁ ତିନି ରା୍ନ୍ଧାତା ଆ୍ଏ, ସାମା ମାହାପୂରୁ କାର୍ମାଟି ହିୟାଁ ଟୀରି ଆ୍ନାୟି
ନେହେଁ; ଆମିନି ଗାଟାରି ତିନି ରା୍ନ୍ଧାତି ମେ୍ରା ମ୍ାନୱି ଆ୍ନେରି, ଏ୍ୱାରାକି
ଏ୍ନି ଲା୍ବା ଆ୍ଏ । ୧୦ ମ୍ା ଇଲେତି ର୍ ପୂଜାପିଣ୍ଡା ମାନେ, ଆମିନି
ପୂଜା ପିଣ୍ଡାତି ଦିଣ୍ସୁଇଁ ତୂମୁ ଇଲୁତା ସେ୍ବାକିନି ପୂଜେରାଡ୍ଗା ଡିଞ୍ଜାଲି
ଅଦିକାରା ହିଲେଏ । ୧୧ ଇଚିହିଁ ଜୀହୁଦିୟାଁତି କାଜା ପୂଜେରା ପା୍ପୁ ତାକି
ହେର୍ପାମାନି ଜ୍ନ୍ତୁତି ନେତେରି ସୁଦୁ ଟା୍ୟୁତା ଅ୍ନେସି; ସାମା ଏ୍ ଜ୍ନ୍ତୁତି
ଆଡ୍ଗା ବାରେ ସାମ୍ଣ୍ଡା ପାଡ୍ଗାତା ଡାଚାହାଁ ହୂଡ୍ୱିଆ୍ନେ । ୧୨ ଇଦାଆଁତାକି
ଜୀସୁ ଜିକେଏ ତାନି ନେତେରି ତଲେ ଏ୍ନିକିଁ ଲ୍କୁଣି ସୁଦୁ କିନେସି,
ଇଦାଆଁତାକି ଗା୍ଡ଼ା ପାଡ୍ଗାତା ହ୍ାତେସି । ୧୩ ଇଦାଆଁତାକି ୱା୍ଦୁ, ମ୍ାର
ଜିକେଏ ଏ୍ୱାଣିଲେହେଁ ନିନ୍ଦା ଅ୍ର୍ହାନା ଗା୍ଡ଼ା ପାଡ୍ଗାତା ଏ୍ୱାଣି ତା୍ଣା
ହାନ । ୧୪ ଏ୍ନାଆଁତାକି ଇଚିହିଁ ଇମ୍ବାଆଁ ବାରେ ଦିନାତାକି ମାଡ୍ଗେ ଡ଼ୟିନି
ଗା୍ଡ଼ା ହିଲେଏ, ସାମା ମ୍ାର ଡ଼ା୍ୟୁ ୱା୍ହିମାନି ଗା୍ଡ଼ାତି ବେଟାଆ୍ହାଲି
ପାରିମାନାୟି । ୧୫ ଇଦାଆଁତାକି ୱା୍ଦୁ, ମ୍ାର ଜୀସୁ ତା୍ଣାଟି ମାହାପୂରୁଇଁ
ଜହରାତି ପୂଜା କିନ, ଇଚିହିଁ ତାନି ଦ୍ରୁ ଜ୍ଲିମାନି ଗୂତିତି ବାରେଦିନା
ହେର୍ପିନ । ୧୬ ଏଟ୍କା ତାରାଇଁ ସା୍ୟେମି କିହାଲି ବା୍ଣା ଆ୍ଆଦୁ,
ଇଚିହିଁ ଇଲେତି ପୂଜା କାମାତା ମାହାପୂରୁ ରା୍ହାଁ ଆ୍ନେସି । ୧୭ ମୀ
କାଜାରାଇଁ ମ୍ାନୱି ଆ୍ହାନା ଏ୍ୱାରାଇଁ ମ୍ାନି କିଦୁ, ଇଚିହିଁ ଆମିନି ଗାଟାରି
ମାହାପୂରୁକି ଲେକା ହୀନାୟି ମାନେ, ଏ୍ୱାରିଲେହେଁ ଏ୍ୱାରି ମୀ ଜୀୱୁତି
କା୍ଚିମାନେରି, ଏ୍ନିକିଁ ଏ୍ୱାରି ଏ୍ଦାଆଁ ଦୁକୁ ତଲେ କିଆନା ରା୍ହାଁତଲେ
କିହାଲି ଆ୍ଡିନେରି; ଦୁକୁ ତଲେ କିତିସାରେ ମିଡ୍ଗେ ଏ୍ନି ଲା୍ବା ହିଲେଏ
। ୧୮ ମାଡ୍ଗେତାକି ପ୍ରାତାନା କିଦୁ, ଇଚିହିଁ ମ୍ା ନାମୁ ମାନେ, ମ୍ା ଅଣ୍ପୁ
ନେହାୟି ଆ୍ପେ, ଅ୍ଡେ଼ ବାରେ କାମାତା ନେହିଁ ମାଣ୍କି ଆ୍ହାଲି ମାମ୍ବୁ
ଅଣ୍ପିମାନମି । ୧୯ ଅ୍ଡେ଼ ନା୍ନୁ ମୀ ତା୍ଣା ଏ୍ନିକିଁ ତବେ ୱାୟାଲି ଆ୍ଡିଇଁ,
ଏ୍ଦାଆଁତାକି ମାହାପୂରୁ ତା୍ଣା ପ୍ରାତାନା କିହାଲି ନା୍ନୁ ମିଡ୍ଗେ ହ୍ାରେକା
ବାତିମା୍ଲିମାଞ୍ଜାଇଁ । ୨୦ ଆମିନି ହିଡ୍ଡ଼ି ହିୟାନି ମାହାପୂରୁ କା୍ଲାକା୍ଲା
ଡ଼ୟିନି ରା୍ଜିମ୍ନାନାତି ନେତେରି ତାକି, କାଜା ମେ୍ଣ୍ଡା ଗ୍ଡୁ, ଇଚିହିଁ ମ୍ା
ପ୍ରବୁ ଜୀସୁଇଁ ହ୍ାତାରି ତା୍ଣାଟି ନୀଟ୍ହା ମାନେସି; (aiōnios g166) ୨୧
ଏ୍ୱାଣି ନ୍କିତା ଏ୍ନାୟି ନେହାୟି, ଏ୍ଦାଆଁ ଏ୍ୱାସି ମ୍ା ହିୟାଁତା ଜୀସୁ
କ୍ରୀସ୍ତୁ ତା୍ଣାଟି ରା୍ପ୍ହାନା ତାନି ମ୍ନଲେହେଁ କିହାଲି ମିଡ୍ଗେ ବାରେ ନେହିଁ
କାମା କିୟାପେସି । ଏ୍ୱାଣାକି କା୍ଲାକା୍ଲାତି ଗାୱୁରମି ଆ୍ପେ! ଆ୍ମେନ୍
। (aiōn g165) ୨୨ ଏ୍ ତାୟି ତାଡ୍ଗିସ୍କା, ନା୍ନୁ ମିଡ୍ଗେ ବାତିମା୍ଲିମାଞ୍ଜାଇଁ, ଇ

ଜାଗ୍ରାତା କିୱିକିନି କାତା ସ଼ାସା ଇଟାନା ମ଼ନ ହୀଦୁ, ଇଞ୍ଜ଼ାଁ ନ଼ାନୁ ର଼ାହାଁ
କିହାଲି ଈ ଉଣା ଆ଼କୁ ମିଙ୍ଗେ ର଼ାଚାମାଈଁ । **୨୩** ମ଼ା ତାୟି଼ ତିମତି କାୟି଼ଦିଟି
ତବେ ପିସ୍‌ପି ଆ଼ହାମାନେସି ଇଞ୍ଜ଼ୁଁ ପୁଞ୍ଜ଼େରି, ଏ଼ୱାସି ତବେ ୱା଼ତିସାରେ
ଏ଼ୱାଣିତଲେ ନ଼ାନୁ ମୀ ତ଼ାଣା ର଼େଚିୱା଼ହାଲି ୱା଼ଈଁ । **୨୪** ମୀ ବାରେ
କାଜାରାଈଁ ଅ଼ଡ଼େ ମାହାପୂରୁ ଲ଼କୁଈଁ ଜହରା ୱେହ୍‌ଦୁ । ଏମିନି ତାୟି଼ୟାଁ
ଇଟାଲି ର଼ଦେସାଟି ୱା଼ହାମାନେରି, ଏ଼ୱାରି ମିଙ୍ଗେ ଜହରା ୱେସିମାଞ୍ଜ଼ାନେରି
। **୨୫** ମାହାପୂରୁତି କାର୍ମାମେହ୍‌ନାୟି଼ ବାରେତେରି ମିଙ୍ଗେତାକି ଆୟା଼ପେ ।

# ଜାକୁବ

୧ ନ଼ାନୁ ଜାକୁବ, ମାହାପୂରୁ ଅ଼ଡେ଼ ପ୍ରବୁ ଜୀସୁ କ୍ରୀସ୍ତୁତି ହ଼ଲେଏସି,
ଦାର୍‌ତିତା ଇତାଲା ଆତାଲା ଆ଼ହାମାନି ମାହାପୂରୁ ଲ଼କୁଇଁ ଜହରା
। ୨ ଏ଼ ନ଼ା ତାୟିୟାଁ ଅ଼ଡେ଼ ତାଡ୍ଗିସ୍କା, ମୀରୁ ଏଚିରେ଼ବେଲା ତାୟିପାରି କିନି
ତ଼ାଣା ତାୟିପାରି କିୱିଆ଼ଦେରି, ଏଚିରେ଼ବେଲା ଏ଼ଦି ହ଼ାରେକା ରା଼ହାଁତି କାତା
ଇଞ୍ଜୁଁ ଅଣ୍‌ପାଦୁ; ୩ ତାୟିପାରି କିନାଣି ଜୀଣା ଆ଼ନି ନାମୁ ଏ଼ଦି ଅ଼ର୍‌ହାଲି
ହୀୟାନେ, ଇଦାଆଁ ପୁଞ୍ଜାମାଞ୍ଜେରି । ୪ ଅ଼ଡେ଼, ମୀରୁ ଏ଼ନିକିଁ ଏ଼ନି ଗୁଣୁତା
ଉଣା ଆ଼ଆନା ନେହିଁ ଟୀରି ଅ଼ଡେ଼ ସୁଦୁ ଗାଟାତେରି ଆ଼ଦୁ, ଏ଼ଦାଆଁତାକି
ଅ଼ର୍‌ହିନାୟି ହ଼ାରେପୂରେ କାମା କିନେ । ୫ ସାମା ମୀ ବିତ୍ରା ଆମ୍ବାଆରାକି
ବୁଦି ଉଣା ମାଚିସାରି, ଆମିନି ମାହାପୂରୁ ଦ଼ହ ଆହ୍‌ଆନା ବାରେତାକି
ହ଼ାରେପୂରେ କେୟୁ ଦେଚାନା ଦ଼ାନା କିନେସି, ଏ଼ୱାଣି ତ଼ାଣା ପ୍ରାତାନା
କିପାସି, ଏମ୍ବାଟିଏ ଏ଼ୱାଣାକି ହୀପ୍‌କିଆ଼ନେ । ୬ ସାମା ଏ଼ୱାସି ଇଚାଣି
ଆନାମାନା ଆ଼ଆନା ନାମୁତଲେ ପ୍ରାତାନା କିପାସି, ଇଚିହିଁ ଆମ୍ବାଆସି
ଆନାମାନା ଆ଼ନେସି, ଏ଼ୱାସି ଗା଼ଲି ତଲେ ଇତାଲା ଆତାଲା ଆ଼ହିମାନି
ସାମ୍‌ଦୁରିତି ଟୀରି ଆ଼ଆଗାଟି ଏ଼ୟୁ ଉଣ୍ଡା ଲେହେଁତାସି । ୭ ଏଲେତି ଲ଼କୁ
ପ୍ରବୁ ତ଼ାଣାଟି ଏ଼ନାଆଁ ବେଟାଆ଼ଇଁ ଇଞ୍ଜୁଁ ଆ଼ସା କିଆପେସି; ୮ ଏ଼ୱାସି
ରୀ ମ଼ନ ଗାଟାସି, ଇଞ୍ଜାଁ ତାନି ବାରେ କାମାତା ଟୀରି ଆ଼ଆଗାଟାସି ।
୯ ବାତ୍‌କୁ ହିଲାଆଗାଟି ତାୟି ତାନି କାଜାପ଼ାଣା ତାକି ରା଼ହାଁ କିପାସି,
୧୦ ବାତ୍‌କୁ ଗାଟାସି ତାନି ଉଣା ଆ଼ହିମାନାଣି ତାକି ବଡପଣ କିପେସି,
ଏ଼ନାଆଁତାକି ଇଚିହିଁ ବାତ୍‌କୁ ଗାଟାସି ଜା଼ଡ଼ାତି ପୂୟୁବଣ୍ଡା ଲେହେଁ ଡୁଲା
ହାନେସି । ୧୧ ଏ଼ନିକିଁ ଡ଼େଡ଼ା ଲା଼ଇ ହ଼ତାସାରେ ଜା଼ଡ଼ା ଏ଼ନିକିଁ ୱା଼ୟାହାନେ
ଅ଼ଡେ଼ ଏ଼ଦାନି ପୂଡ୍ଗା ଡୁଲିନୁ ଇଞ୍ଜାଁ ତାନି ଅ଼ଜୁତି ୱା଼ଣା ମେଣ୍ଡ୍ଗାହାନେ,
ଏଲେକିହିଁଏ ବାତ୍‌କୁ ଗାଟାସି ଜିକେଏ ତାନି ବାରେ କାମାତା ୱା଼ଡ଼ିନେସି ।
୧୨ ଆମିନି ଗାଟାସି ତାୟିପାରି କିନାଣି ଅ଼ର୍‌ହିନେସି ଏ଼ୱାଣାକି ନେହେଁ,
ଇଚିହିଁ ମାହାପୂରୁ ତ଼ାନୁ ଜୀୱୁ ନ଼ନି ଲ଼କୁଣି ଆମିନି ଜୀୱୁଗାଟି ଟ଼ପେରି
ହୀହାଲି ଆ଼ଞ୍ଜାମାନେସି, ତାୟିପାରି କିତାଣି ଜୀଣାଆ଼ତି ଜ଼େଚ ଏ଼ ଲ଼କୁ
ଏ଼ ଆ଼ଞ୍ଜାମାନି ଟ଼ପେରି ବେଟା ଆ଼ନେସି । ୧୩ ଆମ୍ବାଆସି ତାୟିପାରି
କିୱି ଆ଼ତିସାରେ, “ନ଼ା ଇ ତାୟିପାରି କିୱି ଆ଼ନାୟି ମାହାପୂରୁ ତ଼ାଣାଟି
ଆ଼ହିମାନେ” ଇଞ୍ଜିହିଁ ଇନାଆପେସି, ଇଚିହିଁ ମାହାପୂରୁ ଲାଗେଏତି ପା଼ନ୍ବାଟି
ତାୟିପାରି କିୱି ଆ଼ଅସି, ଅ଼ଡେ଼ ଏ଼ୱାସି ତ଼ାନୁଏ ଆମ୍ବାଆରାଇଁ ତାୟିପାରି
କିଅସି । ୧୪ ସାମା ମାଣ୍‌ସି ତାନି ଲାଗେଏତି କାମା ତଲେ ଜୂପ୍‌କା
ଅ଼ଡେ଼ ନା଼ଡ଼ିକିୱି ଆ଼ହାନା ତାୟିପାରି କିୱିଆ଼ନେସି; ୧୫ ଅ଼ଡେ଼ ଡ଼ାୟୁ
ଲାଗେଏତି କାମା ପୂରାମା଼ସା ଆ଼ହାନା ପା଼ପୁତି ଜାର୍ନି କିନେ, ଇଞ୍ଜାଁ ପା଼ପୁ
ଗାଡି ପାଡାଆ଼ହାନା ହ଼ାକିତି ଜାର୍ନି କିନେ । ୧୬ ଏ଼ ନ଼ା ଜୀୱୁତି ତାୟିୟାଁ
ଅ଼ଡେ଼ ତାଡ୍ଗିସ୍କା ମୀରୁ ନା଼ଡ଼ି ଆ଼ଆଦୁ । ୧୭ ବାରେ ନେହିଁ ଦ଼ାନା ଅ଼ଡେ଼
ବାରେ ଟୀରିତି ବ଼ର ଲାକଟି; ଇଚିହିଁ ଉଜେଡ଼ି ଗା଼ଡ଼ିକିତି ଆ଼ବା ତ଼ାଣାଟି
ୱା଼ନେ, ଆମ୍ବାଆରି ତ଼ାଣା ଏ଼ନି ବାଦ୍‌ଲି ଆ଼ନାୟି କି ଇଚାୟିୱା ସା଼ୟିଁ
କିହାନା ଆନ୍ବେରି ଆ଼ନାୟି ହିଲେଏ । ୧୮ ମା଼ର ଏ଼ନିକିଁ ତାନି ଗା଼ଡ଼ି ଆ଼ତି
ତ଼ାଣାଟି ରଲେଏତି ର଼ ମୂଲୁତି ପା଼ଡେ଼ୟି ଲେହେଁ ଆ଼ନାୟି, ଏ଼ଦାଆଁତାକି
ଏ଼ୱାସି ତାନି ଅଣ୍‌ପୁ ତଲେ ସାତା ବ଼ଲୁ ତଲେ ମାଡ୍ଗେ ଗା଼ଡ଼ି କିୟାତେସି ।
୧୯ ଏ଼ ନ଼ା ଜୀୱୁତି ତାୟିୟାଁ ଅ଼ଡେ଼ ତାଡ୍ଗିସ୍କା, ମୀରୁ ଇଦାଆଁ ପୁଞ୍ଜାମାଞ୍ଜେରି,
ମୀରୁ ବାରେତେରି ୱେଞ୍ଜାଲି ଜାଗ୍ରାତା ଆ଼ଦୁ, ଇଞ୍ଜାଁ ୱେସାଲି ଦାଗା ଆ଼ଆଦୁ
ଅ଼ଡେ଼ ଦେବୁଣିଏ କ଼ପା ଆ଼ଆଦୁ, ୨୦ ଇଚିହିଁ ମାଣ୍‌ସିତି କ଼ପା ମାହାପୂରୁତି
ନ଼କିତା ଦାର୍ମୁ କିହାଲି ଆ଼ଡେଏ । ୨୧ ଏ଼ଦାଆଁତାକି, ମୀରୁ ବାରେ ପ଼ଲ୍‌ଆ
ଗାଟାଣି ଅ଼ଡେ଼ ବାରେ ଲାଗେଏତି ପିସାତୁହ଼ଦୁ, ଆମିନି ମାହାପୂରୁ ହିୟାତି
ବ଼ଲୁ, ମୀ ଜୀୱୁତି ଗେଲ୍‌ପାଲିତାକି ଆ଼ଡିନେ, ଏ଼ଦାଆଁ ସୁଦୁଗାଟି ଅଣ୍‌ପୁ
ତଲେ ଆହ଼ଦୁ । ୨୨ ସାମା ମୀରୁ ଏ଼ୱାଣି ବ଼ଲୁ ୱେନାତେରି ଆ଼ହାଁ
ଜାହାରାଇଁ ନା଼ଡ଼ି କିହାକଡାଆନା, ବ଼ଲୁତି କାମା କିନାତେରି ଆ଼ଦୁ ।
୨୩ ଇଚିହିଁ ଆମିନିଗାଟାସି ବ଼ଲୁତି କାମା କିନି ଲ଼କୁ ଆ଼ଆନା ୱା଼ର୍‌ଇ
ୱେନି ଲ଼କୁ ଆ଼ନେସି, ଆତିହିଁ ଏ଼ୱାସି ଦାର୍ପେଣିତା ତ଼ାନୁଏ ତାନି ମୂମ୍ବ
ସିନିକିହା କଡିମାନି ମାଣ୍‌ସି ଲେହେଁତାସି, ୨୪ ଏର଼େଚେତା ଏ଼ୱାସି ତାଡ୍ଗେ
ସିନିକିତି ଜ଼େଚ ହାଜାନା, ଏ଼ୱାସି ଏମ୍ବାଟି ହ଼ଚା ହାଚି ଡ଼ାୟୁ ଏ଼ନିଲେହେଁତି
ମାଣ୍‌ସି ଦେବୁଣିଏ ବା଼ଣାଆ଼ନେସି । ୨୫ ସାମା ଆମ୍ବାଆସି ଟୀର୍‌ପୁ ଇଚିହିଁ
ଗେଲ୍‌ପାଲି ଆ଼ଡିନି ନେହିଁ ମ଼େରାତି ସିନିକିହାନା ମ଼େରାତି କାମା କିନେସି,
ଅ଼ଡେ଼ ଆଜିତାକି ୱେନି ଲ଼କୁ ଆ଼ଆନା କାମାକିନାସି ଆ଼ନେସି, ଏ଼ୱାସି ତାନି
କାମାତା ନେହାଁସି । ୨୬ ଇଚିହିଁ ଆମ୍ବାଆସି ଜାହାରାଇଁ ଟୀରି ଗାଟାତେଏଁ
ଇଞ୍ଜୁଁ ଅଣ୍‌ପା କଡିନେସି, ଇଞ୍ଜାଁ ତାନି ୱେନ୍ବରିତି ଲକ୍‌ଆନା ତ଼ାନୁ ତାନି
ହିୟାଁତି ନା଼ଡ଼ି କିନେସି, ଇଚିହିଁ ତାନି ଦାର୍ମୁକାମା କିନାୟି ଉଜେଏତାୟି ।
୨୭ ତାଲି ତାଞ୍ଜି ହିଲାଆ କକାରି ପ଼ଦାଁଣି ଅ଼ଡେ଼ ରା଼ଣ୍ଡେଣି ଇୟାସିକାଣି ତାମି
ଦୁକୁ କା଼କୁଲି ର଼େବଲାତା ସା଼ୟେମି କିନାୟି ଅ଼ଡେ଼ ଦାର୍‌ତିତା ମାନି ବାରେ
ଲାଗେଏତି କାମାଟି ଗେଲ୍‌ପା କଡିନାୟି, ଇଦି ମା଼ ମାହାପୂରୁ ଅ଼ଡେ଼ ଆ଼ବା
ନ଼କିତା ନେହାୟି ଅ଼ଡେ଼ ସୁଦୁ ଦାର୍ମୁତି କାମା ।

୨ ଏ଼ ନ଼ା ତାୟିୟାଁ ଅ଼ଡେ଼ ତାଡ୍ଗିସ୍କା, ମା଼ ଗାୱୁରମିଗାଟି ପ୍ରବୁ ଜୀସୁ କ୍ରୀସ୍ତୁ
ତ଼ାଣା ନାମା ମାନାତେରି ମାଣ୍‌ସିୟାଁତି ମୂମ୍ବ ମେସାନା ର଼ଲେମ୍ବାଆ଼ଦୁ ।
୨ ଇଚିହିଁ ରଅସି ବାଂଗାରା ମୁଦି ଅ଼ଡେ଼ ଦାରାଗାଟି ନେହିଁ ଅ଼ଜିତି ହିମ୍ବରି
ହୁଚାନା କୁଟମି କୂଡ଼ା ଆ଼ହାମାନି ତ଼ାଣା ୱା଼ନେସି, ଅ଼ଡେ଼ ର଼ ହିଲାଆଗାଟାସି
ଗେଞ୍ଜାମାନି ମା଼ହିଁତି ହିମ୍ବରି ହୁଚାନା ୱା଼ନେସି, ୩ ଅ଼ଡେ଼, ମୀରୁ ଦାରାଗାଟି
ଅ଼ଜିତି ହିମ୍ବରି ହୁଚିତି ଲ଼କୁଇଁ ମା଼ନି କିହାଁ ଏଲେଇଞ୍ଜେରି, “ଇମ୍ବାଆଁ ନେହିଁ
ଟା଼ୟୁତା କୁଗାମୁ,” ଅ଼ଡେ଼ ହିଲାଆଗାଟାଣାଇଁ ଏଲେଇଞ୍ଜେରି “ଏମ୍ବାଆଁ
ନିଚାମାନାମୁ, ଆ଼ଆତିଁ ନ଼ା କଡାୟାଁ ଡ଼ଇକା କୁଗାମୁ,” ୪ ଆ଼ଆତିଁ ମୀରୁ ମୀ
ବିତ୍ରା କାଜା ଲ଼କୁ ଉଣା ଲ଼କୁ ପାର୍‌ଡ଼ା ବାଚି କିୱି ଆ଼ହାଁ ଏଟ୍‌କା ଏଟ୍‌କା
କିହାଁ ଲାଗେଏତି ନୀହାଁୟି କିହିମାଞ୍ଜେରି । ୫ ଏ଼ ନ଼ା ଜୀୱୁତି ତାୟିୟାଁ
ଅ଼ଡେ଼ ତାଡ୍ଗିସ୍କା, ୱେଞ୍ଜୁ, ମାହାପୂରୁ ଇ ଦାର୍‌ତିତା ବାତ୍‌କୁ ହିଲାଆଗାଟାରାଇଁ
ତାମି ନାମୁତା ଦ଼ନ ଗାଟାରି ଆ଼ହାଲି, ଅ଼ଡେ଼ ତାନି ଜୀୱୁନ଼ହିଁ ମାନାରାଇଁ
ଆମିନି ରା଼ଜି ହୀହାଲି ଆ଼ଞ୍ଜାମାନେସି, ଏମ୍ବାତି ଅଦିକାରା କିହାଲି ଆ଼ଚା

ହିଲଅସି? ୬ ସାମା ମୀରୁ କା଼କୁଲି ଗାଟାରାଇଁ ଅ଼ପିହିଲଅତେରି । ବାତ୍‌କୁ ଗାଟାରି ମୀ ମୁହେଁ ରା଼ଜି କିୟଅରି କି? ଅ଼ଡ଼େ ମିଙ୍ଗେ ନୀହାଁୟି ପାଙ୍ଗ୍‌ୱାତା ରେଜା ଅୟଅରି କି? ୭ ଆମିନି କାଜା ଦ଼ରୁତଲେ ୱେଜ୍ଙ୍ଗା ମାଞ୍ଜେରି, ଏ଼ନାଆଁ ଏ଼ୱାରି ଏ଼ ଦ଼ରୁତି ନିନ୍ଦା କିଅରି । ୮ ମୀରୁ ମୀ ପା଼ଡ଼ିତି ଲ଼କୁଣି ମୀ ଜୀୱୁତି ଜୀୱୁ ନ଼ନି ଲେହେଁ ଜୀୱୁନ଼ଦୁ, ସା଼ସ୍ତ୍ରେରିତା ରା଼ସ୍‌କି ଆ଼ହାମାନି ମାହାପୂରୁ ରା଼ଜିତି ମେ଼ରା ସାତେଏ ମା଼ନୱି ଆ଼ଦେରି, ଆତିହିଁ ମୀରୁ ନେହିଁ କିହିମାଞ୍ଜେରି, ୯ ସାମା ଲ଼କୁ ମୂମ୍ବୁତି ମେସାନା ଲେମ୍ବିମାଞ୍ଜେରି, ଆତିହିଁ ମୀରୁ ପା଼ପୁ କିହିମାଞ୍ଜେରି, ଅ଼ଡ଼େ ଏ଼ ମେ଼ରା ତଲେ ଦ଼ହ ଗାଟାତେରି ଇଞ୍ଜାଁ ତ଼ଞ୍ଜା ଆ଼ହିମାଞ୍ଜେରି । ୧୦ ଆମ୍ବାଆସି ବାରେ ମ଼ସାତି ମେ଼ରା ମା଼ନୱି ଆ଼ହାଁ ରଣ୍ତିଏ ମେ଼ରାତି ଉରିନେସି, ଇଚିହିଁ ଏ଼ୱାସି ବାରେ ମେ଼ରାତି ଦ଼ହ ତଲେ ଡଣ୍ତ ବେଟା ଆ଼ନେସି । ୧୧ ଆମିନି ମାହାପୂରୁ ଦ଼ାରିକାମା କିଆଦୁ ଇଞ୍ଜାଁ ୱେସା ମାଚାସି, ଏ଼ୱାସି ଲ଼କୁଣି ପା଼ୟାଆଦୁ ଇଞ୍ଜାଁ ଜିକେଏ ୱେସାମାନେସି, ମୀରୁ ଦ଼ାରିକାମା କିଆନା ଲ଼କୁଣି ପା଼ୟିଦେରି ଇଚିହିଁ ମେ଼ରାତି ଉରିନାତେରି ଆ଼ଦେରି । ୧୨ ଗେଲ୍‌ପିଆ଼ତି ମ଼ସାତି ମେ଼ରାଟି ମୀରୁ ନୀହାଁୟି କିୱିଆ଼ଦେରି, ଇଦାଆଁ ପୁଞ୍ଜାନା ଏଲେତି କାତା ଜ଼ଲାଦୁ ଇଞ୍ଜାଁ କାମା କିଦୁ । ୧୩ ଇଚିହିଁ ଆମ୍ବାଆସି କାର୍ମା ମେହ୍‌ଅସି ମାହାପୂରୁ ଏ଼ୱାଣାଇଁ କାର୍ମା ମେହ୍‌ଆନା ନୀହାଁୟି କିନେସି, ସାମା କାର୍ମାମେହ୍‌ନାୟି ନୀହାଁୟିତା ଜୀଣା ଆ଼ନେସି । ୧୪ ଏ଼ ନ଼ା ତାୟିୟାଁ ଅ଼ଡ଼େ ତାଙ୍ଗିସ୍କା, ଆମ୍ବାଆସି ନାଙ୍ଗେ ନାମୁ ମାନେ ଇଞ୍ଜାଁ ଇନେସି, ସାମା ଏ଼ୱାଣି କାମା ହିଲେଏ, ଆତିଁ ଏ଼ଦି ଏ଼ନି ଲା଼ବା? ଇଲେତି ନାମୁ ଆମ୍ବାଆରାଇଁ ଗେଲ୍‌ପାଲି ଆ଼ଡିନେ କି? ୧୫ ଏଚିବେଲା ର଼ ତାୟି କି ତାଙ୍ଗିନାକି ହୁଚାଲି ହିମ୍ବରି କି ତିଞ୍ଜାଲି ରା଼ନ୍ଦା ହିଲାଆତିହିଁ, ୧୬ ଇଞ୍ଜାଁ ମୀ ବିତ୍ରାଟି ଆମ୍ବାଆତେରି ତାନି ଆଙ୍ଗ୍‌ୱାତି ଲ଼ଡ଼ାମାନାଣି ହୀଆନା, "ମାହାପୂରୁ ନିଙ୍ଗେ ବ଼ର ହିୟାପେସି, ବାଣ୍ତି ପାଞ୍ଜାହାଁ ହିଡ୍‌ଡ଼ିଟି ନେହିଁ କି ହାଲାମୁ" ଇଞ୍ଜାଁ ଇଚିହିଁ ଏ଼ଦି ଏ଼ନି ଲା଼ବା? ୧୭ ଏଲେକିହିଁଏ, କାମା ହିଲାଆସାରେ ନାମୁ ହା଼ତାୟି । ୧୮ ସାମା ଆମ୍ବାଆସି ଏଲେଇନେସି, "ରଅଣି ନାମୁ ମାନେ ଅ଼ଡ଼େ ରଅଣି କାମା ମାନେ;" କାମା ହିଲାଆନା ନୀ ନାମୁ ତ଼ସ୍ତାମୁ, ଅ଼ଡ଼େ ନା଼ନୁ କାମା ତଲେ ନା଼ ନାମୁତି ତ଼ସ୍ତିଇଁ । ୧୯ ମାହାପୂରୁ ରଅସିଏ, ଇଦାଆଁ ମୀରୁ ନାମିମାଞ୍ଜେରି; ଏ଼ଦି ନେହିଁ କାତା, ବୂତୁୟାଁ ଜିକେଏ ନାମାହାଁ ଆଜିତାକି ତୀର୍‌ଗିମାନୁ । ୨୦ ସାମା ଏ଼ ବୁଦି ହିଲାଆଗାଟାତେରି, କାମା ହିଲାଆନା ନାମୁ ଉଜେଏତାୟି, ଇଦାଆଁ ପୁଞ୍ଜି ହିଲଅତେରି? ୨୧ ମା଼ ଆକୁ ଅବ୍ରାହାମ, ପୂଜାପିଣ୍ତା ଲାକ ତାନି ମୀର୍‌ଏଣା ଇସାହାକଇଁ ପୂଜା କିହିମାଚାଟି କାମା ତଲେ ଦାର୍ମୁଗାଟାସି ଇଞ୍ଜାଁ ୱେଜ୍ଙ୍ଗା ହିଲାଆତେସି? ୨୨ ମୀରୁ ମେସିମାଞ୍ଜେରି, ଅବ୍ରାହାମତି ନାମୁ ତାନି କାମାତା ତ଼ଞ୍ଜାଆ଼ତେ, ଅ଼ଡ଼େ କାମା ତଲେ ନାମୁ ପୂରାଆ଼ତେ; ୨୩ ଏଚେଟିଏ ସା଼ସ୍ତ୍ରେରିତି ଇ ବ଼ଲୁ ସାତା ଆ଼ତେ, ଅବ୍ରାହାମ ମାହାପୂରୁ ତ଼ାଣା ନାମିତେସି, ଅ଼ଡ଼େ ତାଙ୍ଗେତାକି ଏ଼ଦି ଦାର୍ମୁଗାଟାସି ଇଞ୍ଜାଁ ୱେଜ୍ଙ୍ଗିତେସି, ଇଞ୍ଜାଁ ଏ଼ୱାସି ମାହାପୂରୁତି ତ଼ଣେଏସି ଇଞ୍ଜାଁ ୱେଜ୍ଙ୍ଗିତେସି । ୨୪ ଇଚିହିଁ ମାଣ୍‌ସି ୱାର୍‌ଇ ନାମୁଟି ଆ଼ଏ, ସାମା ତାନି କାମାଟି ଦାର୍ମୁଗାଟାସି ଆ଼ନେସି ଇଞ୍ଜାଁ ମୀରୁ ପୁଞ୍ଜିମାଞ୍ଜେରି । ୨୫ ଏଲେକିହିଁଏ ଦ଼ାରେଣି ରାହାବ୍ ଦାର୍ମୁଗାଟାୟି ଇଞ୍ଜାଁ ୱେଜ୍ଙ୍ଗାମାଚେ, ଏ଼ଦି ପାରୁ ପାରାଲି ମେ଼ଣେଏ ୱା଼ହାମାଚାରାଇଁ ତାନି ଇଜ ଅ଼ହାନା ଇଟିତେ ଇଞ୍ଜାଁ ଏଟ୍‌କା ଜିରୁଟି ପାଣ୍ତାଲି ସା଼ୟେମି କିହାମାଚେ । ୨୬ ଇଚିହିଁ ଜୀୱୁ ହିଲାଆସାରେ ଆଙ୍ଗା ହ଼ାତି ମାଡ଼୍‌ହା, ଏଲେକିହିଁଏ କାମା ହିଲାଆସାରେ ନାମୁ ଜିକେଏ ହ଼ାତାୟି ।

**୩** ଏ଼ ନ଼ା ତାୟିୟାଁ ଅ଼ଡ଼େ ତାଙ୍ଗିସ୍କା, ମୀରୁ ହ଼ାରେକା ଜା଼ପ୍‌ନାତେରି ଆ଼ଆଦୁ; ଜା଼ପ୍‌ନାତାୟି ମା଼ର, ମା଼ର ଅ଼ର ଲ଼କୁ କିହାଁ ହ଼ାରେକା ଡଣ୍ତ ପା଼ଣ୍‌ନାୟି ଇଦାଆଁ ପୁଞ୍ଜାମାଞ୍ଜୁ । ୨ ଇଚିହିଁ ମା଼ର ଏ଼ନି ଏ଼ନି କାମାତା ପୁଟି କିହିମାନାୟି, ସାମା ଆମ୍ବାଆସି ମାହାପୂରୁ ବ଼ଲୁତା ପିଟୱି ଆ଼ଅସି, ଆତିହିଁ ଏ଼ୱାସି ନେହିଁ ମାଣ୍‌ସି, ଅ଼ଡ଼େ ଏ଼ୱାସି ତାନି ବାରେ ଆଙ୍ଗ୍‌ୱାତି ତା଼ନୁଏ ଲକ୍‌ହାଲି ଆ଼ଡିମାନେସି । ୩ ମା଼ର ଗ଼ଡ଼ାୟାଁଣି ଲକ୍‌ହାଲି ତାକି ତାମି ଗୁଟିତା ବାକେରି କାଚିକିହିମାନାୟି, ଅ଼ଡ଼େ ଏ଼ଦାନିତଲେ ମା଼ର ତାମି ବାରେ ଆଙ୍ଗ୍‌ୱାତି ୱେଟ୍‌ହି ମାନାୟି । ୪ ଏ଼ୟୁ ଜା଼ଜାତି କାତା ଜିକେଏ ଅଣ୍‌ପାଦୁ, ଏ଼ଦି ଏଚେକା କାଜାୟି ଅ଼ଡ଼େ କାଜା ଗା଼ଲି ତଲେ ତା଼କିତିଁ ଜିକେଏ, ଜା଼ଜାତି ଡ଼ାୟୁୱାକି ମାନି ର଼ ଉଣା ମା଼ରା ତଲେ ତା଼କିନେ, ଏ଼ ମା଼ରା ଆହ୍‌ନାସି ଆମ୍ବିୟାୱାକି ମ଼ନ କିନେସି ଏନିକା ହାନେ । ୫ ଏଲେକିହିଁଏ ୱେନ୍‌ଦ୍‌ରି ଜିକେଏ ଆଙ୍ଗ୍‌ୱାତି ର଼ ଉଣା ବ଼ାଗା ଆତିହିଁ ଜିକେଏ, ଏ଼ଦି କାଜା ବଡପଣତି କାତା ଜ଼ଲାଲି ଆ଼ଡିନେ । ମେହ୍‌ଦୁ ର଼ ଉଣା ହିଚୁ ପୁୟାଁ ତଲେ ଏଚେ କାଜା ଜା଼ଡ଼ା ୱେହାହାନେ । ୬ ୱେନ୍‌ଦ୍‌ରି ଜିକେଏ ହିଚୁ ଲେହେଁତାୟି; ଏ଼ଦି ମା଼ ଆଙ୍ଗା ବିତ୍ରା ବାରେ ଲାଗେଏ ପ଼ଲେଏ ତ଼ାଣାଟି ସା଼ଲୱି ଆ଼ହିମାନେ, ଏ଼ଦି ବାରେ ଆଙ୍ଗ୍‌ୱାତି ଲାଗେଏ କିନେ, ଅ଼ଡ଼େ ତ଼ାନୁ ନର୍କଟି ହ଼ଚିମାନି ହିଚୁତଲେ ଡ଼ୀଞ୍ଜାନା ଗା଼ଡ଼ି ଆ଼ହାମାନି ଦାର୍‌ତିତି ହୂଡିନେ । (Geenna g1067) ୭ ଇଞ୍ଜାଁ ବାରେ ଲେହେଁତି ଜ଼ନ୍ତୁ ଜିୱେଡ଼ି, ପଟା କ଼ାଟି, ବାଣ୍ତିତଲେ ତ଼ାକିନାଇ, ଅ଼ଡ଼େ ଏ଼ୟୁତି ଜ଼ନ୍ତୁ, ମାଣ୍‌ସି ଏ଼ ବାରେ ଜ଼ନ୍ତୁୟାଁଣି ଲକ୍‌ହାଲି ଆ଼ଡିମାନେସି । ୮ ସାମା ୱେନ୍ଦ୍‌ରିତି ଆମ୍ବାଆସି ଲକ୍‌ହାନା ସାପି କିହାଲି ଆ଼ଡଅସି, ଏ଼ଦି ପ଼ଲ୍‌ଆ ଗାଟାୟି ଇଞ୍ଜାଁ ଲଙ୍ଗ୍‌ଆ ଗାଟାୟି, ଅ଼ଡ଼େ ଏ଼ଦିଏମ୍ବାଆଁ ହ଼ାନିମାନି ବୀସା ମାନେ । ୯ ୱେନ୍ଦ୍‌ରି ତଲେ ପ୍ରବୁ ଆ଼ବାଇଁ ଜହରା କିହିମାନାୟି, ଇଞ୍ଜାଁ ଏ଼ ୱେନ୍ଦ୍‌ରି ତଲେ ମାହାପୂରୁ ଲେହେଁ ଗା଼ଡ଼ି ଆ଼ତି ମାଣ୍‌ସିଇଁ ବ଼ାକା ଇଟି ମାନାୟି; ୧୦ ଏ଼ ରଣ୍ତିଏ ଗୁଟିଟି ଜହରା କିନାୟି ଅ଼ଡ଼େ ବ଼ାକା ହୀନି କାତା ହ଼ଚିମାନେ ଏ଼ ନ଼ା ତାୟିୟାଁ ଅ଼ଡ଼େ ତାଙ୍ଗିସ୍କା ଏଲେଆ଼ନାୟି ନେହେଁ ଆ଼ଏ । ୧୧ ର଼ ଜାର୍‌ଣାଟି ଡ଼ାକ୍‌ନି ଅ଼ଡ଼େ କାମ୍ବେଲି ଏ଼ୟୁ ହ଼ନୁ କି? ୧୨ ଏ଼ ନ଼ା ତାୟିୟାଁ ଅ଼ଡ଼େ ତାଙ୍ଗିସ୍କା, ଡ଼ୟା ମା଼ର୍‌ନୁତା ଜୀତ ପା଼ଡ଼େୟି ଅ଼ଡ଼େ ଅଙ୍ଗୁରି ମା଼ଡ଼ାତା ଡ଼ୟା ପା଼ଡ଼େୟି ଆ଼ୟାଲି ଆ଼ଡିନେ କି? ଏଲେକିହିଁଏ ହ଼ାରୁ ଜାର୍‌ଣା ଡ଼ାକ୍‌ନି ଏ଼ୟୁହୀହାଲି ଆ଼ଡେଏ । ୧୩ ମୀ ବିତ୍ରା ବୁଦିଗାଟାସି ଅ଼ଡ଼େ ତେଲ୍‌ହିନାସି ଆମ୍ବାଆସି ମାନେସି? ଏ଼ୱାସି ବୁଦିଗାଟାସି ଲେହେଁ ଉଣା ଆ଼ହାନା ଇଞ୍ଜାଁ ସୁଦୁଗାଟାସି ଆ଼ହାନା ତାନି ନେହିଁ ମାଣ୍‌କି ତଲେ କାମା ତ଼ସ୍‌ପେସି । ୧୪ ସାମା ମୀ ହିୟାଁତା ଗାଡି

ଡ଼ାହାରା, କ଼ପା ଅ଼ଡ଼େ ୱାର୍ଇ ଜାହାରାତାକି ଅଣ୍‌ପିନାୟି ମାନେ, ଆତିହିଁ
ସାତାତି କ଼ପାଟି ବଡପଣ ଆ଼ଆଦୁ ଅ଼ଡ଼େ ମିଚି ଜ଼ଲାଆଦୁ । **୧୫** ଇଲେତି
ବୁଦି ମାହାପୂରୁ ତ଼ାଣାଟି ୱ଼ାଏ, ଏ଼ଦି ଇ ଦାର୍‌ତିତାୟି, ମାଣ୍‌ସିତି ଅଣ୍‌ପୁ
ଗାଟାୟି ଅ଼ଡ଼େ ଲାଗେଏ ପ଼ଲେଏତି ବୂତୁୟାଁ ୱାୟି । **୧୬** ଇଚିହିଁ ଆମିନି
ତ଼ାଣା ଡ଼ାହାରା ଅ଼ଡ଼େ ଜାହାରାତାକି ଅଣ୍‌ପିନାୟି ମାନେ, ଏ଼ ଟ଼ାୟୁତା
ବାରେଲେହେଁତି ଲାଗେଏତି କାମା ମାନେ । **୧୭** ସାମା ଲାକଟି ୱ଼ାନି ବୁଦି,
ତଲିଏ ସୁଦୁଗାଟାୟି, ଡ଼ାୟୁ ହିତ୍‌ଡ଼ି ଜୀୱୁଗାଟାୟି ଅ଼ଡ଼େ ସୁଦୁ ସୁୱାଲା,
ମ଼ାନୱି ଆ଼ନାୟି, କାର୍ମାମେହ୍‌ନାୟି ଅ଼ଡ଼େ ନେହିଁ ପ଼ାଡ଼େୟିକା ତଲେ
ନେଞ୍ଜାମାନାୟି, ଆନାମାନା ଆ଼ଆଗାଟାୟି ଅ଼ଡ଼େ କୁଟୁ ହିଲାଆଗାଟାୟି
। **୧୮** ଅ଼ଡ଼େ ହିତ୍‌ଡ଼ି ହୀନି ଲ଼କୁ ତ଼ାଣାଟି ହିତ୍‌ଡ଼ିତି ବିଚା ମାଟ୍‌ୱିଆ଼ନେ,
ଦାର୍ମୁଗାଟି ପ଼ାଡ଼େୟି ଦ଼ାପି ଆ଼ନେ ।

**୪** ମୀ ତ଼ାଣା ମାଡାଗ଼ଡ଼ି ଅ଼ଡ଼େ ଗଡ଼୍‌ହା ଆମ୍ବିଟି ୱ଼ାହିମାନେ? ଏ଼ୱି ମୀ ତ଼ାଣା
ମାନି ସୁକୁତି ଅଣ୍‌ପୁଟି ୱ଼ାହିମାନୁ ଏ଼ୱି ବାରେ଼ବେଲା ବାରେ ଼ବେଲା
ଗଡ଼୍‌ହା କିୱିକିହିମାନୁ । **୨** ମୀରୁ ଏ଼ନାଆଁ ବେଟାଆ଼ହାଲି ଅଣ୍‌ପା ମାଞ୍ଜେରି,
ଏ଼ଦାଆଁ ବେଟା ଆ଼ଆସାରେ ଲ଼କୁଣି ପ଼ାୟାଲି ଅଣ୍‌ପା ମାଞ୍ଜେରି, ଏ଼ନାଆଁ
ବେଟାଆ଼ହାଲି ହ଼ାରେକା ଜୂପ୍‌କା ଆ଼ନେ ଏ଼ଦାଆଁ ବେଟା ଆ଼ଆସାରେ
ଗଡ଼୍‌ହା ଅ଼ଡ଼େ ମାଡାଗ଼ଡ଼ି କିହିମାଞ୍ଜେରି, ଏ଼ନାଆଁତାକି ଇଚିହିଁ ମୀରୁ
ମାହାପୂରୁଇଁ ରୀସି ହିଲଅତେରି; **୩** ମୀରୁ ରୀସିମାଞ୍ଜେରି ସାମା ବେଟାଆ଼ହି
ହିଲଅତେରି, ଏ଼ନାଆଁତାକି ଇଚିହିଁ ମୀରୁ ମୀ ଆଡ୍ଗାତି ଜୂପ୍‌କାଟି ଼ଲେମ୍ବାଲି
ତାକି ପ଼ାପୁ କାମା କିହାଲି ରୀସିମାଞ୍ଜେରି । **୪** ଏ଼ ଦ଼ାରେଣିସିକାତେରି,
ମୀରୁ ପୁଞ୍ଜାହିଲଅତେରି? ଦାର୍‌ତିତି ତ଼ଣେ ଆ଼ନାସି ଏ଼ୱାସି ମାହାପୂରୁତି
ସାତୁ, ଇଚିହିଁ ଆମ୍ବାଆସି ଇ ଦାର୍‌ତିତି ତ଼ଣେ ଆ଼ହାଲି ଅଣ୍‌ପିନେସି;
ଏ଼ୱାସି ତାଡ୍ଗେ ମାହାପୂରୁତି ସାତୁ । **୫** ମୀରୁ ଏ଼ନାଆଁ ଦାର୍ମୁ ପତିତା
ର଼ାସ୍‌କି ଆ଼ହାମାନି ବ଼ଲୁ ଉଜେଏ ଇଞ୍ଜୁଁ ଅଣ୍‌ପିମାଞ୍ଜେରି କି, "ମାହାପୂରୁ
ଆମିନି ଜୀୱୁତି ମ଼ା ତ଼ାଣା ବାସା ଆ଼ହାଲି ହୀହାମାଞ୍ଜାନେସି, ଏ଼ୱାସି ମାଡ୍ଗେ
ବାରେ ୱାକିଟି ସ଼ାଲୱି କିହାଲି ଅଣ୍‌ପିମାନେସି ।" **୬** ସାମା ମାହାପୂରୁ
ହ଼ାରେକା କାର୍ମାମେହ୍‌ନାଣି ହିୟାନେସି; ଏ଼ଦାଆଁତାକି ସ଼ାସ୍ତ୍ରେରିତା ର଼ାସ୍‌କି
ଆ଼ହାମାନେ, "ମାହାପୂରୁ ଆଡ୍କାରା ଆ଼ନାରି କ଼ପାଟି ନିଡ୍ଗିନେସି, ସାମା
ଜାହାରାଇଁ ଉଣା କିହା କଡାମାନାରାଇଁ କାର୍ମା ମେହ୍‌ନେସି, ମାହାପୂରୁତି
କାର୍ମା ହ଼ାରେକା ବ଼ାଡ଼୍‌ୟୁ ଗାଟାୟି ।" **୭** ଏ଼ଦାଆଁତାକି ମୀରୁ ମାହାପୂରୁ
ତ଼ାଣା ହେର୍‌ପା କଡାଦୁ; ଅ଼ଡ଼େ ସୟତାନଇଁ ଆବାଆଦୁ, ଆତିହିଁ ଏ଼ଦି ମୀ
ତ଼ାଣାଟି ହେକ ହାନେ । **୮** ମାହାପୂରୁ ଡାଗେ ୱ଼ାଦୁ ଆତିହିଁ ଏ଼ୱାସି ମୀ
ଡାଗେ ୱ଼ାନେସି, ଏ଼ ପ଼ାପୁ ଗାଟାତେରି, ମୀ କେସ୍କାଣି ନେହିଁକିଁ ନର୍‌ଦୁ,
ଅ଼ଡ଼େ ରୀ ଅଣ୍‌ପୁ ଗାଟାତେରି, ମୀ ହିୟାଁତି ଅଟ୍‌ହା କଡାଦୁ । **୯** ହିୟାଁ
କ଼ାଡି କିହାଁ ଦୁକୁ ତଲେ ଡ଼ୀଦୁ; ମୀ କାକ୍‌ନାୟି ଡ଼ୀକିତା ଅ଼ଡ଼େ ମୀ ର଼ାହାଁ
ଦୁକୁତା ତୀରି ମ୍ଣିପେ । **୧୦** ପ୍ରବୁ ନ଼କିତା ମୀରୁ ମିଡ୍ଗେ ଉଣା କିହାକଡାଦୁ,
ଏଚେଟିଏ ଏ଼ୱାସି ମିଡ୍ଗେ କାଜା ଲ଼କୁ କିୟାନେସି । **୧୧** ଏ଼ ତାୟି ତାଡ୍ଗିସ୍କା,
ମୀରୁ ରଅତେରି ରଅଣା କ଼ପାଟି ନିନ୍ଦା କାତା ଜ଼ଲାଆଦୁ; ଆମ୍ବାଆସି
ତାୟି କ଼ପାଟି ନିନ୍ଦା କାତା ଜ଼ଲିନେସି କି ନୀହାଁୟି କିନେସି, ଏ଼ୱାସି
ମ଼ସା ଼ମେରା କ଼ପାଟି ଜ଼ଲିମାନେସି, ଇଞ୍ଜୁଁ ଏମ୍ବାତି ନୀହାଁୟି କିହିମାନେସି
। ସାମା ମୀରୁ ମ଼ସା ଼ମେରାତି ନୀହାଁୟି କିଦେରି, ଇଚିହିଁ ମୀରୁ ମ଼ସା
଼ମେରାତି ମ଼ାନୱି ଆ଼ନାତେରି ଆ଼ଆନା ଏମ୍ବାତି ନୀହାଁୟି କିନାତେରି ।
**୧୨** ମାହାପୂରୁ ରଅସିଏ ଼ମେରା ହୀନାସି ଅ଼ଡ଼େ ନୀହାଁୟି କିନାସି, ଏ଼ୱାସି
ଗେଲ୍‌ପାଲି ଅ଼ଡ଼େ ନ଼ାସା କିହାଲି ଆ଼ଡିମାନେସି; ସାମା ନୀନୁ ଆମ୍ବାଆତି,
ନୀ ଆଟ୍‌ହିତାଣାଇଁ ନୀହାଁୟି କିହିମାଞ୍ଜି? **୧୩** ନୀଏଁ ମେହ୍‌ଦୁ, ଆମ୍ବାଆତେରି
ଏଲେ ଇଞ୍ଜିମାଞ୍ଜେରି, "ନୀଞ୍ଜୁ କି ୱିଏ ମ଼ାମ୍ବୁ ଏ଼ ଗ଼ାଡ଼ାତା ହାନମି ଇଞ୍ଜୁଁ
ଏମ୍ବାଆଁ ର଼ ବାର୍ସା ପାତେକା ଡ଼ୟାନା ଼ବେବାରା କିହାଁ ଗାଡି ଲ଼ାବା କିନମି;"
**୧୪** ସାମା ୱିଏ ଏ଼ନାୟି ଆ଼ନେ, ଏ଼ଦାଆଁ ମୀରୁ ପୁଞ୍ଜାହିଲଅତେରି, ମୀ ଜୀୱୁ
ଏ଼ନିକିଁ ଗ଼ାଡ଼େକା ତ଼ଞ୍ଜାଆ଼ହାନା ଗ଼ାଡ଼େକା ମେଣ୍‌ଡ୍ଗାହାନି ଉକ୍‌ଅଡ଼ି, ମୀରୁ
ଏଲେତାତେରି । **୧୫** ଇଦାଆଁତାକି ମୀରୁ ଏଲେଇନାୟି ମାନେ, "ପ୍ରବୁତି
ଅଣ୍‌ପୁ ଆ଼ତିସାରେ ମ଼ାର ଜୀୱୁତଲେ ନୀଡା ମାଞ୍ଜାନା ଇଦାଆଁ କିନ ଆ଼ଆଟିଁ
ଏ଼ଦାଆଁ କିନ ।" **୧୬** ସାମା ମୀରୁ ନୀଏଁ ମୀ ବଡପଣ ତ଼ସାକଡିମାଞ୍ଜେରି;
ଇଲେତି ବଡପଣ ଲାଗେଏତାୟି । **୧୭** ହିୟାଁତା ଇଟାଦୁ ଏ଼ନାଆଁତାକି
ଇଚିହିଁ, ଆମ୍ବାଆସି ନେହିଁ କାମା କିହାଲି ପୁଞ୍ଜାନା କିଅସି ଏ଼ୱାସି ପ଼ାପୁ
କିନେସି ।

**୫** ଏ଼ ବାତ୍‌କୁ ଗାଟାତେରି ନ଼ା କାତା ୱେଞ୍ଜୁ, କସ୍ତୁତି ଦିନା ୱ଼ାହିମାନେ
ଏ଼ଦାଆଁତାକି ଦୁକୁଆ଼ହିଁ ଡ଼ୀଦୁ ଇଞ୍ଜୁଁ କ଼ାନିକାର୍ମା ଆ଼ଦୁ । **୨** ମୀ ବାରେ
ଦ଼ନ ସୀର୍‌ହା ହାଚେୟିଏ, ଅ଼ଡ଼େ ମୀ ହିମ୍ବରିକାଇଁ ଲୀମ୍ବୁ ତିଚେୟିଏ,
**୩** ଅ଼ଡ଼େ ମୀ ବାଂଗାରା ଇଞ୍ଜୁଁ ୱେଣ୍ଡି କିର୍‌ଙ୍ଗୁ ଆ଼ତେୟିଏ; ଏଚେଟିଏ ଏ଼
କିର୍‌ଙ୍ଗୁ ମୀ କ଼ପାଟି ସ଼ାକି ହୀହାନା ହିଚୁ ଲେହେଁ ମୀ ଆଡ୍ଗା ଜିକେଏ
ନ଼ାସା କିୟାନେ, ଇ ର଼ାନି ଼ବେଲାତା ମିଡ୍ଗେତାକି ଦ଼ନ କୂଡ଼ି କିହାମାଞ୍ଜେରି
। **୪** ହେଣ୍ଡୁ! ମୀ ଗୁଡିୟାତି ତ଼ାସା ଦ଼ାଃଆନାରାକି ନ଼ାଡ଼ିକିହାନା ଆମିନି
କୂଲି ହୀହା ହିଲଅତେରି, ଏ଼ଦି ଗାଡି କ଼ାଲ୍‌ୱି ଆ଼ହିମାନେ, ଅ଼ଡ଼େ ତ଼ାସାତି
ଦ଼ାଃଆନାରି ଡ଼ୀନାୟି ବାରେ ବ଼ାଡ଼୍‌ୟୁଟି ପ୍ରବୁତି କିୟୁଁତା ଏଗା ହାଚେୟିଏ
। **୫** ମୀରୁ ଦାର୍‌ତିତି ସୁକୁ ଅ଼ଡ଼େ ର଼ାହାଁତା ନୀଡାମାଞ୍ଜେରି, ମୀରୁ
ହ଼ାକିତି ଦିନାତାକି ଜାହାରାଇଁ ଆଡ୍ଗା କିହାମାଞ୍ଜେରି । **୬** ମୀରୁ ଦ଼ହ
ହିଲାଆଗାଟାରାଇଁ ଦ଼ହ କିହାନା ପ଼ାୟିମାଞ୍ଜେରି; ଏ଼ୱାସି ମିଡ୍ଗେ ୱେଣ୍ଡେ
ଏ଼ନାଆଁ କିୟଅସି । **୭** ଏ଼ଦାଆଁତାକି ଏ଼ ତାୟି ତାଡ୍ଗିସ୍କା, ପ୍ରବୁତି ୱ଼ାନି ଦିନା
ପାତେକା ସ଼ାସାତଲେ କ଼ାଚାନା ମାଞ୍ଜୁ, ର଼ ତ଼ାସା କିନାସି ଏ଼ନିକିଁ ତାନି
ବୂମିତି ପ଼ାଡ଼େୟି ବେଟାଆ଼ହାଲି ତାକି ମୂଲୁତି ପିୟୁ ଅ଼ଡ଼େ ଡ଼ାୟୁତି ପିୟୁ
ରିନି ଦିନା ପାତେକା ସ଼ାସାତଲେ କ଼ାପୁ କ଼ାଚାନା ଡ଼ୟିନେସି । **୮** ମୀରୁ
ଜିକେଏ ଏଲେକିଁ ସ଼ାସାତଲେ ମାଞ୍ଜାନା ମୀ ହିୟାଁତି ସୂସ୍ତି କିଦୁ, ଇଚିହିଁ
ପ୍ରବୁତି ୱ଼ାନି ଦିନା ଡାଗେ ୱ଼ାତେୟିଏ । **୯** ଏ଼ ତାୟି ତାଡ୍ଗିସ୍କା, ମୀରୁ ଏ଼ନିକିଁ
ନୀହାଁୟି କିୱି ଆ଼ଅତେରି, ଏ଼ଦାଆଁତାକି ରଅତେରି ରଅଣା କ଼ପାଟି ଏ଼ନି
କାତା ଜ଼ଲାଆଦୁ, ସିନିକିଦୁ, ନୀହାଁୟି କିନାସି ଦୁୱେରିତା ନିଚାମାନେସି
। **୧୦** ଏ଼ ତାୟି ତାଡ୍ଗିସ୍କା, ଆମିନି ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାରି

ପ୍ରବୁ ଦ଼ରୁଟି କାତା ୱେସାମାଚେରି, ଏ଼ୱାରାଇଁ ମୀରୁ ଅଣ୍‌ପାଦୁ, ଦୁକୁ କସ୍ତ
ବେଟାଆ଼ନାଟି ସା଼ସା ଅ଼ଡ଼େ ଅ଼ର୍‌ହାଲି ଜିରୁ ତ଼ସାମାଞ୍ଜାନେରି । **୧୧** ମେହ୍‌ଦୁ
ଆମ୍ବାଆରି କସ୍ତ ଅ଼ର୍‌ହା ମାଚେରି, ମା଼ମ୍ବୁ ଏ଼ୱାରାଇଁ ନେହାଁରି ଇଞ୍ଜଁ ଇନମି,
ମୀରୁ ଆୟୁବତି ଅ଼ର୍‌ହିନାଣି ୱେଞ୍ଜାମାଞ୍ଜେରି, ଅ଼ଡ଼େ ପ୍ରବୁ ଡ଼ା଼ୟୁତି କାମା
ମେସାନା ପୁଞ୍ଜାମାଞ୍ଜେରି, ଏ଼ୱାସି କାର୍ମା ମେହ୍‌ନାସି ଅ଼ଡ଼େ ଜୀୱୁ ନ଼ନାସି
। **୧୨** ଏ଼ ନ଼ା ତାୟି ତାଙ୍ଗିସ୍କାତେରି, ମୀରୁ ପାର୍‌ମାଣା କିୱୁଏ କିଆ଼ଦୁ,
ଲାକପୂରୁତି ଦ଼ରୁତଲେ ପାର୍‌ମାଣା କି ଦାର୍‌ତିତି ଦ଼ରୁତି ପାର୍‌ମାଣା କି
ଏଟ୍‌କାତି ଏ଼ନି ଦ଼ରୁ ଆସାନା ପାର୍‌ମାଣା କିଆ଼ଦୁ, ସାମା ମୀଦି ହାଅ ଇନି
କାତା ହାଅ ଆ଼ପେ ଇଞ୍ଜାଁ ଆ଼ଏ ଇନି କାତା ଆ଼ଏ ଆ଼ପେ, ଏ଼ନିକିଁ ମୀରୁ
ନୀହାଁୟି ଦିନାତା ଡଣ୍ଡ ଗାଟାତେରି ଆ଼ଅତେରି । **୧୩** ମୀ ବିତ୍ରାଟି ଆମ୍ବାଆସି
ଦୁକୁ କିହିମାନେସି? ଆତିହିଁ ଏ଼ୱାସି ପ୍ରାତାନା କିପାସି, ଆମ୍ବାଆସି ରା଼ହାଁଟି
ମାନେସି? ଇଚିହିଁ ଏ଼ୱାସି ଜହରା ପା଼ଟୁ ପା଼ଚାପେସି । **୧୪** ଆମ୍ବାଆସି
ମୀ ବିତ୍ରାଟି ଆ଼ଡାଆ ଗାଟାସି ମାଚିହିଁ ଏ଼ୱାସି କୁଲମିତି ପ୍ରାଚିନାଙ୍ଗାଣି
ହା଼ଟାପେସି; ଇଞ୍ଜାଁ ଏ଼ୱାରି ପ୍ରବୁତି ଦ଼ରୁତଲେ ନିୟୁଁ ୱା଼କ୍‌ହାନା ଏ଼ୱାଣି ତାକି
ପ୍ରାତାନା କିପାରି । **୧୫** ଏ଼ ନାମୁଗାଟି ପ୍ରାତାନା ର଼ଗ ଗାଟାଣାଇଁ ନେହିଁ
କିନେ, ଇଞ୍ଜାଁ ପ୍ରବୁ ଏ଼ୱାଣାଇଁ ନିକ୍‌ନେସି, ଇଞ୍ଜାଁ ଏ଼ୱାସି ପା଼ପୁ କିହାମାଚିହିଁ,
ଆତିହିଁ ଏ଼ୱାଣି ପା଼ପୁ ମେଣ୍ଡ୍‌ଗି କିୱିଆ଼ନେ । **୧୬** ଏ଼ଦାଆଁତାକି ମୀରୁ
ରଅତେରି ରଅଣା ନ଼କିତା ମୀ ପା଼ପୁ ୱେ଼କ୍‌ଦୁ, ଅ଼ଡ଼େ ନେହିଁ ଆ଼ହାଲିତାକି
ରଅତେରି ରଅଣି ତାକି ପ୍ରାତାନା କିଦୁ, ଆତିହିଁ ମୀରୁ ନେହିଁ ଆ଼ଦେରି,
ଏ଼ନାଆଁତାକି ଇଚିହିଁ ଦାର୍ମୁ ଗାଟାଣି ପ୍ରାତାନା ହା଼ରେକା କାଜା କାମା କିହାଲି
ଆ଼ଡିନେ । **୧୭** ଏଲିୟ ଜିକେଏ ମା଼ ଲେହେଁତି ଦୁକୁ ସୁକୁ ଗାଟି ମାଣ୍‌ସି;
ଏ଼ୱାସି ପିୟୁ ଆ଼ଆପେ ଇଞ୍ଜଁ ରଣ୍ଡିଏ ମ଼ନତଲେ ପ୍ରାତାନା କିତେସି, ଅ଼ଡ଼େ
ତୀନି ବାର୍ସା ସ଼ ଲେ଼ଞ୍ଜୁ ପାତେକା ଏ଼ ବୂମିତା ପିୟୁ ଆ଼ଆତେ । **୧୮** ଇଞ୍ଜାଁ
ଏ଼ୱାସି ଅ଼ଡ଼େ ୱେଣ୍ଡେ ପ୍ରାତାନା କିହାଲିଏ ହା଼ଗୁଟି ପିୟୁ ରୀତେ, ଅ଼ଡ଼େ
ବୂମିତା ଆର୍ନା କାମ୍ବିତେ । **୧୯** ଏ଼ ନ଼ା ତାୟିୟାଁ ଅ଼ଡ଼େ ତାଙ୍ଗିସ୍କା, ମୀ ବିତ୍ରାଟି
ଆମ୍ବାଆସି ସାତା ଜିରୁତି ବା଼ଣା ଆତିହିଁ ଅ଼ଡ଼େ ଆମ୍ବାଆସି ଏ଼ୱାଣାଇଁ ୱେଣ୍ଡେ
ୱେଟ୍‌ହା ତାନେସି, **୨୦** ଆତିହିଁ ଆମ୍ବାଆସି ପା଼ପୁ ଗାଟାଣାଇଁ ତାନି ପ଼ଲ୍‌ଆ
ଜିରୁଟି ୱେଟ୍‌ହା ତାନେସି, ଏ଼ୱାସି ଏ଼ୱାଣି ଜୀୱୁତି ହା଼କିଟି ଗେଲ୍‌ପିନେସି,
ଇଞ୍ଜାଁ ହା଼ରେକା ପା଼ପୁତି ମ୍ଣେପ୍‌କି କିନେସି, ଇଦାଆଁ ମୀରୁ ପୁଞ୍ଜୁ ।

# ୧ପିତ

୧ ନ଼ାନୁ, ପିତର, କ୍ରୀସ୍ତ ଜୀସୁ ତ଼ାଣାଟି ପାଣ୍ଡ୍ୱିଆ଼ହାମାନି ସୀସ୍ତ, ପନ୍ତ,
ଗାଲାତିୟା, କାପାଦକିୟା, ଆସିୟା ଅ଼ଡ଼େ ବେତନିୟାଁ ରା଼ଜିତା
ଇତାଲା ଆତାଲା ବାସାଆ଼ହାମାନି ମାହାପୂରୁ ଆ଼ଚାମାନି ଲ଼କୁତାକି
ଆ଼କୁ ରା଼ଚିମାଇଁ, ୨ ଆ଼ବା ମାହାପୂରୁତି ତଲିତି ବୁଦିତଲେ ସୁଦୁଜୀୱୁ
ତଲେ ସୁଦୁ ଆ଼ହା ମ଼ାନି ଗାଟାତେରି ଅ଼ଡ଼େ ଜୀସୁ କ୍ରୀସ୍ତୁତି ନେତେରି
ଡ଼ାଞ୍ଜ଼୍ୱି କିହାକଡାଲି ଆ଼ଟ୍ୱି ଆ଼ହାମାନେରି । ମିଙ୍ଗେତାକି ମାହାପୂରୁତି
କାର୍ମାମେହ୍ନାୟି ଇଞ୍ଜାଁ ହିଡ଼୍ଡ଼ି ଆ଼ପେ । ୩ ମ଼ା ପ୍ରବୁ ଜୀସୁ କ୍ରୀସ୍ତୁତି ଆ଼ବା
ଅ଼ଡ଼େ ମାହାପୂରୁଇଁ ଜହରା; ଇଚିହିଁ ଏ଼ୱାସି ତାନି କାର୍ମାଟି ଜୀସୁ କ୍ରୀସ୍ତୁଇଁ
ହ଼ାକିଟି ନିକ୍ହାନା ମାଙ୍ଗେ ପୁଃନି ଜୀୱୁ ହୀହାମାଞ୍ଜାନେସି, ଏ଼ଦି ମାଙ୍ଗେତାକି
ନୀଡିନି ବ଼ାର୍ସୁ ହୀହାମାଞ୍ଜାନେ, ୪ ଏ଼ଦାଆଁତାକି ମାହାପୂରୁ ତାନି ଲ଼କୁତାକି
ଆମିନି ଦାରାଗାଟି ବ଼ର ଇଟାମାନେସି, ଏ଼ଦାଆଁ ବେଟାଆ଼ହାଲି ମ଼ାର
କ଼ାପୁ କ଼ାଚାମାନାୟି, ଏ଼ୱାସି ଲାକପୂରୁ ମିଙ୍ଗେତାକି ଏ଼ଦାଆଁ ଜାତ୍ନୁ
ତଲେ ଇଟାମାନେସି, ଏମ୍ବାଆଁ ଏ଼ଦି ନସ୍ତ ଆ଼ଏ କି ୱା଼ଡ଼େଏ । ୫ ଆମିନି
ଗେଲ୍‌ପିନାୟି ର଼ାନି ଦିନାତା ଡ଼ଞ୍ଜାଆ଼ହାଲି କିୱିଆ଼ହାମାନେ, ଏ଼ଦାଆଁ
ବେଟାଆ଼ହାଲି ତାକି ମୀରୁ ମାହାପୂରୁତି ବ଼ାଡ଼୍ୟୁତା ନାମୁତଲେ ଜାଗ୍ରାତା
କିୱି ଆ଼ହାମାଞ୍ଜେରି । ୬ ଏ଼ଦାଆଁତାକି ମୀରୁ ର଼ାହାଁ କିଦୁ, ଆ଼ତିଜିକେଏ
ନୀଏଁ ଗା଼ଡ଼େକା ତାକି ହ଼ାରେକା ତାୟିପାରି କିନି ତ଼ାଣାଟି ଦୁକୁ କସ୍ତ
ବେଟାଆ଼ନାୟି ମିଙ୍ଗେତାକି ଲ଼ଡ଼ାଆ଼ନେ, ୭ ଏ଼ନିକିଁ ଗା଼ଡ଼େକା ନସ୍ତ ଆ଼ନି
ବାଂଗାରା ହିରୁତା ହୂଡିନି କିହାଁ ହ଼ାରେକା ଦାରା ମୀ ତାୟିପାରି କିୱିଆ଼ତି
ନାମୁ, ଏ଼ଦି ଜୀସୁ କ୍ରୀସ୍ତ ଡ଼ଞ୍ଜାଆ଼ନି ବ଼େଲାତା ମ଼ାନି ତଲେ ଜହରାତି,
ଗାୱୁରମି ଅ଼ଡ଼େ ମ଼ାନି ବେଟାଆ଼ନାୟି । ୮ ନୀଏଁ ମୀରୁ ଏ଼ୱାଣାଇଁ ମେସା
ହିଲାଆତି ଜିକେଏ ଜୀୱୁନ଼ହିଁ ମାଞ୍ଜେରି, ଇଞ୍ଜାଁ ନୀଏଁ ମେହ୍ଆତିଁ ଜିକେଏ
ତାନି ତ଼ାଣା ନାମାହାଁ ୱେସାଲି ଆ଼ଡାଆରେଟୁ ଗାୱୁରମିତି ର଼ାହାଁତା ୯
ର଼ାହାଁ ଆ଼ହାନା ଏ଼ ନାମୁତି ପ଼ାଡ଼େୟି ଲେହେଁ ମୀ ଜୀୱୁତି ଗେଲ୍‌ପିନାଣି
ବେଟାଆ଼ହାମାଞ୍ଜେରି । ୧୦ ଇ ଗେଲ୍‌ପିନି କାତା ମାହାପୂରୁ ଅଣ୍‌ପୁତି
ବ଼ଲୁ ୱେହ୍ନାରି ମ଼ନ ହୀହାନା ପାରିହିଁ ସିନିକିତେରି, ଆମ୍ବାଆରି ଏମିନି
କାର୍ମାମେହ୍ନାୟି ମିଙ୍ଗେ ଆ଼ନାୟି ମାଚେ, ଏ଼ ଡ଼ାୟୁତି କାତା ୱେସାହାଁ
ଡ଼ସାମାଚେରି, ୧୧ କ୍ରୀସ୍ତୁତି ଦୁକୁ ବେଟାଆ଼ନାଣି ଇଞ୍ଜାଁ ଅ଼ଡ଼େ ଡ଼ାୟୁତି
ଗାୱୁରମି ବେଟାଆ଼ନାଣି ନ଼କେଏ ପାର୍‌ମାଣା ହୀନାସି ଇଞ୍ଜାଁ ଏ଼ୱାରିତ଼ାଣା
ମାନି କ୍ରୀସ୍ତୁତି ଜୀୱୁ ଏ଼ ବାରେ ଏଚିବେ଼ଲା ୱା଼ନେ ଅ଼ଡ଼େ ଏ଼ନିକିଁ ୱା଼ନେ
ଏ଼ୱାରି ପୁଞ୍ଜାଲି ନ଼କେଏ ଅଣ୍‌ପାମାଚେରି । ୧୨ ଏ଼ୱାରି ଏ଼ ବାରେ କାତା
ତାମି ତାକି ସେବା କିଆନା ମୀ ଲା଼ବା ତାକି ସେବା କିହିମାଚେରି, ଇଦି
ଏ଼ୱାରିତ଼ାଣା ଡ଼ଞ୍ଜା ଆ଼ହାମାଚେ, ଇଞ୍ଜାଁ ଏ଼ ବାରେ କାତା ଲାକପୂରୁଟି
ପାଣ୍ଡ୍ୱିଆ଼ହାମାନି ସୁଦୁଜୀୱୁତି ବ଼ାଡ଼୍ୟୁ ତଲେ ମୀ ନ଼କିତା ନେହିଁ କାବୁ
ୱେହ୍ନାରି ତ଼ାଣାଟି ନୀଏଁ ମିଙ୍ଗେ ୱେସ୍‌ପି ଆ଼ହିମାଞ୍ଜାନେ; ଏ଼ ବାରେ କାତା
ଦୂତୁୟାଁ ଜିକେଏ ପୁଞ୍ଜାଲି ଅଣ୍‌ପି ମାନେରି । ୧୩ ନେହିଁ କାମା କିହାଲି
ତିୟାରା ଆ଼ଦୁ । କ଼ାପୁ କ଼ାଚାନା ଜୀସୁ କ୍ରୀସ୍ତ ଡ଼ଞ୍ଜା ଆ଼ନି ବ଼େଲାତା ଆମିନି
ବ଼ର ମିଙ୍ଗେ ହୀପ୍‌କି ଆୟାନେ, ଏ଼ଦାଆଁତାକି ତୀରେତଲେ ବ଼ାର୍ସୁ ଇଟାଦୁ ।
୧୪ ମାହାପୂରୁଇଁ ମ଼ାନି କିଦୁ, ମୀରୁ ତଲି ପୁଞ୍ଜାହିଲାଆତି ବେ଼ଲାତା ଆମିନି
ଲାଗେଏ ପ଼ଲେଏତି ଜୂପ୍‌କା ତଲେ ମାଚେରି ନୀଏଁ ଏଲେଆ଼ଆ଼ଦୁ । ୧୫
ସାମା ମିଙ୍ଗେ ହ଼ାଟାମାଞ୍ଜାନି ମାହାପୂରୁ ଏ଼ନିକିଁ ସୁଦୁଗାଟାସି ମୀରୁ ଜିକେଏ
ଏଲେକିଁ ମୀ ବାରେ ମାଣ୍‌କିତା ସୁଦୁ ଗାଟାତେରି ଆ଼ଦୁ । ୧୬ ଦାର୍ମୁପତିତା
ର଼ାସ୍‌କି ଆ଼ହାମାନେ, “ମୀରୁ ସୁଦୁ ଗାଟାତେରି ଆ଼ଦୁ, ଏ଼ନାଆଁତାକି ଇଚିହିଁ
ନ଼ାନୁ ସୁଦୁ ଗାଟାତେଏଁ ।” ୧୭ ଅ଼ଡ଼େ ଆମ୍ବାଆରି ମୂମୁ ମେହ୍ଆନା ବାରେ
ଲ଼କୁତି ଏ଼ୱାରି କାମା କିହାମାନିଲେହେଁ ନୀହାଁୟି କିନେସି, ଏ଼ୱାଣି ତ଼ାଣା
ପ୍ରାତାନା କିନାଟି ଆ଼ବା ଇଞ୍ଜାଁ ହ଼ାଟିତିହିଁ, ମୀରୁ ଇ ଦାର୍‌ତିତା ବାସାଆ଼ହାମାନି
ପାତେକା ମ଼ାନି ତଲେ ଏ଼ୱାଣାଇଁ ଆଜାନା ମାଞ୍ଜୁ; ୧୮ ଇଚିହିଁ ମୀରୁ
ପୁଞ୍ଜାମାଞ୍ଜେରି ମୀ ଆକୁ ଆ଼ବାୟାଁ ତ଼ାଣାଟି ବେଟାଆ଼ହାମାନି ଉଜେଏତି
ମାଣ୍‌କି ତଲେ ନୀଡିନି ତ଼ାଣାଟି ମୀରୁ ୱେଣ୍ଟି କି ବାଂଗାରା ଲେହେଁତି
ନ଼ାସା ଆ଼ନି ଆ଼ସ୍ତି ତଲେ ପିସ୍‌ପି ଆ଼ହାହିଲଅତେରି, ୧୯ ସାମା ଏ଼ନି
ସିନା ଅ଼ଡ଼େ ଦ଼ହ ହିଲାଆଗାଟି ମେଣ୍ଡା ଡ଼ା଼ଲୁ ଲେହେଁତି କ୍ରୀସ୍ତୁତି ଗାଡି
ଦାରାଗାଟି ନେତେରି ତଲେ ପିସ୍‌ପି ଆ଼ହାମାଞ୍ଜେରି । ୨୦ ଦାର୍‌ତି ଗା଼ଡ଼ିଆ଼ତି
ନ଼କେଏ ମାହାପୂରୁ ଏ଼ୱାଣାଇଁ ଆ଼ଚିତେସି ଇଞ୍ଜାଁ ଇ ର଼ାନି ଜୁଗୁତା ଏ଼ୱାସି
ମିଙ୍ଗେତାକି ଡ଼ଞ୍ଜା ଆ଼ହାମାଞ୍ଜାନେସି; ୨୧ ଆମିନି ମାହାପୂରୁ ଏ଼ୱାଣାଇଁ
ହ଼ାକିଟି ନିକ୍ହାନା ଗାୱୁରମି ହୀହାମାନେସି, ଏ଼ୱାଣି ତ଼ାଣାଟି ମୀରୁ ଏ଼
ମାହାପୂରୁଇଁ ନାମିମାଞ୍ଜେରି, ଇଦାଆଁତାକି ମୀ ବାରେ ନାମୁ ଅ଼ଡ଼େ ବ଼ାର୍ସୁ
ମାହାପୂରୁ ତ଼ାଣା ଆ଼ଟ୍ୱା ଆ଼ହାମାନେ । ୨୨ ନୀଏଁ ମୀରୁ ସାତାତି ମ଼ାନୱି
ଆ଼ହାନା କୁଟୁ ହିଲାଆ ତାୟିଇଁ ଜୀୱୁ ନ଼ହାଲି ତାକି ମୀ ହିୟାଁତି ଅଟ୍ହା
କଡାମାନାକି ମୀ ବାରେ ହିୟାଁ ତଲେ ମୀରୁ ରଣ୍ଡିଏ ମ଼ନତଲେ ରଅତେରି
ରଅଣାଇଁ ଜୀୱୁନ଼ଦୁ । ୨୩ ଇଚିହିଁ ମୀରୁ ନ଼ାସା ଆ଼ନି ପ଼ାଡ଼େୟିଟି ଆ଼ଏ,
ସାମା ଏଚେଲା ନ଼ାସା ଆ଼ଆଗାଟି ପ଼ାଡ଼େୟିଟି, ଇଚିହିଁ ମାହାପୂରୁତି ଜୀୱୁ
ଅ଼ଡ଼େ ବାରେବେ଼ଲା ଡ଼ୟିନି ବ଼ଲୁ ତଲେ ୱେଣ୍ଡେ ଜାର୍ନା ଆ଼ହାମାଞ୍ଜେରି ।
(aiōn g165) ୨୪ ଦାର୍ମୁ ସ଼ାସ୍ତେରିତା ର଼ାସ୍‌କି ଆ଼ହାମାନେ, “ଇଚିହିଁ ଦାର୍‌ତିତି
ବାରେ ଲ଼କୁ ଗାର୍କି ଜା଼ଡ଼ା ଲେହେଁତାରି, ଏ଼ୱାରି ଅ଼ଜୁ ବାରେ ଜା଼ଡ଼ାତି ପୂଙ୍ଗା
ଲେହେଁତାୟି । ଗାର୍କି ଜା଼ଡ଼ା ୱାୟାହାନେ ଇଞ୍ଜାଁ ପୂଙ୍ଗା ବାରେ ଡୁଲାହାନୁ ।
୨୫ ସାମା ମାହାପୂରୁତି ବ଼ଲୁ କାଲାକାଲାତାକି ଡ଼ୟିନେ ।” ଇଦି ଏ଼ ନେହିଁ
କାବୁତି ବ଼ଲୁ, ଆମିନି ଗାଟାୟି ମୀ ତ଼ାଣା ୱେ଼ପ୍‌କି ଆ଼ହାମାଚେ । (aiōn
g165)

୨ ଇଚିହିଁ ପ୍ରବୁ କାର୍ମା ମେହ୍ନାସି ଇଞ୍ଜାଁ ମୀରୁ ନୀଏଁ ପୁଞ୍ଜିମାନାକି, ଇଞ୍ଜାଁ
ବାରେ ଲାଗେଏ ପ଼ଲେଏତାଣି, ନ଼ାଡ଼ି କିନାଣି, କୁଟୁ, ଲ଼କୁଣି ଡ଼ାହାରା
ଇଞ୍ଜାଁ ଲ଼କୁଣି ନିନ୍ଦା କାତା ଜ଼ଲିନାଣି ପିହ୍ଦୁ, ୨ ପୁଃନି ଜାର୍ନାଆ଼ତି କୂଗି
କକାରି ପଦାଁଲେହେଁ ଏ଼ନାଆଁ ଆଣ୍ଡାଆତି ପ଼ାଲୁ ଗସାଲି ଅଣ୍‌ପିଦେରି,
ଆତିହିଁ ମୀରୁ ପାଡାଆ଼ହାନା ଗେଲ୍‌ପି ଆ଼ଦେରି । ୩ ଦାର୍ମୁପତିତା
ର଼ାସ୍‌କି ଆ଼ହାମାନେ, “ମାହାପୂରୁ ଏଚେକା କାର୍ମା ମେହ୍ନାସି, ଏ଼ଦାଆଁ

ମୀରୁ ପୁଞ୍ଜାମାଞ୍ଜେରି ।" ୪ ଜୀୱୁଗାଟି ୱାଲି ଲେହେଁତି ପ୍ରବୁ, ଏ୍ୱାଣାଇଁ
ମାଣସିୟାଁ ତା଼ଣାଟି ଅ଼ପାଆତେରି ସାତା, ସାମା ମାହାପୂରୁ ତା଼ଣା ଆ଼ଚ୍ୱି
ଆ଼ହାନା ଗାଡି ଦାରାଗାଟାସି ଆ଼ତେସି । ୫ ତାନି ତା଼ଣା ୱା଼ହାନା ମୀରୁ
ଜିକେଏ ଜୀସୁ କ୍ରୀସ୍ତୁ ତା଼ଣାଟି ମାହାପୂରୁ ନ଼କିତା ନେହିଁ ଜୀୱୁତି ପୂଜା
ହୀହାଲିତାକି ସୁଦୁଗାଟି ପୂଜେରାଙ୍ଗା ଲେହେଁ ଆ଼ହାଲିତାକି ଜୀୱୁତି ୱାଲି
ଲେହେଁ ଆ଼ହାନା ର଼ ପ୍ରାତାନା ଇଲୁ ଲେହେଁ ଆ଼ଦୁ । ୬ ଇଚିହିଁ ଦାର୍ମୁ
ପତିତା ରା଼ସ୍କି ଆ଼ହାମାନେ; "ନା଼ନୁ ସିୟନତା ର଼ ଆ଼ଚ୍ୱି ଆ଼ହାମାନି
ଅ଼ଡେ଼ ଦାରାଗାଟି କନତି ମୂଲୁ ୱାଲି କିହାମାଇଁ ଇଞ୍ଜେଁ ଆମ୍ବାଆସି ଏ୍ୱାଣି
ତା଼ଣା ନାମିନେସି ଏ୍ୱାସି ଏଚେଲାୱା ଲାଜା ବେଟାଆ଼ଅସି ।" ୭ ମୀରୁ
ପ୍ରବୁଇଁ ନାମିମାଞ୍ଜେରି, ମୀରୁ ଏ଼ ଦାରାଗାଟି ତା଼ଣା ଆଣ୍ଡାମାଞ୍ଜେରି, ସାମା
ଆମ୍ବାଆରି ନାମଅରି, "ଇଲୁ କେପିନାରି ଆମିନି ୱାଲିତି ଅ଼ପାଆତେରି,
ଏ଼ଦି ଏ଼ୱାରାକି ଇଲୁ କନତି ମୂଲୁ ୱାଲି ଆ଼ତେ ।" ୮ ଅ଼ଡେ଼ ଦାର୍ମୁପତିତା
ରା଼ସ୍କି ଆ଼ହାମାନେ, "ଏ଼ ୱାଲିତା ହା଼ରେକା ଲ଼କୁ ପୁଟି କିନେରି, ଏ଼
ପା଼କା ୱାଲି ଏ଼ୱାରାଇଁ ଡ଼ଇ ତର୍‌ଗି କିନାୟି ଆ଼ନେ;" ମାହାପୂରୁ ବ଼ଲୁ
ଆହ୍‌ଆତାକି ଏ଼ୱାରି ଏମ୍ବାଆଁ ବା଼ଦା ବେଟାଆ଼ନେରି ଇଞ୍ଜେଁ ଏ଼ଦାଆଁତାକି
ଏ଼ୱାରି ମାହାପୂରୁ ତା଼ଣାଟି ଆ଼ଚ୍ୱି ଆ଼ହାମାଚେରି । ୯ ସାମା ଆମ୍ବାଆସି
ମିଞ୍ଜେ ଆନ୍ନେରିଟି ତାନି କାବାଆ଼ନି ଉଜେଡ଼ିତା ହା଼ଟାମାଞ୍ଜାନେସି,
ମୀରୁ ଏ଼ନିକିଁ ଏ଼ୱାଣି ଗୃଣୁ ପା଼ଚିଦେରି, ଏ଼ଦାଆଁତାକି ମୀରୁ ମାହାପୂରୁ
ଆ଼ଚାମାଞ୍ଜାନି କୂଡ଼ାତେରି, ରାଜାତି ସେବାକିନି ପୂଜେରାଙ୍ଗା, ମାହାପୂରୁ
ସେବାତାକି ଏଟ୍‌କା ଆ଼ହାମାନି ସୁଦୁ କୂଡ଼ାତେରି, ଇଞ୍ଜେଁ ମାହାପୂରୁତି
ଲ଼କୁତେରି ଆ଼ହାମାଞ୍ଜେରି । ୧୦ "ତଲି ମୀରୁ ମାହାପୂରୁତି ଲ଼କୁ ଆ଼ହା
ହିଲାଆତେରି, ସାମା ନୀଏଁ ମୀରୁ ମାହାପୂରୁତି ଲ଼କୁ ଆ଼ହାମାଞ୍ଜେରି, ତଲି
ମୀରୁ ମାହାପୂରୁତି କାର୍ମା ବେଟାଆ଼ହା ହିଲାଆତେରି, ସାମା ନୀଏଁ ତାନି
କାର୍ମାଆ଼ନାଣି ବେଟାଆ଼ହାମାଞ୍ଜେରି ।" ୧୧ ଏ଼ ଜୀୱୁତି ତାୟି ତାଙ୍ଗିସ୍କା,
ନା଼ନୁ ମିଞ୍ଜେ ଇ ଦାର୍‌ତିତା ଏଟ୍‌କା ଦେ଼ସାତାତେରି ଇଞ୍ଜେଁ ହେକ ଦେ଼ସାଟି
ୱା଼ହାମାନାତେରି ଇଞ୍ଜେଁ ଅଣ୍ପାନା ବାତିମା଼ଲିମାଞ୍ଜାଇଁ, ମୀରୁ ମୀ ଆଙ୍ଗାତି
ଜୂପ୍‌କାଟି ହେକ ଆ଼ଦୁ, ଏ଼ୱି ମୀ ଜୀୱୁ କ଼ପାଟି ଜୁଜୁ କିହେମାନୁ । ୧୨
ମୀରୁ ଜୀହୁଦିଆ଼ଆତି ଲ଼କୁତା଼ଣା ମୀ ମାଣ୍‌କି ଦ଼ହ ହିଲାଆଗାଟାୟି ଆ଼ପେ,
ଏ଼ନିକିଁ ଏ଼ୱାରି ନୀଏଁ ମିଞ୍ଜେ ପା଼ପୁ ଦ଼ହ ଗାଟାତେରି ଇଞ୍ଜେଁ ନିନ୍ଦା କିୟାନେରି,
ଡା଼ୟୁ କ୍ରୀସ୍ତୁ ୱା଼ନି ଦିନାତା ମୀ ନେହିଁ କାମା ମେସାନା ମାହାପୂରୁଇଁ
ଜହରା କିନେରି । ୧୩ ପ୍ରବୁତି ତାକି ବାତିମା଼ଲିମାଞ୍ଜାଇଁ, ମୀ ମୁହେଁ
ସା଼ଲୱି କିନାରାଇଁ ମା଼ନୱି ଆ଼ଦୁ । ୧୪ ବାରେତି କିହାଁ କାଜା ରାଜା
ଆ଼ପେସି, ଲାଗେଏ ପ଼ଲେଏତାରାଇଁ ଡଣ୍ଡ ହୀହାଲି ଅ଼ଡେ଼ ନେହିଁ କାମା
କିନାରାଇଁ ରା଼ହାଁ କିହାଲିତାକି ତାନିତା଼ଣାଟି ପାଣ୍ଡୱିଆ଼ହାମାନି ସା଼ଲୱି
କିନାସି ଆ଼ପେସି, ଏ଼ୱାରାଇଁ ମା଼ନି କିଦୁ । ୧୫ ଇଚିହିଁ ମୀରୁ ନେହିଁ
କାମା କିହାଁ ବୁଦି ହିଲାଆ ଉଜେଏତି କାତା ୱେହ୍‌ନାରାଇଁ ସାପି କିଦୁ,
ଏ଼ଦି ମାହାପୂରୁତି ଅଣ୍ପୁ । ୧୬ ମୀରୁ ମେ଼ଲା ମାନାତେରି ଆ଼ତିଜିକେଏ
ଏ଼ ମେ଼ଲା ଆ଼ହାମାନି ତା଼ଣାଟି ଲାଗେଏ ପ଼ଲେଏ ଲେମ୍ବାଆ଼ଦୁ, ସାମା
ମାହାପୂରୁତି ହ଼ଲିୟା ଆ଼ହାନା ନେହିଁ କାମା କିଦୁ । ୧୭ ବାରେ ଲ଼କୁଇଁ
ଆବାଦୁ, କ୍ରୀସ୍ତାନା ତାୟି ତାଙ୍ଗିଇଁ ଜୀୱୁନ଼ଦୁ, ମାହାପୂରୁଇଁ ଆଜାଦୁ, ରାଜାଇଁ
ମା଼ନି କିଦୁ । ୧୮ ହ଼ଲିୟାଙ୍ଗାତେରି ମୀରୁ ଆଜିତଲେ ମୀ ସା଼ୱୁକାରିୟାଁଇଁ
ମା଼ନୱି ଆ଼ଦୁ, ୱାର୍‌ଇ ନେହାଁରାଇଁ ଅ଼ଡେ଼ କାର୍ମା ମେହ୍‌ନାରାଇଁ ଆ଼ଏ,
ସାମା ଲାଗେଏତି ସା଼ୱୁକାରିୟାଁଇଁ ଜିକେଏ ଏଲେକିଁ ମା଼ନୱିଆ଼ଦୁ । ୧୯
ଇଚିହିଁ ଆମ୍ବାଆସି ମାହାପୂରୁଇଁ ନାମିତାକି ଲାଗେଏତାଣି ତାକି ଦୁକୁ
କସ୍ତ ବେଟାଆ଼ହାନା ଅ଼ର୍‌ହିନେସି, ଆତିହିଁ ଏ଼ଦି ରା଼ହାଁତି କାତା । ୨୦
ମୀରୁ ମୀ ଦ଼ହ ତାକି ଡଣ୍ଡ ବେଟାଆ଼ଦେରି, ଏମ୍ବାଆଁ ଏ଼ନି ଲା଼ବା? ସାମା
ନେହିଁ କାମାତାକି କସ୍ତ ଅ଼ର୍‌ହିତିହିଁ, ମାହାପୂରୁ ମିଞ୍ଜେ ବ଼ର ହିୟାନେସି
। ୨୧ ମାହାପୂରୁ ତା଼ଣା ବାରେତାକି ହା଼ଟ୍‌କିଆ଼ହା ମାଞ୍ଜେରି, ଇଚିହିଁ
ମୀରୁ ଏ଼ନିକିଁ କ୍ରୀସ୍ତୁତି ପା଼ୱୁଲି ତଲେ ତା଼କିଦେରି ଏ଼ଦାଆଁତାକି ଏ଼ୱାସି
ଜିକେଏ ମିଞ୍ଜେତାକି ଦୁକୁ କସ୍ତ ଅ଼ର୍‌ହାନା, ମିଞ୍ଜେତାକି ଏଲେଆ଼ହାଲି
ଡ଼ସାମାଞ୍ଜାନେସି; ୨୨ ଏ଼ୱାସି ଏ଼ନି ପା଼ପୁ ଦ଼ହ କିହାହିଲାଆତେସି କି
ଏ଼ୱାଣି ଗୃତିଟି ମିଚି କାତା ଏଚେଲାୱା ହ଼ଚାହିଲାଆତେ । ୨୩ ଏ଼ୱାସି
ନିନ୍ଦା ବେଟାଆ଼ହି ମାଚାଟି ୱେଣ୍ଟେ ନିନ୍ଦା କିଆତେସି; ଦୁକୁ କସ୍ତ ବେଟାଆ଼ହି
ମାଚାଟି ୱେଣ୍ଟେ କସ୍ତ ହିୟାଇଁ ଇଞ୍ଜେଁ ଆଜି ଡ଼ସାନା ୱେହ୍‌ଆତେସି, ସାମା
ସାତା ନୀହାଁୟି କିନି ମାହାପୂରୁ ତା଼ଣା ତାନି ବାରେତି ହେର୍‌ପିତେସି । ୨୪
ମା଼ର ଏ଼ନିକିଁ ପା଼ପୁ ତାକି ହା଼ହାନା, ଦାର୍ମୁତାକି ଜୀୱୁତଲେ ନୀଡିନାୟି,
ଏ଼ଦାଆଁତାକି ଏ଼ୱାସି ପା଼ସି ମୁଣ୍ଡା ଲାକ ତାନି ଆଙ୍ଗା ତଲେ ମା଼ ବାରେ ପା଼ପୁ
ଡେ଼କା ଅ଼ତେସି, ଏ଼ୱାଣି ରା଼ହାଁଟି ମୀରୁ ନେହିଁ ଆ଼ହାମାଞ୍ଜେରି । ୨୫ ଇଚିହିଁ
ମୀରୁ ଜିରୁ ବା଼ଣାଆ଼ହାମାନି ମେ଼ଣ୍ଡାୟାଁ ଲେହେଁ ଆ଼ହାମାଚେରି, ସାମା ନୀଏଁ
ମୀରୁ ଜୀୱୁତି ଗ଼ଡୁ କୁଲମିତି କାଜାଣା ଜେ଼ଚ ଜେ଼ଚ ତା଼କାଲି ମୀରୁ ୱେଣ୍ଡା
ୱା଼ହାମାଞ୍ଜେରି ।

**୩** ଏଲେକିହିଁଏ ଏ଼ ଡକ୍ରିସିକାତେରି, ମୀରୁ ମୀ ଡକ୍ରାୟାଁଇଁ ମା଼ନୱିଆ଼ଦୁ,
ଏ଼ନିକିହିଁ ଏ଼ୱାରି ବିତ୍ରାଟି ଆମ୍ବା ଆମ୍ବାଆରି ମାହାପୂରୁ କାତା ନାମାଆତି
ଜିକେଏ ମୀ ନେହିଁ ମାଣ୍‌କି ମେସାନା, ମୀରୁ ୱେହ୍‌ଆନା ଜିକେଏ ମାହାପୂରୁ
ତା଼ଣା ନାମାଲି ଆ଼ଡିନେରି । ୨ ଏ଼ନିକିଁ ଏ଼ୱାରି ବିତ୍ରାଟି ଆମ୍ବା ଆମ୍ବାଆରି
ବ଼ଲୁତି ମା଼ନୱି ଆ଼ଆତି ଜିକେଏ ମୀ ମାହାପୂରୁତି ଆଜି ଅ଼ଡେ଼ ମାଣ୍‌କି
ମେସାନା କାତା ୱେନାଆନା ଜାହାରା ଡକ୍ରିନି ସୁଦୁଗାଟି ମାଣ୍‌କି ମେସାନା
ନାମିନେରି । ୩ ତା଼ୟୁଁ ବା଼ଣାୟାଁ ହା଼ରେକା ଅ଼ଜିକିହିଁ କିଣ୍ହା କଡାନା,
ବାଂଗାରା ତୁର୍‌ହାନା, ଅ଼ଜିତି ହିମ୍ବରିକା ହୁଚିନାୟି, ୱାର୍‌ଇ ଇ ବାରେ
ତଲେ ମୀ ଆଙ୍ଗାତି ଅ଼ଜି କିହାକଡାଆଦୁ, ୪ ମୀ ହିୟାଁତା ଏମିନି ହିତ଼ଡ଼ି
ଜୀୱୁତି ଗୃଣୁ ମାହାପୂରୁ ନ଼କିତା ହା଼ରେକା ଦାରାଗାଟାୟି, ଏ଼ଦିଏ ମୀ ନା଼ସା
ଆ଼ଆଗାଟି ଅ଼ଜୁ ଆ଼ପେ ୫ ଏ଼ନାଆଁତାକି ଇଚିହିଁ ତଲି କା଼ଲାତି ସୁଦୁଗାଟି
ଇୟା଼ସିକା ଜିକେଏ ମାହାପୂରୁ ତା଼ଣା ବା଼ର୍ସୁ ଇଟାନା ତାମି ଡକ୍ରାୟାଁଇଁ
ମା଼ନିକିହାଁ ଜାହାରାଇଁ ଅ଼ଜିକିହା କଡିମାଚୁ । ୬ ଏଲେକିହିଁଏ ସାରା ଜିକେଏ
ଅବ୍ରାହାମଇଁ ମା଼ନୱି ଆ଼ହାଁ ଏ଼ୱାଣାଇଁ ନା଼ ପ୍ରବୁ ଇଞ୍ଜେମାଚେ; ମୀରୁ ଜିକେଏ
ନୀଏଁ ଏ଼ନାଆଁ ଆଜାଆନା ନେହିଁ କାମା କିତିହିଁ ଏ଼ଦାଣି ମା଼ସ୍‌କାତେରି

ଆ଼ଦେରି । ୭ ଡକ୍ରୟାଁତେରି, ଏଲେକିହିଁଏ ମୀ ଡକ୍ରିସିକାଣି ମୀ କିହାଁ
ବା଼ଡ୍‌ୟୁତା ଉଣାଗାଟାଇ ଇଞ୍ଜୁଁ ପୁଞ୍ଜାନା ଏ଼ୱାସିକାଇଁ ମା଼ନି କିଦୁ, ଇଞ୍ଜୁଁ
ଏ଼ୱାସିକା ତଲେ ଆଣ୍ଟାନା ବୁଦିତଲେ ଡ଼ୟାଦୁ, ଏ଼ୱି ଜିକେଏ ମୀ ତଲେ
ମାହାପୂରୁ ତା଼ଣା କା଼ଲାକା଼ଲା ଜୀୱୁତି କାର୍ମାତି ଦା଼ନା ବେଟାଆ଼ନୁ, ଏ଼ନିକିଁ
ମୀ ପ୍ରାତାନା କିନିତା଼ଣା ବା଼ଦା ୱା଼ଏ । ୮ ଡା଼ୟୁତି କାତା ଇଦି, ମୀରୁ
ବାରେଜା଼ଣା ତେରି ରଣ୍ତିଏ ଅଣ୍‌ପୁ ତଲେ ବାରେତି ସୁକୁ ଦୁକୁତା ଆଣ୍ତୱି
ଆ଼ନାୟି, ତାୟି ତାଡ୍ଗିଇଁ ଜୀୱୁନ଼ନାୟି, ନେହିଁ ହିୟାଁ ଅ଼ଡ଼େ ଜାହାରାଇଁ ଉଣା
କିହାକଡାଦୁ । ୯ ଲ଼କୁ ମିଙ୍ଗ୍ଲେ ଲାଗେଏ କିୟାତିହିଁ ଜିକେଏ ଏ଼ୱାରାଇଁ
ୱେଣ୍ଟେ ଲାଗେଏ କିଆ଼ଦୁ, ନିନ୍ଦା କିୟାତିହିଁ ୱେଣ୍ଟେ ନିନ୍ଦା କିଆ଼ଦୁ, ସାମା
ଏ଼ୱାରାଇଁ ବ଼ର ହୀଦୁ, ଏ଼ନାଆଁତାକି ଇଚିହିଁ ଏଲେକିହାଲି ମାହାପୂରୁ ମିଙ୍ଗ୍ଲେ
ଆ଼ଚାନା ହା଼ଟାମାଞ୍ଜାନେସି । ୧୦ ଦାର୍ମୁ ସା଼ସ୍ତ୍ରେରିତା ରା଼ସ୍‌କି ଆ଼ହାମାନି
ଲେହେଁ “ଆମ୍ବାଆସି ଜୀୱୁତା ସୁକୁ ତଲେ ଡ଼ୟାଲି ଇଞ୍ଜୁଁ ରା଼ହାଁତି ଦିନାୟାଁ
ମେସାଲି ଅଣ୍‌ପିନେସି, ଏ଼ୱାସି ଲାଗେଏ ପ଼ଲେଏ କାତାୟାଁ ତାନି ୱେନ୍ଟରିଟି
ଜ଼ଲାଆପେସି, ଅ଼ଡ଼େ ମିଚି କାତାୟାଁ ତାନି ଗୁଟିଟି ଏଚେଲାୱା ହ଼ଆପୁ
। ୧୧ ଏ଼ୱାସି ଲାଗେଏ ପ଼ଲେଏ ତା଼ଣାଟି ହେକ ଆ଼ହାନା ନେହିଁ କାମା
କିପେସି, ଇଞ୍ଜୁଁ ତାନି ବାରେ ହିୟାଁ ତଲେ ହିଡ୍‌ଡ଼ି ଜୀୱୁ ପାରାନା ଏ଼
ଜିରୁଟି ତା଼କାପେସି । ୧୨ ଏ଼ନାଆଁତାକି ଇଚିହିଁ ଦାର୍ମୁ ଗାଟାରାକି ପ୍ରବୁତି
କାନୁ ମାନେ, ଇଞ୍ଜୁଁ ଏ଼ୱାରି ପ୍ରାତାନାତି କୀର୍କା ଅଡାହାଁ ୱେନେସି, ସାମା
ପା଼ପୁ ଗାଟାରି କ଼ପାଟି ପ୍ରବୁ ନିଙ୍ଗିନେସି ।” ୧୩ ମୀରୁ ନେହିଁ କାମାତାକି
ରା଼ହାଁ ଗାଟାତେରି ଆ଼ଦେରି, ଆତିହିଁ ଆମ୍ବାଆସି ମିଙ୍ଗ୍ଲେ ଲାଗେଏ କିୟାଲି
ଆ଼ଡାନେସି? ୧୪ ସାମା ନେହିଁ କାମା କିହାନା କସ୍ତ ବେଟାଆ଼ତି ଜିକେଏ,
ଏ଼ଦି ମୀ ତାକି ନେହେଁ, ଆମ୍ବାଆସି ମିଙ୍ଗ୍ଲେ ଆଜି କିୟାତିହିଁ ଆଜିତାକି
ଆଡାଜାକା ଆ଼ଆ଼ଦୁ; ୧୫ ସାମା କ୍ରୀସ୍ତଇଁ ପ୍ରବୁ ଇଞ୍ଜୁଁ ମୀ ହିୟାଁତା ସୁଦୁ
ତଲେ ମା଼ନି କିଦୁ, ଆମ୍ବାଆସି ଏଚେଲାୱା ମୀ ତା଼ଣା ମାନି ବା଼ର୍ସୁତି କାତା
ପୁଞ୍ଜାଲି ୱେଞ୍ଜାତିହିଁ, ଏ଼ୱାଣାଇଁ ୱେଣ୍ଟେ ୱେସାଲି ମୀ ଅଣ୍‌ପୁ ତଲେ ତିୟାରା
ଆ଼ହାମାଞ୍ଜୁ, ୧୬ ସାମା ୱେହ଼ନାଟି ସୁଦୁ ଅ଼ଡ଼େ ମା଼ନିଗାଟି ଅଣ୍‌ପୁ ତଲେ
ଆଜାଆନା ନେହିଁ ବୁଦିଟି ୱେହ଼ଦୁ, ମୀରୁ କ୍ରୀସ୍ତ ତା଼ଣା ଆଣ୍ଟାନା ନେହିଁ
ମାଣ୍‌କି ମାନାକି ମିଙ୍ଗ୍ଲେ ନିନ୍ଦା କିହାନା ଦ଼ହ ଦହ଼ନାରି ଏମ୍ବେଏ ଲାଜା
ପା଼ଣ୍‌ପେରି ଇଞ୍ଜୁଁ ମୀରୁ ତୀରିତି ଅଣ୍‌ପୁ ତଲେ ମାଞ୍ଜୁ । ୧୭ ଏ଼ନାଆଁତାକି
ଇଚିହିଁ ଲାଗେଏ ପ଼ଲେଏ କାମାତାକି ଦୁକୁ ବେଟାଆ଼ନି କିହାଁ ମାହାପୂରୁ
ଇଚା ଆତିହିଁ, ନେହିଁ କାମାତାକି ଦୁକୁ ବେଟାଆ଼ନାୟି ନେହେଁ । ୧୮ କ୍ରୀସ୍ତ
ମିଙ୍ଗ୍ଲେ ମାହାପୂରୁ ତା଼ଣା ତାଚାଲି ତାକି ଏ଼ୱାସି ଦାର୍ମୁଗାଟାସି ଆ଼ହାନା ଦାର୍ମୁ
ହିଲାଆ ଗାଟାରି ତାକି ପା଼ପୁ ତାକି ରଣ୍ତିଏ ଦେବା ହା଼ତେସି, ଏ଼ୱାସି ଆଙ୍ଗା
ତଲେ ହା଼ତେସି ସାତା, ସାମା ଜୀୱୁତଲେ ନୀଡିତେସି, ୧୯ ଏମ୍ବାଟିଏ
ଏ଼ୱାସି ସୁଦୁଜୀୱୁ ତଲେ ମାଞ୍ଜାନା ଦସ୍‌ପି ଆ଼ହାମାଚି ଜୀୱୁୟାଁ ତା଼ଣା
ହାଜାନା ମାହାପୂରୁ ବ଼ଲୁ ୱ଼େକ୍‌ହେସି; ୨୦ ତଲି କା଼ଲାତା ନ଼ହ ଜା଼ଜା
କ଼େପିତି ବ଼େଲା, ମାହାପୂରୁ ସା଼ସାତଲେ କା଼ଚିମାଚେସି, ଆ଼ତିଜିକେଏ
ଏ଼ୱାଣାଇଁ ମା଼ନୱି ଆ଼ଆତେରି, ଏ଼ ଜା଼ଜାତା ହା଼ରେକା ଲ଼କୁ ଆ଼ଏ, ଆ଼ଟା
ଜା଼ଣା ହ଼ଡାନା ଏ଼ୟୁଟି ଗେଲ୍‌ପି ଆ଼ତେରି; ୨୧ ଏ଼ ଏ଼ୟୁ ଇ କା଼ଲାତି
ବାପ୍ତିସ୍ମ ଇଚିହିଁ ଏ଼ଦି ମା଼ ଆଙ୍ଗାତି ମାଚି ନ଼ର୍‌ନାୟି ଆ଼ଏ, ସାମା ମାହାପୂରୁ
ତା଼ଣା ନେହିଁ ଅଣ୍‌ପୁ ବେଟାଆ଼ହାଲି ପ୍ରାତାନା କିନାୟି, ଇଞ୍ଜୁଁ ଜୀସୁ କ୍ରୀସ୍ତ
ହା଼କିଟି ନିଙ୍ଗିତାକି ଗେଲ୍‌ପି ଆ଼ନାୟି । ୨୨ ଏ଼ ଜୀସୁ କ୍ରୀସ୍ତ ଲାକପୂରୁ
ହାଜାନା ମାହାପୂରୁତି ଟିଃନି ଟଟତା କୁଗାମାନେସି, ଏମ୍ବାଆଁ ଦୂତୁୟାଁ,
ପା଼ଣା ବେଟାଆ଼ଆତାରି ଅ଼ଡ଼େ ବା଼ଡ୍‌ୟୁ ଗାଟାରି, ଏ଼ୱାଣାଇଁ ମା଼ନୱି ଆ଼ହାନା
ତାନି ଡ଼ଇ ମାନେରି ।

୪ କ୍ରୀସ୍ତ ଆଙ୍ଗା ତଲେ ଦୁକୁ କସ୍ତ ବେଟାଆ଼ହା ମାନାକି ମୀରୁ ଜିକେଏ
ଏଲେକିହିଁଏ ଏ଼ୱାଣି ଲେହେଁତି ଅଣ୍‌ପୁ ତଲେ ଜାହାରାଇଁ ତିୟାରା
କିହାକଡାଦୁ, ଏ଼ନାଆଁତାକି ଇଚିହିଁ ଆମ୍ବାଆସି କ୍ରୀସ୍ତତି ତାକି ଆଙ୍ଗାତା
ଦୁକୁ କସ୍ତ ବେଟା ଆ଼ହାମାନେସି, ଏ଼ୱାସି ପା଼ପୁଟି ହେକ ଆ଼ହାମାନେସି,
୨ ଏ଼ନିକିଁ ମୀରୁ ଦାର୍‌ତିତା ନୀଡାମାନି ପାତେକା ପା଼ପୁଗାଟି ମାଣ୍‌ସିଟି
ଲାଗେଏ ଜୂପ୍‌କାତି ଅଣ୍‌ପୁ ତଲେ ନୀଡାଆନା ମାହାପୂରୁତି ଅଣ୍‌ପୁ
ଲେହେଁ ନୀଡାଦୁ । ୩ ହା଼ରେକା ଦିନା ମୀରୁ ନାମାଆଗାଟାରି ଇଚା
ତଲେ କାମା କିହାଁ ମୀରୁ ଏଚେ କା଼ଲା ଲାଗେଏ ପ଼ଲେଏ କାମାତା,
ଲାଗେଏତି ଜୂପ୍‌କା, କା଼ଡୁ ବୂତୁ ଅ଼ନାୟି, କା଼ଡୁ ଗସାନା ରା଼ହାଁ କିନାୟି,
କା଼ଡୁ ଗସାନା ହ଼ଚିନାୟି, ଇଞ୍ଜୁଁ ଅ଼ପାଆଗାଟି ପେଣ୍‌କା ବମାୟାଁଣି ପୂଜା
କିହିମାଚେରି, ୪ ମୀରୁ ନୀଏଁ ଏ଼ୱାରିତଲେ ଏ଼ ବାରେ ଲାଗେଏ ପ଼ଲେଏ
କାମାତା ରା଼ହାଁତଲେ ଆଣ୍ତିହିଲଅତେରି, ଏ଼ଦାଆଁତାକି ଏ଼ୱାରି ଆଡାଜାକା
ଆ଼ହାନା ମିଙ୍ଗ୍ଲେ ହା଼ରେକା ନିନ୍ଦା କିୟାନେରି । ୫ ସାମା ଆମିନି ମାହାପୂରୁ
ନୀଡାମାନାରାଇଁ ଅ଼ଡ଼େ ହା଼ତାରାଇଁ ନୀହାଁୟି କିହାଲି ହାଜିମାନେସି, ଏ଼
ମାହାପୂରୁ ନ଼କିତା ଏ଼ୱାରି ତାମି ବାରେ କିତି କାମାତି ଲେକା ହୀନାୟି
ମାନେ । ୬ ଏ଼ଦାଆଁତାକି ହା଼ତାରି ତା଼ଣା ଜିକେଏ ମାହାପୂରୁତି ନେହିଁ କାବୁ
ୱେସ୍‌ପିଆ଼ତେ, ଏ଼ନିକିଁ ଏ଼ୱାରି ମାଣ୍‌ସିୟାଁ ଲେହେଁ ଆଙ୍ଗା ତଲେ ନୀହାଁୟି
କିୱି ଆତିହିଁ ଜିକେଏ ମାହାପୂରୁ ଲେହେଁ ଜୀୱୁତଲେ ନୀଡିନେରି । ୭
ଏ଼ ବାରେତି ରା଼ନି ଦିନା ଡାଗେ ୱା଼ତେୟିଏ, ଏ଼ଦାଆଁତାକି ମୀରୁ ନେହିଁ
ବୁଦି ଗାଟାତେରି ଆ଼ଦୁ, ଇଞ୍ଜୁଁ ମାହାପୂରୁ ତା଼ଣା ପ୍ରାତାନା କିୟାଲି ତାକି
ଜାଗ୍ରାତା ଆ଼ହାନା ମାଞ୍ଜୁ । ୮ ବାରେତି କିହାଁ ମୀରୁ ରଅତେରି ରଅଣାଇଁ
ହା଼ରେକା ଜୀୱୁନ଼ଦୁ, ଏ଼ନାଆଁତାକି ଇଚିହିଁ ଏଲେତି ଜୀୱୁନ଼ନାୟି ହା଼ରେକା
ପା଼ପୁତି ପ୍ତିକ଼ନେ । ୯ ଗୁରୁମୁରୁ ଆ଼ଆନା ରଅତେରି ରଅଣାଇଁ ଗତାୟାଁ
ଲେହେଁକି ସ଼େବା କିଦୁ । ୧୦ ବାରେଜା଼ଣା ତେରି ଏ଼ନିକିଁ ମାହାପୂରୁ କାର୍ମାତି
ଦା଼ନା ବେଟାଆ଼ହାମାଞ୍ଜେରି, ଏଲେକିହିଁଏ ମୀରୁ ମାହାପୂରୁ ମ଼େରାତି ନେହିଁ
ଗୁମୁସ୍ତାୟାଁ ଲେହେଁ ଆ଼ହାନା ଏ଼ ବାରେ ଦା଼ନା ତଲେ ରଅତେରି ରଅଣାଇଁ
ସ଼େବା କିୱିଆ଼ଦୁ । ୧୧ ଆମ୍ବାଆସି ୱ଼େକ୍‌ନେସି ମାହାପୂରୁତି ନେହିଁ
କାବୁ ୱ଼େକ୍‌ନାସି ଲେହେଁ ୱ଼େକେ୍‌ପସି; ଇଞ୍ଜୁଁ ଆମ୍ବାଆସି ସ଼େବା କିନେସି
ମାହାପୂରୁ ତା଼ଣାଟି ବା଼ଡ୍‌ୟୁ ବେଟାଆ଼ହାମାନି ଲେହେଁ ସ଼େବା କିପାସି ।
ଏ଼ନିକିଁ ଜୀସୁ କ୍ରୀସ୍ତ ତା଼ଣାଟି ମାହାପୂରୁ ଗାୱୁରମି ବେଟା ଆ଼ନେସି; ଇଞ୍ଜୁଁ
କା଼ଲାକା଼ଲାତି ଗାୱୁରମି ଅ଼ଡ଼େ କାଜାପା଼ଣା ଏ଼ୱାଣିୱାୟି । ଆ଼ମେନ୍ । (aiōn

g165) ୧୨ ଏ଼ ନ଼ା ଜୀୱୁତି ତ଼ଣେସିଙ୍ଗାତେରି, ନୀଏଁ ମିଙ୍ଗେ ହିଚୁତା ତାୟିପାରି
କିନି ଲେହେଁ ହ଼ାରେକା ଦୁକୁ କସ୍ତ ୱ଼ାହାମାନେ, ଏ଼ଦି ମାଙ୍ଗେ ୱ଼ାନାୟି
ହିଲାଆତେ ଇଞ୍ଜୁଁ ଅଣ୍‌ପାଆଦୁ । ୧୩ ସାମା କ୍ରୀସ୍ତୁତି ଦୁକୁ କସ୍ତୁତା ମୀରୁ
ଏଚେକା ଆଣ୍ତୁମାଞ୍ଜେରି ଏଚେକେଏ ର଼ାହାଁ ଆ଼ଦୁ, ଏ଼ନିକିଁ ଏ଼ୱାଣି ଗାୱୁରମି
ତ଼ଞ୍ଜାଆ଼ନି ଢ଼ବେଲାତା ଜିକେଏ ମୀରୁ କାଜା ର଼ାହାଁତା ର଼ାହାଁ ଆ଼ଦେରି ।
୧୪ ସାମା ମୀରୁ କ୍ରୀସ୍ତୁତି ଦ଼ରୁ ତାକି ନିନ୍ଦା ବେଟାଆ଼ଦେରି ଆତିହିଁ ମୀରୁ
ନେହାଁତେରି, ଇଚିହିଁ ଗାୱୁରମିଗାଟି ଜୀୱୁ, ଇଚିହିଁ ମାହାପୂରୁତି ଜୀୱୁ ମୀ
ତ଼ାଣା ଡ଼ୟାମାନେ । ୧୫ ଏ଼ଦାଆଁତାକି ମୀ ବିତ୍ରାଟି ଲ଼କୁଣି ପ଼ାୟିନାରି,
ସ଼ରୁ କିନାରି, ଦ଼ହ କାମା କିହାନା, ଲ଼କୁଇଁ ସାକ୍ରି କାତା ଜ଼ଲିନାରି ଆ଼ହାନା
ସ଼ାସ୍ତି ବେଟାଆ଼ପେରି । ୧୬ ସାମା ଆମ୍ବାଆସି କ୍ରୀସ୍ତାନା ଲ଼କୁ ଆ଼ହାମାନାକି
ସ଼ାସ୍ତି ବେଟା ଆ଼ନେସି, ଆତିହିଁ ଏ଼ୱାସି ଲାଜା ଆ଼ଆପେସି, ସାମା ଇ
କ୍ରୀସ୍ତ ଦ଼ରୁ ତାକି ମାହାପୂରୁଇଁ ଜହରା କିପେସି । ୧୭ ଇଚିହିଁ ମାହାପୂରୁ
ଇଲୁଟିଏ ନୀହାଁୟି କିୱି ଆ଼ହାଁ ବିଚାରା କିନି ଦିନା ୱ଼ାନେ; ଇଚିହିଁ ମାହାପୂରୁ
ନ଼କେଏ ମାଙ୍ଗେ ନୀହାଁୟି କିୟାତିହିଁ, ଆତିହିଁ ତାମି ନେହିଁ କାବୁ ମ଼ାନୱି
ଆ଼ହାହିଲଅରି ଏ଼ୱାରି ଡ଼ାୟୁତି ଡଣ୍ଡ ଏଚେକା ଆଜିହ଼ପେତାୟି ଆ଼ଏ!
୧୮ ସ଼ାସ୍ତ୍ରେରିତା ର଼ାସ୍‌କି ଆ଼ହାମାନେ, “ଦାର୍ମୁଗାଟାସି କସ୍ତତଲେ ଗେଲ୍‌ପି
ଆ଼ନେସି, ଆତିହିଁ ଦାର୍ମୁ ହିଲାଆ ଗାଟାରି ଅ଼ଡ଼େ ପ଼ାପୁଗାଟି ଲ଼କୁ ଏ଼ନିକିଁ ମୂମ୍ବୁ
ତ଼ହ଼ନେରି?” ୧୯ ଇଚିହିଁ ଆମ୍ବାଆରି ମାହାପୂରୁତି ଅଣ୍‌ପୁ ଲେହେଁ ଦୁକୁ କସ୍ତ
ବେଟାଆ଼ନେରି, ଏ଼ୱାରି ନେହିଁ କାମା କିହାନା ଏ଼ୱାଣି ତ଼ାଣା ହ଼ାରେପୂରେ
ବ଼ାସ୍ପୁ କିପାରି, ଆତିହିଁ ଏ଼ୱାରାଇଁ ଗ଼ାଡ଼ିକିତି ମାହାପୂରୁ ବାରେ଼ବେଲା ତାନି
ଆ଼ଞ୍ଜାମାନି କାମା ଲେହେଁ କିନେସି ।

**୫** ଇଚିହିଁ ନ଼ାନୁ ମୀ ତଲେତି ର଼ କୁଲମିତି ପ୍ରାଚିନାତେଏଁ, ଅ଼ଡ଼େ କ୍ରୀସ୍ତୁତି
ଦୁକୁ ବେଟାଆ଼ହାମାନି ତ଼ାଣାତି ସ଼ାକି ଇଞ୍ଜାଁ ୱ଼ାହିମାନି ଗାୱୁରମିତା
ଆଣ୍ତିନାତେଏଁ ନ଼ାନୁ, ମୀ ତ଼ାଣା ମାନି ପ୍ରାଚିନାଙ୍ଗାଣି ବାତିମ଼ାଲିମାଇଁ, ୨ ମୀ
ତ଼ାଣା ମାନି ଢ଼ମେଣ୍ଡାୟାଁଣି ଜାତ଼ନୁ କିଦୁ ମାହାପୂରୁ ମିଙ୍ଗେ ହେର୍‌ପାମାଞ୍ଜାନି
ମାନ୍ଦାତି ପ଼ହିକିଦୁ, ଗୁତାଗୁତା କିନାକି ଆ଼ଏ, ସାମା ର଼ାହାଁ ଅଣ୍‌ପୁ ତଲେ
ମାହାପୂରୁ ଅଣ୍‌ପୁତି ଲେହେଁ ଜାତ଼ନୁ କିଦୁ, ୱାର୍‌ଇ ଡାବୁୟାଁ ବେଟାଆ଼ନି
ଆ଼ସା ତାକି ଆ଼ଏ, ସାମା ସାତା ଢ଼ସେବାକିନି ଅଣ୍‌ପୁ ତଲେ କାମା କିଦୁ
। ୩ ଅ଼ଡ଼େ ଆମ୍ବାଆରି ଦାୟିପତି ମୀ କେୟୁତା ହୀପ଼କି ଆ଼ହାମାଞ୍ଜାନେ,
ଏ଼ୱାରି ମୁହେଁ ସ଼ାଲୱି କିନାତେରି ଆ଼ଆନା ଏ଼ ମାନ୍ଦାତି ମ଼ାନି ଗାଟାତେରି
ଆ଼ହାନା କିଦୁ । ୪ ଏଚେଟିଏ “କାଜା ଗ଼ଡୁ” ତ଼ଞ୍ଜାଆ଼ନି ଦିନାତା ମୀରୁ
ଗାୱୁରମିତି ଏଚେଲା ୱ଼ାଡ଼ାଆଗାଟି ଟ଼ପେରି ବେଟାଆ଼ଦେରି । ତାନି
ଉଜେଡ଼ି ଏଚେଲା ୱ଼ାଡ଼େଏ । ୫ ଏ଼ ଦାଂଗ୍‌ଣାୟାଁତେରି, ଏଲେକିହିଁଏ
ମୀରୁ ଜିକେଏ ମୀ ପ୍ରାଚିନାଙ୍ଗାଣି ମ଼ାନୱି ଆ଼ଦୁ, ମୀରୁ ବାରେଜ଼ାଣା ତେରି
ରଅତେରି ରଅଣି ନ଼କିତା ସୁଦୁଗାଟି ଅଣ୍‌ପୁତି ହିମ୍ବରି ଲେହେଁ ପର୍‌ଦୁ, ଦାର୍ମୁ
ସ଼ାସ୍ତ୍ରେରିତା ର଼ାସ୍‌କି ଆ଼ହାମାନେ, “ଇଚିହିଁ ମାହାପୂରୁ ଡ଼ାହାରା ଗାଟାରି
କ଼ପାଟି ନିଙ୍ଗାନା ସୁଦୁ ଗାଟାରାଇଁ କାର୍ମା ମେହ଼ନେସି ।” ୬ ମାହାପୂରୁତି
ବାଡ଼୍‌ୟୁଗାଟି କେୟୁ ଡ଼ଇ ମୀରୁ ମିଙ୍ଗେ ଉଣା କିହାକଡାଦୁ, ଏ଼ନିକିହିଁ ଏ଼ୱାସି
ଡ଼ାୟୁ ସମାନା ଦିନାତା ମିଙ୍ଗେ କାଜାତେରି କିୟାନେସି; ୭ ମୀ ଅଣ୍‌ପୁତି
ବ଼ଜୁ ବାରେ ମାହାପୂରୁ ତ଼ାଣା ହେର୍‌ପାଦୁ ଇଚିହିଁ ଏ଼ୱାସି ମିଙ୍ଗେତାକି
ଅଣ୍‌ପିନେସି । ୮ ସେତ଼ନା ଆ଼ହାନା ଜାଗ୍ରାତା ମାଞ୍ଜୁ, ଏ଼ନାଆଁତାକି ଇଚିହିଁ
ଆମ୍ବାଆରାଇଁ ଗୂହ଼ଇଁ ଇଞ୍ଜୁଁ ମୀ ସାତୁ ସୟତାନ ଡୁ଼କିମାନି ସିହଁକ୍ଡାଃନି
ଲେହେଁ ପାରିହିଁ ଢ଼ରେଜିମାନେସି । ୯ ମୀରୁ ନାମୁତା ତୀରି ମାଞ୍ଜାନା
ସୟତାନଇଁ ଢ଼ପେର୍‌ଦୁ, ଏ଼ନାଆଁତାକି ଇଚିହିଁ ଇ ଦାର୍‌ତିତା ମାନି ମୀ ନାମିତି
ତାୟିୟାଁକି ଇଲେତି ଦୁକୁ କସ୍ତ ଆ଼ହିମାନେ । ୧୦ କ୍ରୀସ୍ତ ତଲେ ଆଣ୍ତିନା
ତାନି କ଼ାଲାକ଼ାଲାତି ଗାୱୁରମିତା ଆଣ୍ତିଲି କାର୍ମାମେହ଼ନି ମାହାପୂରୁ ମିଙ୍ଗେ
ହ଼ାଟାମାଞ୍ଜାନେସି, ମୀ ଗ଼ାଡ଼େକାତି ଦୁକୁ କସ୍ତ ବେଟାଆ଼ତି ଡ଼ାୟୁ ଏ଼ୱାସି
ତ଼ାନୁଏ ମିଙ୍ଗେ ତୀରି ଆ଼ଟ୍‌ୱା, ବ଼ାଡ଼୍‌ୟୁ, ଅ଼ଡ଼େ ଏଚେଲା ଗୁଚା ଆ଼ଆଗାଟି
ବ଼ାସ୍ପୁ ମିଙ୍ଗେ ହିୟାନେସି । (aiōnios g166) ୧୧ ବାରେ ବ଼ାଡ଼୍‌ୟୁ ଜୁଗୁ
ଜୁଗୁତାକି ଏ଼ୱାଣିୱାୟି । ଆ଼ମେନ୍ । (aiōn g165) ୧୨ ସିଲାଇଁ ନାମୁତି
ତାୟିଲେହେଁ ନ଼ାନୁ ଜୀୱୁନ଼ହାଁନା ତାନିତ଼ାଣାଟି ନ଼ାନୁ ଇ ଉଣା ଆ଼କୁ
ର଼ାଚାମାଇଁ । ମାହାପୂରୁତି ସାତା କାର୍ମାତି ସ଼ାକି ହୀହାନା ମିଙ୍ଗେ ର଼ାହାଁ
କିୟାନାୟି ନ଼ା କାମା । ଏ଼ କାର୍ମା ମେହ଼ନିତ଼ାଣା ଆ଼ଟ୍‌ୱାତଲେ ମାଞ୍ଜୁ । ୧୩
ମାହାପୂରୁ ତାକି ଆ଼ଚ୍‌ୱି ଆ଼ହାମାନି ବାବିଲନତା ମାନି କୁଲମି ଅ଼ଡ଼େ ନ଼ା
ଦାର୍ମୁତି ମୀର୍‌ଏସି ମାର୍କ ଜିକେଏ ମିଙ୍ଗେ ଜହରା କିହିମାଞ୍ଜାନେରି । ୧୪
କ୍ରୀସ୍ତାନା ଲ଼କୁ ଲେହେଁ ଜୀୱୁନ଼ହାଁନା ଜହରା କିଦୁ । କ୍ରୀସ୍ତ ତ଼ାଣା ମାନି
ଲ଼କୁକି ହିତ଼ଡ଼ି ଆ଼ପେ ।

# ୨ପିତ

୧ ସିମନ ପିତର, ର ହ଼ଲେଏସି ଅ଼ଡ଼େ ପାଣ୍ତୱି ଆ଼ହାମାନାସି, ମା଼
ମାହାପୂରୁ ଅ଼ଡ଼େ ଗେଲ୍‌ପାନି ଜୀସୁ କ୍ରୀସ୍ତୁତି ଦାର୍ମୁତାକି ଆମିନି
ଗାଟାରି ମା଼ ଲେହେଁ ହ଼ାରେକା ଦାରାଗାଟି ନାମୁ ବେଟା ଆ଼ହାମାନେରି,
ଏ଼ୱାରିତ଼ାଣା ଆ଼କୁ ର଼ାଚିମାଇଁ । ୨ ମାହାପୂରୁ ଅ଼ଡ଼େ ମା଼ ପ୍ରବୁ ଜୀସୁତି
ବୁଦିତଲେ ମିଜ୍ଞେତାକି କାର୍ମାମେହ୍‌ନାୟି ଅ଼ଡ଼େ ହିଡ଼୍‌ଡ଼ି ଜୀୱୁ ହ଼ାରେକା
ଗାଡି ଆୟାପେ । ୩ ଆମ୍ବ୍ରାଆସି ତାନି ଗାୱୁରମି ଅ଼ଡ଼େ ନେହିଁ ଗୁଣୁତଲେ
ମାଜ୍ଞେ ହ଼ାଟାମାଞ୍ଜାନେସି, ମାହାପୂରୁ ତାନି ବୁଦିତଲେ ଲାକପୂରୁତି
ବ଼ାଡ଼୍‌ୟୁଟି ମାଜ୍ଞେ ଜୀୱୁ ଅ଼ଡ଼େ ଦାର୍ମୁତି ଜିରୁ ତାକି ବାରେ ଲ଼ଡ଼ାମାନାଣି
ହୀହାମାଞ୍ଜାନେସି । ୪ ଏ଼ଦାଆଁ ତଲେ ଏ଼ୱାସି ମାଜ୍ଞେ ଗାଡି ଦାରା ଅ଼ଡ଼େ
ହ଼ାରେକା ଲ଼ଡ଼ାଗାଟି ଆ଼ଞ୍ଜାମାନି ଦ଼ାନା ହୀହାମାଞ୍ଜାନେସି, ଏ଼ନିକିଁ ଏ଼
ବାରେ ତଲେ ମୀରୁ ଲାଗେଏତି ଅଣ୍‌ପୁତା ଆ଼ହିମାନି ଆମିନି ନ଼ାସା ଆ଼ନି
ଦାର୍‌ତିତା ମାଞ୍ଜେରି, ଏମ୍ବାଟି ଗେଲ୍‌ପି ଆ଼ହାନା ଲାକପୂରୁତି ଗୁଣୁତଲେ
ଆଣ୍ତାଦୁ । ୫ ଇଦାଆଁତାକି ମୀରୁ ହ଼ାରେକା ଜାତ୍‌ନୁତି ନାମୁତଲେ ନେହିଁ
ଗୁଣୁ, ଅ଼ଡ଼େ ସାତା ଗୁଣୁତଲେ ବୁଦି, ୬ ବୁଦିତଲେ ଆଜ୍ଞାତି ଲକ୍‌ନାୟି,
ଆଜ୍ଞାତି ଲକ୍‌ନାଣି ତଲେ ସ଼ାସା, ସ଼ାସାତଲେ ଦାର୍ମୁତି କାମା କିନାୟି, ୭
ଦାର୍ମୁତି କାମାକିନାଣି ତଲେ ତାୟିୟାଁଇଁ ଜୀୱୁନ଼ନାୟି, ତାୟିୟାଁଇଁ ଜୀୱୁ
ନ଼ନାଣି ତଲେ ବାରେ ଲ଼କୁଇଁ ଜୀୱୁ ନ଼ନାଣି ଆଟ୍‌ଦୁ । ୮ ଇ ନେହିଁ ଗୁଣୁୟାଁ
ମିଜ୍ଞେ ଲ଼ଡ଼ାମାନେ; ଇ ବାରେ ମୀରୁ ବେଟାଆ଼ହାମାନି ପ୍ରବୁ ଜୀସୁ କ୍ରୀସ୍ତୁତି
ବୁଦି ମିଜ୍ଞେ ପାର୍‌ସାଡ଼ା ଅ଼ଡ଼େ ବାରେ ମେଡ଼ି କିହାମାଞ୍ଜାନେ । ୯ ସାମା ଇ
ବାରେ ଗୁଣୁ ଆମ୍ବ୍ରାଆରି ତ଼ାଣା ହିଲେଏ, ଏ଼ୱାସି ହେକ ମେସାଲି ଆ଼ଡାଆ
କ଼ାଣା ଆ଼ହାମାନେସି, ଅ଼ଡ଼େ ତାନି ନ଼କେଏ କିତି ବାରେ ପ଼ାପୁଟି ନର୍‌ୱି
ଆ଼ତାଣି ଏ଼ୱାସି ବାଣ୍ମ୍ରି ଆ଼ହାମାନେସି । ୧୦ ଇଦାଆଁତାକି, ଏ଼ ତାୟି
ତାଡ୍ଗିସ୍କା, ମାହାପୂରୁ ମିଜ୍ଞେ ଆ଼ଚାନା ହ଼ାଟାମାଞ୍ଜାନାଣି ଅ଼ଡ଼େ ମ଼ନତି ଅଣ୍‌ପୁ
ଟୀରି କିହାଲି ହ଼ାରେକା ଜାତ୍‌ନୁ ଗାଟାତେରି ଆ଼ଦୁ; ଇଲେ କିତିସାରେ
ମୀରୁ ଏଚେଲା ଜିକେଏ ମୀ ନାମୁତା ଊଣା ଆ଼ଅତେରି । ୧୧ ଇଞ୍ଜାଁ
ଇଲେକିହିଁଏ ମା଼ ପ୍ରବୁ ଅ଼ଡ଼େ ଗେଲ୍‌ପାନି ଜୀସୁ କ୍ରୀସ୍ତୁତି କ଼ାଲାକ଼ାଲାଟି
ର଼ାଜିତା ର଼ାହାଁତଲେ ହାଜାଲି ମିଜ୍ଞେ ହୀପ୍‌କି ଆୟାନେ । (aiōnios g166)
୧୨ ଇଦାଆଁତାକି ମୀରୁ ଇ ବାରେ କାତା ପୁଞ୍ଜାମାଞ୍ଜେରି ଅ଼ଡ଼େ ମୀରୁ
ବେଟାଆ଼ହାମାନି ସାତାତା ନେହିଁକିଁ ଟୀରି ଆ଼ହାମାଞ୍ଜେରି, ଆ଼ତିଜିକେଏ
ନ଼ାନୁ ଇ ବାରେ କାତା କ଼ାଲେଏ ମିଜ୍ଞେ ଅଣ୍‌ପି କିୱିକିହାଲି ଜାଗ୍ରାତା ଡ଼ୟିଇଁ
। ୧୩ ନ଼ାନୁ ନୀଡାମାନି ପାତେକା ଇ ବାରେ କାତା ତାକି ମିଜ୍ଞେ ସେତ୍‌ନା
କିହାଲି ନ଼ାନୁ କିନାୟି ମାନେ ଇଞ୍ଜାଁ ଅଣ୍‌ପିମାଇଁ । ୧୪ ମା଼ ପ୍ରବୁ ଜୀସୁ କ୍ରୀସ୍ତୁ
ନାଜ୍ଞେ ଏ଼ନିକିଁ ୱେସାମାଞ୍ଜାନେସି, ଏଲେକିହିଁ ନାଜ୍ଞେ ଦାପେ ଇ ନ଼ା ଆଜ୍ଞା
ଲେହେଁତି ତ଼ମୁ ପିସାଲି ଆ଼ନେ, ୧୫ ଅ଼ଡ଼େ ନ଼ା ହ଼ାତି ଡ଼ାୟୁ ଜିକେଏ ମୀରୁ
ଏ଼ନିକିଁ ଇ ବାରେ କାତା କ଼ାଲେଏ ଅଣ୍‌ପୁତା ଇଟିଦେରି, ଇଦାଆଁତାକି
ନ଼ାନୁ ଅଣ୍‌ପିମାଇଁ । ୧୬ ଇଚିହିଁ ମାମ୍ବୁ ଏଚିବେଲା ମା଼ ପ୍ରବୁ ଜୀସୁ କ୍ରୀସ୍ତୁତି
ବ଼ାଡ଼୍‌ୟୁ ଅ଼ଡ଼େ ୱ଼ାହିମାନି କାତା ମିଜ୍ଞେ ପୁଣ୍‌ମ୍ରି କିୟାତମି, ଏଚିବେଲା
ଏ଼ନି ସୁତ୍ରମି ତଲେ କେପିତି ପୁସ୍‌ପନିକା ଆସା ହିଲାଆତମି, ସାମା ତାନି
ଗାୱୁରମିତି କାଣ୍‌କା ତଲେ ମେସ୍ତି ସ଼ାକିୟାଁ ଆ଼ହାମାଚମି । ୧୭ ଏଚିବେଲା
କାଜା ଗାୱୁରମିଟି ଏ଼ୱାଣାକି ଇ ହ଼ାଡା ୱ଼ାତେ, ଏଚିବେଲା ମାମ୍ବୁ ଏମ୍ବାଆଁ
ମାଚମି, “ଇୱାସି ନ଼ା ଜୀୱୁତି ମୀର୍‌ଏସି ଇୱାଣି ତ଼ାଣେଏ ନ଼ା ହ଼ାରେକା
ର଼ାହାଁ ମାନେ!” ଏଚିବେଲା ଏ଼ୱାସି ଆ଼ବା ମାହାପୂରୁ ତ଼ାଣାଟି ସାମ୍ବ୍ରମି
ଅ଼ଡ଼େ ଗାୱୁରମି ବେଟାଆ଼ତେସି; ୧୮ ମାମ୍ବୁ ତାନିତଲେ ଏ଼ ସୁଦୁ ହ଼ରୁ ଲାକ
ମାଚିବେଲାତା ମାମ୍ବୁଏ ହ଼ାଗୁ ଲାକଟି ୱେଜ୍ଜିତି ଇ ହ଼ାଡା ୱେଞ୍ଜାମାନମି ।
୧୯ ଏମ୍ବାଆଁ ମାହାପୂରୁ ଅଣ୍‌ପୁତି ବ଼ଲୁ ୱେକ୍‌ନାରି ୱେକ୍‌ହାମାଚି ମାହାପୂରୁ
ଅଣ୍‌ପୁତି ବ଼ଲୁ ମାଜ୍ଞେତାକି ହ଼ାରେକା ଆ଼ଟ୍‌ୱା ଆ଼ତେ; ମୀରୁ ଏ଼ଦାଆଁ
ଆନ୍ଦ୍ରେରିତା ଡ଼ୀଞ୍ଜାମାନି ଦୀୱାଁ ଲେହେଁ ଅଣ୍‌ପାନା ଲ଼ାଆଁ ୱେୟାଆ ପାତେକା
ମୀ ହିୟାଁତା ୱେୟାଜାରା ହୁକା ହ଼ଆ ପାତେକା ଏ଼ଦାଣି ମ଼ନ ହୀତିହିଁ ନେହେଁ
ଆ଼ନେ । ୨୦ ମୀରୁ ବାରେତି କିହାଁ ତଲିଏ ଇଦାଆଁ ପୁଞ୍ଜୁ, ଦାର୍ମୁ ପତିତା
ର଼ାସ୍‌କି ଆ଼ହାମାନି ମାହାପୂରୁ ବ଼ଲୁତି ଜାହାରା ବୁଦିତଲେ ତେଲ୍‌ହାଲି
ଆ଼ଡାଆୟି । ୨୧ ଇଚିହିଁ ଆମିନି ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାରି
ୱାର୍‌ଇ ତ଼ାମ୍ବୁ ମାଣ୍‌ସି ଅଣ୍‌ପୁଟି ଆମ୍ବ୍ରାଆସି ଜିକେଏ ୱେକ୍‌ହା ହିଲଅରି,
ସାମା ମାହାପୂରୁ ପାଣ୍ତିତି ମାଣ୍‌ସିୟାଁ ସୁଦୁଜୀୱୁଟି ସ଼ାଲୱି ଆ଼ହାନା ଏ଼ୱାରି
ଅଣ୍‌ପୁତି ବ଼ଲୁ ୱେସାମାଚେରି ।

୨ ସାମା ଲ଼କୁ ତ଼ାଣାଟି ମିଚି ମାହାପୂରୁ ବ଼ଲୁ ୱେହ୍‌ନାରି ହ଼ତେରି;
ଏଲେକିହିଁଏ ମୀ ବିତ୍ରାଟି ମିଚି ଜାପ୍‌ନାରି ହ଼ନେରି; ଏ଼ୱାରି ନ଼ାସା
ଆ଼ନିଲେହେଁତି ନ଼ାଡ଼ିକିନି ଅଣ୍‌ପୁ, ଡୁଗାନା ୱେକ୍‌ହାନା ଏ଼ୱାରାଇଁ କଡାମାନି
ପ୍ରବୁଇଁ ଜିକେଏ ପୁଞ୍ଜାହିଲଅମି ଇନେରି, ଅ଼ଡ଼େ ଜାହାରାଇଁ ଦେବୁଣିଏ
ନ଼ାସା କିୟାନେରି । ୨ ଅ଼ଡ଼େ ହ଼ାରେକା ଲ଼କୁ ଏ଼ୱାରି ଲାଗେଏ କାମାତି
ଜେଚ ହାନେରି, ଇଞ୍ଜାଁ ଇୱାରି ତାକି ସାତାତି ଜିରୁ ନିନ୍ଦା ବେଟାଆ଼ନେ । ୩
ଏ଼ୱାରି ଦ଼ନ ଜୂପ୍‌କାତାକି ମିଚି ଜାପ୍‌ହାନା ମୀ ତ଼ାଣାଟି ଡାବୁୟାଁ ଲ଼ାବା
ବେଟାଆ଼ହାଲି ଅଣ୍‌ପିନେରି, ଏ଼ୱାରି ଡଣ୍ତ ତଲି କ଼ାଲାଟିଏ ଆ଼ହିମାନେ
ଅ଼ଡ଼େ ହ଼ାରେକା ଦିନାଟିଏ ମାହାପୂରୁ ଏ଼ୱାରାଇଁ ବିଚାରା କିହାମାନେସି,
ଏ଼ୱାରି ନ଼ାସା ଆ଼ନାୟି ୱ଼ାତେୟିଏ । ୪ ଇଚିହିଁ ମାହାପୂରୁ ପ଼ାପୁ କିତି
ଦୂତୁୟାଁଇଁ ପିହ୍‌ଆନା ହିଚୁ ଗ଼ାଡ଼୍‌ୟୁତା ମେଡ଼୍‌ହା ମାନେସି, ଏମ୍ବାଆଁ ଏ଼ୱାସିକା
ନୀହାଁୟି ଆ଼ନି ଦିନା ପାତେକା ଆନ୍ଦ୍ରେରି ଗ଼ାଡ଼୍‌ୟୁତା ଇଟାମାନେସି ।
(Tartaroō g5020) ୫ ମାହାପୂରୁ ପ୍ରାଚିଇ ଦାର୍‌ତିତି ଜିକେଏ ପିସାହିଲଅସି,
ସାମା ଦାର୍ମୁ କାତା ୱେହ୍‌ନି ନ଼ହ ଇଞ୍ଜାଁ ତାନିତଲେ ସ଼ାତା ଜାଣାଇଁ ଗେଲ୍‌ପାନା
ପ଼ାପୁତି ଦାର୍‌ତିତି ଏ଼ୟୁତଲେ ବୀଡ଼୍‌ୱି କିତେସି; ୬ ଏ଼ୱାସି ସଦମ ଅ଼ଡ଼େ
ଗମରା ଗ଼ାଡ଼ାତି ଦାର୍‌ମ୍ବୁ ମ୍ଣିପ୍‌ହାନା ନ଼ାସା କିହାଲି ଡଣ୍ତୁତି ହୁକୁମି ହୀତେସି
ଅ଼ଡ଼େ ଏ଼ୱାରାଇଁ ଡ଼ାୟୁ କ଼ାଲାତି ଦାର୍ମୁ ହିଲାଆଗାଟାରି ପୁଣ୍‌ମ୍ରିକିନିଲେହେଁ
କିତେସି । ୭ ଅ଼ଡ଼େ ପ଼ାପୁ ଦ଼ହଗାଟି ଲ଼କୁତି ଲାଗେଏ ପ଼ଲେଏ କାମାଟି
ହେକ ଆ଼ହାମାନି ଦାର୍ମୁଗାଟି ଲଟଇଁ ମାହାପୂରୁ ଗେଲ୍‌ପିତେସି, ୮ ଏ଼
ଦାର୍ମୁଗାଟାସି ଏ଼ୱାରିତଲେ ବାସା କିହାଁ ଏ଼ୱାରି ଲାଗେଏତି କାମା ମେସା

ଅ଼ଡ଼େ ୱେଞ୍ଜାନା ଦିନମି ତାକି ଦିନମି ଦାର୍ମୁଗାଟାସି ଆ଼ହାନା ହ଼ାରେକା ଦୁକୁ
ବେଟାଆ଼ହିମାଚେସି । **୯** ଇଲେକିହିଁଏ ପ୍ରବୁ ଦାର୍ମୁଗାଟାରାଇଁ ତାୟିପାରି
କିନି ତ଼ାଣାଟି ଗେଲ୍‌ପାଲି ଇଚିହିଁ ଦାର୍ମୁ ହିଲାଆଗାଟାରାଇଁ, ଆମ୍ବାଆରି
ଆଙ୍ଗାତି ଲାଗେଏତି କାମାତା ସ଼ାଲୱି ଆ଼ହାନା ପ୍ରବୁଇଁ ମ଼ାନି କିଅରି,
ଏ଼ୱାରାଇଁ ବିଚାରା ଦିନାତି ଡଣ୍ଡ ତାକି ଇଟାଲି ପୁଞ୍ଜାମାନେସି । **୧୦** ଇଚିହିଁ
ଆମ୍ବାଆରି ମାହାପୂରୁତି ଅଦିକାରାତି ହୀଣି କିହାନା ଜାହାରା ଆଙ୍ଗାତି
ଜୂପ୍‌କାତା ଡ଼ୟିମାନେରି, ଏ଼ୱାରି ଏ଼ କାଜା ନୀହାଁୟି ଦିନା ପାତେକା ଏ଼ନିକିଁ
ଡଣ୍ଡ ହୀହାନା ଇଟାଲି ଆ଼ନେ । ଏ଼ ମିଚି ଜ଼ାପ୍‌ନାରି ଆଜାଆ ଗାଟାରି,
ଏ଼ୱାରି ଲାକପୂରୁ ଗାୱୁରମି ଗାଟାରାଇଁ ମ଼ାନି କିଆନା ଏ଼ୱାରାଇଁ ଲାଜା
କିହିମାଞ୍ଜେରି । **୧୧** ଆ଼ତିଜିକେଏ ହ଼ାରେକା ବ଼ାଡ଼୍‌ୟୁ ଅ଼ଡ଼େ କାଜାପ଼ାଣା
ବେଟାଆ଼ହାମାନି ଦୂତୁୟାଁ ପ୍ରବୁ ନ଼କିତା ଏ଼ୱାରି କ଼ପାଟି ନିଙ୍ଗାନା ନିନ୍ଦାକିହିଁ
ବିଚାରା କିଅରି । **୧୨** ସାମା ଈୱାରି ବୁଦି ହିଲାଆ ଜ଼ନ୍ତୁ ଲେହେଁତାରି,
ଏ଼ୱାରିଲେହେଁ ଈ ମିଚି ଜ଼ାପ୍‌ନାରି ଜିକେଏ, ଏ଼ନାଆଁ ଏ଼ୱାରି ପୁଞ୍ଜାଲି
ଆ଼ଡଅରି ଏ଼ଦାଆଁ ଏ଼ୱାରି ନିନ୍ଦା କିନେରି, ସାମା ଏ଼ୱାସି ଜ଼ାଡ଼ାତି ଜ଼ନ୍ତୁ
ଲେହେଁ ନ଼ାସା ଆ଼ନେରି, **୧୩** ଏ଼ୱାରି ଲାଗେଏତି କାମା କିହାମାଚିସାରେ
ଲାଗେଏ କମାତି ପ଼ାଡ଼େୟି ବେଟାଆ଼ନେରି । ଏ଼ନାୟି ଏ଼ୱାରି ଆଙ୍ଗା ତାକି
ନେହେଁ ହ଼ନେ, ଏ଼ଦାଆଁ ଏ଼ୱାରି ମାଦେନା କିହାନା ର଼ାହାଁ ବେଟାଆ଼ନେରି ।
ଏ଼ୱାରି ଜାହାରା ନ଼ାଡ଼ି କିୱିଆ଼ନି କାମାତା ର଼ାହାଁ କିହିଁ ମୀ ତଲେ ତିଞ୍ଜାଲି
କୂଡ଼ା ଆ଼ନେରି । **୧୪** ଏ଼ୱାରି କାଣ୍‌କା ଦ଼ାରି କାମାତା ନେଞ୍ଜା ଡ଼ୟିନେ, ପ଼ାପୁ
ପିସାଲି ମ଼ନ କିଅରି, ଏ଼ୱାରି ତିକିତାକାଗାଟି ହ଼ାରେକା ଲ଼କୁଇଁ ଜୂପ୍‌କା
ତ଼ହ୍‌ନେରି, ଏ଼ୱାରି ହିୟାଁ ଦ଼ନତି ଜୂପ୍‌କାତା ଡ଼ୟିନେ, ଏ଼ୱାରି ବାରେ ବ଼ାକା
ବେଟାଆ଼ନାରି । **୧୫** ଆମ୍ବାଆସି ଲାଗେଏତି ବାଟ୍‌କୁ ଜୂପ୍‌କାତି ଜୀୱୁ ନ଼ନି
ବିୟରା ମୀର୍‌ଏସି ବିଲିୟମତି ବ଼େଚ ବ଼େଚ ହାଚେରି ଅ଼ଡ଼େ ସାତା ଜିରୁ
ପିସାନା ଲାଗେଏ ଜିରୁ ହାଚେରି । **୧୬** ସାମା ଏ଼ୱାସି ତାନି କିତି ଦ଼ହତାକି
ଲ଼ାଗି ବେଟାଆ଼ତେସି, ଇଞ୍ଜାଁ ର଼ ଜ଼ଲାଲି ଆ଼ଆଗାଟି ଗ଼ାଡ଼୍‌ଦେ ମାଣ୍‌ସି
ହ଼ାଡାତଲେ ଜ଼ଲାହାଁ ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନି ତ଼ାଣାଟିଏ ସାପି
କିତେ । **୧୭** ଈ ମିଚି ଜ଼ାପ୍‌ନାରି ଏ଼ୟୁ ୱ଼ାୟିତି ଜାର୍‌ଣା ଲେହେଁତାରି ଅ଼ଡ଼େ
କାଜା ଗ଼ାଲିତା ଉମ୍ବିନି ହ଼ାଗୁ ଲେହେଁତାରି, ମାହାପୂରୁ ଏ଼ୱାରାକି ହ଼ାରେଏ
ଆନ୍ଧେରିଗାଟି ଟ଼ାୟୁ ଇଟାମାନେସି । **(questioned)** **୧୮** ଇଚିହିଁ ଏ଼ୱାରି
ଉଜେଏତି ବଡପଣଟି ଡ଼ାହାରା କାତାୟାଁ ୱେହ୍‌ନେରି ଇଞ୍ଜାଁ ନ଼ାଡ଼ିକିନି
ମାଣ୍‌କିଗାଟି ଲ଼କୁ ତ଼ାଣାଟି ଗେଲ୍‌ପି ଆ଼ହାମାନି ଲ଼କୁଣି, ତାମି ଆଙ୍ଗାତି
ଜୂପ୍‌କାଟି କାମା କିହାନା ପ଼ାନ୍ଦାତା ମେଟ୍‌ନେରି; **୧୯** ଏ଼ୱାରି ଏ଼ୱାରାଇଁ
ମ଼େଲା ଆ଼ହାନା ମାଞ୍ଜାଲି ଆ଼ଡିଦେରି ଇଞ୍ଜାଁ ଆ଼ଞ୍ଜିନେରି, ସାମା ଏ଼ୱାରି
ତ଼ାମ୍ବୁଏ ନ଼ାସା କିୱିକିନି କାମାତି ହ଼ଲିୟାଙ୍ଗା ଆ଼ନେରି; ଏ଼ନାଆଁତାକି ଇଚିହିଁ
ଆମ୍ବାଆସି ଆମ୍ବାଆରି ତ଼ାଣା ହ଼ାରୱି ଆ଼ନେସି ଏ଼ୱାସି ଏମ୍ବାତି ହ଼ଲେଏସି
ଆ଼ନେସି । **୨୦** ଇଚିହିଁ ଏ଼ୱାରି ପ୍ରବୁ ଅ଼ଡ଼େ ଗେଲ୍‌ପିନି ଜୀସୁ କ୍ରୀସ୍ତୁତି
ବୁଦିତଲେ ଦାର୍‌ତିତି ଲାଗେଏତି ତ଼ାଣାଟି ଗେଲ୍‌ପି ଆ଼ହାନା ୱେଣ୍ଡେ ଏମ୍ବାତି
ପ଼ାନ୍ଦାତା ଦସ୍‌ପି ଆ଼ହାନା ହ଼ାରୱି ଆ଼ନେରି, ଆତିହିଁ ଏ଼ୱାରାକି ତଲିତି ଡଣ୍ଡ
କିହାଁ ଡ଼ାୟୁତି ଡଣ୍ଡ ହ଼ାରେକା କସ୍ତଗାଟାୟି ଆ଼ନେ । **୨୧** ଇଚିହିଁ ଦାର୍ମୁତି
ଜିରୁ ପୁଞ୍ଜାନା ଏ଼ୱାରାକି ହେର୍‌ପି ଆ଼ହାମାନି ସୁଦୁ ହୁକୁମି ପିହ୍‌ନି କିହାଁ
ଏ଼ଦାଆଁ ଏଚେଲାୱା ପୁଞ୍ଜାହିଲାଆତିହିଁ ନେହିଁ ଆ଼ତେମା । **୨୨** "ନେହ୍‌ଉଡ଼ି
ତ଼ାନୁ କାକ୍‌ୱାନା ୱେଣ୍ଡେ ତିଞ୍ଜାଲି ଇଞ୍ଜାଁ ନର୍‌ୱି ଆ଼ହାମାନି ପାଜି ଅ଼ଡ଼େ
ୱେଣ୍ଡେ ଲାଦିତା ତେର୍‌ମ୍ବାଲି ହାନେ" ଏ଼ୱାରାକି ଏ଼ ବ଼େକ୍‌ହାମାନି ସାତା
କାତା ଏ଼ୱାରାକି ଆ଼ହାମାନେ ।

**୩** ଏ଼ ଜୀୱୁତି ତାୟି ତାଙ୍ଗିସ୍କା, ନ଼ାନୁ ନୀଏଁ ମୀ ତ଼ାଣା ଈ ରୀ ଲମ୍ବର
ଆ଼କୁ ର଼ାଚିମାଇଁ, ଈଦାଆଁତାକି ଈ ରୀ ଆ଼କୁତା ନ଼ାନୁ ମିଙ୍ଗେ ଏ଼ ବାରେ
ଅଣ୍‌ପି କିହାନା ମୀ ସୁଦୁ ମ଼ନତି ପାଡିକିହାଲି ଅଣ୍‌ପିମାଇଁ । **୨** ମୀରୁ
ଏ଼ନିକିଁ ସୁଦୁଗାଟି ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାରି ତ଼ାଣାଟି ତଲି
କ଼ାଲାତା ୱେସାମାନି ବାରେ ବ଼ଲୁ ଇଞ୍ଜାଁ ପାଣ୍ଡୱି ଆ଼ହାମାନାରି ତ଼ାଣାଟି
ୱେସ୍‌ପିଆ଼ହାମାନି ପ୍ରବୁ ଇଞ୍ଜାଁ ଗେଲ୍‌ପାନାଣା ହୁକୁମି ଅଣ୍‌ପୁତା ଇଟାଦୁ
। **୩** ତଲିଏ ମୀରୁ ଈ କାତା ପୁଞ୍ଜୁ, ଈ ର଼ାନି ବ଼େଲାତା ଏଚରଜ଼ାଣା
ତାମି ଲାଗେଏ ପ଼ଲେଏ କାମା ତଲେ ତ଼ାକିନେରି; ଏ଼ୱାରି ମିଙ୍ଗେ ଲାଜା
କିୟାନେରି । **୪** ଏ଼ ଲାଜା କିୟାନାରି ୱ଼ାହାନା ଏ଼ୱାରି ମିଙ୍ଗେ ଲାଜାକିହିଁ
ଏଲେଇଞ୍ଜାନେରି "ଜୀସୁ ୱେଣ୍ଡେ ୱ଼ାଇଁ ଇଞ୍ଜିଁ ୱେସାମାଞ୍ଜାତେସି ଆତିହିଁ
ଏ଼ୱାସି ଏଚେଲା ୱ଼ାନେସି? ଇଚିହିଁ ମ଼ା ଆକୁ ଆ଼ବାୟାଁ ହ଼ାତି ଦିନାଟିଏ
ନୀଏଁ ପାତେକା ବାରେ ଦାର୍‌ତିତି ଗ଼ାଡ଼ି ଆ଼ତି ଦିନାଟିଏ ଏ଼ନିକିଁ ମାଚେ,
ଏଲେକିହିଁଏ ନୀଏଁ ଜିକେଏ ଡ଼ୟାମାନେ!" **୫** ଏ଼ୱାରି ପୁଞ୍ଜା ପୁଞ୍ଜାନା ବାଣ୍ମ୍ବି
ଆ଼ନେରି, ତଲି କ଼ାଲାତା ମାହାପୂରୁ ହୁକୁମି ହୀତେସି ଅ଼ଡ଼େ ହ଼ାଗୁପ଼ାକା
ଅ଼ଡ଼େ ଦାର୍‌ତି ଗ଼ାଡ଼ି ଆ଼ତେ ଅ଼ଡ଼େ ଦାର୍‌ତି ଏ଼ୟୁ ତ଼ାଣାଟି ଏ଼ୟୁ ଗୂର୍‌ଚାନା
ଗ଼ାଡ଼ି ଆ଼ତେ । **୬** ଅ଼ଡ଼େ, ଏ଼ୱାଣି ତ଼ାଣାଟି ଏ଼ ତଲି କ଼ାଲାତି ଦାର୍‌ତି
ଏ଼ୟୁତଲେ ନ଼ାସା ଆ଼ତେ; **୭** ସାମା ନୀଏଁତି ହ଼ାଗୁପ଼ାକା ଅ଼ଡ଼େ ଦାର୍‌ତି
ଏ଼ ମାହାପୂରୁତି ବ଼ଲୁ ତଲେ ଲାଗେଏ ପ଼ଲେଏତି ଲ଼କୁତି ନୀହାଁୟି ଅ଼ଡ଼େ
ନ଼ାସାତି ଦିନା ପାତେକା କୂଡ଼ି ଆ଼ହାନା ହିଚୁତା ହୂଡାଲି ଇଟ୍‌କି ଆ଼ହାମାନେ
। **୮** ସାମା ଏ଼ ଜୀୱୁତି ତାୟି ତାଙ୍ଗିସ୍କା, ମାହାପୂରୁ ନ଼କିତା ର଼ ଦିନା ର଼
ମ଼ାଣା ବାର୍ସା ସମାନା ଅ଼ଡ଼େ ର଼ ମ଼ାଣା ବାର୍ସା ର଼ ଦିନା ସମାନା; ଈ କାତାତି
ଏଚେଲା ବ଼ାଣା ଆ଼ଆଦୁ । **୯** ହ଼ାରେକା ଲ଼କୁ ପ୍ରବୁ ୱେଣ୍ଡେ ୱ଼ାନି ଦିନା
ମାନେୟିଏ ଇଞ୍ଜିଁ ଅଣ୍‌ପିନେରି, ସାମା ପ୍ରବୁ ତ଼ାନୁ ଏଲେଇଞ୍ଜା ମାନାଣି
ଏଚେଲାୱା ବ଼େଡ଼ା କିଅସି; ଏ଼ନିକିଁ ଆମ୍ବାଆରି ନ଼ାସା ଆ଼ଅରି, ସାମା
ବାରେଜ଼ାଣା ମ଼ନ ୱେଟ୍‌ହା କଡିନେରି; ଈଦାଆଁ ଅଣ୍‌ପାନା ଏ଼ୱାସି ମୀ
ତାକି କାର୍ମା ମେସି ମାଞ୍ଜାନେସି । **୧୦** ମାହାପୂରୁ ୱ଼ାନି ଦିନା ର଼ ସ଼ରୁ ୱ଼ାନି
ଲେହେଁ ୱ଼ାନେ, ଏ଼ ଦିନା ହ଼ାଗୁପ଼ାକା କାଜା ହ଼ାଡାତଲେ ମେଣ୍ଡ୍‌ଙ୍ଗାହାନେ,
ଅ଼ଡ଼େ ଦାର୍‌ତିତା ମାନି ବାରେ ଦିଣ୍‌ସୁ ଗାଡି ବ଼େସାନା ରୂୟାହାନୁ, ଇଞ୍ଜିଁ
ଦାର୍‌ତି ଅ଼ଡ଼େ ଏମ୍ବାଆଁ ମାନି ଆ଼ସ୍ତି ବାରେ ହିଚୁତା ଡ଼ୀଞ୍ଜାହାନେ । **୧୧**
ଈ ବାରେ ଇଲେଆ଼ହିଁ ମେଣ୍ଡ୍‌ଙ୍ଗାହାନାକି, ମାହାପୂରୁତି ବିଚାରା ଦିନାତା
ହ଼ାଗୁପ଼ାକା ଡ଼ୀଞ୍ଜାହାଁ ମେଣ୍ଡ୍‌ଙ୍ଗାହାନେ ଅ଼ଡ଼େ ଦାର୍‌ତିତି ବାରେ ଦିଣ୍‌ସୁ
ହ଼ାରେକା ୱେସାନା ରୂୟାହାନେ, **୧୨** ପ୍ରବୁ ୱ଼ାନି ଦିନା କ଼ାପୁ କ଼ାଚାଡ଼ୟିନି

ଲ୍‌କୁ, ଏ୍‌ଦି ଏ୍‌ନିକିଁ ତବେ ୱ୍‌ାନେ, ଇଦାଆଁତାକି ମୀରୁ ଜାଗ୍ରାତା ଆ୍‌ଦୁ, ଏ୍‌
ଦିନା ହ୍‌ାଗୁଲାକ ମାନି ୱ୍‌େଡ଼ା ଲେଞ୍ଜୁ ହୁକାୟାଁ ୱ୍‌େସାହାନାକି ୱି୍‌ର୍‌ଲାହାନୁ
। **୧୩** ମ୍‌ାର ମାହାପୂରୁ ଆ୍‌ଞ୍ଜାମାନି ଲେହେଁ ର୍‌ ପୁଃନି ହ୍‌ାଗୁପ୍‌ାକା ଅ୍‌ଡ଼େ
ପୁଃନି ଦାର୍‌ତିଇଁ କ୍‌ାଚାମାନାୟି, ଆମିନି ଗାଟାୟି ଦାର୍ମୁତଲେ ବାସାଆ୍‌ନି
ଟ୍‌ାୟୁ ଆ୍‌ନେ । **୧୪** ଇଦାଆଁତାକି ଏ୍‌ ଜୀୱୁତି ତାୟି ତାଡ୍ଗିସ୍କା, ମୀରୁ ଇ
ବାରେ କ୍‌ାଚିମାନିକି ମାହାପୂରୁ ନ୍‌କିତା ଏ୍‌ନିକିଁ ପ୍‌ାପୁ ହିଲାଆଗାଟାତେରି
ଅ୍‌ଡ଼େ ଦ୍‌ହ ହିଲାଆଗାଟାତେରି ଆ୍‌ହାଁ ହିତ୍‌ଡ଼ି ତଲେ ମାନାତେରି ଆ୍‌ହିଁ
ତ୍‌ଞ୍ଜା ଆ୍‌ଦେରି, ଏ୍‌ଦାଆଁତାକି ଜାତ୍‌ନୁ ତଲେ ମାଞ୍ଜୁ; **୧୫** ଅ୍‌ଡ଼େ, ମ୍‌ା ପ୍ରବୁତି
ହ୍‌ାରେକା ଅ୍‌ର୍‌ହିନାୟି ଗେଲ୍‌ପାନାୟି ଇଞ୍ଜୁଁ ଅଣ୍‌ପାଦୁ, ମ୍‌ା ଜୀୱୁତି ତାୟି
ପ୍‌ାୱୁଲ ଜିକେଏ ମାହାପୂରୁ ହୀହାମାନି ବୁଦିତଲେ ମିଙ୍ଗେତାକି ଏଲେକିଁ
ର୍‌ାଚା ମାଞ୍ଜାନେସି । **୧୬** ଏ୍‌ୱାସି ତାନି ର୍‌ାଚାମାନି ବାରେ ଆ୍‌କୁତା ଇ
ବାରେ କାତା ର୍‌ାଚାନା ଏଲେକିଁ ୱେସାମାନେସି; ଏ୍‌ ବାରେ ଆ୍‌କୁତା
ଏଚେକା କାତା ମାନେ, ଏମିନିଗାଟାଣି ତେଲ୍‌ହାଲି ଆ୍‌ଡାଆୟି, ଇଞ୍ଜୁଁ
ପୁନାଆଗାଟି ଇତାଲା ଆତାଲା ଅଣ୍‌ପୁଗାଟି ଲ୍‌କୁ, ତ୍‌ାମ୍ବୁ ନ୍‌ାସା ଆୟାଲି
ଏଟ୍‌କାତି ସ୍‌ାସ୍ତେରିତା ଏ୍‌ନିକିଁ ର୍‌ାସ୍‌କି ଆ୍‌ହାମାନେ, ଏ୍‌ ବାରେ ତ୍‌ାଣା
ଜିକେଏ ଏଲେକିଁ ଉଜେଏତି କାତା ୱେହ୍‌ନେରି । **୧୭** ସାମା ଜୀୱୁତି
ତାୟି ତାଡ୍ଗିସ୍କାତେରି, ମୀରୁ ଇଦାଆଁ ବାରେ ତଲିଟିଏ ପୁଞ୍ଜାମାଞ୍ଜେରି,
ଏ୍‌ଦାଆଁତାକି ଜାଗ୍ରାତା, ଏ୍‌ନିକିଁ କିଲିବିଲି କିନି ଲ୍‌କୁ ତ୍‌ାଣାଟି ନ୍‌ାଡ଼ି କିୱି
ଆ୍‌ଆନା ମୀରୁ ଆ୍‌ଟ୍‌ୱା ନାମୁତା ଉଣା ଆ୍‌ଅତେରି । **୧୮** ସାମା ମ୍‌ା ପ୍ରବୁ
ଅ୍‌ଡ଼େ ଗେଲ୍‌ପାନି ଜୀସୁ କ୍ରୀସ୍ତୁତି କାର୍ମା ଅ୍‌ଡ଼େ ବୁଦିତା ପାଡାଆ୍‌ଦୁ ।
ଏ୍‌ୱାଣାକି ନୀଏଁ ଅ୍‌ଡ଼େ କ୍‌ାଲାକ୍‌ାଲାତାକି ଗାୱୁରମି ଆ୍‌ପେ । ଆ୍‌ମେନ୍‌ ।
**(aiōn g165)**

# ୧ଜହ

୧ ମୂଲୁଏ ଆମ୍ବାଆସି ମାଚେସି, ମ଼ାମ୍ବୁ ଏ଼ୱାଣି ବ଼ଲୁ ୱେଞ୍ଜାମାନମି,
ଆମ୍ବାଆରାଇଁ ମ଼ା କାନୁ ତଲେ ମେସାମାନମି, ଆମ୍ବାଆରାଇଁ ନେହିକିଁ
ସିନିକିହା ମାନମି ଅ଼ଡ଼େ ମ଼ା କେସ୍କାତଲେ ଡୀଗାମାନମି, ଏ଼ ଜୀୱୁଲେହେଁତି
ବ଼ଲୁତି କାତା ୱେସିମାଞ୍ଜାନମି । ୨ ଏ଼ ଜୀୱୁ ତ଼ଞ୍ଜାଆ଼ତେ, ଇଞ୍ଜାଁ ମ଼ାମ୍ବୁ
ମେସ୍ତମି ଅ଼ଡ଼େ ସ଼ାକି ହୀହିମାଞ୍ଜାନମି; ଆମିନି କ଼ାଲାକ଼ାଲାତି ସୁଦୁଜୀୱୁ
ଆ଼ବା ତଲେ ମାଚେ, ଅ଼ଡ଼େ ମ଼ା ତ଼ାଣା ତ଼ଞ୍ଜାଆ଼ତେସି ଏ଼ୱାଣି କାତା ମିଙ୍ଗେ
ୱେସିମାଞ୍ଜାନମି । (aiōnios g166) ୩ ମ଼ାମ୍ବୁ ଏ଼ନାଆଁ ମେସାମାନମି ଅ଼ଡ଼େ
ୱେଞ୍ଜାମାନମି, ଏ଼ଦାଆଁ ମିଙ୍ଗେ ଜିକେଏ ୱେସିମାଞ୍ଜାନମି, ଏ଼ନିକିଁ ମୀରୁ
ଜିକେଏ ମ଼ା ତଲେ ଆଣ୍ତ୍ରାଲି ଆ଼ଡାଦେରି; ଅ଼ଡ଼େ ମ଼ା ଆଣ୍ତ୍ରାମାନାୟି ଆ଼ବା
ଅ଼ଡ଼େ ତାନି ମୀର୍‌ଏଣା ଜୀସୁ କ୍ରୀସ୍ତୁ ତଲେ ମାନେ । ୪ ମ଼ା ର଼ାହାଁ ଏ଼ନିକିଁ
ହ଼ାରେ ପୁରେ ଆ଼ନେ ଇଦାଣିତାକି ଇ ବାରେ ମ଼ାମ୍ବୁ ର଼ାଚିମାଞ୍ଜାନମି । ୫
ମ଼ାମ୍ବୁ ଏ଼ୱାଣି ତ଼ାଣାଟି ଆମିନି କାବୁ ୱେଞ୍ଜାମାନମି, ଅ଼ଡ଼େ ୱେସିମାଞ୍ଜାନମି,
ଏ଼ କାବୁ ଇଦି, ମାହାପୂରୁ ଉଜେଡ଼ି, ତାନି ତ଼ାଣା ଆନ୍ଦେରି ହିଲ୍‌ୱୁଏ
ହିଲେଏ । ୬ ମ଼ାମ୍ବୁ ଆନ୍ଦେରିତା ମାଞ୍ଜାନା ମାହାପୂରୁ ତଲେ ଆଣ୍ତ୍ରୱିଆ଼ହା
ମାନାୟି ଇଞ୍ଜାଁ ୱେସ୍ତିହିଁ, ମ଼ାର ମିଚି ୱେହ୍‌ନାତାୟି, ଅ଼ଡ଼େ ମ଼ାର ସାତା
ତଲେ ତ଼ାକିହିଲାଆୟି । ୭ ସାମା ଏ଼ୱାସି ଏ଼ନିକିଁ ଉଜେଡ଼ିତା ବାସା
ଆ଼ହାମାନେସି, ମ଼ାର ଜିକେଏ ଏଲେକିହିଁଏ ଉଜେଡ଼ିତା ତ଼ାକିନାୟି, ଆତିହିଁ
ମ଼ାର ରଅସି ରଅଣି ତଲେ ଆଣ୍ତ୍ରୱିଆ଼ନାୟି ମାନେ, ଅ଼ଡ଼େ ତାନି ମୀର୍‌ଏଣା
ଜୀସୁ ନେତେରି ମ଼ା ବାରେ ପ଼ାପୁତି ନର୍‌ହାନେ । ୮ ମ଼ା ତ଼ାଣା ପ଼ାପୁ
ହିଲେଏ ଇଞ୍ଜାଁ ୱେହ୍‌ନାୟି, ଆତିହିଁ ମ଼ାର ମାଙ୍ଗେଏ ନ଼ାଡ଼ି କିହାକଡିମାନାୟି,
ଅ଼ଡ଼େ ମ଼ା ତ଼ାଣା ସାତା ହିଲେଏ । ୯ ସାମା ମ଼ାମ୍ବୁ ପ଼ାପୁ କିହାମାନମି
ଇଞ୍ଜାଁ ମାହାପୂରୁ ନ଼କିତା ୱେହ୍‌ନାୟି, ଆତିହିଁ ଏ଼ୱାସି ମ଼ା ପ଼ାପୁ ବାରେ
ମ୍ନେକ୍‌ହାଲି ଅ଼ଡ଼େ ବାରେ ଲାଗେଏ ପ଼ଲେଏ ତ଼ାଣାଟି ଅଟ୍‌ହାଲି ନାମୁ ଅ଼ଡ଼େ
ଡୀରିଗାଟାସି । ୧୦ ମ଼ାର ପ଼ାପୁ କିହା ହିଲାଆୟି ଇଞ୍ଜାଁ ଇନାୟି, ଆତିହିଁ
ମ଼ାର ମାହାପୂରୁଇଁ ମିଚି ଗାଟାସି କିହିମାନାୟି, ଅ଼ଡ଼େ ତାନି ବ଼ଲୁ ମ଼ା ତ଼ାଣା
ହିଲେଏ ।

୨ ଏ଼ ନ଼ା ମୀର୍‌କା ମ଼ାସ୍‌କାତେରି ମୀରୁ ଏ଼ନିକିଁ ପ଼ାପୁ କିଅତେରି,
ଇଦାଆଁତାକି ଇ ବାରେ ମୀ ତ଼ାଣା ର଼ାଚିମାଞ୍ଜାଇଁ । ସାମା ଆମ୍ବାଆସି
ପ଼ାପୁ କିନେସି, ଆତିହିଁ ମ଼ା ୱାକି ଆ଼ହାନା ଆ଼ବା ତ଼ାଣା ବାତିମ଼ାଲିନାସି
ରଅସି ମାନେସି, ଏ଼ୱାସି ଦାର୍ମୁଗାଟି ଜୀସୁ କ୍ରୀସ୍ତୁ । ୨ କ୍ରୀସ୍ତୁ ମ଼ା ପ଼ାପୁ
ତାକି, ୱାର୍‌ଇ ମ଼ା ପ଼ାପୁ ତାକି ଆ଼ଏ, ସାମା ଦାର୍‌ତିତି ବାରେ ଲ଼କୁତି ପ଼ାପୁ
ତାକି ଡ଼ାକିତି ପୂଜାଲେହେଁ ଆ଼ତେସି । ୩ ମ଼ାର ମାହାପୂରୁତି ହୁକୁମି ମ଼ାନୱି
ଆ଼ନାୟି, ଆତିହିଁ ଏମ୍ବାଟି ପୁଞ୍ଜାଲି ଆ଼ଡିନାୟି, ଏ଼ୱାଣାଇଁ ସାତାତଲେ
ପୁଞ୍ଜାମାନାୟି । ୪ ତାନି ହୁକୁମି ମ଼ାନୱି ଆ଼ଆନା ଆମ୍ବାଆସି ନ଼ାନୁ ଏ଼ୱାଣାଇଁ
ପୁଞ୍ଜାମାଇଁ ଇଞ୍ଜାଁ ଜ଼ଲିନେସି, ଏ଼ୱାସି ମିଚି ଗାଟାସି ଏ଼ୱାଣି ତ଼ାଣା ସାତା
ହିଲେଏ । ୫ ସାମା ଆମ୍ବାଆସି ତାନି ହୁକୁମି ମ଼ାନୱି ଆ଼ନେସି, ଏ଼ୱାଣି
ତ଼ାଣା ମାହାପୂରୁତି ସାତା ଜୀୱୁନ଼ନାୟି ପୂରା ଆ଼ହାମାନେ, ଏମ୍ବାଟିଏ
ମ଼ାର ପୁଞ୍ଜାଲି ଆ଼ଡିନାୟି ମ଼ାର ମାହାପୂରୁ ତ଼ାଣା ମାନାୟି । ୬ ଆମ୍ବାଆସି
ନ଼ାନୁ ମାହାପୂରୁ ତଲେ ଡ଼ୟିଇଁ ଇଞ୍ଜାଁ ଇନେସି, ଏ଼ୱାସି ଜୀସୁ କ୍ରୀସ୍ତୁ ନୀଡା
ମାଚିଲେହେଁ ନୀଡିନାୟି ମାନେ । ୭ ଏ଼ ନ଼ା ଜୀୱୁତି ତ଼ଣେସିଙ୍ଗାତେରି
ନ଼ାନୁ ମୀ ତ଼ାଣା ଏ଼ନି ପୁଃନି ହୁକୁମି ର଼ାଚିମାଞ୍ଜାଅଁ, ସାମା ତଲିଟିଏ ଆମିନି
ପ୍ଲାଃଇ ହୁକୁମି ବେଟା ଆ଼ହାମାଞ୍ଜେରି, ଏ଼ଦାଆଁ ର଼ାଚିମାଞ୍ଜାଇଁ; ମୀରୁ ଆମିନି
ବ଼ଲୁ ୱେଞ୍ଜାମାଞ୍ଜେରି, ଏ଼ଦିଏ ପ୍ଲାଃଇ ହୁକୁମି । ୮ ଅ଼ଡ଼େ ନ଼ାନୁ ନୀଏଁ
ମିଙ୍ଗେ ପୁଃନି ହୁକୁମି ଲେହେଁ ର଼ାଚିମାଞ୍ଜାଇଁ, ଇଚିହିଁ ଏ଼ଦି କ୍ରୀସ୍ତୁ ତ଼ାଣା
ଅ଼ଡ଼େ ମୀ ତ଼ାଣା ଜିକେଏ ସାତା ଇଞ୍ଜାଁ ତ଼ଞ୍ଜାଆ଼ନେ, ଇଚିହିଁ ଆନ୍ଦେରି ଗୁଚା
ଆ଼ହିମାନେ ଅ଼ଡ଼େ ସାତା ଉଜେଡ଼ି ତ଼ଞ୍ଜାଆ଼ତେୟିଏ । ୯ ଆମ୍ବାଆରି ତାନି
ତାୟି ତାଙ୍ଗିଇଁ ଅ଼ପାଆନା ନ଼ାନୁ ଉଜେଡ଼ିତା ମାଇଁ ଇଞ୍ଜାଁ ଇନେସି ଏ଼ୱାସି
ନୀଏଁ ପାତେକା ଆନ୍ଦେରିତା ମାଞ୍ଜାମାନେସି । ୧୦ ଆମ୍ବାଆସି ତାନି ତାୟି
ତାଙ୍ଗିଇଁ ଜୀୱୁ ନ଼ନେସି ଏ଼ୱାସି ଉଜେଡ଼ିତା ମାଞ୍ଜାମାନେସି, ଇଞ୍ଜାଁ ଏ଼ୱାଣି
ତ଼ାଣା ପୁଟି କିନାୟି ଏ଼ନାୟି ହିଲେଏ । ୧୧ ସାମା ଆମ୍ବାଆସି ତାମି ତାୟିଇଁ
ଅ଼ପିହିଲଅସି ଏ଼ୱାସି ଆନ୍ଦେରିତା ମାନେସି, ଅ଼ଡ଼େ ଆନ୍ଦେରିତା ତ଼ାକି
ତ଼ାକିହିଁ ଆମ୍ବିୟାୱାକି ହାଜିମାନେସି, ଏ଼ଦାଆଁ ପୁନଅସି, ଇଚିହିଁ ଆନ୍ଦେରି
ତାନି କାଣ୍‌କାଣି କ଼ାଣା କିହାମାନେ । ୧୨ ଜୀୱୁତି କକାରି ପ଼ଦାଁତେରି ନ଼ାନୁ
ମିଙ୍ଗେ ର଼ାଚିମାଞ୍ଜାଇଁ, ଏ଼ନାଆଁତାକି ଇଚିହିଁ କ୍ରୀସ୍ତୁ ଦ଼ରୁତଲେ ମୀ ପ଼ାପୁ ବାରେ
ମେଣ୍‌ଜ୍ନାମାନେ । ୧୩ ତାଞ୍ଜୁଁତେରି ନ଼ାନୁ ମିଙ୍ଗେ ର଼ାଚିମାଞ୍ଜାଇଁ, ଏ଼ନାଆଁତାକି
ଇଚିହିଁ ଆମ୍ବାଆସି ମୂଲୁଟିଏ ମାନେସି, ଏ଼ୱାଣାଇଁ ମୀରୁ ପୁଞ୍ଜାମାଞ୍ଜେରି, ଏ଼
ଡ଼ାଆ ଦାଂଗ୍‌ଣାୟାଁତେରି ନ଼ାନୁ ମିଙ୍ଗେ ର଼ାଚିମାଞ୍ଜାଇଁ, ଇଚିହିଁ ମୀରୁ ବାରେ
ଲାଗେଏ ପ଼ଲେଏ ତ଼ାଣାଟି ଜୀଣା ଆ଼ହାମାଞ୍ଜେରି । ୧୪ କକାରି ପ଼ଦାଁତେରି
ନ଼ାନୁ ମିଙ୍ଗେ ର଼ାଚିମାଞ୍ଜାଇଁ ଏ଼ନାଆଁତାକି ଇଚିହିଁ ମୀରୁ ଆ଼ବା ମାହାପୂରୁଇଁ
ପୁଞ୍ଜାମାଞ୍ଜେରି, ଏ଼ ଆ଼ବାୟାଁତେରି ନ଼ାନୁ ମିଙ୍ଗେ ର଼ାଚିମାଞ୍ଜାଇଁ ଏ଼ନାଆଁତାକି
ଇଚିହିଁ ଆମ୍ବାଆସି ମୂଲୁଟିଏ ମାନେସି ଏ଼ କ୍ରୀସ୍ତୁଇଁ ପୁଞ୍ଜାମାଞ୍ଜେରି, ଏ଼ ଡ଼ାଆ
ଦାଂଗ୍‌ଣାୟାଁତେରି ନ଼ାନୁ ମିଙ୍ଗେ ର଼ାଚିମାଞ୍ଜାଇଁ ଏ଼ନାଆଁତାକି ଇଚିହିଁ ମୀରୁ
ବ଼ାଡ଼୍‌ୟୁ ଗାଟାତେରି, ଅ଼ଡ଼େ ମାହାପୂରୁତି ବ଼ଲୁ ମୀ ତ଼ାଣା ମାନେ ଅ଼ଡ଼େ
ମୀରୁ ଲାଗେଏ ପ଼ଲେଏତାଣି ଜୀଣା ଆ଼ହାମାଞ୍ଜେରି । ୧୫ ଦାର୍‌ତିତି
ଅ଼ଡ଼େ ଏମ୍ବାଆଁ ମାନାଣି ବାରେତି ଜୀୱୁ ନ଼ଆଦୁ, ଆମ୍ବାଆସି ଦାର୍‌ତିତି
ଜୀୱୁ ନ଼ନେସି, ଏ଼ୱାଣି ତ଼ାଣା ମାହାପୂରୁ ଆ଼ବାତି ଜୀୱୁନ଼ନାୟି ହିଲେଏ ।
୧୬ ଇଚିହିଁ ଆଙ୍ଗାତି ଜ଼ପ୍‌କା, କାନୁତି ଜ଼ପ୍‌କା, ଅ଼ଡ଼େ ଦ଼ନତି ବଡପଣ,
ଦାର୍‌ତିତା ମାନାୟି ଇ ବାରେ ମାହାପୂରୁ ଆ଼ବା ତ଼ାଣାଟି ୱ଼ାହାହିଲେଏ ସାମା
ଦାର୍‌ତିଟି ଗାଡ଼ି ଆ଼ହାମାନେ । ୧୭ ଦାର୍‌ତି ଅ଼ଡ଼େ ଏମ୍ବାଆଁ ମାନି ଜ଼ପ୍‌କା
କ଼ାଲେଏ ତାକି ଆ଼ଏ, ସାମା ଆମ୍ବାଆସି ମାହାପୂରୁତି ଇଚାତି ମ଼ାନୱି
ଆ଼ନେସି ଏ଼ୱାସି କ଼ାଲେଏ ତାକି ଡୀରି ଆ଼ନେସି । (aiōn g165) ୧୮ ଜୀୱୁତି
କକାରି ପ଼ଦାଁତେରି ର଼ାନି କ଼ାଲା ଏଗାୱ଼ାତେୟିଏ, ନ଼ାଡ଼ିକିନି କ୍ରୀସ୍ତୁ ୱ଼ାନେସି
ଇଞ୍ଜାଁ ମୀରୁ ଏ଼ନିକିଁ ୱେଞ୍ଜାମାତେରି, ଏଲେକିହିଁଏ ନୀଏଁ ଜିକେଏ ହ଼ାରେକା
ନ଼ାଡ଼ିକିନି କ୍ରୀସ୍ତୁୟାଁ ନିଙ୍ଗିତେରିଏ; ଇଦାଆଁତାକି ମ଼ାର ପୁଞ୍ଜାମାନାୟି ଜୁଗୁ

ର଼ାନି କ଼ାଲା ଏଦାତେୟିଏ । ୧୯ ଏ଼ୱାରି ମ଼ା ବିତ୍ରାଟି ହ଼ତେରି, ସାମା ମ଼ା
ଗଚିତି ଲ଼କୁ ହିଲାଆତେରି; ଏ଼ୱାରି ମ଼ା ଗଚିତି ଲ଼କୁ ଆ଼ତିହିଁମା, ଏ଼ୱାରି ମ଼ା
ତଲେ ଡ଼ୟିତେରିମା; ସାମା ବାରେ ମ଼ା ଗଚିତି ଲ଼କୁ ଆ଼ଏ, ଈଦି ଏ଼ନିକିଁ
ତ଼ଞ୍ଜାଆ଼ନେ, ଈଦାଆଁତାକି ଏ଼ୱାରି ହ଼ଚାହାଚେରି । ୨୦ ସାମା ମୀରୁ ଏ଼
ସୁଦୁ ଗାଟାଣା ତ଼ାଣାଟି ବ଼ର ବେଟାଆ଼ହାମାନାକି ମୀରୁ ବାରେତେରି ବୁଦି
ବେଟାଆ଼ହାମାଞ୍ଜେରି । ୨୧ ମୀରୁ ସାତାତି ପୁଞ୍ଜାହିଲାଆକି ନ଼ାନୁ ମିଙ୍ଗେ
ର଼ାଚିମାଞ୍ଜାଇଁ ଏ଼ଦି ଆ଼ଏ, ସାମା ମୀରୁ ସାତାତି ପୁଞ୍ଜାମାନାକି ଅ଼ଡ଼େ ସାତାଟି
ଏଚେଲାୱା ମିଚି ହ଼ଏ ଇଞ୍ଜାଁ ମୀରୁ ପୁଞ୍ଜାମାନାକି ନ଼ାନୁ ମିଙ୍ଗେ ର଼ାଚିମାଞ୍ଜାଇଁ
। ୨୨ ଜୀସୁଇଁ କ୍ରୀସ୍ତୁ ଆ଼ଏ ଇଞ୍ଜାଁ ଆମ୍ବାଆସି ୱେହ୍ନେସି, ଏ଼ୱାଣି ତ଼ାଣାଟିଏ
ମିଚି ୱେହ୍ନାସି ଆମ୍ବାଆସି? ଅ଼ଡ଼େ ଆମ୍ବାଆସି ଆ଼ବା ଅ଼ଡ଼େ ମୀର୍ଏଣାଇଁ
ଈ ରିଆରାଇଁ ଜିକେଏ ଅ଼ପଅସି ଏ଼ୱାସିଏ ନ଼ାଡ଼ିକିନି କ୍ରୀସ୍ତୁ । ୨୩ ଆମ୍ବାଆସି
ମୀର୍ଏଣାଇଁ ଅ଼ପଅସି ଏ଼ୱାସି ଆ଼ବାଇଁ ବେଟାଆ଼ହାହିଲଅସି, ଆମ୍ବାଆସି
ମୀର୍ଏଣାଇଁ ଆବିନେସି, ଏ଼ୱାସି ଆ଼ବାଇଁ ଜିକେଏ ବେଟାଆ଼ହାମାନେସି ।
୨୪ ମୀରୁ ତଲିଟିଏ ଏ଼ନାଆଁ ୱେଞ୍ଜାମାଞ୍ଜେରି, ଏ଼ଦି ମୀ ତ଼ାଣା ଡ଼ୟାପେ,
ମୀରୁ ତଲିଟିଏ ଏ଼ନାଆଁ ୱେଞ୍ଜାମାଞ୍ଜେରି, ଏ଼ଦି ମୀ ତ଼ାଣା ଡ଼ୟିତିହିଁ,
ଆତିହିଁ ମୀରୁ ଜିକେଏ କ଼ାଲେଏ ଆ଼ବା ଅ଼ଡ଼େ ମୀର୍ଏଣା ଜୀସୁ ତ଼ାଣା
ଡ଼ୟିଦେରି । ୨୫ ଅ଼ଡ଼େ କ୍ରୀସ୍ତୁ ମାଙ୍ଗେ ଏ଼ନାଆଁ ଆ଼ଞ୍ଜାମାଞ୍ଜାନେସି ଏ଼ଦି
କ଼ାଲାକ଼ାଲାତି ଜୀୱୁ । (aiōnios g166) ୨୬ ଆମ୍ବାଆରି ମିଙ୍ଗେ ନ଼ାଡ଼ି କିୟାଲି
ଅଣ୍ପାନେରି, ଏ଼ୱାରି ତ଼ାଣାଟି ଜାଗ୍ରାତା ଆ଼ହାଲି ନ଼ାନୁ ମୀ ତ଼ାଣା ଈ ବାରେ
ର଼ାଚିମାଞ୍ଜାଇଁ । ୨୭ ସାମା ମୀରୁ ଏ଼ୱାଣି ତ଼ାଣାଟି ଆମିନି ସୁଦୁଜୀୱୁତି ବ଼ର
ବେଟାଆ଼ହାମାଞ୍ଜେରି, ଏ଼ଦି ମୀ ତ଼ାଣା ଡ଼ୟାମାନେ, ଇଞ୍ଜାଁ ଆମ୍ବାଆସି ମିଙ୍ଗେ
ଜ଼ାପ୍ହାନେସି, ଏ଼ଦି ମିଙ୍ଗେତାକି ଲ଼ଡ଼ା ହିଲେଏ, ସାମା ଏ଼ୱାଣି ତ଼ାଣାଟି
ଆମିନି ବ଼ର ବେଟାଆ଼ହାମାଞ୍ଜେରି ଏ଼ଦି ମିଙ୍ଗେ ଆମିନି କାତା ଜ଼ାପ୍ହାନେ,
ଏ଼ଦି ସାତା, ମିଚି ଆ଼ଏ; ଈଦାଆଁତାକି ଏ଼ ଜ଼ାପ୍ନାଣି ତଲେ ଏ଼ୱାଣି ତ଼ାଣା
ଡ଼ୟାଦୁ । ୨୮ ନ଼ା ଜୀୱୁତି ମୀର୍କା ମ଼ାସ୍କାତେରି, କ୍ରୀସ୍ତୁ ତଲେ ଆଣ୍ତାନା
ଡ଼ୟାଦୁ, ଏ଼ନିକିଁ ଏ଼ୱାସି ଏଚିବ଼େଲା ତ଼ଞ୍ଜାଆ଼ନେସି, ଏଚିବ଼େଲା ତ଼ାନୁ
ୱ଼ାନାଟି ତାନି ନ଼କିତା ମ଼ାର ଲାଜା ଆ଼ଆନା ସ଼ାସା ମେଡ଼ାଆ଼ନାୟି । ୨୯
କ୍ରୀସ୍ତୁ ଦାର୍ମୁଗାଟାସି, ଈଦାଆଁ ପୁନାୟିମାନେ, ଆତିହିଁ ଆମ୍ବାଆସି ଦାର୍ମୁକାମା
କିନେସି, ଏ଼ୱାସି ଏ଼ୱାଣି ତ଼ାଣାଟି ଜାର୍ନା ଆ଼ହାମାନେସି, ଈଦାଆଁ ଜିକେଏ
ପୁଞ୍ଜୁ ।

୩ ମେହ୍ଦୁ ଆ଼ବା ମାଙ୍ଗେ ଏ଼ନିକିଁ ଜୀୱୁ ନ଼ନାଣି ହୀହାମାଞ୍ଜାନେସି,
ମ଼ାର ମାହାପୂରୁତି ମୀର୍କା ମ଼ାସ୍କା ଇଞ୍ଜାଁ ୱେଙ୍ଗିନାୟି, ଅ଼ଡ଼େ ମ଼ାର
ଏଲେକିହିଁଏ ଆ଼ହାମାନାୟି । ଈଦାଆଁତାକି ଦାର୍ତି ମାଙ୍ଗେ ପୁଞ୍ଜିମାଞ୍ଜେଏ,
ଇଚିହିଁ ଏ଼ଦି ଏ଼ୱାଣାଇଁ ଜିକେଏ ପୁଞ୍ଜା ହିଲାଆତେ । ୨ ଏ଼ ନ଼ା ଜୀୱୁତି
ତ଼ଣେସିଙ୍ଗା, ନୀଏଁ ମ଼ାର ମାହାପୂରୁତି ମୀର୍କା ମ଼ାସ୍କାତାୟି, ଅ଼ଡ଼େ
ଡ଼ାୟୁ ଏ଼ନି ଆ଼ନାୟି, ଏ଼ଦି ନୀଏଁ ପାତେକା ତ଼ଞ୍ଜା ଆ଼ହା ହିଲେଏ, ମ଼ାର
ପୁଞ୍ଜାମାନାୟି, କ୍ରୀସ୍ତୁ ଏଚିବ଼େଲା ତ଼ଞ୍ଜାଆ଼ନେସି, ଏଚିବ଼େଲା ମ଼ାର ଜିକେଏ
ଏଲେକିହିଁଏ ଆ଼ନାୟି, ଇଚିହିଁ ଏ଼ୱାସି ଏ଼ନିଲେହେଁକି ମ଼ାର ଏଲେକିହିଁଏ
ଏ଼ୱାଣାଇଁ ମେହ୍ନାୟି । ୩ ଅ଼ଡ଼େ ଆମ୍ବାଆସି ଜିକେଏ କ୍ରୀସ୍ତୁ ଜୀସୁ ତ଼ାଣା
ଈ ବ଼ାର୍ସୁ ଇଟାମାନାସି, ଏ଼ୱାସି ଏ଼ନିକିଁ ସୁଦୁଗାଟାସି, ଏ଼ୱାସି ଏଲେକିହିଁଏ
ତାଙ୍ଗେ ଅଟ୍ହା କଡିନେସି । ୪ ଆମ୍ବାଆସି ପ଼ାପୁ କିନେସି, ଏ଼ୱାସି
ମାହାପୂରୁତି ହୁକୁମି ଊରିନାସି, ଏ଼ନିଇଚିହିଁ ହୁକୁମି ଊରିନାୟିଏ ପ଼ାପୁ । ୫
ମ଼ାର ପୁଞ୍ଜାମାନାୟି, କ୍ରୀସ୍ତୁ ପ଼ାପୁ ଡ଼େକା ଅ଼ହାଲି ୱ଼ାତେସି, ଇଞ୍ଜାଁ ଏ଼ୱାଣି
ତ଼ାଣା ପ଼ାପୁ ହିଲେଏ । ୬ ଆମ୍ବାଆସି କ୍ରୀସ୍ତୁ ତ଼ାଣା ଡ଼ୟିନେସି, ଏ଼ୱାସି ପ଼ାପୁ
କିଅସି; ସାମା ଆମ୍ବାଆସି ପ଼ାପୁ କିନେସି, ଏ଼ୱାସି କ୍ରୀସ୍ତୁଇଁ ମେସାହିଲଅସି
କି ଏ଼ୱାଣାଇଁ ପୁଞ୍ଜାହିଲଅସି । ୭ ନ଼ା ଜୀୱୁତି କକାରି ପ଼ଦାଁତେରି ଆମ୍ବାଆରି
ମିଙ୍ଗେ ନ଼ାଡ଼ି କିୟାଆପେରି; ଆମ୍ବାଆସି ଦାର୍ମୁକାମା କିନେସି, କ୍ରୀସ୍ତୁ ଏ଼ନିକିଁ
ଦାର୍ମୁଗାଟାସି, ଏ଼ୱାସି ଜିକେଏ ଏଲେକିଁ ଦାର୍ମୁଗାଟାସି ଆ଼ନେସି; ୮
ଆମ୍ବାଆସି ପ଼ାପୁ କିନେସି, ଏ଼ୱାସି ସୟତାନଟି ଜାର୍ନା ଆ଼ତାସି, ଇଚିହିଁ
ସୟତାନ ତଲିଟିଏ ପ଼ାପୁ କିହିଁ ୱ଼ାହିମାନେ, ସୟତାନତି କାମା ନ଼ାସା
କିୟାଲି ମାହାପୂରୁ ମୀର୍ଏସି ୱ଼ାତେସି । ୯ ଆମ୍ବାଆସି ମାହାପୂରୁ
ତ଼ାଣାଟି ଜାର୍ନା ଆ଼ହାମାନେସି, ଏ଼ୱାସି ପ଼ାପୁ ଅ଼ଡ଼େ ୱେଣ୍ତେ କିଅସି,
ଇଚିହିଁ ମାହାପୂରୁତି ଗୂଣୁ ଏ଼ୱାଣି ତ଼ାଣା ମାନେ, ଅ଼ଡ଼େ ଏ଼ୱାସି ମାହାପୂରୁ
ତ଼ାଣାଟି ଜାର୍ନା ଆ଼ହାମାନାକି ପ଼ାପୁ କିହାଲି ଆ଼ଡଅସି । ୧୦ ଆମ୍ବାଆରି
ମାହାପୂରୁତି ମୀର୍କା ମ଼ାସ୍କା ଅ଼ଡ଼େ ଆମ୍ବାଆରି ସୟତାନତି ମୀର୍କା
ମ଼ାସ୍କା, ଏ଼ଦି ତ଼ଞ୍ଜାଆ଼ନେ; ଆମ୍ବାଆସି ଦାର୍ମୁକାମା କିଅସି, ଇଞ୍ଜାଁ ତାୟି
ତାଙ୍ଗିଇଁ ଜୀୱୁ ନ଼ଅସି, ଏ଼ୱାସି ମାହାପୂରୁ ତ଼ାଣାଟି ଜାର୍ନା ଆ଼ହାହିଲଅସି
। ୧୧ ଇଚିହିଁ ରଅସି ରଅଣାଇଁ ଜୀୱୁନ଼ନାୟି ମାନେ ଈ ହ଼ାଡା ମୂଲୁଟିଏ
ୱେଞ୍ଜା ମାଞ୍ଜେରି; ୧୨ ପ଼ାପୁତି ମୀର୍ଏସି କୟିନ, ଏ଼ୱାଣିଲେହେଁ ଆ଼ଆଦୁ,
ଏ଼ୱାସି ତାନି ତାୟି ହେବଲଇଁ ପ଼ାୟିତେସି; କୟିନ ଏ଼ୱାଣାଇଁ ଏ଼ନାଆଁତାକି
ପ଼ାୟିତେସି? ଇଚିହିଁ ତାନି କାମା ପ଼ାପୁ ଗାଟାୟି, ଅ଼ଡ଼େ ହେବଲତି କାମା
ଦାର୍ମୁଗାଟାୟି ମାଚେ । ୧୩ ନ଼ା ତାୟି ତାଙ୍ଗିସ୍କାତେରି ଦାର୍ତିତି ଲ଼କୁ ମିଙ୍ଗେ
ଅ଼ପାଆତିଁ ଜିକେଏ ମୀରୁ କାବା ଆ଼ଆଦୁ । ୧୪ ମ଼ାର ପୁଞ୍ଜାମାନାୟି,
ମ଼ାର ହ଼ାକିତି ଜୀଣାଆ଼ହାନା ଜୀୱୁ ବେଟାଆ଼ହାମାନାୟି, ଇଚିହିଁ ମ଼ାର
ତାୟି ତାଙ୍ଗିସ୍କାଣି ଜୀୱୁନ଼ହିଁ ମାନାୟି, ଆମ୍ବାଆସି ଜୀୱୁ ନ଼ଅସି, ଏ଼ୱାସି
ହ଼ାହାଲି ମାନେସି । ୧୫ ଆମ୍ବାଆସି ଜାହାରା କ୍ରୀସ୍ତାନା ତାୟି ତାଙ୍ଗିଇଁ
ଅ଼ପଅସି, ଏ଼ୱାସି ଲ଼କୁଣି ପ଼ାୟିନାସି; ଅ଼ଡ଼େ ଲ଼କୁଣି ପ଼ାୟିନାରି ତ଼ାଣା
କ଼ାଲାକ଼ାଲାତି ଜୀୱୁ ଡ଼ୟେଏ, ଈଦାଆଁ ମୀରୁ ପୁଞ୍ଜାମାଞ୍ଜେରି । (aiōnios
g166) ୧୬ ଜୀସୁ କ୍ରୀସ୍ତୁ ମ଼ା ତାକି ଜୀୱୁ ହୀତାକି ମ଼ାର ଜୀୱୁନ଼ନାୟି ଏ଼ନାୟି
ଇଞ୍ଜାଁ ପୁଞ୍ଜାମାନାୟି; ଅ଼ଡ଼େ ତାୟି ତାଙ୍ଗି ତାକି ମ଼ା ଜୀୱୁ ଜିକେଏ ହୀନାୟି
ମାନେ । ୧୭ ସାମା ଆମ୍ବାଆସି ଦାର୍ତିତା ଦ଼ନ ଗାଟାସି ଆ଼ହାନା ତାନି
ତାୟିତି ଲ଼ଡ଼ାମାନାଣି ମେସାନା ଜିକେଏ ଏ଼ୱାଣାଇଁ କାର୍ମା ମେହ୍ଅସି
ଇଚିସାରେ, ତାନି ହିୟାଁତା ମାହାପୂରୁତି ଜୀୱୁନ଼ନାୟି ମାନେ ଇଞ୍ଜାଁ ଏ଼ନିକିଁ
ଏଲେଇନାୟି? ୧୮ ନ଼ା ମୀର୍କା ମ଼ାସ୍କା ୱ଼ାଦୁ, ମ଼ାର ଜ଼ଲା ଜ଼କଡ଼ି ତଲେ
ଜୀୱୁ ନ଼ଆନା କାମା ଅ଼ଡ଼େ ସାତା ତଲେ ଜୀୱୁ ନ଼ନାଣି ତ଼ହ୍ନାୟି ମାନେ
। ୧୯ ଏଲେ କିତିସାରେ ମ଼ାର ସାତାତି ମୀର୍କା ମ଼ାସ୍କାତାୟି ଈଦାଆଁ

ପୁଞ୍ଜାମାନାୟି, ଅ଼ଡ଼େ ଏ଼ନି କାତା ମ଼ା ହିୟାଁ ମାଙ୍ଗେ ଦ଼ହ କିୟାନେ, ଏ଼
କାତାତା ଏ଼ୱାଣି ନ଼କିତା ମ଼ା ହିୟାଁ ସୂସ୍ତି କିୟାଲି ଆ଼ଡିନାୟି; **୨୦** ଏମିନି
କାମାତା ମ଼ା ହିୟାଁ ମାଙ୍ଗେ ଦ଼ହ ଦସ୍ତାନେ, ଏମ୍ବାଟି ଏ଼ୱାଣି ନ଼କିତା ଏ଼
କାତାତାକି ମ଼ା ହିୟାଁତି ସୂସ୍ତି କିହାଲି ଆ଼ଡିନାୟି; ଇଚିହିଁ ମାହାପୂରୁ ମ଼ା
ହିୟାଁଟିଏ କାଜାସି, ଏ଼ୱାସି ବାରେ ପୁନେସି । **୨୧** ନ଼ା ଜୀୱୁତି ତ଼ଣେସିଙ୍ଗା
ମ଼ା ହିୟାଁ ମାଙ୍ଗେ ଦ଼ହ ଦସ୍ତାଆତିହିଁ, ଆତିହିଁ ମ଼ାର ମାହାପୂରୁ ନ଼କିତା
ସ଼ାସାତଲେ ନିଚାଲି ଆ଼ଡିନାୟି । **୨୨** ଅ଼ଡ଼େ ମ଼ାର ଏ଼ନାଆଁ ରୀହ୍ନାୟି, ଏ଼
ବାରେ ଏ଼ୱାଣି ତ଼ାଣାଟି ବେଟାଆ଼ହି ମାନାୟି, ଇଚିହିଁ ମ଼ାର ତାନି ହୁକୁମି
ମ଼ାନୱି ଆ଼ହିମାନାୟି, ଅ଼ଡ଼େ ତାନି ନ଼କିତା ଏ଼ନାୟି ନେହାୟି ଏ଼ଦାଆଁ
କିହିମାନାୟି । **୨୩** ତାନି ହୁକୁମି ହୀହାମାନିଲେହେଁ, ମ଼ାର ତାନି ମୀର୍ଏସି
ଜୀସୁ କ୍ରୀସ୍ତ ଦ଼ରୁତଲେ ନାମିନାୟି ଅ଼ଡ଼େ ତାନି ହୀତି ହୁକୁମି ତଲେ
ରଅତାୟି ରଅଣାଇଁ ଜୀୱୁନ଼ନାୟି । **୨୪** ଆମ୍ବାଆସି ମାହାପୂରୁତି ହୁକୁମି
ମ଼ାନୱି ଆ଼ନେସି, ଏ଼ୱାସି ମାହାପୂରୁ ତଲେ ଡ଼ୟିନେସି, ଅ଼ଡ଼େ ମାହାପୂରୁ
ଏ଼ୱାଣି ତ଼ାଣା ଡ଼ୟିନେସି; ଇଞ୍ଜାଁ ମାହାପୂରୁ ମ଼ା ତ଼ାଣା ଡ଼ୟିନେସି, ଇଦାଆଁ
ମ଼ାର ତାନି ହୀହାମାଞ୍ଜାନି ଜୀୱୁତଲେ ପୁଞ୍ଜିମାନାୟି ।

**୪** ନ଼ା ଜୀୱୁତି ତାୟି ତାଙ୍ଗିସ୍କା, ବାରେ ଜୀୱୁୟାଁଇଁ ନାମାଆଦୁ, ସାମା
ଏ଼ୱାରି ବେଟାଆ଼ହାମାନି ଜୀୱୁୟାଁ ମାହାପୂରୁ ତ଼ାଣାଟି ୱ଼ାହାମାନୁ କି
ଆ଼ଏ ଇଦାଆଁ ନେହିଁକିଁ ତାୟିପାରି କିଦୁ, ଏ଼ନାଆଁତାକି ଇଚିହିଁ ଦାର୍ତିତା
ହ଼ାରେକା ମିଚି ମାହାପୂରୁ ବ଼ଲୁ ୱେହନାରି ହ଼ଚାମାନେରି । **୨** ଇଲେ
କିତିହିଁ ମୀରୁ ମାହାପୂରୁତି ଜୀୱୁତି ପୁଞ୍ଜାଲି ଆ଼ଡିଦେରି, କ୍ରୀସ୍ତ ଜୀସୁ ମାଣ୍ସି
ଆଙ୍ଗା ୱ଼ାଣା ତଲେ ୱ଼ାହାମାନେସି, ଇଦାଆଁ ଆମିନି ଜୀୱୁ ଜ଼ଲିନେ,
ଏ଼ଦି ମାହାପୂରୁ ତ଼ାଣାଟି ୱ଼ାହାମାନେ । **୩** ଅ଼ଡ଼େ ଆମିନି ଜୀୱୁ ଜୀସୁଇଁ
ନ଼ାନୁ ପୁଞ୍ଜାହିଲଅଁ ଇଞ୍ଜାଁ ଜ଼ଲିନେ, ଏ଼ଦି ମାହାପୂରୁ ତ଼ାଣାଟି ୱ଼ାହାହିଲେଏ;
ସାମା ଏ଼ଦି ନ଼ାଡ଼ିକିନି କ୍ରୀସ୍ତୁତି ଜୀୱୁ, ଆମିନି ଜୀୱୁତି ୱ଼ାନି କାତା ମୀରୁ
ୱେଞ୍ଜାମାଞ୍ଜେରି, ଇଞ୍ଜାଁ ଏ଼ଦି ନୀଏଁ ଜିକେଏ ଦାର୍ତିତା ୱ଼ାତେୟିଏ । **୪**
ଜୀୱୁତି କକାରି ପ଼ଦାଁତେରି, ମୀରୁ ମାହାପୂରୁ ତ଼ାଣାଟି ଜାର୍ନା ଆ଼ତାତେରି,
ଅ଼ଡ଼େ ମୀରୁ ନ଼ାଡ଼ିକିନି ବ଼ଲୁ ୱେହ୍ନାରାଇଁ ଜୀଣା ଆ଼ହାମାଞ୍ଜେରି, ଇଚିହିଁ
ମୀ ତ଼ାଣା ଆମ୍ବାଆସି ମାନେସି, ଏ଼ୱାସି, ଦାର୍ତିତା ଆମ୍ବାଆସି ମାନେସି
ଏ଼ୱାଣି କିହାଁ କାଜାସି । **୫** ନ଼ାଡ଼ିକିନାରି ଦାର୍ତିଟି ୱ଼ାହାମାନେରି,
ଇଦାଆଁତାକି ଏ଼ୱାରି ଦାର୍ତିତି କାତା ୱେହ୍ନେରି, ଅ଼ଡ଼େ ଦାର୍ତିତାରି
ଏ଼ୱାରି କାତା ୱେନେରି । **୬** ସାମା ମ଼ାର ମାହାପୂରୁ ତ଼ାଣାଟି ଜାର୍ନା
ଆ଼ହାମାନାୟି; ଆମ୍ବାଆସି ମାହାପୂରୁଇଁ ପୁନେସି, ଏ଼ୱାସି ମ଼ା କାତା
ୱେନେସି; ଆମ୍ବାଆସି ମାହାପୂରୁ ତ଼ାଣାଟି ଜାର୍ନା ଆ଼ହାହିଲଅସି, ଏ଼ୱାସି ମ଼ା
କାତା ୱେନଅସି, ଏମ୍ବାଟି ସାତାତି ଜୀୱୁ ଅ଼ଡ଼େ ନ଼ାଡ଼ିକିନି ଜୀୱୁ ପୁଞ୍ଜାଲି
ଆ଼ଡିନାୟି । **୭** ନ଼ା ଜୀୱୁତି ତ଼ଣେସିଙ୍ଗା, ରଅତେରି ରଅଣାଇଁ ଜୀୱୁନ଼ଦୁ,
ଇଚିହିଁ ଜୀୱୁନ଼ନାୟି ମାହାପୂରୁ ତ଼ାଣାଟି ୱ଼ାନେ, ଆମ୍ବାଆସି ଜୀୱୁ ନ଼ନେସି,
ଏ଼ୱାସି ମାହାପୂରୁ ତ଼ାଣାଟି ଜାର୍ନା ଆ଼ହାମାନେସି, ଇଞ୍ଜାଁ ଏ଼ୱାସି ମାହାପୂରୁଇଁ
ପୁଞ୍ଜାମାନେସି । **୮** ଆମ୍ବାଆସି ଜୀୱୁ ନ଼ଅସି, ଏ଼ୱାସି ମାହାପୂରୁଇଁ ପୁନଅସି,
ଏ଼ନାଆଁତାକି ଇଚିହିଁ ମାହାପୂରୁ ଜୀୱୁ ନ଼ନାସି । **୯** ଇମ୍ବାଆଁ ମାହାପୂରୁତି
ଜୀୱୁନ଼ନାୟି ତ଼ଞ୍ଜା ଆ଼ହାମାନେ, ଏ଼ୱାସି ତାନି ରଣ୍ତିଏ ମୀର୍ଏଣାଇଁ
ଦାର୍ତିତା ପାଣ୍ତାତେସି, ଏ଼ନିକିଁ ମ଼ାର ଏ଼ୱାଣି ତ଼ାଣାଟି କ଼ାଲାକ଼ାଲାତି ଜୀୱୁ
ବେଟାଆ଼ନାୟି । **୧୦** ମ଼ାର, ମାହାପୂରୁଇଁ ଜୀୱୁ ନ଼ତାୟି, ଏ଼ଦି ଆ଼ଏ, ସାମା
ଏ଼ୱାସି ମାଙ୍ଗେ ଜୀୱୁ ନ଼ୟାଁତେସି, ଇଞ୍ଜାଁ ତାନି ମୀର୍ଏଣାଇଁ ମ଼ା ପ଼ାପୁ ତାକି
ପୂଜା ଆ଼ହାଲି ପାଣ୍ତାତେସି; ଏ଼ଦି ଏମ୍ବାଟିଏ ଜୀୱୁନ଼ନାୟି ତ଼ଞ୍ଜା ଆ଼ହି ମାନେ
। **୧୧** ନ଼ା ଜୀୱୁତି ତ଼ଣେସିଙ୍ଗା, ମାହାପୂରୁ ମାଙ୍ଗେ ଏ଼ନିକିଁ ଜୀୱୁ ନ଼ହାଁ
ମାଞ୍ଜାନେସି, ମ଼ାର ଜିକେଏ ରଅତାୟି ରଅଣାଇଁ ଜୀୱୁ ନ଼ୱିଆ଼ନାୟି ମାନେ
। **୧୨** ଆମ୍ବାଆସି ଏଚେଲାୱା ମାହାପୂରୁଇଁ ମେସାହିଲଅସି; ସାମା ମ଼ାର
ରଅତାୟି ରଅଣାଇଁ ଜୀୱୁନ଼ୱିଆ଼ନ, ଆତିହିଁ ମାହାପୂରୁ ମ଼ା ତ଼ାଣା ମାନେସି,
ଅ଼ଡ଼େ ତାନି ଜୀୱୁନ଼ନାୟି ମ଼ା ତ଼ାଣା ମାନେ । **୧୩** ମ଼ାର ମାହାପୂରୁ ତ଼ାଣା
ମାନାୟି ଅ଼ଡ଼େ ଏ଼ୱାସି ମ଼ା ତ଼ାଣା ମାନେସି, ଇଦାଆଁ ମ଼ାର ପୁଞ୍ଜାମାନାୟି,
ଇଚିହିଁ ଏ଼ୱାସି ମାଙ୍ଗେ ତାନି ଜୀୱୁ ହୀହାମାଞ୍ଜାନେସି । **୧୪** ମାହାପୂରୁ
ଆ଼ବା ତାନି ମୀର୍ଏଣାଇଁ ଦାର୍ତିତି ଲ଼କୁଣି ଗେଲ୍ପିନାସି ଆ଼ହାଲିତାକି
ପାଣ୍ତାତେସି, ଇଦାଆଁ ମ଼ାର ମେସାମାନାୟି ଅ଼ଡ଼େ ସ଼ାକି ହୀହି ମାନାୟି ।
**୧୫** ଆମ୍ବାଆସି ଜୀସୁଇଁ ମାହାପୂରୁତି ମୀର୍ଏସି ଇଞ୍ଜାଁ ୱେକ୍ନେସି, ମାହାପୂରୁ
ଏ଼ୱାଣି ତ଼ାଣା ମାନେସି, ଅ଼ଡ଼େ ଏ଼ୱାସି ମାହାପୂରୁ ତ଼ାଣା ମାନେସି । **୧୬**
ଅ଼ଡ଼େ ମାଙ୍ଗେତାକି ମାହାପୂରୁତି ଆମିନି ଜୀୱୁନ଼ନାୟି ମାନେ, ଏ଼ଦାଆଁ ମ଼ାର
ପୁଞ୍ଜାମାନାୟି ଅ଼ଡ଼େ ନାମାମାନାୟି । ମାହାପୂରୁ ଜୀୱୁ ନ଼ନାସି; ଆମ୍ବାଆସି
ଜୀୱୁ ନ଼ହିଁମାନେସି ଏ଼ୱାସି ମାହାପୂରୁ ତ଼ାଣା ମାନେସି ଅ଼ଡ଼େ ମାହାପୂରୁ
ଏ଼ୱାଣି ତ଼ାଣା ଡ଼ୟିନେସି । **୧୭** ଦାର୍ମୁତି ଜୀୱୁତା ନୀଡାମାନାକି ମାହାପୂରୁତି
ଜୀୱୁନ଼ନାୟି ମ଼ା ତ଼ାଣା ତୀରି ଆ଼ହାମାନେ, ମ଼ାର ନୀହାଁୟି ଦିନାତା ସ଼ାସା
ବେଟାଆ଼ନାୟି, ଇଚିହିଁ କ୍ରୀସ୍ତ ଏ଼ନିକିଁ ମାନେସି, ମ଼ାର ଜିକେଏ ଇ ଦାର୍ତିତା
ଏଲେକିହିଁଏ ମାନାୟି । **୧୮** ଜୀୱୁ ନ଼ନି ତ଼ାଣା ଆଜି ଡ଼ୟେଏ, ସାମା ସାତା
ଜୀୱୁନ଼ନାୟି ଆଜିତି ହେକ କିନେ, ଇଚିହିଁ ଆଜି ଡଣ୍ତ ବେଟାଆ଼ନାଣି
ତଲେ ଆଣ୍ତାମାନେ, ଇଞ୍ଜାଁ ଆମ୍ବାଆସି ଆଜିନେସି ଏ଼ୱାସି ଜୀୱୁ ନ଼ନି ତ଼ାଣା
ତୀରିତାସି ଆ଼ଏ । **୧୯** ମାହାପୂରୁ ତଲିଏ ମାଙ୍ଗେ ଜୀୱୁ ନ଼ୟାଁତାକି ମ଼ାର
ଜୀୱୁ ନ଼ହିମାନାୟି । **୨୦** ଆମ୍ବାଆସି ନ଼ାନୁ ମାହାପୂରୁଇଁ ଜୀୱୁ ନ଼ହିଁମାଇଁ
ଇଞ୍ଜାନା, ଏ଼ୱାସି ତାନି ନାମିତି ତାୟି ତାଙ୍ଗିଇଁ ଅ଼ପଅସି, ଆତିହିଁ ଏ଼ୱାସି
ମିଚି ୱେହ୍ନାସି, ଇଚିହିଁ ଆମିନି ତାୟିଇଁ ମେସାମାନେସି, ଏ଼ୱାଣାଇଁ ଜୀୱୁ
ନ଼ଅସି, ଇଚିହିଁ ଆମିନି ମାହାପୂରୁଇଁ ମେସାହିଲଅସି, ଏ଼ୱାଣାଇଁ ଜୀୱୁ
ନ଼ହାଲି ଆ଼ଡଅସି । **୨୧** ଆମ୍ବାଆସି ମାହାପୂରୁଇଁ ଜୀୱୁ ନ଼ନେସି, ଏ଼ୱାସି
ତାନି ତାୟିଇଁ ଜିକେଏ ଜୀୱୁ ନ଼ପେସି, ଇ ହୁକୁମି ମ଼ାମୁ କ୍ରୀସ୍ତ ତ଼ାଣାଟି
ବେଟା ଆ଼ହାମାନମି ।

**୫** ଆମ୍ବାଆସି ଜୀସୁଇଁ କ୍ରୀସ୍ତ ଇଞ୍ଜାଁ ନାମିନେସି, ଏ଼ୱାସି ମାହାପୂରୁ ତ଼ାଣାଟି
ଜାର୍ନା ଆ଼ହାମାନେସି; ଆମ୍ବାଆସି ଜାର୍ନାକିତି ଆ଼ବାଇଁ ଜୀୱୁ ନ଼ନେସି,
ଏ଼ୱାସି ତାନିତ଼ାଣାଟି ଜାର୍ନା ଆ଼ହାମାନି ଲ଼କୁଣି ଜିକେଏ ଜୀୱୁ ନ଼ନେସି । **୨**
ମ଼ାର ଏଚିବେଲା ମାହାପୂରୁଇଁ ଜୀୱୁନ଼ନାୟି ଅ଼ଡ଼େ ତାନି ହୁକୁମି ମ଼ାନୱି

ଆ଼ନାୟି, ଏଚିବେଲା ଏ଼ଦାଆଁ ତଲେ ମ଼ାର ମାହାପୂରୁତି ମୀର୍‌କା ମାସ୍‌କାଇଁ
ଜୀୱୁ ନ଼ହିମାନାୟି ଇଞ୍ଜିଁ ପୁଞ୍ଜାଲି ଆ଼ଡିନାୟି । ୩ ମାହାପୂରୁଇଁ ଜୀୱୁନ଼ନାୟି
ମ଼ା ତ଼ାଣା ମାନେ, ଇଚିହିଁ ମ଼ାର ଏ଼ୱାଣି ହୁକୁମି ମ଼ାନୱି ଆ଼ନ, ଏ଼ୱାଣି ହୁକୁମି
ମ଼ାନୱି ଆ଼ନାୟି ହ଼ାରେକା କସ୍ତ ଆ଼ଏ ୪ ଆମ୍ବାଆସି ମାହାପୂରୁ ତ଼ାଣାଟି
ଜାର୍ନା ଆ଼ହାମାନେସି, ଏ଼ୱାସି ଦାର୍‌ତିତି ଜୀଣାଆ଼ନେସି, ଅ଼ଡ଼େ ଏ଼ନାଆଁ
ଦାର୍‌ତିତି ଜୀଣା ଆ଼ହାମାନେସି, ଏ଼ଦି ମ଼ା ନାମୁ । ୫ ଜୀସୁ ମାହାପୂରୁ
ମୀର୍‌ଏସି, ଇଦାଆଁ ଆମ୍ବାଆସି ନାମିନେସି, ଏ଼ୱାଣି ପିସ୍‌ପେ ଆମ୍ବାଆସି
ଦାର୍‌ତିତି ଜୀଣା ଆ଼ନେସି? ୬ ଜୀସୁ କ୍ରୀସ୍ତ ଏ଼ୟୁ ଅ଼ଡ଼େ ନେତେରିଟି
ୱା଼ହାମାଚେସି, ୱା଼ର୍‌ଇ ଏ଼ୟୁତଲେ ଆ଼ଏ, ସାମା ଏ଼ୟୁ ଅ଼ଡ଼େ ନେତେରି ଇ
ରୀ କୂଡ଼ା ତଲେ ୱା଼ହାମାଚେସି; ଅ଼ଡ଼େ ସୁଦୁଜୀୱୁ ଜିକେଏ ଏମ୍ବାତି ସା଼କି
ହୀହିମାନେ, ଇଚିହିଁ ଜୀୱୁଏ ସାତା । ୭ ଇ ଟୀନି ଜ଼ାଣା ସା଼କି ମାନୁ । ୮
ସୁଦୁଜୀୱୁ, ଏ଼ୟୁ ଅ଼ଡ଼େ ନେତେରି ଏ଼ୱି ରଣ୍ତିଏ ସା଼କି ହୀହିମାନୁ । ୯ ମ଼ାର
ଲ଼କୁ ହୀତି ସା଼କି ନାମିନାୟି, ଆତିହିଁ ମାହାପୂରୁ ହୀତି ସା଼କି ଏ଼ଦାଣିକିହାଁ
ହ଼ାରେକା କାଜାୟି, ଅ଼ଡ଼େ ମାହାପୂରୁତି ସା଼କି ଇଦି, ଏ଼ୱାସି ତାନି ମୀର୍‌ଏଣା
ୱାକିଟି ସା଼କି ହୀହାମାନେସି । ୧୦ ଆମ୍ବାଆସି ମାହାପୂରୁ ମୀର୍‌ଏଣା ତ଼ାଣା
ନାମିନେସି, ଏ଼ୱାସି ତାନି ହିୟାଁତା ଇ ସା଼କି ବେଟାଆ଼ହାମାନେସି; ଅ଼ଡ଼େ
ଆମ୍ବାଆସି ମାହାପୂରୁତି ସା଼କି ନାମଅସି, ଏ଼ୱାସି ମାହାପୂରୁଇଁ ମିଚି ଗାଟାସି
କିହାମାନେସି, ଇଚିହିଁ ମାହାପୂରୁ ତାନି ମୀର୍‌ଏଣା ୱାକିଟି ଆମିନି ସା଼କି
ହୀହାମାନେସି, ଏମ୍ବାଆଁ ଏ଼ୱାସି ନାମାହିଲଅସି । ୧୧ ଏ଼ ସା଼କି ଇଦି,
ମାହାପୂରୁ ମାଜ୍ଜେ ର଼ାଆଗାଟି ଜୀୱୁ ହୀହାମାଞ୍ଜାନେସି, ଅ଼ଡ଼େ, ଏ଼ ଜୀୱୁ
ତାନି ମୀର୍‌ଏଣା ତ଼ାଣା ମାନେ । (aiōnios g166) ୧୨ ଆମ୍ବାଆସି ମାହାପୂରୁ
ମୀର୍‌ଏଣାଇଁ ବେଟାଆ଼ହାମାନେସି, ଏ଼ୱାସି ଜୀୱୁ ବେଟାଆ଼ହାମାନେସି;
ଆମ୍ବାଆସି ମାହାପୂରୁ ମୀର୍‌ଏଣାଇଁ ବେଟାଆ଼ହାହିଲଅସି, ଏ଼ୱାସି ଜୀୱୁ
ଜିକେଏ ବେଟାଆ଼ହାହିଲଅସି । ୧୩ ମୀରୁ ମାହାପୂରୁ ମୀର୍‌ଏଣା ଦ଼ରୁ
ନାମାମାଞ୍ଜେରି, ମୀରୁ ଏ଼ନିକିଁ ପୁଞ୍ଜାମାଞ୍ଜେରି, ର଼ାଆଗାଟି ଜୀୱୁ ବେଟା
ଆ଼ହାମାଞ୍ଜେରି, ଇଦାଆଁତାକି ନ଼ାନୁ ମିଜ୍ଜେ ଇ ବାରେ ର଼ାଚାମାଞ୍ଜାଇଁ ।
(aiōnios g166) ୧୪ ଇଞ୍ଜାଁ ମ଼ାର ମାହାପୂରୁ ଅଣ୍‌ପୁତି ଲେହେଁ ପ୍ରାତାନା
କିନାୟି, ଆତିହିଁ ଏ଼ୱାସି ମ଼ା ପ୍ରାତାନା ୱେଞ୍ଜାନେସି, ଇଞ୍ଜିଁ ମାହାପୂରୁ ତ଼ାଣା
ମ଼ା ବ଼ାର୍ସୁ ମାନେ । ୧୫ ଅ଼ଡ଼େ ମ଼ାର ଏ଼ୱାଣି ତ଼ାଣା ଏ଼ନାଆଁ ପ୍ରାତାନା କିନାୟି,
ଏ଼ଦାଆଁ ଏ଼ୱାସି ୱେଞ୍ଜାନେସି ଇଞ୍ଜିଁ ମ଼ାର ପୁଞ୍ଜାମାନାୟି, ଆତିହିଁ ଏ଼ୱାଣି
ତ଼ାଣା ମ଼ାର ଏ଼ନାଆଁ ପ୍ରାତାନା କିହିମାନାୟି, ଏ଼ ବାରେ ବେଟାଆ଼ହାମାନାୟି,
ଇଦାଆଁ ଜିକେଏ ପୁଞ୍ଜାମାନାୟି । ୧୬ ମୀ ନାମିତି ତାୟି କି ତାଜ୍ଜିଇଁ
ପ଼ାପୁ କିହିମାନାଣି ମେହ୍‌ଦେରି ଇଚିସାରେ, ଅ଼ଡ଼େ ଏ଼ ପ଼ାପୁ ହ଼ାୱି କିନାୟି
ଆ଼ଏ, ଏ଼ ତାୟି ତାଜ୍ଜି ତାକି ମାହାପୂରୁ ତ଼ାଣା ପ୍ରାତାନା କିଦୁ, ଅ଼ଡ଼େ
ମାହାପୂରୁ ଏ଼ନିକିଁ ହ଼ାନିହ଼ଗେତି ପ଼ାପୁ କିହାହିଲାଆ ଲ଼କୁଣି ଜୀୱୁ ହୀନେସି,
ଏଲେକିହିଁଏ ଏ଼ୱାରାକି ଜିକେଏ ଜୀୱୁ ହୀନେସି, ହ଼ାନିହ଼ଗେତି ପ଼ାପୁ
ମାନେ ଇଞ୍ଜିଁ ଏ଼ୱାରି ତାକି ପ୍ରାତାନା କିହାଲି ୱେସିହିଲଅଁ । ୧୭ ବାରେ
ଲାଗେଏତି କାମା ପ଼ାପୁ, ସାମା ବାରେ ପ଼ାପୁ ହ଼ାୱି କିଏ । ୧୮ ଆମ୍ବାଆସି
ମାହାପୂରୁ ତ଼ାଣାଟି ଜାର୍ନା ଆ଼ହାମାନାସି, ଏ଼ୱାସି ପ଼ାପୁ କିଅସି, ଏ଼ନାଆଁତାକି
ଇଚିହିଁ ଏ଼ୱାସି ମାହାପୂରୁ ତ଼ାଣାଟି ଜାର୍ନା ଆ଼ହାଁ ଜାହାରାଇଁ ଗେଲ଼ପା
କଡିନେସି, ଅ଼ଡ଼େ ପ଼ାପୁତି ଜୀୱୁ ଏ଼ୱାଣାଇଁ ଡୀଗେଏ, ଇଦାଆଁ ମ଼ାର
ପୁଞ୍ଜିମାନାୟି । ୧୯ ମ଼ାର ମାହାପୂରୁ ତ଼ାଣାଟି ଜାର୍ନା ଆ଼ହାମାନାତାୟି ଇଞ୍ଜାଁ
ବାରେ ଦାର୍‌ତିଇଁ ସୟତାନ ଲକ୍‌ହାମାନେ, ଇଦାଆଁ ମ଼ାର ପୁଞ୍ଜାମାନାୟି
। ୨୦ ମ଼ାର ପୁଞ୍ଜାମାନାୟି, ମାହାପୂରୁ ମୀର୍‌ଏସି ୱା଼ହାମାନେସି, ଇଞ୍ଜାଁ
ଏ଼ୱାସି ମାଜ୍ଜେ ସାତାତାଣାଇଁ ପୁଞ୍ଜାଲି ବୁଦି ହୀହାମାଞ୍ଜାନେସି; ଅ଼ଡ଼େ
ମ଼ାର ଏ଼ ସାତାଗାଟାଣି ତ଼ାଣା, ଇଚିହିଁ ତାନି ମୀର୍‌ଏସି ଜୀସୁ କ୍ରୀସ୍ତ ତ଼ାଣା
ନୀଡାମାନାୟି, ଏ଼ୱାସି ସାତା ମାହାପୂରୁ ଅ଼ଡ଼େ ର଼ାଆଗାଟି ଜୀୱୁ ଗାଟାସି ।
(aiōnios g166) ୨୧ ନ଼ା ଜୀୱୁତି ମୀର୍‌କା ମାସ୍‌କାତେରି ର଼ପେଣ୍‌କା ବମାୟାଁ
ତ଼ାଣାଟି ମୀରୁ ହେକ ଆ଼ହାନା ମାଞ୍ଜୁ ।

# ୨ଜହ

୧ ନ଼ାନୁ, କୁଲମିତି ପ୍ରାଚିନାତେଏଁ, ମାହାପୂରୁ ଆ଼ଚାମାନି ଇୟା ଅ଼ଡ଼େ
ତାନି ମୀର୍‌କା ମାସ୍‌କାକି ଇ ଆ଼କୁ ରା଼ଚିମାଇଁ, ନ଼ାନୁ ଏ଼ୱାରାଇଁ
ସାତା ଜୀୱୁ ନ଼ହିଁମାଇଁ, ଅ଼ଡ଼େ ୱାର୍‌ଇ ନ଼ାନୁ ଆ଼ଏ, ସାମା ସାତାତି
ପୁଞ୍ଜାମାନି ବାରେଜ଼ାଣା ଜୀୱୁନ଼ହିଁ ମାଞ୍ଜାନେରି । ୨ ଆମିନି ସାତା ମ଼ା
ହିୟାଁତା ଡ଼ୟାମାନେ ଅ଼ଡ଼େ କ଼ାଲାକ଼ାଲାତାକି ମ଼ା ତ଼ାଣା ଡ଼ୟିନେ । (aiōn
g165) ୩ ଆ଼ବା ମାହାପୂରୁ ଅ଼ଡ଼େ ତାନି ମୀର୍‌ଏଣା ଜୀସୁ କ୍ରୀସ୍ତୁ ତ଼ାଣାଟି
କାର୍ମାମେହ୍‌ନାୟି, ହିତ଼୍‌ଡ଼ି ଜୀୱୁ ହୀହାନା, ସାତା ଅ଼ଡ଼େ ଜୀୱୁ ନ଼ୱିଆ଼ହାନା
ଡ଼ୟିଦେରି । ୪ ନୀ ମୀର୍‌କା ମାସ୍‌କା ବିତ୍ରାଟି ଏଚରଜ଼ାଣା ଆ଼ବା ତ଼ାଣାଟି
ମାଡ୍ଗେ ହୀହାମାଞ୍ଜାନି ହୁକୁମି ଲେହେଁ ସାତାତି ତ଼ାକିନି ତ଼ାକୁ ମେସାନା ନ଼ାନୁ
ହ଼ାରେକା ରା଼ହାଁ ଆ଼ହିମାଇଁ । ୫ ଏ଼ ଜୀୱୁତି ଇୟା ନ଼ାନୁ ନୀଏଁ ନିଡ୍ଗେ ର଼
ପୁଃନି ହୁକୁମି ରା଼ଚିମାଞ୍ଜାଇଁ ଏ଼ଦି ଆ଼ଏ, ସାମା ତଲିଟିଏ ବେଟାଆ଼ହାମାନି
ହୁକୁମି ରା଼ଚାନା ବାତିମ଼ାଲିମାଞ୍ଜାଇଁ, ମ଼ାର ରଅତାୟି ରଅଣାଇଁ ଜୀୱୁନ଼ନାୟି
ମାନେ । ୬ ମ଼ାର ତାନି ହୁକୁମି ମ଼ାନୱି ଆ଼ହାନା ମାଞ୍ଜେ ମାନାୟି,
ଇଦିଏ ଜୀୱୁ ନ଼ନି କାତା, ମୀରୁ ତଲିଟିଏ ଏ଼ନାଆଁ ୱେଞ୍ଜାମାଞ୍ଜେରି,
ଏଲେଆ଼ହିଁଏ ମାଞ୍ଜୁ, ଇଦି ଏ଼ ହୁକୁମି । ୭ ନ଼ାନୁ ୱେସିମାଇଁ, ଇଚିହିଁ
ଆମିନି ଗାଟାରି ଜୀସୁ କ୍ରୀସ୍ତୁ ମାଣ୍‌ସି ୱ଼ାଣା ତଲେ ୱ଼ାହାହିଲଅସି ଇଞ୍ଜାଁ
ଇନେରି, ଇଲେତି ହ଼ାରେକା ନ଼ାଡ଼ିକିନାରି ଦାର୍‌ତିତା ହ଼ଚା ୱ଼ାହାମାନେରି,
ଇଲେତି ଲ଼କୁ ନ଼ାଡ଼ିକିନାରି ଅ଼ଡ଼େ ନ଼ାଡ଼ିକିନି କ୍ରୀସ୍ତୁ । ୮ ସାମା ମୀ ତାକି
ମ଼ାମ୍ବୁ କିହାମାନି କାମାତି ପ଼ାଡ଼େୟି ବାରେ ଜ଼ାକ୍‌ଆନା ଏ଼ନିକିଁ ଏମ୍ବାଟି
ହ଼ାରେ ପୁରେ ବ଼ର ବେଟାଆ଼ଦେରି ଏ଼ଦାଆଁତାକି ଜାଗ୍ରାତା ଆ଼ଦୁ । ୯
ଆମ୍ବାଆସି କ୍ରୀସ୍ତୁ ଜ଼ାପ୍‌ହା ମାନାଣି କିହାଁ ଆଗାଡ଼ା ଗା଼ଣ୍‌ନେସି, ଏ଼ୱାସି
ମାହାପୂରୁଇଁ ବେଟାଆ଼ହାହିଲଅସି; ଆମ୍ବାଆସି କ୍ରୀସ୍ତୁ ଜ଼ାପ୍‌ହା ମାନାଣି
ତଲେ ଡ଼ୟିନେସି, ଏ଼ୱାସି ଆ଼ବା ଅ଼ଡ଼େ ମୀର୍‌ଏସି ଇ ରିଆରାଇଁ ଜିକେଏ
ବେଟାଆ଼ହାମାନେସି । ୧୦ ଆମ୍ବାଆସି ଇଲେକିଁ ଜ଼ାପ୍‌ନାଣି ଆସାନା
ମୀ ତ଼ାଣା ୱ଼ାଅସି, ଏ଼ୱାଣାଇଁ ମୀ ଇଜ ହ଼ାଟାଆ଼ଦୁ, ଇଞ୍ଜାଁ ନେହିଁମାଞ୍ଜି
କି ଜିକେଏ ଇନାଆ଼ଦୁ; ୧୧ ଏ଼ନାଆଁତାକି ଇଚିହିଁ ଆମ୍ବାଆସି ଏ଼ୱାଣାଇଁ
ନେହିଁମାଞ୍ଜି କି ଇନେସି, ଏ଼ୱାସି ତାନି ଲାଗେଏତି କାମାତା ଆଣ୍ତିନାସି
ଆ଼ନେସି । ୧୨ ନ଼ାନୁ ମିଡ୍ଗେ ହ଼ାରେକା କାତା ରା଼ଚିନାୟି ମାନେ, ସାମା
ଆ଼କୁତା ଇଞ୍ଜାଁ ସୀରା ତଲେ ରା଼ଚାଲି ଅଣ୍‌ପି ହିଲଅଁ; ମୀ ତ଼ାଣା ୱ଼ାହାନା
ମୂମ୍ବୁ ମେସ୍‌ପି ଆ଼ହାନା ଗୂତି ତଲେ ଜ଼ଲ୍‌କି ଆୟାଲି ଆ଼ସା କିହିମାଇଁ,
ଏ଼ନିକିଁ ମ଼ା ରା଼ହାଁ ହ଼ାରେକା ଆ଼ନେ । ୧୩ ମାହାପୂରୁ ଆ଼ଚାମାନି ନୀ ତାଡ୍ଗିନି
ମୀର୍‌କା ମାସ୍‌କା ମିଡ୍ଗେ ଜହରା କିହିମାଞ୍ଜାନେରି । ଆ଼ମେନ୍ ।

# ୩ଜହ

**୧** ନ଼ାନୁ, କୁଲମିତି ପ୍ରାଚିନା ଜହନତେଏଁ, ନ଼ାନୁ ସାତା ତଲେ ଜୀୱୁ
ନ଼ହିଁମାନି ନ଼ା ଜୀୱୁତି ଗାୟସଇଁ ଜହରା ପାଣ୍ତାନା ଇ ଆ଼କୁ ରା଼ଚିମାଇଁ ।
**୨** ଏ଼ ନ଼ା ଜୀୱୁତି ତ଼ଣେ ନୀନୁ ଜୀୱୁତା ଏ଼ନିକିଁ ନେହିଁ ଆ଼ହିଁମାଞ୍ଜି ଏଲେକିହିଁ
ନୀନୁ ବାରେ ୱାକିଟି ନୀ ନେହେଁ ଆ଼ପେ ଅ଼ଡ଼େ ନୀ ଆଡ୍ଗା ଜିକେଏ ନେହିଁ
ମାଣ୍ମ୍ବେ ଇଞ୍ଜୁଁ ନ଼ାନୁ ପ୍ରାତାନା କିହିମାଇଁ । **୩** ନୀନୁ ବାରେଦିନା ସାତା
ତଲେ ଡ଼ୟିମାଞ୍ଜି, ଏଲେକିହିଁଏ ଏଚରଜା଼ଣା ନାମିତି ତାୟିୟାଁ ୱା଼ହାନା,
ନୀନୁ ତୀରିତଲେ ସାତାତା ନୀଡାମାନାଣି ସା଼କି ହିୟାଲିଏ ନ଼ାନୁ ହା଼ରେକା
ରା଼ହାଁ ଆ଼ତେଏଁ । **୪** ନ଼ା ମୀର଼୍‌କା ମା଼ସ୍‌କା ସାତା ଅ଼ଡ଼େ ସାତା ତଲେ
ନୀଡାମାନାଣି ୱେଞ୍ଜାନା, ଏଚେକା ରା଼ହାଁ ଆ଼ହିମାଇଁ, ଏ଼ଦାଣିକିହାଁ ଆଗାଡ଼ା
ନାଡ୍ଗେ ଅ଼ଡ଼େ ଏ଼ନି ରା଼ହାଁ ହିଲେଏ । **୫** ଏ଼ ନ଼ା ଜୀୱୁତି ତ଼ଣେ ନୀନୁ କ୍ରୀସ୍ତାନା
ତାୟିୟାଁ ତାକି ଅ଼ଡ଼େ ଏଟ୍‌କା ଦ଼େସାତି କ୍ରୀସ୍ତାନା ତାୟିୟାଁ ତାକି ନାମୁ ଅ଼ଡ଼େ
ଟିକାଣା ତଲେ ସ଼େବା କାମା କିହିମାଞ୍ଜି । **୬** ଏ଼ୱାରି ଇମ୍ବାଆଁ ମା଼ କୁଲମିତା
ନୀ ଜୀୱୁ ନ଼ତି କାତା ୱେସିମାନେରି; ନୀନୁ ଏ଼ୱାରାଇଁ ମାହାପୂରୁତି ରା଼ହାଁ
ଆ଼ନିଲେହେଁ ତାମି ଜିରୁ ତାକି ଲ଼ଡ଼ାମାନାଣି ହୀହାନା ସା଼ୟେମି କିମୁ
। **୭** ଏ଼ନାଆଁତାକି ଇଚିହିଁ ଏ଼ୱାରି ନାମାଆଗାଟାରି ତା଼ଣାଟି ଏ଼ନାଆଁ
ରୀହ୍‌ଆନା କ୍ରୀସ୍ତୁତି ସ଼େବା କାମାତାକି ହ଼ଚାମାନେରି । **୮** ଏ଼ଦାଆଁତାକି
ମା଼ର ଏ଼ନିକିଁ ଏ଼ୱାରାଇଁ ସା଼ୟେମି କିହାନା ସାତାତି ତ଼ସାଲି ଏ଼ୱାରି ସ଼େବା
କାମାତା ଆଣ୍ତିନାୟି ମା଼ କାମା । **୯** ନ଼ାନୁ କୁଲମିତାକି ର଼ ଇଚାଣି ଆ଼କୁ
ରା଼ଚିତେଏଁ, ସାମା ଦିୟତ୍ରପା କୁଲମିତି କାଜାସି ଆ଼ହାଲି ଅଣ୍‌ପାନା, ନ଼ା
କାତା ୱେଞ୍ଜାହିଲଅସି । **୧୦** ନ଼ାନୁ ୱା଼ତିସାରେ ଏ଼ୱାସି କିହାମାନି ବାରେ
ଲାଗେଏତି କାମା ୱେହ୍‌ଇଁ, ଏ଼ୱାସି ଏ଼ନିକିଁ ମା଼ କ଼ପାଟି ଲାଗେଏତି କାତା
ୱେସାନା ମାଡ୍ଗେ ନିନ୍ଦାକିହିଁ ମିଚି କାତା ୱେସିମାନେସି, ୱାର଼୍‌ଇ ଏଚେକେଏ
ଆ଼ଏ, ସାମା କ୍ରୀସ୍ତାନା ତାୟିୟାଁ ୱା଼ତିହିଁ ଅ଼ପିହିଲଅସି କି ଆମ୍ବାଆରାଇଁ
ଅ଼ପାଲି ହୀହି ହିଲଅସି, ଅ଼ଡ଼େ ଆମ୍ବାଆରି ଆବିନାରି ଏ଼ୱାରାଇଁ କୁଲମିଟି
ହ଼ପ୍‌ହାଲି ଅଣ୍‌ପିମାନେସି । **୧୧** ଏ଼ ନ଼ା ଜୀୱୁତି ତ଼ଣେତି, ନୀନୁ ଲାଗେଏ
ପ଼ଲେଏତାଣି ଆହ୍‌ଆନା, ସାମା ନେହିଁ କାମାତି ଆହ୍‌ମୁ, ଆମ୍ବାଆସି ନେହିଁ
କାମା କିନେସି ଏ଼ୱାସି ମାହାପୂରୁ ତା଼ଣାଟି ଜାର୍ନା ଆ଼ହାମାନେସି; ଆମ୍ବାଆସି
ଲାଗେଏ ପ଼ଲେଏ କାମା କିନେସି ଏ଼ୱାସି ମାହାପୂରୁଇଁ ପୁଞ୍ଜାହିଲଅସି ।
**୧୨** ବାରେଜା଼ଣା ଦିମିତ୍ରିୟଇଁ ନେହାଁସି ଇନେରି, ଏ଼ୱାସି କିହାମାନି ସାତା
ନେହିଁ କାମା ଜିକେଏ ଏ଼ଦାଆଁ ତ଼ସିମାନେ, ମା଼ମ୍ବୁ ଜିକେଏ ଏ଼ଦାଆଁ ସା଼କି
ହୀହିମାନମି, ଇଞ୍ଜାଁ ମା଼ମ୍ବୁ ୱେହ୍‌ନି କାତା ସାତା ଇଞ୍ଜୁଁ ନୀନୁ ପୁଞ୍ଜାମାଞ୍ଜି ।
**୧୩** ନ଼ାନୁ ନିଡ୍ଗେ ହା଼ରେକା କାତା ୱେସ୍ତାନାୟିମାନେ ସାମା ଏ଼ଦାଆଁ ଆ଼କୁତା
ସୀରା କା଼ଡିତଲେ ରା଼ଚାଲି ଅଣ୍‌ପି ହିଲଅଁ । **୧୪** ମା଼ର ମୂମ୍ବୁ ମେସ୍‌ପି
ଆ଼ହାନା ଜ଼ଲ୍‌କି ଆୟାଲି ଆ଼ଡିନାୟି ଇଞ୍ଜୁଁ ଆ଼ସା କିହିମାଇଁ । ମିଡ୍ଗେତାକି
ହିତ୍‌ଡ଼ି ଆୟାପେ, ତ଼ଣେସିଡ୍ଗା ମିଡ୍ଗେତାକି ଜହରା ପାଣ୍ତିମାଞ୍ଜାନେରି,
ବାରେଜା଼ଣାତି ଦ଼ରୁ ଆସାନା ଜହରା ୱେହ୍‌ମୁ ।

# ଜୀହୁଦା

୧ ନା଼ନୁ ଜୀହୁଦାତେଏଁ, କ୍ରୀସ୍ତ ଜୀସୁତି ହ଼ଲେଏସି ଅ଼ଡ଼େ ଜାକୁବତି ତାୟି,
ଆ଼ବା ମାହାପୂରୁ ଆ଼ଚା ମାନାତେରି ଅ଼ଡ଼େ ତାନି ଜୀୱୁ ନ଼ନାତେରି
ଇଞ୍ଜ଼ାଁ ଜୀସୁ କ୍ରୀସ୍ତ ତାକି ଆ଼ଚ୍ୱି ଆ଼ହାମାନାତେରି ମିଡ୍ଗେତାକି ଇ ଆ଼କୁ
ରା଼ଚିମାଞ୍ଜାଇଁ । ୨ ମିଡ୍ଗେତାକି ମାହାପୂରୁତି କାର୍ମାମେହ୍ନାୟି ଅ଼ଡ଼େ
ହି଼ଡ଼୍ଡ଼ି ଜୀୱୁ ଇଞ୍ଜ଼ାଁ ଜୀୱୁନ଼ନାୟି ହ଼ାରେପୂରେ ଆୟାପେ । ୩ ଏ଼ ନା଼
ଜୀୱୁତି ତ଼ଣେସିଙ୍ଗ୍ୱା ମ଼ାର ବାରେ ଜ଼ାଣାତାୟି ଏମିନି ଗେଲ୍‌ପି ଆ଼ନି ତ଼ାଣା
ଆ଼ଣ୍ତ୍ରାମାନାୟି, ଏ଼ କାତା ମିଡ୍ଗେ ତାକି ରା଼ଚାଲି ଅଣ୍‌ପିମାଚେଏଁ । ସାମା
ମାହାପୂରୁ ତାନି ଲ଼କୁଣି କା଼ଲାକା଼ଲାତାକି ହୀହାମାନି ନାମୁ ୱାକିଟି ଜୁଜୁ
କିହାଲି ମିଡ୍ଗେ ରା଼ହାଁ କିୱି କିୟାଲି ଲ଼ଡ଼ାମାନେ ଇଞ୍ଜ଼ାଁ ଅଣ୍‌ପିତେଏଁ ।
୪ ଏ଼ନାଆଁତାକି ଇଚିହିଁ ଏଚରଜ଼ାଣା ମାହାପୂରୁଇଁ ମ଼ାନୱି ଆ଼ଆଗାଟାରି
ମ଼େଣେଏ ମୀ ବିତ୍ରା ୱା଼ହାମାନେରି, ଏ଼ୱାରି ମାହାପୂରୁ କାର୍ମାମେହ୍ନି
କାତା ତିରିମ୍ପିପ଼ହାନା ତ଼ାମ୍ବୁ ତ଼ାମ୍ବୁ ଅଣ୍‌ପିତି ଲେହେଁ ଲାଗେଏ ପ଼ଲେଏତି
କାମା କିହିମାନେରି, ଅ଼ଡ଼େ ଜୀସୁ କ୍ରୀସ୍ତ ରଅସିଏ କାଜାସି ଅ଼ଡ଼େ ପ୍ରବୁ,
ଏ଼ୱାରି ଏ଼ୱାଣାଇଁ ଅ଼ପଅରି, ଏ଼ୱାରି ବେଟାଆ଼ନି ଡଣ୍ତି କାତା ତଲି
କା଼ଲାଟିଏ ଦାର୍ମୁପତିତା ରା଼ସ୍କି ଆ଼ହାମାନେ । ୫ ପ୍ରବୁ ତଲିଏ ଏଚରଜ଼ାଣା
ତାନି ଲ଼କୁଣି ମିସର ଦ଼େସାଟି ପିସ୍‌ପି କିତେସି, ସାମା ଏ଼ୱାରି ବିତ୍ରାଟି
ନାମାଆଗାଟାରାଇଁ ନ଼ାସା କିତେସି, ଇଚିହିଁ ବାରେ କାତା ପୁଞ୍ଜାମାଚି
ଜିକେଏ ମିଡ୍ଗେ ଅ଼ଡ଼େ ୱେଣ୍ତେ ଅଣ୍‌ପି କିୱି କିୟାଲି ଅଣ୍‌ପିମାଇଁ । ୬ ଅ଼ଡ଼େ
ଏମିନି ଦୂତୁୟାଁ ମାହାପୂରୁ ହୀହାମାଚି ପ଼ାଣା ପିସାନା ତାମି ବାସାଆ଼ନି
ଟ଼ାୟୁ ପିସ୍ତୁ, ମାହାପୂରୁ ଏ଼ ଦୂତୁୟାଁଇଁ ନୀହାଁୟି କିନି ଦିନା ପାତେକା ଆନ୍ଧେରି
ଟ଼ାୟୁତା କା଼ଲାକା଼ଲା ତାକି ହିକ୍‌ଶିୟାଁ ତଲେ ଦସା ଇଟାମାନେସି । (aïdios
g126) ୭ ଏଲେକିହିଁଏ ସଦମ ଅ଼ଡ଼େ ଗମରା ଅ଼ଡ଼େ ତାନି ସ଼ାରିସୁଟୁ ମାଚି
ଗା଼ଡ଼ାୟାଁତାରି, ଦ଼ାରିକାମା ଅ଼ଡ଼େ ତାମି ବିତ୍ରା ଲାଗେଏ ଅ଼ଡ଼େ ଅ଼ପାଆଗାଟି
ଲାଜା ଆ଼ନି କାମା କିତେରି, ଏ଼ଦାଆଁତାକି କା଼ଲାକା଼ଲା ତାକି ଡ଼ୀଞ୍ଜିମାନି
ହିଟୁତା ସା଼ସ୍ତି ବେଟାଆ଼ତେରି, ମ଼ା ବାରେଜ଼ାଣା ତାକି ଜାଗ୍ରାତା କିୱିକିନି
କାତା ଲେହେଁତାୟି ଇଞ୍ଜ଼ାଁ ମୀରୁ ଅଣ୍‌ପାଦୁ । (aiōnios g166) ୮ ଏଲେକିହିଁଏ
ହାପାନା ର଼େଣ୍ଣାରି ଜିକେଏ, ଅ଼ପାଆଗାଟି କାମା ତଲେ ତାମି ଆଙ୍ଗ୍ତି
ଲାଗେଏ କିହିମାନେରି, ଅ଼ଡ଼େ ମାହାପୂରୁତି ଅଦିକାରାତି ଅ଼ପାଆ଼ନା
ଲାକପୂରୁତି ଦୂତୁୟାଁଇଁ ନିନ୍ଦ୍ରା କିହିମାନେରି । ୯ ସାମା ବାରେକିହାଁ କାଜା
ଦୂତୁ ମିକାୟେଲ ମ଼ସାତି ମାଡ଼୍ହା ତାକି ସୟତାନ ତଲେ ବ଼ାଦିବ଼ାଦା
ଆ଼ତାଟି ନିନ୍ଦ୍ରା କିହାନା ଏ଼ଦାନି ବିଚାରା କିହାଲି ସ଼ାସା କିଆ଼ନା, ୱା଼ଇ
ଏଚେକା ଏଲେଇଚେ, “ପ୍ରବୁ ନିଡ୍ଗେ ଦାକା ହିୟାପେସି ।” ୧୦ ସାମା ଇ
ଲ଼କୁ ତ଼ାମ୍ବୁ ପୁନାଆଗାଟାଣି ବାରେ ନିନ୍ଦ୍ରା କିନେରି, ଇଞ୍ଜ଼ାଁ ବୁଦି ହିଲାଆଗାଟି
ଜ଼ନ୍ତୁ ଲେହେଁ ତ଼ାମ୍ବୁଏ ତାମି ଆଙ୍ଗ୍ତି ଅଣ୍‌ପୁ ତଲେ ପୁଞ୍ଜାମାନି ତ଼ାଣାଟି ନ଼ାସା
ଆ଼ନେରି । ୧୧ ଆୟ଼ତା, ଏ଼ୱାରି ଡଣ୍ତ ବେଟାଆ଼ନାରି, ଇଚିହିଁ ଏ଼ୱାରି
କୟିନ ଜିରୁତା ହାଜାମାନେରି, ଡାବୁୟାଁ ଜୂପ୍‌କାତାକି ଏ଼ୱାରି ବିଲିୟମ
ଦ଼ହ କିତିଲେହେଁ ଦ଼ହ କିହାମାନେରି, ଏ଼ୱାରି କରହ ଲେହେଁ ହ଼ଆଗାଟି
ଗଡ଼୍ହା କିହାନା ଏ଼ୱାଣିଲେହେଁ ନ଼ାସା ଆ଼ନେରି । ୧୨ ଏ଼ୱାରି ଲାଜା
ଆ଼ଆନା ମୀ ତଲେ ତିଞ୍ଜା ଉଣ୍ତାନା ମୀ ରା଼ହାଁତି ବ଼ଜିତା ଆଣ୍ତାନା ମ଼ାହିଁତି
ଗାରି ଲେହେଁତାରି, ଏ଼ୱାରି ୱା଼ଇ ଜାହାରା ତାକି ଅଣ୍‌ପିନେରି, ଏ଼ୱାରି
ଗା଼ଲି ୱେନି ପିୟୁ ରା଼ଆଗାଟି ଦୂନ୍ଦ୍ରା ଲେହେଁତାରି, ଏ଼ୱାରି ଡାକି ମେଗାନା
ପେନି଼ବେଲା ପା଼ଡ଼େୟି ଆ଼ୟାଆଗାଟି ୱା଼ୟିତି ମା଼ର୍‌ନୁ ଲେହେଁତାରି ।
୧୩ ଏ଼ୱାରି ସାମ୍‌ଦୁରି ୱାଡିସାରି ହ଼ନି ମା଼ଚିଗାଟି ପମ୍ବଲି ଲେହେଁ ଏ଼ୱାରି
ଲାଜାଗାଟି କାମାୟାଁ ଡ଼ଞ୍ଜାଆ଼ନେ, ଏ଼ୱାରି ତାମି ଟ଼ାୟୁ ପିସାନା ଇତାଲା
ଆତାଲା ରେନି ହୁକାୟାଁ ଲେହେଁତାରି, ଏ଼ୱାରାକି ମାହାପୂରୁ କା଼ଲେଏତାକି
ଆନ୍ଧେରିଗାଟି ଟ଼ାୟୁ ତିୟାରା କିହାଁ ଇଟାମାନେସି । (aiōn g165) ୧୪
ଆଦମ ଟିଏ ସ଼ାତା ଲମ୍ବ୍ରର ମାଣ୍ସି ହନକ, ଜିକେଏ ଡ଼ାୟୁ ଆ଼ନି କାତା
ଏ଼ୱାରି ତାକି ଡ଼େକ୍‌ହା ମାଚେସି, “ମେହ୍‌ମୁ ପ୍ରବୁ ତାନି ମ଼ାଣା ମ଼ାଣା
ସୁଦୁଗାଟି ଦୂତୁୟାଁ ତଲେ ୱା଼ନେସି ।” ୧୫ ମେହ୍‌ମୁ ପ୍ରବୁ ନୀହାଁୟି କିୟାଲି
ୱା଼ନେସି, ଏ଼ୱାସି ଦାର୍ମୁ ହିଲାଆଗାଟାରାଇଁ ତାମି ପ଼ଲ୍‌ଆ କାମାତାକି ଅ଼ଡ଼େ
ଏ଼ୱାରି ମାହାପୂରୁଇଁ ମ଼ାନୱି ଆ଼ଆନା ଏ଼ୱାଣି କ଼ପାଟି ୱେସ୍ତି ଅ଼ପାଆଗାଟି
କାତାତାକି ଏ଼ୱାରାଇଁ ଦ଼ହଗାଟାରି କିହାନା ଡଣ୍ତ ହୀନେସି । ୧୬ ଇ
ଲ଼କୁ ବାରେ଼ବେଲା ତ଼ାମ୍ବୁ ତ଼ାମ୍ବୁଏ ଏଚେକା ବେଟାଆ଼ତି ଜିକେଏ ରା଼ହାଁ
ଆ଼ଅରି । ଏ଼ୱାରି ୱା଼ଇ ତାମି ଲାଗେଏ ପ଼ଲେଏତି ଅଣ୍‌ପୁ ତଲେ
ସ଼ାଲୱି ଆ଼ନେରି; ଏ଼ୱାରି ବଡପଣ ଡ଼ସାନା କାଜା କାତା ୱେହ୍‌ନେରି,
ଅ଼ଡ଼େ ଲା଼ବା ବେଟାଆ଼ହାଲି ଜୂପ୍‌କା ଡ଼ସାନା ଲ଼କୁ ନ଼କିତା ଅ଼ଜିତି କାତା
ୱେହ୍‌ନେରି । ୧୭ ସାମା ଏ଼ ନା଼ ଜୀୱୁତି ତ଼ଣେସିଙ୍ଗ୍ୱା ମ଼ା ପ୍ରବୁ ଜୀସୁ
କ୍ରୀସ୍ତୁତି ପାଣ୍ତୱି ଆ଼ହାମାନାରି ତଲିଟିଏ ଏମିନି ବାରେ କାତା ୱେସାମାନାଣି
ବାରେ ଅଣ୍‌ପାଦୁ । ୧୮ ଏ଼ୱାରି ଏ଼ନିକିଁ ମିଡ୍ଗେ ୱେସାମାଞ୍ଜାତେରି ରା଼ନି
଼ବେଲା ମାହାପୂରୁଇଁ ମ଼ାନୱି ଆ଼ହାନା ତାମି ଅଣ୍‌ପୁ ତଲେ ମାଞ୍ଜାନା ନିନ୍ଦ୍ରା
କାତା ୱେହ୍‌ନାରି ହ଼ନେରି ଇଞ୍ଜ଼ାଁ ଲାଜା କିହାନା ଏଲେଇଞ୍ଜାନେରି । ୧୯
ଏ଼ୱାରି ଗଡ଼୍ହା କିୱି କିହାଁ ଜାଟୁ ଡିକ୍‌ନେରି, ଅ଼ଡ଼େ ଆଙ୍ଗ୍ତି ଅଣ୍‌ପୁଟି
ସ଼ାଲୱି ଆ଼ହାନା, ମାହାପୂରୁତି ନେହିଁ ଜୀୱୁ ବେଟାଆ଼ଆତାରି । ୨୦
ସାମା ଏ଼ ତ଼ଣେସିଙ୍ଗ୍ୱା ମୀରୁ ମୀ ଡୀରିଗାଟି ନାମୁଗାଟି ଦାର୍ମୁତି ଇଲୁ
ପାଡିକିହାଁ କଡାଦୁ, ଅ଼ଡ଼େ ସୁଦୁଜୀୱୁ ତଲେ ପ୍ରାତାନା କିଦୁ । ୨୧ ମ଼ା ପ୍ରବୁ
ଜୀସୁ କ୍ରୀସ୍ତୁତି କାର୍ମାଟି କା଼ଲାକା଼ଲାତି ଜୀୱୁ ହି଼ୟାନେସି, ମୀରୁ ଏ଼ଦାଆଁ
ବେଟାଆ଼ହାଲି କା଼ଚାନା ମାହାପୂରୁ ଜୀୱୁନ଼ହିଁ ମାଞ୍ଜାନି ତ଼ାଣା ମାଞ୍ଜେମାଞ୍ଜୁ
। (aiōnios g166) ୨୨ ଆନାମାନା ଆ଼ନି ଲ଼କୁଣି କାର୍ମାମେସାନା ନାମୁତା
ପାଡିକିଦୁ । ୨୩ ଏଟ୍‌କା ତାରାଇଁ ହିଚୁଟି ଡ଼େୱିତି ଲେହେଁ ଗେଲ୍‌ପାଦୁ,
ଆଙ୍ଗ୍ତି ପ଼ାପୁ କାମାତା ମା଼ହାଁମାନି ହିମ୍ବ୍ରିକା ଅ଼ପାଆଦୁ, ଏଚର ଲ଼କୁଣି
କାର୍ମା ମେସ୍ତମି ଜିକେଏ ଏ଼ୱାରାଇଁ ଆଜିନାୟି ମାନେ । ୨୪ ଆମ୍ବ୍ରାଆସି
ମିଡ୍ଗେ ପୁଟିକିନି ତ଼ାଣାଟି ଗେଲ୍‌ପାଲି ଆ଼ଡାନେସି, ଅ଼ଡ଼େ ତାନି ଗାୱୁରମିତି
ହ଼ାରେକା ରା଼ହାଁତଲେ ନ଼କିତା ତାଚାଲି, ମାଡ୍ଗେ ଦ଼ହ ହିଲାଆଗାଟି ଲ଼କୁ
ଲେହେଁ କିହାଲି ଆ଼ଡାନେସି । ୨୫ ଏ଼ ମ଼ା ପ୍ରବୁ ଜୀସୁ କ୍ରୀସ୍ତ ତାକି ମ଼ା

ଗେଲ୍‌ପାନି ମାହାପୂରୁ ରଅସିଏ, ଗାୱୁରମି, କାଜାପା଼ଣା, ବା଼ଡ଼୍‌ୟୁ ଅ଼ଡ଼େ ସା଼ଲୱି କିନାୟି କା଼ଲେଏତାୟି, ନୀଏଁ, ଅ଼ଡ଼େ ଜୁଗୁ ଜୁଗୁତାକି ଏ଼ୱାଣିୱାୟି । ଆ଼ମେନ୍ । **(aiōn g165)**

# ର଼ୱେ ବ଼ଲୁ

୧ ଜୀସୁ କ୍ରୀସ୍ତୁତି ର଼ୱେକ୍‌ହି ବ଼ଲୁ; ର଼ୱେଡ଼ା ଆ଼ଆନା ଏ଼ନାୟି ଗଟୱି ଆ଼ନେ
ଏ଼ଦାଆଁ ବାରେ ଏ଼ୱାସି ଏ଼ନିକିଁ ତାନି ହ଼ଲିୟାଜ୍ଗାଣି ୱେହ୍‌ନେସି,
ଏ଼ଦାଆଁତାକି ମାହାପୂରୁ ଇଦାଆଁ ଜୀସୁ ନ଼କିତା ହେର୍‌ପିତେସି, ଅ଼ଡ଼େ
ଏ଼ୱାସି ତାନି ଦୂତୁଇଁ ପାଣ୍ତାନା ତାନି ହ଼ଲିୟା ଜହନଇଁ ଏ଼ଦାଆଁ ୱେସ୍ତେସି ।
୨ ଏ଼ ଜହନ ମାହାପୂରୁତି ବ଼ଲୁ ଅ଼ଡ଼େ ଜୀସୁ କ୍ରୀସ୍ତୁତି ସ଼ାକି କାତା ଇଚିହିଁ
ଏ଼ୱାସି ଏ଼ନାଆଁ ମେସ୍ତେସି ଏ଼ ବାରେ କାତାତି ସ଼ାକି ହୀହିମାନେସି । ୩
ଆମ୍ବାଆସି ଇ ପତି ପ଼ଡ଼ୱି ଆ଼ନେସି ଇଞ୍ଜାଁ ମାହାପୂରୁତି ବ଼ଲୁ ୱେଞ୍ଜାନା,
ଇ ପତିତା ର଼ାସ୍‌କି ଆ଼ହାମାନାଣି ବାରେ ମ଼ାନୱି ଆ଼ନାରି ନେହାଁରି,
ଏ଼ନାଆଁତାକି ଇଚିହିଁ ଇ ବାରେ ଗଟୱି ଆ଼ନି କ଼ାଲମି ଡାଗେ ୱ଼ାତେୟିଏ ।
୪ ନ଼ାନୁ ଜହନତେଏଁ, ଆସିୟାତା ମାନି ସ଼ାତାଗଟା କୁଲମିକାଣି ଜହରା
ୱେସାନା ର଼ାଚିମାଞ୍ଜାଇଁ, ମାହାପୂରୁତି କାର୍ମାମେହ୍‌ନାୟି ଅ଼ଡ଼େ ହିତ୍‌ଡ଼ି ଜୀୱୁ
ମିଡ୍ଗେ ଆୟାପେ, ନୀଏଁ ଆମ୍ବାଆସି ମାନେସି ତଲି ମାଚାସି ଅ଼ଡ଼େ ଜିକେଏ
ଡ଼ାୟୁ ଦିନା ୱ଼ାନେସି, ଅ଼ଡ଼େ ତାନି ର଼ାଜିତି ସିଂଗାସାଣି ନ଼କିତା ନିଚାମାନି
ସ଼ାତାଗଟା ଜୀୱୁୟାଁ ତ଼ାଣାଟି, ୫ ଜୀସୁ କ୍ରୀସ୍ତୁ ନାମୁତି ସ଼ାତା ସ଼ାକି ହୀନାସି,
ହ଼ାତାରି ବିତ୍ରାଟି ତଲିଏ ନିଡ୍ଗିତାସି, ଜାର୍ନା ଆ଼ତାସି, ଅ଼ଡ଼େ ଦାର୍‌ତିତି
ରାଜାୟାଁଣି ସ଼ାଲୱି କିନାସି । ଏ଼ୱାସି ମାଡ୍ଗେ ଜୀୱୁ ନ଼ହାଁମାଞ୍ଜାନେସି,
ଅ଼ଡ଼େ ତାନି ନେତେରିଟି ମାଡ୍ଗେ ପ଼ାପୁଟି ଗେଲ୍‌ପାତେସି । ୬ ଅ଼ଡ଼େ
ମାଡ୍ଗେ ର଼ ରାଜାତି କୂଲୁଲେହେଁ କିହାନା ଆ଼ବା ମାହାପୂରୁ ନ଼କିତା ପୂଜେରା
ଲେହେଁ ଆ଼ଚାମାଞ୍ଜାନେସି, ତାନି ଗାୱୁରମି କାଜାପ଼ାଣା କ଼ାଲାକ଼ାଲା ତାକି
ଆ଼ପେ । ଆ଼ମେନ୍ । (aiōn g165) ୭ ମେହଦୁ ଏ଼ୱାସି ଦୂନ୍କା ତଲେ
ୱ଼ାହିମାନେସି, ଏଚେଟିଏ ବାରେ କାଣ୍‌କା ଏ଼ୱାଣାଇଁ ମେହ୍‌ନୁ, ଅ଼ଡ଼େ
ଏ଼ୱାଣାଇଁ ଗ୍ଣାକ୍‌ହା ମାଚାରି ଜିକେଏ ମେହ୍‌ନେରି, ଦାର୍‌ତିତାରି ବାରେ କୂଡ଼ା
ଏ଼ୱାସି ୱ଼ାହିମାନାକି ଡ଼ୀନେରି ଏ଼ଦି ସାତା ଆ଼ନେ । ଆ଼ମେନ୍ । ୮ ବାରେ
ବ଼ାଡ଼୍‌ୟୁ ଗାଟି ପ୍ରବୁ ମାହାପୂରୁ ୱେସିମାନେସି, ନ଼ାନୁ ମ଼ାଟ୍‌ନାତେଏଁ ଅ଼ଡ଼େ
ର଼ାପ୍‌ନାତେଏଁ, ଆମ୍ବାଆସି ନୀଏଁ ମାନେସି ତଲିଏ ମାଚେସି ଅ଼ଡ଼େ ଡ଼ାୟୁ
ଦିନା ୱ଼ାନାସି ନ଼ାନୁ ଏ଼ୱାତେଏଁ । ୯ ନ଼ାନୁ ଜହନତେଏଁ, ମୀ ତାୟିତେଏଁ,
ଜୀସୁତି ସୀସୁ ଆ଼ହାଁ ତାନି ର଼ାଜି ଲ଼କୁତାକି ୱ଼ାହିମାନି କସ୍ତ ଅ଼ର୍‌ହାଲି ନ଼ାନୁ
ମୀ ତଲେତି ର଼ ମାଣ୍‌ସିତେଏଁ । ଜୀସୁ ତ଼ସାମାନି ସାତା ଇଞ୍ଜାଁ ମାହାପୂରୁତି
ବ଼ଲୁ ୱେସିମାଚାକି ନାଡ୍ଗେ ପାତ୍‌ମସ୍ ସାମ୍‌ଦୁରି ମାଦି ମାନି ଟ଼ାୟୁତା
ପାଣ୍ତାମାଞ୍ଜାତେରି । ୧୦ ପ୍ରବୁତି ଦିନାତା ସୁଦୁଜୀୱୁ ନ଼ା ଲାକ ର଼େଚାୱ଼ାତେ,
ଅ଼ଡ଼େ ନ଼ାନୁ ଡ଼ାୟୁ ୱାକିଟି ତୀତ୍ରି ମ଼ହ୍‌ରି ଲେହେଁତି କାଜା ଗିୟାଁତଲେ ଏଲେ
ଇଞ୍ଜିମାଚି ର଼ ହ଼ାଡା ୱେଚେଏଁ । ୧୧ ନୀନୁ ମେସିମାନାଣି ର଼ାଚାମୁ ଅ଼ଡ଼େ ଇ
ପତିତି ଇ ସ଼ାତାଗାଟା କ୍ରୀସ୍ତାନା କୁଲମି ଇଚିହିଁ ଏପିସି, ସ୍ମର୍ନା, ପର୍ଗମ,
ତୁୟାତିରା, ସାର୍ଦି, ପିଲାଦେଲ୍‌ପିୟା ଅ଼ଡ଼େ ଲାୱୁଦିକିୟାତି କୁଲମିତା
ପାଣ୍ତାମୁ । ୧୨ ଆମ୍ବାଆସି ନ଼ା ତଲେ କାତା ଆ଼ହିମାନେସି, ଇଦାଆଁ
ମେସାଲି ୱେଣ୍ତେ ସିନିକିତେଏଁ, ଇଞ୍ଜାଁ ସ଼ାତାଗଟା ବାଂଗାରା ଦୀୱଁୟାଁ, ୧୩
ଇଞ୍ଜାଁ ଏ଼ ଦୀୱଁୟାଁ ମାଦିଏ ମାଣ୍‌ସି ମୀର୍‌ଏଣା ଲେହେଁ ର଼ ମାଣ୍‌ସି; ଏ଼ୱାଣି
ପାଌଆନାୟାଁ ପାତେକା ହିମ୍ବରି ପ୍ଟିକ୍‌ହା ମାଚେ ଅ଼ଡ଼େ ବକତା ବାଂଗାରା
ପ଼ାଟାତି ଡ଼ରି ରୂପାମାଚେ; ୧୪ ଏ଼ୱାଣି ତ଼ାୟୁଁ ବ଼ାଣାୟାଁ ଅପ୍‌ହି ଲୂଲୁ ଅ଼ଡ଼େ
ପେଣ୍ଟି ମାଚୁ ଲେହେଁ ଦବ୍‌ଲା, ଅ଼ଡ଼େ ଏ଼ୱାଣି କାଣ୍‌କା ହିଚୁ ଲେହେଁ ଡ଼ୀଞ୍ଜି
ମାଚୁ । ୧୫ ତାନି ପାଌଆନାୟାଁ ହଲୁତା ହୂଡିତି ପିତାଡ଼ା ମ୍ଣିସିମାନି ଲେହେଁ
ମିଣ୍‌ସି ମାଚୁ, ଅ଼ଡ଼େ ତାନି ଗିୟାଁ ଲଦ ଲଦ ଇଞ୍ଜାଁ ରିହିମାନି ଏ଼ୟୁତି ହ଼ାଡା
ଲେହେଁତାୟି । ୧୬ ତାନି ଟିଌନି କେୟୁତା ସ଼ାତାଗଟା ହୁକାୟାଁ ମାଚୁ,
ତାନି ଗୂତିଟି ରିକୱାକି ଦ଼ାରାଗାଟି କାଣ୍ତା ହ଼ତେ, ତାନି ମୂମୁ ମାଦେନା
ର଼ବେଲା ଡ଼ୀଞ୍ଜିମାନି କାରା ଲେହେଁ ଉଜେଡ଼ି ଗାଟାୟି । ୧୭ ନ଼ାନୁ ଏ଼ୱାଣାଇଁ
ମେସ୍‌ପନିଏ ହ଼ାତିଲେହେଁ ତାନି କଡାୟାଁ ଡ଼ଇ ରୀତେଏଁ, ଏମ୍ବାଟିଏ ଏ଼ୱାସି
ନ଼ା ଲାକ ତାନି ଟିଌନି କେୟୁ ଇଟାନା ଇଲେ ଇଞ୍ଜାତେସି, ଆଜାଆନି
ନ଼ାନୁ ମ଼ାଟ୍‌ନାତେଏଁ ଅ଼ଡ଼େ ର଼ାପ୍‌ନାତେଏଁ । ୧୮ ଆଜାଆଦୁ ନ଼ାନୁ ନୀଡା
ମାନାତେଏଁ ହ଼ାତାତେଏଁ, ନ଼ାନୁ କ଼ାଲା କ଼ାଲେଏତାକି ନୀଡାମାଇଁ, ହ଼ାନାୟି
ଅ଼ଡ଼େ ହ଼ାତାରି ର଼ାଜିତି କୁଚିକ଼ାଡ଼ି ନ଼ା କେୟୁତା ମାନେ । (aiōn g165,
Hadēs g86) ୧୯ ଇଚିହିଁ ନୀନୁ ଏ଼ନାଆଁ ମେସାମାଞ୍ଜି, ଅ଼ଡ଼େ ଏ଼ନାୟି ନୀଏଁ
ଆ଼ହିମାନେ ଇଞ୍ଜାଁ ଇଦାଣି ର଼ଜେଚ ଏ଼ନାୟି ଆ଼ନେ ଇ ବାରେ ର଼ାଚା ଇଟାମୁ ।
୨୦ ନ଼ା ଟିଌନି କେୟୁତା ମେସାମାନି ସ଼ାତାଗଟା ହୁକାୟାଁ ଅ଼ଡ଼େ ସ଼ାତାଗଟା
ବାଂଗାରା ଦୀୱଁ ସ଼ଡ଼ାୟାଁତି ଡୁଗାମାନି କାତା ଇଦି, ସ଼ାତାଗଟା ହୁକାୟାଁ
ସ଼ାତାଗଟା କୁଲମିତି ଦୂତୁୟାଁ, ଅ଼ଡ଼େ ସ଼ାତାଗଟା ବାଂଗାରା ଦୀୱଁ ସ଼ଡ଼ାୟାଁ
ସ଼ାତାଗଟା କୁଲମିକା ।

୨ “ଏପିସି କୁଲମିତି ଦୂତୁ ତ଼ାଣା ର଼ାଚାମୁ, ଆମ୍ବାଆସି ଟିଌନି କେୟୁତା
ସ଼ାତାଗଟା ହୁକାୟାଁ ଆସାମାନେସି ଅ଼ଡ଼େ ସ଼ାତାଗଟା ବାଂଗାରା
ଦୀୱଁ ସ଼ଡ଼ାୟାଁ ମାଦି ର଼େଜିମାନେସି, ୨ ଏ଼ୱାସି ଏଲେଇଞ୍ଜି ମାନେସି,
ନୀନୁ କିହାମାନି କାମା ନ଼ାନୁ ପୁଞ୍ଜାମାଇଁ, ନୀନୁ ଏ଼ନିକିଁ ୱ଼ାହୁତଲେ କାମା
କିହିମାଞ୍ଜି, ଅ଼ଡ଼େ ଏଚେକା ଅ଼ର୍‌ହିମାଞ୍ଜି ଏ଼ଦାଆଁ ପୁଞ୍ଜାମାଇଁ, ନୀନୁ ଲାଗେଏ
ପ଼ଲେଏ କାମା କିନାରାଇଁ ଅ଼ପିହିଲଅତି, ଅ଼ଡ଼େ ପାଣ୍ତୱି ଆ଼ଆନା ମ଼ାମୁ
ପାଣ୍ତୱି ଆ଼ହାମାନମି ଇଞ୍ଜୁଁ ୱେସା କଡିନେରି, ନୀନୁ ତାୟିପାରି କିହାଁ
ଏ଼ୱାରି ମିଚି କାତା ୱେହନାରି ଇଞ୍ଜୁଁ ପୁଞ୍ଜିମାଞ୍ଜି । ୩ ନ଼ା ଦ଼ରୁ ତାକି ଦୁକୁ
କସ୍ତ ଅ଼ର୍‌ହିମାଞ୍ଜି ଇଞ୍ଜାଁ ୱ଼ାହାହିଲଅତି ଇଦାଆଁ ଜିକେଏ ନ଼ାନୁ ପୁଞ୍ଜାମାଇଁ
। ୪ ଆତିହିଁ ଜିକେଏ ନୀ କ଼ପାଟି ନ଼ା ଇ କାତା ମାନେ, ତଲି ଜୀୱୁନ଼ହିଁ
ମାଞ୍ଜାତିଲେହେଁ ନୀଏଁ ଜୀୱୁନ଼ହିଁ ମାଞ୍ଜଅତି । ୫ ଅ଼ଡ଼େ ନୀନୁ ଏ଼ନିକିଁ
ଡ଼ଇ ତର୍‌ଗା ମାଞ୍ଜି ଏ଼ଦାଆଁ ଅଣ୍‌ପାନା ନୀ ପ଼ାପୁ ପିସାହାଁ ମ଼ନ ୱେଟ୍‌ମୁ
ଅ଼ଡ଼େ ତଲିତିଲେହେଁ ସାତା କାମା କିମୁ, ଆ଼ଆତିଁ ଏ଼ଚେତା ନୀନୁ ହିୟାଁ
ୱେଟ୍‌ଅତି, ନ଼ାନୁ ନୀ ତ଼ାଣା ତବେ ୱ଼ାହାନା ନୀ ଦୀୱଁ ନୀ ତ଼ାଣାଟି ଏଟ୍‌କା
ଗୁଚିକିୟାଇଁ । ୬ ଆ଼ତିଜିକେଏ ନୀ ତ଼ାଣା ର଼ ନେହିଁ ଗୂଣୁ ମାନେ ନ଼ାନୁ ଏ଼ନିକିଁ
ନିକଲାୟତାରି ବାରେ କାମା ଅ଼ପିହିଲଅଁ ଏଲେକିଁ ନୀନୁୱା ଅ଼ପିହିଲଅତି
।” ୭ “କୁଲମିକାଣି ସୁଦୁଜୀୱୁ ଏ଼ନାଆଁ ୱେସିମାନେ ଆମ୍ବାଆରି କୀର୍କା
ମାନୁ ଏ଼ଦାଆଁ ୱେଣ୍‌ମ୍ବାସି । ଆମ୍ବାଆସି ଜୀଣା ଆ଼ନେସି, ଏ଼ୱାଣାଇଁ ନ଼ାନୁ

ମାହାପୂରୁ ର଼ାଜିତା ମାନି ଜୀୱୁଗାଟି ମ଼ାର୍‌ନୁତି ପ଼ାଡ଼େୟି ତିଞ୍ଜାଲି ହୀଇଁ ।” ୮ “ସ୍ମର୍ନା କୁଲମିତି ଦୂତୁ ତ଼ାଣା ର଼ାଚାମୁ, ଆମ୍ବାଆସି ତଲିତାସି ଅ଼ଡ଼େ ଡ଼ାୟୁତାସି, ଆମ୍ବାଆସି ହ଼ାହାମାଚେସି ଅ଼ଡ଼େ ୱେଣ୍ଡେ ନୀଡିତେସି, ଏ଼ୱାସି ଏଲେଇଞ୍ଜି ମାନେସି । ୯ ନ଼ାନୁ ନୀ ବାରେ କସ୍ତ ଅ଼ଡ଼େ ହାକି କ଼ାକୁଲି ପୁଞ୍ଜାମାଇଁ, ସାମା ନୀନୁ ବାତ୍‌କୁ ଗାଟାତି ଅ଼ଡ଼େ ଆମ୍ବାଆରି ଜୀହୁଦି ଲ଼କୁ ଆ଼ଆନା ମ଼ାମ୍ବୁ ଜୀହୁଦି ଲ଼କୁତମି ଇଞ୍ଜୁଁ ଇନେରି, ଏ଼ୱାରି ସୟତାନ ଗଚିତାରି ଏ଼ୱାରି ନିନ୍ଦା ଜିକେଏ ନ଼ାନୁ ପୁଞ୍ଜାମାଇଁ । ୧୦ ମୀରୁ ଏମିନି ଦୁକୁ ବେଟାଆ଼ହାଲି ହାଜି ମାଞ୍ଜେରି, ଏ଼ ବାରେ ଆଜାଆଦୁ; ମେହ୍‌ଦୁ ମିଙ୍ଗେ ତାୟିପାରି କିହାଲି ସୟତାନ ମୀ ବିତ୍ରାଟି ଆମ୍ବା ଆମ୍ବାଆରାଇଁ କ଼ାୟିଦିତା ଇଟିନେ, ଅ଼ଡ଼େ ମୀରୁ ଦସ ଦିନା କସ୍ତ ବେଟାଆ଼ଦେରି । ମୀରୁ ହ଼ାନି ପାତେକା ନାମୁତଲେ ମାଞ୍ଜୁ, ଆତିହିଁ ନ଼ାନୁ ମିଙ୍ଗେ ଜୀୱୁତି ଟ଼ପେରି ହିୟାଇଁ ।” ୧୧ “କୁଲମିତି ସୁଦୁଜୀୱୁ ଏ଼ନାଆଁ ୱେସିମାନେ, ୱେଞ୍ଜାଲି କୀର୍କା ମାଚିସାରେ ୱେଣ୍‌ମ୍ବାସି, ଆମ୍ବାଆସି ଜୀଣା ଆ଼ନେସି ଏ଼ୱାଣାଇଁ ଅ଼ର ଦେବାତି ହ଼ାକି ତଲେ ନସ୍ତ କିହାଲି ଆ଼ଡେଏ ।” ୧୨ “ପର୍ଗମ କୁଲମିତି ଦୂତୁ ତ଼ାଣା ର଼ାଚାମୁ, ଆମିନି ଗାଟାଣି ତ଼ାଣା ରିକୱାକି ଦ଼ାରା ଗାଟି କାଣ୍ଡା ମାନେ ଏ଼ୱାସି ଏଲେଇଞ୍ଜି ମାନେସି । ୧୩ ଆମିନି ତ଼ାଣା ସୟତାନତି ସିଂଗାସାଣି, ଏମ୍ବାଆଁ ନୀନୁ ବାସା କିହିମାଞ୍ଜି, ଇଦାଆଁ ନ଼ାନୁ ପୁଞ୍ଜାମାଇଁ, ଆତିହିଁ ଜିକେଏ ନୀନୁ ନ଼ା ଦ଼ରୁତି ଆ଼ଟ୍‌ୱା ତଲେ ଆସାମାଞ୍ଜି, ଅ଼ଡ଼େ ନ଼ା ସ଼ାକି ଆନ୍ତିପା ଏଚିବ଼େଲା ମୀ ତ଼ାଣା ସୟତାନତି ବାସା ଟ଼ାୟୁତା ପ଼ାୟ୍‌ୱି ଆ଼ହାମାଚେସି, ମୀରୁ ନ଼ା ତ଼ାଣା ନାମାମାନାକି ଏଚିବ଼େଲାତା ଜିକେଏ ନାଙ୍ଗେ ପୁଞ୍ଜାହିଲଅଁ ଇଞ୍ଜାଆତି । ୧୪ ଆ଼ତିଜିକେଏ ନୀ କ଼ପାଟି ର଼ କାତା ମାନେ, ଇଚିହିଁ ଆମିନି ବିଲିୟମ ଢ଼ପେଣ୍‌କା ବମାୟାଁକି ଡ଼ାକାମାନି ବ଼ଗୁ ତିନି ତ଼ାଣାଟି ପ଼ାପୁ ଅ଼ଡ଼େ ଦ଼ାରିକାମା କିୱିକିନି ପ଼ାନ୍ଦା ମେତ୍‌ହାଲି ଇସ୍ରାୟେଲ ମୀର୍‌କା ବାଲାକଇଁ ଜ଼ାପ୍‌ହା ମାଚେସି, ଏଲେତି କାମା କିନି ଲ଼କୁ ମୀ ବିତ୍ରାଟି ଏଚରଜ଼ାଣା ତ଼ାକିନାରି ମାନେରି । ୧୫ ଏଲେକିହିଁଏ ନିକଲାୟ ଜ଼ାପ୍‌ନାଣି ଆସାମାନି ଲ଼କୁ ମୀ ବିତ୍ରା ମାନେରି । ୧୬ ଏ଼ଦାଆଁତାକି ମୀ ପ଼ାପୁ ପିସାନା ହିୟାଁ ୱେଟ୍‌ଦୁ ଆ଼ଆତିଁ ନ଼ାନୁ ମୀ ତ଼ାଣା ତବେ ୱ଼ାହାନା ନ଼ା ଗୂତିଟି ହ଼ନି କାଣ୍ଡାତଲେ ଏ଼ୱାରି କ଼ପାଟି ଜୁଜୁ କିଇଁ ।” ୧୭ “କୁଲମିକାଣି ସୁଦୁଜୀୱୁ ଏ଼ନାଆଁ ୱେସିମାନେସି ଆମ୍ବାଆରି କୀର୍କା ମାନୁ ଏ଼ଦାଆଁ ୱେଣ୍‌ମ୍ବାସି । ଆମ୍ବାଆସି ଜୀଣା ଆ଼ନେସି ଏ଼ୱାଣାକି ଡୁଗାମାନି ମାନା ତିଞ୍ଜାଲି ହୀଇଁ ଅ଼ଡ଼େ ଏ଼ୱାରି ବିତ୍ରାଟି ବାରେଜ଼ାଣାତି ପୁଃନି ଦ଼ରୁ ର଼ାସ୍‌କି ଆ଼ହାମାନି ର଼ ଦବ୍‌ଲା ୱାଲି ହୀଇଁ, ଏ଼ ପୁଃନି ଦ଼ରୁ ଏ଼ନାୟି ୱାଲି ଆ଼ନାଣି ପିସ୍‌ପେ ଆମ୍ବାଆସି ପୁନଅସି ।” ୧୮ “ତୁୟାତିରା କୁଲମିତି ଦୂତୁ ତ଼ାଣା ଇଲେଇଞ୍ଜୁଁ ର଼ାଚାମୁ, ମାହାପୂରୁ ଆମିନି ମୀର୍‌ଏଣା କାଣ୍‌କା ଡ଼ୀଞ୍ଜିମାନି ହିଚୁ ଲେହେଁ ଇଞ୍ଜାଁ ପାଃଆନା କଡାୟାଁ ମ୍ଣିସିମାନି ପିତାଡ଼ା ଲେହେଁ ଏ଼ୱାସି ଏ଼ଦାଆଁ ଏଲେଇଞ୍ଜି ମାନେସି । ୧୯ ନ଼ାନୁ ନୀ କାମା, ଜୀୱୁ ନ଼ନାଣି, ନାମୁତଲେ ଢ଼ସେବା କିନାଣି, ଅ଼ର୍‌ହିନାଣି ପୁଞ୍ଜାମାଇଁ, ଅ଼ଡ଼େ ନୀ ତଲିତି କାମା କିହାଁ ନୀଏଁ ହ଼ାରେକା ଗାଡି କାମା କିହିମାଞ୍ଜି, ଇଦାଆଁ ଜିକେଏ ପୁଞ୍ଜାମାଇଁ । ୨୦ ଆ଼ତିଜିକେଏ ନୀ କ଼ପାଟି ର଼ ଇଚି କାତା ମାନେ, ଜିଜେବଲ୍ ଦ଼ରୁଗାଟି ଆମିନି ଇୟା ଜାହାରାଇଁ ମାହାପୂରୁ ଅଣ୍‌ପୁତି ବ଼ଲୁ ଢ଼ୱେକ୍‌ନାତେଏଁ ଇଞ୍ଜୁଁ ୱେସାକଡାନା, ନ଼ା ଢ଼ସେବା କିନାରାଇଁ ଦ଼ାରିକାମା ଅ଼ଡ଼େ ଢ଼ପେଣ୍‌କା ବମାୟାଁକି ଡ଼ାକାମାନି ବ଼ଗୁ ତିଞ୍ଜାଲି ଜ଼ାପ୍‌ହାନା ଲାଗେଏ କିୱି କିହାମାନେ, ମୀରୁ ଏ଼ଦାଣି ଅ଼ର୍‌ହି ମାଞ୍ଜେରି । ୨୧ ନ଼ାନୁ ଏ଼ଦାନାକି ତାନି ପ଼ାପୁ କାମା ପିସାନା ମ଼ନ ୱେଟ୍‌ହାଲି ହୀତି ଜିକେଏ, ତାନି ଦ଼ାରିକାମା ପିସାଲି ମ଼ନ କିଆ଼ତେ । ୨୨ ଇଦାଆଁତାକି ନ଼ାନୁ ଏ଼ଦାନି ମ଼ାଡୁ ହୁଞ୍ଜିକିଇଁ, ଅ଼ଡ଼େ ଆମିନି ଗାଟାରି ଏ଼ଦାନିତଲେ ଦ଼ାରିକାମା କିନେରି, ଏ଼ୱାରି ତାମି ପ଼ାପୁ କାମାଟି ହିୟାଁ ୱେଟ୍‌ଆତିଁ ନ଼ାନୁ ଏ଼ୱାରାଇଁ ଆଜିହ଼ପେତି ସ଼ାସ୍ତି ହୀଇଁ । ୨୩ ଅ଼ଡ଼େ ନ଼ାନୁ ତାନି ମୀର୍‌କା ମ଼ାସ୍‌କାଇଁ ହ଼ାକି ତଲେ ନ଼ାସାକିଇଁ, ଏଚେଟିଏ ନ଼ାନୁ ବାରେ ଲ଼କୁତି ହିୟାଁ ଅ଼ଡ଼େ ମ଼ନତି ଅଣ୍‌ପୁତି ପୁନାତେଏଁ, ଅ଼ଡ଼େ ବାରେଜ଼ାଣାକି ତାମି କାମାତି ପ଼ାଡ଼େୟି ହୀନାତେଏଁ ଇଞ୍ଜୁଁ ବାରେ କୁଲମିକା ପୁଞ୍ଜାନୁ ।” ୨୪ “ସାମା ମୀରୁ ତୁୟାତିରାତି ଏଚରଜ଼ାଣା ମାନାତେରି ଏ଼ ଲାଗେଏତି ଜ଼ାପ୍‌ନାଣି ଆସା ହିଲଅତେରି, ଇଞ୍ଜାଁ ଏଟ୍‌କାତାରି ଏ଼ନାଆଁ ସୟତାନତି ଡୁଗାମାନି କାତା ଇଞ୍ଜୁଁ ଇନେରି, ଏ଼ଦାଆଁ ମୀରୁ ଜ଼ାପାହିଲଅତେରି, ନ଼ାନୁ ଏ଼ୱାରି ଲାକ ଏ଼ନି ପୁଃନି ବ଼ଜୁ ହୀଅଁ । ୨୫ ଇଚିହିଁ ମୀ ତ଼ାଣା ଏ଼ନାୟି ମାନେ ଏ଼ଦାଆଁ ନ଼ା ୱ଼ାନି ଦିନା ପାତେକା ତୀରିତଲେ ଆସାମାଞ୍ଜୁ ।” ୨୬ ଆମ୍ବାଆସି ଜୀଣା ଆ଼ନେସି, ଅ଼ଡ଼େ ଡ଼ାୟୁ ପାତେକା ନ଼ା କାମା କିନେସି, ନ଼ାନୁ ଏ଼ନିକିହିଁ ନ଼ା ଆ଼ବା ତ଼ାଣାଟି ଅଦିକାରା ବେଟାଆ଼ହାମାଇଁ, ଏଲେକିହିଁଏ ଏ଼ୱାଣାକି ଏ଼ ଢ଼ଦେସାତି ଅଦିକାରା ହୀଇଁ । ୨୭ ଏ଼ୱାସି ବାରେ କୂଡ଼ାତି ଲ଼କୁଣି ଲ଼ହ ବାଡ଼୍‌ଗା ତଲେ ସ଼ାଲୱି କିନେସି ଅ଼ଡ଼େ ଇର୍‌ଆ ଡ଼କାୟାଁ ଲେହେଁ କୁଟୁକୁଟା କିନେସି । ୨୮ ଅ଼ଡ଼େ ନ଼ାନୁ ଏ଼ୱାରାକି ଢ଼ୱେୟାଜାରା ହୁକା ଜିକେଏ ହୀଇଁ । ୨୯ “କୁଲମିକାଣି ସୁଦୁଜୀୱୁ ଏ଼ନାଆଁ ୱେସିମାନେ ଆମ୍ବାଆରାକି କୀର୍କା ମାନୁ ଏ଼ଦାଆଁ ୱେଣ୍‌ମ୍ବାସି ।”

୩ “ସାର୍ଦି କୁଲମିତି ଦୂତୁ ତ଼ାଣା ର଼ାଚାମୁ, ଆମ୍ବାଆସି ମାହାପୂରୁତି ସ଼ାତାଗଟା ଜୀୱୁୟାଁ ଅ଼ଡ଼େ ସ଼ାତାଗଟା ହୁକାୟାଁ ଆସାମାନେସି ଏ଼ୱାସି ଏଲେଇଞ୍ଜି ମାନେସି, ନ଼ାନୁ ମୀ କାମା ବାରେ ପୁଞ୍ଜାମାଇଁ ମୀରୁ ଦ଼ରୁ ତାକି ଜୀୱୁ ଗାଟାତେରି, ସାମା ସାତା ତଲେ ହ଼ାତାତେରି । ୨ ଜାଗ୍ରାତା ଆ଼ଦୁ ଅ଼ଡ଼େ ମୀ ତ଼ାଣା ଏ଼ନାୟି ମାନେ ଏ଼ ବାରେ ଡୁଗିନି ନ଼କେଏ ଏ଼ୱାଆଁ ବ଼ାଡ଼୍‌ୟୁ କିଦୁ, ଇଚିହିଁ ନ଼ାନୁ ମୀ ବାରେ କାମା ନ଼ା ମାହାପୂରୁ ନ଼କିତା ଦ଼ହ ହିଲାଆଗାଟାୟି ତ଼ଞ୍ଜା ଆ଼ହା ହିଲେଏ । ୩ ଏ଼ଦାଆଁତାକି ମୀରୁ ଏ଼ନିକିଁ ଜ଼ାପାମାଞ୍ଜେରି ଅ଼ଡ଼େ ୱେଞ୍ଜାମାଞ୍ଜି ଏ଼ଦାଣି ଅଣ୍‌ପାନା ମ଼ାନୱି ଆ଼ଦୁ ଇଞ୍ଜାଁ ପ଼ାପୁଟି ହିୟାଁ ୱେଟ୍‌ଦୁ; ମୀରୁ ଜାଗ୍ରାତା ଆ଼ଆତିହିଁ ନ଼ାନୁ ସ଼ରୁଲେହେଁ ମୀ ତ଼ାଣା ୱ଼ାଇଁ, ଏ଼ଦାଣି ଏ଼ନିଜିକେଏ ମୀରୁ ପୁଞ୍ଜାଲି ଆ଼ଡଅତେରି । ୪ ସାମା ସାର୍ଦିତା ମୀ ବିତ୍ରା ଏଚରଜ଼ାଣା ମାନେରି, ଏ଼ୱାରି ତାମି ହିମ୍ବରିକା ମ଼ାହିଁ କିହାଁ ହିଲଅରି, ଏ଼ୱାରି ଅପ୍‌ନି ହିମ୍ବରିକା ହୁଚାନା ନ଼ା ତଲେ ତ଼ାକିନେରି, ଏ଼ନାଆଁତାକି ଇଚିହିଁ ଏ଼ୱାରି ପ଼ାଡ଼ା ଆ଼ତାରି । ୫ ଆମ୍ବାଆରି ଜୀଣା ଆ଼ନେରି ଏ଼ୱାରି ଏଲେତି ଅପ୍‌ନି ହିମ୍ବରିକା ହୁଚିନେରି, ଅ଼ଡ଼େ

ନ଼ାନୁ ଏ଼ୱାରି ଦ଼ରୁ ଜୀୱୁଗାଟି ପଟିଟି ଏଚେଲାୱା ମ୍ଣେକ୍ଅଁ, ଇଞ୍ଜ଼ାଁ ନ଼ାନୁ
ନ଼ା ଆ଼ବା ଅ଼ଡ଼େ ତାନି ଦୂତୁୟାଁ ନ଼କିତା ନ଼ା ତଲେତାରି ଇଞ୍ଜ଼ିହିଁ ଏ଼ୱାରି
ଦ଼ରୁ ର଼ୱେକ୍ଇଁ ।” ୬ “କୁଲମିକାଣି ସୁଦୁଜୀୱୁ ଏ଼ନାଆଁ ୱେସିମାନେସି
ଆମ୍ବାଆରି କୀର୍କା ମାନୁ ଏ଼ଦାଆଁ ୱେଣ୍ମ୍ବାସି ।” ୭ “ପିଲାଦେଲ୍ପିୟା
କୁଲମିତି ଦୂତୁ ତ଼ାଣା ର଼ାଚାମୁ, ଆମ୍ବାଆସି ସୁଦୁଗାଟାସି ଅ଼ଡ଼େ ସାତାତାସି
ଆମିନିଗାଟାଣି କେୟୁତା ଦାୱୁଦତି କୁଚିକା଼ଡ଼ି ମାନେ, ଏ଼ୱାସି ଦ଼ାରା
ଦେତିସାରେ ଆମ୍ବାଆସି ସୁଣ୍ଡାଲି ଆ଼ଡଅସି, ଅ଼ଡ଼େ ଦ଼ାରା ସୁଣ୍ଡିସାରେ
ଆମ୍ବାଆସି ଦେଚାଲି ଆ଼ଡଅସି, ୮ ଏ଼ୱାସି ଏଲେଇଞ୍ଜ଼ି ମାନେସି ନ଼ାନୁ
ମୀ କାମା ପୁଞ୍ଜ଼ାମାଇଁ, ସିନିକିଦୁ ନ଼ାନୁ ମୀ ନ଼କିତା ର଼ ଦ଼ାରା ଦେଚାମାଇଁ,
ଏ଼ଦାଆଁ ଆମ୍ବାଆସି ସୁଣ୍ଡାଲି ଆ଼ଡଅସି, ଇଚିହିଁ ମୀ ବା଼ଡ଼୍ୟୁ ଉଣା ମାଚି
ଜିକେଏ ନ଼ା ଜା଼ପ୍ନାଣି ମୀରୁ ମ଼ାନୱି ଆ଼ହାମାଞ୍ଜେରି, ଇଞ୍ଜ଼ାଁ ନ଼ା ଦ଼ରୁ
ଏଚେଲା ପୁଞ୍ଜ଼ାହିଲଅମି ଇଞ୍ଜ଼ିଁ ଇଞ୍ଜ଼ାହିଲଅତେରି । ୯ ମେହ୍ଦୁ ଆମ୍ବାଆରି
ଜୀହୁଦି ଲ଼କୁ ଆ଼ଏ, ସାମା ମିଚି ତଲେ ଜୀହୁଦି ଲ଼କୁତମି ଇଞ୍ଜ଼ିଁ ଇଞ୍ଜ଼ିମାନେରି
ଇଲେତି ସୟତାନ ଗଟିଟି ଲ଼କୁଣି ନ଼ାନୁ ମୀ କଡାଣା ଜହରା କିୱି କିୟାଇଁ,
ଇଞ୍ଜ଼ାଁ ନ଼ାନୁ ମିଞ୍ଜେ ଜୀୱୁନ଼ହିଁ ମାଞ୍ଜାଇଁ ଇଞ୍ଜ଼ିଁ ଏ଼ୱାରି ପୁଞ୍ଜ଼ାଲି ଆ଼ଡିନେରି ।
୧୦ ନ଼ା ହୁକୁମି ଲେହେଁ ସ଼ାସା ଆସାନା ମାଞ୍ଜେରି, ଇଦାଆଁତାକି ଦାର୍ତିତି
ଲ଼କୁଣି ତାୟିପାରି କିହାଲି ବାରେ ଦାର୍ତିତା ଆମିନି ତାୟିପାରି କିନି ଦିନା
ୱାନେ, ଏମ୍ବାଟି ନ଼ାନୁ ଜିକେଏ ମିଞ୍ଜେ ଗେଲ୍ପାଇଁ । ୧୧ ନ଼ାନୁ ତବେ
ୱା଼ହିମାଇଁ ମୀ ଜୀଣାଆ଼ତି ଟ଼ପେରି ଏ଼ନିକିଁ ଆମ୍ବାଆସି ମୀଞ୍ଜା ଅୟଅସି
ଏ଼ଦାଆଁତାକି ମୀ ତ଼ାଣା ଏ଼ନାୟି ମାନେ ଏ଼ଦାଆଁ ଡ଼ାଂଟା ତଲେ ଆସାଁ
ଡ଼ୟାଦୁ । ୧୨ ଆମ୍ବାଆସି ଜୀଣା ଆ଼ନେସି ନ଼ାନୁ ଏ଼ୱାଣାଇଁ ନ଼ା ମାହାପୂରୁ
ଇଲୁତି ମୁଣ୍ଡାଲେହେଁ କିଇଁ, ଏ଼ୱାସି ଏମ୍ବାଟି ପାଙ୍ଗ୍ୱାତା ହାଲଅସି, ନ଼ାନୁ ନ଼ା
ମାହାପୂରୁତି ଦ଼ରୁ ଅ଼ଡ଼େ ଲାକପୂରୁଟି ୱା଼ହାମାନି ପୁଃନି ଜିରୁସାଲମ ମ଼ା
ମାହାପୂରୁତି ଗା଼ଡ଼ାତି ଦ଼ରୁ ଇଞ୍ଜ଼ାଁ ନ଼ା ପୁଃନି ଦ଼ରୁ ତାନି ଲାକ ର଼ାଚିଇଁ ।” ୧୩
“କୁଲମିକାଣି ସୁଦୁଜୀୱୁ ଏ଼ନାଆଁ ୱେସିମାନେସି, ଆମ୍ବାଆରି କୀର୍କା ମାନୁ
ଏ଼ଦାଆଁ ୱେଣ୍ମ୍ବାସି ।” ୧୪ “ଲାୱୁଦିକିୟା କୁଲମିତି ଦୂତୁ ତ଼ାଣା ର଼ାଚାମୁ,
ଆମ୍ବାଆସି ସାତା ଇଞ୍ଜ଼ାଁ ନାମୁଗାଟାସି ଅ଼ଡ଼େ ସାତା ସ଼ାକି ହୀନେସି, ଅ଼ଡ଼େ
ଆମ୍ବାଆସି ମାହାପୂରୁ ଗା଼ଡ଼ିକିତାଣି ମୂଲୁଏ ଗା଼ଡ଼ିକିତାସି ଏ଼ୱାସି ଏଲେଇଞ୍ଜ଼ି
ମାନେସି । ୧୫ ନ଼ାନୁ ମୀ କାମା ପୁଞ୍ଜ଼ାମାଇଁ, ମୀରୁ ହି଼ଡ଼୍ଡ଼ି ଆ଼ଏ କି ଉସମି
ଜିକେଏ ଆ଼ଏ, ମୀରୁ ହି଼ଡ଼୍ଡ଼ି କି ଉସମି ଆ଼ହାମାଚି ନେହିଁ ଆ଼ତେମା । ୧୬
ସାମା ମୀରୁ ହି଼ଡ଼୍ଡ଼ି କି ଉସମି ଆ଼ଆନା କା଼ୱନି ଆ଼ହାମାନାକି ନ଼ାନୁ ମିଞ୍ଜେ
ନ଼ା ଗୁଟିଟି ହୂପାଲି ହାଜିମାଇଁ । ୧୭ ନୀନୁ ଏଲେ ଇଞ୍ଜ଼ିମାଞ୍ଜି, 'ନ଼ାନୁ ବାଡ୍କୁ
ଗାଟାତେଏଁ ନାଞ୍ଜେ ହା଼ରେକା ଦ଼ନ ମାନେ; ନାଞ୍ଜେ ଏ଼ନାୟି ଲ଼ଡ଼ା ହିଲେଏ
।' ସାମା ନୀନୁ କାର୍ମା କା଼କୁଲି ଗାଟାତି ଅ଼ଡ଼େ ସ଼ାୟେମି ହିଲାଆଗାଟାତି,
ହାକି ଗାଟାତି, କା଼ଣା ଅ଼ଡ଼େ ନ଼ାଗ଼ଡ଼ା ଗାଟାତି, ଇଦାଆଁ ପୁଞ୍ଜ଼ାହିଲଅତି;
୧୮ ଇଦାଆଁତାକି ନ଼ାନୁ ନିଞ୍ଜେ ଇ କାତା ୱେସିମାଞ୍ଜାଇଁ ନୀନୁ ବାଡ୍କୁ
ଗାଟାତି ଆ଼ହାଲିତାକି ହିଚୁତା ହୂଡିତି ବାଂଗାରା ଅ଼ଡ଼େ ନୀ ନ଼ାଗ୍ଡ଼ାତି
ଲାଜା ଏ଼ନିକିହିଁ ତ଼ଞ୍ଜା ଆ଼ଏ ଇଦାଆଁତାକି ହୁଚାଲି ଦବ୍ଲା ହିମ୍ବରି ଇଞ୍ଜ଼ାଁ
କାଣ୍କା ମେସାଲି ତାକି କାଣ୍କାଣାଁ ରୁବାକଡିନାଣି ନ଼ା ତ଼ାଣାଟି କଡାମୁ
। ୧୯ ନ଼ାନୁ ଏଚେକା ଲ଼କୁଣି ଜୀୱୁ ନ଼ଇଁ ଏ଼ୱାରାଇଁ ଦାକା ଅ଼ଡ଼େ ଡଣ୍ଡ
ହୀଇଁ ଏ଼ଦାଣିତାକି ର଼ାହାଁ ଆ଼ହାଁ ମ଼ନ ୱେଟ୍ହା କଡାମୁ । ୨୦ ମେହ୍ମୁ ନ଼ାନୁ
ଦୁୱେରି ଡାକିତା ନିଚାନା ଦ଼ାରା ର଼ୱେଚିମାଇଁ ଆମ୍ବାଆସି ନ଼ା ଗିୟାଁ ୱେଞ୍ଜାନା
ଦ଼ାରା ଦେନେସି ଆ଼ଟିଁ ନ଼ାନୁ ବିତ୍ରା ହ଼ଡାନା ତାନି ତ଼ାଣା ହାଇଁ ଅ଼ଡ଼େ ନ଼ାନୁ
ଏ଼ୱାଣିତଲେ ର଼ାନ୍ଧା ତିଇଁ ଅ଼ଡ଼େ ଏ଼ୱାସି ନ଼ା ତଲେ ର଼ାନ୍ଧା ତିନେସି । ୨୧
ନ଼ାନୁ ଏ଼ନିକିହିଁ ଜୀଣାଆ଼ହାନା ନ଼ା ଆ଼ବା ତଲେ ସିଂଗାସାଣିତା କୁଗାମାଇଁ
ଏଲେକିହିଁଏ ଆମ୍ବାଆସି ଜୀଣା ଆ଼ନେସି ନ଼ାନୁ ଏ଼ୱାଣାଇଁ ନ଼ା ତଲେ ନ଼ା
ସିଂଗାସାଣିତା କୁଗାଲି ହୀଇଁ ।” ୨୨ “ସୁଦୁଜୀୱୁ କୁଲମିକାଣି ଏ଼ନାଆଁ
ୱେସିମାନେ, ଆମ୍ବାଆରି କୀର୍କା ମାନୁ ଏ଼ଦାଆଁ ୱେଣ୍ମ୍ବାସି ।”

**୪** ଏଚେଟିଏ ନ଼ାନୁ ମେସ୍ତେଏଁ, ମେହ୍ଦୁ ଲାକପୂରୁଟି ର଼ ଦ଼ାରା
ଦେପିଆ଼ହାମାନେ; ଅ଼ଡ଼େ ତୀତ୍ରି ମ଼ହ୍ରି ହା଼ଡାଲେହେଁ ନ଼ା ତଲେ
ନ଼କେଏ ଜ଼ଲିମାଚାଣି ୱେଞ୍ଜା ମାଚେଏଁ, ଏ଼ଦି ଏଲେଇଞ୍ଜାତେ “ଇମ୍ବାଆଁ ନିଙ୍ଗ୍ୱ
ୱା଼ମୁ, ଏ଼ନାୟି ଇଦାଆଁ ଡ଼ାୟୁ ଗଟୱି ଆ଼ନେ ଏ଼ ବାରେ ନିଞ୍ଜେ ନ଼ାନୁ ତ଼ସ୍ତାଇଁ
।” ୨ ଏ଼ ଦେବୁଣିଏ ସୁଦୁଜୀୱୁ ନାଞ୍ଜେ ଲକ୍ହାତେ, ମେହ୍ଦୁ ଲାକପୂରୁ ର଼
ସିଂଗାସାଣି ମାଚେ, ଇଞ୍ଜ଼ାଁ ସିଂଗାସାଣି ଲାକ ରଅସି କୁଗାମାନେସି । ୩
କୁଗାମାନାଣି ୱା଼ଣା ହୀରା ଅ଼ଡ଼େ ମାଣିକ୍ୟ ଇନି ଦାରାଗାଟି ୱାଲି ଲେହେଁ,
ଅ଼ଡ଼େ ସିଂଗାସାଣିତି ମରକତ ଇନି ଦ଼ାରା ଗାଟି ୱାଲ୍କା ଲେହେଁ ସ଼ାରିସୁଟୁ
ର଼ ଦାର୍ଣକି ଗୂର୍ଚାମାଚେ । ୪ ଅ଼ଡ଼େ ସିଂଗାସାଣି ସ଼ାରିସୁଟୁ କଡ଼େ
ସ଼ାରିଗଟା ସିଂଗାସାଣି ମାନୁ, ଅ଼ଡ଼େ ସିଂଗାସାଣିୟାଁ ଲାକ କଡ଼େ ସ଼ାରି
ଜ଼ାଣା ପ୍ରାଚିନାଙ୍ଗ୍ୱା କୁଗାମାନେରି, ଏ଼ୱାରି ଦବ୍ଲା ହିମ୍ବରିକା ହୁଚାମାନେରି
ଇଞ୍ଜ଼ାଁ ଏ଼ୱାରି ତ଼ାୟୁଁତା ବାଂଗାରା ଟ଼ପେରି । ୫ ସିଂଗାସାଣିଟି ବିଲିବାଲା
ମ୍ଣିହ୍ନାୟି ଅ଼ଡ଼େ ହ଼ାଗୁ ଗୁଣ୍ନି ହା଼ଡା ହ଼ତେ, ଅ଼ଡ଼େ ସିଂଗାସାଣି ନ଼କିତା
ହିଚୁଗାଟି ସ଼ାତାଗଟା ଦୀୱେଁୟାଁ ଡ଼ୀଞ୍ଜିମାଚୁ, ଇ ସ଼ାତାଗଟା ହିଚୁ ବ଼ନ୍ଧୟାଁ
ମାହାପୂରୁତି ସୁଦୁଜୀୱୁୟାଁ ୬ ସିଂଗାସାଣି ନ଼କିତା ଦାର୍ପେଣିଲେହେଁ ର଼ ନେହିଁ
ସାମ୍ଦୁରି ତ଼ଞ୍ଜାଆ଼ହିମାଚେ, ସିଂଗାସାଣି ସ଼ାରିସୁଟୁତି ମାଦିଏ ସ଼ାରିଗଟା
ଜ଼ନ୍ତୁ ଜିୱେଡ଼ିକା, ଏ଼ୱାସିକା ନ଼କିତା ଅ଼ଡ଼େ ଡ଼ାୟୁତା କାଣ୍କା ମାଚୁ । ୭
ନ଼କିତି ଜ଼ନ୍ତୁ ସିହଁ କା଼ଃଆନି ଲେହେଁ, ଅ଼ଡ଼େ ରୀ ଲମ୍ବର ଜ଼ନ୍ତୁ ବାଚା କ଼ଡି
ଲେହେଁ, ତୀନି ଲମ୍ବର ଜ଼ନ୍ତୁତି ମୂମ୍ଣୁ ମାଣ୍ସିତି ମୂମ୍ଣୁ ଲେହେଁ, ଅ଼ଡ଼େ ସ଼ାରି
ଲମ୍ବର ଜ଼ନ୍ତୁ ଲାକ ଉମ୍ବିମାନି ର଼ଲ୍ଡୁ ଲେହେଁ ତ଼ଞ୍ଜାଆ଼ହିମାଚେ । ୮ ବାରେ
ଜ଼ନ୍ତୁୟାଁକି ସ଼ ଗଟା ମାରାୟାଁ ଏ଼ ମ଼ାରାୟାଁ ବିତ୍ରା ଅ଼ଡ଼େ ପାଙ୍ଗ୍ୱାତା କାଣ୍କା
ମାନୁ ଏ଼ୱି ଲ଼ାଆଁ ମାଦେନା ଜ଼ମାଆନା ଏଲେଇଞ୍ଜି ମାନୁ । “ସୁଦୁ, ସୁଦୁ,
ସୁଦୁ, ବାରେ ବା଼ଡ଼୍ୟୁଗାଟି ମାହାପୂରୁ, ଆମ୍ବାଆସି ତଲିଏ ମାଚେସି ନୀଏଁ
ମାନେସି ଅ଼ଡ଼େ କା଼ଲେଏ ମାନେସି, ଏ଼ ପ୍ରବୁ ।” ୯ ଜ଼ନ୍ତୁୟାଁ ଏଟି଼ବେଲା ଏ଼
ସିଂଗାସାଣିତା କୁଗାମାନି କା଼ଲାକା଼ଲାତି ଜୀୱୁଗାଟି ମାଣ୍ସିଇଁ ଗାୱୁରମି
ସାମ୍ବମି ଅ଼ଡ଼େ ଜହରା କିନେରି । (aiōn g165) ୧୦ ଏଟି଼ବେଲା କଡ଼େ
ସ଼ାରି ଜ଼ାଣା ପ୍ରାଚିନାଙ୍ଗ୍ୱା ସିଂଗାସାଣିତା କୁଗାମାନି ମାଣ୍ସିଇଁ ମେଣ୍ଡ୍ରାକୁତାନା
କା଼ଲେଏ ନୀଡାମାନି ମାଣ୍ସିଇଁ ଜହରା କିତେରି, ଇଞ୍ଜ଼ାଁ ସିଂଗାସାଣି ନ଼କିତା

ତାମି ଟ଼ପେରିକା ଇଟାନା ଏଲେଇଚେରି । (aiōn g165) ୧୧ ମ଼ା ପ୍ରବୁ ଅ଼ଡ଼େ
ମାହାପୂରୁ । ନୀନୁ ଗାୱୁରମି ସାମ୍ବମି ଅ଼ଡ଼େ ବ଼ାଡ଼୍‌ୟୁ ବେଟାଆ଼ହାଲି ଜ଼ଗେ
ଗାଟାତି । ଏ଼ନାଆଁତାକି ଇଚିହିଁ ନୀନୁ ବାରେ ଗ଼ାଡ଼ିକିହା ମାଞ୍ଜି । ଅ଼ଡ଼େ ନୀ
ଅଣ୍‌ପୁ ତଲେ ବାରେ ଗ଼ାଡ଼ି ଆ଼ହାମାନୁ, ଅ଼ଡ଼େ ଜୀୱୁତଲେ ନୀଡାମାନୁ ।

୫ ନ଼ାନୁ ସିଂଗାସାଣିତା କୁଗାମାନାଣି ଟିଂଠନି କେୟୁତା ର଼ ପୁଣ୍ଠଇ ପତି
ମେସ୍ତେଏଁ, ଏ଼ଦି ରିକୱାକି ର଼ାସ୍‌କି ଆ଼ହାମାଚେ ଇଞ୍ଜାଁ ସ଼ାତାଗଟା ସୀଲି
ୱେପି ଆ଼ହାମାଚେ । ୨ ଅ଼ଡ଼େ ନ଼ାନୁ ବ଼ାଡ଼୍‌ୟୁ ଗାଟି ର଼ ଲାକପୂରୁତି ଦୂତୁଇଁ
ମେସ୍ତେଏଁ, ଏ଼ୱାସି କାଜା ଗିୟାଁତଲେ ଏଲେଇଚେସି, ଆମ୍ବାଆସି ଈ ସୀଲି
ହୁକ୍‌ହାନା ପତିତି ଦେଚାଲି ପ଼ାଡ଼ାଆ଼ନେସି । ୩ ସାମା ପତିତି ଦେଚାଲି,
ଏମ୍ବାଆଁ ଏ଼ନାୟି ର଼ାସ୍‌କି ଆ଼ହାମାନେ, ସିନିକିହାଲି ଲାକପୂରୁ, ଦାର୍‌ତିତା
ଅ଼ଡ଼େ ତ଼ାଡ଼େପୂରୁତା ଆମ୍ବାଆସି ସ଼ାସା କିଆତେସି । ୪ ଏ଼ ପତିତି ଦେଚାଲି
କି ଏ଼ଦାଆଁ ସିନିକିହାଲି ଆମ୍ବାଆସି ସ଼ାସା କିଆଲିଏ ନ଼ାନୁ ହ଼ାରେକା
ଡ଼ୀତେଏଁ । ୫ ଏମ୍ବାଟିଏ ପ୍ରାଚିନାଙ୍ଗା ବିତ୍ରାଟି ରଅସି ନାଙ୍ଗେ ସ଼ାସା ହୀହାନା
ଏଲେଇଞ୍ଜାତେସି, "ଡ଼ୀଆନି, ସିନିକିମୁ ଜୀହୁଦା ଗଚିତି ଦାୱୁଦ କୂଡ଼ାତି ସିହଁ
ଜୀଣା ଆ଼ହାମାନେସି; ଏ଼ୱାସି ଈ ପତିତି ସ଼ାତାଗଟା ସୀଲି ଦେଚାଲି ଅ଼ଡ଼େ
ଏ଼ ରୂପିତି ପତି ଏକ୍‌ହାଲି ପ଼ାଡ଼ା ଆ଼ହାମାନେସି ।" ୬ ଏଚେଟିଏ ନ଼ାନୁ
ସିନିକିତେଏଁ ସିଂଗାସାଣି, ଅ଼ଡ଼େ ପ୍ରାଚିନାଙ୍ଗା ମାଦିଏ ସ଼ାରିଗଟା ଜ଼ନ୍ତୁ ତଲେ
ର଼ ମ଼େଣ୍ଡା ଡ଼ାଲୁ ନିଚାମାନାଣି ମେସ୍ତେଏଁ, ଏ଼ ମ଼େଣ୍ଡା ଡ଼ାଲୁ ପ଼ାୟ୍‌ୱି ଆ଼ତି
ଲେହେଁ ତ଼ଞ୍ଜାଆ଼ହିମାଚେ, ଏ଼ଦାନାକି ସ଼ାତାଗଟା କମ୍‌କା ଅ଼ଡ଼େ ସ଼ାତାଗଟା
କାଣ୍‌କା ମାଚୁ, ଏ଼ କାଣ୍‌କା ଦାର୍‌ତିତି ବାରେୱାକି ପାଣ୍ଡୁୱି ଆ଼ହାମାଚି
ମାହାପୂରୁତି ସ଼ାତାଗଟା ସୁଦୁଜୀୱୁୟାଁ । ୭ ମ଼େଣ୍ଡା ଡ଼ାଲୁ ସିଂଗାସାଣିତା
କୁଗାମାନାଣି ଡାଗେ ହାଜାନା ଏ଼ୱାଣି ଟିଂଠନି କେୟୁଟି ଏ଼ ରୂପିତି ପତି
ଅ଼ତେସି । ୮ ଏ଼ ପତି ଅ଼ହାଲିଏ ସ଼ାରିଗଟା ଜ଼ନ୍ତୁ ଅ଼ଡ଼େ କଡ଼େ ସ଼ାରି ଜ଼ାଣା
ପ୍ରାଚିନାଙ୍ଗା ଏ଼ ମ଼େଣ୍ଡା ଡ଼ାଲୁ ନ଼କିତା ମୁନୁ କୁତାହାଁ ଜହରା କିତେରି, ଏ଼
ବାରେଜ଼ାଣା ତାକି ର଼ ର଼ ସେର୍‌ଙ୍ଗି ଅ଼ଡ଼େ ମାହାପୂରୁ ଲ଼କୁ ପ୍ରାତାନାତି ଦୁପା
ଦୁପ୍‌ଣି ନେଞ୍ଜାମାନି ର଼ ବାଂଗାରା ଗିନା ମାଚେ । ୯ ଏ଼ୱାରି ର଼ ପୁଠନି
ପ଼ାଚୁ ପ଼ାଚିମାଚେରି; "ନୀନୁ ଏ଼ ରୂପିତି ପତି ଅ଼ହାଲି ଅ଼ଡ଼େ ଏମ୍ବାତି ସୀଲି
ଦେଚାଲି ପ଼ାଡ଼ା ଆ଼ନାତି, ନୀନୁ ପ଼ାୟିୱିଆ଼ହାମାଚି, ନୀ ନେତେରିଟି ବାରେ
ଗଚି, ବାରେ ହ଼ାଡା, ଦ଼େସା, ଅ଼ଡ଼େ ବାରେ କୂଡ଼ାତି ଲ଼କୁଇଁ ମାହାପୂରୁ ତାକି
କଡାମାଞ୍ଜି, ୧୦ ନୀନୁ ଏ଼ୱାରାଇଁ ରାଜାୟାଁ କୂଡ଼ା ଅ଼ଡ଼େ ମାହାପୂରୁ ସ଼େବା
କିୟାଲି ପୂଜେରାଙ୍ଗା କିହାମାଞ୍ଜି । ଏ଼ୱାରି ଦାର୍‌ତିତି ସ଼ାଲୱି କିନେରି ।"
୧୧ ଏମ୍ବାଟିଏ ନ଼ାନୁ ସିନିକିତେଏଁ, ସିଂଗାସାଣି, ଜ଼ନ୍ତୁୟାଁ ଅ଼ଡ଼େ ପ୍ରାଚିନାଙ୍ଗା
ସ଼ାରିସୁଟୁ ହ଼ାରେକା ଦୂତୁୟାଁତି ହ଼ାଡା ୱେଚେଏଁ, ଏ଼ୱି ମ଼ାଣା ମ଼ାଣା ଅ଼ଡ଼େ
ଲାକେ ଲାକେ ଜ଼ାଣା ନିଚାମାଚୁ । ୧୨ ଏ଼ୱି କାଜା ଗିୟାଁତଲେ ପ଼ାଚିମାଚୁ;
"ପ଼ାୟ୍‌ୱି ଆ଼ହାମାନି ମ଼େଣ୍ଡା ଡ଼ାଲୁଦେଁ, କାଜାପ଼ାଣା, ଦ଼ନ, ବୁଦି, ବପୁ,
ସାମ୍ବମି, ଗାୱୁରମି, ଜହରା ବେଟାଆ଼ହାଲି ପ଼ାଡ଼ାଆ଼ନେସି ।" ୧୩ ଅ଼ଡ଼େ
ନ଼ାନୁ ଲାକପୂରୁ, ଦାର୍‌ତି, ତ଼ାଡ଼େପୂରୁ ଅ଼ଡ଼େ ସାମ୍‌ଦୁରିତା ମାନି ବାରେ ଜୀୱୁ
ଗାଟାଇ ଇଞ୍ଜାଁ ଦାର୍‌ତିତା ମାନି ବାରେ ଜୀୱୁ ଗାଟାଇ ପ଼ାଚୁ ପ଼ାଚିମାନାଣି
ୱେଚେଏଁ । ଏ଼ୱି ପ଼ାଚିମାଚୁ; "ସିଂଗାସାଣିତା କୁଗାମାନି ମାଣ୍‌ସିଇଁ ଇଞ୍ଜାଁ
ତାନି ମ଼େଣ୍ଡା ଡ଼ାଲୁଇଁ ଜହରା କିଦୁ; ତାନି ସାମ୍ବମି, ଗାୱୁରମି ଅ଼ଡ଼େ ବ଼ାଡ଼୍‌ୟୁ
କ଼ାଲାକ଼ାଲାତାୟି ।" (aiōn g165) ୧୪ ଏଚେଟିଏ ସ଼ାରିଗଟା ଜ଼ନ୍ତୁ ପ଼ାଲି
ଆସାନା ଏଲେଇଚୁ, "ଆ଼ମେନ୍" ଅ଼ଡ଼େ ପ୍ରାଚିନାଙ୍ଗା ମୁନୁ କୁତାହାଁ ଜହରା
କିତେରି ।

୬ ଅ଼ଡ଼େ ନ଼ାନୁ ମ଼େଣ୍ଡା ଡ଼ାଲୁଇଁ ସ଼ାତାଗଟା ସୀଲିୟାଁ ବିତ୍ରାଟି ର଼ ଲମ୍ବର
ସୀଲି ଦେତାଣି ମେସ୍ତେଏଁ, ଅ଼ଡ଼େ ସ଼ାରିଗଟା ଜ଼ନ୍ତୁ ବିତ୍ରାଟି ର଼
ଜ଼ନ୍ତୁ ହ଼ାଗୁ ଗୂଣ୍‌ନି ହ଼ାଡାତଲେ ହ଼ାଟିମାଚାଣି ୱେଚେଏଁ "ୱ଼ାମୁ!" ୨
ଏମ୍ବାଟିଏ ନ଼ାନୁ ସିନିକିତେଏଁ ଅ଼ଡ଼େ ର଼ ଦବ୍‌ଲା ଗ଼ଡ଼ା ଇଞ୍ଜାଁ ତାନି ଲାକ
ହ଼ଚାମାଚାଣି କେୟୁତା ର଼ ଆମ୍ବୁ ଆସାମାଚେସି, ଅ଼ଡ଼େ ଏ଼ୱାଣାକି ର଼
ଟ଼ପେରି ହୀପ୍‌କିଆ଼ତେ, ଅ଼ଡ଼େ ଏ଼ୱାସି ଜୀଣା ଆ଼ହାଁ ଜୀଣା ଆୟାଲି
ହ଼ଚାହାଚେସି । ୩ ମ଼େଣ୍ଡା ଡ଼ାଲୁ ଏଚିବ଼େଲା ରୀ ଲମ୍ବର ସୀଲି ଦେତେସି,
ଏଚିବ଼େଲା ଅ଼ଡ଼େ ରୀ ଲମ୍ବର ଜ଼ନ୍ତୁ ଏଲେଇଚାଣି ୱେଚେଏଁ "ୱ଼ାମୁ," ୪
ଏମ୍ବାଟିଏ ଅ଼ଡ଼େ ର଼ ଗ଼ଡ଼ା ହ଼ଚା ୱ଼ାତେ, ଏ଼ଦି ନେତେରି ୱ଼ାଣାଗାଟାୟି;
ଲ଼କୁ ଏ଼ନିକିଁ ତ଼ାମ୍ବୁ ତ଼ାମ୍ବୁ ପ଼ାୟ୍‌ୱି ଆ଼ନେରି, ଏ଼ଦାଆଁତାକି ଦାର୍‌ତିଟି ହିତ୍‌ଡ଼ି
ହେକ କିହାଲି ତାନି ଲାକ ହ଼ଚାମାନାଣାକି ବ଼ାଡ଼୍‌ୟୁ ହୀପ୍‌କିଆ଼ତେ ଅ଼ଡ଼େ
ଏ଼ୱାଣାକି କାଜା କାଣ୍ଡା ହୀପ୍‌କିଆ଼ତେ । ୫ ମ଼େଣ୍ଡା ଡ଼ାଲୁ ଏଚିବ଼େଲା ତୀନି
ଲମ୍ବର ସୀଲି ଦେତେସି, ଏଚିବ଼େଲା ତୀନି ଲମ୍ବର ଜ଼ନ୍ତୁ ଏଲେଇଞ୍ଜିମାନାଣି
ୱେଚେଏଁ, "ୱ଼ାହାଁ ସିନିକିମୁ" ଏମ୍ବାଟିଏ ନ଼ାନୁ ସିନିକିତେଏଁ, ମେହ୍‌ଦୁ ର଼
କ଼ାଡ଼ିନି ଗ଼ଡ଼ା; ଅ଼ଡ଼େ ଏମ୍ବାଆଁ ହ଼ଚାମାନାଣି କେୟୁତା ର଼ କ଼େଜି ତୂକ୍‌ନାୟି
ମାଚେ । ୬ ଅ଼ଡ଼େ ନ଼ାନୁ, ସ଼ାରିଗଟା ଜ଼ନ୍ତୁତି ଗୂତିଟି ହ଼ତି ଲେହେଁତି ର଼
ହ଼ାଡା ୱେଚେଏଁ; "ର଼ ଟାକା ତାକି ର଼ କ଼େଜି ଗ଼ହଁ ଅ଼ଡ଼େ ତୀନି କ଼େଜି
କାୱ୍‌ଆ ଜ଼ନାୟାଁ ମ଼େଡ଼ା ଆ଼ନୁ ସାମା ମୀରୁ ଜୀତ ମ଼ାର୍‌ନୁତି ନିୟୁଁ ଅ଼ଡ଼େ
ଅଙ୍ଗୁରି ରାସା ନସ୍ତ କିଆଦୁ ।" ୭ ମ଼େଣ୍ଡା ଡ଼ାଲୁ ଏଚିବ଼େଲା ସ଼ାରି ଲମ୍ବର
ସୀଲି ଦେତେସି, ଇଞ୍ଜାଁ ନ଼ାନୁ ସ଼ାରି ଲମ୍ବର ଜ଼ନ୍ତୁ ଏଲେ ଇଞ୍ଜିମାଚାଣି
ୱେଚେଏଁ, "ୱ଼ାମୁ!" ୮ ଏମ୍ବାଟିଏ ନ଼ାନୁ ସିନିକିତେଏଁ ଦାର୍‌ମୁ ୱ଼ାଣାଗାଟି
ଗ଼ଡ଼ା, ତାନି ଲାକ ହ଼ଚାମାଚାଣି ଦ଼ରୁ ହ଼ାକି, ଏ଼ୱାଣି ଜ଼େଚ ଜ଼େଚ ଦାର୍‌ତି
ହାଜିମାଚେ, ଏ଼ୱାରାକି ଦାର୍‌ତିତି ସ଼ାରି ବ଼ାଗା ବିତ୍ରା ର଼ ବ଼ାଗା ମୁହେଁ କାଣ୍ଡା,
ହ଼ାକି, ର଼ଗ ଅ଼ଡ଼େ ଜ଼ାଡ଼ାତି ଜ଼ନ୍ତୁ ଜିୱେଡ଼ିକା ତଲେ ପ଼ାୟାଲି ବ଼ାଡ଼୍‌ୟୁ
ହୀପ୍‌କିଆ଼ତେ । (Hadēs g86) ୯ ମ଼େଣ୍ଡା ଡ଼ାଲୁ ଏଚିବ଼େଲା ପ଼ାସା ଲମ୍ବର
ସୀଲି ଦେତେସି, ଏଚିବ଼େଲା ଆମିନି ଲ଼କୁ ମାହାପୂରୁତି ବ଼ଲୁ ତାକି ଅ଼ଡ଼େ
ଏ଼ୱାରାକି ହୀପ୍‌କି ଆ଼ହାମାନି ସ଼ାକି ତାକି ହ଼ାହାମାଚେରି, ଏ଼ୱାରି ଜୀୱୁୟାଁ
ନ଼ାନୁ ପୂଜାପିଣ୍ଡା ଡ଼ଇ ମେସ୍ତେଏଁ । ୧୦ ଏ଼ୱାରି କାଜା ଗିୟାଁତଲେ ହ଼ାଟିହିଁ
ଏଲେ ଇଞ୍ଜିମାଚେରି, "ସୁଦୁ ଅ଼ଡ଼େ ସାତା ପ୍ରବୁ, ନୀନୁ ଏଚରଦିନା ପାତେକା
ଦାର୍‌ତିତି ଲ଼କୁଇଁ ନୀହାଁୟି କିଆନା ମାଙ୍ଗେ ପ଼ାୟାଲି ତାକି ଏ଼ୱାରାକି
ଡଣ୍ଡ ହୀଆନା ପିହ୍‌ଦି?" ୧୧ ଏଚେଟିଏ ଏ଼ ବାରେଜ଼ାଣା ତାକି ଦବ୍‌ଲା
ହିମ୍ବରିକା ହୀପ୍‌କିଆ଼ତେ, ଇଞ୍ଜାଁ ଏ଼ୱାରି ତଲେତି ତାୟିୟାଁ ସ଼େବା କିନାରି

ଏଚରଜା଼ଣା ପା଼ୟ୍‌ୱି ଆ଼ନି କାତା ପା଼ୟ୍‌ୱି ଆ଼ଆପାତେକା ଏ଼ୱାରାକି ଅ଼ଡ଼େ ଏଚରଦିନା ଜ଼ମାଲି ୱେସ୍‌ପିଆ଼ତେ । ୧୨ ମେଣ୍ତା ଡା଼ଲୁ ସ଼ ଲମ୍ବର ସୀଲି ଦେଚିମାଚାଟି ନା଼ନୁ ମେସ୍ତେଏଁ; ଦେବୁଣିଏ ଆଜିହ଼ପେତି ବୂମି ୱାଡିତେ । ୱେଡ଼ା କା଼ଡ଼ିନି ୱା଼ଣା ହିମ୍ବ଼ରି ଲେହେଁ ଆ଼ତେ, ଅ଼ଡ଼େ ଲେଞ୍ଜୁ ନେତେରି ୱାଣା ଆ଼ତେ । ୧୩ କାଜା ଗା଼ଲି ଏ଼ନିକିଁ ମା଼ର୍‌ନୁଇଁ ୱାଟ୍‌ହିସାରେ ହିଇଲି ଡ଼ୟା ପା଼ଡ଼େୟିକା ତର୍‌ଗିନି ଲେହେଁ ହ଼ାଗୁଲାକତି ହୁକାୟାଁ ଦାର୍‌ତିତା ତର୍‌ଗା ହାଚୁ । ୧୪ ହ଼ାଗୁପ଼ାକା ଡ଼ଲୁ ପତି ରୂପ୍‌ୱି ଆ଼ତି ଲେହେଁ ରୂପ୍‌ୱିଆହାଁ ମେଣ୍ଡ୍‌ଗ୍ଗହାଚେ । ଅ଼ଡ଼େ ହ଼ର୍‌କା ଇଞ୍ଜାଁ ସାମ୍‌ଦୁରି ବିତ୍ରାମାନି ଇଚି ଇଚି ଡ଼େସାୟାଁ ତାମି ଟା଼ୟୁଟି ଗୁଚା ଆ଼ହାହାଚୁ । ୧୫ ଅ଼ଡ଼େ ଦାର୍‌ତିତି ରାଜାୟାଁ, ସା଼ଲୱି କିନାରି, ଜୁଜୁକିନି କାଜାରି, ଦ଼ନ ଗାଟାରି, ବା଼ଡ଼୍‌ୟୁ ଗାଟାରି, ହ଼ଲିୟାଙ୍ଗା ଅ଼ଡ଼େ ହ଼ଲିୟାଙ୍ଗା ଆ଼ଆତାରି ଏ଼ୱାରି ବାରେଜା଼ଣା ପା଼ୱୁତା ଇଞ୍ଜାଁ ହ଼ର୍‌କାତି କାଜା ୱାଲ୍‌କା ପାର୍‌ଡ଼ା ଡ଼ଇ ହାଜାନା ଡୁଗିତେରି ।
୧୬ ଅ଼ଡ଼େ ଏ଼ୱାରି ହ଼ର୍‌କା ଇଞ୍ଜାଁ ୱାଲ୍‌କାଣି ହା଼ଟିହିଁ ଏଲେଇଚେରି, "ମା଼ ମୁହେଁ ତର୍‌ଗାନା ସିଂଗାସାଣିତା କୁଗାମାନାଣି ତା଼ଣାଟି ଅ଼ଡ଼େ ମେଣ୍ତା ଡା଼ଲୁ କ଼ପାଟି! ମାଙ୍ଗେ ତୁକ୍‌ହାମୁ । ୧୭ ଇଚିହିଁ ଏ଼ୱାରାକି ଆଜିହ଼ପେତି କ଼ପାତି ଦିନା ଏଦାତେୟିଏ, ଇଞ୍ଜାଁ ଏମ୍ବାଆଁ ଆମ୍ବାଆସି ନିଚାଲି ଆ଼ଡିନେସି?"

୭ ଏଚେଟିଏ ନା଼ନୁ ଦାର୍‌ତିତି ସା଼ରି କନତା ସା଼ରିଗଟା ଦୂତୁୟାଁଇଁ ନିଚାମାନାଣି ମେସ୍ତେଏଁ, ଅ଼ଡ଼େ ଦାର୍‌ତିତି ସା଼ରିୱାକିତି ଗା଼ଲି ଆ଼ଙ୍ଗାମାନେରି, ଏଚେଟିଏ ଦାର୍‌ତି ସାମ୍‌ଦୁରି ଅ଼ଡ଼େ ଆମିନି ମା଼ର୍‌ନୁ ମୁହେଁ ଗା଼ଲି ୱା଼ଆପେୱା ଇଞ୍ଜେଁ ଗା଼ଲିତି ଆ଼ଙ୍ଗାମାନେରି । ୨ ଅ଼ଡ଼େ ନା଼ନୁ ର଼ ଦୂତୁଇଁ ୱେଡ଼ା ହ଼ପୁୱାକିଟି ହ଼ଚାୱା଼ତାଣି ମେସ୍ତେଏଁ, ଏ଼ଦାନି କେୟୁତା ଜୀୱୁତି ମାହାପୂରୁତି ବୁଟୁ ମୁଦ୍ରା ମାଚେ, ଏ଼ ଦୂତୁ ଦାର୍‌ତି ଅ଼ଡ଼େ ସାମ୍‌ଦୁରି ନସ୍ତ କିହାଲିତାକି ସା଼ରିଗଟା ଦୂତୁକି ଅଦିକାରା ହୀହାମାଚେ, ଏ଼ଦି କାଜା ଗିୟାଁତଲେ ହା଼ଟାନା ଏଲେଇଚେ, ୩ "ମା଼ମ୍ବୁ ମାହାପୂରୁତି ସେବା କିନାରି ମୁଞ୍ଜୁତା ବୁଟୁ ମୁଦ୍ରା ନାବ୍‌ଗାଆ ପାତେକା ମୀରୁ ଦାର୍‌ତି, ସାମ୍‌ଦୁରି, କି ମା଼ର୍‌କାଣି ନସ୍ତ କିଆଦୁ ।" ୪ ଏଚେଟିଏ ମୁଞ୍ଜୁତା ବୁଟୁ ମୁଦ୍ରା ନାବ୍‌ଗାନା କଡିତାରି ୧୪୪,୦୦୦ ଲ଼କୁ ମାଚେରି ଇଞ୍ଜେଁ ନା଼ନୁ ୱେଚେଏଁ ଏ଼ୱାରି ଇସ୍ରାୟେଲତି ବା଼ର କୂଡ଼ାତି ଲ଼କୁ ମାଚେରି । ୫ ଜୀହୁଦା କୂଡ଼ାଟି ବା଼ର ମା଼ଣା ଲ଼କୁଇଁ ବୁଟୁ ମୁଦ୍ରା କିହାମାନେସି, ରୁବେନ୍ କୂଡ଼ାଟି ବା଼ର ମା଼ଣା, ଗାଦ୍ କୂଡ଼ାଟି ବା଼ର ମା଼ଣା, ୬ ଆସେର୍ କୂଡ଼ାଟି ବା଼ର ମା଼ଣା, ନପ୍ତାଲି କୂଡ଼ାଟି ବା଼ର ମା଼ଣା, ମନସି କୂଡ଼ାଟି ବା଼ର ମା଼ଣା, ୭ ସିମିୟନ କୂଡ଼ାଟି ବା଼ର ମା଼ଣା, ଲେବି କୂଡ଼ାଟି ବା଼ର ମା଼ଣା, ଇସାକାର କୂଡ଼ାଟି ବା଼ର ମା଼ଣା, ୮ ସୁବୁଲୁନ୍ କୂଡ଼ାଟି ବା଼ର ମା଼ଣା, ଜସେପ କୂଡ଼ାଟି ବା଼ର ମା଼ଣା, ବିନ୍ୟାମିନ୍ କୂଡ଼ାଟି ବା଼ର ମା଼ଣା ଲ଼କୁଇଁ ବୁଟୁ ମୁଦ୍ରା କିହାମାନେସି । ୯ ଏଚେଟିଏ ନା଼ନୁ ସିନିକିତେଏଁ ମେହ଼ଦୁ ବାରେ ଜା଼ତି, ବାରେ କୂଡ଼ା, ବାରେ ଡ଼େସା, ବାରେ ହ଼ାଡା, ଏଜିକିହାଲି ଆ଼ଡାଆଗାଟି ର଼ ମାନ୍ବା ଲ଼କୁ ଅ଼ଜିତି ଦବ୍‌ଲା ହିମ୍ବ଼ରିକା ହୁଚାନା କାଜୁରି ମାଟାୟାଁ କେୟୁତା ଆସାନା ସିଂଗାସାଣି ଅ଼ଡ଼େ ମେଣ୍ତା ଡା଼ଲୁ ନ଼କିତା ନିଚାମାନେରି । ୧୦ ଏ଼ୱାରି କାଜା ଗିୟାଁତଲେ ଏଲେଇଚେରି, "ୱାର଼ଇ ସିଂଗାସାଣିତା କୁଗାମାନି ମାହାପୂରୁ ଅ଼ଡ଼େ ମେଣ୍ତା ଡା଼ଲୁ ମାଙ୍ଗେ ଗେଲ୍‌ପାନାସି ।" ୧୧ ସିଂଗାସାଣି, ପ୍ରାଚିନାଙ୍ଗା ଅ଼ଡ଼େ ବାରେ ସା଼ରିଗଟା ଜ଼ନ୍ତୁ ସା଼ରିସୁଟୁ ଲାକପୂରୁତି ଦୂତୁୟାଁ ନିଚାମାନେରି, ଅ଼ଡ଼େ ସିଂଗାସାଣି ନ଼କିତା ମୁନ୍ଦୁ କୁତାନା ମାହାପୂରୁଇଁ ଜହରା କିହାନା, ୧୨ ଏଲେଇଚେରି, "ଆ଼ମେନ୍ ନେହାୟି, ଗାୱୁରମି, ବୁଦି, ଜହରା, ସାମ୍ବମି, ଅଦିକାରା ଅ଼ଡ଼େ ବା଼ଡ଼୍‌ୟୁ, କା଼ଲାକା଼ଲା ତାକି ମା଼ ମାହାପୂରୁୱାୟି! ଆ଼ମେନ୍ ।" (aiōn g165) ୧୩ ଅ଼ଡ଼େ ପ୍ରାଚିନାଙ୍ଗା ବିତ୍ରାଟି ରଅସି ନାଙ୍ଗେ ୱେଞ୍ଜାତେସି, "ଦବ୍‌ଲା ହିମ୍ବ଼ରିକା ହୁଚାମାନି ଇ ଲ଼କୁ ଆମ୍ବାଆରି? ଅ଼ଡ଼େ ଏ଼ୱାରି ଏମ୍ବିଟି ୱା଼ହାମାନେରି?" ୧୪ ନା଼ନୁ ଏ଼ୱାଣାଇଁ ଏଲେଇଚେଏଁ, "ଏ଼ ନା଼ ପ୍ରବୁ ନୀନୁଏ ଏ଼ଦାଆଁ ପୁଞ୍ଜାମାଞ୍ଜି" ଏମ୍ବାଟିଏ ଏ଼ୱାସି ଏଲେଇଞ୍ଜାତେସି, "ଇୱାରି ଆଜିହ଼ପେତି ସା଼ସ୍ତି ଅ଼ର଼ହାନା ହ଼ଚା ୱା଼ହାମାନେରି, ଇଞ୍ଜାଁ ମେଣ୍ତା ଡା଼ଲୁତି ନେତେରି ତଲେ ଏ଼ୱାରି ତାମି ହିମ୍ବ଼ରିକା ରା଼ଚାନା ଦବ୍‌ଲା କିହାମାନେରି । ୧୫ ଏ଼ଦାଆଁତାକି ଏ଼ୱାରି ମାହାପୂରୁ ଇଲୁତି ସିଂଗାସାଣି ନ଼କିତା ନିଚାନା ଲା଼ଆଁ ମାଦେନା ଏ଼ୱାଣି ଜହରା କିନେରି, ଇଞ୍ଜାଁ ସିଂଗାସାଣିତା କୁଗାମାନାସି ଏ଼ୱାରାକି ବାସାଟା଼ୟୁ ହୀନେସି । ୧୬ ଏ଼ୱାରାକି ଏଚେଲାୱା ହାକି କି ଏ଼ସ୍‌କି ଆ଼ଏ; ଇଞ୍ଜାଁ କାରା କି ଏ଼ନି ୱେହ଼ନାୟି ଡୀଗାଲି ଆ଼ଡେଏ । ୧୭ ଇଚିହିଁ ସିଂଗାସାଣି ମାଦିତି ମେଣ୍ତା ଡା଼ଲୁ ଏ଼ୱାରି ମେଣ୍ତା ଗ଼ଡୁ ଆ଼ନେସି । ଅ଼ଡ଼େ ଜୀୱୁହୀନି ଏ଼ୟୁ ହ଼ଚିମାନି ତା଼ଣା ଏ଼ୱାରାଇଁ ତା଼କିକିହା ଅ଼ନେସି, ଅ଼ଡ଼େ ମାହାପୂରୁ ଏ଼ୱାରି କାନୁତି ବାରେ କାଣ୍ତୁ ଜେଜାତୁହ଼ନେସି ।"

୮ ମେଣ୍ତା ଡା଼ଲୁ ଏଚିବେଲା ସା଼ତା ଲମ୍ବର ସୀଲି ଦେତି ଦେବୁଣିଏ ଲାକପୂରୁ ଆଦା ଗଂଟା ପାତେକା ସାପିଆ଼ତେ । ୨ ଏମ୍ବାଟିଏ ନା଼ନୁ ମାହାପୂରୁ ନ଼କିତା ନିଚାମାନି ସା଼ତା ଜା଼ଣା ଦୂତୁୟାଁଇଁ ମେସ୍ତେଏଁ, ଏ଼ୱାରାକି ସା଼ତାଗଟା ଟୀଟ୍ରି ମ଼ହ଼ରି ହୀପ଼କି ଆ଼ତୁ । ୩ ଏମ୍ବାଟିଏ ଅ଼ଡ଼େ ର଼ ଦୂତୁ ୱା଼ହାଁ ପିଣ୍ତା ନ଼କିତା ନିତେ, ଏ଼ଦାନି କେୟୁତା ବାଂଗାରା ଦୁପ଼ଣି ସାଡ଼୍‌ୱା ମାଚେ, ଅ଼ଡ଼େ ସିଂଗାସାଣି ନ଼କିତି ବାଂଗାରା ପୂଜାପିଣ୍ତା ଲାକ ବାରେ ମାହାପୂରୁ ଲ଼କୁତି ପ୍ରାତାନା ତଲେ ହେର୍‌ପାଲି ତାକି ହା଼ରେକା ଦୁପ଼ଣି ହୀପ଼କିଆ଼ତେ । ୪ ଏମ୍ବାଟିଏ ଲାକପୂରୁ ଦୂତୁ କେୟୁତି ଦୁପ଼ଣି ବ଼ୟିଁ ମାହାପୂରୁ ଲ଼କୁତି ପ୍ରାତାନା ତଲେ ଆଣ୍ତାନା ମାହାପୂରୁ ନ଼କିତା ଏଗାତେ । ୫ ଡା଼ୟୁ ଏ଼ ଦୂତୁ ଦୁପ଼ଣି ସାଡ଼୍‌ୱାତା ପୂଜା ପିଣ୍ତାତି ହିଚୁତଲେ ନେଞ୍ଜିକିହାନା ଦାର୍‌ତି ଲାକ ଡା଼ଞ୍ଜିତେ, ଏମ୍ବାଟି ହ଼ାଗୁ ଗୂଣ୍ତେ ବିଜା ରିନି ହ଼ାଡା ୱେଙ୍ଗିତେ ଇଞ୍ଜାଁ ବୂମି ୱାଡିତେ । ୬ ଏଚିବେଲା ସା଼ତା ଜା଼ଣା ଟୀଟ୍ରି ଆସାମାନି ଦୂତୁୟାଁ ସା଼ତା ଜା଼ଣା ଟୀଟ୍ରି ଊକାଲି ତିୟାରା ଆ଼ତେରି । ୭ ର଼ ଲମ୍ବର ଦୂତୁ ତାନି ଟୀଟ୍ରି ଊକିତେ ଏଚେଟିଏ ନେତେରି ତଲେ ଆ଼ଜିୟାଁ ଅ଼ଡ଼େ ହିଚୁ ଆଣ୍ତୱି ଆ଼ହାଁ ଦାର୍‌ତି ଲାକ ରିତୁ, ଇଞ୍ଜାଁ ବାରେ ମା଼ର୍‌ନୁ ମା଼ଡ଼ା, ହିଇଲି ଜା଼ଡ଼ା ତଲେ ଦାର୍‌ତିତି ତୀନି ବା଼ଗାଟି ର଼ ବା଼ଗା ବାରେ ୱେହା ହାଚେ । ୮ ଏଚେଟିଏ ରୀ ଲମ୍ବର ଦୂତୁ ତାନି ଟୀଟ୍ରି ଊକିନି ଦେବୁଣିଏ ଡ଼ୀଞ୍ଜିମାନି ର଼ କାଜା ହ଼ରୁ ଲେହେଁତାୟି ସାମ୍‌ଦୁରି ଲାକ ରୀତେ ଇଞ୍ଜାଁ ସାମ୍‌ଦୁରିତି ଏ଼ୟୁ ତୀନି ବା଼ଗାଟି ର଼ ବା଼ଗା ନେତେରି ଆ଼ହାହାଚୁ । ୯ ସାମ୍‌ଦୁରିତା ମାନି ତୀନି ବା଼ଗାଟି ର଼

ବ଼ାଗା ଜୀୱୁ ଗାଟାଇ ହ଼ାହାହାଚୁ, ଅ଼ଡ଼େ ସାମ୍ଦୁରିତା ମାନି ଜ଼ାଜାୟାଁ ତୀନି
ବ଼ାଗାଟି ର଼ ବ଼ାଗା ଜ଼ାଜାୟାଁ ବିଡ଼୍ହାହାଚୁ । ୧୦ ତୀନି ଲମ୍ବ୍ର ଦୂତୁ ତୀତ୍ରି
ଊକିତେସି, ଇଞ୍ଜ୍ାଁ ଦେବୁଣିଏ ହିଚୁ ବ଼ନ୍ଦ୍ାଲେହେଁ ଡ଼ୀଞ୍ଜିମାନି ର଼ କାଜା ହୁକା
ହ଼ାଗୁଟି ତୀନି ବ଼ାଗା କାଡା ଅ଼ଡ଼େ ଉସାଣାଁ ରୀତେ । ୧୧ ଏ଼ ହୁକାତି ଦ଼ରୁ
“କାମ୍ବେଲି” ଏଚେଟିଏ ତୀନି ବ଼ାଗାଟିଏ ର଼ ବ଼ାଗା ଏ଼ୟୁ କାମ୍ବେଲି ଆ଼ତୁ,
ଇଞ୍ଜ୍ାଁ ହ଼ାରେକା ଲ଼କୁ ଏ଼ୟୁ ଗସାନା ହ଼ାତେରି, ଇଚିହିଁ ଏ଼ୱି କାମ୍ବେଲି କିୱି
ଆ଼ହାମାଚୁ । ୧୨ ସ଼ାରି ଲମ୍ବ୍ର ଦୂତୁ ତୀତ୍ରି ଊକିତେସି ଇଞ୍ଜ୍ାଁ ୱ଼େଡ଼ା, ଲ଼େଞ୍ଜୁ,
ହୁକାୟାଁତି ବାରେ ତୀନି ବ଼ାଗାଟି ର଼ ବ଼ାଗା ନସ୍ତୁ ଆ଼ତୁ, ଇଞ୍ଜ୍ାଁ ତୀନି ବ଼ାଗାଟି
ର଼ ବ଼ାଗା ଉଜେଡ଼ି ଊଣା ଆ଼ତେ, ଇଞ୍ଜ୍ାଁ ଲ଼ାଆଁୟାଁ ମାଦେନା ତୀନି ବ଼ାଗାଟି
ର଼ ବ଼ାଗା ଉଜେଡ଼ି ଊଣା ଆ଼ତେ । ୧୩ ଡ଼ାୟୁ ନ଼ାନୁ ମେସ୍ତେଏଁ, ହ଼ାଗୁତି
ମାଦି ଊମ୍ବ୍ରିମାନି ର଼ ଲ଼େଡ୍ଡୁ କାଜା ହ଼ାଡାତଲେ ଏଲେଇଞ୍ଜିମାଚାଣି ୱେଚେଏଁ,
ଆ଼ହା! ଦାର଼୍ତିତା ବାସା ଆ଼ହାମାନି ଲ଼କୁ ଆଜିହ଼ପେତି ଡଣ୍ଡୁ ବେଟାଆ଼ନାରି,
ଇଚିହିଁ ଅ଼ଡ଼େ ତୀନି ଜ଼ାଣା ଦୂତୁୟାଁ ତୀତ୍ରି ଊକାଲି ହାଜିମାନେରି ।

୯ ଏଚେଟିଏ ପ଼ାସା ଲମ୍ବ୍ର ଦୂତୁ ତୀତ୍ରି ଊକିତେସି ନ଼ାନୁ ର଼ ହୁକା ହ଼ାଗୁଟି
ଦାର଼୍ତିତା ରିତାଣି ମେସ୍ତେଏଁ, ଏ଼ୱାଣାକି ତ଼ାଡ଼େପୂରୁତି କୁଚିକ଼ାଡ଼ି
ହୀପ୍କି ଆ଼ହାମାଚେ । (Abyssos g12) ୨ ଏ଼ୱାସି ଏ଼ ତ଼ାଡ଼େପୂରୁ ଗ଼ାଡ଼୍ୟୁ
ଦେଚାଲିଏ ଏମ୍ବ୍ରାଟି କାଜା ହଲୁତା ହ଼ନିଲେହେଁ ବ଼ୟୁଁ ହ଼ଚାୱାତେ, ଇଞ୍ଜ୍ାଁ
ଏ଼ ହିଚୁ ଗ଼ାଡ଼୍ୟୁତି ବ଼ୟୁଁ ତାକି ୱ଼େଡ଼ା ଇଞ୍ଜ୍ାଁ ହ଼ାଗୁ ଆନ୍ଦ୍ରେରି ଆ଼ତେ ।
(Abyssos g12) ୩ ଏ଼ ବ଼ୟୁଁଟି ଗପ୍ଏରିକା ହ଼ଚାନା ଦାର଼୍ତିତା ୱ଼ାତୁ,
ଏ଼ୱାସିକାକି ଦାର଼୍ତିତି କାଚାକୁପିତା ମାନି ବୀସାତି ବ଼ାଡ଼୍ୟୁ ହୀପ୍କିଆ଼ତେ
। ୪ ଏ଼ୱି ଦାର଼୍ତିତି ମ଼ାର଼୍କା ଗଚା ଜ଼ାଡ଼ାତି ନସ୍ତୁ କିଆନା, ଆମ୍ବ୍ରାଆରି
ମୁଞ୍ଜୁତା ମାହାପୂରୁତି ବୁଟୁ ମୁଦ୍ରା ହିଲାଆତେ ଏ଼ୱାରାଇଁ କସ୍ତୁ ହୀହାଲି
ଏଲେଇଣ୍ମ୍ବ୍ରି ଆ଼ତେ । ୫ ଏ଼ୱାରାଇଁ ପ଼ାୟାଆନା ପ଼ାସା ଲ଼େଞ୍ଜୁ ତାକି କସ୍ତୁ
ହୀହାଲି ଗପ୍ଏରିକାକି ଅଦିକାରା ହୀପ୍କିଆ଼ତେ, କାଚାକୁପି କାଚିତେ
ଇଚିସାରେ ଏ଼ନିକିଁ ବୀସା ଆ଼ନେ ଏ଼ କସ୍ତୁ ଏଲେତାୟି । ୬ ଏଚିର଼ବେଲା ଲ଼କୁ
ହ଼ାହାଲି ଅଣ୍ପିନେରି ସାମା ହ଼ାଅରି, ଏ଼ୱାରି ହ଼ାହାଲି ଅଣ୍ପିନେରି, ସାମା
ହ଼ାକି ଏ଼ୱାରି ତ଼ାଣାଟି ହଟାତୁହ଼ନେ । ୭ ଏ଼ ଗପ୍ଏରିକା ଜୁଜୁତା ହାଜାଲି
ତିୟାରା ଆ଼ହାମାନି ଗ଼ଡ଼ାୟାଁ ଲେହେଁ ତ଼ଞ୍ଜ୍ାଆ଼ହିମାଚୁ, ଏ଼ୱାସିକା ତ଼ାର୍କାଣା
ବାଂଗାରା ଟ଼ପେରି ଲେହେଁ ପିଡ଼୍ଗି ଆ଼ହାମାଚେ, ଏ଼ୱାସିକା ମୂମ୍ବୁ ମାଣ୍ସି
ମୂମ୍ବୁ ଲେହେଁ ମାଚେ । ୮ ଇୟାସିକା ତ଼ାୟୁଁ ବ଼ାଣାୟାଁ ଲେହେଁ ଏ଼ୱାସିକା
ବ଼ାଣାୟାଁ, ସିହଁ କ୍ଡ଼ାଃନିତି ପାଲ୍କା ଲେହେଁତି ତାମି ପାଲ୍କା ମାଚୁ । ୯ ତାମି
ବକତା ଲ଼ହ ପ଼ାଟା ଲେହେଁତି ପ଼ାଟା, ତାମି ମ଼ାରାୟାଁ ୱୀଡିମାନି ହ଼ାଡା
ଜୁଜୁ ତାକି ଗ଼ଡ଼ାୟାଁ ରାତାୟାଁଣି ରେଜା ଅ଼ହିମାନି ଲେହେଁତି ହ଼ାଡା । ୧୦
କାଚାକୁପିତି ଲେଂଗୁଣି ଇଞ୍ଜ୍ାଁ ବୀସା ସୂଜା ଲେହେଁ ଏ଼ୱାସିକାକି ଲେଂଗୁଣି
ଅ଼ଡ଼େ ବୀସା ସୂଜା ମାଚେ, ପ଼ାସା ଲ଼େଞ୍ଜୁ ତାକି ମାଣ୍ସିୟାଁଇଁ ସ଼ାସ୍ତି ହିୟାଲି
ଏ଼ୱାସିକା ଲେଂଗୁଣିକାଣା ବ଼ାଡ଼୍ୟୁ ବେଟାଆ଼ହାମାଚୁ । ୧୧ ଏ଼ୱାସିକା ମୁହେଁ
ର଼ ରାଜା ସ଼ାଲୱି କିହିମାନେସି, ଏ଼ୱାସି ତ଼ାଡ଼େପୂରୁ ଗ଼ାଡ଼୍ୟୁତି ଦୂତୁ, ଏ଼ଦାନି
ଦ଼ରୁ ଏବ୍ରି ହ଼ାଡାତଲେ ଆବାଦନ୍ ଅ଼ଡ଼େ ଗ୍ରିକ୍ ହ଼ାଡାତଲେ ଅପ୍ଲିୟନ୍
ଇଚିସାରେ “ନ଼ାସା କିନାଇ ।” (Abyssos g12) ୧୨ ତଲିତି ଆଜିହ଼ପେତି
ଡଣ୍ଡୁ ଊଣା ଆ଼ତେ ଅ଼ଡ଼େ ଜ଼ଡ଼େକା ଆଜିହ଼ପେତି ଡଣ୍ଡୁୟାଁ ୱ଼ାହିମାନୁ । ୧୩
ସ଼ ଲମ୍ବ୍ର ଦୂତୁ ତୀତ୍ରି ଊକିତେସି, ଇଞ୍ଜ୍ାଁ ନ଼ାନୁ ମାହାପୂରୁ ନ଼କିତି ବାଂଗାରା
ପୂଜା ପିଣ୍ଡୁତି ସ଼ାରିଗଟା କମ୍କା ବିତ୍ରାଟି ର଼ ହ଼ାଡା ୱେଚେଏଁ । ୧୪ ଏ଼ଦି
ତୀତ୍ରି ଆସାମାନି ସ଼ ଲମ୍ବ୍ର ଦୂତୁଇଁ ଏଲେଇଚେ, “ପରାତ୍ କାଜା କାଡାତା
ଦସ୍ପି ଆ଼ହାମାନି ସ଼ାରି ଜ଼ାଣା ଦୂତୁୟାଁଇଁ ପିସ୍ପି କିମୁ ।” ୧୫ ଏମ୍ବ୍ରାଟିଏ
ମାଣ୍ସିୟାଁଇଁ ତୀନି ବ଼ାଗାଟି ର଼ ବ଼ାଗା ଲ଼କୁଇଁ ପ଼ାୟାଲି ତାକି ତିୟାରା
ଆ଼ହାମାନି ଆମିନି ସ଼ାରି ଜ଼ାଣା ଦୂତୁୟାଁଇଁ ଏ଼ ଦିନା, ଲ଼େଞ୍ଜୁ, ଅ଼ଡ଼େ ବାର୍ସା
କିୱି ଆ଼ହାମାଚେ ଏ଼ୱାରାଇଁ ପିସ୍ପି କିୱିଆ଼ତେ । ୧୬ ଗ଼ଡ଼ାୟାଁ ଲାକ
କୁଗାନା ଜୁଜୁ କିନାରି ରୀ କଟି ମାଚେରି ନ଼ାନୁ ୱେଚେଏଁ । ୧୭ ଅ଼ଡ଼େ ନ଼ାନୁ
ଗ଼ଡ଼ା ଇଞ୍ଜ୍ାଁ ଏମ୍ବ୍ରାଆଁ ହ଼ଚାମାନାରାଇଁ ମେସ୍ତେଏଁ, ଏ଼ୱାରି ବକ ପ଼ାଟା ହିଚୁ
ଅ଼ଡ଼େ ନୀଲି, ହୀଙ୍ଗେରି ୱ଼ାଣା; ଗ଼ଡ଼ାୟାଁତି ତ଼ାର୍କା ସିହଁକ୍ଡ଼ାଃନି ତ଼ାର୍କା ଲେହେଁ,
ଇଞ୍ଜ୍ାଁ ଏ଼ୱାସିକା ଗୃତିଟି ହିଚୁ, ବ଼ୟୁଁ, ଅ଼ଡ଼େ ଗାନ୍ଦ୍ାଗୁଣ୍ଡୁ ହ଼ଚିମାଚେ । ୧୮
ଏ଼ୱାସିକା ଗୃତିଟି ହିଚୁ, ବ଼ୟୁଁ, ଅ଼ଡ଼େ ଗାନ୍ଦ୍ାଗୁଣ୍ଡୁ ଲେହେଁ ଈ ତୀନିଗଟା
ଡଣ୍ଡୁୟାଁ ହ଼ତୁ, ଈ ଡଣ୍ଡୁୟାଁଟି ମାଣ୍ସିୟାଁ ତୀନି ବ଼ାଗାଟି ର଼ ବ଼ାଗା ପ଼ାୟ୍ୱି
ଆ଼ତେରି । ୧୯ ଏ଼ନାଆଁତାକି ଇଚିହିଁ ଗ଼ଡ଼ାୟାଁତି ବ଼ାଡ଼୍ୟୁ ତାମି ଗୃତି ଅ଼ଡ଼େ
ଲେଂଗୁଣିତା ମାଚେ, ଇଚିହିଁ ଏ଼ୱାସିକା ଲେଂଗୁଣିକା ତ଼ାୟୁଁ ଗାଟି ର଼ାଚୁ
ଲେହେଁ ମାଚାକି ତାମି ଲେଂଗୁଣିକା ତଲେ ଲ଼କୁଣି ନସ୍ତୁ କିହିମାଚୁ । ୨୦
ଆମିନି ଲ଼କୁ ଈ କସ୍ତୁତଲେ ପ଼ାୟ୍ୱି ଆ଼ହା ହିଲାଆତେରି, ଏ଼ୱାରି ତାମି
କେୟୁତଲେ କିତି କାମାତାକି ମ଼ନ ୱେଟ୍ପି କିଆତେରି, ଇଚିହିଁ ବୂତୁୟାଁଣି
ପୂଜା, ଅ଼ଡ଼େ ମେସାଲି, ୱେଞ୍ଜ୍ାଲି, ତ଼ାକାଲି ଆ଼ଡାଆଗାଟି ବାଂଗାରା, ୱେଣ୍ଡି,
ପିତାଡ଼ା, ୱାଲ୍କା ଅ଼ଡ଼େ ମ଼ାର଼୍କା ତଲେ କ଼େପିତି ପ଼େଣ୍କା ବମାୟାଁଣି
ପୂଜା କିହାଲି ପିହ଼ଆତେରି । ୨୧ ଅ଼ଡ଼େ ଏ଼ୱାରି ଲ଼କୁଣି ପ଼ାୟିନାୟି, ଗୃଣି
ଗାର଼୍ଡ଼ି, ଦ଼ାରିକାମା, ଅ଼ଡ଼େ ସ଼ରୁ କାମା କିନିତ଼ାଣାଟି ମ଼ନ ୱେଟ୍ଆତେରି ।

୧୦ ଏଚେଟିଏ ନ଼ାନୁ ର଼ ବାଡ଼୍ୟୁଗାଟି ଦୂତୁଇଁ ଲାକପୂରୁଟି ର଼େଚା
ୱ଼ାହିମାଚାଣି ମେସ୍ତେଏଁ, ଏ଼ଦାନି ସ଼ାରିସୁଟୁ ଦୂନ୍କା ଇଞ୍ଜ୍ାଁ ତାନି ତ଼ାୟୁଁ
ଲାକ ଦାର଼୍ଣକି ଅ଼ଡ଼େ ତାନି ମୂମ୍ବୁ ୱ଼େଡ଼ା ଲେହେଁ ଅ଼ଡ଼େ ତାନି କଡାୟାଁ
ହିଚୁ ମୁଣ୍ଡୁଲେହେଁ ତ଼ଞ୍ଜ୍ାଆ଼ହିମାଚୁ; ୨ ତାନି କେୟୁତା ଦେପି ଆ଼ହାମାନି ର଼
ଊଣା ତ଼ଲୁ ପତି, ଏ଼ଦି ତାନି ଟିଃନି କଡା ସାମ୍ଦୁରିତା ଅ଼ଡ଼େ ର଼ଟେବ୍ରି କଡା
ଦାର଼୍ତିତା ଇଟାମାଚେ; ୩ ସିହଁକ୍ଡ଼ାଃନି ଗାର୍ଜିନିଲେହେଁ କାଜା ହ଼ାଡାତଲେ
ହ଼ାଟିତେ, ଏ଼ଦି ହ଼ାଟାଲିଏ ଏଲେକିହିଁଏ ସ଼ାତାଗଟା ହ଼ାଗୁ ଗୃଣ୍ନାଇ ତାମି
ହ଼ାଡା ର଼ୱେଡ୍ଗି କିତୁ । ୪ ଏ଼ ସ଼ାତାଗଟା ହ଼ାଗୁ ଗୃଣ୍ନାଇ ୱେସାଲିଏ ନ଼ାନୁ
ର଼ାଚିଇଁ ଇଞ୍ଜ୍ାଁ ତିୟାରା ଆ଼ତେଏଁ, ଏଚେଟିଏ ନ଼ା ତାକି ହ଼ାଗୁଟି ଈ ହ଼ାଡା
ୱେଚେଏଁ, “ଏ଼ ସ଼ାତାଗଟା ହ଼ାଗୁ ଗୃଣ୍ନିତ଼ାଣାଟି ଏ଼ନାଆଁ ୱେଞ୍ଜ୍ାମାଞ୍ଜି
ଏ଼ଦାଆଁ ର଼ାଚାଆନା ଡୁକ୍ହା ଇଟାମୁ ।” ୫ ଏଚେଟିଏ ଆମିନି ଦୂତୁଇଁ
ସାମ୍ଦୁରି ଅ଼ଡ଼େ ଦାର଼୍ତି ଲାକ ନିଚାମାଚାଣି ନ଼ାନୁ ମେସାମାଚେଏଁ, ଏ଼ୱାସି
ତାନି ଟିଃନି କେୟୁ ଲାକପୂରୁ ୱ଼ାକି ଦ଼ାସାନା ୬ ଆମ୍ବ୍ରାଆସି ଲାକପୂରୁ,
ଦାର଼୍ତି, ସାମ୍ଦୁରି, ଅ଼ଡ଼େ ଏମ୍ବ୍ରାଆଁ ମାନାଣି ବାରେ ଗ଼ାଡ଼ି କିହାମାନେସି, ଏ଼

କାଲେଏ ତାକି ନୀଡାମାନାଣି ଦ୍ରୁଟି ପାର୍ମାଣା କିହାନା ଏଲେଇଚେସି,
“ଅଡ଼େ ୱେଡ଼ା ଆଏଦେଁ” (aiōn g165) ୭ ଏଚିବେଲାତା ସାତା ଲମ୍ବର
ଦୂତୁ ତୀତ୍ରି ଉକିନେ, ମାହାପୂରୁ ଅଣ୍ପୁଟି ବ୍ଲୁ ୱେକ୍ନାରି ଅଡ଼େ ତାନି
ସେବା କିନାରାଇଁ ନେହିଁ କାବୁ ୱେସାମାଚେସି, ଏଚିବେଲା ମାହାପୂରୁ ତାନି
ଡୁଗାମାନି ଅଣ୍ପୁ ପୂରା କିନେସି । ୮ ଇଞ୍ଜାଁ ନାନୁ ଲାକପୂରୁଟି ଆମିନି
ହାଡା ୱେଞ୍ଜା ମାଚେଏଁ, ଅଡ଼େ ୱେଣ୍ଡେ ନା ତାକି ଏଲେଇଞ୍ଜି ୱେଜ୍ଜିତେ,
“ହାଲାମୁ, ସାମ୍ଦୁରି ଅଡ଼େ ଦାର୍ତି ଲାକ ନିଚାମାନି ଦୂତୁ କେୟୁତା ଆମିନି
ତ୍ଲୁ ପତି ଦେପିଆହାମାନେ ଏଦାଆଁ ଅମୁ ।” ୯ ଏଚେଟିଏ ନାନୁ ଏ
ଦୂତୁ ଡାଗେ ହାଜାହାଁ ଏ ଉଣା ତ୍ଲୁ ପତିତି ରୀସ୍ତେଏଁ, ଏୱାସି ନାଙ୍ଗେ
ଏଲେଇଞ୍ଜାତେସି, “ଇଦାଆଁ ଅହାଁ ତିନାମୁ; ଇଦି ନୀ ବାଣ୍ଡିତି କାମ୍ବେଲି
କିୟାନେ ସାମା ନୀ ଗୁଟି ତାକି କିର୍ୟାଁ ଲେହେଁ ଆନେ ।” ୧୦ ଏଚେଟିଏ
ନାନୁ ଦୂତୁ କେୟୁଟି ଏ ଉଣା ତ୍ଲୁ ପତି ଅହାଁ ତିଚେଏଁ, ଏଦି ନା ଗୁଟି ତାକି
କିର୍ୟାଁ ଲେହେଁ ଆତେ, ସାମା ଏଦାଆଁ ତିଚି ଡ଼ାୟୁ ନା ବାଣ୍ଡି କାମ୍ବେଲି
ଆହାହାଚେ । ୧୧ ଏଚେଟିଏ ନାଙ୍ଗେ ଏଲେଇଞ୍ଜି ୱେସ୍ତାତେସି ହାରେକା
ଗଚି, କୂଡ଼ା, ହାଡା ଗାଟାରି ଅଡ଼େ ରାଜାୟାଁ କପାଟି ଡ଼ାୟୁ ଏନାୟି ଗଟୱି
ଆନେ ଏଦାଆଁ ନୀନୁ ଅଡ଼େ ୱେଣ୍ଡେ ୱେହ୍ନାୟି ମାନେ ।

**୧୧** ଏଚେଟିଏ ନାଙ୍ଗେ ଲାଚିନି ଲେହେଁତି ର ବାଡ୍ଗା ହୀପ୍କିଆତେ,
ରଅସି ନାଙ୍ଗେ ଏଲେଇଞ୍ଜାତେସି, “ହାଲାମୁ, ମାହାପୂରୁ ଦେୱୁଡ଼ି,
ପୂଜାପିଣ୍ଡା ଲାଚାମୁ ଅଡ଼େ ଆମ୍ବାଆରି ଏମ୍ବାଆଁ ପ୍ରାତାନା କିନେରି ଏୱାରାଇଁ
ଏଜିକିମୁ । ୨ ସାମା ଦେୱୁଡ଼ି ପାଙ୍ଗାତି ଆଂଗେଣିତି ପିହ୍ମୁ ଏଦାଆଁ
ଲାଚାଆନି, ଇଚିହିଁ ଏଦି ଜୀହୁଦିଆଆତାରାକି ହୀପ୍କି ଆହାମାନେ,
ଏୱାରି ରୀ କଡ଼ି ରୀ ଲେଞ୍ଜୁ ପାତେକା ମାହାପୂରୁ ସୁଦୁ ଗାଡ଼ାତି କଡାତଲେ
ୱିସାନା ଦୂଡ଼ି କିନେରି । ୩ ଅଡ଼େ ନାନୁ ନା ରୀ ସାକିୟାଁଇଁ ପାଣ୍ଡିଇଁ ଏୱାରି
ବାସ୍ତାୟାଁ ପର୍ହାନା ୧,୨୬୦ ଦିନା ପାତେକା ମାହାପୂରୁ ଅଣ୍ପୁଟି ବ୍ଲୁ
ୱେକ୍ନେରି ।” ୪ ଏୱାରି ଦାର୍ତିତି ପ୍ରବୁଟି ନକିତା ନିଚାମାନି ରୀ ଜୀତ
ମାର୍କା ଅଡ଼େ ରୀ ଦୀୱଁ ସଡ଼ାୟାଁ ଲେହେଁତାରି । ୫ ଆମ୍ବାଆସି ଏୱାରାଇଁ
ନସ୍ତ କିହାଲି ଅଣ୍ପିନେସି, ଆଡିହିଁ ଏୱାରି ଗୁଟିଟି ହିଚୁ ହଚାହାଁ ଏୱାରି
ସାତ୍ରୁୟାଁଇଁ ନାସାକିନେ, ଆମ୍ବାଆସି ଏୱାରାଇଁ ନସ୍ତ କିହାଲି ଅଣ୍ପିଟିହିଁ,
ଏୱାସି ନାସା ଆନେସି । ୬ ଏୱାରି ମାହାପୂରୁ ବ୍ଲୁ ୱେକ୍ନାଟି ଏନିଙ୍କିଁ
ପିୟୁ ଆଏ ଏଦାଆଁତାକି ହାଗୁଟି ସୁଣ୍ଡାଲି ଅଦିକାରା ହୀପ୍କି ଆହାମାନେ,
ଏଚର ଦେବା ଏୱାରି ମନ ଆନେ ଏଚର ଦେବା ଏୱାରି ଏୟୁଣି ନେତେରି
ମ୍ନିପ୍ହାଲି ଅଡ଼େ ଦାର୍ତିତି ଏନି ଇଚି ଏଲେଟି ମର୍ଡ଼ି ତଲେ ଡଣ୍ଡ ହୀହାଲି
ଏୱାରାକି ଅଦିକାରା ମାନେ । ୭ ଏୱାରି ସାକି ହୀହାଲି ରାତି ଡ଼ାୟୁ
ତାଡ଼େପୂରୁ ଗାଡ୍ୟୁଟି ର ଜନ୍ତୁ ହଚାୱାହାନା, ଏୱାରିତଲେ ଜୁଜୁ କିନେ ।
(Abyssos g12) ୮ ଏମ୍ବାଟି ଏମିନି କାଜା ଗାଡ଼ା ସୁଦୁଜୀୱୁ ତଲେ ସଦମ
ଅଡ଼େ ମିସର ଇଞ୍ଜି ଇନେରି, ଏମିନିତାଣା ତାମି ପ୍ରବୁ ଜିକେଏ ପାସିତା
ହାହାମାଚେସି, ଏ କାଜା ଗାଡ଼ାତି ଆଂଗେଣିତା ଏୱାରି ମାଡ୍ହାୟାଁ ଡ଼ୟିନୁ
। ୯ ଅଡ଼େ ବାରେ ଦେସା ଗଚି, ହାଡା, ଇଞ୍ଜାଁ କୂଲୁଟି ଲ୍କୁ ତୀନିଦିନା
ଆଦା ପାତେକା ଏୱାରି ମାଡ୍ହାୟାଁଇଁ ମେହ୍ନେରି ଅଡ଼େ ଏ ମାଡ୍ହାୟାଁଇଁ
ମୁସାଲି ହେଲ ହୀଅରି । ୧୦ ଏଚେଟିଏ ଦାର୍ତିତା ବାସା ଆହାମାନାରି
ଏୱାରି ହାତି କାବୁ ୱେଞ୍ଜାନା ତିଞ୍ଜି ଉଣ୍ଡିହିଁ ରାହାଁ କିନେରି, ଅଡ଼େ ରଅସି
ରଅଣାକି ରାହାଁତଲେ ବେଟୁ ହୀପ୍କି ଆନେରି, ଇଚିହିଁ ଇ ରୀ ମାହାପୂରୁ
ଅଣ୍ପୁଟି ବ୍ଲୁ ୱେହ୍ନାରି ଦାର୍ତିତି ଲ୍କୁଣି କସ୍ତ ହୀହିମାଚେରି । ୧୧
ତୀନିଦିନା ଆଦା ଡ଼ାୟୁ ମାହାପୂରୁ ତାଣାଟି ଜୀୱୁତି ଗାଲି ୱାହାଁ ଏୱାରି
ଆଙ୍ଗାତା ହଟେ, ଏଚେଟିଏ ଏୱାରି କଡାଁଣି ବାଡ୍ୟୁ କିହାନା ନିତେରି,
ଅଡ଼େ ଆମ୍ବାଆରି ଇ କାମାତି ମେସ୍ତେରି ଏୱାରି ଆଜାହାଚେରି । ୧୨
ଏଚେଟିଏ ଏୱାରି ଲାକପୂରୁଟି ର କାଜା ହାଡାତଲେ ଏ ରିଆରାକି
ଏଲେ ଇଞ୍ଜିମାଚାଣି ୱେଚେରି, “ଇମ୍ବାଆଁ ୱାଦୁ” ଏଚେଟିଏ ଏୱାରି ତାମି
ସାତ୍ରୁୟାଁ ଏୱାରାଇଁ ମେସ୍ପନିଏ ଦୂନ୍ଦ୍ରା ତଲେ ଲାକପୂରୁ ହାଚେରି । ୧୩
ଏ ଦେବୁଣିଏ ବୂମି ହାରେକା ୱୀଡିତେ ଅଡ଼େ ଗାଡ଼ାତି ଦସ ବାଗାଟି ର
ବାଗା ନାସା ଆତେ, ଅଡ଼େ ୭,୦୦୦ ଲ୍କୁ ହାତେରି, ଇଞ୍ଜାଁ ଏଚେକା ଲ୍କୁ
ନୀଡାମାଚେରି ଆଜିତାକି ଲାକପୂରୁଟି ମାହାପୂରୁଇଁ ଗାୱୁରମି କିତେରି ।
୧୪ ରୀ ଲମ୍ବର ଆଜିହ୍ପେଟି ଡଣ୍ଡ ରାତେ, ସାମା ତୀନି ଲମ୍ବର ଆଜିହ୍ପେଟି
ଡଣ୍ଡ ତବେ ୱାହିମାନେ । ୧୫ ଡ଼ାୟୁ ସାତା ଲମ୍ବର ଦୂତୁ ତୀତ୍ରି ଉକିତେସି
ଇଞ୍ଜାଁ ଲାକପୂରୁ କାଜା ହାଡାତଲେ ଇ ହାଡା ୱେଜ୍ଜିତେ, “ମା ପ୍ରବୁ ଅଡ଼େ
ଏୱାଣି ମସିହା ଦାର୍ତିତି ସାଲୱି କିନି ଅଦିକାରା ନୀଏଁ ତାନି କେୟୁତା
ଅହାମାନେସି, ଏୱାସି କାଲେଏ ତାକି ରାଜି କିନେସି ।” (aiōn g165) ୧୬
ଏଚେଟିଏ ମାହାପୂରୁ ନକିତା ଜାହା ଜାହାରା ସିଂଗାସାଣିତା କୁଗାମାନି
କଡ଼େ ସାରି ଜାଣା ପ୍ରାଚିନାଙ୍ଗା ମୁନୁ କୁଟାହାଁ ମାହାପୂରୁଇଁ ଜହରା କିହାଁ,
୧୭ ଏଲେଇଚେରି, “ପ୍ରବୁ, ବାରେକିହାଁ ବାଡ୍ୟୁଗାଟି ମାହାପୂରୁ, ନୀନୁ ନୀଏଁ
ଅଡ଼େ ତଲିତାତି, ମାମ୍ବୁ ନିଙ୍ଗେ ଜହରା କିହିମାଞ୍ଜାନମି; ଏନାଆଁତାକି ଇଚିହିଁ
ନୀନୁ ନୀ କାଜା ବାଡ୍ୟୁ ତଲେ ସାଲୱି କିୟାଲି ଅଦିକାରା ନୀଞ୍ଜୁଟିଏ
ଅହାମାଞ୍ଜି । ୧୮ ଜୀହୁଦିଆଆତାରି କାର୍ବି ଆହାମାଚେରି, ସାମା ନୀଏଁ
ନୀ କପା ଆନି ଦିନା ୱାତେ, ଇଞ୍ଜାଁ ହାତାରି ନୀଏଁ ନୀହାଁୟି କିୱିଆନେରି,
ଇଞ୍ଜାଁ ନୀ ହଲିୟାଙ୍ଗା ମାହାପୂରୁ ଅଣ୍ପୁଟି ବ୍ଲୁ ୱେହ୍ନାରି, ମାହାପୂରୁ
ଲ୍କୁ, ଅଡ଼େ ନୀ ଦ୍ରୁଟି ଆଜିନି କାଜାରି ଇଚାରି ବାରେ ଲ୍କୁ ଦାନା
ବେଟାଆନେରି, ଅଡ଼େ ଆମ୍ବାଆରି ଦାର୍ତିତି ନାସା କିନେରି ଏୱାରି
ଜିକେଏ ନାସା ଆନେରି ।” ୧୯ ଏଚେଟିଏ ଲାକପୂରୁ ମାନି ମାହାପୂରୁଟି
ଇଲୁଟି ଦାରା ଦେପିଆତେ, ଅଡ଼େ ତାନି ଇଲୁତା ମାନି ରାଜିମାନାଟି ପେଡ଼ା
ତାଞ୍ଜାଆତେ, ଅଡ଼େ ବିଲିବାଲା ମ୍ନିହ୍ନାୟି, ହାରେକା ଗିୟାଁ, ହାଗୁ ଗୁଣ୍ନି
ହାଡା, ଇଞ୍ଜାଁ ବୂମି ୱୀଡିତେ ଅଡ଼େ ହାରେକା ଆଜିୟାଁ ରିଚୁ ।

**୧୨** ଡ଼ାୟୁ କାବାଆନି ଲେହେଁତି ସିନା ହାଗୁତା ତାଞ୍ଜାଆତେ, ର ଆୟାଟି
ଲେଞ୍ଜୁ ଲାକ ନିଚାମାଚେ ଅଡ଼େ ୱେଡ଼ାତି ଉଜେଡ଼ି ପର୍ହାମାଚେ
। ଏଦାଣି ଡାୟୁଁତା ବାରଗଟା ହୁକାୟାଁଗାଟି ଟପେରି ମାଚେ । ୨ ଏଦି
ପୂରା ମାସା ଆହାନା ଜାର୍ନିକିନି ବେଲାତା ଲୁଞ୍ଜିନି ବୀସା ତାକି କସ୍ତ
ବେଟାଆହିମାଚେ । ୩ ଏଚିବେଲା ହାଗୁ ଲାକ କାବାଆନି ର ସିନା

ଡ଼ଞ୍ଜାଆତେ, ଏମ୍ବାଆଁ ପା଼ଟୁ ୱା଼ଣାଗାଟି କାଜା ରା଼ଚୁ ଏ଼ ରା଼ଚୁକି ସା଼ତାଗଟା ତା଼ର୍କା, ଇଞ୍ଜାଁ ଦସଗଟା କମ୍‌କା, ଅ଼ଡ଼େ ତା଼ର୍କା ଲାକ ସା଼ତାଗଟା ଟ଼ପେରିକା ମାଚୁ । **୪** ତାନି ଲେଂଗୁଣି ତଲେ ହା଼ଗୁତି ତୀନି ବା଼ଗା ହୁକାୟାଁଣି ଦାର଼ତି ଲାକ ମେଟ଼୍‌ହେ, ଇଞ୍ଜାଁ ଏ଼ ରା଼ଚୁ, ଜାର୍ନିକିନି ଦେବୁଣିଏ ଇୟାନି ଡା଼ଲୁତି ଗୃସାଲି ଏ଼ଦାନି ନ଼କିତା ନିତେ । **୫** ଆମ୍ବାଆସି ବାରେ କୂଡ଼ାତି ଲ଼କୁଣି ଲ଼ହ ବାଡ଼୍‌ଗା ତଲେ ସା଼ଲୱି କିନେସି ଇଲେତି ର଼ କକାଣି ଡା଼ଲୁଇଁ ଏ଼ ଇୟା ଜାର୍ନିକିତେ, ଅ଼ଡ଼େ କକାଣି ଡା଼ଲୁଇଁ ମାହାପୂରୁ ଇଞ୍ଜାଁ ତାନି ସିଂଗାସାଣି ନ଼କିତା ପେର଼ହା ଅ଼ୱିଆ଼ତେ । **୬** ଅ଼ଡ଼େ ଏ଼ ଇୟା ଲ଼କୁ ହିଲାଆ ବାଟାତା ହଟେ, ଏମ୍ବାଆଁ ୧,୨୬୦ ଦିନା ପାତେକା ପ଼ହିକିୱି ଆୟାଲି ମାହାପୂରୁ ତା଼ଣାଟି ଏମ୍ବାଆଁ ଏ଼ଦାନାକି ର଼ ଟା଼ୟୁ କେପି ଆ଼ହାମାଚେ । **୭** ଏମ୍ବାଟିଏ ଲାକପୂରୁ ଜୁଜୁ ଆ଼ତେ, ମିକାୟେଲ ଅ଼ଡ଼େ ତାନି ଦୂତୁୟାଁ ଏ଼ ରା଼ଚୁ ତଲେ ଜୁଜୁ କିତୁ, ଏଚେଟିଏ ଏ଼ ରା଼ଚୁ ଅ଼ଡ଼େ ତାନି ଦୂତୁୟାଁ ଜିକେଏ ଜୁଜୁ କିତୁ । **୮** ସାମା ରା଼ଚୁ ଇଞ୍ଜାଁ ତାନି ଦୂତୁୟାଁ ଜୀଣା ଆ଼ହାଲି ଆ଼ଡାଆତୁ, ଇଞ୍ଜାଁ ଲାକପୂରୁ ଏ଼ୱି ଟା଼ୟୁ ବେଟାଆ଼ଆତୁ । **୯** ଏଚିର଼ବେଲା ଦାର଼ତିତି ନା଼ଡ଼ିକିନି ପ଼ଲ଼ଆ ର଼ପେନୁ ଇଞ୍ଜାଁ ସୟତାନ ଦ଼ରୁଟି ୱେଡ଼୍‌ଜ୍ପିତି କାଜା ରା଼ଚୁ ଏ଼ ପୁ୍ଷଇ ନା଼ଗା, ଏ଼ଦି ତାମି ଦୂତୁୟାଁ ତଲେ ଦାର଼ତିତା ମେଟ଼୍‌ପି ଆ଼ତେ । **୧୦** ଏଚେଟିଏ ଲାକପୂରୁଟି ଏଲେଇଞ୍ଜି ର଼ କାଜା ହା଼ଡା ୱେଚେଏଁ, ନୀଏଁ ମାହାପୂରୁ ତା଼ଣାଟି ଗେଲ଼୍‌ପିନାୟି ଏଗାୱା଼ତେ, ତାନି ରା଼ଜି ଅ଼ଡ଼େ ବା଼ଡ଼୍‌ୟୁ ଇଞ୍ଜାଁ କ୍ରୀସ୍ତୁତି ଅଦିକାରା ୱା଼ହାମାନେ, ଇଚିହଁ ଆମିନି ସାତୁ ମା଼ ତାୟି ତାଡ଼୍‌ଜିସ୍କା କ଼ପାଟି ନିଡ଼୍‌ଜ୍ଜାନା ଲା଼ଆଁ ମାଦେନା ମାହାପୂରୁ ନ଼କିତା ଦାୱା କିହିମାଚେ, ଏ଼ଦି ଲାକପୂରୁଟି ଦାର଼ତିତା ମେଟ଼୍‌ପି ଆ଼ହାମାନେ । **୧୧** ଏ଼ୱାରି ର଼ମେଣ୍ଡା ଡା଼ଲୁତି ନେତେରି ତଲେ ଅ଼ଡ଼େ ୱେକ଼ହାମାନି ସାତା କାତାତଲେ ଜୀଣା ଆ଼ହାମାନେରି ଇଞ୍ଜାଁ ଏ଼ୱାରି ହା଼ହାଲିତାକି ଜିକେଏ ତାମି ଜୀୱୁଇଁ ଜୀୱୁ ନ଼ହାଁ ହିଲାଆତେରି । **୧୨** ଏ଼ଦାଆଁତାକି ଏ଼ ଲାକପୂରୁ ଅ଼ଡ଼େ ଏମ୍ବାଆଁ ବାସା ଆ଼ହାମାନାତେରି ରା଼ହାଁ ଆ଼ଡୁ, ସାମା ଦାର଼ତି ଅ଼ଡ଼େ ସାମ଼ଦୁରି ମୀରୁ ଡଣ୍ଡ ବେଟା ଆ଼ନାତେରି ଏ଼ନାଆଁତାକି ଇଚିହଁ ତାନି ର଼ବେଲା ହା଼ରେକା ଊଣା ମାନେ ଇଞ୍ଜାଁ ପୁଞ୍ଜାନା ପ଼ଲ଼ଆ ର଼ପେନୁ ସୟତାନ ହା଼ରେକା କ଼ପାତଲେ ମୀ ତା଼ଣା ର଼ଚୋ ୱା଼ହାମାନେ । **୧୩** ରା଼ଚୁ ଜାହାରାଇଁ ଦାର଼ତିତା ମେଟ଼୍‌ପି ଆ଼ହାମାନାଣି ମେସାନା ଏ଼ କକାଣି ଡା଼ଲୁଇଁ ଜାର୍ନି କିତି ଇୟାନି ର଼ଜେଚ ର଼ଜେଚ ପେର଼ହା ଅ଼ତେ । **୧୪** ଏଚେଟିଏ ଏ଼ ଇୟା ରା଼ଚୁ ଗୃତିଟି ଏ଼ନିକିଁ ଗେଲ଼୍‌ପିଆ଼ହାଁ ତୀନି ବାର୍ସା ସ଼ ର଼ଲେଞ୍ଜୁ ପାତେକା ପ଼ହିକିୱି ଆ଼ନେ, ଏ଼ଦାଆଁତାକି ଲ଼କୁ ହିଲାଆ ବାଟାତି ତାନି ଟା଼ୟୁତା ଉମ୍ବାହାଜାଲି ର଼ଲେଡୁତି ରୀ ମା଼ରାୟାଁ ହୀପ଼କି ଆ଼ତୁ । **୧୫** ଏଚେଟିଏ ଏ଼ ଇୟାନି ଅ଼ୱି କିୟାଲି ରା଼ଚୁ ତାନି ଗୃତିଟି ର଼ କାଜା କାଡା ଏ଼ୟୁ ହ଼ପ଼ହେ । **୧୬** ସାମା ଏ଼ ଇୟାନି ସା଼ୟେମି କିହାଲି ଦାର଼ତି ତାନି ଗୃତିତି ଦେଚାନା ରା଼ଚୁ ଗୃତିଟି ହ଼ତି କାଡା ଏ଼ୟୁଣି ଗୃସ୍ତେ । **୧୭** ଏଚେଟିଏ ରା଼ଚୁ ଏ଼ ଇୟାନି ହା଼ରେକା କ଼ପା ଆ଼ହାଁ ତାନି କୂଡ଼ାତାରି ଏଚେକା ଲ଼କୁ ମାହାପୂରୁତି ହୁକୁମି ମା଼ନୱି ଆ଼ହାଁ ଜୀସୁତି କାତା ୱେସିମାନେରି, ଏ଼ୱାରିତଲେ ଜୁଜୁ କିହାଲି ହାଚେ ।

**୧୩** ଇଞ୍ଜାଁ ରା଼ଚୁ ସାମ଼ଦୁରି ଗାଟୁତି ବାଃଲିତା ନିତେ । ଏଚେଟିଏ ନା଼ନୁ ସାମ଼ଦୁରି ମାଦିଟି ହ଼ଚାୱା଼ହିମାନି ର଼ ଜ଼ନ୍ତୁ ମେସ୍ତେଏଁ, ଏ଼ଦାନାକି ଦସଗଟା କମ୍‌କା ଅ଼ଡ଼େ ସା଼ତାଗଟା ତା଼ର୍କା, ତାନି କମ୍‌କାଣା ଦସଗଟା ଟ଼ପେରିକା ଇଞ୍ଜାଁ ତା଼ର୍କା ଲାକ ମାହାପୂରୁ ନିନ୍ଦାକିନି ର଼ ର଼ ଦ଼ର଼କା ମାଚୁ । **୨** ଏ଼ ଜ଼ନ୍ତୁ ତୀରିରେଙ୍ଗଣା କୃଃନି ଲେହେଁ ଡ଼ଞ୍ଜାଆ଼ହିମାଚେ, ତାନି କଡାୟାଁ ଅଃଅଡ଼ି କଡାୟାଁ ଲେହେଁ ଇଞ୍ଜାଁ ଗୃତି ସିହଁକୃଃନି ଗୃତି ଲେହେଁ ଏ଼ କାଜା ରା଼ଚୁ ଜ଼ନ୍ତୁକି ତାନି ବା଼ଡ଼୍‌ୟୁ, ସିଂଗାସାଣି, ଅ଼ଡ଼େ ବାରେ ଅଦିକାରା ହୀତେ । **୩** ଏ଼ ଜ଼ନ୍ତୁତି ତା଼ୟୁଁତା ଆମିନି ହା଼ନିଲେହେଁତି ଗା଼ହାଁ ଡ଼ଞ୍ଜାଆ଼ହିମାଚେ, ସାମା ଏ଼ ଗା଼ହାଁ ନେହଁ ଆ଼ତେ, ଅ଼ଡ଼େ ଦାର଼ତିତା ମାନାରି ବାରେ କାବା ଆ଼ହାଁ ତାନି ର଼ଜେଚ ହାଚେରି । **୪** ଅ଼ଡ଼େ କାଜା ରା଼ଚୁ ଜ଼ନ୍ତୁକି ତାନି ଅଦିକାରା ହୀତାକି ଏ଼ୱାରି ରା଼ଚୁଇଁ ଜହରା କିତେରି, ଏ଼ୱାରି ଏ଼ ଜ଼ନ୍ତୁଇଁ ଜିକେଏ ଜହରା କିହାଁ ଏଲେଇଚେରି, "ଆମ୍ବାଆସି ଇ ଜ଼ନ୍ତୁ ଲେହେଁ ଆ଼ନେସି ଅ଼ଡ଼େ ଆମ୍ବାଆସି ଏ଼ଦାଣି ତଲେ ଜୁଜୁ କିହାଁ ଜୀଣା ଆ଼ନେସି ।" **୫** ଏ଼ଦାନାକି ଆଙ୍କାରା ଅ଼ଡ଼େ ମାହାପୂରୁ ନିନ୍ଦାତି କାତା ୱେସାଲି ଗୃତି ହୀୱିଆ଼ତେ, ଅ଼ଡ଼େ ରୀ କ଼ଡ଼ି ରୀ ର଼ଲେଞ୍ଜୁ ପାତେକା ସା଼ଲୱି କିୟାଲି ଅଦିକାରା ହୀପ଼କିଆ଼ତେ । **୬** ଏମ୍ବାଟିଏ ଏ଼ଦି ତାନି ଗୃତି ଏ଼କ଼ହାନା ମାହାପୂରୁ ନିନ୍ଦା କାତା ଜ଼ଲାନା, ମାହାପୂରୁ ଦ଼ରୁ, ମାହାପୂରୁ ବାସାଆ଼ନି ଟା଼ୟୁ, ଅ଼ଡ଼େ ଲାକପୂରୁ ବାସା ଆ଼ହାମାନାରାଇଁ, ବାରେତି ନିନ୍ଦା କିତେ । **୭** ବାରେ ମାହାପୂରୁ ଲ଼କୁଇଁ ଜୁଜୁ କିହାଁ ଜୀଣା ଆ଼ହାଲି ଅଦିକାରା ହୀୱିଆ଼ହାମାଚେ, ଅ଼ଡ଼େ ବାରେ ଗଚି, କୂଡ଼ା, ହା଼ଡା, ର଼ଦେସା, ଲାକ ଅଦିକାରା ହୀୱିଆ଼ହାମାଚେ । **୮** ଆମ୍ବାଆରି ଦ଼ରୁ ଦାର଼ତିତି ଗା଼ଡ଼ି ଆ଼ଆ ନ଼କେଏ ପୂଜା ର଼ମେଣ୍ଡା ଡା଼ଲୁତି ଜୀୱୁଗାଟି ପତିତା ରା଼ସ଼କି ଆ଼ହାହିଲେଏ, ଦାର଼ତିତା ବାସା କିହାମାନି ଏ଼ ବାରେ ଲ଼କୁ ଏ଼ ଜ଼ନ୍ତୁଇଁ ଜହରା କିନେରି । **୯** "ଆମ୍ବାଆରାକି କୀର୍କା ମାନୁ ଏ଼ୱାସି ୱେଣ଼ମ୍ବାସି! **୧୦** ଆମ୍ବାଆସି ଦସାହାଁ ଅ଼ନେସି, ଏ଼ୱାସି ଏଲେକିହିଁଏ ଦସ଼ପି ଆ଼ନେସି, ଆମ୍ବାଆସି କାଣ୍ଡାତଲେ ପା଼ୟିନେସି, ଆଡିହିଁ ଏ଼ୱାସି ଏଲେଆ଼ହିଁଏ କାଣ୍ଡାତଲେ ପା଼ୟ଼ୱି ଆ଼ନେସି, ଏଚିର଼ବେଲାତା ମାହାପୂରୁ ଲ଼କୁତାକି ନାମୁ ଅ଼ଡ଼େ ଅ଼ର଼ହିନାୟି ଲ଼ଡ଼ାମାନେ ।" **୧୧** ଏଚେଟିଏ ନା଼ନୁ ର଼ ଜ଼ନ୍ତୁଇଁ ବୂମି ବିଡ଼୍‌ଡ଼ାଟି ହ଼ଚାୱା଼ତାଣି ମେସ୍ତେଏଁ, ର଼ମେଣ୍ଡା ଡା଼ଲୁ ଲେହେଁ ଜ଼ଡ଼େକା କମ୍‌କା, ଅ଼ଡ଼େ ଏ଼ଦି ରା଼ଚୁ ଲେହେଁ କାତା ଆ଼ହିମାଚେ । **୧୨** ଏ଼ ଜ଼ନ୍ତୁ ନ଼କେଏତି ଜ଼ନ୍ତୁ ନ଼କିତା ତାନି ବା଼ଡ଼୍‌ୟୁ ଡ଼ସାନା ଏମିନି ନ଼କେଏତି ଜ଼ନ୍ତୁକି ହା଼ନିଲେହେଁତି ଗା଼ହାଁ ମା଼ଡ଼ାମାଚେ, ଏ଼ଦାନି ଜହରା କିହାଲି ଦାର଼ତି ଅ଼ଡ଼େ ଏମ୍ବାଆଁ ବାସା ଆ଼ହାମାନାରାଇଁ ବାଲାମାତମି କିନେ । **୧୩** ଏ଼ ଜ଼ନ୍ତୁ କାବାଆ଼ନି କାମାୟାଁ କିନେ, ଏ଼ଦି ବାରେ ଲ଼କୁ ନ଼କିତା ହା଼ଗୁଟି ଦାର଼ତିତା ହିଚୁ ରିୱିକିନେ । **୧୪** ଇଞ୍ଜାଁ ଏ଼ ତଲିତି ଜ଼ନ୍ତୁ ନ଼କିତା ଆମିନି କାବାଆ଼ନି କାମା କିହାଲି ଅଦିକାରା ବେଟାଆ଼ହାମାଚେ, ଏମ୍ବାଟି ଦାର଼ତିତା ବାସାଆ଼ହାମାନି ଲ଼କୁଣି ନା଼ଡ଼ିକିହାଁ, ଆମିନି ଜ଼ନ୍ତୁ କାଣ୍ଡାତଲେ ଗା଼ହାଁ ଆ଼ହାମାଚି ଜିକେଏ ନୀଡିତେ, ଏ଼ଦାନି ର଼ ବମା କିହାଲି ଏ଼ୱାରାଇଁ ଏଲେଇନେ । **୧୫** ଏ଼ ଜ଼ନ୍ତୁତି ବମା ଏ଼ନିକିଁ ଜ଼ଲାଲି ଆ଼ଡିନେ ଅ଼ଡ଼େ ଏଚେକା ଲ଼କୁ ଜ଼ନ୍ତୁତି ବମାତି ଜହରା କିଅରି,

ଏ଼ୱାରି ଏ଼ନିକିଁ ପା଼ୟ୍ୱି ଆ଼ନେରି, ଏ଼ଦାଆଁତାକି ଡା଼ୟୁତି ଜ଼ନ୍ତୁକି ତଲିତି
ଜ଼ନ୍ତୁତି ବମାକି ଜୀୱୁ ହୀହାଲି ଅଦିକାରା ହୀପ୍କିଆ଼ତେ । **୧୬** ଅ଼ଡ଼େ ଏ଼
ଜ଼ନ୍ତୁ ଊଣା, କାଜାରି, ବାତ୍କୁ ଗାଟାରାଇଁ, ହାକି ଗାଟାରାଇଁ, ହ଼ଲିୟାଙ୍ଗା,
ହ଼ଲିୟାଙ୍ଗା ଆ଼ଆତାରାଇଁ, ବାରେଜ଼ାଣାତି ତାମି ଟିଃନି କେୟୁତା ଆ଼ଆତିଁ
ମୁଞ୍ଜୁତା ର଼ ସିନା ଇଟା କଡାଲି ବାଲାମାତମି କିନେ । **୧୭** ଅ଼ଡ଼େ ଏ଼
ସିନା ଇଚିହିଁ ଜ଼ନ୍ତୁତି ଦ଼ରୁ ଆ଼ଆତିଁ ତାନି ଦ଼ରୁତି ଲମ୍ବର ଇଟା କଡାଆତି
ଲ଼କୁଣି ଏ଼ନାଆଁ କଡାଲି କି ପାର୍‌ଚାଲି ହୀଏ । **୧୮** ଏ଼ ବାରେତାକି
ବୁଦି ଲ଼ଡ଼ାମାନେ, ଆମ୍ବାଆରାକି ବୁଦି ମାନେ ଏ଼ୱାସି ଏ଼ ଜ଼ନ୍ତୁତି ଲମ୍ବର
ଏଜିକିପାସି, ଏ଼ନାଆଁତାକି ଇଚିହିଁ ଏ଼ଦି ର଼ ମାଣ୍‌ସିତି ଲମ୍ବର ଅ଼ଡ଼େ ଏ଼
ଲମ୍ବର ଆ଼ହିମାନେ ସ଼ ୱାଞ୍ଜା ତୀନିକ଼ଡ଼ି ସ଼ ।

**୧୪** ଏଚେଟିଏ ନା଼ନୁ ସିନିକିହାଁ ମେସ୍ତେଏଁ, ଅ଼ଡ଼େ ମେ଼ଣ୍ଡା ଡା଼ଲୁ ସିୟନ
ହ଼ରୁତା ନିଚାମାନେ, ଅ଼ଡ଼େ ଆମ୍ବାଆରି ମୁଞ୍ଜୁତା ମେ଼ଣ୍ଡା ଡା଼ଲୁ ଇଞ୍ଜୁଁ
ତାନି ଆ଼ବାତି ଦ଼ରୁ ରା଼ସ୍‌କି ଆ଼ହାମାଚେ ଇଲେତି ଲ଼କୁ ସା଼ତାକ଼ଡ଼ି ସା଼ରି
ମା଼ଣା ଲ଼କୁ ତାନିତଲେ ନିଚାମାଚାଣି ମେସ୍ତେଏଁ । **୨** ଅ଼ଡ଼େ ଲାକପୂରୁଟି ଲଦ
ଲଦ ଆ଼ହି ରିନି ଏ଼ୟୁ ଇଞ୍ଜୁଁ ହା଼ଗୁ ଗୂଣ୍‌ନିଲେହେଁତି ର଼ କାଜା ହା଼ଡା ୱେଚେଏଁ,
ଆମିନି ହା଼ଡା ନା଼ନୁ ୱେଚେଏଁ ଏ଼ଦି ସେର୍‌ଙ୍ଗି ଡି଼ତ୍‌ହିମାନାରି ହା଼ଡାଲେହେଁ
ୱେ଼ଙ୍ଗିମାଚେ । **୩** ସିଂଗାସାଣି ସା଼ରିଗଟା ଜ଼ନ୍ତୁ ଅ଼ଡ଼େ ପ୍ରାଚିନାଙ୍ଗା ନ଼କିତା ର଼
ପୁଃନି ପା଼ଚୁ ପା଼ଚିମାଚେରି, ଅ଼ଡ଼େ ଦାର୍‌ତିଟି କଡ଼୍‌ୱି ଆ଼ହାମାନି ସା଼ତାକ଼ଡ଼ି
ସା଼ରି ମା଼ଣା ଲ଼କୁ ପିସ୍‌ପେ ଆମ୍ବାଆରି ଏ଼ ପା଼ଚୁ ପା଼ଚାଲି ଆ଼ଡାଆତେରି ।
ବାରେ ମାଣ୍‌ସି କୂ଼ଡ଼ା ବିତ୍ରାଟି ୱାର୍‌ଇ ଏ଼ୱାରିଦେଁ ଗେଲ୍‌ପି ଆ଼ହାମାଚେରି ।
**୪** ଏ଼ୱାରି ଇୟାସିକା ତଲେ କାଲ୍‌ହାନା ତା଼ମ୍ବୁ ଜାହାରାଇଁ ଦ଼ହ କିହାଁ କଡା
ହିଲାଆତେରି, ଇଚିହିଁ ଏ଼ୱାରି ଅଟ୍‌ହାରି, ମେ଼ଣ୍ଡା ଡା଼ଲୁ ଆମ୍ବିୟାୱାକି ହାନେ
ଏ଼ୱାରି ତାନି ଜେ଼ଚ ହାନେରି, ଏ଼ୱାରି ମାହାପୂରୁତି ମେ଼ଣ୍ଡା ଡା଼ଲୁତି ତଲିତି
ପା଼ଡ଼େୟି ସମାନା ମାଣ୍‌ସିୟାଁ ବିତ୍ରାଟି ଗେଲ୍‌ପି ଆ଼ହାନା ମେ଼ଣ୍ଡା ଡା଼ଲୁ
ନ଼କିତା ହେର୍‌ପିଆ଼ହାମାନେରି । **୫** ଏ଼ୱାରି ଗୂତିତା ଏ଼ନି ମିଚି ଜ଼ଲିନାୟି
ହିଲେଏ, ଏ଼ୱାରି ଦ଼ହ ହିଲାଆ ଗାଟାରି । **୬** ଏଚେଟିଏ ନା଼ନୁ ହା଼ଗୁତି ମାଦି
ଊମ୍ବିମାନି ର଼ ଦୂତୁଇଁ ମେସ୍ତେଏଁ, ଏ଼ଦି ଦାର୍‌ତିତା ବାସାଆ଼ହାମାନି ବାରେ
ଗଚି, କୂ଼ଡ଼ା, ହା଼ଡା ଅ଼ଡ଼େ ଦେ଼ସାତି ଲ଼କୁତା଼ଣା ୱେ଼କ୍‌ହାଲି କା଼ଲାକା଼ଲା
ତାକି ଡ଼ୟିନି ନେହିଁ କାବ୍ରୁ ୱେ଼କ୍‌ହି ମାନେସି । (aiōnios g166) **୭** ଏ଼ଦି
କାଜା ଗିୟାଁତଲେ ଏଲେଇଚେ “ମାହାପୂରୁଇଁ ଆଜାଦୁ ଅ଼ଡ଼େ ଏ଼ୱାଣାଇଁ
ଗାୱୁରମି ହୀଦୁ, ଇଚିହିଁ ମାଣ୍‌ସିତି ନୀହାଁୟି କିନି ଦିନା ଏଗାୱା଼ତେ, ଅ଼ଡ଼େ
ଆମ୍ବାଆସି ହା଼ଗୁ, ଦାର୍‌ତି, ସାମ୍‌ଦୁରି ଇଞ୍ଜୁଁ ଜାର୍‌ଣା ଏ଼ୟୁତି ଗା଼ଡ଼ିକିହା
ମାନେସି, ଏ଼ୱାଣାଇଁ ଜହରା କିଦୁ ।” **୮** ତାନି ଡା଼ୟୁ ଅ଼ଡ଼େ ର଼ ଦୂତୁ
ଇଚିହିଁ ରୀ ଲମ୍ବର ଦୂତୁ ୱା଼ହାନା ଏଲେଇଚେ, “ଆମିନି କାଜା ଗା଼ଡ଼ା
ବାବିଲନ ବାରେ କୂ଼ଡ଼ାତି ଲ଼କୁଇଁ ତାନି ଦା଼ରିକାମା କିୱିକିନି କା଼ଡୁ ଊଟ୍‌ହାନା
ହ଼ଚିକିହାମାଚେ, ଏ଼ଦି ରିହା ହାଜାମାନେ ।” **୯** ଏ଼ଦାଣି ଡା଼ୟୁ ଅ଼ଡ଼େ ର଼
ଦୂତୁ ଇଚିହିଁ ତୀନି ଲମ୍ବର ଦୂତୁ ୱା଼ହାନା କାଜା ଗିୟାଁତଲେ ଏଲେଇଚେ,
“ଆମ୍ବାଆସି ଏ଼ ଜ଼ନ୍ତୁ ଅ଼ଡ଼େ ତାନି କିହାମାନି ବମାତି ଜହରା କିନେସି
ଅ଼ଡ଼େ ମୁଞ୍ଜୁତା କି କେୟୁତା ତାନି ସିନା ଇଟା କଡିନେସି, **୧୦** ଏ଼ୱାସି
ମାହାପୂରୁତି କ଼ପାଗାଟି ସ଼ଲାତା ୱା଼କ୍‌ହାମାନି ହା଼ରେକା କାର୍‌ବିତି କା଼ଡୁ
ଗହ୍‌ନେସି, ଆମ୍ବାଆରି ଈ କାମା କିନେରି ଏ଼ୱାରି ବାରେ ମେ଼ଣ୍ଡା ଡା଼ଲୁ
ଅ଼ଡ଼େ ସୁଦୁ ଲାକପୂରୁତି ଦୂତୁୟାଁ ନ଼କିତା ହିଚୁ ଅ଼ଡ଼େ ଗାନ୍ଧାଗାଟି ଗୁଣ୍ଡା
ତଲେ କସ୍ତ ବେଟା ଆ଼ନେସି । **୧୧** ଇଲେତି ଲ଼କୁଣି କସ୍ତ ହୀନି ହିଚୁ
ବ଼ୟିଁ କା଼ଲାକା଼ଲା ତାକି ହ଼ଚେମାନେ, ଆମିନି ଗାଟାରି ଜ଼ନ୍ତୁ ଅ଼ଡ଼େ ବମାତି
ଜହରା କିନେରି ଅ଼ଡ଼େ ତାନି ଦ଼ରୁ ଇଞ୍ଜୁଁ ସିନା ବେଟା ଆ଼ହାମାନେରି,
ଏ଼ୱାରି ଲା଼ଆଁ ମାଦେନା ଜ଼ମାଲି ବେଟାଆ଼ଅରି ।” (aiōn g165) **୧୨** ଇମ୍ବାଆଁ
ମାହାପୂରୁ ଲ଼କୁ ଇଚିହିଁ ମାହାପୂରୁତି ହୁକୁମି ମା଼ନୱିଆ଼ନେରି, ଇଞ୍ଜୁଁ ଜୀସୁଇଁ
ନାମିନେରି, ଏ଼ୱାରାକି ଅ଼ର୍‌ହିନାୟି ଲ଼ଡ଼ାମାନେ । **୧୩** ଇଞ୍ଜୁଁ ଲାକପୂରୁଟି
ଈ ହା଼ଡା ୱେଚେଏଁ, ଈ କାତା ରା଼ଚାମୁ, “ନୀଏଁ ଆମ୍ବାଆରି ମାହାପୂରୁ
ତା଼ଣା ମାଞ୍ଜାନା ହା଼ନେରି, ଏ଼ୱାରି ନେହେଁ ।” ଅ଼ଡ଼େ ନା଼ନୁ ୱେଚେଏଁ
ସୁଦୁଜୀୱୁ ୱେସିମାଞ୍ଜାନେ, “ଏ଼ୱାରି ତାମି କାମାତି ୱା଼ହୁଟି ଜ଼ମିନେରି,
ଇଚିହିଁ ଏ଼ୱାରି କାମାତି ପା଼ଡ଼େୟି ଏ଼ୱାରିତଲେ ଡ଼ୟିନେ ।” **୧୪** ଅ଼ଡ଼େ
ନା଼ନୁ ମେସ୍ତେଏଁ, ଇଚାୟି ଦବ୍‌ଲା ହା଼ଗୁ ଇଞ୍ଜୁଁ ଏ଼ଦାଣି ଲାକ କୁଗାମାନେସି
ର଼ ମାଣ୍‌ସି ମୀର୍‌ଏସି ଲେହେଁତାସି; ତାନି ତା଼ୟୁଁତା ବାଂଗାରା ଟ଼ପେରି,
ଇଞ୍ଜୁଁ କେୟୁତା ର଼ ୱାହ୍‌ନି କ଼ଚାଡୱେଲି । **୧୫** ଏମ୍ବାଟିଏ ମାହାପୂରୁତି
ଇଲୁଟି ର଼ ଦୂତୁ ୱା଼ହାନା ହା଼ଗୁତା କୁଗାମାନାଣାଇଁ କାଜା ଗିୟାଁତଲେ
ଏଲେଇଚେ, “ନୀ କ଼ଚାଡୱେଲି ଆସାନା ତା଼ସା ଦା଼ମୁ । ଦାର୍‌ତିତି ତା଼ସା
ଦା଼ଃନି କାଟୁ ଏଗାୱା଼ତେୟିଏ ।” **୧୬** ଈଦାଆଁ ୱେଞ୍ଜାନା ହା଼ଗୁତା କୁଗାମାନି
ମାଣ୍‌ସି ତାନି କ଼ଚାଡୱେଲି ଅଗିତେସି ଇଞ୍ଜୁଁ ଦାର୍‌ତିତି ତା଼ସା ବାରେ
କୂ଼ଡ଼ିକିୱିଆ଼ତେ । **୧୭** ଏ଼ଦାଆଁ ଡା଼ୟୁ ଲାକପୂରୁତି ମାହାପୂରୁ ଇଲୁଟି ଅ଼ଡ଼େ
ର଼ ଦୂତୁ ହ଼ଚାୱା଼ତେସି, ଏ଼ ଦୂତୁକି କେୟୁତା ଜିକେଏ ୱାହ୍‌ନି କ଼ଚାଡୱେଲି
ମାଚେ । **୧୮** ଅ଼ଡ଼େ ପୂଜା ପିଣ୍ଡାତି ହିଚୁ ଅଦିକାରାତା ମାନି ର଼ ଦୂତୁ
କ଼ଚାଡୱେଲି ଆସାମାନି ଅ଼ର ଦୂତୁଇଁ କାଜା ଗିୟାଁତଲେ ଏଲେଇଚେ,
“କ଼ଚାଡୱେଲି ଅଗାନା ଦାର୍‌ତିତି ଅଙ୍ଗୁରି ବା଼ଡ଼ାଟି ଅଙ୍ଗୁରିକା ବାରେ ଡ଼ତ୍‌ହା
ତୁହ୍‌ମୁ; ଏ଼ୱି ବାରେ କାମ୍ବାମାନୁ ।” **୧୯** ଏମ୍ବାଟିଏ ଦୂତୁ ଦାର୍‌ତିତା ତାନି
କ଼ଚାଡୱେଲି ଅଗାନା ଅଙ୍ଗୁରି ମା଼ଡ଼ାୟାଁଟି ଅଙ୍ଗୁରି ଡ଼ତ୍‌ହେ ଇଞ୍ଜୁଁ ଏ଼ୱି
ମାହାପୂରୁ କାର୍‌ବିତି ଅଙ୍ଗୁରି ପୀଡ଼ିକିନି ଦ଼ନିତା ମେତ୍‌ହେ । **୨୦** ଗା଼ଡ଼ାତି
ପାଙ୍ଗାତା ମାନି ଏ଼ ଦ଼ନିତା ଅଙ୍ଗୁରି ପୀଡ଼ିକିୱିଆ଼ତେ ଇଞ୍ଜୁଁ ଏମ୍ବାଟି ଗ଼ଡ଼ାୟାଁ
ବାକେରି ପାତେକା ନିଙ୍ଗାନା ତୀନି ୱାଞ୍ଜା କିଲମିଟର ହେକ ପାତେକା ଇଞ୍ଜୁଁ
ରୀ ମିଟର ଲାକ ପାତେକା ନେତେରି ୱା଼ଙ୍ଗିତେ ।

**୧୫** ଏମ୍ବାଟିଏ ନା଼ନୁ ହା଼ଗୁତା ଅ଼ଡ଼େ ର଼ କାବାଆ଼ନି ଲେହେଁତି ସିନା
ମେସ୍ତେଏଁ, ସା଼ତାଗଟା ଦୂତୁୟାଁ ସା଼ତାଗଟା ର଼ଗୟାଁ ତାମି କେୟୁତା
ଆସାନା ତ଼ଞ୍ଜାଆ଼ତୁ, ଏ଼ ର଼ଗୟାଁ ମାହାପୂରୁତି କ଼ପା ତ଼ହ୍‌ନାୟି ରା଼ନାୟି
ମାଚେ । **୨** ଅ଼ଡ଼େ ନା଼ନୁ ମେସ୍ତେଏଁ, ହିଚୁ କାଲ୍‌ହିତି ଦାର୍ପେଣି ଲେହେଁତି
ସାମ୍‌ଦୁରି, ଆମ୍ବାଆରି ଜ଼ନ୍ତୁ, ଏ଼ଦାନି ବମା ଇଞ୍ଜୁଁ ଏ଼ଦାନି ଦ଼ରୁତି ଲମ୍ବରଟି
ଜୀଣା ଆ଼ତାରି, ଏ଼ୱାରି ମାହାପୂରୁ ହୀହାମାନି ସେର୍‌ଙ୍ଗି ଆସାନା ଗା଼ଜୁ

ଲେହେଁତି ସାମ୍‌ଦୁରି ଗିଚୁତା ନିଚାମାଚେରି । ୩ ଏ଼ୱାରି ମାହାପୂରୁ ହୀତି
ରାମଗଂଟା ୱେଚିହିଁ ମାହାପୂରୁତି ସେ଼ବାକିନି ମ଼ସାତି ପା଼ଚୁ ଇଞ୍ଜାଁ ମେ଼ଣ୍ତ୍ରା
ଡ଼ା଼ଲୁତି ପା଼ଚୁ ପା଼ଚିହିଁ ଏଲେ ଇଞ୍ଜାଁ ମାନେରି, “ବାରେତି କିହାଁ ବା଼ଡ଼୍‌ୟୁ ଗାଟି
ପ୍ରବୁ ମାହାପୂରୁତି, ନୀ କାମା ଏଚେକା କାଜାୟି ଅ଼ଡ଼େ କାବା ଆ଼ନାୟି,
ବାରେ ଲ଼କୁତି ରାଜାତି, ନୀ କାମାତି ଜିରୁ ବାରେ ନୀହାଁୟି ଗାଟାୟି ଇଞ୍ଜାଁ
ସାତାତାୟି । ୪ ପ୍ରବୁ! ନିଙ୍ଗେ ଆମ୍ବାଆସି ଆଜାଆ ଗାଟାସି ମାନେସି?
ଆମ୍ବାଆସି ନୀ ଗାୱୁରମି ୱେ଼କ୍‌ଆଗାଟାସି ମାନେସି? ଇଚିହିଁ ନୀନୁ
ରଅତିଏ ସୁଦୁ ଗାଟାତି; ବାରେ କୂଡ଼ା଼ତି ଲ଼କୁ ୱା଼ହାନା ନୀ ପୂଜା କିନେରି,
ଏ଼ନାଆଁତାକି ଇଚିହିଁ ନୀ ଦାର୍ମୁଗାଟି ନୀହାଁୟିତି କାମାୟାଁ ବାରେଜା଼ଣା
ମେସାମାନେରି ।” ୫ ଏମ୍ବାଟିଏ ନା଼ନୁ ମେସ୍ତେଏଁ, ଲାକପୂରୁତି ସା଼କି ହୀନି
ତୂମୁ ଦେ଼ୱୁଡ଼ିତି ଦା଼ରା ଦେପିଆ଼ତେ ୬ ସା଼ତାଗଟା କସ୍ତୁୟାଁ ଆସାମାନି
ସା଼ତାଗଟା ଦୂତୁୟାଁ ଲାକପୂରୁତି ଦେ଼ୱୁଡ଼ିଟି ହ଼ଚାୱା଼ତୁ; ଏ଼ୱି ଅପ୍‌ହି ମ୍ନିହ୍‌ନି
ହିମ୍ବରିକା ହୁଚାମାଚୁ ଇଞ୍ଜାଁ ଏ଼ୱାସିକା ବକ ସା଼ରିସୁଟୁ ବାଂଗାରା ପା଼ଟା
ଦସାମାଚୁ । ୭ ସା଼ରିଗଟା ଜ଼ନ୍ତୁୟାଁ ବିତ୍ରାଟି ର଼ ଜ଼ନ୍ତୁ କା଼ଲେଏତାକି
ନୀଡାମାନି ମାହାପୂରୁ କ଼ପାତଲେ ନେଞ୍ଜାମାନି ସା଼ତାଗଟା ବାଂଗାରା
ଗିନାୟାଁ ଏ଼ ସା଼ତାଗଟା ଦୂତୁୟାଁକି ହୀତେ । (aiōn g165) ୮ ମାହାପୂରୁତି
ଗାୱୁରମି ଅ଼ଡ଼େ ତାନି ବା଼ଡ଼୍‌ୟୁଟି ହ଼ଚିମାନି ବ଼ୟିଁ ଦେ଼ୱୁଡ଼ିତା ନେଞ୍ଜାହାଚେ;
ସା଼ତାଗଟା ଦୂତୁୟାଁ ତାଚାମାନି ସା଼ତାଗଟା ର଼ଗୟାଁ ରା଼ଆ ପାତେକା ଏ଼
ଦେ଼ୱୁଡ଼ି ବିତ୍ରା ଆମ୍ବାଆସି ହ଼ଡାଲି ଆ଼ଡାଆତେସି ।

୧୬ ଏଚେଟିଏ ନା଼ନୁ ୱେଚେଏଁ, ଦେ଼ୱୁଡ଼ିଟି ରଅସି କାଜା ଗିୟାଁତଲେ
ଏ଼ ସା଼ତାଗଟା ଦୂତୁୟାଁଇଁ ୱେସିମାଚେସି, “ହାଜୁ, ସା଼ତାଗଟା
ଗିନାୟାଁଣା ନେଞ୍ଜାମାନି ମାହାପୂରୁତି କ଼ପାତି ଦାର୍‌ତି ଲାକ ୱା଼କ୍‌ଦୁ!” ୨
ଏଚେଟିଏ ମୂଲୁତି ଦୂତୁ ହାଜାନା ତାନି ଗିନାତା ଏ଼ନାୟି ମାଚେ, ଦାର୍‌ତି
ଲାକ ୱା଼କ୍‌ହେ; ଦେବୁଣିଏ ଆମ୍ବାଆରି ତ଼ାଣା ଜ଼ନ୍ତୁତି ସିନା ମାଚେ,
ଇଞ୍ଜାଁ ତାନି ବମାତି ପୂଜା କିହାମାଚେରି, ଏ଼ୱାରି ଆଙ୍ଗାତା ହ଼ାରେକା
କସ୍ତୁଗାଟି ବୀସା ପଟ୍‌କା ହ଼ତୁ । ୩ ଏଚେଟିଏ ରୀ ଲମ୍ବର ଦୂତୁ ତାନି
ଗିନାତାଣି ସାମ୍‌ଦୁରି ଲାକ ୱା଼କ୍‌ହେ; ଇଞ୍ଜାଁ ସାମ୍‌ଦୁରିତି ଏ଼ୟୁ ହ଼ାତି ଲ଼କୁତି
ନେତେରିଲେହେଁ ଆ଼ତୁ, ଇଞ୍ଜାଁ ସାମ୍‌ଦୁରିତା ମାଚି ବାରେ ଜ଼ନ୍ତୁୟାଁ ହ଼ାହାହାଚୁ
। ୪ ତୀନି ଲମ୍ବର ଦୂତୁ ତାନି ଗିନାତା ଏ଼ନାୟି ମାଚେ, କାଡା ଇଞ୍ଜାଁ ଉସା
ଏ଼ୟୁ ଲାକ ୱା଼କ୍‌ହେ; ଇଞ୍ଜାଁ ଏ଼ ଏ଼ୟୁ ବାରେ ନେତେରି ମିଣ୍‌ହା ହାଚୁ । ୫
ଏଚିବେ଼ଲାତା ନା଼ନୁ ୱେଚେଏଁ, ଏ଼ୟୁ ଲାକ ଅଦିକାରା ବେଟାଆ଼ହାମାନି
ଦୂତୁ ଏଲେଇଞ୍ଜିମାଚେ, “ନୀନୁ ସୁଦୁ ଗାଟାତି, ନୀଏଁ ମାନାତି ଅ଼ଡ଼େ
ତଲିଏ ମାଚାତି; ନୀନୁ ତୀର୍‌ପୁତଲେ ନୀହାଁୟି କିହାମାଞ୍ଜି । ୬ ଏ଼ୱାରି
ମାହାପୂରୁ ଲ଼କୁଇଁ ଇଞ୍ଜାଁ ମାହାପୂରୁ ଅଣ୍‌ପୁତି ବ଼ଲୁ ୱେହ୍‌ନାରି ଆମିନି
ନେତେରି ବକ୍‌ହାମାଚେରି, ଏ଼ଦାଆଁ ମୀରୁ ଏ଼ୱାରାଇଁ ଉଟ୍‌ହାମାଞ୍ଜି ।
ଏ଼ୱାରି ଏ଼ନାଆଁ ବେଟାଆ଼ନାଣି ବେଟାଆ଼ହାମାନେରି ।” ୭ ଏଚେଟିଏ
ପୂଜା ପିଣ୍ତ୍ରାଟି ର଼ ହ଼ାଡା ୱେଚେଏଁ, ବାରେତି କିହାଁ ବା଼ଡ଼୍‌ୟୁଗାଟି ମାହାପୂରୁ
ପ୍ରବୁ! ନୀ ନୀହାଁୟି ବାରେ ସାତା ଅ଼ଡ଼େ ଟିକାଣାତାୟି । ୮ ସା଼ରି ଲମ୍ବର
ଦୂତୁ ତାନି ଗିନାତା ମାଚାଣି ୱେ଼ଡ଼ା ଲାକ ୱା଼କ୍‌ହେ, ଏ଼ଦାଆଁତାକି ୱେ଼ଡ଼ା
ହ଼ାରେକା ଡ଼ୀଞ୍ଜାନା ଲ଼କୁଣି ହୂଡିତେ । ୯ ଏଚିବେ଼ଲା ଲ଼କୁ କଣ୍‌ଚା ହାଚି
କାରାତା ୱେହାହାଚେରି, ଅ଼ଡ଼େ ଇ ସା଼ସ୍ତି ଲାକ ଅଦିକାରା ମାନି ମାହାପୂରୁ
ଦ଼ରୁତି ନିନ୍ଦାକିତେରି । ସାମା ହିୟାଁ ବାଦ୍‌ଲି କିହାଁ ଏ଼ୱାଣି ଗାୱୁରମି
କିଆତେରି । ୧୦ ପା଼ସା ଲମ୍ବର ଦୂତୁ ତାନି ଗିନାତା ମାଚାଣି ଜ଼ନ୍ତୁତି
ସିଂଗାସାଣି ଲାକ ୱା଼କ୍‌ହେ । ଜ଼ନ୍ତୁତି ରା଼ଜିତା ଆନ୍ଦେରି ଆ଼ହାହାଚେ,
ଇଞ୍ଜାଁ ଲ଼କୁ କସ୍ତୁତଲେ ତାମି ୱେନ୍ଦରିକା କା଼ଚା କଡିତେରି । ୧୧ ଅ଼ଡ଼େ
ଏ଼ୱାରି ଆଙ୍ଗାତି ରା଼ଣାରାକା ତାକି ଇଞ୍ଜାଁ ପକାୟାଁ ବୀସା ତାକି ଲାକପୂରୁତି
